
ଜୀବନର ମୂଲ୍ୟବୋଧ : ବାସ୍ତବ ମଣିଷ ଜୀବନ

# ବିଜୟିନୀ

୨୦୨୩





# ଜୀବନର ମୂଲ୍ୟବୋଧ:
# ବାସ୍ତବ ମଣିଷ ଜୀବନ

ବିଜୟିନୀ - ୨୦୨୩

# ଜୀବନର ମୂଲ୍ୟବୋଧ : ବାସ୍ତବ ମଣିଷ ଜୀବନ

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୨୩

ମୁଦ୍ରଣ :
ପୂଜା ପ୍ରିଣ୍ଟର୍ସ, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର

ମୂଲ୍ୟ : ୩୦୦ ଟଙ୍କା

# ଉତ୍ସର୍ଗ

**ଜୀବନର ମୂଲ୍ୟବୋଧ: ବାସ୍ତବ ମଣିଷ ଜୀବନ- ଏହି ପ୍ରସଙ୍ଗର ବିଜୟିନୀ-୨୦୨୩ ସଂସ୍କରଣ ବିଜୟିନୀଙ୍କୁ ଉତ୍ସର୍ଗୀତ...**

**– ଇନ୍ଦ୍ରମଣି**

# ପ୍ରଫେସର ବିଜୟିନୀ ମହାନ୍ତି

**(୧୪.୧୧.୧୯୫୭ - ୧୬.୦୯.୨୦୧୩)**

ପ୍ରଫେସର ବିଜୟିନୀ ମହାନ୍ତି ତାଙ୍କର ସ୍ୱଳ୍ପ ୫୨ ବର୍ଷ ଜୀବନ ମଧ୍ୟରେ ୩୭ ବର୍ଷ ଅଧ୍ୟାପନାରେ ବ୍ୟସ୍ତ ରହିଛନ୍ତି। ସେହି ଅବଧି ମଧ୍ୟରେ ତାଙ୍କର ଗବେଷଣା କ୍ଷେତ୍ର ପାଲଟିଛି ପୌର ପ୍ରଶାସନ (ଭୁବନେଶ୍ୱର ପୌରପାଳିକାରେ ଲୋକମାନଙ୍କର ଅଂଶଗ୍ରହଣ), ମହିଳା ସଶକ୍ତିକରଣ, ଅନୁସୂଚିତ ଗିରିଜନ, ପଞ୍ଚାୟତିରାଜ, ଓଡିଶା ପ୍ରଶାସନ, ଅମଲାତାନ୍ତ୍ରିକ ଓ ଅନେକ ନୂତନ ପ୍ରଶାସନିକ ଭାବଧାରା। ପ୍ରଥମ ଦୁଇଟି ବିଷୟରେ ନିଜର ପି.ଏଚ.ଡି ଓ ଡି.ଲିଟ୍ ଲାଭ କରିଛନ୍ତି। ବହୁ ଗୁଡିଏ ଅମୂଲ୍ୟ ପୁସ୍ତକ ରଚନା ମଧ କରିଛନ୍ତି।

ସାମାଜିକ ଜୀବନରେ ସେ ଅନେକ କ୍ଷେତ୍ରରେ ଉଦାହରଣ ହୋଇ ପାଲଟି ଯାଇଛନ୍ତି। ସମାଜରେ ଆଦର୍ଶ କନ୍ୟା, ଭଉଣୀ ହେବା ସହିତ ସମସ୍ତଙ୍କର ଆଦରଣୀୟା ହୋଇଛନ୍ତି। ମଣିଷପଣିଆ ନେଇ ହସ ହସ ମୁହଁରେ ସିଏ କାର୍ଯ୍ୟକ୍ଷେତ୍ରରେ ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିପାରିଥିଲେ - ପାଠପଢ଼ା, ଘରକରଣା, ଗବେଷଣା,. ଶିକ୍ଷାଦାନ ଅବା ପୁସ୍ତକ ପ୍ରଣୟନ। ତାଙ୍କର ହସ ହସ ମୁହଁ ସମସ୍ତଙ୍କର ମନେ ରହିଯିବ। ପାଖ ପଡ଼ୋଶୀ, ସମାଜିକ ତଥା କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ତାଙ୍କର ସବୁବେଳେ ଆଗ୍ରହ ଏବଂ ଅବଦାନ ରହିଥାଏ। କାର୍ଯ୍ୟରତ ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ତାଙ୍କର ସୁଖ୍ୟାତି ହିଁ ବିଜୟିନୀ ନାମକୁ ସାର୍ଥକ କରେ।

ତାଙ୍କର ତିରୋଧାନ ପରେ ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଉଛି। 'ବିଜୟିନୀ ସ୍ମୃତି ସଭା' ତିରୋଧାନ ଦିବସ, ସେପ୍ଟେମ୍ବର ୧୬ ତାରିଖରେ ଅନୁଷ୍ଠିତ ହୁଏ। ଏହି ଉପଲକ୍ଷେ ପ୍ରତିବର୍ଷ 'ବିଜୟିନୀ' ସ୍ମରଣିକା ପ୍ରକାଶିତ ହୁଏ। ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ 'ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ 'ବିଜୟିନୀ ସ୍ମାରକୀ ପୁରସ୍କାର' ଦିଆ ଯାଉଛି। ଏହା ବ୍ୟତୀତ ତାଳପଦେଶ୍ୱରୀ ସାହିତ୍ୟ ଆସରର ମୂଳ ଉପଦେଷ୍ଟା ଭାବରେ ଏହି ଅନୁଷ୍ଠାନର ଜଣେ କୃତୀ ସାହିତ୍ୟିକଙ୍କୁ 'ତାଳପଦେଶ୍ୱରୀ ପ୍ରଫେସର ବିଜୟିନୀ ମହାନ୍ତି ସମ୍ମାନ' ଦିଆଯାଉଛି। ଏ ବର୍ଷ ଆଜି ୧୬ ସେପ୍ଟେମ୍ବର ୨୦୨୩ ତାରିଖରେ ଦଶମ ବିଜୟିନୀ ସ୍ମୃତି ସଭା।

ପ୍ରଫେସର ବିଜୟିନୀ ମହାନ୍ତିଙ୍କର ଅନେକ ଅସଂପୂର୍ଣ୍ଣ ପ୍ରବନ୍ଧ, ଗବେଷଣା ଲବ୍ଧ ସାମାଜିକ ତତ୍ତ୍ୱକୁ ପ୍ରକାଶ ଉପଯୋଗୀ କରି ଆତ୍ମୀୟ ଓ ଛାତ୍ରଛାତ୍ରୀ ବିଭିନ୍ନ ମାଗାଜିନ୍‌ରେ ପ୍ରକାଶ କରି ବିଜୟିନୀର ସ୍ମୃତିର ଧାରାକୁ ଜୀବନ୍ତ କରି ରଖାଯାଇଛି। ଏବେ ସୁଦ୍ଧା ବି ବିଜୟିନୀଙ୍କର ଉତ୍କଳ ପ୍ରସଙ୍ଗ ଆଉ ଓଡିଶା ରିଭ୍ୟୁ ପତ୍ରିକାରେ ତାଙ୍କର ଅପ୍ରକାଶିତ ଅନେକ ପ୍ରବନ୍ଧ ପ୍ରକାଶିତ ହୋଇସାରିଲାଣି। ବିଜୟିନୀଙ୍କର ଅନେକ ଅପ୍ରକାଶିତ ତଥ୍ୟ, ପ୍ରବନ୍ଧ ଓ ଛବି ସହିତ http://bijoyini.com ପୋର୍ଟାଲ୍‌ଟି ବ୍ୟବହାର ଉପଯୋଗୀ ହୋଇସାରିଛି। ଅନେକ ପାଠକ ଓ ଗବେଷକ ବିଜୟିନୀ ମାଗଜିନ୍ ଓ ପ୍ରବନ୍ଧଗୁଡିକ ପଢ଼ିବାର ସୁଯୋଗ ପାଇପାରିବେ।

ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ ଆମର ସମସ୍ତ ସହାୟକ ଏବଂ ଶୁଭାକାଂକ୍ଷୀ ବ୍ୟକ୍ତି ବିଶେଷଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି।

**ଡାକ୍ତର ଇନ୍ଦ୍ରମଣି ଜେନା**
*ସଭାପତି, ବିଜୟିନୀ ସ୍ମୃତି ଟ୍ରଷ୍ଟ*

### ପଦେଅଧେ...

# ଦୈବଯୋଗର ଏ ମୂଲ୍ୟବାନ ଜୀବନ

**କେ**ତେ ମାଠିମୁଠି ଷଠୀ ଦୁଶେଇ ଜୀବନ ଗଢ଼ିଛି, ଆମ ଗାଆଁଗଣ୍ଡା ନିପଟ ମଫସଲ୍‌ରେ ପିଲା ଜନ୍ମର ଛଅ ଦିନରେ ଷଠୀ ଚାଉଳ ଦିଆଯାଏ, ପୁଣି ଷଠୀ ଓଷାରେ ଷଠୀ ମାଡ଼ ବିଧି ବ୍ୟବସ୍ଥା ରହିଛି । ସେଇ ଷଠୀ ଦିଉଛେଇ ଯିଏ କି ଦୈବୀଶକ୍ତି ଆମକୁ ବିଧାଣୀ ଭାବରେ ଚିକ୍କଣ ସୁନ୍ଦର ଶରୀର ସହ ଏହି ଧରାପୃଷ୍ଠରେ ଅବତରଣ କରାଇଛନ୍ତି । ଏହି ଦେଶଜ ଧାରଣାରୁ ଆମ ଜୀବନ ସୃଷ୍ଟି, ଅବଶ୍ୟ ଆପଣ କହିପାରନ୍ତି ଆମ ଶରୀର ଆଉ ଜୀବନ ଦେବଦତ୍ତ, କିଏ କହିପାରନ୍ତି ପ୍ରକୃତି ମାଆ ଗର୍ଭରୁ ଜୀବନ ସୃଷ୍ଟି ହୋଇଛି । ବିଜ୍ଞାନୀମାନେ ତାଙ୍କର ଡାରଉଇନ୍‌ଙ୍କ ବିବର୍ତ୍ତନବାଦ କଥା କହିବେ । ଯେଉଁଟା ହେଉ, ଜୀବନଟା ଅତି ମୂଲ୍ୟବାନ, ଗୋଟିଏ ଜୀବନ ପାଇଁ କେତେ କଷ୍ଟ ଓ ଆଶାନେଇ ମା, ଷଠି ଦିଉଛେଇ, ପ୍ରକୃତି ମାଆ ବା ବିବର୍ତ୍ତନ ପଦ୍ଧତି ଗଢି ଥୋଇଛନ୍ତି, କାହିଁକି ? ଗୋଟିଏ ଜୀବନ ସମଗ୍ର ନିର୍ଜୀବ ଗ୍ରହ ବା ଉପଗ୍ରହ ଠାରୁ ଶତଗୁଣ ମୂଲ୍ୟବାନ । ଆମେ ସେହି ଶରୀରଧାରୀ ମଣିଷ, ଆମକୁ ଆମର ସୃଷ୍ଟିକର୍ତ୍ତା ନ କହିଲେ ବି ଆମର ଜୀବନ ରହିଛି, ଚେତନା ରହିଛି ।

ଭୂପୃଷ୍ଠରେ ଜୀବନ ସୃଷ୍ଟି ବିଶ୍ୱ ବ୍ରହ୍ମାଣ୍ଡର ଏକ ଉନ୍ମାଦନା, ଜୀବଜଗତ ପରିପୂର୍ଣ୍ଣ ଏହି ଧରଣୀ ଅଦ୍ୟାବଧି ଜୀବନସତ୍ତାର ଏକମାତ୍ର ଉଦାହରଣ ସାଜିଛି । ଜୀବନଟି କେତେ ମୂଲ୍ୟବାନ, କେତେ କୋଟି କୋଟି ବର୍ଷର ଜାଗତିକ ପ୍ରକ୍ରିୟା ବଳରେ ସୃଷ୍ଟି ହୋଇ ପାରିଛି ! ଆଜି ଆମର ସକଳ ସୌର ଜଗତକୁ ଅନେକ ଯାନ ପ୍ରେରଣ କରି ଏହି ଜୀବସତ୍ତାର ସନ୍ଧାନ ନେଉଛୁ । କେଉଁଠୁ ଗୋଟିଏ ଜୀବ କୋଷର ସନ୍ଧାନ ମିଳୁନି । ସେ ଦୃଷ୍ଟିରୁ ଆମର ଜୀବନ କେତେ ମୂଲ୍ୟବାନ ତାହା ଅନୁମେୟ । ଆମ ଜୀବନ ଅମୂଲ୍ୟ । ଦେବଦତ୍ତ । ସବୁ ବାଧାବିଘ୍ନ ସତ୍ତ୍ୱେ ଆନନ୍ଦରେ ଜୀବନକାଳ କଟାଇବା, ଏଇଟା ଆମର ଚିର ଲକ୍ଷ୍ୟ, ଏଥିରେ ଦ୍ୱିମତ ହେବାର ନାହିଁ ।

ମଣିଷ ନିଜର ଚେତନା ବଳରେ ଜୀବନର ଉତ୍ପତ୍ତି ଏବଂ ପରିସୀମା ବିଷୟରେ ଅନେକ ଆଧ୍ୟାତ୍ମିକ, ତାର୍କିକ, ଧାର୍ମିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ତଥ୍ୟ ପର୍ଯ୍ୟବେକ୍ଷଣ କରି ଆସୁଛି । ତା ମଧ୍ୟରୁ ଅନେକ ବାସ୍ତବିକ, ଅନେକ କାଳ୍ପନିକ, ଅନେକ ଅନୁମାନସିଦ୍ଧ । ଜଣେ ବାସ୍ତବିକ ପ୍ରାଣୀ ଭାବରେ ମଣିଷ ନିଜ ବିବେଚନା ଅନୁସାରେ ଜୀବନର ପାଥେୟ ହେବାଭଳି ଉପପାଦ୍ୟ ଜୀବନପଥ ପାଇଁ ବ୍ୟବହାର କରିବା ଆବଶ୍ୟକ । ଜଣେ ନିଜ ଜୀବନକୁ ଅନ୍ତରର ସହିତ ଭଲ ପାଇବା ଆବଶ୍ୟକ । ଆମ କଥାରେ ଅଛି, ନିଜେ ବଞ୍ଚିଲେ ବାପାର ନାଆଁ । ନିଜ ଜୀବନ ସେତିକି ମୂଲ୍ୟବାନ ।

ଅନେକ ନିଜ ଜୀବନକୁ କୋଣସି ମାମୁଲି ଘଟଣାରୁ ନେଇ ନ୍ୟୂନ ବୋଲି ଭାବନ୍ତି । ସାଧାରଣ ଘଟଣାଟିଏ ଘଟିଲେ, ଜୀବନ ମୂର୍ଚ୍ଛି ଦିଅନ୍ତି । ସ୍ୱାମୀ-ସ୍ତ୍ରୀ ଝଗଡ଼ାରେ ହେଉ, ଋଣ ସମସ୍ୟାରେ ହେଉ କି ଏମିତିକି ବଡ଼ ବଡ଼ ଶିକ୍ଷାନୁଷ୍ଠାନର କଠିନ ପାଠ୍ୟକ୍ରମ ହେଉ, ବହୁ ଜୀବନର ମୂଲ୍ୟ ବୁଝି ନଥିବା ବ୍ୟକ୍ତି ଜୀବନ ହରାଇ ଦିଅନ୍ତି । ତା ସହିତ ଆଜିର ପରିବର୍ତ୍ତିତ ଜୀବନଶୈଳୀରେ ଆମର ଜୀବନର ମୂଲ୍ୟାୟନ ସମ୍ପର୍କରେ ଆମେ ସନ୍ଦିହାନ । ସେହି କାରଣରୁ ଏହି ବିଜୟିନୀ ମାଗାଜିନ୍‌ର ଦଶମ ବର୍ଷର ପ୍ରସଙ୍ଗ ରଖାଯାଇଥିଲା - ***ଜୀବନର ମୂଲ୍ୟବୋଧ ଏବଂ ବାସ୍ତବ ମଣିଷ ଜୀବନ*** । ଆମେ ଅନେକ ବ୍ୟକ୍ତିଙ୍କୁ, ପ୍ରାଣୀଙ୍କୁ ଅବା ପଦାର୍ଥକୁ ନିଜ ପ୍ରାଣ ଠାରୁ ଅଧିକ ଭଲ ପାଉ ବୋଲି ବାରମ୍ବାର ଉଚ୍ଚାରଣ କରୁ । ସେହିପରି ନିଜର ଆତ୍ମପ୍ରୀତି ବିଷୟରେ ସନ୍ଦିହାନ, ନିଜ ଜୀବନ ବିଷୟରେ ଯତ୍ନବାନ ହେବା ନିତାନ୍ତ ପ୍ରୟୋଜନ ।

ଏହି ବିଜୟିନୀ- ୨ ୦ ୨ ୩ ପ୍ରସଙ୍ଗ ପ୍ରତିଟି ପାଠକ ମନରେ ଆତ୍ମପ୍ରୀତି ଜାଗରଣ କରିବା ସହିତ ସମାଜିକ ଏବଂ ଆଧ୍ୟାତ୍ମିକ ଦିଗ ପ୍ରତି ସକାରାତ୍ମକ ପ୍ରେରଣା ସୃଷ୍ଟି କରିବ ବୋଲି ଆମର ଦୃଢ଼ ଆଶା ରହିଛି ।

ବିଗତ ଦଶବର୍ଷ ଏହି ମାଗାଜିନ୍‌ଟି ପ୍ରକାଶନ କ୍ଷେତ୍ରରେ ଏଥର ଲେଖକ ଲେଖିକାମାନଙ୍କର ଅପୂର୍ବ ଜାଗରଣ ବିସ୍ମୟକର। ବହୁ ଆଗ୍ରହର ସହିତ ସଦା-କୌତୂହଳମୟ ମଣିଷ ଜୀବନ ବିଷୟଟିକୁ ବିଭିନ୍ନ ଦୃଷ୍ଟିକୋଣରୁ ବିବେଚନା କରି ସାରଗର୍ଭକ ମନ୍ତବ୍ୟ ବ୍ୟକ୍ତ କରିଛନ୍ତି। ଅନେକ ଲେଖକ ନିଜର ବଳିଷ୍ଠ ଲେଖନୀର ଶ୍ରେଷ୍ଠ ରଚନା ପ୍ରଦାନ କରି ଏହି ମାଗାଜିନ୍‌ଟିକୁ ସମୃଦ୍ଧ କରି ରଖିଛନ୍ତି।

ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ମୁଁ ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି।


ଅନେକ ସହୃଦୟ ବ୍ୟକ୍ତିଙ୍କର ମହତ୍ ସମ୍ପୃକ୍ତି ବଳରେ ଏହି ମାଗାଜିନ୍ ଦଶ ବର୍ଷ ମଧ୍ୟରେ ନିଜର ଜ୍ୟାମିତିକ ମାପକାଠିରେ ପରିବର୍ଦ୍ଧିତ ହୋଇଚାଲିଛି। ସେହିମାନଙ୍କ ମଧ୍ୟରୁ କେତେଜଣ ହେଲେ, ଡ. ଗୌରହରି ଦାସ, ଡ. ନାରାୟଣ ସାହୁ, ଡ. ଅଭିନ୍ନ ସାହୁ, ଡ. ଅଜିତ ମହାନ୍ତି, ଡ. ଉଦ୍ଧବ ଚରଣ ନାୟକ, ଡ. ପୀତବାସ ରାଉତରାୟ ଏବଂ ଅନେକ ଶୁଭକାଂକ୍ଷୀ। ସେମାନଙ୍କୁ ସାଦର ପ୍ରଣିପାତ ସହିତ କୃତଜ୍ଞତା ଜଣାଉଛି।

ମୋର ପରିବାରରୁ ଝିଅ, ଜ୍ୱାଇଁ, ବୋହୂ, ପୁଅ, ନାତୁଣୀ ଏବଂ ନାତି ଓ ଆମର ସମ୍ପର୍କୀୟମାନେ ଏହି ବିଜୟିନୀ ସ୍ମୃତିସଭା ଏବଂ ମାଗାଜିନ୍ ପ୍ରକାଶନ ପାଇଁ ପୂର୍ଣ୍ଣପ୍ରାଣରେ ସମର୍ଥନ କରି ବିଗତ ଦଶଗୋଟି ସଭା ସଂଗଠିତ କରିଛନ୍ତି। ସେଥିପାଇଁ ସେମାନେ ସକ୍ରିୟ ସଭ୍ୟ/ସଭ୍ୟା ହିସାବରେ ମୁଁ ଗର୍ବିତ ଏବଂ ସେମାନଙ୍କୁ ମୋ ପକ୍ଷରୁ ଏବଂ ଦିବଙ୍ଗତା ମାତା ବିଜୟିନୀ ପକ୍ଷରୁ ଶୁଭାଶୀର୍ବାଦ ପ୍ରଦାନ କରୁଛି।

ସମ୍ମାନ ସହିତ

ଧନ୍ୟବାଦ

**ଡାକ୍ତର ଇନ୍ଦ୍ରମଣି ଜେନା**
ସମରୋହ, ଡୁମଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୪୩୮୦୦୭୫୦୯



## ଅଭିମତ

# ମଣିଷ ଜୀବନର ମୂଲ୍ୟବୋଧ

'ବିଜୟିନୀ'ର ଏହି ସଂଖ୍ୟା ମଣିଷ ଜୀବନର ବାସ୍ତବତା ପ୍ରସଙ୍ଗକୁ ନେଇ ପ୍ରକାଶ ପାଉଅଛି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଗମ୍ଭୀର ପ୍ରସଙ୍ଗ । ଜୀବନର ବାସ୍ତବତା ସମ୍ପର୍କରେ ଦାର୍ଶନିକ, ସମାଜଶାସ୍ତ୍ରୀ, ଚିକିତ୍ସାବିଜ୍ଞାନୀ, ଆଧାତ୍ମିକ ଗୁରୁ ଏବଂ ରହସ୍ୟବାଦୀମାନେ ଅଲଗା ଅଲଗା କଥା ବୁଝନ୍ତି । ରହସ୍ୟବାଦୀମାନଙ୍କ ବିଚାରରେ ମଣିଷର ଏ ଜୀବନ ଅଳୀକ, ମାୟା । ଯାହା ମାୟା ବା ଅବାସ୍ତବ ତାହାର ପୁଣି ବାସ୍ତବତା କଣ ? ଜୀବନ ତ ପାଣିଫୋଟକା ପରି – ଏଇ ଅଛି, ଏଇ ନାହିଁ । ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବେ ତାଙ୍କର ଏକ ଭାଷଣ ପ୍ରସଙ୍ଗରେ କହିଛନ୍ତି ଯେ ଜୀବନ ଗୋଟେ ପିଆଜ ପରି । ପାଖୁଡ଼ା ପରେ ପାଖୁଡ଼ା ଖୋଲିଚାଲ, ଦେଖିବ ଶେଷକୁ ଅନ୍ତଃସାରଶୂନ୍ୟ । ଦାର୍ଶନିକମାନେ କହିଛନ୍ତି ଏ ଜୀବନ ଏକ ମହତ୍ତ୍ୱପୂର୍ଣ୍ଣ ଅବକାଶ; ଚେତନାର ଉଦ୍‌ଗମୀଷା ବା ଉର୍ଦ୍ଧ୍ୱ ଉଡ଼ାଣ ବା ଉତ୍ତରଣ ପାଇଁ ଏକ ଦିବ୍ୟ ଅବସର । ଜଣେ ସାଧାରଣ ମଣିଷ ଚେତନାର ଉତ୍ତରଣ ଦ୍ୱାରା ଦିବ୍ୟତ୍ୱର ଅନୁଭବ କରିପାରେ । ସମାଜଶାସ୍ତ୍ରୀମାନଙ୍କ ମତରେ ଏ ଜୀବନ ସତ୍ୟ । ଏହାର ସମସ୍ୟା ସତ୍ୟ । ଏହି ସତ୍ୟକୁ ନେଇ ସମାଜ ଗଢ଼ିଉଠିଛି । ମଣିଷ ଏକ ସାମାଜିକ ପ୍ରାଣୀ । ସାମାଜିକ ଜୀବନର ସଫଳତା, ତାହାର ବିକାଶ ଏବଂ କ୍ରମୋନ୍ନତି ପ୍ରତ୍ୟେକ ମଣିଷର ଧ୍ୟେୟ । ଏଥିପାଇଁ ମଣିଷ ପାହାଡ଼ ପର୍ବତ ଗୁମ୍ଫାରୁ, ନଦୀ ସମୁଦ୍ର କୂଳରୁ ଏବଂ ଟାଙ୍ଗରା ଅପନ୍ତରା ଭୂଇଁରୁ ଆସି ଅନୁକୂଳ ଜାଗାରେ ବସତି ସ୍ଥାପନ କରିଛି, ନିଜର ସମାଜ ଗଢ଼ିଛି । ବିବାହ, ଶିକ୍ଷା, ଉତ୍ପାଦନ, ବଜାର ଏସବୁ ମଣିଷର ପ୍ରୟୋଜନରୁ ସୃଷ୍ଟି ହୋଇଛି । ରାଜନୀତି ଏବଂ ଅର୍ଥନୀତି ମଧ୍ୟ ଏଇ ପ୍ରକ୍ରିୟାରେ ଆରମ୍ଭ ହୋଇଛି । ଏହି ସବୁକିଛିର ଉଦ୍ଦେଶ୍ୟ ସୁସ୍ଥ ବିକଶିତ ସମାଜର ଗଠନ । ମଣିଷ ସମାଜକୁ ଗଢ଼ିଛି ଏବଂ ସମାଜ ମଧ୍ୟ ମଣିଷକୁ ଗଢୁଛି । ଚିକିତ୍ସାଶାସ୍ତ୍ରୀମାନଙ୍କ ପାଇଁ ଜୀବନର ଅର୍ଥ ପ୍ରାଣଶକ୍ତି, ସ୍ୱାସ୍ଥ୍ୟ ଏବଂ ହୃତ୍‌ସ୍ପନ୍ଦନ । ଉତ୍ତମ ସ୍ୱାସ୍ଥ୍ୟ ହିଁ ଉତ୍ତମ ଜୀବନର ମୂଳଦୁଆ । ସୁତରାଂ ଜୀବନର ବାସ୍ତବତା କଥାଟି ଭିନ୍ନ ଭିନ୍ନ ମତବାଦୀଙ୍କ ପାଇଁ ଭିନ୍ନ ଭିନ୍ନ । ସାହିତ୍ୟିକ, ଚିତ୍ରକର ଏବଂ ଗୀତିକାରମାନଙ୍କ ମଧ୍ୟରୁ କିଏ ଜୀବନକୁ ସୁନ୍ଦର, ମଧୁର ଓ ମଧୁରତମ ଅଭିହିତ କରିଥିବାବେଳେ ଆଉ କେହି ନେତିବାଦୀ 'ଜନ୍ମହେବା ଏକ ପାପ ଏବଂ ବଞ୍ଚିବାଟା ତାହାର ପ୍ରାୟଶ୍ଚିତ' ପରି ଅତ୍ୟନ୍ତ ନୈରାଶ୍ୟଜନକ ମନ୍ତବ୍ୟ ଦେଇଛନ୍ତି । ଆଉ କେହି ଆଶାବାଦୀ କହିଛନ୍ତି ଯେ, ଜୀବନ ସୁଖଦୁଃଖର ସମନ୍ୱୟ, ଜୁଆର ଓ ଭଟ୍ଟା ପରି । ଏ ଦୁଇଟି ମଧ୍ୟରୁ କୌଣସିଟି ସ୍ଥାୟୀ ନୁହେଁ, ଶେଷକଥା ନୁହେଁ । ସୁଖର ଶେଷ ଦୁଃଖରେ ହୋଇପାରେ, ଦୁଃଖର ଶେଷ ସୁଖରେ ହୋଇପାରେ । ଏସବୁ କହିବାର ତାତ୍ପର୍ଯ୍ୟ ହେଲା ଜୀବନ ସମ୍ପର୍କୀୟ କୌଣସିଟି ମତ, ଅଭିମତ, ସିଦ୍ଧାନ୍ତ, ମୀମାଂସା କିମ୍ବା ନିଷ୍କର୍ଷ ସର୍ବଶେଷ ନୁହେଁ । ଏହା ସମ୍ପର୍କରେ ଅତୀତରେ ବହୁକଥା କୁହାଯାଇଛି ଓ ଲେଖାଯାଇଛି, ଆଜି ମଧ୍ୟ ତାହା ହେଉଛି ଓ ଅନାଗତ ଭବିଷ୍ୟତରେ ମଧ୍ୟ ଲେଖାଯିବ, କୁହାଯିବ । 'ବିଜୟିନୀ'ର ଏ ସଂଖ୍ୟାରେ ସଂକଳିତ ପ୍ରତ୍ୟେକ ଲେଖା ସେହି ଦିଗରେ ଗୋଟିଏ ଗୋଟିଏ ଉଦ୍ୟମ ।

ମଣିଷ ଜୀବନରେ ସୁଖ ଯେଉଁଭଳି ସତ, ଦୁଃଖ ସେହିଭଳି ସତ । ଦୁଃଖ ପଛରେ ଅନେକ କାରଣ ରହିଛି । ବଡ଼ କାରଣ ହେଉଛି ମଣିଷର ଅପ୍ରାପ୍ତି । ଯାହା ଜଣକ ଜୀବନରେ ଘଟେ ତାହା ବାସ୍ତବତା, ସତ୍ୟ । ମାତ୍ର ଶେଷ ପର୍ଯ୍ୟନ୍ତ ମଣିଷ ସେହି ସେତକକୁ ଅନ୍ତିମ ଉପଲବ୍ଧି ବୋଲି ଗ୍ରହଣ କରିପାରେ ନାହିଁ । ସେ ଭାବେ, ଯାହା ସେ ପାଇଛି ତାହା ବାହାରେ ଅନେକ କିଛି ରହିଗଲା, ଯାହା ଅନ୍ୟମାନଙ୍କୁ ମିଳିଛି, ତାକୁ ମିଳିନାହିଁ । କୈଶୋର ଓ ଯୌବନ ଅବସ୍ଥାରେ ମଣିଷ ହଜାରେ କଥା ସ୍ୱପ୍ନ ଦେଖିଥାଏ । କିଏ ସ୍ୱପ୍ନ ଦେଖିଥାଏ କବି-କଳାକାର ହେବ, କିଏ ଚିକିତ୍ସକ କି ମହାକାଶବିଜ୍ଞାନୀ ହେବ କିଏ ଆଉ କଣ କଣ ହେବ ବୋଲି ମଧ୍ୟ ସ୍ୱପ୍ନ ଦେଖିଥାଏ । ମାତ୍ର ଶେଷକୁ ଏହା ଭିତରୁ ନିର୍ଦ୍ଦିଷ୍ଟ ଗୋଟେ କି ଯୋଡ଼ିଏ କଥା ତାକୁ ପ୍ରାପ୍ତ ହୁଏ, ଅଧିକାଂଶ ରହିଯାଏ ଅପ୍ରାପ୍ତ । ଡାକ୍ତର ହୋଇଥିବା ବ୍ୟକ୍ତି ପ୍ରଶାସକ ହୋଇଥିବା ବ୍ୟକ୍ତିର ସୌଭାଗ୍ୟକୁ ଦେଖି ଦୁଃଖ କରେ ଏବଂ ତା ମନରେ ବିଷାଦ ସୃଷ୍ଟି ହୁଏ । ସେହି ଏକା ସମୟରେ ପ୍ରଶାସକ ହୁଏତ ଡାକ୍ତରଙ୍କୁ ଦେଖି ଦୁଃଖୀ ହେଉଥିବେ । କୌଣସି କାରଣ ପାଇଁ ମନ ଭିତରେ ଦୁଃଖ ଅଧିକ

ଦିନ ବସା ବାନ୍ଧି ରହିଲେ ମଣିଷ ନୈରାଶ୍ୟ ଓ ବିଷାଦ ଭିତରକୁ ଚାଲିଯାଏ। ଏହା ତା ମନରୁ କର୍ମପ୍ରବଣତା ଏବଂ ଚଞ୍ଚଳତା ଦୂରେଇ ନିଏ। ଏଠାରେ କେବଳ ବୃତ୍ତି ପ୍ରସଙ୍ଗ ଉଲ୍ଲେଖ କରାଗଲା, ତା ବାହାରେ ଦୁଃଖର ନାନା କାରଣ ଅଛି। ଜୀବନ ଏକ ବହୁସ୍ତରୀୟ ଅନୁଭବ। ମୀର୍ଜା ଗାଲିବ୍ ତାଙ୍କ ସାୟରିରେ ଲେଖିଥିଲେ, 'ମଣିଷର ମନ ହେଉଛି ପୃଥିବୀର ସବୁଠୁ ବଡ଼ କବରସ୍ଥାନ (ଶ୍ମଶାନ)। କବରସ୍ଥାନରେ ତ ଦିନରେ ପଚାଶ କି ଶହେ ଶବ ପୋତାଯାଉଥିବ ମାତ୍ର ମଣିଷର ମନ ରୂପକ କବରସ୍ଥାନରେ ପ୍ରତିଦିନ ହଜାର ହଜାର ସ୍ୱପ୍ନ ପୋତା ଯାଉଥାଏ। ଆଶ୍ୱସ୍ତିର କଥା ଯେ ସବୁ ଦୁଃଖର ପରିଣତି ନକାରାତ୍ମକ ହୋଇ ନ ଥାଏ। କବି କଳାକାରଙ୍କଠାରୁ ନେଇ ଚିନ୍ତାବିତ୍‌ମାନଙ୍କର ବିଷାଦ ନୂଆ ସୃଜନ ଏବଂ ନୂଆ ସମ୍ଭାବନାର ଦ୍ୱାର ଖୋଲି ଦେଇଥାଏ। ଚରମ ଦୁଃଖର କଥାବସ୍ତୁକୁ ନେଇ ରଚିତ ସାହିତ୍ୟ କୃତି କାଳଜୟୀ ହେବାର ଉଦାହରଣ ଆମ ଆଗରେ ଅଛି। ବିଫଳତା ସେତେବେଳେ ସଫଳତାର ଦୁଆର ଖୋଲି ଦେଇଥାଏ। ଗୌତମବୁଦ୍ଧଙ୍କ ଦୁଃଖ ତାଙ୍କୁ ମୋକ୍ଷ ଓ ନିର୍ବାଣର ପଥରେ ପଥିକ ହେବାଲାଗି ଉଦ୍‌ବୁଦ୍ଧ କରିଥିଲା। ଶଙ୍କାଚାର୍ଯ୍ୟଙ୍କ 'ମୋହମୁଦ୍‌ଗର' ମଣିଷକୁ ମୁକ୍ତିର ପଥ ଅନ୍ୱେଷଣ କରିବାଲାଗି ପ୍ରଚୋଦିତ କରିଥିଲା। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ବିଷାଦ ଯୋଗୁଁ ଭଗବାନ ଶ୍ରୀକୃଷ୍ଣ ପ୍ରାଣୀ ଜନ୍ମର ସାର୍ଥକତା ପ୍ରସଙ୍ଗ ଆଲୋଚନା କରିଥିଲେ।

'ମଣିଷ ଜୀବନର ବାସ୍ତବତା' ହେଉଛି ମଣିଷ ପାଖରେ ଉପଲବ୍ଧ ଶ୍ରମ, ସମୟ ଓ ସମ୍ଭାବନାର ଉପଯୋଗ ପାଇଁ ଆହ୍ୱାନ। କେବଳ କର୍ମ ଓ ବର୍ତ୍ତମାନ ସମୟ ଉପରେ ତାର ଅଧିକାର, ଫଳ କିମ୍ବା ଭବିଷ୍ୟତ ଉପରେ ନୁହେଁ। ଏହି ସଂକଳନର ଲେଖକଲେଖିକାମାନେ ଏ ପ୍ରସଙ୍ଗକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଛନ୍ତି ଏବଂ ବିଭିନ୍ନ ଦିଗରୁ ପ୍ରସଙ୍ଗଟିର ବ୍ୟବଚ୍ଛେଦ କରିଛନ୍ତି। ଏହି କାରଣରୁ ସଂକଳନଟି ପାଠକ ସମାଜର ଦୃଷ୍ଟି ଆକର୍ଷଣ କରିବ।


**ଗୌରହରି ଦାସ**
ଆବାହକ, ଓଡ଼ିଶା ଉପଦେଷ୍ଟା ମଣ୍ଡଳୀ
କେନ୍ଦ୍ର ସାହିତ୍ୟ ଏକାଡେମୀ
ମୋ: ୯୪୩୭୦୭୭୨୮୮




# ଜୀବନର ମୂଲ୍ୟବୋଧ : ବାସ୍ତବ ମଣିଷ ଜୀବନ

**ମଣିଷ ଜୀବନର ବାସ୍ତବତା**


| | | | | | |
|---|---|---|---|---|---|
| | ଦୈବଯୋଗର ଏ ମୂଲ୍ୟବାନ ଜୀବନ | - | ଡା. ଇନ୍ଦ୍ରମଣି ଜେନା | - | ୫ |
| | ମଣିଷ ଜୀବନର ମୂଲ୍ୟବୋଧ | - | ଡ. ଗୌରହରି ଦାସ | - | ୭ |
| **୧.** | **କୋମଳ ମଣିଷ ଜୀବନ ....** | | | | |
| | ଜୀବନ କେତେ ସତ କେତେ ମିଛ | - | ଡ. ଶ୍ରୀକାନ୍ତ ମହାନ୍ତି | - | ୧୫ |
| | ମଣିଷ ଜୀବନ ପଦ୍ମପତ୍ରରେ ଜଳ ତୁଲ୍ୟ | - | ଡ. ଭାରତ ଭୂଷଣ ରଥ | - | ୨୩ |
| | ଜୀବନର ଅଭ୍ୟନ୍ତର | - | ପ୍ରଫେସର ଶ୍ରୀଲେଖା ଭଞ୍ଜମିଶ୍ର | - | ୨୫ |
| | ମଣିଷ ଜୀବନ | - | ଡ. ଏମ୍. ଏସ୍. ରାଓ | - | ୩୧ |
| | ଜୀବନର ଉପପାଦ୍ୟ | - | ଡା. ଇନ୍ଦ୍ରମଣି ଜେନା | - | ୩୪ |
| | ମଣିଷ ଜୀବନ ମୂଲ୍ୟବାନ କାହିଁକି | - | ପ୍ରତିମା ମହାପାତ୍ର | - | ୩୭ |
| **୨.** | **ଶରୀର ଓ ମନର ସମନ୍ୱୟ ....** | | | | |
| | ମନର ପରିସୀମା | - | ଡା ଇନ୍ଦିରା ପଟ୍ଟନାୟକ | - | ୪୧ |
| | ମଣିଷ ଜୀବନ - ଏକ ବିହଙ୍ଗାବଲୋକନ | - | ଡ. ପଫୁଲ୍ଲ କୁମାର ତ୍ରିପାଠୀ | - | ୪୩ |
| | ମୁଁ କିଏ ? – ଏହାର ଉତ୍ତର କିଏ ଦେବ ? | - | ଡ. ଭି ରାଜେନ୍ଦ୍ର ରାଜୁ | - | ୪୮ |
| | ମନର ମୂଳେ ଏ ଜଗତ – ସକ୍ରେଟିସ୍‌ଙ୍କ ହାତର ବିଷ ଗ୍ଲାସ୍ | - | ଡା. ତନୟା ଜେନା | - | ୫୦ |
| | ଜୀବନର ଗତିପଥ | - | ଡା. ଆଦିକନ୍ଦ ସାହୁ | - | ୫୩ |
| | ମଣିଷ ପକ୍ଷରେ ମୃତ୍ୟୁ ଅସମ୍ଭବ | - | ଡ. କୃଷ୍ଣଚନ୍ଦ୍ର ମିଶ୍ର | - | ୫୬ |
| | ସୃଷ୍ଟି ଓ ସ୍ରଷ୍ଟା : ଏକ ନିଛକ ଅନୁଭୂତି | - | ସୁନନ୍ଦା ପଣ୍ଡା | | ୫୯ |
| **୩.** | **କାମନା, ବାସନା ଓ ସାଧନା ....** | | | | |
| | ମାୟାରେ ବାୟା | - | ମନୋଜ କୁମାର ମହାପାତ୍ର | - | ୬୩ |
| | କାମନାର ବିନାଶରେ ଦୁଃଖର ବିନାଶ | - | ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ | - | ୬୮ |
| | ବୌଦ୍ଧଧର୍ମରେ ଥେରଥେରୀ | - | ଡ. ତ୍ରିନାଥ ପଟ୍ଟନାୟକ | - | ୭୦ |
| | କାମନାର ବିନାଶରେ ସୁଖର ବିନାଶ | - | ପ୍ରବୀର ମହାନ୍ତି | - | ୭୩ |
| | ବୈରାଗ୍ୟ – ଏକ ଉଦବେଳିତ ପ୍ରଶ୍ନ | - | ପ୍ରଫେସର ରାମଚନ୍ଦ୍ର ମହାନ୍ତି | - | ୭୭ |
| | ଗଣ୍ଠିରେ ବାନ୍ଧିନେଲା କେ କେତେ ଧନରେ... | - | ଡ. ସୁଜାତା ପ୍ରିୟଦର୍ଶିନୀ | - | ୮୧ |
| | ଶ୍ୱେତପଦ୍ମର ଆତ୍ମଲିପି | - | ସୂର୍ଯ୍ୟମଣି ତ୍ରିପାଠୀ | - | ୮୪ |

## ୪. ମଣିଷ ଜୀବନରେ ବିଷାଦ ....


| | | | | |
|---|---|---|---|---|
| ଜୀବନ ସଂଗ୍ରାମ ଓ ମାନସିକ ବିଷାଦ | - | ଡ. ତ୍ରିନାଥ ପଟ୍ଟନାୟକ | - | ୯୩ |
| ଅନୁତପ୍ତ ଜୀବନ (ଅଶୋକ ବର୍ଦ୍ଧନ ମୌର୍ଯ୍ୟ) | - | ଶ୍ରୀଚନ୍ଦନ କୁମାର ରାଉତରାୟ | - | ୯୫ |
| ବ୍ୟର୍ଥ ଜୀବନ: ହିଟଲରଙ୍କର ଶେଷରାତି | - | ଡା. ସୋମନାଥ ପ୍ରସାଦ ଜେନା | - | ୯୮ |
| ଜୀବନ ଜିଜ୍ଞାସା | - | ଡ. ଊର୍ମିମାଳା ଆଚାର୍ଯ୍ୟ | - | ୧୦୧ |
| କ୍ଷଣଭଙ୍ଗୁର ଜୀବନ | - | ପ୍ରତିମା ମିଶ୍ର | - | ୧୦୪ |
| ଇନ୍ଦ୍ରିୟାସକ୍ତ ଜୀବନ | - | ଡା. ଇନ୍ଦ୍ରମଣି ଜେନା | - | ୧୦୬ |
| ଜୀବନରୂପୀ ମୁଦ୍ରାର ଦୁଇପାର୍ଶ୍ୱ | - | ଶ୍ୟାମାପଦ ଚାଟାର୍ଜୀ | - | ୧୦୯ |
| ମୂଲ କରି ହେବନି ଜୀବନକୁ | - | ଆଶାଲତା ପାଣ୍ଡବ | - | ୧୧୧ |
| କକ୍ଷବିଚ୍ୟୁତ ଉଲ୍‌କା – | - | ଡା. ବଂଶୀଧର ନାୟକ | - | ୧୧୬ |
| ବିଷଣ୍ଣତା ସର୍ଜନାର ହେତୁ | - | ଡ. ସଂଘମିତ୍ରା ଭଞ୍ଜ | - | ୧୧୯ |
| ସମୟର ସ୍ୱରଲିପି | - | କଳ୍ପନା ସାହୁ | - | ୧୨୨ |
| ଜୀବନ ବାସ୍ତବ ନା ଅଳୀକ – ଏକ ସଂକ୍ଷିପ୍ତ ଆଲେଖ୍ୟ | - | ହଂସନାଥ ମୁଦୁଲି | - | ୧୨୪ |


## ୫. କିଏ କହେ ମଣିଷ ଜୀବନ ଅବାସ୍ତବ ?


| | | | | |
|---|---|---|---|---|
| ଦଇବ | - | ଡ. କେଶବ ଚନ୍ଦ୍ର ଶତପଥୀ | - | ୧୨୭ |
| ଆମ ଗାଆଁରେ ଜୀବନଟା ଅଳୀକ | - | ବିରଞ୍ଚି ନାରାୟଣ ପଟ୍ଟନାୟକ | - | ୧୩୦ |
| ମଣିଷ ଜୀବନର ଅଲୌକିକ ରଙ୍ଗ | - | ସୁଧାଂଶୁ ଶେଖର ଧଡା | - | ୧୩୩ |
| ବୁଝିପାରିଲେ ଜୀବନ ଅମର | - | ଡା. ପ୍ରେରଣା ବିଶ୍ୱାଳ | - | ୧୩୬ |
| ମାନବ ଜୀବନର ପରାକାଷ୍ଠା | - | ଡ. ସୁଶାନ୍ତ କୁମାର ପଣ୍ଡା | - | ୧୩୮ |
| କାଳିକା ନାଚ | - | ନାରାୟଣ ଚୌଧୁରୀ | - | ୧୪୧ |
| ଉତ୍ତମ ବିଚାରପତି | - | ଡ. ଉଦ୍ଧବ ଚରଣ ନାୟକ | - | ୧୪୩ |
| ଦଇବ ଦଉଡି ମଣିଷ ଗାଇ | - | ଡା. ପ୍ରିୟଦର୍ଶିନୀ ମହାନ୍ତି | - | ୧୪୬ |
| ମାନବ ଜନ୍ମ ସର୍ବୋତ୍କୃଷ୍ଟ | - | ଡ. ଭାସ୍କର ମିଶ୍ର | - | ୧୪୯ |


## ୬. ଜୀବନ ବାସ୍ତବ : ଜୀବନ ଆନନ୍ଦମୟ ....


| | | | | |
|---|---|---|---|---|
| ଦୁର୍ଲଭ ନର କଳେବର | - | ପ୍ରଫେସର ଅଭିନ୍ନ ସାହୁ | - | ୧୫୩ |
| ସଂସାର ହିଁ ସାର – ଜୀବନ ବାସ୍ତବ | - | ସୁବାସ ଚନ୍ଦ୍ର ପଟ୍ଟନାୟକ | - | ୧୬୧ |
| ବାସ୍ତବ ବନାମ ଅବାସ୍ତବ | - | ଡ. ରାଧା ଚରଣ ଦାସ | - | ୧୬୫ |
| ଜୀବନ - ଅବାସ୍ତବର ବାସ୍ତବାୟିତ ରୂପ | - | ଡ. ଲିଙ୍ଗରାଜ ରଥ | - | ୧୬୭ |
| ମଣିଷ ଜୀବନ ବାସ୍ତବତାରୁ ଅଭିନ୍ନ | - | ଡ. ମଦନ ମୋହନ ସାହୁ | - | ୧୭୨ |
| ଆସ ବାସ୍ତବ ଜୀବନ ଜିଇଁବା | - | ରୁଦ୍ର ପ୍ରସନ୍ନ ସାହୁ | - | ୧୭୫ |
| କର୍ମ ହିଁ ଜୀବନ | - | ସୁଶାନ୍ତ କୁମାର ଆଚାର୍ଯ୍ୟ | - | ୧୮୦ |
| ଭଲ ମଣିଷ ହୁଏ | - | ପ୍ରଫେସର ନାରାୟଣ ସାହୁ | - | ୧୮୨ |
| ଦ୍ୱନ୍ଦ୍ୱ ହିଁ ଜୀବନାନୁଭୂତି ଓ ଆନନ୍ଦାନୁଭୂତି କଳା | - | ଡ. ଫକୀର ମୋହନ ସାହୁ | - | ୧୮୫ |
| ସାତ୍ତ୍ୱିକ ଜୀବନ | - | ସଂଘମିତ୍ରା ନାୟକ | - | ୧୮୯ |
| ଜୀବନଟା ମହାକାଳ ଛବିରେ ଏକ ସୁନ୍ଦର ମାନଚିତ୍ର | - | ଜ୍ୟୋତ୍ସ୍ନା ମହାପାତ୍ର | - | ୧୯୨ |
| ବାସ୍ତବତାର ଅନ୍ୟନାମ ଜୀବନ | - | ଲିଜାରାଣୀ ପାଇଟାଳ | - | ୧୯୪ |

| | | | | |
|---|---|---|---|---|
| ହାସ୍ୟମେବ ଜୟତେ | - | ଡ. ପୀତବାସ ରାଉତରାୟ | - | ୧୯୬ |
| ଜୀବନ ବାସ୍ତବ | - | ଗୋପାଳ କୃଷ୍ଣ ନନ୍ଦ | - | ୧୯୯ |

**୭. ଜୀବନ ମଧୁର : ଜଗତ ମଧୁର ....**

| | | | | |
|---|---|---|---|---|
| ସୁଖ ସନ୍ଧାନରେ ମଣିଷ | - | ପ୍ରଫେସର ଅଜିତ ମହାନ୍ତି | - | ୨୦୩ |
| ଆତ୍ମପ୍ରୀତି ହିଁ ଆନନ୍ଦର ସ୍ରୋତ | - | ଡା. ଇନ୍ଦ୍ରମଣି ଜେନା | - | ୨୦୮ |
| ଏ ଜୀବନ ଆନନ୍ଦ ଭରା – ଏ ମଣିଷ ଅମୃତ ସନ୍ତାନ | - | ପ୍ରଫେସର ବିଷ୍ଣୁପ୍ରିୟା ଓତା | - | ୨୧୨ |
| ସଂସାରେ ଥିବ ଯେତେଦିନ | - | ମଂଜୁବାଲା ଦାସ | - | ୨୧୬ |
| ପରମାନନ୍ଦ ଏ ଜଗତେ | - | ତପନ ମହାପାତ୍ର | - | ୨୧୮ |
| ନିଜେ ଚାହିଲେ ଜୀବନ ଅମୃତମୟ ହୋଇପାରିବ | - | ଗୀତିକା ପଟ୍ଟନାୟକ | - | ୨୨୧ |
| ଜୀବନ ମଧୁର ଜଗତ ମଧୁର | - | ଡା ଇନ୍ଦ୍ରମଣି ଜେନା | - | ୨୨୪ |

**୮. ଗୀତିମୟ ଜୀବନର ରାଗିଣୀ ....**

| | | | | |
|---|---|---|---|---|
| ଅମୃତ ମଣୋହି | - | ଡ. ଅଭିନ୍ନ ସାହୁ | - | ୨୨୯ |
| ଉତ୍ତିଷ୍ଠତ ଜାଗ୍ରତ | - | ଡ. ଫନି ମହାନ୍ତି | - | ୨୩୦ |
| ନରକ ଦୁଆରେ | - | ଉମାକାନ୍ତ ମହାପାତ୍ର | - | ୨୩୧ |
| ଆଲେକଜାଣ୍ଡରଙ୍କ ତିନୋଟି ଇଚ୍ଛାପତ୍ର | - | ପ୍ରଦତ୍ତ | - | ୨୩୨ |
| ସଖା, ହେ ସଖା | - | ଦୀନବନ୍ଧୁ ସାହୁ | - | ୨୩୩ |
| ଅବାସ୍ତବ ସୋଫିଆ | - | ଡା. ତନୟା ଜେନା | - | ୨୩୪ |
| ଆଶ୍ୱାସନା | - | ସୁଜାତା ସିହ୍ନା | - | ୨୩୬ |




୧

# କୋମଳ ମଣିଷ ଜୀବନ .....



# ଜୀବନ: କେତେ ସତ, କେତେ ମିଛ

*ଡ. ଶ୍ରୀକାନ୍ତ ମହାନ୍ତି*

"ଜୀବନ କେତେ ସତ ଓ କେତେ ମିଛ ?" ଏହା ଏକ ଜଟିଳ ପ୍ରଶ୍ନ। ତାତ୍ତ୍ୱିକ ଭାବେ ଏହାର ବିଚାର କରିବା ପୂର୍ବରୁ ଗୋଟିଏ ଉଦାହରଣର ଆଶ୍ରୟ ନିଆଯାଉ। ଆମେ ଆକାଶରେ ଯେଉଁ ତାରକାପୁଞ୍ଜ ଦେଖୁ, ସେମାନଙ୍କ ଭିତରୁ ଅନେକ ତାରକା ଶହଶହ ଆଲୋକବର୍ଷ ପୂର୍ବରୁ ନିଶ୍ଚିହ୍ନ ହୋଇସାରିଛନ୍ତି – ଅର୍ଥାତ ବ୍ରହ୍ମାଣ୍ଡରେ ସେମାନଙ୍କର ଅସ୍ତିତ୍ୱ ଆଉ ନାହିଁ। ତାଙ୍କ ଆଲୋକ ଏବେ ଏବେ ପୃଥିବୀ ପୃଷ୍ଠରେ ପହଞ୍ଚିବା ଆରମ୍ଭ କରିଛି, ତେଣୁ ଆମେ ତାଙ୍କୁ ଦେଖୁଛୁ। ଆମେ ସତସତିକା ସେମାନଙ୍କୁ ଦେଖୁଛୁ ସିନା, ସେମାନେ ଆଉ ନାହାନ୍ତି – ତାଙ୍କର ଆଲୋକ ଅଛି, ଅଥଚ ଅସ୍ତିତ୍ୱ ନାହିଁ। ଏହା ଏକ ଅର୍ଦ୍ଧ-ସତ୍ୟ ନୁହେଁକି ? ଇଂରାଜୀରେ ଏମାନଙ୍କୁ Counterfeit Star କୁହାଯାଏ। କହିବାର ତାତ୍ପର୍ଯ୍ୟ – "ତାରକାଟି ଅଛି।" ବାକ୍ୟଟି ମିଛ ନୁହେଁ, ଏବଂ ସତ ମଧ୍ୟ ନୁହେଁ (neither true nor false) । ସତ ନୁହେଁ ଏଇଥିପାଇଁ ଯେ, ସେମାନଙ୍କର ଅସ୍ତିତ୍ୱ ନାହିଁ; ମିଛ ନୁହେଁ କାରଣ ତାଙ୍କୁ ଆମେ ବାସ୍ତବରେ ଦେଖୁଛୁ ଏବଂ ତାଙ୍କର ପ୍ରଭାବ ମଧ୍ୟ ଅଛି। ପାଶ୍ଚାତ୍ୟ ତର୍କଶାସ୍ତ୍ରରେ, ଆରିଷ୍ଟଟଲ୍‌ଙ୍କଠାରୁ ଆଜିଯାଏଁ, ଏପରିକି ପ୍ରାଚୀନ ଭାରତୀୟ ନ୍ୟାୟ-ଶାସ୍ତ୍ରର ତାର୍କିକ ସିଦ୍ଧାନ୍ତଗୁଡ଼ିକରେ – ଗୋଟିଏ ବାକ୍ୟ ଅର୍ଥପ୍ରକାଶକାରୀ ହେବ, ଯେତେବେଳେ ତାହା 'ସତ୍ୟ' କିମ୍ବା 'ମିଥ୍ୟା' ଭିତରୁ ଗୋଟିଏ ହୋଇଥିବ – either true or false। ମୁଁ ଯଦି କହେ – "ରଙ୍ଗସବୁ ଫୁଲରୁ ବାହାରିଆସି ପ୍ରଜାପତିପରି ବଗିଚାରେ ଉଡ଼ିବୁଲୁଛନ୍ତି।" ବାକ୍ୟଟି ମିଥ୍ୟା ଏବଂ ଅର୍ଥପ୍ରକାଶକାରୀ ହେବ। 'ସତ ନୁହେଁ କିମ୍ବା ମିଛ ନୁହେଁ'ର ଅର୍ଦ୍ଧ-ସତ୍ୟ ଅନୁଭୂତିସିଦ୍ଧ ଏବଂ ବିଜ୍ଞାନସମ୍ମତ ସିନା, ହେଲେ ଗାଣିତିକ ସୂତ୍ର ଓ ପାରମ୍ପରିକ ତର୍କଶାସ୍ତ୍ରର ପ୍ରୟୋଗଶାଳାରେ ଏହା ଅର୍ଥପ୍ରକାଶକାରୀ ନୁହେଁ। ଆଶ୍ଚର୍ଯ୍ୟର କଥା – neither true nor false କୁ ନେଇ ଯେଉଁ ତର୍କ-ସିଦ୍ଧାନ୍ତ, ତାହା 'ବ୍ରହ୍ମସୂତ୍ର'ର ରଚୟିତା ବାଦରାୟଣ ଖ୍ରୀଷ୍ଟପୂର୍ବ ୨୦୦ରେ ଚିନ୍ତା କରିପାରିଥିଲେ। ଆଜିର ଫଜି ସେଟ୍ ଥିଓରୀ ଏବଂ ଫଜି ଲଜିକ୍ ଏହାର ଖୁବ୍ ପାଖାପାଖି। ଇଂରାଜୀରେ ଫଜି ଲଜିକ୍‌ର ବ୍ୟାଖ୍ୟା ଏହିପରି:

> A form of reasoning derived from fuzzy set theory, whereby a truth value need not be exactly zero (false) or one (true), but rather can be zero, one, or or any value in between.

ଉତ୍ତର ଆଧୁନିକ ଯୁଗର ଚିନ୍ତାନାୟକମାନେ କହନ୍ତି: ଚରମ କିମ୍ବା ପରମ ସତ୍ୟ ବୋଲି କିଛି ନାହିଁ। ସତ୍ୟ ଆପେକ୍ଷିକ। ବାଦରାୟଣଙ୍କର ବ୍ରହ୍ମସୂତ୍ର ଗୋଟିଏ ପାଦ ଆଗରେ ଅଛି। ଅଦ୍ୱୈତ ବେଦାନ୍ତର ଏହି ସୂତ୍ରସବୁ ସତ୍ୟର ଆପେକ୍ଷିକତାକୁ ସ୍ୱୀକାର କରିବା ସହ ତାର ପରିପ୍ରକାଶ ଓ ଆପେକ୍ଷିକତାର ମାପକଭାବେ ଚରମ ସତ୍ୟ 'ବ୍ରହ୍ମ'ର ଅବତାରଣା କରିଛି। ଜୀବନ କେତେ ସତ ଅଥବା କେତେ ମିଛ, ତାର ଯଥାର୍ଥ ପ୍ରତିପାଦ୍ୟ (reference point) ହିଁ 'ବ୍ରହ୍ମ'। କୌଣସି ଅନୁଭୂତି ବ୍ରହ୍ମ ଚେତନାର ଯେତିକି ନିକଟତର, ତାହା ସେତିକି ମାତ୍ରାରେ ସତ ବୋଲି ବୁଝିବାକୁ ହେବ। ପ୍ରାୟ ୯୦୦ ବର୍ଷ ପରେ ଆଦିଶଙ୍କରାଚାର୍ଯ୍ୟ 'ବ୍ରହ୍ମସୂତ୍ର'ର ଟୀକା (commentary) ଲେଖିଲେ। ମାତ୍ର ୩୨ ବର୍ଷ ପାଇଁ ସଂସାରକୁ ଆସିଥିବା ଏହି ମହାନ ବ୍ୟକ୍ତି ତାଙ୍କ 'ବ୍ରହ୍ମସୂତ୍ର ଭାଷ୍ୟ'ରେ ନିଜ ଜୀବନର ଅନୁଭୂତିରୁ ସାଧାରଣ ଲୋକ ବୁଝିଲା ଭଳି ବହୁ ସୁନ୍ଦର ଉଦାହରଣମାନ ଦେଇଛନ୍ତି। ଏପରିକି 'ବ୍ରହ୍ମସୂତ୍ର ଭାଷ୍ୟ'କୁ ଅଦ୍ୱୈତ ବେଦାନ୍ତର ମୂଳ ଲେଖା ଭାବେ ବୁଦ୍ଧିଜୀବୀମାନେ ଗ୍ରହଣ କରି ନେଇଛନ୍ତି। ଏହି ପ୍ରବନ୍ଧର ଆରମ୍ଭରେ କେତେକ ଉଦାହରଣ ଓ ଅବଧାରଣାର ଅବତାରଣା କରି ଅଦ୍ୱୈତ ବେଦାନ୍ତର ରୂପରେଖ ଅବଲମ୍ବନରେ ଜୀବନ କେତେ ସତ ଓ କେତେ ମିଛ, ତାହା ପରଖିବାକୁ ଚେଷ୍ଟା କରୁଛି।

ସାଧାରଣ ଦୈନନ୍ଦିନ ଜୀବନରେ ଅଦ୍ୱୈତ ଦୃଷ୍ଟିଭଙ୍ଗୀର ଗୁରୁତ୍ୱ ପ୍ରସଙ୍ଗରେ କିଛି ଆଲୋଚନା କରିବା ପୂର୍ବରୁ ଅଦ୍ୱୈତ ଦର୍ଶନର ମୂଳ ତତ୍ତ୍ୱଟିକୁ ବୁଝିବାକୁ ହେବ। 'ବ୍ରହ୍ମ' ହିଁ ଏକମାତ୍ର ଚରମ ସତ୍ୟ, ଯାହା ସର୍ବବ୍ୟାପୀ ସତ୍-ଚିତ୍-ଆନନ୍ଦମୟ ସତ୍ତା। ସତ୍ୟ-ଚେତନା-ଆନନ୍ଦ (truth-consciousness-bliss)ର ଅଦ୍ୱୈତ, ଅପାର, ଅବିଭକ୍ତ, ଏକକ, ସର୍ବବିଦ୍ୟମାନ ସତ୍ତା। ବୃକ୍ଷଲତା, ଜୀବଜନ୍ତୁ, ଗ୍ରହନକ୍ଷତ୍ର ସହ ବସ୍ତୁ ସମୂହ ତଥା ବ୍ୟବହାରିକ ଜଗତର ବିଭେଦତା-ବିଶେଷତା ଥିବା ବ୍ରହ୍ମାଣ୍ଡକୁ 'ମାୟା' ଭାବେ ଅଭିହିତ କରାଯାଇଛି। ମାୟାର ଅନ୍ୟନାମ କାହିଁକି ଅନିର୍ବଚନୀୟ, ଅବିଦ୍ୟା, ନାମ-ରୂପ, ମୂଳ ପ୍ରକୃତି, ଅକ୍ଷର, ଇତ୍ୟାଦି – ତାହା ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରିବା।

ସାଧାରଣ ଅର୍ଥରେ 'ମାୟା'କୁ ଇନ୍ଦ୍ରଜାଲ, କୁହୁକ, ପ୍ରହେଳିକା, ଓ ଭ୍ରମ ଭାବେ ବୁଝିବାକୁ ହେବ। ଯେଉଁ ଜଗତରେ ଆମେ ବଞ୍ଚିରହୁ, ପଞ୍ଚ ଇନ୍ଦ୍ରିୟରେ ଅନୁଭବ କରୁ, ତାହାକୁ ପ୍ରହେଳିକାମୟ ଐନ୍ଦ୍ରଜାଲିକ କହିବାର ତାତ୍ପର୍ଯ୍ୟ ହୃଦୟଙ୍ଗମ ନକରିବା ଯାଏଁ ଅଦ୍ୱୈତ ଭାବଧାରା ଅନ୍ତର୍ନିହିତ ହୋଇପାରିବ ନାହିଁ।

ପ୍ରଥମତଃ, ଅଦ୍ୱୈତ ସଂପର୍କରେ ଆଦିଶଙ୍କରାଚାର୍ଯ୍ୟଙ୍କର ବହୁ ଲୋକପ୍ରିୟ "ବ୍ରହ୍ମ ସତ୍ୟ, ଜଗତ ମିଥ୍ୟା" ଆପ୍ତବାକ୍ୟଟିକୁ ଅନୁଶୀଳନ କରିବା। ଉଦାହରଣ ସ୍ୱରୂପ, ଆଖି ଖରାପଥିବା ଲୋକ ଖାଲି ଆଖିରେ ବହି ପଢିପାରେ ନାହିଁ। ଉପଯୁକ୍ତ ଚଷମା ପିନ୍ଧିବା ପରେ ସେ ପ୍ରାଞ୍ଜଳଭାବେ ବହିଟି ପଢିପାରେ। ବହିର ଭାବରେ ମଜ୍ଜିଗଲାବେଳେ ସେ ଚଷମା ପିନ୍ଧିଛି ବୋଲି ଭୁଲିଯାଏ। ଏଠାରେ ମାୟା ସ୍ୱରୂପ ଜଗତକୁ ଚଷମା ସହ, ଏବଂ ବହିର ଭାବକୁ ବ୍ରହ୍ମ ସହ ତୁଳନା କରାଯାଇପାରେ। 'ଚଷମାଟି ଅଛି।' – ଏହି ବାକ୍ୟଟି ସତ୍ୟ ନୁହେଁ ଅଥବା ମିଥ୍ୟା ମଧ୍ୟ ନୁହେଁ। ସତ୍ୟ ନୁହେଁ ଏଇଥିପାଇଁ ଯେ, ବହି ପଢୁଥିବା ଲୋକ ଚଷମାଟିକୁ ପୂରାପୂରି ଭୁଲି ଯାଇଛି। ମିଥ୍ୟା ନୁହେଁ, କାରଣ ଚଷମା ନଥିଲେ ସେ ବହି ପଢି ଭାବରେ ମଜ୍ଜି ପାରନ୍ତା ନାହିଁ। (Mohanty: 1995) ଶଙ୍କରଙ୍କର ସର୍ପ-ରଜ୍ଜୁ-ଭ୍ରମ ଠିକ୍ ଏହିପରି। ଦଉଡ଼ି ଉପରେ ଗୋଡ଼ ପକାଇ ଜଣେ ସାପ ବୋଲି ଚିତ୍କାର କରୁଛି। ଯେ ପର୍ଯ୍ୟନ୍ତ ତାହା ଦଉଡ଼ି ବୋଲି ସେ ଜାଣିନାହିଁ, ତା ପାଇଁ ତାହା ଏକ ସର୍ପ। 'ଏହା ଏକ ସର୍ପ' ବକ୍ୟଟି ସତ୍ୟ ନୁହେଁ ଅଥବା ମିଥ୍ୟା ମଧ୍ୟ ନୁହେଁ। ସତ୍ୟ ନୁହେଁ କାରଣ ତାହା ଦଂଶନ କଲାନାହିଁ। ମିଥ୍ୟା ନୁହେଁ କାରଣ ସାପ ଉପରେ ଗୋଡ଼ ପକାଇଲେ ଯେଉଁ ମାନସିକ ଅବସ୍ଥା ସୃଷ୍ଟି ହେବା କଥା, ତାହା ଲୋକଟି ପାଖରେ ପ୍ରକଟିତ ହେଉଛି। ସର୍ପର ଭ୍ରମ ଶୂନ୍ୟରୁ ସୃଷ୍ଟି ହେଉନାହିଁ। ଦଉଡ଼ିଟି ଗୋଟିଏ ବସ୍ତୁ, କେବଳ ଭିନ୍ନ ରୂପରେ ଦୃଶ୍ୟମାନ ହେଉଛି। ସେଥିପାଇଁ ମାୟା ବ୍ରହ୍ମର ଗୋଟିଏ ରୂପ, ହୋଇପାରେ ଏହା ଭ୍ରମାତ୍ମକ। ଗୋଟିଏ ହଲୋଗ୍ରାଫିକ୍ ଛବିପରି ଏଇ ବ୍ରହ୍ମାଣ୍ଡ। ଛବିଟିକୁ ହାତରେ ଧରି ଗୋଟିଏ କଣରୁ ଦେଖିଲେ ମାୟା ଓ ମଝିରୁ ଦେଖିଲେ ବ୍ରହ୍ମ – କେବଳ ଦୃଷ୍ଟିକୋଣ ଓ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ।

ବ୍ରହ୍ମଜ୍ଞାନୀ ଗଛ-ବୃଛଠାରୁ ଆରମ୍ଭକରି କୀଟ-ପତଙ୍ଗ ପର୍ଯ୍ୟନ୍ତ ଯାହାକୁ ଦେଖିଲେ ବ୍ରହ୍ମାନନ୍ଦରେ ମଜ୍ଜିଯାଏ, ଫଳରେ ବିଭିନ୍ନ ନାମରୂପ (names and forms)ର ଜଗତଟି ଚଷମା କାଚ ଭଳି ତା ନିକଟରେ ସ୍ୱଚ୍ଛ ହୋଇଉଠେ, ଏବଂ ବ୍ରହ୍ମ ଚେତନାର ଏକ ଅପୂର୍ବ ଆନନ୍ଦମୟ ସତ୍ତାକୁ ତାର ଉତ୍ତରଣ ଘଟେ। ଯାହା ଜୀବନରେ ଏହି ଉତ୍ତରଣର ଅନୁଭୂତି ଆସିନାହିଁ, ତା ପାଇଁ "ବ୍ରହ୍ମ ସତ୍ୟ, ଜଗତ ମିଥ୍ୟା" ଆପ୍ତବାକ୍ୟଟିର କୌଣସି ଯଥାର୍ଥତା ରହିବ ନାହିଁ। 'ଜଗତ' ସତ୍ୟ ଏବଂ 'ବ୍ରହ୍ମ' ଏକ କପୋଳକଳ୍ପିତ ଅବଧାରଣା (concept) ବୋଲି ସେ ଭାବିବସିବ।

## ସାଧାରଣ ଜୀବନରେ ଉତ୍ତରଣର ଅନୁଭୂତି: କର୍ମଯୋଗ

ଅନେକଙ୍କ ମତରେ ଏହି ଉତ୍ତରଣ (transcendence) ସଂପର୍କରେ ଶିକ୍ଷାଦାନ କରିହେବ ନାହିଁ – ଏହା ସଂସ୍କାର ଓ ପୂର୍ବଜନ୍ମ ପ୍ରାରବ୍ଧର ଫଳପ୍ରସୂ। ମୁଁ ଏଥିରେ ସଂପୂର୍ଣ୍ଣ ଏକମତ ନୁହେଁ। ଜଣେ ସାଧାରଣ ଲୋକ ଜୀବନରେ ଆନନ୍ଦମୟ ସତ୍ତାକୁ ଏହି ଉତ୍ତରଣ ସଙ୍ଗଠିତ ହେଉଥାଏ, ଅଥଚ ବ୍ୟକ୍ତି ସେ ସମ୍ପର୍କରେ ସଚେତନ ହୁଏନାହିଁ। ଏଥିପ୍ରତି ସାଧାରଣ ମଣିଷଟିଏ ସଚେତନ ହେଲେ ସେହି ଉତ୍ତରଣର ଦିଗ ପ୍ରଶସ୍ତ ଓ ସୁଗମ ହୋଇ ଧୀରେ ଧୀରେ ବ୍ରହ୍ମାନନ୍ଦ ଆଡ଼କୁ ପ୍ରସରିଯିବ।

ଥରେ ଜଣେ ନର୍ତ୍ତକୀ ଗୀତଗୋବିନ୍ଦ ପରିବେଷଣ କରୁଥିଲେ। ପ୍ରତ୍ୟେକ ମୁହୂର୍ତ୍ତରେ ସୃଷ୍ଟି ହେଉଥିବା ତାଙ୍କର ଶାରୀରିକ ଭାଷା ଗୋଟିଏ ଗୋଟିଏ ବାକ୍ୟ ପରି, ଯାହା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ମୁଦ୍ରାସବୁର ସମନ୍ୱୟ। ସଂଗୀତ ଓ ବାଦ୍ୟସହ ମୁହୂର୍ମୁହୂ ତାଙ୍କର ପରିବର୍ତ୍ତନଶୀଳ ଶାରୀରିକ ଭାଷାର ସାମଗ୍ରିକତାକୁ ମନରେ ଆଙ୍କିଲେ ରସୋପଲବ୍ଧି କରିହେବ, ଏବଂ ଦର୍ଶକ ଅବଲୀଳାକ୍ରମେ ଏକ ଅଭିପ୍ରେତ ଭାବକୁ ପ୍ରାପ୍ତ ହୋଇଯିବ। ଦେଖାଗଲା କିଛି ଦର୍ଶକଙ୍କର ଦୃଷ୍ଟି ରୂପସୀ ନର୍ତ୍ତକୀଙ୍କର ବକ୍ଷଦେଶରେ, କିମ୍ବା କଟୀଦେଶରେ, ଅଥବା ଚକ୍ଷୁଯୁଗଳରେ ଲାଖିରହିଲା। ଏହି ପରିପ୍ରେକ୍ଷୀରେ ମାୟାରୂପିଣୀ ନର୍ତ୍ତକୀଙ୍କର ଶରୀର ସ୍ୱଚ୍ଛତାରହିତ ହୋଇଯିବା ସ୍ୱାଭାବିକ। ଯେପରି ବହି ପଢୁ ପଢୁ ଚଷମାକାଚ ଧୂଆଁଳିଆ (foggy) ହୋଇଗଲେ କିମ୍ବା କାଚ ଉପରେ କିଛି ଲାଖିଗଲେ, ବହିର ଭାବରୁ ଆମର ବିଚ୍ୟୁତିଘଟେ ଏବଂ ଆମେ ଚଷମା କାଢି କାଚଟିକୁ ପୋଛି ଦେଇଥାଉ। ନର୍ତ୍ତକୀଙ୍କର ଶରୀର ସେହିପରି ମେଦବହୁଳ ଅସ୍ୱଚ୍ଛ ମାଧ୍ୟମ ହୋଇଯାଏ। ଅଦ୍ୱୈତ ଭାବଧାରାରେ ଏହି ବ୍ୟକ୍ତିବିଶେଷଙ୍କ ପାଇଁ "ଜଗତ ସତ୍ୟ ଓ ବ୍ରହ୍ମ ମିଥ୍ୟା" ହୋଇପାରେ।

ଉଦଉହରଣ ସ୍ୱରୂପ, ମୁଁ ବର୍ତ୍ତମାନ କମ୍ପ୍ୟୁଟରରେ ଟାଇପ୍ କରୁଛି। ମୋ ଆଙ୍ଗୁଠିଗୁଡ଼ିକ ଅବାଧରେ କି-ବୋର୍ଡ ଉପରେ ଚଳଚଞ୍ଚଳ ହୋଇଉଠୁଛି, କାରଣ ମୁଁ ଆଖିବୁଜି ଟାଇପ୍ କରିପାରେ। ଚିନ୍ତାଧାରାରେ ମଗ୍ନରହି ଲେଖିଲାବେଳେ ମୁଁ କି-ବୋର୍ଡକୁ ପ୍ରାୟତଃ ଭୁଲିଯାଉଛି। ମୋର ଭାବନା ଓ ଲେଖାମଧ୍ୟରେ କମ୍ପ୍ୟୁଟର୍ ବାଧକଭାବେ ଠିଆହେଉ ନାହିଁ। ଅକ୍ଷର କେତୋଟି ଶବ୍ଦ ତିଆରି କରୁଛି – ଶବ୍ଦ ପାଖରେ ପହଞ୍ଚିଲା ବେଳକୁ ଅକ୍ଷର ଭୁଲିଯାଉଛି। ବକ୍ୟଟିଏ ତିଆରି ହେଲାବେଳେ ଅର୍ଥପାଖରେ ପହଞ୍ଚିଯାଉଛି, ଅଥଚ ବାକ୍ୟରେ ଥିବା ଶବ୍ଦଗୁଡ଼ିକର ଭିନ୍ନ ଭିନ୍ନ ଅଭିଧାର୍ଥ ଓ ବାସ୍ତବ ରୂପ ମୋ ଚିନ୍ତାରାଜ୍ୟରୁ ଦୂରେଇଯାଉଛି ଅଥବା ବିସ୍ମୃତ ହୋଇଯାଉଛି। ଉତ୍ତରଣ ଏକ ଗତିଶୀଳ ପ୍ରକ୍ରିୟା, ଯାହା ବ୍ରହ୍ମାନନ୍ଦରେ ସମାହିତ ହୋଇଯାଏ। ସଂସ୍କୃତ ଭାଷାରେ ଚୈରବତି (move on) ଶବ୍ଦଟି ଏହି ଭାବାର୍ଥକୁ ପ୍ରକାଶ କରିବାରେ ସମର୍ଥ ହୋଇପାରେ ଅଥବା ଏହାର ଖୁବ୍ ପାଖାପାଖି। ଅନ୍ୟତ୍ର ଏହି ଉତ୍ତରଣ ପ୍ରକ୍ରିୟାକୁ ମୁଁ ଇଂରାଜୀରେ ଯେପରି ଲେଖିଥିଲି ତାହା ଉଲ୍ଲେଖଯୋଗ୍ୟ ମନେହୁଏ।

> Now I am writing this article on my computer. My hand freely moves on the keyboard as I have acquired the skills of typing blindfold. When I am engrossed in thought and am typing, I am oblivious of the keyboard. As soon as the letters make words, I transcend the letters; when the sentence is complete, I rest in the meaning, and the combination of words, the facticity of the sentence is lost. Wittgenstein rightly claims that the meaning of a sentence stays outside the sentence. x x x What I emphasize is that spirituality is all about this process of transcendence which makes its progressive advance in one's life (*chareibati*). (Mohanty: 2017: p.215)

ସେହିପରି ଗିଟାର୍ ଓ ଗୀତଗାଇବାରେ ଦକ୍ଷତା ହାସଲ କରିଥିବା ଜଣେ ଗାୟକ ଯେତେବଳେ ଗିଟାର୍ ବଜାଇ ଗୀତଗାଆନ୍ତି ସେ ଭୁଲିଯାଆନ୍ତି ଯେ, ସେ ଗିଟାର୍‌ଟିଏ ହାତରେ ଧରିଛନ୍ତି – ଆପେ ଆପେ ସବୁକିଛି ସଙ୍ଗଠିତ ହେଉଥାଏ। ମୋ ନିଜର କବିତାରୁ କେଇଧାଡ଼ି ମନେ ପଡୁଛି।

> ମୁଁ ଯେମିତି ମୋଡ଼କାଟି ଚାଲିଯାଉଅଛି
> ଗୀତଠାରୁ ଗୀତହୀନ ତାଳକୁ ଓ
> ତାଳଠାରୁ ଶବ୍ଦହୀନ ଲୟ ଭିତରକୁ...
> କେଉଁ ଲୟ ନେଇ ମୁଁ ଫୁଲଗଛ ସହ ଦୋହଲୁଛି ଯେ,
> ସେ ମତେ ଭେଟ କରାଇଦେବ ମୋ ସହ ହଜିଥିବା ମୁହୂର୍ତ୍ତଗୁଡ଼ିକୁ
> (ଶ୍ରୀକାନ୍ତ ମହାନ୍ତି, ୨୦୦୫, 'ବର୍ଣ୍ଣବୋଧର ଅବୋଧ ବାଳକ', ସାହିତ୍ୟ ଏକାଦେମି ପ୍ରକାଶିତ କବିତା ସଂକଳନ "ଶ୍ରେଷ୍ଠ କବିତା")

ପ୍ରଥମତଃ ଶବ୍ଦର ଉତ୍ତରଣ ତାଳକୁ, ତାଳର ଉତ୍ତରଣ ଲୟ (ଶବ୍ଦହୀନ ତାଳ)କୁ, ଓ ଲୟର ଉତ୍ତରଣ ବ୍ରହ୍ମାନନ୍ଦକୁ। ନିଷ୍ଠାର ସହ ଜୀବନରେ କାର୍ଯ୍ୟ ସଂପାଦନ କରୁଥିବା ଲୋକଟି ପାଖରେ ଏହି ଚୈରୈବତି ପ୍ରକ୍ରିୟା ସବୁ ମୁହୂର୍ତ୍ତରେ ଘଟି ଚାଲୁଥାଏ। ଯିଏ ଯେଉଁ କର୍ମସଂସ୍ଥାନ (station of life)ରେ ଅବସ୍ଥାପିତ, ତାର ପ୍ରୟୋଗାତ୍ମକ ଓ କଳାତ୍ମକ ବିକାଶ ନଘଟିବା ଯାଏଁ ନିଜ କର୍ମରୁ ଆନନ୍ଦ ମିଳିବ ନାହିଁ। ଅନ୍ୟ ଭାଷାରେ, କର୍ମ-କୌଶଳତା ନ ଆସିବା ଯାଏଁ କାର୍ଯ୍ୟଟି ଆନନ୍ଦଦାୟକ ହେବନାହିଁ। ଜଣେ ରାଜମିସ୍ତ୍ରୀର 'କରଣି', ସ୍ଥପତିର 'ନିହାଣମୁଗୁର' ଯେତେବେଳେ ତାଙ୍କ ବୋଲମାନେ, ସେ ଚାରୁକଳାରେ ଲିପ୍ତରହି ଚଷମା ପରି ହସ୍ତ ଯନ୍ତ୍ରଗୁଡ଼ିକୁ ଭୁଲିଯାଆନ୍ତି। ଭକ୍ତକବି ମଧୁସୂଦନ ଯଥାର୍ଥରେ ଲେଖିଥିଲେ: "ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି, ଏ' ସୃଷ୍ଟି ଅମୃତମୟ ହେ।"

## ନେତି ନେତି: ଜ୍ଞାନଯୋଗ

ଶିକ୍ଷା ଓ ବଞ୍ଚିବାର କଳାକୌଶଳର ପ୍ରଶିକ୍ଷଣ କିପରି କର୍ମଯୋଗୀକୁ ଆନନ୍ଦମୟ ଜୀବନଯାପନ କରିବାରେ ସାହାଯ୍ୟ କରେ ତାହା ଆଲୋଚିତ ହୋଇସାରିଛି। ଏବେ ବ୍ରହ୍ମାନନ୍ଦର ଦ୍ୱିତୀୟ ଦିଗ ଉପରେ ଆଲୋକପାତ କରିବା। 'ନେତ ନେତି'କୁ ଏକ ମନ୍ତ୍ରଭାବରେ ବାରମ୍ବାର ଉଚ୍ଚାରଣ କରାଯାଏ। ଶଙ୍କରାଚାର୍ଯ୍ୟ ନିଜ ଜୀବନରେ ଏହାର ପ୍ରୟୋଗ କରିଛନ୍ତି। ଏହାର ଅର୍ଥ – "ଏହା ନୁହେଁ, ତାହା ମଧ୍ୟ ନୁହେଁ (neither this, nor that)।" "ନ ଇତି = ନେତି" (not so) ଅର୍ଥାତ୍ ମାୟା-ଜଗତର କେହି ତାଙ୍କପରି (ବ୍ରହ୍ମପରି) ନୁହନ୍ତି। ଯାହା ବ୍ରହ୍ମ ନୁହେଁ, ତାକୁ ଜ୍ଞାନଯାଗୀ ନାହିଁ ନାହିଁ କରେ। ଏହି 'ନାହିଁ ନାହିଁ'ର ଗର୍ଭକୁଣ୍ଡଳି ଭିତରକୁ ଧୀରେଧୀରେ ପ୍ରବେଶକରି ସେ ତଥାକଥିତ ସାଂସାରିକ ଜୀବନଠାରୁ ଅପସରି ଯାଏ। ବ୍ରହ୍ମ ଅବର୍ଣ୍ଣନୀୟ। ଏହି ମନ୍ତ୍ରର ବାରାମ୍ବାର ଉଚ୍ଚାରଣରେ ଏକ ଅବର୍ଣ୍ଣନୀୟ ଭାବସତ୍ତାକୁ ତାର ଉତ୍ତରଣ ଘଟେ। ନାମରୂପ, ଶରୀର, ତର୍କ-ବୁଦ୍ଧି, ଇନ୍ଦ୍ରିୟାନୁଭୂତି, ଏବଂ ଯାହାକିଛି ସୀମିତ – ସେ ସବୁକୁ ଆଗ୍ରାହ୍ୟ କରିବାପରେ ଜ୍ଞାନଯାଗୀ ଯେଉଁ ଚୈତନ୍ୟକୁ ପ୍ରାପ୍ତହୁଏ, ତାହା ହିଁ ବ୍ରହ୍ମ।

> Through this gradual process he negates the mind and transcends all worldly experiences that are negated till nothing remains but the self. He attains union with the absolute (Brahman) by denying the body, names, forms, intellect, senses, and all limiting adjuncts and discovers what remains, the true 'I' alone. (Vishnu Devanand: 1999:119)

ବୁଦ୍ଧି (intellect)କୁ ନାହିଁ-ନାହିଁ କରିବାର ତର୍କସିଦ୍ଧ ମାର୍ଗ ସଂପର୍କରେ ଟିକିଏ ପରେ ଆଲୋଚନା କରିବା। କେତେକଙ୍କ ମତରେ ଅନିର୍ବଚନୀୟ ବ୍ରହ୍ମକୁ କେବଳ ନାହିଁ-ନାହିଁରେ ବର୍ଣ୍ଣନାକରି ତ'ାର ପ୍ରଶସ୍ତି ଗାନକରି ହେବ।

> L.C. Beckett in his book ' Neti, Neti' has rightly said that the *neti neti* is an expression of something inexpressible. It expresses the 'such-ness' (the essence) which it refers to when no other definition applies to it. (Cited by Somov: 2010: 34)

ଶଙ୍କରାଚଚାର୍ଯ୍ୟଙ୍କର ଗୁରୁଙ୍କ ନାମ ଗୋବିନ୍ଦ। ଗୋବିନ୍ଦଙ୍କ ଗୁରୁ ଗୌଡ଼ପାଦ। ଷଷ୍ଠ ଶତାବ୍ଦୀରେ ତାଙ୍କର ଜନ୍ମ। ମଣ୍ଡୁକ ଉପନିଷଦର ବ୍ୟାଖ୍ୟାକାର ଭାବେ 'ମଣ୍ଡୁକ୍ୟ କାରିକା'ର ରଚୟିତା ଭାବେ ଗୌଡ଼ପାଦ ଖ୍ୟାତି ଅର୍ଜନ କରିଛନ୍ତି। ଏହି କାରିକାରେ ସେ ନେତି-ନେତିର ଉଲ୍ଲେଖ କରିଛନ୍ତି। ଅଦ୍ୱୈତ ବେଦାନ୍ତକୁ ଯୁକ୍ତିଯୁକ୍ତ, ପଦ୍ଧତିଗତ, ଓ ପ୍ରଣାଳୀବଦ୍ଧ ଭାବେ ଗୌଡ଼ପାଦ ହିଁ ପ୍ରଥମେ ଲୋକଲୋଚନକୁ ଆଣିଥିଲେ। ଅବଧୂତ ଗୀତାରେ ମଧ୍ୟ ନେତି-ନେତି ମନ୍ତ୍ରର ଆଲୋଚନା କରାଯାଇଛି।

ମୋର କହିବା କଥା: ଜଗତକୁ ନବୁଝିବା ଯାଏଁ – ଜୀବନର କଳାକୌଶଳ ହାସଲ କରି, ବୁଝି – ଜୀବନ ନ ଜୀଇଁବା ଯାଏଁ, କାହାକୁ ନେତି-ନେତି କରିବା ? ଉପର ପାହାଚକୁ ଚଢ଼ିବାକୁ ହେଲେ ତଳ ପାହାଚରେ ଗୋଟିଏ ଗୋଡ଼ ଦୃଢ଼ଭାବେ ରହିବା ଆବଶ୍ୟକ।

ବେଦ ଓ ଉପନିଷଦମାନଙ୍କରେ ଜୀବନର ଚାରୋଟି ସୋପାନ ବିଷୟରେ କୁହାଯାଇଛି:

୧. ବ୍ରହ୍ମଚର୍ଯ୍ୟ (ଆତ୍ମ-ସଂଯମତା ରକ୍ଷାକରି ଶିକ୍ଷା ଓ ବଞ୍ଚିବାର କଳାକୌଶଳ ପ୍ରଶିକ୍ଷଣର କାଳଖଣ୍ଡ)
୨. ଗାର୍ହସ୍ଥ୍ୟ (ଦାମ୍ପତ୍ୟ ଜୀବନକୁ ପ୍ରବେଶ – ଶିକ୍ଷାଲାଭ କରିଥିବା ବଞ୍ଚିବାର କଳାକୌଶଳର ସଦୁପଯୋଗ ଓ ପ୍ରୟୋଗ)
୩. ବାନପ୍ରସ୍ଥ (ଅବସର, ଜୀବନାନୁଭୂତିର ପୁନର୍ବିଚାର ଓ ରୋମନ୍ଥନ)
୪. ସନ୍ନ୍ୟାସ (ନେତି-ନେତି କରିବାର ପ୍ରକୃଷ୍ଟ ସମୟ)। ଜୀବନର କଳାକୌଶଳ ଶିକ୍ଷାଲାଭ କରି କର୍ମଯୋଗ ନକଲେ, ଜ୍ଞାନଯୋଗର ମନ୍ତ୍ର (ନେତି-ନେତି) ଫଳପ୍ରସୂ ହେବନାହିଁ।

ପ୍ରାରମ୍ଭରେ ଶଙ୍କରଙ୍କର ଦାର୍ଶନିକ ସ୍ଥିତି ଭିନ୍ନ ଧରଣର ଥିଲା। କର୍ମଯୋଗ ଓ ଜ୍ଞାନଯୋଗ, ଆଲୋକ ଅନ୍ଧକାର ପରି ପରସ୍ପର ବିରୋଧୀ ଓ ବିପରୀତମୁଖୀବୋଲି ସେ ଭାବୁଥିଲେ। କର୍ମଯୋଗ ଓ ଜ୍ଞାନଯୋଗର ସମନ୍ୱୟ ସଂପର୍କରେ ତାଙ୍କର ଯେଉଁ ମତ ପରିବର୍ତ୍ତନ ହେଲା, ତା ପଛରେ ତାଙ୍କ ଜୀବନର ଗୋଟିଏ ବିଶିଷ୍ଟ ଉପାଖ୍ୟାନ ଅଛି, ଯାହା ଚିତ୍ତାକର୍ଷକ ଓ କୌତୁହଳଜନକ।

ଷଷ୍ଠ ଶତାବ୍ଦୀ ବେଳକୁ ଭାରତବର୍ଷରେ ବୌଦ୍ଧବାଦ ଓ ମୀମାଂସା ଦର୍ଶନ ସମାନ୍ତରଭାବେ ପ୍ରଭାବ ବିସ୍ତାର କରିଥିଲା। ବେଦ ଓ ଉପନିଷଦରେ ଥିବା ରୀତିନୀତି, ବିଧିବିଧାନ, ନିଷେଧାଦେଶ ଓ ଅନୁଜ୍ଞାଗୁଡ଼ିକ ପ୍ରତି ମୈମାଂସିକମାନେ ଅତ୍ୟଧିକ ଆଶକ୍ତ ଥିବାରୁ ବୈଦିକ ଦର୍ଶନ ତତ୍ତ୍ୱର ଅବକ୍ଷୟ ଘଟୁଛି ବୋଲି ଶଙ୍କରଙ୍କର ହୃଦବୋଧ ହେଲା; ତେଣୁ ସେ ଅଦ୍ୱୈତ ଦର୍ଶନର ପୁନଃ ପ୍ରତିଷ୍ଠାପାଇଁ ତତ୍ପର ହୋଇଉଠିଲେ। ତାଙ୍କର ଜନ୍ମସ୍ଥାନ କେରଳରୁ ଉତ୍ତର ଭାରତ, ଏପରିକି ହିମାଳୟର ପାଦଦେଶ ପର୍ଯ୍ୟନ୍ତ ସେ ପାଦରେ ଚାଲି ଚାଲି ବୌଦ୍ଧବାଦ ଓ ମୈମାଂସିକ ଚିନ୍ତାଧାରାକୁ ବିଧିବଦ୍ଧଭାବେ ଆନୁଷ୍ଠାନିକ ତର୍କସଭାରେ ଖଣ୍ଡନକରି ଅନେକ ମୀମାଂସା ଓ ବୌଦ୍ଧପୀଠକୁ ଅଦ୍ୱୈତ ପୀଠରେ ପରିବର୍ତ୍ତିତ ଓ ରୂପାନ୍ତରିତ କଲେ। ଏହି ସମୟରେ ପ୍ରସିଦ୍ଧ ମୀମାଂସା ଦାର୍ଶନିକ କୁମାରିଲ ଭଟ୍ଟଙ୍କ ସହ ଆଲୋଚନା କରିବା ଉଦ୍ଦେଶ୍ୟରେ ସେ ତାଙ୍କୁ ପ୍ରୟାଗଠାରେ ଭେଟିବାକୁ ଗଲେ। ଅନ୍ୟ ପକ୍ଷରେ, କୁମାରିଲ ଯେଉଁ ବୌଦ୍ଧ ଦାର୍ଶନିକଙ୍କୁ ଗୁରୁ ବୋଲି ଗ୍ରହଣ କରିଥିଲେ, ସେ ଗୁରୁଙ୍କ ପ୍ରତି କପଟ ଆଚରଣ କରିଛନ୍ତି ବୋଲି ତାଙ୍କ ମନକୁ ଏକ ପାପବୋଧ ଗ୍ରାସକଲା। ସେ ଗୁରୁଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣକରିଥିଲେ ସତ, କିନ୍ତୁ ବୌଦ୍ଧଧର୍ମ ଶିକ୍ଷାକରି ସେ ତାହାକୁ କିପରି ଖଣ୍ଡନକରିବେ – ଏହାଥିଲା ତାଙ୍କର ଗୋପନୀୟ ଉଦ୍ଦେଶ୍ୟ। ଶଙ୍କର ତାଙ୍କ ପାଖରେ ପହଞ୍ଚିଲା ବେଳକୁ ଦେଖିଲେ – ଗୁରୁଙ୍କଠାରେ ଅନ୍ୟାୟ କରିଥିବାରୁ କୁମାରିଲ ଅନୁତପ୍ତ ହୋଇ ପ୍ରାୟଶ୍ଚିତ କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। କୁଣ୍ଡା (husk)ର ଗୋଟିଏ ସ୍ତୁପରେ ଅଗ୍ନି ସଂଯୋଗକରି ନିଜ ଗୋଡ଼ଦୁଇଟିକୁ କୁହୁଳୁଥିବା ନିଆଁରେ ଭର୍ତ୍ତିକରି ସେ ଆତ୍ମାହୂତି ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଶଙ୍କରଙ୍କ ଆଗମନ ଉଦ୍ଦେଶ୍ୟ ଜାଣିବାପରେ ସେ କହିଲେ: "ମୋର ତ ଶେଷ କାଳ ଆଗତ ପ୍ରାୟ। ବରଂ ତୁମେ ମହିଷ୍ମତି (ବର୍ତ୍ତମାନ ମଧ୍ୟପ୍ରଦେଶସ୍ଥିତ ମହେଶ୍ୱର) ଯାଅ ଏବଂ ସେଠାରେ ମୋ ଶିଷ୍ୟ ମଣ୍ଡନ ମିଶ୍ରଙ୍କ ସହ ଆନୁଷ୍ଠାନିକ ତର୍କ କର।"

ମଣ୍ଡନ ମିଶ୍ର ଏବଂ ତାଙ୍କ ସହଧର୍ମିଣୀ ଉଭୟ ଭାରତୀଙ୍କ ସମ୍ମତି କ୍ରମେ ଆନୁଷ୍ଠାନିକ ତର୍କ ଆରମ୍ଭହେଲା। ଏହି ତର୍କସଭାର ପରିଚାଳିକା ଓ ବିଚାରକ ଭାବେ ଉଭୟ ଭାରତୀଙ୍କୁ ନିଯୁକ୍ତ କରାଗଲା। ସର୍ତ୍ତ ଥିଲା – ଯଦି ମଣ୍ଡନ ମିଶ୍ର ହାରିଯାଆନ୍ତି, ସେ ଅଦ୍ୱୈତପନ୍ଥୀ ହେବେ ଓ ସନ୍ୟାସ ଗ୍ରହଣ କରିବେ। ଯଦି ଶଙ୍କର ହାରିଯାଆନ୍ତି, ତେବେ ସେ ମୈମାଂସିକ ହେବେ ଓ ମଣ୍ଡନ ମିଶ୍ରଙ୍କର ଶିଷ୍ୟତ୍ୱ ଗ୍ରହଣ କରିବେ। ଏହି ତର୍କ ୧୫ ଦିନ ଧରି ଚାଲିଲା। ମଣ୍ଡନ ମିଶ୍ର ଶେଷରେ ପରାଜୟ ସ୍ୱୀକାର କଲେ; କିନ୍ତୁ ପରିଚାଳିକା ତଥା ବିଚାରକ ଭାବେ କାର୍ଯ୍ୟ ତୁଲାଉଥିବା ତାଙ୍କ ପତ୍ନୀ ସ୍ୱାମୀଙ୍କର ପରାଜୟରେ ଏକମତ ହେଲେନାହିଁ। ସେ ଗୋଟିଏ ନୂଆ ସର୍ତ୍ତ ରଖିଲେ। ଶଙ୍କର ଯଦି ଉଭୟ ଭାରତୀଙ୍କ ପ୍ରଶ୍ନର ଉତ୍ତର ଦେଇପାରିବେ, ତେବେ ଯାଇ ମଣ୍ଡନ ମିଶ୍ରଙ୍କର ପରାଜୟ ସ୍ୱୀକୃତ ହେବ, ଅନ୍ୟଥା ଶଙ୍କର ପାରାଜିତ ହେଲେ ବୋଲି ବୁଝିବାକୁ ହେବ। ଏହି ସର୍ତ୍ତରେ ଶଙ୍କର ରାଜି ହୋଇଗଲେ।

ଭାରତୀ କାମସୂତ୍ର ଓ ଯୌନବିଜ୍ଞାନ ସଂପର୍କରେ କେତେକ ଜଟିଳ ପ୍ରଶ୍ନ ଶଙ୍କରଙ୍କୁ ପଚାରିଲେ। ଶଙ୍କର ଆଜନ୍ମ ସନ୍ୟାସୀ ହୋଇଥିବାରୁ କୌଣସି ପ୍ରଶ୍ନର ଉତ୍ତର ଦେଇପାରିଲେ ନାହିଁ। ଶେଷରେ ଉତ୍ତର ଦେବାପାଇଁ ଭାରତୀଙ୍କଠାରୁ କିଛି ସମୟ ଭିକ୍ଷାକଲେ। ସେ ପୁଣି ଫେରିବେ ଏବଂ ତାଙ୍କ ପ୍ରଶ୍ନର ଉତ୍ତର ଦେବେ ବୋଲି କହି ବିଦାୟ ନେଲେ।

ଦୈବାତକୁ ଯୁବକ ଅବସ୍ଥାରେ ଜଣେ ରାଜାଙ୍କର ମୃତ୍ୟୁହେଲା। ଶଙ୍କର ଯୋଗ ବଳରେ ମୃତ ରାଜାଙ୍କର କାୟାରେ ପ୍ରବେଶକଲେ। ରାଜା ଜୀବନ ଫେରିପାଇଲେ ବୋଲି ସମସ୍ତେ ଭାବିଲେ। ଶଙ୍କର ରାଣୀଙ୍କସହ ସହବାସ କରି ଶୃଙ୍ଗାର ରସ ଓ କାମସୂତ୍ର ସଂପର୍କୀୟ ଜ୍ଞାନ ଆହରଣକରି ନିଜ ଶରୀର ଭିତରକୁ ଫେରିଆସିଲେ।

ଏହାପରେ ଶଙ୍କର ଭାରତୀଙ୍କ ପାଖରେ ପହଞ୍ଚି ତାଙ୍କୁ କାମସୂତ୍ର ସମ୍ପର୍କରେ ପ୍ରଶ୍ନକରିବାକୁ କହିଲେ। ଭାରତୀ ଆଉ ଆଗକୁ ବଢ଼ିଲେ ନାହିଁ। ସେ ହୁଏତ ଜାଣିପାରିଥିଲେ ଯେ, ଶଙ୍କର ତାଙ୍କ ପ୍ରଶ୍ନର ସଠିକ ଉତ୍ତର ଦେଇପାରିବେ। ମଣ୍ଡନ ମିଶ୍ର ତର୍କଯୁଦ୍ଧରେ ପରାସ୍ତ ହେଲେ ବୋଲି ଭାରତୀ ସ୍ୱୀକାରକଲେ ଏବଂ ମଣ୍ଡନ ମିଶ୍ରଙ୍କୁ ସନ୍ୟାସ ଗ୍ରହଣକରିବାକୁ ଅନୁମତି ଦେଲେ। (Mahadevan: 1968)

ଏହି ଘଟଣା ପରେ ଶଙ୍କର କର୍ମଯୋଗର ପୁନର୍ବିଚାର କରି ବୁଝିପାରିଥିଲେ ଯେ, କୌଣସି କର୍ମରେ ଦକ୍ଷତା ହାସଲ ନକରି ତାହାକୁ ନେତି-ନେତି କରିହେବ ନାହିଁ। ଅଦ୍ୱୈତ ପନ୍ଥା ଗ୍ରହଣ କରିବାରେ ମଣ୍ଡନ ମିଶ୍ର ହୁଏତ ଶେଷ ମୈମାଂସିକ ଥିଲେ, ଯିଏ କି ଶଙ୍କରଙ୍କର ଅନୁଗାମୀ ହେଲେ ଏବଂ 'କର୍ମ-ଜ୍ଞାନ-ସମୁଚ୍ଚୟବାଦ'ର ମୁଖ୍ୟ ପ୍ରବକ୍ତା ଭାବେ ପ୍ରବଚନ ଦେବା ଆରମ୍ଭକଲେ।

> Mandana Mishra seems to be the last, who has regarded Mimansa and Vedanta as forming a single system and who has advocated"karma-jnaana-samuchchaya-vaada". (Sharma:1960: 211)

## ସସୀମ: ଅସୀମ

ଉଦାହରଣ ସ୍ୱରୂପ ଅସୀମ (infinite)କୁ ବୁଝିବା ଭାରି ସହଜ, ଅଥଚ ସସୀମ (finite)କୁ ବୁଝିବା ଆଦୌ ସହଜ ନୁହେଁ। ପିଲାଟିଏ ଯଦି 'ଅସୀମ' କ'ଣ ବୋଲି ପ୍ରଶ୍ନକରେ, ତାକୁ ବୁଝାଇବା ଭାରି ସହଜ: ଯଦି ଗୋଟିଏ ରକେଟ୍ ଶୂନ୍ୟରେ ଏକ ନିର୍ଦ୍ଦିଷ୍ଟ ଦିଗକୁ ଗତିକରେ, ତାହାକୁ ବାହ୍ୟ ଶକ୍ତି ବାଧା ନଦେବା ଯାଏଁ ସେ ସେହିପରି ଗତି କରୁଥିବ –

ରକେଟ୍‌ର ଗତି ଏବଂ ଆକାଶ, କେବେହେଲେ ସରିବନାହିଁ। ଧରିନିଆଯାଉ ଆକାଶ ସରିଯିବ (ଯାହା ଆଜିର 'ବ୍ଲାକ୍‌ହୋଲ୍' ଓ 'ବିଗ୍‌ବ୍ୟାଙ୍ଗ୍' ଥିଓରୀ କୁହେ)। ତା'ପରେ କ'ଣ ଥିବ? ପିଲାଟି ପ୍ରଶ୍ନ କରିବ। କୁହାଯିବ – ତାପରେ କିଛି ନଥିବ, ଏପରିକି ଶୂନ୍ୟ ମଧ୍ୟ ନଥିବ। କଥାଟିକୁ ବୁଝିବା ଏବଂ କଳ୍ପନା କରିବା ମଧ୍ୟ ସମ୍ଭବ ନୁହେଁ। ପିଲାଟି ଭାବିବ: ଆକାଶ ସରିଗଲେ ମଧ୍ୟ ତା'ପରେ କିଛି ତ ଥିବ – ନିଆଁ କି ପାଣି, ଯାହା ବି ଥିବ ତାହା କିଛି ଶୂନ୍ୟସ୍ଥାନ ଅଧିକାର କରିଥିବ। ତେଣୁ ଯାହା ସରେ ନାହିଁ, ତାହା ବୁଝିବା ଓ ବୁଝାଇବା ସହଜ, ଅଥଚ ସରିଯିବା କଥାଟି ବୁଝିବା ଓ ବୁଝାଇବାକୁ ହେଲେ ଜଣେ ହତବୁଦ୍ଧି ହେବା ସ୍ୱାଭାବିକ। ଆମ ଜଗତ/ସଂସାରରେ ଥିବା ପ୍ରତ୍ୟେକ ଜୀବ, ବୃକ୍ଷଲତା ବସ୍ତୁସମୂହ (world of finitude)କୁ ବୁଝିବା ଆହୁରି କଷ୍ଟ। ଏ କ୍ଷେତ୍ରରେ ବୁଦ୍ଧି (intellect)ଠାରେ ବୁଦ୍ଧିର ପ୍ରୟୋଗ ଓ ଶେଷରେ ବୁଦ୍ଧିର ପରାଜୟ ହୋଇଥାଏ। ଇଂରାଜୀରେ: Intellect is defeated through the application of intellect to itself. (Mohanty: 2010: 45-46)

ଏହି ସଂସାର ତଥା ଜଗତ, ସୀମିତର ସମାବେଶ ଅଟେ (world of finitude)। ସଂସାରକୁ ଏପରି ଦୃଷ୍ଟିରେ ଦେଖିଲେ, କେବଳ ଯେ ବୁଦ୍ଧି ହଜିଯାଏ, ତା ନୁହେଁ, ଆମେ ମୁଗ୍ଧ, ଚକିତ, ଏବଂ ପୁଲକିତ ମଧ୍ୟ ହୋଇଥାଉଁ। କେହି ଯାଦୁବିଦ୍ୟା ପ୍ରଦର୍ଶନ କରୁଥିବା ଦେଖିଲେ, ଯାହା ହୁଏ।

କାର୍ଯ୍ୟ-କାରଣ ସୂତ୍ର (law of causation)ର ପ୍ରୟୋଗରେ ମଧ୍ୟ ଆମେ ଜଗତକୁ ତଥା ସସୀମକୁ ତିଳେ ମାତ୍ର ବୁଝିପାରିବା ନାହିଁ। ଚିନି କାହିଁକି ମିଠାଲାଗେ? ଆଲୋକର ଗତି ଏପରି କାହିଁକି? ଗ୍ରହନକ୍ଷତ୍ରମାନଙ୍କର ମାଧ୍ୟାକର୍ଷଣ ଥାଏ କାହିକି? – ରସାୟନ ଓ ପଦାର୍ଥ ବିଜ୍ଞାନୀମାନେ ଯେତେ ପ୍ରକାର ପ୍ରତିରୂପ (model) ମାଧ୍ୟମରେ ବୁଝାଇଲେ ମଧ୍ୟ, ଆମେ ଶେଷରେ ପ୍ରଶ୍ନ କରିପାରିବା, "ଏପରି ହେଲେ, ସେପରି ହୁଏ କାହିଁକି?" ଏ କ୍ଷେତ୍ରରେ ବିଜ୍ଞାନୀମାନଙ୍କର ଉତ୍ତର ରହିବ – "ଏପରି ହୋଇଥାଏ।"

ତେଣୁ ସଂସାରକୁ ଦେଖି ସର୍ବଦା ମୁଗ୍ଧ-ଚକିତ-ପୁଲକିତ ହେଉଥିବା ଲୋକଟି ଯେଉଁ ମାନସିକ ସ୍ଥିତିରେ ଥାଏ ଅଥବା ଚେତନାର ଯେଉଁ ଅବସ୍ଥାକୁ ପ୍ରାପ୍ତ ହୋଇଯାଏ, ତାହାକୁ 'ଅନିର୍ବଚନୀୟ ସତ୍ତା' ବୋଲି କୁହାଯାଇ ପାରେ। (*ibid*) ଆଚରଣ ପ୍ରଯୁକ୍ତି ବିଜ୍ଞାନ (behavioral science)ରେ ଏପରି ମାନସିକ ସ୍ଥିତିକୁ 'ପ୍ରାକୃତିକ ସକରାତ୍ମକ ଶିଶୁ' (positive natural child)ର ଚେତନାବସ୍ଥା (ego state)ବୋଲି କୁହାଯାଏ। ସର୍ବଦା ଚଳଚଞ୍ଚଳ, ଉତ୍ସୁକ, ଓ ପୁଲକିତ ରହିବାର ଅବସ୍ଥା ଏହି ପ୍ରାକୃତିକ ଶିଶୁସୁଲଭ ଗୁଣ। ଜଣେ ପ୍ରାପ୍ତବୟସ୍କ ଏହି ଗୁଣଗୁଡ଼ିକୁ ନିଜଠାରେ ପ୍ରତିଫଳିତ କରାଇ କାର୍ଯ୍ୟରେ ଲିପ୍ତରହିଲେ ସେ ସହଜରେ ଶିକ୍ଷାଲାଭ କରେ ଏବଂ ତାର କାର୍ଯ୍ୟପନ୍ଥା ସରଳ ଓ ସୁଗମ ହେବାସହ ଆନନ୍ଦମୟ ହୋଇଥାଏ। (James and Jongeward: 1978)

## ନାମରୂପ: ଅକ୍ଷର

ସଂସାର ତଥା ମାୟାର ଅନ୍ୟନାମ 'ଅକ୍ଷର' ବା 'ନାମରୂପ'। 'ଅକ୍ଷର' (alphabet)ଶବ୍ଦଟି ଏଠାରେ ସାଧାରଣ ଅର୍ଥରେ ପ୍ରୟୋଗ କରାଯାଇଛି। ପ୍ରତ୍ୟେକ ଅକ୍ଷରର ଗୋଟିଏ ଗୋଟିଏ ନାଁ ଓ ଭିନ୍ନ ଭିନ୍ନ ଆକାର ଥାଏ। ଅକ୍ଷରଗୁଡ଼ିକର ନାଁ ସହ ତାଙ୍କ ଆକୃତି ତଥା ରୂପର କି ସଂପର୍କ – ତାହା କହିହେବ ନାହିଁ। ଏକାକ୍ଷରୀ ଶବ୍ଦକୁ ଛାଡ଼ିଦେଲେ ସେମାନଙ୍କର କୌଣସି ଅର୍ଥ ନଥାଏ। ଶବ୍ଦ ଏବଂ ବାକ୍ୟର ପ୍ରାସଙ୍ଗିକତାରେ ଅକ୍ଷର ବ୍ୟବହୃତ ହୁଏ। ଅନ୍ୟଥା ସେମାନଙ୍କୁ ବୁଝିବାର କୌଣସି ଉପାୟ ନାହିଁ। ସେହିପରି ବ୍ରହ୍ମର ପୃଷ୍ଠଭୂମି ଓ ପ୍ରାସଙ୍ଗିକତାରେ ହିଁ ମାୟା ଅର୍ଥ ଆହରଣ କରେ। ଅକ୍ଷର ସଂପର୍କରେ ମୋର ଇଂରାଜୀ ଉଦ୍ଧୃତାଂଶଟି ନିମ୍ନରେ ଦିଆଗଲା, ଯାହା ଏହି ବିଷୟଟିକୁ ଅଧିକ ସ୍ପଷ୍ଟକରିବ ବୋଲି ମୋର ଆଶା।

> Let us take the example of a letterpress. A block is made out of assembling small matchstick-like metal letters which is set on the machine for printing. After the printing is over letters are distributed into their respective places. After a letter block is dismantled the idea of the text cannot be traced in the composing cases. Similarly outside the context of the infinite the finite world loses its significance except as materials with names and forms. Therefore the world is rightly designated as *mülaprakruti* (primordial cause) and *nâmarûpa* (names and forms). A proper name is non-connotative so as the alphabets of a language. An alphabet has a form and name assigned to each of them. They themselves in isolation do not give rise to a sense. A person knowing alphabets only, without the knowledge of the words and their use in the sentence in projective relation to the world, is left with names and forms. Similarly the knowledge of the finite alone unrelated with that of the *infinite* leaves a person in the realm of *nâmarûpa.* (Mohanty: 2010: 45-48)

ଶବ୍ଦ ଓ ଅର୍ଥର ସମର୍ଥନ ନ ମିଳିଲେ ଅକ୍ଷରଗୁଡ଼ିକ ଦୁର୍ବୋଧ୍ୟ ହୋଇ ରହିଯାଆନ୍ତି। ସେଥିପାଇଁ ଉତ୍ତରଣ ହିଁ ଏକମାତ୍ର ମାର୍ଗ। ଅକ୍ଷରଠାରୁ ବାକ୍ୟ ଓ ବାକ୍ୟଠାରୁ ଅର୍ଥକୁ ଉତ୍ତରଣ ହେଲାବେଳେ ଅକ୍ଷରର ସ୍ଥୂଳତ୍ୱ ବିସ୍ମୃତ ହୋଇଯାଏ ଏବଂ ଗୋଟିଏ ସ୍ୱଚ୍ଛ (see-through) କାଚ ଭଳି ଅର୍ଥ ନିକଟରେ ଆମକୁ ପହଞ୍ଚାଇ ଦିଏ। ନିଜପ୍ରତି, ଅନ୍ୟପ୍ରତି, ଜୀବଜଗତ, ଓ ବୃକ୍ଷଲତାପ୍ରତି ଶ୍ରଦ୍ଧାଭାବ ଆସିଲେ ଜଣେ ବ୍ରହ୍ମାନନ୍ଦ ପଥରେ ଅଗ୍ରସର ହୁଏ।

## ବ୍ରହ୍ମ ଓ ମାୟା: ସତ୍ୟାସତ୍ୟ ଓ ପାରସ୍ପରିକ ସଂପର୍କ

ମାୟାଜଗତକୁ ବଚନୀୟ କରିବା କଷ୍ଟକର। ସେହିପରି ବ୍ରହ୍ମାନନ୍ଦରେ ଥିବା କୌଣସି ବ୍ୟକ୍ତି ନିଜ ମାନସିକ ଅବସ୍ଥାକୁ ଭାଷାରେ ବ୍ୟକ୍ତକରିବା ମଧ୍ୟ ଅଧିକ କଷ୍ଟକର ହୋଇଥାଏ, କାରଣ ବାକ୍ୟଟିଏ ଉଚ୍ଚାରଣ କରିବା ମାତ୍ରେ 'କର୍ତ୍ତା' ଓ 'କର୍ମ'ରେ ସେ ନିଜେ ଦୁଇ ଖଣ୍ଡରେ ବିଭାଜିତ ହୋଇଯାଏ, ଫଳରେ ବ୍ୟକ୍ତିସତ୍ତାର ବ୍ରହ୍ମଠାରୁ ବିଚ୍ୟୁତି ଘଟେ ଓ ସେ 'ଆତ୍ମ ଏବଂ 'ପର' (self and the other) – ଏପରି ଏକ ଦ୍ୱୈତ ସତ୍ତା ମଧ୍ୟରେ ଦୋଳାୟମାନ ହେଉଥାଏ। ସେଥିପାଇଁ ବ୍ରହ୍ମ ଓ ମାୟାର ସତ୍ୟାସତ୍ୟ ଓ ପାରସ୍ପରିକ ସମ୍ପର୍କ ବିଷୟରେ ଆଲୋଚନା କରିବାକୁ ହେଲେ କେବଳ ସାଦୃଶ୍ୟ (analogy), ରୂପକ (metaphor), ଓ ଉପମା (simile)ଗୁଡ଼ିକର ସାହାଯ୍ୟ ନେଇହେବ। ଶଙ୍କରାଚାର୍ଯ୍ୟ ବ୍ରହ୍ମସୂତ୍ର ବ୍ୟାଖ୍ୟାରେ ବହୁ ସାଦୃଶ୍ୟ ଇତ୍ୟାଦି ସୃଷ୍ଟି କରିଛନ୍ତି। ଏଠାରେ ସେଥିରୁ କେତୋଟି ଆଲୋଚନା କରିବା ଯଥାର୍ଥ ମନେହୁଏ।

ମେଘମୁକ୍ତ ଆକାଶକୁ ଚାହିଁଲେ ଗୋଟିଏ ନୀଳରଙ୍ଗର ଚାନ୍ଦୁଆ ଟଣାହେଲାପରି ଦିଶେ। ଏହି ନୀଳ ରଙ୍ଗର ଚାନ୍ଦୁଆକୁ ମାୟା ସହ ତୁଳନା କରାଯାଇପାରେ। ଏହା ସତ୍ୟ ନୁହେଁ ଅଥବା ମିଥ୍ୟା ମଧ୍ୟ ନୁହେଁ। ସତ୍ୟ ନୁହେଁ, ଏଇଥିପାଇଁ ଯେ, ସାରା ଆକାଶ ଖୋଜି ଆସିଲେ ବି ଚେନାଁଏ ନୀଳ ରଙ୍ଗ ମିଳିବ ନାହିଁ। ମିଥ୍ୟା ନୁହେଁ, କାରଣ ଏହି ନୀଳ ରଙ୍ଗର ଚାନ୍ଦୁଆ, ଦୁଇଟି ପୃଥକ କାର୍ଯ୍ୟ ସମ୍ପାଦନ କରେ। ଅନନ୍ତ ଶୂନ୍ୟ ବା ଆକାଶ ରଙ୍ଗହୀନ ହୋଇଥିବାରୁ ତାହା ଦୃଶ୍ୟମାନ ହୁଅନ୍ତା ନାହିଁ। ଏହି ଅସୀମ ଶୂନ୍ୟକୁ ନୀଳ ରଙ୍ଗ ଏକ ସୀମିତ ଚାନ୍ଦୁଆ ଭାବେ ବିକ୍ଷେପକରେ। ଦ୍ୱିତିୟ କାର୍ଯ୍ୟଟି ହେଲା – ଅସୀମ ଆକାଶକୁ ଏକ ନୀଳ ରଙ୍ଗରେ ଆବରଣ କରିପାରେ। ଅସୀମକୁ ଲୁଚାଇ ଦେଇ ଏକ ସସୀମ ଭାବେ ବିକ୍ଷେପକରେ। ଆବରଣ (concealment) ଓ ବିକ୍ଷେପ (projection) – ମାୟା ସ୍ୱରୂପ ନୀଳ ରଙ୍ଗ ଏ' ଦୁଇ ପ୍ରକାର କାର୍ଯ୍ୟ କରୁଥାଏ। ଅନନ୍ତ ଆକାଶକୁ ଯଦି ବ୍ରହ୍ମ ବୋଲି ଧରାଯାଏ, ନୀଳ ରଙ୍ଗର ଚନ୍ଦ୍ରାତପ ଆକାଶର ଗୋଟିଏ ରୂପ। ଆକାଶ ବ୍ୟତିରେକ ଏହାର ଅସ୍ତିତ୍ୱ ନାହିଁ।

## ତିନୋଟି ମାନସିକ ଅବସ୍ଥା ବା ସତ୍ତା

ଅଦ୍ୱୈତ ଦର୍ଶନରେ ତିନୋଟି ଚେତନାର ଅବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି।

୧. ପ୍ରାତିଭାସିକ ସତ୍ତା ଅଥବା ସ୍ୱପ୍ନାବସ୍ଥା (dream state)
୨. ବ୍ୟବହାରିକ ସତ୍ତା ଅଥବା ଜାଗ୍ରତ ଅବସ୍ଥା (waking state)
୩. ପାରମାର୍ଥିକ ସତ୍ତା ଅଥବା ବ୍ରହ୍ମାନୁଭବର ତୁରୀୟ ଅବସ୍ଥା (ultimate spiritual state)

ଏ ସମ୍ପର୍କରେ ଗୌଡ଼ପାଦ ଓ ଶଙ୍କରଙ୍କର ଦୃଢ଼ୋକ୍ତି ଉଦ୍ଧାରକରି ରାଧାକ୍ରିଷ୍ଣନ୍ କହନ୍ତି – ସ୍ୱପ୍ନ ଦେଖୁଥିବା ଓ ଜାଗ୍ରତ ଥିବା ଅନୁଭୂତି ପ୍ରାୟ ଏକାଭଳି। ସ୍ୱପ୍ନରେ ଶୋଷ ହେଲେ, ସ୍ୱପ୍ନ ଦେଖୁଥିବା ଲୋକ ସ୍ୱପ୍ନରେ ପାଣି ପିଏ, ଏବଂ ସ୍ୱପ୍ନରେ ମଧ୍ୟ ଶୋଷ ମରିଯାଏ। ଠିକ୍ ସେହିପରି, ଜାଗ୍ରତ ଅବସ୍ଥାରେ ଶୋଷ ହେଲେ ଆମେ ପାଣି ପିଉ ଏବଂ ଶୋଷ ମରିଯାଏ।

> The two, waking and dream states, are equally real within their own orders or equally unreal in an absolute sense. (Radhakrishnan: 2008: 422)

ଦେକାର୍ତେ (Rene Descartes) ତାଙ୍କ ମେଡିଟେସନ୍ ପୁସ୍ତକରେ କହନ୍ତି – ସ୍ୱପ୍ନାବସ୍ଥା ଓ ଚେତନାବସ୍ଥା – ଏ' ଦୁଇଟିଯାକ ଏତେ ଏକାପରି ଯେ, ଜଣେ ଏହାର ପାର୍ଥକ୍ୟ ଜାଣିବାକୁ ହେଲେ ଅଡୁଆରେ ପଡ଼ିବ। ସେ ପୁଣି କହିଲେ – ଖାଲି ସେତିକି ନୁହେଁ, କିଏ କହିବ ମୁଁ ବର୍ତ୍ତମାନ ସ୍ୱପ୍ନ ଦେଖୁନାହିଁ ବୋଲି।

ପାସ୍କାଲ୍ (Blaise Pascal) ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ତାଙ୍କର କହିବା କଥା: ଜଣେ ଯଦି ଶୋଇପଡ଼ିବା ପରେ ପ୍ରତିଦିନ ରାତିସାରା ଗୋଟିଏ ସ୍ୱପ୍ନ ଦେଖେ ଯେ, ସେ ଜଣେ ରାଜା; ପାସ୍କାଲ୍ ବିଶ୍ୱାସ କରନ୍ତି ଯେ, ସେ ଲୋକଟି ନିଜକୁ ଗୋଟିଏ ରାଜା ଭଳି ସୁଖୀ ଓ କ୍ଷମତାଶାଳୀ ବୋଲି ମନେକରିବ।

ସ୍ୱପ୍ନାବସ୍ଥା ଓ ଜାଗ୍ରତ ଅବସ୍ଥା ମଧ୍ୟରେ ପାର୍ଥକ୍ୟ ଏତିକି ଯେ, ନିଦ ଭାଙ୍ଗିବା ପରେ ଆମେ ସ୍ୱପ୍ନକୁ ଅବାସ୍ତବ ଓ ମିଥ୍ୟା ବୋଲି ଘୋଷଣା କରିବାକୁ ପଛେଇବା ନାହିଁ। ଇଂରାଜୀରେ ଏହାର ଦାର୍ଶନିକ ପରିଭାଷା ହେଉଛି – The dream state is sublated when we wake up. ସେହିପରି ପାରମାର୍ଥିକ ସତ୍ତାକୁ ଉତ୍ତୀର୍ଣ୍ଣ ହେଲାପରେ ଜାଗ୍ରତ ଅବସ୍ଥା ମିଥ୍ୟା ଓ କ୍ଷଣସ୍ଥାୟୀ ବୋଲି ହୃଦବୋଧ ହେବ ସତ, କିନ୍ତୁ ସେ ସମ୍ପର୍କରେ ଘୋଷଣା କରିବାକୁ ବକ୍ୟ ସ୍ଫୁରିବ ନାହିଁ। ଆଗରୁ କହିଛି ବାକ୍ୟଟିଏ କହିଲେ କି ମନରେ ଭାବିଲେ ବ୍ୟକ୍ତିସତ୍ତା କର୍ତ୍ତା ଓ କର୍ମ ଦ୍ୱାରା ଦୁଇ ଭାଗରେ ବିଖଣ୍ଡିତ ହୋଇଯିବ ଏବଂ ପାରମାର୍ଥିକ ସତ୍ତାରୁ ବ୍ୟକ୍ତିର ବିଚ୍ୟୁତି ଘଟିବ। ଏଠାରେ ପ୍ରଶ୍ନ ଉଠିପରେ – ହୁଏତ ଆଉଏକ ଉଚ୍ଚତର ସତ୍ତା ଥାଇପାରେ। କିନ୍ତୁ ତର୍କ-ସଙ୍ଗତଭାବେ ସେପରି ହେବା ସମ୍ଭବ ନୁହେଁ (logically not possible)। ଏହାର କାରଣ ଅତି ସ୍ପଷ୍ଟ। ପାରମାର୍ଥିକ ସତ୍ତା ଏକ ଆନନ୍ଦମୟ ଚେତନା, ଯାହା ଅନାଦି ଏବଂ ଅପରିବର୍ତ୍ତନୀୟ। ଏଠାରେ ଅଧିଷ୍ଠିତ ବ୍ୟକ୍ତି ପାଖରେ ଆନନ୍ଦ (bliss) ବ୍ୟତୀତ ଆଉକିଛି ନଥାଏ। ବ୍ୟକ୍ତିର ଅହଂକାର, ମୁଁ-ତ୍ୱ, ଇନ୍ଦ୍ରିୟାନୁଭୂତି, ତା'ର କର୍ତ୍ତା-କର୍ମ ଜ୍ଞାନ, ଏପରିକି ବୁଦ୍ଧି (intellect) ମଧ୍ୟ ନିଃଶେଷ ହୋଇଯାଇଥାଏ। ସେଥିପାଇଁ ବ୍ରହ୍ମକୁ ନିର୍ଗୁଣ ବୋଲି କୁହାଯାଏ। ଚେତନାନନ୍ଦ (consciousness-bliss) ହିଁ ବ୍ରହ୍ମସର୍ବସ୍ୱ। କାହାକୁ ମିଥ୍ୟା ପ୍ରମାଣିତ କରିବା କିମ୍ବା ଆଗ୍ରାହ୍ୟ କରିବା ପାଇଁ ବୁଦ୍ଧି (intellect)ର ଆବଶ୍ୟକ ହୁଏ, ଯାହା ପାରମାର୍ଥିକ ସତ୍ତାରେ ନଥାଏ। ଫଳରେ ପୁନଶ୍ଚ ଉତ୍ତରଣ ସମ୍ଭବ ନୁହେଁ। ଏହାହିଁ ଶେଷ ପାହାଚ ଓ ସ୍ତର।

ବ୍ରହ୍ମାନନ୍ଦ ଅବର୍ଣ୍ଣନୀୟ। କୁହାଯାଏ ଭଗବତ ଆନନ୍ଦକୁ ଅଇଁଠା କରି କାହାପାଇଁ ଛାଡ଼ିଦିଆଯାଇ ପାରିବ ନାହିଁ। ତଥାପି ଅନେକ ଯୋଗୀ ଓ ଦାର୍ଶନିକ, ସାଦୃଶ୍ୟ ମାଧ୍ୟମରେ ଏହି ଆନନ୍ଦକୁ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛନ୍ତି।

ଦାର୍ଶନିକ ଓଶୋଙ୍କର ଗୋଟିଏ ଉଦାହରଣ ମନକୁ ଆସେ। ସେ କହନ୍ତି – ଯୌନକ୍ରିୟାରେ ତୃପ୍ତିପୂର୍ଣ୍ଣ ଚରମ ମୁହୂର୍ତ୍ତଗୁଡ଼ିକୁ କେତୋଟି ସେକେଣ୍ଡ୍ ପାଇଁ ଜଣେ ଅନୁଭବ କରେ। ସେଇ ଶିହରଣ ବହୁ ଗୁଣରେ ତୀବ୍ରତର ହୋଇ ଯଦି ସଦା ସର୍ବଦା କାହାପାଖରେ ରହନ୍ତା, ତାହାକୁ ହୁଏତ ବ୍ରହ୍ମାନନ୍ଦ ସହ ତୁଳନା କରାଯାଇ ପାରନ୍ତା। ଏପରି ସ୍ଥିତିରେ ତୁ-ମୁଁ, ଦୃଶ୍ୟମାନ ଜଗତ, ବୁଦ୍ଧି, ଶୂନ୍ୟ ଓ ସମୟ, ଇତ୍ୟାଦି ଅନ୍ତର୍ହିତ ହୋଇଯାଆନ୍ତା। ତାଙ୍କ ଭାଷାରେ:

> In this moment, your whole body will vibrate with life… It is not sexual. If you do it a few minutes, you will immediately become aware that outer woman or man is not needed – the outer is just a trigger point. That trigger point can be created inside. (Osho: 2014)

ଗୋଟିଏ ନମୁନା (sample)ଭାବେ ସେଇ ତୃପ୍ତିପୂର୍ଣ୍ଣ ଚରମ ମୁହୂର୍ତ୍ତ ଜୀବନକୁ ପ୍ରାପ୍ତ ହୋଇଛି। ଆଙ୍ଗୁଳେ ପରିମିତ କନାର ନମୁନାଟିଏ ସାଙ୍ଗରେ ନେଇ ଯେପରି ବଡ଼ ବଡ଼ କନାର ଥାନ ଖୋଜିବାକୁ ହୁଏ।

## ଅଦ୍ୱୈତ ଓ ମୃତ୍ୟୁଚେତନା

ଜୀବନ ଯେଉଁଠାରେ ସରେ, ମୃତ୍ୟୁ ସେହିଠାରୁ ଆରମ୍ଭ ହୁଏ। ତେଣୁ ଜୀବନ ଓ ମୃତ୍ୟୁ କେବେ ଭେଟାଭେଟି ହୁଅନ୍ତି ନାହିଁ। ସେଥିପାଇଁ ଦାର୍ଶନିକ ଉଇଟ୍‌ଗେନ୍‌ଷ୍ଟାଇନ୍ କହିଥିଲେ – Death is not an event of life. ଜୀବନରେ ଥାଇ ମୃତ୍ୟୁକୁ ନ ଭେଟି ପାରିଲେ ମଧ୍ୟ, ମୃତ୍ୟୁ କିପରି ଓ କାହିଁକି – ଏପରି କେତେକ ପ୍ରଶ୍ନ ମଣିଷକୁ ବିବ୍ରତ କରେ। ସାଧାରଣ ମଣିଷ ପାଇଁ ମୃତ୍ୟୁଚେତନା ଭୟପ୍ରଦ ଓ କଷ୍ଟଦାୟକ; ଅଥଚ ଅଦ୍ୱୈତବାଦୀ ପାଇଁ ଏହା ଆନନ୍ଦମୟ ହୋଇଥାଏ। ଏ ସମ୍ପର୍କରେ ଶଙ୍କର ଗୋଟିଏ ସୁନ୍ଦର ଉଦାହରଣ ଦେଇଛନ୍ତି। ଗୋଟିଏ ମାଟିରେ ତିଆରି ଘଟ କିମ୍ବା ମାଠିଆ ଭିତରେ ଛୋଟ ଆକାଶ ବା ଶୂନ୍ୟସ୍ଥାନ ଥାଏ। ଘଟ ଭିତରେ ଥିବା ଓ ବାହାରେ ଥିବା ଆକାଶ ଏକ ଏବଂ ଅଭିନ୍ନ। ସେହିପରି ଜୀବ ଓ ବ୍ରହ୍ମ – ତାଙ୍କ ଭିତରେ କୌଣସି ପାର୍ଥକ୍ୟ ନାହିଁ। ଆମର ଅଜ୍ଞାନତା-ଅବିଦ୍ୟା ହେତୁ ଆମେ ଘଟ ଭିତରେ ଥିବା ଆକାଶକୁ କ୍ଷୁଦ୍ର ଏବଂ ସୀମିତ ମନେକରୁ। ଆକାଶର ଆୟତନ ଯଦି ଆନନ୍ଦର ପରିମାପକ ହୁଏ, ଏବଂ ମୃଣ୍ମୟ ପାତ୍ରଟି ବ୍ୟକ୍ତିସତ୍ତା ହୁଏ, କେତେ ସୀମିତ ଓ ସ୍ୱଳ୍ପ ମଣିଷ ଜୀବନରେ ଆନନ୍ଦ ! ମୃତ୍ୟୁରେ ହୁଏତ ଏଇ ମାଟିଘଟଟି ଭାଙ୍ଗିଯାଇ ଖଣ୍ଡ ଖଣ୍ଡ ହୋଇଯାଏ। ମୃତ୍ୟୁରେ ହିଁ ଭ୍ରମ ଓ ଭ୍ରାନ୍ତି ଦୂର ହୋଇଯାଏ। ଘଟ ଭିତରେ ଥିବା କ୍ଷୁଦ୍ର ଆୟତନର ଆକାଶ ଯେ ଅନନ୍ତ ଓ ପରିବ୍ୟାପ୍ତ, ସେ ଆନନ୍ଦ ଲହରି ଭିତରେ ବ୍ୟକ୍ତିସତ୍ତା ହଜିଯାଏ। ବଂଚିଥିବା ଅବସ୍ଥାରେ ଯାହାର ଏହି ଜ୍ଞାନ ଉଦୟହୁଏ, ସେ 'ଜୀବନ୍ ମୁକ୍ତ' ବୋଲି କୁହାଯାଇ ପାରେ। ସେ ପୁନର୍ଜନ୍ମରେ ବିଶ୍ୱାସ କରେ କାରଣ ତା ପାଇଁ ଜୀବନ ଓ ମୃତ୍ୟୁ – ଉଭୟ ଆନନ୍ଦମୟ। ସେଥିପାଇଁ ଶଙ୍କରଙ୍କର ପ୍ରିୟ ଗୀତଟି ହେଲା – "ପୁନରପି ଜନନମ୍, ପୁନରପି ମରଣମ୍, ପୁନରପି ଜନନୀ ଜଠରେ ଶୟନମ୍" (ଭଜ ଗୋବିନ୍ଦମ୍- ଶ୍ଳୋକ-୨୨)" ମୃତ୍ୟୁଚେତନା ଯେ ବିଷାଦରେ ଭାରାକ୍ରାନ୍ତ ନୁହେଁ, ଏହି ମର୍ମରେ ମୋର ଗୋଟିଏ କବିତାର କିଛି ଅଂଶ ନିମ୍ନରେ ଉଦ୍ଧାର କରୁଛି।

ଭୟଙ୍କର ସ୍ୱପ୍ନଟିଏ ଆଖିପତାରେ ମୋର
ଲଦିଦେଇ, ମୋତେ ଶୁଆଇ ଦେଇଛ ନିଦରେ,
ପୁଣି ପ୍ରତିଶ୍ରୁତି ଦେଇଛ, ସ୍ୱପ୍ନରେ ଡରିଗଲେ
ତୁମେ ମୋର ନିଦ ଭାଙ୍ଗିଦେବ
ଏକ କୋମଳ ବୋକରେ ॥
ମୋର ବା ଡର କାହାକୁ ପ୍ରଭୁ !
କେତେଥର ତ ଏମିତି ଉଠାଇଛ ନିଦରୁ
ଗ୍ରହ ନକ୍ଷତ୍ର ସବୁ ପୃଥିବୀ ସମେତ
ଉଭେଇ ଯାଇଛନ୍ତି
ହଠାତ୍ ଆମ ନିବିଡ଼ ଆଲିଙ୍ଗନରେ।
ବିଜୁଳି ଚାଲିଗଲେ ହଠାତ୍ ଉଭେଇଯାଏ
ସିନେମା ପର୍ଦ୍ଦାରୁ ଯେମିତି ଭୟାନକ ଦୃଶ୍ୟ ॥
ତା ପରେ, ଯେତେବେଳେ ଅଥୟ କରିଛି ମତେ
'ଶୂନ୍ୟ ଓ ସମୟ', ମତେ ଆଉଁସି ଦେଇଛ ଯେ,
ଶୂନ୍ୟ ଲେପି ହୋଇଯାଇଛି ମୋର କପାଳରେ,
ଏବଂ ତାବିଜଟିରେ ସମୟକୁ ଭର୍ତ୍ତିକରି
ଝୁଲାଇ ଦେଇଛ ମୋର ବେକରେ ॥

(ଶ୍ରୀକାନ୍ତ ମହାନ୍ତି, 'ମୋର ବା ଡର କାହାକୁ ପ୍ରଭୁ!', "ଝଙ୍କାର", ଜୁନ୍ ସଂଖ୍ୟା ୧୯୮୪)

ଶଙ୍କରଙ୍କର ମହାବାକ୍ୟଗୁଡ଼ିକ ଉପରେ ତର୍ଜମା, ଅଦ୍ୱୈତ ପୃଷ୍ଠଭୂମିରେ ମୂଲ୍ୟବୋଧ ସମ୍ପର୍କୀୟ ଆଲୋଚନା, ଏ ପ୍ରବନ୍ଧର ପରିସରଭୁକ୍ତ କରାଯାଇ ନାହିଁ। ତାହା ଆଉ ଏକ ପ୍ରବନ୍ଧର ଅପେକ୍ଷା ରଖେ।

## ସହାୟକ ଗ୍ରନ୍ଥସୂଚୀ


Devanand Vishnu — 1999 Meditation and Mantras: An Authoritative Text, Motilal Banarasidass, New Delhi

James, M, Jongeward,D — 1978 Born to Win, New American Library, New York

Mahadevan, T.M.P. — 1968 Sankaracharya, National Book Trust, New Delhi

Mohanty, Srikanta — 1917 in Morality, Objectivity and Defeasibility, Concept Publishing Co. Pvt. Ltd., New Delhi

Mohanty, Srikanta 1995 The Other Boundary of Language, Elite Publications, Bhubaneswar

Mohanty, Srikanta 2010 Aesthetic Experience and Language: A model of Literary Criticism, LAP, Berlin & USA

Osho, Rajnish 2014 *From Sex to Superconsciousness*, Qford Inc., Mumbai, London

Raddhakrishnan, S. 2008 Indian Philosophy Vol. 2, Oxford University Press, London, New Delhi

Sharma, Chandradhar 1960 A Critical Survey of Indian Philosophy, Motilal Banarasidass, Delhi

Somor, Pavel, G. 2010 The Lotus Effect, New Harbinger Publications, New Delhi

Wittgenstein, L. 1955 Tractatus Logico Philosophicus, Routledge, London

୪୧୧, ସହିଦନଗର, ଭୁବନେଶ୍ୱର- ୭୫୧୦୦୭
ମୋ: ୯୮୬୧୧୧୭୨୪୦
email: mohanty.srikanta@gmail.com



# ମଣିଷ ଜୀବନ: ପଦ୍ମପତ୍ରରେ ଜଳ ତୁଲ୍ୟ

*ଡ. ଭାରତ ଭୂଷଣ ରଥ*

**ଶ୍ରୀ**ମଦ୍ ଭଗବଦ୍ ଗୀତା ବିଶ୍ୱବାସୀଙ୍କ ପାଇଁ ଏକ ଉପଦେଶାତ୍ମକ ଗ୍ରନ୍ଥ। ଜୀବନର ଗୂଢ଼ ରହସ୍ୟକୁ ଉପସ୍ଥାପନ କରିବାରେ ଏହି ଗ୍ରନ୍ଥଟି ଯେତିକି ସାର୍ଥକତା ଅର୍ଜନ କରିଛି ସେତିକି ଲୋକାଦୃତ ହେବାର ଭାଗ୍ୟ ଅନ୍ୟ କୌଣସି ଗ୍ରନ୍ଥ ପାଇନାହିଁ। ତାହାର ମୂଳ କାରଣଟି ହେଉଛି ଗୀତା; ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗକୁ ପ୍ରାଧାନ୍ୟ ନଦେଇ ସମାଜକୁ ପ୍ରାଧାନ୍ୟ ଦେଇଛି। ଶରୀର ଏବଂ ଆତ୍ମ ତତ୍ତ୍ୱକୁ ବିଶ୍ଳେଷଣ କରିଛି। ଗୀତା ଦୃଷ୍ଟିରେ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ଜୀବ ଏବଂ ଜଡ଼ ସମସ୍ତେ ସମାନ। ଗୀତା କୁହନ୍ତି ଭଗବାନ୍ ହେଉଛନ୍ତି ଏକ ଜ୍ୟୋତି ସ୍ୱରୂପ, ଏକ ସ୍ପନ୍ଦନ। ସେ ଅନୁଭବ ଯୋଗ୍ୟ। ଗୀତାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପଦେଶ ହେଲା ଭଗବାନ୍ ସଂସାରର ସମସ୍ତ ପ୍ରାଣୀଙ୍କ ହୃଦୟରେ ବିରାଜମାନ। ଗୀତାର ଏହି ବିଶାଳ ଭାବନାକୁ ସମ୍ମାନ ଦେଇଛି ବିଶ୍ୱ। ଶ୍ରୀମଦ୍‌ଭଗବଦ୍ ଗୀତାରେ ମଣିଷ ଜୀବନକୁ ନେଇ ଅନେକ ସୂକ୍ଷ୍ମ ବିଚାର ଦୃଷ୍ଟିଗୋଚର ହୁଏ। ତନ୍ମଧ୍ୟରୁ ଗୋଟିଏ ବିଚାର ଗୀତାର ପଞ୍ଚମ ଅଧ୍ୟାୟରେ ଦଶମ ଶ୍ଳୋକରେ ବର୍ଣ୍ଣିତ। ଶ୍ଳୋକଟି ହେଲା।–

ବ୍ରହ୍ମଣାଧାୟ କର୍ମାଣି ସଙ୍ଗମ୍ ତ୍ୟକ୍ତ୍ୱା କରୋତି ଯଃ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା॥

(ଶ୍ରୀ. ଭ. ଗୀ–୫–୧୦)

ଅର୍ଥାତ୍; ଜୀବନଟା ନିଜ ନିଜର କର୍ମକୁ ନେଇ ପରିଚାଳିତ। ମାନବ ତା'ର କର୍ମର ଫଳ ଭୋଗକରେ। ତେବେ ଯେଉଁ ବ୍ୟକ୍ତି ଭଗବାନଙ୍କୁ ସ୍ମରଣ କରି ନିଜର କର୍ମ କରେ ଏବଂ ଫଳ ପ୍ରତି ଆସକ୍ତ ନହୁଏ ସେ ପାପ କର୍ମରେ ଭାଗୀ ହୁଏ ନାହିଁ। ଏହାକୁ ଗୋଟିଏ ସୁନ୍ଦର ଉଦାହରଣ ଦ୍ୱାରା ବୁଝେଇ ଦିଆଯାଇଛି। ତାହା ହେଲା ପଦ୍ମ ପତ୍ର ଜଳ ମଧ୍ୟରେ ଥିଲେ ମଧ୍ୟ ଜଳ ପଦ୍ମ ପତ୍ରକୁ ସ୍ପର୍ଶ କରିପାରେ ନାହିଁ। ସେହିପରି ଭଗବାନଙ୍କୁ ହୃଦୟରେ ଧାରଣ କରିଥିବା ବ୍ୟକ୍ତିର କର୍ମ ସର୍ବଦା ଉତ୍ତମ ହୁଏ ଏବଂ ସେ ପାପକର୍ମରେ ଭାଗୀ ହୁଏ ନାହିଁ।

ଉପରୋକ୍ତ ଶ୍ଳୋକର "ପଦ୍ମପତ୍ରମିବାମ୍ଭସା" ପଦଟିକୁ ନେଇ ଶାସ୍ତ୍ରକାରମାନେ ଖୁବ୍ ସୁନ୍ଦର ଚର୍ଚ୍ଚା କରିଛନ୍ତି। 'ଅମ୍ଭ'ର ଅର୍ଥ ହେଉଛି ଜଳ। ଏବଂ 'ପଦ୍ମ ପତ୍ର' ର ଅର୍ଥ ହେଉଛି ପଦ୍ମ ଫୁଲର ପତ୍ର। ତେଣୁ ମୋଟାମୋଟି ଭାବରେ ପଦଟିର ଅର୍ଥ ହେଲା "ଜଳରେ ପଦ୍ମପତ୍ରର ସ୍ଥିତି ଭଳି"। ଏବେ ବିଚାର କରିବା ଜଳରେ ପଦ୍ମ ପତ୍ର କେମିତି ରୁହେ ? ପୁଷ୍କରିଣୀର ଜଳରେ ପଦ୍ମର ସ୍ଥାନ। ପଦ୍ମର ପତ୍ର ଜଳ ସହିତ ସଂଲଗ୍ନ ହୋଇ ରହିଥାଏ ସତ କିନ୍ତୁ ଜଳ ସହିତ ତାର କୌଣସି ସମ୍ପର୍କ ନଥାଏ। ପତ୍ର ଉପରେ ଜଳ ଢ଼ଳଢ଼ଳ ହେଉଥାଏ ମାତ୍ର ଉଭୟଙ୍କର ସମ୍ପର୍କ ନଥାଏ। ଆମ ଜୀବନଟି ବି ଠିକ୍ ସେହି ପଦ୍ମପତ୍ରର ଜଳ ଭଳି ହେବା ଉଚିତ୍। ସଂସାର ଭିତରେ ଆମେ ରହିଲେ ମଧ୍ୟ ସଂସାର ସହିତ ଆମ ସମ୍ପର୍କ ପଦ୍ମ ପତ୍ରର ଜଳ ଭଳି ମୋହ, ମାୟା ବିହୀନ ହେବା ଉଚିତ୍। ଆମେ ଜାଣୁ ଜୀବନଟା କେତେବେଳେ ସଂସାରକୁ ଛାଡ଼ି ଚାଲିଯିବ ତାହାର ହିସାବ ଆମ ପାଖରେ ନଥାଏ। ଏଥିରୁ ଜଣାଗଲା ସଂସାର ଆମର ସ୍ଥାୟୀ ସ୍ଥାନ ନୁହେଁ। ଯିଏ ଜନ୍ମ ନେଇଛି ସେ ଦିନେ ନା ଦିନେ ସଂସାର ଛାଡ଼ିବ। ତେବେ ଏଭଳି ଭାବନାରେ ରହି ପ୍ରାଣୀ ନିରାଶା ଏବଂ ଆଳସ୍ୟ ପରାୟଣ ଜୀବନ ଅତିବାହିତ କରିବ ତା ନୁହେଁ। ମାନବ ଯଦି ଭାବିବ; ମୁଁ ତ ଦିନେ ନିଶ୍ଚୟ ମୃତ୍ୟୁବରଣ କରିବି ତେବେ ଜ୍ଞାନ, ବିଦ୍ୟା, ଭକ୍ତି, ପରିବାର, ଧନ, ସମ୍ପତ୍ତି ଇତ୍ୟାଦିର ଆବଶ୍ୟକତା କ'ଣ ? ଏହି ଭାବନା ମାନବ ଜୀବନକୁ ବିଶେଷ ଭାବରେ ନଷ୍ଟ କରିଦେବ। କାରଣ ଏ ଜନ୍ମର କିଛି ଲକ୍ଷ୍ୟ ରହିଛି। ଏହି ଜନ୍ମରେ ହିଁ ସମାଜ ପାଇଁ ଅନେକ କିଛି କରାଯାଇପରେ। ସେଥିପାଇଁ କୁହାଯାଇଛି– "ନରତ୍ୱଂ ଦୁର୍ଲଭ ଲୋକେ"। ଅର୍ଥାତ୍ ଏ ବିଶ୍ୱରେ ନରଜନ୍ମ ଅତି ଦୁର୍ଲଭ। ତେଣୁ ମାନବକୁ ନିଜ ଜୀବନ ବିଷୟରେ ଜାଣିବାର ଆବଶ୍ୟକତା ରହିଛି।

ଏଠି ପ୍ରଶ୍ନ ଉଠେ – ଯଦି ମୃତ୍ୟୁ ସୁନିଶ୍ଚିତ ତେବେ ଜୀବନଟା ଅଳୀକ; ଏକ କ୍ଷଣ ମଧ୍ୟ ଜୀବନ ଉପରେ ବିଶ୍ୱାସ ନାହିଁ। ତେବେ କାହିଁକି ମାନବ ପରିଶ୍ରମ କରିବ। ଯଦି ବିଶ୍ୱର ସମସ୍ତ ମାନବ ଏହି ଭାବନାରେ ରହିବେ ତେବେ ବିଶ୍ୱ ଚାଲିବ ବା କେମିତି ? ତେଣୁ ଶାସ୍ତ୍ର ଆମକୁ ଉପଦେଶ ଦେଇଛନ୍ତି ଯଦିଓ ଜୀବନ ଉପରେ ବିଶ୍ୱାସ ନାହିଁ ତଥାପି ଏହା ବାସ୍ତବ। ଏଭଳି ମାନବ ଆମେ ଦେଖିଛେ ଯେଉଁମାନେ କ୍ଷଣ ଭଙ୍ଗୁର ଜୀବନକୁ ନିଜ ମହତ୍ କାର୍ଯ୍ୟ ଦ୍ୱାରା ଚିରସ୍ଥାୟୀ କରିଦେଇଛନ୍ତି। ସେମାନେ ମୃତ୍ୟୁ ପରେ ମଧ୍ୟ ବଞ୍ଚି ରହିଛନ୍ତି ନିଜ କର୍ମ ମାଧ୍ୟମରେ। ତେଣୁ ସ୍ପଷ୍ଟ ଭାବରେ କୁହାଯାଇପାରେ – ଅଳସୁଆମାନଙ୍କ ପାଇଁ ଜୀବନ ଅଳୀକ। କିନ୍ତୁ କର୍ମଠ ପାଇଁ ଜୀବନ ଚିର ସବୁଜ ଏବଂ ବାସ୍ତବତାର ପ୍ରତୀକ। ଶରୀରରୁ ଜୀବନ ଚାଲିଗଲେ ମଧ୍ୟ ବଞ୍ଚିଥିବା ସମୟରେ କରିଥିବା ସତ୍‌କର୍ମ ମାଧ୍ୟମରେ ମାନବ ଅମର ହୋଇ

ରହିଯାଏ । ଏହା ତ ଗଲା ଚକ୍ଷୁ ସମ୍ମୁଖରେ ଦେଖାଯାଉଥିବା ଜୀବନ । ଆଉ ଏକ ତତ୍ତ୍ୱ ରହିଛି ଯାହା ଦାର୍ଶନିକ ତଥ୍ୟ । ଭରତୀୟ ଦର୍ଶନ ସେଥିପାଇଁ ବିଶ୍ୱକୁ ମାର୍ଗଦର୍ଶନ କରେ । କାରଣ ଭାରତୀୟ ଦର୍ଶନ କୁହେ ଶରୀରର ମୃତ୍ୟୁ ହେଲେ ମଧ୍ୟ ଆତ୍ମାର ମୃତ୍ୟୁ ହୁଏ ନାହିଁ । ଜୀବନକୁ ଶୃଙ୍ଖଳିତ କରିବା ପାଇଁ ଭାରତୀୟ ଦର୍ଶନର ଏହି ସିଦ୍ଧାନ୍ତ ଖୁବ୍ ଗୁରୁତ୍ୱପୂର୍ଣ୍ଣ । କାରଣ ଭାରତୀୟ ଦର୍ଶନ କୁହେ ଜୀବନ ଦଶାରେ ଆମେ ଯେଉଁଭଳି କର୍ମ କରିଥିବା ଜୀବ ଥାଉଥାଉ ତା'ର ଫଳ ପାଇବା, ଜୀବ ଗଲାପରେ ମଧ୍ୟ ତା'ର ଫଳ ଭୋଗକରିବା । ଏତିକିରେ ମାନବ ହୁଏ ସଂଯତ । ମାନବ ତା'ର କର୍ମ ଉପରେ ନିୟନ୍ତ୍ରଣ ରଖେ । କୁକର୍ମ ନ କରିବା ପାଇଁ ମାନବ ନିଜ ମନକୁ ନିୟନ୍ତ୍ରଣ କରେ । ତେବେ କ'ଣ ସେହି ଆତ୍ମା ? ଏହା ଜାଣିବା ଏକାନ୍ତ ଆବଶ୍ୟକ ।

ଜୀବନକୁ ଜାଣିବାକୁ ହେଲେ ପ୍ରଥମେ ଆମକୁ ଚିନ୍ତା କରିବାର ଅଛି- କାହାର ଜନ୍ମ ହେଉଛି ତଥା କାହାର ମୃତ୍ୟୁ ହେଉଛି ? ହିଁ; ଏଇଠି ହିଁ ଲୁଚି ରହିଛି ରହସ୍ୟ । ଆମେ ଦେଖୁ ଜନ୍ମ ସମୟରେ ଏ ଶରୀରଟା ସୃଷ୍ଟି ହେଉଛି ଏବଂ ମୃତ୍ୟୁ ସମୟରେ ଏହି ଶରୀରର ମୃତ୍ୟୁ ହେଉଛି । କିନ୍ତୁ ଶରୀର ଭିତରେ ଥିବା ଆତ୍ମାର ନାଁ ଜନ୍ମ ନାଁ ମୃତ୍ୟୁ । ବେଳେ ବେଳେ ଏହାକୁ ନେଇ ଅନେକ ଯୁକ୍ତି ତର୍କ ଦୃଷ୍ଟିଗୋଚର ହୁଏ । କେହି କେହି କୁହନ୍ତି ଆତ୍ମା ବୋଲି କିଛି ନାହିଁ । କିନ୍ତୁ ଆମେ ଅନୁଭବ କରୁଛେ ଆତ୍ମା ନିଶ୍ଚୟ ରହିଅଛି । ଏହାର ପ୍ରମାଣ ଆମେ ପ୍ରାଣୀର ମୃତ୍ୟୁ ସମୟରେ ବିଶେଷ ଭାବରେ ଜାଣିପାରୁ । ଯେଉଁ ପ୍ରାଣୀ କଥାବାର୍ତ୍ତା କରୁଥିବ, ଖାଉଥିବ, କାମ କରୁଥିବ ସେହି ପ୍ରାଣୀର ମୃତ୍ୟୁ ପରେ ସେ କାହିଁକି ଜଡ଼ ହୋଇ ଯାଉଛି ? ମୃତ୍ୟୁପରେ ପ୍ରାଣୀର ଜଡ଼ତ୍ୱ ପଛର କାରଣ ହେଉଛି ତା'ର ଆତ୍ମା । ଯାହାକୁ ଆମେ 'ଜୀବନ' ଅଥବା 'ଜୀବନ ଶକ୍ତି' ବୋଲି କହୁଛେ । ବିଶେଷ କରି ଆତ୍ମାଟି ଆସୁଛି ବୋଲି ଯଦିଓ ଆମେ ଜାଣିପାରୁନେ କିନ୍ତୁ ଯାଉଛି ବୋଲି ଆମେ ନିଶ୍ଚୟ ଜାଣୁଛେ । କାରଣ ଯେଉଁ ଆତ୍ମାଟି ଶରୀରରେ ଥିଲା ମୃତ୍ୟୁ ପରେ ସେହି ଆତ୍ମାଟି ଶରୀରରେ ରହୁନାହିଁ, ଆମେ କେବଳ ଜଡ଼ ଶରୀରଟିକୁ ହିଁ ଦାହ ସଂସ୍କାର ଆଦି କରୁଛେ । ତେବେ ସେ ଆତ୍ମା କେଉଁଠୁ ଆସୁଛି ଏବଂ କୁଆଡ଼େ ଯାଉଛି ତାହା ଦର୍ଶନ ଶାସ୍ତ୍ରର ବିଷୟ । କିନ୍ତୁ ଆତ୍ମାଟି ଅଛି ବୋଲି ସର୍ବପ୍ରଥମେ ଆମଙ୍କୁ ଅଙ୍ଗୀକାର କରିବାକୁ ପଡ଼ିବ । ଏବେ ସ୍ୱତଃ ଉତ୍ତର ଆସିଗଲା ଯେ, ଆତ୍ମା ଅର୍ଥାତ୍ ଜୀବନ ହେଉଛି ବାସ୍ତବ । କିନ୍ତୁ ଜୀବନଧାରୀ ମାନବ ହେଲା ଅଳୀକ । ଏହାର ପ୍ରମାଣ ଦେଇ ଶାସ୍ତ୍ର କୁହନ୍ତି-

ଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପରମାତ୍ମାଙ୍କର ଅଂଶବିଶେଷ । ଆତ୍ମା ମଧ୍ୟ ସେହି ପରମାତ୍ମାଙ୍କର ଅଂଶ । ସେହିଠାରୁ ଜୀବନ ସୃଷ୍ଟି ହୁଏ ପୁନଃ ସେହିଠାରୁ ଚାଲିଯାଏ । ତେଣୁ ତୈତ୍ତରୀୟ ଉପନିଷଦ୍ କୁହନ୍ତି-

ଯତୋ ବା ଇମାନି ଭୂତାନି ଜାୟନ୍ତେ ଯେନ ଜାତାନି ଜୀବନ୍ତି ।
ଯତ୍ ପ୍ରୟନ୍ତି ଅଭିସଂବିଶନ୍ତି ତଦ୍ ବ୍ରହ୍ମ ତଦ୍ ବିଜିଜ୍ଞାସସ୍ୱ ।।

ତୈତ୍ତରୀୟ-୧୩.୧

ଅର୍ଥାତ୍ ଯେଉଠାରେ ଜୀବ ମାନଙ୍କର ସୃଷ୍ଟି ହୁଏ, ଯାହାଦ୍ୱାରା ଜୀବମାନେ ବଞ୍ଚିରହନ୍ତି ଏବଂ ଯେଉଁଠିକି ଜୀବମାନେ ପୁନଃ ଫେରିଯାଆନ୍ତି ସେ ହେଉଛନ୍ତି ବ୍ରହ୍ମ । ବ୍ରହ୍ମ ଶବ୍ଦଟି ପରମାତ୍ମା ଶବ୍ଦର ଅନ୍ୟ ଏକ ପାରିଭାଷିକ ଶବ୍ଦ । ଶାସ୍ତ୍ର କୁହନ୍ତି ସେହି ବ୍ରହ୍ମତତ୍ତ୍ୱକୁ ଆମେ ଜାଣିବା ଆବଶ୍ୟକ । ମାନବ ଜୀବନ ଯେ କେବଳ, ଭଲ ପିନ୍ଧିବା, ଭଲ ଖାଇବା, ମଉଜ ମଜଲିସ୍ କରିବା ତା ନୁହେଁ ବରଂ ଜୀବନର ସତ୍ୟତାକୁ ଜାଣିବା । ଏହି ସତ୍ୟକୁ ଜାଣିଥିବା ମାନବ ଲୋଭ, ମୋହ, ମାୟା, ଗର୍ବ, ଅହଂକାର ପ୍ରଭୃତି ଦୁର୍ଗୁଣରୁ ଦୂରେଇ ରୁହେ । ଏବଂ ସମାଜର ପ୍ରତ୍ୟେକଟି ଜୀବ ସହିତ ସୁସମ୍ପର୍କ ସ୍ଥାପନ କରେ । ସେ ପ୍ରତିଟି ଅବସ୍ଥାରେ ସମଭାବାପନ୍ନ ହୁଏ । ଗୀତା କୁହନ୍ତି-

ଦୁଃଖେଷୁ ଅନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ
ବୀତ- ରାଗ- ଭୟ- କ୍ରୋଧଃ ସ୍ଥିତ- ଧୀର୍ ମୁନିରୁଚ୍ୟତେ ।।

ଶ୍ରୀ. ମ. ଭ- ୨.୫୬

ଅର୍ଥାତ୍ ଦୁଃଖ ସମୟରେ ଅତ୍ୟନ୍ତ ଭାଙ୍ଗି ପଡ଼ିବା ଏବଂ ସୁଖରେ ଅତ୍ୟଧିକ ଆନନ୍ଦିତ ହୋଇଯିବା ମାନବର ଲକ୍ଷଣ ନହେଉ । ସେହିମାନେ ହେଉଛନ୍ତି ଏ ସଂସାରରେ ବାସ୍ତବ ସୁଖୀ ଯେଉଁମାନେ ରାଗ, ଭୟ, ଏବଂ କ୍ରୋଧ ମୁକ୍ତ ହୋଇ ସ୍ଥିର ମତିରେ ସମସ୍ତ ତତ୍ତ୍ୱକୁ ବିଚାର କରନ୍ତି । ଉପରୋକ୍ତ ତତ୍ତ୍ୱକୁ ଅନୁଭବ କରି ଉପନିଷଦ୍ ଜୀବନତତ୍ତ୍ୱକୁ ଅନୁସନ୍ଧାନ କରିଛନ୍ତି । ଉପନିଷଦ୍ କୁହନ୍ତି-

ନ ଜାୟତେ ମ୍ରିୟତେ ବା ବିପଶ୍ଚିତ୍
ନାୟଂ କୁତଶ୍ଚିତ୍ ନ ବଭୂବ କଶ୍ଚିତ୍ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ।।

କଠୋପନିଷଦ୍-୧-୨

ଅର୍ଥାତ୍ ଏହି ଆତ୍ମା ଜନ୍ମ ନିଏ ନାହିଁ କି ମୃତ୍ୟୁବରଣ କରେନାହିଁ । ଏହା କେଉଁଠାରୁ ସୃଷ୍ଟି ହୁଏ ନାହିଁ କି କେଉଁଆଡ଼େ ଯାଏନାହିଁ । ଏହି ଆତ୍ମା ଅଜନ୍ମା, ଶାଶ୍ୱତ, ସର୍ବଦା ବିଦ୍ୟମାନ ଏବଂ ପୁରାତନ ଅଟେ । ଶରୀରର ମୃତ୍ୟୁ ହେଲେ ମଧ୍ୟ ଆତ୍ମାର ମୃତ୍ୟୁ ହୁଏ ନାହିଁ ।

ସଂସାରରେ ଯାହା ବି ହୁଏ ତାହା ପୂର୍ବ ନିର୍ଦ୍ଦିଷ୍ଟ । ଆମେ ଯେଉଁଭଳି ଘର ଚଳାଉଛେ ତଥା ଯେଉଁଭଳି ନିଜ ଜୀବନ ଚଳଉଛେ ସେହିଭଳି ସଂସାରର ଯିଏ ପାଳନକର୍ତ୍ତା ତାଙ୍କର ମଧ୍ୟ ପରିଚାଳନା ଦାୟିତ୍ୱ ରହିଅଛି । ପରମାତ୍ମାଙ୍କ ଏହି ସଂସାର ଜଳ ଭିତରେ ଆତ୍ମାମାନଙ୍କୁ ପଦ୍ମପତ୍ର ଭଳି ରହିବାକୁ ହେବ । ସଂସାର ଭିତରେ ବଞ୍ଚିବାର କଳା ଯେ ଶିଖିଛି ତା ପାଇଁ ଜୀବନ ସ୍ୱର୍ଗ, ଯେ ନ ଶିଖିଛି ତା ପାଇଁ ଜୀବନ ନର୍କ ।

ଅଧ୍ୟାପକ, ସଂସ୍କୃତ ସାହିତ୍ୟ
ଉପନିର୍ଦ୍ଦେଶକ, ଦୂରଶିକ୍ଷା ନିର୍ଦ୍ଦେଶାଳୟ
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି- ଆ.ପ୍ର
ମୋବାଇଲ- ୮୮୯୭୪୨୬୨୪୩

# ଜୀବନର ଅଭ୍ୟନ୍ତର

*ପ୍ରଫେସର ଶ୍ରୀଲେଖା ଭଟ୍ଟମିଶ୍ର*

**ଜୀ**ବନ ବାସ୍ତବ ନା ଅବାସ୍ତବ ? ଏ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ପ୍ରଥମେ 'ବାସ୍ତବ'ର ସଂଜ୍ଞା ଖୋଜିବାକୁ ହେବ। 'ବାସ୍ତବ' ଏକ ପଦାର୍ଥ ଅନୁଭୂତି, ତତ୍ତ୍ୱ କିମ୍ବା ଆଉ କିଛି ହୋଇପାରେ – ଏପରିକି ବିଭିନ୍ନ ବର୍ଗର ମଣିଷ ସମାଜ ପାଇଁ ଏହାର ବିଶ୍ଳେଷଣ ମଧ୍ୟ ଭିନ୍ନ ହୋଇପାରେ। ଦର୍ଶନ, ସମାଜତତ୍ତ୍ୱ, ମନସ୍ତତ୍ତ୍ୱ ଓ ସାହିତ୍ୟ ଜଗତର କିଛି ବିଶିଷ୍ଟ ସାଧକଙ୍କର ମତାମତ ସଂଗ୍ରହ କରି ଓ ଆଧୁନିକ ବିଜ୍ଞାନର ଜଟିଳ ତାତ୍ତ୍ୱିକ ବିଶ୍ଳେଷଣ ଓ ଦୃଢ଼ ଯୁକ୍ତିର ଆଧାରରେ ମୋର ବକ୍ତବ୍ୟ ହେଲା ସିଏ ବାସ୍ତବ ଯାହା ଅବିନାଶୀ, ଅପରିବର୍ତ୍ତନୀୟ ଓ ଚିରନ୍ତନ (ଏ ବିଷୟରେ ପ୍ରବନ୍ଧର ଅନ୍ୟ ସ୍ଥାନରେ ସଂକ୍ଷିପ୍ତରେ ବର୍ଣ୍ଣନା ହୋଇଛି)। ତେଣୁ ଜୀବନ କ୍ଷଣସ୍ଥାୟୀ ନା ଚିରନ୍ତନ – ଏହି ଦ୍ୱନ୍ଦ୍ୱର ସଠିକ୍ ବିଚାର ଜୀବନର ବାସ୍ତବତା ବିଷୟରେ ଉଚିତ ମୂଲ୍ୟାଙ୍କନ କରିପାରିବ ବୋଲି ମୁଁ ଭାବେ। ଜୀବନର ବସ୍ତବତା ସଂମ୍ପର୍କରେ ଆଲୋଚନା କଲାବେଳେ ଚାଲନ୍ତୁ ଆମ ପରି ସାଧାରଣ ମଣିଷଙ୍କର ଶୁଦ୍ଧ ଅନୁଭୂତି ବିଷୟରେ ପ୍ରଥମ ବିଚାର କରିବା। ଚେତନଶୀଳ ପ୍ରାଣୀ ପ୍ରତି ମୁହୂର୍ତ୍ତରେ ଜୀବନର ସତ୍ତା ଉପଲବ୍ଧି କରେ। ପିଲାଟିଏ ଜନ୍ମହୋଇ ଆମ ଆଗରେ ବଢ଼େ, ଆମେ ବି ଜୀବନ ଅତିବାହିତ କରୁଥାଉଁ – ସୁଖ, ଦୁଃଖର ଜୀବନ – ସ୍ୱପ୍ନ, ସଂଘର୍ଷ କର୍ମମୟ ଜୀବନ। ଜୀବନରେ ଶୈଶବର ସରଳତା ଅଛି କୈଶୋର'ର ଅସୁମାରି ସ୍ୱପ୍ନ ଅଛି ଯୌବନରେ ଉନ୍ନତିର ସୋପାନ ଅତିକ୍ରମ କରି ଶିଖରରେ ପହଞ୍ଚିବାର ଉନ୍ମାଦନା ଅଛି, ବାର୍ଦ୍ଧକ୍ୟରେ ବ୍ୟଥା, କଥା ସହ ଆଗକୁ ବଞ୍ଚିବାର ଓ କର୍ମକ୍ଷମ ରହିବାର ସ୍ପୃହା ଅଛି ଏସବୁ ଅନୁଭୂତି ନେଇ ଆମେ ଜୀବନକୁ ଅବାସ୍ତବ ଭାବିବା କିପରି ? ଏକଥା ସତ ଯେ ଜୀବନ ନାମକ ବସ୍ତୁଟିକୁ ଆମେ ଆଖି ଆଗରେ କେବେ ଦେଖିନାହୁଁ। ତେବେ ଆମ ସାମନାରେ ଅସୁମାରି ଜୀବନ୍ତ ବସ୍ତୁ – ନୀଳ ଗଗନରେ ଉଡ଼ନ୍ତା ଚଢ଼େଇର ପଂକ୍ତି; ଫଳ, ପୁଷ୍ପଭରା ବୃକ୍ଷ; ଦିଗନ୍ତ ବିସ୍ତାରୀ ସବୁଜିମା; ରକମାରି ଜୀବଜନ୍ତୁ – ଏସବୁ କ'ଣ ମିଛ, ଅବାସ୍ତବ ? ଚାଲନ୍ତୁ ଆଉ ପାଦେ ଆଗେଇଯିବା। ଯେତେବେଳେ ପ୍ରାଣୀର ଅନ୍ତିମ ସମୟ ଉପନୀତ ହୁଏ ଓ ଚରମ ସତ୍ୟ 'ମୃତ୍ୟୁ' ପ୍ରାଣୀକୁ କବଳିତ କରେ, ସବୁକିଛି ବଦଳିଯାଏ। ଜୀବ ପ୍ରତି ଥିବା ଭାବ ମୃତାତ୍ମା ବା ଶବ ନିମନ୍ତେ ଆଉ ନଥାଏ। ଆମ ବିଶ୍ୱାସ ଅନୁଯାୟୀ ମୃତାତ୍ମାର ଶୀଘ୍ର ସଂସ୍କାର ନିମନ୍ତେ ଆମେ ବ୍ୟଗ୍ର ହୋଇପଡୁ। ଆଉ ମୃତାତ୍ମା ବା ଶବ ଘରୁ ଚାଲିଯିବା ପରେ ପ୍ରଥା ଅନୁଯାୟୀ ଗୋବର ପାଣି ପକାଇ ରାସ୍ତା ଝାଡୁ କରାଯାଏ। କବି ଲେଖିଲେ "ଘର ବୋଲି ଅର୍ଜିଛୁ ଯେତେ ସମ୍ପଦ, ଘଟ ଛୁଟିଲେ ତୋତେ ବୋଲିବେ ଭୂତ। ଘର, ଘରଣୀ ଦେହ କିଳାଉ ଥିବେ, ଘେନି ବନ୍ଧୁ, କୁଟୁମ୍ବ ଶୁଦ୍ଧ ହୋଇବେ"। କବିଙ୍କ ଭାବ ହୁଏତ ଅପ୍ରିୟ ସତ୍ୟ ହୋଇପାରେ ଅଥବା ଅତିରଞ୍ଜିତ ଲାଗିପାରେ ତେବେ ଏ କଥା ସତ ଯେ ଜ୍ଞାତ, ପରିଜନ ଓ ଶ୍ରଦ୍ଧାଳୁ କାଳକ୍ରମେ ମୃତ୍ୟୁ ଓ ବିରହର ଶୋକ, ଦୁଃଖ ଭୁଲି କର୍ମମୟ ଜୀବନର ପ୍ରବାହରେ ଆଗେଇ ଚାଲନ୍ତି। ସଂକ୍ଷିପ୍ତରେ ନିଷ୍କର୍ଷ ହେଲା ବ୍ୟକ୍ତିଗତ ଜୀବନ କ୍ଷଣସ୍ଥାୟୀ କିନ୍ତୁ ସାମଗ୍ରିକ ଜୀବନ ବା ଜୀବନ ସ୍ରୋତ ଚିରନ୍ତନ ବାସ୍ତବ। ଏଇଟା ହେଲା ସାଧାରଣ ମାନବର ଜୀବନାନୁଭୂତି।

ବିଂଶ ଶତାବ୍ଦୀର ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କ ମତରେ ବ୍ରହ୍ମାଣ୍ଡରେ ଯେତେ ସବୁ ସୁନ୍ଦର ପଦାର୍ଥ ଆମେ ଦେଖୁ ବା ଅନୁଭବ କରୁ ସେ ସବୁ ରହସ୍ୟମୟ – ଆଉ ସେହି ରହସ୍ୟ ହିଁ ପୃଥିବୀ ପୃଷ୍ଠରେ ଗଢ଼ି ଉଠିଥିବା ସମଗ୍ର କଳା ଓ ବିଜ୍ଞାନର ଜନ୍ମଦାତ୍ରୀ। ନିଛକ ଆବଶ୍ୟକତା, ଅଦମ୍ୟ ଅନୁସନ୍ଧିତ୍ସା ଓ ଅସୀମ କଳ୍ପନା ମଣିଷକୁ ଆଦିମସ୍ତରରୁ ଆଣି ଆଜିର ଉନ୍ନତ ଯୁଗରେ ପହଞ୍ଚାଇ ପାରିଛି– ଏଥିରେ ଦ୍ୱିମତ ନାହିଁ। ପ୍ରାଗୈତିହାସିକ କାଳରେ ଆଦିମାନବ ଯେତେବେଳେ ପର୍ବତ ଗୁମ୍ଫାରେ ବାସ କରୁଥିଲା। ସେତେବେଳେ ତା'ର ଖାଦ୍ୟ, ବାସସ୍ଥାନ ଓ ବଂଶବୃଦ୍ଧି ମୌଳିକ ଆବଶ୍ୟକତା ଥିଲା। କାଳକ୍ରମେ ସେ ସବୁର ସୁଗମ ଆହରଣ ଓ ସୁରକ୍ଷା ନିମନ୍ତେ ସେ ଶୃଙ୍ଖଳିତ ତଥା ସୁଦୃଢ଼ ସମାଜ ଓ ପରିବେଶର କଳ୍ପନା କଲା। ଆଉ ତାହା ସହିତ ମଣିଷ ନିର୍ଦ୍ଦିଷ୍ଟ ଏକ ସଂଜ୍ଞା, ସଙ୍କେତ ବା ଚିନ୍ତାଧାରା ଖୋଜି ବୁଲିଲା ଯାହାର ଆସ୍ଥା ତା'କୁ ଅଦୃଷ୍ଟ ଭବିଷ୍ୟତର ସାମନା କରିବାକୁ ଅଭୟ ପ୍ରଦାନ କରିପାରିବ। ଫଳସ୍ୱରୂପ ସମାଜରେ ସନ୍ଥ, ସାଧକ ଓ ଦାର୍ଶନିକ ଉଭା ହେଲେ, ବୈଜ୍ଞାନିକମାନେ କଠିନ କାର୍ଯ୍ୟକୁ ସରଳ ଓ ନିପୁଣ କରିବାର ପନ୍ଥା ଉଦ୍ଭାବନ କଲେ ଓ ସମାଜ ତତ୍ତ୍ୱ ସାହିତ୍ୟ ଆଦିର ସୃଜନ ହେଲା। ଅବଶ୍ୟ ସଭ୍ୟତାର ଅଭିବୃଦ୍ଧି ସହିତ ବିଭିନ୍ନ ସମୟରେ ମଣିଷ ପ୍ରଚଳିତ ଚିନ୍ତାଧାରା ପରିତ୍ୟାଗ କରି ସମ୍ପୂର୍ଣ୍ଣ ନୂତନ ଚିନ୍ତାଧାରାର ଆଶ୍ରୟ ନେବାର ଅନେକ ଉଦାହରଣ ରହିଛି – ଯେପରିକି ବିଭିନ୍ନ ଯୁଗରେ ପରୀ-ପିଶାଚ, ଦେବ-ଦାନବ, ଭୂତପ୍ରେତର ପରାକ୍ରମରେ ବିଶ୍ୱାସ କରୁଥିବା ମଣିଷ ଆଜି ଏକବିଂଶ ଶତାବ୍ଦୀରେ ବୋଧହୁଏ କୃତ୍ରିମ ବୁଦ୍ଧିମତା (ରୋବଟ୍, କମ୍ପ୍ୟୁଟର ଆଦି) ଓ ବିଶିଷ୍ଟ ବିଶ୍ୱ ରାଜନେତାଙ୍କୁ ପରାକ୍ରମଶାଳୀ ମନେ କରେ।

ଉପରୋକ୍ତ ଆଲେଖ୍ୟରୁ ଏ କଥା ସ୍ପଷ୍ଟ ଯେ ସମଗ୍ର କଳା ବିଜ୍ଞାନ ଜଗତ, ଆଦିମ କାଳରୁ ସୃଷ୍ଟି ହୋଇଛି ଓ କ୍ରମବର୍ଦ୍ଧିଷ୍ଣୁ ସଭ୍ୟତାର ଗତି ସହ ପରିପୁଷ୍ଟ ହୋଇ ଆଜିର ସ୍ତରରେ ପହଞ୍ଚି ପାରିଛି ତେଣୁ ଜୀବନର ବାସ୍ତବତା ନିରୂପଣ କରିବାକୁ ହେଲେ, ସଭ୍ୟତା ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ କଳା ଓ ବିଜ୍ଞାନ ଜଗତର କିଛି ଅଗ୍ରଣୀ ଚିନ୍ତାଧାରା ଓ ବିଶିଷ୍ଟ ଘଟଣାବଳୀ ବିଚାରକୁ ନେବା ଉଚିତ ମନେ ହୁଏ। ପ୍ରଥମେ ଏ ବିଷୟରେ ଦର୍ଶନଶାସ୍ତ୍ରର କିଛି ଗୁରୁତ୍ୱପୂର୍ଣ୍ଣ ମତାମତ ବିଚାରକୁ ନେବା। ମୋଟା ମୋଟି ଭାବରେ କହିବାକୁ ଗଲେ ପ୍ରାୟ ସବୁ ସଭ୍ୟତାର ଅଗ୍ରଣୀ ଦାର୍ଶନିକ ପ୍ରବକ୍ତାମାନେ କିଛି ନିଷ୍କର୍ଷରେ ଏକମତ ଥିଲେ, ଯେପରିକି ଆତ୍ମାର ଅମରତ୍ୱ ସମ୍ପର୍କରେ। ପ୍ରାଚୀନ ଖ୍ରୀଷ୍ଟୀୟ ଦାର୍ଶନିକମାନେ ଗ୍ରୀକ୍ ମତବାଦରେ ବିଶ୍ୱାସ କରୁଥିଲେ ଯେ ଆତ୍ମା ଅବିନାଶୀ ଓ ଚିରନ୍ତନ। ଜୀବ ସତ୍ତା ଧାରଣ କରିବା ମୁହୂର୍ତ୍ତରେ ଈଶ୍ୱର ଆତ୍ମାକୁ ଭ୍ରୁଣ ମଧ୍ୟରେ ପ୍ରତିରୋପଣ କରନ୍ତି ଓ ମୃତ୍ୟୁ ପର୍ଯ୍ୟନ୍ତ ଜୀବ ଓ ଆତ୍ମା ପରସ୍ପର ସହିତ ଜଡ଼ିତ ହୋଇ ରହନ୍ତି। ପରେ ଅବଶ୍ୟ ଆତ୍ମା ମୃତ ଶରୀରରୁ ଅଲଗା ହୋଇ ନିଜର ଅକ୍ଷୁର୍ଣ୍ଣତା ବଜାୟ ରଖେ। ମଧ୍ୟଯୁଗରେ ଏହି ମତବାଦର ବିଶେଷ ପ୍ରଚଳନ ଥିଲା। ଚୀନ୍ ଅଧିବାସୀମାନେ ଦୁଇଟି ଆତ୍ମାରେ ବିଶ୍ୱାସ କରୁଥିଲେ- ଗୋଟିଏ ମୃତ ଶରୀର ସହ ରହି କର୍ମଫଳ ଭୋଗ କରୁଥିଲା। ଅନ୍ୟଟି ପିତୃଲୋକଯାଇ, ପୂର୍ବସୂରୀଙ୍କର ଆତ୍ମା ସହ ମିଶି ପରିବାରର ଜୀବନ୍ତ ସଦସ୍ୟଙ୍କ ଠାରୁ ନିର୍ଦ୍ଦିଷ୍ଟ ଦିନରେ ସମ୍ମାନ ପାଉଥିଲା। ହିନ୍ଦୁ ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି ଯେ ଚିରନ୍ତନ , ଅବିନାଶୀ ଓ ସର୍ବବ୍ୟାପି ପରମାତ୍ମାଙ୍କ ଅଂଶ ଆତ୍ମା, ଗର୍ଭାବସ୍ଥାରୁ ହିଁ ମାତୃଜଠର ରୂପକ ବନ୍ଦୀଗୃହରେ ରହି ଜୀବନକୁ ଧାରଣ କରେ ଓ ଜୀବାତ୍ମା ବୋଲାଏ। ଯେତେବେଳେ ମୃତ୍ୟୁ ଜୀବକୁ କବଳିତ କରେ ଆତ୍ମା ମୃତ ଶରୀରର ତ୍ୟାଗ କରେ ଓ ପୁନର୍ବାର ଜୀବର ଜୀବନବ୍ୟାପୀ କର୍ମଫଳାନୁଯାୟୀ ଏକ ଉଚ୍ଚ ବା ନୀଚ ଯୋନିର ଶରୀରରେ ଜୀବାତ୍ମା ରୂପରେ ପ୍ରବେଶ କରେ। ଏହିପରି ଜନ୍ମ-ମୃତ୍ୟୁର ଚକ୍ର ନିରନ୍ତର ଘୂରି ଚାଲେ ଓ ଆତ୍ମା ମୁକ୍ତ ହୁଏ ନାହିଁ। ତେବେ ଭଗବତ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେତେବେଳେ ଜୀବ ସମ୍ପୂର୍ଣ୍ଣ ସିଦ୍ଧି ଲାଭ କରେ, ଅର୍ଥାତ୍ ଜିତେନ୍ଦ୍ରିୟ ହୋଇ ଭଲ-ମନ୍ଦ, ସମ୍ମାନ- ଅସମ୍ମାନ, ଅହଙ୍କାର- ବିନମ୍ରତା ଆଦି ସମସ୍ତ ଦ୍ୱନ୍ଦ୍ୱର ପ୍ରଭାବ- ଅତିକ୍ରମ କରିବାକୁ ସମର୍ଥ ହୁଏ, ସେତେବେଳେ ଆତ୍ମା ଜୀବନ-ମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇ ପରମାତ୍ମାରେ ଲୀନ ହୋଇଯାଏ। ବର୍ତ୍ତମାନ ପ୍ରଶ୍ନ ଉଠେ ଆତ୍ମା- ଜୀବାତ୍ମା-ପରମାତ୍ମାର ଦୁର୍ବୋଧ୍ୟ ରହସ୍ୟ ଭିତରୁ ଜୀବନର ବାସ୍ତବତା ନିରୂପଣ କରିବା କିପରି ? ଆତ୍ମା ଓ ଜୀବନ କ'ଣ ସମାନ ବସ୍ତୁ ? ସେ କ୍ଷେତ୍ରରେ ଆତ୍ମା ଯଦି ଚିରନ୍ତନ ହୁଏ, ଜୀବନ ମଧ୍ୟ ହୁଏତ ଅବିନାଶୀ, ଅମର- ହେଲେ ୟା'ର ପ୍ରମାଣ କ'ଣ ?

ଏଇଠି 'ମିଷ୍ଟ୍ରିଜ୍ ଅଫ୍ ଦି ଅନ୍‌ଏକ୍ସପ୍ଲେନ୍‌ଡ଼' ନାମକ ଏକ ପୁସ୍ତକରୁ ମୁଁ ଆଚମ୍ବିତ ଘଟଣାଟିଏ ବର୍ଣ୍ଣନା କରୁଛି। ରିଡ଼ର୍ସ ଡ଼ାଇଜେଷ୍ଟ ସଂସ୍ଥାଦ୍ୱାରା ଏହି ପୁସ୍ତକଟି ପ୍ରସ୍ତୁତ ଓ ପ୍ରକାଶିତ ହୋଇଛି। ଏହାର ବିଶେଷତ୍ୱ ହେଲା ଯେ ଉଡ଼ନ୍ତା ଥାଳିଆ ଅନ୍ୟଗ୍ରହର ଜୀବଠାରୁ ଆରମ୍ଭ କରି ଭୂତ, ପ୍ରେତ, ଅନ୍ୟାନ୍ୟ ଅପ୍ରାକୃତିକ ଘଟଣା ଯଥା ହଠାତ୍ ନିଆଁ ଲାଗିବା, ଫଟୋରୁ ରକ୍ତ ବା ଅନ୍ୟ ପଦାର୍ଥ ଝରିବା, ଭବିଷ୍ୟତ ଦୁର୍ଘଟଣା ବିଷୟରେ ଆଗରୁ ଜାଣି ପାରିବା ଇତ୍ୟାଦି ଶହଶହ ଦୁର୍ବୋଧ ଆଶ୍ଚର୍ଯ୍ୟକର କଥା ଦୁନିଆର କୋଣ, ଅନୁକୋଣରୁ ସଂଗ୍ରହ କରି ସେ ସବୁର ସତ୍ୟାସତ୍ୟ, ପ୍ରମୁଖ ବିଶେଷଜ୍ଞ ଦଳ ସହାୟତାରେ ବୈଜ୍ଞାନିକ ପଦ୍ଧତିରେ ନିରୂପଣ କରିବା ପରେ ପୁସ୍ତକରେ ସ୍ଥାନିତ କରାଯାଇଛି। ଯେଉଁ ଘଟଣାଟି ନିମ୍ନରେ ବର୍ଣ୍ଣିତ ହୋଇଛି, ଏହା ତିବ୍‌ବତର ଓ ବୌଦ୍ଧଧର୍ମ ସହିତ ଜଡ଼ିତ। ବୌଦ୍ଧଧର୍ମରେ ଏକଦା ତନ୍ତ୍ର ବିଦ୍ୟାର ବହୁଳ ପ୍ରଚଳନ ଥିଲା। ତିବ୍‌ବତର ଉଚ୍ଚକୋଟୀର ତନ୍ତ୍ର ସାଧକମାନେ ଦୃଶ୍ୟମାନ ଜଗତର କୌଣସି ଜୀବନ୍ତ ବା ନିର୍ଜୀବ ବସ୍ତୁର କଳ୍ପନାକୁ ସାକାର ରୂପ ଦେଇ ପାରୁଥିଲେ ଏହାକୁ 'ଟଲ୍‌ପ' କୁହାଯାଉଥିଲା। 'ଟଲ୍‌ପ' ଭୂତ ବା ଛାଇପରି- କିନ୍ତୁ ଭୂତ ବା ଛାଇ ସ୍ପର୍ଶ କରି ହୁଏ ନାହିଁ, କିନ୍ତୁ 'ଟଲ୍‌ପ' ଦେଖିହୁଏ ଓ ସ୍ପର୍ଶଦ୍ୱାରା ଅନୁଭୂତ ହୁଏ। ମଣିଷ ପଶୁ ଏପରିକି ନିର୍ଜୀବ ବସ୍ତୁ ରାସ୍ତା, ସେତୁ ଆଦି ଯେ କୌଣସି ବସ୍ତୁର କଳ୍ପନାକୁ 'ଟଲ୍‌ପ' ବା ବାସ୍ତବ ରୂପ ଦିଆଯାଇ ପାରୁଥିଲା ଏବଂ ସାଧକର ଇଚ୍ଛା ଅନୁସାରେ ତାକୁ ବାସ୍ତବ ଅବସ୍ଥାରୁ ଅପସାରଣ କରି ହେଉଥିଲା। ଏକାଦିକ୍ରମେ ଦଶଟି 'ଟଲ୍‌ପ' ତିଆରି କରି ସେମାନଙ୍କୁ ପରିଚାଳନା କରିବାର ସାମର୍ଥ୍ୟ ପ୍ରବୀଣ ତନ୍ତ୍ର ସାଧକଙ୍କର ଥିଲା। ଆଲେକ୍‌ଜାନ୍ଦ୍ରିଡ ଡାଭିଡ- ନିଲ୍ (୧୮୬୮-୧୯୬୯) ନାମ୍ନୀ ଜଣେ ପ୍ରମୁଖ ଧର୍ମଶାସ୍ତ୍ରୀ ତଥା ପରିବ୍ରାଜକ ପ୍ରଥମ ଇଉରୋପୀୟ ମହିଳା ଭାବରେ ତିବ୍‌ବତରେ ପ୍ରବେଶ କରିଥିଲେ। ଦୀର୍ଘ ଚଉଦବର୍ଷ କାଳ ସେ ତାନ୍ତ୍ରିକ ବୁଦ୍ଧଧର୍ମର ବିଶିଷ୍ଟ ଲାମାଙ୍କଠାରୁ ଶିକ୍ଷାଲାଭ କରି ତନ୍ତ୍ର ସାଧନାରେ ନିପୁଣତା ହାସଲ କରିଥିଲେ। ସେ ସମୟର ସେ ଏକମାତ୍ର ମହିଳା ଲାମାଥିଲେ ଯେ ସର୍ବସାଧାରଣରେ ନିଜର ଦକ୍ଷତା ନିମନ୍ତେ ସମ୍ମାନୀୟ ପାତ୍ରୀ ହୋଇ ପାରିଥିଲେ ସେ ନିଜ ଅନୁଭୂତି "ମ୍ୟାଜିକ୍ ଏଣ୍ଡ ମିଷ୍ଟ୍ରି ଇନ୍ ତ଼ିବେଟ୍" ନାମକ ପୁସ୍ତକରେ ୧୯୨୯ ମସିହାରେ ପ୍ରକାଶ କରିଥିଲେ। ଏହି ପୁସ୍ତକରେ ଦଲାଇଲାମାଙ୍କର ସ୍ୱହସ୍ତ ଲିଖିତ ଅନେକ ଟିପ୍ପଣୀ ପତ୍ର ମଧ୍ୟ ରହିଛି ଆଲେକ୍‌ଜାନ୍ଦ୍ରିନ୍ ପଚାରିଥିବା ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ଗୂଢ଼ ପ୍ରଶ୍ନାବଳୀର ଉତ୍ତର ହିସାବରେ। ପୁସ୍ତକଟିରେ 'ଟଲ୍‌ପ' ସମ୍ପର୍କରେ ତାଙ୍କର ନିଜସ୍ୱ ଅନୁଭୂତି ମଧ୍ୟ ରହିଛି। ଏକଦା ସେ ନିଜେ ତାନ୍ତ୍ରିକ ନିୟମାବଳୀ ଅନୁସାରେ ଏକ ଗେଡ଼ା, ମୋଟା, ହସଖୁସିଆ ମଜାଳର ବୌଦ୍ଧଭିକ୍ଷୁ (ଲାଫିଙ୍ଗ୍ ବୁଦ୍ଧପରି) କଳ୍ପନା କଲେ ଓ ନିଜର ସମସ୍ତ ଚେତନାଶକ୍ତି ତହିଁରେ ନିୟୋଜିତ କରି ଗଭୀର ତପସ୍ୟାରେ ନମଗ୍ନ ହେଲେ। କିଛିମାସ ପରେ ଅବିକଳ ମୋଟା, ଗେଡ଼ା, ହସଖୁସିଆ ଏକ ବୌଦ୍ଧଭିକ୍ଷୁର ରୂପ ତାଙ୍କ ଆଖି ଆଗରେ ନାଚି ବୁଲିଲା। କ୍ରମଶଃ ସେହି ଛାୟା ରୂପ ସ୍ଥିର ହେଲା ଓ କିଛି ମାସପରେ ସେ 'ଟଲ୍‌ପ' ବା ବାସ୍ତବ ରୂପ ଧାରଣ କଲା। ସେ ଅତିଥି ବୌଦ୍ଧଭିକ୍ଷୁ ହିସାବରେ ତାଙ୍କ ଘରେ ରହୁଥିଲେ। କିଛି ମାସପରେ ଆଲେକ୍‌ଜାନ୍ଦ୍ରିନ୍ ନିଜ ଅନୁଗାମୀ ଶିଷ୍ୟ ଓ ସହଚରଙ୍କୁ ନେଇ ପରିଭ୍ରମଣରେ ବାହାରିଲେ। ବୌଦ୍ଧଭିକ୍ଷୁ ରୂପୀ 'ଟଲ୍‌ପ' ମଧ୍ୟ ତାଙ୍କୁ ଅନୁସରଣ କଲା। ଏ ପର୍ଯ୍ୟନ୍ତ ଆଲେକ୍‌ଜାନ୍ଦ୍ରିନ୍ 'ଟଲ୍‌ପ' ଉପରେ ଅବିରାମ ନିଜର ଧ୍ୟାନ ରଖିଥିଲେ। କ୍ରମଶଃ ସେ ବୌଦ୍ଧଭିକ୍ଷୁ ରୂପୀ 'ଟଲ୍‌ପ' କୁ ନିଜର କେନ୍ଦ୍ରୀଭୂତ ଧ୍ୟାନର ପରିସରରୁ ମୁକ୍ତ କରିଦେଲେ। କିନ୍ତୁ ଧ୍ୟାନକୁ ଆସିଲେ ସେ ଲକ୍ଷ୍ୟ କରୁଥିଲେ ଯେ 'ଟଲ୍‌ପ' ଟି ସ୍ୱାଭାବିକ ଆଚରଣ କରୁଥିଲା ଓ ବୌଦ୍ଧଧର୍ମର ନୀତି ପାଳନ କରି ଅନ୍ୟ ଭିକ୍ଷୁଙ୍କ ସହ ଭାବ ଆଦାନ ପ୍ରଦାନ କରୁଥିଲା। ପରିଭ୍ରମଣ ସମୟରେ ଆଲୋକ୍‌ଜାନ୍ଦ୍ରିନ୍ ଓ ତାଙ୍କର ପ୍ରମୁଖ ଶିଷ୍ୟଗଣ ତମ୍ବୁରେ ରହୁଥିଲେ କିନ୍ତୁ ସହଗାମୀ ଅନ୍ୟାନ୍ୟ ଅନୁଚର ଓ

ସାଧାରଣ ବୌଦ୍ଧଭିକ୍ଷୁ ମାନେ ମୁକ୍ତାକାଶ ତଳେ ରାତ୍ରି ଯାପନ କରୁଥିଲେ। କ୍ରମଶଃ ଆଲେକ୍‌ଜାନ୍ଦ୍ରିନ୍ ବୌଦ୍ଧଭିକ୍ଷୁ ରୂପୀ 'ଟଲ୍‌ପ'ର ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟ କଲେ। 'ଟଲ୍‌ପ' ଟି ଉଦ୍ଧତ ଆଚରଣ କରିବାକୁ ଲାଗିଲା- ଏପରିକି ସାଧ୍ୱିକାଙ୍କ ପାଇଁ ଉଦ୍ଦିଷ୍ଟ ତମ୍ବୁ ମଧ୍ୟରେ ପ୍ରବେଶ କଲା। ତାଙ୍କ ପାଇଁ ଦର୍ଶନାର୍ଥୀ ଦେଇଥିବା ଉପହାର ନିଃସଙ୍କୋଚରେ ବ୍ୟବହାର କଲା ଓ ଶେଷରେ ଦିନେ ତମ୍ବୁରେ ଥିବା ତାଙ୍କର ବ୍ୟକ୍ତିଗତ କୋଠରିରେ ପଶି ତାଙ୍କୁ ମଧ୍ୟ ସ୍ପର୍ଶ କଲା। ପରବର୍ତ୍ତୀ ସମୟରେ ଅନୁସନ୍ଧାନ ବେଳେ, ଦର୍ଶନାର୍ଥୀ ରୂପେ ଆସୁଥିବା ଅନେକ ସ୍ଥାନୀୟ ଅଧିବାସୀ ଆଲେକ୍‌ଜାନ୍ଦ୍ରିନ୍‌ଙ୍କ ତମ୍ବୁରେ କେହି ଜଣେ ବୌଦ୍ଧଭିକ୍ଷୁର ଅବସ୍ଥାନ ସମ୍ପର୍କରେ ସାକ୍ଷ୍ୟ ଦେଇଥିଲେ। 'ଟଲ୍‌ପ'ର ଏପରି ଅସଭ୍ୟ ଉଦ୍ଧତ ବ୍ୟବହାରରେ ଅତିଷ୍ଠ ହୋଇ ଆଲେକ୍‌ଜାନ୍ଦ୍ରିନ୍ ପୁନର୍ବାର ମାସ ମାସ ଧରି ତପସ୍ୟା କଲେ ଓ ପରିଶେଷରେ ତାକୁ ବିଲୁପ୍ତ କରିବାକୁ ସକ୍ଷମ ହୋଇ ପାରିଥିଲେ। ଏହା ବିଂଶ ଶତାବ୍ଦୀର, ଲିପିବଦ୍ଧ ଓ ସତ୍ୟାସତ୍ୟ ପରୀକ୍ଷିତ ଘଟଣା। ସ୍ୱାଭାବିକ ମନରେ ପ୍ରଶ୍ନ ଆସେ ଯେ ଯଦି ଉପଯୁକ୍ତ ପଦ୍ଧତି ଅନୁସରଣ କରି ମନର କେନ୍ଦ୍ରୀଭୂତ ଶକ୍ତି ବଳରେ ଜୀବନର ସୃଷ୍ଟି ଓ ବିଲୋପ ସମ୍ଭବ ତେବେ ଜୀବନର ବାସ୍ତବତା ରହିଲା କେଉଁଠି ? ଜୀବନ କ'ଣ ଏକ ସ୍ୱପ୍ନ ଅଥବା ମଣିଷ ମନର କଳ୍ପନା ? କେତେକ ପ୍ରାଚୀନ ହିନ୍ଦୁ ଓ ଗ୍ରୀକ୍ ଦାର୍ଶନିକଙ୍କ ମତରେ ଜୀବନ ସ୍ୱପ୍ନତୁଲ୍ୟ। ଆଧୁନିକ ଦର୍ଶନଶାସ୍ତ୍ର ଓ ଗଣିତ ଶାସ୍ତ୍ରର ଅନନ୍ୟ ସୂତ୍ରଧର ରେନେଡି କାର୍ଟ (୧୫୯୨- ୧୬୫୦) ପାଖାପାଖି ସେହି ମସାନ ମନ୍ତବ୍ୟର ଅଗ୍ରଣୀ ପ୍ରବକ୍ତା ଥିଲେ। ତାଙ୍କ ମତରେ ଜାଗ୍ରତ ଅବସ୍ଥାରେ ଜୀବନରେ ଯାହା ଘଟେ ଓ ସ୍ୱପ୍ନରେ ଆମେ ଯାହା ଦେଖୁଁ ଦୁହେଁ ଅଙ୍ଗାଙ୍ଗୀ ଜଡ଼ିତ। ଦୁହିଁଙ୍କ ମଧ୍ୟରେ ଯେଉଁ କ୍ଷୁଦ୍ର ତଫାତ୍ ଥାଏ ତାହା ପ୍ରତିପାଦିତ କରେ ଯେ ଜୀବନସାରା ଆମେ ସ୍ୱପ୍ନ ହିଁ ଦେଖୁଥାଉ। ରେନେଙ୍କ ମନ୍ତବ୍ୟର ବିଶେଷତ୍ୱ ହେଲା ଯେ ତାଙ୍କ ଚିନ୍ତାଧାରା ଓ ବକ୍ତବ୍ୟ ସମୂହ ଗଣିତଶାସ୍ତ୍ରର ଅକାଟ୍ୟ ସୂତ୍ରାବଳୀ ଓ ପ୍ରମେୟ ଦ୍ୱାରା ବିଶେଷ ପ୍ରଭାବିତ। ଯେପରି ନିଦ ଭାଙ୍ଗିଗଲେ ସ୍ୱପ୍ନ ଅଳୀକ ଓ ଅବାସ୍ତବ ଲାଗେ ଠିକ୍ ସେହିପରି ଜୀବଶକ୍ତିର ଉତ୍ସ ନିର୍ବାପିତ ହେଲେ ଜୀବନବ୍ୟାପି ଘଟିଥିବା ଘଟଣା ଗୁଡ଼ିକ ଅବାସ୍ତବ ହୋଇଯାଏ। ଅର୍ଥାତ୍ ଜୀବନ ସ୍ୱପ୍ନତୁଲ୍ୟ- ଏକ ଅବାସ୍ତବ, ନିରର୍ଥକ ଘଟଣାବଳୀର ସମାହାର।

ମନସ୍ତତ୍ତ୍ୱବିଦ୍‌ଙ୍କ ମତରେ ଚେତନଶୀଳ ଜୀବନ ଏକ ଚମତ୍କାର। ଜୀବନର ଦୈର୍ଘ୍ୟ ଯାହାକି ହେଉନା କାହିଁକି- ସ୍ୱଳ୍ପ ବା ଦୀର୍ଘ ଏହାର ଚମତ୍କାରିତା ଆମକୁ ଆଚ୍ଛାଦିତ କରି ରଖେ ଯେ ପର୍ଯ୍ୟନ୍ତ ଆମେ ଦୃଢ଼ ଭାବରେ ହୃଦୟଙ୍ଗମ ନକରୁ ଯେ ମୃତ୍ୟୁ ଜୀବନର ନିଶ୍ଚିତ ପରିସମାପ୍ତି ଓ ଧ୍ରୁବ ସତ୍ୟ। ବାଲ୍ୟକାଳରୁ ସମାଜ ତଥା ପରିବାରର ଆବହମାନ ପ୍ରଥା ଆମର ପ୍ରତିବନ୍ଧିତ ମନକୁ ଜୀବନର କ୍ଷଣ ଭଙ୍ଗୁରତା ଓ ମୃତ୍ୟୁର ସତ୍ୟତା ବିଷୟରେ ଅବଗତ କରାଇଥାନ୍ତି। ପ୍ରକୃତରେ କିନ୍ତୁ ଆଦ୍ୟ ଜୀବନର ସ୍ୱପ୍ନ ହାସଲ ନିମନ୍ତେ ଆମେ ଜୀବନ ସାରା କୁହୁଡ଼ି ପହଁରିଥାଉ। ଜୀବନର ଚରମ ସତ୍ୟତା ଉପଲବ୍ଧି କରିବାକୁ ହୁଏତ ଆମ ହାତରେ ସମୟ ନଥାଏ କିମ୍ବା ଜାଣିଶୁଣି ଆମେ ଏହାକୁ ବିଷାଦବାଦ କହି ଏଡ଼ାଇ ଥାଉ। ଧନ, ସମ୍ମାନ, ପ୍ରତିପତ୍ତି ଓ ଭୋଗ ବିଳାସ ଆମକୁଏପରି ମଦମତ୍ତ କରି ରଖେ ଯେ ଆମେ ବେଳେବେଳେ ଆଚରଣ କରୁ, ଯେପରିକି ଆମେ ଅମର। ବିଶିଷ୍ଟ ଫରାସୀ ମନସ୍ତତ୍ତ୍ୱବିତ୍, ଦାର୍ଶନିକ ଓ ଔପନାସିକ ରା ପଲ୍ ସାତାର୍‌ଙ୍କ ମତରେ ଯେଉଁ ମୁହୂର୍ତ୍ତରେ ଆମେ ଦୃଢ଼ ଭାବରେ ହୃଦୟଙ୍ଗମ କରୁ ଯେ ଅମରତ୍ୱ ଏକ ନିଛକ କଳ୍ପନା ସେଇଠି ଜୀବନ ଆମକୁ ଅବାସ୍ତବ ଓ ଭ୍ରମ ବୋଲି ବୋଧହୁଏ। ଏହିଭାବ ଆମକୁ ବିଶେଷ ଭାବରେ ଆଚ୍ଛନ୍ନ କରେ ଯେତେବେଳେ ଦୈନନ୍ଦିନ ଜୀବନ ଗତାନୁଗତିକ ଓ ମୂଲ୍ୟହୀନ ବୋଲି ଆମକୁ ବୋଧହୁଏ। ପ୍ରାୟତଃ ବୟସ ବଢ଼ି ଚାଲିବା ସହିତ ଯେତେବେଳେ ଆଦ୍ୟ ଜୀବନରେ ସ୍ୱପ୍ନ ଦେଖିବାର ଓ ତଦନୁଯାୟୀ କର୍ମ ଓ ଅପକର୍ମ କରି ଲକ୍ଷ୍ୟ ହାସଲର ପ୍ରବଳ ଇଚ୍ଛା ଓ ପ୍ରଚେଷ୍ଟା ଶିଥିଳ ହୋଇଆସେ ଜୀବନ ଆମକୁ ମୂଲ୍ୟହୀନ ଲାଗେ। ଆମେ ନିଜକୁ ନିୟୋଜିତ କରି ରଖିବାକୁ ନୂଆ ପରିଭାଷା ଖୋଜୁ, ନୂଆ ପରିକଳ୍ପନା କରୁ- ଗୋଟିଏ କଥାରେ ନିଜକୁ ଶାରୀରିକ ଓ ମାନସିକ ସ୍ତରରେ ସକ୍ରିୟ ରଖିବାକୁ ଚେଷ୍ଟାକରୁ। ଜୀବନ ସାରା ଆମର ଏହି କ୍ରମାଗତ ପ୍ରଚେଷ୍ଟା, କର୍ମାନୁସାରେ ଆମକୁ ନିଶ୍ଚିତ ଭାବରେ କିଛି ପରିମାଣରେ ନିରୋଳା ସନ୍ତୋଷ ଶାନ୍ତିଦିଏ, କିନ୍ତୁ କାଳକ୍ରମେ ଏହା ମଧ୍ୟ ଗୁରୁତ୍ୱହୀନ ଓ ଗୌଣ ବୋଧହୁଏ ଆଉ ଆମେ ସେତେବେଳେ ଉପଲବ୍ଧି କରୁ ଯେ ଜୀବନ ଏକ ଭ୍ରମ ମୋହଜାଲ ଯାହା ଆମକୁ ଅହରହ ଭ୍ରମିତ କରି ଚାଲିଛି। ଭଗବତ୍ ଗୀତାର ଶେଷ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି।

ଈଶ୍ୱରଃ ସର୍ବଭୂତାନଂ ହଦେଶର୍ଜୁନ ତିଷ୍ଟତି
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ର ରୂଢ଼ାନି ମାୟା।

ଉପରୋକ୍ତ ଅଭିଜ୍ଞତାକୁ ଏକ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରାଯାଉ। ଚାଲନ୍ତୁ ଖ୍ରୀଷ୍ଟାବ୍ଦ ଏକବିଂଶ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ଏକବିଂଶ ଶତାବ୍ଦୀକୁ ଫେରିଯିବା। ପ୍ରାୟ ସେହି ସମୟରେ ସିନ୍ଧୁ ନଦୀର ଅବାହିକାରେ ଏକ ଉନ୍ନତ ସଭ୍ୟତା ତା'ର ସ୍ୱର୍ଣ୍ଣିମ ଶିଖରରେ ପହଞ୍ଚିଲା (ଖ୍ରୀ:ପୂ: ୨୫୦୦- ୧୯୦୦) ପାକିସ୍ଥାନ ଓ ଉତ୍ତର ଭାରତ ଠାରୁ ଆରମ୍ଭ କରି ଗୁଜରାଟ, ବଙ୍ଗଦେଶ ଓ ପଶ୍ଚିମରେ ଇରାନ୍‌ର ସୀମା ପର୍ଯ୍ୟନ୍ତ ଏହା ବିସ୍ତୃତ ଥିଲା। ଏକ ଅଗ୍ରଣୀ ସଭ୍ୟତାର ସ୍ମାରକୀ ହିସାବରେ ଉନ୍ନତ କୋଟୀର ସ୍ଥାପିତ କଳା ଓ ସହରାଞ୍ଚଳ ଯୋଜନାର ଅନେକ ଭଗ୍ନାବଶେଷ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱରା (୧୯୨୦-୧୯୩୬ ଖ୍ରୀଷ୍ଟାବ୍ଦ) ପଞ୍ଜାବ ପ୍ରଦେଶରେ ଅବିଷ୍କୃତ ହୋଇଥିଲା। ଅନୁରୂପ ଭଗ୍ନାବଶେଷ ପାକିସ୍ଥାନରେ ଥିବା ସିନ୍ଧୁ ସଭ୍ୟତାର ଅଞ୍ଚଳ ଗୁଡ଼ିକ ଖନନ ଫଳରେ ସେହି ଦେଶ ଓ ଆମେରିକାର ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ଦ୍ୱରା ଆବିଷ୍କୃତ ହୋଇ ସାରିଛି। ଆମେ ସମସ୍ତେ ଏହି ଉଚ୍ଚକୋଟୀର ସଭ୍ୟତା ବିଷୟରେ ଉଣା- ଅଧିକେ ଅବଗତ ଅଛୁ। ଭାବି ଦେଖନ୍ତୁ ଶହଶହ ବର୍ଷଧରି ଗଢ଼ି ଉଠିଥିବା ଏପରି ଏକ ଉନ୍ନତ ସଭ୍ୟତା ନିଶ୍ଚିତ ଭାବରେ ଅନେକ ଉଚ୍ଚକୋଟୀର ବିଦ୍ୱାନ୍ ବ୍ୟକ୍ତିଙ୍କର ଏନ୍ତୁଡ଼ିଶାଳ ହୋଇଥିବ। ଏପରିକି ସହରାଞ୍ଚଳର ଗଳିକନ୍ଦିରେ ସମ୍ମାନୀୟ ବିଶିଷ୍ଟ ବ୍ୟକ୍ତିମାନେ ଥିବେ ଯାହାଙ୍କ ପରାମର୍ଶ ସମୟ- ଅସମୟରେ ଆଖପାଖର ଅଧିବାସୀମାନେ ନେଉଥିବେ। ଆଜି ବ୍ୟକ୍ତିଗତ ସ୍ତରରେ ସେମାନଙ୍କର କୃତିତ୍ୱକୁ ଏପରିକି ସେମାନଙ୍କୁ କିଏ ମନେ ରଖିଛିକି ? ଆଜିଠାରୁ ଆଉ ଏକବିଂଶ ଶତାବ୍ଦୀ ଆଗକୁ ଗଲେ, ଅଧୁନା ପୃଥିବୀ ତାହାର ସମସ୍ତ ଯଶ, ଗାରିମା ଓ ଯଶସ୍ୱୀଙ୍କ ସହ ମାଟିତଳେ ଲୀନ ହୋଇଯିବା କ'ଣ ଅବଶ୍ୟମ୍ଭାବୀ ମନେ ହୁଏ ନାହିଁ ? ଏ କଥା ଅବଶ୍ୟ ଆମ ଶାସ୍ତ୍ରରେ ଅଜଣା

ନୁହେଁ । ଶ୍ରୀମଦ୍ ଭାଗବତ ମହାପୁରାଣରେ ସୃଷ୍ଟିର ଆରମ୍ଭ ଓ କାଳର କରାଳ ଗର୍ଭରେ ଲୀନ ହେବାର କ୍ରମାଗତ ପ୍ରକ୍ରିୟା ବିଷୟରେ ବିଶଦ ବର୍ଣ୍ଣନା ହୋଇଛି । ସଂକ୍ଷେପରେ ଭାଗବତର ଭାଷାରେ ।

ନମଇ ପରମ ପୁରୁଷ । ଅନନ୍ତ ଘଟେ ଯା ପ୍ରକାଶ ।।
ଲୀଳା ବିହାରେ ସୃଷ୍ଟିକରେ । ପାଳଇ ପୁଣି ତା ସଂହାରେ ।।

ତେଣୁ ଯଦି ଜୀବନ ତଥା ଜୀବଦ୍ଦଶାର ଘଟଣାବଳୀ, କାଳର କରାଳ ଗର୍ଭରେ ଲୁପ୍ତ ହୋଇ ବିଧ୍ୱସ୍ତ ଓ ବିସ୍ମୃତ ହୋଇଯାଏ ତେବେ ଅବଶେଷ ରହେ କ'ଣ ? ତେଣୁ ଜୀବନ ଚିରନ୍ତନ ଅତଏବ ବାସ୍ତବ ବୋଲି ବିଚାର କରିବା ଆଦୌ ଯଥାର୍ଥ ନୁହେଁ– ବରଂ ଜୀବନ ସଂମ୍ପୂର୍ଣ୍ଣ ଅବାସ୍ତବ, ଇନ୍ଦ୍ରଜାଲ ସଦୃଶ ।

ସାହିତ୍ୟ ଓ ଜୀବନ ପରସ୍ପରର ପରିପୂରକ । ସାହିତ୍ୟକୁ ବ୍ୟାପକ ଓ ସମୃଦ୍ଧ କରିବାକୁ ଜୀବନ କଞ୍ଚାମାଲ ଯୋଗାଏ ଓ ପ୍ରତିଦାନରେ ସାହିତ୍ୟ ଜୀବନକୁ ଉଚିତ୍ ମାର୍ଗ ପ୍ରଦର୍ଶନ କରେ ଉନ୍ନତ ଓ ମାର୍ଜିତ ହେବାପାଇଁ ପ୍ରେରଣା ଦିଏ । ସଂକ୍ଷିପ୍ତରେ ସାହିତ୍ୟ ଆମ ଆଖି ଖୋଲିଦିଏ ସଭ୍ୟତା, ସଂସ୍କୃତି ଓ ମାନବିକ ଧର୍ମ ବିଷୟରେ । ଜୀବନ ଅବାସ୍ତବ ଓ ସ୍ୱପ୍ନ ବୋଲି ପ୍ରମାଣିତ ହେଲେ ସାହିତ୍ୟର ଲେଖନୀ ବୋଧହୁଏ ଶୁଷ୍କ ହୋଇଯିବ । କାରଣ ସରସତା, ମାଧୁର୍ଯ୍ୟ, ଉତ୍ତେଜନା, ପ୍ରେମ, କରୁଣା, ବିଷାଦ, ଅହଙ୍କାର, ମୋହ ଆଦି ଜୀବନର ବହୁବିଧ ଅଭିବ୍ୟକ୍ତିକୁ ନେଇ ସାହିତ୍ୟ ଜୀବନ୍ତ ଓ ଚଳଚଞ୍ଚଳ । ତେଣୁ ସାହିତ୍ୟ କୃତୀରେ ଜୀବନ ଯେ ଅବାସ୍ତବ ଓ ସ୍ୱପ୍ନତୁଲ୍ୟ ଏହାର ବର୍ଣ୍ଣନା ହୋଇଥିବା ସ୍ୱାଭାବିକ ମନେ ହୁଏ ନାହିଁ । ତେବେ ଆଶ୍ଚର୍ଯ୍ୟର କଥା ଜୀବନ ଯେ ଅବାସ୍ତବ ସ୍ୱପ୍ନତୁଲ୍ୟ ଏ ବିଷୟରେ ସାହିତ୍ୟ ଜଗତରେ ଅନେକ ମନ୍ତବ୍ୟ ଓ ରଚନା ଦେଖିବାକୁ ମିଳେ । ବିଶିଷ୍ଟ ଇଂରାଜୀ ଲେଖକ ଲୁଇସ୍ କାରଲ୍ 'Life is but a dream' ନାମକ ଲୋକପ୍ରିୟ କବିତାଟିଏ ଲେଖିଛନ୍ତି । କେବଳ ଶେଷ ପଂକ୍ତିଟି ଉଦ୍ଧାର କରୁଛି–

"Ever drifting down the stream
Lingering in the golden gleam,
Life, What is it but a dream?"

ବିଶ୍ୱ ପ୍ରଶିଦ୍ଧ ଔପନ୍ୟାସିକ, ନାଟ୍ୟକାର ଓ କବି ୱିଲିୟମ୍ ସେକ୍ସପିଅରଙ୍କ ମନ୍ତବ୍ୟ ଥିଲା ଯେ "Life is but a dream within a dream" । ପାଖାପାଖି ୧୬୩୦ ମସିହାରେ ପେଡ୍ରା କାଲ୍‌ଦେରନ୍ ଡେଲା ବାର୍କା, ସ୍ପେନ୍ ଦେଶରେ ପ୍ରଚଳିତ ଭାଷାରେ ଜୀବନ ଏକ ସ୍ୱପ୍ନ ନାଟକ ରଚନା କରିଥିଲେ । ପରେ ୧୬୩୫ ମସିହରେ ଏହା ପ୍ରଥମେ ମଞ୍ଚସ୍ଥ ହୋଇଥିଲା ଓ ୧୬୩୬ ମସିହାରେ ପୁସ୍ତକ ଭାବରେ ପ୍ରକାଶିତ ହୋଇଥିଲା । ଏହି ନାଟକଟି ପୃଥିବୀର ଶ୍ରେଷ୍ଠ ଚାଳିଶଟି ନାଟକ ମଧ୍ୟରେ ଆଜି ମଧ୍ୟ ପରିଗଣିତ । ସଂକ୍ଷେପରେ ନାଟକଟିର ବିଷୟବସ୍ତୁ ହେଲା ସେଗିମୁଣ୍ଡୋ ନାମକ ପୋଲଣ୍ଡର ଯୁବରାଜ ତାଙ୍କ ପିତା ତଥା ରାଜା ବାସିଲୋଙ୍କ ଆଦେଶ ବଳରେ ବନ୍ଦୀହେଲେ ଓ ସଶକ୍ତ ପ୍ରହରୀ ଘେରରେ ତାଙ୍କୁ ଏକ ଦୁର୍ଗରେ ରଖାଗଲା । ଭବିଷ୍ୟବାଣୀ ଯୁବରାଜଙ୍କର ବନ୍ଦୀ ହେବାର ଏକମାତ୍ର କାରଣ ଥିଲା – ଫଳ ସ୍ୱରୂପ ସେ ଦୁର୍ଗ ଭିତରେ ନିଃସଙ୍ଗ ବନ୍ଦୀ ଜୀବନ କାଟିବାକୁ ବାଧ୍ୟ ହୋଇଥିଲେ । ନିଜ ଉପରେ ହୋଇଥିବା ଅନ୍ୟାୟ ଅନ୍ୟ ଯୁବରାଜଙ୍କୁ ଅତ୍ୟନ୍ତ କ୍ରୋଧିତ ଓ ପ୍ରତିଶୋଧ ପରାୟଣ କରିଥିଲା । ସେ ପୁନର୍ବାର ନିଜର ପ୍ରତିଷ୍ଠା ଓ ମର୍ଯ୍ୟାଦା ପାଇବାକୁ ବ୍ୟଗ୍ର ଥିଲେ । କିଛି ବର୍ଷପରେ ରାଜା ବାସିଲୋ ପିତୃ ହୃଦୟର ବାତ୍ସଲ୍ୟ ଓ କରୁଣା ଯୋଗୁଁ ଯୁବରାଜ ସେଗିମୁଣ୍ଡୋଙ୍କୁ ସାମୟିକ ଭାବରେ ମୁକ୍ତ କରିଥିଲେ । କିନ୍ତୁ ଦୁର୍ଗରୁ ବାହାରିବା ମାତ୍ରେ ନିଜର ପୁଞ୍ଜୀଭୂତ କ୍ରୋଧ, କ୍ଷୋଭ ଯୁବରାଜଙ୍କୁ ବର୍ବର କରିଦେଲା । ସେ ନୃଶଂସ ଭାବରେ ଧନଜୀବନର ପ୍ରଭୂତ କ୍ଷତି କରିଥିଲେ । ତେଣୁ ରାଜା ବାସିଲୋ ତାଙ୍କୁ ପୁନର୍ବାର ବନ୍ଦୀ କରି ଦୁର୍ଗ ମଧ୍ୟରେ ନିକ୍ଷେପ କରିଥିଲେ । ପୁତ୍ରଠାରୁ ବିଦାୟ ନେବାବେଳେ ସେ ପୁତ୍ରକୁ ପ୍ରବୋଧନା ଦେଇଥିଲେ ଯେ ଯାହାସବୁ ଯୁବରାଜଙ୍କ ଜୀବନରେ ଘଟିଥିଲା – ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ, ତାଙ୍କର ଉଚ୍ଚାକାଂକ୍ଷା ଓ ପ୍ରତିପତ୍ତିର ମୋହ, ଘୃଣା, ନୃଶଂସତା, ପିତାଙ୍କର  ସ୍ନେହ, କରୁଣା ଆଦି ସବୁ ଅଳୀକ ଓ ସ୍ୱପ୍ନତୁଲ୍ୟ ମୂଲ୍ୟହୀନ । ନାଟକଟିରେ ଜୀବନର ବହୁବିଧ ଅଭିବ୍ୟକ୍ତି ବିଷୟରେ ନିଖୁଣ ଚିତ୍ରଣ  ସହିତ ଅନ୍ତର୍ନିହିତ ନୈତିକ ଓ ଦାର୍ଶନିକ ବାର୍ତ୍ତା ମଧ୍ୟ ସରଳଭାଷାରେ ବ୍ୟକ୍ତ କରାଯାଇଛି । କହିବା ବାହୁଲ୍ୟ ସେ ସମୟରେ ଇଉରୋପୀୟ ଦେଶ ଗୁଡ଼ିକରେ ନାଟକଟି ଚହଳ ସୃଷ୍ଟି କରିଥିଲା । ଜନଚେତନାରେ କ୍ରାନ୍ତି ସୃଷ୍ଟି – ସକ୍ଷମ ଏମିତି ଅନେକ ସାହିତ୍ୟ କୃତୀ ଅଛି ଓ ନିଶ୍ଚୟ ସୃଷ୍ଟି ହେବ ଯାହା ଜୀବନର ଅବାସ୍ତବତା ଉପରେ ଆଧରିତ ଓ ଯାହା ପ୍ରତିପାଦନ କରୁଥିବ ଯେ –

ଏହିତ ଜଗତ ମାୟାରେ ମାନବ, ମାୟା କି ମନମୋହନ
ମୋହର ମୋହର ବୋଲି ମୁଁ ମରୁଛି, ମୋର ନୁହେଁ ମୋ ଜୀବନ ।
(କୁନ୍ତଳା କୁମାରୀ ସାବତ)

ବିଜ୍ଞାନ ଜଗତରେ  ଯେ କୌଣସି ମୌଳିକ ସିଦ୍ଧାନ୍ତ ପ୍ରଥମେ ପରିକଳ୍ପନା ହିସିବରେ ଲୋକ ଲୋଚନକୁ ଆସେ । ପରିକଳ୍ପନା ମାନସ ପ୍ରସୂତ ଏକ ପୂର୍ବାନୁମାନ, ଯାହା କୌଣସି ପ୍ରାକୃତିକ ଘଟଣା ବା ବସ୍ତୁ ସହିତ ଯଡ଼ିତ ଅସମାହିତ ପ୍ରଶ୍ନର ଅସ୍ଥାୟୀ ସମାଧାନ ରୂପେ ପ୍ରକାଶ କରାଯାଇଥାଏ । ବିଜ୍ଞାନାଗାରରେ ପରୀକ୍ଷଣ ଦ୍ୱରା ଯଦି ପରିକଳ୍ପନା ସତ ବୋଲି ପ୍ରମାଣିତ ହୁଏ କିମ୍ବା ପରିକଳ୍ପନା ଯଦି ଅସମାହିତ ପ୍ରଶ୍ନର ବୈଜ୍ଞାନିକ ବ୍ୟାଖ୍ୟା ଦେବାରେ ସମର୍ଥ ହୁଏ ତେବେ ତାହା ମୌଳିକ ସିଦ୍ଧାନ୍ତ ରୂପେ ଗ୍ରହଣ କରାଯାଏ । କିନ୍ତୁ ଖୁବ୍ କମ୍ ସିଦ୍ଧାନ୍ତ କଟୁ ସମାଲୋଚନା ଓ ବିରୋଧାଭାସରୁ ମୁକ୍ତ ଜୀବନର ବାସ୍ତବତା ନିରୂପଣ କରିବା ପରିପ୍ରେକ୍ଷୀରେ, ଉଦାହରଣ ସ୍ୱରୂପ ଜୀବନ ସହ ଅଙ୍ଗାଙ୍ଗୀ ଜଡ଼ିତ ଦୁଇଟି ସିଦ୍ଧାନ୍ତ ବିଷୟରେ ଆଲୋଚନା କରିବା । ଏ କଥା ସ୍ୱୀକାର୍ଯ୍ୟ ଯେ ଅସଖ୍ୟ ନକ୍ଷତ୍ର ମଣ୍ଡଳ, ଗ୍ରହ, ଉପଗ୍ରହ, ଛାୟାପଥ, କୃଷ୍ଣବିବର, ସୁପରନୋଭା ଇତ୍ୟାଦି ସହିତ ସମଗ୍ର ଜୀବଜଗତ ମଧ୍ୟ, ବ୍ରହ୍ମାଣ୍ଡର ଅଂଶ ବିଶେଷ– ତେଣୁ ନିଃସନ୍ଦେହ ବ୍ରହ୍ମାଣ୍ଡର ଉତ୍ପତ୍ତିରୁ ହିଁ ଜୀବଜଗତର ସୃଷ୍ଟି ହୋଇଛି । ବ୍ରହ୍ମାଣ୍ଡର ଉତ୍ପତ୍ତି ସମ୍ପର୍କରେ 'ବିଗ୍ ବ୍ୟାଙ୍ଗ' ବା 'ମହାବିସ୍ଫୋଟକ' ସିଦ୍ଧାନ୍ତ ଆଜି ବିଶ୍ୱର ପ୍ରାୟ ସମସ୍ତ ବିଦ୍ୱାନ ବିଜ୍ଞାନ ମଣ୍ଡଳୀ ଦ୍ୱାରା ଗୃହୀତ । ସଂକ୍ଷିପ୍ତରେ ବିନ୍ଦୁ ବା କ୍ଷୁଦ୍ରାତିତମ କ୍ଷୁଦ୍ର ପେଣ୍ଡୁ ଆକାରର ଏକ ଘନ, ଗାଢ଼ ପଦାର୍ଥ ଯାହାର ତାପମାତ୍ରା ଶତ ସହସ୍ର ସୂର୍ଯ୍ୟଠାରୁ ମଧ୍ୟ ଅଧିକ, ତାହା ଅକଳନୀୟ ଚାପ ଓ ତାପର ପ୍ରଭାବରେ ହଠାତ୍ ବେଲୁନ୍ ପରି ଫାଟିଗଲା ।

ନିମିଷକ ମଧ୍ୟରେ ପେଣ୍ଡୁରେ ଥିବା ଘନ, ଗାଢ଼ ପଦାର୍ଥ ଆଲୋକଠାରୁ କ୍ଷିପ୍ର ଗତିରେ ଚତୁର୍ଦ୍ଦିଗ ଫିଙ୍ଗି ହୋଇ ପଡ଼ିଲା । ବିସ୍ଫୋରଣର ଠିକ୍ ପୂର୍ବରୁ ଓ ଠିକ୍ ପରେ (ଏକ ସେକେଣ୍ଡ ମଧ୍ୟରେ) ଘନ, ଗାଢ଼ ପଦାର୍ଥର ଭୌତିକ ଅବସ୍ଥା, ମହାକାଶର ସ୍ଥିତି ଏପରିକି ସମୟ ବୋଲି କିଛି ଥିଲା କି ନାହିଁ ଜଣା ନାହିଁ କିମ୍ବା ଜାଣିବାର କୌଣସି ଉପାୟ ନାହିଁ । କିନ୍ତୁ ବିସ୍ଫୋରଣର ଗୋଟିଏ ସେକେଣ୍ଡ ମଧ୍ୟରେ ଚାପ ଓ ତାପର ହଠାତ୍ ପରିବର୍ତ୍ତନ ଯୋଗୁଁ ନିର୍ଗତ ପଦାର୍ଥ ଗ୍ୟାସ ବା ବାଷ୍ପ ଆକାରରେ ଦ୍ରୁତ ଗତିରେ ଚାରିଆଡ଼କୁ ପ୍ରସାରିତ ହେଲା । ଏହିଠାରୁ ହିଁ ମହାକାଶ ଓ ସମୟର ସୃଷ୍ଟି ହେଲା ଓ ଏହା ପ୍ରାୟ ଚଉଦଶହ କୋଟି ତଳର କଥା । ତେଣୁ ବ୍ରହ୍ମାଣ୍ଡର ବୟସ ପ୍ରାୟ ଚଉଦଶହ କୋଟି ବର୍ଷ ଓ ଏବେ ମଧ୍ୟ ଏହା ଚତୁର୍ଦ୍ଦିଗରେ ପ୍ରସାରିତ ହେବାକୁ ଲାଗିଛି । ଏ ପର୍ଯ୍ୟନ୍ତର ବର୍ଣ୍ଣନା ପାରିପାର୍ଶ୍ୱିକ ତଥ୍ୟ ଓ ବିଜ୍ଞାନାଗାରରୁ ମିଳିଥିବା କିଛି ପରୀକ୍ଷାମୂଳକ ପ୍ରମାଣ ଭିତ୍ତିରେ ପ୍ରଥମେ ପରିକଳ୍ପନାରୂପେ ପ୍ରକାଶିତ ହୋଇଥିଲା । କିନ୍ତୁ ପରେ ପରେ ଅନେକ ଅତ୍ୟାଧନିକ ପରୀକ୍ଷାରୁ ମିଳିଥିବା ପ୍ରମାଣ ଦ୍ୱାରା ଏହାର ସତ୍ୟତା ପ୍ରମାଣିତ ହୋଇ ଏହା ସଦ୍ଧାନ୍ତ ରୂପେ ଗ୍ରହଣ କରାଗଲା । ସତ୍ୟତା ପ୍ରମାଣ କ୍ଷେତ୍ରରେ ଜର୍ଜ ଲେମାଇତ୍ରେ ନାମକ ବେଲିଜିୟମ୍ର ଧର୍ମଯାଜକ ତଥା ବିଶିଷ୍ଟ ଜ୍ୟୋର୍ତିବିଜ୍ଞାନବିତ୍ଙ୍କର ପ୍ରକାଶିତ ତଥ୍ୟ ମୂଳଦୁଆ ବୋଲି ବିବେଚନା ପରାଯାଏ । ସେ ଆଇନ୍‌ଷ୍ଟାଇନ୍‌ଙ୍କର ରିଲେଟିଭିଟି ସିଦ୍ଧାନ୍ତ ବ୍ୟବହାର କରି, ଏକ ପ୍ରସାରିତ ହେଉଥିବା କ୍ଷେତ୍ରରେ କୌଣସି ପଦାର୍ଥର କେନ୍ଦ୍ରବିନ୍ଦୁରୁ ଦୂରତା ଭିତ୍ତିରେ, ଦୂରକୁ ଦୂର ଅପସାରିତ ହେଉଥିବାର ବେଗ ସଠିକ୍ ନିରୂପଣ କରିପାରିଥିଲେ । ତାଙ୍କର ଏହି ପ୍ରକାଶିତ ତଥ୍ୟ, ଅତ୍ୟାଧୁନିକ ବୈଜ୍ଞାନିକ ଉପକରଣ ଦ୍ୱାରା ପରୀକ୍ଷାନିରୀକ୍ଷା ଦ୍ୱାରା ମିଳିଥିବା ପ୍ରମାଣ .ହବଲ୍ ଦୂରବୀକ୍ଷଣ ଯନ୍ତ୍ର ଓ ଜେମ୍ସ ୱେବ୍ ଅନ୍ତରୀକ୍ଷ ଦୂରବୀକ୍ଷଣ ଯନ୍ତ୍ରରୁ ମିଳିଥିବା ଫଟୋଚିତ୍ର ଓ ତଥ୍ୟ ଆକଳନ ଦ୍ୱାରା ବ୍ରହ୍ମାଣ୍ଡର ବୟସ, ପର୍ଯ୍ୟାୟକ୍ରମେ ଗଠନ ହେବାର କୌଶଳ ବିଭିନ୍ନ ଅଣୁ, ପରମାଣୁର ସୃଷ୍ଟିର ସତ୍ୟତା ଓ ପରିଶେଷରେ ବିଜ୍ଞାନଗାରରେ ବ୍ରହ୍ମାଣ୍ଡ ଓ ଜୀବଜଗତ ସୃଷ୍ଟି କରିବା କାହିଁକି କଠିନ ବ୍ୟାପାର ତାହା ପ୍ରତିପାଦିତ ହୋଇ ପାରିଛି । ତେବେ 'ମହାବିସ୍ଫୋଟକ' ସିଦ୍ଧାନ୍ତର ଆନକ ସମାଲୋଚକ ଥିଲେ ଓ ସେମାନଙ୍କର କର୍ଣ୍ଣଧାର ଥିଲେ ପ୍ରତିଷ୍ଠିତ ଜ୍ୟୋର୍ତିବିଜ୍ଞାନବିତ୍ ଓ ପଦାର୍ଥ ବିଜ୍ଞାନ ବିଶାରଦ ସାର୍ ଫ୍ରେଡ୍ ହୟଲ୍ (୧୯୧୫-୨୦୦୧) । ସେ ପ୍ରଥମ ବ୍ୟକ୍ତି ଭାବରେ ସୌରମଣ୍ଡଳରେ ମିଳୁଥିବା ବିଭିନ୍ନ ପଦାର୍ଥର ଅଣୁ, ଗବେଷଣାଗାରରେ ଆଣବିକ ପ୍ରକିରଣ (ନ୍ୟୁକ୍ଲିଅର ସିନ୍ଥେସିସ୍) ଦ୍ୱାରା ପ୍ରସ୍ତୁତ କରିବା ପଦ୍ଧତି ଉଦ୍ଭାବନ କରିଥିଲେ, ଯାହା ଆଜି ବହୁ ପ୍ରଚଳିତ ପଦ୍ଧତି ରୂପେ ଗୃହିତ । 'ମହାବିସ୍ଫୋଟକ ସିଦ୍ଧାନ୍ତ'ରେ ସେ ଆଦୌ ବିଶ୍ୱାସ କରୁ ନଥିଲେ ବରଂ ସିଦ୍ଧାନ୍ତର ଜଣେ ତୀବ୍ର କଟୁ ସମାଲୋଚକ ଥିଲେ । ଏହି କାରଣରୁ ବୋଧହୁଏ ସେ ନୋବେଲ୍ ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିଲେ ବୋଲି ଅନେକଙ୍କର ମତ – ଯଦିଓ ତାଙ୍କର ଜନୈକ ସହକର୍ମୀ ୱିଲି ପାଉଲର୍ ୧୯୮୩ ମସିହାରେ ଭାରତୀୟ ବଂଶଭବ ମହାକାଶ ବିଜ୍ଞାନୀ ସୁବ୍ରମନ୍ୟମ୍ ଚନ୍ଦ୍ରଶେଖରଙ୍କ ସହ ମିଳିତ ଭାବରେ ନୋବେଲ୍ ପୁରସ୍କାର ପାଇଥିଲେ । ସେ ଯାହା ହେଉନା କାହିଁକି ଫ୍ରେଡ଼୍‌ହୟଲଙ୍କ ଉଦ୍ଭାବନ ତାଙ୍କୁ ବିଶ୍ୱ ପ୍ରସିଦ୍ଧ କରିଥିଲା । ପଦାର୍ଥର ଅଣୁରୁ ଜୀବନର ସତ୍ତା କିପରି ସମ୍ଭବ ସେ ବିଷୟରେ ଗବେଷଣା କଲାବେଳେ ସେ ଆଶ୍ଚର୍ଯ୍ୟଜନକ ଭାବରେ ହୃଦୟଙ୍ଗମ କଲେ ଯେ ଆମ ସୌର ମଣ୍ଡଳ ମଧ୍ୟରେ କେବଳ ପୃଥିବୀ ଯେଉଁଠି ଜୀବ ଜଗତ ରହିଛି ସେହି ଗ୍ରହରେ ହିଁ ଅଙ୍ଗାରକ ଓ ଲୌହ ଅଣୁର ପ୍ରାଚୁର୍ଯ୍ୟ ରହିଛି । ଅନ୍ୟତ୍ର ନାହିଁ । ଉଦାହରଣ ସ୍ୱରୂପ ବୃହସ୍ପତି ଓ ମଙ୍ଗଳଗ୍ରହ ଯଥାକ୍ରମେ ଉଦ୍‌ଯାନ ଓ ଅଙ୍ଗାରକାମ୍ଳ ଜାନରେ ଭରପୂର । କହିବା ବାହୁଲ୍ୟ ଯେ ଜୀବ ଶରୀର ମୁଖ୍ୟତଃ ଅଙ୍ଗାର ଓ ଲୌହ ଅଣୁର ଯୌଗିକ ପଦାର୍ଥରେ ଗଢ଼ା । ଫ୍ରେଡ଼୍‌ହୟଲ୍ ଜଣେ ଘୋର ନାସ୍ତିକବାଦୀ ଥିଲେ । ଅଣୁର ଜୀବନ ସୃଷ୍ଟି ନିମନ୍ତେ ପ୍ରୟାସ ସମୟରେ "ବିବିଧ ଶକ୍ତି ଓ ଅଣୁର"ର ଯେଉଁ ସୂକ୍ଷ୍ମାତିସୂକ୍ଷ୍ମ ଆପେକ୍ଷିକ ମାପ ଅନୁପାତ ଲୋଡ଼ା ତାହା ହୃଦୟଙ୍ଗମ କରି ସେ ହତ୍‌ଚକିତ ହୋଇ ପାଇଥିଲେ-କାରଣ କୌଣସି ବ୍ୟକ୍ତିଦ୍ୱରା ବିଜ୍ଞାନଗାରରେ ଏପରି ସୂକ୍ଷ୍ମ ଆପେକ୍ଷିକ ମାପ ଅନୁପାତ ହାସଲ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ବିଜ୍ଞାନଗାରରେ ବ୍ରହ୍ମାଣ୍ଡ ଓ ଜୀବ ସତ୍ତାର ସୃଷ୍ଟି ନିମନ୍ତେ ଉଦ୍ୟମ ଜାରି ରହିଛି କିନ୍ତୁ ସଫଳତା ମିଳିନାହିଁ । ପରିଶେଷରେ ଫ୍ରେଡ଼୍‌ହୟଲ୍ ନିଜର ଅସହାୟତା ସ୍ୱୀକାର କରି ହାତ ଟେକିଦେଲେ ଓ ନିଜ ଅନୁଭୂତି ଲିପିବଦ୍ଧ କରିଗଲେ । ତାଙ୍କ ଭାଷାରେ – ସମଗ୍ର ପରିସ୍ଥିତିକୁ ଅନୁଧ୍ୟାନ କଲେ ଯେ କେହି ବ୍ୟକ୍ତି ସାଧାରଣ ଜ୍ଞାନଦ୍ୱାରା ହୃଦୟଙ୍ଗମ କରିବ ଯେ କୌଣସି ପରମ ପ୍ରଜ୍ଞା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନର ମୌଳିକ ନିୟମାବଳୀ ସହ ମାଙ୍କଡ଼ାମି କରିଛି । ପ୍ରମୁଖ ବୈଜ୍ଞାନିକ ମଣ୍ଡଳୀ ଦ୍ୱାରା ଶତାବ୍ଦୀ, ଶତାବ୍ଦୀ ଧରି ହାସଲ ହୋଇଥିବା ସମସ୍ତ ନିୟମାବଳୀକୁ ଉପେକ୍ଷା ଓ ଉପହାସ କରି ସେହି ପରମ ପ୍ରଜ୍ଞା କେବଳ ପ୍ରକୃତିକୁ ହିଁ ଅଣୁ ଓ ଶକ୍ତିରୁ ଜୀବନ ସୃଷ୍ଟି କରିବାର ସୂକ୍ଷ୍ମାତିସୂକ୍ଷ୍ମ ଉପାୟ ଦେଇଛି ଯାହା ମନୁଷ୍ୟ ଦ୍ୱାରା ହାସଲ ହେବା ଏକାନ୍ତ ଅସମ୍ଭବ । ହୟଲଙ୍କର ସମସାମୟିକ ଥିଲେ ପ୍ରସିଦ୍ଧ ପଦାର୍ଥ ବିଜ୍ଞାନବିତ୍ ଆର୍ଲବର୍ଟ ଆଇନ୍‌ଷ୍ଟାଇନ୍ । ସେ ଅନେକ ଉଚ୍ଚକୋଟୀର ବୈଜ୍ଞାନିକ ଚିନ୍ତାଧାରାର ଜନକ ଥିଲେ, ଯେଉଁ ଚିନ୍ତାଧାରା ସିଦ୍ଧାନ୍ତ ହିସାବରେ ସମସ୍ତ ବିଜ୍ଞାନ ଜଗତ ପାଇଁ ବରଦାନ ସ୍ୱରୂପ ଗ୍ରହଣ କରାଯାଏ । ଏକଥା ପ୍ରମାଣିତ ଯେ ନିରନ୍ତର ପ୍ରସାରିତ ହେଉଥିବା ବ୍ରହ୍ମାଣ୍ଡର ଗତି କ୍ରମଶଃ କମିବାରେ ଲାଗିଛି । ନିଶ୍ଚୟ ଦିନେ ଏହା ଗତିଶୂନ୍ୟ ହେବ ଓ ଗତିଶୂନ୍ୟ ହେବାପରେ ଏହା ସଙ୍କୁଚିତ ହେବାକୁ ଲାଗିବ । ଫଳରେ ଏହାର ଆକାର କ୍ରମଶଃ କମି ଯିବ । ବ୍ରହ୍ମାଣ୍ଡରେ ପ୍ରାୟ ଦୁଇଶହ ବିଲିଅନ୍ (ଏକ ବିଲିଅନ୍ = ଏକ ଶତ କୋଟି) ଗାଲାକ୍ସି ବା ଆକାଶ ଗଙ୍ଗା ରହିଛି । ବ୍ରହ୍ମାଣ୍ଡ ସଙ୍କୁଚିତ ହେବା ଫଳରେ ନିକଟବର୍ତ୍ତୀ ଗାଲାକ୍ସି ପରସ୍ପର ସହ ଧକ୍କା ଖାଇ ତନ୍ମଧ୍ୟରେ ଥିବା ଅନେକ ନକ୍ଷତ୍ର, ଗ୍ରହ, ଉପଗ୍ରହ ଆଦି ଧ୍ୱଂସ ପାଇଯିବେ । କ୍ରମଶଃ ସମୟ ଆସିବ ଯେତେବେଳେ ଅବଶିଷ୍ଟ ଆକାଶ ଗଙ୍ଗା ଓ ବ୍ରହ୍ମାଣ୍ଡର ଅନ୍ୟ ସବୁ ପଦାର୍ଥ ମିଶି ଏକାକାର ହୋଇଯିବ । ବ୍ରହ୍ମାଣ୍ଡ ଆହୁରି ସଙ୍କୁଚିତ ହୋଇ ଯେତେବେଳେ ଏକ କ୍ଷୁଦ୍ରାତିତମ କ୍ଷୁଦ୍ର ପଦାର୍ଥରେ ପରିଣତ ହେବ, ସେତେବେଳେ ସମୟ ନିଜର ଅସ୍ତିତ୍ୱ ହରାଇ ବସିବ ଅର୍ଥାତ୍ ସମୟର ମୃତ୍ୟୁ ହେବ । ସମୟର ଗତି ଯେ ସନ୍ଦର୍ଭର ସୀମାରେଖା (frame of reference) ଉପରେ ନିର୍ଭର କରେ ଓ ମହାକାଶରେ ସ୍ଥିତି ନେଇ ଏହା ପରିବର୍ତ୍ତନୀୟ ଆଇନ୍‌ଷ୍ଟାଇନ୍ ଏକଥା ଆଗରୁ ପ୍ରମାଣିତ କରିଥିଲେ । ସବୁ

ତଥ୍ୟ ବିଶ୍ଲେଷଣ କରି ପରିଶେଷରେ ଆଇନଷ୍ଟାଇନ୍ ମନ୍ତବ୍ୟ ଦେଇଥିଲେ ଯେ – ଅତୀତ ବର୍ତ୍ତମାନ ଓ ଭବିଷ୍ୟତ କେବଳ ଏକ ଜିଦ୍‌ଖୋର ମାୟାଜାଲ। କାରଣ ସମୟ ନିଜେ ଏକ ମାୟାଜାଲ ଏହା ଅସ୍ଥାୟୀ – ଚିରନ୍ତନ ନୁହେଁ। ଆଜି ପଦାର୍ଥବିଜ୍ଞାନ ଜଗତର ଅଧିକାଂଶ ବୈଜ୍ଞାନିକ ଏହି ସିଦ୍ଧାନ୍ତରେ ବିଶ୍ୱାସ କରନ୍ତି ଯେ ବାସ୍ତବତା ସମୟ ଉପରେ ନିର୍ଭର କରେ ନାହିଁ– ଏହ ଚିରନ୍ତନ ଓ ଅପରିବର୍ତ୍ତନୀୟ। ଏହି ଆଧାରରେ ଜୀବନର ବାସ୍ତବତା ବିଚାର କରାଯାଉ। ଜୀବନ ଓ ଜୀବନ୍ତ ଶରୀର (ଏକକୋଷୀ ଠାରୁ ଆରମ୍ଭ କରି ବହୁକୋଷୀ ପର୍ଯ୍ୟନ୍ତ) ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମିତ – ଅର୍ଥାତ୍ ସମୟ ଉପରେ ନିର୍ଭରଶୀଳ। ଏପରିକି ଜୀବ ଶରୀର ଅସମୟର ଗତି ସହି ପରିବର୍ତ୍ତନ ହୁଏ – ବାଲ୍ୟକାଳରୁ କୈଶୋର, ତା'ପରେ ଯୌବନ ଶେଷରେ ବାର୍ଦ୍ଧକ୍ୟ ଓ ମୃତ୍ୟୁ। ଜୀବନ ଯାହା ସମୟ ଭାଷରେ ନିର୍ଭରଶୀଳ, ସେ କିପରି ଚିରନ୍ତନ ହେବ ଯଦି ନିଃସନ୍ଦେହରେ ଇନ୍ଦ୍ରଜାଲ ସଦୃଶ ଏକ ଅବାସ୍ତବ ଅନୁଭୂତି।

ଆମ ପୁରାଣ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ଅଛି ଯେ ବ୍ରହ୍ମଲୋକ, ଦେବଲୋକ, ମନୁଷ୍ୟଲୋକ ଆଦିରେ ସମୟର ଅବଧି ସମାନ ନୁହେଁ। ଏହାର ନର୍ଦ୍ଦିଷ୍ଟ ମୂଲ୍ୟାଙ୍କନ ମଧ୍ୟ ରହିଛି। ଏପରିକି ଭାଗବତରେ ଶ୍ରୀକୃଷ୍ଣଙ୍କ କାରଣରୁ କାଳଯବନର ନିଧନ ବିଷୟ ବର୍ଣ୍ଣନା ସମୟରେ ରାଜା ମୁଚୁକୁନ୍ଦଙ୍କ କଥା ଉଲ୍ଲେଖ ରହିଛି ଯିଏ କିଛିକାଳ ଦେବଲୋକରେ ରହି ମର୍ତ୍ତ୍ୟକୁ ଫେରିବା ବେଳକୁ ଦ୍ୱାପର ଯୁଗ ଯାଇ ତ୍ରେତୟା ଯୁଗ ହୋଇ ଯାଇଥିଲା।

ସତ୍ୟସାଇ ଏନ୍‌କ୍ଲେଭ୍, ଖଣ୍ଡଗିରି
ଦୂରଭାଷ:- ୯୯୩୭୧୭୬୫୧୫



# ମଣିଷ ଜୀବନ

ଡ. ଏମ୍. ଏସ୍. ରାଓ

**ପୋ**ଥି ଘାଣ୍ଟିଲେ ମଣିଷ ଜୀବନକୁ ବୁଝିହୁଏନି। ବୁଝିବାର ଯଦି ଅଛି, ମଣିଷ ଜୀବନକୁ ଜୀଇବାକୁ ହେବ। ଏଥିରେ ହସନ୍ତ ଇନ୍ଦ୍ରଧନୁର ରଙ୍ଗ ଯେତେ ବିଷାକ୍ତ ବଳୟର କ୍ରୂରତା ବି ସେତେ। ଜହର ଅମୃତର ଫେଣ୍ଟାଫେଣ୍ଟି କିଛି ଗୋଟେ ଏଇ ମଣିଷ ଜୀବନ। ପାଣିଫୋଟକା ପରି ଏବେ ଅଛି ଏବେ ନାହିଁ, ମଣିଷ ତ ଦେବତା ନୁହେଁ ଦେବତାର ସଂପୂର୍ଣ୍ଣ ଆତ୍ମଜ୍ଞାନ ତା' ପାଖରେ ନଥାଏ। ସେ ବି ଦାନବ ବି ନୁହେଁ। ତା ଚରିତ୍ରରେ ନାହିଁ ନିରୋଳା ରକ୍ତପିପାସା। କିନ୍ତୁ ବିଚରା ମଣିଷ, ତା'ର ଅନ୍ତରାତ୍ମାରେ ଏ ଦୁଇଜଣ ହିଁ ଛାଇଯାଉଛନ୍ତି ସୃଷ୍ଟି ଆରମ୍ଭରୁ। ତେଣୁ ସେ କେତେବେଳ ମା' ମମତାର ଝର ଝର ନିର୍ଝର ତ ଆଉ କେତେବେଳେ ଛାତିଥରା ନିଷ୍ଠୁର ଅଶନି ସଂକେତ। ଛାତିତଳେ ବ୍ୟଥାର ପାହାଡ଼ଟିଏ ନେଇ ସେ ଚାଲିପାରେ, କହେ ଯନ୍ତ୍ରଣା ନ ଥିଲେ ଜୀବନ ନାଇଁ। ପୁଣି ସେ ସବୁବେଳେ ଚାହିଁଥାଏ ଏମିତି ଏକ ଜୀବନ ଯେଉଁଥିରେ ଯନ୍ତ୍ରଣା ଦିହମନକୁ ଛୁଇଁପାରୁନଥିବ। ମଣିଷ ଜୀବନଟା ଏକ ପ୍ରହେଳିକା ଯାହାକୁ ବୁଝିବା ପାଇଁ ଦର୍ଶନ ଶାସ୍ତ୍ର ଧନ୍ଦି ହେଉଛି ଆବାହମାନ କାଳରୁ, କିନ୍ତୁ ପାଇନି ତା'ର କୂଳକିନାରା। ବିଷୟଟି ଦୁର୍ବୋଧ, ଲଖକଟି ନିର୍ବୋଧ, ଜିଜ୍ଞାସାର ଦ୍ୱାହି ଦେଇ ସେ ପ୍ରବନ୍ଧଟି ଲେଖୁଛି। ପଢ଼ିବା ହୁଅନ୍ତୁ-

"ପୁନରପି ଜନମମ୍ ପୁନରପି ମରଣମ୍,
ଅହନ୍ୟହନି ଭୂତାନି ଗଛନ୍ତି ଯମମନ୍ଦିରମ୍।"

ମଧୁସୁଦନ ରାଓଙ୍କର "ରେ ଆତ୍ମନ... ଭେଟିବାକୁ ମୃତ୍ୟୁସିନ୍ଧୁ କରାଳଲହରୀ", ସେକ୍ସପିଅରଙ୍କର "a tale told by an idiot/full of sound and fury/signifying nothing"- ଏ ସମସ୍ତ ଉକ୍ତି ସୂଚେଇ ଦିଅନ୍ତି ଜୀବନ କେମିତି କାଳଗର୍ଭର ଅଧୀନ। ଆଶ୍ଚର୍ଯ୍ୟର କଥା ଏନ୍ତୁଡ଼ିଶାଳରୁ ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ମରଣର ଭୟ ଖାଇଯାଉଥାଏ ମଣିଷକୁ ସତ, କିନ୍ତୁ ତା'ର ମୋହଭଙ୍ଗ ହୁଏନି। ଧନକୁ ଜାବୋଡ଼ି ଧରେ, ପରିବାରକୁ ଜାବୋଡ଼ି ଧରେ, ଛାଡ଼େନି ଜ୍ଞାନର ପିପାସା କିମ୍ବା ହୃଦୟର ଜିଜ୍ଞାସା। କହେ, ଆମେ ମଣିଷ ଜନ୍ମ ପାଇଛେ, ଏ ଜୀବନକୁ ସଫଳ କରିବାକୁ ପଡ଼ିବ, ଜ୍ଞାନ ଆହରଣ କର, ଜ୍ଞାନ ବିତରଣ କର, ଅଜ୍ଞାନ ଅନ୍ଧାକାରକୁ ଦୂର କର, ସମ୍ଭବ ହେବ ଯଦି ଧନ ଅର୍ଜନ କର, ସୁନାମ ପାଇଁ ଦୌଡ଼, ଏ ସବୁ ବ୍ୟସ୍ତତା ତା'କୁ ମୃତ୍ୟୁ ଚିନ୍ତାରୁ ଦୂରକୁ ତ ନେଇଯାଏ ସତ; କିନ୍ତୁ ହତଭାଗ୍ୟ ସେ କାହିଁକିନା ସେଇ କର୍କଶ କୋଳାହଳ ଭିତରେ ଗୋଟେ ଶାନ୍ତ ସରଳ ସୁନ୍ଦର ସହଜ ଜୀବନ ଜୀଇବା ସେ ଭୁଲିଯାଏ।

ଏଇ ସରଳ ସୁନ୍ଦର ସହଜ ଜୀବନଟି କ'ଣ ? ଋକ୍ ବେଦାନୁସାରେ-

"ମଧୁ ବାତାଋତାୟତେ ମଧୁଂ କ୍ଷରନ୍ତି ସିନ୍ଧବଃ।
ମାଧ୍ୱୀର୍ନଃ ସନ୍ତୌଷଧିଃ ଜଦୁର୍ବେଦ କାଣ୍ୱସଂହିତା॥

(ଚତୁର୍ଦ୍ଦଶ ଅଧ୍ୟାୟ )

ଅର୍ଥାତ୍, ଚିଦାନନ୍ଦ ଯାହା ଆମର ଧ୍ୟେୟ ତାହା ଧନ ଜନ କ୍ଷମତା ଗୌରବଲାଭରେ ନଥାଏ। ପ୍ରକୃତିଦତ୍ତ ପାଣିପବନରେ ଥାଏ ଜୀବନ ସୁଧା। ଗଛଲତା ଚେରମୂଳରେ ଥାଏ ରୋଗର ଉପଚାର। ଏଇ ସ୍ୱାର୍ଥପର ଲୋକଙ୍କ ମେଳାରେ ସେ ସବୁ ମିଳେନି। ଈଶ୍ୱର ଅତ୍ୟନ୍ତ ଦୟାଳୁ। ସବୁ ମଣିଷକୁ ସେ ଏଥିପାଇଁ ସୁଯୋଗ ଦିଅନ୍ତି। ସୁଯୋଗଟି ହେଉଛି ନିଃସଙ୍ଗତା। ଜୀବନର କୌଣସି ନା କୌଣସି ମୁହୂର୍ତ୍ତରେ ଆମେ ଏକଲା ହେଇଯାଉ। କେହି ନ ଥାଆନ୍ତି ହାତ ପାହାନ୍ତାରେ, କିଛି ବି ନଥାଏ ମେଞ୍ଚା ମେଞ୍ଚା ଅନ୍ଧାର ଛଡ଼ା, ଧୂ ଧୂ ମରୁବାଲି ଛଡ଼ା ଯେଉଁ ମଣିଷ ସେଇ ନଃସଙ୍ଗତା ଭିତରେ ମଧ ନିଜକୁ ଦେଖିପାରେ, ନିଜେ ଅନୁଭବ କରୁଥାଏ। ନିଜର ସାନ୍ନିଧ, ତା' ସାଙ୍ଗେ ହସେ, ଖେଳେ, କଥାହୁଏ, ମିଠା ମିଠା ଦୁଷ୍ଟାମି ବି କରେ ପ୍ରେମ କଲାଭଳି, ଜୀବନ ତା'ର ହୁଏ ସରସ, ସହଜ, ସୁନ୍ଦର। ଆର୍ଥର ସୋପେନହାୱାରଙ୍କ ଭାଷାରେ "a man can be himself only so long as he is alone". ମଣିଷ ଜାଣେ ଧନ ଦୌଲତ ଜ୍ଞାନ ବିଜ୍ଞାନ ସମ୍ମାନ କ୍ଷମତା କିଛି ବି ଶାଶ୍ୱତ ନୁହଁନ୍ତି, ଏ ସବୁ ଆମ ସାଙ୍ଗରେ ଯା'ନ୍ତି କେବଳ ଜୁଇ ପର୍ଯ୍ୟନ୍ତ। ତା'ପରେ ଏମାନେ ଅନନ୍ତ ଆକାଶ ଭିତରେ କେଉଁଠି ମିଳେଇ ଯା'ନ୍ତି ଧୂମକୁଣ୍ଡଳୀ ଭଳି କେହି ଜାଣନ୍ତିନି। କିଛିଟା ଐଶ୍ୱର୍ଯ୍ୟ, କିଛିଟା ସଫଳତାର ଚେର ଟିକେ ଟାଣ ଥାଏ, ସାଙ୍ଗେ ସାଙ୍ଗେ ଉପୁଡ଼ି ପଡ଼ନ୍ତିନି। ହେଲେ ସମୟର ନିଷ୍ଠୁର ଚକତଳେ ପେଶି ହେଉଥା'ନ୍ତି ଧୀରେ ଧୀରେ। ଦିନ ଆସେ, ଅନେଇଲା ବେଳକୁ ସେମାନେ ହୋଇଗଲେଣି ନିଶ୍ଚିହ୍ନ, କିମ୍ବା ମଣିଷ ଦ୍ୱେଷର ଶିକାର ହୋଇ ଦେଖା ଗଲେଣି ବିକଳାଙ୍ଗ ବିଭତ୍ସ ଭୟଙ୍କର। କାହିଁ ବୁଦ୍ଧ ଅବତାର, କାହିଁ ଶ୍ରୀଲଙ୍କା। ଗୃହଯୁଦ୍ଧ, ଚୀନଦେଶର ତିଆନାନମେନ ନରସଂହାର। ଦୁଇଟିଯାକ ବୁଦ୍ଧଙ୍କର ଦେଶ ନା ? କାହିଁ ହିନ୍ଦୁ ଧର୍ମର ବସୁଧୈବ କୁଟୁମ୍ବକଂ,

କାହିଁ ଗୋଧ୍ରାର ବିକଳ ଚିତ୍କାର ! ସତ କହିଲେ ଏ ମଣିଷ ସହଜ ସରଳ ସୁନ୍ଦର ଜୀବନ ଚାହେଁନି । ଏମିତି ଏକ ଜୀବକୁ ମଣିଷ ବୋଲି କହିହେବ ତ ?

ସମସ୍ତେ କହନ୍ତି ସତ୍ୟ ସଂଦର୍ଶନରେ ଜୀବନ ସାର୍ଥକ ହୁଏ । କିନ୍ତୁ ଦୁଃଖର କଥା ସତ୍ୟ ସହିତ ଜୀବନର ସଂପର୍କ ଅତ୍ୟନ୍ତ ଜଟିଳ । କବି ରାମକୃଷ୍ଣ ନନ୍ଦ ଲେଖିଥିଲେ, ସତ କହି ପଛେ ମଲେ ମରିବି... । ଯୁଧିଷ୍ଠିର ମଧ୍ୟ କହିଦେଲେ "ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତ" । ସତ କହି କ'ଣ ସମସ୍ତ ଦାୟିତ୍ୱ ସମ୍ପନ୍ନ କରିହୁଏ ? ଅନେକ କ୍ଷେତ୍ରରେ ସତ କହିଲେ ପରିଣାମ ଭୟାଭହ ହୁଏ, କିଏ ବା ନ ଜାଣେ । ଯୁଧିଷ୍ଠିରଙ୍କ ଭଳି ସତ୍ୟବାନ ଚରିତ୍ର ମଧ୍ୟ ନିର୍ଣ୍ଣାୟକ ଶବ୍ଦରେ ସତ୍ୟ କହିପାରିଲେ ନାହିଁ । ଶ୍ରୀକୃଷ୍ଣ ନିଜେ ତ ଧର୍ମ ସଂସ୍ଥାପନା ପାଇଁ କୁରୁକ୍ଷେତ୍ର ରଚିଥିଲେ । ତେଣୁ ଦ୍ରୋଣାଚାର୍ଯ୍ୟଙ୍କର ବଧ ଅନିବାର୍ଯ୍ୟ । ଅର୍ଥାତ କୌଣସି ଏକ ମହତ ଉଦ୍ଦେଶ୍ୟ ପାଇଁ ସତ୍ୟକୁ ଟିକେ ମୋଡ଼ିମାଡ଼ି କହିଦେଲେ କିଛି କ୍ଷତି ନାହିଁ । ଏତିକି ମାନିଗଲା ପରେ ଆମ ଆଡ଼କୁ ଆସିବ ହଜାରେ ପ୍ରଶ୍ନବାଣ । 'ମହତ ଉଦ୍ଦେଶ୍ୟ' କାହାକୁ କୁହାଯାଏ ? ଏହା ବ୍ୟକ୍ତିକୈନ୍ଦ୍ରିକ ନା ସମାଜକୈନ୍ଦ୍ରିକ ? ସତକୁ କେତିକି ବଙ୍କେଇ ବାଙ୍କେଇ କହିଲେ ଚଳିବ ? ସେ କଥା ନିର୍ଦ୍ଦିଷ୍ଟ ଭାବରେ କହିବା ପାଇଁ ହକଦାର କିଏ ? ତର୍କ ଆଧାରରେ ଏମିତି ଭାବି ଚାଲିଲେ ସତ୍ୟ ଓ ଅସତ୍ୟର ରଙ୍ଗ ପ୍ରତି ମୁହୂର୍ତ୍ତରେ ବଦଳିଚାଲିବ । ସତ୍ୟ ଆଉ ଅସତ୍ୟ, ଏଣେ ଗୋହତ୍ୟା ତେଣେ ବ୍ରହ୍ମହତ୍ୟା । ଏ ଦୁଇଟି ଭିତରେ ସିଝିଯାଉଚି ବିଚରା ମଣିଷ ଜୀବନ । ମୁଣ୍ଡଝାଳ ତୁଣ୍ଡରେ ମାରି, ନିର୍ଘାତିଆ ଖରାରେ ଲଙ୍ଗଳ ଚଲେଇ ନିଛାଟିଆ ବିଲହୁଡ଼ା ଗଛତଳେ ପଖାଳ ପେଟେ ପିଇଦେଇ ଗାମୁଛା ପାରି ସେଇ ଯେଉଁ ମଣିଷଟି ଗହୀର ନିଦ ଯାଏ, ତା'ପାଖରେ , ସବୁ ପାଇଁ ସମୟ ନାଇଁ । ଅନ୍ୟପଟେ ଅଛନ୍ତି ବାବୁଭାୟା ବୁଦ୍ଧିଜୀବୀ, କ୍ଷମତା ଅଳିନ୍ଦରେ ଆତଯାତ ହେଉଥିବା ଗୁଡ଼ାଏ ମଣିଷ / ଅମଣିଷ । ସେମାନେ ସତ ମିଛ ନେଇ ତର୍କ ବିତର୍କ କରନ୍ତି ଘଣ୍ଟା ଘଣ୍ଟା, ଶେଷରେ ସବୁ ଭୁଲିଯାଆନ୍ତି । ସେମାନଙ୍କର ପେଟଭୋକ ବେଶି ନଥାଏ । ଥାଏ ମନର ଭୋକ, ଦୌଲତ ପାଇଁ, ସେମାନଙ୍କର ପାଶବ ପଞ୍ଝାତଳେ ଅସହାୟ ହୋଇ ଛଟପଟ ହେଉଥିବା ଜୀଅନ୍ତା ମାଂସପେଶୀକୁ ଝୁଣିବା ପାଇଁ ମଣିଷକୁ ହାଣିବା ପାଇଁ, ସେମାନଙ୍କ ବିକଳ ଚିତ୍କାର ଶୁଣି ଖୁସୀ ହେବାପାଇଁ । ହିଟଲର ଅସଂଖ୍ୟ ଜୀଉଙ୍କୁ ଜୀଅନ୍ତା ଜାଳୁଥାଏ, କହୁଥାଏ ଜର୍ମାନବାସୀଙ୍କୁ "ଆମେ ହିଁ ଈଶ୍ୱରସୃଷ୍ଟ ବିଶୁଦ୍ଧତମ ମାନବ ପ୍ରଜାତି । ଜୀଉମାନେ ରାକ୍ଷସ ଶ୍ରେଣୀର । ଆମେ ସେମାନଙ୍କୁ ନିପାତ କରିଦେବା ।" ଉପସ୍ଥିତ ଜନସମୁଦ୍ରରେ ଘନ ଘନ ତାଳିମାଡ଼ର ଅସଂଖ୍ୟ ଉତ୍ତାଳ ଲହରି ଉଠୁଥିଲା ସେତେବେଳେ । ହିଟଲର ସତ କହୁଥିଲା ? ଶାକ୍ୟମୁନି ବୁଦ୍ଧ, କହୁଥିଲେ "ଭଗବାନ ନାହାନ୍ତି" । ସତ କହୁଥିଲେ ? ଭଗବତ ଗୀତା କହେ "ସମ୍ଭବାମି ଯୁଗେ ଯୁଗେ" ସତରେ ? ଆଜି କେଉଁଠି ସେ ଜନମିଛନ୍ତି, କେଉଁଠି ସେ ଗୋପପୁର କିଏ କହିବ ? ରାସ୍ତାରେ ଲୋକଟି ପଡ଼ି ଛଟପଟ ହେଉଚି, ରକ୍ତ ଜୁଡୁବୁଡୁ, ଗାଡ଼ି ଚଢ଼ିଯାଇଛି । ଆମେ କହିଲୁ, "ପୋଲିସକୁ କହିଲେ କୋର୍ଟକୁ ଘୋଷାରିବେ ।" ତେଣୁ ପୁଲିସକୁ କହିଲୁ ଆମେ କିଛି ଦେଖିନୁ କି ଜାଣିନୁ । ତାହା ମିଛ । କିନ୍ତୁ ସାଧାରଣ ମଣିଷଟି ପାଇଁ ସତ୍ୟଠୁ ଅଧିକ ମୂଲ୍ୟବାନ । ସତମିଛର ଏ ଅଡୁଆ ସୂତାକୁ ସିଧାକରିବା ପାଇଁ ଶାସ୍ତ୍ରରେ ଯୋଡ଼ିଦିଆଗଲା "ସତ୍ୟମ୍ ବ୍ରୂୟାତ୍, ପ୍ରିୟଂ ବ୍ରୂୟାତ୍, ନ ବ୍ରୂୟେତ୍ ସତ୍ୟମପ୍ରିୟମ୍" । ମିଛ ହେଉପଛେ ଭଲ ଲାଗୁନଥିବା ସତ କୁହନି ।

ସତ ମିଛ ଠିକ ଭୁଲ । ଏ ଚାରୋଟି ଶବ୍ଦର ଆପେକ୍ଷିକତାକୁ ନେଇ ଲେଖକ ଲେଖିଚାଲିଛି ଇତିହାସ, ସାହିତ୍ୟ, ଦର୍ଶନ ଶାସ୍ତ୍ର ମଧ୍ୟ । ପ୍ରକୃତିର ମୁହୁର୍ମୁହୁଃ ପଟ୍ଟପରିବର୍ତ୍ତନ ଭଳି ମଣିଷ ଜୀବନରେ ଅବିରତ ଘଟୁଥାଏ ମତାନ୍ତର ଓ ମନାନ୍ତର, ଚିରନ୍ତନ ସତ୍ୟର ସ୍ୱରୂପକୁ ନେଇ । ଏମିତିଆ ଜୀବନ ମଣିଷର । ତେବେବି ମଣିଷ କହେ "ସତ୍ୟଂ ବଦ ଧର୍ମଂ ଚର...." ।

ଡକ୍ଟର ମାର୍ଟିନ୍ ପିକାର୍ଡ଼ ଓ ଡକ୍ଟର କାର୍ମେନ୍ ସାଣ୍ଡି ମାଇଟୋକଣ୍ଡ୍ରିଆ ଉପରେ ଗବେଷଣା କରି ଏକ ଚମକପ୍ରଦ ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ସେମାନେ କହନ୍ତି ଚେତନା ଜୀବ ଓ ଜଗତ ଉଭୟରେ ରହିଛି । ଅବଶ୍ୟ ଚେତନାର ସ୍ତର ଭିନ୍ନ ଭିନ୍ନ । ଅର୍ଥାତ ଏକ ସର୍ବବ୍ୟାପୀ ଚେତନାର ଅସ୍ତିତ୍ୱ ଅବିସମ୍ବାଦିତ । ଏହି ଚେତନା ଶୃଙ୍ଖଳାରେ ମଣିଷ ବୋଧହୁଏ ଶ୍ରେଷ୍ଠତମ । ସମ୍ଭବତଃ ଏହି କାରଣ ଯେଗୁଁ ଅସଂଖ୍ୟ ଜୀବଜନ୍ତୁ ପ୍ରକୃତିର ଦାଉ ସଂମ୍ଭାଳି ନପାରି ବିଲୁପ୍ତ ହୋଇଗଲେ । ମଣିଷ ହିଁ ବଞ୍ଚିପାରିଲା । ଏତେ ବଡ଼ ଦୁନିଆରେ କେଉଁଠି ସେ ନାହିଁ ? ବରଫାବୃତ ବିଶାଳ ଶ୍ୱେତ ପ୍ରାଙ୍ଗଣ ଯେଉଁଠି ରୋକି ହେଇଯାଏ ରକ୍ତ ପ୍ରବାହ, ମରୁବାଲି ଯାହା ଶୋଷନିଏ ବୁନ୍ଦା ବୁନ୍ଦା ରକ୍ତ, ବିଷୁବମଣ୍ଡଳୀୟ ନିଘଞ୍ଚ ଜଙ୍ଗଲ ଯେଉଁଠି ରାତିଦିନ ସବୁବେଳେ ଅନ୍ଧାର ନିଜେ ହେଉଥାଏ ବାଟବଣା, ସବୁଠି ତ ମଣିଷ ଆଉ ମଣିଷ ଜୀବନ । ଏକ ଅନନ୍ତ ସର୍ବବ୍ୟାପୀ ଚେତନାର ପ୍ରଚ୍ଛଦପଟରେ ଯେତେବେଳେ ମଣିଷ ତା'ର ଜୀବନ ଜୀଇଚାଲିଛି, କେମିତି ଆମେ କହିବା ଜୀବନ ଅର୍ଥହୀନ ଉଦ୍ଦେଶ୍ୟହୀନ ? ତେଣୁ ଚାଲନ୍ତୁ ଆମ ଦୃଷ୍ଟିଭଙ୍ଗୀକୁ ଟିକିଏ ଭିନ୍ନ କରି ଦେଖିନେବା ସୃଷ୍ଟି ଅମୃତମୟ କି ନା ।

ସ୍ୱଭାବକବି ଗଙ୍ଗାଧର ମେହେର କହିଲେ,

"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ
ସିନ୍ଧୁ ମିଶିଛି ଅମୃତଧାରେ
ଗତିକରୁଛି ଯେ ଅକୂପାରେ
ପଥେ ଶୁଖିଗଲେ ପାପତାପରେ
ହୋଇ ଶିଶିର ଖସିବି ତା'ପରେ
ଅମୃତମୟ/ ସହିତ ମିଶିବି ସାଗରେ ।"

ମଣିଷ ଜୀବନର ମଧୁମୟ ସତ୍ତା ସମ୍ବନ୍ଧରେ ଆଉ କ'ଣ ଅଧିକ ବା କୁହାଯାଇପାରେ ? ମଣିଷ ଜୀବନ ହିଁ ତ ଅମୃତ । ସଦ୍ୟଜାତ ଶିଶୁର କୁଆଁ କୁଆଁ କ୍ରନ୍ଦନ, ତା'ର ହସିଲା ହସିଲା ଓଠ, ମନ ମତାଣିଆ ଆଖିରେ ସତତ ଫୁଟୁଥିବା ପାରିଜାତ ଫୁଲର ରଙ୍ଗ ମହକ, କୈଶୋରରେ ପିତାମାତା ଭାଇଭଉଣୀ ବନ୍ଧୁବାନ୍ଧବଙ୍କ ସ୍ନେହର ପ୍ରଲେପ, ଯୌବନରେ ମାଦକତାର ଇନ୍ଦ୍ରଧନୁ, ବାସନ୍ତିକା ଚଇତାଳି, ଏପରିକି ବାର୍ଦ୍ଧକ୍ୟରେ ବି ମୁଗ୍ଧ ପ୍ରାଶାନ୍ତିର ସଞ୍ଜସକାଳ ସ୍ମୃତିବିସ୍ମୃତି-ଏସବୁ ତ ନିଜେ ନିଜେ ଅମୃତ ନିଝରଣୀ । ଅମୃତ ଆଶାରେ ମନ୍ଦର ପର୍ବତକୁ ଅନେଇ ରହିବା ବୋକାମି ନୁହେଁ କି ?

ଅମୃତ କଳସ ଥରକରେ ଶେଷ କରିହେବ କିନ୍ତୁ ତା'ପରେ ? ମଣିଷ ଜୀବନରେ କିନ୍ତୁ ଅମୃତକୁ ପ୍ରତିଟି ମୁହୂର୍ତ୍ତରେ ପିଇହେବ । ଜୀବନ ସାରା । ସେଇ ଅମୃତ ଆଉ କିଛି ନହେଁ, ଆଶା ହିଁ ସେଇ ଅମୃତ, ଆମ ଜୀବନଟା ଆଶାର ଏକ ସୁଦୀର୍ଘ ସେତୁବନ୍ଧ । ଆଶା ହିଁ ମଧୁର ବେଦନା, ମଣିଷ ମରଣଶୀଳ, ଆଶା ହିଁ କିଛି ନୁହେଁ, ଆଶା ହିଁ ଆମର ଇରେଜ କବି ଆଲେକ୍‌ଜାଣ୍ଡାର ପୋପଙ୍କ ଭାଷାରେ “hope springs eternal in human breast.” ଆଶା ହିଁ ଆମକୁ ଦେଖାଏ ଏକ ଛବିଳ ଭବିଷ୍ୟତ ଯେତେବେଳେ ଆଜିର ଅନୁଭବ ଆସନ୍ତାକାଲିକୁ ଟୁକୁରା ଟୁକୁରା କରି ଘୂର୍ଣ୍ଣି ଭିତରକୁ ଫିଙ୍ଗି ଦେଉଥାଏ, ଠିକ୍ ସେତିକିବେଳେ ଆଶାର କିରଣ ହଟେଇଦିଏ ମେଘମାଳା, ଭାଙ୍ଗିଦିଏ ପବନର ଉଦଣ୍ଡପଣିଆ । ନିରୋଳା ସପନକୁ ନରମ ସକାଳ ସହିତ ଯୋଡ଼ିଦିଏ ସେଇ ଆଶାର ଦିବାକର । ଯେ ପର୍ଯ୍ୟନ୍ତ ଆଶା ତା'ର ସରହଦ ଭିତରେ ରହିଛି, ଦୁରାଶାର ସୀମା ଛୁଇଁନାହିଁ, ସେ ପର୍ଯ୍ୟନ୍ତ ଆଶା ହିଁ ଅମୃତ । ଏଇ ଅମୃତ ଦେବତାକୁ ମିଳେନି, ଦୈତ୍ୟକୁ ତ ଆଦୌ ନୁହେଁ । ଆଶାମୃତ ହେଉଛି ମଣିଷର ଏକମାତ୍ର ପାନୀୟ, ନିଜସ୍ୱ ସମ୍ପଦ, ଏଇ ସମ୍ପଦ ଯୋଗୁଁ ଦେବତାଙ୍କଠୁ ବି ଗୋଟେ ପାହାଚ ଉପରେ, କାରଣ ଦେବାଦେବୀଙ୍କର ଆଶା ବୋଲି କିଛି ନଥାଏ, ସେମାନେ ପରା ପୂର୍ଣ୍ଣତାରେ ତଲ୍ଲୀନ । ତେଣୁ ଚାଲ, ଆମେ ସମସ୍ତେ ସେଇ ଆଶାମୃତ ପାନକରିବା, ସୁଖୀ ହେବା ।

ପୁରାଣ ବର୍ଣ୍ଣିତ ଅମୃତ ସ୍ୱଚ୍ଛ ଜଳଧାରା ପରି । ଥରେ ଦେଖିନେଲେ, ଥରେ ପିଇଦେଲେ ଆଉ ମନହୁଏନି ତା'ଆଡ଼େ ଦେଖିବାକୁ । ତା'ଛଡ଼ା ଦେବତା ଅମୃତ ପାନକରି ଅମର ହୁଏ । ଅମୃତ ସହିତ ସେମାନଙ୍କର ସଂପର୍କ ସେତିକିରେ ଶେଷହୁଏ । ମଣିଷ ଜୀବନରେ ରହିଥିବା ଅମୃତର ସ୍ୱାଦ ନିଆରା, ରଙ୍ଗ ନିଆରା । ଯନ୍ତ୍ରଣା ଯେତେବେଳେ ମିଠା ଲାଗେ, ଯେତେବେଳେ ମିଳନର ସପ୍ତ ସପନକୁ ଫୁଲରେ ସଜେଇଦିଏ ବିରହ, ଅଭିମାନ ମୁହଁ ଫୁଲେଇ ଠିଆହୋଇଥାଏ ପ୍ରେମ ବଗିଚାରେ, ମଣିଷ ପାଇଁ ଏସବୁ ସନ୍ଦର୍ଭ ହିଁ ଆକାଶରୁ ବରଷୁଥିବା ଅମୃତ ଶ୍ରାବଣ । ସ୍ୱର୍ଗଲୋକସାରା ଖାଲି ସୁଖର ସାଗର । ଯନ୍ତ୍ରଣାରୁ ଉତୁରି ଆସୁଥିବା ସୁଖର ଲେଶମାତ୍ର ଚିହ୍ନ ନଥାଏ ସେଠି । କିନ୍ତୁ ମଣିଷ ଜୀବନର ସର୍ବୋତ୍‌କୃଷ୍ଟ ପରିଚୟ ହେଉଛି “ସୁଖଦ ଯନ୍ତ୍ରଣା” ଯାହା ଯୋଗୁଁ ବୁଝିପାରେ ଦୁନିଆଯାକର ବ୍ୟଥା-ବେଦନା ଏବଂ ବସୁଧୈବ କୁଟୁମ୍ବକମ୍ ଭାବକୁ କରେ ସାର୍ଥକ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ମଣିଷ ମଣିଷଙ୍କୁ ଖୋଜିବା ଉଚିତ୍, ଭଗବାନଙ୍କୁ ନୁହେଁ, କାରଣ ମାନବିକ ସଂପର୍କ ଭିତରେ ସନ୍ଧାନ ସହଜ - ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ (ଶ୍ୱେତାଶ୍ୱେତରୋପନିଷଦ) ।

ପ୍ରାକ୍ତନ ଅଧ୍ୟକ୍ଷ, ବ୍ରହ୍ମପୁର
ମୋ - ୭୮୪୭୦୫୪୯୫୫



# ଜୀବନର ଉପପାଦ୍ୟ

*ଇନ୍ଦ୍ରମଣି ଜେନା*

ଦୁନିଆ ବହୁକାଳରୁ ସୃଷ୍ଟି ହୋଇଛି ଏବଂ ଅନେକଗୁଡିଏ ଜୀବ ଓ ଜୀବନର ସୃଷ୍ଟି ହେବାର ସୁଯୋଗ ଥିବାରୁ ମଣିଷ ପରି ଗୋଟିଏ ବୁଦ୍ଧିଧାରୀ ଜୀବ ଆଜି ଭୂପୃଷ୍ଠରେ ଏକ ବିଶାଳ ସଭ୍ୟତା ସୃଷ୍ଟି କରିପାରିଛି। କିନ୍ତୁ ନିଜ ଜୀବନ ଜିଇଁବା ପଦ୍ଧତିରେ ସମ୍ଭବତଃ କୌଣସି ଇତର ପ୍ରାଣୀ ଏତେ ଚିନ୍ତାଶୀଳ ଏବଂ ଆଶାବାଦୀ ହୋଇ ଜୀବନର ମୂଲ୍ୟବୋଧ ମନକୁ ଆଣିବା ଏବଂ ତଦ୍‌ଜନିତ ଆଚରଣ ପରିପ୍ରକାଶ କରିପାରନ୍ତିନି। କେବଳ ମଣିଷ ସଭ୍ୟତାର ଅୟମାରମ୍ଭରୁ ଏହାର ଆଲୋଚନା, ସମାଲୋଚନା, ଧର୍ମ ପ୍ରଚାର ଆଦିର କାରଣ ହୋଇଛି। ଆଜି ଆମେ ଏକବିଂଶ ଶତାବ୍ଦୀରେ ବିଭିନ୍ନ ବୈଜ୍ଞାନିକ, ମନସ୍ତାତ୍ତ୍ୱିକ, ଶାରୀରିକ ତଥ୍ୟ ଗହଣରେ ଆମ ଜୀବନର ମୂଲ୍ୟବୋଧ ପୁନରାୟ ସମୀକ୍ଷା କରିବାର ସମୟ ଆସିଛି। କେବଳ ମୁନିଋଷି ଏବଂ ବେଶେଷଜ୍ଞ ବ୍ୟକ୍ତି ମାନଙ୍କ ବ୍ୟତୀତ ସକଳ ମାନବ ସମାଜ ଏ ବିଷୟରେ ଅଂଶଗ୍ରହଣ କଲେ ଅବା ଏ ବିଷୟରେ ଅବଗତ ହେଲେ ଅନେକ ସମସ୍ୟା ସମାଧାନ ହୋଇପାରିବ ବୋଲି ହୃଦ୍‌ବୋଧ ହୁଏ। କାହିଁକି ଜଣେ ସୁସ୍ଥ ମଣିଷ ନିଜ ଜୀବନକୁ ମୂଲ୍ୟହୀନ ମନେକରି ଆତ୍ମତ୍ୟାଗ କରିବାର ନିଷ୍ପତ୍ତି ନେବ ? କାହିଁକି ଜଣେ ଦୁର୍ଘଟଣା-ପ୍ରବଣ ଭୂପୃଷ୍ଠର ଦୈନନ୍ଦିନ ଘଟଣାକୁ ମାନସିକ ସ୍ତରରେ ଗ୍ରହଣ କରି ନନେବ ? କାହିଁକି ନିଜ ଜୀବନର ପରିସୀମା ବିଷୟରେ ସଦା ସଜାଗ ନ ରହିବ ? ଏହି ସବୁ ବିଷୟ ସୃଷ୍ଟିର ଆରମ୍ଭରୁ ମଣିଷର କ୍ରିୟାଶୀଳ ଆଲୋଚନା, ବେଦ, ଉପନିଷଦ, ପ୍ରତି ଧର୍ମର ଉତ୍ପତ୍ତି ଭାବରେ ଆମ ସମ୍ମୁଖରେ ଉପସ୍ଥିତ ଥିଲେ ବି ଆଜିର ପ୍ରସଙ୍ଗ ଭାବରେ ଆଜିର ଡିଜିଟାଲ ବା ସାଂଖ୍ୟିକ ଦୁନିଆରେ ଏହି ବିଷୟ ପୁନରାୟ ଆମ ଦୃଷ୍ଟିରେ ରହିବା ସର୍ବାଦୌ ଆବଶ୍ୟକ।

## ଆଦିଶଙ୍କରଙ୍କ ବ୍ରହ୍ମ ସତ୍ୟ, ଜଗତ ମିଥ୍ୟା

**ଅଦ୍ୱୈତବାଦ** – ଭାରତୀୟ ଜ୍ଞାନର ଜାଗରଣ ରୂପେ ଆଜିକୁ ଅନ୍ତତଃ ତିନି ହଜାର ବର୍ଷ ପୂର୍ବେ ହିନ୍ଦୁ ଦର୍ଶନ ଓ ଆଧ୍ୟାତ୍ମିକ ଚେତନା ସମ୍ପର୍କୀୟ ବ୍ରହ୍ମସୂତ୍ର ଗ୍ରନ୍ଥର ବ୍ୟାଖ୍ୟାନ କରିଛନ୍ତି ଆଦିଶଙ୍କର (ମୂଳ ଶଙ୍କରାଚାର୍ଯ୍ୟ)। ଏହା ୮୦୦ ମସିହାର ଭାଷ୍ୟ ବୋଲି ଆକଳିତ ହୁଏ। ତାଙ୍କର ବେଦାନ୍ତ ବ୍ରହ୍ମ ତଥ୍ୟ ବ୍ୟାଖ୍ୟା ଅନୁସାରେ ଆତ୍ମା ବା ବ୍ରହ୍ମ ହି ସତ୍ୟ। ଅନ୍ୟ ସମସ୍ତ ଅଳୀକ। ଅଦ୍ୱୈତ ମାନେ ଏକ, ଦୁଇ ନୁହେଁ। ସମ୍ଭବତଃ ଆଦିଶଙ୍କରଙ୍କର ଏହି ମୂଳ ତତ୍ତ୍ୱ ହିଁ ଜୀବନ ବିଷୟରେ ସମସ୍ତଙ୍କ ମନରେ ଅଳୀକ ବା ଅବାସ୍ତବ ପରି ଭାବନାଟିଏ ସୃଷ୍ଟି କରି ଥାଇପାରେ। ଯଦିଚ ତାଙ୍କର ବ୍ୟାଖ୍ୟାନ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ, ଅନେକ ତାକୁ ଶାରୀରିକ ଭାବରେ ଚିନ୍ତାକରି ମୂଳଅର୍ଥରୁ ଅପସରି ଯାଆନ୍ତି।

ଅଦ୍ୱୈତବାଦ ଦର୍ଶନଧାରାରେ ମୁକ୍ତି ବା ମୋକ୍ଷ କଅଣ ? କେଉଁଥିରୁ ମୁକ୍ତି ? ମୃତ୍ୟୁରୁ, ଦୁଃଖରୁ, ମାୟାରୁ ଅବା ସଂସାରରୁ ମୁକ୍ତି ? ବାସ୍ତବରେ ଏହା ଚିନ୍ତା ବା ଭାବନାରୁ ମୁକ୍ତି। ଆମେ ଦୁଇଟି ଦୁନିଆରେ ଦୁଇଟି ଜୀବନ ନେଇ ବଞ୍ଚୁଛେ, ଗୋଟିଏ ବର୍ତ୍ତମାନର ଦୁନିଆରେ, ଦ୍ୱିତୀୟଟି ଚିନ୍ତାର ଦୁନିଆରେ। ଚିନ୍ତାଶୂନ୍ୟ ହୋଇ ବାସ୍ତବିକ ଦୁନିଆରେ ନିଜର ବ୍ରହ୍ମ ତତ୍ତ୍ୱାବଧାନରେ ବଞ୍ଚିବା ହିଁ ଅଦ୍ୱୈତ ମାର୍ଗ। ବେଦାନ୍ତ ଏବଂ ମହାଯାନ ବୌଦ୍ଧଧର୍ମର ପ୍ରଭାବରେ ଆଦିଶଙ୍କର ଦୃଢ଼ ଭାବରେ ଘୋଷଣା କରନ୍ତି ବ୍ରହ୍ମର ଜ୍ଞାନ ହିଁ ସର୍ବୋତ୍କୃଷ୍ଟ, ମୀମାଂସାବିଦ୍ୟାର ବୈଦିକ ପଦ୍ଧତି ନୁହେଁ।

ବୌଦ୍ଧଧର୍ମରେ ବୁଦ୍ଧଦେବ କାମନାର ବିନାଶ କରି ଜୀବନକୁ ସୁଖମୟ ହେବାର ଉପଦେଶ ଦିଅନ୍ତି। ସତରେ କାମନାହିଁ ଜୀବନରେ ମାୟା ସୃଷ୍ଟି କରେ। ମଣିଷ ହେଉ ବା କୌଣସି ଜୀବ ହେଉ, ଜୀବର ଜୀବନର ଅନେକ ଗୁଣ ରହିଛି। ମଣିଷ ପରି ଉନ୍ନତ ମସ୍ତିଷ୍କଧାରୀ ପ୍ରାଣୀ ମନରେ ସ୍ୱତଃ ଏକ ପ୍ରତିକ୍ରିୟା ସୃଷ୍ଟି କରେ କାହିଁକି ଜୀବର ଯନ୍ତ୍ରଣା, ବ୍ୟାଧି, ଜରା, ମୃତ୍ୟୁ ଆଦି ଜୀବନର ଦୁଃଖ ରହିଛି ? ମଣିଷର ମନ ହିଁ ଏହି ସବୁ ଭାବନାର ଉତ୍ସ।

ମନୁଷ୍ୟକୁ ଛାଡିଦେଲେ, ଇତର ପ୍ରାଣୀ ଏମିତି ଚିନ୍ତା କରନ୍ତି କି ? ସମ୍ଭବତଃ ନୁହେଁ କାରଣ ସେମାନଙ୍କର ମସ୍ତିଷ୍କ ଏବଂ ମାନସିକ ଚେତନା ମନୁଷ୍ୟ ପରି ଦୂରଦୃଷ୍ଟି ସମ୍ପନ୍ନ ଏବଂ ବୈଜ୍ଞାନିକ ଧାରାରେ ବିଶ୍ଳେଷଣକ୍ଷମ ନୁହେଁ। ସେମାନଙ୍କର ସ୍ମରଣଶକ୍ତି ଏବଂ ଭବିଷ୍ୟତ ଚିନ୍ତା ନାହିଁ। ମଣିଷର ମନ ତାହାର ଶରୀର ତୁଳନାରେ ବେଶ୍ ଅଧିକ ଭାବ, ଦୃଷ୍ଟି, ଇନ୍ଦ୍ରିୟାନୁଭବଏବଂ ଆକଳନ ତଥା ସ୍ୱପ୍ନର ଦୁନିଆ ସୃଷ୍ଟି କରିପାରିବା ଶକ୍ତି ନେଇ ସୃଷ୍ଟି ହୋଇଛି। ଏହି ମନର କଳ୍ପନା ଏବଂ ସ୍ୱପ୍ନ ମଣିଷ ଜୀବନରେ ବିଷାଦଭାବ ସୃଷ୍ଟି କରିବାର ଯେଉଁ ଅବକାଶ ରହିଛି, ତାହା ଇତର ପ୍ରାଣୀ ମାନଙ୍କର ନାହିଁ। ଏହି ମନର ନିୟନ୍ତ୍ରଣ କରିବା ଶକ୍ତି ସାଧାରଣ ମଣିଷର ନାହିଁ, କାରଣ ସିଏ ନିଜ ପ୍ରବୃତ୍ତି ଅନୁସାରେ ପ୍ରତିକ୍ରିୟାଶୀଳ। 'ମୁଁ', 'ଏବଂ 'ମୋର ସ୍ୱପ୍ନ', 'ମୋର କଳ୍ପନା' ପରି ଚିନ୍ତାଧାରା ପରିତ୍ୟାଗ କରିବା କେବଳ ଜଣେ ସିଦ୍ଧପୁରୁଷ କରିପାରେ। ସେଇଭଳି ମୋକ୍ଷ ଭାବଧାରା ରାମାୟଣର

ଦେବପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ମନରେ ସୃଷ୍ଟି କରିବାକୁ ବଶିଷ୍ଠ ମୁନି ପ୍ରବର୍ତ୍ତାଇଛନ୍ତି ଯାହାକି ରାମାୟଣ ଠାରୁ ବୃହତ୍ତ ପୁସ୍ତକ ଯୋଗବାଶିଷ୍ଠ ରାମାୟଣରେ ଆଲୋଚିତ।

## ଜୀବକୈନ୍ଦ୍ରିକ ଜଗତରେ ଜୀବନ ବାସ୍ତବ। ଜୀବ ଅମର।

ଡାକ୍ତର ରବର୍ଟ ଲଏଜା - ଜଣେ ଆମେରିକୀୟ ଚିକିତ୍ସାବିତ୍, ସେ ଆଷ୍ଟେଲାସ୍ ଗ୍ଲୋବାଲ୍ ରିଜେନେରେଟିଭ୍ ମେଡିସିନ୍ ସଂସ୍ଥାର ମୁଖ୍ୟ ଏବଂ ମୁଖ୍ୟ ବୈଜ୍ଞାନିକ ଅଟନ୍ତି। ତାଙ୍କର ମୁଖ୍ୟ ଗବେଷଣା ଜୀବକୋଷ ମୂଳ ଉତ୍ସ ଷ୍ଟେମ୍ ସେଲ୍ ସଂକ୍ରାନ୍ତରେ। ସେ ଏବେ ଏହି ଜୈବକିନ୍ଦ୍ରିକ ଆଶ୍ବାସନାତ୍ମକ ମତବାଦ ପୋଷଣ କରି ଟାଇମ୍ସ ମାଗାଜିନ୍‌ର ୨୦୧୪ ମସିହାରେ ବିଶ୍ୱର ପ୍ରଧାନ ଶହେ ଜଣ ପ୍ରଭାବଶାଳୀ ବ୍ୟକ୍ତି ପୁରସ୍କାର, ୨୦୧୫ର ପ୍ରୋସ୍ପେକ୍ଟ ମାଗାଜିନ୍‌ର ବିଶ୍ୱର ମୁଖ୍ୟ ୫୦ ଦାର୍ଶନିକ ଇତ୍ୟାଦି ଅସଂଖ୍ୟ ପୁରସ୍କାର ପାଇଛନ୍ତି।

କହିବା ବାହୁଲ୍ୟ ଏହିକି, ସେ ମତବାଦ ପୋଷଣ କରନ୍ତି ଜୀବକୈନ୍ଦିକ ପଦ୍ଧତିରେ ଜୀବନ କୌଣସି ଆକାର ନେଇପାରେ, ପଞ୍ଚଭୂ ପରିମାଣରୁ ଅହରହ ଜୀବନ ସୃଷ୍ଟି ଚାଲୁ ରହିଛି। ତେଣୁ ବିଶ୍ୱବ୍ରହ୍ମାଣ୍ଡ ଏମିତି ସ୍ୱୟଂକ୍ରିୟ ଭାବରେ ଚାଲୁ ରହିଛି। କହିବାକୁ ଗଲେ, ବିଶ୍ୱବ୍ରହ୍ମାଣ୍ଡ ମଣିଷ ସୃଷ୍ଟି କରିନି, ବରଂ ମଣିଷ ବିଶ୍ୱବ୍ରହ୍ମାଣ୍ଡ ବୋଲାଉଛି। ଏହି ସ୍ୱୟଂକ୍ରିୟ ଜୀବକୈନ୍ଦ୍ରିକ ପଦ୍ଧତିରେ ଶୂନ୍ୟ ଏବଂ ସମୟ ପ୍ରକାଣ୍ଡ ଭୂମିକା ନିର୍ବାହ କରନ୍ତି। ମଣିଷର ଜ୍ଞାନ, ଭାଷା ଏବଂ ପରସ୍ପର ମଧ୍ୟରେ ମତବିନିମୟ ଏହାକୁ ପ୍ରଘଟ କରେ।

ଏହି ପଦ୍ଧତିରେ ମୃତ୍ୟୁର ଗୁରୁତ୍ୱ ନାହିଁ। ଗୋଟିଏ ଟିଭି ସିରିଆଲ୍ ସରି ଆଉ ଗୋଟିଏ ଆରମ୍ଭ ହେବା ପରି ବିଭିନ୍ନ ଚରିତ୍ର, ବିଭିନ୍ନ ଅଭିନୟ ଘଟେ। ସମସ୍ତ ପୁସ୍ତକାଗାରର ଗଚ୍ଛିତ ନାଟକ ପଛେ ସରିଯିବ, ଜଣେ ମରିବନାହିଁ, ଜୀବନ ପାଉଥିବ। ଆମ ଭାରତୀୟମାନେ ଏହାକୁ ନୂଆ କଥା ଭାବରେ ଗ୍ରହଣ କରନ୍ତିନି। ଆମର ଆତ୍ମା ଅମର, ଆମର ମୃତ୍ୟୁନାହିଁ। ସେଥିପାଇଁ ଉପନିଷଦର ତତ୍ତ୍ୱ - ଅମୃତସ୍ୟ ପୁତ୍ରାଃ

## ଜୀବନର ବାସ୍ତବତା

**ବାସ୍ତବ** ଶବ୍ଦର ଆକ୍ଷରିକ ଅର୍ଥ ସତ୍ୟ, ଇନ୍ଦ୍ରିୟଗୋଚର, ପ୍ରକୃତ, ଯଥାର୍ଥ, ସତ୍ତାଯୁକ୍ତ, ଯାହା କଳ୍ପନା ମାତ୍ର ନୁହେଁ। **ଅବାସ୍ତବ** ଶବ୍ଦର ଅର୍ଥ ଭ୍ରମାତ୍ମକ, ଅପ୍ରକୃତ, କାଳ୍ପନିକ, ଅମୂଳକ, ସତ୍ତାହୀନ, ଅଯୌକ୍ତିକ। ଏହି ବାସ୍ତବ ଏବଂ ଅବାସ୍ତବ ଶବ୍ଦ ଦୁଇଟି ମଣିଷ ଜୀବନ ମୂଲ୍ୟାୟନ କରିବାକୁ ପ୍ରୟୋଗ ଗଲାବେଳେ, ଆମର ମତାମତ ଦୋଦୁଲ୍ୟମାନ କାହିଁକି ହେଉଛି ? ଜୀବନ ଜିଇବା ମଣିଷ ଭାବରେ ଏହି ବାସ୍ତବ ଶବ୍ଦ ଆମର କେଉଁ ଦିଗକୁ ପ୍ରସାରିତ ହୋଇ ଆମ ମନର ଆଦର୍ଶତା ଆଡ଼କୁ ଟାଣି ନେଉଛି ? ମନ ସନ୍ତୁଷ୍ଟ ନୁହେଁ ଆମ ଶାରୀରିକ ଭଙ୍ଗୁରତା ନେଇ। ମଣିଷ ସ୍ୱଳ୍ପକାଳର ମରଣଶୀଳ ଶରୀର ଧାରଣ କରି। ବୟସର ପ୍ରଭାବରେ ମଣିଷର ଶାରୀରିକ ପରିବର୍ତ୍ତନ ଜୀବକୋଷର ବିଧାନ। ସେଇ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଶାରୀରିକ ରୋଗବୈରାଗ୍ୟ, ପାରିବାରିକ ଓ ସାମାଜିକ ପୀଡା, ମାନସିକ କ୍ଷୟ ଆଦି ଘଟିଥାଏ। ଏହି ପୃଥିବୀ ମାଟିରେ କେତେ କୋଟି ଲୋକ ଜନ୍ମ ନେବାର ପରିସଂଖ୍ୟାନ ରହିଛି। ଅନେକଙ୍କ କଳ୍ପନା ଏପରି। କିଏ ଦୁଃଖ, ଜରା, ମୃତ୍ୟୁ, ପରି ଜୀବନର କେତୋଟି ଅବସ୍ଥା ଦେଖି ଜୀବନକୁ ଅବାସ୍ତବ ମଣି ସନ୍ୟାସ ଗ୍ରହଣ କରିଛନ୍ତି। କେଉଁ ଦାର୍ଶନିକ ମୂଲ୍ୟାୟନ କରି ମତବ୍ୟକ୍ତ କରିଛନ୍ତି, ମଣିଷର ମନର ଆୟତନ ଏବଂ ଆଶା ତାର ବାସ୍ତବତା ଉପଲବ୍ଧି କରିବାରେ ଅନ୍ତରାୟ। ସାମୂହିକ ଭାବରେ ଜୀବନ କାହିଁକି ଏତେ ବିବିଧ, ଯାହା କି ମନରେ କଳ୍ପନା ସୃଷ୍ଟି କରେ ଭାଗ୍ୟ, କର୍ମଫଳ, ଦୈବୀଶକ୍ତି, ଠାକୁର, ଏବଂ ନିୟତି ଏହାର କାରଣ।

## ଆମ ମନର ଗଭୀରରେ ଲୁପ୍ତ ଆଶା -

ହଁ - ମଣିଷ ଶାରୀରିକ ଭାବରେ ଅମର ହୋଇଯାଉ। ନିରୋଗ ହୋଇଯାଉ। ମାନସିକ ଭାବରେ ଦୁଃଖ, ଜାତନା, ବ୍ୟାଧିମୁକ୍ତ ହୋଇଯାଉ। ହେଲେ ସେଇ ନୂତନ ଅମର ମଣିଷ ମଣିଷ ପଦବାଚ୍ୟ ହୋଇପାରିବ କି ? ଏହାର ତାତ୍ତ୍ୱିକ ଏବଂ ତାର୍କୀକ ଆଲୋଚନାର ଆବଶ୍ୟକତା ରହିଛି।

## ବିବର୍ତ୍ତନବାଦରେ ବିଶ୍ୱାସ

ଯଦି ଏହି ବିବର୍ତ୍ତନବାଦକୁ ବିଶ୍ୱାସ କରାଯାଏ, ତେବେ ପୃଥିବୀପୃଷ୍ଠର ଉପାଦାନ ବା ପଞ୍ଚଭୂତ ଉପାଦାନ ମଧ୍ୟରୁ ଯେଉଁ କେତୋଟିକୁ ନେଇ ମଣିଷ ଶରୀର ଗଠିତ ହୋଇଛି ଏବଂ ସୃଷ୍ଟି ନିୟମରେ ତାହାର ଶରୀର, ପ୍ରାଣ ଓ ମନ ଗଠିତ ତାହା କଅଣ ଆଉ କେଉଁ ଦିଗରେ ପରିବର୍ତ୍ତିତ ହୋଇପାରିବା ସମ୍ଭବ ? ସୃଷ୍ଟିରେ ସାଧାରଣ ମଣିଷ ଆହୁରି ଆଦର୍ଶତର ବା ଆଦର୍ଶତମ ହୋଇପାରିଥାଆନ୍ତା ? ମଣିଷ ଜୀବନଟା କଅଣ ଜୀବନସଂଗ୍ରାମମୁକ୍ତ ହେବା ସମ୍ଭବ ? ମଣିଷ ଅମର, ନିରୋଗ, ନିର୍ଭୟ ଏବଂ ଅନାସକ୍ତ ହୋଇଗଲେ ବାସ୍ତବତା ପ୍ରକଟ ହେବ ? ଅନିଶ୍ଚିତତା, ସମ୍ଭାବନା, ଆଶା, ଆକାଂକ୍ଷା, ସହାନୁଭୂତ, ସହଚର୍ଯ୍ୟ, ସାମଜିକତା ଆଉ ଆକଳନ ହି ମାନବିକତାର ଜନ୍ମଦାତା ପରି ବୋଧ ହୁଏ। ଏହା ନ ହୋଇଥିଲେ, ମାନବବାଦ ବା ମାନବଧର୍ମ ସୃଷ୍ଟି ହୋଇ ପାରି ନଥାନ୍ତା।

## ଜୀବନର ସୃଷ୍ଟି ତଥ୍ୟ

ସୃଷ୍ଟିର ରହସ୍ୟ ଯେତିକି ଆଶ୍ଚର୍ଯ୍ୟଜନକ, ତା ଭିତରେ ଜୀବନର ସୂତ୍ରପାତ ଏବଂ ବିବର୍ତ୍ତନ ସେତିକି ରହସ୍ୟାବୃତ୍ତ। ଆମର ଜ୍ଞାନ ସ୍ରୋତରେ ବିଶ୍ୱର ସବୁ ଧର୍ମ ମନୁଷ୍ୟର ଧରାବକ୍ଷରେ ଅବତାରଣାର ଚାଞ୍ଚଲ୍ୟକର ବିବରଣୀ ଦେଇ ଧର୍ମ ଏବଂ ଆମ ଜ୍ଞାନର ପରିସରକୁ ସମୃଦ୍ଧ କରିଛନ୍ତି ସତ, ମାତ୍ର ଆଜିର ତଥ୍ୟଭିତ୍ତିକ ମନୋଭାବ ବିଜ୍ଞାନୀଙ୍କ ମତ ଆହ୍ୱାନ କରିଥାଏ। ସତରେ କଅଣ ଆଡାମ୍ ଆଉ ଇଭ୍ ପ୍ରଥମେ ଧରାପୃଷ୍ଠକୁ ଆସି ନଥିଲେ ? ସତରେ କଅଣ ବିଷ୍ଣୁଙ୍କ ନାଭିରୁ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହୋଇ ଜୀବମାନେ ସୃଷ୍ଟି ହୋଇ ନଥିଲେ ? ଖ୍ରୀଷ୍ଟିଆନ୍, ହିନ୍ଦୁ ଓ ମୁସଲମାନ୍ ସଭିଙ୍କର ମନୁଷ୍ୟ ବା ଜୀବ ସୃଷ୍ଟିର ତଥ୍ୟ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ତଥ୍ୟ ଏବଂ ବଂଶକଣିକାର ଆଚରଣ ନେଇ ବିଜ୍ଞାନ ଧାରାକୁ ଆସିଯାଇଛି। ଅନେକ ତଥ୍ୟ ଓ ପ୍ରମାଣ

ଜୀବ ସୃଷ୍ଟି ଉପରେ ଆଲୋକପାତ କରନ୍ତି। ଜୀବନ ଅନିଶ୍ଚିତତାର ଉପାଦାନ, ଏହା ବିଶ୍ୱ ବ୍ରହ୍ମାଣ୍ଡର ବିବର୍ତ୍ତନ ସ୍ରୋତରେ ସମ୍ଭବ-ଅସମ୍ଭବ ପରି ସମ୍ଭାବନା ଦେଇ ନିଜ ଭାଗ୍ୟ ଆଦରି ତିଷ୍ଠି ରହିଛି।

ପୃଥିବୀପୃଷ୍ଠରେ ଜୀବନକୁ କିଏ ଆଣିଛି ଏବଂ ଏହା କିପରି ସଂଘଟିତ ହୋଇଛି ? ଏହି ପ୍ରଶ୍ନର ଉତ୍ତର କେହି ଦେଇ ପାରିବେ ନାହିଁ। ମାତ୍ର ଏହି ସମ୍ଭାବନା ଅନିଶ୍ଚିତ ହେଲେ ବି ଦେଖିବାକୁ ମିଳିଛି। ବିବର୍ତ୍ତନ ପଦ୍ଧତିରେ କୋଟି କୋଟି ବର୍ଷର ଏହି ସମ୍ଭାବ୍ୟ ପରିବେଶରେ ଜୀବନ ଗଢ଼ି ଉଠିଛି ଏବଂ ଜୀବ ଜଗତ ଦଣ୍ଡାୟମାନ।

ଜଣେ ନୋବେଲ୍ ପୁରସ୍କାର ବିଜେତା ଜୈବରସାୟନବିତ୍ ଜାକ୍ୟୁସ୍ ମନୋଟ୍‌ଙ୍କ ମତରେ ଜୀବ ଶରୀରର ବଂଶକଣିକାର ପ୍ରବୃତ୍ତି ଅଧ୍ୟୟନ କରି ଦର୍ଶାଇଛନ୍ତି କି ଏହି ପଦାର୍ଥର ଅସ୍ଥିରତା ଏବଂ ଆଂଶିକ ପରିବର୍ତ୍ତନ ହିଁ ବିବର୍ତ୍ତନର ଚକ୍ର ଘୂରାଇଥାଏ। ଏହି କ୍ଷୁଦ୍ରାତିକ୍ଷୁଦ୍ର ଜୀବକଣିକା (Gene) ହିଁ ସମ୍ଭାବନା (Chance) ବଳରେ ସମସ୍ତ ଜୀବ ଜଗତ ସୃଷ୍ଟି କରିପାରିଛି। ତାଙ୍କ ଭାଷାରେ 'ମଣିଷ ଏହିଭଳି ଅଜସ୍ର ସମ୍ଭାବନାମୟ ଏବଂ ଅଦୃଶ୍ୟ ଅକଳନୀୟ ମାତ୍ର ସୌଭାଗ୍ୟପୂର୍ଣ୍ଣ ପରିସ୍ଥିତିରୁ ଉଦ୍ଭବ ହୋଇଛି।'

ବାସ୍ତବରେ ତଥ୍ୟଭିତ୍ତିକ ବୈଜ୍ଞାନିକ ଆକଳନରେ ସମ୍ଭାବନାକୁ ଯେତିକି ଗୁରୁତ୍ୱ ଦିଆଯାଏ, ଭଗବାନ ତାଙ୍କର ବିଶ୍ୱ-ସର୍ଜନା ବିଷୟରୁ ବାଦ୍ ପଡିଯାଆନ୍ତି। ମଣିଷ ଅବା କୌଣସି ଜୀବ ପ୍ରମାଦଯୁକ୍ତ ପୃଥିବୀପୃଷ୍ଠରେ ସମ୍ଭାବନା ଏବଂ ଅନିଶ୍ଚିତତା ଦେଇ ଜୀବନ ପ୍ରାପ୍ତ କରନ୍ତି ଏବଂ ଜୀବନ ବଞ୍ଚେ। ଜୀବନ ବିବର୍ତ୍ତନର ଜଳପ୍ରପାତରେ ଦ୍ରୁତ ସ୍ରୋତରେ କେବଳ ସମ୍ଭାବନା ବଳରେ ହିଁ ତିଷ୍ଠି ରହେ। କୌଣସି ଗାଣିତିକ ନିୟମରେ ଜୀବନ ସୃଷ୍ଟି ହୋଇନି ନା କିଏ ଗଣିତ ବଳରେ କିଛି ହିସାବ ନିକାଶ କରିପାରିବ।

ଭୂପୃଷ୍ଠରେ ଜୀବନ ସଞ୍ଚାର ଏବଂ ଜୀବନ ପ୍ରବାହର ନିରାଟ ସତ୍ୟତା ମଣିଷ ଅନେକ ପରିମାଣରେ ନିର୍ଣ୍ଣୟ କରି ପାରିଛି ଏହା ସମସ୍ତେ ଜାଣନ୍ତି। ଏହି ଜ୍ଞାନର କିୟଦଂଶ ମାତ୍ର ଆବିଷ୍କୃତ, ବହୁ ଅଂଶ ଲୁପ୍ତ ହୋଇ ରହିଛି। ଏହି ଜ୍ଞାନ ବଳରେ ମନୁଷ୍ୟ ଜୀବନର ଉନ୍ନତି ହୋଇଛି, ଏ କଥା କେହି ସ୍ୱୀକାର୍ଯ୍ୟ। ମରଣଶୀଳ ମଣିଷର ପରମାୟୁ ପୂର୍ବରୁ ଯାହା ଥିଲା, ତାହା ଏବେ ବହୁଗୁଣା ହୋଇଛି। ଆଉ ଗୋଟିଏ ଦିଗରେ ଦେଖିବାକୁ ଗଲେ ସମସ୍ତଙ୍କର ଆଶା, ମଣିଷ ମୃତ୍ୟୁରୁ ମୁକ୍ତି ପାଇବ। ମଣିଷର ଜୀବନ ତା ଜୀବକୋଷରେ ହିଁ ଥାଏ। ଏହି ଜୀବକୋଷ ଏମିତି ନିୟାମକରେ ପ୍ରକୃତି ପୃଷ୍ଠରେ ସୃଷ୍ଟି ହୋଇଛି, ମୃତ୍ୟୁ ଅନିବାର୍ଯ୍ୟ। ଅତ୍ୟାଧୁନିକ ବିଜ୍ଞାନ କୃତ୍ରିମ ମଣିଷ ଗଢିବା ପ୍ରକ୍ରିୟାରେ ଯନ୍ତ୍ରମାନବ ବା ଆର୍ଟିଫିସିଆଲ୍ ଇ□ଲିଜେନ୍‌ସ ଗଢିଛନ୍ତି। କିନ୍ତୁ ଏହି ଯନ୍ତ୍ରର ମାନବିକ ଗୁଣ ମାନବିକତା ରହି ପାରିବ ତ? ସମ୍ଭବ ମନେ ହୁଏନା। ପରୋକ୍ଷରେ ଏହା ମାନବ ଜାତିର କଣ୍ଟକ ସାଜିପାରେ। ପ୍ରାକୃତିକ ବୁଦ୍ଧି ବଳରେ ମଣିଷ ବଳବାନ। ଯନ୍ତ୍ରକୁ ସବୁ ବୁଦ୍ଧି ଦେଇଦେଲେ ତାହା ଆମ ପୁରାଣ ଭାଷାରେ ତାହା ଭସ୍ମାସୁର ହୋଇପାରେ।

ଆଜିର ଜୀବନଶୈଳୀ ଏବଂ ଚିକିତ୍ସାବିଜ୍ଞାନର କରିସ୍ମା ବଳରେ ମଣିଷ ଅଶୀରୁ ନବେ ବର୍ଷ ପର୍ଯ୍ୟନ୍ତ କର୍ମଠ ଜୀବନ ବିତାଇପାରୁଛି। ତାଠାରୁ ଅଧିକ ହୋଇଗଲେ, ମସ୍ତିଷ୍କଗତ ସମସ୍ୟା ଏମିତି ଉତ୍କଟ ହେଉଛି, ବଞ୍ଚିବାର ମୂଲ୍ୟ ରହୁନାହିଁ। ସେହି ଦୃଷ୍ଟିରୁ ଆମକୁ ଆମର ଜୀବନକାଳ ଭିତରେ କିପରି ଯଥା ସମ୍ଭବ ସୁଖ ଶାନ୍ତିରେ ଉପଭୋଗ କରି ନିଜର ଧାର୍ଯ୍ୟ ପୂରଣ କରିବା ଆବଶ୍ୟକ। ଏଥିପାଇଁ ଆମର ମାନସିକତା ସକାରାତ୍ମକ ହେବା ଆବଶ୍ୟକ। ବହୁ ପରିକଳ୍ପନା କରି ଯେ ମୃତ୍ୟୁ-ତ୍ରାସକୁ ଅତିକ୍ରମ କରିବାର ଦୁରାଶା ଗୋଟିଏ ଦିବାସ୍ୱପ୍ନ।

ପାଣି ଫୋଟକାଟିଏ ଜୀବନର ପରମାୟୁ ହେଲେ ବି ଏହା ସେହି ଆବଧି ମଧ୍ୟରେ ଦୁନିଆ ଦେଖିବାକୁ ସୃଷ୍ଟି ହୋଇଛି, ଏଇଟା ନିରାଟ ସତ୍ୟ। ଯାହାଟା ମିଳିଛି, ସେତିକିରେ ସନ୍ତୁଷ୍ଟ ହୋଇ ମଣିଷ ନିଜର କର୍ମ ଆଦରି ଜୀବନ ଜିଇଁବାର ଆହ୍ୱାନ ରହିଛି। ତାହାରି ଆଧାରରେ କବି କହନ୍ତି,

"ଜୀବନ ପାତ୍ର ମୋ ଭରିଛ କେତେ ମତେ,
ନ ଦେଲ କିଛି ବୋଲି କହିବି କି ହେ ଆଉ..।"

ମୋ - ୯୪୩୮୦୦୭୫୦୯

# ମନୁଷ୍ୟ ଜୀବନ ମୂଲ୍ୟବାନ କାହିଁକି ?

*ପ୍ରତିମା ମହାପାତ୍ର*

ଦୃଶ୍ୟ, ଅଦୃଶ୍ୟ, ଅନେକ, ଅଗଣିତ ଜୀବ-ଜଗତର ସୃଷ୍ଟି, ସମ୍ଭବ ହୋଇ ପାରିଛି । ପ୍ରତ୍ୟେକ ଜୀବର, ଜୀବନ ଏକ ନିର୍ଦ୍ଦିଷ୍ଟ ସମୟର ସୀମାରେଖା ଭିତରେ ଆବଦ୍ଧ । ସେଇ ଜୀବନ-ସମୟ, ସୀମାରେଖାର ଆରମ୍ଭ କେବେ ବା ଅନ୍ତ କେବେ ଘଟୁଛି ବା ଘଟିବ ତାହା କାହାରିକୁ ଜଣା ନାହିଁ । ନିଜ ଇଚ୍ଛାରେ କୌଣସି ଜୀବ ସମୟ ନିର୍ଦ୍ଧାରଣ କରି ଏ ପୃଥିବୀରୁ ବିଦାୟ ନେଇ ପାରିବ ନାହିଁ । ପ୍ରାଣୀର ଏ ପୃଥିବୀକୁ ଆଗମନ ବା ପ୍ରତ୍ୟାବର୍ତ୍ତନ, ପୃଥିବୀର ଯେଉଁ ନିତି ବା ତତ୍ତ୍ୱ ଦ୍ୱାରା ନିର୍ଦ୍ଧାରିତ ହେଉଛି, ତାହାକୁ କେତେକ, ଈଶ୍ୱରଙ୍କ ଇଚ୍ଛା ବୋଲି ବିଶ୍ୱାସ କରନ୍ତି । ସେମାନଙ୍କ ମତରେ, ଜୀବର ସୃଷ୍ଟି, ତାଙ୍କର ପାଳନ ଏବଂ ଜୀବ-ସୃଷ୍ଟିର ଅନ୍ତ, କେବଳ, ଏକ ମାତ୍ର ଈଶ୍ୱରଙ୍କ ଦ୍ୱାରା ହିଁ ସମ୍ଭବ ।

ଆଉ କେତେକ ବିଜ୍ଞ ବ୍ୟକ୍ତିଙ୍କ ମତରେ- ପ୍ରକୃତିର କ୍ରମ ପରିବର୍ତ୍ତନ ଦ୍ୱାରା ଜୀବର ସୃଷ୍ଟି ଏବଂ ଅନ୍ତ ଘଟିତ ହେଉଛି ।

"ଈଶ୍ୱର ହିଁ ପ୍ରକୃତି" ଏବଂ "ପ୍ରକୃତି ହିଁ ଈଶ୍ୱର", ବୋଲି ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କ ମତ ଅନୁସାରେ, ଜଳ, ସ୍ଥଳ, ଆକାଶ, ବାୟୁ, ଅଗ୍ନି, ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଈଶ୍ୱର ବିଦ୍ୟମାନ ଅଛନ୍ତି । ତେଣୁ ଏ ଜୀବ-ଜଗତ "ପ୍ରକୃତି-ଈଶ୍ୱର" ଦ୍ୱାରା ହିଁ ସୃଷ୍ଟି ।

କିନ୍ତୁ ବର୍ତ୍ତମାନ ସମୟରେ, ବିଜ୍ଞାନ ଦ୍ୱାରା ପ୍ରମାଣିତ ସିଦ୍ଧାନ୍ତକୁ ସତ୍ୟ ବୋଲି ଆମେ ଗ୍ରହଣ କରୁଛେ । ତାହା ହେଉଛି, ବିବର୍ତ୍ତନ ପଦ୍ଧତିରେ ଜୀବ-ଜଗତର ସୃଷ୍ଟି ଏବଂ କ୍ରମ-ବିକାଶ ଘଟିବା ସତ୍ୟ ।

ପୃଥିବୀ ପୃଷ୍ଠର, ସ୍ଥଳଭାଗ ତଥା ଜଳଭାଗରେ ଅଗଣିତ ଜୀବମାନଙ୍କର ସୃଷ୍ଟି ହୋଇଛି । ସମଗ୍ର ଜୀବଜଗତ ମଧ୍ୟରେ ମନୁଷ୍ୟ ମଧ୍ୟ ଏକ ଜୀବ । ସ୍ଥଳ ଭାଗରେ ସୃଷ୍ଟି ହୋଇଥିବା ଏଇ ଦୁଇପାଦ ବିଶିଷ୍ଟ ପ୍ରାଣୀ "ମନୁଷ୍ୟ"ର ଜୀବନ ଯେତିକି ରହସ୍ୟମୟ ସେତିକି ବୈଚିତ୍ର୍ୟପୂର୍ଣ୍ଣ ବି । ମନୁଷ୍ୟ ସବୁ ପ୍ରାଣୀଙ୍କ ଠାରୁ ଭିନ୍ନ । ସେ ଅନ୍ୟ ପ୍ରାଣୀଙ୍କ ଭଳି ତାର ଜୀବନ କାଳ ଭିତରେ କେବଳ ଆହର, ନିଦ୍ରା, ନିଜର ବଂଶ ବିସ୍ତାର କରି ମୃତ୍ୟୁକୁ ପ୍ରାପ୍ତ କରିବା ମଧ୍ୟରେ ଆବଦ୍ଧ ହୁଏନି । ଆହାର, ନିଦ୍ରା, ବଂଶ ବିସ୍ତାର ବ୍ୟତୀତ ତା ଭିତରେ ଯେଉଁ ବୁଦ୍ଧି, ବିଚାର ତଥା ଅଦ୍ଭୁତ ଶକ୍ତି ରହିଛି । ସେଥିପାଇଁ ମନୁଷ୍ୟ ପୃଥିବୀର ଶ୍ରେଷ୍ଠ ଜୀବ ଭାବରେ ବିବେଚିତ ହେଉଛି । ତେଣୁ ମନୁଷ୍ୟର ଜୀବନ, ପୃଥିବୀ ପୃଷ୍ଠରେ ଅତ୍ୟନ୍ତ ମୂଲ୍ୟବାନ ।

**ମନୁଷ୍ୟ ନିଜକୁ ଶ୍ରେଷ୍ଠ ପ୍ରାଣୀ ବୋଲି କାହିଁକି ବିବେଚନା କରେ ?**

(୧) ଦେଖିବାକୁ ଗଲେ, ପ୍ରକୃତି, ମନୁଷ୍ୟ ପାଇଁ ଅନେକ ପ୍ରକାରର ବାଧା, ବଂଧନ ରଖିଛି । ଯେପରି କି ଜନ୍ମ ପରେ, ଅନ୍ୟ କୌଣସି ପ୍ରାଣୀ ମନୁଷ୍ୟ ତାର ବଂଚିବା ଅସମ୍ଭବ ପ୍ରାୟ । ପ୍ରଥମ ଆବଶ୍ୟକତା, ଖାଦ୍ୟ । ଦ୍ୱିତୀୟ ଆବଶ୍ୟକତା ଶୀତ-ତାପରୁ କୋମଳ ଶରୀରକୁ ରକ୍ଷା କରିବାକୁ ଆବରଣ । ବଂଚି ରହିବା ପାଇଁ ଏଇ ଦୁଇଟି ଜିନିଷ ମୁଖ୍ୟତଃ ଆବଶ୍ୟକ । ଏଥିପାଇଁ ମନୁଷ୍ୟ-ଶିଶୁ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ ହୁଏ ।

ଅପର ପକ୍ଷରେ ଜନ୍ମ ପରେ ଅନ୍ୟ ପ୍ରାଣୀମାନଙ୍କ ପାଇଁ ପ୍ରକୃତି ଏପରି ଅସହାୟତା ବା ବାଧା ତିଆରି କରିନାହିଁ । ଜନ୍ମ ପରେ ପରେ ଅନ୍ୟ ପ୍ରାଣୀ, (ଜଳ ହେଉ ବା ସ୍ଥଳ) ଗତି କରିବାକୁ ସକ୍ଷମ ହେଉଛି । ସ୍ୱୟଂ ଖାଦ୍ୟ ଗ୍ରହଣ କରିବାକୁ ପ୍ରୟାସ କରିପାରୁଛି । ତା'ର କୋମଳ ଶରୀରକୁ ସୁରକ୍ଷିତ ରଖିବା ପାଇଁ ସ୍ଥଳଚର ପ୍ରାଣୀଙ୍କ ଶରୀରରେ ଲୋମର ଆବରଣ ପ୍ରକୃତି ଦେଇଛି । ଜଳଚରମାନଙ୍କ ପାଇଁ ଜଳ ହିଁ ସୁରକ୍ଷା କବଚ ପରି କାମ କରୁଛି ।

କିନ୍ତୁ ଏତେ ସବୁ ବାଧା, ବିଘ୍ନ ସତ୍ତ୍ୱେ ପ୍ରକୃତି ମନୁଷ୍ୟକୁ ଏକ ଶ୍ରେଷ୍ଠତମ ବର ପ୍ରଦାନ କରିଛି । ତାହା ହେଉଛି- "ଜ୍ଞାନ" । ପୃଥିବୀ ପୃଷ୍ଠରେ ଅଗଣିତ ମସ୍ତକ ଥିବା ପ୍ରାଣୀ ଅଛନ୍ତି । ହେଲେ ପ୍ରକୃତି ମନୁଷ୍ୟ ମସ୍ତକରେ ଯେଉଁ ମସ୍ତିଷ୍କର ସଂରଚନା କରିଛି, ସେ ତାହା ମାଧ୍ୟମରେ ନିଜର ଅସହାୟତାକୁ ଦୂର କରିବା ସହିତ ସମଗ୍ର ପୃଥିବୀକୁ କରାୟତ କରିବାକୁ ସକ୍ଷମ ହୋଇଛି । ଅତିକାୟ, ବଳଶାଳୀ, ହିଂସ୍ର ପଶୁ, ବିଷଧର ସର୍ପ, ଭୟଙ୍କର ଜଳଚର; ସମସ୍ତ ପ୍ରାଣୀ ଏଇ କ୍ଷୁଦ୍ର ମନୁଷ୍ୟର ବୁଦ୍ଧିର ବଳ ସମ୍ମୁଖରେ ଶକ୍ତିହୀନ ।

(୨) ଜ୍ଞାନ : - ମନୁଷ୍ୟ ଭିତରେ ଥିବା ଜ୍ଞାନ ଚକ୍ଷୁ ହିଁ ମନୁଷ୍ୟକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛି । ଜ୍ଞାନ, ମନୁଷ୍ୟକୁ ସଚେତନ କରାଏ । ଚେତନାକୁ ସଂପ୍ରସାରିତ କରାଏ । ଯାହା ଫଳରେ ମନୁଷ୍ୟ ଭଲମନ୍ଦର ବିଚାର କରିପାରିଥାଏ । ଭୁଲ୍-ଠିକ୍‌ର ପାର୍ଥକ୍ୟ କରିବାର କ୍ଷମତା ରଖିଥାଏ ।

କରୁଣା : - ଚେତନା ଥିବାରୁ ମନୁଷ୍ୟ ମନରେ କରୁଣାର ଉଦ୍ରେକ ହେଉଛି । ଯେଉଁ ମନୁଷ୍ୟର ଚେତନା ଯେତେ ସଂପ୍ରସାରିତ ସେଇ ମନୁଷ୍ୟ ସେତିକି ସଂପ୍ରସାରିତ କରୁଣାର ଅଧିକାରୀ ।

ସଦ୍‌ଭାବନା : - ଚେତନା ଏବଂ କରୁଣାର ସମନ୍ୱୟରେ ଯେଉଁ ଭାବ ମନୁଷ୍ୟ ମନରେ ଉଦ୍ରେକ ହୁଏ ତାହା ହେଉଛି ସଦ୍‌ଭାବନା। ସଦ୍‌ଭାବନା ମନବୃତ୍ତି ପାଇଁ ମନୁଷ୍ୟ ଏକତ୍ର ମିଳିମିଶି ରହିବାକୁ ଇଚ୍ଛା ପ୍ରକାଶ କରିଥାଏ। ଅନ୍ୟକୁ ସାହାଯ୍ୟ କରିଥାଏ, ସୁରକ୍ଷା ପ୍ରଦାନ କରିଥାଏ।

ଆବିଷ୍କାର କରିବା ପ୍ରବୃତ୍ତି :- ଆବଶ୍ୟକତା ଅନୁସାରେ, ମନୁଷ୍ୟ ନୂଆ ନୂଆ ପଦ୍ଧତିର ଆବିଷ୍କାର କରିବାର କ୍ଷମତା ରଖିଛି। ଯାହା ପୃଥିବୀର ଅନ୍ୟ କୌଣସି ପ୍ରାଣୀ ଭିତରେ ଯେ କ୍ଷମତା ନାହିଁ। ଖାଲି ସେତିକି ନୁହେଁ, ମନୁଷ୍ୟ ଉତ୍ପାଦନ କରି ପାରୁଛି। ନିଜର କ୍ଷୁଧା ନିବାରଣ କରିବା ସହିତ ଅନ୍ୟର କ୍ଷୁଧା ମଧ୍ୟ ନିବାରଣ କରୁଛି। ଏଥିପାଇଁ ମନୁଷ୍ୟ ପୃଥିବୀର ଶ୍ରେଷ୍ଠ ଜୀବ ବା ପ୍ରକୃତି-ଈଶ୍ୱରଙ୍କର ଅନବଦ୍ୟ ସୃଷ୍ଟି।

ଶ୍ରେଷ୍ଠତ୍ୱ ହିଁ ମୂଲ୍ୟବାନର ସଂଜ୍ଞା :-ବାସ୍ତବରେ ଏତେ ସବୁ ଶ୍ରେଷ୍ଠତ୍ୱ ବହନ କରୁଥିବା ମନୁଷ୍ୟର ଜୀବନ ଅତ୍ୟନ୍ତ ମୂଲ୍ୟବାନ। ମାତ୍ର କେତେକ ବ୍ୟକ୍ତି ଜୀବନକୁ, ନଶ୍ୱର, କ୍ଷଣସ୍ଥାୟୀ, ଅଳୀକ ମନେକରି ଜୀବନକୁ ତୁଚ୍ଛ ମଣିଥାଆନ୍ତି। ଆଗକୁ ମୃତ୍ୟୁ ନିଶ୍ଚିତ ଅଛି ଭାବି ନିଜେ ନିଜକୁ ବୈରାଗ୍ୟର ଶିକାର କରନ୍ତି। ଅଥବା କେତେକ ସନ୍ନ୍ୟାସ ଧର୍ମ ଗ୍ରହଣ କରି ଗୃହ, ସମାଜ ପରିତ୍ୟାଗ କରି ବନଗମନ କରନ୍ତି। କିନ୍ତୁ "ମୃତ୍ୟୁ ଯେ ସତ୍ୟ !" ବୈରାଗୀ ହୁଅ ବା ସନ୍ନ୍ୟାସୀ, ମୃତ୍ୟୁ କବଳରୁ କେହି ମୁକ୍ତି ପାଇ ପାରିଛି କି ? ତେଣୁ ଏଇ ମୂଲ୍ୟବାନ ଜୀବନର ମୂଲ୍ୟକୁ ସତ୍ ଉପଯୋଗ ନ କରିବା କାହିଁକି ?

ଆଉ ଏକ କଥା- ଆମକୁ ଜାଣି ରଖିବା ଦରକାର ଯେ - ଏଇ ପୃଥିବୀ ଦୁଇ ବିପରୀତ ଧର୍ମୀ ତତ୍ତ୍ୱ ଦ୍ୱାରା ପରିଚାଳିତ ହେଉଛି। ଯେପରିକି - "ଅନ୍ଧାର-ଆଲୋକ", "ସତ୍ୟ-ମିଥ୍ୟା", "ଜଳ-ଅନଳ", "ଠିକ୍-ଭୁଲ୍" - ଏମିତି ଅନେକ ଉଦାହରଣ ରହିଛି। ପ୍ରତିଦିନ ମନୁଷ୍ୟ ଏପରି ବିପରୀତଧର୍ମୀ ତତ୍ତ୍ୱର ସମ୍ମୁଖୀନ ହୋଇ ଆଗକୁ ଗତି କରୁଛି। ସେହିପରି ଜନ୍ମ ସହିତ ମୃତ୍ୟୁର ନିଶ୍ଚିତ ସଂଯୋଗକୁ ଆଗେ ଆମ ଚେତନ ଭିତରେ ସ୍ୱାଗତ କରି ନେବା ଉଚିତ୍। ଆଉ ମନେ ରଖିବା ଉଚିତ୍ ଯେ - ଯେମିତି ଅନ୍ଧାର ନଥିଲେ ଆଲୋକର ମାହାତ୍ମ୍ୟ ଅନୁଭବ କରି ହେବ ନାହିଁ, ସେହିପରି ମୃତ୍ୟୁ ନଥିଲେ ଜୀବନର ମୂଲ୍ୟକୁ ବୁଝି ହେବ ନାହିଁ କିମ୍ବା ଉପଯୋଗ କରି ହେବ ନାହିଁ।

ଉଦାହରଣ ପାଇଁ ଏଠି ଏକ ସନ୍ଥ-କବିଙ୍କ ଜୀବନର କିଛି ଅଂଶ ଉଲ୍ଲେଖ କରୁଛି- ତାମିଲନାଡୁରେ ଜଣେ ପ୍ରସିଦ୍ଧ କବି ଥିଲେ। ତାଙ୍କର ନାମ ଥିଲା ସନ୍ଥ-କବି, ତିରୁବଲ୍ଲୁବର। କଠିନ ତପସ୍ୟା ଫଳରେ ସେ ସିଦ୍ଧିପ୍ରାପ୍ତ କରି, ଲୋକ କଲ୍ୟାଣ ଉଦ୍ଦେଶ୍ୟରେ କବିତା ଗ୍ରନ୍ଥ ରଚନା କରିଥିଲେ। ସେଥିପାଇଁ ତିରୁବଲ୍ଲୁବର ସନ୍ଥ-କବି ନାମରେ ବିଖ୍ୟାତ ଏବଂ ପୂଜିତ ବି।

ଜନଶ୍ରୁତି ଅନୁସାରେ, ତିରୁବଲ୍ଲୁବରଙ୍କ ଯାଯାବର ପିତାମାତା। ତାଙ୍କୁ ଜନ୍ମ ଦେବା ପରେ ପରେ ହିଁ ଛାଡ଼ି ଚାଲିଯାଇଥିଲେ। ଏକ ନିଃସନ୍ତାନ ଦୟାଳୁ ଦମ୍ପତି ଏଇ ନବଜାତ ଶିଶୁପୁତ୍ରଟିକୁ ଗୋଟିଏ ବୃକ୍ଷତଳେ ପତ୍ର ଉପରେ ଅସହାୟ ଅବସ୍ଥାରେ ପାଇଥିଲେ। ଏଇ ଦୟାଳୁ ଦମ୍ପତି, ଶିଶୁ ପୁତ୍ରଟିକୁ ଅତ୍ୟନ୍ତ ସ୍ନେହ, ଆଦରରେ ଲାଳନ ପାଳନ କରିବାକୁ ଲାଗିଲେ। ନାମ ରଖିଲେ 'ତିରୁବଲ୍ଲୁବର'।

କ୍ରମଶଃ ତିରୁବଲ୍ଲୁବର ବଡ଼ ହେବାକୁ ଲାଗିଲେ। ଯେତେବେଳେ ତିରୁବଲ୍ଲୁବର ତାଙ୍କର ଜନ୍ମ ବୃତ୍ତାନ୍ତ ବିଷୟରେ ଅବଗତ ହେଲେ, ସେତେବେଳେ ତାଙ୍କ ମନ ଭିତରେ ଘୋର ନୈରାଶ୍ୟ ଭାବ ଜାଗ୍ରତ ହେଲା। ସଂସାର ପ୍ରତି ବୈରାଗ୍ୟ ଆସିଲା। ସମାଜ, ସଂପର୍କ ତାଙ୍କୁ ତୁଚ୍ଛ ମନେହେଲା। ଦିନେ ସେ ନିଜର ପାଳିତ ପିତାମାତାଙ୍କର ଅନୁମତି ନେଇ ତପସ୍ୟା କରିବା ଉଦ୍ଦେଶ୍ୟରେ ଘୋର ଜଂଗଲ ଆଡ଼କୁ ପ୍ରସ୍ଥାନ କଲେ।

ଅନେକ ବର୍ଷ ବିତିଗଲା। ଇତି ମଧ୍ୟରେ ତିରୁବଲ୍ଲୁବର ଅନେକ ଜ୍ଞାନୀ ମୁନି, ଋଷି ଏବଂ ତପସ୍ୱୀମାନଙ୍କ ସଂଗତରେ ଆସି ସାରିଥିଲେ। ନିରନ୍ତର ଜ୍ଞାନ ଆହରଣ କରିବା ସହିତ କଠିନ ତପସ୍ୟାରେ ମଧ୍ୟ ବ୍ରତୀ ରହୁଥିଲେ। ଫଳସ୍ୱରୂପ ତାଙ୍କର ବୌଦ୍ଧିକ ଚେତନାର ପୂର୍ଣ୍ଣ ବିକାଶ ଘଟି ତିରୁବଲ୍ଲୁବର ପରିଣତ ହୋଇ ଯାଇଥିଲେ ମହାଜ୍ଞାନୀ ରେ।

କିଛି ବର୍ଷ ଜଙ୍ଗଲରେ ବିତିବା ପରେ ତାଙ୍କର ମନେହେଲା, ଯେଉଁ ଦିବ୍ୟଜ୍ଞାନ, ବୌଦ୍ଧିକ ଚେତନା ତାଙ୍କୁ ତପସ୍ୟା ମାଧ୍ୟମରେ ପ୍ରାପ୍ତ ହେଲା ତାର ଉପଯୋଗିତା ଯେ ଜଙ୍ଗଲରେ ନିରର୍ଥକ। ନିଜର ଜ୍ଞାନ, ବୁଦ୍ଧି, ଚେତନା ଯଦି ସମାଜ-କଲ୍ୟାଣ ଉଦ୍ଦେଶ୍ୟରେ ସେ ବିନିଯୋଗ କରି ପରନ୍ତେ ତେବେ ତାଙ୍କ ଜ୍ଞାନ ଏବଂ ଜୀବନର ସଠିକ ମୂଲ୍ୟାୟନ ହୋଇ ପାରନ୍ତା। ତାଙ୍କର ଅନୁଭବ ହେଲା ବାସ୍ତବରେ ମନୁଷ୍ୟ ଜୀବନ ଅତ୍ୟନ୍ତ ମୂଲ୍ୟବାନ। ଜୀବନର ମୂଲ୍ୟ କେବଳ ସମାଜରେ ରହି ନିଃସ୍ୱାର୍ଥ ସେବାରେ ହିଁ ମୂଲ୍ୟାୟନ ହୋଇ ପାରିବ। ସନ୍ନ୍ୟାସ ନେବା, ଏକ ପଳାୟନ ପନ୍ଥୀ ବିଚାରଧାରା। ଯାହା ଖୁବ୍ ସହଜ। କିନ୍ତୁ ସମାଜକୁ ସମ୍ମୁଖୀନ ହେବା ସମସ୍ୟାକୁ ସମାଧାନ କରିବା କଠିନ ବ୍ୟାପାର। ସମସ୍ୟାକୁ ସମ୍ମୁଖୀନ ହେବା ହିଁ ମନୁଷ୍ୟର କର୍ତ୍ତବ୍ୟ।

ଏହି ବିଚାର କରି, ତିରୁବଲ୍ଲୁବର ସମାଜକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସଂସାର କରିଥିଲେ। ଲୋକ-କଲ୍ୟାଣ ପାଇଁ ରଚନା କରି ଯାଇଛନ୍ତି ମହାନ କବିତା ଗ୍ରନ୍ଥ "ତିରୁ କୁରଲ"। ସନ୍ଥ-କବି ତିରୁବଲ୍ଲୁବରଙ୍କ ଦ୍ୱାରା ରଚିତ "ତିରୁ କୁରଲ" ଅନେକ ଭାଷାର ଅନୂଦିତ। ତାମିଲନାଡୁରେ 'ତିରି କୁରଲ' କବିତା ଗ୍ରନ୍ଥକୁ 'ଗୀତା', 'ଭାଗବତ' ପରି ପୂଜା କରାଯାଏ। ତିରୁବଲ୍ଲୁବରଙ୍କ ସ୍ମୃତିରେ ତାମିଲ୍‌ନାଡୁ ସରକାର ସନ୍ଥକବିଙ୍କର ଏକ ବିଶାଳ ପ୍ରତିମା ସ୍ଥାପନ କରିଛନ୍ତି। ଏହି ବିଶାଳ ପ୍ରତିମା କନ୍ୟାକୁମାରୀ ସ୍ଥିତ ବିବେକାନନ୍ଦ ଶିଳା ନିକଟରେ ନିର୍ମିତ ହୋଇଛି।

ଏଇ ମହାନ ସନ୍ଥ-କବିଙ୍କ ଜୀବନରୁ ଆମକୁ ଏଇ ଶିକ୍ଷା ମିଳେ ଯେ, 'ମନୁଷ୍ୟ ଜୀବନ ଅତ୍ୟନ୍ତ ମୂଲ୍ୟବାନ'। ଜୀବନକୁ ନଶ୍ୱର ମନେକରି ନିଜକୁ ବୈରାଗ୍ୟର ଅନ୍ଧକାର ଭିତରକୁ ଠେଲି ଦେବା କେବେ ବି ଉଚିତ ନୁହେଁ। କାରଣ ମନୁଷ୍ୟ ଭିତରେ ଥିବା ଦୃଢ଼ସଂକଳ୍ପ, ଅନ୍ଧକାର ଭିତରୁ ନୂତନ ରଶ୍ମିକୁ ଆମନ୍ତ୍ରିତ କରିପାରେ। ନୂତନ ମାର୍ଗ ପ୍ରସ୍ତୁତ କରିପାରେ। ଦୃଢ଼ ସଂକଳ୍ପରୁ ଯେଉଁ ସଫଳତାର ଉପଲବ୍ଧି ହୁଏ, ତାହା ହିଁ ପରମ ସୁଖ, ପରମ ଆନନ୍ଦ।

ଚନ୍ଦ୍ରଶେଖରପୁର
ମୋ-୮୪୫୫୮୩୩୭୮୫

# ୨

# ଶରୀର ଓ ମନର ସମନ୍ୱୟ ....



# ମନର ପରିସୀମା

*ଡା ଇନ୍ଦିରା ପଟ୍ଟନାୟକ*

ଆଜି କଳିକାଳରେ ପୂର୍ବ ପରି ମୁନିଋଷି ନାହାନ୍ତି, ସଂସାର ତ୍ୟାଗ କରି ତପରେ ବସିଯିବେ। ଯେବେ ଲୋକମାନେ ଶିକ୍ଷାଲାଭରୁ ବିରତ ହେଉଥିଲେ, ଯେବେ ମଣିଷ ସମାଜରେ କୌଣସି ପ୍ରଥା ଜନ୍ମଲାଭ କରି ନଥିଲା, ସେତେବେଳେ ଲୋକମାନଙ୍କର ପ୍ରଚଳିତ ଧାରଣାର ସତ୍ୟତା ପ୍ରତିଷ୍ଠା କରିବାକୁ ବୁଦ୍ଧିମାନ ଲୋକମାନେ, ଏମିତି କି ରାଜପୁତ୍ରମାନେ ରାଜ୍ୟତ୍ୟାଗ କରି ତପସ୍ୟା ବଳରେ ସମାଜ ପାଇଁ ଅନେକ ତଥ୍ୟ ସଂଗ୍ରହ କରି ସମାଜରେ ପ୍ରଚଳନ କରୁଥିଲେ। ଏମିତି ବେଦଜ୍ଞ ପଣ୍ଡିତମାନେ କୁହନ୍ତୁ, କି ଜୈନ ଅର୍ହତ ଏବଂ ବୌଦ୍ଧ ସଂଘିୟାନ ମାନେ ମଣିଷ ଜୀବନ ଓ ଜୀବନର ମୂଲ୍ୟବୋଧ ନିମନ୍ତେ ଘର ସଂସାର ପରିତ୍ୟାଗ କରି ଗୂଢ଼ ତଥ୍ୟ ସଂଗ୍ରହ କରୁଥିଲେ।

ଦୀର୍ଘ ଅଢେଇ ସହସ୍ରାବ୍ଦରୁ ଅଧିକ ହୋଇଯିବଣି ବୁଦ୍ଧଙ୍କ ଦୀର୍ଘ ଛଅ ବର୍ଷର ତପସ୍ୟା ଯାହାକି ଅନେକ ସହସ୍ରାବ୍ଦ ପର୍ଯ୍ୟନ୍ତ ମଣିଷ ସମାଜର ଆଦର୍ଶ ହୋଇ ରହିପାରିଲା। ମଣିଷ ପ୍ରକୃତି ଏବଂ ପ୍ରବୃତ୍ତି ମଧ୍ୟରେ ଅବିରାମ ସଂଘର୍ଷ କାରଣରୁ ବୌଦ୍ଧଧର୍ମର ବିଲୟ ଘଟିଲା। ତେବେ ଏବେ ଯୁଗ ଆସୁଛି ମୈତ୍ରେୟ ବୁଦ୍ଧଙ୍କର। ବୌଦ୍ଧ ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି, ଯେବେ ବି ବୌଦ୍ଧଧର୍ମର ସକ୍ରିୟତା ବିଶେଷ ଭାବରେ ବିପନ୍ନ ହେବ, ତେବେ ସ୍ୱୟଂ ବୁଦ୍ଧଦେବ ପୁନରାୟ ଧରିତ୍ରୀ ପୃଷ୍ଠରେ ଜନ୍ମ ନେବେ ଏବଂ ତାଙ୍କର ନାମ ହେବ ମୈତ୍ରେୟ ବୁଦ୍ଧ।

ଆଜି ଲୋକ ସାଧାରଣ ଭାଷାରେ କୁହନ୍ତି, କଳିକାଳ। କିନ୍ତୁ ଏହି କଳିକାଳ ବିଜ୍ଞାନର ଉତ୍କର୍ଷ ସାଧନ ହୋଇଥିବାର ଶୀର୍ଷ ସମୟ। ଆଜି ସାଧାରଣ ଲୋକ ବୁଦ୍ଧଙ୍କ ବେଳର କି ମହାବୀର ଜିନ୍‌ଙ୍କ ସମୟ ପରି ଏତେ ଅବିଦ୍ୟା ଏବଂ ସାମାଜିକ ଆଚାର ବ୍ୟବହାରରେ ଅଲିପ୍ତ ନୁହନ୍ତି, ବରଂ କୁଆ ପରି ଚତୁର ହୋଇ ଅତି ବୁଦ୍ଧିରେ ଯାହା ପରମ ଅଶୁଦ୍ଧ କାର୍ଯ୍ୟ ସେପରି କରି ପାରୁଛନ୍ତି। ନିଜେ ନିଜକୁ ବୁଦ୍ଧିମାନ ପ୍ରାଣୀ ବୋଲି ଅଭିହିତ କରି ନିଜେ ନିଜେ ଭସ୍ମାସୁର ପରି ଜଳି ମରିବାର ବାଟ କରୁଛନ୍ତି। ସେଇଟା କେମିତି ? ଆଜି ପ୍ଲାଷ୍ଟିକ ପରି କୃତ୍ରିମ ପଦାର୍ଥର ପରିବେଶ ଉପରେ ବୋଝ ପରି କାର୍ବନ ଫ୍ଲୋର କାର୍ବନ ପରି ଓଜନୋମଣ୍ଡଳର ଛିଦ୍ର ସୃଷ୍ଟିକାରୀ ପଦାର୍ଥର ଅତ୍ୟନ୍ତ ବ୍ୟବହାର ମଣିଷ ଜୀବନକୁ ବିପନ୍ନ କରୁଛି।

ଏହି ସମୟରେ ମୈତ୍ରେୟ ବୁଦ୍ଧ ନୁହନ୍ତି, ତାଙ୍କରି ପରି ଜଣେ ଶିକ୍ଷିତ ସମାଜ ସେବକ ବ୍ୟକ୍ତି ପ୍ରକୃତିରନ୍ ସ୍ୱୟଂ ବିଚାରମଗ୍ନ। ଆଜି ୨୦୨୩ ମସିହାରେ ବିଶ୍ୱରେ ତପସ୍ୟା ବଳରେ ଅସାଧ୍ୟ ସାଧନ କରିବା ଯେତିକି ଅସମ୍ଭବ, ନିଜର ଲବ୍ଧ ତତ୍ତ୍ୱକୁ ସରଳରେ ସମାଜରେ ପ୍ରଚାର କରିବା ତାଙ୍କର ଲକ୍ଷ୍ୟ ହୋଇପାରେ।

କିନ୍ତୁ ପ୍ରକୃତିରନ୍ ଆଜି ସମାଜର ଅନେକ ବୈଷମ୍ୟର ତାଲିକା ପ୍ରସ୍ତୁତ କରି ସେଗୁଡିକର ଆଶୁ ସମାଧାନ ପାଇଁ ଚେଷ୍ଟିତ। ସେ ଚିନ୍ତାମଗ୍ନ କିପରି ଆଜିର ଭୂପୃଷ୍ଠରେ ମଣିଷର ଜୀବନ ବିପନ୍ନ ହେବାର ପରିବେଶ ସୃଷ୍ଟି ହୋଇଚାଲିଛି।

ପ୍ରକୃତିରନ୍ ଧ୍ୟାନମଗ୍ନ। ମନରେ ସକଳ ମନସ୍ତାତ୍ତ୍ୱିକ ଜଗତର ଉଦୟ ଘଟିଛି ତାଙ୍କର ଧ୍ୟାନର ପରିବେଶରେ। ଧ୍ୟାନର ଗତି ମଣିଷର ଚିନ୍ତାଧାରା ଉପରେ ନ୍ୟସ୍ତ। ଆଜିର ଜଟିଳ ମାନସିକତାରେ ପ୍ରାଥମିକ ଗୌତମ ବୁଦ୍ଧ ସମୟର କାମନା ପରି ସରଳ ଉପାଦାନ ଉପରେ ନିବିଷ୍ଟ ନୁହେଁ।

ମନରେ ଉଠୁଛି ମହୋଦଧିର ଶକ୍ତ ଅନ୍ତଃସ୍ରୋତର ତୀବ୍ର ପ୍ରବାହ। ସେ ଦେଖନ୍ତି କେବଳ ନିଜ ମନର ନୁହେଁ, ଜଣେ ଏକବିଂଶ ଶତାବ୍ଦୀ ମଣିଷ ମନର ସଞ୍ଚରଣ।

ସତରେ ମନଟା ସରଳ ଆଉ ନିଷ୍କପଟ ନୁହେଁ। ମନର ସ୍ୱାଧୀନତା ତାକୁ ଯଥେଷ୍ଟ ବିଶୃଙ୍ଖଳ ଏବଂ ଅବ୍ୟବସ୍ଥିତ କରି ବିପ୍ଳବର ସୂତ୍ରପାତ କରାଏ। ଏହାକୁ ବହିଃପ୍ରକୃତିର ଆଗ୍ନେୟଗିରିର ଉଦ୍‌ଗିରଣ ବା ଅତି ଦ୍ରୁତ ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା ବା ପ୍ରବଳ ଭୂକମ୍ପ ସହିତ ତୁଳନା କରାଯାଇପାରେ। ସେହି ଭୟାନକ ଝଡ ସହିତ ବି ମନରେ ଧାରା ବା ନିୟାମକ ବି ସୂତ୍ରାୟିତ। ସେହି ବିପ୍ଳବୀ ମନରେ ବି ପ୍ରକୃତିରନ୍ ଲକ୍ଷ୍ୟ କରନ୍ତି, ମଣିଷର ଜୀବନ ସୁନ୍ଦର ଓ ସୁଖମୟ କରିବାର ଦୁର୍ବାର ପ୍ରବୃତ୍ତି। ସବୁ ସହିଯାଏ ମଣିଷ ବର୍ତ୍ତମାନର ଝଡଝଞ୍ଜା ଗୋଟିଏ ନୂଆ ବୋହୂ ପରି।

କ୍ଷଣକରେ ପ୍ରକୃତିରନ୍‌ଙ୍କର ଭାବନା ପରିବର୍ତ୍ତିତ ହୁଏ, ମଣିଷର ପ୍ରବୃତ୍ତି ସଦାସର୍ବଦା ଅନୁଭବର ସନ୍ଧାନରେ ବ୍ୟସ୍ତ। ଅଭିଜ୍ଞ ମନର ବିଚାରଶୀଳତା ଏବଂ ବିବେକ ଜାଗ୍ରତ ଥିବା ସମୟରେ ଅନୁଭବର ତରଙ୍ଗକୁ ବି ଅନେକ

ଅଦୃଶ୍ୟ ଇଙ୍ଗିତ ଏମିତି ରୂପ ଦିଏ, ଯାହା କୌଣସି ବିଜ୍ଞ ଲୋକ ବି ଅନୁମାନ କରିପାରିବ ନାହିଁ।

ଜୀବଦ୍ଦଶାରେ ଅନେକ ମଣିଷ ଚରିତ୍ର ଦେଖି ଆସୁଛନ୍ତି ପ୍ରକୃତିରନ୍। ଅନେକ ପ୍ରକାରର ଚିତ୍ର।

ଏବେ ପ୍ରକୃତିରନ୍ ଏହି ମନର ବିକ୍ଷିପ୍ତତାରେ ଆଦୌ ବିବ୍ରତ ନୁହନ୍ତି, ବରଂ ଭାବୁଛନ୍ତି ମଣିଷ ରହସ୍ୟମୟ। ଏହି ରହସ୍ୟମୟତା ତା ହୃଦୟର ନିରବତାରୁ ପ୍ରତୀୟମାନ ହୁଏ। ଏହି ରହସ୍ୟ ଆନ୍ତରିକ ଏବଂ ସମସ୍ୟାହୀନ। ଏହା ମନର କିମ୍ବା ଶରୀରରେ କୌଣସି ସମସ୍ୟା ସୃଷ୍ଟି କରେନାହିଁ। ଅନେକ ସମୟରେ ପ୍ରକୃତିରନ୍ ଚିନ୍ତା କରନ୍ତି, ଜୀବନରେ ବହୁତ ମଣିଷ ଚରିତ୍ର ଦେଖିଲି। କିନ୍ତୁ କେହି ଜଣେ ବି ନିଜକୁ ସ୍ୱୟଂସମ୍ପୂର୍ଣ୍ଣ ବୋଲି କହନ୍ତି ନାହିଁ। ଏମିତିକି ରାମାୟଣ କି ମହାଭାରତରେ ବର୍ଣ୍ଣିତ ଚରିତ୍ର ଗୁଡ଼ିକ ବି ଜଣାଯାଏ, କାହା କାହାର ଚରିତ୍ର ଅସମ୍ପୂର୍ଣ୍ଣ, କିଛି ବି ବାକି ରହିଯାଇଛି। ଏମିତିକି ମୁଁ ହୁଏ କି ଆପଣ ମନରେ ଏଭଳି ଖିଆଲ ଅଛି, ଯେଉଁଠି ଯେତେ କର୍ମଠ ହେଲେ ବି ଜଣାଯିବନି। ଆତ୍ମାର ଚରନ୍ତନ କ୍ଷୁଧା ମଣିଷକୁ ଶାନ୍ତିରେ ରଖିବନାହିଁ।

ମନଟା ଏତେ ବିକ୍ଷିପ୍ତ, ଏଇଟା ଜୀବନର ପ୍ରଶାନ୍ତିକୁ କ୍ଷଣକେ ଓଲଟାଇ ପାରେ। ସତରେ କଅଣ ମଣିଷର ମନ ଜୀବନ ବଞ୍ଚିବା ପାଇଁ ଅପରିହାର୍ଯ୍ୟ ନୁହେଁ? କିନ୍ତୁ ଆଜିର ସଭ୍ୟତା ମଣିଷ ମନରୁ ହିଁ ସୃଷ୍ଟି ହୋଇଛି। ମନ ନଥିଲେ ହୁଏ ତ ମଣିଷ ଆଜି ଜୀବଜଗତରେ ଏତେ ଉପରେ ନଥା'ନ୍ତା। ମନ ଆଉ ତା ସଂଲଗ୍ନ ବୁଦ୍ଧି ବଳରେ ମଣିଷ ବଳୀୟାନ।

ମଣିଷର ଶରୀର ଶୂନ୍ୟର କିଛି ଅଂଶ ଯଥା ଲମ୍ବା, ଚଉଡ଼ା ଏବଂ ମୋଟା, ଏମିତି ଗୋଟିଏ ଆୟତନ ଦଖଲ କରିବସେ। ତାର ମସ୍ତିଷ୍କରେ ନଗଣ୍ୟ ସ୍ଥାନରେ କାର୍ଯ୍ୟକାରୀ ମନ କିନ୍ତୁ ଯେତେ ପଦାର୍ଥ ଜ୍ଞାନ ବଳରେ ଜାଣିଛି ସେଠାରେ ତାର ଗତି ଅଛି ବୋଲି ବୁଝାପଡେ। ଏହାର ଅର୍ଥ ମନ ଯଦି କେବଳ ତା ଗାଆଁ ବିଷୟରେ ସୀମିତ, ତାର ଚଳାଚଳ ସେତିକି ସ୍ଥାନରେ। ଯିଏ ଆଟ୍‌ଲାସ୍ ଦେଖି ପୃଥିବୀ ବିଷୟରେ ଜାଣନ୍ତି, ତାଙ୍କର ମନ ସାରା ପୃଥିବୀରେ ବ୍ୟାପ୍ତ। ଆଉ ଯାହାର ଜ୍ଞାନ ମହାକାଶ ପର୍ଯ୍ୟନ୍ତ ବା ଇତିହାସରେ ମହାଭାରତ ଯୁଗରୁ ଆରମ୍ଭ ହୋଇ ଅଦ୍ୟାବଧି ରହିଛି, ତାଙ୍କର ମନ ସେତିକି ଆକାରର। ମନଟା ମହାକାଶ କାହିଁକି, ବିଶ୍ୱବ୍ରହ୍ମାଣ୍ଡ ଠାରୁ ବି ପ୍ରକାଣ୍ଡ ହୋଇପାରେ।

ବୁଦ୍ଧିର ମହାକାଶ ଯାନରେ ବସି ମନ ଆଲୋକ ଗତିରୁ ବଳି କଳ୍ପନା ଗତିରେ ବି କ୍ଷଣକରେ ବିଶ୍ୱବ୍ରହ୍ମାଣ୍ଡ ପରିକ୍ରମା କରିପାରିବାର ଶକ୍ତି ରହିଛି। ଏମିତି ଗୋଟିଏ ଉପାଦାନ ସୃଷ୍ଟିରେ ମଣିଷ ହିଁ ପାଇଛି। ଏହାରି ବଳରେ କବି, ଲେଖକ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର ଏବଂ ସମସ୍ତ ବିଦ୍ୟାବାନ ଏବଂ ଶିଳ୍ପୀ ସୃଷ୍ଟି ହୋଇଛନ୍ତି। ମନଟି ନଥିଲେ ବୁଦ୍ଧି ନଥାନ୍ତା, ଏବଂ ମଣିଷ ମାଙ୍କଡ କି କୁକୁର ପରି ଇତର ପ୍ରାଣୀ ଭାବରେ ଦୃଶ୍ୟମାନ ଜୀବଯନ୍ତୁଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥାଆନ୍ତା।

ଏହି ମନକୁ କହନ୍ତି, ଏଇ ମନ ବୃନ୍ଦାବନ, ଏଇ ମନ କାଶୀ। ଏହା ଶରୀର ଘରେ ବସିଥିବା ବେଳେ ସକଳ ତୀର୍ଥ ପରିଭ୍ରମଣ କରିପାରେ। ସମସ୍ତ କଳ୍ପନା କରିପାରେ ଏବଂ ନିଘୋଡ ନିଦରେ ବି ସ୍ୱପ୍ନ ଦେଖିପାରେ। ସେହି ମନର ସୃଷ୍ଟି ହିଁ ପଶୁଜୀବନରୁ ମଣିଷ ଜୀବନକୁ ରୂପାନ୍ତରିତ କରିଛି।

ମନର ଏତେ ବ୍ୟାପକ ଦୃଷ୍ଟି ଥିବାରୁ ଯେ କେହି ପଚାରିବ, ଏହାର ଓଜନ କେତେ ଏବଂ ଏହା ଏତେ ଦ୍ରୁତଗତିରେ କାମକରେ, କେତେ ଶକ୍ତି ଖର୍ଚ୍ଚ ହୁଏ। ସତରେ ଶରୀର କିୟଦାଂଶରେ ଏହା କାମକରେ, କିନ୍ତୁ ତାହାର କିଛି ବିଧିବଦ୍ଧ ଓଜନ ନାହିଁ। ଏହା ଏକ କାର୍ଯ୍ୟକାରିତା ଏବଂ ମନର ଓଜନ ଶୂନ୍ୟ। ମନ କୌଣସି ବିଷୟ ଗ୍ରହଣ କରିବାରେ ବା ସ୍ମରଣ କରିବାରେ କୌଣସି ଶକ୍ତି ଖର୍ଚ୍ଚ ହୁଏନି। ସେମିତି ପାଠ ପଢି ମନେରଖିବାକୁ କିଛି ବି ଅଧିକ ଶକ୍ତି ବା କାଲୋରିର ଆବଶ୍ୟକତା ନାହିଁ। ଆଧୁନିକ ବିଜ୍ଞାନ ମତରେ ମଣିଷର ମସ୍ତିଷ୍କ ଯେ ପର୍ଯ୍ୟନ୍ତ ଜୀବନ୍ତ ଏବଂ ସଚେତନ, ତାହା ମନର କାର୍ଯ୍ୟ। ଦେହ ମୃତ୍ୟୁସମୟରେ ତୁଟି ଗଲେ ହିଁ ମନର ସତ୍ତା ରହେନି।

ମାତ୍ର ପ୍ରକୃତିରନ୍ ଦେଖନ୍ତି ମନ କେବଳ ସକାରାତ୍ମକ କାର୍ଯ୍ୟନିର୍ବାହ କରେନି, ବରଂ ଅନେକ ଗୁଡ଼ିଏ ଅନାବଶ୍ୟକ ନକାରାତ୍ମକ କାର୍ଯ୍ୟରେ ବି ଜଡିତ। ଯେତେ ସନ୍ଥ ଲୋକ ହୋଇଥାନ୍ତୁ କି ଉତ୍ତମ ବ୍ୟକ୍ତି ହୋଇଥାନ୍ତୁ, ମନରେ ନିଶ୍ଚୟ ନକାରାତ୍ମକ ଚିନ୍ତାଧାରା କୌଣସି ମତେ ମନରେ ପଶିବ ହିଁ ପଶିବ। ମାନବିକ ଗୁଣ ହିସାବରେ ସ୍ନେହ-ଶ୍ରଦ୍ଧା, ପ୍ରିତି, ପ୍ରଶଂସା, ସାମାଜିକତା, ନୈତିକତା ଆଦି ରହିଛି।

କିନ୍ତୁ ମନଟା ଏତେ ଚଗଲା, ଯେତିକି ସକାରାତ୍ମକ କାର୍ଯ୍ୟରେ ସମ୍ପୃକ୍ତ, ତତୋଽଧିକ ନକାରାତ୍ମକ କାର୍ଯ୍ୟରେ ଲିପ୍ତ। ମଣିଷର ମନ ନିଜ ଭିତରେ ସୀମିତ ହୋଇ ରହେନାହିଁ। କାହାକୁ ସୁନ୍ଦର ପୋଷାକ ପିନ୍ଧିବା କି ଭଲ ଖାଇବା ଦେଖିଲେ, ତାହାର ତୁଳନାତ୍ମକଭାବ ଆସିଯାଏ। ତାହା ଅତିରଞ୍ଜିତ ହୋଇ ଈର୍ଷା ବା କଳିତକରାଳରେ ପହଞ୍ଚେ। ଏହିପରି ଅନେକ ଗୁଡ଼ିଏ ଅସୂୟା ଜାତ ହୁଏ। ଜଣେ ପରଶ୍ରୀକାତର ହୋଇପଡ଼େ। ଏମିତି ଦୁନିଆର ସମସ୍ତ ନକାରାତ୍ମକ ଭାବ ଜାତ ହୁଏ।

ମନ କେବେ ବି ନିଜର ସ୍ଥିତି ଜାଣେନା। ମଣିଷର ପରମାୟୁ ନିଶ୍ଚୟ କାଳ କାଳ ପାଇଁ ମନର ଭାବନାକୁ ବାଷ୍ପାୟିତ କରି ପାରିବ ନାହିଁ।

ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର
ମୋ - ୯୪୩୭୨୪୬୦୬୬

# ମଣିଷ ଜୀବନ : ଏକ ବିହଙ୍ଗାବଲୋକନ

*ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ*

*"ବାସ୍ତବତା ହେଉଛି ଯାହା ଯେତେବେଳେ ଆପଣ ଏହାକୁ ବିଶ୍ୱାସ କରିବା ବନ୍ଦ କରନ୍ତି, ତାହା ବନ୍ଦ ହୁଏନାହିଁ" - ଫିଲିପ୍ କେ. ଡିକ୍*

**ଉପକ୍ରମ -**

ମନୁଷ୍ୟ ଜୀବନ ବାସ୍ତବ ନା ଅବାସ୍ତବ - ଏହା ଏକ ପ୍ରଶ୍ନବାଚୀ ହୋଇ ରହିଛି । ମାନବ ଅସ୍ତିତ୍ୱର ସ୍ଥିତି ଓ ପ୍ରକୃତି ଶତାବ୍ଦୀ ଶତାବ୍ଦୀ ଧରି ଦାର୍ଶନିକ ଅନୁସନ୍ଧାନ ଏବଂ ବିତର୍କର ବିଷୟବସ୍ତୁ ହୋଇ ରହିଆସୁଛି । ଏହି ଜଟିଳ ପରୀକ୍ଷଣରେ ଆମେ ମାନବ ଅସ୍ତିତତ୍ୱର ବାସ୍ତବତା ଏବଂ ଅବାସ୍ତବତାକୁ ନେଇ ବିଭିନ୍ନ ଦୃଷ୍ଟିକୋଣ ଏବଂ ଯୁକ୍ତି ଅନୁସନ୍ଧାନ କରିଥାଉ, ଯେପରି -

**ବ୍ୟକ୍ତିପୂରକ ବାସ୍ତବିକତା :** ଗୋଟିଏ ଦୃଷ୍ଟିକୋଣ ଯୁକ୍ତି କରେ ଯେ ବାସ୍ତବତା ଯୁକ୍ତିନିଷ୍ଠ, ବ୍ୟକ୍ତିଗତ ଧାରଣା ଏବଂ ଅଭିଜ୍ଞତା ଦ୍ୱାରା ଆକୃଷ୍ଟ । ଏହି ଦୃଷ୍ଟିକୋଣ ଅନୁଯାୟୀ ମନୁଷ୍ୟ ଜୀବନ ବ୍ୟକ୍ତିନିଷ୍ଠ ଅର୍ଥରେ ବାସ୍ତବ ଅଟେ । ଆମେ ଅନୁଭବ ଭାବନା ଓ ଚିନ୍ତା ପ୍ରକଟ କରୁ ନକରୁ ପୃଥିବୀ ଅଛି । ମାନବ ଅସ୍ତିତ୍ୱର ବାସ୍ତବତା ଆମର ସଚେତନତା ଏବଂ ଆମେ ଆମର ଅନୁଭୂତିକୁ ଦର୍ଶାଉଥିବା ଦୃଷ୍ଟିକୋଣରୁ ଉତ୍ପନ୍ନ ହୋଇଥାଏ । ବିଜ୍ଞାନ ପ୍ରାୟତଃ ଏହି ବାସ୍ତବତାର ଅନୁମାନରେ କାର୍ଯ୍ୟକରେ, ବ୍ରହ୍ମାଣ୍ଡ ବିଷୟରେ ଅନ୍ତର୍ନିହିତ ସତ୍ୟକୁ ଆବିଷ୍କାର କରିବାକୁ ଚେଷ୍ଟା କରେ ?

**ବସ୍ତୁଗତ ବାସ୍ତବିକତା :** ଅପରପକ୍ଷେ ଅବାସ୍ତବିକତାର ସମର୍ଥକମାନେ ଯୁକ୍ତି କରନ୍ତି ଯେ, ଏକ ବାହ୍ୟଜଗତ ଅଛି ଯାହା ବ୍ୟକ୍ତିଗତ ଧାରଣାଠାରୁ ସ୍ୱାଧୀନ ଭାବରେ ବିଦ୍ୟମାନ । ଏହିଦୃଷ୍ଟିରୁ ମାନବ ଜୀବନ ବାସ୍ତବ ଭାବରେ ବିବେଚନା କରାଯାଏ କାରଣ ଏହା ଏକ ବାସ୍ତବ ବ୍ରହ୍ମାଣ୍ଡ ମଧ୍ୟରେ ବିଦ୍ୟମାନ । ଏହି ଦୃଷ୍ଟିରୁ ଆମର ଅବିସ୍ମରଣୀୟତା ଆମ ଅବିସ୍ମରଣୀୟ ଚେତନା ଦ୍ୱାରା ପ୍ରଭାବିତ ଏବଂ ବାସ୍ତବତା ଆମ ମନର ଉପାଦାନ ଅଥବା ଏକ ମାନସିକ ଗଠନ । ଜୀବନର ଶାରୀରିକ, ଜୈବିକ-ପ୍ରକ୍ରିୟା, ପ୍ରାକୃତିକ ଘଟଣା ଏବଂ ପ୍ରକୃତି ନିୟମ ମାନବ ଅସ୍ତିତ୍ୱକୁ ସୂଚିତ କରେ, ଯାହା ଧାରଣା, ଚିନ୍ତାଧାରା ଏବଂ ପରୀକ୍ଷଣ ମାଧ୍ୟମରେ ଗଠିତ ।

**ଆଧାତ୍ମିକ ଦୃଷ୍ଟିକୋଣ :** ବିଭିନ୍ନ ଆଧାତ୍ମିକ ପରମ୍ପରାଗୁଡ଼ିକ ଭିନ୍ନ ମତ ପ୍ରଦାନ କରନ୍ତି, ଯାହା ମାଧ୍ୟମରେ ମାନବ ଜୀବନର ବାସ୍ତବିକତାକୁ ପରୀକ୍ଷା କରାଯାଏ ।

**ଆଦର୍ଶବାଦ:** ଆଦର୍ଶବାଦ ଦୃଢ଼ୋକ୍ତି କରେ ଯେ ବାସ୍ତବତା ମୂଳତଃ ମାନସିକ କିମ୍ବା ଆଧାତ୍ମିକ ଅଟେ । ଏହି ଦୃଷ୍ଟିକୋଣରୁ ମାନବ ଜୀବନ ଚେତନା କିମ୍ବା ମନର ଏକ ପ୍ରଦର୍ଶନ ଭାବରେ ଦେଖାଯାଏ । ବସ୍ତୁ ଜଗତ ଚେତନାର ଚରମ ବାସ୍ତବତା ପାଇଁ ଭ୍ରମାତ୍ମକ ବୋଲି ବିବେଚନା କରାଯାଏ ।

**ବସ୍ତୁବାଦ:** ଅନ୍ୟପକ୍ଷରେ ବସ୍ତୁବାଦ, ବାସ୍ତବତା କେବଳ ଶାରୀରିକ ପଦାର୍ଥ ଏବଂ ଶକ୍ତି ଦ୍ୱାରା ଗଠିତ ବୋଲି ଦର୍ଶାଏ । ବସ୍ତୁବାଦୀମାନେ ଯୁକ୍ତି କରନ୍ତି ଯେ ମାନବ ଜୀବନ ବାସ୍ତବ ଏବଂ ଏହାକୁ କେବଳ ବୈଜ୍ଞାନିକ ଏବଂ ଶାରୀରିକ ନୀତି ମାଧ୍ୟମରେ ବ୍ୟାଖ୍ୟା କରାଯାଇପାରିବ ।

**ଦ୍ୱୈତବାଦ:** ଏହି ତଥ୍ୟ ଅନୁଯାୟୀ ମାନବ ଅସ୍ତିତ୍ୱ ଉଭୟ ବସ୍ତୁ ଏବଂ ଅମୂଲ୍ୟ ଦିଗକୁ ନେଇ ଗଠିତ । ଏହି ଦୃଷ୍ଟିକୋଣରୁ ଜଣାପଡିଛି ଯେ ଯେତେବେଳେ ଭୌତିକ ଶରୀର ବସ୍ତୁ କ୍ଷେତ୍ରର ଏକ ଅଂଶ, ସେଠାରେ ଏକ ଅପରିଚିତ ଉପାଦାନ ଅଛି, ଯେପରିକି ଆତ୍ମା କିମ୍ବା ଚେତନା, ଯାହା ଶାରୀରିକତାକୁ ଅତିକ୍ରମ କରେ ।

**ଭ୍ରମ ଏବଂ ମାୟା:** ହିନ୍ଦୁ ଧର୍ମ ଏବଂ ବୌଦ୍ଧଧର୍ମ ପରି ପୂର୍ବ ଦାର୍ଶନିକ ପରମ୍ପରା ଭ୍ରମ ଏବଂ ମାୟାର ସଂକଳ୍ପ ଉପସ୍ଥାପନ କରେ । ଏହି ପରମ୍ପରା ଅନୁଯାୟୀ ମାନବ ଜୀବନ ପୃଥକତା ଏବଂ ବସ୍ତୁ ଜଗତ ସହିତ ସଂଲଗ୍ନହୋଇ ଭ୍ରମର ସମ୍ମୁଖୀନ ହୁଏ । ମାନବ ଅସ୍ତିତ୍ୱର କ୍ଷଣସ୍ଥାୟୀ ଏବଂ ସ୍ଥାୟୀ ପ୍ରକୃତି ଭ୍ରମାତ୍ମକ ବୋଲି ବିବେଚନା କରାଯାଉଥିବାବେଳେ ପ୍ରକୃତ ବାସ୍ତବତା ମାୟା ପରିସର ବାହାରେ ।

**ଦିବ୍ୟମାନବବାଦୀ ଦୃଷ୍ଟିକୋଣ:** ମାନବବାଦୀ ଅସ୍ତିତ୍ୱର ବାସ୍ତବତାକୁ ବ୍ୟକ୍ତିଗତ ସ୍ୱାଧୀନତା, ପସନ୍ଦ ଏବଂ ଦାୟିତ୍ୱ ଦୃଷ୍ଟିକୋଣରୁ ପରୀକ୍ଷଣ କରେ । ଦିବ୍ୟମାନବାଦୀମାନେ ଯୁକ୍ତି କରନ୍ତି ଯେ ମାନବ ଜୀବନ ଅନ୍ତର୍ନିହିତ ଭାବରେ ପ୍ରକୃତ ଅଟେ । କାରଣ ଏଥିରେ ଜଣଙ୍କର ଅସ୍ତିତ୍ୱର ଅର୍ଥ ଏବଂ ଉଦ୍ଦେଶ୍ୟ ସହିତ ମୁକାବିଲା କରାଯାଏ । ମଣିଷର ଅସ୍ତିତ୍ୱର ବସ୍ତୁଗତ ଅନୁଭୂତି, ନିଜର ଅର୍ଥ ସୃଷ୍ଟି କରିବାର ଦାୟିତ୍ୱ ଅନ୍ତର୍ନିହିତ ବାସ୍ତବତାରେ ସହାୟକ ହୁଏ । ବାସ୍ତବ ଅବାସ୍ତବ ଉପରେ ନିଶାର୍ଗଦ ମହାରାଜ ଏହା ସମସ୍ତ ମନ ଅବାସ୍ତବ ଭାବରେ

ଅବାସ୍ତବ ଆବିଷ୍କାର କରିପାରିବ। ସମସ୍ୟା କେବଳ ମାନସିକ ଅଟେ। ମିଥ୍ୟା ଧାରଣା ପରିତ୍ୟାଗ କର, ତାହା ହିଁ ସବୁ। ପ୍ରକୃତ ଚିନ୍ତାଧାରାର କୌଣସି ଆବଶ୍ୟକତା ନାହିଁ। ସେଠାରେ କିଛି ନାହିଁ।

## ଆଧାରଭୂତ ତଥ୍ୟ -

ସଂସ୍କୃତ ସାହିତ୍ୟରେ ମାନବ ଜୀବନର ବାସ୍ତବତା ଉପରେ ବିଭିନ୍ନ ଦାର୍ଶନିକ ଦୃଷ୍ଟିକୋଣ ରହିଛି। କେତେକ ଶାସ୍ତ୍ର ମାନବ ଜୀବନକୁ ବାସ୍ତବ ଏବଂ ଅର୍ଥପୂର୍ଣ୍ଣ ବୋଲି ବିବେଚନା କରୁଥିବାବେଳେ ଅନ୍ୟ କେତକ ଏହା ଏକ ଭ୍ରମାତ୍ମକ ବା ଅବାସ୍ତବ ବୋଲି ଯୁକ୍ତି କରିଥାନ୍ତି । ବିଶେଷତଃ ଅଦ୍ୱୈତ ବେଦାନ୍ତ ମାନବ ଜୀବନର ବାସ୍ତବତା ଏବଂ ଏହାର ଅନ୍ତର୍ନିହିତ ମହତ୍ତ୍ୱ ପ୍ରକୃତ ଏବଂ ଅର୍ଥପୂର୍ଣ୍ଣ ଭାବରେ ଦର୍ଶାଏ। ଏହି ଚିନ୍ତାଧାରା ଅନୁଯାୟୀ, ଆତ୍ମା ମୁକ୍ତି (ମୋକ୍ଷ) ପାଇବା ପାଇଁ ମାନବ ଅସ୍ତିତ୍ୱ ଏକ ମୂଲ୍ୟବାନ ସୁଯୋଗ ଅଟେ। ସନ୍ଥ ତୁଳସୀ ଦାସଙ୍କ ଭାଷାରେ 'ବଡା ଭାଗ ମାନୁଷ ତନ ପାୱା, ସୁର-ଦୁର୍ଲଭ ସଦଗ୍ରନ୍ଥହି ଗାୱା'।

ଅର୍ଜୁନ କହିଲେ ଆପଣଙ୍କର ଜନ୍ମ ତ ଏବେ କିଛି ବର୍ଷ ପୂର୍ବେ ବସୁଦେବଙ୍କ ଘରେ ହୋଇଛି, କିନ୍ତୁ ସୂର୍ଯ୍ୟଙ୍କ ଜନ୍ମ ସୃଷ୍ଟି ଆରମ୍ଭରୁ ହୋଇଥିଲା। ତେଣୁ ଆପଣ ସୂର୍ଯ୍ୟଙ୍କୁ କର୍ମଯୋଗ ଶିକ୍ଷା ଦେଲେ କିପରି ? ଆପଣ ହିଁ ସୃଷ୍ଟି ଆରମ୍ଭରୁ ଉପଦେଶ ଦେଇଥିଲେ ବୋଲି ମୁଁ କିପରି ଜାଣିବି। ଏହି ପଦଟି ଜ୍ଞାନର ଅନନ୍ତ ପ୍ରକୃତି ଏବଂ ଏକାଧିକ ଜନ୍ମ ମାଧ୍ୟମରେ ଜୀବନର ଅବିରତତାକୁ ଆଲୋକିତ କରେ। ଏହା ସୂଚିତ କରେ ଯେ ମାନବ ଜୀବନ ଆଧ୍ୟାତ୍ମିକ ଅଭିବୃଦ୍ଧି ଏବଂ ଜ୍ଞାନର ଏକ ସୁଯୋଗ ମିଳୁଥିବା ସ୍ଥାନ (ପ୍ଲାଟ୍‌ଫର୍ମ) ଭାବରେ ଧାରଣ କରିଥାଏ।

ଅଦ୍ୱୈତ ବେଦାନ୍ତ ଦର୍ଶନ ମଧ୍ୟ ଭ୍ରାନ୍ତ ବା ଅବାସ୍ତବ ଭାବରେ ମାନବ ଜୀବନକୁ ଏକ ମାୟାର ସଂକଳ୍ପ ଉପସ୍ଥାପନ କରେ ଯାହା ଦର୍ଶାଏ ଯେ ମାନବ ଜୀବନ ସମେତ ସମଗ୍ର ବିଶ୍ୱ ଏକ ଭ୍ରମ। ଏହି ଦୃଷ୍ଟିକୋଣ ଅନୁଯାୟୀ, ଚରମ ବାସ୍ତବତା ଇନ୍ଦ୍ରିୟ ଏବଂ ମନର ପରିସର ବାହାରେ। ମାଣ୍ଡୁକ୍ୟ ଉପନିଷଦ ମଧ୍ୟ ନିମ୍ନଲିଖିତ ପଦଟିରେ ଏହି ଦୃଷ୍ଟିକୋଣକୁ ଦର୍ଶାଇଥାଏ।

ବାସ୍ତବରେ ଜୀବ ହେଉଛି ସ୍ୱୟଂ ଦେହ - ସମସ୍ତ ନାମ, ରୂପ, କ୍ରିୟାର ଦ୍ରଷ୍ଟା, ସେ ସାକ୍ଷୀ ବ୍ରହ୍ମ ସ୍ୱରୂପ। ଅର୍ଥାତ ଜୀବ ହେଉଛି ବ୍ରହ୍ମଙ୍କ ଅଂଶ, ସେ ଅବିନାଶୀ, ଚେତନ, ସହଜ ସୁଖର। ଶ୍ରୀ ପରମାନନ୍ଦ ସ୍ୱରୂପ ଏବଂ ଅମଳ ଅର୍ଥାତ ନାମ, ରୂପ ମାୟା ମଳ ରହିତ, ଶୁଦ୍ଧ।

ସଂସାରର ସମସ୍ତ ବସ୍ତୁ ତଥା ପ୍ରାଣୀମାନଙ୍କର ଶରୀର ପଞ୍ଚମହାଭୂତର ଆଧାର ଉପରେ ହିଁ ଆଧାରିତ ଏବଂ ବ୍ୟବହାର ସିଦ୍ଧି ପାଇଁ ସମାନଙ୍କର ନାମ ହେଉଛି ଏକ କାଳ୍ପନିକ ଉପାଧି।

**ଉପନିଷଦ ଓ ପୁରାଣ :** ଉପନିଷଦ, ହିନ୍ଦୁ ଧର୍ମର ପ୍ରାଚୀନ ଦାର୍ଶନିକ ଗ୍ରନ୍ଥ ମାନବ ଜୀବନର ପ୍ରକୃତି ଏବଂ ଏହାର ବାସ୍ତବତା ବିଷୟରେ ସୂଚନା ପ୍ରଦାନ କରେ। ଯେତେବେଳେ ଏହି ଗ୍ରନ୍ଥଗୁଡିକ ଗଭୀର ଆଧ୍ୟାତ୍ମିକ ଧାରଣାଗୁଡ଼ିକରେ ଆବିଷ୍କାର କରିଥାନ୍ତି, ସେମାନେ ମାନବ ଜୀବନର ଅସ୍ତିତ୍ୱ ଏବଂ ଏହାର ବାସ୍ତବତାକୁ ବୈଜ୍ଞାନିକ ଅର୍ଥରେ ପ୍ରମାଣ କରିବାକୁ ଲକ୍ଷ୍ୟ କରନ୍ତି ନାହିଁ। ତଥାପି, ସେମାନେ ଦାର୍ଶନିକ ଯୁକ୍ତି ଏବଂ ଚିନ୍ତାଧାରାର ଆନ୍ତରିକତାକୁ ଆଧାର କରି ମନୁଷ୍ୟର ଅସ୍ତିତ୍ୱର ମହତ୍ତ୍ୱ ଉପରେ ଆଲୋକିତ କରିଥାନ୍ତି। ଜୀବ ଦାରା ପରମାତ୍ମାଙ୍କୁ ଖୋଜିବା ହେଉଛି ମୂର୍ଖତା, ଯେପରି ଲହରିରେ ଜଳକୁ ଖୋଜିବା, କନାରେ ସୂତାକୁ ଖୋଜିବା, ମୃଗ କସ୍ତୁରୀକୁ ଖୋଜିବା। ଲହରି ଜଳଠାରୁ, ଲୁଗା ସୂତାଠାରୁ, କସ୍ତୁରୀ ମୃଗଠାରୁ ଯେମିତି ପୃଥକ ନୁହେଁ, ସେହିପରି ଜୀବ ବ୍ରହ୍ମଠାରୁ ପୃଥକ ନୁହେଁ।

ଋଷି ଉଦାଲକା (Uddalaka) ଏବଂ ତାଙ୍କ ପୁଅ ଶତକେତୁଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଅସ୍ତିତ୍ୱର ପ୍ରକୃତି (nondual nature) ଉପରେ ଗୁରୁତ୍ୱ ଦେଇଥାଏ। ଏହା ସୂଚିତ କରେ ଯେ ବ୍ୟକ୍ତିଗତ ଆତ୍ମର ଚରମ ବାସ୍ତବତା ସହିତ ସମାନ। ଏହି ହୃଦୟଙ୍ଗମ ବୃହତ ବ୍ରହ୍ମାଣ୍ଡ କ୍ରମରେ ମାନବ ଜୀବନର ବାସ୍ତବତା ଏବଂ ପରସ୍ପର ସହ ସଂଶ୍ଲିଷ୍ଟତାକୁ ନିଶ୍ଚିତ କରେ।

ଅନାବଶ୍ୟକ, ମନଠାରୁ ଅଧିକ ଦ୍ରୁତଗାମୀ, ଇନ୍ଦ୍ରିୟଗୁଡିକ ଏହା ପାଖରେ ପହଞ୍ଚି ପାରେ ନାହିଁ; ସ୍ଥିର ଛିଡ଼ା ହୋଇ, ଏହା ଚାଲୁଥିବା ଅନ୍ୟମାନଙ୍କୁ ଅତିକ୍ରମ କରେ। ଏହାର ଉପସ୍ଥିତି ଯୋଗୁଁ, ପବନ, ପୃଥିବୀର କାର୍ଯ୍ୟକଳାପ ପରିଚାଳନା କରେ। ଏହି ପଦଟି ଚରମ ବାସ୍ତବତାର ଅପାରଗ ପ୍ରକୃତି ବିଷୟରେ ଜଣାଇଥାଏ, ଯାହା ସାଧାରଣ ଇନ୍ଦ୍ରିୟ ଏବଂ ମନ ଅତିକ୍ରମ କରେ। ଏହା ସୂଚିତ କରେ ଯେ ମାନବ ଜୀବନ ଏହି ଅନ୍ତର୍ନିହିତ ବ୍ରହ୍ମାଣ୍ଡ ନୀତି ଦ୍ୱାରା ସମର୍ଥିତ ଏବଂ ସ୍ଥାୟୀ ଅଟେ। ଉପନିଷଦରୁ ମାନବ ଜୀବନର ଅସ୍ତିତ୍ୱ ଏବଂ ବାସ୍ତବତାର ବୈଜ୍ଞାନିକ ପ୍ରମାଣ ପ୍ରଦାନ କରେ ନାହିଁ ସତ କିନ୍ତୁ ଆତ୍ମାର ପ୍ରକୃତି ଏବଂ ଚରମ ବାସ୍ତବତା ସହିତ ଏହାର ସମ୍ପର୍କ ଉପରେ ଗଭୀରଧ୍ୟାନ ଦେଇଥାଏ। ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଚେତନାର ଗଭୀରତା ଅନୁସନ୍ଧାନ କରିବାକୁ ଏବଂ ସେମାନଙ୍କର ଅସ୍ତିତ୍ୱର ଅନ୍ତର୍ନିହିତ ସତ୍ୟକୁ ଅନୁଭବ କରିବାକୁ ଉତ୍ସାହିତ କରିଥାଏ। ଏହି ଶିକ୍ଷାଗୁଡ଼ିକ ବ୍ୟକ୍ତିମାନଙ୍କୁ ମୋକ୍ଷର ପଥ ଏବଂ ସେମାନଙ୍କର ଅନନ୍ତ, ଈଶ୍ୱରୀୟ ପ୍ରକୃତିର ବାସ୍ତବତା ପାଇଁ ମାର୍ଗଦର୍ଶନ କରେ।

ମାନବ ଜୀବନର ବାସ୍ତବତା ଏବଂ ଅସତ୍ୟତା ଏବଂ ବିଭିନ୍ନ ବେଦ ଏବଂ ପୁରାଣ ସମୟରୁ ଏହାର ନିରନ୍ତରତାକୁ ଯଥାର୍ଥତା ପ୍ରଦାନ କରିଥାଏ। ଆସନ୍ତୁ ଉଭୟ ଦୃଷ୍ଟିକୋଣରେ ଅନୁସନ୍ଧାନ କରିବା।

**ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା:** ବିଭିନ୍ନ ବୈଦିକ ଏବଂ ପୁରାଣ ଗ୍ରନ୍ଥରେ ମାନବ ଜୀବନକୁ ବାସ୍ତବ ଭାବରେ ବିବେଚନା କରାଯାଏ ଏବଂ ଜୀବଦ୍ଦଶା ଭିତରେ କ୍ରମାଗତ ଭାବରେ ବିକଶିତ ହୁଏ। ଏହି ପଦଗୁଡ଼ିକ ଆତ୍ମା (ଅନନ୍ତ)ର ଅନନ୍ତ ପ୍ରକୃତି ଏବଂ ଏକାଧିକ ଜନ୍ମ ମାଧ୍ୟମରେ ଏହାର ଯାତ୍ରା ଉପରେ ଗୁରୁତ୍ୱ ଦେଇଥାଏ।

ଯେହେତୁ ଜଣେ ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରେ, ପୁରୁଣା ପରିତ୍ୟାଗ କରେ, ସେହିଭଳି ଆତ୍ମା ନୂତନ ବସ୍ତୁ ଶରୀରକୁ ଗ୍ରହଣ କରେ, ପୁରୁଣା ଏବଂ ଅଦରକାରୀମାନଙ୍କୁ ଛାଡ଼ିଦିଏ।ଏହି ପଦଟି ମାନବ ଅସ୍ତିତ୍ୱର ଚକ୍ରବ୍ୟୂହର ପ୍ରକୃତିକୁ ବର୍ଣ୍ଣନା କରେ, ଯେଉଁଠାରେ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ସ୍ଥାନାନ୍ତରିତ ହୁଏ, ପୁରୁଣା ଶରୀରକୁ ତ୍ୟାଗ କରି ଏକ ନୂତନ

ଶରୀର ଗ୍ରହଣ କରେ। ଏହା ବିଭିନ୍ନ ଶାରୀରିକ ରୂପରେ ଜୀବନର ନିରନ୍ତରତାକୁ ସୂଚିତ କରେ।

**ଭାଗବତ ପୁରାଣ:** ଉତ୍କଳୀୟ କବି ଜଗନ୍ନାଥ ଦାସ ଲେଖିଛନ୍ତି:

"ଅନେକ ଜନ୍ମ ତପ ଫଳେ।
ମାନବ ଜନ୍ମ ମହୀତଳେ।।"

ସୃଷ୍ଟିରେ ମନୁଷ୍ୟଠାରୁ ବଳି ଅନ୍ୟ କେହି ଶ୍ରେଷ୍ଠ ନୁହନ୍ତି।

**ମାନବ ଜୀବନର ଭ୍ରମାତ୍ମକ ପ୍ରକୃତି:** ଅଦ୍ୱୈତ ବେଦାନ୍ତ ଅନ୍ତର୍ଭୁକ୍ତ କରି କେତେକ ଦାର୍ଶନିକ ଦୃଷ୍ଟିକୋଣରେ ମାନବ ଜୀବନ ଭ୍ରମାତ୍ମକ ବା କ୍ଷଣସ୍ଥାୟୀ ଭାବରେ ବିବେଚନା କରାଯାଏ ସାଂସାରିକ ଅସ୍ତିତ୍ୱର ଅସ୍ଥାୟୀ। ପ୍ରକୃତି ଏବଂ ବସ୍ତୁ କ୍ଷେତ୍ର ବାହାରେ ଚରମ ବାସ୍ତବତାକୁ ଗୁରୁତ୍ୱ ଦେଇଥାଏ। ଆତ୍ମା ଅକ୍ଷୟ ହେବା ଦ୍ୱାରା ବ୍ୟାପକ ମଧ୍ୟ ହୁଏ। କେହି କେହି ଏହି ଅକ୍ଷୟ ସୃଷ୍ଟିର ବିନାଶ ଘଟାଇ ପାରିବେ ନାହିଁ।

## ପାଶ୍ଚାତ୍ୟ ଦର୍ଶନ ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ଉପରେ ଦୃଷ୍ଟିକୋଣ:

ପାଶ୍ଚାତ୍ୟ ଦର୍ଶନରେ ବିଭିନ୍ନ ଦାର୍ଶନିକମାନେ ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ଉପରେ ଅନୁସନ୍ଧାନ କରିଛନ୍ତି। ବିଭିନ୍ନ ଦାର୍ଶନିକ ପରମ୍ପରାରୁ ଏଠାରେ ମୁଖ୍ୟ ଦୃଷ୍ଟିକୋଣ ହେଉଛି – (୧) ବାସ୍ତବତା ଏବଂ ନିରନ୍ତରତା - ବାସ୍ତବତା ହେଉଛି ଏକ ଦାର୍ଶନିକ ସ୍ଥିତି ଯାହା ମାନବ ଜୀବନ ସମେତ ବାହ୍ୟ ଜଗତର ଅସ୍ତିତ୍ୱକୁ ଦୃଢ କରେ। ବାସ୍ତବବାଦୀ ଦୃଷ୍ଟିକୋଣ ଅନୁଯାୟୀ, ମାନବ ଜୀବନ ବାସ୍ତବ ବୋଲି ବିବେଚନା କରାଯାଏ ଏବଂ ସମୟ ସହିତ ଆମର ଅସ୍ତିତ୍ୱର ନିରନ୍ତରତା ଅଛି। (୨) ଆରିଷ୍ଟୋଟଲଙ୍କ ଅତ୍ୟାବଶ୍ୟକତା ମହତ୍ତ୍ୱ (essentialism) - ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ ତାଙ୍କର ଅତ୍ୟାବଶ୍ୟକତା ସଂକଳ୍ପ ମାଧ୍ୟମରେ ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ପାଇଁ ଯୁକ୍ତି କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ପ୍ରକୃତି ଅଛି ଯାହା ସେମାନଙ୍କର ପରିଚୟକୁ ବ୍ୟାଖ୍ୟା କରେ। ଆରିଷ୍ଟୋଟଲଙ୍କ ଅନୁଯାୟୀ ମାନବ ଜୀବନ ହେଉଛି ସମୟ ସହିତ ମାନବ ସାମର୍ଥ୍ୟର ବିକାଶ ଏବଂ ପ୍ରକୃତୀକରଣ ଦ୍ୱାରା ବର୍ଣ୍ଣିତ, ଯାହା ନିଜର ପ୍ରକୃତି ଏବଂ ମନର ଅଧାରକୁ ନେଇ ଜୀବନଧାରା ଚାଲିଥାଏ। (୩) ଅସ୍ତିବାଦ ଏବଂ ବାସ୍ତବତା (Existentialism authenticity): ଜନ-ପଲ ସାର୍ଟ୍ରେଙ୍କ (Jean-Paul Satre) ପରି ବିଦ୍ୟମାନ ଦାର୍ଶନିକମାନେ ମାନବ ଅସ୍ତିତ୍ୱର ବାସ୍ତବତା ଏବଂ ବ୍ୟକ୍ତିଗତ ପରିଚୟର ନିରନ୍ତରତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ଯୁକ୍ତି ବାଢିଥିଲେ ଯେ ବ୍ୟକ୍ତି ବିଶେଷଙ୍କର ନିଜ ଜୀବନକୁ ଗଢିବା ଏବଂ ଅର୍ଥ ସୃଷ୍ଟି କରିବାର ସ୍ୱାଧୀନତା ଅଛି। (୪) ସଂଶୟବାଦ ଅସ୍ତିତ୍ୱବାଦ ଅନିଶ୍ଚିତତା (Skepticsim existential uncertainity) - କେତେକ ଦାର୍ଶନିକ ଦୃଷ୍ଟିକୋଣ ମାନବ ଜୀବନର ସଂପୂର୍ଣ୍ଣ ବାସ୍ତବତା ଏବଂ ନିରନ୍ତରତା ଉପରେ ସନ୍ଦେହ ସୃଷ୍ଟି କରେ। ଅନ୍ଧବିଶ୍ୱାସ ଏବଂ ଅସ୍ତିତ୍ୱ ଅନିଶ୍ଚିତତା ଏକ ସ୍ଥିର, ନିରନ୍ତର ପରିଚୟର ଧାରଣାକୁ ଚ୍ୟାଲେଞ୍ଜ କରେ। (୫) ସୋରେନ କିରେକେଗାର୍ଡଙ୍କ ଅସ୍ତିତ୍ୱବାଦ (Soren Kierkegaard's Existentialism) : କିରେକେଗାର୍ଡ, ଜଣେ ଅସ୍ତିତ୍ୱବାଦୀ ଦାର୍ଶନିକ, ମାନବ ଅସ୍ତିତ୍ୱର ସବଜେକ୍ଟିଭ୍ ଏବଂ ଚିର ପରିବର୍ତ୍ତନଶୀଳ ପ୍ରକୃତି ବିଷୟରେ ଅନୁସନ୍ଧାନ କରିଥିଲେ। ସେ ଯୁକ୍ତି ବାଢନ୍ତି ଯେ ବ୍ୟକ୍ତିମାନେ କ୍ରମାଗତ ଭାବରେ ପସନ୍ଦ ଏବଂ ଅସ୍ତିତ୍ୱର ଦ୍ୱନ୍ଦର ସମ୍ମୁଖୀନ ହୁଅନ୍ତି ଯାହା ସେମାନଙ୍କ ଜୀବନକୁ ଆକୃଷ୍ଟ କରେ। କିରେକେଗାର୍ଡଙ୍କ ଦର୍ଶନ ସୂଚିତ କରେ ଯେ ମାନବ ଜୀବନ ଅନିଶ୍ଚିତତା ଏବଂ ଆତ୍ମ-ଆବିଷ୍କାରର ନିରନ୍ତର ପ୍ରକ୍ରିୟା ଦ୍ୱାରା ଚିହ୍ନିତ। (୬) ଉତ୍ତର-ଆଧୁନିକବାଦ ଏବଂ ବିକ୍ଷିପ୍ତ ପରିଚିତି (Postmodernism Fragmented Identity): ଏହି ଶ୍ରେଣୀର ଦାର୍ଶନିକମାନେ ଏକ ସ୍ଥିର ଏବଂ ନିରନ୍ତର ପରିଚୟର ଧାରଣା ଉପରେ ପ୍ରଶ୍ନ କରନ୍ତି। ସେମାନେ ଯୁକ୍ତି କରନ୍ତି ଯେ ମାନବ ଜୀବନ ସାମାଜିକ, ସାଂସ୍କୃତିକ ଏବଂ ଭାଷାଭିତ୍ତିକ କାରଣ ଦ୍ୱାରା ପ୍ରଭାବିତ ହୋଇଥାଏ, ଯାହା ଆମର ବାସ୍ତବତା ଉପରେ ଆମର ବୁଝାମଣାକୁ ଆକୃଷ୍ଟ କରିଥାଏ। ଏକ ସମନ୍ୱିତ, ନିରନ୍ତର ଆତ୍ମର ଧାରଣାର ବୈଧତାକୁ ପ୍ରଶ୍ନ କରେ ଏବଂ ସାମାଜିକ ଭାବରେ ନିର୍ମିତ ପ୍ରକୃତିକୁ ସୁଚିତ କରେ।

ପାଶ୍ଚାତ୍ୟ ଦର୍ଶନ ଦୃଷ୍ଟିକୋଣଗୁଡିକ ବିଭିନ୍ନ ମତବାଦ ପ୍ରଦାନ କରି ମାନବ ଜୀବନ ଏବଂ ଏହାର ନିରନ୍ତରତା ଉପରେ ପରୀକ୍ଷା କରି ଦାର୍ଶନିକ ଚିନ୍ତାଧାରାର ଏକ ସମୃଦ୍ଧ ବିବିଧତାକୁ ପ୍ରତିଫଳିତ କରିଥାଏ ଏବଂ ମାନବ ଅସ୍ତିତ୍ୱର ପ୍ରକୃତି ଏବଂ ବାସ୍ତବତା ବିଷୟରେ ପ୍ରଶ୍ନ ସହିତ ସମାଲୋଚିତ ଭାବରେ ବ୍ୟକ୍ତିବିଶେଷଙ୍କୁ ବୁଝାଇଥାଏ।

## ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା : ହିନ୍ଦୁ ପୁରାଣରେ ଦୃଷ୍ଟିକୋଣ।

ହିନ୍ଦୁ ପୁରାଣ ଏବଂ ପୁରାଣରେ ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ଉପରେ ବିଭିନ୍ନ ଦୃଷ୍ଟିକୋଣ ରହିଛି। ଏହି ଦୃଷ୍ଟିକୋଣଗୁଡ଼ିକ ପ୍ରାୟତଃ ପୁନର୍ଜନ୍ମ, କର୍ମ, ଏବଂ ଜନ୍ମ ଏବଂ ମୃତ୍ୟୁ ଚକ୍ରକୁ ଧାରଣ କରିଥାଏ। ଏଠାରେ କିଛି ମୁଖ୍ୟ ଦୃଷ୍ଟିକୋଣ ଅଛି:

**ପୁନର୍ଜନ୍ମ ଏବଂ ସଂସାର** –: ହିନ୍ଦୁ ପୁରାଣ ଏବଂ ଶାସ୍ତ୍ରରେ ଜନ୍ମ, ମୃତ୍ୟୁ ଏବଂ ପୁନର୍ଜନ୍ମର ଚକ୍ର ବିଷୟରେ ଉଲ୍ଲେଖ ରହିଥାଏ। ଏହି ଦୃଷ୍ଟିକୋଣ ଅନୁଯାୟୀ, ଆତ୍ମା ଏକାଧିକ ଅବତାର ସହିତ ମାନବ ଜୀବନକୁ ବାସ୍ତବ ଏବଂ ନିରନ୍ତର ଭାବରେ ବିବେଚନା କରାଯାଏ। ପ୍ରତ୍ୟେକ ଜୀବନର ନିର୍ଦ୍ଦିଷ୍ଟ ଅନୁଭୂତି ଏବଂ ପରିସ୍ଥିତି ଜଣଙ୍କର ଅତୀତର କାର୍ଯ୍ୟ (କର୍ମ) ଦ୍ୱାରା ପ୍ରଭାବିତ ବୋଲି ବିଶ୍ୱାସ କରାଯାଏ।

**ମୋକ୍ଷ ଏବଂ ମୁକ୍ତି :** ହିନ୍ଦୁ ପୁରାଣ ଏବଂ ମହା ପୁରାଣ ମଧ୍ୟ ମାନବ ଜୀବନର ମୂଳ ଲକ୍ଷ୍ୟକୁ ଆଲୋକିତ କରେ, ଯାହା ଜନ୍ମ ଏବଂ ମୃତ୍ୟୁ ଚକ୍ରରୁ ମୁକ୍ତି (ମୋକ୍ଷ) ଅଟେ। ମୋକ୍ଷ ପ୍ରାପ୍ତ କରିବା ଜଣଙ୍କର ପ୍ରକୃତ ପ୍ରକୃତି ଏବଂ ଈଶ୍ୱରଙ୍କ ସହ ମିଳନକୁ ବିବେଚନା କରାଯାଏ ।

**ଭଗବଦ୍ ଗୀତା:** ଭଗବଦ ଗୀତା, ଏକ ପବିତ୍ର ହିନ୍ଦୁ ଶାସ୍ତ୍ର। ପୁନର୍ଜନ୍ମର ଧାରଣା ଏବଂ ମାନବ ଜୀବନର ନିରନ୍ତରତା ବିଷୟରେ ଅନୁସନ୍ଧାନ କରେ। ଏହା ଜୋର ଦେଇଥାଏ ଯେ ଆତ୍ମା ଅନନ୍ତ ଅଟେ ଏବଂ କ୍ରମାଗତ ଜୀବନ କାଳରେ ନୂତନ ଶରୀର ଗ୍ରହଣ କରେ। ନିମ୍ନରେ ଥିବା ପଦଟି ଏହି ଦୃଷ୍ଟିକୋଣକୁ ବର୍ଣ୍ଣନା କରେ:

"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବମ ଜନ୍ମ ମୃତସ୍ୟ ଚ।"

ମୃତ୍ୟୁ ହେଉଛି ଜୀବନର ଚକ୍ରର ଏକ ଅପରିହାର୍ଯ୍ୟ ଅଂଶ ଏବଂ ଏହାକୁ ନେଇ ଶୋକ କରିବା ଉଚିତ୍ ନୁହେଁ ବରଂ କର୍ତ୍ତବ୍ୟ ଏବଂ କାର୍ଯ୍ୟ ଉପରେ ଧ୍ୟାନ ଦେବା ଉଚିତ୍।

**ଗରୁଡ ପୁରାଣ :** ଅଠର ମହାପୁରୁଣ ମଧ୍ୟରୁ ଗରୁଡ ପୁରାଣ, ମୃତ୍ୟୁ ପରେ ଏବଂ ପରବର୍ତ୍ତୀ ଜନ୍ମ ବିଷୟରେ ଆତ୍ମାର ଯାତ୍ରା ବିଷୟରେ ବିସ୍ତୃତ ବର୍ଣ୍ଣନା ପ୍ରଦାନ କରେ। ଏହା ଏକାଧିକ ଅବତାର ମାଧ୍ୟମରେ ମନୁଷ୍ୟ ଜୀବନର ନିରନ୍ତରତା ଏବଂ ପ୍ରତ୍ୟେକ ଜୀବନର ଅନୁଭୂତି ଉପରେ କର୍ମର ପ୍ରଭାବ ଉପରେ ଗୁରୁତ୍ୱ ଦେଇଥାଏ।

ଶିବ ପୁରାଣ, ବିଷ୍ଣୁ ପୁରାଣ ଏବଂ ଦେବୀ ଭଗବତ ପୁରାଣ ପରି ବିଭିନ୍ନ ପୁରାଣରେ କାହାଣୀ ଏବଂ ଶିକ୍ଷା ଅନ୍ତର୍ଭୁକ୍ତ ଯାହାକି ମୁକ୍ତି ଆଡକୁ ଯାତ୍ରା ଏବଂ ମାନବ ଜୀବନର ସୀମା ଅତିକ୍ରମ କରିଥାଏ। ଏହି ଗ୍ରନ୍ଥଗୁଡ଼ିକ ଭକ୍ତଙ୍କ କାହାଣୀ ଏବଂ ମୋକ୍ଷ ପାଇଁ ସେମାନଙ୍କର ଅନୁସନ୍ଧାନ ପ୍ରଦାନ କରିଥାଏ, ଆଧ୍ୟାତ୍ମିକ ମୁକ୍ତି ପାଇଁ ବିଭିନ୍ନ ପଥ ଏବଂ ଅଭ୍ୟାସ ପ୍ରଦର୍ଶନ କରିଥାଏ। ହିନ୍ଦୁ ପୁରାଣ ଗ୍ରନ୍ଥରୁ ଏହା ସୁଚିତା ହୁଏ ଯେ ଅଜ୍ଞାନତା ଯୋଗୁ ଜୀବ ଜନ୍ମ-ମରଣ ବନ୍ଧନରେ ଅନାଦି କାଳରୁ ବନ୍ଧାହୋଇ, ଚାରି ପ୍ରକାର ମାର୍ଗରେ ଜନ୍ମ ନେଇ ଚୌରାଶୀ ଲକ୍ଷ ଯୋନି ଭିତରେ ଭ୍ରମଣ କରିଚାଲିଛି।

**ଚାରି ଲକ୍ଷ ଚୌରାଶୀ, ଯୋନି ଭ୍ରମଣେ ଜୀବ ଅବିନାଶୀ -** ହିନ୍ଦୁ ପୁରାଣରୁ ଏହି ଦୃଷ୍ଟିକୋଣ ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ବିଷୟରେ ଅନ୍ତର୍ନିହିତ ସୂଚନା ପ୍ରଦାନ କରେ, ପୁନର୍ଜନ୍ମ, କର୍ମ ଏବଂ ମୁକ୍ତିର ଅନୁସରଣ ଭଳି ଧାରଣାକୁ ଗୁରୁତ୍ୱ ଦେଇଥାଏ, ମାନବ ଜୀବନର ଅସ୍ତିତ୍ୱର ପ୍ରକୃତି ବିଷୟରେ ଏକ ଗଭୀର ଜ୍ଞାନ ପ୍ରଦାନ କରିଥାଏ ଏବଂ ଆଧ୍ୟାତ୍ମିକ ଜ୍ଞାନ ଖୋଜୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ମାର୍ଗଦର୍ଶନ ଦେଇଥାଏ।

**ପତଞ୍ଜଳି ଯୋଗଦର୍ଶନ:** ପତଞ୍ଜଳି ଯୋଗ ସୂତ୍ର ଅନୁଯାୟୀ ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ଉପରେ ଦୃଷ୍ଟିକୋଣ ରଖିଥାଏ। ଯୋଗର ଦର୍ଶନ ଏବଂ ଅଭ୍ୟାସକୁ ଦର୍ଶାଉଥିବା ପତଞ୍ଜଳିର ଯୋଗ ସୂତ୍ର ଅନୁଯାୟୀ, ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ଉପରେ ଦୃଷ୍ଟିକୋଣ ଚେତନା ଏବଂ ଆତ୍ମ-ହୃଦୟ ପଥରେ ରହିଛି। ଯୋଗ ସୂତ୍ରରୁ ଏଠାରେ ମୁଖ୍ୟ ଦୃଷ୍ଟିକୋଣଗୁଡ଼ିକ ହେଉଛି :

**ଉପସ୍ଥିତି ଏବଂ ଧାରଣା:** ପତଞ୍ଜଳି ଯୋଗସୂତ୍ର ମାନବ ଜୀବନର ବାସ୍ତବତା ଏବଂ ଆମ ଚାରିପାଖରେ ଥିବା ଜଗତକୁ ସ୍ୱୀକାର କରେ। ଏହି ଶାସ୍ତ୍ର କହିଥାଏ ଆମ ଇନ୍ଦ୍ରିୟ ମାଧ୍ୟମରେ ମାନବ ଅସ୍ତିତ୍ୱ ବାସ୍ତବ ଏବଂ ଅନୁଭବଯୋଗ୍ୟ। ତଥାପି, ସେ ବାହ୍ୟ ଜଗତର ସ୍ଥାୟୀ ଏବଂ ସର୍ବଦା ପରିବର୍ତ୍ତିତ ପ୍ରକୃତି ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ।

**ଚିତ୍ତ ଏବଂ ବୃତ୍ତି :** ପତଞ୍ଜଳି ଚିତ୍ତ ଉପରେ ସଂକଳ୍ପ ଉପସ୍ଥାପନ କରେ, ଯାହା ମନ-କ୍ଷେତ୍ର କିମ୍ବା ଚେତନାର ସମଗ୍ର କ୍ଷେତ୍ରକୁ ବୁଝାଏ। ସେ ମନକୁ ବିଭିନ୍ନ ମାନସିକ ପରିବର୍ତ୍ତନ କିମ୍ବା ବୃତ୍ତି ଦ୍ୱାରା ପ୍ରଭାବିତ ବୋଲି ବର୍ଣ୍ଣନା କରନ୍ତି। ଚିନ୍ତାଧାରା, ଭାବନା, ଏବଂ ଇଚ୍ଛା ପରି ଏହି ବୃତ୍ତି ଆମର ଧାରଣା ଏବଂ ଜୀବନରେ ଅନୁଭୂତି ଗଠନ କରେ।

**ମନୁଷ୍ୟ ଚିନ୍ତାଶକ୍ତି ବହିର୍ଭୂତ ପରିଚୟ:** ପତଞ୍ଜଳିର ଯୋଗ ସୂତ୍ର ମନର ପରିବର୍ତ୍ତନ ସହିତ ପରିଚୟକୁ ଅତିକ୍ରମ କରିବା ଏବଂ ଆମର ପ୍ରକୃତ ପ୍ରକୃତିକୁ ହୃଦୟଙ୍ଗମ କରିବା ଉପରେ ଗୁରୁତ୍ୱାରୋପ କରେ, ଯାହା ଚିରସ୍ଥାୟୀ ମାନସିକ ସ୍ଥିତି ବାହାରେ। ଯୋଗର ଅଭ୍ୟାସ ମାଧ୍ୟମରେ ଏହି ହୃଦୟଙ୍ଗମ ପ୍ରକ୍ରିୟା ହାସଲ ହୁଏ, ଯେଉଁଥିରେ ଧ୍ୟାନ, ଏକାଗ୍ରତା ଏବଂ ଆତ୍ମ-ଶୃଙ୍ଖଳା ପରି ଶୃଙ୍ଖଳିତ ଅଭ୍ୟାସ ଅନ୍ତର୍ଭୁକ୍ତ।

**ମୁକ୍ତି (କୈବଲ୍ୟ) :** ମହର୍ଷି ପତଞ୍ଜଳିଙ୍କ ଅନୁଯାୟୀ ଯୋଗର ମୂଳ ଲକ୍ଷ୍ୟ ହେଉଛି କୈବଲ୍ୟ ପ୍ରାପ୍ତ କରିବା, ଯାହାକି ସମ୍ପୂର୍ଣ୍ଣ ମୁକ୍ତି ବା ଆତ୍ମ-ହୃଦୟଙ୍ଗମ ସ୍ଥିତି ଅଟେ। ଏହା ହେଉଛି ଶୁଦ୍ଧ ଚେତନା ବା ପ୍ରକୃତ ଆତ୍ମ (ପୁରଷ)ର ହୃଦୟ, ମନ ଏବଂ ବାହ୍ୟ ଜଗତର ଜଡିତରୁ ମୁକ୍ତି। ଏହି ମୁକ୍ତିର ଅବସ୍ଥା ଅସ୍ତିତ୍ୱର ପ୍ରକୃତ ପ୍ରକୃତିର ଗଭୀରତାକୁ ବୁଝାଇ ଥାଏ। ମାନବ ଜୀବନର ବାସ୍ତବତା ଏବଂ ନିରନ୍ତରତା ଉପରେ ପତଞ୍ଜଳିଙ୍କ ଦୃଷ୍ଟିକୋଣ ଚେତନାର ଅନୁସନ୍ଧାନ, ମନର ପ୍ରକୃତି ଏବଂ ଆତ୍ମ-ହୃଦୟଙ୍ଗମ ପଥରେ ରହିଛି। ଏହା ମାନବ ଅସ୍ତିତ୍ୱର ବାସ୍ତବତା ଏବଂ ମନର ପରିବର୍ତ୍ତନଶୀଳ ପ୍ରକୃତିକୁ ସ୍ୱୀକାର କରେ, ଆମର ପ୍ରକୃତ ପ୍ରକୃତିକୁ ହୃଦୟଙ୍ଗମ କରିବା ପାଇଁ ଏହି ପରିବର୍ତ୍ତନଗୁଡ଼ିକର ଅତିକ୍ରମକୁ ମଧ୍ୟ ଗୁରୁତ୍ୱ ଦେଇଥାଏ ମୂଳ ଲକ୍ଷ୍ୟ ହେଉଛି ମୁକ୍ତି ହାସଲ କରିବା ଏବଂ ମନର ପରିସର ବାହାରେ ପରିବର୍ତ୍ତନଶୀଳ ବାସ୍ତବତାକୁ ଅନୁଭବ କରିବା ।

**ଚାରି ଯୁଗ ଓ ମାନବ ଜୀବନର ବାସ୍ତବତା ଏବଂ ଅବାସ୍ତବତା-** ହିନ୍ଦୁ ପୁରାଣ ଏବଂ ଶାସ୍ତ୍ର ଅନୁଯାୟୀ ଚାରୋଟି ଯୁଗ (ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି) ର ଧାରଣା ସହିତ ମାନବ ଜୀବନରେ ଚକ୍ରପରି ପରିବର୍ତ୍ତନ ଘଟିବ ବୋଲି ବିଶ୍ୱାସ କରାଯାଏ। ଏହି ଯୁଗଗୁଡ଼ିକ ବିଭିନ୍ନ ଯୁଗ କିମ୍ବା ଯୁଗର ପ୍ରତିନିଧିତ୍ୱ କରନ୍ତି ଏବଂ ପ୍ରତ୍ୟେକଟି ଭିନ୍ନ ଗୁଣ ଏବଂ ଅବଧି ଦ୍ୱାରା ବର୍ଣ୍ଣିତ। ମାନବ ଜୀବନର ପ୍ରକୃତି ଏହି ଯୁଗମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ, ମାନବ ଜୀବନର ସଂପୂର୍ଣ୍ଣ ରୂପେ ନଷ୍ଟ ହେବାର ଧାରଣା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇ ନାହିଁ। ସତ୍ୟ ଯୁଗକୁ ସୁବର୍ଣ୍ଣ ଯୁଗ ଭାବରେ ବିବେଚନା କରାଯାଏ, ଯାହା ସତ୍ୟ, ଧାର୍ମିକତା ଏବଂ ଆଧ୍ୟାତ୍ମିକ ଶୁଦ୍ଧତା ଦ୍ୱାରା ବର୍ଣ୍ଣିତ। ତ୍ରେତୟା ଯୁଗ ସତ୍ୟ ଯୁଗକୁ ଅନୁସରଣ କରେ ଏବଂ ଧାର୍ମିକତା ଏବଂ ଆଧ୍ୟାତ୍ମିକ ସଚେତନତାର ଧୀରେ ଧୀରେ ହ୍ରାସ ପାଇ ଅନ୍ୟ ଯୁଗ ଆସିଥାଏ। ନୈତିକ ମୂଲ୍ୟବୋଧର ଆହୁରି ହ୍ରାସ, ବସ୍ତୁବାଦ ବୃଦ୍ଧି ହେତୁ ଦ୍ୱାପର ଯୁଗ ବର୍ଣ୍ଣିତ। କଳି ଯୁଗ ହେଉଛି ବର୍ତ୍ତମାନର ଯୁଗ, ଯାହା

ଅନ୍ଧକାର ଯୁଗ ଭାବରେ ଜଣାଶୁଣା। ଏହା ବ୍ୟାପକ ଅଜ୍ଞତା, ନୈତିକ ଡିକ ଅବନତି ଏବଂ ଆଧ୍ୟାତ୍ମିକ ଅବନତି ଦ୍ୱାରା ବର୍ଣ୍ଣିତ। ଏହି ଯୁଗରେ ସ୍ୱାର୍ଥପରତା ଏବଂ ବସ୍ତୁଗତ କାର୍ଯ୍ୟ ପ୍ରାଧାନ୍ୟ ଦେଇଥାଏ। ଯୁଗ ଚକ୍ର ଅର୍ନିର୍ଦ୍ଦିଷ୍ଟ କାଳ ପାଇଁ ପୁନରାବୃତ୍ତି ହେବ ବୋଲି ବିଶାସ କରାଯାଏ, ପ୍ରତ୍ୟେକ ଯୁଗ କ୍ରମାଗତ ଚକ୍ରରେ ଅନ୍ୟକୁ ଅନୁସରଣ କରନ୍ତି। ସମୟର ଚକ୍ରବର୍ତ୍ତୀ ପ୍ରକୃତି ଏବଂ ମାନବ ଚେତନାର କ୍ରମାଗତ ବିବର୍ତ୍ତନ ଉପରେ ଧ୍ୟାନ ଦିଆଯାଇଛି।

### ମହାଭାରତ ଏବଂ ରାମାୟଣ –

ଏହା ଧ୍ୟାନ ଦେବା ଜରୁରୀ ଯେ ବିଭିନ୍ନ ହିନ୍ଦୁ ପରମ୍ପରା ଏବଂ ବ୍ୟାଖ୍ୟାରେ ଏହି ଧାରଣାଗୁଡ଼ିକର ବ୍ୟାଖ୍ୟା ଏବଂ ଧାରଣା ଭିନ୍ନ ହୋଇପାରେ। ମହାଭାରତ ଏବଂ ରାମାୟଣ ଅନୁଯାୟୀ ହିନ୍ଦୁ ଦର୍ଶନର ଦୁଇଟି ମହାନ ଗ୍ରନ୍ଥ ଜୀବନର ବାସ୍ତବତା ଏବଂ ଅସତ୍ୟତା ଉପରେ ମଧ୍ୟ କିଛି ନିର୍ଦ୍ଦର୍ଶନ ଦେଇଥାଏ। ଏହି ମହାପୁରାଣ ଦୁଇଟି  ମାନବ ସ୍ଥିତି ଏବଂ ଜୀବନର ଚରମ ସତ୍ୟ ବିଷୟରେ ଗଭୀର ଅନ୍ତର୍ନିହିତ ସୂଚନା ପ୍ରଦାନ କରେ।

### ଉପସଂହାର :

ମାନବ ଅସ୍ତିତ୍ୱର ବାସ୍ତବତା ଏବଂ ଅବାସ୍ତବତା ପ୍ରଶ୍ନ ଜଟିଳ ଏବଂ ବହୁମୁଖୀ ହୋଇଥାଏ। ବିଭିନ୍ନ ଦାର୍ଶନିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିବିଧ ବ୍ୟାଖ୍ୟା ଏବଂ ଯୁକ୍ତି ପ୍ରଦାନ କରେ। କେତେକ ବାସ୍ତବତାର ବ୍ୟକ୍ତିନିଷ୍ଠ ପ୍ରକୃତି ଉପରେ ଗୁରୁତ୍ୱ ଦେଉଥିବାବେଳେ ଅନ୍ୟମାନେ ବସ୍ତୁନିଷ୍ଠ କିମ୍ବା ଆଧ୍ୟାତ୍ମିକ ଦିଗ ଉପରେ ଧ୍ୟାନ ଦିଅନ୍ତି। ଅଧିକନ୍ତୁ, ଭ୍ରମ, ମାୟା, ଏବଂ ଅସ୍ତିତ୍ୱର ଧାରଣା ଉପରେ ଅଧିକ ଗୁରୁ ଦେଇଥାନ୍ତି। ବିଜ୍ଞାନ ମାନବ ଅସ୍ତିତ୍ୱର ବାସ୍ତବତା ଏବଂ ଅସତ୍ୟତାର ପରୀକ୍ଷଣ ଆମ ଦୁନିଆରେ ରହିବାର ପ୍ରକୃତି ଉପରେ ପ୍ରମାଣ ଯୋଗାଇଥାଏ। ଆମର ଅସ୍ତିତ୍ୱର ବାସ୍ତବତା ଏବଂ ଅବାସ୍ତବତା ହେଉଛି ଏକ ଦାର୍ଶନିକ ପ୍ରଶ୍ନ ଯାହା ଶତାବ୍ଦୀ ଧରି ବିତର୍କ ହୋଇଆସୁଛି। ବିଭିନ୍ନ ଦାର୍ଶନିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣଗୁଡିକ ପ୍ରକୃତ ବା ଅବାସ୍ତବ ହେବାର ଅର୍ଥ କ'ଣ ଏହାର ବିବିଧ ବ୍ୟାଖ୍ୟା ପ୍ରଦାନ କରେ। ଆମର ଅସ୍ତିତ୍ୱ ବାସ୍ତବ ଅଟେ – ସଂସାର ଜାଲ ରୂପେଣ ମୀନ ରୂପେଣ ମାନବା ଅର୍ଥରେ ମନୁଷ୍ୟ ବାରମ୍ବାର ଦେହୀପଥ ଗତିଜ ଚକ୍ରରେ ଆବର୍ତ୍ତନଶୀଳ ହୋଇ ମୀନ ରୂପେ ସଂସାର ଜାଲରେ ପଡେ।  ଆମର ସଚେତନତା କିମ୍ବା ଆମ ଚାରିପାଖରେ ଥିବା ଜଗତ ବିଦ୍ୟମାନ। ଆଦି ଶଙ୍କରାଚାର୍ଯ୍ୟ ଯଥାର୍ଥରେ କହିଛନ୍ତି: ପୁନରପି ଜନନଂ ପୁନରପି ମରଣମ୍ ପୁନରପି ଜନନୀ-ଜଠରେ ଶୟନମ୍। ବିଜ୍ଞାନ ବାସ୍ତବତାର ଅନୁମାନରେ କାର୍ଯ୍ୟ କରେ, ବ୍ରହ୍ମାଣ୍ଡ ବିଷୟରେ ଅନ୍ତର୍ନିହିତ ସତ୍ୟଗୁଡ଼ିକୁ ଆବିଷ୍କାର କରିବାକୁ ଚେଷ୍ଟା କରେ। ଆମର ଅସ୍ତିତ୍ୱ ଆମର ବ୍ୟକ୍ତିଗତ ଚେତନା ଦ୍ୱାରା ପ୍ରଭାବିତ ହୋଇଥାଏ ଏବଂ ବାସ୍ତବତା ଆମର ମନର ଏକ ଉତ୍ପାଦକ ବୋଲି କୁହାଯାଏ। ବିଭିନ୍ନ ବ୍ୟକ୍ତିମାନେ ବାସ୍ତବତାର ପ୍ରକୃତି ଏବଂ ଆମ ଦୁନିଆର ଅସ୍ତିତ୍ୱ ବିଷୟରେ ଭିନ୍ନ ବିଶ୍ୱାସ ରଖିଥାନ୍ତି। କାହାର ମତ ଓ ପଥକୁ ନେଇ ଏ ବିଶ୍ୱ... ଏ ସଚରାଚର ଜଗତ... ଏ ସଂସାର ପ୍ରତିଷ୍ଠିତ ହୋଇନାହି। ଏ ଜଗତ ତା ବାଟରେ ପ୍ରତିଷ୍ଠିତ ଓ ଗତିଶୀଳ। ଆମର ଅସ୍ତିତ୍ୱର ବାସ୍ତବତା ଏବଂ ଅବାସ୍ତବତା  ପ୍ରଶ୍ନର ଏକ ନିର୍ଦ୍ଦିଷ୍ଟ ଉତ୍ତର ନ ଥାଇପାରେ ଏବଂ ପରିଶେଷରେ ଏହା ଏକ ବିତର୍କର ବିଷୟ ହୋଇ ରହିଥାଏ।


**ସହାୟକ ଗ୍ରନ୍ଥସୂଚୀ :**

୧. ଯୋଗୀର ସଂସାର (ଯୋଗ ବେଦାନ୍ତ) ଦ୍ୱିତୀୟ ଭାଗ, ସଂଯୋଜକ ସଦ୍‌ଗୁରୁ ଆଶ୍ରିତ ଭରତ, ସୁଧା ପ୍ରକାଶନୀ, ୨୦୧୮

୨. ମୁଁ ହିଁ ବ୍ରହ୍ମ, ସାମୀ ନିରଞ୍ଜନ, ଓଡିଆ ରୂପାନ୍ତର, ରମେଶ ଦାସ, ନିରଞ୍ଜନ ବୁକ ଟ୍ରଷ୍ଟ, ୨୦୧୪

3. The Isms of Philosphy (https://wrotagonist.medium.com/the-isms-of-philosophy-7125184134f7.

4. srimad Bhagabat Gita, Sadhak Sanjeebanee teeka (Odiya), Swami Ramsukh 39 Print, Gita Press, Gorakhpur, 2020.

5. Seeing Through the Unreal, Reveals Purely  What is Real, Will Joel Friedman, Ph.D, Jul 23, 2013, https://www.mentalhelp.net/blogs/seeing through-the-unreal-reveals-purely-what-is-real/

6. 112 Upanisads (Sanskrit Text, English translation, an exhaustive introduction & Index of Verses) Translated by Board of Scholars, Edited & Revised by K.L.Joshi, O.BN.Bimali, Bindya Trivedi parimal publication 6th Reprint Edition, Delhi 2022.

7. The Yoga sutra of Sage Patanjali, Paramhams Prajnananda  published by Prajna Publication, Diefenbachgasse 38/6 A-1150,Vienna, Austria,2011.



ଜିଲ୍ଲା ପ୍ରଧାନ ଭାରତୀୟ ଯୋଗ ସଂସ୍ଥାନ
ବିଜୁପଟ୍ଟନାୟକ ଯୋଗ ଜିଲ୍ଲା, ଭୁବନେଶ୍ୱର
ମୋ- ୮୨୪୯୯୯୫୨୬୩

# 'ମୁଁ କିଏ ?' ଏହାର ଉତ୍ତର କିଏ ଦେବ ?

*ଡ. ଭି ରାଜେନ୍ଦ୍ର ରାଜୁ*

ମୁଁ କିଏ ? ଦୁଇଟି ଶବ୍ଦରେ ଗଢ଼ା ଏହି ଛୋଟିଆ ପ୍ରଶ୍ନଟିଏ। କିନ୍ତୁ ଏହାରି ଅଭ୍ୟନ୍ତରରେ ଭରି ରହିଛି ସାରା ସଂସାରର ସମସ୍ତ କଥା, ଅତ୍ୟନ୍ତ ରହସ୍ୟମୟ ଏବଂ ଗହନ ବିଷୟ। ମଣିଷ ଯେତେବେଳେ ଏହି ପ୍ରଶ୍ନଟିକୁ ନିଜକୁ ନିଜେ ପଚାରେ ସେ ସେତେବେଳେ ସାଧାରଣ ମଣିଷଠାରୁ କିଛିଟା ପୃଥକ୍ ହୋଇଯାଏ। ଯେତେବେଳେ ଏହା ଉପରେ ତର୍ଜମା କରି ବାରମ୍ବାର ଚିନ୍ତାକରି ବସେ, ସେ ଏକ ନୂତନ ତତ୍ତ୍ୱର ସନ୍ଧାନ ପାଏ ଏବଂ ସମାଜରେ ସେ ମହାପୁରୁଷ ଭାବରେ ନିଜର ପରିଚୟ ସୃଷ୍ଟି କରେ। ଅନେକ ମହାପୁରୁଷଙ୍କ ଜୀବନରେ ଏପରି ସୂତ୍ରପାତ ଘଟିଛି ନିଜ ଜ୍ଞାନରୁ ମଣିଷ ପ୍ରକୃତି, ସ୍ୱଭାବ ଓ ବାସ୍ତବତା ନିର୍ଣ୍ଣୟ କରିବାରେ।

ରାମାୟଣ ବର୍ଣ୍ଣନାରେ ଲଙ୍କାରେ ହନୁମାନଙ୍କୁ ଯେତେବେଳେ ରାବଣ ପଚାରିଛି, "ହେ ମର୍କଟ ! ତୁ କିଏ ?" ଏ ପ୍ରଶ୍ନ ଏକ ସାଧାରଣ ପ୍ରଶ୍ନ ନଥିଲା କାରଣ ରାବଣ ଜଣେ ଜ୍ଞାନବାନ ବ୍ୟକ୍ତି, ଯିଏ କି ବିଶ୍ରବା ଋଷିଙ୍କ ନନ୍ଦନ ତଥା ପୁଲସ୍ତ୍ୟ ଋଷିଙ୍କର ବଂଶଧର। ଏଣେ ହନୁମାନ ହେଉଛନ୍ତି ଦୈବଜ୍ଞାନ ଓ ଗୁଣର ସାଗର; ତଥା ବିଦ୍ୱାନ, ଗୁଣୀ ଏବଂ ଅତି ଚତୁର। ସେ ବହୁ ଚିନ୍ତାକରି ରାବଣକୁ ଉତ୍ତର ଦେଇଥିଲେ, 'ମୁଁ ପ୍ରଭୁ ରାମଚନ୍ଦ୍ରଙ୍କ ଦୂତ।'

ଠିକ୍ ସେହିପରି ରମଣ ମହର୍ଷିଙ୍କ ଜୀବନୀରେ ମଧ୍ୟଏକଥା ସ୍ପଷ୍ଟ ଭାବେ ଲେଖା ଅଛି ଯେ, ସେ ପ୍ରଥମେ 'ମୁଁ କିଏ ?' ଏହି ପ୍ରଶ୍ନ ପଚାରି ଅଶେଷ ଜ୍ଞାନରେ ଅଧିକାରୀ ହେଲେ ଏବଂ ଶିବଙ୍କର ଅବତାର ରୂପେ ପୂଜା ପାଇଲେ। ଏହା ହେଉଛି ବ୍ରହ୍ମକୁ ପ୍ରାପ୍ତ ହୋଇଥିବା ସ୍ଥିତି। ଏହାକୁ ପ୍ରାପ୍ତ ହୋଇ ଯୋଗୀ କେବେହେଲେ ମୋହିତ ହୁଅନ୍ତି ନାହିଁ ଏବଂ ଅନନ୍ତକାଳରେ ମଧ୍ୟ ଏହି ବ୍ରାହ୍ମ୍ୟ ସ୍ଥିତିରେ ସ୍ଥିତ ହୋଇ ସେ ବ୍ରହ୍ମାନନ୍ଦ ପ୍ରାପ୍ତ ହୁଅନ୍ତି।

ମନୁଷ୍ୟ ବେଳେବେଳେ ନିଜକୁ ପଚାରେ, 'ମୁଁ କାହିଁକି ଏ ସଂସାରକୁ ଆସିଛି ?' 'ମୁଁ କିପରି ଜନ୍ମ ନେଲି ?' ପୁଣି 'ମୃତ୍ୟୁ କାହିଁକି ନିଶ୍ଚିତ ?' 'ମୃତ୍ୟୁ ପରେ କଣ ହୁଏ ଆତ୍ମାର ?' ଏ ଆତ୍ମାକୁ କୌଣସି ଶସ୍ତ୍ର କାଟିପାରେ ନାହିଁ, ଅଗ୍ନି ଏହାକୁ ଦଗ୍ଧ କରିପାରେନି, ଜଳ ଏହାକୁ ଭିଜାଇ ପାରେନାହିଁ କି ବାୟୁ ଏହାକୁ ଶୁଖାଇପାରେ ନାହିଁ। ତେବେ ଏ ଆତ୍ମା କଅଣ ? ମନୁଷ୍ୟ ଯେପରି ପୁରୁଣା ବସ୍ତ୍ରମାନ ତ୍ୟାଗ କରି ନୂତନ ବସ୍ତ୍ର ଗ୍ରହଣକରେ, ଜୀବାତ୍ମା ମଧ୍ୟ ଠିକ୍ ସେପରି ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀରମାନ ପ୍ରାପ୍ତ ହୋଇଥାଏ। ଏପରି ଅନେକ ପ୍ରଶ୍ନ ମଣିଷ ମନକୁ ବିଚଳିତ କରେ, କିନ୍ତୁ ତାହାର ପ୍ରାମାଣିକ ତଥ୍ୟ ପାଇବା ଆଜି ବି କଷ୍ଟସାଧ୍ୟ ହୋଇଛି। ଜୀବନରେ ସୂତ୍ରପାତ ବିଷୟରେ ଅନେକ କଥା ଶୁଣିବାକୁ ମିଳେ। କିଏ ବିଜ୍ଞାନ ଉପରେ ବିଶ୍ୱାସ କରେ ତ କିଏ ପୁରାଣ ଉପରେ। କିଛି ନା କିଛି ତଥ୍ୟକୁ ଆଧାର କରି ମଣିଷ ତା ମନକୁ ସାନ୍ତ୍ୱନା ଦିଏ। କିନ୍ତୁ ଅଦ୍ୟାବଧି ଏ ବିଷୟ ଅପ୍ରମାଣିତ ହୋଇ ରହିଛି।

ଉତ୍କଳର ସିଦ୍ଧ ସାଧକମାନଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ, ଯଶୋବନ୍ତ, ଶିଶୁ ଅନନ୍ତ, ବଳରାମ ଓ ଜଗନ୍ନାଥ ଦାସ ପଞ୍ଚଶାଖା ଭାବରେ ପରିଚିତ। ସେମାନେ ଯୋଗସାଧନା ବଳରେ ହିଁ ମୁକ୍ତିର ମାର୍ଗ ପ୍ରାପ୍ତ ହେବାର କଥା କହିଯାଇଛନ୍ତି ଏବଂ ଏହି ପିଣ୍ଡ ମଧ୍ୟରେ ସେମାନେ ବ୍ରହ୍ମାଣ୍ଡ ଦର୍ଶନ ପାଇଯାଇଛନ୍ତି।

"ଛନ୍ଦିବ ବ୍ରହ୍ମରନ୍ଧ୍ରକୁ ବାନ୍ଧି ମହବନ୍ଧ।  
ନ ଚଳିବ ବିନ୍ଦୁ ତେବେ ନଟଳିବ ବନ୍ଧ॥  
ପଛିଆଣି ପବନ ଯେ ବହିବ ଉଜାଣି।  
ସହଜରେ ବୁହାଇବ ଶୂନ୍ୟ ନଦୀପାଣି॥  
ବନ୍ଧ ଭେଦିଣ ମୁଦ୍ରାର ହେବ ଯେବେ ଦେଖା।  
ବ୍ରହ୍ମଲୋକକୁ ଜିଣିଲେ ଲାଗେ ଅଗ୍ନିଶିଖା...... ॥"

ଏପରି ସାଙ୍କେତିକ ଭାଷାରେ ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ମଧ୍ୟରେ ତ୍ରିବେଣୀ, ତ୍ରିକୂଟ, ଷଡ଼କମଳ, ଇଅଁଳା, ପିଅଁଳା, ମହାରସ ଆଦି ଶବ୍ଦ ଦ୍ୱାରା ପରମହଂସ ଉପାସନାର ମାର୍ଗ ସୂଚାଇଛନ୍ତି। ଏ ସମସ୍ତ ତଥ୍ୟ ସୁଖପାଠ ହୋଇପାରେ, କିନ୍ତୁ ସହଜ ବୋଧଗମ୍ୟ ନୁହେଁ। ଏହା ପିଣ୍ଡ-ବ୍ରହ୍ମାଣ୍ଡ ମଧ୍ୟରେ ଅଭେଦ୍ୟ ଭାବରେ ଆରୋପିତ ହୋଇପାରେ; କିନ୍ତୁ ସାଧକର ପରମହଂସ ସ୍ୱାଦକୁ ଅନୁଭବ ପାଇଁ ସୁଖ ପାଥେୟ ନିଶ୍ଚିତ, ଏକଥାକୁ ଅସ୍ୱୀକାର କରି ହେବନି।

ଜୀବନ ଯନ୍ତ୍ରଣା କଣ୍ଟାରେ ମନୁଷ୍ୟ ଆଘାତ ପାଇଲେ ସେ ତାର ସୃଷ୍ଟିକର୍ତ୍ତାକୁ ଅଭିମାନରେ କହେ, "ହେ ପ୍ରଭୁ, ତୁମେ ମୋର କିନ୍ତୁ ମୁଁ ତୁମରି ନୁହେଁ। କାହିଁକି ମୋତେ ଏତେ କଷ୍ଟ ଦେଉଛ ?" ଏ ପ୍ରସଙ୍ଗରେ ସନ୍ଥକବି ଭୀମ ଭୋଇଙ୍କ କଥା ମନେପଡ଼େ। ଯାହା ସେ ଏକ ଚଉତିଶାରେ କହିଛନ୍ତି –

"କିସ ଜଣାଇବି ପ୍ରଭୁ ଶ୍ରୀଛାମୁରେ
କରିଅଛି ଯେତେ କର୍ମମାନ
କଳିଯୁଗେ ମୋତେ ଜନମ କରାଇ
କରତାପୁରୁଷ କି ନ ଜାଣ ?
କାମ କ୍ରୋଧେ ହେ,
ଗଢି ରଜ ବୀର୍ଯ୍ୟ ପିଣ୍ଡଗୋଟା
କପାଳରେ ମୋର ଲେଖିଦେଇ କରି
କିପାଇଁ କରୁଛ ହଟହଟା ?
ଖିର ନୀର ଫଳ ମୂଳ ଆଣି ପ୍ରଭୁ
ଭିଆଇ ଥୋଇଛ ଏ ଜଗତେ
ଅନନ୍ତ ଗର୍ଭେ ଅନ୍ଧାର ମାୟାରେ
ବଣା କରୁଅଛ ଏ ଜୀବକୁ
ଆଣି ଯୋନି ଜାଲ ଟାଣି ବେଢ଼ି ବସି
ଧୀବର ହୋଇଛ ଦେଖୁ ଦେଖୁ
ଅଧାପନ୍ତରା ହେ
କରିଗଲ ମୋତେ ଅଧା ବାଟେ
ଅଧିକରେ ମୋତେ ଗାଳି ଦେଉଅଛ
ଗଢ଼ିଗଲୁ ବୋଲି ନଟକୂଟେ।"

ଏହା ଯେ କେବଳ ଭୀମ ଭୋଇଙ୍କର ମନର ଆବେଗ ନୁହେଁ, ଏହା ପ୍ରତ୍ୟେକ ପ୍ରାଣୀର ମନର ଆବେଗ। ଯିଏ ଯେଉଁ କର୍ମ କରୁନା କାହିଁକି, କାମନା ବାସନା ରହିତ ହୋଇ ଭଗବାନଙ୍କୁ ଧ୍ୟାନ କରିବା ସହ ସୃଷ୍ଟିର ଗୋପନୀୟ ତଥ୍ୟକୁ ବୁଝିପାରିଲେ, ତାକୁ ନିଶ୍ଚିତ ଶାନ୍ତି ମିଳିବ। ଏହାର ମଣିଷ ଜନ୍ମର ବାସ୍ତବତା ସହିତ ନିବିଡ ସମ୍ବନ୍ଧ ରହିଛି। 'ମୁଁ କିଏ ?' ଖୋଜୁଥିବା ମଣିଷ ଜଣେ ବାସ୍ତବବାଦୀ।

ପରିଶେଷରେ ଏତିକି କୁହାଯାଇପାରେ ଯେ, 'ମୁଁ କିଏ ?' ଓ ଦୁଇଟି ଶବ୍ଦ ଏ ସମାଜରେ ଆଧ୍ୟାତ୍ମିକ କମ୍ପନର ଧାରା ସୃଷ୍ଟି କରିଛି। ପୁରାଣରେ ଆଲେଖ୍ୟ ମାଧ୍ୟମରେ ଏକଥାକୁ ବିଭିନ୍ନ ରୂପରେ ପ୍ରକାଶ କରାଯାଇଛି। ସାଧନାମୟ ଧାରାର ସମସ୍ତ ବିବରଣୀ ମଧ୍ୟରେ ଏ କଥା ବିଭିନ୍ନ ଧର୍ମ ଗ୍ରନ୍ଥରେ ପ୍ରକାଶ ପାଇଛି, ଯାହାକି ସର୍ବ କାଳଜୟୀ, ଏ କଥା ନିଃସନ୍ଦେହ।

ଅତିଥି ଅଧ୍ୟାପକ
ସାମ୍ବାଦିକ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ମୋ-୯୪୩୮୩୬୨୨୬୨



# ମନର ମୂଳେ ଏ ଜଗତ: ସକ୍ରେଟିସ୍‌ଙ୍କ ହାତର ବିଷ ଗ୍ଲାସ୍

*ଡା. ତନୟା ଜେନା*

ଟିକିଏ ଫୁରୁସତ୍ ନେଲେ ଦାର୍ଶନିକ ସକ୍ରେଟିସ୍। କେତେ କେତେ ଜଞ୍ଜାଳରେ ମଣିଷ ପଡୁଛି, ଚିନ୍ତାରେ ମୁଣ୍ଡ ଭାରି ହୋଇଯାଉଛି। ନିଜେ ଟିକିଏ ନିଜ ଶରୀରକୁ ଲକ୍ଷ୍ୟ କଲେ। ଦେହରୁ ଯମ ଝାଳ ବାହାରୁଛି। ଗଣତାନ୍ତ୍ରିକ ଏଥେନସ୍ ନ୍ୟାୟାଳୟର ଦଣ୍ଡ ଆଦେଶ ଯାହା ହେଉ ମାନସିକ ବୋଝ ଏମିତି ଲାଗୁଛି ଯେମିତି ସିଏ ଗୋଟିଏ ପୃଥିବୀ ମୁଣ୍ଡେଇଛନ୍ତି।

ନିଜେ ଦାର୍ଶନିକ ସ୍ପଷ୍ଟବାଦୀ ସକ୍ରେଟିସ୍ ଜାଣିନାହାନ୍ତି, କି ଅବୋଧ ଅପରାଧ ପାଇଁ ରାଜଦୂତମାନେ ତାଙ୍କୁ ଧରିଆଣିଲେ ନ୍ୟାୟାଧୀଶଙ୍କ ପାଖକୁ। କି ଅନ୍ୟାୟ ସିଏ କରିଛନ୍ତି ? ମିଛରେ ତାଙ୍କୁ ରାଜକର୍ମଚାରୀମାନେ ଧରିଆଣି ଅଧାର୍ମିକତା ଏବଂ ଯୁବଗୋଷ୍ଠୀକୁ ବିଭ୍ରାନ୍ତ କରିବା ଅଭିଯୋଗରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ସତରେ ସକ୍ରେଟିସ୍ ଜଣେ ସଚ୍ଚୋଟ ଏବଂ ସ୍ପଷ୍ଟବାଦୀ ପୁରୁଷ। ସବୁବେଳେ ଅନ୍ୟାୟର ପ୍ରତିବାଦ କରିବାକୁ ସେ ଏଥେନ୍‌ସର ଜନସାଧାରଣଙ୍କୁ ଉତ୍ସାହିତ କରୁଥିଲେ ଏବଂ ଅନ୍ଧଧାରଣାରେ ଚିରାଚରିତ ଦେବାଦେବୀମାନଙ୍କୁ ପୂଜା ନକରି ବିକଳ୍ପ ଦେବତାଙ୍କୁ ପ୍ରବର୍ତ୍ତନ କରି ପୂଜା କରିବାକୁ ପରାମର୍ଶ ଦେଉଥିଲେ।

ସକ୍ରେଟିସ୍ ନିଜକୁ ଦୁନିଆରେ ଜ୍ଞାନର ଜଗତରେ ନିଜକୁ ଅସହାୟ ମନେ କରୁଥିଲେ। ସେ କହନ୍ତି, ଯାହା ସବୁ ମୁଁ ଜାଣିଛି ତାହା ହେଲା ମୁଁ କିଛି ବି ଜାଣି ନାହିଁ। ସ୍ୱୟଂ ଶିକ୍ଷାର୍ଥୀ ଭାବରେ ଅଜ୍ଞତା ସ୍ୱୀକାର କରି ଅନୁଭବ କରିବା ପାଇଁ ଜ୍ଞାନର ବ୍ରହ୍ମାଣ୍ଡ ରହିଛି। ଅଭିଜ୍ଞତା ହିଁ ଅଜ୍ଞତାରୁ ଆରମ୍ଭ ହେବ। ଅଣପରୀକ୍ଷିତ ଅନଭିଜ୍ଞ ଜୀବନ ବଞ୍ଚିବାଯୋଗ୍ୟ ନୁହେଁ। ଆଚାର ସମ୍ପନ୍ନ ନୈତିକ ଜୀବନ ହିଁ ଗୁରୁତ୍ୱପୂର୍ଣ୍ଣ। ସମାଜର ନୀତିବାନ ମଣିଷର କୌଣସି କ୍ଷତି ଘଟିବା ସମ୍ଭବ ନୁହେଁ, ଯେତେ ଦୁର୍ଭାଗ୍ୟ ଆସିଲେ ବି ତାର ସୁଗୁଣ ବଳବତ୍ତର ରହେ।

ବଞ୍ଚିବା ଅବସ୍ଥାରେ ତାଙ୍କୁ ଜଣେ ବିଶାଳ ବ୍ୟକ୍ତିତ୍ୱ ବୋଲି କେହି ଜାଣି ନଥିଲେ, ଜାଣିଥିଲେ ସେ ଜଣେ ବିବାଦୀୟ, ସ୍ୱାର୍ଥପର ଗଣତନ୍ତ୍ରର ସମାଲୋଚକ। ସିଏ ମୃତ୍ୟୁଦଣ୍ଡ ବରଣ କରି ଆନନ୍ଦରେ ବିଷପାନ କରି ରୁଦ୍ଧ କାରାଗାରରେ ମୃତ୍ୟୁବରଣ କରିବା ଆଜି ବିଶ୍ୱକୁ ପ୍ରଦାନ କରିଛି ପଶ୍ଚିମ ଜଗତର ପ୍ରଥମ ଦାର୍ଶନିକଙ୍କୁ। ତାଙ୍କର ଶିଷ୍ୟ ପ୍ଲାଟୋ ଲୋକଚକ୍ଷୁରେ ଅବସ୍ଥାପିତ କରିଛନ୍ତି ସେଇ ବୃହତ୍ ମାନବଙ୍କର ଦର୍ଶନ, ମାନବିକତା, ଜୀବନର ମୂଲ୍ୟବୋଧ ଏବଂ ସକ୍ରେଟିସ୍‌ଙ୍କର ମୂଲ୍ୟବାନ ତର୍କ।

"ଦାର୍ଶନିକ ଆତ୍ମହତ୍ୟା କରିପାରିବ ନାହିଁ, କାରଣ ଏହା ନୈତିକ ନୁହେଁ। ମନୁଷ୍ୟ ଭଗବାନଙ୍କର ଅଂଶବିଶେଷ, ତାର ନିଜକୁ କ୍ଷତବିକ୍ଷତ କରିବାର ଅଧିକାର ନାହିଁ। ଆସନ୍ନମୃତ୍ୟୁରେ ସେ ବିଚଳିତ ହେବାର କିଛି କାରଣ ନାହିଁ, କାରଣ ମୃତ୍ୟୁ ଅନ୍ତେ ନୂଆ ଦେବଦେବୀ ଏବଂ ନୂତନ ବନ୍ଧୁ ପ୍ରାପ୍ତ ହେବେ।" ଏଇଟା ଥିଲା ସକ୍ରେଟିସଙ୍କର ଆତ୍ମସମୀକ୍ଷା।

ସେ ମରିବାକୁ ଡରି ନାହାନ୍ତି। ତାଙ୍କ ବଦ୍ଧମୂଳ ଧାରଣା ମରିବାକୁ ଡରିବା ଅଜ୍ଞତା।

ତାଙ୍କୁ ମୃତ୍ୟୁଦଣ୍ଡ ଦେବା ପୂର୍ବରୁ ଏକ ସର୍ତ୍ତ ଆରୋପ କରାଯାଇଥିଲା। ଯଦ୍ୱାରା ସେ ମୃତ୍ୟୁଦଣ୍ଡରୁ ରକ୍ଷା ପାଇପାରିବେ। କିନ୍ତୁ ସେ କଅଣ କଲେ ?

ବଞ୍ଚିବାକୁ ସର୍ତ୍ତଥିଲା, "ଗ୍ରହଣ କରିନିଅ ଗୋଟିଏ ସର୍ତ୍ତ ଭବିଷ୍ୟତରେ କେବେ ଭୁଲ କରିବ ନାହିଁ।"

ଏହା ତାଙ୍କ ଯୁକ୍ତିରେ ଗ୍ରହଣୀୟ ନଥିଲା। ଏହା ତାଙ୍କର ନୀତିବିରୁଦ୍ଧ ଥିଲା ଏବଂ ପରିବାରର ମର୍ଯ୍ୟାଦା ହାନି କରୁଥିଲା।

ମନ ତାଙ୍କର ମୁକ୍ତ ଜଗତର ନାଗରିକ। ସେ ଅନ୍ଧବିଶ୍ୱାସର ପରିପନ୍ଥୀ। ଦୁନିଆରେ କେହି ନାହିଁ ତର୍କରେ ତାଙ୍କର ସମ୍ମୁଖୀନ ହେବ। ଏଥେନସ୍ ଗଣତନ୍ତ୍ର ଆଜି ବିଶ୍ୱର ଆଦର୍ଶ ହୋଇପାରେ, ସକ୍ରେଟିସ ସମସାମୟିକ ଗଣତନ୍ତ୍ରକୁ ନୈତିକ, ରାଜନୈତିକ ଏବଂ ତାର୍କିକ ଭାବରେ ଭୂଲୁଣ୍ଠିତ କରୁଥିଲେ। ସେ ବହୁତ କମ୍ ବନ୍ଧୁ ପାଇଛନ୍ତି, ସାରା ଏଥେନସ୍ ତାଙ୍କର ବିରୋଧୀ। ପାରିବାରିକ ଜୀବନ ତତୋଧିକ ବିଷମ। ଏପରି ଜୀବନ ନେଇ ନିଜ ଯୁକ୍ତିରେ ଅଟଳ ସକ୍ରେଟିସ୍। କାଉଁରିଆ କାଠି ପରି ସଳଖ, ଭାଙ୍ଗିଯିବ ପଛେ ବାଙ୍କିବ ନାହିଁ।

ସକ୍ରେଟିସ୍ ଜାଣିଛନ୍ତି। ଶରୀରଟା ତାଙ୍କର ଟଳିପଡିବ। ଏ ଜଡ଼ ଶରୀର କଅଣ ବା ଜାଣେ ? ଜାଣେ କିଏ ବିଷ କିଏ ଅମୃତ ? ସେଇ ବିଷ ଆଜି ଏ ସକ୍ରେଟିସ୍‌ର ଜୀବନ ନିଧନ ପାଇଁ ପରିବେଶିତ। ଜଡ଼ ଶରୀର ମୁହୂର୍ତ୍ତକ ମଧ୍ୟରେ ଟଳି ପଡିବ। ଟିକିଏ ବି ଦକା ନାହିଁ। କିନ୍ତୁ ଶରୀରର ଚାଳକ ଭାବରେ ମନ ଜାଣି ପାରୁଛି କଅଣ ଘଟିବାକୁ ଯାଉଛି। ସତରେ ବିଷ ଶରୀର ପିଇବ ନା ମନ ?

ଦାର୍ଶନିକଙ୍କର ଦେହ ମନ ମଧ୍ୟରେ ତର୍କ ଲାଗିଛି । ଜଡ଼ ଶରୀର କଅଣ ବା ଜାଣେ । ଖାଦ୍ୟ ଅଖାଦ୍ୟ, ବିଷ-ଅମୃତ ସେହି ମନ ହିଁ ଜାଣେ । ମଣିଷକୁ ସୃଷ୍ଟିର ବରଦାନ ତାହାର ମସ୍ତିଷ୍କ, ତାହାର ବୁଦ୍ଧି ଆଉ ଜ୍ଞାନର ଗନ୍ତାଘର ମନ ଓ ସୁଚିନ୍ତନ ବ୍ୟବସ୍ଥା । ସ୍ଥୁଳ ଶରୀରର ପରିଚାଳନା କରିବା ସହିତ ଅତୀତ, ବର୍ତ୍ତମାନ ଏବଂ ଅତୀତ ପାଇଁ ସମନ୍ୱୟ ରଖିବା ତାର କାମ । ଅଭିଜ୍ଞତା ବଳରେ ମନ ଜାଣିଛି, ଏ ଜଡ଼ ଶରୀର ବିଷପାନ କଲେ ମୁହୂର୍ତ୍ତେ ସମୟ ଗତେ କଅଣ ଘଟିବ । ଜଡ଼ ଶରୀରର ହାତରେ ବିଷ, ପାଟିକୁ ଯିବା କାମ ମନର । ଜାଣି ଜାଣି ମନ କଅଣ ଶରୀର ନିଧନ ହେବା ପନ୍ଥା ଆପଣେଇ ପାରିବ ? ନିଜେ ନାବ ଚାଳକ କଅଣ ନାବକୁ ଜଳରାଶିର ଘୂର୍ଣ୍ଣାବର୍ତ୍ତ ମଧ୍ୟକୁ ଚଳାଇ ପାରିବ ?

ମନ ତାଙ୍କର ଆନ୍ଦୋଳିତ । ଏ ବିଷ କିପରି ପାଟିକୁ ନେବେ ? ନେଲେ କଥା ସରିଯିବ । ଅଳ୍ପ ସମୟରେ ଦେହ ତ ଶେଷ ନିଶ୍ୱାସ ନେବ, ତେବେ ମନ କିପରି ଆଉ ରହିବ ? କେଉଁଠି ରହିବ ? ଏହି ଦେହ ମନର ସମନ୍ୱୟ ଜୀବନଯାତ୍ରାର ମୂଳସୂତ୍ର । ଜଡ଼ଶରୀର ପିତୃମାତୃଲବ୍ଧ ହେଲେହେଁ, ମନଟା ସେପରି ବଂଶାନୁଗତ ନୁହେଁ । ଜନ୍ମପରେ ସଂସାରରେ ବିଭିନ୍ନ ଚଳଣିକୁ ନେଇ ଗଢିଉଠେ । ସେଇ ପରିବେଶ ଜନିତ ମାନସିକ ଅଭିଜ୍ଞତା ବଳରେ ମଣିଷ ସକଳ ନିଷ୍ପତ୍ତି ନେଇପାରେ ।

ବାହାରକୁ ମଣିଷ ଶରୀର ଦେଖିଲେ କେହି ମନଟିକୁ ଦେଖିପାରନ୍ତିନି, କିନ୍ତୁ ମନ ଶରୀରର ସମସ୍ତ ଅଙ୍ଗ ପରିଚାଳନା ସହିତ ଭାବଭଙ୍ଗୀ ପ୍ରକାଶ କରେ । ସେହି ଶରୀର ମନ ବିନା ପଙ୍ଗୁ ହୋଇପାରେ, କିନ୍ତୁ ମନ ଶରୀର ବିନା ତିଷ୍ଠିବାକୁ ପନ୍ଥାଶୂନ୍ୟ । ଏହା ହିଁ ଆଜି ସକ୍ରେଟିସ୍‌ଙ୍କ ସାମନାରେ ଦେହ-ମନର ସମ୍ପର୍କ ଉପସ୍ଥାପିତ । କିପରି ନିଜ ହସ୍ତରେ ବିଷପାନ କରି ଶରୀରକୁ ଚିରକାଳ ପାଇଁ ବିଲୁପ୍ତ କରିଦେବେ ।

ହାତରେ ସକ୍ରେଟିସ୍‌ଙ୍କର ହେଲ୍ମିକସ୍ ଉଦ୍ଭିଦଜନିତ ବିଷର ଗ୍ଲାସ୍ । ଦେହ କି ଜାଣେ କଅଣ ଘଟିବାକୁ ଯାଉଛି । ମନରେ କିଛିଟା ସ୍ୱାଭାବିକ ମୃତ୍ୟୁଭୟ । ଜୀବନଟା ଶରୀର ଛାଡ଼ି ନିଃଶେଷ ହୋଇଯିବ । କେଇ ମୁହୂର୍ତ୍ତ ମଧ୍ୟରେ ଶବ ପାଲଟିଯିବ । କେତେ ଆକର୍ଷଣୀୟ ହୋଇ ଗଢ଼ି ଉଠିଥିଲା ଜୀବନର ଛବି । ନିଜର ଅନୁଭବ ସହିତ ପରିବାର, ସମାଜ ଆଉ ସୃଷ୍ଟିର ମାଟି, ଜଳ, ବାୟୁ ଓ ଆକାଶ । ମଣିଷ ଜଗତସ୍ରଷ୍ଟାଙ୍କର ସନ୍ତାନ, ପ୍ରକୃତିର ପ୍ରତି ଉପାଦାନରେ ତାର ଅଧିକାର ରହିଛି । ଗୋଟିଏ ଶରୀର ସ୍ୱଳ୍ପ ଉଚ୍ଚତା ଏବଂ ଓଜନ ମଧ୍ୟରେ ସୀମିତ । କିନ୍ତୁ ମନ ଅଦୃଷ୍ଟ ହେଲେ ବି ଏହାର ଆକାରର ସୀମା ସରହଦ ନାହିଁ ।

ସକ୍ରେଟିସ୍‌ଙ୍କର ମନ ନିର୍ମଳ ରହିଛି । ଇତର ଜନ ପରି ତାଙ୍କ ମନରେ କିଛି ଗ୍ଲାନି ଆସୁନି, ପୂର୍ବ-ପର ଘଟଣା ସବୁ ମନକୁ ଆସି ସୂଚାଇ ଦେଉଛି ବିପଦ ଆସିଗଲା । ନିଜକୁ ମନେ ହେଉଛି, ଯେମିତି ସାତ ତାଳ ପାଣିରେ ବୁଡି ଯିବାର ଆସନ୍ନ ବିପଦ, ଯେମିତି ଆକାଶମାର୍ଗରୁ ଭୂପୃଷ୍ଠକୁ ଦ୍ରୁତ ଗତିରେ ଝଡୁଥିବା ଶରୀର, ଯେମିତି ମହାବଳ ବାଘ ଆକ୍ରମଣ କରି ତାର ପାଦ ପଞ୍ଝାର ଦାନ୍ତରେ ବିଦାରି ଶରୀରର ମାଂସ ପୁଳାପୁଳା କରି ଭକ୍ଷଣରତ, ଯେମିତି ଗର୍ଜିତ ଅହିରାଜ ନିଜ ଲାଞ୍ଜରେ ଠିଆ ହୋଇ ମୁଖମଣ୍ଡଳକୁ ଦଂଶନ କରିବାକୁ ଉଦ୍ୟତ ଅବା ନଦୀ ପଠାରୁ ବିଶାଳାକାୟ କୁମ୍ଭୀର ତାହାଣ ପାଦଟିକୁ ତୀକ୍ଷଣ ଦାନ୍ତରେ କାମୁଡି ତାଙ୍କୁ ଘୋଷାରି ନେଉଛି ନଦୀର ଗଭୀର ଜଳରାଶିକୁ । ମୃତ୍ୟୁ ଅକାଳ ତାଣ୍ଡବ ତାଙ୍କର ଅସହାୟ ଶରୀର ଉପରେ ଲମ୍ଫ ଦେଇଛି ।

କେତେଜଣ ଦେଖଣାହାରୀ ଅଛନ୍ତି ତାଙ୍କ ମୃତ୍ୟୁଦଣ୍ଡର ରାଜସାକ୍ଷୀ ଭାବରେ । ହାତରେ ବିଷର ପିଆଲା ଧରି ସକ୍ରେଟିସ୍ କିଛି ସମୟ ପାଇଁ ନିରବ ହୋଇଯାଇଛନ୍ତି । ଦେହମନର ଅସମନ୍ୱୟ ପରିସ୍ଫୁଟ । ମନ ତାଙ୍କର ନିଷ୍ପତ୍ତି ଅଭିପ୍ରେତ । ଦେହର ମାଂସ ବିଳାପ କରୁଛି ଆଗାମୀ ମୁହୂର୍ତ୍ତର ଦୁଃଖଦ ପରିସମାପ୍ତିରେ । ମନର ବି ବିଶ୍ୱାସ ହେଉନି, ସତରେ ଏହି ପରିମାଣର ବିଷ କଅଣ ଘାତକ ହୋଇପାରେ ତାଙ୍କ ଶରୀରକୁ ? ଅନେକ ହେମ୍‌ଲକ୍ ପତ୍ରର ପଣା ଖାଇ ଏଥେନସ୍‌ର ନିର୍ଯ୍ୟାତିତା ମହିଳା ଆତ୍ମହତ୍ୟାର ଦୃଶ୍ୟ ତାଙ୍କ ସ୍ମରଣକୁ ଆସିଯାଉଛି । ମୁଠାଏ ପତ୍ର ବାଟି ଖାଇଦେଲେ ଦୁଇ ଘଣ୍ଟାରେ ଶ୍ୱାସରୁଦ୍ଧ ଆଉ ଅପସ୍ମାର । ତିନି ଘଣ୍ଟା ବେଳକୁ ଜୀବନ ଶେଷ ।

ସକ୍ରେଟିସ୍‌ଙ୍କର ମନର ବିଚାର । ଏଥେନସ୍ ନ୍ୟାୟାଳୟର ନିଷ୍ପତ୍ତି ଗ୍ରହଣୀୟ । ସକ୍ରେଟିସ୍ ସମାଜର ସଂସ୍କାରକ ହୋଇପାରେ, ସତ୍ୟର ପରିଭାଷା ଶିକ୍ଷା ଦେଇପାରେ, ଏହା ଗ୍ରହଣୀୟ ହେବାକୁ ସମୟର ଅବହେଳା ହୋଇପାରେ । ସେ କିନ୍ତୁ ରାଜନିଷ୍ପତ୍ତିକୁ ସମ୍ମାନ ଦେଇ ହେମଲକ୍ ଲତାର ବିଷକୁ ଅବିଳମ୍ବେ ପାନ କରିବେ । ଦେହଟା ଏଇ କ୍ଷୁଦ୍ର କୋଠରି ଭିତରେ ସୀମିତ । ଆଜି ସେଇ ଜଡ଼ ଶରୀରର ଅବସାନ ହୋଇଯିବ । ସକ୍ରେଟିସ୍ ଲୋକ ସ୍ମୃତିରେ ବହୁକାଳ ରହି ପାରନ୍ତି । ସେଇଟା ମୋର ଅଜ୍ଞତା ଭିତରେ ଜ୍ଞାନ ଏବଂ ଜ୍ଞାନ ପରିବେଶିତ ନିଷ୍ପତ୍ତି । ଜଡ଼ ଶରୀର କୌଣସି ସଂକୋଚ ବରଦାସ୍ତଯୋଗ୍ୟ ନୁହେଁ । ମନ ଯାହା ମାନିଛି, ତାହା କରିବ ।

ସକ୍ରେଟିସ୍‌ଙ୍କର ପ୍ରାଣଦଣ୍ଡ ଘଟିଛି । ଇତିହାସର ଗୋଟିଏ ମର୍ମନ୍ତୁଦ ରାଜଦଣ୍ଡ । ଜଣେ ପ୍ରମୁଖ ଦାର୍ଶନିକଙ୍କର ଅନ୍ୟାୟ ପ୍ରାଣଦଣ୍ଡ ।

ମନର ଆୟତନ ବିଶାଳ । ଶରୀର ପରି ଛଅ ଫୁଟ ଉଚ୍ଚତା ଏବଂ ସୀମିତ ଓଜନରେ ଆବଦ୍ଧ । ଆଗକୁ ଚାହିଁଲେ ପଛ ଦିଶିବ ନାହିଁ କି ଖରାବର୍ଷାରୁ ରକ୍ଷା ପାଇବାକୁ ବିନା ପ୍ରସ୍ତୁତିରେ କିଛି ଉପାୟ ନାହିଁ । ବିପଦସଂକୁଳ ରାସ୍ତାରେ ଦ୍ରୁତଧାବନ ବି ସୀମିତ । ଖରାବର୍ଷା, ଦିନରାତି, ମାସ ବର୍ଷର ଋତୁସମ୍ଭାର ଶରୀର ଉପରେ ଖେଳକୁଦ କରିଯାଏ, ବର୍ଷଟିଏ ପୂରିଗଲେ ଆୟୁଷର ଅବକ୍ଷୟ ଘଟେ । ବାଲ୍ୟରୁ ଯୁବକ, ଯୁବକରୁ ପ୍ରୌଢ଼ ଦିଗରେ ବୟସର ଚୁମ୍ବକ ପରିବର୍ତ୍ତିତ କରିଦିଏ ଶାରୀରିକ ରୂପ । ଶରୀରଟା ଗୋଟିଏ ଆଲାର୍ମ ଘଣ୍ଟା ଯାହା ସୂଚାଇ ଦେବ ମୃତ୍ୟୁର ସତର୍କତା ଅବା ଗୋଟିଏ ସୂକ୍ଷ୍ମାତିସୂକ୍ଷ୍ମ କମ୍ପ୍ୟୁଟର । ଜୀବନ ବୋଲି ପ୍ରୋଗ୍ରାମଟିଏ ଅପରେଟ୍ କରୁଛି, ଯାହାକି 'ଦି ଏଣ୍ଡ' ଲେଖି ସମାପିକା ଘୋଷଣା କରିବ ।

ସେଇ ଶରୀର ହିଁ ପ୍ରାଣର ଆଶ୍ରୟସ୍ଥଳୀ । ସେଇ ଶରୀର ବୃକ୍ଷରେ ମନର ଉଦ୍‌ଭବ ଘଟିଛି । ମନଟା ଶରୀରର ଗୋଟିଏ ଅମାନିଆ ପୁଅ ।

ଶରୀର ଯେତିକି ଦେଖେ, ଯେତିକି ଶୁଣେ ତଥା ଯେତିକି ଇନ୍ଦ୍ରିୟାନୁଭବ କରେ, ନିଜ ସ୍ମରଣରେ ବିଶ୍ୱବ୍ରହ୍ମାଣ୍ଡ ଜ୍ଞାନରେ ଆଲୋକିତ ହୁଏ ଏବଂ ଶରୀରର ସବୁ ସୁଗୁଣ ପାଇ ପ୍ରତିଶ୍ରୁତିବଦ୍ଧ। ସେଇ ମନ ହିଁ ଦାମ୍ପତ୍ୟ, ପାରିବାରିକ ଏବଂ ସାମାଜିକ ଜୀବନଧାରାର ପ୍ରବର୍ତ୍ତକ।

ମନର ମୂଳେ ଏ ଜଗତ। ମନର ବିଚାରଧାରା ସର୍ବାଦୌ ସଂଶୋଧନୀୟ। ବାସ୍ତବ ଜୀବନ ନିମନ୍ତେ ଅପରିହାର୍ଯ୍ୟ।

ସମାରୋହ, ୧୨୮,
ଡୁମୁଡୁମା (କ), ଭୁବନେଶ୍ୱର-୩୦
ମୋ - ୭୬୫୬୦୧୬୬୯୦



# ଜୀବନର ଗତିପଥ

*ଡା. ଆଦିକନ୍ଦ ସାହୁ*

**ଷା**ଠିଏ ଦଶନ୍ଧିର କଥା । ସେଦିନ ଉଦୁଉଦିଆ ଖରାବେଳ । ବାହାରୁ ଆସି ହରେକୃଷ୍ଣ ସାମନ୍ତରାୟ ଦାଣ୍ଡ ପିଣ୍ଡାରେ ବସିପଡ଼ି ଡାକ ଦେଲେ । ହଇଓ ! ଶୁଣୁଛ ! ଅଶୁର କିଛି ଚିଠି ଆସିଲା କି ?

ସ୍ତ୍ରୀ ରାଧାରାଣୀ ଘର ଭିତରୁ ବାହାରକୁ ଆସି ବିରକ୍ତ ହୋଇ କହିଲେ– ଗରମ ଦିନ ଏ ହାଡ଼ଫଟା ଖରାରେ ଦିନ ଦି'ପହର ପର୍ଯ୍ୟନ୍ତ କୁଆଡ଼େ ଥିଲ ! ମୁଣ୍ଡରୁ ନାଲି ଗାମୁଛାଟା କାଢୁକାଢୁ ହରିବାବୁ କହିଲେ– ସେ ପାଖ ଗାଁ ମିନପାଲ୍ଲୀ । ସେଠାରେ ଦୁଇ ଦଳ ହୋଇ ଯାଇଛନ୍ତି । ଟୋକାଳିଆ କଥା । ସଦାବେଳେ ଗଣ୍ଡଗୋଳ ଲାଗି ରହିଛି । କୋର୍ଟ କଚେରି ଗଲେ ସମସ୍ତେ ହଇରାଣ ହେବେ, ଖର୍ଚ୍ଚାନ୍ତ ହେବେ । ତେଣୁ ସେମାନଙ୍କୁ ଏକାଠି ବସାଇ ମିମାଂସା ପାଇଁ ଡାକିଥିଲେ । ମିଳାମିଶା କରି ଭାଇଚାରା ସୃଷ୍ଟି ହେଲେ ସମସ୍ତେ ଖୁସିରେ ରହିବେ । ସେମାନେ ରହିଲେ ଆମ୍ଭେମାନେ ମଧ୍ୟ ରହିପାରିବା । ଏ ଅଞ୍ଚଳର ବିକାଶ ହୋଇ ପାରିବ । ବାହାରୁ ଭଦ୍ର ବ୍ୟକ୍ତିମାନେ ଆସିଥିଲେ ସେଥିରେ ମୋତେ ଡକା ଯାଇଥିଲା । ଏକଥା କହୁ କହୁ ରାଧାରାଣୀଙ୍କ ହାତରୁ ପାଣି ଢାଳଟି ନେଇ ଢକ୍‌ଢକ୍ କରି ପାଣି ଦୁଇ ଢୋକ ନେଇ ଟିକେ ଆଶ୍ୱସ୍ତିରେ ନିଶ୍ୱାସ ମାରି ପଚାରିଲେ – ପୋଷ୍ଟ ପିଅନକୁ ମୁଁ ଗାଁ ମୁଣ୍ଡ ଛକ ଉପରେ ଯିବାର ଦେଖିଲି । ଆଶୁର ଚିଠି କିଛି ଆସିଛି କି ? ସାମନ୍ତରାୟ ବାବୁଙ୍କ ହାତରୁ ଢାଳଟି ନେଇ ରାଧାମଣୀ କହିଲେ– ନାଇତ କେହି ଆସି ନାହାନ୍ତି । ପିଲାଟି ଗଲାଣି ଏତେ ଦିନୁ, କିପରି ଅଛି କିଛି ଖବର ନାହିଁ । ବଡ଼ ବ୍ୟସ୍ତ ଲାଗୁଛି । କହୁ କହୁ ଆଖି ଛଳ ଛଳ ହୋଇଗଲା ରାଧାମଣିଙ୍କର । ହଉ ସେ ପ୍ରଭୁ ଜଗନ୍ନାଥ ହିଁ ଭରସା ।

ହରେକୃଷ୍ଣ ସାମନ୍ତାରାୟଙ୍କୁ ସମସ୍ତେ ହରିଭାଇ, ହରିବାବୁ ବୋଲି ଜାଣନ୍ତି । ଦୁଇଟି ସନ୍ତାନର ଜନକ ସେ । ଝିଅ ନିରୁପମା ବିଭାହୋଇ ଶାଶୂଘରେ । ସମୟ ପାଇଲେ ବାପା ମାକୁ ଟିକେ ଦେଖିବାକୁ ଆସେ । ତା ଜଞ୍ଜାଳରେ ସେ ବ୍ୟସ୍ତ । ଥରେ ହରେକୃଷ୍ଣ ବାବୁଙ୍କ ଛାତିରେ ଯନ୍ତ୍ରଣା ହେବାରୁ କିଛି ଔଷଧ ପତ୍ର ଖାଇ ଏବେ ଟିକେ ଭଲ ଅଛନ୍ତି । ଜମିଦାରୀ ନାହିଁ ଅଭାବ ଅନାଟନର ସ୍ୱାଦ ଛାଖିଛନ୍ତି ସେ । କିନ୍ତୁ ସେ ଅଞ୍ଚଳର ଲୋକ ଅନ୍ୟର ଦୁଃଖରେ ଦୁଖୀ ହୋଇଯାଆନ୍ତି ସେ । ଜନସେବା, ପରୋପକାର, ସଦାସର୍ବଦା ବ୍ୟସ୍ତ ସେ । ସେଇଟାକୁ ସେ ନିଜ ଧର୍ମ ବୋଲି ଗ୍ରହଣ କରିଥାନ୍ତି । ଦେଶର ସ୍ୱାଧୀନତା ସଂଗ୍ରାମରେ ଭାଗନେଇ କେତେଥର ଜେଲ ଯାଇଛନ୍ତି । ବାତ୍ୟା, ବନ୍ୟା, ଅସମୟରେ କାହାର ଅସୁବିଧା ହେଲେ ସଦାବେଳେ ସେ ଲୋକଙ୍କ ପାଖରେ ଥାଆନ୍ତି । ହେଲେ ରାଜନୀତିରେ ରୁଚି ନଥାଏ । ରାଧାରାଣୀ ଜଣେ ସୁଗୃହିଣୀ ଧର୍ମପରାୟଣା । ସେ କାହାକୁ ଦେଖିଲେ ତା' ମନର କଥା ଜାଣି ପାରନ୍ତି । ପ୍ରତିବର୍ଷ ସେ ହରିବାବୁଙ୍କୁ ନେଇ ନିଶ୍ଚୟ ଯିବେ ପୁରୀ । ପ୍ରଭୁଙ୍କ ଦର୍ଶନ ନକରିଲା ଯାଏ ସେଦିନ ଜଳ ବି ସ୍ପର୍ଶ କରନ୍ତି ନାହିଁ । ପତିତପାବନ ବାନାଙ୍କୁ ଚାହିଁ ବେଢ଼ା ମଧ୍ୟରେ ସେ ସମୟ କାଟିବାକୁ ଭଲ ପାଆନ୍ତି ।

ସଦାବେଳେ ମନଭିତରେ ହରିବାବୁ ଭାବୁଥାଆନ୍ତି ଆଶୁତୋଷ (ଆଶୁ)କୁ ଡାକ୍ତରଟିଏ କରାଇବେ । ସେ ଗରିବ ଦୁଃଖୀ, ଦୁଃସ୍ଥ, ଅଭାବୀ ଲୋକଙ୍କ ସେବାକରି ଆଶୀର୍ବାଦ ସାଉଁଟିବ । ହେଲେ ରାଧାରାଣୀଙ୍କ ମନରେ ଥାଏ ସେ ପାଠପଢ଼ି ଭଲ ମଣିଷଟିଏ ହେଉ । ପିଲାମାନଙ୍କୁ ଭଲ ମଣିଷପରି ଗଢ଼ି ଆମର ପରିଣତ ବୟସରେ ପାଖରେ ରହୁ । ହେଲେ ହରିବାବୁଙ୍କ କଥା ରହିଲା ।

ଆଶୁତୋଷ ଡାକ୍ତରୀ ପାସ କରିବା ପରେ ଆଖପାଖ ଅଞ୍ଚଳ ଖୁସିର ଲହରି ଖେଳିଗଲା । ସମସ୍ତେ ହରିବାବୁଙ୍କୁ ପ୍ରଶଂସାରେ ପୋତି ପକାଇଲେ । ହରିବାବୁଙ୍କ ମନରେ ଗୋଟିଏ ଆଶା ସଂଚାର ହେଲା । ଆଶା, ବିଶ୍ୱାସ ଜନ୍ମିଲା । ପ୍ରଭୁଙ୍କ କୃପାରୁ ମୋ ପୁଅ ଆଜି ଦୁଃସ୍ଥ, ଦୁଃଖୀ, ଗରିବ ଲୋକଙ୍କର ସେବା କରିପାରିବ । ସମସ୍ତଙ୍କ ମନରେ ହସ ଫୁଟାଇବ ।

ଘର ଭିତରୁ ରାଧାରାଣୀଙ୍କ ଡାକ ଶୁଭିଲା ! ହଇଓ ଶୁଣୁଛ ଆଶୁର ବାପା ! ପୁଅ ଡାକ୍ତର ହେଲା । ଏବେ ବୋହୂ ଆଣ ! ମୋର କିନ୍ତୁ ଦୀନକୃଷ୍ଣ ରାୟଚୌଧୁରୀଙ୍କ ଝିଅଟି ପସନ୍ଦ ହୋଇଛି । ବଡ଼ ଘରର ଝିଅଟି ହେଲେ କ'ଣ ହେବ ଦି'ଅକ୍ଷର ପାଠ ପଢ଼ିଛି । ଖୁବ୍ ସରଳ, ସୁନ୍ଦର ସ୍ୱଭାବର । ଜମିଦାରୀ ଥିଲେ କ'ଣ ହବ ମନରେ ଗର୍ବ ନାହିଁ । ତା'କଥା ଆମ ବୁଲି ନାନୀ କହୁଥିଲେ । ହରିବାବୁ କିନ୍ତୁ ଟିକେ ମୁରୁକି ହସ ସହ କିଛି ଶୁଣି ନ ଶୁଣିଲା ପରି କହିଲେ । ହଉ ! ଆଗ ଚାକିରି କରୁ । ନାମ କମାଉ । ଆଉ ଯଦି କିଛି ଉପରକୁ ଚଢ଼ିବ ଚଢୁ । ତା'ପରେ ଦେଖିବା । ସରକାରୀ ଚାକିରି କଲେ କେତେ ଯାଗା ବୁଲିବ ବୋହୂକୁ ପାଖରେ ରଖିବ । ଆଉ ଇଏ ଖୋଜୁଛି ସେବା । ହରିଭାଇ ଟିକେ ହସିଦେଇ ତା' କପଟା ଉଠାଇ ଢୋକେ ନେଇଛନ୍ତି, ଦାଣ୍ଡରେ ପୋଷ୍ଟ ପିଅନ ଆସି ଚିଠିଟିଏ ବଢ଼ାଇଦେଲା ।

ଆଶୁତୋଷର ଚିଠି ଥିଲା। ଲେଖାଥିଲା ବାପା ମୋତେ ଏବେ ଯାଜପୁରର ଯେଉଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୋଷ୍ଟିଂ ଥିଲା ସେଠାରୁ ଫୁଲବାଣୀର ଗୋଛାପଡ଼ାକୁ ବଦଳୀ କରାଯାଇଛି। ସମସ୍ତେ ଆଶ୍ଚର୍ଯ୍ୟ ଯେ ଗୋଟିଏ ମାସ ନପୁରୁଣୁ ମୋତେ ହଠାତ୍ ଅନ୍ୟତ୍ର ପଠାଯାଉଛି। ଜଣେ ବଡ଼ ଉପର ଅଫିସରଙ୍କ ଭାଇକୁ ମୋ ଯାଗାକୁ ପଠାଯାଇଛି। ମୋତେ ଖୁବ୍ ଶିଘ୍ର ରିପୋର୍ଟ କରିବାକୁ କୁହାଯାଇଛି। ତେଣୁ ମୁଁ ଆଜି କଟକରୁ ସନ୍ଧ୍ୟାବେଳେ ଫୁଲବାଣୀ ଯାଉଛି। ଜଣେ ବନ୍ଧୁଙ୍କଠାରୁ ପଇସା ଧାର କରି ନେଇ ଯାଉଛି। ତୁମ୍ଭେ ଆଦୌ ବ୍ୟସ୍ତ ହେବନାହିଁ। ମୁଁ ସେଠାରେ ଜଏନ୍ କଲା ପରେ ସବୁ ଜଣାଇବି। ଛୁଟିନେଇ ରଜକୁ ନିଶ୍ଚୟ ଆସିବି।

ବୋଉ ! ବାପାଙ୍କ ଯତ୍ନନେବୁ। ବାପାଙ୍କୁ ଆଦୌ ଖରାରେ ବାହାରକୁ ଯିବାକୁ ଦେବୁନାହିଁ। ଏକୁଟିଆ ଛାଡ଼ିବୁ ନାହିଁ। ମୁଁ ତ ଆସିଗଲିଣି। ସେ ଆଉ ଜନସେବା, ଦେଶ ସେବାରେ ବ୍ୟସ୍ତ ନରୁହନ୍ତୁ। ନିରୁ ଦିଦିଙ୍କୁ କହିବ ସେ ଘରକୁ ମଝିରେ ମଝିରେ ଆସି ତୁମମାନଙ୍କ କଥା ବୁଝି ଯାଉଥିବ। ଦିନେ ନା ଦିନେ ଘର ପାଖକୁ ବଦଳି ହେବ। ଭୂଗୋଳ ମାନଚିତ୍ରରେ ଫୁଲବାଣୀ ଦେଖିଛି, ହେଲେ କେତେ ବାଟ ମୁଁ ଜାଣିନି, ହେଲେ ବହୁତ ଲୋକ ଯାଉଛନ୍ତି। ସେମାନଙ୍କ ସାଥିରେ ଚାଲିଯିବି। ବ୍ୟସ୍ତ ହେବନାହିଁ । ବାପାଙ୍କୁ ଔଷଧ ଠିକ୍ ସମୟରେ ଦେଉଥିବ। ବାହାରକୁ ବେଶୀ ନଯାଆନ୍ତୁ... ଇତ୍ୟାଦି ଇତ୍ୟାଦି। ରାଧାରାଣୀଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡ଼ି ଆସିଲା। ସେ ପ୍ରଭୁଙ୍କ ଆଡ଼କୁ ଚାହିଁ ଏତିକି କହିଲେ- ହେ ପ୍ରଭୁ ତୁମ ଇଚ୍ଛା ! ସହାୟ ହୁଅ !

ଏପଟେ ଆଶୁ ଡାକ୍ତର ଆଶୁତୋଷ ସାମନ୍ତରାୟ ଗୋଟିଏ ନାଲି ହ୍ୟାଣ୍ଡ ବ୍ୟାଗରେ ତା'ର ସମସ୍ତ ଜିନିଷ ସହ ପ୍ୟାଣ୍ଟ୍ ସାର୍ଟ, ବିସ୍କୁଟ୍, ପାଣି ବୋତଲ ସହ ଟ୍ରାନସ୍‌ପର ଅର୍ଡରଟି ଧରି କଟକରୁ ରାତି ୧୦ଟାରେ ଫୁଲବାଣୀ ବସ୍‌ରେ ବାହାରିଲେ। ବସଟି କିଛି ବାଟ ଗଲାପରେ ତାଙ୍କୁ ସିଟ୍‌ଟିଏ ମିଳିଲା। ନିଦ ଭାଙ୍ଗିଲା ବେଳକୁ ସକାଳ। ସମୟ ପ୍ରାୟ ୯ଟା। ସମସ୍ତ ଯାତ୍ରୀ ବସ୍‌ରୁ ଓହ୍ଲାଇଲେ। ଆଶୁ ଭାବିଲା ବୋଧେ ତା'ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା। କିନ୍ତୁ ବୁଝିଲା ଯେ ଗନ୍ତବ୍ୟ ସ୍ଥଳକୁ ଯିବାକୁ ହେଲେ ସେଠାରୁ ଓହ୍ଲାଇ ଆଉ ଗୋଟିଏ ବସ୍‌ରେ ମାଙ୍କଡ଼ମାରୀ ଯିବାକୁ ହେବ। ସେଠାରେ ଗୋଟିଏ ଛୋଟ ନଦୀ। ନଦୀଟି ପାର ହେଲେ ସେପଟେ ଛୋଟ ପାହାଡ଼। ପାହାଡ଼ର ସେପଟେ ଗୋଛାପଡ଼ା। ତେବେ ଯାହା ହେଉ ନଦୀ ପାଖରେ ପହଞ୍ଚିଲା ବେଳକୁ ଅପରାହ୍ନ ୩ଟା। ପାଖରେ ଯାହାଥିଲା ଟିକେ ଖାଇ ପାଣି ପିଇ ନାଲିହ୍ୟାଣ୍ଡ ବ୍ୟାଗ୍ କାନ୍ଧରେ ପକାଇ ଆଶୁ ଚାଲିଲା ଗୋଛାପଡ଼ା। ହେଲେ ନଦୀଟି ଛୋଟ ହେଲେ ମଧ୍ୟ ପାଣିରେ ଉଛୁଳୁଛି। ଉପାୟହୀନ ହୋଇ ଶେଷରେ ପିନ୍ଧିଥିବା ପ୍ୟାଣ୍ଟ ସାର୍ଟ ଖୋଲି ହାତରେ ଧରି ନଦୀ ଆରପଟେ ପହଞ୍ଚିଗଲା। ଆରପଟେ ଦେଖିଲା ବେଳକୁ ଗୋଠେ ଗାଈଗୋରୁ, ବାଛୁରୀ, ଛେଳି ଚରୁଛନ୍ତି। କେହି କେହି ମୁଣ୍ଡ ହଲାଇ ଖାଲି ବୁଲୁଥାଆନ୍ତି। ହେଲେ ଏ କ'ଣ ହେଲା। ହଠାତ୍ ଗୋଟିଏ ଷଣ୍ଢ ଆଶୁତୋଷ ଆଡ଼କୁ ମାଡ଼ି ଆସିଲା। ପ୍ୟାଣ୍ଟ ସାର୍ଟ ପିନ୍ଧିବାକୁ ସମୟ ନପାଇ ଆଶୁ ଧାଇଁବାକୁ ଲାଗିଲା। ହେଲେ ଷଣ୍ଢଟି ନାଲି ବ୍ୟାଗ ଦେଖି ତା ପଛେ ପଛେ ଧାଇଁଥାଏ। ଡାକ୍ତର ଆଶୁତୋଷ ଆଗେ ଆଗେ ଷଣ୍ଢଟି ପଛେ ପଛେ। ହଠାତ୍ ତା ହାତରୁ ଧରିଥିବା ପ୍ୟାଣ୍ଟ ସାର୍ଟ ସହ ନାଲି ବ୍ୟାଗଟି ଖସି ପଡ଼ିଲା। ଷଣ୍ଢଟିକୁ ପାଖରେ ଧାଇଁଥିବା ଦେଖି ଆଶୁ ଜୋରରେ ଦୌଡ଼ିବାକୁ ଲାଗିଲା। ହେଲେ ନାଲି ବ୍ୟାଗଟି ତଳେ ପଡ଼ିବା ଦେଖି ଷଣ୍ଢଟି ନାଲି ବ୍ୟାଗ ପାଖରେ ରହି ତାକୁ ତା'ର ଶିଙ୍ଘରେ ଏପଟ ସେପଟ କରୁଥାଏ। କେତେବେଳେ ଶିଙ୍ଘରେ ମାଟି ତାଡ଼ି ପକାଇ ନାଚୁଥାଏ। ସତେ ଯେପରି ମହାଦେବଙ୍କ ତାଣ୍ଡବ ନୃତ୍ୟକୁ ସେ ଦେଖି ଅଭ୍ୟାସରେ ମାତିଥାଏ କିମ୍ବା ଆଶୁକୁ ଆଗକୁ ନ ଯିବାକୁ ଇଙ୍ଗିତ ଦେଉଥାଏ। କିନ୍ତୁ ବ୍ୟାଗ ପାଖରୁ ହଟୁ ନଥାଏ। ଆଶୁ ଦୂରରୁ ଏଦୃଶ୍ୟ ଦେଖିବା ଛଡ଼ା ତା ପାଖରେ  ଆଉ ଉପାୟ ନଥାଏ। ବ୍ୟାଗଟି ଆଣି ପାରୁ ନଥାଏ। ମନେପଡୁଥାଏ ବାପାଙ୍କ ଅକ୍ଲାନ୍ତ ପରିଶ୍ରମ, ଲୋକଙ୍କ ପାଇଁ ସେବା ଓ ଶେଷରେ ହୃଦ୍‌ଘାତ। ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏପରି ଚାଲିଲା। ଶେଷରେ ଷଣ୍ଢଟି ନାଲି ବ୍ୟାଗ ପାଖରେ ଶୋଇ ରହିଲା। ଆଶୁର ନଜର ଥାଏ ପ୍ୟାଣ୍ଟ ସାର୍ଟ ଉପରେ। ସନ୍ଧ୍ୟା ହେଲାପରେ ପକ୍ଷୀମାନେ ସେମାନଙ୍କ ବସାକୁ, ଚରୁଥିବା ସମସ୍ତ ଗୋରୁଗାଈ, ଛେଳି ପେଟେ ପେଟେ ଖାଇ ଖୁସିରେ ଯେ ଯାହାର ମାଲିକ ପାଖକୁ ଚାଲିଲେ। ଶେଷରେ ଷଣ୍ଢଟି ବ୍ୟାଗ୍ ପାଖରୁ ଉଠି ସେମାନଙ୍କ ପଛେ ପଛେ ଚାଲିବା ଆରମ୍ଭ କଲା। ଆଶୁ ଆଶ୍ୱସ୍ତ ହୋଇ ସୂର୍ଯ୍ୟ ଦେବକୁ ଧନ୍ୟବାଦ ଦେଇ ନିଜର ପ୍ୟାଣ୍ଟ ସାର୍ଟ ପିନ୍ଧି ବ୍ୟାଗଟି ଉଠାଇ ଚାଲିଲା ପାହାଡ଼ ଆରପଟେ ଗୋଛାପଡ଼ା ଗ୍ରାମକୁ।

ଏବେ ଡାକ୍ତର ଆଶୁତୋଷ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟଭାର ଗ୍ରହଣ କଲାପରେ ବିଜୁଳି ପରି ଖବରଟି ବ୍ୟାପିବାକୁ ଲାଗିଲା। ଆଉ ରୋଗୀଙ୍କ ଭିଡ଼ ଜମିଲା। କେହି ଦେଖିବା ପାଇଁ ତ କେହି ଚିକିତ୍ସା ପାଇଁ। ଏତେ ବିଶ୍ୱାସ ଆସିଗଲା, ଲୋକମାନେ ପଶୁଡାକ୍ତରଙ୍କୁ ଛାଡି ଡାକ୍ତର ଆଶୁତୋଷଙ୍କ ପାଖରେ ଭଡ଼ ଜମାଇଲେ। କେହି କେହି ଆସୁଥାନ୍ତି ତାଙ୍କର ଗାଈଟି ପିଲାଜନ୍ମ କରିପାରି ନଥିବାରୁ। ଲୋକଙ୍କର ଖୁସି କହିଲେ ନସରେ। ସବୁକୁ ଆଶୀର୍ବାଦ ଭାବି ଆଶୁ କାମକରି ଚାଲିଥାଏ। ଭାବୁଥାଏ ମୁଁ କ'ଣ ମୋ ବାପାଙ୍କ ସ୍ୱପ୍ନକୁ ପୂରଣ କରି ପାରିବି ? ତେବେ ଯାହାହେଉ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ସମ୍ମାନରେ ସେ ବାନ୍ଧି ହୋଇଯାଉଥାଏ। ଏମିତି ୩/୪ ମାସ କଟିଗଲା ଭାବୁଥାଏ ଆଉ କେତୋଟି ଦିନପରେ ଘରକୁ ଯାଇ ସାଙ୍ଗସାଥି, ବାପା ମା, ଭଉଣୀମାନଙ୍କ ସହ ଆସୁଥିବା ରଜପର୍ବ ଧୁମ୍‌ଧାମରେ ପାଳିବ, ମଜା କରିବ।

ହଠାତ୍ ସନ୍ଧ୍ୟା ୬ଟା ସମୟରେ ଟେଲିଗ୍ରାମ୍ ଆସି ପହଞ୍ଚିଲା। ପିଅନଟି କାଗଜ ଖଣ୍ଡକ ବଢ଼ାଇ ଦେଇ କହିଲା ବାବୁ ଏବେ ସେ ପୋଷ୍ଟ ପିଅନଟି ଦେଇଗଲା। ଆଶୁତୋଷର ମୁଣ୍ଡ ଚକ୍ର ଖାଇବାରୁ ହଠାତ୍ ବସି ପଡ଼ିଲା। ବାପାଙ୍କ ଦେହ ବହୁତ ଖରାପ, ତା'କୁ ଶୀଘ୍ର ଘରକୁ ଯିବାକୁ ପଡ଼ିବ। ମନରେ ସବୁ ପ୍ରକାରର ଦୁଃସ୍ୱପ୍ନ ଆଶୁଥାଏ। ସ୍ଥିର କଲା ଏବେ ଯିବ। ହେଲେ ସେ ଦିନର ଶେଷ ବସ୍‌ଟି ୪ଟା ବେଳେ ଚାଲିଯାଇଛି। ତା'ପର ବସଟି ଯିବ ତା'ପର ଦିନ ସକାଳ ୮ଟା, ହେଲେ  ଯିବ କିପରି। ବଡ଼ ବ୍ୟସ୍ତ ଲାଗୁଥାଏ। ସାଇକେଲରେ ବସି ୧୫ କିଲୋମିଟର ଦୂରରେ ପୋଲିସ୍ ଷ୍ଟେସନକୁ ଗଲା। ସେ ପୋଲିସ ଫାଣ୍ଡିରେ ଜଣେ ନୂଆ ପୋଲିସ ଅଫିସର ଜଏନ କରିଥାନ୍ତି। ତାଙ୍କୁ ସବୁ କଥା କହିଲା ପରେ ସ୍ଥିର କଲେ ସେ ବୁଲେଟ ମଟର ସାଇକେଲରେ ଦୁହେଁ ଯିବେ। ଆଉ ସମୟ ନଷ୍ଟ ନକରି

ଦୁହେଁ ଚାଲିଲେ ଆଶୁତୋଷର ଗ୍ରାମ ବୀରବିକ୍ରମପୁର । ସତର୍କତାର ସହ ଯିବାକୁ ପଡ଼ିଲା । ସମୟ ପ୍ରାୟ ରାତି ୧୦ଟା । ଘାଟି ରାସ୍ତା, ଜଙ୍ଗଲ, କିଟିକିଟିଆ ଅନ୍ଧାରକୁ ଭୃକ୍ଷେପ ନକରି ଦୁହେଁ ଚାଲିଥାନ୍ତି । କିଛି ବାଟ ଗଲାପରେ ଘାଟି ଉପରେ ହଠାତ୍ ମୋଟର ସାଇକେଲର ଷ୍ଟାର୍ଟ ବନ୍ଦ ହୋଇଗଲା । ବରମ୍ବାର ଚେଷ୍ଟା ସତ୍ତ୍ୱେ ଷ୍ଟାର୍ଟ କରି ନପାରି ଦୁହେଁ ବହୁତ ବ୍ୟସ୍ତ ହୋଇ ପଡ଼ିଲେ । ଜଙ୍ଗଲ ରାସ୍ତା, ଘାଟି, କିଟି କିଟିଆ ଅନ୍ଧାରକୁ ବନ୍ୟଜନ୍ତୁ ବାଘ, ଭାଲୁ, ହାତୀ, ସାପର ଭୟ । ସେମାନେ ଏପରି ଯାଗାରେ ପହଞ୍ଚିଛନ୍ତି ଯେ ସେମାନେ ଆଗକୁ ଯାଇପାରୁଛନ୍ତି ନା ପଛକୁ ଫେରିପାରୁଛନ୍ତି । ଏପରି ବେଶ୍ କିଛି ସମୟ କଟିଲା । ହଠାତ୍ ସେହି ସମୟରେ ଗୋଟିଏ କାରର ହେଡ୍ ଲାଇଟ୍ ଅନ୍ଧାରର ପରଦା ଚିରି ତାଙ୍କ ପାଖକୁ ଆସୁଥାଏ । ସବୁ ଆଲୋକମୟ ହୋଇ ପଡ଼ିଲା ସତେ ଯେମିତି ସୂର୍ଯ୍ୟଦେବଙ୍କ ଆବିର୍ଭାବ । ଦେଖିଲା ବେଳକୁ ଧୋବ ଫରଫର ଆମ୍ବାସାଡ଼ର କାର । ଗାଡ଼ିଟି ଏମାନଙ୍କୁ ଦେଖି ଅଟକିଲା । ଗାଡ଼ିରୁ ଦୁଇ ଜଣ ଯୁବକ ବାହାରି ସବୁକଥା ପଚାରି ବୁଝିଲେ । ଗାଡ଼ି ଚାଳକ ଜଣଙ୍କ ଲାଇଟ ପକାଇ ମଟର ସାଇକେଲ ଯାଞ୍ଚ କରି ସେଥିରେ ଯାନ୍ତ୍ରିକ ତ୍ରୁଟିଥିବା କଥା କହିଲେ ଓ ତାକୁ ଠିକ୍ କରି ଷ୍ଟାର୍ଟ ମଧ୍ୟ କରିଦେଲେ । କହିଲେ ଏ ଅନ୍ଧାର, ଘାଟି, ଜଙ୍ଗଲ ରାସ୍ତା ଆକାଶ ମେଘାଛନ୍ନ । ଆମେ ଦୁଇ ଭାଇ କଟକ ଯାଉଛୁ । ଯଦି ତମର କିଛି ଆପତ୍ତି ଅସୁବିଧା ନାହିଁ, ଆମ୍ଭେ ତୁମଙ୍କୁ କଟକ ପହଞ୍ଚାଇ ଦେବୁ । ପୋଲିସ ଅଫିସର ଜଣଙ୍କ ତାଙ୍କ ଗାଡ଼ିକୁ ନେଇ ଫେରିଯାଆନ୍ତୁ । ଆଶୁ ଧନ୍ୟବାଦ ଜଣାଇ ଗାଡ଼ିରେ ବସିଲା । ମନରେ ଭୟ ଥାଏ । ଅଜଣା ଲୋକ ଏମାନେ । ଏତେ ବଡ଼ ଗାଡ଼ି, ବହୁତ ବଡ଼ ଲୋକ ହୋଇଥିବେ ଏମାନେ । ଗାଡ଼ିଟି ବୋଧେ ନୂଆ । ଭିତରଟା ବାସନାରେ ମହକୁ ଥାଏ । ଗାଡ଼ି ଚାଲିଲା । କିଛି ସମୟ ପରେ ଜଣା ପଡ଼ିଲା ସେମାନେ ଦୁଇଜଣ ଯେ କେବଳ କଟକ ଯିବେ, ତା ନୁହେଁ ଆଶୁର ବାପା ମାଙ୍କୁ ମଧ୍ୟ ଜାଣନ୍ତି । ତାଙ୍କର ଲୋକ ସମ୍ପର୍କ ଏତେ ଭଲ ଥିଲା ତାଙ୍କୁ କିଏ ବା ଜାଣି ନଥିବ ।

ଘରେ ପଶି ଆଶୁତୋଷ ଦେଖିଲା ବାପାମାଆ ସୁସ୍ଥ ଅଛନ୍ତି, ଖାଲି ପୁଅକୁ ଦେଖିବାକୁ ଏମିତି ଖବର ପଠାଇଥିଲେ । ଆଶୁତୋଷ ଭାବିଲା ମଣିଷ ଜୀବନଟା ଏମିତି । ବାପାମାଆ ଆଗ, ଦୁନିଆ ପଛ ।

ଯାହା ହେଉ, ପରିସ୍ଥିତିର ଦାସ ହୋଇ ଜୀବନଟା କଟାଇବାକୁ ନିଷ୍ପତ୍ତି ନେଲା । ଦଇବ ଦଉଡି ଯୁଆଡେ ଟାଣୁଛି ଟାଣୁ, ଛାଏଁ ଚାଲଗଲେ ହେଲା ପ୍ରତିବାଦ ପ୍ରତିରୋଧ କାହିଁକି ?

ଏମିତି ଓଡିଶା ସରକାରଙ୍କର ଡାକ୍ତରୀ ଚାକିରି ସରିଗଲା ।

X X X X X X X X X X X X

ବହୁବର୍ଷ ବିତିଗଲାଣି । ଆଶୁତୋଷ ବାବୁଙ୍କୁ ଆଜି ୭୦ ବର୍ଷ ହୋଇଗଲାଣି । ହେଲେ ସେ ପଛ କଥା ଭୁଲିନାହାନ୍ତି । ଏହି ବୟସର ତାରତମ୍ୟରେ ସେ ଦେଖନ୍ତି ଅନେକ ପରିବର୍ତ୍ତନ । ଖବର ପାଇବା ଆଉ ରାସ୍ତାଘାଟରେ ଯିବା ଆସିବାରେ ବହୁତ ଉନ୍ନତି ।

ବୟସ ଅନୁପାତରେ ସେ ଦେଖନ୍ତି ନିଜ ଘରେ ପିଲାମାନଙ୍କର ପରିବର୍ତ୍ତିତ ଆଚରଣ । ତାଙ୍କ ପରି ପିତୃମାତୃଭକ୍ତି ତ ଦେଖନ୍ତିନି, ଚଳିବ । କିନ୍ତୁ ସେ ଯେ ନିଜେ ପୁରୁଣା ହୋଇଗଲେଣି ଆଉ ଯୁଗ ଅନୁସାରେ ନିଜକୁ ପରିବର୍ତ୍ତିତ କରିପାରି ନାହାନ୍ତି । ସେମିତି ପୁରୁଣା ମଡେଲ ମଣିଷ ହୋଇ ରହିଛନ୍ତି ।

ମନକୁ ଅନେକ କଥା ଆସୁଛି, କାହିଁ ସେ ପୁରୁଣା ଦିନ, ଯେବେ ଜୀବନର ଗତି ଥିଲା, ଆଜି ତାହା ପ୍ରତିହତ । ବିନା ଗତିରେ ବିନା ପରିଶ୍ରମରେ ଯାନ୍ତ୍ରିକ ଉପାୟରେ ଜୀବନ ଧାରଣ କଅଣ ପ୍ରାକୃତିକ ? ଏହାର ଫଳ ଦିନେ ଆସିବ । ଏ ମଣିଷ ନିଜ ଶରୀରକୁ ପଙ୍ଗୁ କରିଦେଇ ମେସିନ୍‌କୁ ବେଠିଆ କରି ଚଳୁଛି ।

ମନକୁ ହସ ଆସୁଛି ଆଶୁତୋଷଙ୍କର । ସତରେ ତାଙ୍କ ଜୀବନଟା କିପରି କଟିଗଲା । ଏଇଟା ଭାଗ୍ୟର ଲିଖନ । କେବେ ଜନ୍ମିବେ, କେବେ ସଂସାର ସରିବ ସବୁ ଉପରେ ଲେଖା ହୋଇ ରହିଛି ବୋଲି ମନରେ ଧାରଣା । ଅବଶ୍ୟ ତାଙ୍କର ମେଡିକାଲ ପାଠ ତାହା ସ୍ୱୀକାର କରେନାହିଁ । ଯାହା ଘଟିସାରେ, ତାକୁ ଲୋକ ଲେଖାଯାଇଛି ବୋଲି କହନ୍ତି, ଆଗତ କଥା କଅଣ ଲେଖାଯାଇଛି, ତାଆତ କେହି କହିପାରନ୍ତିନି ।

ଜୀବନଟା ଗୋଟିଏ ଆକସ୍ମିକ ଆବିର୍ଭାବ ଓ ବିସ୍ମୟକର ତିରୋଭାବ ଛଡ଼ା ଆଉ କଅଣ ହୋଇପାରେ ?

କ୍ଲବ ଟାଉନ୍, ଚନ୍ଦ୍ରଶେଖରପୁର
ମୋ - ୯୪୩୭୦୩୪୬୧୩

# ମଣିଷ ପକ୍ଷରେ ମୃତ୍ୟୁ ଅସମ୍ଭବ

*ଡ. କୃଷ୍ଣଚନ୍ଦ୍ର ମିଶ୍ର*

**ଆ**ଜି ଗୋଟେ ବଡ଼ ଦିନ । ବହୁତ ବଡ଼ ଦିନ । ଆଜି ତାଙ୍କ ଆସିବା ପାଇଁ ଇଚ୍ଛା । କେମିତି ଆସିବେ ? କିଏ ଯାଇ ଆଣିବ ତାଙ୍କୁ ? ସେ କେତେବେଳେ ବାହାରିବେ - କେହି କହିପାରିବେ ନାହିଁ । ସମସ୍ତଙ୍କର ପ୍ରିୟ ଭାଇ ସେ । ବୁଢ଼ା ଲୋକ । ବୟସ ନବେ ଧରିବ । ହେଲେ, କଥାରେ ଭାରି ଓଜନ ଏବେ ବି । କାହିଁକି ଏଠାରେ ବୁଲି ଯିବେ ବୋଲି ମନ କରିଛନ୍ତି ? ଯେବେ ଆଗରୁ ଆସୁଥିଲେ କେମିତି ବେଳ ହେଲେ ଖାଲି ହାତରେ ଆସିବା କେହି ଦେଖି ନାହିଁ । କ'ଣ ଆଣି ଆସିବେ ଏ ଥର ଗୋଟେ କ'ଣ ଆଣି - ଦେଖାଯାଉ ।

ଏମିତି ଭାବି ଚାଲିଥିଲେ - ସୁମିତା । ଛୁଆ ତିନି ଜଣଙ୍କୁ ପରିବାରରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇ ଆଗରୁ ସେ ମଣିଷ କରିଛନ୍ତି ।

ସ୍ୱାମୀ ମହେଶ୍ୱର ବେହେରାଙ୍କ ଫଟୋ ଉପରେ ଫୁଲ କେତୋଟି ଦେଇ ସୁମିତା ସେଇ ଭଦ୍ର ଅମାୟିକ ସାଧାସିଧା ମଣିଷ ପରଲୋକଗତ ସ୍ୱାମୀ ମହେଶ୍ୱରଙ୍କର ପରମ ମିତ୍ର ପ୍ରଖ୍ୟାତ ଲେଖକ ଓ ସାମ୍ବାଦିକ ଉମେଶ ରଣାଙ୍କ ଆସିବା ପାଇଁ ଅପେକ୍ଷା କରି ବସିଛନ୍ତି । ନିଜେ ଇଚ୍ଛା କରିଛନ୍ତି । ଆସିବେ ତେବେ ଲାଗୁଛି । କିନ୍ତୁ କେତେବେଳେ ଆସିବେ ? ଏ ଗୋଟିଏ ଅସରନ୍ତି ଚିନ୍ତା ସୁମିତାଙ୍କର । 'ଅତିଥି ଦେବୋ ଭବଃ' ଆମର ଚେତନାରେ ସବୁବେଳେ ଗୋଟିଏ ବିଶେଷ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ସତ୍ୟ ହିସାବରେ ଜୀବନ୍ତ । ସୁମିତାଙ୍କ ଏ ଅପେକ୍ଷା ସେଇ ଚିନ୍ତାଧାରା ଓ ଆଚରଣକୁ ପ୍ରମାଣିତ କରିଛି । ଆଗରୁ ଥରେ ଏ ବର୍ଷର ଶ୍ରାଦ୍ଧକୁ ଆସିବେ ବୋଲି ପ୍ରାୟ ତିନି ବର୍ଷ ତଳେ ଅତି ସାଧାରଣ ଭାବେ କହିଥିଲେ । ଉମେଶ ବାବୁଙ୍କ କଥା ବେଦର ଗାର । ତେଣୁ ଏ ସମ୍ପର୍କରେ ସୂଚନା ପାଇ ଥିବାରୁ ସୁମିତାଙ୍କ ମନ ବିଶେଷ ଭାବରେ ଆନ୍ଦୋଳିତ । ଏମିତି କ'ଣ ଏଥର ଉପହାରଟିଏ ଆଣି ଆସିବେ । ଭାବନାରେ ତେଣୁ ପୁରୁଣା ସ୍ୱଭାବରୁ ଉମେଶ ବାବୁଙ୍କର ସୁମିତା ଟିକେ ଚିନ୍ତିତା । ଆଜି ସକାଳର ଖବର କାଗଜ ସେ ଦେଖି ନାହାନ୍ତି ।

ସକାଳର ପୂଜା ବେଳେ ଭାବୁଥିବା କଥା ସନ୍ଧ୍ୟାରେ ବି ସେମିତି ଅପେକ୍ଷାରେ ହିଁ ଚାଲିଛି । ଭାଇ ! ସମ୍ପର୍କରେ କେହି ନୁହନ୍ତି । ହେଲେ, ଆଗରୁ କେଇଥର ଆସିଥିବା ଯୋଗୁଁ ଗୋଟିଏ ଆତ୍ମିକ ସମ୍ପର୍କଟିଏ ଆପେ ଆପେ ଗଢ଼ିଉଠିଛି । ଆଜି ବି ସେଇ କଥା । ଏ ଦିନଭରିର ଅପେକ୍ଷା ସେଇ ଆତ୍ମିକ ସମ୍ପର୍କଟିକୁ ଭଲ କରି ବୁଝାଇବାକୁ ଯଥେଷ୍ଟ । ଉମେଶ ଚନ୍ଦ୍ର ରଣା ଆସୁଛନ୍ତି ଏବଂ ଏହା ହିଁ ଆଜିର ସବୁଠାରୁ ବଡ଼ ଖବର ସୁମିତାଙ୍କ ପାଇଁ ।

ସନ୍ଧ୍ୟା ଧୂପ ଲଗେଇ ମୁଣ୍ଡିଆ ମାରୁ ମାରୁ ଶୁଭିଲା ସ୍ୱର ସେଇ ଆତ୍ମିକ ସମ୍ପର୍କରେ ବନ୍ଧା ହୋଇଥିବା ଉମେଶ ବାବୁଙ୍କର । ବଡ଼ ଲୁହା ଗେଟରେ ଶିକୁଳୀ ଖୋଲି ବଡ଼ ପୁଅ ରମେଶ ପଛେ ପଛେ ଆସି ଦୁଆର ପାଖରେ ପହଞ୍ଚିଗଲେ ଯେତେବେଳେ ନିଜକୁ ଆଉ ସମ୍ଭାଳି ପାରିଲେନି ସୁମିତା । ବହୁତ ଦମ୍ଭ ଦେଖାଇ ରହିଥିବା ବଜ୍ର ଭଳି ।

ହୃଦୟ ହଠାତ୍ ଆଜି ଧୈର୍ଯ୍ୟର ବନ୍ଧ ଭାଙ୍ଗିଯିବା ଯୋଗୁଁ ଫାଟି ପଡ଼ିଲା ପରି ଖଣ୍ଡ ଖଣ୍ଡ ହୋଇଗଲା ପରି ଲାଗିଲା । ଭୋ ଭୋ ହୋଇ କାନ୍ଦି ଉଠିଲେ ସୁମିତା । ପିଲାମାନଙ୍କୁ ଏହା ଆଶ୍ଚର୍ଯ୍ୟ କରି ପକେଇଲା । ମା ଏମିତି ବି ନରମ ବୋଲି ପ୍ରଥମ ଥର ପାଇଁ ସେମାନେ ଅନୁଭବ କଲେ ।

ଭଗବାନଙ୍କ ଦୁନିଆରେ ସବୁ କିଛି ସହି ପାରିବ ବୋଲି ମଣିଷକୁ ତିଆରି କରିଛନ୍ତି ସେ ଗୋଟିଏ ସ୍ୱତନ୍ତ୍ର ଉପାଦାନରେ । ଅତିଥିଙ୍କ ଏହି କଥା ସତେ ଯେମିତି ବିଶଲ୍ୟକରଣୀ ଭାବରେ କାମ କଲା । ସୁମିତା ଥମି ଗଲେ । ପ୍ରଣାମ କରି ଘର ଭିତରକୁ ଡାକି ନେଲେ ସେ ପୁଅକୁ କହି ।

ଖାଇବା ବେଳ ହେଲା । ଆଗ ଟିକେ ଧୂଆଧୋଇ ସାରି ଚା ଖାଲି ଯାହା ହୋଇଥିଲା । ନାଲି ଗୋଲମରିଚ ଗୁଣ୍ଡ ଆଉ ଅଦା ଛେଚା ହୋଇ ସେଇ ଚା'ରେ ଯେତେ ପ୍ରଶାନ୍ତି ଅଛି ସେଇ ପିଇବା ଲୋକ ହିଁ ବୁଝିପାରିବ । ଆଉ ସେତିକି ବେଳେ କଡ଼ ସୋଫା ପାଖରେ ଠିଆ ହୋଇ ସୁମିତା କଣ ଅଳ୍ପ କିଛି ହାଲଚାଲ ପଚାରି ଖାଦ୍ୟ ଯୋଗାଡ଼ରେ ରୋଷଶାଳା ଭିତରକୁ ଚାଲିଗଲେ । କିଛି ସମୟରେ ଅରୁଆ ଭାତ ଡାଲମା ଭେଣ୍ଡି ଭଜା ବିଲାତି ବାଇଗଣ ଖଟା ବଡ଼ିଚୁରା ସହ ଆଳୁ ଚକଟା ଥାଳି ପରଷି ଦେଲେ ନିଜେ ।

ଅତିଥି କହିବାରୁ ସମସ୍ତେ ଏକାଠି ଖାଇବା ବେଳେ ମହେଶ୍ୱର ବାବୁଙ୍କୁ ଶ୍ରଦ୍ଧାର ସହ ମନେ ପକେଇଲେ ଅତିଥି ପ୍ରଗାଢ଼ ମିତ୍ରତାର କଥା ଉଦାହରଣ ସହ ସବୁ କହି । ଅଠର ବର୍ଷ ଧରି ଆଉ ଅତିଥି ଆସି ନାହାନ୍ତି । ଆଜି ତେଣୁ

ପୁରୁଣା ସମ୍ପର୍କକୁ ମନେ ପକେଇଲେ ଭଲ କରି ଉମେଶ ବାବୁ । କାଲି ପରି ସବୁ କିଛି ଲାଗୁଛି । କ'ଣ ଗୋଟିଏ ମୂତ୍ର ରୋଗରେ ଆକ୍ରାନ୍ତ ହୋଇ ମାସ କେଇଟାରେ ହସୁଥିବା ଖେଳୁଥିବା ଲୋକ ଜଣଙ୍କୁ ଆଉ ଦେଖିବାକୁ ମିଳି ପାରିଲା ନାହିଁ । କାଲି ତାଙ୍କର ଶ୍ରାଦ୍ଧ ଦିବସ ଅବସରରେ ଏବର୍ଷ ପାଇଁ ଆସିଛନ୍ତି ଉମେଶ ବାବୁ । ସୁମିତାଙ୍କର ସବୁ ପିଲା ତେଣୁ ଏକାଠି ହୋଇଛନ୍ତି । ଏତେ ଦିନର ଦୁଃଖ ଘଟଣା ଆଜି ସନ୍ଧ୍ୟାରେ ଉମେଶ ବାବୁଙ୍କ ଆସିବା ସହ ଗୋଟିଏ ମଧୁର ସ୍ମୃତିଚାରଣରେ ବଦଳି ଗଲା । ସୁମିତାଙ୍କର କେତେ କେତେ ବେଳେ ଆଖିରେ ଲୁହ ଜକେଇ ଆସୁଥିଲା ତ କେଉଁ କେଉଁ କଥାକୁ ସମସ୍ତେ ଶୁଣି ହସିବାକୁ ବାଧ୍ୟ ହେଉଥିଲେ ।

କାଲି ସେହି ଜୀବନୀର ଲୋକାର୍ପଣ ହେବ ସୁମିତାଙ୍କ ହାତରେ । ବହୁତ ବଡ଼ ଆୟୋଜନ । ନିମନ୍ତ୍ରିତ ଲୋକଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଅଢ଼େଇ ହଜାରରେ ପହଞ୍ଚି ଗଲାଣି । ଅଭୁଦକର୍ମା ମହେଶ୍ୱରଙ୍କ ପ୍ରତିଭା ପ୍ରତି ଏ ହେବ ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି । ସୁମିତାଙ୍କର ସ୍ୱାମୀଙ୍କ ସମ୍ମାନରେ ଏ ଆୟୋଜନ ତାଙ୍କ ଜୀବନର ଅନେକ ଅପୂର୍ଣ୍ଣ ଆଶାମାନଙ୍କ ମଧ୍ୟରେ ବଡ଼ ଧରଣର ଆଶା ଯିଏ ନିଶ୍ଚୟ । ଏ ବର୍ଷ ଶ୍ରାଦ୍ଧ ଦିବସ ଅବସରରେ ଅନୁଷ୍ଠିତ ଏ ଜୀବନୀ ଲୋକାର୍ପଣ ମହୋତ୍ସବ ତାଙ୍କ ପାଇଁ ବହୁତ ଦୁଃଖର ହେଲେ ବି ଆତ୍ମତୃପ୍ତିର ଦିନ ହେବ । ଉମେଶ ବାବୁଙ୍କ ସହଯୋଗ ଆଉ ଅବଦାନ ପାଇଁ ତାଙ୍କ ନିକଟରେ ସେ ସାରା ଜୀବନ ପାଇଁ ସମଗ୍ର ମହେଶ୍ୱର ବାବୁଙ୍କ ପରିବାର ତରଫରୁ ଅନୁଗୃହୀତ ରହିବେ । ଉମେଶ ବାବୁଙ୍କ ରାତିରେ ରହିବା ପାଇଁ ସୁବନ୍ଦୋବସ୍ତ କରାଯାଇଥିଲେ ବି ଘରର ଏକ ମହତ୍ତ୍ୱପୂର୍ଣ୍ଣ ସମ୍ପର୍କ ହୋଇଥିବାରୁ ସେ ଘରେ ଅତିଥି ପ୍ରକୋଷ୍ଠରେ ରହିବା ପାଇଁ ନିଜେ ମତ ଦେଲେ । ତେଣୁ ଡେରି ରାତିଯାଏଁ ଅୟୋଜନର ଶେଷ ପାଦର ସମୀକ୍ଷା ଓ ନିରୀକ୍ଷଣ କରିବାରେ ସୁମିତାଙ୍କ ପରିବାର ଲୋକଙ୍କୁ ସେ ଦିଗ ଦର୍ଶନ ଦେଇ ପାରିଲେ ।

ସକାଳ ବେଳା ଚଳ ଚଞ୍ଚଳ ରହିଲା ଜୀବନ । ତା ପର୍ବ ପରେ ସଭାସ୍ଥଳ ବୁଲିପଡ଼ି ଆସିଲେ ସମସ୍ତେ । ସବୁ କିଛି ଉପଯୁକ୍ତ ଥିଲା । ପୁଣି ଘରକୁ ଫେରି ମୁଖ୍ୟ କାର୍ଯ୍ୟ ଯୋଜନା ପାଇଁ ଅଳ୍ପ ପ୍ରସ୍ତୁତି ସାରି ପୁରି ଛୁଙ୍କ ତରକାରି ଖାଇ ଚା କପେ ଲେଖାଏଁ ନେଇ ସଭାମଣ୍ଡପକୁ ସମସ୍ତେ ବାହାରିଗଲେ । ସୁମିତା ହାଲ୍‌କା ଭାବେ ଛାତିରେ ଯନ୍ତ୍ରଣା ଅନୁଭବ କଲେ ମଧ ସଭାରେ ବିଭ୍ରାଟ ସୃଷ୍ଟି ହୋଇଯିବା କଥା ଚିନ୍ତାକରି ଡାକ୍ତରଖାନା ନ ଯାଇ ବରଂ ସଭା କାମରେ ମନ ଲଗେଇ ଦେଇ ନିଜ କଥା ଭୁଲିଗଲେ । ବହୁତ ସୁନ୍ଦର ଭାବରେ ସଭା କାର୍ଯ୍ୟ ଆରମ୍ଭ ହେଲା । ବଡ଼ପୁଅ ସମ୍ପାଦକୀୟ ଅତିଥି ସମ୍ଭାଷଣରେ ସମାଜରେ ସମସ୍ତେ ନିଜ କ୍ଷମତା ଅନୁସାରେ ଉନ୍ନତି ପାଇଁ କାମ କରୁଥିବାରୁ ସ୍ମରଣୀୟ ଓ ସମ୍ମାନଯୋଗ୍ୟ ବୋଲି କହି ନିଜ ବାପା ମାଆଙ୍କ ପାଇଁ ଗର୍ବାନ୍ୱିତ ବୋଲି କହି ଉମେଶ ବାବୁଙ୍କ ବିଶେଷ ପରିଚୟ ଦେଇ ତାଙ୍କୁ ଜୀବନୀ ଉପରେ ସାମାନ୍ୟ ଆଲୋକପାତ କରିବାକୁ ଅନୁରୋଧ କଲେ । ପରବର୍ତ୍ତୀ ଜୀବନୀଚର୍ଚ୍ଚା ଓ ସମୀକ୍ଷା କରିବାକୁ କାର୍ଯ୍ୟକ୍ରମର ପରିଚାଳନା ପାଇଁ ବି ସଭାପତି ଭାବରେ ଆସନ ଦେଇ ଆଲୋଚନା କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସୁମିତାଙ୍କ ନାମ ଡକାଗଲା । ମହେଶ୍ୱର ବାବୁଙ୍କ ପତ୍ନୀ ଭାବରେ ତାଙ୍କର ଏ ମଞ୍ଚରୁ ପରିଚୟ ଦିଆଯିବା ତାଙ୍କୁ ତାଙ୍କର ପିତାଙ୍କର କନ୍ୟାଦାନ କରିବାର ବିବାହ ଉତ୍ସବ ପାଳିତ ହେଉଛି ବୋଲି ଲାଗୁଥିଲା । ସେ ବହୁତ ପ୍ରସନ୍ନ ଥିଲେ ।

ମଞ୍ଚରୁ ତାଙ୍କୁ ନିମନ୍ତ୍ରଣ ଆସିବା ସଙ୍ଗେ ସଙ୍ଗେ ସୁମିତା ନିଜ ସମଗ୍ର ଜୀବନ କାଳରେ ମହେଶ୍ୱରଙ୍କର ସହିତ ସୁଖରେ ବିତାଇଥିବା ଅମୃତ ମୁହୂର୍ତ୍ତ ସବୁକୁ ଏଇ ଗୋଟିଏ ଉଲ୍ଲାସର ବାତାବରଣ ଭିତରେ ପାଇ ଅଦ୍ଭୁତ ରୋମାଞ୍ଚଟିଏ ଶରୀରର ପ୍ରତିଟି ଅଙ୍ଗରେ ଅନୁଭବ କରୁଥିଲେ ତ ନିଜେ ଆସନ ଛାଡ଼ି ଏକ ପ୍ରକାର ଚଳଚଞ୍ଚଳତା ଦେଖାଇ ସମସ୍ତଙ୍କୁ ହତଚକିତ କରିଦେଲେ ।

ଜୀବନୀଟି ତାଙ୍କର ହାତକୁ ଲୋକାର୍ପଣ ଉଦ୍ଦେଶ୍ୟରେ ମଝିଆଁ ପୁଅ ଶଶୀ ବଢ଼ାଇ ଦେବାକୁ ଯାଉଛି ତ ହଠାତ୍ ସ୍ଥାଣୁ ହୋଇ ଠିଆ ହୋଇ ଗଲେ ସୁମିତା । ଝିଅ ମନୀଷା ପାଣି ବୋତଲଟାକୁ ଖୋଲି ମୁହଁରେ ପାଣି ଛଟାଛଟି କରି ତାଙ୍କୁ ଢୋକେ ପାଣି ପିଆଇଲା ବେଳକୁ କେତେ ଜଣ ଉପସ୍ଥିତ ଡାକ୍ତର ତୁରନ୍ତ ତାଙ୍କର ଚିକିତ୍ସାରେ ଲାଗିଗଲେ ଆଉ କିଛି ସମୟ ପରେ ଚେତା ପାଇ ସୁମିତା ଆଶ୍ଚର୍ଯ୍ୟ କରିଦେଲେ ସଭାରେ ଯୋଗଦେଇଥିବା ଅପାର ପ୍ରଶଂସକ ସମୁଦ୍ରକୁ । ବହିଟି ବିଦଗ୍ଧ ପାଠକଙ୍କ ନିକଟରେ ବେଶ୍ ଲୋକପ୍ରିୟ ହୋଇ ପାରିବ ବୋଲି ଆଶା ପ୍ରକାଶ କରିବା ସହିତ ସେ ବିଶିଷ୍ଟ କଥାକାର ଉମେଶ ବାବୁଙ୍କ ଲିଖିତ ଏ ସ୍ମୃତି ଗ୍ରନ୍ଥରେ ମଣିଷ ଜୀବନର ଅନେକ ରହସ୍ୟ ଥିବା ପ୍ରକାଶ କଲେ ।

ଉମେଶ ବାବୁଙ୍କ ଉପସ୍ଥିତି ଶ୍ରାଦ୍ଧ ଦିବସକୁ ଏକ ନୂତନ ଚମତ୍କାର ପ୍ରଦାନ କଲା । ଜୀବନୀ ପ୍ରଣେତା ଭାବରେ ଲୋକାର୍ପଣ ପାଇଁ ନିଷ୍ପତ୍ତି ନେଇ ଉପସ୍ଥିତିକୁ ଉମେଶ ବାବୁ ଆହୁରି ବନ୍ଧୁପ୍ରିୟ କରିଦେଲେ । ସୁମିତାଙ୍କ ମନରେ ଆହୁରି ଗଭୀର ପ୍ରଭାବ ପଡ଼ିଲା ସେତେବେଳେ ଯେତେବେଳେ ଉମେଶ ବାବୁ କହିଲେ ମଣିଷ କେବେହେଲେ ବି ମରି ପାରିବ ନାହିଁ । ମରିଗଲେ ବି ଭଲ ପାଉଥିବା ଲୋକମାନେ ସବୁ କଥାରେ ମନେ ପକେଇ ଭୁଲି ହେବାକୁ ଦେବେ ନାହିଁ । ଶ୍ରାଦ୍ଧ ଦିବସ ଅବସରରେ ଆମ ସଂସ୍କୃତି ଆମକୁ ଏଇ ଶିକ୍ଷା ଦେଇଥାଏ । ମହେଶ୍ୱର ବାବୁ ମରିଛନ୍ତି ସତ କିନ୍ତୁ ତା ଠାରୁ ଆହୁରି ଅଧିକ ସତ କଥା ହେଉଛି ମରିଗଲେ ବି ମରି ପାରିବେ ନାହିଁ ସେ କାରଣ ଜୀବନୀ ଖଣ୍ଡେ କର୍ତ୍ତବ୍ୟ କର୍ମ ଯାହା ସେ କରିଯାଇଛନ୍ତି ସେ ସବୁର ଏକକ ସଂଗ୍ରହ । ପଢ଼ିବା ଲୋକେ ବୁଝିବା ଲୋକେ ଖୋଜିବେ କିଏ ଥିଲେ ଏ ଅମର ଆଦର୍ଶ ପୁରୁଷ ମହେଶ୍ୱର । ଭଲ ମଣିଷ ମରେ ନାହିଁ । କେବେ କଲା ଭଲ କାମ ମରିବାକୁ ଦିଏ ନାହିଁ । ମଣିଷ ଭଲ କାମ ପାଇଁ ମରି ପାରେ ନାହିଁ ।

ସବୁ ଶେଷରେ ମଞ୍ଚରୁ ସମସ୍ତେ ବିଦା ହେବା ପରେ ସମସ୍ତ ଆୟୋଜନ ଓ ବ୍ୟବସ୍ଥା କଥା ଟିକିନିକି କରି ତୁଟାଇ ଫେରିବାକୁ ଉମେଶ

ବାବୁଙ୍କ କଥା ସୁମିତାଙ୍କ ଅନୁରୋଧ କାଟି ଦେଲା। ଏଇଥି ପାଇଁ ଯେ ସେ କୌଣସି ମତେ ତାଙ୍କୁ ସେଦିନ ଘରେ ମୁହଁ ନ ମାରି ଫେରିବାକୁ ଦେବେ ନାହିଁ, ବିଶେଷ କରି ପିଲାଙ୍କୁ ଆଶୀର୍ବାଦ ଭିକ୍ଷା ନଦେଇ। ଦାତା ସେ। ମରିଗଲେ ବି ଅମର କରି ଦେଇ ମହେଶ୍ୱର ବାବୁଙ୍କୁ ସେ ସୁମିତାଙ୍କ ପରିବାରର ଯେଉଁ କଲ୍ୟାଣ କରିଛନ୍ତି ତାକୁ ତ ଭୁଲି ହେବ ନାହିଁ, କିନ୍ତୁ ଯେତେବେଳେ ଉମେଶ ବାବୁଙ୍କ ଜୀବନ ଦାନରେ ସେଦିନ ସୁମିତା ବି ନିଜେ ଇଚ୍ଛା କରିଛନ୍ତି ବଞ୍ଚି ରହି ସ୍ୱାମୀଙ୍କ ଆଦର୍ଶକୁ ଆଗକୁ ଖୋଲା ଭାବରେ ନେବେ, ସେ ନିଜେ ହିଁ ଅଦ୍ଭୁତକର୍ମା ଇଚ୍ଛାମୟ ଭଗବାନଙ୍କଠାରୁ ସେମାନଙ୍କ ପାଇଁ କିଛି କମ୍ ନୁହଁନ୍ତି। ପରବର୍ତ୍ତୀ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଜୟଯୁକ୍ତ ହୋଇ ଲୋକ ସେବା ପାଇଁ ନିଜକୁ ନୂଆ ଢାଞ୍ଚାରେ ଢାଳି ବିଧାୟକ ଭାବରେ ଶପଥ ନେଲେ ବୋଲି ଟେଲିଭିଜନରେ ପ୍ରସାରିତ ହେଉଥିବା ଖବରରେ ଦେଖାଗଲେ ସୁମିତା। ସେବାର ସ୍ରୋତରେ ମିଶି ନିଜକୁ ନମ୍ର ଭାବରେ ଲୋକାର୍ପଣ କରି ସୁମିତା ହେଲେ ପ୍ରକୃତ ପକ୍ଷେ ଇସ୍ପାତ-ହୃଦୟା - ନୂଆ ଜନ୍ମରେ ବିଜୟିନୀ।

ପ୍ରଫେସର ଇଂରାଜୀ ବିଭାଗ,
ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ,
ଦୋଇମୁଖ, ଅରୁଣାଚଳ ପ୍ରଦେଶ
ମୋ-୭୯୭୮୬୨୬୧୦୦



# ସୃଷ୍ଟି ଓ ସ୍ରଷ୍ଟା- ଏକ ନିଚ୍ଛକ ଅନୁଭୂତି

*ସୁନନ୍ଦା ପଣ୍ଡା*

**ଜୀ**ବନକୁ ପ୍ରତିପାଦିତ କରିବା ପାଇଁ ଯୁଗେ ଯୁଗେ ସୃଷ୍ଟିର ପ୍ରାରମ୍ଭରୁ ବିବିଧ ସଂଜ୍ଞାର ଉପଯୋଗିତା ଆମେ ଜାଣିଛୁ। ଦର୍ଶନରୁ ସାହିତ୍ୟ ପର୍ଯ୍ୟନ୍ତ, ବୈଜ୍ଞାନିକଙ୍କଠୁ ଚିକିତ୍ସକଙ୍କ ପର୍ଯ୍ୟନ୍ତ ଏହାର ମୂଳ ଉତ୍ସ ସମସ୍ତେ ଖୋଜି ଚାଲିଛନ୍ତି। ଡାର୍‌ଉଇନ୍‌ଙ୍କ ବିବର୍ତ୍ତନବାଦ ହେଉ କି କୌଣସି ଧର୍ମୀୟ ଟିପ୍ପଣୀ ହେଉ ସମସ୍ତେ ଗୋଟିଏ ବାକ୍ୟରେ ସ୍ତବ୍ଧ – ଏ ସୃଷ୍ଟି- ସେ ପ୍ରାଣୀ ହେଉ, ଉଦ୍ଭିଦ ହେଉ କି ମଣିଷହେଉ, ସୃଷ୍ଟି ହେଉଛି କେମିତି ? ଆମେ ପ୍ଲାଷ୍ଟିକ୍‌ର ଗଛ, ଫୁଲ, କୃତ୍ରିମ ଝରଣା, ବନ୍ୟଜନ୍ତୁଙ୍କର ସ୍ୱରୂପ ଏମିତିକି, ରୋବଟ୍ ପର୍ଯ୍ୟନ୍ତ ସବୁକୁ ପରିଚାଳିତ କରିପାରୁଛେ, ଟେଷ୍ଟଟ୍ୟୁବ୍ ବେବି ସ୍ଥାପନା କରୁଛେ। କିନ୍ତୁ ସେଥିରେ ଜୀବନ ସତ୍ତା ସଞ୍ଚରଣ କରୁଛି କିଏ ! ସେଥିପାଇଁ ତ ଆସ୍ତିକ ଓ ନାସ୍ତିକ ଭାବନା ଆମେ ଦେଖୁଛେ। କିନ୍ତୁ ଏହା ଏକ ମୁଦ୍ରାର ଦୁଇ ପାର୍ଶ୍ୱ ପରି – ସୂକ୍ଷ୍ମ ଚେତନାରେ ଜୀବନ ବା ପ୍ରାଣ ଅନୁଭବ କରିହୁଏ। ସ୍ଥୁଳ ଚେତନାର ଆମ ଶରୀରର ଚଳନକୁ ବଞ୍ଚିବା କହୁ। ରୋଗୀଟିଏ ତା'ର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଡାକ୍ତରଙ୍କ ଉପରେ ଭରସା ରଖିଥାଏ; କିନ୍ତୁ ଯେତେବେଳେ ଡାକ୍ତର ଶେଷ ବାଣୀ ଶୁଣାନ୍ତି ସକଳ ପ୍ରିୟଜନ ହାତ ଯୋଡ଼ି କହନ୍ତି "ଭଗବାନ- ପ୍ରଭୁ ! ସବୁ ତୁମରି ଇଚ୍ଛା" ଏ କିଏ ? ଆମର ଅନ୍ତର୍ନିହିତ ଶକ୍ତି ନା ଆମର ଦୃଢ଼ ଚେତନାର ତରଙ୍ଗ ? ଅଗଣିତ ପୁରାଣ ଶାସ୍ତ୍ର, ବାଇବେଲ୍, କୋରାନ୍, ସତ୍ତାକୁ ନେଇ ଭିନ୍ନ ମତ ରଖନ୍ତି। ଜୋରାଷ୍ଟ୍ରିଆନମାନେ ଅଗ୍ନିକୁ ସୃଷ୍ଟିକର୍ତ୍ତା ମାନନ୍ତି ! ଆଲ୍ଲା, ଯୀଶୁ, ବୁଦ୍ଧ ସମସ୍ତେ ଜୀବନରେ ଘାତ ପ୍ରତିଘାତରୁ ମହାମାନବ ହୋଇଛନ୍ତି। ମଣିଷର ଆସ୍ଥା, ବିଶ୍ୱାସ ଓ ଭରସା ଜିତିଛନ୍ତି। ଆମ ଦେଶର ମହାତ୍ମା ଗାନ୍ଧୀ ଅନ୍ତିମ ଅବସ୍ଥାରେ ଟଳି ପଡିଲାବେଳେ "ହେ ରାମ !" ବୋଲି ଉଚ୍ଚାରଣ କରିଥିଲେ। ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ବାରମ୍ବାର ପଚାରିଥିଲେ, "ଏମନ କାଲି ମୂର୍ତ୍ତିକେ ତୁମେ ମା-ମା କେମନ୍ ବୋଲେଛେଁ"। ସେହି ନରେନ୍ ପ୍ରତ୍ୟକ୍ଷ ଅନୁଭବରେ ସ୍ୱାମୀ ବିବେକାନନ୍ଦ ହୋଇ ଆମ ବେଦର "ବସୁଧୈବ କୁଟୁମ୍ବକମ୍"ରେ ଅନୁପ୍ରାଣିତ ହୋଇ ଚିକାଗୋ ଧର୍ମ ମହାସଭାରେ ସକଳ ମନୁଷ୍ୟ ଜାତିକୁ "ମୋର ଭାଇ ଓ ଭଉଣୀମାନେ" ସମ୍ବୋଧନ କରି ସମସ୍ତଙ୍କୁ ଏକାକାର କରିଦେଲେ।

ଏଣୁ ଜଣେ ତ କିଏ ଅଦୃଶ୍ୟ ଶକ୍ତି ସାରା ବିଶ୍ୱକୁ ପରିଚାଳିତ କରୁଛି – ଏଥିରେ ଦ୍ୱିମତ ହେବାର ନାହିଁ। ଜୀବନକୁ ଅନୁଭବ କରିବାଟା ହିଁ ଆମର ସୂକ୍ଷ୍ମ ଶକ୍ତି ବା ସୂକ୍ଷ୍ମ ଦୃଷ୍ଟି। ସେଥିରେ ହିଁ ଆମେ ଅଦୃଶ୍ୟ ସତ୍ତାକୁ ନମନ କରୁ। କବି ୱାର୍ଡସ୍‌ୱାର୍ଥ୍ ପ୍ରକୃତି ଝରଣା, ଫୁଲ, ବୃକ୍ଷ ଏବଂ ଛୋଟପିଲାମାନଙ୍କର ଦରୋଟି ହସରେ ମାନବତ୍ତା ଅନୁଭବ କରିଥିଲେ। ଲିଓ ଟଲଷ୍ଟୟଙ୍କର ସବୁ ଚରିତ୍ର ମାନବ ରୂପରେ ଭଗବାନଙ୍କ ସତ୍ତା ପ୍ରମାଣିତ କରିଛନ୍ତି। ଆମେରିକୀୟ କବି ରବର୍ଟ ଫ୍ରଷ୍ଟ ଫୁଲଟିକୁ ଭଗବାନଙ୍କ ଟେଲିଫୋନ୍ ବୋଲି "ହେଲୋ" କରି ତାଙ୍କ ଅନୁଭବ ଲେଖିଛନ୍ତି। ଜୀବନଟା ଅନିଶ୍ଚିତ ଏଥିରେ ଦ୍ୱିମତ ନାହିଁ। କିନ୍ତୁ ସେହି ଅନିଶ୍ଚିତତାକୁ ଛାଡ଼ି ଦେଇ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ନିଜର କର୍ମ କରିବାକୁ କହି ଗାଣ୍ଡୀବ ଧନୁ ଉଠାଇବାକୁ ଶ୍ରୀମଦ୍ ଭଗବତ୍ ଗୀତାରେ ପରାମର୍ଶ ଦେଇଛନ୍ତି।

ହିନ୍ଦୁ ଧର୍ମରେ ସକଳ ଦେବାଦେବୀ ପ୍ରକଟିତ। ଶ୍ରୀରାମ, ଶ୍ରୀକୃଷ୍ଣ, ଦଶାବତାର, ମା ଦୁର୍ଗା, କାଳୀ, ଶିବ- ସବୁ ଆମ ମାନବ ଚେତନାର ବିଭିନ୍ନ ସ୍ୱରୂପ। ସମସ୍ତ ଜୀବ ଜଗତରେ ସେ ଅଦୃଶ୍ୟ ପ୍ରାଣସତ୍ତାକୁ ଅନୁଭବ କରିବା ସମସ୍ତଙ୍କ ଦ୍ୱାରା ହୁଏ ନାହିଁ। ସେକ୍ସପିଅର୍‌ଙ୍କ ଚାରିଟାଯାକ ଟ୍ରାଜେଡ଼ିରେ ଚରିତ୍ର ସବୁକୁ ମଣିଷର ଗୁଣ ଅନୁସାରେ ସୃଷ୍ଟି କରିଛନ୍ତି – ଅହଂକାର, ଦ୍ୱନ୍ଦ୍ୱ, ହିଂସା, ଦୂରାଶା ସବୁଟା ମଣିଷ ଭିତରେ। କିନ୍ତୁ ସେଥିରେ ସେ ଲେଖିଛନ୍ତି- 'As flies to the wanton boy's we are to the destiny' ସେଥିପାଇଁ ତ ଆମେ ପ୍ରତି ମୁହୂର୍ତ୍ତରେ ହାରିଯାଇ ବିପୁଣି ଉଜ୍ଜୀବିତ ହେଉ ଜୀଇଁବାର ଆଶାରେ, ଆଗକୁ ଚାଲୁଛେ। ସେଥିପାଇଁ ତ ଆମ ବିଶ୍ୱାସ- "କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ"।

ସେଥିପାଇଁ ସମସ୍ତଙ୍କୁ ନିଜ ହୃଦୟରେ ଅନୁଭବ କରି, ବିଶ୍ୱାସ କରି- ସମସ୍ତେ ଆମର, ଆମେ ସମସ୍ତଙ୍କର ଏହି ଭାବନାରେ ଆମ ଭିତରୁ ସବୁ ଦ୍ୱନ୍ଦ୍ୱ ଓ ଅନିଶ୍ଚିତତା ଦୂର କରିଦେଉ। ଆମ ପ୍ରକୃତିର ପ୍ରସ୍ଫୁଟିତ ଫୁଲ ସବୁ ସମୟ ପୂର୍ବରୁ ଫୁଟେ ନା କି ସୁରଭି ଆମେ ଭରୁ ନାହେଁ। ଚାନ୍ଦ୍ର ନେଇ ଆମେ ଆଗକୁ ଯାଇ ପାରିବା, କିନ୍ତୁ ସୂର୍ଯ୍ୟ, ଚନ୍ଦ୍ର, ତାରା ବା ଦିଗ୍‌ବଳୟର ଶୋଭା ସୃଷ୍ଟି କରିପାରିବନି। କାଲିଟା ଅନିଶ୍ଚିତ ବୋଲି ଆମେ ଜାଣିଛେ, କିନ୍ତୁ ତାକୁ ନିଶ୍ଚିତ କରିବା ପାଇଁ ଆମେ ନିଜକୁ ଚାରି କାନ୍ଥ ଭିତରେ ବନ୍ଦ କରିପାରିବାନି ବା ରାଜା ମିଦାସଙ୍କ ପରି ଫୁଲଠୁ, ଝରଣାଠୁ, ଜୀବନ୍ତ ଝିଅକୁ ବି ସୁନାରେ କରି ବଞ୍ଚି ପାରିବାନି। ଜୀବ ଜଗତର ଆତ୍ମା ହେଉଛି ଗତିଶୀଳ। ଏଥିପାଇଁ ତ ମୃତ୍ୟୁର ପୂର୍ବ ରାତିରେ ବି ପଣ୍ଡିତ ଜବାହାରଲାଲ ନେହେରୁ ଲେଖିଥିଲେ କବି ରବର୍ଟ ଫ୍ରଷ୍ଟଙ୍କର ଦୁଇ ଧାଡ଼ି –

“The woods are dark and deep
miles to go before I sleep,
miles to go before I sleep,”

ମୁଁ ନିଜ ଅନୁଭୂତିରୁ ୨ ଧାଡ଼ି ଲେଖି ଏହା ଶେଷ କରୁଛି –

“ହେ ଈଶ୍ୱର ? ନିରାକାର ନିରାଧାରର ଆଧାର
ତୁମେ ବି କିପରି ରହିପାର ଦୁଃଖରେ ନିରୂପଦ୍ରବ ?
ସୁଖରେ ନିରୁଦ୍‌ବିଗ୍ନ ?
ମଣିଷର ସୁଖ-ଦୁଃଖର ଆପେକ୍ଷିକ ଦୂରତା ଭିତରେ
ପାଇବା-ନପାଇବାର ନିର୍ଲିପ୍ତତା ଭିତରେ
ଆନନ୍ଦ ନିରାନନ୍ଦର ସମାନ୍ତରାଳ ସରଳରେଖାରେ
ତୁମକୁ ଆମେ ଅନୁଭବ କରୁ
ଆଲୋକର ବିନ୍ଦୁଟିଏ ପରି
ଆଶାର କିରଣ ବିକିରଣ କରି କରି ।”

ପ୍ରାଧ୍ୟାପିକା- ସୁନନ୍ଦା ପଣ୍ଡା
ଏକାମ୍ର ଭିଲ୍ଲା, ଘର ନଂ-୪୪
ଫୋନ୍ ନଂ-୯୨୩୮୬୯୯୬୮୮



୩

# କାମନା, ବାସନା ଓ ସାଧନା ....



# ମାୟାରେ ବାୟା

*ମନୋଜ କୁମାର ମହାପାତ୍ର*

**ଆ**ମେ ପ୍ରାୟତଃ କଥା କଥାରେ କହୁ ଯେ ଏହି ମାୟା ସଂସାରରେ କେହି କାହାର ନୁହନ୍ତି । ଅଥଚଃ ମାୟା କଣ ଆମେ ବୁଝିବାକୁ ଚେଷ୍ଟା କରୁନି । ଖାଲି ମାୟା ମାୟା ହୁଅନ୍ତି । କିନ୍ତୁ ଗୋଟିଏ କଥା ସତ୍ୟ ଯେ ଏହି ଦ୍ୱୈତପୂର୍ଣ୍ଣ ସଂସାରରେ ଆମର ନିତ୍ୟନୈମିତ ଜୀବନ ମାୟା ବିନା ଆଦୌ ସମ୍ଭବ ନୁହେଁ । ଆମେ ମାୟାରେ ଜୀବନ ବଞ୍ଚୁ, କାର୍ଯ୍ୟ କରୁ ଏବଂ କେତେ କଥା ଭାବୁ, କଳ୍ପନା କରୁ... ଇତ୍ୟାଦି । ମାୟା ଏକ ରହସ୍ୟମୟ ଶକ୍ତି । ସେଥିପାଇଁ ଶାସ୍ତ୍ରରେ ମାୟା 'ଅଘଟଣ ଘଟଣା ପଟିୟସି' ବୋଲି ବର୍ଣ୍ଣିତ ହୋଇଛି । ଅର୍ଥାତ୍ ଅସମ୍ଭବକୁ ସମ୍ଭବ କରିଦେବାର ଶକ୍ତି । ଏପରିକି ଈଶ୍ୱରଙ୍କର ଅବତାରମାନେ ବି ନିଜର ଐଶ୍ୱରିକ କ୍ଷମତା ଓ ଅତିମାନବୀୟ ଔଜ୍ଜ୍ୱଲ୍ୟକୁ ଭୁଲି ସାଧାରଣ ମରଣଶୀଳ ମଣିଷ ଭଳି ବ୍ୟବହାର କରିବାର ଦୃଷ୍ଟାନ୍ତ ରହିଛି । ଆମ ମନରେ ଯେତେପ୍ରକାର ପରସ୍ପର-ବିରୋଧୀ ଭାବନା ଜାତହୁଏ, ତାହାର କାରଣ ହେଉଛି ମାୟା ବୋଲି ବେଦାନ୍ତ କହେ । ଭଲକୁ ସଦାବେଳେ ଅନୁସରଣ କରେ ମନ୍ଦ, ତଥାପି ଆମେ ଭଲ କାମଟିଏ କରିବାକୁ ପସନ୍ଦ କରୁ , କାହିଁକି ନା ଆମର ବିଶ୍ୱାସ ଯେ ଏହି ଆପେକ୍ଷିକ ଜଗତରୁ ସବୁତକ ମନ୍ଦକୁ ବିଲୋପ କରିଦେବୁ । ଜଣେ ଲୋକ ତାର ନିଜର ଆତ୍ମୀୟକୁ ସର୍ବସ୍ୱାନ୍ତ କରିବାକୁ ପଶ୍ଚାତ୍‌ପଦ ହୁଏନି, ପୁଣି ମୃତ୍ୟୁ ପରେ ଶାଶ୍ୱତ ସୁଖର ଆଶା ବାନ୍ଧି ଦାନଧର୍ମ କରେ । ବିନା ଆସକ୍ତିରେ ଏ ସଂସାରରେ ସୁଖ ସମ୍ଭବ ନୁହେଁ ବୋଲି ସେ ଭାବେ, ସେଥିପାଇଁ ନିଜକୁ ବନ୍ଧନରେ ବାରମ୍ୱାର ପକାଏ ଏବଂ ନିଜେ ଓ ଅନ୍ୟକୁ ଦୁଃଖରେ ଭସାଏ । ଅର୍ଥ (ଟଙ୍କା) ଆମକୁ ଦିଏ ଅବସର ଓ ବିନୋଦ ଏବଂ ସୃଷ୍ଟି କରେ ସମାଜ ଓ ଦେଶରେ ସଂସ୍କୃତି, ପରିଶେଷରେ ସବୁକିଛି ଧ୍ୱଂସ ପାଇଯାଏ । ପ୍ରକୃତିକୁ ସମ୍ବଳ ମାଧ୍ୟମରେ ଜୟ କରିବାକୁ ଆମେ ଚାହୁଁ, ଶେଷରେ ବସ୍ତୁ ନିକଟରେ ଦାସ ପାଲଟି ଯାଆନ୍ତି । ଏ ସବୁ ହିଁ ମାୟା ।

ଯେ ପର୍ଯ୍ୟନ୍ତ ଆମେ ନିଜକୁ ଆପେକ୍ଷିକ ଜଗତ ବା ରିଲେଟିଭ ଓାର୍ଲ୍ଡ ସହିତ ପରିଚିତ କରାଉଥିବା, ସେ ପର୍ଯ୍ୟନ୍ତ ମାୟା ଆମର ପ୍ରତ୍ୟେକ କର୍ମ ଓ ଭାବନା ଉପରେ ବିଭିନ୍ନ ବିରୋଧାଭାସ ଜାରି ରଖିବ ହିଁ ରଖିବ । କେବଳ ଅଜ୍ଞାନ ଅନ୍ଧକାର ଭିତରେ ନିଜର ଗୋଛା ଗୋଛା କାମନାକୁ ପୂରଣ କରିବା ଉଦ୍ଦେଶ୍ୟରେ ମଣିଷ ଏଠି ସେଠି ଘୂରିବୁଲେ । ଜଗତର ଅଧିଷ୍ଠାନ ବା ମୂଳ କାରଣ ଶୁଦ୍ଧ ଚୈତନ୍ୟ ବ୍ରହ୍ମଙ୍କୁ ଉପଲବ୍ଧି କରିପାରେନା । ଜଗତକୁ ସତ ମଣେ ଏବଂ ଜଗତ ପଶ୍ଚାତ୍‌ରେ ଥିବା ଅଧିଷ୍ଠାନ (substratum)କୁ ଭୁଲିଯାଏ । ଏହି ବିସ୍ମରଣ ହିଁ ବେଦାନ୍ତ ଭାଷାରେ ମାୟା । ଏହି ମାୟାକୁ କେହି ବର୍ଣ୍ଣନା କରିପାରିବେନି । ତଥାପି ଏହାର ପ୍ରଭାବକୁ ଜାଣି ପାରିବା । ସୃଷ୍ଟି, ସ୍ଥିତି ଓ ବିନାଶର ଯେଉଁ ଅବିରତ କ୍ରିୟା ଏହି ଜଗତରେ ଚାଲିଛି, ତାହା ହିଁ ମାୟାର କାର୍ଯ୍ୟ । ଏହି କାର୍ଯ୍ୟକୁ ମାୟା ଦୁଇଟି ଶକ୍ତି ମାଧ୍ୟମରେ ସମ୍ପାଦିତ କରୁଥାଏ । ଗୋଟିଏ ହେଲା ଆବରଣ-ଶକ୍ତି ଓ ଅନ୍ୟଟି ବିକ୍ଷେପ-ଶକ୍ତି । ଆବରଣ-ଶକ୍ତି ଜୀବକୁ ଶୁଦ୍ଧ ଚୈତନ୍ୟ ବ୍ରହ୍ମଙ୍କ ଠାରୁ ଲୁଚାଇ ରଖେ । ଯେତେବେଳେ ବ୍ରହ୍ମଙ୍କର ପ୍ରକୃତ ସ୍ୱରୂପ ଆବୃତ ହୁଏ, ସେତେବେଳେ ମାୟାର ବିକ୍ଷେପଣ-ଶକ୍ତିଟି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକରେ । ବ୍ୟକ୍ତିକ ଓ ଆପେକ୍ଷିକ ଅସ୍ତିତ୍ୱର ଉପାଧିଗୁଡିକ (conditions) କାର୍ଯ୍ୟକ୍ଷମ ହୋଇଯାଆନ୍ତି । ତା'ର ମାନେ ହେଉଛି ଜୀବ ନିଜର ଅସ୍ତିତ୍ୱ ସହିତ ଜଗତର ଅସ୍ତିତ୍ୱକୁ ଅଲଗା ଭାବେ । କେବଳ ସେତିକି ନୁହେଁ ଏ ଜଗତର ସମସ୍ତ ଜୀବ ଓ ଅଜୀବ ବସ୍ତୁକୁ ପରସ୍ପର ଠାରୁ ଭିନ୍ନ ବୋଲି ଧରିନିଏ । ଯେମିତି ଅନ୍ଧାର ରାତିରେ ରାସ୍ତାରେ ପଡିଥିବା ଦଉଡ଼ିକୁ ଜଣେ ସାପ ବୋଲି ଭାବିନେଇ ଭ୍ରମିତ ହୁଏ, ଠିକ୍ ସେପରି ଦଉଡ଼ି ରୂପକ ସତ୍ୟକୁ ଭୁଲିଯାଇ ନିଜକୁ ଏବଂ ସଂସାରକୁ ସାପ ବୋଲି ଭାବିନିଏ । ବ୍ରହ୍ମଙ୍କର ପ୍ରକୃତ ସ୍ୱରୂପକୁ ମାୟା ଲୁଚାଇ ଦେଇଥିବାରୁ ଉପାଧିଗୁଡିକର ଆବିର୍ଭାବ ଘଟେ ଯାହାଫଳରେ ଜୀବ ନିଜକୁ ଏକ ସୀମିତ ଜୀବ (Finite creature) ଭଳି ଭାବିନିଏ । ସବୁକାମ ସେ ନିଜେ କରୁଛି ବୋଲି ତାର ଧାରଣା ଜନ୍ମେ ଏବଂ ସେଥିପାଇଁ କର୍ତ୍ତୃତ୍ୱାଭିମାନରେ ବଶୀଭୂତ ହୋଇ ସୁଖ ଓ ଦୁଃଖ ଭୋଗ କରିବାକୁ ବାଧ୍ୟହୁଏ । ଆମକୁ ମନେ ରଖିବାକୁ ହେବ ଯେ ମାୟାର ଦୁଇଟିଯାକ ଆବରଣ-ଶକ୍ତି ଓ ବିକ୍ଷେପ-ଶକ୍ତି ପ୍ରାୟତଃ ଏକା ସାଙ୍ଗରେ କାର୍ଯ୍ୟ କରୁଥାନ୍ତି । ଅଜ୍ଞାନତା ଯେମିତି ରଜ୍ଜୁର ପ୍ରକୃତ ସ୍ୱରୂପକୁ ଲୁଚାଇଦେଲା, ସେମିତି ତାର ଅନ୍ତର୍ନିହିତ ଶକ୍ତି ଦଉଡିକୁ ସାପ ଭଳି ଦେଖାଇଦେଲା । ମାୟାର ଆବରଣ-ଶକ୍ତି ଆମ ଭିତରେ ସୃଷ୍ଟିକଲା ଅଜ୍ଞାନ ଏବଂ ବିକ୍ଷେପ-ଶକ୍ତି ଦଉଡ଼ିକୁ ସାପ ଭଳି ଦେଖାଇଲା । ମାୟାର ବିକ୍ଷେପ-ଶକ୍ତି ସମଗ୍ର ବ୍ରହ୍ମାଣ୍ଡ ଓ ତା ଭିତରେ ରହିଥିବା ସମସ୍ତ ବସ୍ତୁକୁ ସୃଷ୍ଟି କରିଛି ବୋଲି ବେଦାନ୍ତ କହେ । ସୁତରାଂ ବ୍ରହ୍ମ ମାୟାର ସହଯୋଗରେ ଏହି ଜଗତକୁ ପ୍ରକାଶମୟ କରିଛନ୍ତି, ଅର୍ଥାତ ମାୟା ହିଁ ଏ ଜଗତର ଅଭିବ୍ୟକ୍ତି । କିନ୍ତୁ ଏହି ଅଭିବ୍ୟକ୍ତି (manifestation) କେବଳ ଏକ ପ୍ରତୀୟମାନ ରୂପ (Appearance), ଏହା ସତ୍ୟ ନୁହେଁ । କାହିଁକି ନା ପରମସତ୍ୟ ପରଂବ୍ରହ୍ମ ସୃଷ୍ଟିରେ ଅଂଶଗ୍ରହଣ କରନ୍ତି ନାହିଁ । ଯଦି

ଜଣେ ଦ୍ୱୈତ ଭୂମିରେ ଠିଆହେଇ ବ୍ରହ୍ମାଣ୍ଡକୁ ଚିନ୍ତାକରେ, ତେବେ ତାର ଗୋଟିଏ 'କାରଣ' ସେ ନିଶ୍ଚିତ ଖୋଜିବ ଏବଂ ଉପଲବ୍ଧି କରିବ ଯେ ବ୍ରହ୍ମମାୟା ସହଯୋଗରେ ଏ ସୃଷ୍ଟିକୁ ପ୍ରକାଶ କରିଛନ୍ତି। କିନ୍ତୁ ଅଦ୍ୱୈତ ବେଦାନ୍ତ ମତରେ ଏହି ଜଗତ ଏକ ମିଥ୍ୟା ଯାହା ବ୍ରହ୍ମଙ୍କ ଉପରେ କେବଳ ଆରୋପିତ ମାତ୍ର। ଏହି ଆରୋପଣ (superimposition) ଦ୍ୱାରା କେବେ ବି ବ୍ରହ୍ମ ପ୍ରଭାବିତ ହୁଅନ୍ତିନି।

ମାୟା ଆମ ସମ୍ମୁଖରେ ଦୁଇଟି ଭିନ୍ନ ଉପାୟ ବା ଦିଗରେ ପ୍ରତୀୟମାନ ହୁଏ, ଅବଶ୍ୟ ଏହା ଆମର ଦୃଷ୍ଟିକୋଣ ଉପରେ ନିର୍ଭର କରେ। ଗୋଟିଏ ହେଉଛି ସମଷ୍ଟି ଦିଗ (cosmic aspect), ଅନ୍ୟଟି ବ୍ୟଷ୍ଟି (Individual aspect)। ସମଷ୍ଟି ଦିଗର ଦୃଷ୍ଟିକୋଣରୁ ମାୟା ଏକ କିନ୍ତୁ ବ୍ୟଷ୍ଟିର ଦୃଷ୍ଟିକୋଣରୁ ମାୟା ହେଉଛି ଅନେକ। ବେଦାନ୍ତର ଦାର୍ଶନିକମାନେ ଏହି ତତ୍ତ୍ୱକୁ ବୁଝିବା ପାଇଁ ସୁନ୍ଦର ଉଦାହରଣଟିଏ ଦିଅନ୍ତି –ସମଷ୍ଟି ଦୃଷ୍ଟିକୋଣରୁ ଜଣେ ବ୍ୟକ୍ତି ଅନେକ ବୃକ୍ଷ ଦେଖେ ଏବଂ ସେଗୁଡିକୁ ଅରଣ୍ୟ ଭାବରେ ବର୍ଣ୍ଣନା କରେ ଏବଂ ବ୍ୟଷ୍ଟି ଦିଗରୁ ଅରଣ୍ୟକୁ ମଧ୍ୟ ଏତେ ସଂଖ୍ୟକ ଗଛ ଭାବରେ ଜଣେ ବର୍ଣ୍ଣନା କରିପାରେ। କିମ୍ବା ଜଣେ ବ୍ୟକ୍ତି ସମଷ୍ଟି ଦିଗରୁ ଜଳରାଶିକୁ ସମୁଦ୍ର ବା ହ୍ରଦ ଭାବେ ବର୍ଣ୍ଣନା କରିପାରେ ଏବଂ ବ୍ୟଷ୍ଟି ଦିଗରୁ ଜଣେ ବ୍ୟକ୍ତି ସମୁଦ୍ର ବା ହ୍ରଦର ଜଳରାଶିକୁ ଏତେ ପରିମାଣର ଜଳ ଭାବେ ବି ବର୍ଣ୍ଣନା କରିପାରେ। ବେଦାନ୍ତ ଏହିପରି ଭାବରେ ସମଗ୍ର ବ୍ରହ୍ମାଣ୍ଡକୁ ସମଷ୍ଟି–ମାୟା ଓ ବ୍ୟକ୍ତି ସ୍ତରରେ ବ୍ୟଷ୍ଟି–ମାୟା ବୋଲି କହିଥାଏ। ଉଭୟ ସମଷ୍ଟି ଓ ବ୍ୟଷ୍ଟି ସ୍ତରର ମାୟା ବ୍ରହ୍ମଙ୍କର ପ୍ରକୃତ ସ୍ୱରୂପକୁ ଲୁଚାଇ ରଖେ। ତେଣୁ ଅସୀମ ଅନନ୍ତ ଓ ଶାଶ୍ୱତ ପରମସତ୍ୟ ବ୍ରହ୍ମ କାଳ ଓ ସ୍ଥାନର ସସୀମତା ଯୋଗୁ ବିଚରା ଜୀବ ଏକ ସୀମିତ ବ୍ୟଷ୍ଟି ଭାବରେ ପ୍ରତୀୟମାନ ହୋଇଥାଏ । ବର୍ତ୍ତମାନ ଆମେ ଦେଖିବା ଯେ ସମଷ୍ଟି ମାୟାର ସଂସ୍ପର୍ଶରେ ଆସି ବ୍ରହ୍ମ ସ୍ୱୟଂ ଈଶ୍ୱର ବା ସଗୁଣ ବ୍ରହ୍ମ ଭାବରେ ପ୍ରତୀୟମାନ ହୁଅନ୍ତି ଏବଂ ବ୍ୟଷ୍ଟି ମାୟାର ସଂସ୍ପର୍ଶରେ ଆସି ଜୀବ ବା ଆତ୍ମା ଭାବରେ ପ୍ରତୀୟମାନ ହୁଅନ୍ତି। ସୁତରାଂ ଏହି ମାୟା ବ୍ରହ୍ମଙ୍କର ଉପାଧି ହୋଇଯାଏ। ଏହି ଉପାଧିର ପରିବର୍ତ୍ତନ ହୁଏ ଏବଂ ବସ୍ତୁର ପ୍ରକୃତ ରୂପକୁ ସୀମିତ କରିଦିଏ। କିନ୍ତୁ ଏହି ସୀମିତତା କେବଳ ପ୍ରତୀୟମାନ, କିନ୍ତୁ ସତ୍ୟ ନୁହେଁ। ବିଭିନ୍ନ ଭୌତିକ ଶରୀରର ଉପାଧି ମାନ ସହିତ ପରିଚିତ ହୋଇ ବ୍ରହ୍ମ ପ୍ରତୀୟମାନ ହୁଅନ୍ତି ଦେବତା, ପରୀ, ମାନବ, ପଶୁ, ପକ୍ଷୀ, ଗଛ, ପଥର ଇତ୍ୟାଦି ଆକାରରେ। ଏଠାରେ ଭୁଲିଯିବା ଉଚିତ ନୁହେଁ ଯେ ଉପାଧିଗୁଡିକ ବ୍ରହ୍ମଙ୍କ ଉପରେ କୌଣସି ପରିବର୍ତ୍ତନ ଘଟାଇ ପାରେନି। ଉପାଧିଗୁଡିକୁ ତ୍ୟାଗ କଲେ, ବ୍ରହ୍ମଙ୍କର ଉପଲବ୍ଧି ହେବ। ଏହି ମାୟା ହେଉଛି ସବୁ ନାଟର ଗୋବର୍ଦ୍ଧନ। କିନ୍ତୁ ଏହା ସାଧନାର ବିଷୟ। ଯିଏ ଗୁରୁଙ୍କର ତତ୍ତ୍ୱାବଧାନରେ ନିଷ୍ଠାର ସହିତ ସାଧନା କରିବ, ସେ ହିଁ ମାୟାର ପ୍ରଭାବକୁ ହୃଦୟଙ୍ଗମ କରି ଶାଶ୍ୱତ ପଥରେ ଅଗ୍ରସର ହେଇପାରିବ। କିନ୍ତୁ ଆମ ଭଳି ସାଧାରଣ ଗୃହସ୍ଥ ମଣିଷ ସଂସାରରେ ବାସ କରି ଏହାକୁ ସାଧିବା ବଡ କଷ୍ଟକର ବ୍ୟାପାର ହେଲେ ବି ମାୟା ସମ୍ବନ୍ଧିତ ଜ୍ଞାନ ରହିବା ଉଚିତ, କାହିଁକି ନା ଆମେ ଆମର ସୀମିତ ଜୀବନର ବାସ୍ତବ ଲକ୍ଷ୍ୟପ୍ରତି ଅନ୍ତତଃପକ୍ଷେ ସଚେତନ ହେଇପାରିବା। ସେଥିପାଇଁ ଶ୍ରୀ ରାମକୃଷ୍ଣ କହୁଥିଲେ – 'ଅଦ୍ୱୈତ ଜ୍ଞାନ ଲୁଗାକାନିରେ ବାନ୍ଧି ସଂସାରରେ ବାସ କର'।

## ଚିତ୍ର–ବାଇଗଣ ଓ ସତ–ବାଇଗଣ

ଶୁଦ୍ଧ ଚୈତନ୍ୟ ବ୍ରହ୍ମ କେମିତି ସମଷ୍ଟି–ମାୟା ଓ ବ୍ୟଷ୍ଟି–ମାୟାର ସହଯୋଗରେ ଆସି ଯଥାକ୍ରମେ ଈଶ୍ୱର ଓ ଆତ୍ମା ଭାବେ ପ୍ରତୀୟମାନ ହୁଅନ୍ତି ଏବଂ ବ୍ରହ୍ମଙ୍କର ଉପାଧି ପାଲଟି ଯାଆନ୍ତି ସେସବୁ ଉପରୋକ୍ତ ଧାଡ଼ିରେ ଆଲୋଚିତ କରିଛନ୍ତି। ଏବେ ଆମେ ଆଲୋଚନା କରିବା – ଜୀବ କିଏ ଏବଂ ଏହାର ପ୍ରକୃତ ସ୍ୱରୂପ କଣ ? ବେଦାନ୍ତ ଦର୍ଶନରେ ସାଧାରଣତଃ ତିନୋଟି ଶବ୍ଦ ଯଥା ମାୟା (Illusion), ଅବିଦ୍ୟା (nescience) ଓ ଅଜ୍ଞାନ (Ignorance) ବାରମ୍ବାର ବ୍ୟବହୃତ ହେବାର ଆମେ ଦେଖିବାକୁ ପାଇଥାଉ, କିନ୍ତୁ ଏହି ତିନୋଟି ଶବ୍ଦର ଅର୍ଥ ଗୋଟିଏ, ତାହା ହେଉଛି ଅଜ୍ଞାନ। ବ୍ରହ୍ମ ଶବ୍ଦଟି ଯେତେବେଳେ ବାରମ୍ବାର ଆମେ ବ୍ୟବହାର କରନ୍ତି, ସେତେବେଳେ ଆମକୁ ଗୋଟିଏ କଥା ବିଶେଷ ଭାବେ ସ୍ମରଣ ରଖିବାକୁ ବେଦାନ୍ତ ଶାସ୍ତ୍ର ପରାମର୍ଶ ଦେଇଥାଏ। ସେହି ଜିନିଷଟି ହେଉଛି ଆମେ ଦେଖିପାରୁ ନଥିବା କିମ୍ବା ଅନୁଭବ କରିପାରୁ ନଥିବା କୌଣସି ଈଶ୍ୱର କି କାଳ୍ପନିକ ଅଲୌକିକ ବସ୍ତୁ ବା ଦେବତା ନୁହନ୍ତି ବରଂ ମଣିଷ ସମେତ ସବୁ ଜୀବ ଭିତରେ ପୂରି ରହିଥିବା ଚେତନା (Consciousness), ଯାହା ଦ୍ୱାରା ଆମେ ସର୍ବଦା ଜୀବନ୍ତ ଓ ସଚେତନ ହେଉ । ଏହି ଚେତନା ହିଁ ଏକ ଓ ଅଦ୍ୱୈତ ସର୍ବବ୍ୟାପୀ ଶୁଦ୍ଧ ଚୈତନ୍ୟ ବା Pure Consciousnessଙ୍କର ପ୍ରତିଫଳନ ମାତ୍ର। ଆମ ଭିତରସ୍ଥ ଚେତନାକୁ ସିନା ଆମେ ଜାଣିପାରୁ କିନ୍ତୁ ଶୁଦ୍ଧ ଚେତନା ରୂପୀ ବ୍ରହ୍ମଙ୍କୁ ଆମର ମନ ଓ ବୁଦ୍ଧି ଧରିପାରେନି, ସୁତରାଂ ସେ ବେଦାନ୍ତ ଭାଷାରେ ଅବାଙ୍‌ମନସାଗୋଚର। ତଥାପି ଆମର ବ୍ୟଷ୍ଟି–ଚେତନାର ସାହାଯ୍ୟ ନେଇ ବ୍ରହ୍ମଙ୍କ ପାଖରେ ପହଂଚି ହେବ ବୋଲି ବେଦାନ୍ତର ସୈଦ୍ଧାନ୍ତିକ ପ୍ରମାଣ କହିଥାଏ। ସେଥିପାଇଁ ଶ୍ରୀ ରାମକୃଷ୍ଣଙ୍କ କହୁଥିଲେ – ବାଇଗଣର ଚିତ୍ର ଦେଖିଲେ ସତ–ବାଇଗଣ ମନରେ ଜାଗିଉଠେ। ଶୁଦ୍ଧ ଚୈତନ୍ୟ ବ୍ରହ୍ମ ବ୍ୟଷ୍ଟି–ଅଜ୍ଞତା (individual ignorance) ସଂସ୍ପର୍ଶରେ ଆସିଲେ ଏହାକୁ ଜୀବ ବା ଆତ୍ମା କୁହାଯାଏ। ଗୋଟିଏ ଶରୀରରେ ଜୀବ ବାସ କରେ। ଶୁଦ୍ଧ–ଚୈତନ୍ୟଙ୍କ ଅଖଣ୍ଡ ପ୍ରକାଶରେ ପ୍ରକାଶିତ ଜୀବ ବା ଆତ୍ମା ଗୋଟିଏ ଦୀପ ଭଳି ଅଜ୍ଞାନକୁ ଆଲୋକିତ କରେ। ସେଥିପାଇଁ ଆମର ମନ, ବୁଦ୍ଧି, ଅହଙ୍କାର, ଇନ୍ଦ୍ରିୟ – ଯେଉଁଗୁଡିକ କେବଳ ଅଜ୍ଞାନ ଓ ଜଡ଼ ବସ୍ତୁର ଉତ୍ପାଦର ସମାହାର, ସେଗୁଡିକ ଜୀବନ୍ତ ଓ ସଚେତନ ଭଳି ଦେଖାଯାଆନ୍ତି। ଯେହେତୁ ଆତ୍ମା ବ୍ୟଷ୍ଟି–ମାୟାର ଉପାଧିରୁ ଜାତ, ସେ ସର୍ବଜ୍ଞ ହେଇପାରିବେନି। ମାୟାର ଦାସ ପାଲଟି ଅଜ୍ଞ ହେଇ ରହିଥାଏ। କିନ୍ତୁ ସମଷ୍ଟି–ମାୟାରୁ ଜାତ ଈଶ୍ୱର ସର୍ବଜ୍ଞ।

ଏଠାରେ ଆମକୁ ମନେ ରଖିବାକୁ ହେବ ଯେ ଉଭୟ ଆତ୍ମା ଓ ଈଶ୍ୱର ବ୍ରହ୍ମଙ୍କର ମାୟାରୁ ସୃଷ୍ଟ କିନ୍ତୁ ଈଶ୍ୱର ମାୟାକୁ ସ୍ୱ–ଅଧୀନରେ ରଖିପାରନ୍ତି। ସେ ସ୍ୱୟଂ ମାୟା ଓ ନିଜର ସ୍ୱରୂପ ପ୍ରତି ବି ସର୍ବଦା ସଚେତନ। ଈଶ୍ୱରଙ୍କର ସମଷ୍ଟି–ମାୟା ଜୀବର ବ୍ୟଷ୍ଟି–ମାୟା ଠାରୁ ଖୁବ୍ ଉଚ୍ଚତର। ଈଶ୍ୱରଙ୍କର ସମଷ୍ଟି–ମାୟା ତିନୋଟି ଗୁଣରେ ଗଠିତ ଯଥା – ସତ୍ତ୍ୱ, ରଜ, ତମ, ଯାହା ଦ୍ୱାରା

ତାଙ୍କୁ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ବିନାଶର କାର୍ଯ୍ୟ କରିବାକୁ ପଡିଥାଏ। ଏହି ସମଷ୍ଟି-ମାୟା ହିଁ କାରଣ-ଉପାଦାନ ଯେଉଁଠାରୁ ଏ ସମଗ୍ର ଭୌତିକ ଜଗତ ସୃଷ୍ଟି ହୋଇଛି। ଈଶ୍ୱରଙ୍କ ଭିତରେ ନିହିତ ଏହି ସମଷ୍ଟି-ମାୟାର ଶକ୍ତିକୁ ମହାମାୟା କାଳୀ, ମହାଶକ୍ତି, ଜଗଜ୍ଜନନୀ ଭଳି ବିଭିନ୍ନ ଦିବ୍ୟ ଜନନୀ ରୂପରେ ପୁରାଣମାନଙ୍କରେ ବର୍ଣ୍ଣନା କରାଯାଇଛି। ସେ ନିଜର ପ୍ରଭୁତ୍ୱ ସମଗ୍ର ଜଗତରେ ଜାହିର କରିପାରନ୍ତି। କିନ୍ତୁ ମାୟା ଆତ୍ମା ଉପରେ ସୀମିତତା ଆରୋପିତ କରିଥିବାରୁ ଜୀବ ନିଜର ସ୍ୱରୂପକୁ ଚିହ୍ନିପାରେନି। କିନ୍ତୁ ଈଶ୍ୱର ନିଜର ମାୟା ଦ୍ୱାରା ଆଦୌ ପ୍ରଭାବିତ ବା କ୍ଷତାକ୍ତ ହୋଇପାରିବେନି ଯେମିତି ନାଗସାପ ନିଜର ବିଷ ଦ୍ୱାରା କ୍ଷତିଗ୍ରସ୍ତ ହୁଏନି। ଆପେକ୍ଷିକ ଜଗତରେ ଉଭୟ ଈଶ୍ୱର ଓ ଜୀବ ବ୍ରହ୍ମଙ୍କର ପ୍ରତିଫଳନ ବା ଅଭିବ୍ୟକ୍ତି କିନ୍ତୁ ବୁଢ଼ିଆଣୀ ଯେପରି ନିଜର ବିସ୍ତାରିତ ଜାଲରେ ସ୍ୱାଧୀନ ଭାବରେ ବୁଲାଚଲା କରିପାରେ ସେପରି ଈଶ୍ୱର ସ୍ୱାଧୀନ ଭାବରେ ଗତିଶୀଳ ଓ ଏହି ଆପେକ୍ଷିକ ଜଗତରେ ନିରନ୍ତର କର୍ମରତ। କିନ୍ତୁ ଯେମିତି ଖୋଳପାରେ ଟସର ପୋକ ବନ୍ଦୀ ହେଇ ରହିଥାଏ ସେପରି ବିଚରା ଜୀବର ଅବସ୍ଥା ଆପେକ୍ଷିକ ଜଗତରେ। ବେଦାନ୍ତ ବାରମ୍ବାର କହେ ଯେ ଶୁଦ୍ଧ ବ୍ରହ୍ମ ପରାତ୍ପରଙ୍କ ଦୃଷ୍ଟି କୋଣରୁ ମାୟାର କୌଣସି ଅସ୍ତିତ୍ୱ ନାହିଁ, ସେପରି ବି ଈଶ୍ୱର ଓ ଜୀବ ଅସ୍ତିତ୍ୱହୀନ। ଉଭୟ କେବଳ ପ୍ରତୀୟମାନ (Appearance)। କିନ୍ତୁ ଆପେକ୍ଷିକ ଜଗତରେ ଜୀବ ହେଉଛି ଉପାସକ ଏବଂ ଈଶ୍ୱର ହେଉଛନ୍ତି ପୂଜ୍ୟ। ଈଶ୍ୱର ହିଁ ସ୍ରଷ୍ଟା ଏବଂ ଜୀବ ହେଉଛି ସୃଷ୍ଟି। ଯଦିଓ ଈଶ୍ୱର ବ୍ରହ୍ମଙ୍କ ଠାରୁ ଗୋଟିଏ ପାଦ ତଳେ ଅଛନ୍ତି, ତଥାପି ଏହି ଆପେକ୍ଷିକ ଜଗତରେ ତାଙ୍କର ମହତ୍ୱ ଅସୀମ ଓ ବିଶାଳ। ବ୍ରହ୍ମଙ୍କୁ ଏହି ଆପେକ୍ଷିକ ଜଗତରେ ଆମେ ଆମର ସୀମିତ ମସ୍ତିଷ୍କରେ ପୂରେଇ ପାରିବାନି, କାହିଁକି ନା ସେ ହେଉଛନ୍ତି ଅସମ୍ପର୍କିତ ନିରୁପାଧିକ, ନିର୍ଗୁଣ, ନିରାକାର ପରମସତ୍ୟ। ସେଥିପାଇଁ ଆମେ ସଗୁଣ ବ୍ରହ୍ମ ଯିଏ କି ଈଶ୍ୱର ତାଙ୍କୁ ବିଭିନ୍ନ ନାମ ଓ ରୂପରେ ଉପାସନା କରିଥାଉ। କିନ୍ତୁ ଏହି ସୀମିତ ଈଶ୍ୱର ନିଜର ଅସ୍ତିତ୍ୱ ଓ ଶକ୍ତି ସେହି ଅସୀମ ଓ ଅନନ୍ତ ବ୍ରହ୍ମଙ୍କ ଠାରୁ ଲାଭ କରିଥାନ୍ତି। ଯେତେବେଳେ ଜଣେ ଆଧାତ୍ମିକ ପିପାସୁ ଓ ସାଧକ ସର୍ବୋଚ୍ଚ ଆଧାତ୍ମିକ ଅନୁଭୂତି ଅର୍ଜନକରେ, ସେତେବେଳେ ତାର ଜୀବାତ୍ମା ଓ ସଗୁଣ ଈଶ୍ୱର ଉଭୟେ ସେହି ଅନନ୍ତ ଶୁଦ୍ଧ ଚୈତନ୍ୟଙ୍କ ସହିତ ଏକାକାର ହେଇଯାଆନ୍ତି, ଅର୍ଥାତ ଜୀବାତ୍ମା, ଈଶ୍ୱର ଓ ବ୍ରହ୍ମ ତିନିହେଁ ଏକ ଓ ଅଦ୍ୱୈତ ହେଇଯାଆନ୍ତି। ଶ୍ୱେତଶ୍ୱତର ଉପନିଷଦରେ ଯେଉଁ ଦୁଇଟି ପକ୍ଷୀ ଗୋଟିଏ ଗଛରେ ବସିଥିବାର ଏକ ଉପମା ଦିଆଯାଇଛି, ତାକୁ ବୁଝିପାରିଲେ ଆମେ ସହଜରେ ଆତ୍ମା ଓ ବ୍ରହ୍ମଙ୍କ ଭିତରେ ରହିଥିବା ତତ୍ତ୍ୱଟିକୁ ବୁଝିବାରେ ଅସୁବିଧା ହେବନି। ଗଛର ଉର୍ଦ୍ଧ୍ୱ ଡାଳରେ ବସିଥିବା ପକ୍ଷୀଟି ନିଶ୍ଚଳ ଓ ନିର୍ଲିପ୍ତ ହେଇ ବସିଛି, କିନ୍ତୁ ତଳ ଡାଳରେ ବସିଥିବା ପକ୍ଷୀଟି ସବୁ ରକମର ଖଟା ଓ ମିଠା ଖାଇ ଖଚରମଚର ହେଉଛି। ପକ୍ଷୀ ଦୁଇଟିର ରୂପ ଓ ଗୁଣ ସମାନ ହେଇଥିଲେ ବି ଜଣେ ଖୁସିରେ ବସିଛି, ଅନ୍ୟଟି ଦୁଃଖ ସୁଖ ଭୋଗୁଛି। ଏହି ଉପମାଟି ଆମକୁ ସୂଚାଇ ଦିଏ ଯେ ବ୍ରହ୍ମ ଓ ଜୀବାତ୍ମା ଏକ କିନ୍ତୁ ମାୟାର ଜାଲରେ ପଡ଼ି ବିଚରା ଅଳ୍ପଜ୍ଞ ଜୀବ ନିଜର ସ୍ୱରୂପକୁ ଚିହ୍ନିପାରୁନି। ସବୁ ଉପାଧିକୁ ଜାବୁଡ଼ି ଧରିଛି। ଜଡ ମନ ଓ ବୁଦ୍ଧିରେ ଚେତନା ପ୍ରତିବିମ୍ବିତ ହେଲେ କଣ ହେବ, ଆମେ ଏହି ମନ ଓ ବୁଦ୍ଧିରୁ ଜାତ ଅହଙ୍କାରକୁ ଦେଖି ଭାବୁଛୁ ଯେ ଆମେ ଏଠି ସର୍ବେସର୍ବା।

ଏହି ପ୍ରତିବିମ୍ବିତ ଚେତନାକୁ ଗୋଟିଏ ଶିଡ଼ି ଭାବରେ କଳ୍ପନା କରି ଯଦି ଆମେ ଉପରକୁ ଚଢ଼ିବା ଆରମ୍ଭ କରିବା, ତେବେ ଶେଷରେ ଅସଲ ଚେତନା ପାଖରେ ପହଂଚି ପାରିବା। କିନ୍ତୁ ଚଢ଼ିବା କଣ ସହଜ ! ଆମେ ତ ଷଡରିପୁ ଓ ଅନ୍ୟାନ୍ୟ ସାଂସାରିକ ପୁଟୁଳିର ବୋଝକୁ ମୁଣ୍ଡେଇଛୁ। ତାକୁ ଯଦି ନିଷ୍ଠାବାନ ହେଇ ଗୋଟିଏ ପରେ ଗୋଟିଏ ଛାଡ଼ିବାର ଅଭ୍ୟାସ କରିବା ତେବେ ଆମର ବୋଝ ସେତେ ହାଲୁକା ହେବ ଏବଂ ଶିଡ଼ିର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାକୁ କଷ୍ଟ ହେବନି। ନଚେତ ମାଙ୍କଡ ଆକାଶର ଜହ୍ନକୁ ନ ଚାହିଁ ପୋଖରୀରେ ପ୍ରତିଫଳିତ ଜହ୍ନକୁ ଧରିବାକୁ ଚେଷ୍ଟାକଲେ କେବଳ ବୁଡ଼ି ମରିବା ସାର ହେବ। ତାର ଅର୍ଥ ଯେ ଆମ ଭିତରେ ରହିଥିବା ଚେତନାକୁ ଦୃଶ୍ୟରହିତ କରିବାକୁ ହେବ, ତେବେଯାଇ ସ୍ୱ-ଚୈତନ୍ୟ ସ୍ୱରୂପର ଦର୍ଶନ ହେବ। ଆମେ ଜାଣୁ ଯେ ଏହି ଆପେକ୍ଷିକ ଜଗତରେ ବାସ କରି ଦୃଶ୍ୟ ଓ ଉପାଧିର ମୂଳୋତ୍ପାଟନ କରିବା ଏତେ ସହଜ ନୁହେଁ, କିନ୍ତୁ ବିଚାରଜନିତ ଅବବୋଧ ମାଧ୍ୟମରେ ସଡ଼ିର ଗୋଟିଏ ପାହାଚରୁ ଅନ୍ୟ ପାହାଚକୁ ଯାଇହେବ। ସେହି ବିଚାରଜନିତ ଅବବୋଧ କଣ ? ସାଧକକୁ ନିରନ୍ତର ଭାବିବାକୁ ହେବ ଯେ ସେ ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି, ଅହଙ୍କାର ନୁହେଁ ଇତ୍ୟାଦି। ସଡ଼ିର ଏହା ଗୋଟିଏ ଲେଖାଏଁ ପାହାଚ। ଖାଲି ମୁହଁରେ କହିଲେ ହେବନି, ଦେହ, କର୍ମ, ମନ, ଚିନ୍ତାକୁ ସେହି ପରିମାଣରେ ଶୁଦ୍ଧ କରିବାକୁ ହେଉଥିବ। ମଦ ପିଉଥିବା, ଅନ୍ୟର ଅନିଷ୍ଟ ଓ ମନ୍ଦ ଚିନ୍ତା କରୁଥିବା, ଲୋଭ କରି ସବୁତକ ଭୌତିକ ବସ୍ତୁକୁ ଘରେ ପୂରାଉଥିବା, ପରଦାରା ଗମନ କରୁଥିବା ଇତ୍ୟାଦି ଅନେକ ଅବଗୁଣ ଜନିତ କାର୍ଯ୍ୟରେ ନିମଗ୍ନ ରହିଲେ ଏ ଶିଡ଼ିର ଗୋଟିଏ ପାହାଚ ବି ଅତିକ୍ରମ କରିହେବନି, ବରଂ ଯେଉଁଠି ଅଛନ୍ତି ସେଇଠି ପଡ଼ିଥିବା।

ଏହି ଅଜ୍ଞାନ ଯୋଗୁଁ ଅଦ୍ୱୈତ ବ୍ରହ୍ମ ବହୁରୂପୀ ଜଗତ ଭାବେ ପ୍ରତୀୟମାନ ହୁଅନ୍ତି। କିନ୍ତୁ ବାସ୍ତବରେ ବନ୍ଧ୍ୟା ସ୍ତ୍ରୀର ପୁତ୍ର ଭଳି ଏହାର ଅସ୍ତିତ୍ୱ ନାହିଁ । କାହିଁକି ନା ଇନ୍ଦ୍ରିୟ ଦ୍ୱାରା ଅବବୋଧିତ ଜଗତର ନାମ ଓ ରୂପର କାରଣ ଯୋଗୁ ଏହାର ଉତ୍ପତ୍ତି। ଆମେ ଯାହା ବି ବୁଝୁ ବା ଧାରଣା କରୁ ସେସବୁ ମନ ମାଧ୍ୟମରେ କରିଥାଉ। ଯେହେତୁ ମନ ଓ ବୁଦ୍ଧି ସ୍ୱୟଂ ଜଡ଼ ହେଇଥିବାରୁ ଜଡ଼ ଜନିତ ଜ୍ଞାନ ଓ ତଥ୍ୟ କେବଳ ଏଥିରୁ ଉପଲବ୍ଧ ହେବ ଏପରିକି ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମଧ୍ୟ। ଏହା ବ୍ୟତୀତ ମନ ଆଉ ଅଧିକା କିଛି କରିପାରିବନି, ସେଥିପାଇଁ ମାୟାକୁ ଏହି ମନ ଓ ବୁଦ୍ଧି ମାଧ୍ୟମରେ ଖୋଜିଲେ କେବେ ବି ତାର ଆଦି-ଅନ୍ତ ମିଳିବନି। ସେଥିପାଇଁ ବେଦାନ୍ତର ସାଧକ ବିପରୀତ ପଥ ବା Reverse Wayକୁ ଆପଣାଇ ଥାଆନ୍ତି। ଏହି ପଥକୁ ନେତି ନେତି କହନ୍ତି। ଯେମିତି ଇଠାଫଳ ବ୍ୟବହାର କରି ଲୁଗାର ସବୁତକ ମଇଳାକୁ ସଫା କରନ୍ତି, ସେପରି ମନରେ ବସିଥିବା ଅଜ୍ଞାନ ଜନିତ ସବୁତକ ଦ୍ୱୈତ ଭାବନାର ମଇଳାକୁ ସଫା କରିବାକୁ ଚେଷ୍ଟା କରେ। ବ୍ରହ୍ମଜ୍ଞାନ ଉଦୟ ହେଲେ, ମାୟାର ଅସ୍ତିତ୍ୱ ଆପଣାଛାଏଁ ଅନ୍ତର୍ହିତ ହେଇଯାଏ।

ଶ୍ରୀ ରାମକୃଷ୍ଣ କହୁଥିଲେ 'ଶରୀର ହେଉଛି ସରା ଏବଂ ମନ-ବୁଦ୍ଧି ହିଁ ଜଳ। ସରାର ଜଳରେ ପ୍ରତିବିମ୍ବିତ ସୂର୍ଯ୍ୟରାଧ୍ୟାନ କରୁ କରୁ ସତ୍ୟ ସୂର୍ଯ୍ୟ ତାଙ୍କ କୃପାରେ ଦର୍ଶନ ହୁଏ'।

## ଏକ ପ୍ରକାଶ କିନ୍ତୁ ପ୍ରକାଶିତ ଅନେକ

ଆଦି ଶଙ୍କରାଚାର୍ଯ୍ୟ ଅଦ୍ୱୈତ ବେଦାନ୍ତ ଶାସ୍ତ୍ରରେ କହିଛନ୍ତି - "ଅସ୍ତି, ଭାତି, ପ୍ରିୟ ଏବଂ ନାମ ଓ ରୂପ ଭଳି ପାଞ୍ଚଟି ଦିଗ ପ୍ରତ୍ୟେକ ବସ୍ତୁର ଅସ୍ତିତ୍ୱରେ ରହିଛି। ପ୍ରଥମ ତିନୋଟି ହେଉଛି ବ୍ରହ୍ମରୂପ ବା ରିଅଲିଟି। ଆଉ ଦୁଇଟି ହେଉଛି ଜଗତର ନାମ ଓ ରୂପ ଯାହା ଆମର ଅତି ସାହାଯ୍ୟକାରୀ, କାରଣ ଆମେ କିପରି ସୃଷ୍ଟି (ଜଗତ) ଓ ସତ୍ୟ (ରିଅାଲିଟି)କୁ ଦେଖିବା ଏଥିରେ ସୁନ୍ଦର ଭାବରେ ବୁଝାଇ ଦିଆଯାଇଛି। ସତ୍ୟର ତିନୋଟି ବୈଶିଷ୍ଟ୍ୟ ରହିଛି। ବସ୍ତୁର ପ୍ରକୃତ ସ୍ୱରୂପକୁ ଜାଣିବା ପାଇଁ ଏହି ଟେକ୍‌ନିକ୍‌ଟି ଆଶ୍ଚର୍ଯ୍ୟଜନକ ଭାବେ ସରଳ। ଏହା ଆମକୁ ସ୍ପଷ୍ଟ କହେ ଯେ କେଉଁଟା ଆମେ ଦେଖିବା ଏବଂ କେଉଁଟାକୁ ଅଗ୍ରାହ୍ୟ କରିବା। ଆମେ ପରମସତ୍ୟକୁ ଦେଖିବା ନା ସୃଷ୍ଟିକୁ ଦେଖିବା ଆମ ଉପରେ ନିର୍ଭର କରେ। ଅସ୍ତି, ଭାତି, ପ୍ରିୟମ୍‌ର ପ୍ରକୃତ ଅର୍ଥ ହେଲା - ଅସ୍ତିତ୍ୱ, ପ୍ରକାଶମୟ ଚେତନା ଓ ପ୍ରିୟତା। ତିନୋଟି ଯାକ ବ୍ରହ୍ମଙ୍କର ରୂପ। ପ୍ରତ୍ୟେକ ବସ୍ତୁରେ ଏହି ତିନୋଟି ସ୍ଥାୟୀ ଚରିତ୍ର ରହିଛି। ସମସ୍ତ ବସ୍ତୁ ଏହି ତିନୋଟିର ଧାରକ। ମୋ ଭିତରେ ଅଛି ତୁମ ଭିତରେ ଅଛି। ପ୍ରତ୍ୟେକ ବସ୍ତୁରେ ପରିମାଣ ନିର୍ବିଶେଷରେ ତିନୋଟି ଯାକ ସମାନ ଭାବରେ ରହିଛି। ତିନୋଟିଯାକ ସମ-ଅନୁପାତରେ ସର୍ବଦା ଏକା ସାଙ୍ଗରେ ଆସନ୍ତି, ସତେକି ତିନି ହେଁ ଅବିଚ୍ଛେଦ ବନ୍ଧୁ ଯିଏ ପରସ୍ପରକୁ ଛାଡି କୌଣସି କାର୍ଯ୍ୟ କରିପାରିବେନି ! ସବୁ ସ୍ଥାନରେ, ସବୁ ବସ୍ତୁରେ, ଏପରିକି ବସ୍ତୁର ଅଣୁରେ ଏ ତିନିହେ ସର୍ବ ବିଦ୍ୟମାନ। ଅବଶ୍ୟ ଏହା ଏକ ଗୋଲକଧନ୍ଧା ଭଳି ଲାଗେ। କିନ୍ତୁ ଯାହାର ଶୁଦ୍ଧ ମନ ଓ ଆଚରଣ ଅତ୍ୟନ୍ତ ପବିତ୍ର, ସେମାନେ ଯାକୁ ନିଃସନ୍ଦେହରେ ବୁଝି ପାରନ୍ତି। ଉଦାହରଣଟିଏ ଦେଲେ ଭଲ ହେବ। ମୁଁ ଜଣେ ମଣିଷ ମୋର ଅସ୍ତିତ୍ୱ ଅଛି। ଏହି ଅଛିକୁ ଅସ୍ୱୀକାର କରିହେବନି। ସେହି ଅସ୍ତିତ୍ୱକୁ ଜାଣୁଛି କିପରି ? କାହିଁକି ନା ଚେତନାର ପ୍ରକାଶ ମାଧ୍ୟମରେ ମୁଁ ସଚେତନ ଯେ ମୋର ଗୋଟିଏ ଅସ୍ତିତ୍ୱ ଅଛି। ତାପରେ ଆସେ ପ୍ରିୟତା। ମୁଁ ସର୍ବଦା ଖୁସି ରହିବାକୁ ଭଲପାଏ, ଦୁଃଖ ଆଦୌ ଚାହେନି, ଯଦି ଅକସ୍ମାତ୍ ଦୁଃଖ ବା ସମସ୍ୟାରେ ପଡିଲି, ତେବେ ପ୍ରାଣପଣେ ସେଥିରୁ ଚେଷ୍ଟା କରିବି ମୁକୁଳି ପୁଣି ଖୁସି ହେବାକୁ। କାହିଁକି ନା ମୋର ସ୍ୱରୂପ ହିଁ ଆନନ୍ଦ। ସୁତରାଂ ମୋ ଭିତରେ ହିଁ ସଚ୍ଚିଦାନନ୍ଦଙ୍କର ନିବାସ ଏବଂ ମୋର ବିନାଶ ନାହିଁ, ମୁଁ ଦେହ ପାଇବା ପୂର୍ବରୁ ଥିଲି, ବର୍ତ୍ତମାନ ଅଛି ଏବଂ ମୃତ୍ୟୁ ପରେ ଭବିଷ୍ୟତରେ ରହିବି, କାରଣ ମୁଁ ଅସ୍ତି, ଭାତି ଓ ପ୍ରିୟର ଏକ ଶାଶ୍ୱତ ସତ୍ତା। ସାଧାରଣ ମଣିଷ ଯିଏ ଇନ୍ଦ୍ରିୟ ଉପଭୋଗରେ ସଦା ନିମଜ୍ଜିତ, ସେମାନଙ୍କ ପକ୍ଷରେ ଯାକୁ ବୁଝିବା କାଠିକର ପାଠ ହେଇପାରେ। ତଥାପି ବାରମ୍ବାର ପଢ଼ିଲେ, ଭାବିଲେ, ଧ୍ୟାନ କଲେ, ମନକୁ ସଂଯତ କରି ଚିନ୍ତା ଓ ସ୍ମରଣ କଲେ ଧୀରେଧୀରେ ଜଣେ ଜାଣିପାରିବ ବାସ୍ତବରେ ସେ ହିଁ ଅସ୍ତି-ଭାତି- ପ୍ରିୟର ଏକ ସତ୍ତା। ଯେତେବଡ଼ ପଣ୍ଡିତ, ବିଦ୍ୱାନ ବା ଜ୍ଞାନୀ ହେଉପଛେ, ସେ ଶବ୍ଦ ଓ ଭାଷା ଦ୍ୱାରା ଯାକୁ ବୁଝାଇ ପାରିବେନି। ଉପନିଷଦ ପଢ଼ିବାକୁ ପଡିବ ଏବଂ ଜଣେ ଅଭିଜ୍ଞ ଗୁରୁଙ୍କର ସାହାଯ୍ୟ ନେବାକୁ ହେବ। ଏହାର ଏକ ସିଧା ଉତ୍ତର କେହି ଦେଇପାରିବେନି। ଉପନିଷଦ କେବଳ ଆମ ମନ ଭିତରେ ଉଠୁଥିବା ପ୍ରଶ୍ନର ଉତ୍ତର ଦେଇପାରିବ।

ଇୟେ ଗଲା ଆମ ଭିତରେ ଥିବା ତିନୋଟି ବ୍ରହ୍ମରୂପର କଥା, ତାପରେ ଆସେ ସୃଷ୍ଟିର ଦୁଇଟି ବୈଶିଷ୍ଟ୍ୟ ଯଥା ରୂପ ଓ ନାମ, ତା ଉପରେ ଆମେ ଫୋକସ୍ କରିବା। ଜଣେ ବ୍ୟକ୍ତି ନିଜର ପାଞ୍ଚଟି ସୁସ୍ଥ ଇନ୍ଦ୍ରିୟ ସାହାଯ୍ୟରେ ବିଶ୍ୱର ପ୍ରତ୍ୟେକ ବସ୍ତୁର ନାମ ଓ ରୂପକୁ ଜାଣିପାରେ। ଯଦି ଜାଣି ନାହିଁ ତେବେ ଅଭିଧାନର ସାହାଯ୍ୟ ନେଇ ଜାଣିପାରେ। ଯଦି କୌଣସି ବସ୍ତୁ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନି, ତେବେ ସେ ନିଜେ ତାର ଆବିଷ୍କାର କରି ଗୋଟିଏ ନାମ ଦେଇପାରିବ। ସେଥିରେ କିଛି ବାଧା ନାହିଁ। ଆସନ୍ତୁ ଏହି ନାମ ଓ ରୂପର ଚରିତ୍ରକୁ ଟିକେ ନିଠେଇ ଦେଖିବା । ଜଣା ଓ ଅଜଣା ପ୍ରତ୍ୟେକ ଜଡ଼ ଓ ଚେତନ ବସ୍ତୁର ଏହି ଦୁଇଟି ଜିନିଷ ହେଉଛି ଅସ୍ଥାୟୀ। ସୂକ୍ଷ୍ମ ବସ୍ତୁ କ୍ଷେତ୍ରରେ ଇନ୍ଦ୍ରିୟମାନେ ସେମାନଙ୍କୁ ଦେଖିପାରିବେନି ସତ, କିନ୍ତୁ ଇନ୍ଦ୍ରିୟମାନଙ୍କ ରାଜା ମନ ସବୁ ଜାଣିପାରିବ ଯଦି ତାକୁ ସୁସଂଗତ ଭାବରେ ନିୟନ୍ତ୍ରିତ କରାଯାଇଥିବ। ଏହି ଦୁଇଟି ସମ-ଅନୁପାତରେ ପ୍ରତ୍ୟେକ ଜୀବ ଓ ଅଜୀବ ବସ୍ତୁରେ ରହିଛି। ଏହି ଦୁଇଟି ପ୍ରତ୍ୟେକ ବସ୍ତୁ ପାଇଁ ପରିବର୍ତ୍ତିତ ହେଉଥାଏ। ଯେପରି ସୂର୍ଯ୍ୟଙ୍କର ରୂପ ସକାଳେ ଗୋଟେ ପ୍ରକାର, ମଧ୍ୟାହ୍ନରେ ଗୋଟେ ପ୍ରକାର, ଅପରାହ୍ନରେ ଗୋଟିଏ ପ୍ରକାର। ମଣିଷ ବି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ହୋଇଥାଏ। ସେମାନଙ୍କର ଭାବନା ପ୍ରକ୍ରିୟା ବଦଳୁଥାଏ। କାଲିର ମଣିଷ ଆଜି ଅଲଗା ହେଇଯାଏ। ପ୍ରତ୍ୟେକ ବସ୍ତୁ ଅନ୍ୟ ଠାରୁ ଭିନ୍ନ। ଗୋଟିଏ ବସ୍ତୁର ଅଦ୍ୱିତୀୟତା ପ୍ରତିଷ୍ଠା କରିବାକୁ ହେଲେ, ଅନ୍ୟ ବସ୍ତୁ ଠାରୁ ତାକୁ ଅଲଗା କରିବାକୁ ପଡ଼େ। ଏହି ଦୁଇଟି ବୈଶିଷ୍ଟ୍ୟ ପରସ୍ପର ଠାରୁ ସ୍ୱାଧୀନ। ସମୁଦ୍ରର ଲହରିର ରୂପ ପରସ୍ପର ଠାରୁ ଅଲଗା, ତଥାପି ଏଗୁଡିକୁ ଲହରି କୁହାଯାଏ। ଜଳକୁ ବିଭିନ୍ନ ଭାଷାରେ ନାମ ଦିଆଯାଏ।ଏହି ଜଗତ କେବଳ ନାମ ଓ ରୂପରେ ପରିପୂର୍ଣ୍ଣ। ଆମେ ଯେ କୌଣସି ବସ୍ତୁର ନାମଟିଏ ଓ ରୂପଟିଏ ଦେଇପାରୁ। ଏଗୁଡିକର ଚରିତ୍ର ଭୌତିକ। ସେଗୁଡିକୁ ସହଜରେ ଚିହ୍ନିହୁଏ। କିନ୍ତୁ ସତ୍ୟ (ରିଅଲିଟି)ର ଅନ୍ୟ ତିନୋଟି ବୈଶିଷ୍ଟ୍ୟ ଯଥା ଅସ୍ତି-ଭାତି-ପ୍ରିୟ ସହିତ ଆମର ପରିଚିତି ନାହିଁ। ଏହି ଜଗତରେ ଜୀବନ ଧାରଣ ଓ କାର୍ଯ୍ୟ କରିବା ଲାଗି ଆମକୁ ବସ୍ତୁର ନାମ ଓ ରୂପର ଆବଶ୍ୟକତା ରହିଛି। ପ୍ରତ୍ୟେକ ରୂପର ନାମ ଦେଇ ଆମେ ଏହି ସଂସାରରେ କାର୍ଯ୍ୟ କରିବାକୁ ସହଜ ହୁଏ। ଆମର ଯୋଗାଯୋଗ ସରଳ ହୋଇଥାଏ। ନାମ ଓ ରୂପକୁ ଅଗ୍ରାହ୍ୟ କରିହୁଏନି। କିନ୍ତୁ ନାମ ଓ ରୂପର ସୃଷ୍ଟି ପଶ୍ଚାତ୍‌ରେ ଥିବା ସତ୍ୟକୁ ଜାଣିବା ପାଇଁ ଏହି ଦୁଇଟିଯାକ ଆମର ବାଟ ଓଗାଳେ। ସାଧାରଣ ଜୀବନରେ ଆମେ ସର୍ବଦା ସତ୍ୟ ରୂପକ ବ୍ରହ୍ମଙ୍କୁ ଅଗ୍ରାହ୍ୟ କରୁ ଯେଉଁଥିପାଇଁ ଆମେ ଦୁଃଖ-ସୁଖ ଭଳି ଅନେକ ସମସ୍ୟାରେ ପୀଡିତ ହେଉ। ସତ୍ୟ (ରିଅଲିଟି) ହେଉଛି ସ୍ଥିର ଓ ଶାଶ୍ୱତ କିନ୍ତୁ ସୃଷ୍ଟି ହେଉଛି ଅସ୍ଥିର ଓ ପରିବର୍ତ୍ତନଶୀଳ। ଆମକୁ ମନେ ରଖିବାକୁ ହେବ ଯେ ଏହି ସୃଷ୍ଟିର ପ୍ରତ୍ୟେକ ଜିନିଷରେ ସମଭାବରେ ରହିଛନ୍ତି ବ୍ରହ୍ମ, ତାହା ପଛେ ଜୀବ ଓ ଅଜୀବ ବସ୍ତୁ ହେଉ।

ଏଠାରେ ବ୍ରହ୍ମଙ୍କର ଅବିନାଶତ୍ୱ ଓ ଅପରିବର୍ତ୍ତନୀୟତା ସମ୍ବନ୍ଧରେ ମୁଖ୍ୟତଃ ବର୍ଣ୍ଣନା କରାଯାଇଛି। ଆଧ୍ୟାତ୍ମିକ ଅନ୍ୱେଷଣ କେବଳ ସୁଖ ଓ ଶାନ୍ତି ପାଇଁ ନୁହେଁ ବରଂ ଅବିରତ ଜନ୍ମ ଓ ମରଣ ସଂସାର ଚକ୍ରରୁ ନିବର୍ତ୍ତିବା ପାଇଁ ଉଦ୍ଦିଷ୍ଟ, କାହିଁକି ନା ବସ୍ତୁରୁ ତାହା ପାଇବା ସମ୍ଭବପର ନୁହେଁ। ଏହି ଆଧ୍ୟାତ୍ମିକ ରତ୍ନଭଣ୍ଡାର ଆମ ଭିତରେ ରହିଛି ଯାହାକୁ ଆମେ ବାୟାବାତୁଳ ହେଇ ଅନ୍ୟ ସ୍ଥାନରେ ଖୋଜୁ। ଯଦି ଟିକିଏ ସୁଖ ଓ ଶାନ୍ତି ପାଇଁ ସଦା ପରିବର୍ତ୍ତନଶୀଳ ନାମ ଓ ରୂପ ଉପରେ ଫୋକସ୍ କରିବା, ତେବେ ଆମେ ଭିତରେ ନିହିତ ବ୍ରହ୍ମରୂପକୁ କେବେବି ଠାବ କରି ପାରିବାନି। ସୁତରାଂ ସେହି ମହାନ୍ ବ୍ରହ୍ମଙ୍କୁ ଆମେ ଏଥିପାଇଁ ଖୋଜୁ ଯେ ସେ ହିଁ ସମସ୍ତ ସୃଷ୍ଟିର ସକଳ ବସ୍ତୁର ପଶ୍ଚାତ୍‌ରେ ଅଧିଷ୍ଠାନ (ସବ୍‌ଷ୍ଟ୍ରାଟମ୍) ଭାବରେ ବିଦ୍ୟମାନ। ଯଦି ପ୍ରତ୍ୟେକ ବସ୍ତୁ ଓ ନିଜ ଭିତରେ ଏହି ଚିନୋଟି ବ୍ରହ୍ମରୂପ ଉପରେ ଆମର ଅନ୍ତର୍ମନକୁ ସର୍ବଦା ଫୋକସ୍ କରିବା, ତେବେଯାଇ ଆମର ଅଧ୍ୟାତ୍ମିକ ପିପାସାର ଲକ୍ଷ୍ୟ ମେଣ୍ଟିପାରିବ। ଏଠାରେ ସ୍ମରଣୀୟ ଯେ ପଞ୍ଚଭୂତ ହିଁ ଜଗତ ନିର୍ମାଣର ଉପାଦାନ। ଜୀବମାନଙ୍କ ଭିତରେ ବିଭିନ୍ନ ପ୍ରକାର ନାମ ଓ ରୂପ ରହିଛି। ଜୀବମାନଙ୍କୁ ତିନି ଭାଗରେ ବେଦାନ୍ତ ଶାସ୍ତ୍ର ବିଭକ୍ତ କରିଛି। ଦେବତା, ପଶୁ ଓ ମନୁଷ୍ୟ। ଦେବତାମାନେ ବି ଜୀବ, ନିଜର ପୁଣ୍ୟକର୍ମ ପାଇଁ ସେମାନେ ଉଚ୍ଚତର ରାଜ୍ୟ ପ୍ରାପ୍ତି କରି ଦେବତା ହୋଇ ଜନ୍ମ ନେଇଥାନ୍ତି। ପଶୁମାନେ ବି ଜୀବ, ସେମାନେ ପରସ୍ପରର ହୀନକର୍ମ ଯୋଗୁ ପଶୁ ରୂପରେ ଜନ୍ମ ହୁଅନ୍ତି। କିନ୍ତୁ ମନୁଷ୍ୟ ଏହି ଦୁଇଟି ଅସ୍ତିତ୍ୱ ମଝିରେ ଜୀବ ଯିଏ ଭଲ ଓ ମନ୍ଦ ଉଭୟ କର୍ମ ନେଇ ଜନ୍ମ ହୁଅନ୍ତି। ଏହି ତିନୋଟି ଶ୍ରେଣୀର ପ୍ରତ୍ୟେକ ଶ୍ରେଣୀରେ ମଧ୍ୟ ରହିଛନ୍ତି ବିଭିନ୍ନ ପ୍ରକାର ଅଗଣିତ ଓ ଅସୀମ ପ୍ରଜାତି, ଜାତି, ରଙ୍ଗ ଇତ୍ୟାଦିର ଜୀବ ଉଭୟ ସ୍ଥୁଳ ଓ ସୂକ୍ଷ୍ମ ଶରୀରରେ। ସେ ସମସ୍ତ ଭିତରେ ବି ବ୍ରହ୍ମଙ୍କର ଚରିତ୍ର ଓ ବୈଶିଷ୍ଟ୍ୟ ସମାନ ଭାବରେ ବିଦ୍ୟମାନ। କିନ୍ତୁ ସୃଷ୍ଟିର ଦୁଇଟି ଚରିତ୍ର ନାମ ଓ ରୂପ ସମସ୍ତ ଜୀବ ଭିତରେ ଭିନ୍ନ ଭିନ୍ନ ଆକାରରେ ରହିଛି। ଅନ୍ୟପକ୍ଷରେ କୁହାଯାଇପାରେ ଯେ ସମସ୍ତ ଜୀବ ଭିତରେ ଈଶ୍ୱର ସମାନ ଭାବରେ ରହିଛନ୍ତି କିନ୍ତୁ ସ୍ଥୁଳ ଓ ସୂକ୍ଷ୍ମ ଶରୀରର ବିଭିନ୍ନ ଗଠନ ଓ ଅସୀମ ସଂଖ୍ୟା ଯୋଗୁ, ସେମାନେ ବହୁ ରୂପରେ ଈଶ୍ୱରଙ୍କୁ ଅଭିବ୍ୟକ୍ତ କରନ୍ତି। ଜୀବ ଓ ବ୍ରହ୍ମଙ୍କ ଉପରେ ଆମେ ସୁନ୍ଦର ଦୃଷ୍ଟି ନିକ୍ଷେପ କରି ଆବିଷ୍କାର କଲେ ଯେ ଏହି ଦୁଇ ଭିତରେ ରହିଥିବା ପ୍ରଭେଦର କାରଣ ହେଉଛି ମାୟା ଯିଏ ଭ୍ରମର ଏକ ରହସ୍ୟଜନକ ଶକ୍ତି। ଯେତେବେଳେ ଏହି ଭ୍ରାନ୍ତ ଧାରଣା (ଡିଲ୍ୟୁଜନ୍) ଶୁଦ୍ଧ ବ୍ରହ୍ମଙ୍କ ଆଗରେ ଠିଆହୁଏ, ସେତେବେଳେ ସୃଷ୍ଟିର ବହୁଳତା ଓ ବିଭିନ୍ନତା ପରିଦୃଶ୍ୟ ହୁଏ। ମାୟାର କାର୍ଯ୍ୟକୁ ବେଦାନ୍ତ ଦୁଇଟି ଧାରାରେ ବିଭକ୍ତ କରିଛି, ମୁଖ୍ୟ ଧାରାଟି ସତ୍ୟକୁ ଆମ ଅବବୋଧରୁ ଆବୃତ ରଖେ ଯାହାଫଳରେ ଆମେ ଜାଣି ପାରୁନି ଯେ ବାସ୍ତବରେ ଆମେ କିଏ ? ଦ୍ୱିତୀୟ ଧାରାଟି ସୃଷ୍ଟିକୁ ଅଭିବ୍ୟକ୍ତ (ପ୍ରୋଜେକ୍ଟ) କରେ ଏବଂ ଆମର ମନକୁ ସୃଷ୍ଟି ଆଡ଼କୁ ଅନବରତ ନେଇଯାଏ ଯାହା ଫଳରେ ଆମେ ସୃଷ୍ଟିର ବାହାରେ ଖୋଜିବୁଲୁ ପରିପୂର୍ଣ୍ଣତା।

ତେଣୁ ସୂକ୍ଷ୍ମତା ଓ ସ୍ଥୁଳତାକୁ ଦୁଇ ପାର୍ଶ୍ୱରେ ରଖି ଅଧ୍ୟୟନ କରିବାକୁ ହେବ। ଏଥିରୁ ଆମେ ଜାଣି ପାରିବା ଯେ ଜୀବ ଓ ଆତ୍ମା ହେଉଛନ୍ତି ଯଥାକ୍ରମେ ଦୃଶ୍ୟ ଓ ଦ୍ରଷ୍ଟା। କେବଳ ସେତିକି ନୁହେଁ ବ୍ରହ୍ମ ଓ ବ୍ରହ୍ମାଣ୍ଡ ହେଉଛନ୍ତି ଏକ ଓ ଅନେକ ଅର୍ଥାତ ଅନେକ ଭିତରେ ଏକ ବିଦ୍ୟମାନ। ଏକପ୍ରକାଶ କିନ୍ତୁ ମାୟା ଯୋଗୁ ପ୍ରକାଶିତ ଅନେକ ରୂପରେ।

ପ୍ଲଟ ନମ୍ବର – ୩୭୧/୪୭୬, ଶିଶୁବିହାର
ପୋଷ୍ଟ – କିଟ, ଭୁବନେଶ୍ୱର-୨୪
ମୋବାଇଲ- ୯୯୩୭୨୯୭୦୩୯



# କାମନାର ବିନାଶରେ ଦୁଃଖର ବିନାଶ

*ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ*

ଏକଦା ରାଜକୁମାର ଗୌତମ ନଗର ଭ୍ରମଣ କରିବା ସମୟରେ ଜନୈକ ଶୀର୍ଣ୍ଣକାୟ ଦୁର୍ବଳ ବୃଦ୍ଧଙ୍କୁ ରାସ୍ତା ଅତିକ୍ରମ କରୁଥିବାର ଦେଖିଲେ । କେଶଶୂନ୍ୟ ମସ୍ତକ, ଚର୍ମସାର ଶରୀର, ଦନ୍ତହୀନ ମୁଖ, କମ୍ପିତ ଶରୀର, ଦୃଷ୍ଟିହୀନ ବୃଦ୍ଧ ଗୋଟିଏ ବାଡ଼ିଟିକୁ ଆଶ୍ରୟ କରି ଚାଲୁଥିବାର ଦୃଶ୍ୟ ଦେଖି ଗୌତମଙ୍କ ଶରୀର ଶିହରିତ ହୋଇଉଠିଲା । ଏଭଳି ବ୍ୟକ୍ତିକୁ ଦେଖି ସେ ତାଙ୍କ ରଥର ସାରଥୀକୁ ଏ କି ପ୍ରକାର ଜୀବ ବୋଲି ପ୍ରଶ୍ନ କଲେ । ସାରଥୀ ତତ୍‌କ୍ଷଣାତ୍ ଉତ୍ତର ଦେଲେ- ଏ ବୃଦ୍ଧ ଲୋକଟି ଜରାଗ୍ରସ୍ତ । ସମସ୍ତ ମଣିଷଙ୍କର ଏଭଳି ଅବସ୍ଥା ଆସେ । ଜଗତର ସମସ୍ତ ପ୍ରାଣୀମାନଙ୍କୁ ଜରାଗ୍ରସ୍ତ ହେବାକୁ ପଡ଼େ । ଭୟରେ କମ୍ପି ଉଠିଲେ ଗୌତମ । ପିତା ଶୁଦ୍ଧୋଦନ ପୁତ୍ର ଗୌତମକୁ ଯେତେ ଐଶ୍ୱର୍ଯ୍ୟରେ ରଖିଲେ ମଧ୍ୟ ବିଧିର ବିଧାନ ଭିନ୍ନ । ଗୌତମଙ୍କୁ କୌଣସି ଐଶ୍ୱର୍ଯ୍ୟ ସଂସାର ପ୍ରତି ଆକୃଷ୍ଟ କରିପାରୁନଥିଲା ।

ନଗର ପରିକ୍ରମା କରୁ କରୁ ଆଉ ଏକ ଦୃଶ୍ୟ ତାଙ୍କ ଦୃଷ୍ଟିକୁ ଆକର୍ଷଣ କଲା । ଜୀର୍ଣ୍ଣଶୀର୍ଣ୍ଣ, କୁଷ୍ଠରୋଗରେ ଆକ୍ରାନ୍ତ, ଅଙ୍ଗସବୁ ବିଚ୍ଛିନ୍ନ ବ୍ୟାଧିଗ୍ରସ୍ତ ଲୋକଟିକୁ ଦେଖି ଭୟରେ ଥରିବାକୁ ଲାଗିଲେ ଗୌତମ । ଏହା କ'ଣ ବୋଲି ପଚାରନ୍ତେ ସାରଥୀ ଉତ୍ତର ଦେଲେ - ଏହାର ନାମ ବ୍ୟାଧି । ମଣିଷ ପାଖରେ ଯେତେ ଧନସମ୍ପତ୍ତି ଥିଲେ ମଧ୍ୟ ବ୍ୟାଧି ଓ ଜରାକୁ କେହି ରୋକି ପାରିବେ ନାହିଁ । ଠିକ୍ ଏତିକିବେଳେ କିଛି ଲୋକ ଏକ ମଣିଷକୁ କାନ୍ଧେଇ ନେଉଥିବାର ଦୃଶ୍ୟ ତାଙ୍କୁ ଚକିତ କଲା । ମଣିଷଟି ନିଶ୍ଚଳ ହୋଇ ପଡ଼ିରହିଛି । ସାରଥୀଙ୍କୁ ପ୍ରଶ୍ନ କଲେ ଗୌତମ, ଏ କି ଦୃଶ୍ୟ ? ସାରଥୀ ଉତ୍ତର ଦେଲେ- ଜନ୍ମ ହେଲେ ସମସ୍ତଙ୍କୁ ଦିନେ ନା ଦିନେ ମୃତ୍ୟୁବରଣ କରିବାକୁ ହୋଇଥାଏ । ଏହା ହେଉଛି ଶବ । ଏହାର ଜୀବନ ଚାଲିଯାଇଛି । ଏହି ଶବକୁ ଆତ୍ମୀୟସ୍ୱଜନମାନେ ଶ୍ମଶାନକୁ ନେଇଯାଉଛନ୍ତି, ଯେଉଁଠାରେ ଶବଦାହ କରାଯିବ । ଗୌତମଙ୍କ ମୁଖରୁ ବାକ୍ୟ ସ୍ଫୁରିତ ହେଲା ନାହିଁ । ବିଚଳିତ ହୋଇ ଉଠିଲେ ଗୌତମ । ଏ ସଂସାର ଯେ ଅଳୀକ, ମିଥ୍ୟା ଏ କଥା ଜାଣିପାରିଲେ ସେ । ମନୁଷ୍ୟର ସବୁ ଆଶା, କାମନା ଓ ବାସନା ଯେ ଦୁଃଖର କାରଣ ତାଙ୍କୁ ଅବୁଝା ରହିଲା ନାହିଁ । ରଥକୁ ଫେରାଇ ନେବା ପାଇଁ ସାରଥୀକୁ ସେ ନିର୍ଦ୍ଦେଶ ଦେଲେ । ଠିକ୍ ଏହି ସମୟରେ ସେ ଶାନ୍ତ, ସୌମ୍ୟ ଓ ଏକ ଦିବ୍ୟ ମୂର୍ତ୍ତିକୁ ସେ ସମ୍ମୁଖରେ ଦେଖିଲେ । ଏ ଜଣେ ସନ୍ନ୍ୟାସୀ କହିଲେ ସାରଥୀ । ଅନେକ ପ୍ରଶ୍ନ ତାଙ୍କ ମନରେ ଉଙ୍କିମାରିଲା । ଯଦି ଜରା, ବ୍ୟାଧି ଓ ମୃତ୍ୟୁ ସତ୍ୟ, ତେବେ ଏହି ପ୍ରଶାନ୍ତ ମୂର୍ତ୍ତି, କଷାୟ ବସ୍ତ୍ର, ହସ୍ତରେ ଝୁଲା ଓ ଭିକ୍ଷାପାତ୍ର ଧରିଥିବା ଏ ବ୍ୟକ୍ତି କିଏ ? ସାରଥୀ ଛନ୍ଦକ ଉତ୍ତର ଦେଲେ ଏ ହେଉଛନ୍ତି ଜଣେ ସନ୍ନ୍ୟାସୀ, ଗୃହତ୍ୟାଗୀ, ଯିଏ କି ଭିକ୍ଷାକରି ଜୀବନଧାରଣ କରନ୍ତି । ରାଗ, ଦ୍ୱେଷଶୂନ୍ୟ, ବସ୍ତୁ ମୋହ ଓ କ୍ରୋଧ ଶୂନ୍ୟ ଏ ଭିକ୍ଷୁ ସଂସାରର ସମସ୍ତ କାମନା, ବାସନା ଠାରୁ ଦୂରରେ ରହି ଆନନ୍ଦରେ ବିଚରଣ କରୁଛନ୍ତି । ଭାରାକ୍ରାନ୍ତ ମନରେ ସେଦିନ ରାଜମହଲକୁ ଫେରିଆସିଲେ ରାଜକୁମାର ଗୌତମ । ମନ ତାଙ୍କର ଖୋଜିବାକୁ ଲାଗିଲା- ସମସ୍ତ କାମନା ବାସନାଠାରୁ ଦୂରରେ ରହିବାର ମହୌଷଧି । ସବୁ ତାଙ୍କୁ ବିଷତୁଲ୍ୟ ବୋଧ ହେଲା । ସୁନ୍ଦରୀ ସ୍ତ୍ରୀ, ନବଜାତ ପୁତ୍ର, ରାଜ୍ୟ, ରାଜପ୍ରସାଦ ସବୁ ତାଙ୍କୁ ତୁଚ୍ଛ ଲାଗିଲା । ଜ୍ୟୋସ୍ନାବିଧୌତ ରାତ୍ରିରେ ସବୁକିଛି ତ୍ୟାଗ କରି ଆଗକୁ ମାଡ଼ି ଚାଲିଲେ ସେ ।

ନିରଞ୍ଜନ ନଦୀ ତଟ ଦେଇ ଅନେକ ଦୂରକୁ ଆଗେଇ ଚାଲିଲେ । କିଛି ଦୂର ଅତିକ୍ରମ କଲାପରେ ଏକ ବୋଧିବୃକ୍ଷ ନିକଟରେ ଅଟକିଗଲେ ସେ । ନିରବ ଓ ଶାନ୍ତ ପରିବେଶ ଦେଖି ସେହି ବୃକ୍ଷମୂଳରେ ବସିଗଲେ ଗୌତମ ଓ ତପସ୍ୟାରେ ମଗ୍ନ ହେଲେ । ଧୀରେ ଧୀରେ ଶରୀର ନିସ୍ତେଜ ହେଲା, ମନ ଶାନ୍ତ ହୋଇଉଠିଲେ । କଠୋର ତପସ୍ୟାରେ ମଗ୍ନ ରହି ସେ ନିଜତ୍ୱ ହରାଇଲେ । ପ୍ରଶାନ୍ତିର ମହା ରାଜ୍ୟରେ ବିଚରଣ କରି କାମନାଶ୍ରାନ୍ତ ହେଲେ । ଘୋର ତପସ୍ୟାରେ ବର୍ଷ ପରେ ପର୍ଷ ଅତିକ୍ରାନ୍ତ ହେଲା ପରମାତ୍ମାଙ୍କର କୃପା କଣିକା ପ୍ରାପ୍ତ କରିବା ପାଇଁ ବୋଧିବୃକ୍ଷ ତଳେ ଆଶ୍ରିତ ଶୂନ୍ୟ ଜୀବ ଦୃଢ଼ ସଂକଳ୍ପ ନେଇ ଧ୍ୟାନମୁଦ୍ରାରେ ନିରବରେ ନିଶ୍ଚଳ ଭାବରେ ବସିରହିଥିଲେ । ଶେଷରେ ଜନ୍ମ, ଜରା, ମୃତ୍ୟୁ, କାମନା, ବାସନା ସବୁ ହାର ମାନିଲେ । ଗୌତମ ଲାଭ କଲେ ବୋଧିତ୍ୱ । ଜ୍ଞାନ ଜ୍ୟୋତିର କିରଣ ଚତୁର୍ଦ୍ଦିଗ ବିଚ୍ଛୁରିତ ହେଲା । ଗୌତମ ବୁଝିଗଲେ ଦୁଃଖ ନିବାରଣର ପରମ ମାର୍ଗ । ସଂସାର କ୍ଷଣସ୍ଥାୟୀ । ଜୀବନ ଓ ଜୀବିକା ମୂଲ୍ୟହୀନ । ଗୌତମ ସିଦ୍ଧାର୍ଥ ନାମ ପରିବର୍ତ୍ତେ ସେ ଲାଭକଲେ ବୁଦ୍ଧତ୍ୱ, ମହାତ୍ମା ବୁଦ୍ଧ । ଅନ୍ୟର ଦୁଃଖର ଦୁଃଖୀ ଓ ଅସହାୟ ମଣିଷର ସାହାରା ପାଇଁ ମାର୍ଗଦର୍ଶକ ସାଜିଲେ । ଗୌତମ ବୁଦ୍ଧଙ୍କ ପ୍ରଚାରିତ ଧର୍ମର ନାମ ହେଲା ବୌଦ୍ଧଧର୍ମ ।

ଦୁଃଖର ମୂଳ କାରଣ ହେଉଛି କାମନା ଓ ବାସନା ।ଏହି କାମନା ବାସନାର ବିନାଶରେ ଦୁଃଖର ବିନାଶ, ଏହାହିଁ ସେ ପ୍ରଚାର କରିବାକୁ ଲାଗିଲେ । ଯେତେବେଳେ ଜନସାଧାରଣ ତାଙ୍କ ଶରଣାପନ୍ନ ହେଉଥିଲେ

ସେ ତାଙ୍କୁ ଏହି କଥା ବୁଝାଇ ଦେଉଥିଲେ । ପ୍ରାଣୀ ଉପରେ ଦୟାଭାବ ଦେଖାଇବା, କରୁଣା ପ୍ରଦର୍ଶନ କରିବା, ହିଂସାଶୂନ୍ୟ ଓ ଶତ୍ରୁତାଶୂନ୍ୟ ହୋଇ ମୈତ୍ରୀ ଭାବକୁ ସର୍ବଦା ହୃଦୟରେ ଅଧିଷ୍ଠିତ କରାଇବା ଦରକାର । ନିଜକୁ ନିଜର ପ୍ରଦୀପ ହେବାକୁ ହେବ, ଯଦି ତୁମେ ଭବନଦୀ ପାର ହେବାକୁ ଚାହୁଁଥାଅ, ତେବେ ଧର୍ମକୁ ଦୀପ ସମ ମନେକରି ସତ୍ୟରେ ପ୍ରତିଷ୍ଠିତ ହୁଅ ବୋଲି ସେ କହୁଥିଲେ । ବୁଦ୍ଧ ସଂଯମ, ଚରିତ୍ର ଗଠନ ଓ ଇନ୍ଦ୍ରିୟ ଜୟ ଉପରେ ଜୋର୍ ଦେଉଥିଲେ । ବୌଦ୍ଧ ସାଧନାର ଚରମ ପରିଣତି ଯେ ନିର୍ବାଣ । ଏହି ନିର୍ବାଣର ବିଗ୍ରହ ହେଉଛନ୍ତି ସ୍ୱୟଂ ବୁଦ୍ଧ । କର୍ମର ବନ୍ଧନ ହିଁ କାମନାର ମୂଳ ।

ବୁଦ୍ଧଙ୍କର ମାନବ ସମାଜ ପ୍ରତି ଆଜ୍ଞା ଥିଲା – "ଜୀବହତ୍ୟା କରନାହିଁ । କାହାର ବସ୍ତୁ ଚୋରି କରନାହିଁ । କାହାର ନିନ୍ଦା କରନାହିଁ, କେବେହେଲେ କଠୋର ବାକ୍ୟ ବ୍ୟବହାର କରନାହିଁ, ମନରେ ଘୃଣାଭାବ ପୋଷଣ କରନାହିଁ । ମିଥ୍ୟା କୁହ ନାହିଁ, ବ୍ୟଭିଚାର କାର୍ଯ୍ୟରେ ଲିପ୍ତ ରହ ନାହିଁ, ସଂପତ୍ତିର ଲୋଭ କରନାହିଁ, ଅନ୍ୟର ସେବା ଓ ଯତ୍ନକର । ମାତାପିତା ଓ ଗୁରୁଜନମାନଙ୍କୁ ସମ୍ମାନ କର, ସେମାନଙ୍କ ସେବାଶୁଶ୍ରୁସା କର । ଦିନେ ନା ଦିନେ ତୁମର ଯେ ମୃତ୍ୟୁ ହେବ, ଜରା, ବ୍ୟାଧି ତୁମକୁ ବି ଭୋଗିବାକୁ ପଡ଼ିବ । ତେଣୁ ଏ ସବୁ ଦୁଃଖରୁ ରକ୍ଷା ପାଇବାକୁ ହେଲେ ମୋହ ମାୟାରୁ ନିଜକୁ ମୁକ୍ତ କରିବାକୁ ପଡ଼ିବ, ତାହେଲେ ନିର୍ବାଣ ରୂପୀ ଆନନ୍ଦକୁ ପ୍ରାପ୍ତ କରିବ ।"

ଗୌତମ ବୁଦ୍ଧ ଏପରି ଜଣେ ଭିକ୍ଷୁ ଓ ସନ୍ନ୍ୟାସୀ ଥିଲେ, ଯାହାଙ୍କୁ କୌଣସି ସ୍ତ୍ରୀ ସୌନ୍ଦର୍ଯ୍ୟ ଭ୍ରମିତ କରିପାରି ନଥିଲା । ଗୌତମ ବୁଦ୍ଧ ତାଙ୍କର ଶିଷ୍ୟ ଓ ଭିକ୍ଷୁମାନଙ୍କୁ ଉପଦେଶ ଛଳରେ କହିଥିଲେ – "ଯିଏ ଛୋଟବଡ଼ ଉଭୟ ପ୍ରକାର ଖରାପକୁ ଦମନ କରିନେଇଥାଏ, ତାକୁ ତପସ୍ୱୀ ବୋଲି କୁହାଯାଏ । ଯଦି ସ୍ତ୍ରୀ ବୃଦ୍ଧା ହୋଇଥିବେ ତାଙ୍କୁ ନିଜର ମାତା ରୂପେ ଦେଖ, ଯଦି ଯୁବତୀ ହୋଇଥିବ, ତାକୁ ନିଜର ଭଉଣୀ ଭଳି ଦେଖ, ଯଦି ବହୁତ ଛୋଟ ହୋଇଥିବେ ତାକୁ ନିଜର କନ୍ୟା ପରି ଦେଖ, ନିଜର କାମଶକ୍ତିକୁ ଦମନ କର । ଯେତେବେଳେ ମନୁଷ୍ୟ ସ୍ତ୍ରୀର ସୌନ୍ଦର୍ଯ୍ୟରେ ଭ୍ରମିତ ହୋଇଯାଏ, ଆଉ ମନ ବିଚଳିତ ହୁଏ, ସେତେବେଳେ କାମ ମନୁଷ୍ୟ ହୃଦୟରେ ବାଦଲ ଭଳି ଆଚ୍ଛାଦିତ ହୋଇଯାଏ । ତେଣୁ ଯେଉଁମାନେ ସବୁଥିରେ ସଂଯମିତ ହୋଇଥାନ୍ତି, ସେ ସମସ୍ତ ପ୍ରକାର ଦୁଃଖରୁ ମୁକ୍ତି ପାଇଥାନ୍ତି । ତେଣୁ ହେ ଭିକ୍ଷୁଗଣ ତୁମକୁ କାମ ଏବଂ ଦ୍ୱେଷକୁ ସମଗ୍ର ରୂପେ ତ୍ୟାଗ କରିଦେବା ଆବଶ୍ୟକ । କାମ, ବାସନା ଏବଂ ଜିଜୀବିଷା, ଯାହା ସର୍ବତ୍ର ସୁଖ କାମନା କରେ ଏବଂ ନିରନ୍ତର ପୁନର୍ଜନ୍ମର କାରଣ ହୋଇଥାଏ, ତାହାହିଁ ଦୁଃଖର ଉଦ୍‌ଗମ ସ୍ଥଳ ଅଟେ । ସଂସାରରେ ଯାହା ଦେଖୁଛେ, ସବୁ ଦଃଖ ଅଟେ । ଜନ୍ମ, ବାର୍ଦ୍ଧକ୍ୟ, ରୋଗ, ଶୋକ, ନିରାଶା ସବୁହିଁ ଦୁଃଖ ଅଟେ । ଯାହା ଆମେ ପାଇବାକୁ ଇଚ୍ଛା କରୁ ତାକୁ ପାଇବାର ବିଫଳତା ଦୁଃଖ ଅଟେ ।"

ମହାନ କର୍ମଯୋଗୀ ବୁଦ୍ଧ ନୈତିକତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ସବୁ ଗୁଣକୁ ପରିତ୍ୟାଗ କରି ନିର୍ବାଣପ୍ରାପ୍ତ କରିବାର ପରମ ସୁଖ ପ୍ରାପ୍ତ କରିବା ହିଁ ତାଙ୍କ ଧର୍ମର ମୂଳଲକ୍ଷ୍ୟ ଥିଲା । ବାସନା ଓ ତୃଷ୍ଣା ତ୍ୟାଗ ଦ୍ୱାରା ସମସ୍ତ ଦୁଃଖରୁ ଆତ୍ୟନ୍ତିକ ନିବୃତ୍ତ ସମ୍ଭବ ଏବଂ ପରିଣତିରେ ନିର୍ବାଣର ବିମଳ ଆନନ୍ଦ ସମ୍ଭୋଗ ଅବଶ୍ୟମ୍ଭାବୀ, ଏହାହିଁ ବୌଦ୍ଧ ଧର୍ମର ଚରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ।

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଶ୍ୱେତଗଙ୍ଗା, ପୁରୀ



# ବୌଦ୍ଧଧର୍ମରେ ଥେରଥେରୀ

*ଡ. ତ୍ରିନାଥ ପଟ୍ଟନାୟକ*

ବୌଦ୍ଧ ଧର୍ମ ଗ୍ରନ୍ଥ ତ୍ରିପିଟକ ମଧ୍ୟରୁ ପ୍ରଥମ ପିଟକ(ପେଟରା)ହେଉଛି ସୁତ୍ତପିଟକ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ପିଟକ। ଏଥିରେ ଭଗବାନ ବୁଦ୍ଧଙ୍କର ସମସ୍ତ ସୁତ୍ତ ବା ଉପଦେଶ ସଂଗ୍ରହ କରାଯାଇଛି। ଭଗବାନ ବୁଦ୍ଧ ନିଜ ମୁଖରେ ଯେଉଁ ସବୁ ଉପଦେଶ ପ୍ରଦାନ କରିଛନ୍ତି, କେବଳ ସେତିକି ନୁହେଁ, ଅନୁଭବ ଗୁଡିକୁ ପରିପ୍ରକାଶ କରିଛନ୍ତି। ଏହି ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ। ପ୍ରତ୍ୟେକ ବିଭାଗ ଗୋଟିଏ ଗୋଟିଏ ନିକାୟ ଭାବେ ପରିଚିତ। ସେଥି ମଧ୍ୟରୁ ପଞ୍ଚମ ନିକାୟ ହେଉଛି 'ଖୁଦକ ନିକାୟ'। 'ଖୁଦକ ନିକାୟର' ଅର୍ଥ ହେଉଚି ଛୋଟ ଛୋଟ ଗ୍ରନ୍ଥର ସମାହାର। ଭାଷା ଶୈଳୀ ଅନୁସାରେ ଏ ସବୁ ଗ୍ରନ୍ଥ ଗଦ୍ୟପଦ୍ୟମୟୀ ଭାଷାରେ ଲିଖିତ। ଖୁଦକ ନିକାୟରେ ୧୫ ଗୋଟି ଗ୍ରନ୍ଥ ଅଛି। ସେଥି ମଧ୍ୟରୁ ଅଷ୍ଟମ ଗ୍ରନ୍ଥ ହେଉଛି 'ଥେରଗାଥା'। ଥେର ଅର୍ଥ ସ୍ଥବିର। ନବମ ଗ୍ରନ୍ଥ ହେଉଛି 'ଥେରୀଗାଥା'। ସ୍ଥବିରାମାନଙ୍କର କଥା। ସ୍ଥବିର ଅର୍ଥ ବୃଦ୍ଧା ଅବସ୍ଥାକୁ ବୁଝାଉଥିଲେ ହେଁ ବୌଦ୍ଧ ଧର୍ମ ନୀତିନିୟମରେ ଏମାନେ ବରିଷ୍ଠ ଭିକ୍ଷୁ ବା ଭିକ୍ଷୁଣୀ। ଜଣେ ସାଧାରଣ ବୌଦ୍ଧ ଭିକ୍ଷୁ ବା ଭିକ୍ଷୁଣୀ ଦଶାବର୍ଷାଧିକ ସନ୍ନ୍ୟାସ ଧର୍ମ ପାଳନ କଲାପରେ ସେହି ବର୍ଷିୟାନ ବୌଦ୍ଧ ଭିକ୍ଷୁ ସ୍ଥବିର ପଦେଯାଗ୍ୟ ହୋଇଥାଏ।

ଥେର ଗାଥାରେ ସ୍ଥବିରମାନଙ୍କର ୧୨୭୯ ଗାଥା ସନ୍ନିବେଶିତ ଅଛି। ଏସବୁ ସେମାନଙ୍କ ଜୀବନ ଅନୁଭୂତିର ସଂସ୍କରଣ। ସେହି ଗାଥାଗୁଡିକ ୨୧ଟି ନିପାତ ବା ବର୍ଗରେ ବିଭକ୍ତ। ଏହି ବର୍ଗଗୁଡିକରେ ଅନେକ ସୁନ୍ଦର ପ୍ରାକୃତିକ ବର୍ଣ୍ଣନ ମଧ୍ୟ ଦେଖିବାକୁ ମିଳେ, ଯେଉଁ ସବୁ ଭିକ୍ଷୁମାନଙ୍କ ଅନୁଭବ ସହିତ ସଂଶ୍ଲିଷ୍ଟ। ସେମାନେ ଜୀବନ ଯାତ୍ରାରେ କଦାପି ନିରାଶ ହୋଇ ନାହାନ୍ତି ବରଂ ଗଭୀର ଭାବେ ସୁଖର ଅନୁପମ ସ୍ପର୍ଶକୁ ପ୍ରାପ୍ତ ହୋଇଥାନ୍ତି। ଏହାହିଁ ଥେର ଗାଥାର ବିଶେଷତା।

ଥେର ଗାଥାରୁ ଗୋଟିଏ ଯୋଡ଼ିଏ ଗାଥାକୁ ଆମେ ଏଠାରେ କେବଳ ସୂଚନା ରୂପେ ଗ୍ରହଣ କରିପାରିବା।

ଜଣେ ଭିକ୍ଷୁ ନିଜ କୁଟୀରରେ ସୁଖାସନରେ ବସିଛନ୍ତି। ସଂସାରର କୌଣସି ଜଞ୍ଜାଳଭାର ତାଙ୍କ ମୁଣ୍ଡ ଉପରେ ନାହିଁ। ସେ ଶୋଚନା ଶୂନ୍ୟ ଅବସ୍ଥାରେ ଅଛନ୍ତି। ଆଷାଢ଼ ମାସ। ବାହାରେ ମୂଷଳଧାରାରେ ବର୍ଷା ହେଉଛି। ଭିକ୍ଷୁ ଗୀତ ଗାଉଛନ୍ତି ଯାହାକି ତତ୍କାଳର ଅନୁଭବ-ବର୍ଷା ଦେବତା ! ଯେତେ ପାରୁଛ ବରଷି ଯାଅ। ବାସ୍ତବରେ ବହୁତ ସୁଖମୟ ଏ ବର୍ଷା। ବହୁତ ଶାନ୍ତି ଦେଉଛି। ସବୁ ପ୍ରଣୀଙ୍କୁ ମଧ୍ୟ ସୁଖ ଦେଉଥିବ। ଏଇ ଦେଖ, ମୋ ଚିତ୍ତ ସମାଧିସ୍ଥ ହୋଇ ଦୃଢ ଭାବରେ ଲୀନ ହୋଇଯାଉଛି।

ହେ ବର୍ଷା, ତୁମେ କାମ ଉଦ୍ଦୀପକ କିନ୍ତୁ ମୁଁ କାମ ଶକ୍ତିରୁ ବିମୁକ୍ତ। ନିର୍ବାଣ ନିମନ୍ତେ ଉଦ୍ୟମ କରୁଛି। ବର୍ଷା ଦେବତା, ତୁମେ ଇଚ୍ଛା ଅନୁସାରେ ବର୍ଷାକର।

ସେହି ବର୍ଷାକୁ ଦେଖି ଆଉଜଣେ ଭିକ୍ଷୁ ଉଲ୍ଲେଖ କରିଛନ୍ତି -'ଆକାଶରେ ମେଘର ଘନଘଟା, ମେଘ ଦୁନ୍ଦୁଭି ବଜାଉଛି। ପକ୍ଷୀମାନେ ବାଦଲ ନିକଟରେ ଚକ୍କର କାଟୁଛନ୍ତି। ପାହଡ ଶିଖରରେ ମେଘସୈନ୍ୟ ସଜାଉଛି। କି ଆନନ୍ଦ ଦାୟକ ବର୍ଷା ! ଚାତକ ଚଞ୍ଚୁରେ ବର୍ଷାଧାର ପିଉଛି। ସବୁପ୍ରାଣୀ ଆନନ୍ଦ ବିଭୋର। ମୁଁ ବି ଧ୍ୟାନସ୍ଥ ହେବି।'

ଆଉଜଣେ ଭିକ୍ଷୁ ପାହାଡ ଉପରେ ଧ୍ୟାନ କରୁଛନ୍ତି ସେ କହୁଛନ୍ତି- "ଏ ସମୟ ଠାରୁ ଆନନ୍ଦ ଦାୟକ ସମୟ କ'ଣ ହୋଇପାରେ ? ଏକାନ୍ତ ବନାନୀ, ବିଳମ୍ବିତ ରାତ୍ରିର ମାୟା। ବାଦଲର ଗୁରୁ ଗମ୍ଭୀର ନିନାଦ, ଦୂର ଅରଣ୍ୟରୁ ହାତୀର ପେଁକାଳି ଶୁଣାଯାଉଛି। ଏତ ଧ୍ୟାନରେ ମନସ୍କ ହୋଇ ଯିବାର ଅପୂର୍ବ ବେଳା। ଏହାଠାରୁ ଆନନ୍ଦ କଣ ହୋଇପାରେ ?"

ପ୍ରାକୃତିକ ବର୍ଣ୍ଣନାରେ ପରିପୁଷ୍ଟ ଗୀତିକାବ୍ୟ ହେଉଛି ଥେରଗାଥା। ଏଥିରେ ପ୍ରକୃତିର ନିରୋଳା ଛବି ସବୁ ରୂପ ନେଇଛି। ବୌଦ୍ଧ ଥେର ସାହିତ୍ୟରେ ଏଭଳି ପ୍ରାକୃତିକ ବର୍ଣ୍ଣନାରେ ରସାଣିତ ହଜାର ହଜାର ଗୀତି କବିତା ଦେଖିବାକୁ ମିଳେ। ଏହି ବର୍ଣ୍ଣନା ଗୁଡିକରେ ପ୍ରକୃତିର ଅତି ସୂକ୍ଷ୍ମରୂପ ନିରୀକ୍ଷଣ କରିହୁଏ। ଭଗବାନ ବୁଦ୍ଧଙ୍କ ନୀତିରେ ପରିଚାଳିତ ସମକାଳୀନ ଭିକ୍ଷୁମାନଙ୍କ ଜୀବନଯାପନଶୈଳୀର ସ୍ୱରୂପ ମଧ୍ୟ ଜାଣିହୁଏ। ଆମେ ଏଠାରେ ଜଣେ ବରିଷ୍ଠ ଭିକ୍ଷୁ ସୁନୀତଙ୍କ ଜୀବନ ଗାଥା ବିଷୟରେ କିଞ୍ଚିତ ଆଲୋଚନା କରିବା ।

ଭିକ୍ଷୁ ସୁନୀତ ନୀଚକୁଳରେ ଜନ୍ମ ହୋଇଥିଲେ। ସେ ଥିଲେ ଦରିଦ୍ର। ଦୁଇଓଳି ଦୁଇ ମୁଠା ଖାଇବାକୁ ସୁଦ୍ଧା ପାଉ ନଥିଲେ। ତାଙ୍କର କର୍ମଥିଲା ନଗରରୁ ମଇଳା ସଫା କରିବା। କାହିଁକି ନା ସେ ଜାତିରେ ଥିଲେ ମେହେନ୍ତର। ତେଣୁ ସର୍ବଦା ମନୁଷ୍ୟମାନଙ୍କ ନିକଟରେ ମଥାନତ କରି ଚାଲୁଥିଲେ।

ସମାଜରେ ତାଙ୍କର ଆତ୍ମସମ୍ମାନ ବୋଲି କିଛି ନ ଥିଲା । ମନୁଷ୍ୟର ବନ୍ଦନା କରିବା ନିମନ୍ତେ ତାଙ୍କୁ ବାଧ୍ୟ କରାଯାଉଥିଲା ।

ଏକଦା ଭିକ୍ଷୁ ସଂଘ ସହିତ ଭଗବାନ ବୁଦ୍ଧ ରାଜ ଗୃହରେ ପ୍ରବେଶ କରୁଥିବାର ସେ ଦେଖିଲେ । ସେହି ସମୟରେ ସୁନୀତ ରାସ୍ତା ସଫା କରୁଥିଲେ । ଝାଡୁକୁ ଫିଙ୍ଗିଦେଲେ ସେ ବୁଦ୍ଧଙ୍କ ପଦବନ୍ଦନା କରିବାକୁ ଲାଗିଲେ । ତଥାଗତ ମଧ୍ୟ ସ୍ୱୟଂ ଦୟାପରବଶ ହୋଇ ସେଠାରେ ଠିଆ ହୋଇଗଲେ । ସୁନୀତ ପ୍ରଭୁଙ୍କୁ ପ୍ରବ୍ରଜ୍ୟା ଯାଚନା କଲେ । ମହାକାରୁଣିକ ଗୌତମ ବୁଦ୍ଧ ତାଙ୍କୁ କହିଲେ – 'ଆଭିକ୍ଷୁ, ତମର ଏଠାରେ ଆଜିଠାରୁ ଉପସମ୍ପଦା ହେଲା । ତମେ ମୋର ପ୍ରିୟ ଶିଷ୍ୟ ହେଲ ।' ସେଇ ସୁନୀତ ଆଜି ମହାସ୍ଥବିର, ଅର୍ହତ । ଯେଉଁ ଅର୍ହତଙ୍କୁ ବ୍ରହ୍ମା, ଇନ୍ଦ୍ରଆଦି ଦେବଗଣ ଅଞ୍ଜଳିବଦ୍ଧ ହୋଇ ପ୍ରଣାମ କରୁଛନ୍ତି ।

ରାଜସୁଖ ତ୍ୟାଗକରି ଭିକ୍ଷୁ ହୋଇଥିବା ସ୍ଥବିର ଉଦ୍ଦିୟ ନିଜ ବିଷୟରେ କହନ୍ତି – ଦିନ ଥିଲା ମୁଁ ରାଜା ଥିଲି । ମୋ ହାତୀର ଗ୍ରୀବା ପ୍ରଦେଶରେ ସୂକ୍ଷ୍ମବସ୍ତ୍ର ଶୋଭା ପାଉଥିଲା । ଆଜି ପରିଗ୍ରହରହିତ ହୋଇ ସୁଖରେ ଧ୍ୟାନ କରିପାରୁଛି । ଉଚ୍ଚ ମଣ୍ଡଳାକାର ଅଟ୍ଟାଳିକା ଓ କୋଠାମାନଙ୍କ ପ୍ରବେଶ ପଥରେ ସୈନ୍ୟମାନେ ଉନ୍ମୁକ୍ତ ଖଡ୍ଗଧରି ମୋର ସୁରକ୍ଷା ନିମନ୍ତେ ନିୟୋଜିତ ଥିଲେ । ତଥାପି ଆଖିକୁ ନିଦ୍ରା ଆସୁନଥିଲା । ସର୍ବଦା ଭୟଭୀତ ଅବସ୍ଥାରେ ରହିବାକୁ ପଡୁଥିଲା । କିନ୍ତୁ ଆଜି ମୋ ମନରେ କୌଣସି ଭୟ ନାହିଁ । ଆନନ୍ଦ ମନରେ ବନ ପ୍ରଦେଶରେ ଭ୍ରମଣ କରୁଛି । ଧ୍ୟାନ କରୁଛି ।

ପର୍ବତ ଗୁମ୍ଫାମାନଙ୍କରେ ଧ୍ୟାନସ୍ଥ ଥିବା ଅନେକ ଥେରଙ୍କ ଅନୁଭୂତିର କଥା ହେଉଛି ବୌଦ୍ଧ 'ଥେରଗାଥା', ଯେଉଁମାନେ ମାୟା ମୋହଠାରୁ ବିମୁକ୍ତ ହୋଇ ଅଚଳ ପର୍ବତ ସମାନ ଦୃଢ଼ । ଆଉ କେବେହେଁ ବରଡ଼ାପତ୍ର ଭଳି କମ୍ପିତ ହୁଅନ୍ତିନାହିଁ । ବୌଦ୍ଧ ଧର୍ମ ସାହିତ୍ୟରେ ଆମେ ଦୁଇପ୍ରକାର ଭିକ୍ଷୁଙ୍କୁ ଭେଟିପାରିବା । ପ୍ରଥମ ଭିକ୍ଷୁକମାନେ ଆନ୍ତରିକ ଜୀବନଯାପନ କରନ୍ତି; ଦ୍ୱିତୀୟ ଭିକ୍ଷୁକମାନଙ୍କର ପ୍ରବଳ ପ୍ରାକୃତିକବୋଧ ଥାଏ । ସଂସାରର ସମସ୍ତ ସଂସ୍କାର ବା ପ୍ରସ୍ତୁତ କରାଯାଇଥିବା ବସ୍ତୁ ସମୂହ ଅନିତ୍ୟ । ଏହି ସତ୍ୟକୁ ଯେତେବେଳେ ସେମାନେ ସାକ୍ଷାତ କରିଛନ୍ତି ସେମାନେ ଭିକ୍ଷୁ ପଥକୁ ବାଛିନେଇଛନ୍ତି । କାମନାହୀନ ଜୀବନ ହିଁ ସବୁଠାରୁ ବଡ଼ ସୁଖଦାୟକ – ଏକଥା ଅନୁଭବ କରିପାରିଛନ୍ତି । ତାଙ୍କ ଜୀବନ ସଂସାର ନିମନ୍ତେ – ଅନୁରାଗମୟୀ ନୁହେଁ, ବିଷାଦ ପୂର୍ଣ୍ଣ ନୁହେଁ । ଏହି ଦୃଷ୍ଟିକୋଣରୁ ସେମାନେ ମୁକ୍ତ । ସୁଖ ଦୁଃଖ ଅନେକଙ୍କ ନିମନ୍ତେ ନିରର୍ଥକ ହୋଇଗଲା । ଶୀତ ଓ ଉଷ୍ମ ସେମାନଙ୍କ ନିକଟରେ ମହତ୍ତ୍ୱହୀନ । ଉଭୟେ ସମାନ । ଏସବୁ ଆଦର୍ଶ କଥାର ସଙ୍କଳନ ହିଁ 'ଥେରଗାଥା' ।

ସୁତ୍ତପିଟକର ପଞ୍ଚମ ନିକାୟ ହେଉଛି ଖୁଦ୍ଦକ । ଏହାର ନବମ ଗ୍ରନ୍ଥ ହେଉଛି ଥେରୀଗାଥା । ଏହି ଗ୍ରନ୍ଥରେ ଭିକ୍ଷୁଣୀ ଜୀବନର ବିଭିନ୍ନ ସଂସ୍କରଣ ସଂଗୃହୀତ ହୋଇ ରହିଛି । ଏଥିରେ ତେସ୍ତରୀଜଣ ଭିକ୍ଷୁଣୀଙ୍କ ଅନୁଭବ କଥା ଅଛି । ଷୋହଳଗୋଟି ନିପାତ(ବର୍ଗ)ରେ ଏହା ବିଭକ୍ତ । ସର୍ବମୋଟ ୫୨୨ଟି ଗାଥା ସମ୍ପାଦିତ ହୋଇଛି । ଏହି ଗାଥାମାନଙ୍କରେ ଭିକ୍ଷୁଣୀମାନଙ୍କ ଆତ୍ମୀୟତା ଏବଂ ଯଥାର୍ଥବାଦିତାର ସ୍ପଷ୍ଟ ଝଲକ ମିଳିଥାଏ । ଏଥିରେ ସୁଗମ୍ୟ ପ୍ରାକୃତିକ ବର୍ଣ୍ଣନାର ବର୍ଣ୍ଣାଢ୍ୟ ଛବିସବୁ ଦେଖିବାକୁ ମିଳେ ।

ଦିନେ ଯେଉଁ ଅପୂର୍ବ ସୁନ୍ଦରୀ ବୈଶାଳୀ ନଗରବଧୂର ରୂପଲାବଣ୍ୟ ଛଟାରେ ସଂସାର ବିମୋହିତ ହୋଇଉଠୁଥିଲା, ସେହି ଆମ୍ରପାଲୀ; ଭିକ୍ଷୁଣୀ ହୋଇଯିବା ପରେ ସ୍ଥବିରା ନିଜର ଜୀର୍ଣ୍ଣଶୀର୍ଣ୍ଣ ଶରୀରକୁ ଦେଖି ନିଜେ ଭିକ୍ଷୁଣୀ । ଆମ୍ରପାଲୀ କହିଛନ୍ତି – କଳାଭଅଁର ରଙ୍ଗ ସମାନ, କୁଞ୍ଚିତ କେଶବାସ କେବେ ମୋ କବରୀର ଶୋଭା ବଢ଼ାଉଥିଲା । ଆଜି ତାହା ଜରାବସ୍ଥାରେ ଜୀର୍ଣ୍ଣଶୀର୍ଣ୍ଣ । ଆଜି ମୁଁ ବଲ୍କଳବସ୍ତ୍ରା । ତାହା ବି ରଙ୍ଗହୀନ, ଜୀର୍ଣ୍ଣ । ସତରେ ସତ୍ୟବାଦୀ (ବୁଦ୍ଧ)ଙ୍କ ବଚନ କଦାପି ମିଥ୍ୟା ନୁହେଁ । ଦିନ ଥିଲା ପୁଷ୍ପ ସମ୍ଭାରରେ ଗୁନ୍ଥା ମୋର ଲମ୍ବିତ କବରୀ ସୁବାସରେ ଦିଗ୍‌ବିଦିଗ ଉଚ୍ଛୁଳି ପଡୁଥିଲା । ମହକି ଉଠୁଥିଲା ଅନ୍ତଃପୁର । ଆଜି ଏହି ଉତ୍ତର ବୟସରେ, ଝୋଟ ଭଳି ଧବଳିମା କେଶ ଦୁର୍ଗନ୍ଧରେ ଅଲୋଡ଼ା, ଅଖୋଜା । ସତ୍ୟାବଦୀ (ବୁଦ୍ଧ)ଙ୍କ ବଚନ କଦାପି ମିଥ୍ୟା ହୋଇନପାରେ ।.......

ଭିକ୍ଷୁଣୀମାନଙ୍କ ଜୀବନ– ଅନୁଭବର ଅଭିବ୍ୟକ୍ତି ଏହିଭଳି ବହୁ ଗାଥାରେ ପରିପ୍ରକାଶ ଘଟିଛି । ନିର୍ବାଣ ପ୍ରତି ଏମାନଙ୍କ ଆଗ୍ରହ ଏକ ଅତିନ୍ଦ୍ରୀୟ ଜଗତରେ ପଞ୍ଚାଇପାରିଛି । ସେମିତି ମହାପ୍ରଜାତିପତି ଗୌତମୀ ନିଜ ଅନୁଭୂତି କଥାକୁ ଗାଥାରେ କହିଛନ୍ତି– ହେ ବୁଦ୍ଧ ! ହେ ବୀର ! ହେ ପୁରୁଷୋତ୍ତମ । ତମକୁ ନମସ୍କାର । ତମେ ପ୍ରାଣୀଙ୍କ ଅପ୍ରମିତ ଆରତକୁ ନିବାରଣ କରିବାରେ ସମର୍ଥ । ମୋ ଅନ୍ତରରୁ ସମସ୍ତ ଦୁଃଖ ଦୂର ହୋଇଯାଇଛି, ହେ ଦୀନବନ୍ଧୁ । ମୁଁ ଜାଣେ, ଦୁଃଖ କେମିତି ଅନ୍ତରକୁ ଆସେ । ତା'ର ମୂଳକାରଣ ତୃଷ୍ଣା । ସେହି ତୃଷ୍ଣାକୁ ମୁଁ ମୋ ହୃଦୟ ମଧ୍ୟରୁ ଦୂର କରିଦେଇ ପାରିଛି । ଶୁଖାଇ ଦେଇଛି । ଆଜି ମୁଁ ଦୁଃଖ ନିରୋଧଗାମିନୀ, ପବିତ୍ର ଅଷ୍ଟାଙ୍ଗ ମାର୍ଗକୁ ସ୍ପର୍ଶ କରିପାରିଛି । 'ସେହି ପବିତ୍ର ମାର୍ଗରେ ବିଚରଣ କରୁଛି । ହେ ବୁଦ୍ଧ, ମୋର ପ୍ରାଣବାୟୁ କ୍ରମେକ୍ରମେ କ୍ଷୀଣ ହେବାକୁ ଲାଗିଲାଣି । ମୁଁ ନିର୍ବାଣ ଚାହେଁ । ମୋର ପୁନର୍ଜନ୍ମ ହେବନାହିଁ । ଲୋଡ଼ା ନାହିଁ, ଲୋଡ଼ା ନାହିଁ ।

ଥେରୀଗାଥାରେ ଯେଉଁସବୁ ଅନୁଭୂତି କଥା ବର୍ଣ୍ଣନା ହୋଇଛି ସେସବୁ ବୁଦ୍ଧକାଳୀନ । ଅର୍ଥାତ – ସମସ୍ତେ ବୁଦ୍ଧଙ୍କ ସଂସ୍ପର୍ଶରେ ଆସିଥିବା ଶିଷ୍ୟା । ନାରୀଜାତି ପ୍ରତି ଭଗବାନ ବୁଦ୍ଧଙ୍କର ଅହେତୁକ କୃପା ଅନୁକମ୍ପା ମଧ୍ୟ ଥିଲା । ପୁରୁଷ ଶିଷ୍ୟମାନଙ୍କ ଭଳି, ଶିଷ୍ୟମାନଙ୍କୁ ମଧ୍ୟ ନିର୍ବାଣପ୍ରାପ୍ତିର ଅଧିକାର ପ୍ରଦାନ କରିଛନ୍ତି । ସର୍ବପ୍ରଥମେ ଗୌତମ ବୁଦ୍ଧ ନିଜ ବିମାତା ମହାପ୍ରଜାତି ଗୌତମୀଙ୍କୁ ସଂଘରେ ପ୍ରବେଶ ନିମନ୍ତେ ଅଧିକାର ପ୍ରଦାନ କରିଥିଲେ ତା ପରେ ଅନେକ ଶାକ୍ୟ କୁଳର ମହିଳା ସଂଘରେ ପ୍ରବ୍ରଜିତ ହୋଇଥିଲେ । ଫଳରେ ଭିକ୍ଷୁ ସଂଘ ଭଳି ଭିକ୍ଷୁଣୀ ସଂଘ ମଧ୍ୟ ବୌଦ୍ଧଧର୍ମରେ ଅସ୍ତିତ୍ୱ ପ୍ରାପ୍ତ କରିଥିଲା । ଏହି ଭିକ୍ଷୁଣୀ ସଂଘରେ ବିଭିନ୍ନ ଜାତି କୁଳର ମହିଳାମାନେ ଭେଦଭାବ ବିନା ପ୍ରବେଶ କରିଥିଲେ ।

ଭିକ୍ଷୁଣୀ ସଂଘରେ ରାଜବଂଶ ସମ୍ଭବା ମହିଳାଠାରୁ ଆରମ୍ଭକରି ବ୍ରାହ୍ମଣକୁଳ ମହିଳା, ଏପରିକି ଦାସୀ, ଗଣିକା, ତେଲୀ, ସୁନାରୀ, ଚଣ୍ଡାଳ ଓ ଅନ୍ୟାନ୍ୟ ଅଚ୍ଛବ ମହିଳାମାନେ ମଧ୍ୟ ସାମିଲ ହୋଇପାରିଥିଲେ । କେତେକ ଭିକ୍ଷୁଣୀଙ୍କ ସାମାଜିକ ଅବସ୍ଥା ତଥା ପରିଚୟ ଦେଲେ ଆମେ ସ୍ପଷ୍ଟ ହୋଇପରିବା ।

କୋଶଳ ଓ ମାଗଧ ରାଜବଂଶର ମହିଳା ଯେଉଁମାନେ କି ଭିକ୍ଷୁଣୀ ହୋଇଥିଲେ ସେମାନେ ହେଉଛନ୍ତି- କ୍ଷେମା, ସୁମନା, ଶୈଳା ଓ ସୁମେଧା। ଶାକ୍ୟ ଓ ଲିଚ୍ଛବି ରାଜବଂଶର ମହିଳା ହେଉଛନ୍ତି ମହାପ୍ରଜାପତି ଗୌତମୀ, ଅଭିରୂପାନନ୍ଦା, ଗୌତମୀ ତିଷ୍ୟା ସୁନ୍ଦରୀ, ନନ୍ଦା, ଜୟନ୍ତୀ, ଅନ୍ୟତରା ତିଷ୍ୟା, ଧୀରା, ମିତ୍ରା, ଭଦ୍ରା, ଉପଶମା ପ୍ରଭୃତି।

ସେହିପରି ବ୍ରାହ୍ମଣକୁଳ ସମ୍ଭବା ମହିଳାଙ୍କ ମଧ୍ୟରେ ହେଲେ- ମୈତ୍ରିକା, ଅନ୍ୟତରା ଉତ୍ତମା, ଚଳା ଉପଚାଳା, ଶିଶୁପଚାଳା, ରୋହିଣୀ, ସୁନ୍ଦରୀ, ଶୁଭା, ଭଦ୍ରାକାପିଳାୟିନୀ, ମୁକ୍ତା, ନନ୍ଦା, ସୁକୁଳା, ଚନ୍ଦା, ଗୁପ୍ତା, ସୋମା ଇତ୍ୟାଦି।

ବୈଶ୍ୟ ଓ ଶୂଦ୍ରଜାତିର ପୂର୍ଣ୍ଣା, ଚିତ୍ରା, ଶ୍ୟାମା, ଉର୍ବରୀ, ଶୁକ୍ଳା, ଧମ୍ମାଦିନ୍ନା, ଉତ୍ତମା, ଭଦ୍ରକୁଣ୍ଡଳ କେଶା, ପଟ୍ଟାଚାରା, ସୁଜାତା, ଅନୋପମା ଇତ୍ୟାଦି। ଅଡ୍ଢକାସୀ, ଅଭୟମାତା, ବିମଳା, ଆମ୍ରପାଳୀ ପ୍ରଭୃତି ନଗରବଧୂ ଥିଲେ। ପରେ ବୌଦ୍ଧଧର୍ମ ଗ୍ରହଣ କରି ଥେରୀ ହୋଇଥିଲେ। ସେହିଭଳି ଶୁଭା ବଣିଆପୁତ୍ରୀ, ଚାପା ଶବର (ଚେଢେୟା) କନ୍ୟା ଓ ପୂର୍ଣ୍ଣିକା ଦାସୀ-ପୁତ୍ରୀ ଥିଲେ।

ଥେରୀଗାଥା ପାଠକଲେ ବୁଦ୍ଧକାଳୀନ ଭାରତୀୟ ନାରୀସମାଜର କ୍ରାନ୍ତିକାରୀ- ସ୍ୱରୂପ ଦେଖିବାକୁ ମିଳେ। ଆଉ ଗୋଟିଏ କଥା ଥେରୀଗାଥାରେ ବୌଦ୍ଧ ଭିକ୍ଷୁଣୀମାନଙ୍କ ଅନୁଭୂତି ବର୍ଣ୍ଣନାରେ କାବ୍ୟଗତ ସୌନ୍ଦର୍ଯ୍ୟର ଗରିମା ଅସାଧାରଣ ଭାବେ ପରିପ୍ରକାଶ ଘଟିଛି।

ଗୌତମବୁଦ୍ଧ ୮୦ବର୍ଷ ବୟସରେ ପରିନିର୍ବାଣ ପ୍ରାପ୍ତ ହୋଇଥିଲେ। ସେ ପର୍ଯ୍ୟନ୍ତ ଥେର ଓ ଥେରୀମାନେ ବୁଦ୍ଧଙ୍କ ସାନ୍ନିଧ୍ୟ ଲାଭ କରୁଥିଲେ। ଗୌତମବୁଦ୍ଧ ପ୍ରକୃତିକୁ ଭଲପାଉଥିଲେ ଓ ଭାରତବର୍ଷର ମନୋରମ ଚିତ୍ର ତାଙ୍କୁ ଅଭିଭୂତ କରିଦେଉଥିଲା। ଥରେ ସେ ବୈଶାଳୀରୁ କୁସୀନାରା ନଗରୀ ଯାତ୍ରା କାଳରେ ତାଙ୍କ ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ କହିଥିଲେ- ଚିତ୍ରଂ ଜମ୍ବୁ ଦ୍ୱୀପଂ, ମନୋରମଂ ଜୀବିତଂ ମନୁଷ୍ୟାଣାମ୍ (କେଡ଼େ ସୁନ୍ଦର, ବିଚିତ୍ର ଏ ଭାରତବର୍ଷ, ମନୁଷ୍ୟମାନଙ୍କର ଜୀବନ ଏଠାରେ କେତେ ମନୋରମ)। ସେ କୌଣସି ଉଗ୍ରଜାତୀୟତାବାଦରେ ବିଶ୍ୱାସ ନରଖି, ଭାରତବର୍ଷକୁ ଅତିଶୟ ଶ୍ରଦ୍ଧା କରୁଥିଲେ। ତାଙ୍କର ଧର୍ମ ଥିଲା, ସମଗ୍ର ମାନବଜାତି ପ୍ରତି ପ୍ରେମର ଧର୍ମ।


ସଂପାଦକ, ପୁରାଣ ପତ୍ରିକା, ଜି - କଟକ

ପିନ - ୭୫୪୦୦୪

ଫୋନ - ୯୯୩୭୮୪୦୩୮୭

Email - pattnaik.trinath14@gmail.com




# କାମନାର ବିନାଶରେ ସୁଖର ବିନାଶ

*ପ୍ରବୀର ମହାନ୍ତି*

**ସୁ**ଖ ଆଉ ଦୁଃଖର ସଂଜ୍ଞା ନିରୂପଣ କରିବା ଅତି ସହଜ । ବହୁ ମହାମନିଷୀ ଏହା ଉପରେ ଅନେକ ଟୀକା ଟିପ୍ପଣୀ ଦେଇଛନ୍ତି । ତାହାକୁ ଏଠାରେ ଉପସ୍ଥାପନ କରି ଆମେ ଦୁରୂପଯୋଗ କରିବାକୁ ଚାହୁଁନାହୁଁ । କାହିଁକି ନାଁ ଏ ସମାଜରେ ଏ ସମୟରେ କାହାର ବି ଫୁର୍‌ସତ୍ ନାହିଁ ଆମର ଅନାବନା କଥା ପଢ଼ିବାକୁ ବା ଶୁଣିବାକୁ । ଯେମିତି ଆମେ କଛି ଅଦରକାରୀ କଥାକୁ ଶୁଣିବାକୁ ପ୍ରସ୍ତୁତ ନୋହୁଁ; ସେମିତି ସମସ୍ତେ । ଆଜିର ସମାଜରେ ଲେଖକୀୟ ସତର୍କତା ଜରୁରୀ ହୋଇଗଲାଣି । ଯାହା ନିଜେ ନ ଖାଉଛ (ଯଥା:- ପଚା ସେଓ ଯେମତି ତାହା ଅନ୍ୟକୁ ଦେବା ବିଧେୟ ନୁହେଁ) ସେହିପରି ଯେଉଁ ଆଲେଖ୍ୟ ନିଜକୁ ରୁଚିକର ଲାଗୁନାହିଁ ତାହା ସମାଜକୁ ବାଢ଼ିଦେବା କେମିତି ?

ଏବେ ଆସିବା ସୁଖ ଆଡ଼େ । ସୁଖ ସମସ୍ତଙ୍କ ପାଇଁ ସମାନ ନୁହେଁ, ଦୁଃଖ ବି । ନିଜକୁ ଯାହା ଆନନ୍ଦ ଦିଏ ତାହା ସୁଖ ଏବଂ ନିଜକୁ ଯାହା କଷ୍ଟ ଦିଏ ତାହା ଦୁଃଖ । ଉଦାହରଣ ସ୍ୱରୂପ 'ଏସ୍କିମୋ'ମାନଙ୍କୁ ଯଦି ଆଣି ଗ୍ରୀଷ୍ମପ୍ରଧାନ ଦେଶରେ ରଖିଦିଆଯାଏ, ସେମାନେ ବଞ୍ଚିବେ ସତ ମାତ୍ର କଷ୍ଟ ପାଇବେ । ପାଣିରୁ ମାଛକୁ କାଢ଼ିଆଣିଲେ, ଉଡ଼ାଚଢ଼େଇକୁ ପଞ୍ଜୁରୀ ଭିତରେ ଭରିଦେଲେ ଉଭୟେ ବଞ୍ଚିବେ ମାତ୍ର ସୁଖରେ ନୁହେଁ । ଆମ ମନକୁ, ଆମ ଦେହକୁ ଯାହା ଭଲ ଲାଗେ, ଆମ ଇଚ୍ଛାନୁସାରେ ଯେଉଁ କାର୍ଯ୍ୟ ହୁଏ ତାହା ସୁଖ ଅନ୍ୟଥା ଦୁଃଖ ।

ଜୀବନକୁ କୋଉପଟୁ ବାହୁନିବି । ସିଏ (ଜୀବନ) ଅଛି ବୋଲି ତ ମୁଁ ସୁନ୍ଦର । ସିଏ ଅଛି ବୋଲି ତ ମୋର ବୁଦ୍ଧି, ଜ୍ଞାନ, ଯୋଗ୍ୟତା, କ୍ଷମତା ସବୁ ଅଛି । ଅଛି ମୋ ପାରୁପର୍ଯ୍ୟନ୍ତ ପ୍ରତିପତ୍ତି, ସମ୍ପତ୍ତି । ଅଛି ଯାବତୀୟ ଅହଂକାର ଓ ପ୍ରେମ, ପ୍ରୀତି । ନଈକୂଳ ଖାଇଲା, ଖାଇଲା ଜନପଦ, ଖାଇଲା ଗାଆଁଗଣ୍ଡା, ଫସଲର ହରିତ୍ ସମ୍ପଦ । ବାବଜୀର ମଠ ଭୁଶୁଡ଼ିଲା । ଏବେ ବାବଜୀ କରିବେ କ'ଣ ? ବିଚରା ଠାକୁର ଖଟୁଲୀ; ପୂଜା ସରଞ୍ଜାମ, ଆୟ ଅଳଙ୍କାର, ଧର୍ମଶାସ୍ତ୍ର ଧରି ଚାଲିଲେ ଆଉ ଗୋଟାଏ ଜାଗାରେ ମଠ ବସାଇବେ । ଏତେବେଳକୁ ନଈବଢ଼ି ଛାଡ଼ିଗଲାଣି । ଧରାପୃଷ୍ଠରୁ ବର୍ଷାଋତୁ ସମ୍ପୂର୍ଣ୍ଣ ଅପସରି ଯାଇନାହିଁ । ଜଙ୍ଗଲରେ ଗଛମାନଙ୍କରେ ପତ୍ରଗହଳି ବଢ଼ିଛି । ଅଗନାଅଗନି ଜଙ୍ଗଲ ଭିତରେ ବାବାଜୀ ଚାଲିଥାନ୍ତି । ମୁଣ୍ଡ ଉପରେ ବହିବୁଜୁଳା ଓ ଠାକୁର ଖଟୁଲୀ । ଗୋଟାଏ କାନ୍ଧରେ ବାବାଜୀଙ୍କର ବସ୍ତ୍ର । ଠାକୁରଙ୍କର ଆସବାବପତ୍ର ଓ ଗହଣାଗାଣ୍ଠି, ଅନ୍ୟ କାନ୍ଧରେ ବାସନକୁସନ । ଜଙ୍ଗଲ ଡେଇଁପଡ଼ିଲେ ଆଉ ଦି'କୋଶ ବାଟରେ ଗାଁ । ସେଇଠି ମଠ ପ୍ରତିଷ୍ଠା କରିବେ ମହାରାଜ । ତାଲୁ ଉପରୁ ସୂର୍ଯ୍ୟ ଗଡ଼ିପଡ଼ିଲେଣି । ମହାରାଜ ବିଷ୍ଣୁ ସହସ୍ର ନାମ ପଢୁଛନ୍ତି, ଚାଲିଛନ୍ତି । ହଠାତ୍ ଗୋଟାଏ ଡକାୟତ ତାଙ୍କୁ ଭେଟିଲା, କହିଲା ବାବାଜୀ ! ତୁ କ'ଣ ନେଉଛୁ ମୋତେ ଦେ, ନହେଲେ ତୋତେ ମାରିଦେବି । ଧାରୁଆ ଛୁରୀଟିଏ ବାବାଜୀ ବେକରେ ଲଗାଇଲା । ବାବାଜୀ ଉତ୍ତର ଦେଲେ ମୁଁ ତ ସାଧୁ ଲୋକ, ମୋ ପାଖରେ କ'ଣ ଅଛି ଯେ, ମୁଁ ଦେବି । ଖଟୁଲୀ ଉପରକୁ ଆଖି ପକାଇଲା ଡକାୟତ । କହିଲା ଏଇଟା ବୋଧେ ରୂପା, ଆଉ ସୁନାର । ବାବାଜୀ କହିଲେ ହଁ – ମାତ୍ର ଏ ଯେ ଠାକୁର, ଇଷ୍ଟ । ଯାକୁ କ'ଣ ନେଇ କରିବ ? ଯାଙ୍କୁ ତ ମୁଁ କସ୍ମିନ୍ କାଳେ ଦେଇପାରିବି ନାହିଁ । ଡକାୟତ ତାଙ୍କ ବେକରେ ଛୁରୀ ଲଗାଇ କହିଲା 'ଠାକୁର ଦବୁ ନାଁ ଜୀବନ ଦବୁ ?" ବାବାଜୀ ମନେମନେ ଭାବିଲେ, ମୁଁ ବଞ୍ଚିଥିଲେ ଆହୁରି ଦି'ହଳ ମୂର୍ତ୍ତି ଗଢ଼ିଦେବି, ଏତ ଦୁଷ୍ଟ ଓ ଦୁର୍ବୃତ୍ତ । ଯା ପାଖେ ଦୟାମାୟା କ'ଣ ? ବାବାଜୀ ମୂର୍ତ୍ତି ଦେଇଦେଲେ । ତାଙ୍କ ବେକରେ ସୁନା କଣ୍ଠିଟିଏ ଝୁଲୁଥାଏ । ଡକାୟତ କଣ୍ଠିଟା ମାଗିଲା । ବାବାଜୀ କହିଲେ ଏ କଣ୍ଠି ମୋତେ ଗୁରୁ ଦେଇଚିରେ, ଗୁରୁଦତ୍ତ ସନ୍ତକ ତୋତେ ଦେବି କେମିତି ? ଡକାୟତର ସେଇ ପୁରୁଣା ସଂଳାପ, 'କଣ୍ଠି ଦବୁ ନାଁ ଜୀବନ ଦବୁ' । ବାବାଜୀ ନିର୍ବିବାଦରେ କଣ୍ଠିଟି ସମର୍ପଣ କରିଦେଲେ । ଏଇ କ୍ରମରେ ଧର୍ମଶାସ୍ତ୍ର, ବାସନକୁସନ, ଗହଣାଗାଣ୍ଠି, ଲୁଗାପଟା ସବୁ ନେଇଗଲା ଡକାୟତ । ବାବାଜୀ କଉପିନି ଖଣ୍ଡେ ପିନ୍ଧି ମନଦୁଃଖରେ ଚାଲିଲେ । 'ନିତ୍ୟପାଠ', ବିଷ୍ଣୁ ସହସ୍ରନାମ ଅଧା ମନେ ପଡୁଥାଏ ଓ ଅଧା ପାସୋରି ଯାଉଥାନ୍ତି । ରତରତ ସଞ୍ଜବେଳ । ପୁଣି ବାବାଜୀ ଆଗରେ ଡକାୟତ । ବାବାଜୀ ପଚାରିଲେ ଆଉ କାହିଁକି ଆଇଲୁରେ ବାପ ? ଆଉ ତ ମୋ ପାଖରେ କିଛି ନାହିଁ । ମୁଁ ତ ନିସ୍ୱଃ । ଡକାୟତ ପାଟିକଲା- କ'ଣ ତୁ ଗୁଣୁଗୁଣୁ ହୋଇ ପଢୁଛୁ ? ବାବାଜୀ କହିଲେ ତୁ ସେଥିରୁ କ'ଣ ପାଇବୁ । ଡକାୟତ ରାଗିଯାଇ କହିଲା- ହେ ମୁଁ ଯେତିକି ପଚାରୁଚି, ସେତିକି କହ ? ବାବାଜୀ କହିଲେ "ବିଷ୍ଣୁ ସହସ୍ରନାମ" । ସେ କହିଲା – "ଯୋଉ ବିଷ୍ଣୁକୁ ମୋ ହାତରେ ଦେଲୁ ତାରି ନାଁ ? ଠୋ ଠୋ ହସିଲା, କହିଲା – "ଯିଏ ନିଜକୁ ରକ୍ଷା କରିପାରିଲା ନାହିଁ, ସେ ତୋତେ ରକ୍ଷା କରିବ ? ବାବାଜୀ ଜିଭ କାମୁଡ଼ି ପକାଇଲେ । କହିଲେ – ଏହେ ! ଏହେ ! ଏକଥା କହନାରେ, ମୁଁ ତାକୁ ଜୀବନଠୁ ବଳି ଭଲପାଏ । ସେ ମୋ ଇଷ୍ଟ । ଡକାୟତ କହିଲା- "ଏଇଠି ବାବାଜୀ ମିଛ କହିଲୁ । ଆ ମୋ ସାଙ୍ଗରେ,

ମୁଁ ତୋତେ ଇଷ୍ଟକୁ ଦେଖେଇ ଦେବି । ବାବାଜୀ କହିଲେ – ନାଇଁ, ନାଇଁ, ରାତି ହେଉଚି, ମୁଁ ପଳେଇଯିବି । ଆହୁରି ଚାରିକୋଶ ବାଟ ରହିଲାଣି । ଡକାୟତି କହିଲା – 'ଇଷ୍ଟକୁ ଦେଖିବୁ ପରା ?' ନା, ଆମେ ଚୋର ତସ୍କର ବୋଲି ବିଶ୍ୱାସ ହେଉନାହିଁ । ବାବାଜୀ ଦେଖିଲେ ଦୁର୍ଜ୍ଜନ ସଙ୍ଗେ ବଢ଼ିବା ଉଚିତ ନୁହେଁ । ସେ ଭିଡ଼ିମୋଡ଼ି ହୋଇ ତା' ସଙ୍ଗେ ଚାଲିଲେ । ଜାଗାଏ ରୋକିଗଲା ଡକାୟତ, କହିଲା – ବାବାଜୀ ଏଇଠି ବଅ, ବାବଜୀ ବସିଲେ । ଆଗରେ ଗୋଟାଏ ଲମ୍ବା ପିମ୍ପୁଡ଼ିର ଧାଡ଼ି ଲମ୍ବିଛି । ସେଇ ଧାଡ଼ି ପାଖକୁ ଅଣ୍ଟାରେ ଆଣିଥିବା 'ଶାକର' ଖଣ୍ଡେ ଥୋଇଦେଲା ଡାକୁ । କିଛି ସମୟ ପରେ ଧାଡ଼ି ଭାଙ୍ଗି ପିମ୍ପୁଡ଼ିମାନେ ଶାକର ଆଡ଼କୁ ମୁହାଁଇଲେ । ଦି'ଟା ଛୋଟିଆ ପଥର ନେଇଆସିଲା ଡାକୁ । ପଥର ଦୁଇଟାକୁ ଘସିକି ଝକମକି କଲା । ବାବାଜୀକୁ କହିଲା ଶୁଖିଲା ପତର ଦେଖା । ପଥରରୁ ବାହାରୁଥିବା ନିଆଁରେ ଶୁଖିଲା ପତରରେ ନିଆଁ ଧରିଲା । ଡାକୁ ଶୁଖିଲା ପତରକୁ ନେଇ ଶାକର ଆଡ଼କୁ ଲମ୍ବିଥିବା ପିମ୍ପୁଡ଼ିର ଲମ୍ବ ଧାଡ଼ି ଆଗରେ ଦେଖାଇଲା । ପିମ୍ପୁଡ଼ିମାନେ ଆଉ ଶାକର ଆଡ଼େ ଯିବେ କ'ଣ, ବାଟ ଭାଙ୍ଗି ଅଲଗା ଧାଡ଼ି କଲେ । ପୁଣି ଅଲଗା ଧାଡ଼ି ଆଗରେ ନିଆଁ ଲାଗିଥିବା ପତରକୁ ଦେଖାଇଲା ଡକାଏତ । ଯେତେଥର ଦେଖାଉଥାଏ ପିମ୍ପୁଡ଼ିମାନେ ଧାଡ଼ିଭାଙ୍ଗି ଅଲଗା ଆଡ଼େ ଯାଉଥାନ୍ତି । ଡକାୟତ ଏଥର ପଚାରିଲା ବାବଜୀଙ୍କୁ – 'ଆରେ ବାବାଜୀ ଏଥିରୁ କ'ଣ ଶିଖିଲୁ ? ପିମ୍ପୁଡ଼ିର ଆଖି ନଥାଏ ବୋଲି ଲୋକେ କୁହନ୍ତି । ଜଗତ କହେ, ଜୀବନକୁ ସେ ଏତେ ଭଲପାଏ ଓ ଭକ୍ତି କରେ ଓ ଏତେ ନିଜର ବୋଲି ଭାବୁଛି ଯେ, ନିଆଁରେ ପୋଡ଼ିଯିବ ଭାବି ଶାକରର ମାୟାକୁ କାଟି ବାଟ ଭାଙ୍ଗି ପଳଉଛି । କହନି ବାବାଜୀ, ଜୀବନର ଇଷ୍ଟ କିଏ ? ବାବାଜୀ ବଲବଲ କରି ଅନାଇଁ ଭାବିଲେ ଯାହାକୁ ଦୁର୍ବୃତ୍ତ ବୋଲି ଭାବୁଥିଲା ସେ ତ ଜଣେ ଜୀବନ ବିଜ୍ଞାନୀ ବାହାରିଲାଣି । ବାବାଜୀ କହିଲେ 'ତା'ର କ'ଣ ଗୋଟାଏ ନାଁ, ସେ ତ ସର୍ବନାମ ।' ଡାକୁ କହିଲା– 'ପିମ୍ପୁଡ଼ି କହୁଛି ଜୀବର ଇଷ୍ଟ ହେଲା ଜୀବନ' । ଏଥିରୁ ତୁ ବୁଝିଲୁ ନାହିଁ ?

ପ୍ରକୃତରେ କେବଳ ମଣିଷ ନୁହେଁ, ଏ ଦୁନିଆଁର ସମସ୍ତ ଜୀବଜନ୍ତୁ ନିଜକୁ ହିଁ ଭଲପାଆନ୍ତି । ପ୍ରଥମେ ବଞ୍ଚିଲେ ତ ଯାହା କରିବେ ? ଇନ୍ଦ୍ରିୟ ଭୋଗ ଠାରୁ ଆରମ୍ଭ କରି ପ୍ରାଚୁର୍ଯ୍ୟ ଭୋଗ ପର୍ଯ୍ୟନ୍ତ ସବୁ ବଞ୍ଚିବା ଉପରେ ନିର୍ଭର କରେ । ଖାଲି ସମାଜରେ 'ରୁଟି, କପଡ଼ା ଓ ମକାନ'କୁ ନେଇ ଜୀବନ ଗତିଶୀଳ ନୁହେଁ । ରୁଟି ଥିବ, କପଡ଼ା ଥିବ, ମକାନ୍ ଥିବ, ସମାଜ ନଥିବ, ମଣିଷ ବଞ୍ଚିପାରିବ ନାହିଁ । ଏ ମଣିଷ ପାଇଁ କି ସୁଖ ଯେତିକି ଆବଶ୍ୟକ, ଦୁଃଖ ସେତିକି ଆବଶ୍ୟକ । ହସ ଯେତିକି ଆବଶ୍ୟକ, କାନ୍ଦ ସେତିକି ଆବଶ୍ୟକ । କଳହ, ଅହଙ୍କାର ହିଂସା, ଛଳଛଦ୍ମ, କପଟ, ଈର୍ଷା, ଲୋଭ, କ୍ରୋଧ, କାମ, ମୋହ ଏସବୁ ନଥିଲେ ଏ ଧରା ଲିତାଏ ବି ଚାଲିପାରି ନଥାନ୍ତା । ଭାଙ୍ଗିଲେ ତ ଗଢ଼ିବା । ଗଢ଼ିଲେ ତ ଭାଙ୍ଗିବ । ଭଙ୍ଗାଗଢ଼ା ନଥିଲେ ଅବଗୁଣ ଦୁର୍ଗୁଣ ନଥିଲେ କାହାରି ବି ସମୟ କଟିବ ନାହିଁ । ଏମିତି କହିବାକୁ ଗଲେ ଖାଇଥିବା ଭାତ ବି ପଚିବ ନାହିଁ । ମଣିଷ ଉପରେ ସମୟ ବୋଝ ହୋଇଯିବ । ସମୟ ବୋଝ ହୋଇଗଲେ ମଣିଷ ମଧରେ ବ୍ୟତିକ୍ରମ ଦେଖାଦେବ । ପ୍ରତ୍ୟେକ ପ୍ରାଣୀର ପ୍ରଥମ କାମ ହେଲା, ସମୟକୁ ଖର୍ଚ୍ଚ କରିବା । ସେଇ ଅନୁସାରେ ଆମ ଜୀବନଚର୍ଯ୍ୟା ତିଆରି ହୋଇଛି । ଥରେ ଖାଇଦେଲେ ଯଦି ବର୍ଷସାରା ରହିଯାଇ ହୁଅନ୍ତା, ତା'ହେଲେ ମଣିଷ ଅଧା ଆୟୁଷ ଖର୍ଚ୍ଚ କରୁ କରୁ ମରିଯାଇଥାନ୍ତା । ଜୀବନ ଗୋଟାଏ କାଳ ଖଣ୍ଡ । ଏଇ କାଳଖଣ୍ଡକୁ ଚେନାଏ ସାରିବାକୁ କମ୍ ସାହାଯ୍ୟ କରେ ଆମ ରାଗ, ରୁଷା, ମାନ, ଅଭିମାନ, ପ୍ରେମ, ମୋହ, ଲୋଭ, କୋହ ଆପଣ ଜାଣନ୍ତି ? କିନ୍ତୁ ଆମେ ଯାକୁ ହିଁ ଶୋଧି ଶୋଧି ଜୀବନର ଅନେକ ସମୟ କ୍ଷୟ କରୁ । ଏମାନଙ୍କ ବିରୋଧରେ ଶାସ୍ତ୍ର, ପୁରାଣ, ନୀତିବାଣୀ, ଉଚ୍ଚାଙ୍ଗ ସାହିତ୍ୟ ଲେଖି ନିଜକୁ ଗୌରବାନ୍ୱିତ ମନେକଲୁ ଓ ନିଜକୁ ପଣ୍ଡିତ, ବିଦ୍ୱାନ, ଶାସ୍ତ୍ରବିତ୍, ଫାଜିଲ୍ (ଉର୍ଦ୍ଦୁ ଏହାର ଅର୍ଥ ପଣ୍ଡିତ) ଭାବେ ସମାଜରେ ଗଣ୍ୟ ହେଲୁ । ଏଇ ଗୁଣଗୁଡ଼ିକ ବିରୁଦ୍ଧରେ କହି କହି କୁତ୍ସାରଚନା କରି କରି, କାନ୍ଥବାଡ଼ରେ ଲେଖି ଲେଖି ବିଶ୍ୱ ବି ଏଇ ଧାରାରେ ଚାଲିଲା; କିନ୍ତୁ ଏଗୁଡ଼ିକୁ ଆଡ଼େଇ ଦେଇ ଥରେ ଚାଲନ୍ତୁ ତ ଗୋଟାଏ ନୂଆ ସମାଜର ପରିକଳ୍ପନା କରିବା । କେବେହେଲେ ତାହା ସମ୍ଭବ ହୋଇପାରିବ ନାହିଁ । ଦୁଃଖ, କଷ୍ଟ, ମୃତ୍ୟୁକୁ ମଣିଷ କେବେ ଭଲ ପାଏ ନାହିଁ ତାହା ନୁହେଁ, ବରଂ କୋକୁଆ ଭୟ କରେ । ପୁଅ ସଂସାର କରିବ ନାହିଁ ବୋଲି ଜ୍ୟୋତିଷ କହିଲାରୁ ସମ୍ରାଟ ପିତା ପୁଅକୁ ବୃଦ୍ଧାବସ୍ଥା, ଅସୁସ୍ଥତା, ମୃତ ଶରୀର, ସନ୍ନ୍ୟାସୀ ଏପରି କି ପ୍ରମୋଦ ଉଦ୍ୟାନରେ ଝଡ଼ାପତ୍ର, ମଉଳା ଫୁଲ ଏସବୁ ମଧ୍ୟ କିପରି ପୁଅ ଦେଖବ ନ ପାରିବ ସେଥିପାଇଁ ମଧ୍ୟ କଡ଼ା ବ୍ୟବସ୍ଥା କଲେ । ପିତା ଥିଲେ ସମ୍ରାଟ ଶୁଦ୍ଧୋଦନ ପୁତ୍ର ସିଦ୍ଧାର୍ଥ, ରାଜ୍ୟ ଥିଲା କପିଳବାସ୍ତୁ । ଗୋଟାଏ ଯୁବ ସମାବେଶକୁ ସମ୍ବୋଧିତ କରିବା ପାଇଁ ରାଜକୁମାର ରଥରେ ଯାଆନ୍ତେ କୁଆଡ଼େ ଗୋଟାଏ ପରେ ଗୋଟାଏ ଏହି ସବୁ ଦୃଶ୍ୟଗୁଡ଼ିକୁ ଦେଖିଲେ । ସବୁ ସ୍ଥାନରେ ଦୃଶ୍ୟଟିଏ ଦେଖିବା ପରେ ରଥ ରଖିବାକୁ ଆଦେଶ କରିଛନ୍ତି ରଥଚାଳକ 'ଛନ୍ଦକ'କୁ । ଅକସ୍ମାତ୍ ଦୁଃଖ ଦର୍ଶନରେ ବିଚଳିତ ହୋଇଛନ୍ତି ରାଜକୁମାର । ଦୁଃଖର ଗୋଡ଼ ଖୋଜୁ ଖୋଜୁ ମଣିଷ କୁଆଡ଼େ କୁଆଡ଼େ ନ ଘାଣ୍ଟିଛି ତାର ଥୟ ନାହିଁ । କିନ୍ତୁ ଜୀବନରେ ଦୁଃଖ, କଷ୍ଟ ମୃତ୍ୟୁ ସହିତ ଯେ ଦିନେ ନା ଦିନେ ସାକ୍ଷାତ ହେବ; ଏହା ଅବଶ୍ୟମ୍ଭାବୀ ।

ଆମ ମଞ୍ଜରେ ଭେଦିଗଲା ଯେ, କାମନା ନଥିଲେ ଦୁଃଖ ଆସିବ ନାହିଁ । ଏହା ଅସତ୍ୟ ନୁହେଁ । କଥାଟିକି ଖେଳେଇଲେ ଜଣାପଡ଼ିବ ଇଚ୍ଛା, ଅଭିଳାଷ, କାମନା ଏ ତିନୋଟି ପ୍ରାୟତଃ ଅଳ୍ପବହୁତେ ସମାର୍ଥ, ସମଗୁରୁତ୍ୱ ବହନ କରନ୍ତି । କାହିଁକି ଏକଥା ଲେଖୁଛୁ ? ବିଚାରକୁ ଆସୁଛି ମଣିଷ ଦୁଃଖରେ ଯେତିକି ବିବ୍ରତ, ଆତଙ୍କିତ, ସୁଖରେ ସେତିକି ଆନନ୍ଦିତ ଓ ଆହ୍ଲାଦିତ ହୁଏ । ମଣିଷ ବେଳେ ବେଳେ ହଠାତ୍ ଦୁଃଖକୁ ସାମ୍ନା କରେ, ହଠାତ୍ ବି ସୁଖକୁ ସାମ୍ନା କରେ । ଏକଥା ସମସ୍ତଙ୍କ ଜୀବନରେ ଘଟିଚଛି । ସୁନ୍ଦର ଭାବେ ଗଢ଼ିଚାଲିଥିବା ଗୋଟାଏ ଜୀବନ ସରଣୀରେ ଅଚାନକ ଏକ ଦୁଃଖର ପାହାଡ଼ ଭାଙ୍ଗିପଡ଼େ ଏବଂ ସେହିପରି ଆଶା କରିନଥିବା ସମୟରେ ଅବସନ୍ତରେ ହଠାତ୍ ସୁଖର ମଳୟ ବହିଯାଏ । ମାତ୍ର ମଣିଷ ସବୁ ସମୟରେ କାମନାର ବଶବର୍ତ୍ତୀ ହୋଇ ରହେ । ସେ କାମନା ଟି ବୃହତ୍, କ୍ଷୁଦ୍ର, ମଧ୍ୟମ ଯାହା ବି ହେଉ । ମଣିଷର ସବୁ ଆଶା ଯେତେବେଳେ ଚରିତାର୍ଥ ନହୁଏ, ସେ ଦୁଃଖ ବା ମାନସିକ ପୀଡ଼ା ପାଏ । କିନ୍ତୁ ଯଦି କାମନା ଚରିତାର୍ଥ ହୋଇଗଲା ତାହାହେଲେ ମଣିଷ ମାନସିକ ଶାନ୍ତି ଓ ଅଫୁରନ୍ତ ସୁଖ ପାଏ ଏକଥା ସ୍ୱୀକାର

କରିବାକୁ ପଡ଼ିବ। ମଣିଷ ସୁଖ ଇଚ୍ଛା କରେ, ସୁଖ ନ ମିଳିଲେ ଦୁଃଖ ଆସେ। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ କାମନା ନ ରହିଲେ ଦୁଃଖ ରହିବ ନାହିଁ। ମାତ୍ର କାମନା ନ ରହିଲେ ସୁଖ ରହିବ କି ?

ଆମେ ସାଧାରଣତଃ ଜଣେ ଲୋକକୁ ବାଟରେ ଦେଖିଲେ ପଚାରୁ - ଆରେ ଭାଇ ଖବର କଅଣ ? ଆଉ ସବୁ ଭଲଟି ? ଯେ ପ୍ରଶ୍ନ ଆମେ ଲୋକାଚାରରେ ପଚାରୁ। କିନ୍ତୁ ଅଧିକାଂଶ ସ୍ଥାନରେ ଉତ୍ତର ମିଳେ, ହଁ ଚଳିବ; ନହେଲେ କହନ୍ତି, ଭଲମନ୍ଦ ଲାଗି ରହିଛି। କେତେ ସ୍ଥାନରେ ଉତ୍ତର ଆସେ -ହଁ ଭଲ। ମଣିଷ ଦୁଃଖଟାକୁ ଯେମିତି ନିହାତି ଦରକାର ନପଡିଲେ ପ୍ରକାଶ କରେନା। ସେହିପରି ସୁଖକୁ ପ୍ରକାଶ କରିବାକୁ ମଧ୍ୟ କୁଣ୍ଠାବୋଧ କରେ। କେହି କେହି ଆମକୁ ନୀତିବାଣୀ ଦେବାକୁ କହିଥାନ୍ତି, ବାବୁ, ଜୀବନରେ କେବେ ସୁଖରେ ଆତ୍ମହରା ହେବନି କି ଦୁଃଖରେ ବିଗଳିତ ହେବନି। ମାତ୍ର ପ୍ରକୃତରେ ଏ ସବୁ କହିବା କଥା, ମଣିଷଟିଏ ସାଧୁ, ସନ୍ୟାସୀ ମହାପୁରୁଷ ହେଉ, ସେ ଠିକ୍‌ରେ ଅନୁଭବ କରିପାରେ ସୁଖ ଆଉ ଦୁଃଖ କଅଣ। ସଂସାରରେ ସବୁ ଜୀବ ଏମିତିକି ନୀଳ ତିମି ପର୍ଯ୍ୟନ୍ତ ସମସ୍ତେ ସୁଖରେ ରହିବାକୁ ଚାହାନ୍ତି। କାମନାର ବିନାଶରେ ଦୁଃଖର ବିନାଶ, ମନେ କରାଯାଉ ଜଣେ ଲୋକର କାମନାର ସମ୍ପୂର୍ଣ୍ଣ ବଲୋପ ଘଟିଲା, ତତ୍‌ପରେ ଦୁଃଖର ବି ବିନାଶ ଘଟିବ। ତାପରେ ମଣିଷ ଜୀବନରେ କଅଣ ଆସିବ, କାମନା ତ ଗଲା...ଦୁଃଖ ବି....ତା ହେଲେ ମଣିଷ କଅଣ ଶୁଷ୍କ ରହିବ ? ଶୂନ୍ୟ ତ ରହିବନାହିଁ। ନିଶ୍ଚୟ ସୁଖ ଆସିବ, ଦୁଃଖ ପରେ ତ ସୁଖ, ସୁଖ ପରେ ତ ଦୁଃଖ। ତା ହେଲେ ମଣିଷ କାମନା କରି କାମନାର ବିଲୋପ କରି ନାହିଁ କି ? ମୂଳ କାମନାଟି ସୁଖ ଆଣିବା ପାଇଁ ଅଭିପ୍ରେତ ନଥିଲା କି ?

ଦୁଃଖ ନ ରହିଲେ କି ସୁଖ ନ ରହିଲେ ମଣିଷ କାହାକୁ ନେଇ ଜୀବନ ଅତିବାହିତ କରିବ ? ସାଧାରଣ ମଣିଷଟିଏ ତ ଯୋଗୀ, ଋଷି, ମୁନି କି ମହାପୁରୁଷ ନୁହେଁ। ସେ ତେଲ ଲୁଣର ସଂସାରରେ ତା' ଆଖି ପାଉଥିବା ପର୍ଯ୍ୟନ୍ତ ସେ ଜାଣିଥିବା ବିଶ୍ୱ ଭିତରୁ ସୁଖ ଟିକିଏ ଆଶା କରେ, ଯେପରି ଆପଣ ଭାବନ୍ତୁ, ଦିଗହରା ସମୁଦ୍ର ଭିତରେ ଗୋଟାଏ ନଉକା ନେଇ ଆସୁଥିବା ଏକ ନାବିକ ଛୋଟିଆ ଦିକି ଦିକି ଆଲୁଅକୁ ଭରସା କରି ପବନ ଓ ଢେଉ କାଟି ସେଇଆଡ଼କୁ ମାଡ଼ିଚାଲେ। ପରିଶେଷରେ ଯଦି ତାହା ବତୀଘର ବା ଜନପଦ ହୋଇଥାଏ, ସେ ଖୁସିରେ ଆତ୍ମହରା ହୋଇଯାଏ। ମାତ୍ର ତାହା ଯଦି ଆଉ ଗୋଟିଏ ଜାହାଜର ଲଙ୍ଗର ବତୀ ହୋଇଥାଏ ତେବେ ତାର ସବୁ ଆଶା ଧୂଳିସାତ୍ ହୋଇଯାଏ ଓ ସେ ଦୁଃଖରେ ମ୍ରିୟମାଣ ହୋଇପଡ଼େ। ଠିକ୍ ସେହିପରି ମଣିଷ ଛୋଟମୋଟ ଆଶାକୁ ଭରସା କରି ଜୀବନର ଝଡ଼ଝଞ୍ଜାକୁ ବେଖାତିର କରି ମାଡ଼ିଚାଲେ। ଧାନ ବୁଣିଚି, କାଲି ପାଚିବ, ଅମାର ପୂରିବ। ଧାନ ବିକିବା, ବର୍ଷକ ଯାକ ଦାନା ରହିବ। ପୁଅ ପଢୁଛି। କାଲି ଚାକିରି କରିବା ବା କୌଣସି କାର୍ଯ୍ୟ କରି ଭଲ ପଇସା ରୋଜଗାର କରିବ। ପଣତ ସମୟକୁ ତାକୁ ପୋଷିବ। ସବୁ ଠିକ୍‌ଠାକ୍ ଚାଲିଲେ ସୁଖ ଆସିଲା। ପରାନ୍ତରେ ଯଦି ଝଡ଼ ଧାନ ପିଟିଦେଲା, ପୁଅ କୋଉ କୂଳର ହେଲାନାହିଁ ତାହାଲେ କାମନା ଦୁଃଖ ଆଣିଲା। ତେବେ ଏଇଠି ପ୍ରଶ୍ନ ଉଠେ, କାମନା ବିନାଶ ହେଲେ ଖାଲି ଦୁଃଖର ବିନାଶ ହେବନାହିଁ, ସୁଖର ବି ବିନାଶ ହେବ। "କାମନାର ବିନାଶରେ ସୁଖର ବି ବିନାଶ।" ତେଣୁ ମଣିଷ କେଉଁ ପନ୍ଥାଟି ଧରିବ ? ଯେତେବେଳେ ମଣିଷ ପରର ଥିବା ପରର ଆନନ୍ଦରେ ନିଜକୁ ସହଭାଗୀ କରିବା ସେ ଈର୍ଷା, ମୋହ, ମାୟାର କଷ୍ଟରୁ ମୁକ୍ତି ପାଇଯିବ। କିନ୍ତୁ ତାହା ସମ୍ଭବ କି ? ମଣିଷର ସବୁ ସମୟ ପ୍ରଶ୍ନକାଳ। ସକାଳୁ ଉଠିଲେ ପ୍ରଶ୍ନ ଆରମ୍ଭ ରାତି ଶୋଇବା ଯାଏ। ମୁହଁ ଧୋଇବାକୁ ଯିବି କି ଆଉ ଟିକିଏ ଶୋଇ ପଡ଼ିବି ? କିମ୍ବା ଏବେ ବ୍ରସ୍ କରିବି କି ? ଏଭଳି ପ୍ରଶ୍ନ ପରେ ପ୍ରଶ୍ନ ଲାଗିରହିବ। ତାହା ଜଟିଳ ବା ସରଳ ହୋଇପାରେ। ମଣିଷ ତାକୁ ମେଣ୍ଟେଇ ମେଣ୍ଟେଇ ଚାଲିବ। ତା'ର କାରଣ କ'ଣ ଜାଣିଛନ୍ତି ? ତା ଆଗରେ ଇଚ୍ଛା, ଅଭିଳାଷ, କାମନା, ଯାହା ଆପଣ କହିପାରନ୍ତି ସବୁ ଲୁକ୍‌କାୟିତ ଭାବେ ଥିବେ। ସେ ବ୍ୟକ୍ତିଟି ତାର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ସେହିପଟେ ଧାଇଁଥିବ। ଏହା ସମସ୍ତଙ୍କ ଜୀବନରେ ଚିରାଚରିତ ବିଷୟ। ତାହାହେଲେ ଏଠାରେ ମଣିଷ ଜୀବନରେ ନାନ୍ଦନିକତା ଆସିବ କୋଉଠୁ ? ଜୀବନ ସଂଗ୍ରାମରେ ହିଁ ମଜା ଥାଏ। ସଂଗ୍ରାମରୁ ମିଳିଥିବା ପ୍ରତିଷ୍ଠା ଜନସମାଜ ସମ୍ମୁଖରେ ଉଦାହରଣ ହୋଇ ଉଭାହୁଏ। ପ୍ରତି ସଂଗ୍ରାମର ଫଳ ବିଜୟ ବା ପରାଜୟ। ତେଣୁ ଜୀବନସଂଗ୍ରାମ ଏଥିରୁ ମୁକ୍ତ ହେବ କିପରି ? କାମନା ବିନା ମଣିଷ ବଞ୍ଚି ପାରିବ କି ? କୋଟି କୋଟି ମଣିଷର ସ୍ରୋତ କାମନା ଆଡ଼କୁ ଚାଲିଛି। ତାହା ନହେଲେ ତ ସଂଗ୍ରାମ ହୋଇପାରିବ ନାହିଁ। ଇଚ୍ଛା, ଆଶା, ଅଭିଳାଷ, କାମନା ମରିଗଲେ ମଣିଷ କ୍ଲୀବ ହୋଇଯିବ। ସଂସାର, ସମାଜ ଅନାକର୍ଷଣୀୟ ହୋଇଯିବ। ପ୍ରେମ, ପ୍ରୀତି, ସ୍ନେହ, ସୌହାର୍ଦ୍ଦ୍ୟ କମିବ ମାତ୍ର ବଢ଼ିବ ନାହିଁ। ଫଳତଃ ସମାଜ ଏକ କିମ୍ଭୂତକିମ୍ଭାକାର ରୂପ ନେବ। ତେବେ ମଣିଷ ଜୀବନର ଆନନ୍ଦ ପାଇବ କୋଉଠୁ ? ଅବତାରଣା କରିବାର ଇଚ୍ଛା ନଥିଲେ ବି ଆମେ ଏଠାରେ ପଦଟିଏ ସଂଯୋଗ କରିବାକୁ ବାଧ୍ୟ ହେଉଛୁ। ଅତିବଡ଼ୀ ଜଗନ୍ନାଥ ଦାସ 'ଭାଗବତ'ରେ ଲେଖିଲେ-"ପରର ଦୁଃଖେ ଯେହୁ ଦୁଃଖୀ, ସେ ପ୍ରାଣୀ ସର୍ବକାଳେ ସୁଖି।" ଏହା ସୁଖର ଗୋଟିଏ ପରିଭାଷା।

ପ୍ରାଣୀର ସୁଖ ଆସିବ ତ ? ଏହା ଅନସ୍ୱୀକାର୍ଯ୍ୟ ମାତ୍ର ଦୁଃଖ ସମୟରେ ଯିଏ ସାହା ହେଲା, 'ଆହା' ପଦେ କହିଲା ସେ କେବଳ ପୀଡ଼ିତର ଦୁଃଖ ଉପଶମ କଲାନାହିଁ, ଅନ୍ୟପକ୍ଷରେ ନିଜର ମାନସିକ ଶାନ୍ତିକୁ ମଧ୍ୟ ଆବାହନ କଲା। ମଣିଷର ଶେଷ ନିଃଶ୍ୱାସ ଯିବାଯାଏ କାମନା ରହିବ। ଆଶା କିଛି ରହିବ। ହାତୀ ଭଲ ପହଁରାଳୀ ଜୀବ। ପ୍ରଖର ସ୍ରୋତରେ ମଧ୍ୟ ସେ ପହଁରି ପାରେ, ମାତ୍ର ହାତୀ ଯଦି ବହୁଦିନ ଯାଏ ପାଣିରେ ରହିଯାଏ ତାହାହେଲେ ଠିକ୍ ପହଁରି ପାରେ ନାହିଁ। ନରାଜ ମୁଣ୍ଡଳୀ ଠାରେ ମହାନଦୀ ସ୍ରୋତରେ ଗୋଟିଏ ହାତୀ ପଡ଼ିଗଲା। ଉଦ୍ଧାରକାରୀ (ଓଡ୍ରାପ ଟିମ୍) ଦଳ ବୋଝ ନେଇ ପାଣି ଭିତରେ ପଶିଲେ। ତାଙ୍କ ସହ ଦୃଶ୍ୟ ଶ୍ରାବ୍ୟ ଗଣମାଧ୍ୟମ ବା ବୈଦ୍ୟୁତିକ ଗଣମାଧ୍ୟମର (ଓଟିଭି) ଦୁଇଜଣ ସାମ୍ବାଦିକ ମଧ୍ୟ ତାଙ୍କ ସହ ବୋଟ୍‌ରେ ଗଲେ ମାତ୍ର ପାଣିର ବେଗ ଅତି ତୀବ୍ର ଥିଲା ଓ ହାତୀଟି ଏତେ ଅମାନିଆଁ ଥିଲା ଯେ, ସେ ଉପର ଆଡ଼କୁ ଯିବା କ'ଣ ବରଂ ଗଣ୍ଡଆଡ଼କୁ ପଶିଗଲା। ତାକୁ ଅନୁସରଣ କରି କରି ଓଡ୍ରାପ୍ ଟିମ୍ ଓ ସାମ୍ବାଦିକଙ୍କୁ ନେଉଥିବା ବୋଟ ମଧ୍ୟ ପ୍ରଖର ସ୍ରୋତରେ ପଡ଼ିଗଲା। ସବୁ ବୋଟ୍‌ଗୁଡ଼ିକ ସ୍ରୋତର ମାଡ଼ରେ ଗଭୀର ଜଳ ମଧ୍ୟକୁ ଚାଲିଗଲେ। ସବୁଯାକ ବୋଟ ଲେଉଟି ପଡ଼ିଲା। ଏହି ଦୁଃଖଦ

ଦୁର୍ଘଟଣାରେ ଉଦ୍ଧାରକାରୀ ଦଳର ସଦସ୍ୟ ତଥା ଓଟିଭିର ଜଣାଶୁଣା ସାମ୍ବାଦିକ ଅରିନ୍ଦମ ପ୍ରାଣ ହରାଇଲେ। ମାତ୍ର ଭାଗ୍ୟବଶତଃ ଓଟିଭିର ଫଟୋ ସାମ୍ବାଦିକ ଶ୍ରୀ ପ୍ରଭାତ ସିହ୍ନା ବର୍ତ୍ତିଗଲେ। ତାଙ୍କର ଗୋଟାଏ ସାକ୍ଷାତ୍‌କାର ଓଟିଭିରେ ନିଆଗଲା। ତାଙ୍କୁ ପଚରାଗଲା ଯେ, ଆପଣଙ୍କ ଅନୁଭୂତି ବିଷୟରେ କୁହନ୍ତୁ। ଅନୁଭୂତି ବଖାଣୁ ବଖାଣୁ ସେ କହିଲେ, ଯେତେବେଳେ ମୁଁ ଅଥଳଥଳ ପାଣି ଭିତରକୁ ଚାଲିଗଲି ସେତେବେଳେ ମୋତେ ସବୁ ଅନ୍ଧାର ଦେଖାଯାଉଥାଏ। ମୁଁ ସେତେବେଳକୁ ବେଶ୍ ପାଣି ପିଇଗଲିଣି। ମୋ ଉପରେ ମୁଁ ବସିଥିବା ବୋଟ୍‌ଟି ମାଡ଼ି ବସିଥାଏ। ମୁଁ ଭାବୁଥାଏ ଆଉ ବୋଧହୁଏ ଦୁଇ ତିନି ମିନିଟ୍ ପରେ ମୁଁ ମରିଯିବି। ପ୍ରଶ୍ନକର୍ତ୍ତା ପଚାରିଲେ ? ସେତେବେଳେ ତୁମର କ'ଣ ମନେ ପଡୁଥାଏ ? ଆମେ ସମସ୍ତେ କହୁ-"ଭାଇ ବୋଲ, ବନ୍ଧୁ ବୋଲ ସମ୍ପଦର ସାଥି, ଜୀବ ଗଲାବେଳେ ଏକା ଗୋବିନ୍ଦ ସାରଥୀ।"

ସମସ୍ତେ ଭାବନ୍ତି ଯେ ମଣିଷ ଯେତେବେଳେ ମୃତ୍ୟୁକୁ ସାମ୍ନା କରେ ବୋଧହୁଏ ତା'ର ଇଷ୍ଟଙ୍କୁ ସ୍ମରଣ କରେ। କିନ୍ତୁ ଦେଖନ୍ତୁ ସେ କ'ଣ କହିଲେ। "ସେ କହିଲେ ମୋର ସେତେବେଳେ ମନେପଡୁଥାଏ ଘରେ ମୋର ଗୋଟିଏ ଛୋଟ ପୁଅ ଅଛି। ସବୁଦିନେ ମୁଁ ରାତିରେ ଗଲେ ସେ କହେ ମୋତେ ଦି'ଘେରା ମଟର ସାଇକେଲରେ ବୁଲାଇକି ଆଣ ତା'ପରେ ମୁଁ ଖାଇବି। ମୁଁ ମରିଗଲେ ତା ମା'କୁ ଯେତେବେଳେ ସେ ପଚାରିବ, ମମି ! ଡାଡି କୁଆଡ଼େ ଗଲେ, ମୋତେ ମଟର ସାଇକଲରେ ବୁଲାଇବ କିଏ ? ସେତେବେଳେ ତା'ର ମା କି ଉତ୍ତର ଦେବ ? ଏହା କହି ସେ କାନ୍ଦ କାନ୍ଦ ହୋଇଗଲେ। ଲକ୍ଷ୍ୟ କରନ୍ତୁ ସବୁ ମୋହମାୟା, କାମନା ସହ ଜଡ଼ିତ। ଅକାତକାତ ପାଣି ଭିତରେ ଜୀବନ ଯିବାକୁ ଦି'ଲିତା ବାକି ଅଛି ତଥାପି କାମନା ଖସୁନାହିଁ, ଯେତେବେଳେ ସେଇ ସାମ୍ବାଦିକ ବନ୍ଧୁ ଡାକ୍ତରଖାନାରୁ ଫେରି ଘରେ ପହଞ୍ଚିଥିବେ ଆଉ ତାଙ୍କ ସେହି ଛୋଟ ପୁଅଟି ତାଙ୍କୁ କୁଣ୍ଢେଇ ପକାଇଥିବ, ସେତେବେଳେ ତାଙ୍କ ଆଖିରୁ ଦି'ଟୋପା ଆନନ୍ଦାଶ୍ରୁ କ'ଣ ଖସିପଡ଼ି ନଥିବ ? ତାହାହେଲେ ଭାବନ୍ତୁ କାମନା ଆଉ ସୁଖ କେତେ ଦୂର ଆଉ କେତେ ନିକଟ ? ଯୋଉଠି ଦୁଃଖ, ସେଇଠି ସୁଖ। ଏଣୁ ଉଭୟ କ୍ଷେତ୍ରରେ କାମନା ବିଦ୍ୟମାନ। କିନ୍ତୁ ମଣିଷ ଯେତେବେଳେ ସମୂହର କାର୍ଯ୍ୟରେ ନିଜକୁ ନିଃସ୍ୱାର୍ଥପର ଭାବେ ନିଯୋଜିତ କରେ, ନିଃସ୍ୱାର୍ଥପର ଭାବେ ପରର ଦୁଃଖ ଦେଖିଲେ ଡେଇଁପଡ଼େ ସେଇଠି ସେ ନିଜ ଦୁଃଖକୁ ଭୁଲି ଉର୍ଦ୍ଧ୍ୱକୁ ଉଠିଯାଇ ଅନ୍ତର୍ନିହିତ ସୁଖର ବୋଧେ ନିକଟତର ହୁଏ। ତାହାହିଁ ଜୀବନର ନାନ୍ଦନିକତା। ମନେପଡୁଛି; ଜଣେ କବି କହିଥିଲେ,

"ମଣିଷ ହୋଇବ ଦେବତାରୁ ବଡ଼
ଯଦି ହୁଏ ମମତାର;
ଯଦି ହୁଏ ଜଣେ ଆନର ଦୁଃଖହରା;
ଅପ୍ରୟୋଜନେ ଈଶ୍ୱରଗଢ଼ା
କି ଲାଗିବା ଦରକାର।
ମନସିଜ ଏହି ସ୍ୱର୍ଗରୁ ବଳି ସୁନ୍ଦର
ହେବ ଏ ଧରା।"

ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ
ମୋ-୭୯୭୮୮୯୮୯୬୬



# ବୈରାଗ୍ୟ : ଏକ ଉଦ୍‌ବେଳିତ ପ୍ରଶ୍ନ

*ପ୍ରଫେସର ରାମଚନ୍ଦ୍ର ମହାନ୍ତି*

ଯୁଗେ ଯୁଗେ ଯେଉଁ ପ୍ରଶ୍ନର ଉତ୍ତର ବିଭିନ୍ନ ଦୃଷ୍ଟିରୁ ଆଲୋଚିତ, ଯାହାର ଉତ୍ତର ଆମୋଦପୂର୍ଣ୍ଣ ଏବଂ ବିବିଧ ସଂଦର୍ଭରେ ସଠିକ୍ ବୋଲି ମନେହୁଏ, ସେହିପରି ଏକ ପ୍ରଶ୍ନର ଉତ୍ତର ନିର୍ଦ୍ଦିଷ୍ଟ ଭାବରେ ସର୍ବାନୁମୋଦିତ ଓ ସ୍ୱୀକୃତ ହେବା ସମ୍ଭବ କି ? ସବୁ ଭିନ୍ନ ଭିନ୍ନ ଉତ୍ତରକୁ ମିଶାଇ ସ୍ୱତନ୍ତ୍ର ଉତ୍ତରଟିଏ ପରିବେଷଣ କରିବା ଅନୁସନ୍ଧାନ ସାପେକ୍ଷ ନିଶ୍ଚୟ । ବୈରାଗ୍ୟ ଶବ୍ଦର କଳେବର ବୃଦ୍ଧି ପାଇ ଧୀରେ ଧୀରେ ତାକୁ ଚମତ୍କୃତ କରେ ଏବଂ ଜ୍ଞାନୀ ଜନ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟେ । ସୁବିଧାରେ ଶ୍ରୋତା, ଦର୍ଶକ ଓ ପାଠକ ହୃଦୟରେ ନିର୍ଣ୍ଣୟ ଓ ସମାଧାନର ପନ୍ଥା କାଢ଼ିବାକୁ ସୁଯୋଗ ଦିଏ । ଅର୍ଥାତ୍ ଉତ୍ତର ମିଳିବାର ସୂତ୍ର ବାହାରି ଆସେ । ଅପୂର୍ବ ଜାଗରଣ ସହ ତୃପ୍ତି ପରିଲକ୍ଷିତ ହୁଏ । ଏକ ବିରାଟ ଆଲୋକବର୍ତ୍ତିକା ବା ଗୁପ୍ତ ଖଜାନା ପ୍ରାପ୍ତି କରାଏ । ଠିକ୍ ଯେମିତି "ଯୋଗ ବାଶିଷ୍ଠ ରାମାୟଣ"ର ବର୍ଣ୍ଣନାରେ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ହୃଦୟରେ ଘଟିଥିଲା ।

ପ୍ରଶ୍ନଟି ହେଲା- "ମୁଁ କ'ଣ ବୈରାଗୀ ହୋଇପାରିବି ?" ଶିକ୍ଷା କିମ୍ବା ବୟସର ସୀମାରେଖା ଏଥିରେ ବାଧକ ହେବକି ? ସ୍ଥାନ, କାଳ ଓ ପାତ୍ର ସହିତ ଏହା କିପରି ଭାବରେ ସଂଶ୍ଲିଷ୍ଟ ? ଏଥିପାଇଁ କି ପ୍ରକାର ନିଷ୍କଣ୍ଟକ ତଥା ନିର୍ମଳ ଆଧ୍ୟାତ୍ମିକ ସାଧନାର ଆବଶ୍ୟକତା ରହିଛି ? ସାଂସାରିକ ମଣିଷ ପକ୍ଷରେ ଏହାକୁ ଉପଲବ୍ଧି କରିବା ସମ୍ଭବ ନା ନୁହେଁ ? ମାୟା କବଳିତ ସଂସାରର ମୋହ, ଆସକ୍ତି ଭିତରେ ବୁଡ଼ିରହି କର୍ଦ୍ଦମାକ୍ତ ଜଳରୁ ଜଣେ ଉଦ୍ଧାର ପାଇବ କିପରି ?

କର୍ତ୍ତବ୍ୟ ପାଳନ କରି ମଧ୍ୟ କର୍ମରେ ଲିପ୍ତ ନ ହେବ କିପରି ? କାମନା ପରିତ୍ୟାଗ କରି ଆକର୍ଷଣର ଜାଲରେ ଛନ୍ଦି ନ ହୋଇ ବୈରାଗ୍ୟ ଲଭି ହେବ ତ ? ଜଗତର ମିଛ ପ୍ରଲୋଭନକୁ ତୁଚ୍ଛ ମନେକରି ଅନ୍ତଃ ଆତ୍ମାରେ ବହିଃଦୃଶ୍ୟକୁ ଲୀନ କରିବାର ଉପାୟ କ'ଣ ?

ସାମାଜିକ କର୍ତ୍ତବ୍ୟକୁ ଅଣଦେଖା କରିବା କିମ୍ବା ଜୀବନରେ ଦାୟିତ୍ୱକୁ ତ୍ୟାଗ କରିବା ବୈରାଗ୍ୟ ନୁହେଁ । ସଂସାର ପ୍ରତି ବୀତସ୍ପୃହ ହେବା ଏହାର ଉଦ୍ଦେଶ୍ୟ ନୁହେଁ । ଅର୍ଥାତ୍ ଗୃହସ୍ଥ ହୋଇ ମଧ୍ୟ ଜଣେ ବୈରାଗୀ ବିବେଚିତ ହୋଇପାରେ । କେବଳ ବଣ, ଜଙ୍ଗଲରେ ବସି ତପସ୍ୟା କଲେ ସେଥିରୁ ବୈରାଗ୍ୟ ଆସେନାହିଁ । ଆବଶ୍ୟକ ମଧ୍ୟ ନୁହେଁ । ନିଃସଙ୍ଗତା କେବଳ ଘଞ୍ଚ ଅରଣ୍ୟରେ କିମ୍ବା ଶ୍ମଶାନରେ ମିଳେନାହିଁ । ଜଙ୍ଗଲର ଗୁମ୍ଫାରେ ବାସକରି ଫଳମୂଳ, କନ୍ଦା, ଆମ୍ବ କୋଇଲି ଖାଇଲେ ବୈରାଗ୍ୟ ପ୍ରାପ୍ତି ହୁଏନା । ନିଜ ଘରେ ପରିବାର ଭିତରେ ଥାଇ ମଧ୍ୟ ଜଣେ ବୈରାଗୀ ହୋଇପାରେ । ଦାଢ଼ି ବଢ଼ାଇ, ଜଟଜୁଟା ରଖି ବାବାଜି ବେଶରେ ବୁଲିଲେ କିମ୍ବା ଲଣ୍ଡିତ ମସ୍ତକ ହୋଇ କଉପିନି ପିନ୍ଧି କମଣ୍ଡଳୁ ବା ନାଉତୁମ୍ବା ଧରି ଭିକମାଗି ଚାଲିଲେ ବୈରାଗ୍ୟ ଆସିଯାଏନା । ମାନସିକ ସ୍ତରରେ ସଂସାରର ସବୁକିଛି ବର୍ଜନ ଏଥିପାଇଁ ଅବଶ୍ୟମ୍ଭାବୀ ।

ଆଧ୍ୟାତ୍ମିକତ ଜୀବନଶୈଳୀ ଏକାନ୍ତ କାମ୍ୟ । ନଥାଏ କିଛି କାମନା, ବାସନା, ଇଚ୍ଛା ବା ଆସକ୍ତି । କେବେ କିଛି ପ୍ରାପ୍ତି କରିବାର ତୃଷ୍ଣା କିମ୍ବା ଭବିଷ୍ୟତ ପାଇଁ ସୁନେଲି ସ୍ୱପ୍ନ ବି ନଥାଏ । ନିଜକୁ ଆମୋଦିତ, ପରିଷ୍କାର, ପରିଚ୍ଛନ୍ନ ରଖି ସେ ସର୍ବଦା ବିବେକାନୁମୋଦିତ କର୍ମରେ ବ୍ୟସ୍ତ ରହେ । ମୋହ, ମାୟାକୁ ସଂପୂର୍ଣ୍ଣ ତ୍ୟାଗ କରିଥିବାରୁ ସଂସାର ପ୍ରତି ବିତୃଷ୍ଣା ଜନ୍ମେ । ସାଂସାରିକ ବନ୍ଧନରୁ ମୁକ୍ତି ମିଳେ । ନା ଥାଏ କୌଣସି ପଦାର୍ଥ ପ୍ରତି ଲୋଭ, ନା ଧନୀ ବା ସ୍ୱାମୀ ହେବାର ଅଭିଳାଷ । ସେ ଚାହେଁ କେବଳ ଅନ୍ତର ଗହ୍ୱରରେ ଆଶ୍ରୟ ଏବଂ ହୃଦୟସ୍ଥ ଆତ୍ମାର ଉପଲବ୍ଧି ।

ଜଗତ ଏବଂ ଏଥିରେ ଥିବା ସବୁ ବସ୍ତୁ ମିଥ୍ୟା । ପ୍ରଭୁ ଶ୍ରୀରାମ ମହର୍ଷି ବଶିଷ୍ଠଙ୍କୁ ପଚାରିଲେ- "ମୁଁ ନିଜେ କିଏ ? କାହିଁକି ଏ ସଂସାରକୁ ଆସିଛି ? ମିଥ୍ୟା ରାଜ୍ୟ ଭୋଗକରି ଲାଭ କ'ଣ ? ଯେଉଁଠି ସବୁ କିଛି ମିଛ ତା' ଭିତରେ ଥାଇ ଉଚିତ୍ କର୍ତ୍ତବ୍ୟ କରିବି କାହିଁକି ? କି ଉଦ୍ଦେଶ୍ୟରେ ସଂସାର ସୃଷ୍ଟି ହେଉଛି ପୁଣି ଧ୍ୱଂସ ହେଉଛି ? କେବଳ ମଣିଷ ଜୀବନ ନୁହେଁ, ଏଠାରେ ପ୍ରତ୍ୟେକ ଜୀବ ଓ ପଦାର୍ଥର ସେହି ଅବସ୍ଥା – ଏକଥା ମଣିଷମାନେ ଜାଣି ପାରୁନାହାନ୍ତି କାହିଁକି ?" ବେଦନାରେ ସେ ଅଧୀର ହୋଇଥିଲେ ଓ ତାଙ୍କ ହୃଦୟ ବିଦୀର୍ଣ୍ଣ ହୋଇଥିଲା । ସେ ଜାଣିଥିଲେ ମାୟାଭରା ଏ ସଂସାରରେ ଯେତେ ଯାହା ଉପଭୋଗ୍ୟ ତା' ଉପରେ ମଣିଷର ଆୟୁ କାଳ ଅକାଳରେ ଅଙ୍କୁଶ ଲଗାଏ । ଏପରି କାଚଘର ସୁଖରେ ଜୀବନରେ କି ଶାନ୍ତି ମିଳିବ ? ଅକାଳରେ ସବୁ ଭସ୍ମୀଭୂତ ହୋଇ ଅସ୍ତିତ୍ୱଶୂନ୍ୟ ହୋଇଯିବ । ତେବେ ଏଥିପାଇଁ ବଞ୍ଚିବାର ଛଳନା କରି ବା ଦୀର୍ଘ ଜୀବନ ପାଇଁ ସଂକଳ୍ପ କରି ଲାଭ କ'ଣ ? ଦୀର୍ଘ ଜୀବନ ହିଁ ତ ଯାତନାର ସରୋବର । ମହର୍ଷିଙ୍କ ଠାରୁ ସେ ଯଥାର୍ଥ

ଜୀବନ ଯାହା ଶାନ୍ତି ଓ ଅମୃତରେ ପରିପୂର୍ଣ୍ଣ ତାହା କିପରି ସମ୍ଭବ ତା'ର ଉପାୟ ଭିକ୍ଷା କରିଥିଲେ । ଏତଦ୍‌ବ୍ୟତୀତ ପୁନର୍ଜନ୍ମରୁ ଉଦ୍ଧାର ପାଇବା ପଥ ଦର୍ଶାଇବାକୁ କହିଥିଲେ ।

ମଣିଷର ସବୁଠାରୁ ଅଧିକ କ୍ଷତି କରେ ତା'ର ଅହଂକାର । ଜୀବନ ବଢ଼ିବା ସହିତ ଏହା ବଢ଼ିଚାଲେ । ସାଥିରେ ତା'ର ଥାଏ ଦୁର୍ବୁଦ୍ଧି ଓ ଅଜ୍ଞାନ । ଏ ସବୁଥିରୁ ଉତ୍ପନ୍ନ ହୁଏ ମଣିଷର ଭିନ୍ନ ଭିନ୍ନ ପ୍ରକୃତି ଏବଂ ତାକୁ ନେଇ ଏକ ପରିବର୍ତ୍ତିତ ବା ନୂତନ ବିଶ୍ୱ ସଂଗଠିତ ହୋଇଯାଏ । ଅର୍ଥାତ୍ ଜନ୍ମଗତ ପ୍ରକୃତି ନଷ୍ଟ ହୋଇ ଏକ ଭୀତିପ୍ରଦ ସଂସାର ଯୋଡ଼ିହୁଏ, ଯାହା ପ୍ରହେଳିକା ସୃଷ୍ଟି କରେ । ବିରାଟ ଦୁର୍ଦ୍ଧର୍ଷ ଶତ୍ରୁ ରୂପେ ଆତ୍ମପ୍ରକାଶ କରେ ଓ ସରଳ ଜୀବନରେ ବିଷ ବିଞ୍ଚି ଦୁଃଖର ଜଳଧାରା ପ୍ରବାହିତ କରାଏ । ଅବଶ୍ୟ ଏକଥା ସତ୍ୟ ଯେ ଅହଙ୍କାରର ଉତ୍ସ କେବଳ ଅଜ୍ଞାନ ନୁହେଁ ।

ଏକ ବୈରାଗୀ ସଂସାରରେ ଥାଇ ସଂସାର ପ୍ରତି ବିମୁଖ ହେବାର କଳା ଜାଣିଥାଏ । ସୋରଶବ୍ଦ ଭିତରେ ନିଃଶବ୍ଦ ପରିବେଷ୍ଟନୀ ସେ ଗଢ଼ିପାରେ । "ଯୋଗ ବାଶିଷ୍ଠ ରାମାୟଣ" ଗ୍ରନ୍ଥରେ ବୈରାଗ୍ୟର ସଂପୂର୍ଣ୍ଣ ପରିଭାଷା ବୈରାଗ୍ୟ-ପ୍ରକରଣ ଅଧ୍ୟାୟରେ ବିସ୍ତୃତ ଭାବରେ ବର୍ଣ୍ଣନା ହୋଇଛି । ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମଙ୍କ ଅସ୍ୱାଭାବିକ ମାନସିକ ସ୍ଥିତି ତାଙ୍କ ଜୀବନ ପ୍ରତି ବିମୁଖ ଭାବ ଜଗାଇବାରୁ ମହର୍ଷି ବଶିଷ୍ଠ ପ୍ରବଚନ ମାଧ୍ୟମରେ ନିଦାନର ବାର୍ତ୍ତା ଦେଇଛନ୍ତି । ନିରନ୍ତର ଯୋଗଦ୍ୱାରା ଜୀବନକୁ ଶାନ୍ତ, ଆମୋଦିତ କରିବା ସୂତ୍ର ଦର୍ଶାଇଛନ୍ତି । ପ୍ରତ୍ୟେକ ସ୍ତରରେ ଯଥା ଚିନ୍ତନ, କାୟା ଓ ବାକ୍ୟରେ ପ୍ରଫୁଲ୍ଲ ରହି ଏବଂ ବ୍ରହ୍ମଚର୍ଯ୍ୟ ପାଳନ କରି ମନକୁ ଆୟତ୍ତ କରି ପାରିଲେ ବୈରାଗ୍ୟ ପ୍ରାପ୍ତି କରିହେବ । ଏହା ସଂପୂର୍ଣ୍ଣ ଭାବେ ଏକ ମାନସିକ ଅବସ୍ଥା ଯାହାଦ୍ୱାରା ଚିନ୍ତନ, ବ୍ୟବହାର ଓ ବକ୍ତବ୍ୟରେ ପବିତ୍ରତା ଝଲସି ଉଠେ ଓ ବୈରାଗ୍ୟର ପରିଭାଷା ପ୍ରସ୍ଫୁଟିତ ହୁଏ ।

ବୈରାଗ୍ୟର ବିଭକ୍ତିକରଣ କରିହୁଏ । କାରଣ ବୈରାଗ୍ୟ ଏକ ଅବସ୍ଥା ଯାହା ଦୁଃଖରୁ ଜାତ ହୋଇଥାଏ । ହରାଇଥିବା ବସ୍ତୁକୁ ବହୁ ଘଣ୍ଟାଚକଟା କରି ଶେଷରେ ମାନସିକ ସ୍ତରରେ ଫେରି ପାଇ ପାରିଲେ ମନ, ଦେହ ଶୀଥିଳ ହୁଏ ଏବଂ ପୂର୍ବ ଅବସ୍ଥା ଫେରିଆସେ । ବ୍ୟବହାର ପୂର୍ବବତ୍ ବଦଳିଯାଏ, କିନ୍ତୁ କାଳକ୍ରମେ ସୁଖ, ଶାନ୍ତି ଉଭେଇ ଯାଏ । ଅନ୍ୟ ଗୋଟିଏ ବୈରାଗ୍ୟ ବିବେକ-ବୈରାଗ୍ୟ ଯାହାଦ୍ୱାରା ସୃଷ୍ଟିରେ ବାସ୍ତବ ଓ ଅବାସ୍ତବର ଚିତ୍ର ସ୍ୱଷ୍ଟ ହୁଏ । ଯେଉଁ ବସ୍ତୁକୁ ଅସତ୍ୟ ମଣି ଜଣେ ବିବେକ ନିର୍ଦ୍ଦେଶରେ ତ୍ୟାଗ କରିଥାଏ ପୁନଶ୍ଚ ସେହି ପ୍ରିୟ ବସ୍ତୁ ଫେରିପାଇଲେ ମଧ୍ୟ ସେ ଗ୍ରହଣ କରେନାହିଁ । ସ୍ଥିତପ୍ରଜ୍ଞ ହୋଇ ରହେ । ତେଣୁ ଶାନ୍ତି ବ୍ୟାଘାତ ହୁଏ ନାହିଁ । ଧ୍ୟାନ ଓ ସାଧନା ନିୟମିତ ଜାରିରଖିଲେ ପୂର୍ବର ପ୍ରକୃତି ବଦଳିଯାଏ ଏବଂ ବୈରାଗ୍ୟର ଉପଲବ୍ଧି ସାରା ଜୀବନ ପାଇଁ ରହେ । ଜୀବନରେ ଦୁର୍ଦ୍ଦଶା ଆସେନାହିଁ ବରଂ ଅଧ୍ୟାତ୍ମିକତାର ଅପୂର୍ବ ସ୍ୱାଦରେ ଜୀବନରେ ଉନ୍ନତି ଘଟିଚାଲେ ।

ବିବେକ ବଳରେ ଜୀବ ସଦା ନିଷ୍ପାପ ଭାବରେ ଜୀବନର ଶ୍ରେଷ୍ଠ ସୋପାନରେ ଆତ୍ମାନୁଭୂତି ନେଇ ସ୍ଥିତ ହୋଇ ରହେ । ସେତେବେଳେ ସଂସାର କୁଟା ଖିଏ ପରି ମନେହୁଏ ଏବଂ ବୈରାଗ୍ୟ ଜୀବର ସହଜାତ ପ୍ରକୃତି ହୋଇଯାଏ । ସଂସାରର ପ୍ରତ୍ୟେକ ବସ୍ତୁ ଅସାର ଲାଗେ । ମନ ଆତ୍ମାର ସଂପୂର୍ଣ୍ଣ ମିଳନ ହୋଇଯାଏ । ମଣିଷ ଆତ୍ମାନୁଭୂତି ଲାଭକରେ ଏବଂ ମହାନ୍ ଶକ୍ତିରେ ବଳୀୟାନ ହୁଏ । ଆତ୍ମାନୁଭୂତି କ୍ଷଣିକ ବା ସାମୟିକ ବୈରାଗ୍ୟରେ ଆସେନାହିଁ । ଏକଥା ସତ ଯେ କେତେକ ପଦାର୍ଥ ପ୍ରତି ବିତୃଷ୍ଣା ବେଳେ ବେଳେ ଜାତ ହୋଇଯାଏ; କିନ୍ତୁ ତାହା କ୍ଷଣସ୍ଥାୟୀ । ଗର୍ଭବେଦନାରେ ଜର୍ଜରିତ ମା' ଶିଶୁଟିଏ ଜନ୍ମ ହୋଇଗଲା ପରେ ଆଉ ଭବିଷ୍ୟତରେ କେବେ ପ୍ରସବ କରିବ ନାହିଁ କହି ଶପଥ ନେଲାପରି କିମ୍ବା ଶ୍ମଶାନ ଭୂଇଁରେ ଶୋକ ପ୍ଲାବିତ କେହି ନିଜର ପ୍ରିୟଜନକୁ ହରାଇ ଶୋକରେ ଭାଙ୍ଗି ପଡ଼ିଲା ପରି କ୍ଷଣିକ ବୈରାଗ୍ୟକୁ କ'ଣ ଚିରନ୍ତନ ବିତୃଷ୍ଣା ଭାବ ବା ଜୀବନର ସତ୍ୟ ବୋଲି କହିହେବ ?

ଅନୁସନ୍ଧାନରୁ ହିଁ ବୈରାଗ୍ୟର ଜନ୍ମ । ପ୍ରକୃତରେ ସଂସାରର ଯେ କୌଣସି ବସ୍ତୁ କେବଳ ଦୁଃଖ ଯାତନା ଦିଏ ସିନା ସୁଖ ବା ଆନନ୍ଦପ୍ରାପ୍ତି କରାଇ ପାରେନା । ଗହନ ବିଚାର କରି ଚାଲିଲେ ବୈରାଗ୍ୟ ଆସେ ଯାହା ହିଁ ମଣିଷ ପାଇଁ ପ୍ରକୃତ ସଂପଦ । କାରଣ ତାହାଦ୍ୱାରା ସାଧନାର ମାର୍ଗ ସୁଗମ ହୁଏ । ମଣିଷ ଅନ୍ତଃମୁଖୀ ହୁଏ । ବହିଃଯାତନାରୁ ତ୍ରାହି ମିଳେ । ବିଷୟ ଦୁଃଖ ଅପସରି ଯାଏ । ମନ ଅସ୍ଥିରତାର ଦହନକୁ ଅତିକ୍ରମ କରି ଶେଷରେ ଶାନ୍ତି ପାଏ । ନିରନ୍ତର ଧ୍ୟାନ ବଳରେ ସାଧନା କ୍ରିୟାଶୀଳ ହୁଏ । ତ୍ୱରିତ ସୁଖ ତ୍ୟାଗ ବିନା ବିଚାରରେ କେବଳ ବିପର୍ଯ୍ୟୟ ଆଣେ ସିନା ସାଧନାର ମାର୍ଗ ସହଜ କରିପାରେନା । ପୁରୁଣା ଅଭ୍ୟାସକୁ ବର୍ଜନ କରିବା ଯାହା ଏକ କଠିନ ବ୍ୟାପାର, ନିତିପ୍ରତି ସାଧନା ଦ୍ୱାରା ସମ୍ଭବ ହୁଏ ।

ସଂସାରରେ ବୈରାଗ୍ୟକୁ ମୋହ, ଆକର୍ଷଣ ସହ ପ୍ରତାରଣା ମଧ୍ୟ ପ୍ରତିହତ କରେ । ମଣିଷର ପ୍ରିୟ ବସ୍ତୁ ଅନ୍ୟ କେହି ନେଇଗଲେ ବା ଅପବ୍ୟବହାର କଲେ ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରେ; କିନ୍ତୁ ପଡ଼ିଶା ଘରୁ ଚୋରି ହେଲେ ବାହାରେ ଆହା କହି ଭିତରେ ଉପଭୋଗ କରେ । ଅର୍ଥାତ୍ ବାହାରକୁ ଯାହା ଦିଶେ ତା' ପଛରେ ଈର୍ଷା ତଥା ଅନ୍ୟର ଅପକାର ଚିନ୍ତା ବସା ବାନ୍ଧିଥାଏ । ଆଗ୍ନେୟଗିରିର ଲେଲିହାନ ଶିଖା ଓ ଜ୍ୱଳନ୍ତ ଉଦ୍‌ଗୀରଣ ତଳେ ଲାଭାର ପ୍ରଳୟଙ୍କରୀ ରୂପ ଶାନ୍ତ କୋମଳ ହୋଇ ଅନେକ ବର୍ଷ ଧରି ଲୁଚି ରହିଥାଏ । ଜୀବର ବିକର୍ଷଣର ଜନ୍ମଦାତା ଆକର୍ଷଣ । ସଂସାର ଭିତରେ ଯାହା ଆଶା ସଞ୍ଚାର କରେ ସେସବୁ ବୈରାଗ୍ୟର ପରିପନ୍ଥୀ, ଯାହା ମଣିଷର ମନକୁ ଭୁଲ୍ ରାସ୍ତା ଦେଖାଏ । ମିତ୍ର ପରି ଲାଗି ଛଳନାର ପ୍ରତିମୂର୍ତ୍ତି ସାଜେ ।

ସଂସାରିକ ବସ୍ତୁ ଯେ କ୍ଷଣଭଙ୍ଗୁର ଏହା ବିଚାରକୁ ଆସିଲେ ମନରେ ବିତୃଷ୍ଣା ଆସେ ଏବଂ ଏହାହିଁ ବୈରାଗ୍ୟର ପ୍ରାଥମିକ ସୂଚନା । କିନ୍ତୁ ସେତେବେଳେ ପୃଥିବୀ ପ୍ରତି ମାତୃଭାବ ଜାଗ୍ରତ କରିବାରେ ଏହି ଚିନ୍ତାଧାରା ବାଧକ ହୁଏ । ନିଜେ ନିଜକୁ ସ୍ଥାୟୀ ନ ଭାବିଲେ କାହାପ୍ରତି ସଚେତନ ହେବ କିପରି ? ନା ନିଜପ୍ରତି, ନା ସଂସାର, ଦେଶ ଜାତି ବା ପରିସଂସ୍ଥା ପ୍ରତି । ସମୁଦ୍ରର ଦୃଶ୍ୟ ମନୋହର ଏବଂ ଆକର୍ଷଣୀୟ ହେଲେ ମଧ୍ୟ ତା' ଭିତରେ ଲୁଚି ରହିଥିବା ଭୟାଭୟ ଦୃଶ୍ୟ ମନରୁ ଆସିଗଲେ ଦେହ ଭୟରେ ଶିହରି

ଉଠେ ଓ ନୀଳ ଜଳରାଶିରେ ସ୍ନାନ ଓ ଜଳକ୍ରୀଡ଼ା ମୋହ ଭାଙ୍ଗିଯାଏ।

ପକ୍ଷାନ୍ତରେ କାଳର ଗତିରେ ବୈରାଗୀ ପାଇଁ ଏହି ପ୍ରକାର ଦୃଶ୍ୟ ପ୍ରଶାନ୍ତି ଆଣେ। ବିଷୟର ସୁଖ ଅସାର ମନେହୁଏ ଓ ତା'ର ମୋହ ତୁଟେ। ଆଧ୍ୟାତ୍ମିକ ଚେତନା ପାଇଁ ଆକାଂକ୍ଷା ଜାଗେ ଓ ମନ ଚାହୁଁଥିବା ପ୍ରତ୍ୟେକ ପଦାର୍ଥ ଅର୍ଥହୀନ ଜଣାପଡ଼େ। ତେବେ ଯାଇ ମନ ଆୟତ୍ତ ହୋଇ କେନ୍ଦ୍ରୀଭୂତ ହୁଏ। ଧ୍ୟାନ ଲାଗେ। ଚିନ୍ତନରେ ସମଧି ଓ ସମାଧିରୁ ଆତ୍ମାନୁଭୂତି। ବୈରାଗ୍ୟ ବିନା ଏ ସବୁ ସମ୍ଭବ ନୁହେଁ।

ଟାଙ୍ଗରା ଭୂଇଁରେ ଯେତେ ଚାଷକଲେ ଶସ୍ୟ ନ ଫଳିଲା ପରି ବିନା ବୈରାଗ୍ୟରେ ଚିନ୍ତନ ବା ଅନୁସନ୍ଧାନ ମୂଲ୍ୟହୀନ। ବାଲିଆମାଟିରେ ଜଳସେଚନ ଶସ୍ୟର ଚେରମୂଳ ପାଇଁ ଶ୍ୱସନ ଉପଯୋଗୀ ହେଲାପରି ବୈରାଗ୍ୟ ସମ୍ମୋହିତ ଜୀବନରେ ଧ୍ୟାନର ମହତ୍ତ୍ୱ ବଢ଼େ ଅନ୍ୟଥା ତାହା ପାଣିରେ ପଡ଼େ ଓ ଆକାଂକ୍ଷିତ ଜୀବ ସବୁ ସୁଖରୁ ବଞ୍ଚିତ ହୁଏ। ତା' ପାଇଁ ଆଧ୍ୟାତ୍ମିକତା ଦୁର୍ଲ୍ଲଭ ହୁଏ।

ସାଧନା ମାର୍ଗରେ ବୈରାଗ୍ୟ ଜଡ଼ିତ ହେବା ଆବଶ୍ୟକ। କେବଳ ନିୟମିତ ଯୋଗ କରି ଚାଲିଲେ ଅସଲ ଉଦ୍ଦେଶ୍ୟ ସାଧିତ ହୁଏନାହିଁ। ଆଧ୍ୟାତ୍ମିକ ଅଭ୍ୟାସ-ଯୋଗ ମୁକ୍ତିର ମୂଳମନ୍ତ୍ର। ନିର୍ବିକଳ୍ପ ସମାଧି ବା ମୋକ୍ଷ ଏଥିରୁ ଲବ୍ଧ ହୁଏ। ଭକ୍ତ ପ୍ରହ୍ଲାଦ ଓ ରାଜା ଜନକ ହେଉଛନ୍ତି ଜ୍ୱଳନ୍ତ ଉଦାହରଣ। ସେମାନେ ବୈରାଗ୍ୟର ପ୍ରତିମୂର୍ତ୍ତି। ଉଭୟ ରାଜ୍ୟ ଶାସନ ସହିତ ଆଧ୍ୟାତ୍ମିକ ସାଧକ ଥିଲେ। ସଂସାର ଭିତରେ ରହି ବିଷୟ ପ୍ରତି ବିତୃଷ୍ଣା ଏହି ଦୁଇ ମହାନ୍ ଯୋଗୀଙ୍କ ପରି ଜୀବନ ଯାପନ ଦ୍ୱାରା ସମ୍ଭବ। ଅନ୍ୟଥା, ଏପରିକି ଅସଂପୂର୍ଣ ଭାବେ ଆସକ୍ତି ତ୍ୟାଗକରି ନିରନ୍ତର ସାଧନା କରି ଚାଲିଲେ ମଧ୍ୟ ସଂସାର ସାଗରରେ ମଣିଷ ବୁଡ଼ି ରହି ଉବୁଟୁବୁ ହୁଏ ସିନା କିନ୍ତୁ ବୈରାଗ୍ୟ ପ୍ରାପ୍ତ କରି ପାରେନା।

ଜୀବନର ବାଧାବିଘ୍ନ ବିଚାରକୁ ଆସିଲେ ବୈରାଗ୍ୟ ଜାତ ହୁଏ। ଆକର୍ଷଣ ତୁଚ୍ଛ ମନେହୁଏ। ପୋକର ଚଳନ ପାଇଁ ବୁଢ଼ିଆଣୀ ଜାଲ ଅଧିକରୁ ଅଧିକ ଅଡୁଆ ହେଲାପରି ଏବଂ ସେହି ଜାଲରୁ ପୋକଟି ଧୀରେ ଧୀରେ ମୁକୁଳି ଆନନ୍ଦ ଲଭିଲା ପରି ବୈରାଗ୍ୟ ଆସିଲେ ଜୀବ ଅମୋଦିତ ହୋଇଯାଏ। ଶରୀରରେ ନୂତନ ଉନ୍ମାଦନା ସଷ୍ଟି ହୁଏ ଓ ଚମକ ଖେଳାଏ। ସଂସାର ଏକ ଯନ୍ତ୍ରଣାର ପାରାବାର। ଦୁଃଖ କଷ୍ଟର ମାୟା ନଗରୀରୁ ମୁକ୍ତି ପାଇଲେ ଯାଇ ଆନନ୍ଦମୟ ଜୀବନର ପ୍ଲାବନ ହେବ ଓ ଜଣେ ସାର୍ଥକ ଜୀବନ ଅତିବାହିତ କରିବ। ଏଠାରେ ଯାହା ଅଛି ସେ ସବୁକୁ ତ୍ୟାଗ କଲେ ବୈରାଗ୍ୟର ପ୍ରଥମ ସୋପାନ ଆସିବ।

ବୈରାଗୀର ଅନ୍ତର ନିର୍ଗତ ଭାଷା ଜ୍ଞାନ ବିଜ୍ଞାନରେ ପରିପୂର୍ଣ୍ଣ। ସେଥିରେ ପାଣ୍ଡିତ୍ୟର ସୁଧା ଭରି ରହିଥାଏ ଯାହା ବିସ୍ମୟ ତଥା କୌତୂହଳ ଜନ୍ମାଏ। କାରଣ ବିବେକର ନିବେଦନ ସରଳ ହେଲେ ହେଁ ଜ୍ଞାନାଲୋକର ତୀବ୍ରତା ଯୋଗୁ ଜଟିଳ ଜଣାପଡ଼େ ଏବଂ ଏହା ଦୁର୍ଲ୍ଲଭ। ବିଶ୍ୱର ବିଭ୍ରାନ୍ତି କ୍ଷଣକେ ଦୂର ହୋଇଯାଏ ଏବଂ ନବୀନ ଉନ୍ମାଦନାମୟ ମୁକ୍ତି ଆତ୍ମପ୍ରକାଶ କରେ। ଭାବରେ ବଶୀଭୂତ ହୋଇ ଜୀବ କେବଳ ଆତ୍ମସନ୍ଧାନର ବ୍ରତୀ ହୁଏ। ତାକୁ ଆଉ ଅନ୍ୟକିଛି ଦୃଶ୍ୟ ହୁଏନା। ସେହି ପବିତ୍ର ସଂଗମର ଧାରା ନିରାମୟ ବୈରାଗ୍ୟ ଏବଂ ଯାହାର କ୍ଷେତ୍ର ହୃଦୟ କନ୍ଦର। ଅନ୍ୟଠି ମିଳିବ ବା କିପରି ? ଶାସ୍ତ୍ର ଅନୁସନ୍ଧାନରେ ନୁହେଁ, କି ଗୁରୁ ପ୍ରବଚନରେ। ଚିତ୍ତ ବିଲୀନ ହୋଇଯାଏ, କାରଣ ବାସନାକୁ ଜୀବ ପରିତ୍ୟାଗ କରେ। ସର୍ବୋପରି ବାସନା ବିହୀନ ହୋଇ ସେ ପୁନର୍ଜନ୍ମରୁ ମୁକ୍ତି ଲଭେ।

କେତେବେଳେ କେମିତି ଅନୁରାଗ ଯୋଗୁ ଜୀବନର ଅତୁଟ ଆକର୍ଷଣ ପାଇଁ ମୋହ ଜନ୍ମେ କିନ୍ତୁ ତାହା ବିବେକର ପରିଭାଷା ହୋଇ ନଥିବାରୁ ଏବଂ କ୍ଷଣସ୍ଥାୟୀ ହେବାରୁ ବୈରାଗ୍ୟ ନୁହେଁ। ଏହା ଏକ ନିଷ୍କଳ ସ୍ରୋତସ୍ୱିନୀ ଜଳସ୍ତର ପରି ଧୀରେ ଧୀରେ ଅପସାରିତ ହୋଇଯାଏ। ମନରେ ଯେଉଁ ଆଲୋଡନ ହୁଏ ତାହାଦ୍ୱାରା ପ୍ରକୃତ ସୁଖ କ'ଣ ତା'ର ବିଚାର ଆସେ ଓ ଜୀବନ ପ୍ରତି ବିତୃଷ୍ଣା ଜଗାଏ। ବିଷୟ ପ୍ରତି ସନ୍ଦେହ ସୃଷ୍ଟିକରେ। ମୃଗତୃଷ୍ଣା ଛାପ ଛାଡ଼ିଯାଏ। ଅସତ୍ୟ ବୈରାଗ୍ୟ ପଦବାଚ୍ୟ ନୁହେଁ। ମାୟାକୁ ସତ୍ୟ ମଣିବା କି ବିଡ଼ମ୍ବନା ! ମଣିଷର ଜନ୍ମ, ମୃତ୍ୟୁ ଓ ଜଗତର ସବୁ ସୃଷ୍ଟି ପ୍ରହେଳିକା, ଏହା ପାଗଳର ପ୍ରଳାପ ନୁହେଁ, ନିଛକ ସତ୍ୟ। ସଂସାରର ପ୍ରଲୋଭନ ବା ଅଙ୍କୁଶ କେବଳ ମିଥ୍ୟାର ଆକାର। ସେଥିରେ ଆମୋଦିତ ବା ଭୟଭୀତ ହେବା ବୋକାମି ନୁହେଁ ତ ଆଉ କ'ଣ ?

ମଣିଷର ପ୍ରତିକ୍ରିୟା ପ୍ରଣିଧାନ ଯୋଗ୍ୟ। କେତେବେଳେ ଐଶ୍ୱର୍ଯ୍ୟ ବଳରେ ଆକାଶରେ କାଚଘର ଗଢ଼େ ତ ପୁଣି କେତେବେଳେ ଦୁଃଖରେ ଭାଙ୍ଗିପଡ଼ି ଛଟପଟ ହୁଏ। ସର୍ବଦା ମାୟା ବଳୟରେ ରହି ଯେତେସବୁ କର୍ମ କରେ ତା' ପାଇଁ ଶେଷରେ ସେସବୁ ପାପର ପାହାଡ଼ ସାବ୍ୟସ୍ତ ହୁଏ। ଐଶ୍ୱର୍ଯ୍ୟରେ ଥିଲାବେଳେ ଧନରତ୍ନ ବଢ଼ିବାରେ ଲାଗେ ସିନା ସେହି ସଂପଦ ପୁଣି କେତେବେଳେ ବିପଦ ଭିତରକୁ ଠେଲିଦିଏ। ସୁଖରେ ବା ଦୁଃଖରେ ଚିତ୍ତ ଅସ୍ଥିର ହୁଏ। ସେ କ'ଣ କରିବ ଭାବି ବିଷଣ୍ଣ ହୁଏ। ପିଞ୍ଜରାବଦ୍ଧ ପକ୍ଷୀପରି ବିଭିନ୍ନ ଅନୁଭବ ସହ୍ୟ କରୁଥାଏ, ଅଜଗର ଖାଦ୍ୟ ଭିତରୁ କଣ୍ଟା ତଣ୍ଟିରେ ଲାଗିଲେ ଯେମିତି ସନ୍ତାପ ଲଭେ।

ସ୍ୱର୍ଣ୍ଣ ମୃଗର ପଶ୍ଚାତ୍‌ଧାବନ କରି ଶ୍ରୀରାମ କଷଣ ଭୋଗିଲା ପରି ଜଗତରେ ଲାଳସା ଅତ୍ୟନ୍ତ ଭୀତି ପ୍ରଦାନକାରୀ। ଗୋଟିକ ପରେ ଗୋଟିଏ ଏହିପରି ଲାଳସା ବଢ଼ି ବଢ଼ି ଚାଲେ ଏବଂ ସେଥିରେ ଜୀବନର ବୁଦ୍ଧି, ବିବେକ ବଳିପଡ଼େ। ତେବେ ବି ମନରୁ ପଦାର୍ଥ ଲୋଭର ବିଚାର ସରେନା ବରଂ ଚକ୍ରାକାରରେ ଘୂରିବୁଲେ। ଜୀବନ ତମସାଚ୍ଛନ୍ନ ହୋଇଯାଏ, ଭୟ ଓ ଆଶଙ୍କାରେ ଦିନ କଟେ। ବିଷର ବଳୟରେ ମଣିଷ ଛନ୍ଦି ହୁଏ।

ଆକାଂକ୍ଷିତ ଚଞ୍ଚଳ ମନ ଓ ଅଜ୍ଞାନ ଅହଂକାର ସୃଷ୍ଟି କରେ। ଅସହିଷ୍ଣୁ ଏବଂ ବୁଭୁକ୍ଷୁ ମନ ଅକୁଣ୍ଠିତ ଭାବେ ପାପ ଅର୍ଜନ କରେ। ଅନେକ ସମୟରେ ଏହା ଅହଂକାର ଦ୍ୱାରା ସମ୍ଭବ ହୁଏ। ଜିଦ୍‌ରେ ରହି ସଂକଳ୍ପ ମନାସିଲେ ପାପର ଭାର ବଢ଼ିବାରେ ଲାଗେ। ଚିତ୍ତ-ବୃତ୍ତି ସବୁ ନଷ୍ଟଭ୍ରଷ୍ଟ ହୋଇଯାଏ। ଦୁଃଖ କଷ୍ଟ ଲାଗିରହେ ଓ ଜଗତ ଶୂନ୍ୟ ହୋଇଯାଏ। କଥାରେ ଅଛି 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍'। କାମନା, ବାସନାରେ ମଗ୍ନ ଜୀବ ଆକାଶର ତାରା ତୋଳିଲା ପରି ଜିଦ୍‌ରେ ଅଟଳ ରହେ। ଯେତେ ଯାହା ପାଇଲେ ବି ମନ

ଭରେନା । ପୁଣି ପାଇବାକୁ ଉତ୍କଣ୍ଠା ଆସେ । ନିଆଁରେ ଘିଅ ଢାଳିଲା ପରି ଈର୍ଷା, ବ୍ୟର୍ଥତା, କ୍ରୋଧ, ପ୍ରତିଶୋଧ, ଇତ୍ୟାଦି ଇନ୍ଧନ ଯୋଗାନ୍ତି ।

କାଳ ଗର୍ଭରେ ମନର କରାମତି ନ୍ୟୁନ ହୋଇଯାଏ । ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଲୀଳାଖେଳା, ମଉଜ ମଜ୍‌ଲିସ୍ ଘଟୁଥାଏ ସବୁ ମୂଲ୍ୟହୀନ ସାବ୍ୟସ୍ତ ହୁଏ, କାରଣ ଏସବୁ ଅଜ୍ଞାନ ଦ୍ୱାରା ଆଚ୍ଛାଦିତ । ଆତ୍ମାର ନିର୍ଦ୍ଦେଶକୁ ଶ୍ରବଣ ନକରି ଇନ୍ଦ୍ରିୟମାନଙ୍କ ଅମୃତବୋଳା ମିଥ୍ୟାକଥା ଶୁଣି ମଣିଷ ନରକ ଯନ୍ତ୍ରଣା ଭୋଗ କରେ । ଆତ୍ମାରେ ଅହଂକାର ଯୋଡ଼ିହୋଇ ଅବାଟ ଦେଖାଏ, ବୁଦ୍ଧି ଭ୍ରଷ୍ଟ କରେ, ବିଷୟ କାମନାକୁ ପ୍ରାଥମିକତା ଦିଏ ଓ ଅଯଥାରେ ଉର୍ଜ୍ଜା କ୍ଷୟ କରି ଜୀବକୁ ଦୁର୍ବଳ କରେ । ରଜୋଗୁଣରେ ପ୍ରଭାବିତ ଉପଭୋଗ ପ୍ରକୃତରେ ମୃତ୍ୟୁଧ୍ୱନି ସାବ୍ୟସ୍ତ ହୁଏ । ବୈରାଗ୍ୟ ଅନୁମୋଦିତ ସୁଗୁଣ ଯାହା ଦୁଃଷ୍ପ୍ରାପ୍ୟ; କିନ୍ତୁ ସମ୍ଭବ, ସେଗୁଡ଼ିକ ହେଲା ଈଶ୍ୱର ତତ୍ତ୍ୱ, ସତ୍ୟ, ସ୍ଥିରତା, ଧୈର୍ଯ୍ୟ, ସ୍ୱଚ୍ଛତା, ଶାନ୍ତି, ଚିନ୍ତାଶୂନ୍ୟତା, ସୁସ୍ୱାସ୍ଥ୍ୟ ଇତ୍ୟାଦି । ଜଗତର ସବୁ ଦୃଶ୍ୟକୁ ଅନ୍ତଃନିବେଶ କରି ଆତ୍ମବତ୍ କରିପାରିଲେ ଜୀବନ ଆନନ୍ଦମୟ ହେବ ଓ ପରମାତ୍ମାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହେବ । ପୁନର୍ଜନ୍ମରୁ ମୁକ୍ତି ମିଳିବ ।

ପ୍ରାକ୍ତନ ପ୍ରଫେସର, ଉଦ୍ଭିଦ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ଫୋନ୍ : ୭୦୦୮୪୬୯୧୫୯



# ଗଣ୍ଠିରେ ବାନ୍ଧିନେଲା କେ କେତେ ଧନରେ...

*ଡ. ସୁଜାତା ପ୍ରିୟଦର୍ଶିନୀ*

**ଦୁଃ**ଖ, ବ୍ୟାଧି, ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ମନକୁ କଷ୍ଟ ଦିଏ । ମନୁଷ୍ୟ ନିଜର ଚେତନା ବା ଜୀବନତତ୍ତ୍ୱ ନିଜ ଅଜାଣତରେ ହାସଲ କରିବା ପରେ ଭଲ-ମନ୍ଦ, ଆଗତ-ଭବିଷ୍ୟତ କଳନା କରିପାରେ । ଗୋଟିଏ ଦୁଃଖୀ ଲୋକ ଦେଖିଲେ ସ୍ୱଭାବତଃ ତା ମନରେ ଦୟା ଆସେ, ଦୁଃଖର କାରଣ କଅଣ ହୋଇପାରେ ମନରେ ଛନ୍ଦି ହୁଏ ଆଉ ସେ ଲୋକଟି କିପରି ଦୁଃଖମୁକ୍ତ ହେବ ସେ ପ୍ରତିକାର ମନୋଭାବ ଆସେ । ସେମିତି ବ୍ୟାଧିଗ୍ରସ୍ତ ଲୋକଟିଏ ଦୃଷ୍ଟିକୁ ଆସିଲେ ରୋଗୀ ଆରୋଗ୍ୟ ହେବା ମନାସ ଆସେ, ତା ସହିତ ମଣିଷ ଶରୀର ବହନ କରିଥିବାରୁ ବ୍ୟାଧିପ୍ରତି ଭୟ ଆସେ । ଆଉ ମୃତ୍ୟୁର ଦୃଶ୍ୟ ଦେଖିବା ଏକ ନିତ୍ୟନୈମିତ୍ତିକ ଘଟଣା । ସରୀସୃପ, ପଶୁପକ୍ଷୀ ଅବା ମଣିଷ ଯେ କୌଣସି ଜୀବ ହେଉ, ମୃତ୍ୟୁର ଦୃଶ୍ୟ ମନରେ ଅହେତୁକ ଭୟ ସୃଷ୍ଟି କରେ । ଅନେକ ସମୟରେ ମୃତ୍ୟୁ ଦୁର୍ଘଟଣା ଜନିତ ଏବଂ ରକ୍ତସ୍ରାବ ମୃତ୍ୟୁ ଘଟାଇପାରେ, ଏହା ଦେଖିଦେଖି ବିନା ମୃତ୍ୟୁରେ ରକ୍ତର ଦୃଶ୍ୟ ଏମିତିକି ରକ୍ତପରି ଦେଖାଯାଉଥିବା ନାଲି ପାଣିଦେଖିଲେ ବି ମୃତ୍ୟୁର ଭୟ ମନରେ ଜାତ ହୁଏ । ମଣିଷ ତ ବୁଦ୍ଧିରେ ଜୀବଜଗତରେ ସବୁଠାରୁ ବିକଶିତ ପ୍ରାଣୀ । ଏମିତି କି ଗୋରୁଗାଈ, ପଶୁପକ୍ଷୀ ଏମାନେ ବି ଯନ୍ତ୍ରଣା ଓ ମୃତ୍ୟୁ ଦୃଶ୍ୟରେ ବିମର୍ଷ ହୋଇପଡ଼ନ୍ତି ।

ମୃତ୍ୟୁଭୟ ଜୀବର ଏକ ମାନସିକ ପ୍ରକ୍ରିୟା । ସମସ୍ତେ ଜାଣନ୍ତି ଜୀବନ ଜନ୍ମ-ମୃତ୍ୟୁର ବ୍ୟବଧାନ ଏବଂ ମୃତ୍ୟୁ ଏକ ଧ୍ରୁବ ସତ୍ୟ । ସେହି ରାବଣ ଜାଣିଥିଲା ସୀତା ହରଣ, ରାବଣ ମରଣ । ସେହି ଆଲେକଜାଣ୍ଡର ଜାଣିଥିଲା ଦୁନିଆ ଜୟ କଲେ ବି ମୃତ୍ୟୁର କାଳପକ୍ଷୀ ମୁଣ୍ଡଉପରେ ଉଡୁଛି । ନେପୋଲିୟନ ଜାଣିଥିଲେ ଯେ ଜୀବନରେ ଆରୋହଣ ଯେତିକି ଅବରୋହଣ ସେତିକି । ହିଟଲର ବି ନିଜର ଜୀବନ ସମର୍ପି ଦେଇ ମାନବିକତା ଉପରେ ଫାର୍ଶାଘାତ କରିଚାଲିଥିଲେ । ନର ଶରୀରେ ଦେହ ବହି, ଦେବତା ହେଲେ ବି ମରଇ । ଏହି ଧ୍ରୁବସତ୍ୟର ଅପଳାପ ନାହିଁ । ସେହି ଚର୍ଚ୍ଚିତ ପୁରାଣ ଇତିହାସ ମଣ୍ଡନ କରୁଥିବା ମହାନ୍ ବ୍ୟକ୍ତିମାନଙ୍କର ପରବର୍ତ୍ତୀ ପିଢ଼ି ପ୍ରତି କିଛି ସନ୍ଦେଶ ରହିଛି । ସେମାନେ ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବରେ ସୂଚାଇଛନ୍ତି ।

ତ୍ରେତୟା ଯୁଗ ରାମାୟଣର କଥା । ରାମଙ୍କ ବାଣରେ ରାବଣର ମୃତ୍ୟୁ ଘଟିବା ଅବ୍ୟବହିତ ପୂର୍ବରୁ ରାମଚନ୍ଦ୍ର ସାନଭାଇ ଲକ୍ଷ୍ମଣଙ୍କୁ ସୂଚାଇଛନ୍ତି, ସଂସାର ବିଷୟରେ ଯଦି କିଛି ଜାଣିବାକୁ ଚାହୁଁଛ ତେବେ ରାବଣ ପାଖକୁ ଯାଅ । ତାଙ୍କ ଭଳି ଶିକ୍ଷିତ ବ୍ରାହ୍ମଣଙ୍କ ଅଭିଜ୍ଞତା ଆଉ କାହା ପାଖରେ ନାହିଁ । ଲକ୍ଷ୍ମଣ ଭ୍ରାତୃଦେବଙ୍କ କଥା ମାନି ମୁମୂର୍ଷୁ ରାବଣର ମୁଣ୍ଡ ପାଖରେ ଦଣ୍ଡାୟମାନ ହେଲେ, ମାତ୍ର ରାବଣ କିଛି ବି ଉଚ୍ଚାରଣ କଲେନାହିଁ । ସେ ରାମଚନ୍ଦ୍ରଙ୍କ ପାଖକୁ ଫେରିଆସିଲେ । ରାମଚନ୍ଦ୍ର କହିଲେ ଯେ, ଯଦି ତୁମର କାହାଠାରୁ କିଛି ଶିଖିବାର ଅଛି ତ ତୁମେ ମୁଣ୍ଡ ପାଖରେ ନୁହେଁ, ପାଦ ପାଖରେ ଠିଆହେବାକୁ ହେବ । ଲକ୍ଷ୍ମଣ ପୁନରାୟ ରାବଣଙ୍କ ପାଖକୁ ଗଲେ ଏବଂ ପାଦ ପାଖରେ ଠିଆହେଲେ । ରାବଣ ଲକ୍ଷ୍ମଣଙ୍କୁ ଦେଖି ଯେ କୌଣସି ବ୍ୟକ୍ତି ଜୀବନରେ କୃତିତ୍ୱ ପାଇଁ ତିନୋଟି ଗୂଢ଼ ରହସ୍ୟ ବତାଇବାକୁ ଲାଗିଲେ । ପ୍ରଥମ ରହସ୍ୟ ହେଉଛି କୌଣସି ଶୁଭକାମ ଅୟମାରମ୍ଭରେ ବିଳମ୍ବ କରିବ ନାହିଁ ବରଂ ଅଶୁଭ କାର୍ଯ୍ୟକୁ ଯେତେ ଦୂର ବିଳମ୍ବ କରାଯାଇପାରେ । ଦ୍ୱିତୀୟତଃ ନିଜ ଶତ୍ରୁକୁ କଦାପି ହେୟ ମନେ କରିବନାହିଁ । ମର୍କଟ ଏବଂ ଭଲ୍ଲୁକ ସେନାକୁ ମୁଁ ହୀନ, ଅକ୍ଷମ ଓ ଅଯୋଗ୍ୟ ମନେକରି ସେମାନଙ୍କ ଦ୍ୱାରା ପରାଜିତ ହେଲି । ତୃତୀୟତଃ ଜଣେ କଦାପି ନିଜ ଜୀବନର ଗୁପ୍ତକଥା ଦୁନିଆର କାହାରିକୁ ବି ବତାଇବ ନାହିଁ । ମୋର ଜୀବନର ଗୁପ୍ତକଥା ବିଭୀଷଣ ଜାଣି ଥିବାରୁ ମୋର ପ୍ରମାଦରୁ ମୋତେ ଜୀବନ ହରାଇବାକୁ ପଡୁଛି ।

ଇତିହାସ ପୃଷ୍ଠାର ବୀର ପୁରୁଷ । ବିଶାଳ ସମ୍ରାଟ ବୀରଶ୍ରେଷ୍ଠ ଆଲେକଜାଣ୍ଡର । ଏକା ନିଘାରେ ତିନି ମହାଦେଶ ଜୟ କରିପାରନ୍ତି । ମାସିଡୋନିଆର ଲୋକମାନେ ସେହି ସ୍ଥାନୀୟ ବୀର ପୁରୁଷଙ୍କୁ ଦେବତାଙ୍କର ଅବତାର ବୋଲି ମନେକରନ୍ତି । ବଳ, ବୀର୍ଯ୍ୟ ଏବଂ ସମରପ୍ରବରତାରେ ବିଶ୍ୱରେ କୀର୍ତ୍ତିମାନ ରଖିଯାଇଛନ୍ତି । ତାଙ୍କର ବ୍ୟକ୍ତିଗତ ସାହସ ଏବଂ ଭବିଷ୍ୟତ ପରିକଳ୍ପନାର ଅନ୍ତ ନାହିଁ । ଏଥରର ବହୁଦିନ ବ୍ୟାପୀ ମିଶର, ପାରସ୍ୟ, ମଧ୍ୟପ୍ରାଚ୍ୟ ଏବଂ ଭାରତର ପଶ୍ଚିମାଂଶ ଦଖଲ କରି ଗୃହ ଅଭିମୁଖେ ପ୍ରତ୍ୟାବର୍ତ୍ତନଶୀଳ । ସୈନ୍ୟ ସାମନ୍ତ, ସହକାରୀ ଯନ୍ତ୍ରୀ, ଚିକିତ୍ସକ ଏବଂ ସମର ସହାୟକ ସହିତ ମାସିଡୋନିଆଁ ମୁହାଁ ସମସ୍ତେ । କାହାର ବା ମନକୁ ଆସିବ ? ଏତେ ବିଶାଳ ଆଲେକଜାଣ୍ଡରଙ୍କୁ ତତକ୍ଷଣାତ୍ ମୃତ୍ୟୁଯୋଗ ଆସିବ ? ଆଲେକଜାଣ୍ଡର ମରିଗଲେ, କିନ୍ତୁ ମୃତ୍ୟୁ ପୂର୍ବରୁ ନିଜର ସେନାପତିମାନଙ୍କ ପାଖକୁ ଡକାଇ ଚିରବିଦାୟ ନେବାର ଉପକ୍ରମ କଲେ । କହିବାର ଶକ୍ତି କ୍ଷୀଣ ହୋଇ ଆସୁଛି । ଥର ଥର କଣ୍ଠରେ ତିନୋଟି କଥା କହିଲେ, "ଆମ ସାମରିକ ବାହିନୀର ସବୁଠାରୁ ଦକ୍ଷ ଚିକିତ୍ସକମାନେ ମୋର ଶବାଧାର (କଫିନ୍) ବହନ

କରି ଶବବାହକ ସାଜିବେ । ଆମର ହସ୍ତଗତ ହୋଇଥିବା ସମସ୍ତ ଧନରତ୍ନ ମଶାଣି ରାସ୍ତାରେ ଇତଃସ୍ତତ ଭାବରେ ବିଚ୍ଛୁରିତ ହେବ । ଆଉ ମୋର ହସ୍ତ ଦ୍ୱୟ କଫିନ୍ କଡକୁ ମୁକ୍ତ ଭାବରେ ଓହଳି ରହିବ ।" ସେନାପତିମାନେ ଚିନ୍ତିତ ହୋଇପଡ଼ିଲେ । ଅବଶ୍ୟ ସେମାନଙ୍କ ପାଖରେ ବହୁ ସମୟ ବାକିଥିଲା । କାରଣ ଆଲେକଜାଣ୍ଡର ଯେପରି ରୋଗରେ ପଡିଥିଲେ, ତାହା ଅଚଳ ହୋଇ ବଞ୍ଚି ରହିଲେ ବି ମୃତ ବୋଲି ହୃଦବୋଧ ହେବ । ଆଲେକଜାଣ୍ଡର ମଲାପରେ ତାଙ୍କ ଶରୀରରେ ୬ ଦିନ ପର୍ଯ୍ୟନ୍ତ ଶବ ପରି ପରିବର୍ତ୍ତିତ ହୋଇ ନଥିବା ଐତିହାସିକ ତଥ୍ୟର କାରଣ ଆଜିକାର ଚିକିତ୍ସା ବିଜ୍ଞାନୀ ମତ ଦିଅନ୍ତି ସେ ଯେଉଁ ଖାଦ୍ୟ ସଂକ୍ରମଣଜନିତ ଗିଲାଂ ବାରେ ସ୍ନାୟୁରୋଗରେ ପଡିଥିଲେ, ସେଥିରେ ଅଚଳ ହୋଇ ମୃତବତ୍ ୬ଦିନ ରହିଯାଇଥିଲେ, ତାଙ୍କୁ ଜୀବନ୍ତ ଅବସ୍ଥାରେ ଅଜାଣତରେ ମୃତ ବୋଲି ଘୋଷିତ କରାଯାଇଥିଲା । ଯାହାହେଉ, ତାଙ୍କ ପରି ବ୍ୟକ୍ତିତ୍ୱ ମୃତ୍ୟୁକାଳୀନ ଯାହା ମଣିଷ ଜୀବନ ଉପରେ ଜମାନବନ୍ଦୀ ଦେଲେ ତାହା ସବୁବେଳେ ଉଦ୍ଧୃତ ହୋଇ ଆସୁଅଛି ।

ଆଲେକଜାଣ୍ଡରଙ୍କର କହିବାର ତାତ୍ପର୍ଯ୍ୟ, ମୃତ୍ୟୁ ଅନିବାର୍ଯ୍ୟ । ସବୁଠାରୁ ଦକ୍ଷ ଏବଂ ଅଭିଜ୍ଞ ଚିକିତ୍ସକ ବି ମୃତ୍ୟୁମୁଖରୁ ରକ୍ଷା କରିପାରିବେ ନାହିଁ । ଏହା ଜଗତକୁ ଦେଖାଇବାକୁ ମୁଁ ମୋର ଶବବାହକ ଭାବରେ ସେମାନଙ୍କର ସାହାଯ୍ୟ ନେବି । ତଦାନୀନ୍ତନ ମାସିଡୋନିଆର ସଭ୍ୟତାରେ ଚିକିତ୍ସକ ମାନଙ୍କର ଦକ୍ଷତା ମୃତ୍ୟୁ ମୁଖରୁ ଉଦ୍ଧାର କରିବା ଏବଂ ନିଜେ ଆଲେକଜାଣ୍ଡର ଗୋଟିଏ ଚିକିତ୍ସକ ଦଳ ନିଜ ସୈନ୍ୟବାହିନୀ ସହିତ ଦିଗ୍‌ବିଜୟ ସମୟରେ ଗସ୍ତ କରୁଥିଲା । ମୃତ୍ୟୁ ଯେ ଧ୍ରୁବ, ଏହି ଉକ୍ତି ତାହାର ସୂଚକ । ସାହିତ୍ୟ ପୃଷ୍ଠାରେ ଏମିତି ବର୍ଣ୍ଣନା ଅନେକ ଦେଖାଯାଏ । ରବୀନ୍ଦ୍ରନାଥ ଠାକୁରଙ୍କ 'ତ୍ରଷ୍ଟ ପ୍ରପର୍ଟି' ଗଳ୍ପଟିରେ ଜଗନ୍ନାଥ କୁଣ୍ଡୁ ଯେକି ଜଣେ କୃପଣ ଧନୀକ, ଆଖ୍ୟାନ କରିଛନ୍ତି, "ଯଦି ଦାମୀ ଔଷଧ ଜୀବନ ବଞ୍ଚାଇ ପାରୁଥାଆନ୍ତା, ତେବେ ରାଜା ଓ ସମ୍ରାଟମାନେ ଅମର ହୋଇ ରହି ଥାଆନ୍ତେ ।"

ଦ୍ୱିତୀୟତଃ ତାଙ୍କର ଦିଗ୍‌ବିଜୟ ଲବ୍ଧ ଲୁଟି ବା ପ୍ରାପ୍ତ ସମସ୍ତ ସମ୍ପଦ ରାସ୍ତା କଡ଼ରେ ଗଦାଇବାର କାରଣ ପାର୍ଥିବ ସମ୍ପତ୍ତି ଏହି ପୃଥିବୀ ପୃଷ୍ଠର ଏବଂ ଏହା ହିଁ ଏହିଠାରେ ରହିବ । ସମ୍ପତ୍ତିର ମୂଲ୍ୟ କେବଳ ଏହି ପୃଥିବୀର ପାର୍ଥିବ କ୍ଷେତ୍ରରେ ରହିଛି । ଇହଲୋକର ସମ୍ପତ୍ତି, ମୃତ୍ୟୁବେଳକୁ କେହି ଏହାକୁ ସାଥିରେ ନେଇ ପରଲୋକକୁ ଯାଇପାରିବେ ନାହିଁ ।

ତୃତୀୟତଃ ତାଙ୍କ ହାତ ଦୁଇଟିକୁ ପବନରେ ଝୁଲାଇ ଦେବାକୁ କହିବାର କାରଣ, ଦେଖିବା ଲୋକର ମନକୁ ସ୍ୱତଃ ଆସିବ ମଣିଷ ଜନ୍ମ ହେବାବେଳେ ଖାଲି ହାତରେ ଆସିଥାଏ ଏବଂ ସବୁଠାରୁ ଦୁର୍ମୂଲ୍ୟ ସମ୍ପଦ ଯାହାକି ସମୟ, ସେଇଟି ସୀମିତ ଏବଂ ସରିଗଲା ବେଳକୁ ଖାଲି ହାତରେ ପାର୍ଥିବ ଜଗତରୁ ବିଦାୟ ନେଇଥାଏ । କାଣିଚାଏ ଧନସମ୍ପତ୍ତି ସାଥିରେ ନେବା ଅସମ୍ଭବ ।

ସମୟ ଜୀବନର ଏକମାତ୍ର ସମ୍ପଦ; ଯଦିଚ ଏହା ସୀମିତ । ଏହି ସୀମିତ ସମୟ ମଧ୍ୟରେ ମଣିଷ ଧନ ଅର୍ଜନ କରିପାରେ କିନ୍ତୁ ଏହି ଧନର ମୂଲ୍ୟ କିଛି ନୁହେଁ । ସମୟ ହିଁ ଆମର ଜୀବନ, ଜୀବନର ଚଳନ୍ତି ସ୍ରୋତ । ତାହାର ସଦୁପଯୋଗ ସର୍ବାଦୌ କରଣୀୟ । ଏହି ସମୟକୁ ଜଣେ ନିଜ ଆତ୍ମୀୟ, ପରିବାର ଏବଂ ଜ୍ଞାତିଜନମାନଙ୍କ ମଧ୍ୟରେ ବାଣ୍ଟିଦେଲେ, ସେ ବଞ୍ଚିବା ସହିତ ପ୍ରେମମୟ ପରିବେଶ ପାଇବ, ଶାନ୍ତିରେ ମୃତ୍ୟୁଲାଭ କରିବ ।

ଆଲେକଜାଣ୍ଡରଙ୍କର ମଣିଷ ଜୀବନର ସାର୍ଥକତା ନେଇ ଏହି ପରିଭାଷା ଲେଖକ କାର୍ଲ ମୁଲରଙ୍କ ଦ୍ୱାରା ପ୍ରସାରିତ ।

କେବଳ ପୌରାଣିକ ଶ୍ରୀ ଲଙ୍କାର ରାବଣ ଅବା ପୁରାତନ ଐତିହାସିକ ଯୁଗର ବୀରପୁଙ୍ଗବ ଆଲେକଜାଣ୍ଡର ନୁହନ୍ତି, ଦୁନିଆର ଲକ୍ଷ ଲକ୍ଷ ବର୍ଷର କୋଟି କୋଟି ମଣିଷ ମୃତ୍ୟୁର ଶିକାର ହୋଇଛନ୍ତି । ମୃତ୍ୟୁ ବିଭିନ୍ନ ଢଙ୍ଗରେ ଆସିଛି । ଧନୀ-ଗରିବ, ରାଜା-ପ୍ରଜା, ଶିକ୍ଷିତ-ଅଶିକ୍ଷିତ ସମସ୍ତେ ପ୍ରାଣୀ ଭାବରେ ମୃତ୍ୟୁର ଧ୍ରୁବତା ପାଖରେ ନତମସ୍ତକ ହୋଇଛନ୍ତି । କେବଳ ମଣିଷ ନୁହନ୍ତି, କ୍ଷୁଦ୍ରତମ ଜୀବଠାରୁ ଆରମ୍ଭ କରି ବୃହତ୍ତମ ପର୍ଯ୍ୟନ୍ତ ସମସ୍ତେ ଏହି ମୃତ୍ୟୁର ଅନ୍ତିମ ପ୍ରହାରରେ ଧରାପୃଷ୍ଠରୁ ଲିଭିଯିବେ ।

ଜଣେ ନାଟ୍ୟକାରଙ୍କ ଭାଷାରେ ଜୀବ ଜନ୍ମଲାଭ କରିବା ପୂର୍ବରୁ ପ୍ରକୃତି ମାଆ ପାଖରେ ସତ୍ୟକରି ଆସିଥାଏ । ପଞ୍ଚଭୂତ ଧାର ନେଇ ସୀମିତ ସମୟ ମଧ୍ୟରେ ଧରାବକ୍ଷରେ ଅଭିନୟ କରିବ । ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ପରମାୟୁ ମଧ୍ୟରେ ଜୀବନ ନିର୍ବାହ କରି ପରିଶେଷରେ ପଞ୍ଚଭୂତ ତ୍ୟାଗ କରି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବ । ମରଣୋତ୍ତର କ୍ଷଣକାଳ କେତେ ଆତ୍ମୀୟମାନଙ୍କର ସ୍ମରଣରେ ଯାହା ରହିଥିବ । ମହାକାଳର ଅହର୍ନିଶ ସ୍ରୋତରେ ସେହି ସ୍ମରଣ ବି ଅବିସ୍ମରଣ ହୋଇ ଦୁନିଆରେ ଜୀବଟିଏ ଜୀବନ ବିତାଇଥିଲା ବୋଲି ଚିହ୍ନ ରହିବ ନାହିଁ । ମହୋଦଧିର ତରଙ୍ଗଧୌତ ବାଲୁକାରେ ପାଦଚିହ୍ନ ଲିଭିଯିବା ପରି ଜୀବର ଜୀବନ ସେଇ ପଞ୍ଚଭୂତରେ ଲୀନ ହୋଇଯାଏ ।

ମଣିଷ ସମାଜରେ ମୃତ୍ୟୁକୁ ସମସ୍ତେ ଏକାପରି ଦେଖନ୍ତିନାହିଁ । ଅନେକଙ୍କର ମୃତ୍ୟୁକୁ ଏତେ ଭୟ, ସେମାନେ ମୃତ୍ୟୁ ବିଷୟରେ କିଛି ଜାଣିବାକୁ ବା ମନରେ ପୂରାଇବାକୁ ପରାଙ୍ମୁଖ । ମୃତ୍ୟୁ ଧ୍ରୁବ ସତ୍ୟ ବୋଲି ନିଶ୍ଚିତ ହୋଇ ମଧ ମଣିଷ ଜାଣି ନଜାଣିଲା ପରି ଚାଲିଥାଏ । ଅନେକ ମୃତ୍ୟୁକୁ ନିଡ଼ର । ଆଉ କେତେ ଡରକୁରା ଅଛନ୍ତି, ଯିଏ ମୃତ୍ୟୁକୁ ଭୟ କରନ୍ତି । ଜୀବନର ପ୍ରତି ପାଦ ଚାଲିବାରେ କିଛି ନିଆଁଧୂଆଁ ନଥାଇ ବି ମୃତ୍ୟୁର ପଦଧ୍ୱନୀ ଶୁଣୁଥାଆନ୍ତି ।

ଯାହା ହେଲେ ବି ମଣିଷ ଜୀବନ ସ୍ୱଳ୍ପ, ମାତ୍ର ସେହି ସୀମିତ ସମୟ ମଧ୍ୟରେ ବ୍ୟକ୍ତିଗତ ଭାବରେ ଅନେକ କିଛି କରିହେବ, ପରିବାର ଏବଂ ସମାଜ ତାହା ଅନେକ ଦିନ ପର୍ଯ୍ୟନ୍ତ ମନେରଖିବେ ।

ମନୁଷ୍ୟର ସଭ୍ୟତାର ବିକାଶ ଏବଂ ଅର୍ଥନୈତିକ ବିକାଶ ପ୍ରାଚୀନ କାଳ ଅପେକ୍ଷା ବିଶ୍ୱ ବକ୍ଷରେ ଅସୀମ ସମ୍ପଦର ବ୍ୟବହାର ହେଉଛି । ହଜାର ହଜାର ବର୍ଷ ପୂର୍ବ ସମୟରୁ ଅପେକ୍ଷା ଆଜିର ଲୋକମାନଙ୍କର ଧନରତ୍ନ ବହୁଳ ପରିମାଣର ବୋଲି ଅନୁମିତ ହୁଏ । କିନ୍ତୁ ମଣିଷର ଧନ-ରଙ୍କୁଣା ପ୍ରବୃତ୍ତି ମୃତ୍ୟୁ ପର୍ଯ୍ୟନ୍ତ ବଳବତ୍ତର ଥାଏ ।

ନିଜର ଆୟ ଏବଂ ବ୍ୟୟ ହିସାବକୁ କାହାର ନଜର ନଥାଏ । ଯେତେ ଅଧିକ ଆୟ ଏବଂ ଯେତେ ସୀମିତ ବ୍ୟୟ ମଧ୍ୟରେ ସର୍ବାଧିକ ଅର୍ଥ ସଞ୍ଚୟ

କରିବା ଖାଲି ଶିକ୍ଷିତ ଏବଂ ଗଣିତ ଜ୍ଞାନ ଥିବା ବ୍ୟକ୍ତିର ଉଦ୍ଦେଶ୍ୟ ନୁହେଁ ଏହା ବି ସଂପୂର୍ଣ୍ଣ ହିସାବ ଜ୍ଞାନଶୂନ୍ୟ ଗରିବ ଲୋକମାନଙ୍କର ବି ରହିଛି । ପିମ୍ପୁଡି ପରି ମଣିଷର ସଞ୍ଚୟ ମନୋବୃତ୍ତି କାଳ କାଳରୁ ରହିଆସିଛି । ଆୟର ସମ୍ପୂର୍ଣ୍ଣ ଉପଯୋଗ କରିବା ବ୍ୟକ୍ତି ସମାଜରେ ବିରଳ କହିଲେ ଚଳେ ।

ଏମିତି କି ବୃଦ୍ଧକାଳରେ ଅନେକ ଅର୍ଥର ଶଯ୍ୟା ଉପରେ ଶୟନ କରିଥାଆନ୍ତି । କିନ୍ତୁ ସେମାନଙ୍କର ମନରେ ଲୋଭର ମାତ୍ରା କ୍ଷୀଣେ ମାତ୍ର ହ୍ରାସ ହୁଏନି । ମନରେ ଥାଏ, ମୃତ୍ୟୁ ଯେମିତି ଗୋଟିଏ ରେଳଗାଡି ପରି ଆସିବ, ଷ୍ଟେସନରେ ଠିଆ ହେବା ବେଳକୁ ସିଏ ଚଢିବେ ଆଉ ଘର ଲୋକ ସେହି ଉଦବୃତ୍ତ ଅର୍ଥକୁ ବ୍ୟାଗ୍‌ରେ ପ୍ୟାକିଂ କରି ବ୍ୟାଗେଜ୍ ଭାବରେ ଲଦିଦେବେ । ଏହାର ଅର୍ଥ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାରଙ୍କ ମୃତ୍ୟୁକାଳୀନ ନିଷ୍ପତ୍ତିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ସିଏ ମୃତ୍ୟୁ ପୂର୍ବରୁ ଚାରି ଛଅ ଦିନ ମୃତବତ୍ ଅଚେତ ହୋଇ ରହିଥିଲେ । ତା ପୂର୍ବରୁ ନିଜର ମୃତ୍ୟୁକାଳୀନ ଯମାନବନ୍ଦୀରେ ଏପରି ଏକ ଆର୍ଥିକ ସମ୍ପଦର ଅନୁଶୀଳନ କରିଯାଇଛନ୍ତି ।

ଜୀବନ କାଳରେ ଜଣେ ଅର୍ଥପିପାସୁ ହେବା ନିଶ୍ଚୟ ଅମାନୁଷିକ କାର୍ଯ୍ୟ । ଯାବତୀୟ ଅନୀତି ବଳରେ ଅର୍ଥ ଠୁଳ କରିବାର ସାମୟିକ ଆନନ୍ଦ ଚିରସ୍ଥାୟୀ ନୁହେଁ । ସରକାର ବା ଦେଶର ଆଇନ କଥା ଛାଡନ୍ତୁ, ମଣିଷ ହିସାବରେ ନିଜର ପଡୋଶୀ ବା ଗାଆଁ ଲୋକମାନେ କିଏ କେତେ ଦୁଃଖରେ ଚଳୁଥିବେ । ଗାଆଁ ବିଦ୍ୟାଳୟରେ କେତେ ପିଲା ଆର୍ଥିକ ଅନାଟନରେ କେତେ ଦହଗଞ୍ଜ ହେଉଥିବେ । କେତେ ଦୁଃଖିରଙ୍କୀ ହା ଅନ୍ନ ଉଚ୍ଚାରଣ କରି ଚାହିଁ ରହିଥିବେ । ସେମାନଙ୍କ ଆର୍ତ୍ତନାଦ ଶୁଣିବା ନିହାତି ପ୍ରୟୋଜନ ରହିଛି ।


ନିଜେ ଚଳପ୍ରଚଳ ହେଉଥିବା ସମାଜ ପ୍ରତି ସମସ୍ତଙ୍କର ଯେତିକି ଗୁରୁଦାୟିତ୍ୱ ରହିଛି, ଜଣେ ସ୍ୱଚ୍ଛଳ ବ୍ୟକ୍ତିର ସେ ଦିଗରେ ମନୋନିବେଶ କରିବା ବିଶେଷ ପ୍ରୟୋଜନ । ପ୍ରତି କ୍ଷେତ୍ରରେ ଦାନ ଅନୁଦାନ ଅବା ଦକ୍ଷିଣା ଦେବାର ବିଧି ରହିଛି । ଅନେକ ପ୍ରକଳ୍ପ ସେମିତି ଦାନ ଉପରେ ଚଳନ୍ତି । ନିଜର ବିବେଚନା ବଳରେ ଜଣେ କେଉଁ ମାନବିକ ଦିଗରେ ନିଜର ବଳକା ଅର୍ଥ ବ୍ୟୟ କରିପାରିବା ଏକ ସ୍ୱର୍ଗୀୟ ମନୋବୃତ୍ତି ନହେଁ ତ ଆଉ କଅଣ ହୋଇପାରେ ?

ସେହି କାରଣରୁ ଆମ ଚଉତିଶାରେ ରହିଛି, କିଏ କେତେ ଧନ ଗଣ୍ଠୁଲି କରି ମୃତ୍ୟୁ ସମୟରେ ସ୍ୱର୍ଗକୁ ଘେନିଯିବ ? ତାହାର ଯଥାର୍ଥ ଦେଖାଇଯାଇଛନ୍ତି ମାସିଡ଼ୋନିଆନ୍ ବୀର ଆଲେକଜାଣ୍ଡର ।

ମୃତ୍ୟୁ ସମୟର ଅବ୍ୟବହିତ ପୂର୍ବରୁ ନିଜ ସମ୍ପଦର ଉଚିତ୍ ସଦ୍‌ବ୍ୟବହାର କରିବା ବିଧେୟ । ଆମ ଗାଆଁ ଗଣ୍ଡାର ଚଳଣି ଅଛି, ପିଲା ଯଦି ମଣିଷ ହେଲେ, ଧନ କାହିଁପାଇଁ ସଞ୍ଚୁ ? ପିଲା ଯଦି ମଣିଷ ନହେଲେ, ଧନ କାହିଁ ପାଇଁ ସଞ୍ଚୁ ? ଏଇଟା ନିହାତି ସତକଥା । ନିଜ ପିଲା ଯଦି ମଣିଷ ନହେବେ, କେତେ ଦିନ ଏହି ପିତୃଦତ୍ତ ସମ୍ପତ୍ତିରେ ଚଳିବେ । ମାତ୍ର ଦିନ କଇଟାରେ ତାହା ସମାପ୍ତ ହୋଇଯିବ । ବରଂ ପିତାଙ୍କ ଜୀବଦ୍ଦଶାରେ ତାଙ୍କର ଅପାର ସମ୍ପଦ ଦେଖି ପିଲାମାନେ ନିଜ ମନରେ ସ୍ପର୍ଦ୍ଧିତ ହୋଇ ତାହାରି ଲାଳସାରେ ନିଜର ଶିକ୍ଷା ଏବଂ ବୃତ୍ତି ପ୍ରତି ମନୋଯୋଗ ଦେଉ ନଥିବେ । ତାହା ପରିବାରର କ୍ଷତି ନିଶ୍ଚୟ ।

ମଣିଷ ଯେମିତି ବଞ୍ଚିବାର ଅଧିକାର ସାବ୍ୟସ୍ତ କରେ, ପ୍ରତି କ୍ଷେତ୍ରରେ ନିଜର ଦାବି ଉପସ୍ଥାପନ କରେ, ସେମିତି ଜୀବନର ଅନ୍ତିମ ସମୟରେ ନିଜର ସଞ୍ଚିତ ଉଦ୍‌ବୃତ ସମ୍ପଦର ସଦ୍‌ବ୍ୟବହାର କରିବା ସର୍ବାଦୌ ଉଚିତ୍ । ଜୀବନର ଶେଷ ଅବସ୍ଥାରେ ନିଜ ଜୀବନର ଆର୍ଥିକ ସଦୁପଯୋଗ ନିଶ୍ଚୟ ପ୍ରଶାନ୍ତି ସୃଷ୍ଟି କରିବ – ଏହି ଶିକ୍ଷା ଆଲେକ୍‌ଜାଣ୍ଡର ଦେଇଯାଇଛନ୍ତି ।

ପ୍ରାଧ୍ୟାପିକା, ଇଂରାଜୀ ବିଭାଗ,
ରାଜଧାନୀ କଲେଜ, ଭୁବନେଶ୍ୱର
ମୋ – ୯୪୩୭୧୩୭୩୭୭



# ଶ୍ୱେତପଦ୍ମାର ଆତ୍ମଲିପି

*ସୂର୍ଯ୍ୟମଣି ତ୍ରିପାଠୀ*

**ଜ**ନ୍ମ ଆଉ ମୃତ୍ୟୁ। ଉଭୟର ସଂଯୋଗ ରେଖାର ନାମ ଜୀବନ। ଏହା ଜନ୍ମରୁ ଆରମ୍ଭ ଓ ମୃତ୍ୟୁରେ ଶେଷ। ଆମ ସଭ୍ୟତା ପୁନର୍ଜନ୍ମରେ ବିଶ୍ୱାସୀ। ତେଣୁ କୁହାଯାଇଛି, "ପୁନରପି ଜନମମ୍, ପୁନରପି ମରଣମ୍ ପୁନରପି ଜନନୀ ଜଠରେ ଶୟନମ୍।" ମାନବ ଜନ୍ମର ମୂଳକଥା ଅତି ବିଚିତ୍ର। ଏହାର ଇତିହାସ ଲିଖିତ ଭାବରେ ନାହିଁ, ମାତ୍ର ଲୋକକଥାରେ ଅତି ଅସ୍ପଷ୍ଟ ଭାବରେ ଏହା ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଭାବରେ ବିଦ୍ୟମାନ।

ଆମ ଦେଶରେ ପୁରାଣଗୁଡ଼ିକ ବୋଧହୁଏ ସର୍ବପୁରାତନ। ତନ୍ମଧ୍ୟରେ ଯୁଗ ସୃଷ୍ଟିର ବର୍ଣ୍ଣନା ସହିତ ଜୀବ ସୃଷ୍ଟିର ବର୍ଣ୍ଣନା ମଧ୍ୟ ବିଦ୍ୟମାନ। 'ମହାବିଷ୍ଣୁ ପୁରାଣ'ରେ ମହାଋଷି ପରାଶର ତାଙ୍କ ଶିଷ୍ୟ ମୈତ୍ରେୟ ଋଷିଙ୍କୁ କଥୋପକଥନ ମାଧ୍ୟମରେ କହିଥିଲେ, ପ୍ରଳୟ କାଳରେ ବିଶ୍ୱ ବ୍ରହ୍ମାଣ୍ଡ ଅନ୍ଧକାର ଓ ଜଳମଗ୍ନ ଥିଲା।

"ମହାପ୍ରଳୟ କାଳରେ ସର୍ବ ଅନ୍ଧକାର
ହୋଇଥିଲା ନଥିଲେ ଯେ ଚନ୍ଦ୍ର, ଦିବାକର।
ତାହାଙ୍କ ବିହୁନେ ନହୁଅଇ ରାତ୍ରିଦିନ
ମହା ଅନ୍ଧକାରମୟ ଜ୍ୟୋତି ବିନାଶନ।

X X X X X

ନଥିଲା କୌଣସି ବସ୍ତୁ
ନଥିଲା କୌଣସି ସ୍ଥାବର ଜଙ୍ଗମ
ନଥିଲେ କୌଣସି ପ୍ରାଣୀ ହେ ଋଷି ଉତ୍ତମ
ଅତି ବିଚିତ୍ର ଅଟଇ ସେ କାଳର କଥା
ମହାପ୍ରଳୟ ବୋଲିଣ ଅଛି ଯାହା ପୋଥା।

X X X X X

ପ୍ରକୃତି ପୁରୁଷ ସେହି କାଳ ସହିତରେ
ସଂଯୋଗ ହୁଅନ୍ତି ସୃଷ୍ଟି ସର୍ଜନା କାଳରେ।

X X X X X

ଜଳ ଆବୃତ୍ତ ପୃଥିବୀ ଗନ୍ଧପୁଣ ଯାର
ଉତପତ୍ତି ହୋଇଅଛି ଏମନ୍ତ ପ୍ରକାର।
ତାମସ ଅହଙ୍କାରରୁ ହେ ମୁନି ମୈତ୍ରେୟ
ସୃଜନ ହୋଇଲେ ପଞ୍ଚଭୂତ ଜାଣିଥାଅ।

ସେହି ବ୍ରହ୍ମ ନାରାୟଣ ସୃଜନ କରତା
ଜଗତ ଉଦ୍ଧାରିବାକୁ କଲେ ମନେ ଚିନ୍ତା।
ବହୁତ ଭାବ ମାନସେ କୌଶଳ ରଚିଲେ
ପବିତ୍ର ବରାହକାୟ ପ୍ରଥମେ ଧରିଲେ।

X X X X X

ଦକ୍ଷଙ୍କର ବୀର୍ଯ୍ୟେ ସେହି ପ୍ରସୂତି ଗର୍ଭରୁ
ଜନ୍ମିଲେ ଚବିଶ କନ୍ୟା ବିଚିତ୍ର ରମ୍ଭୋରୁ।

X X X X X

ଯେବେଳେ ପ୍ରଳୟ କାଳ ହେଲା ଅବସାନ
ନିଜ ତୁଲ୍ୟ ପୁତ୍ର ବ୍ରହ୍ମା କଲେକ ସନ୍ଧାନ।
ଚିନ୍ତା କରୁ କରୁ ମନେ ମନେ ବେଦପତି
ନୀଳ ଲୋହିତ ବରନେ ପୁତ୍ରେକ ଉତ୍ପତ୍ତି।

X X X X X

ବ୍ରହ୍ମା ବୋଇଲେ ନ କାନ୍ଦ - ଚିତ୍ତ ସ୍ଥିର କର
ରୁଦ୍ର ବୋଇଲେ ତୁମ୍ଭନାମ ହୋଇବ ପ୍ରଚାର।

X X X X X

ପରେ ସତୀ ପିତା ମୁଖୁଁ ରୁଦ୍ର ନିନ୍ଦା ଶୁଣି
ସ୍ୱଇଚ୍ଛାରେ ପ୍ରାଣ ତେଜି ଦେଲେ ତତକ୍ଷଣି।

ଏହାପରେ -

ଚଉଦ ମନ୍ୱନ୍ତର ଯେ ଅବସାନ କାଳେ
ଚାରି ସସ୍ରଯୁଗ ରାତ୍ର କାଳ ସୁବିଶାଳେ

X X X X X

ସମୁଦାୟ ସୃଷ୍ଟି ଭଲେ - କରନ୍ତି ସୃଜନ
ସକଳ ସେହି ହରିଙ୍କ ଇଚ୍ଛାର ବିଧାନ।
ମହା ବଇଷ୍ଣବୀ ଦେବୀ ହେଲେ ଉତପତି।

X X X X X

ତେତିଶ କୋଟି ଦେବଙ୍କ ମହାତେଜ ଘେନି
ଆଦି ଅନ୍ନପୂର୍ଣ୍ଣା ଜନ୍ମ ହୋଇଲେ ମେଦିନୀ

X X X X X

ଦୁର୍ଗତିରୁ ଯେଣୁ କରିପାରନ୍ତି ସେ ଦୂର
ତେଣୁ କରି ଦୁର୍ଗାନାମ ଅଟଇ ତାଙ୍କର ।

X X X X X

ବ୍ରହ୍ମା ବରଦାନ କରି କହିଲେ, "ତୁ ସର୍ବଜୟୀ ହେବୁ ମାତ୍ର --
ମର୍ତ୍ତ୍ୟରେ ଜନ୍ମିଣ ଅମର କେ ନାହିଁ
ଦେବତା ହୋଇଲେ ମଧ୍ୟ ଅବଶ୍ୟ ମରଇ ।
ଏହି କଥା ଗୋଟିକ ତୁହି ରଖିଥାଅ ମନେ
ରମଣୀ ହସ୍ତରେ ବଧ ହୋଇବୁ ତୁ ଦିନେ ।
ମୈଷା ବୋଲେ ଯେବେ ସ୍ତିରୀ ହାତରେ ନିଧନ
ହୋଇବି ମୁଁ ଚାହିଁଥିବି ତା ସ୍ତନ ଯୌବନ ।

ସୃଜନ ଶେଷାନ୍ତେ ବ୍ରହ୍ମାଣ୍ଡର ଚଳମାନ ଦାୟିତ୍ୱ ଗ୍ରହଣ କଲେ ବିଷ୍ଣୁ, ବ୍ରହ୍ମା ଏବଂ ରୁଦ୍ର । ଯୁଗ ଆଗକୁ ବଢ଼ିଲା । ଜନସଂଖ୍ୟା ଚାହୁଁ ଚାହୁଁ ଆକାଶ ଛୁଇଁଲା । ନାରୀ ପୁରୁଷମାନେ ସଂସାର ବାନ୍ଧିଲେ । କ୍ରମେ ସେମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଲା ଏବଂ ଏହା ସଂଘର୍ଷରେ ରୂପାନ୍ତରୀତ ହେଲା । ବଳବାନ ଲୋକମାନେ ଦୁର୍ବଳ ଉପରେ ଅତ୍ୟାଚାର ଆରମ୍ଭ କଲେ । ଅପହରଣ କଲେ ସେମାନଙ୍କର ଧନ ଏବଂ ନାରୀରତ୍ନ । ଏଥିରୁ ରକ୍ଷା ପାଇବା ଆଶାରେ ମାନବ ଈଶ୍ୱରଙ୍କୁ ତପସ୍ୟା କଲା । ବର (ଶକ୍ତି) ମିଳିଲା ତାର ଦୁରୁପଯୋଗ ହେଲା ମଧ୍ୟ । ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ମହିଷାସୁର ଅଜେୟ ହେଲା ।

ବ୍ରହ୍ମା ବରଦାନ କରି କହିଲେ, "ତୁ ସର୍ବଜୟୀ ହେବୁ । ମାତ୍ର -
ମର୍ତ୍ତ୍ୟରେ ଜନ୍ମିଣ ଅମର କେ ନାହିଁ
ଦେବତା ହୋଇଲେ ମଧ୍ୟ ଅବଶ୍ୟ ମରଇ ।
ଏହି କଥା ଗୋଟି ତୁହି ରଖିଥାଅ ମନେ
ରମଣୀ ହସ୍ତରେ ବଧ ହୋଇବୁ ତୁ ଦିନେ ।
ମୈଷା ବୋଲେ ଯେବେ ସ୍ତିରୀ ହାତରେ ନିଧନ
ହୋଇବି ମୁଁ ଚାହିଁଥିବି ତା' ସ୍ତନ ଯୌବନ । "

ସେହି ପରିମାଣରେ ସେ ମଧ୍ୟ ଅତ୍ୟାଚାରୀ ହେଲା । ତା କାମନା ହେଲା ଅନ୍ତହୀନ । ନରଲୋକକୁ ପଦାନତ କରି ସେ ଦେବଲୋକରେ ପାଦ ଥାପିଲା । ତାର ଉଚ୍ଛୃଙ୍ଖଳ କାମନା ବାସନା ଦେବ ମାନବ ସଭିଙ୍କୁ ଅଥୟ କଲା । ସର୍ବେ ଏକମେଳ ହୋଇ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ତାଙ୍କ ନିର୍ଦ୍ଦେଶରେ ସମସ୍ତ ଦେବତାଙ୍କ ବିଭୂତି ନେଇ ଅଗ୍ନି ଗର୍ଭରୁ ଯନ୍ମ ନେଲେ ଦୁର୍ଗା ।

ଅନଳ ଶାନ୍ତ୍ୟାର୍ଥେ ବ୍ରହ୍ମା ଦେଲେ ଯେ ଆହୁତି
ଅଗ୍ନିଦେବତାଙ୍କୁ ସର୍ବେ ନିରୋପି ଚାହାଁନ୍ତି ।
ମହାଆନନ୍ଦ ମଧ୍ୟରେ ବିକାଶିଲା ଜ୍ୟୋତି ।

X X X X X

ଅଭୟ କାତ୍ୟାୟିନୀ ସେ ଅନାଦି ଶକତି
ମହାବଇଷ୍ଣବୀ ଦେବୀ ହେଲେ ଉତପତି ।

X X X X X

ତେତିଶ କୋଟି ଦେବଙ୍କ ମହାତେଜ ଘେନି
ଆଦି ଅନ୍ନପୂର୍ଣ୍ଣା ଜନ୍ମ ହୋଇଲେ ମେଦିନୀ ।

X X X X X

ଦୁର୍ଗତିରୁ ଯେଣୁ କରିପାରନ୍ତି ସେ ଦୂର
ତେଣୁକରି ଦୁର୍ଗା ନାମ ଅଟଇ ତାଙ୍କର ।

ସେ ହେଲେ ରୂପରେ ଅଦ୍ୱିତୀୟା ଏବଂ ସର୍ବଦେବଙ୍କ ଅସ୍ତ୍ର ତାଙ୍କୁ କରିଥିଲା ମହାଶକ୍ତିଶାଳୀ । ମହିଷ ସହିତ ବାରମ୍ବାର ଯୁଦ୍ଧରେ ସେ ପରାସ୍ତ ହେଲେ । ଚିନ୍ତାରେ ବିବ୍ରତୀ ହୋଇ ଅନ୍ୟ ପନ୍ଥା ଅନ୍ୱେଷଣ କରୁଥିବା ବେଳେ ଦେବଗଣ ତାଙ୍କୁ ଉଲଗ୍ନ ହେବାକୁ ପ୍ରାର୍ଥନାକଲେ । ତେଣୁ ଦୁର୍ଗା ଲଜ୍ଜ୍ୟା, ଦ୍ୱନ୍ଦ୍ୱ ଏବଂ ଉତ୍କଣ୍ଠା ମଧ୍ୟରେ ଛନ୍ଦି ହୋଇ ନିଜର କର୍ତ୍ତବ୍ୟକୁ ଉଚ୍ଚ ସ୍ଥାନ ଦେଲେ । ସଂଭ୍ରମକୁ ନୁହେଁ ।

"ବିବସନା ହେଲେ କେଶ କରିଣ ମୁକୁଳ
କାଛଟା ପିନ୍ଧିଲେ ଦିଶେ ଜାନୁ ଯେ ଯୁଗଳ ।
ସ୍ତନ ଯୌବନ ସମସ୍ତ ହୋଇଲାକ ଦୃଶ୍ୟ
ତେତିଶ କୋଟି ଦେବତା ପାଇ ମହାତ୍ରାସ ।
ଦେବଙ୍କୁ ଦୁର୍ଲଭ ଯେଉଁ ଭଗମାର୍ଗ ସ୍ଥାନ
ତା' ଦେଖିବାକୁ ମହିଷା ହୋଇଲା ଭାଜନ ।"

ମହିଷାସୁରର ମୃତ୍ୟୁ ହେଲା । ମାତ୍ର ସମସ୍ୟାର ସମାଧାନ ହେଲାନାହିଁ ।

x x x x

ସତ୍ୟଯୁଗ ପରେ ତ୍ରେତା ଯୁଗର ଆରମ୍ଭ । ରତନାର ଅତ୍ୟାଚାରରେ ସମସ୍ତେ ସଂତ୍ରସ୍ତ । ବ୍ରହ୍ମା ବିବ୍ରତ ହେଲେ । ନାରଦଙ୍କୁ ସାଥିରେ ନେଇ ପହଞ୍ଚିଲେ ସେହି ଅରଣ୍ୟ ପ୍ରଦେଶରେ । ଭେଟ ହେଲା ଚ୍ୟଭନ ଋଷିଙ୍କ ପଥହଡ଼ା ପୁତ୍ର ରତନା ସହିତ । ସେହି ଋଷିପୁତ୍ର ଖଙ୍କର କନ୍ୟା ପ୍ରେମରେ ଉବୁଟୁବୁ । ପ୍ରତିଦିନ ନରହତ୍ୟା କରୁଥିଲା । ଲୁଟ୍, ରାହାଜାନୀ ଓ ପିଟା ମରା ତାର ଅଭ୍ୟାସରେ ପରିଣତ ହୋଇଥିଲା । ବ୍ରହ୍ମଦେବ ତାକୁ ପାଖକୁ ଡାକି ପାପ ପୁଣ୍ୟର ତଫାତ୍ ପ୍ରସଙ୍ଗ ବୁଝାଇଲେ । ନରହତ୍ୟାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଲେ । ମାତ୍ର ରତନା ବ୍ରହ୍ମଦେବଙ୍କୁ ପରିହାସ କରି କହିଲା, ତା' ପାପର ଅଂଶ ନେବେ ତାର ପରିବାରର ଅନ୍ୟାନ୍ୟ ସଦସ୍ୟମାନେ । ବ୍ରହ୍ମାଙ୍କ ପରାମର୍ଶରେ ରତନା ସେମାନଙ୍କୁ ସାକ୍ଷାତ କରି ପାପରୁ ଭାଗ ନେବା କଥା ପଚାରିଲେ । ମାତ୍ର ସେମାନେ ସମ୍ପୂର୍ଣ୍ଣ ନାସ୍ତି କରିଦେଲେ । ପାପ ଯେ କରେ ସେଇଟା ତା'ର । ରତନା ମନରେ ଛନକା ପଶିଲା । ବ୍ରହ୍ମଦେବ ପରାମର୍ଶ ଦେଲେ ରାମନାମ ଜପ କରିବାକୁ । ରତନା ଜପ ଆରମ୍ଭକଲା ଓ ଷାଠିଏ ହଜାର ବର୍ଷ ପରେ ଜ୍ଞାନ ପ୍ରାପ୍ତ ହେଲା । ସେ ରତନାରୁ ବାଲ୍ମିକି ହୋଇଗଲା ଏବଂ 'ଚୋରୀ କରିବା ମହାପାପ' ବୋଲି ହୃଦୟଙ୍ଗମ କରି ତାହା ପ୍ରଚାର କରିବାକୁ ରାମାୟଣ ଚରନା କଲା ।

ଅଯୋଧ୍ୟାର ରାଜା ଦଶରଥ । ଅପୁତ୍ରିକ ଥିଲେ । ପୁତ୍ରେଷ୍ଟି ଯଜ୍ଞ କରି ଚାରି ପୁତ୍ରଙ୍କ ଜନକ ହେଲେ । ତେଣେ ମିଥିଳାର ରାଜା ଥିଲେ ଶିବଧ୍ୱଜ ଜନକ । ସେ ଥିଲେ ନିଃସନ୍ତାନ । ରାଜର୍ଷି ଶିବଧ୍ୱଜ ଯଜ୍ଞ କରିବା ନିମିତ୍ତ ଜମି

କର୍ଷଣ କରୁ କରୁ ମାଟି ମଧ୍ୟରୁ ଏକ ପେଟିକା ଭିତରୁ କନ୍ୟାଟିଏ ପ୍ରାପ୍ତହେଲେ। ତା'ର ନାମକରଣ କଲେ ସୀତା।

ଏହି ସୀତା ଜନ୍ମ ନେଇଥିଲେ ପ୍ରଥମେ ବେଦମତୀ ଭାବରେ। ଅତି ସୁନ୍ଦରୀ ତରୁଣୀଟିଏ ବଢ଼ିବାର ଶୁଣି ବହୁ ଆଶାୟୀ ତାଙ୍କୁ ବିବାହ କରିବାର ପ୍ରସ୍ତାବ ନେଇ ଆସିଲେ। ପିତା ଅମଙ୍ଗ ହେବାରୁ ତାଙ୍କ ଉପରେ ବଳ ପ୍ରୟୋଗ ହେଲା। ବାପା ମଲେ, ମା' ମଧ୍ୟ ବାପାଙ୍କ ଶବ ଉପରେ ଟଳିପଡ଼ିଲେ। ଉଭୟ ବାପା, ମା'ଙ୍କୁ ହରାଇ ବେଦମତୀ ତପସ୍ୟାରେ ନିମଗ୍ନା ହେଲେ। ସମୟକ୍ରମେ ତାଙ୍କ ରୂପ ଉପରେ ମହାପ୍ରତାପୀ, ଦିଗ୍‌ବିଜୟୀ ରାବଣର ଦୃଷ୍ଟି ପଡ଼ିଲା। ଠିକ୍ ସେହି ଅନୁରୋଧ। ତୁମେ ରୂପସୀ, ଆସ ! ମୁଁ ତୁମକୁ ରାଣୀ କରିବି। ପ୍ରତ୍ୟାଖ୍ୟାତ ରାବଣର ଅତ୍ୟାଚାରରେ ଜୀବନ ହରାଇଲେ ବେଦମତୀ। ରାବଣ ତାଙ୍କ ଶରୀରକୁ ଉପହାର ଦେଲା ମନ୍ଦୋଦରୀଙ୍କୁ, ଏହା ବିଷପାତ୍ର ବୋଲି କହି। ସାଇତି ରଖିଲେ ମନ୍ଦୋଦରୀ ମାଟି ପାତ୍ରଟିକୁ। ରାବଣ ରାଜ୍ୟଜୟ ଉଦ୍ଦେଶ୍ୟରେ ବାହାରେ। ଥରେ ମନ୍ଦୋଦରୀ ଚିନ୍ତାକ୍ଲିଷ୍ଟା ହୋଇ ଆତ୍ମହତ୍ୟା କରିବାକୁ ମନସ୍ଥ କରି ପାତ୍ର ମଧ୍ୟରେ ଥିବା ପଦାର୍ଥକୁ ଭକ୍ଷଣ କଲେ। ମାତ୍ର ତାଙ୍କର ମୃତ୍ୟୁ ହେଲା ନାହିଁ। ଦିନ ଗଡ଼ିଲା। ରାଣୀ ଅନୁଭବ କଲେ, ସେ ଅନ୍ତଃସତ୍ତ୍ୱା । ବିଶ୍ୱସ୍ତା ଦାସୀକୁ ସାଙ୍ଗରେ ନେଇ ତୀର୍ଥାଟନର ବାହାନା କରି ରାଣୀ କନ୍ୟାଟିଏ ଜନ୍ମ ଦେଇ ତାକୁ ପେଟିକା ମଧ୍ୟରେ ରଖି ପୋତି ଦେଲେ। ସେ ହିଁ ହେଲେ ସୀତା।

ସୀତାଙ୍କର ଲାଳନ ପାଳନ ହେଲା ରାଜପ୍ରାସାଦରେ। ବୟସ ହେବାରୁ ବିବାହ ପ୍ରସ୍ତାବ ଆସିଲା। ସମସ୍ତଙ୍କ ଲୋଲୁପଦୃଷ୍ଟି ପଡିଲା ତାଙ୍କ ଯୌବନ ଉପରେ। ବାପା ଏକଥା ଜାଣି ଅତ୍ୟନ୍ତ କଷ୍ଟକର ପଣ ରଖିଲେ, "ଶିବଧନୁ ଭାଙ୍ଗି ପାରିଲେ ସୀତାଙ୍କୁ ବିବାହ କରିବ।" ଅନେକ ରାଜା, ଶକ୍ତିଧର, ବୀର, ଯୋଦ୍ଧା ପରାସ୍ତ ହେଲେ। ପରିଶେଷରେ ଆସିଲେ ରାମ। ସୀତା ତାଙ୍କ ରୂପରେ ମୋହିତା। ମାତ୍ର ଭୟ। କାଳେ ସେ ଧନୁ ଭାଙ୍ଗି ପାରିବେନି ! ମାତ୍ର ଠିକ୍ ବେଳରେ ରାମଙ୍କ ହାତରେ ଧନୁ ଭାଙ୍ଗିଗଲା। ରାମ ଶ୍ରୀରାମ ହୋଇଗଲେ ଓ ସୀତା ହେଲେ ଶ୍ରୀମତୀ। ବାପଘର ଠାରୁ ଶାଶୁଘର ପର୍ଯ୍ୟନ୍ତ ସବୁଆଡେ ଶୁଭଶଙ୍ଖର ଉଚ୍ଛୁଳା ନିନାଦ। ବାହାଘର, ଭୋଜିଭାତ, ବନ୍ଧୁବାନ୍ଧବ। ଯିବା ଆସିବା ସବୁ ଶିଥିଳ ହେବା ବେଳକୁ ଶୁଣାଗଲା ଶ୍ରୀରାମ ରାଜା ହେବେ। ପୁଣି ସେହି ମହୋତ୍ସବର ତୂର୍ଯ୍ୟନାଦ। ଆନନ୍ଦ, କୋଳାହଳ। ରାଜପୁରୀ ଖୁସିରେ ଫାଟି ପଡୁଛି। ହଠାତ୍ ତା ଉପରେ ହେଲା ବଜ୍ରପାତ। ରାମ ବଣକୁ ନିର୍ବାସିତ ହେବେ। ଭରତ ରାଜା ହେବେ। ରାମଙ୍କ ସହିତ ସୀତା ମଧ୍ୟ ବାହାରିଲେ ଅରଣ୍ୟବାସରେ। ଦୁଃଖ କ୍ରମେ କ୍ରମେ ଘନୀଭୂତ ହେଲା। ପତ୍ରକୁଡ଼ିଆ ବାସରେ ସୃପଣଖା (ସୁବର୍ଣ୍ଣରେଖା) ପହଞ୍ଚିଲେ। ଲକ୍ଷ୍ମଣ ତାଙ୍କର ନାକ କାନ କାଟିଦେଲେ। ରାଜକୁମାରୀ ଅପମାନିତା ହୋଇ ଭ୍ରାତା ରାବଣ ଆଗରେ ବହୁକଥା ଲଗେଇ ଜୋଟେଇ ବର୍ଣ୍ଣନା କଲେ। ହଠାତ୍ ଦିନେ ସମସ୍ତଙ୍କୁ ଆବାକ୍ କରି କୁଡ଼ିଆ ଆଗରେ ସୁନା ହରିଣ ଡେଇଁଲା। ସୀତା କହିଲେ, "ଏଇ ସୁନା ହରିଣଟି ଦିଅ।" ଶ୍ରୀରାମ କହିଲେ, "ଅବଶ୍ୟ ଦେବି।" ଧନୁଶର ଧରି ବାହାରି ପଡ଼ିଲେ ରାମ। ଆଗରେ ମୃଗ, ପଛରେ ରାଘବ। କବିଙ୍କ କଣ୍ଠରେ –

ହେମ ହରିଣୀ, ଧୀରେ ଧାମନ୍ତେ ସୁନ୍ଦର ଧରିଣୀ,  
ଧରୁ ଧରୁ କରୁ ମୃଗ ପଳାଓ୍ୱନ୍ତେ ଗୋଡ଼ାଇଛନ୍ତି ରଘୁମଣି।

ସୁନାମୃଗ ରାମଙ୍କ ଶରରେ ନିହତ ହେଲା। ଶ୍ରୀରାମ ଦୁଃଖ ଏବଂ ଆଶଙ୍କାରେ କୁଡ଼ିଆକୁ ଫେରି ସୀତା ହରଣ କଥା ଜାଣିଲେ। ସୀତାଙ୍କ ଦୁଃଖ ବହୁଗୁଣିତ ହେଲା। ରାମଙ୍କର ବି। ପରେ ହନୁମାନ ସୀତା ଠାବକଲେ। ରାମ ରାବଣଙ୍କ ମଧ୍ୟରେ ଯୁଦ୍ଧ ଏବଂ ଶେଷରେ ସୀତା ଉଦ୍ଧାର ପାଇଲେ। ମାତ୍ର ତାଙ୍କୁ ସାତଦିନ କାଳ ଅଗ୍ନି ମଧ୍ୟରେ ରହି ସତୀତ୍ୱର ପରୀକ୍ଷା ଦେବାକୁ ପଡ଼ିଲା।

ଅଯୋଧ୍ୟାକୁ ଫେରିଲେ ରାଜଦମ୍ପତି। ଅଭିଷେକ ଉତ୍ସବ ପାଳିତ ହେଲା। ପ୍ରଜାମାନେ ସୁଖରେ କାଳ କାଟିଲେ। ରାଜା ରାମ ଗୁପ୍ତ ବେଶରେ ମନ୍ତ୍ରୀଙ୍କ ସହିତ ନୈଶ୍ୟବିହାର କଲାବେଳେ ପ୍ରଥମେ ଧୋବା ଘରୁ ଓ ପରେ ଗୋପାଳଘରୁ ସୀତାଙ୍କ ଚରିତ୍ର ବିଷୟରେ ଅପବାଦ ଶୁଣି ତାଙ୍କୁ ଗର୍ଭାବସ୍ଥାରେ ନିର୍ବାସିତ କଲେ। ସୀତା ଅରଣ୍ୟରେ ସନ୍ତାନ ପ୍ରସବ କଲେ। ସେମାନଙ୍କୁ ବାଲ୍ମୀକି ଶିକ୍ଷାଦେଲେ। ତାଙ୍କ ଦ୍ୱାରା ଲେଖା ରାମାୟଣକୁ ବାଳକ ଲବ, କୁଶ ଲଳିତ ସ୍ୱରରେ ରାଜଦରବାରରେ ପାଠକଲେ। ରାଜପରିବାର ତଙ୍କ ପରିଚୟ ପାଇ ସୀତାଙ୍କୁ ପୁନଶ୍ଚ ଫେରାଇ ଆଣିଲେ ସିନା ପୁନର୍ବାର ଅଗ୍ନିପରୀକ୍ଷା ସର୍ତ୍ତ ରଖିଲେ। ଆଜନ୍ମ ଦୁଃଖିନୀ ଜାନକୀ ଏ ପ୍ରସ୍ତାବରେ ଅପମାନ ଓ ଦୁଃଖରେ ଭାଙ୍ଗିପଡ଼ି ବସୁଧା ମାତାଙ୍କୁ ପ୍ରାର୍ଥନା କଲେ,

"ଅତ୍ୟନ୍ତ ଉତ୍ୟକ୍ତା ହୋଇ ବସୁଧାକୁ ଚାହିଁ  
ବୋଇଲେ ଜନନୀ କେଣେ ରହିଅଛୁ ତୁହି।  
ବେଗେ ନେଇ ଯାଅ ମୋତେ କୋଳକୁ ତୋହର  
ଏ ଜୀବନେ ତିଳେ ଆଉ ନାହିଁ ଦରକାର।

X X X X X

ଯେବେ ପ୍ରକୃତରେ ସତୀ ହୋଇଥିବି ମୁହିଁ

X X X X X

ଏକ ଭୟାନକ ଶବ୍ଦ ଶୁଭିଲା ତତ୍କାଳ  
ତାପରେ ବସୁଧା ତହିଁ ଦୁଇ ଫାଳ ହୋଇ  
ବିରାଟ ଗହ୍ୱର ଏକ ଗଲା ଦେଖା ତହିଁ।  
ଦିବ୍ୟ ଜ୍ୟୋତିର୍ମୟୀ ନାରୀ ଏକ ସିଂହାସନେ  
ବିଜେକରି ପ୍ରବେଶିଲେ ସୀତା ସନ୍ନିଧାନେ  
କରକୁ ପ୍ରସାରି ସେହୁ ବୋଇଲେ ସତ୍ତ୍ୱର  
ଆସ ମାତା ମୋ କୋଳକୁ ବିଳମ୍ବ ନକର  
ମୁହିଁ ତୋ ଜନନୀ ନାମ ମୋର ବସୁମତୀ  
ତୋ ବିକଳ କର୍ଣ୍ଣେଶୁଣି ଆସି ଅଛି ଏଥି।"

ମାତାଙ୍କ କୋଳରେ ସୀତା ଚିରବିଶ୍ରାମ ନେଲେ। ଅବସାନ ହେଲା ଏକ ଯନ୍ତ୍ରଣାମୟ ଯୁଗର।

ସମୟ ଚକ୍ରର ଆବର୍ତ୍ତନରେ ପୁରାତନ ବିଦାୟ ନିଏ। ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଏ ନୂତନ ଯୁଗ। ସେହି ନ୍ୟାୟରେ ଅବସାନ ଘଟିଲା ତ୍ରେତୟା ଯୁଗର। ପଦାର୍ପଣ କଲେ ନୂତନ ଯୁଗ ପୁରୁଷ ଦ୍ୱାପର। ଜନ୍ମ ନେଲେ ପରାଶର,

ଋଷି କୃଷ୍ଣ ଦ୍ୱୈପାୟନ, ଶାନ୍ତନୁ, ପୁତ୍ର ଦେବଦତ୍ତ, ମାତା ଗଙ୍ଗା ଏବଂ ଅନ୍ୟ ସମସ୍ତେ । ଜନ୍ମ ନେଲେ ବି କଂସ, ଜରାସନ୍ଧ, ଦମଘୋଷ, ନନ୍ଦ, ବସୁଦେବ, କୃଷ୍ଣ, ବଳରାମ ଇତ୍ୟାଦି । ସମୟ ସମସ୍ୟା ସୃଷ୍ଟିକଲା । ସେ ମଧ୍ୟ ସମାଧାନର ପଥ ଖୋଜିଲା । କୌରବ ଅର୍ଥାତ୍ ଧୃତରାଷ୍ଟ୍ର ଅନ୍ଧ ହେଲେ । ଜ୍ୟେଷ୍ଠ ହେଲେ ବି ରାଜା ହୋଇପାରିଲେନି । ସମସ୍ତ ନୀତି କଥା ତାଙ୍କ କାମନାର ଅନଳକୁ ନିର୍ବାପିତ କରିପାରିଲାନି । ରାଜା ପଣ୍ଡୁ ବଡ଼ ଭାଇଙ୍କୁ ଯେତେ ସମ୍ମାନ ଦେଲେ ବି ଭାଇର ହୃଦୟ ଅଧିକାର ଖୋଜିଲା । ବିଦୁରଙ୍କ ନିଷ୍ଠା, ଭୀଷ୍ମଙ୍କର ଚେଷ୍ଟା, ଦ୍ରୋଣଙ୍କର ଉପଦେଶ ସବୁ ବିଫଳ ହେଲା । ଏଣେ ପାଣ୍ଡୁଙ୍କ ପୁଅମାନେ ଯୁବକ ହେଲେ । ସମର୍ଥ ହେଲେ ବି ଧୃତରାଷ୍ଟ୍ରଙ୍କର ଶତପୁତ୍ର । ଶ୍ରୀକୃଷ୍ଣ ଭାଇଙ୍କୁ ନେଇ ଗୋପରୁ ମଥୁରା ଆସିଲେ । ପୁଣି ଦ୍ରୁପଦ ରାଜପ୍ରାସାଦରେ ଜନ୍ମ ନେଲା ଯଜ୍ଞାଗ୍ନି । ତନ୍ମଧ୍ୟରୁ ବାହାରିଲେ ନଂପୁସକ ଶିଖଣ୍ଡି । ଦ୍ରୁପଦ କହିଲେ "ଏହା ଅପମାନ ।" ବ୍ୟାସ କହିଲେ, "ଯାକୁ ଦେଖିଲେ ଭୀଷ୍ମଙ୍କର ମୃତ୍ୟୁ ହେବ ।" ଜନ୍ମନେଲେ ଧୃଷ୍ଟଦ୍ୟୁମ୍ନ । ବାପା କହିଲେ "ମୋର କନ୍ୟା ଆବଶ୍ୟକ ।" ବ୍ୟାସ କହିଲେ "ଯାର ଖଣ୍ଡା ଚୋଟରେ ଦ୍ରୋଣଙ୍କ ମୁଣ୍ଡ ଗଣ୍ଡି ଅଲଗା ହେବ ।" ତଥାପି ଦ୍ରୁପଦ ଚାହିଁଲେ କନ୍ୟା । ଇଚ୍ଛା ତାଙ୍କର ସେ ଅର୍ଜୁନ ହାତରେ ପରାସ୍ତ, କୌରବମାନଙ୍କ ଦ୍ୱାରା ଅପମାନିତ । ଅର୍ଜୁନଙ୍କୁ କନ୍ୟାଦାନ କରି ପୁତ୍ର କରିବେ ଓ କୌରବମାନଙ୍କୁ ଶାସ୍ତି ଦେବେ । ଗୁରୁଗମ୍ଭୀର ବେଦମନ୍ତ୍ର ଧ୍ୱନି । ଧୀରେ ଧୀରେ ଅଗ୍ନିଶିଖା ଊର୍ଦ୍ଧ୍ୱଗାମୀ ହେଲା । ମନ୍ତ୍ର ପୁନଶ୍ଚ ଧ୍ୱନିତ ହେଲା । ଉପରକୁ ଉଠିଲା ଅଗ୍ନି । ଆସ୍ତେ ଆସ୍ତେ ସେହି ଅଗ୍ନି ଆକାଶ ଛୁଇଁଲା । ମନ୍ତ୍ରର ପ୍ରଭାବ ଚତୁର୍ଦ୍ଦିଗକୁ ପବିତ୍ର କରିଦେଲା । କ୍ରମେ ସେହି ହୋମାଗ୍ନିରୁ ଜନ୍ମ ନେଲେ ବିଶ୍ୱସୁନ୍ଦରୀ ନାରୀପ୍ରତିମା ଦ୍ରୁପଦ କନ୍ୟା ଯାଜ୍ଞସେନୀ ।

"ପଥେ ଅଗ୍ନି ବିଦାରିଣ ବିକଶିଲା ଜ୍ୟୋତି,
ଜ୍ୟୋତି ମୂର୍ତ୍ତି ଅଗ୍ନିରୁ ଯେ କନ୍ୟା ଉତପତି ।
ନଖ, ମୁଖ, ନାସା, ହସ୍ତ, ଚରଣ ବିକଶି,
ତାହାର ତେଜରେ ଅଗ୍ନି ମଳିନତା ଦିଶି ।

X X X X X

ଯଜ୍ଞ ସମାପନ କଲେ ବ୍ୟାସ ମହାମୁନି,
ଅନଳ ମୂରତି କି ସେ କନ୍ୟା ଯାଜ୍ଞସେନୀ ?"

ଦେହରେ ମୁହଁରେ ଭରି ରହିଥିଲା ସ୍ୱର୍ଗୀୟ ସୁଷମା । ଆନନ୍ଦ ପ୍ରକାଶ କଲେ ବ୍ୟାସ । ଆନନ୍ଦିତ ହେଲେ ଅନ୍ୟାନ୍ୟ ଋଷିବର୍ଗ । ଆଶୀର୍ବାଦର ମୁଦ୍ରାରେ ସମସ୍ତଙ୍କ ହାତ ଉପରକୁ ଉଠିଲା । ଆନନ୍ଦରେ ମଧ୍ୟ ଗଦ୍ ଗଦ୍ ହୋଇ ରହିଲେ ଦ୍ରୁପଦ । ପାଇଲେ ଲୋଡ଼ୁଥିବା କନ୍ୟା । ପ୍ରଦାନ କରିବେ ଅର୍ଜୁନଙ୍କୁ । ଆଉ ତାଙ୍କର ଚିନ୍ତା ନାହିଁ ।

ସ୍ୱୟମ୍ବର ପାଇଁ ବ୍ୟବସ୍ଥା ଆରମ୍ଭ ହେଲା । ଆରମ୍ଭ ହେଲା ଦ୍ରୌପଦୀଙ୍କର ଦୁଃଖ । ସ୍ୱୟମ୍ବରର ସର୍ତ୍ତ ଏତେ କଠିନ ଥିଲା ଯେ ତାହା ଜୟ କରିବା ଅସମ୍ଭବ । ସୁ ଉଚ୍ଚ ସ୍ତମ୍ଭ । ତା' ଉପରେ ଚକ୍ର । ଚକ୍ର ଉପରେ ମାଛ । ତଳେ ଜଳପାତ୍ରୀ । ଚକ୍ର ଘୂରିବ । ଜଳରେ ତାହାର ଛବିକୁ ଲକ୍ଷ୍ୟକରି ତା' ମଧ୍ୟର ଛିଦ୍ରକୁ ଅନୁସରଣ କରି ମାଛର ଚକ୍ଷୁକୁ ବିଦ୍ଧ କରିବ ଶର । ତେବେ ଯାଇ ହେବ ସର୍ତ୍ତ ପୂରଣ । ଦ୍ରୁପଦ ସନ୍ଦିହାନ, ଧୃଷ୍ଟଦ୍ୟୁମ୍ନ ବିବ୍ରତ । ଶିଖଣ୍ଡି ହତୋତ୍ସାହିତ । ଦ୍ରୌପଦୀ ଆଶା ନିରାଶାରେ ଦୋଦୁଲ୍ୟମାନ । ସମସ୍ତ ଉପନୀତ ରାଜାମାନେ ପରାସ୍ତ । ଶେଷରେ ଆସିଲେ ବ୍ରାହ୍ମଣ ଯୁବକ । ହାତରେ ଧନୁ, ଅଜାନୁଲମ୍ବିତ ବାହୁ । ଲକ୍ଷ୍ୟ ସ୍ଥିର । ଧନୁରେ ତୀର ବସାଇ ଧ୍ୟାନ ଲଗାଇଲା ମତ୍ସ୍ୟର ଚକ୍ଷୁରେ । କି ଆଶ୍ଚର୍ଯ୍ୟ ମୁହୂର୍ତ୍ତକରେ ଲକ୍ଷ୍ୟ ଭେଦ ହେଲା । ଆନନ୍ଦରେ କୋଳାହଳ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଭାବିଲେ, କିଏ ଏ ବ୍ରାହ୍ମଣ ? ଜଣାଗଲା, ସେ ଯୁବକ ତୃତୀୟ ପାଣ୍ଡବ ସବ୍ୟସାଚୀ । ଦ୍ରୁପଦ ଖୁସି, ଦ୍ରୌପଦୀ ଖୁସି, ଖୁସି ରାଜନ୍ୟବର୍ଗ ଆଉ ଉପସ୍ଥିତ ଜନତା । ଏବେ ବିବାହ ପାଇଁ ପ୍ରତୀକ୍ଷା ।

ଦ୍ୱାରଦେଶରେ ଉପସ୍ଥିତ ହୋଇ ଯୁଧିଷ୍ଠିର ମା'ଙ୍କୁ ଡାକିଲେ । ସାମ୍ରାଜ୍ଞୀ କୁନ୍ତୀ ଏବେ କର୍ମଜୀବୀ ମହିଳା । କହିଲେ, "ଯାହା ଆଣିଛ ସମାନ ଭାବରେ ବାଣ୍ଟିନିଅ ।" ଆରମ୍ଭ ହେଲା ଧର୍ମସଙ୍କଟ । ଦ୍ରୌପଦୀ ପାଞ୍ଚ ଭାଇଙ୍କୁ ପାଞ୍ଚ ନାମରେ ବିବାହ କଲେ । ଜଣେ ସ୍ୱାମୀ ଠାରୁ ଅପର ନିକଟକୁ ଗଲାବେଳକୁ ଅଗ୍ନିସ୍ନାନ କରି ପବିତ୍ର ହେଉଥିଲା । ମାତ୍ର ତାଙ୍କ ନିଷ୍ଠା କୁରୁସଭାରେ ସ୍ୱୀକୃତ ହେଲାନାହିଁ । ସେ ଭର୍ତ୍ସିତା ହେଲେ । କି ଦୋଷ ଥିଲା ତାଙ୍କର ? କୁରୁ-ପାଣ୍ଡବ ଘର କଳିରେ ସେ ଅପମାନିତା ହେଲେ । ପଣ୍ୟ ପରି ବାଜିରେ ଲାଗିଲେ ଦ୍ୟୁତରେ । ହାରି ଯିବାରୁ ଦୁଃଶାସନ ରାଜସଭାରେ ଉଲଗ୍ନ କରିବାକୁ ଅପଚେଷ୍ଟା କଲା । ବନବାସରେ ବୁଲିଲା ବେଳକୁ ଦୁଃଖରେ ଚଳିଲେ । ଜୟଦ୍ରଥର ଲୋଲୁପ ଦୃଷ୍ଟିରେ ପଡ଼ିଲେ । ପରେ ଯୁଦ୍ଧ ହେଲା । ଦୁଃଶାସନ ରକ୍ତରେ ବେଣୀ ବନ୍ଧନ ହେଲା ସତ, ମାତ୍ର ଯୁଦ୍ଧ ଶେଷରେ ପୁଅମାନଙ୍କୁ ହରାଇ ବାହୁନି ବାହୁନି କାନ୍ଦିଲେ । ଅନେକ ବୁଝାସୁଝା ଅନେକ ପ୍ରବୋଧନା ପରେ ଦ୍ରୌପଦୀ ରାଣୀ ହୋଇ ସ୍ୱାମୀମାନଙ୍କୁ ସାହାଯ୍ୟ କଲେ, ତୀର୍ଥାଟନରେ ଦେଶ ଭ୍ରମଣ କଲେ । ଶ୍ରୀକୃଷ୍ଣଙ୍କ ତିରୋଧାନ ପରେ ପଞ୍ଚପାଣ୍ଡବଙ୍କ ସହିତ ସ୍ୱର୍ଗାରୋହଣ କରିବାକୁ ହିମାଳୟକୁ ଗଲେ । ବୟସର ଆଧିକ୍ୟ, ଜୀବନ ତମାମ ଦୁଃଖ ତାଙ୍କ ହାତଗୋଡ଼ରୁ ଶକ୍ତି ଶୋଷି ଶୋଷି ଖାଇ ସାରିଥିଲା । ଅଭୁକ୍ତା ପାଞ୍ଚାଳି ପର୍ବତ ଆରୋହଣ କରି ନପାରି ଯୁଧିଷ୍ଠିରଙ୍କୁ ଡାକ ଛାଡ଼ିଲେ,

"କ୍ଷୁଧାରେ ଦ୍ରୌପଦୀ ଦେବୀ ଉଠି ନପାରିଲେ
ଯୁଧିଷ୍ଠି ଦେବତା ତହୁଁ ଡାକିଣ କହିଲେ ।
କ୍ଷୁଧା ବ୍ୟାକୁଳରେ ମୁହିଁ ନପାରଇ ଯାଇ
ଆଜକ ରହିବା ଏଥେ କାଲି ଯିବା ବାହି ।
ଯୁଧିଷ୍ଠିର କହିଲେ, ପ୍ରାଣେ ଆଉ କିସ ଆସ

X X X X

ତୀର୍ଥେ ପ୍ରାଣବାୟୁ ଯେବେ କରିବାକୁ ତ୍ୟାଗ
ଆବର ଏ ଶରୀରକୁ କିସ ଦେବା ଭୋଗ ।
ଆସ ବୋଲି ଦ୍ରୌପଦୀଙ୍କୁ ରାୟେ ଗଲେ ଛାଡ଼ି
ପାଦ ଖସି ପଡ଼ିଗଲା ଦେବୀ ମୁହଁ ମାଡ଼ି ।
ସ୍ୱାମୀ ରଖ ରଖ ବୋଲି ପଡ଼ିଯାନ୍ତେ ସତୀ
କୋଳ କରିଣ ତାହାଙ୍କୁ ଧଇଲେ ମାରୁତି ।
ଭୀମ ଡାକ ଦେଲେ ରାୟେ ବାହୁଡ଼ିଣ ଆସ
ପ୍ରାଣର ଭାବିନୀ ତବ ହେଉଛି ବିନାଶ ।

ବୋଲନ୍ତି ଯୁଧିଷ୍ଠି ତାଙ୍କୁ ଛାଡ଼ି ଆସ ଭୀମ
ଯେଝା ଅନୀତି ପ୍ରକାରେ ଫଳ ଫଳେ କର୍ମ

X X X X X

ଶୁଣି ଭୀମସେନ ବୋଲେ ହୋଇ ଖେଦ ମନ
ଏତେ ନିଷ୍ଠୁର କିମ୍ପାଇ ହୋଇଲ ରାଜନ ?

X X X X X

ଯୁଧିଷ୍ଠି ବୋଇଲେ ଯାକୁ କହିଲୁଣି ଶୁଣ
ଅବଶ୍ୟ ଏହାର ଅଛି କିଛି ଅବିଗୁଣ ।

X X X X X

ଯେ ଯାହାର ପାପପୁଣ୍ୟେ ଯାଇ ସ୍ୱର୍ଗବାସ
ଆସ ଆରେ ଭୀମସେନ ନ କରିତୁ ଆଶ

X X X X X

ଭୀମ କହିଲା –

ଏକା ସ୍ତ୍ରୀ ହୋଇ ସହିଲା ପାଞ୍ଚଙ୍କ ଅର୍ଦ୍ଧୋଳି
ଏହାକୁ ଛାଡ଼ି ଯିବାକୁ କାର ସତ ବଳି ?

X X X X X

ଯୁଧିଷ୍ଠିର ଉତ୍ତର ଦେଲେ–

ବାବୁରେ ଦ୍ରୌପଦୀ ପାଇଁ ଘୋଟିଲା ଅନର୍ଥ
ଏହାପାଇଁ ନାଶଗଲେ କୁଟୁମ୍ବ ସମସ୍ତ ।"

ଦ୍ରୌପଦୀଙ୍କର ଦେହତ୍ୟାଗ । ଏକ କରୁଣ ପରିସ୍ଥିତି । ଯେଉଁ ସ୍ୱାମୀ, ପରିବାର ପାଇଁ ସେ ସର୍ବସ୍ୱ ହରାଇଥିଲେ, ଶେଷବେଳକୁ ପତିମାନେ ତାକୁ ଛାଡ଼ି ଚାଲିଗଲେ । ଏହା ବୋଧହୁଏ ପତ୍ନୀର ଅପାର ତ୍ୟାଗର ଫଳ । ଆଶ୍ଚର୍ଯ୍ୟ ଏ ପରିସମାପ୍ତି । ଭୟଙ୍କର ବିଡ଼ମ୍ବନା !

ବହୁ ବର୍ଷ ପୂର୍ବେ ସତ୍ୟଯୁଗରେ ଜମ୍ବୁଦ୍ୱୀପରେ ଜଣେ ରାଜା ରାଜୁତି କରୁଥିଲେ । ସୁନ୍ଦର ଥିଲା ତାଙ୍କର ଶାସନ ପଦ୍ଧତି । ରାଜା ଅଶ୍ୱପତି ଥିଲେ ଧାର୍ମିକ ଓ ପ୍ରଜାବତ୍ସଳ । ରାଣୀ କୌଶଲ୍ୟା ମଧ୍ୟ କୌଣସି ଗୁଣରେ ନ୍ୟୂନ ନଥିଲେ । ମାତ୍ର ସେମାନେ ଥିଲେ ନିଃସନ୍ତାନ । ଥରେ ପ୍ରାସାଦରେ ପାଦଧୂଳି ଦେଲେ ମାଣ୍ଡବ୍ୟ ଋଷି । ରାଜାରାଣୀଙ୍କ ପ୍ରାର୍ଥନା ଶୁଣି କହିଲେ, ଜଗତଜିତା କନ୍ୟା ଲାଭ କରିବ ତୁମେ ।

"ଅମାବାସ୍ୟା ଘୋର, ତମସାଚ୍ଛନ୍ନ ରାତ୍ରି ।
ସହସା ଭାସ୍ୱର କୋଣ ବିଶ୍ୱାସର ବିଶାଳ
ଅବରୁଦ୍ଧ ନେତ୍ରେ ଦେଲା ଦୃଷ୍ଟିର ଶକତି ।
ଅନ୍ଧକାର ଗଲା ହଟି ଶାୟିତ ଦେବତା
ଶରୀରୁ ପଡ଼ିଲା ଖସି ଗଳିତ ବସନ ।
ରବିରଶ୍ମୀ କଣା ପାଇଁ ଥିଲେ ଯେ ପ୍ରଥମେ,
କଷ୍ଟପଥ ମଳିନ ସେ ଛିଦ୍ର ଭେଦକରି
ଝରିଲା ପ୍ରବଳ ବେଗେ ପ୍ରକାଶର ପ୍ରଭା ।"

(ଶ୍ରୀ ଅରବିନ୍ଦ)

ସେହି ଆଶୀର୍ବାଦର ଫଳସ୍ୱରୂପ କନ୍ୟା ରତନଟିଏ ଜନ୍ମ ଦେଲେ ରାଣୀ । କବିଙ୍କ ଭାଷାରେ –

"ଝଲସାଇ ଧରା ଅମା ଅନ୍ଧାର
କନ୍ୟା ଜନ୍ମନେଲେ ରାଣୀ କୋଳର
ରଶ୍ମୀରେଖା ବିଚ୍ଛୁରିତ ନବରେ
ତମସା ନିସୃତ ଜ୍ୟୋତି ପ୍ରଖରେ ।
କି ହେଲା କି ହେଲା ବୋଲି ସଭିଏଁ
ଧାଇଁଲେ ସକଳ ନରନାରୀଏ
ରାଜବାଟୀ ସିଂହଦ୍ୱାରେ ପ୍ରବେଶ
ଜେମା ଜନ୍ମ ଶୁଣି ସର୍ବେ ହରଷ ।"

ପୁନଶ୍ଚ –

"ସତ୍ୟସମା ସତ୍ୟଲୋକୁ ଆଗତା ସାବିତ୍ରୀ
ଏ ଅଙ୍କ ଅଚିର ସୁଖେ ରହିଲେ ଉଦାସ
ମାନବେ ଜଗତେ ମହାପରଦେଶୀ ପରି
ଆତ୍ମା ତା ଭିତରେ ରହେ ମଉନ ଅଚଳ ।"

( ଶ୍ରୀଅରବିନ୍ଦ)

ତା'ର ନାମ ହେଲା ସାବିତ୍ରୀ । ଅତୀବ ସୁନ୍ଦରୀ । ଖୁବ୍ ଶୀଘ୍ର ଶିକ୍ଷାକୁ ଆୟତ୍ତ କଲା । ବୟସ ହେବାରୁ ପିତା ପାତ୍ର ଅନୁସନ୍ଧାନ କଲେ । କେହି ପସନ୍ଦକୁ ଆସିଲେ ନାହିଁ । ସ୍ୱାଧୀନଚେତା ମା' କହିଲେ ଝିଅ ଯାଉ ତା ପାଇଁ ବର ଖୋଜି । ରାଜା ସମ୍ମତି ପ୍ରଦାନ କଲେ । କନ୍ୟା ରଥରେ ବସି ବୁଲିଲା । କୌଣସି ଯୁବକ ତା'ର ପସନ୍ଦ ହେଲେନାହିଁ । ଜନପଦ ଛାଡି କନ୍ୟା ଅରଣ୍ୟପଥରେ ପାଦ ଥାପିଲା । ଦେଖିଲା ଜଣେ ଯୁବ ସନ୍ନ୍ୟାସୀ । କଥୋପକଥନରେ ରାଜକନ୍ୟାଙ୍କ ମନପ୍ରାଣ ଭରପୂର । ମନେମନେ ଚିନ୍ତାକଲେ,

"ମୋର ଉଜ ତେଜ କିମ୍ପା ହୁଏ ପରାହତ ?
ଦିବାକର ପାଶେ, ଯେହ୍ନେ ଦିଶଇ ଖଦ୍ୟୋତ
କଳାହରଣ ପରାୟ ସର୍ବଜ୍ଞାନଶକ୍ତି
ଲୋପ ପାଇଯାଏ ଅବା ଥିଲେ ଯାଙ୍କ କତି ।"

ଭାବିଲେ, ଏହାର ନାମ କଅଣ ପ୍ରେମ ? ତେବେ ସେ ନିଶ୍ଚୟ ପ୍ରେମରେ ପଡ଼ିଛନ୍ତି । ହୁଅନ୍ତୁ ପଛେ ଋଷିକୁମାର । ଯାଙ୍କୁ ହିଁ ସେ ବିବାହ କରିବେ । ରାଜକୁମାରୀଙ୍କୁ ଦେଖି ସତ୍ୟବାନଙ୍କ ମନରେ ମଧ୍ୟ ଅନୁରୂପ ଚିନ୍ତା । ମନ ତାଙ୍କର ଉଚ୍ଛନ୍ନ । କିପରି ପାଇବେ ପରିଚୟ ସେହି ଅନିନ୍ଦ୍ୟ ସୁନ୍ଦରୀ ଜ୍ୟୋତିର୍ମୟୀଙ୍କର । ତେଣୁ ସେ

"ସାବିତ୍ରୀରେ ଲକ୍ଷ୍ୟ କରି କହିଲେ ପ୍ରଥମେ
ସତ୍ୟବାନ, "ଦୀର୍ଘ କରି କାଳ ନିରବତା,
ଆସିଅଛ ତୁମେ, ଏକ ଅଜ୍ଞାତ ପୁଲକେ
ଜାଗିଛି ହୃଦୟ ମୋର ଧ୍ୱନୀରେ ତୁମର ।

କହ କେଉଁ ନାମେ ତୁମେ ପରିଚିତ ଲୋକେ ?
ସୂର୍ଯ୍ୟାଲୋକ ସୁକୁମାରୀ, କନକ ପିତୁଳା"
ନିରବ ରହିଲେ କ୍ଷଣେ ସେ ରାଜକୁମାରୀ

X X X X X

ସତେ ବା ତେବେ ବି ଶୁଣୁଥିଲେ ସେ ବଚନ
ମାଧୁରୀତା ଭାଙ୍ଗିବାକୁ କୁଣ୍ଠିତା, ସଧୀରେ
କହିଲେ ମଞ୍ଜୁଳ ସ୍ୱରେ, "ସାବିତ୍ରୀ ମୋ ନାମ
ମଦ୍ରରାଜ କୁମାରୀ ମୁଁ କହ ତୁମେ କିଏ
କି ରୁଚିର ନାମେ ଖ୍ୟାତ ମାନବ ସମାଜେ ?"

(ଶ୍ରୀଅରବିନ୍ଦ)

କୁମାର ସତ୍ୟବାନଙ୍କ ସମସ୍ତ ପରିଚୟ ସଂଗ୍ରହ କରି ସାବିତ୍ରୀ ଫେରି ଆସିଲେ । ମା ସବୁ କଥା ଶୁଣି ବାପାଙ୍କୁ କହିଲେ ଏବଂ ନିର୍ବନ୍ଧର ଆୟୋଜନ ହେଲା । ଦେବର୍ଷି ନାରଦ ସେଦିନ ରାଜାରାଣୀଙ୍କୁ କହିଲେ, ରାଜପୁତ୍ର ସତ୍ୟବାନ ଅତ୍ୟନ୍ତ ସୁନ୍ଦର ଓ ଜ୍ଞାନୀ, ମାତ୍ର ଅଳ୍ପାୟୁ । ଠିକ୍ ଏକବର୍ଷରେ ପ୍ରାଣତ୍ୟାଗ କରିବ । ରାଣୀ ଏକଥା ଶୁଣି ହତଭମ୍ବ ହେଲେ । ରାଜା ବିମର୍ଷ ହେଲେ ଓ ସାବିତ୍ରୀ ଅଶ୍ରୁମୋଚନ କଲେ ସିନା, ନିଜ ନିଷ୍ପତ୍ତିରୁ ଟଳିଲେ ନାହିଁ । ଉଭୟଙ୍କ ପାଇଁ ପରିଣୟର ମଙ୍ଗଳାଷ୍ଟକ ପାଠ କରାଗଲା ।

ଆଶ୍ରମରେ ସାବିତ୍ରୀ ନେତ୍ରହୀନ ଶ୍ୱଶୁର ଓ ଶାଶୂଙ୍କୁ ସେବାଯତ୍ନ କଲେ । ପ୍ରେମରେ ବୁଡ଼ାଇ ରଖିଲେ ପତିଦେବଙ୍କୁ । ମାତ୍ର ସବୁବେଳେ ବର୍ଷଶେଷର ସେହି ଦାରୁଣ ଅଜଣା ମୁହୂର୍ତ୍ତକୁ ଅପେକ୍ଷାକଲେ ।

ସେହି ଭୟଙ୍କର ଦିନ ଉପସ୍ଥିତ ହେଲା । ଆଶ୍ରମର ସମସ୍ତ କାର୍ଯ୍ୟ ଶେଷକରି ଶାଶୂ ଶଶୁରଙ୍କ ଅନୁମତିକ୍ରମେ ଅରଣ୍ୟ ମଧ୍ୟକୁ ସତ୍ୟବାନଙ୍କ ସହ ଗମନ କଲେ । କାଠ ହାଣୁ ହାଣୁ ସତ୍ୟବାନ ଅସୁସ୍ଥତା ଅନୁଭବ କରି ଗଛରୁ ତଳକୁ ଓହ୍ଲାଇ ଆସିଲେ । ସାବିତ୍ରୀ ନିଜ ଅଂଚଳରେ ତାଙ୍କୁ ଶୁଆଇ ସେବା କଲେ । ଯମଦେବ ଆସି ସତ୍ୟବାନଙ୍କ ପ୍ରାଣବାୟୁକୁ ହରଣ କରି ବାହୁଡ଼ି ଗଲେ ଓ ସାବିତ୍ରୀ ତାଙ୍କର ପାଶ୍ଚାତଗମନ କଲେ । ଶୂନ୍ୟପଥର ଯାତ୍ରୀ ଜନ୍ତୁପତି । ପଛେ ପଛେ ସାବିତ୍ରୀ । ବହୁ ପଥ ଅତିକ୍ରମ କରିବା ପରେ ଯମ ପ୍ରଶ୍ନ କଲେ, କାହିଁକି ଆସୁଛ ? ତୁମ ପତିଙ୍କର ପରମାୟୁ ଶେଷ ହୋଇଯାଇଛି । ତେଣୁ ମୁଁ ତାଙ୍କୁ ନେଉଛି । ମୋତେ ମୋର କର୍ତ୍ତବ୍ୟ କରିବାକୁ ଦିଅ । ଅନ୍ୟ କୌଣସି କଥା କହି ମୋତେ ପଥଚ୍ୟୁତ କରିବାକୁ ଚେଷ୍ଟା କରନାହିଁ । ସେଥିରେ କିଛି ଫଳ ହେବନାହିଁ ।

"ସାବିତୀ କହିଲେ,
ଅପରିଚିତ ଅବା ଶତ୍ରୁ
ଯେ ଅବା ସେହି ହୋଇଥାନ୍ତୁ
ସପତ ପାହୁଣ୍ଡେ ଏକତ୍ର
ସହଗମନେ ହୁଏ ମିତ୍ର"

"ତେଣୁ ହେ ମୃତ୍ୟୁଦେବ ! ମୁଁ ଆପଣଙ୍କର ପ୍ରିୟ ବାନ୍ଧବୀ । ଏକତ୍ର ଆମେ ବହୁ ପଥ ଅତିକ୍ରମ କରିଛୁଁ । ମୋର ଏ ନିବେଦନ ଗ୍ରହଣ କରନ୍ତୁ ।" ଯମ ସ୍ୱୀକୃତି ଦେଲେ । ସ୍ୱାମୀଙ୍କ ଜୀବନ ବ୍ୟତୀରେକେ ଅନ୍ୟ ବର ପ୍ରାର୍ଥନା କରିବାକୁ ଅନୁମତି ପାଇ ସାବିତ୍ରୀ ପ୍ରଥମେ ଶଶୁରଙ୍କ ଦୃଷ୍ଟିଶକ୍ତି ଓ ରାଜ୍ୟ ମାଗିନେଲେ । ପରେ ପୁଣି ନିଜପାଇଁ ଭାଇଟିଏ ମାଗି ପ୍ରାପ୍ତ ହେଲେ । ପୁନଶ୍ଚ ସେହି ପାଶ୍ଚାତ୍ଧାବନ । ଯମ କହିଲେ, "ଆଉ ମାଗ ।" ସାବିତ୍ରୀ କହିଲେ, "ଦେବାକୁ ଯଦି ରାଜି, ତେବେ ମତେ ସନ୍ତାନ ପ୍ରଦାନ କରନ୍ତୁ ।" ଯମ କହିଲେ "ତଥାସ୍ତୁ ।" ସାବିତ୍ରୀଙ୍କର ପୁନଶ୍ଚ ପାଶ୍ଚାଦଗମନ ଯମଙ୍କୁ ବିସ୍ମିତ କଲା । ସେ ପ୍ରଶ୍ନ କଲେ, "ତେବେ ଆଉ କ'ଣ ?" ସାବିତ୍ରୀ କହିଲେ, "ପ୍ରଭୁ, ମୁଁ ସତୀ ନାରୀ । ମୋର ସ୍ୱାମୀଙ୍କୁ ଆପଣ ନେଉଛନ୍ତି । ମୁଁ କିପରି ମାତୃତ୍ୱ ଲାଭ କରିବି ? ଆପଣ ଜାଣନ୍ତି,

"ଅବିନାଶୀ ଯଜ୍ଞ ଅଗ୍ନି ଲେଲିହାନ ଜିହ୍ୱା
ଅନିର୍ବାଣ ଦୀପ୍ତ ତହିଁ କେନ୍ଦ୍ର ବେଦିକାରେ
ଜଳେ ଯହିଁ ଗୃହସ୍ୱାମୀ, ସମଧର୍ମିଣୀର
ଗାର୍ହପତ୍ୟ ବହ୍ନି । ଦ୍ରଷ୍ଟା, ରକ୍ଷକ, ପାବକ,
ଅଗ୍ନିର ଆଧାନ ପାଇଁ ହବନ ପୀଠରେ ।"

(ଶ୍ରୀଅରବିନ୍ଦ)

ଆଶ୍ଚର୍ଯ୍ୟ ହେଲେ ସାବିତ୍ରୀ । ପରାଭୂତ ମୃତ୍ୟୁଦେବ ଫେରାଇଦେଲେ ସତ୍ୟବାନଙ୍କ ଜୀବନ । ଆଶୀର୍ବାଦ କରି ଫେରିଗଲେ ସ୍ୱର୍ଗପୁରୀକୁ । ଫେରିଲେ ସାବିତ୍ରୀ । ଶୁଶ୍ରୁଷା କଲେ ସ୍ୱାମୀଙ୍କର । ଉଠି ବସିଲେ ସେ ରାତିର ପ୍ରାୟ ଶେଷ ପ୍ରହର । ଆଶ୍ଚର୍ଯ୍ୟ ହେଲେ ସତ୍ୟବାନ । ଶୁଣିଲେ ସବୁକଥା ପତ୍ନୀ ମୁଖରୁ । ଫେରିବାକୁ ପ୍ରସ୍ତୁତ ହେଲେ ଆଶ୍ରମକୁ । ଅଳ୍ପଦୂରରେ ଶୁଣାଗଲା କୋଳାହଳ । ସୂର୍ଯ୍ୟଙ୍କର ପ୍ରଥମ କିରଣ ସହିତ ଆନନ୍ଦମୟ ପରିବେଶ ସୃଷ୍ଟି । ପିତା ସେତେବେଳକୁ ଚକ୍ଷୁ ଫେରି ପାଇ ପୁଅକୁ ଖୋଜି ଖୋଜି ବଣରେ ପ୍ରବେଶ କରି ସାରିଥିଲେ । ପୁତ୍ରକୁ ଦେଖୁ ଦେଖୁ କହିଲେ,

"ସୁଭଗ ଦେବତାବୃନ୍ଦ ଆଜି ମୋ ଉପରେ
କଲେ ତାଙ୍କ ଦୃଷ୍ଟିପାତ, ଖୋଜି ଖୋଜି ମୋତେ
ରାଜ୍ୟଶ୍ରୀ ଆସିଛି ପୁଣି ଦ୍ୟୁତି ଦ୍ୟୁଲୋକର,
ତୁମେ କିନ୍ତୁ ଥିଲ କାହିଁ ହେ ମୋର ଆତ୍ମଜ,
ଜୀବନ ମୋହର ? ଭୀତି ନିଷ୍ପ୍ରଭ ଛାୟା ହେ
ବ୍ୟଥିତ କରିଛ ତୁମେ ସୁଖର ସମୟ ।
ସାବିତ୍ରୀ ! ପତିକୁ ତୁମେ ଫେରାଇ ନଆଣି
ନଦେଲ ଆମର ଏହି ବାହୁର ବଳଯେ
ସ୍ମିତାଧରେ ପ୍ରତ୍ୟୁତର ଦେଲେ ସତ୍ୟବାନ
ସବୁ ଦୋଷ ଦିଅ ତାଙ୍କୁ ସକଳ ଦୋଷର
ସାବିତ୍ରୀ କାରଣ ଯେଣୁ;
ଦୃଷ୍ଟି ସକଳର ତେବେ
ଆଶ୍ଚର୍ଯ୍ୟ ଆବେଶେ ହେଲା ନିଃପତିତ ଯହିଁ
ଆନତ ନୟନବାଳ ସୁଭଦ୍ରା ଶୋଭନା

କନକ କପୋଳକାନ୍ତି ଝଟକେ ଯାହାର
ଅଧିକୁ ଅଧିକେ ହୋଇ ରଙ୍ଗେ ଆଭୂଷିତ ।
ସକଳର ବକ୍ଷ ତେବେ ସର୍ବ ସହମତି –
ସୂଚକ ଏକହିଁ ଚିନ୍ତା କଲା ଆନ୍ଦୋଳିତ
"ଏ କେଉଁ ବିସ୍ମୟ ଦୀପ୍ତି ଦ୍ୟାବା – ପୃଥିବୀର
ନିଃଶବ୍ଦେ ବିରାଜେ ନର ସତ୍ୟବାନ ପାଶେ
ଜ୍ୟୋତିଷ୍ମତୀ କିଏ ଏହି ସନ୍ଧ୍ୟାର ତିମିରେ ?"

ସତ୍ୟବାନ – ମର୍ତ୍ତ୍ୟଲୋକର ପ୍ରତୀକ ମୃତ୍ୟୁଦେବ ଯମ – ସ୍ୱର୍ଗଲୋକର ମଣିଷ ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ । ସତ୍ୟବାନ ଥିଲେ ଅଳ୍ପାୟୁ । ବିବାହର ଏକ ବର୍ଷ ପୂର୍ତ୍ତିରେ ମୃତ୍ୟୁଦେବ ଯମ ସତ୍ୟବାନଙ୍କର ପ୍ରାଣ ନେଇ ସ୍ୱର୍ଗକୁ ଚାଲିଗଲେ । ସାବିତ୍ରୀ ତାଙ୍କର ପାଶ୍ଚାଦ୍‌ଗମନ କରି ଯମଙ୍କୁ କଥାରେ ପରାସ୍ତ କଲେ । ଫେରାଇ ଆଣିଲେ ସତ୍ୟବାନଙ୍କୁ ।

ନିଷ୍ପାପର ପ୍ରେମ ଆଉ ସମ୍ପୂର୍ଣ୍ଣ ଆତ୍ମସମର୍ପଣର ପ୍ରତୀକ ସାବିତ୍ରୀ ନାରୀତ୍ୱର ଏକ ଦୀପ୍ତିମନ୍ତ ମୂର୍ତ୍ତି । ନିଜର ଚରମ ନିଷ୍ପାପର କର୍ତ୍ତବ୍ୟପରାୟଣତାର ଉତ୍ତୁଙ୍ଗ ଶିଖର ଉପରେ ଦଣ୍ଡାୟମାନ ହୋଇ ସେ ନିଜର ମହାସତୀତ୍ୱର ମର୍ଯ୍ୟାଦାକୁ ପ୍ରତିଷ୍ଠା କରିପାରିଛନ୍ତି । ସେଥିପାଇଁ ସେ ହୋଇଛନ୍ତି ବରଣୀୟା, ବନ୍ଦନୀୟା ଏବଂ ନାରୀଜାତିର ପୂଜନୀୟା ଆଉ ପଥପ୍ରଦର୍ଶିକା । ମୃତ୍ୟୁଦେବଙ୍କ ଦ୍ୱାରା କବଳିତ ଜୀବନକୁ ନିଜର ପ୍ରେମ ବଳରେ ଫେରାଇଆଣି ପାରିଲେ, ସେ ହିଁ ହେଲେ ବିଶ୍ୱବନ୍ଦିତା । ତାଙ୍କର ଏହି ମହାନ୍ ପ୍ରେମ ଚିରଂଜୀବୀ ହେଉ ।

ଗ୍ରାମ- ଡୋଭାବିଲ୍, ଯାଜପୁର
ଆଜିର ଠିକଣା – ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୩୦,
ମୋ – ୯୪୩୭୦ ୩୧୧୧୭



# ୪

# ମଣିଷ ଜୀବନରେ ବିଷାଦ ....



# ଜୀବନ ସଂଗ୍ରାମ ଓ ମାନସିକ ବିଷାଦ

*ଡ. ତ୍ରିନାଥ ପଟ୍ଟନାୟକ*

**ବା**ଳସୂର୍ଯ୍ୟ କମନୀୟତା ନମନୀୟତା, ମଧ୍ୟାହ୍ନବେଳକୁ ଦୀପ୍ତିମୟ ହୁଏ। ଯେମିତି ପଶ୍ଚିମ ଆକାଶ ଆଡ଼କୁ ସାମାନ୍ୟ ଗତିକରେ ସେମିତି କିରଣ ଜାଲରେ ମ୍ଳାନତା ଦେଖାଦିଏ। ଏହା ତ ନିତିଦିନିକିଆ କଥା। ସେମିତି ହେଉଛି ମଣିଷର ଜୀବନ ଶୈଳୀ ଓ ଜୀବନଚକ୍ର। ବୟସ ବଢ଼ିଲେ ତେବେ କାହିଁକି ଚିନ୍ତିତ ହେବା ? ଜୀବନର ପ୍ରତ୍ୟେକଟି ସ୍ଥିତିକୁ ସ୍ୱାଗତ କରିବା ଉଚିତ।

ଅଧିକାଂଶ ମଣିଷ ପଚାଶ ବର୍ଷ ବୟସରେ ପହଁଚିଲେ ଅଧିକ ଚିନ୍ତିତ ହୋଇଯାଆନ୍ତି। ସତେ ଯେମିତି କିଏ ତାଙ୍କର ଗତିପଥକୁ ପଛରୁ ଭିଡ଼ିଧରୁଛି। ସେମାନେ ୨୦/୨୫ ବର୍ଷତଳର କ୍ରୀୟାଶୀଳ ଜୀବନର ତାରୁଣ୍ୟକୁ ମନେ ପକାନ୍ତି। ପଛକୁ ଚାହିଁ ଆଗକୁ ଯିବା ପାଇଁ ସାହସ କୁଳେଇବେ କଣ ? ବିଷାଦ ଅନୁଭବ କରନ୍ତି। କେମିତି କେମିତି ଅସମଂଜସତା ଅନୁଭବ କରନ୍ତି। ସବୁ କାର୍ଯ୍ୟକୁ ପାହାଡ଼ ଭଳି ଅନୁଭବ କରନ୍ତି। କାର୍ଯ୍ୟ କରିବା ପାଇଁ ଆଗ୍ରହ ଆସେ ନାହିଁ। ଆତ୍ମ ବିଶ୍ୱାସ ହରେଇ ବସନ୍ତି। କୌଣସି ନିର୍ଦ୍ଦିଷ୍ଟ ନିର୍ଣ୍ଣୟ ନେବା ଦିଗରେ ବେଳେ ବେଳେ କୁଣ୍ଠାବୋଧ କରନ୍ତି। ନିଜର ପିଲାଛୁଆ, ବନ୍ଧୁ ବାନ୍ଧବଙ୍କ ପ୍ରତି ବୀତସ୍ପୃହ ହୋଇ ଉଠନ୍ତି। ଏପରିକି ନିଜ ଜୀବନର ସାଥୀଙ୍କୁ ମଧ ଠିକ ଭାବେ ବୁଝିପାରନ୍ତି ନାହିଁ କି ବୁଝାଇଲେ ମଧ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ବିଭିନ୍ନ ଚିନ୍ତା ମନରେ ଆସି ଘର ବାନ୍ଧି ରୁହେ। କାଳ୍ପନିକ ଭୟ ବାରବାର ମନକୁ ଆସେ।

ଏହି ଅବସ୍ଥାକୁ ଆମେ ପ୍ରୌଢ଼ାବସ୍ଥା ବୋଲି କହୁ। ବେଳେ ବେଳେ ବିଫଳ ଯୌନଚିନ୍ତା ଆସେ, ନିଜର ସଫଳତା ବିଷୟରେ ମନରେ ସନ୍ଦେହ ଆସେ। ଏଥିରେ ନୂତନତା କ'ଣ ବା ଅଛି। ବୟସ ବଢ଼ିଲେ ତ ସାଧାରଣତଃ ଯୌନ ଅସଫଳତା ଅଧିକାଂଶ ବ୍ୟକ୍ତିଙ୍କ ଜୀବନରେ ଆସେ। ଏଥିରେ ଚିନ୍ତିତ ହେବାର କିଛି ନାହିଁ। ପ୍ରୌଢ଼ାବସ୍ଥାରେ ପୁରୁଷ ଯୌନ ଶକ୍ତିରେ ଏକ ପରିବର୍ତ୍ତନ ଅବଶ୍ୟ ଆସେ କିନ୍ତୁ ଗ୍ରନ୍ଥିରେ କୌଣସି ବିକାର ଦେଖା ଦେବ ସେମିତି କିଛି କଥା ନାହିଁ। ମାନସିକ ସ୍ତରରେ ଲୋକ କୁହା କୁହିର କିଛିଟା ପ୍ରଭାବ ପଡ଼େ।

'ବୁଢ଼ାଲୋକ ବୋଲି' କହିଲେ କେହି କେହି ଯୌନ ଶକ୍ତିର ଅଭାବ କଥା ଚିନ୍ତା କରନ୍ତି। ଦୀର୍ଘ ଦିନର ଯୌନ ଉପଭୋଗ ପରେ ସୁଦ୍ଧା ମଣିଷ ମନରେ ଯୌନଚେତନା ଆବେଗ ଥାଏ। ଏହା ସହଜାତ ପ୍ରବୃତ୍ତି। କେତେକଙ୍କର ସୁପ୍ତ ତ କେତେକଙ୍କର ଅର୍ଦ୍ଧ ଜାଗ୍ରତ। ତଥାପି ଜଣେ ପ୍ରୌଢ଼ବ୍ୟକ୍ତି ଯେ ସନ୍ତାନ ଉତ୍ପତ୍ତିର ସହାୟକ ହେବ ନାହିଁ ଏମିତି ଭାବିବା ଭୁଲ୍।

ପଚାଶବର୍ଷ ମନୁଷ୍ୟର ଅର୍ଦ୍ଧ ବିରାଗ ସମୟ। କ୍ରମାଗତ ଭାବେ ଜୀବନକୁ ଉପଭୋଗ କରିବା ପରେ, ଜୀବନର ଗତି ଏଇଠି ଟିକିଏ ଅଟକିଗଲା ଭଳି ଲାଗେ। ବିରକ୍ତି ଭାବ ବି ମନରେ ଆସେ। ଅତୀତ ଜୀବନଯାତ୍ରାର ସମୀକ୍ଷା କରିବାକୁ ଇଚ୍ଛା ହୁଏ। କିଛି ପାଇଥିଲେ ସୁଦ୍ଧା ଆଉକିଛି ପାଇବାକୁ ଲକ୍ଷ୍ୟ ରୁହେ। ଆଉ କିଛି ପାଇ ନ ଥିଲେ ମନରେ କ୍ଷୋଭ ଆସେ, ଅବସୋସ ବି ରହେ।

ଅସଫଳ ମଣିଷ ବେଳେ ବେଳେ ଆତ୍ମ ବିଶ୍ୱାସ ହରେଇ ବସେ। ଭୁଲବାଟରେ ଯିବା ପାଇଁ ଇଚ୍ଛା କରେ। ମାତ୍ର ଏମିତି କରିବା ଉଚିତ୍ ନୁହେଁ। ବୁଦ୍ଧି ଖର୍ଚ୍ଚକରି ଆତ୍ମ ବିଶ୍ୱାସର ସହିତ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା କରିବା ଉଚିତ୍। ସର୍ବଦା ପ୍ରସନ୍ନ ଚିତ୍ତ ହୋଇ ଅବଶିଷ୍ଟ ସମୟକୁ ସାଥୀରେ ନେଇ ଅଗ୍ରସର ହୁଅନ୍ତୁ। ନିଶ୍ଚୟ ସଫଳତା ପାଇବେ।

କିଛି ଲୋକ ଏଇ ବୟସରେ ହିଁ ଅନୁଭବ କରିଥାନ୍ତି ସେମାନେ ଯେଉଁ ଲକ୍ଷ୍ୟ ପଥରେ ଆଗେଇ ଯାଉଥିଲେ ତାହା କଠିନ ହେବା ସହିତ ସାମର୍ଥ୍ୟର ବାହାରେ ଥିଲା। କିନ୍ତୁ ଜୀବନର ଗତି ଧାରାକୁ ସମାନ୍ୟ ପରିବର୍ତ୍ତନ କରିପାରୁଥିବାରୁ ସଫଳ ହୋଇ ପାରିଛନ୍ତି। ଶାନ୍ତି ଓ ସହନଶୀଳତା ହେଉଛି ତାର ଏକମାତ୍ର ଉପାୟ।

ଆଜିର ସମୟ ଭିନ୍ନ। ମଣିଷର ହାରାହାରି ବୟସ ସୀମା ୭୦ବର୍ଷ ହୋଇଗଲାଣି। ଯୁବକମାନେ କର୍ମ କ୍ଷେତ୍ରରେ ପ୍ରବେଶ କରୁ କରୁ ୩୫ବର୍ଷ ବ୍ୟତୀତ ହୋଇଯାଉଛି। ଏଣୁ ଏବର ସରକାର କର୍ମଚାରୀମାନଙ୍କର ଅବସର ବୟସ ସୀମାକୁ ଷାଠିଏ ବର୍ଷ କରିଦେଇଛନ୍ତି। ଡାକ୍ତର ଓ କେତେକ ପ୍ରଫେସରଙ୍କର ଅବସର ବୟସ ସୀମା ୬୫ ବର୍ଷକୁ ବଢ଼େଇ ଦେଇଛନ୍ତି। ଦ୍ୱିତୀୟ ମହାସମର ପରେ ପରେ ମଣିଷ ଶୀଘ୍ର ଶୀଘ୍ର ପ୍ରୌଢ଼ ହୋଇଗଲା। ଏବେ ସେ ସମୟ ନାହିଁ। ଏବର ୪୦ ବର୍ଷର ବ୍ୟକ୍ତି ପ୍ରୌଢ଼ ନୁହେଁ, ଯୁବକ ଭଳି କାର୍ଯ୍ୟକ୍ଷମ।

ଅବଶ୍ୟ ପ୍ରୌଢ଼ଅବସ୍ଥା ଆସିଲେ ମନୁଷ୍ୟ ଶରୀରରେ ବିଭିନ୍ନ ସମସ୍ୟା ଦେଖାଯାଏ। ପରିବାର ପୋଷଣ ଭାର ନିଜ ଉପରେ ପଡୁଥିବାରୁ ରୋଜଗାର

ନିମନ୍ତେ ପରିଶ୍ରମ କରିବାକୁ ପଡ଼ିଥାଏ । ଖର୍ଚ୍ଚ ବଢ଼େ, ଚିନ୍ତା ବି ବଢ଼େ । ବୟସ ଢ଼ଳିଲେ ମନକୁ ଏକା ଏକା ବୋଧ ଆସେ କାହିଁକି ନା ପିଲାମାନେ ବଡ଼ ହୋଇଗଲା ପରେ ଯିଏ ଯାହାର ସଂସାର କରନ୍ତି । ସ୍ତ୍ରୀ ମଧ୍ୟ ପିଲାମାନଙ୍କ ସଂସାର ମଧ୍ୟରେ ସଂଶ୍ଳିଷ୍ଟ ହୋଇଯାଏ । ସେତେବେଳେ ମଣିଷ ଭାବେ ଯେ କେବଳ ଟଙ୍କା ପାଇଁ ପରିବାର ଲୋକେ ମୋତେ ଚାହୁଁଥିଲେ । ଏବେ ରୋଜଗାର ନାହିଁ ତ ମୋତେ କେହି ପଚ଼ାରୁ ନାହାନ୍ତି । କେତେବେଳେ ପ୍ରୌଢ଼ାବସ୍ଥା ସ୍ଥାନରେ ବୃଦ୍ଧାବସ୍ଥା ଆସି ଆସନ ଜମାଇ ବସି ଯାଇଛି ସେ ଜାଣିପାରେ ନାହିଁ ।

ବୁଢ଼ାଲୋକ ଖୁସିବାସୀ ଆନନ୍ଦ ଟିକିଏ ପାଇବା ପାଇଁ ଲାଳାୟିତ ହୁଏ । ଦେହ ସହେନାହିଁ କି ଅନ୍ୟମାନେ କେତେକ କ୍ଷେତ୍ରରେ ସହଯୋଗ କରନ୍ତି ନାହିଁ । ଡ଼ାକ୍ତରଙ୍କ ପଛରେ ଗୋଡ଼ାଇବାକୁ ପଡ଼େ । ଔଷଧ ଖିଆ ଜୀବନ ବାସ୍ତବରେ ସରସ ଜୀବନ ନୁହେଁ । ତଥାପି ମଣିଷ ବାଧ୍ୟ ହୁଏ । ବୃଦ୍ଧାବସ୍ଥା ଆସିଲେ କେତେକ ନିର୍ଦ୍ଦିଷ୍ଟ ଯୋଗ ବ୍ୟାୟାମ, ପ୍ରାତଃ ଭ୍ରମଣ, ପ୍ରକୃତିକୁ ଅନୁଭବ କରିବା ଓ ଆଧ୍ୟାତ୍ମିକ ଚ଼ିନ୍ତା ଚ଼େତନାରେ ମଜ୍ଜିଯିବା ଉଚ଼ିତ୍ । ଭଲ କଥା ଦେଖ ଭଲ କଥା ଶୁଣ । ଏହା ହେଉଛି ବୃଦ୍ଧାବସ୍ଥାରେ ମଣିଷର ଆନନ୍ଦ ଅନ୍ୱେଷଣର ଉପାୟ ।

ବିଭୁ ଗୁଣ କୀର୍ତ୍ତନ, ନାମ ଜପ ଓ ମଧୁର ସଂଗୀତ ଶ୍ରବଣ ମନରେ ଆନନ୍ଦ ଦେଇଥାଏ । ହତ୍ୟା, ଧର୍ଷଣ, ହିଂସା, ଈର୍ଷା, ବାଦବିବାଦ ବିଷୟକ ସିନେମା କିମ୍ବା ସିରିୟଲ (ଟି.ଭି.) ଦେଖିବା ଉଚ଼ିତ ନୁହେଁ । କାମ ଉଦ୍ରେକ ଯୌନ ଉଦ୍ଦୀପକ ଚ଼ଳଚ୍ଚିତ୍ର ଦର୍ଶନ କିମ୍ବା ସେ ଭଳି ପୁସ୍ତକ ପଢ଼ିବା ସ୍ପୃହଣୀୟ ନୁହେଁ । ଏ ସବୁ ମାନସିକ ଅଶାନ୍ତି ଦେବା ସହିତ ମାନସିକ ବିକୃତିକୁ ଆମନ୍ତ୍ରଣ କରିଥାଏ ।

ଯେଉଁମାନେ ଯୌବନାବସ୍ଥାରେ ଅନିୟମିତ ଜୀବନ ଶୈଳୀର ଦାସ ହୋଇଛନ୍ତି, ଅପ୍ରାକୃତିକ ଯୌନ ସଂପର୍କ, ଦୂଷିତ ଖାଦ୍ୟ, ମାଦକ ଦ୍ରବ୍ୟ ସେବନଆଦିର ଅଧୀନ ହୋଇଛନ୍ତି, ସେମାନଙ୍କ ନିମନ୍ତେ ବୃଦ୍ଧାବସ୍ଥା ଅଧିକ ଦୁଃଖ ପ୍ରଦ ହୋଇଥାଏ । ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟକୁ ସହ୍ୟ କରିବା ନିମନ୍ତେ କଦାପି କୌଣସି ମାଦକ ଦ୍ରବ୍ୟର ସାହାଯ୍ୟ ନେବା ଉଚ଼ିତ ନୁହେଁ । ସେ ସବୁ ମାନସିକ ଶାନ୍ତି କି ଆନନ୍ଦ ଦେବେ ନାହିଁ ବରଂ ବିଷାଦରେ ଗୌହରକୁ ଟାଣି ନେବେ । ୨୦/୨୫ ବର୍ଷର ବ୍ୟକ୍ତି କଦାପି ତାର ସ୍ୱାସ୍ଥ୍ୟ ବିଷୟରେ ଚ଼ିନ୍ତା କରିନଥାଏ । ୩୫ ବର୍ଷ ବେଳକୁ ତାର ସ୍ୱାସ୍ଥ୍ୟ ବିଷୟରେ ସଚ଼େତନ ହୋଇ ଉଠେ । ସେହି ସମୟରୁ ସେ ଯଦି ସତ୍‌ସଙ୍ଗ କରେ, ନିଶାମୁକ୍ତ ରୁହେ, ସତ୍ ଜୀବନ ଶୈଳୀକୁ ଆପଣେଇ ନିଏ ତେବେ ବି କିଛି ଅଂଶରେ ମୁକ୍ତି ପାଇଯିବ ।

ପୂର୍ବରୁ ଶରୀର ପ୍ରତି କରିଥିବା ଅନ୍ୟାୟ ଅତ୍ୟାଚାର କାରଣରୁ ହୃଦୟ ଦୌର୍ବଲ୍ୟ ଓ ବାୟୁ ବିକାର ରୋଗର ଶିକାର ହୁଏ । ଆଣ୍ଠୁ ଗଣ୍ଠି ପୀଡ଼ା, କିଡ଼ିନ୍‌ରୋଗ ରେ ଆକ୍ରାନ୍ତ ହେବା ଦ୍ୱାରା ଚ଼ିନ୍ତିତ ହୋଇ ଉଠିଥାନ୍ତି । କିନ୍ତୁ ସେତେବେଳକୁ ଲେଡ଼ିଗୁଡ଼ କହୁଣୀକୁ ଗଡ଼ି ଯାଇଥାଏ । ଆଉ ବୃଦ୍ଧ ଅବସ୍ଥାରେ ଅତ୍ୟଧିକ ସଂଯମୀ ହୋଇ କି ଲାଭ ? ମନରେ ଯେଉଁ ଭାବନା ଅସୁଥାଏ ଯେ ଏମିତି ସଂଯମୀ ଜୀବନ ଯାପନ କରିବା ଦ୍ୱାରା ଜୀବନର ସ୍ୱାଦକୁ ଉପଭୋଗ କରିପାରିବି, ପୂର୍ଣ୍ଣ ଆନନ୍ଦ ନେବି ଏହା ଅସମ୍ଭବ । ଯେଉଁଠି ଅସମ୍ଭବର ପ୍ରଶ୍ନ ଉଠେ ସେଇଠୁ ମନରେ ବିକାର ସୃଷ୍ଟି ହୁଏ । ମସ୍ତିଷ୍କରେ ବିଭିନ୍ନ ଚ଼ିନ୍ତା ପ୍ରବେଶକରି ବିଭ୍ରାନ୍ତ କରେ । ଅନ୍ୟମାନେ କୁହନ୍ତି ଏହାର ମାନସିକ ବିକୃତି ଘଟିଗଲାଣି ।

କଥାକୁ ଏତେ ଦୂର ଆଗେଇ ନ ନେଇ ମନକୁ ଦୃଢ଼ କରନ୍ତୁ । ଅବଶ୍ୟ ଆନନ୍ଦ ମିଳିବ । ବ୍ୟକ୍ତିର ବ୍ୟକ୍ତିତ୍ୱ ପଚାଶବର୍ଷ ବୟସରେ ପୂର୍ଣ୍ଣ ବିକଶିତ ହୋଇଥାଏ । ସଂସାରରେ ସାଧାରଣତଃ ଏହି ବୟସରେ ପ୍ରଶଂସା ପାଇଥାନ୍ତି । ପ୍ରୌଢ଼ାବସ୍ଥା ବାସ୍ତବରେ ଚ଼ିନ୍ତନ ଅବସ୍ଥା । ସ୍ଥବିର ସମୟ । ଯାହା ବାଲ୍ୟ କିଶୋରରେ ସମ୍ଭବ ହୋଇ ନଥିଲା ଏବେ ସମ୍ଭବ ହେବ, ଯଦି ମାନସିକ ବିଷାଦକୁ ଦୂରକରି କର୍ମତତ୍ପର ହେବ । ଅସ୍ତ ସୂର୍ଯ୍ୟର ସ୍ୱର୍ଣ୍ଣାଭ କିରଣରେ ମଧ୍ୟ ମାଧୁରିମା ଥାଏ । ବ୍ୟସ୍ତ ହୁଅନ୍ତୁ ନାହିଁ ସୁନାମ ପାଇବେ ଶାନ୍ତି ପାଇବେ ।

ସଂପାଦକ, ପୁରାଣ ପତ୍ରିକା, ଜି - କଟକ, ପିନ - ୭୫୪୦୦୪
ଫୋନ - ୯୯୩୭୮୪୦୩୮୭
Email - pattnaik.trinath14@gmail.com

# ଅନୁତପ୍ତ ଜୀବନ : ଅଶୋକ ବର୍ଦ୍ଧନ ମୌର୍ଯ୍ୟ

*ଇଂ ଶ୍ରୀଚନ୍ଦନ କୁମାର ରାଉତରାୟ*

ହୁଏନସାଂ ବୌଦ୍ଧଧର୍ମର ମୂଳପୀଠ ଭାରତଭୂଇଁରେ ପାଦ ଦେଇଛନ୍ତି । ସେଇଟା ସପ୍ତମ ଶତାବ୍ଦୀର ଭାରତ । ହୁଏନସାଂ କେବଳ ଜଣେ ପରିବ୍ରାଜକ ନୁହନ୍ତି, ସେ ନଷ୍ଠାପର ବୌଦ୍ଧ ସନ୍ୟାସୀ ଏବଂ ଜଣେ ଗବେଷକ । ଆସିଛନ୍ତି ବୌଦ୍ଧ ଜଗତର ସ୍ପନ୍ଦନ କେନ୍ଦ୍ର । ଅନେକ କଥା ଶୁଣି ଆସିଛନ୍ତି, ସ୍ୱଚକ୍ଷୁରେ ଦେଖିଯିବେ । ନିଜ ଜନ୍ମଭୂମି ଚୀନ୍ ରାଷ୍ଟ୍ରଦେଶରେ ବୌଦ୍ଧଧର୍ମ ଦ୍ରୁତଗତିରେ ବ୍ୟାପି ଚାଲିଛି । ବୁଦ୍ଧଙ୍କର ଅବସ୍ଥାନର ଭୂମିଗୁଡ଼ିକ ନଦେଖିଲେ ତାଙ୍କର ଧାର୍ମିକ ଆତ୍ମା ଶୁଦ୍ଧି ହେବନି ବୋଲି ସେ ମନେକରନ୍ତି । ଆସିବା ବାଟରେ କାବୁଲ, କାନ୍ଦାହାର ଏବଂ ପଶ୍ଚିମ ଭାରତର ସମସ୍ତ ଅଞ୍ଚଳ ଘୂରିବା ପରେ ଆତିଥ୍ୟ ଗ୍ରହଣ କରିଛନ୍ତି ତତ୍କାଳୀନ ବିଖ୍ୟାତ ସମ୍ରାଟ ହର୍ଷବର୍ଦ୍ଧନଙ୍କର । ବୌଦ୍ଧ ସମ୍ରାଟ ଭାବରେ ଅଭ୍ୟାଗତଙ୍କର ଯଥୋଚିତ ସହାୟକ ହୋଇଛନ୍ତି ।

ହୁଏନସାଁ ବୁଦ୍ଧଙ୍କ ଜନ୍ମସ୍ଥାନ, କର୍ମସ୍ଥାନ ପାଟଳୀପୁତ୍ର, ନାଳନ୍ଦା ବିଶ୍ୱବିଦ୍ୟାଳୟ, ଅଶୋକ ମହାରାଜଙ୍କ କର୍ମକ୍ଷେତ୍ର, ସମଗ୍ର ଭାରତର ବୌଦ୍ଧକ୍ଷେତ୍ରଗଡ଼ିକ କୌଣସି ମତେ ଗସ୍ତ କରି ସମସ୍ତ ବୃତ୍ତାନ୍ତ ନିଜଭାଷାରେ ଲେଖି ନେଇଛନ୍ତି । ଷୋଳବର୍ଷ ତାଙ୍କର କଟିଛି ଭାରତରେ, ତନ୍ମଧ୍ୟରୁ ପାଞ୍ଚବର୍ଷ କେବଳ ନାଳନ୍ଦାରେ । ଆଉ ଗୋଟିଏ ବିସ୍ମୟ ରହିଛି ତାଙ୍କ ମନରେ । ଲୋକ କାହିଁକି ବୌଦ୍ଧଧର୍ମ ଆଦରି ନିଅନ୍ତି ? ସମସ୍ତେ କଅଣ ସମ୍ରାଟ ଅଶୋକଙ୍କ ପରି ? ନା, ସମସ୍ତେ କଅଣ କାମନାକାରୀ ? କାମନା ବିନାଶ କରିବାକୁ ବୁଦ୍ଧଂ ଶରଣଂ ଅନୁସରଣ କରନ୍ତି ? ଜୀବନକୁ ସରଳ, ପ୍ରକୃତ ଏବଂ ମାନବିକ କରିବାକୁ ସମସ୍ତେ ଆଗ୍ରହୀ । ଏଇଟା କାରଣ ହୋଇପାରେ ।

ଏତେ ବଡ ଶକ୍ତିଶାଳୀ ସମ୍ରାଟ ଅଶୋକ । ଅଚଳାଚଳ ସାମ୍ରାଜ୍ୟର ଅଧିକାରୀ । କଅଣ ଘଟାଇଲା କଳିଙ୍ଗ ରାଜ୍ୟ ଯେ ସେ ରାତାରାତ ବୁଦ୍ଧଙ୍କର ସହାୟତା ଲୋଡ଼ିଲେ । ନିଶ୍ଚୟ ସେହି କଳିଙ୍ଗ ସ୍ୱଚକ୍ଷୁରେ ଦେଖିବେ ବୋଲି ନିଧାର୍ଯ୍ୟ କଲେ । କିନ୍ତୁ ମନର ଅନୁକୋଣରେ ଗୋଟିଏ ଅସମାହିତ ପ୍ରଶ୍ନ ରହିଛି । ଚଣ୍ଡାଶୋକ । ଚଣ୍ଡାଶୋକଙ୍କର ସ୍ୱର୍ଗରୂପୀ ନର୍କ । ଅଶୋକନନ୍ଦନ ଚିଟାଉରେ ପ୍ରଦତ୍ତ । ସେଇ ସ୍ୱର୍ଗରୂପୀ ନର୍କ ବା ପାରାଡାଇଜ୍ ହେଲ୍ (Paradise Hell) । ରୂପରେ ସ୍ୱର୍ଗ କିନ୍ତୁ ଭିତରେ ନର୍କ । ଏଇଟା ପୁଣି କଳିଙ୍ଗଯୁଦ୍ଧ ପୂର୍ବର ପାଟଳୀପୁତ୍ର ସନ୍ନିକଟ ଗୋଟିଏ ସକ୍ରିୟ ନର୍କ । ମହାକାଳଫଳ ପରି ବର୍ଣ୍ଣନା । ବାହାରେ ଆକର୍ଷଣୀୟ, ଭିତର କେବଳ ଅଙ୍ଗାରପରି କେବଳ କଳା କିଟିକିଟି ନୁହେଁ, ବିଷମୟ ଏବଂ ପ୍ରାଣଘାତକ ।

ଅବଶ୍ୟ ତାଠାରୁ ଜଘନ୍ୟ ଦୃଶ୍ୟ ସେହି ଚଣ୍ଡାଶୋକ କଳିଙ୍ଗର ଯୁଦ୍ଧକ୍ଷେତ୍ରରେ ନିଶ୍ଚୟ ଦେଖିଥିବା ସମ୍ଭବ । ନହେଲେ କଳିଙ୍ଗରୁ ଯୁଦ୍ଧପରେ ପାଟଳୀପୁତ୍ର ପ୍ରତ୍ୟାବର୍ତ୍ତନ କରି ସ୍ୱର୍ଗରୂପୀ ନର୍କ ଚିରକାଳ ପାଇଁ ରୁଦ୍ଧ କରିଦେବାକୁ ମନସ୍ଥ କଲେ କାହିଁକି ? ଏଇଟି ତାଙ୍କୁ ତଥ୍ୟଗତ ହୃଦ୍‌ବୋଧ ପାଇଁ ସରଜମିନ ଦେଖିବାକୁ ଆନ୍ତରିକତା ରହିଛି । ନିଶ୍ଚୟ ପାଟଳୀପୁତ୍ର ଭ୍ରମଣ ସମୟରେ ସହାୟକ ଶ୍ରମଣମାନଙ୍କୁ ଅନୁରୋଧ କରିବେ । ସମଗ୍ର ବୌଦ୍ଧଜଗତ ଏହି ସ୍ୱର୍ଗରୂପୀ ନର୍କ ବିଷୟରେ ଜ୍ଞାତ । କାରଣ ଅଶୋକବର୍ଦ୍ଧନଙ୍କ ପରି ଜଣେ ବିଖ୍ୟାତ ବୌଦ୍ଧଧର୍ମର ଆବାହକ ପାଇବା ଧର୍ମର ଯେତିକି ସୌଭାଗ୍ୟ, ତାଙ୍କୁ ଗର୍ହିତ ପାପକର୍ମରୁ ନିବୃତ କରିବା ଧର୍ମର ସଫଳତା । ସେହି ସ୍ୱର୍ଗରୂପୀ ନର୍କର ବାହ୍ୟ ସ୍ୱର୍ଗରୂପ ଏବଂ ଅଭ୍ୟନ୍ତରର ନର୍କ ବିଷୟରେ ସମ୍ୟକ୍ ତଥ୍ୟ ତାଙ୍କର ପରିଭ୍ରମଣକୁ ସାର୍ଥକ କରିବ ।

ନାଳନ୍ଦା ବିଶ୍ୱବିଦ୍ୟାଳୟ ରହଣି କାଳରେ ୬୩୭ ଖ୍ରୀଷ୍ଟାବ୍ଦରେ ହୁଏନସାଂ ଦିନେ ବିଶିଷ୍ଟ ବୌଦ୍ଧ ଶ୍ରମଣ ଏବଂ ଅଧ୍ୟାପକ ଶିଳାଭଦ୍ରଙ୍କୁ ଅନୁରୋଧ କରିଛନ୍ତି । ତାଙ୍କୁ ପାଟଳୀପୁତ୍ରର ଏକ ସହସ୍ର ବର୍ଷ ତଳର ଅଶୋକଙ୍କ ସ୍ୱର୍ଗରୂପୀ ନର୍କର ଅବଶେଷ ପରିଦର୍ଶନ କରିବାକୁ । ହୁଏନସାଂଙ୍କ ମନକୁ ଆସିଛି ଦୁଇ ଶତାବ୍ଦୀ ପୂର୍ବରୁ ତାଙ୍କ ଦେଶର ପରିବ୍ରାଜକ ଫାହିଏନ୍ ବି ସେହି ସ୍ୱର୍ଗରୂପୀ ନର୍କ ଦେଖି ଯାଇଛନ୍ତି । ଅବଶ୍ୟ ଦୁହେଁ ପଢ଼ିଛନ୍ତି ଅଶୋକବର୍ଦ୍ଧନ ଗ୍ରନ୍ଥ, ଜାଣନ୍ତି ଏଥିରେ ଚଣ୍ଡାଶୋକର ପ୍ରଧାନ ପ୍ରମାଣ । ଅଶୋକ ଅନେକ କିଛି ନିର୍ମମ ଅତ୍ୟାଚାର କରିଛନ୍ତି, କିନ୍ତୁ ସବୁର ଚାକ୍ଷୁଷ ପ୍ରମାଣ ହେଉଛି ସେଇ ଅଶୋକ ନର୍କ ବା ସ୍ୱର୍ଗରୂପୀ ନର୍କ । ଦୁହେଁ ପାଟଳୀପୁତ୍ର ଆସିଛନ୍ତି ଏବଂ ସେଠିକାର ଲୋକକଥାରେ ରହିଥିବା ସ୍ୱର୍ଗରୂପୀ ନର୍କର ଧ୍ୱଂସାବଶେଷ ପରିଦର୍ଶନ କରିଛନ୍ତି । ପରିତ୍ୟକ୍ତ ପ୍ରାସାଦର ସ୍ତମ୍ଭଗୁଡିକ ଦେଖି ଆକଳନ କରିଛନ୍ତି ଏହି ଅଶୋକ ନର୍କର ଅବସ୍ଥିତି ।

ସେମାନେ ନିଜ ହୃଦୟରେ ଅନୁଭବ କଲେ, ଏହି ସ୍ୱର୍ଗରୂପୀ ନର୍କର ଉପାଦେୟତା ଚଣ୍ଡାଶୋକଙ୍କର ଶତ୍ରୁପକ୍ଷ ପାଇଁ ଯନ୍ତ୍ରଣା କକ୍ଷ । ବାହାରଟି କେତେ ସୁନ୍ଦର । କେହି ସେଠାକୁ ଗଲେ ଆନନ୍ଦିତ ହେବ, ସେ ଗୋଟିଏ ଆନନ୍ଦଭବନରେ ପଶୁଛି । କିନ୍ତୁ ଏହା ମଧ୍ୟରେ ରହିଛି ଚଣ୍ଡଗିରିକା ନାମକ ବୀଭତ୍ସ ଘାତକ ଏବଂ ତାହାର ମରଣଯନ୍ତ୍ର । ସେ ଚଣ୍ଡାଶୋକଙ୍କ ନିକଟରେ ପ୍ରତିଜ୍ଞାବଦ୍ଧ, ଯିଏ ଏହି ଯମାଳୟରେ ସଶରୀରେ ପଶିବ ପ୍ରସ୍ଥାନ ପଥରେ ତା

ଶବ ହିଁ ନିର୍ଗତ ହେବ। କୁହାଯାଏ ଚଣ୍ଡାଶୋକ ନିଜେ ହିଁ ଶତ୍ରୁମାନଙ୍କୁ ଏଭଳି ଦଣ୍ଡ ଦେଉଥିଲେ। ଅଶୋକବଧନ ପୁସ୍ତକରେ ବର୍ଣ୍ଣିତ, ତପ୍ତ ତମ୍ବା ଆଁ କରିଥିବା ମଣିଷ ପାଟିରେ ଢାଳିବାର ଦଣ୍ଡ, ଅତଳ ଗର୍ଭର ପାତାଳଭେଦୀ କୂଅ ଯହିଁରେ ଲୋକଙ୍କୁ ବୁଡ଼େଇ ମାରିଦିଆଯାଏ, ଏମିତି ଅନେକ ନରକର କାଣ୍ଡ। ମୌର୍ଯ୍ୟବଂଶର ତୃତୀୟ ସମ୍ରାଟ ଏପରି କୁତ୍ସିତ କର୍ମ ସ୍ୱହସ୍ତରେ ସମ୍ପାଦନ କରିବେ, ଏହା ଆଦୌ ସମ୍ମାନଜନକ ନୁହେଁ, ସେଥିପାଇଁ ତାଙ୍କର ମୁଖ୍ୟ ଅମାତ ରାଧାଗୁପ୍ତ ଜଣେ କଦାକାର ଘାତକ ଗିରିକାକୁ ମନୋନୀତ କରିଥିଲେ। ସେ ଘାତକ ପିତାମାତାଙ୍କର ଅବାଧ ସନ୍ତାନ, ପିତାମାତା ତାଙ୍କୁ ଏ କାର୍ଯ୍ୟନିର୍ବାହ କରିବାରୁ ନିବର୍ତ୍ତାଇ ଥିଲେ। ଗିରିକା ନିର୍ଦ୍ଧାରିତ ସମୟରେ ଚଣ୍ଡାଶୋକଙ୍କୁ ଦେଖା କରିପାରିଲା ନାହିଁ। ଦିବସାନ୍ତରେ ଚଣ୍ଡାଶୋକଙ୍କ ପାଖରେ ଉପସ୍ଥିତ ହୋଇ ନିଜ ବିଳମ୍ବର କାରଣ ଦର୍ଶାଇଲା। ସେହି ସମୟ ମଧ୍ୟରେ ପିତାମାତାଙ୍କୁ ବଧ କରି ସେ କାର୍ଯ୍ୟରେ ଯୋଗଦାନ ପାଇଁ ଆସିପାରିଥିଲା।

ଚଣ୍ଡାଶୋକ ଖୁସିରେ ଗଦ୍‌ଗଦ୍‌ ହୋଇ ତାକୁ କହିଲେ, ତୁ ଆଉ ଗିରିକା ନୋହୁଁ, ଆଜି ଠାରୁ ଚଣ୍ଡଗିରିକା !

ସେମାନଙ୍କୁ ଦେଖାଯାଉଛି ଅଶୋକ ବର୍ଦ୍ଧନଙ୍କର ଶକ୍ତି ଏବଂ ବର୍ବରତା। ରାଜା ବିମ୍ବିସାର ଜୀବନର ଶେଷ ସମୟରେ ଯୁବରାଜ ସୁଶିମଙ୍କୁ ରାଜଗାଦି ଦେବାପାଇଁ ତକ୍ଷଶିଳାରୁ ପାଟଳୀପୁତ୍ର ଆସିବା ନିମନ୍ତେ ସମ୍ବାଦ ଦେବାକୁ ଚାହିଥିଲେ। କିନ୍ତୁ ଅଶୋକ ବର୍ଦ୍ଧନଙ୍କୁ ରାଜଗାଦି ମିଳିବା ପାଇଁ ମୁଖ୍ୟମନ୍ତ୍ରୀ ବା ମୁଖ୍ୟମହାମାତ୍ର ରାଧାଗୁପ୍ତ ଏବଂ ଅନ୍ୟ କେତେ ମହାମାତ୍ର ଚକ୍ରାନ୍ତ କରିଛନ୍ତି। ବିମ୍ବିସାରଙ୍କୁ କହିଲେ, ସୁଶିମ୍‌ ତକ୍ଷଶିଳାରୁ ପାଟଳୀପୁତ୍ର ଫେରିବାକୁ ଡେରି ହେବ, ଏବେ ଅଶୋକଙ୍କୁ ଅସ୍ଥାୟୀ ଭାବରେ ଗାଦିସୀନ କରାଯାଉ। ବିମ୍ବିସାର ମୃତ୍ୟୁଶଯ୍ୟାରେ ଦୃଢ ଭାବରେ ନାସ୍ତିବାଣୀ ଶୁଣାଇ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଲେ।

ସମୟ ବିମ୍ବିସାରଙ୍କ ପାଖରେ ଖୁବ୍‌ କମ୍‌ ଥିଲା। ସୁଶିମ ପହଞ୍ଚି ପାରିଲେ ନାହିଁ। ବିମ୍ବିସାର ଇହଧାମ ତ୍ୟାଗକଲେ, ସୁଯୋଗ ମିଳିଲା ଅଶୋକ ରାଜସିଂହାସନ ଲାଭ କଲେ। ପାତ୍ର ମନ୍ତ୍ରୀ ଖଣ୍ଡୁଆଳ ସବୁ ଚଣ୍ଡାଶୋକ ପକ୍ଷରେ। ସୁଶିମ ଆଶାୟୀ ହୋଇ ରାଜଗାଦି ଦାବି କରି ବସିବା ବେଳେ ମୁଖ୍ୟମହାମାତ୍ର କଥାରେ ଭଳି ନକଲି ଅଶୋକଙ୍କୁ ବଧ କରିବାକୁ ଯାଇ ଜଳନ୍ତା ଅଙ୍ଗାରରେ ପଡି ମୃତ୍ୟୁ ବରଣ କଲେ। ଏମିତି ଚଣ୍ଡାଶୋକ ନିଜର ରାଜଗାଦି ପାଇଁ ଛଅ ଭାଇଙ୍କୁ କଳେବଳେ କୌଶଳେ ମୃତ୍ୟୁ ମୁଖକୁ ଠେଲିଦେଇ ବାଟ ପରିଷ୍କାର କଲେ।

ଶାସନର ଅଷ୍ଟମ ବର୍ଷରେ ଅଶୋକଙ୍କର ଦୃଷ୍ଟି ପଡିଛି କଳିଙ୍ଗ ରାଜ୍ୟ ଉପରେ। ଏମିତି ବେପରୁଆ ରାଜ୍ୟ ତାଙ୍କ ବାପା ଜେଜେ ଚାଣକ୍ୟଙ୍କ କଥାମାନି ଅପଦସ୍ତ ହେବାକୁ ଚାହିନାହାନ୍ତି। ସାମରିକ ପ୍ରତିବନ୍ଧକ ଯେଉଁଠି, ଅଶୋକବର୍ଦ୍ଧନ ଗତି କରିବେ ସେଇ ଆଡକୁ। ତକ୍ଷଶିଳା ହେଉ କି ଉଜ୍ଜୟିନୀ, ଯେଉଠି ଲୋକମାନଙ୍କର ପ୍ରତିବାଦ କିମ୍ବା ମେଳି ଏହି ଦୁର୍ଦ୍ଧର୍ଷ ରାଜପୁତ୍ର ସେଇଠି ବହୁ ଆୟୋଜନରେ କଳିଙ୍ଗ ବିପକ୍ଷରେ ବିଶାଳ ସେନା ଠିଆ କରାଉଛନ୍ତି ତୋଷାଳି ଉପକଣ୍ଠରେ। ଏଇଠି ଅଶୋକ ବର୍ଦ୍ଧନ ଦେଖାଇବେ ସାମରିକତାର ମାରାତ୍ମକ ଖେଳ। ଅଶେଷ କ୍ଷତି ଘଟାଇଲେ କଳିଙ୍ଗର, କଳିଙ୍ଗବାସୀଙ୍କର ଏବଂ କଳିଙ୍ଗ ସମ୍ପଦର। ମାତ୍ର ମାନବିକତାର ତରଙ୍ଗରେ ନରାଧମ ହୋଇପଡିଲେ। ନିଜେ ସହସ୍ରଗୁଣରେ ନରହନ୍ତା ସାଜିଲେ, ଯାହା ତାଙ୍କର ସ୍ୱର୍ଗରୂପୀ ନର୍କରେ କରନ୍ତି। ସମଗ୍ର କଳିଙ୍ଗ ହେଲା ବିଶାଳ ଅଶୋକ-ନର୍କ।

ଏତେ ବଡ ସମ୍ରାଟ, ଜୀବନରେ ଶାନ୍ତି ନାହିଁ। ଶାନ୍ତିପାଇଁ ବୌଦ୍ଧଧର୍ମର ପ୍ରସାରରେ ଜୀବନ କାଟିଛନ୍ତି।

ତାଙ୍କର ମୂଳପତ୍ନୀ ବିଦିଶା, ବିଦିଶା ହେଉଛନ୍ତି ମହେନ୍ଦ୍ର ଏବଂ ସଂଘମିତ୍ରାଙ୍କ ଜନନୀ। ବିଦିଶା ବି ସ୍ୱାମୀଙ୍କୁ କଳିଙ୍ଗ ଯୁଦ୍ଧରୁ ନିବର୍ତ୍ତାଇଛନ୍ତି, କିନ୍ତୁ ନିଷ୍ଫଳ ହୋଇଛନ୍ତି। କଳିଙ୍ଗରେ ତାଙ୍କ ସ୍ୱାମୀଙ୍କକୃତ ବିଭୀଷିକା ତାଙ୍କୁ ବ୍ୟଥିତ କରିଛି। ପୁଣି ଜବରଦସ୍ତ ଆଉ ଜଣେ ରାଜକନ୍ୟାଙ୍କୁ ବିବାହ କରିଛନ୍ତି। ବିଦିଶା ନିଷ୍ପତ୍ତି ନେଇଛନ୍ତି, ଅଶୋକଙ୍କୁ ବୌଦ୍ଧଧର୍ମରେ ଆସକ୍ତ କରିବାରେ ସେ ବିଫଳ ହୋଇଛନ୍ତି। ବୌଦ୍ଧଧର୍ମୀ ସର୍ବଦା ଏକପତ୍ନୀକ। ବିଫଳମନୋରଥ ହୋଇ ବିଦିଶା ଉଜ୍ଜୟିନୀ ଚାଲିଯାଇଛନ୍ତି, ସେଠାରେ ସେ ନିଜକୁ ଜଣେ ବୌଦ୍ଧକର୍ମୀ ହିସାବରେ ଲୋକମାନଙ୍କର ସେବାରେ ନିଯୁକ୍ତ କରି ସମୟ କଟାଇଛନ୍ତି।

ଅଶୋକ ବିଦିଶାଙ୍କୁ ଅତି ଭଲପାଆନ୍ତି। କଳିଙ୍ଗଯୁଦ୍ଧରୁ ଫେରି ଅଶୋକ କେବଳ ତାଙ୍କ ଲିଖିତ ବାର୍ତ୍ତାଟିଏ ପାଇଛନ୍ତି, ଆର୍ଯ୍ୟପୁତ୍ର, ତୁମେ ବିବାହ ପୂର୍ବରୁ ମୋତେ ଦେଇଥିବା ବଚନ ରକ୍ଷା କରିବାରେ ଅବହେଳା କରିଛ।

ଅଶୋକ ବୌଦ୍ଧଧର୍ମର ବିଶିଷ୍ଟ ପ୍ରସାରକ ଏବଂ ସଂଚାରକ ହୋଇଛନ୍ତି, ଦେବାନାଂ ପ୍ରିୟ ହୋଇଛନ୍ତି।

ବିଦିଶା କିନ୍ତୁ ଉଜ୍ଜୟିନୀରେ ମହେନ୍ଦ୍ର ଏବଂ ସଂଘମିତ୍ରାଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରାଇଛନ୍ତି ଏବଂ ଲୋକମାନଙ୍କ ସେବାରେ ନିୟୋଜିତ କରିଛନ୍ତି। ଅଶୋକ ବାଧ୍ୟ ହୋଇ ସେମାନଙ୍କ ସନ୍ୟାସ ହେବାର ଅଭିଳାଷକୁ ଗ୍ରହଣ କରିଛନ୍ତି। ଅଶୋକଙ୍କ ପାରିବାରିକ ଜୀବନ ହାହୁତାସମୟ ହୋଇଛି। ସେ ବିଦିଶାଙ୍କ ସାନିଧ୍ୟ ଆଉ ପାଇପାରି ନାହାନ୍ତି। ସେ ପାଟଳୀପୁତ୍ରରେ ବିଦିଶାଙ୍କୁ ଯେତିକି ପ୍ରିତିଭରା ସରାଗରେ ଅପେକ୍ଷା କରିଛନ୍ତି, ବିଦିଶା ସ୍ୱାମୀଙ୍କୁ ସେତିକି ପ୍ରେମରେ ସୁଦୂର ଉଜ୍ଜୟିନୀରେ କଟାଇଛନ୍ତି। ଦିନେ ଅଶୋକ ଖବର ପାଇଛନ୍ତି, ବିଦିଶା ଆଉ ଇହଜଗତରେ ନାହାନ୍ତି। ଅଶୋକ ସମଗ୍ର ମୌର୍ଯ୍ୟ ସାମ୍ରାଜ୍ୟରେ ଶୋକ ପାଳନ କରିଛନ୍ତି। ବିଦିଶାଙ୍କ ନାମରେ ଅନେକ ଶତାଧିକ ବୌଦ୍ଧ ଆଶ୍ରମ ଏବଂ ସଂଘ ଗଠନ କରିଛନ୍ତି।

ତା ପରଠାରୁ ଅଶୋକ ହୋଇଛନ୍ତି ଜଣେ ସାଧାରଣ ମଣିଷ। ଝୁରି ହେଉଛନ୍ତି ବିଦିଶାଙ୍କୁ। ନିଜକୁ ନିର୍ବାସିତ ମନେ କରୁଛନ୍ତି। ନିର୍ଜନତା ତାଙ୍କୁ ଆବଦ୍ଧ କରିରଖିଛି। ପୁଣି ତାଙ୍କ ପାଇଁ କଣ୍ଟକ ସାଜିଛନ୍ତି ତାଙ୍କର ଯୁବତୀ ରାଣୀ। ସେ ବିଦିଶା ବିଦିଶା ହୋଇ ପ୍ରାଣ ହରାଇଛନ୍ତି।

ମଣିଷ ସୃଷ୍ଟି ହୋଇଛି ଏବଂ ତାର ମାନସିକ, ସାମାଜିକ ବିକାଶ ଘଟି ସେ ସାମାଜିକ ଶୃଙ୍ଖଳିତ ଜୀବ ହିସାବରେ ନିଜର ସ୍ଥାନ ଆକଳନ କରିଛି।

ଏଇଟା ବାସ୍ତବତା। ଦୈନନ୍ଦିନ ଜୀବନରେ ନିଜର ବଞ୍ଚିବା, ପରିବାରର ପ୍ରତିପାଳନ ଓ ବୃହତ୍ତର ସମାଜରେ ଅଂଶଗ୍ରହଣ ଜୀବନର ବାସ୍ତବତାର ଦିଗ। ପ୍ରକୃତି ମାତୃକାର ସ୍ୱୟଂକ୍ରିୟତା ବଳରେ ଦୁନିଆର ସବୁ ଜୀବ ଧରାପୃଷ୍ଠରେ ସନ୍ତୁଳିତ, କିଏ କେମିତି ଚଳିବ ତାହା ବିବର୍ତ୍ତିତ। ଏହି ବିବର୍ତ୍ତନ ପଦ୍ଧତି କେବଳ ଜୀବଜଗତର ଶାରୀରିକ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ, ଏହା ବି ମାନସିକ କୌଶଳ ଏବଂ ସାମାଜିକ ସହବନ୍ଧତା ଉପରେ ନିର୍ଭରଶୀଳ। ଯେଉଁ ପ୍ରାଣୀ ଏହି ଜୀବନର ପ୍ରତିଦ୍ୱନ୍ଦ୍ୱିତାରେ ପରାସ୍ତ ତାହାର ଜଗତରେ ସ୍ଥାନ ନାହିଁ।

କିନ୍ତୁ ସମସାମୟିକ ବିଶ୍ୱରେ ସାଧାରଣ ଲୋକମାନଙ୍କ ବିଷୟରେ ଇତିହାସ ନିରବ ଥିବା ବେଳେ, ଅନେକ ରାଜା, ସମ୍ରାଟ ଏବଂ ପଦସ୍ଥ ବ୍ୟକ୍ତିମାନଙ୍କ ଜୀବନ ବିଷୟରେ ସମ୍ୟକ ତଥ୍ୟ ଅବଗତ ହୁଏ। ସେଗୁଡିକ ଆମମାନଙ୍କ ପାଇଁ ଶିକ୍ଷଣୀୟ ବିଷୟ ଏବଂ ଆମ ଜୀବନକୁ ବାସ୍ତବ ମାନବିକ ସ୍ରୋତରେ ଭାସି ଚାଲିବାର ରାହା ଦେଖାଏ। ଅବାସ୍ତତାର ସୀମା କେଉଁଠି, ତାହା ମନକୁ ଆସେ। ଏମିତି କେତୋଟି ଆଶ୍ଚର୍ଯ୍ୟଜନକ ଜୀବନର କିଛି ଝାପ୍‌ସା କ୍ଷଣ ଆମକୁ ଚକିତ କରିଦିଏ।

ସମ୍ରାଟ ଅଶୋକ, ବିଶାଳ ବ୍ୟକ୍ତିତ୍ୱ ଏବଂ କୀର୍ତ୍ତିମାନ ପୁରୁଷ। ମାତ୍ର ତାଙ୍କର ପ୍ରାଥମିକ ଅବସ୍ଥାରେ ଜୀବର ଧାରା ଯାହା ଥିଲା, ସେ ସମୟକ୍ରମେ ନିଜକୁ ଅବାସ୍ତବତାରୁ ନିଜକୁ ସୁଧାରି ବାସ୍ତବତାକୁ ଆଦରି ନେଇଛନ୍ତି ସତ, କିନ୍ତୁ ଅବାସ୍ତବତାର ଭାର ଏତେ ବେଶି ଯେ ବିଦିଶା କିମ୍ବା କଳିଙ୍ଗ ସ୍ମରଣ ତାଙ୍କ ବିବେଚନା ଶକ୍ତିକୁ ଚିରକାଳ ପାଇଁ ପ୍ରତିଘାତ ଚାଲିଥିବ।

ତଥ୍ୟ ସମ୍ବନ୍ଧ –



୧. ମୋତିଲାଲ୍ ବନାରସିଦାସ, ୧୯୮୯, *The Legend of King Ashok: A Study and Translation of the Ashokavadana*

୨. ରୋମିଲା ଥାପର, ୧୯୭୩, *Ashok and the Decline of the Mauryas*

୩. *Quora Magazine Issues (*11, Feb 2018; 6, May 2018; 1, January 2019; 1, January 2021*)*


ବିଶେଷ ଦ୍ରଷ୍ଟବ୍ୟ – କେହି କେହି ଇଂରାଜୀ ସମୀକ୍ଷକ ଏହି ଅଶୋକ-ନର୍କକୁ ବିଶ୍ୱାସ କରନ୍ତି ନାହିଁ। ବୌଦ୍ଧଧର୍ମ ଧାରାରେ ଧର୍ମର ଗୁରୁତ୍ୱ ପାଇଁ ଏମିତି ଅତିରଞ୍ଜିତ ବର୍ଣ୍ଣନା ଥାଇପାରେ ବୋଲି ସେମାନେ ମତ ପୋଷଣ କରନ୍ତି। କିନ୍ତୁ ଫାହିଏନଙ୍କର ପଞ୍ଚମ ଓ ହୁଏନସାଂଙ୍କର ସପ୍ତମ ଶତାବ୍ଦୀରେ ଏହି ସ୍ଥାନ ଦର୍ଶନ ଏବଂ ସେମାନଙ୍କ ବିବରଣୀ କିଛିଟା ସତ୍ୟତା ଚଣ୍ଡ ଆଚରଣକୁ ପ୍ରମାଣିତ କରୁଛି।


ହାଲ୍ ଏରୋନଟିକସ୍, ସୁନାବେଡା
ମୋ – ୯୪୩୮୬୯୪୩୧୦

# ବ୍ୟର୍ଥ ଜୀବନ : ହିଟଲରଙ୍କର ଶେଷରାତି

*ଡା ସୋମନାଥ ପ୍ରସାଦ ଜେନା*

**ଜୀ**ବନ ବାସ୍ତବ, ଜୀବନ ସରଳ। ସୃଷ୍ଟି ମାତୃକାର ନିୟମ ସମ୍ପୂର୍ଣ୍ଣ ଜୀବଜଗତକୁ ବିଦିତ। ଜୀବନ ସୃଷ୍ଟି ହୋଇଛି ଜୀବନ ସୃଷ୍ଟି କରିବାକୁ, ଜୀବକୁ ପୋଷଣରେ ସହାୟକ ହେବାକୁ ଏବଂ ସାମୂହିକ ଭାବରେ ମାନବିକତା, ଜୀବ-ଦୟା, କରୁଣା ଆଦି ନୈସର୍ଗିକ ଆଚରଣ ଗୁଡ଼ିକ ଚରିତାର୍ଥ କରିବା ପାଇଁ। ଏମିତି କୌଣସି ପ୍ରାଣୀ ନାହିଁ ଯିଏ ଆଉ ଗୋଟିଏ ପ୍ରାଣୀର ନିଧନ ଚାହିଁବ; ମଣିଷ ତ ଦୂରର କଥା। ସଂସାରରେ ମଣିଷର ବୁଦ୍ଧିର ପରିମାପ ସର୍ବାଧିକ। ମଣିଷ ବିବେକବାନ୍। ପ୍ରତିଟି ସମସ୍ୟା ତା ମନରେ ସ୍ୱତଃ ବିଶ୍ଳେଷିତ ହୋଇଥାଏ। ମନ ଆଉ ବିବେକ, ଅଭିଜ୍ଞତା ଆଉ ଭବିଷ୍ୟତ, ବ୍ୟକ୍ତି ଆଉ ସମ୍ପ୍ରଦାୟ ସବୁର ସମଷ୍ଟି ତାର କାର୍ଯ୍ୟପନ୍ଥା ଭାବରେ ନିର୍ଯାସ ବା ନିଷ୍କର୍ଷରେ ରୂପାୟିତ ହୁଏ।

ତେବେ ଅଭିଜ୍ଞ ହିଟଲରଙ୍କର ଜୀବଦ୍ଦଶାରେ ଏମିତି ଅପ୍ରାକୃତିକ ଆସୁରିକ ମନୋଭାବ, କ୍ଷୟକାରୀ ଦୃଷ୍ଟି ଏବଂ ସଂହାରୀ ଦୁର୍ବୁଦ୍ଧି କିପରି ଆସିଲା, ସେ ଜୀବନର ଶେଷ କ୍ଷଣରେ ଅନୁଶୋଚନା କରି ନିଜ ଜୀବନକୁ ବ୍ୟର୍ଥ ମନେକରିଛନ୍ତି। ତାଙ୍କର ଜୀବନର ଶେଷ ରାତିଟି ଇତିହାସ ପୃଷ୍ଠାରେ ମଣିଷ ଜୀବନର ମୂଲ୍ୟବୋଧ ସମୀକ୍ଷାର ଅବଶ୍ୟ କିଛି ଅଂଶ ଅଧିକାର କରିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ କେତେଦିନ ହେବ ପଲଟି ଗଲାଣି। ୧୯୪୫ ମସିହା ଅପ୍ରେଲ ମାସର କଥା। ଜର୍ମାନର ଚାନ୍ସେଲର୍ ଆଡୋଲ୍ଫ ହିଟ୍ଲର୍ (ଫୁହେରର୍) ଅନୁଭବ କଲେଣି ଇଟାଲୀରେ ବେନିଟୋ ମୁସୋଲିନ୍ ବନ୍ଦୀ ହେଲେଣି ; ଜର୍ମାନର ମୁନିଚ୍ ସହରରେ ବିଦ୍ରୋହର ସୂତ୍ରପାତ ହୋଇଛି।

ରେଇଚ୍ ସହରର ଭୂମିତଳେ ଗଭୀର ବଙ୍କର ଭିତରେ ରହିଥିବା ହିଟଲର୍ ସତର୍କ ହୋଇଗଲେଣି ଯେ ରୁଷିଆର ସୈନ୍ୟମାନେ ତାଙ୍କ ବଙ୍କର ପାଖରେ ପହଞ୍ଚିବାକୁ ମାତ୍ର ୧୦୦୦ ଗଜ ବା ଅଧାମାଇଲ୍ ରାସ୍ତା ବାକି ଅଛି। ଭୂତଳବିଶିଷ୍ଟ ରାଜଧାନୀକୁ ଘେରାଉ କରିଥିବା ରୁଷ୍ ସୈନ୍ୟମାନଙ୍କୁ ମୁକାବିଲା କରି ହିଟ୍ଲରଙ୍କୁ ମୁକ୍ତ କରିବାକୁ ଜର୍ମାନ ନବମ ବାହିନୀ ଆର୍ମିକୁ ଆଦେଶ ଦିଆଯାଇଛି, କିନ୍ତୁ ତାହା ସମ୍ଭବ ମନେହୁଏନି। ମାତ୍ର ହିଟ୍ଲରଙ୍କ ମନରେ କ୍ଷୀଣ ଆଶା ରହିଛି ଜର୍ମାନର ଅପେକ୍ଷାକୃତ ଶକ୍ତିଶାଳୀ ଜେନେରାଲ ୱେଙ୍କଙ୍କ ଦ୍ୱାରା ପରିଚାଳିତ ଦ୍ୱାଦଶ ବାହିନୀ ନିଶ୍ଚୟ ଏହାକୁ ସମ୍ଭାଳି ନେବେ ଏବଂ ରୁଷୀୟ ବାହିନୀକୁ ହଟାଇପାରିବେ।

ଯାହା ହେଲେ ବି ହିଟ୍ଲର୍ ଜାଣିସାରିଛନ୍ତି, ସେ ଅବିଳମ୍ବେ ଆତ୍ମହତ୍ୟା କରିବେ। ଦିନ ସରିଗଲାଣି, ଜୀବନ ଆଉ କେଇ ଘଣ୍ଟା !

ଏଇଟା କରିବା ପୂର୍ବରୁ ତାଙ୍କର ଅନ୍ତିମ ଆକାଂକ୍ଷା ସେ ତାଙ୍କର ଦୀର୍ଘଦିନର ଗୃହସେବିକାଙ୍କୁ ବିବାହ କରିବେ। ଆହୁରି ବି ନିଜର ଅନ୍ତିମ ରାଜନୈତିକ ଦସ୍ତାବିଜ୍ ଏବଂ ବ୍ୟକ୍ତିଗତ ଉଇଲ୍ ଦସ୍ତଖତ କରିବେ। ଏ ଦୁଇ ଦାୟିତ୍ୱ ପରେ ମୃତ୍ୟୁ ହିଁ ଶ୍ରେୟସ୍କର।

ତାଙ୍କର ବ୍ୟକ୍ତିଗତ ସେକ୍ରେଟାରୀ, ୨୫ ବର୍ଷିୟା ତରୁଣୀ ଗେରଟ୍ରୁଡ୍ ଜଙ୍ଗ୍ ସଂଧ୍ୟାରେ ଘଣ୍ଟାଏ ବିଶ୍ରାମ ନେଇ ମୁହଁ ଧୋଇ ଅପେକ୍ଷା କରିଛନ୍ତି ଚା' ଖାଇବାପାଇଁ। ଏଇଟା ତାଙ୍କର ନିତିଦିନିଆ କଥା, ହିଟ୍ଲରଙ୍କ ସହିତ ଚା'ପାନ। ଅନ୍ୟମାନେ ବି ପ୍ରତିଦିନ ସନ୍ଧ୍ୟାରେ ତାଙ୍କ ସହିତ ଚା' ଖାଆନ୍ତି, ଆଉ ଜଣେ ସେକ୍ରେଟାରୀ ଫ୍ରା ଗର୍ଡା ଖ୍ରୀଷ୍ଟିଆନ୍, ନିରାମିଷ ରୋଷଣିଆ ଫ୍ରଲେନ୍ ମାଞ୍ଜିଆଲି। ଏଥିପାଇଁ ଯେତେବେଳେ ଜଙ୍ଗ ହିଟଲରଙ୍କ ଶିକ୍ଷାସଦନ ଦ୍ୱାର ଖୋଲନ୍ତି, ହିଟ୍ଲର୍ ଜଙ୍ଗଙ୍କ ଆଡ଼କୁ ଆସିଲେ ଏବଂ ହାତ ମିଳାଇ ପଚାରିଲେ, "ବେବି, ଟିକିଏ ବିଶ୍ରାମ ପାଇଲ ?"

"ହଁ, ସାର୍। ମୁଁ ଟିକିଏ ଶୋଇପାରିଛି", ଉତ୍ତର ଦେଲେ ଜଙ୍ଗ।

"ତେବେ ମୋ ସାଥିରେ ଆସ। ମୁଁ କିଛି ଡିକ୍ଟେସନ୍ ଦେବି।" ଆଦେଶ କଲେ ହିଟ୍ଲର୍। ସେତେବେଳକୁ ରାତି ୧୧.୩୦ ସମୟ ହେଲାଣି। ସେମାନେ ହିଟ୍ଲରଙ୍କ ବସା ସନ୍ନିକଟ କନ୍ଫରେନ୍ସ କକ୍ଷକୁ ଚାଲିଲେ। ଜଙ୍ଗ୍ ଟାଇପ୍ ରାଇଟରର ଉପର ଘୋଡଣି ଖୋଲିବାକୁ ଉଦ୍ୟତ ହେଉଛନ୍ତି। ସବୁଦିନ ସେ ଏମିତି ତାଙ୍କ କହିବା କଥାକୁ ସିଧାସଳଖ ଟାଇପ୍ କରିପାରନ୍ତି, ମାତ୍ର ହିଟ୍ଲର୍ କହି ଉଠିଲେ, "ଏଇଟା ସର୍ଟହ୍ୟାଣ୍ଡ ପ୍ୟାଡ୍ରେ ଟିପିନିଅ।" ଜଙ୍ଗ୍ ଟେବୁଲ୍ ପାଖରେ ବସିଲେ, ହିଟ୍ଲର୍ ସବୁଦିନ ପରି ଟେବୁଲ୍ର ଚଉଡା ପାର୍ଶ୍ୱରେ ଦୁଇହାତରେ ଟେବୁଲ ଉପରେ ହାମୁଡି ପଡ଼ି ଖାଲି ଟେବୁଲ୍କୁ ବିସ୍ଫାରିତ ନୟନରେ ଚାହିଁଲେ। ସେଦିନ ଟେବୁଲ ଉପରେ ଆଗଭଳି କୌଣସି ମାନଚିତ୍ର ରଖାଯାଇ ନଥିଲା।

କେତେ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ମୁହଁ ଖୋଲିଲେ ନାହିଁ, ତା ପରେ ପ୍ରଥମ କିଛି ଶବ୍ଦ ଉଚ୍ଚାରଣ କଲେ, "ମୋର ରାଜନୈତିକ ଇଚ୍ଛାପତ୍ର, ଆମର ସ୍ପଷ୍ଟୀକରଣ, ଆମପ୍ରତି ଦୋଷାରୋପ ଏବଂ ଆମର ଦାବି, ଯେଉଁ ଗୁଡ଼ିକ ମୁଁ,

ଜର୍ମାନର ଜନସାଧାରଣ ଏବଂ ସମଗ୍ର ବିଶ୍ୱବାସୀ ଜାଣିବେ।"

ରାଜନୈତିକ ଇଚ୍ଛାପତ୍ର ସମ୍ପୂର୍ଣ୍ଣ କଲାପରେ ସେ ବ୍ୟକ୍ତିଗତ ଇଚ୍ଛାପତ୍ର (ଉଇଲ୍)ର ଡିକ୍ଟେସନ୍ ଦେଲେ। ତାଙ୍କର ବ୍ୟକ୍ତିଗତ ଇଚ୍ଛାପତ୍ର ସଂକ୍ଷିପ୍ତ ଥିଲା। ଏହା ତାଙ୍କ ବିବାହର ବ୍ୟାଖ୍ୟା, ସମ୍ପତ୍ତିର ଭବିଷ୍ୟତ ଏବଂ ଆସନ୍ନ ମୃତ୍ୟୁର ଘୋଷଣା ଲିପିବଦ୍ଧ କରୁଥିଲା। ତାଙ୍କର ଶ୍ରୁତଲିଖନ ଦେବା ସରିଗଲା। ଡିକ୍ଟେସନ୍‌ର କୌଣସି ପରିବର୍ତ୍ତନ କଲେନାହିଁ। ସେ ଭରା ଦେଇଥିବା ଟେବୁଲ୍‌ରୁ ଦୂରେଇଗଲେ ଏବଂ କହିଲେ ମୋ ପାଇଁ ଏକାଥରକେ ତିନିଟି ନକଲ ସହ ଦଲିଲଗୁଡ଼ିକ ନେଇଆସ। ତତକ୍ଷଣାତ୍ ଦସ୍ତଖତ ହେବ। ଜଙ୍ଗ୍ ଅନୁଭବ କଲେ ତାଙ୍କ କଥାରେ ଗୁରୁତ୍ୱ ଏବଂ କ୍ଷିପ୍ରତା ରହିଛି। ବିଶ୍ୱର ଏମିତି ଗୁରୁତ୍ୱପୂର୍ଣ୍ଣ ହିଟ୍‌ଲରଙ୍କ ଦଲିଲ ପୁଣି ବିନା ସଂଶୋଧନରେ ପ୍ରେରିତ ହେଉଛି। ଜଙ୍ଗ୍ ସମ୍ପୂର୍ଣ୍ଣ ଅବଗତ ଏବଂ ଅଭ୍ୟସ୍ତ କୌଣସି ଅଧିକାରୀ କିମ୍ବା କଳାକାରଙ୍କ ପାଇଁ ଲିଖିତ ଜନ୍ମଦିନ ଶୁଭେଚ୍ଛା ବି ସବୁ ସମୟରେ କେତେ ପରିବର୍ତ୍ତିତ, ସଂଶୋଧିତ ଏବଂ ଅଳଙ୍କୃତ କରୁଥିଲେ ସ୍ୱୟଂ ହିଟ୍‌ଲର୍। ଆଜି ତାଙ୍କର ମୁହୂର୍ତ୍ତେ ସମୟର ବି ଅଭାବ।

ଜଙ୍ଗ୍ ତାଙ୍କର ନୋଟ୍‌ଖାତା ଓ ଟାଇପ୍‌ରାଇଟର୍ ଧରି ଆଲୋଚନା କକ୍ଷ ମଧ୍ୟରେ ବସି କାମରେ ଲାଗିଗଲେ। ଏହି କକ୍ଷଟି ଜର୍ମାନ ସଂପ୍ରଚାର ତଥା ଘୋଷଣା ମନ୍ତ୍ରୀ ଜୋସେଫ୍ ଗୋବେଲ୍‌ଙ୍କର ବ୍ୟକ୍ତିଗତ କକ୍ଷ ନିକଟରେ। ସେ ରାଷ୍ଟ୍ରନାୟକଙ୍କର ତ୍ୱରିତ ଆବଶ୍ୟକତା ହେତୁ ତରବରରେ ଦଲିଲଗୁଡ଼ିକ ଟାଇପ୍ କରିବାରେ ଲାଗିପଡ଼ିଲେ। ଏଗୁଡ଼ିକର ତିନି କିତା ନକଲ କରିବାରେ ଲାଗିପଡ଼ିଛନ୍ତି।

ଗୋଟିଏ ଭୋର ବେଳର ଶୁଭକାର୍ଯ୍ୟ। ବିନା ଔପଚାରିତାରେ। ସ୍ୱଳ୍ପ ବନ୍ଧୁ ଗହଣରେ। ଏଇଟା ହିଟ୍‌ଲର୍-ବ୍ରାଉନ୍ ବିବାହ। ଜଙ୍ଗ୍ କକ୍ଷ ଛାଡ଼ିବା ବେଳେ ଅତିଥିମାନେ ବିବାହ ମଣ୍ଡପ ଆଡ଼କୁ ପଶିଲେ। ହିଟ୍‌ଲର ତାଙ୍କ କକ୍ଷରେ ବସିଥିଲେ। କିଛି ଗଣ୍ୟମାନ୍ୟ ବ୍ୟକ୍ତି ଏହି ବିବାହକୁ ଆଡମ୍ବରପୂର୍ଣ୍ଣ ଭାବରେ ସମାହିତ କରିବାପାଇଁ ଲାଗିପଡିଲେ। ଆଲୋଚନା କକ୍ଷ ପଞ୍ଜୀକରଣ ଅଫିସ୍‌ରେ ପରିବର୍ତ୍ତିତ ହେଲା। ୱାଗ୍‌ନର ନାମକ ଜଣେ ମ୍ୟୁନିସିପାଲ କାଉନସିଲରଙ୍କୁ ପଞ୍ଜୀକରଣ ଅଧିକାରୀ ଭାବରେ ଦାୟିତ୍ୱ ଦିଆଗଲା। ବିବାହ ପର ଖାଇବାପିଇବା ବ୍ୟବସ୍ଥା ବି କରାଗଲା।

ଏ ସବୁ କାମ ସରିବା ବେଳକୁ ରାତି ଗୋଟାଏ ଉପରେ। ହିଟ୍‌ଲର୍ ଏବଂ ବ୍ରାଉନ୍ ହାତ ଧରାଧରି ହୋଇ ଆଲୋଚନା କକ୍ଷକୁ ଚାଲିଲେ। ହିଟଲରଙ୍କର ମୁହଁ ଶୁଖିଯାଇଥିଲା, ଫାଶୀଖୁଣ୍ଟକୁ ଉଠାଇବା ଦୋଷୀଟିଏ ପରି ଦିଶୁଥିଲା। ତାଙ୍କର ନଜର ଗୋଟିଏ ସନ୍ଦେହୀ ତସ୍କର ପରି ଚାରିଆଡ଼କୁ ଘୂରିବୁଲୁଥିଲା। ଇଭା ବ୍ରାଉନ୍ ବି ଅନେକ ରାତି ଅନିଦ୍ରା ଥିବାରୁ ମୁହଁର ଜ୍ୟୋତି ହରାଇ ଫିକା ଦେଖା ଯାଉଥିଲେ। ଆସନ୍ନ ବିପଦ ତାଙ୍କୁ ସଂକଟାପନ୍ନ କରି ଦେଇଥିଲା। ଦିନେ ହିମାଳୟ ଠାରୁ ଉଚ୍ଚ ସମ୍ମାନର ଫେହ୍‌ରର ଆଜି ମୃତ୍ୟୁର ଗଳାମାଳ ପିନ୍ଧିଛନ୍ତି।

ଆଲୋଚନା କକ୍ଷରେ ହିଟ୍‌ଲର୍ ଏବଂ ଇଭା ଟେବୁଲ୍ ଚାରିପାଖରେ ଥିବା ଗୋବେଲ୍ ଏବଂ ଅନ୍ୟ ଅଧିକାରୀମାନଙ୍କୁ ହିଟ୍‌ଲରଙ୍କର ସ୍ଥାନ ନେଇଥିବାରୁ ବଧାଇ ଦେଇଥିଲେ। ସେ ଦୁହେଁ ପ୍ରଥମ ଚଉକି ଦୁଇଟିରେ ବସିଲେ, ଦ୍ୱାରରୁଦ୍ଧ କରାଗଲା। ଦୁଇଜଣ ଘୋଷଣା କଲେ କି ସେମାନେ ବିଶୁଦ୍ଧ ଆର୍ଯ୍ୟବଂଶୀୟ ଏବଂ ବଂଶଗତ ବ୍ୟାଧିମୁକ୍ତ। କେତେ ମିନିଟ୍ ମଧ୍ୟରେ ସେମାନଙ୍କର ସମ୍ମତି ପଞ୍ଜୀକରଣରେ ରୂପାନ୍ତରିତ ହେଲା। ବିବାହ କାର୍ଯ୍ୟ ସମାପ୍ତହେଲା। କନ୍ୟା ଯେତେବେଳେ ବିବାହ ସାର୍ଟିଫିକେଟ୍‌ରେ ନିଜ ନାମ ଦସ୍ତଖତ କରିବାକୁ ଆସିଲେ, ସେ ଲେଖିଦେଲେ 'ଇଭା ବ୍ରାଉନ୍' ମାତ୍ର ଆଖି ପଲକରେ 'ବ' ଶବ୍ଦଟି କାଟି 'ଇଭା ହିଟ୍‌ଲର୍' କରିଦେଲେ। ଉପସ୍ଥିତ ଦର୍ଶକମାନେ ବିବାହ ଦଲିଲର ସାକ୍ଷୀ ପଡ଼ିଲେ। ବିବାହର ପ୍ରଥା ଅନୁସାରେ ହିଟ୍‌ଲର୍ ଇଭାଙ୍କ ହାତରେ ଚୁମ୍ବନ ଦେଲେ। ଦୁଇଜଣ କକ୍ଷରୁ ବାହାରି ଉପସ୍ଥିତ ଲୋକମାନଙ୍କ ସହିତ କରମର୍ଦ୍ଦନ କଲେ। ପରେ ସେ ଦୁହେଁ ନିଜର ବ୍ୟକ୍ତିଗତ କକ୍ଷକୁ ଯାଇ ବିବାହ ବ୍ରେକ୍‌ଫାଷ୍ଟ ଖାଇବାର ଆୟୋଜନ କଲେ ଉପସ୍ଥିତ ମୁଷ୍ଟିମେୟ ଅଧିକାରୀମାନଙ୍କୁ ଆମନ୍ତ୍ରଣ କଲେ।

ଏ ସବୁ ହେଉଥିବା ବେଳେ ଜଙ୍ଗ୍‌ଙ୍କୁ ସମୟ ନଥିଲା। ସେ ଟାଇପ୍ କାର୍ଯ୍ୟରେ ନିୟୋଜିତ ଥିଲେ। କେବଳ ମାତ୍ର ନବବିବାହିତଙ୍କୁ ଅଭିନନ୍ଦନ ଜ୍ଞାପନ କରିବାକୁ ପନ୍ଦର ମିନିଟ୍ ଆସିଥିଲେ। ସମସ୍ତଙ୍କୁ ଜଳଖିଆ ହିସାବରେ ସାମ୍ପେନ୍ ସାଣ୍ଡଉଇଚ୍ ଖାଇ ଗପ କରିବାର ଲକ୍ଷ୍ୟ କରିଥିଲେ। ସେତେବେଳେ ହିଟ୍‌ଲର୍ କହୁଥାନ୍ତି, ନେସନାଲ୍ ସୋସିଆଲିଷ୍ଟ ପାର୍ଟିର କାମ ସରିଗଲା, ତାଙ୍କୁ ଜଲଦି ହିଁ ଆତ୍ମହତ୍ୟା କରିବାକୁ ପଡିବ। ଭବିଷ୍ୟତ ଅନ୍ଧକାର। ମୃତ୍ୟୁ ହିଁ ତାଙ୍କୁ ଉପଶମ ଦେବ। ସେ ଜୀବନରେ କେତେ ବନ୍ଧୁମାନଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି।

ଏହା ମଧ୍ୟରେ ପାର୍ଟି ଚାଲିଛି।

ରୁଷ ବାହିନୀ ନିକଟରୁ ନିକଟତର ହେଲେଣି।

ନିଜେ ଦ୍ରୁତଗତିରେ ଟାଇପ୍ କରିବାରେ ବ୍ୟସ୍ତ, ତାରି ମଧ୍ୟରେ ହିଟ୍‌ଲର୍ ତିନିଥର ଆସି ବୁଝି ଯାଉଥାନ୍ତି, "ଜଙ୍ଗ, ତୁମେ ଟାଇପ୍ ସାରିଦେଲ ?" କିନ୍ତୁ ଜଙ୍ଗ୍ ଉତ୍ତର ଦେଉଥାନ୍ତି, "ନାଇଁ ଫୁହେରର୍, ମୁଁ ଲାଗିଛି, କାମ ସରିନାହିଁ।" ତାଙ୍କର ଏମିତି ଯିବାଆସିବା ଜଙ୍ଗ୍‌ଙ୍କ କାମକୁ ଆହୁରି ବିଳମ୍ବ କରାଉଥାଏ, ସେ ଧୈର୍ଯ୍ୟହୀନା ହୋଇ ପଡୁଥାନ୍ତି। ତାଙ୍କର ଅନେକ ଟାଇପ୍‌ଜନିତ ଦୋଷ ଘଟୁଥାଏ। ପୁଣି ରାଜନୈତିକ ଦସ୍ତାବିଜ୍ ଉପରେ ଏ ପର୍ଯ୍ୟନ୍ତ ନାମ ଗୁଡ଼ିକ ଠିକ୍ ନିର୍ଦ୍ଧାରିତ ହୋଇ ନଥିବାରୁ ପ୍ରତି ମୁହୂର୍ତ୍ତରେ ଗୋବେଲ୍ କି ବୋରମାନ୍ ଥରକୁ ଥର ଆସି ନୂଆ ନୂଆ ନାମ ଯୋଡୁଥାଆନ୍ତି। ତାହା ଜଙ୍ଗ୍‌ଙ୍କର ସଠିକ୍ କାର୍ଯ୍ୟକୁ ଓଲଟପାଲଟ୍ କରିଦେଉଥିଲା। ଠିକ୍ ସକାଳ ୫ଟା ବେଳକୁ ଟାଇପ୍ ସରିଗଲା, ଏତେ ତରବର ଯେ, ଗୋବେଲ୍ ନିଜେ ଆସି ଟାଇପ୍ ମେସିନ୍‌ରୁ କାଗଜ କାଟି ନେଇଗଲେ। ଜଙ୍ଗ୍‌ଙ୍କୁ ଥରେ ତଥ୍ୟ ମିଳାଇ ଦେଖିବାକୁ ସମୟ ବି ମିଳିଲାନି। ଭାବି ଚାନସେଲର୍ ଗୋବେଲଙ୍କୁ ଜଙ୍ଗ ପଚାରିଲେ, ମୋର ଆଉ କିଛି କରିବାର ଅଛି କି ? ଉତ୍ତର ମିଳିଲା, ନା, ଯାଅ, ଶୋଇପଡ।

ସକାଳ ୬ଟା ବେଳକୁ ରୁଷର ନିୟମିତ ବୋମାବର୍ଷଣ ଚାଲିଲା। ସକାଳୁ ସକାଳୁ ହିଟ୍‌ଲର ଚାହିଁଲେ ସେ ଦୁଇଟି ଦଲିଲର ତିନି କିତା ପଠାଇବା ସ୍ଥାନରେ ସୁରକ୍ଷିତ ଭାବରେ ପହଞ୍ଚିଯାଉ। ତିନିଟି କୋରିଅର ଦୂତମାନଙ୍କ ମାଧ୍ୟମରେ

ପଠାଗଲା ।

ହିଟ୍‌ଲର୍ ଦିନ ତିନିଟା ତିରିଶ ମିନିଟ୍ ଅପ୍ରେଲ ୩୦ ଦିନ ନିଜ ନବବିବାହିତା ପତ୍ନୀ ଇଭାଙ୍କ ସହିତ ଆତ୍ମହତ୍ୟା କଲେ ।

ମଣିଷ ଜୀବନଟା କେତେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ମୂଲ୍ୟହୀନ ତାହା କେବଳ ହିଟଲରଙ୍କ ଜୀବନୀରୁ ପ୍ରତିଫଳିତ ହୁଏ । ଏଇଟା ପ୍ରକୃତିର ନିୟମ ଯେ ନିଜ ଦୁର୍ବୁଦ୍ଧିରେ ଯେତିକି ଅନିଷ୍ଟ ଘଟାଏ, ତା ପାଇଁ ଭବିଷ୍ୟତ ସେତିକି ବିପଦ ସଂଚିଥାଏ । ଇତିହାସ ପୃଷ୍ଠାରେ ଯେଉଁ ହିଟ୍‌ଲର୍ ମଣିଷକୁ ଜୀଅନ୍ତା ପୋଡି, ପୋଡି, ଖଣ୍ଡବିଖଣ୍ଡିତ କରି ଅମାନବିକତାର ଚରମ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ, ସମୟ ତାର ରୂପ ଦେଖାଇଛି ଆତ୍ମଗୋପନ ସାତତାଳ ମାଟି ତଳ ବଙ୍କର ଭିତରେ ।

ସମାରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି
ମୋ - ୭୦୦୮୯୮୨୮୮୫



ବଙ୍କର୍‌ରେ ହିଟ୍‌ଲର୍‌ଙ୍କ କର୍ମସ୍ଥଳୀ

# ଜୀବନ ଜିଜ୍ଞାସା

*ଡକ୍ଟର ଉର୍ମିମାଳା ଆଚାର୍ଯ୍ୟ*

**ସ**ବୁବେଳେ ଆମେ ଭାବୁ ଯେ ଆମେ ଯାହା କରୁଛୁ ତା ଏକଦମ୍ ଠିକ୍ ନିଜ ଚିନ୍ତାଧାରାକୁ ସମସ୍ତଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରୁ ଏବଂ କେତେ ପ୍ରକାରର ଯୁକ୍ତି ମଧ୍ୟ ଉପସ୍ଥାପିତ କରୁ । ଅନ୍ୟମାନଙ୍କ କଥା ବିଶେଷ କରି ନିଜର ହିତାକାଂକ୍ଷୀ ମାନଙ୍କର କଥା ଆମକୁ ବିଷତୁଲ୍ୟ ପ୍ରତୀତ ହୁଏ । ଆମେ ସମାଜରେ ଥିବା ଅନେକ ପ୍ରଥା ଏବଂ ପରମ୍ପରାକୁ ଅନ୍ଧବିଶ୍ୱାସ ଭାବିଥାଉ । ଅନେକ ସମୟରେ ଆମେ ଯେଉଁ ରାସ୍ତାକୁ ଲୋଭନୀୟ ତଥା ସୁବିଧାଜନକ ମନେକରୁ ବାସ୍ତବରେ ତାହା ଅଗମ୍ୟ କଣ୍ଟକିତ ହୋଇଥାଇପାରେ । ଏକଥାକୁ ଭୁଲିଯାଉ । ମରୀଚିକା ଅନେକ ସମୟରେ ଜଳର ଭ୍ରମ ସୃଷ୍ଟି କରି ମନୁଷ୍ୟକୁ ନିଜ ମାୟାଜାଲରେ କବଳିତ କରେ । କେବେ କେବେ କେହି ପରମ ହିତୈଷୀ ଆଲୋକ ବର୍ତ୍ତିକା ଦେଖାଇ ଆଗକୁ ଯିବପାଇଁ ରାସ୍ତା ଦେଖାଇଥାଏ । ଅଥଚ ଅଜ୍ଞାନତା ତଥା ଅପରିମାଣଦର୍ଶିତା ଯୋଗୁଁ ସେହି ପଥପ୍ରଦର୍ଶକଙ୍କୁ ଆମେ ଅବହେଳା କରୁ । ତେଣୁ ଆବଶ୍ୟକତା ବେଳେ ସେ ଆଉ ଆମ ପାଖରେ ନ ଥାନ୍ତି ଏବଂ କେବଳ ପଶ୍ଚାତ୍ତାପ ହିଁ ସାର ହୋଇଥାଏ ।

ବିଥିକା ଏହି ଗ୍ରୀଷ୍ମକାଳର ମଧ୍ୟାହ୍ନରେ ରମେଶ ବାବୁଙ୍କ ଘରକୁ ବାହାରି ପଡ଼ିଲା । ଯେପରି ହେଉ ତା କେଶ୍‌ର କିଛି ଏକ ସମାଧାନ କରିବାକୁ ପଡ଼ିବ । ରମେଶ ବାବୁ ଜଣେ ନାମଜାଦା ଓକିଲ । ବିଶେଷ କରି ବିବାହ ବିଚ୍ଛେଦର । ଯେତେକ ଫ୍ୟାମିଲି କୋର୍ଟର କେସ୍ ପ୍ରାୟତଃ ତାଙ୍କ ପାଖକୁ ଆସିଥାଏ । ସେ ହିନ୍ଦୁ ବିବାହ ଅଇନର ତର୍ଜମାରେ ବିଶେଷ ପାରଦର୍ଶୀ ଥିଲେ । ତେଣୁ ତାଙ୍କ ମାଧ୍ୟମରେ ଏହିପରି କେସ୍‌ର ଶୀଘ୍ର ସହଜରେ ସମାଧାନ ହୋଇଥାଏ ।

ବିଥିକା ଜୀବନରେ ସେହିପରି ଏକ ଭୟଙ୍କର ତୋଫାନ ଆସିଲା ଏବଂ ସେହି ଦୁଃସମୟରେ କିଛି ଠିକ୍ ଉପଦେଶ ଦେବା ପାଇଁ ଏବଂ ପରିସ୍ଥିତିର ସାମ୍ନା କରିବା ପାଇଁ କେହି ହେଲେ ଜଣେ ଶୁଭାକାଂକ୍ଷୀ ନଥିଲେ । ପିତା ମାତାଙ୍କ ଇଚ୍ଛା ବିରୁଦ୍ଧରେ ସେ ବିବାହ କରିଥିବାରୁ ମୃତ୍ୟୁ ପର୍ଯ୍ୟନ୍ତ ସେମାନେ କେବେ ବି ବିଥିକା ସହିତ ନା କଥା ହୋଇଛନ୍ତି ନା ମିଶିଛନ୍ତି । ବିଥିକା କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ବିବାହ ତ କରିନେଲା ମାତ୍ର ଏହା ତା ଜୀବନର ସବୁଠାରୁ ବଡ଼ ଭୁଲ ଥିଲା ବୋଲି ସେ ଅନୁଭବ କଲା । ସେ ଜାଣିନଥିଲା ଯେ ବିକ୍ରାନ୍ତର ପରିବାର ମଧ୍ୟ ତାକୁ ସ୍ୱୀକାର କଲେନି । ସେ ଘର ଛାଡ଼ି ଚାଲି ଆସିବାର ବର୍ଷକ ପରେ ବାପା ଏବଂ ମା ଜଣଙ୍କ ପରେ ଜଣେ ଚାଲିଗଲେ । ଭାଇ ବିକ୍ରମ ବିଭାଘର ପୂର୍ବରୁ ମଧ୍ୟ ତାର ନିଷ୍ପତ୍ତିକୁ ବିରୋଧ କରୁଥିଲା । ସମଗ୍ର ପରିବାରର ସଦସ୍ୟଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ସେ ବିକ୍ରାନ୍ତକୁ ରେଜେଷ୍ଟ୍ରି ମ୍ୟାରେଜ କରିଥିଲା । ଏହିପରି କିଛିଦିନ ତ କଟିଗଲା ମାତ୍ର ଦୁଇ ବର୍ଷ ମଧ୍ୟରେ ବିକ୍ରାନ୍ତର ଜୀବନଶୈଳୀ ତଥା ତାର କାର୍ଯ୍ୟକଳାପକୁ ବିଥିକା ସହ୍ୟ କରିପାରିଲାନି । ଦୀର୍ଘ । ପାଞ୍ଚବର୍ଷ ଅନେକ ନିର୍ଯାତନା ସେ ସହି ଆସିଥିଲା ମାତ୍ର ଯେତେବେଳେ ବିକ୍ରାନ୍ତ ପ୍ରତିଦିନ ଯୁବକ ଓ ଯୁବତୀ ବନ୍ଧୁମାନଙ୍କୁ ଆଣି ଘରେ ମଦ୍ୟପାନ କଲା ତଥା ତା ଉପରେ ଶାରୀରିକ ଅତ୍ୟାଚାର କଲା । ସେ ଅତିଷ୍ଠ ହୋଇ ତା ପାଖ ଛାଡ଼ି ପଳାଇଆସିଲା । ସାଙ୍ଗ ପଲ୍ଲବୀ ଘରେ ଲୁଚି ରହି କିଛିଦିନ ପରେ ଟ୍ରାନ୍ସଫର ନେଇ ହାଇଦ୍ରାବାଦ ପଳାଇ ଆସିଲା । ମାତ୍ର ହାଇଦ୍ରାବାଦରେ ମଧ୍ୟ ବିକ୍ରାନ୍ତ ପହଞ୍ଚି ତାକୁ ନାନା ପ୍ରକାର ହଇରାଣ କରିବା ସହିତ ପଇସା ମାଗିବାକୁ ଲାଗିଲା । ଅତିଷ୍ଠ ହୋଇ ବିଥିକା ସାଙ୍ଗ ରାଧିକାକୁ ସବୁ କଥା କହିଲା । ରାଧିକା ତା'ର ପିଲାବେଳର ସାଙ୍ଗ, ତେଣୁ ସେ ତାକୁ ତା ସ୍ୱାମୀ ରମେଶ ବାବୁଙ୍କ ପାଖକୁ ନେଇଗଲା । ରମେଶ ବାବୁ ଜଣେ ନାମୀ ତଥା ପୋଖତ ଓକିଲ ଥିଲେ । ତାଙ୍କ ପାଖରେ ପହଞ୍ଚି ସେ ସମସ୍ତ ଘଟଣା ଏବଂ ସମସ୍ୟା ବିଷୟରେ ଜଣାଇଲା ।

ରମେଶ ବାବୁଙ୍କ ସହାୟତାରେ ତା'ର ବିବାହ ବିଚ୍ଛେଦ କେସ୍ ହାଇଦ୍ରାବାଦର ଫ୍ୟାମିଲି କୋର୍ଟରେ ଆରମ୍ଭ ହେଲା । କାରଣ ତା'ର ବିବାହ ମଧ୍ୟ ଏହିଠାରେ ହୋଇଥିଲା । ତା'ର ବାପା ସେତେବେଳେ ହାଇଦ୍ରାବାଦରେ ଚାକିରି କରୁଥିଲେ ଏବଂ ସେ ଏଇଠି ହିଁ ପଢୁଥିଲା । ବିକ୍ରାନ୍ତ ତା'ର ସହପାଠୀ ଥିଲା । ଉଭୟଙ୍କ ମଧ୍ୟରେ ଯେତେବେଳେ ସମ୍ପର୍କ ବଢ଼ିଲା ଏବଂ ପିତା ମାତାଙ୍କର କଡ଼ା ବିରୋଧ ହେବାର ଦେଖିଲା ସେମାନେ ବାଧ୍ୟ ହୋଇ ହାଇଦ୍ରାବାଦ କୋର୍ଟରେ ରେଜେଷ୍ଟ୍ରୀ ବିବାହ କରିଥିଲେ । ବାହାଘର ପରେ ସେମାନେ ଦିଲ୍ଲୀ ଚାଲିଯାଇଥିଲେ ରମେଶ ବାବୁଙ୍କୁ ଫୋନ୍ କରି ସେ ଘରେ ଅଛନ୍ତି ଜାଣି ଦିନ ଦୁଇଟା ବେଳକୁ ଯାଇ ତାଙ୍କ ଘରେ ପହଞ୍ଚିଲା । ଏତେ ଖରା ତଥା ଗରମରେ ସେ ସ୍କୁଟିରେ ଯାଇଥିବାରୁ ତା ମୁହଁ ଲାଲ ପଡ଼ିଯାଇଥାଏ ତଥା ସେ ପୂରା ଝାଳରେ ଗାଧୋଇ ପଡ଼ିଥାଏ । ପହଞ୍ଚିଲା ପରେ ଘରର ସିକ୍ୟୁରିଟି ଗାର୍ଡ଼ ତାକୁ ନେଇ ଡ୍ରଇଁ ରୁମରେ ବସାଇଲା । କିଛି ସମୟ ପରେ ଜଣେ ବୃଦ୍ଧା ମହିଳା ଆସି ତାକୁ ଥଣ୍ଡାଦହି ପାଣି ପିଇବାକୁ ଦେଲେ । ତୃଷାରେ ବ୍ୟାକୁଳ ବିଥିକା କିଛି ନ କହି ତାଙ୍କ ହାତରୁ ଗ୍ଲାସ ନେଇ ଢ଼କଢ଼କ କରି ସବୁ ପିଇଗଲା ଏବଂ ବୃଦ୍ଧାଙ୍କ ମୁହଁକୁ ଚାହିଁ ଆଉ ସାଧା ପାଣି ଆଣିବାକୁ କହିଲା । ବୟସ୍କା ମହିଳା

ଜଣକ ତା ମୁହଁକୁ ଚାହିଁ ଅଳ୍ପ ହସିଲେ ଏବଂ ଘର ଭିତରକୁ ଯାଇ ଗୋଟିଏ ପାଣି ବୋତଲ ତଥା ଗ୍ଲାସ ନେଇ ଆସିଲେ। ବିଥିକା ଧନ୍ୟବାଦ କହି ପାଣି ପିଇଲାପରେ ଟିକେ ଆରାମ ଅନୁଭବ କଲା। ବୃଦ୍ଧା ମହିଳା ଜଣଙ୍କ ତା ପାଖରେ ବସି ପଡ଼ିଲେ ଆଉ ଅଳ୍ପ ହସି କହିଲେ ରାଧିକା ଗାଧୁଆଘରେ ଅଛି। ସେ ଟିକେ ଡ଼େରିରେ ଆସିବ। ମୁଁ ରାଧିକାର ଶାଶୂ ରମେଶର ମା।

ବିଥିକା ରମେଶ ବାବୁଙ୍କ କଥା ପଚାରିବାରୁ ସେ କହିଲେ ହଁ ସିଏ ମଧ ୧୦/୧୫ ମିନିଟ୍ ଭିତରେ ପହଞ୍ଚିବ। ବିଥିକା ତାଙ୍କ ମୁହଁକୁ ଚାହିଁଲା ତାକୁ ଲାଗିଲା ସେ ଯେପରି ନିଜ ବୋଉକୁ ଦେଖୁଛି। ସେମିତି ନାଲି ସିନ୍ଦୂର ଟୋପାଟି ଦାଉ ଦାଉ ହୋଇ ଜଳୁଛି। ଅଧା କଳା, ଧଳା କେଶର ସୁନ୍ଦର ଖୋଷାଟିଏ। ସେ ବିଥିକାକୁ କହିଲେ, ଝିଅ ତୁମେ ଏଇଠି ବସିଥାଅ ମୁଁ ଯାଇ ମଉସା ଅର୍ଥାତ୍ ମୋ ସ୍ୱାମୀଙ୍କୁ ଔଷଧ ଦେଇ ଅସେ। ବିଥିକା ମନେ ମନେ ଭାବିଲା ଏତେ ବୟସରେ ମଧ ମାଉସୀ ନିଜ ସ୍ୱାମୀଙ୍କ ସେବା କରୁଛନ୍ତି। ସାହସର ସହିତ କହିଲା ଚାଲନ୍ତୁ ମାଉସୀ ମୁ ମଧ ଆପଣଙ୍କ ସାଙ୍ଗରେ ଯାଇ ମଉସାଙ୍କୁ ସାକ୍ଷାତ କରିବି। ଘର ଭିତରକୁ ଯାଇ ବିଥିକା ଦେଖିଲା ଯେ ରମେଶ ବାବୁଙ୍କ ବାପା ଏକ ଖଟ ଉପରେ ଶୋଇଛନ୍ତି। ତାଙ୍କ ମୁଣ୍ଡ ପାଖରେ କେତେ ପ୍ରକାରର ଔଷଧ ଥୁଆ ହୋଇଛି। ସମସ୍ତ ଆସବାବ ପତ୍ର ତଥା ପୁସ୍ତକ ଏବଂ ବସ୍ତୁ ଆଦି ସୁବ୍ୟବସ୍ଥିତ ଢ଼ଙ୍ଗରେ ରଖାଯାଇଛି। ବିଥିକା ତାଙ୍କ ପାଦଛୁଇଁ ପ୍ରଣାମ କଲା। ସେ ତାଙ୍କ ସ୍ତ୍ରୀଙ୍କ ମୁହଁକୁ ଚାହିଲେ। ଯେପରି ସେ ଜାଣିବାକୁ ଚାହୁଁଥିଲେ ତା'ର ପରିଚୟ। ମାଉସୀ କହିଲେ ସେ ରାଧିକାର ସାଙ୍ଗ ସେଠାରେ ବସୁ ବସୁ ସେମାନଙ୍କ ଆତ୍ମୀୟତାରେ ବିଥିକା ଆତ୍ମମଗ୍ନ ହୋଇଗଲା ଏବଂ କଥାଛଳରେ ନଜ ବିଷୟରେ ସବୁ କଥା କହିଲା। ସମସ୍ତ କଥା ଶୁଣି ରମେଶ ବାବୁଙ୍କ ବାପା ଦୁଃଖ ପ୍ରକଟ କରି କହିଲେ ତୁମେ ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ମା, ବାପାଙ୍କୁ ଛାଡ଼ି ଚାଲିଯାଇ ଠିକ୍ କରିନ। ତେବେ ଯାହା ହେବାର କଥା ହେଇଯାଇଛି। ଏବେ ତୁମେ ମା' ବାପାଙ୍କ ଅବର୍ତ୍ତମାନରେ କ'ଣ କରିବ? ବିଥିକା ତାଙ୍କୁ କହିଲା ବାପା ଏହି ହାଇଦ୍ରାବାଦରେ ଏକ ଆପାର୍ଟମେଣ୍ଟ କିଣିଥିଲେ। ସେଇଟା ଏବେ ଖାଲି ଅଛି। ଭାଇ ତ ଯାଇ ଜର୍ମାନୀରେ ଅଛି। ତେଣୁ ଭାବୁଛି ଭାଇ ସାଥିରେ କଥା ହୋଇ ସେଇ ଆପାର୍ଟମେଣ୍ଟରେ ରହିବି। ଇତ୍ୟବସରେ ରମେଶ ବାବୁ ଆସି ପହଞ୍ଚିଲେ। ବିଥିକା ଯାଇ ତାଙ୍କ ସାଥିରେ କେଶ୍ ସମ୍ବନ୍ଧିତ ସମସ୍ତ କଥା କହିଲା। କଥାଛଳରେ ଏକଥା ମଧ କହିଲା ଯେ, ବିକ୍ରାନ୍ତର ଓକିଲ ହେଉଛନ୍ତି ପ୍ରଶାନ୍ତ ବାବୁ। ସେ ଜଣେ ଅତି ନାମଜାଦା ଉଦାର ହୃଦୟର ଓକିଲ। ମୁଁ ତାଙ୍କୁ ପିଲାବେଳୁ ଜାଣିଛି କାରଣ ସେ ମୋ ବାପାଙ୍କର ଆଡ଼ଭୋକେଟ୍ ଥିଲେ। ରମେଶ ବାବୁ ଆଲୋଚନା ପରେ ସମସ୍ତ କାଗଜ ପତ୍ର ରଖିଲେ ଏବଂ ବିଥିକାକୁ ସାନ୍ତ୍ୱନା ଦେଲେ, ବିଥିକା ଘରକୁ ଚାଲି ଆସିଲା।

ରାତିରେ ବିକ୍ରାନ୍ତ ଆସି ପୁଣି ତା ଆପାର୍ଟମେଣ୍ଟ ଆଗରେ ପାଟିତୁଣ୍ଡ କରି ବହୁତ ବ୍ୟତିବ୍ୟସ୍ତ କଲା। ପାଖରେ ଥିବା ପଡ଼ିଶାମାନେ ବାହାରକୁ ଆସି ଏହି କାଣ୍ଡ କାରଖାନା ଦେଖୁଥାନ୍ତି। କେହି କେହି ମଧ ଭିଡ଼ିଓ ଉତ୍ତୋଳନ କରୁଥାନ୍ତି। ମାତ୍ର କେହିହେଲେ ବିକ୍ରାନ୍ତକୁ ରୋକୁନଥାନ୍ତି। ବାଧ ହୋଇ ବିଥିକା ପୋଲିସ୍‌କୁ ଫୋନ୍‌ରେ ଡ଼ାକିବାରୁ ବିକ୍ରାନ୍ତ ପଳାଇଗଲା। ରମେଶ ବାବୁ ପୋଲିସ୍ ଏସ୍.ପି.ଙ୍କୁ ଫୋନ୍ କରି ତା ପାଇଁ ସିକ୍ୟୁରିଟି ଗାର୍ଡ଼ର ବ୍ୟବସ୍ଥା କରାଇଲେ। ତଥାପି ବିକ୍ରାନ୍ତର ଭୟରେ ସେ ବାହାରକୁ ବାହାରିବାକୁ ମଧ ଡ଼ରିଲା କାରଣ ବିକ୍ରାନ୍ତ ତାକୁ ମାରିଦେବାର ଧମକ ଦେଇ ଯାଇଥିଲା।

ବିଥିକା ଅତିଷ୍ଠ ହୋଇ ଭାଇ ବିକ୍ରମକୁ ଫୋନ୍ କରି ସମସ୍ତ କଥା ଜଣାଇଲା ଏବଂ ବାପାଙ୍କ ଆପାର୍ଟମେଣ୍ଟରେ ରହିବାକୁ ଅନୁରୋଧ କଲା। ବିକ୍ରମ ତ ପ୍ରଥମରୁ ବିଥିକାର ବିବାହକୁ ନେଇ ଅସନ୍ତୁଷ୍ଟ ଥିଲା ତେଣୁ ସେ କହିଲା ତୁ ଆମମାନଙ୍କ ପାଇଁ ମରିଯାଇଛୁ। ବାପା, ମା ତ ତୋ ମୁହଁ ଚାହିଁବାକୁ ମନା କରିଦେଇଥିଲେ। ତୋରି ପାଇଁ ବାପାଙ୍କର ହାର୍ଟ ଷ୍ଟ୍ରୋକ୍ ହୋଇ ସେ ଚାଲିଗଲେ। ତାଙ୍କୁ ଝୁରି ଝୁରି ମା' ମଧ ଚାଲିଗଲା। ତେଣୁ ତୋ ସହିତ ମୋର କିଛି ସମ୍ପର୍କ ନାହିଁ ଏହାକହି ଫୋନ୍ ରଖିଦେଲା। ବିଥିକା ଅନୋନ୍ୟପାୟ ହୋଇ ପ୍ରଶାନ୍ତ ବାବୁଙ୍କୁ ଫୋନ୍ କରି କହିଲା ଆପଣ ଟିକେ ମୋ ଭାଇକୁ ବୁଝନ୍ତୁ ମୁଁ ଯାଇ ବାପାଙ୍କ ଆପାର୍ଟମେଣ୍ଟରେ ରହିବି। ମୋତେ ଏଠାରେ ବିକ୍ରାନ୍ତ ଆସି ବହୁତ ହଇରାଣ କରୁଛି। ଦୟାକରି ଆପଣ ମୋତେ ଟିକେ ସାହାଯ୍ୟ କରନ୍ତୁ ବାପାଙ୍କ ଆପାର୍ଟମେଣ୍ଟରେ ମୁଁ ନିଜକୁ ସୁରକ୍ଷିତ ଅନୁଭବ କରିବି। ପ୍ରଶାନ୍ତ ବାବୁ ହଉ କହି ଫୋନ୍ ରଖିଦେଲେ।

ତା ପରଦିନ ସକାଳୁ ବିକ୍ରମ ଫୋନ୍ କରି କହିଲା ଠିକ୍ ଅଛି ତୁ ସେ ଆପାର୍ଟମେଣ୍ଟରେ ଯାଇ ରହିପାରୁ। କେୟାରଟେକର ପାଖରେ ଚାବିଅଛି ତା'କୁ ମୁଁ କହିଦେଉଛି ତୁ ତା'ଠାରୁ ଚାବି ନେଇ ସେ ଆପାର୍ଟମେଣ୍ଟରେ ରହ। ବିଥିକା ଟିକେ ଆଶ୍ୱସ୍ତ ହୋଇ ବେଗମପେଟର ସେହି ଆପାର୍ଟମେଣ୍ଟକୁ ଗଲା ଏବଂ କେୟାରଟେକର ଶଙ୍କରନ୍ ପାଖରୁ ଚାବି ଆଣି ଘର ଖୋଲିଲା ସେ ଦେଖିଲା ଯେଉଁ ଜିନିଷ ଯେଉଁଠି ଥିଲା ତାହା ସେଠି ସେହିପରି ଅଛି କେୟାରଟେକରକୁ କହି ଘରକୁ ସଫା ସୁତରା କରାଇଦେଲା ଏବଂ ନିଜର ଜିନିଷପତ୍ର ଆଣି ସେ ଘରେ ଆସି ରହିଲା। ବିକ୍ରାନ୍ତ ଏଠାକୁ ଆସି ଗଣ୍ଡଗୋଳ କରିବାକୁ ସାହାସ କଲାନି। ବିଥିକା ଏଠାରେ ନିରାପଦ ଏବଂ ସୁରକ୍ଷିତ ମନେ କଲା। ତା'ପରେ କେଶ୍ ଚାଲିଲା। ବିଥିକା କୋର୍ଟକୁ ଯାଇ ପ୍ରତି ତାରିଖରେ ରମେଶ ବାବୁଙ୍କ ନିର୍ଦ୍ଦେଶାନୁସାରେ ସମସ୍ତ କାଗଜପତ୍ର ତଥା ଆବଶ୍ୟକ କାର୍ଯ୍ୟ କରୁଥିଲା। ମାତ୍ର କେସ୍ ଚାଲିଥିବା ସମୟରେ ସେ ଜାଣିବାକୁ ପାଇଲା ଯେ ସେ ଯାହାକୁ ବିକ୍ରାନ୍ତ ଭାବୁଥଲା ତା'ର ଅସଲ ନାମ ବାବର। ତା'ର ପ୍ରକୃତ ପିତା, ମାତା କେରଳର ଏକ ମୁସଲମାନ ପରିବାରର । ମାତ୍ର ସେ ନିଜ ନାମ ବଦଳାଇ ହାଇଦ୍ରାବାଦରେ ବିକ୍ରାନ୍ତ ନାମରେ ପଢୁଥିଲା। ସମସ୍ତ ଡ଼କୁମେଣ୍ଟ ତଥା କାଗଜପତ୍ର କୋର୍ଟରେ ଦେଖାଇ ରମେଶ ବାବୁ ଏହା ପ୍ରମାଣିତ କରିଦେଲେ ଯେ ବିଥିକା ସହିତ ଷଡ଼ଯନ୍ତ୍ର କରାଯାଇଥିଲା ଏବଂ ସେ ବହୁତ ଅତ୍ୟାଚାରିତ ତଥା ଅସୁରକ୍ଷିତ ଅଟେ ତେଣୁ ତକୁ ବିବାହ ବିଛେଦ ପାଇଁ ସୁଯୋଗ ଦିଆଯାଉ। ପ୍ରଶାନ୍ତ ବାବୁ ବିକ୍ରାନ୍ତର ଓକିଲ ହୋଇ ମଧ ସମସ୍ତ କାଗଜପତ୍ର ସେ ଗୋପନରେ ରମେଶ ବାବୁଙ୍କୁ ଦେଇଥିଲେ। ବହୁତ ତର୍କ ବିତର୍କ ମଧରେ ବିଥିକା ଜିତିଗଲା ତଥା ତାକୁ ଡ଼ିଭୋର୍ସ ମିଳିଗଲା।

ଘରକୁ ଫେରି ବିଥିକା ବାପା, ମାଙ୍କ ଫଟୋ ପାଖରେ ବହୁତ କାନ୍ଦିଲା। ସେ ଯେ କିପରି ଷଡ଼ଯନ୍ତ୍ରର ଶିକାର ହୋଇଥିଲା ଏବଂ ବାପା, ମାଙ୍କ କଥା ମାନି ନଥିଲା ସେଥିପାଇଁ ବହୁତ ପଶ୍ଚାତାପ କଲା। ବାପା, ମାଙ୍କ ଫଟୋ ଧରି

କାନ୍ଦୁ କାନ୍ଦୁ କେତେବେଳେ ଯେ ଶୋଇ ପଡ଼ିଛି ତା'ର ମନେନାହିଁ । ବହୁତ ଦିନପରେ ସେ ଶାନ୍ତିରେ ଅଚିନ୍ତା ନିଦରେ ଶୋଇ ପଡ଼ିଥିଲା । ତା ପରଦିନ କଲିଂବେଲ ବାଜିବାରୁ ସେ ଯାଇ କବାଟ ଫିଟାଇ ଦେଖିଲା ପ୍ରଶାନ୍ତ ବାବୁ ଠିଆ ହୋଇଛନ୍ତି । ସେ ନିଜକୁ ବିଶ୍ୱାସ କରିପାରିଲା ନାହିଁ । ପ୍ରଶାନ୍ତ ବାବୁ କହିଲେ ମୁଁ ଭିତରକୁ ଆସିପାରେ କି ? ବିଥିକା ଅପ୍ରସ୍ତୁତ ହୋଇ ତାଙ୍କ ପାଦଛୁଇଁ ମୁଣ୍ଡିଆ ମାରିଲା ତଥାରକୁ ଡ଼ାକି କହିଲା ହିଁ ମଉସା ଆସନ୍ତୁ । ମୁଁ ଶୋଇପଡ଼ିଥିଲି କେତେବେଳେ ୯ଟା ବାଜିଲାଣି ଜାଣିପାରିବି । ପ୍ରଶାନ୍ତ ବାବୁ କହିଲେ ଠିକ୍ ଅଛି ମୁଁ ଅପେକ୍ଷା କରିଛି ତୁ କାମ ସାରି ଆସେ । ହଁ ମୁଁ ୧୦ମିନିଟ୍ ମଧ୍ୟରେ ଆସୁଛି କହି ବିଥିକା ବାଥରୁମ ଯାଇ ନିଜ ନିତ୍ୟକର୍ମ ଶେଷ କରି ଆସି ପ୍ରଶାନ୍ତ ବାବୁଙ୍କ ପାଖରେ ବସିଲା । ପ୍ରଶାନ୍ତ ବାବୁ କହିଲେ ତୁ ମୋତେ ଦେଖି ଆଶ୍ଚର୍ଯ୍ୟ ହେଇଯାଇଥିବୁ । ମାତ୍ର ତୁମ ବାପା ବଳରାଜ ବାବୁ ମୋତେ କହିଥିଲେ ତୁ ନିଶ୍ଚୟ ଦିନେ ଫେରିବୁ । ସେତେବେଳେ ଏ କାଗଜପତ୍ର ତୋତେ ଦେଇ ଦେବାକୁ କହିଯାଇଥିଲେ । ବିଥିକା ଆଶ୍ଚର୍ଯ୍ୟରେ କହିଲା କି କାଗଜପତ୍ର ମଉସା ବାପାଙ୍କ ପାଖରେ ମୁଁ ଅକ୍ଷମଣୀୟ ଅପରାଧିନୀ । ସେ ତ ଚାଲି ଗଲେଣ । ମୁଁ ତାଙ୍କ ପାଇଁ ଆପଣଙ୍କ ପାଖରେ କ୍ଷମା ମାଗୁଛି । ମୁଁ ଜୀବନରେ ଯେଉଁ ମସ୍ତବଡ଼ ଭୁଲ୍ କରିଛି ତା'ର ପ୍ରାୟଶ୍ଚିତ ନାହିଁ । ପ୍ରଶାନ୍ତ ବାବୁ କହିଲେ ହଁ ବଳରାଜ ବାବୁ ମଧ୍ୟ ସେହି କଥା କହୁଥିଲେ । ପ୍ରଥମରୁ ହିଁ ସେ ବିକ୍ରାନ୍ତର ଚକ୍ରାନ୍ତ ବିଷୟରେ ଜାଣି ପାରିଥିଲେ ତେଣୁ ସେ ହିଁ ସମସ୍ତ କାଗଜପତ୍ର ଏକାଠି କରି ଦେଇଯାଇଥିଲେ । କାରଣ ସେ ମଧ୍ୟ ସନ୍ଦେହ କରୁଥିଲେଯେ ବିକ୍ରାନ୍ତ ଓରଫ ବାବର ତୋ ସହିତ ନିଶ୍ଚୟ ଧୋକା କରିବ ତାପରେ ତୁ କ'ଣ କରିବୁ ? ଏହି କଥା ସେ ବାରମ୍ବାର ମୋତେ କହି ଚିନ୍ତିତ ରହୁଥିଲେ । ଯେତେବେଳେ ତାଙ୍କ ଶାରୀରକ ଅସୁସ୍ଥତା ବହୁତ ଖରାପ ହେଲା । ସେତେବେଳେ ସେ ମୋତେ ଡ଼ାକି ଏହି କାଗଜପତ୍ର କରାଇଥିଲେ ଏବଂ କହିଥିଲେ ବିଥିକା ଫେରି ଆସିଲେ ତାକୁ ଏହି କାଗଜପତ୍ର ଦେଇଦେବେ । ଏହି ଆପାର୍ଟମେଣ୍ଟଟା ସେ ତୋ ନାଁରେ କରିଦେଇଛନ୍ତି । ଗାଁର ସମସ୍ତ ଜମିବାଡ଼ି ବିକି ବିକ୍ରମକୁ ପଇସା ଦେଇ ଦେଇଛନ୍ତି । ବିକ୍ରମ ମଧ୍ୟ ଏହା ଜାଣି ନଥିଲା । ମୁଁ ତାକୁ ଏକଥା କହିବା ପରେ ସେ ତୋତେ ଏହି ଆପାର୍ଟମେଣ୍ଟରେ ରହିବାକୁ ଦେଲା । ପ୍ରଶାନ୍ତ ବାବୁ ଏହା କହି ବିଥିକା ହାତରେ ସମସ୍ତ କାଗଜପତ୍ର ଧରାଇଦେଇ କହିଲେ ମୁଁ ଏବେ ନିଶ୍ଚିତ । ବିଥିକା ଥରଥର ହାତରେ କାଗଜ ଧରି ଭୋ ଭୋ ହୋଇ କାନ୍ଦି ଉଠିଲା । ପ୍ରଶାନ୍ତ ବାବୁଙ୍କ ଗୋଡ଼ ଧରି କହିଲା ମଉସା ଆପଣ ମୋ ବାପାଙ୍କ ମିତ୍ର ତଥା ତାଙ୍କପରି ତେଣୁ ମୋର ସମସ୍ତ ଅପରାଧକୁ କ୍ଷମା କରି ଦିଅନ୍ତୁ । ମୁଁ ବାପା ମାଙ୍କ ପ୍ରତି ଅନ୍ୟାୟ କରିଛି ତାଙ୍କ କଥା ନ ମାନି ମୁଁ ତା'ର ବହୁତ ବଡ଼ କୁଫଳ ଭୋଗି ସାରିଲାଣି ।

ପ୍ରଶାନ୍ତ ବାବୁ ଯିବାପରେ ବିଥିକା ବହୁତ ସମୟ କାନ୍ଦିଲା । ତା'ପରେ ସେ ଉଠି ବାପାଙ୍କ ଶୋଇବା ଘରକୁ ଗଲା । ସବୁ ଜିନିଷ ଜଥା ସ୍ଥାନରେ ଅଛି ମାତ୍ର ଧୂଳି ବସିଯାଇଛି । ବିଥିକା ଏକ କପଡ଼ା ନେଇ ସମସ୍ତ ଜିନିଷକୁ ଝଡ଼ାଝଡ଼ି କରୁଥିଲା ତା'କୁ ଲାଗିଲା ବାପା ଯେପରି ସେହି ରୁମ୍‌ରେ ଅଛନ୍ତି । ବାପାଙ୍କୁ ଅସନା ଅସଜଡ଼ା ଜମା ଭଲ ଲାଗେନା । ବାପାଙ୍କର ପ୍ରିୟ ଟେପ୍ ରେକର୍ଡ଼ରଟା ଦେଖି ତା ଆଖିରେ ଲୁହ ଜକେଇ ଆସିଲା । ସେ ଅତି ଯତ୍ନରେ ଟେପ୍ ରେକର୍ଡ଼ରଟାକୁ କପଡ଼ାରେ ପୋଛିବାକୁ ଲାଗିଲା । ବାପା ସବୁବେଳେ ପୁରୁଣା ଓଡ଼ିଆ ଗୀତର କ୍ୟାସେଟ ଶୁଣନ୍ତି । ଅନ୍ୟମନସ୍କ ଭାବରେ ପୋଛୁ ପୋଛୁ ହଠାତ୍ ଏକ ଗୀତ ବାଜିଉଠିଲା । "ଜୀବନରେ ବେଳେ ବେଳେ ଏମିତିକା ଭୁଲ୍ ହୋଇଯାଏରେ" ତା'ପରେ ହା ହା ହସ । ବିଥିକା ଚମକି ପଡ଼ିଲା । ତା'ର ହାତ ବାଜି ଟେପ୍ ରେକର୍ଡ଼ର ପ୍ଲେ ସୁଇଚଟା ବୋଧେ ଅନ୍ ହୋଇଯାଇଥିଲା । ଏହି ଗୀତଟି ବାପାଙ୍କର ପ୍ରିୟ ଗୀତ ଥିଲା ଏବଂ ସେ ବାପାଙ୍କ କଣ୍ଠରେ ଗୀତଟି ଶୁଣୁଛି । 'ବାପା' 'ବାପା' କହି ବିଥିକା ଚାରିଆଡ଼କୁ ଚାହିଁଲା । ତା'ର ମନେ ପଡ଼ିଲା ବାପାଙ୍କର ଏହି ପ୍ରିୟ ଗୀତଟି ବାବୁଲ ସୁପ୍ରିୟଙ୍କ କଣ୍ଠରେ ସେ ସବୁବେଳେ ଶୁଣନ୍ତି । ଥରେ ସେ ଜିଦ୍ କରି ବାପାଙ୍କ କଣ୍ଠରେ ଏହି ଗୀତଟି ରେକର୍ଡ଼ି କରାଇଥିଲା ବାପାଙ୍କ କଣ୍ଠ ଏତେ ମଧୁର ବୋଲି ସେ ଜାଣି ନଥିଲା । ବାପା ସେ ଗୀତଟି ଗାଇ ହସିଥିଲେ ଏବଂ ବୋଉ ମଧ୍ୟ ତାଙ୍କ ସାଥିରେ ହସିଥିଲା । ସେହି କ୍ୟାସେଟ୍‌ଟି ବୋଧେ ଲାଗିଥିଲା ତା'ପରେ ବାପା ତାଙ୍କ ଚିରା ଚରିତ ଢ଼ଙ୍ଗରେ କହୁଛନ୍ତି "ଜୀବନଟା ବହୁତ କ୍ଷୁଦ୍ର ତେଣୁ ଏହି ଛୋଟ ଛୋଟ ଭୁଲ୍‌କୁ ଭୁଲିଯାଇ ଆଗକୁ ବଢ଼ିଚାଲ" । ବିଥିକା ବାପାଙ୍କ ଆରାମ ଚେୟାର ସାମନାରେ ବସି ପଡ଼ି ଚେୟାରର ଗୋଡ଼ ଦୁଇଟି ଜାବୁଡ଼ି ଧରିଲା ତା'କୁ ଲାଗିଲା ଯେପରି ବାପାଙ୍କ ଗୋଡ଼ ସେ ଧରିଛି । ସେ ଅନୁଭବ କଲା ଯେପରି ବାପା ତା ମୁଣ୍ଡ ବାଳକୁ ଆଉଁସି ଦେଉଛନ୍ତି । ସେ ବାରମ୍ବାର ବାପାଙ୍କୁ କ୍ଷମା ମାଗି ଚାଲିଥାଏ । ଅଶ୍ରୁପୂର୍ଣ୍ଣ ଆଖିରେ ସେ ଦେଖିଲା ବାପାଙ୍କ ଆରାମ ଚୌକି ଯେଉଁଠି ସେ ଚାରିଟାବେଳେ ଚା ପିଅନ୍ତି ତା'ର କୁଶନ୍‌ଟି ତା ଆଖି ଲୁହରେ ଭିଜିଯାଇଛି । ସେ ନିଜକୁ ଆଉ ଅସହାୟ ମନେକଲାନି ତା'କୁ ଲାଗିଲା ଯେପରି ବାପା ଏବଂ ମା ତା'ର ପାଖ ପାଖେ ଅଛନ୍ତି । ବିଥିକା ଭାବୁଥିଲା ଏହାହିଁ ତ ଜୀବନ ସମସ୍ତ ଅଳୀକ ଅବାସ୍ତବତାର ଉର୍ଦ୍ଧ୍ୱରେ ଏହାହିଁ ବୋଧହୁଏ ମାନବୀୟ ମୁଲ୍ୟବୋଧର ବିଜୟ ।

୪୫୫, ଅମୃତାୟନ, ମଞ୍ଚେଶ୍ୱର, ଭୁବନେଶ୍ୱର
ମୋ:- ୯୯୪୩୭୨୮୩୦୨୬

# କ୍ଷଣଭଙ୍ଗୁର ଜୀବନ

*ପ୍ରତିମା ମିଶ୍ର*

ଅରୁନ୍ଧତୀର ଝରିପଡୁଥିବା ଲୁହକୁ ପୋଛୁ ପୋଛୁ ମୁଁ ତାକୁ ବୁଝେଇବାକୁ ଚେଷ୍ଟା କରୁଥିଲି । କାନ୍ଦି କାନ୍ଦି ସେ କହୁଥିଲା, ମାଉସୀ ବୋଉ ମୋତେ ସବୁ ଶିଖାଇଥିଲା । କିନ୍ତୁ ବୋଉ ନଥିଲେ କେମିତି ବଞ୍ଚିବାକୁ ହୁଏ ସେ ମୋତେ ଶିଖେଇ ନଥିଲା ।

ତାକୁ କି ଉତ୍ତର ଦେବି, ମୁଁ ଭାବି ପାରୁନଥିଲି ।

ଅରୁଣାର ଦୁଇ ଝିଅ ବଡ଼ ଅରୁନ୍ଧତୀ, ସାନ ମଧୁମତୀ । ମଝିରେ ମଝିରେ ଅରୁନ୍ଧତୀ ଆସି ବାପା ବୋଉଙ୍କ ପାଖରେ ରହୁଥିଲା, କାରଣ ସେମାନେ ବାରମ୍ବାର ବେମାର ପଡୁଥିଲେ । ଅରୁନ୍ଧତୀର ସ୍ୱାମୀ ମୁମ୍ବାଇରେ ବ୍ୟାଙ୍କ୍ ଅଫିସର ଥିଲେ । ବହୁତ ଚେଷ୍ଟା କରି ଭୁବନେଶ୍ୱର ଆସିଲେ, ହେଲେ ଆସିବାର ଦୁଇ ମାସ ହୋଇନି, ବୋଉ ଚାଲିଗଲା । ତା'ର ମୃତ୍ୟୁଟା ଏମିତି ଆକସ୍ମିକ ଥିଲା, ବିଶ୍ୱାସ କରି ହେଲାନି । ସବୁ ଠିକ୍ ଥିଲା, ହଠାତ୍ ନିଶ୍ୱାସ ନେବାକୁ କଷ୍ଟ ହେଲା । ବାପା ତାକୁ କୋଳରେ ଧରିଥିଲେ । ଅନ୍ୟ ଘରୁ ଅକ୍ସିଜେନ୍ ଆଣୁ ଆଣୁ ସବୁ ଶେଷ । ସେ କାହାକୁ କାହିଁ ସେବା କରିବାର ସୁଯୋଗ ଦେବ ? ଜୀବନକାଳ ଭିତରେ ସମସ୍ତଙ୍କ ପାଇଁ ସେ କରିଛି । କାହାରି ସେବା ଯତ୍ନ ସେ ଚାହୁଁ ନଥିଲା । ତା କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି, ଏତେ ସବୁ କେମିତି କରିପାରୁଥିଲା ।

ଘର ବାରଣ୍ଡାରୁ ଗେଟ୍ ଯାଏ ଯେତେ ପ୍ରକାରର ଫୁଲଗଛ, କ୍ରୋଟନ୍ ଗଛ ଆଉ ସବୁ ସିଜନ ଫୁଲ, ଫଳ ଆମ ବଗିଚାରେ ଲାଗିଥିବ । ଦିନେ ଦିନେ ସକାଳୁ ଉଠି ମୁଁ ବାହାରେ ଠିଆ ହେଲେ ମୋତେ ଡର ଲାଗେ ସକାଳର ଝୁଲି ଝୁଲି ସେମାନେ ବୋଧେ ବୋଉକୁ ସ୍ୱାଗତ କରିବାକୁ ଅପେକ୍ଷା କରିଥାଆନ୍ତି ।

ଗୋଡ଼ରେଜ୍ ଆଲମିରା ଖୋଲି ଦେଲା ବେଳକୁ କି ସୁନ୍ଦର ସେ ଶାଢ଼ି ସବୁ ଥାକ କରି ସେ ସାଇତିଛି । ପାଟ, ମଠା ଅଲଗା; ସୂତାଶାଢ଼ି ଅଲଗା ରହିଛି । ଏସବୁ ଦେଖିଲା ବେଳକୁ ମନଟା ଏତେ ବ୍ୟାକୁଳ ହେଉଛି ମୁଁ କଅଣ କରିବି ? ଖାଇବା ଟେବୁଲ ଉପରେ ବାଉଲ୍‌ରେ ସବୁ ପ୍ରକାର ଗୋଲାପ ଫୁଲ ସଜା ହୋଇଥିବ ।

ଖାଲି ଘର ନୁହଁ, ବାରା ମଧ୍ୟ ସାଥି କିଏ ଅସୁବିଧାରେ ପଡ଼ିଲେ, କାହାର ଦେହ ଖରାପ ହେଲେ ସାହାଯ୍ୟର ହାତ ବଢାଉଥିଲା । ସମସ୍ତେ ତାକୁ ଭଲ ପାଉଥିଲେ, ପର ଆପଣାର ବାଛବିଚାର ନଥିଲା । ତାର ବୋଉ ଖାଲି ସୁନ୍ଦର ନଥିଲା, ସୁଗୁଣବତୀ ମଧ୍ୟ ଥିଲା ।

କେବେ କେବେ ସେ ବାହାରକୁ ଯାଏ । ମୋର ଆଜି ମିଟିଂ ଅଛି, ଆସିବାକୁ ଡେରି ହେବ । ବାପା ହସି ଦିଅନ୍ତି, ମୋତେ କିଛି କହନ୍ତିନି, ହେଲେ ମୁଁ ଜାଣିନି ବୋଉ ତାର ବଡ଼ିଟାକୁ ହସ୍ପିଟାଲକୁ ଦାନ କରିଛି ବୋଲି । ଯେତେବେଳେ ବାପା ଏ କଥା ମୋତେ କହିଲେ, ମୋର ଛାତିଟା ଫାଟିଗଲା ପରି ଲାଗୁଥିଲା । ଏତେ ଉଦାର ସେ, ଏତେ ମହତ ଆକାଂକ୍ଷା ଥିଲା । ତା'ତ, କହି ଯାଇଥିଲା ପାରିବ ଯଦି ଅନାଥାଶ୍ରମରେ କିଛି ଦାନ କରିଦେବି ।

ଅରୁନ୍ଧତୀର ବିଷଣ୍ଣ ମୁହଁକୁ ଚାହିଁ କହୁଥିଲି, ମାଆରେ ଜୀବନ କ୍ଷଣସ୍ଥାୟୀ, ଆଜି ଅଛି କାଲି ନଥିବ । କହିପାରିବା କି ଜୀବନଟା ବାସ୍ତବ ଯିଏ ଆସିଛି, ତାକୁ ଦିନେ ଫେରିବାକୁ ପଡିବ । ଯେତେ ସାଧୁସନ୍ଥ ଯୋଗୀ କିଏ ଥିଲେ ନିଗମାନନ୍ଦ, ଠାକୁର ରାମକୃଷ୍ଣ ପରମହଂସ, ବିବେକାନନ୍ଦ କାହାଁନ୍ତି କିଏ ? ଯେତେ ମଣିଷ ନେତା ବକ୍ତା କାହାନ୍ତି କିଏ ସମସ୍ତେ ତ ଯିବେ କେବଳ କର୍ମ, ସ୍ମୃତି ତ ଅମଳିନ ଭଲ ଲୋକକୁ ସମସ୍ତେ ଝୁରନ୍ତି । କଥାରେ ଅଛି ପରେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହେଲେ ହେଁ ମରଇ ।

ଏବେ ଅରୁନ୍ଧତୀ ଚିନ୍ତା କରୁଛି, ବୋଉର କାମ ସରିଗଲା, ବନ୍ଧୁବାନ୍ଧବ ସମସ୍ତେ ଚାଲିଗଲେ କର୍ମକ୍ଷେତ୍ରକୁ । ରହିଗଲୁ ବାପା ଆଉ ମୁଁ । ବାପାଙ୍କୁ ତ କିଛି କହିପାରୁ ନଥାଏ । ଯନ୍ତ୍ରଚାଳିତ ମେସିନ୍ ପରି ମୁଁ ସବୁ କରୁଥାଏ ସିନା, ମନରେ କିନ୍ତୁ ଆଦୌ ସ୍ପୃହା ନଥାଏ । ସତରେ କଅଣ ଜୀବନର ଶେଷ ପରିଣତି ମୃତ୍ୟୁ । ଆଉ ତା ହେଲେ ଏତେ ମାୟା ମମତାର ସଂସାର ଏସବୁର ଅର୍ଥ କଅଣ ? ସୃଷ୍ଟି ହିଁ ଚିରସ୍ଥାୟୀ କିନ୍ତୁ ଜୀବନ ନୁହେଁ ।

ଜୀବନଟା ଯଦି ଏତିକି ମୂଲ୍ୟର ଆଉ ସବୁ ଜୀବନ ଗୁଡିକ କେବଳ ମରିବାକୁ ଆସିଛନ୍ତି, ତେବେ ଏତେ ବାଦ, ଅପବାଦ, ଲୋଭ, ଲାଭ, ତୋର ମୋର କାହିଁକି ? କାହିଁକି ସୃଷ୍ଟିରେ ଆମର ଆଖି କାନ ପରି ଇନ୍ଦ୍ରିୟ ରହିଛି କେବଳ ବଞ୍ଚିବାକୁ ନୁହେଁ, ବଡ ସାନ ଆଉ ତୋର ମୋର କି କଳା ଗୋରା ବୋଲି ମନରେ ଭେଦ ସୃଷ୍ଟି କରିବାକୁ । ଜୀବନରେ କି ମିଠା ଚାଖିଛି ଏ ମନଟା କେଜାଣି, ନିଶ୍ଚିତ ହେଲେ ବି ଧ୍ରୁବ ମୃତ୍ୟୁଟାକୁ ଜାଣିଶୁଣି ପାସୋରି ପକାଇଛି । ଏଇଟା କତରା ଘୋରି ହୋଇ ଯମକୁ ଠକିବାର କାମ ନୁହେଁତ କଅଣ ?

ସାଇଭାଇରେ ଗାଁ ଗଣ୍ଡାରେ ସାଧୁସନ୍ଥମାନେ କହନ୍ତି, ଛନ୍ଦ କପଟ ଛାଡି ଗୋବିନ୍ଦ ଭଜ। ତାହା ବି କଅଣ ମୁକ୍ତି ଦେଇ ପାରିବ ଧ୍ରୁବ ମୃତ୍ୟୁ କବଳରୁ ? ସତରେ ମୃତ୍ୟୁଟା ଯଦି ନିଶ୍ଚିତ, ମନରେ ସେଇଟାକୁ ସତ୍ୟ ଏବଂ ଧ୍ରୁବ ବୋଲି ସ୍ଥିର ଭାବରେ ଧରିନେଇ ଜୀବନ ଜିଇଁବା ଯାହା ଛନ୍ଦ କପଟ ଛାଡି ଗୋବିନ୍ଦ ଭଜିବା ସେଇଆ।

ଅରୁନ୍ଧତୀ ବ୍ୟସ୍ତ ହୋଇ ଟିଭିଟା ଖୋଲିଦେଲା, ମନଟା କାଳେ ଭଲ ଲାଗିବ। ଦେଖିଲା ବନ୍ୟାର ପ୍ରଳୟ ତାଣ୍ଡବ - ଚାରିଆଡ଼େ ପାଣିର ସୁଅ। ଖାଲି ପାଣି ବନ୍ୟାର ବିଭୀଷିକା। ଘରଦ୍ୱାର, କୋଠାବାଡି ସବୁ ଜଳାର୍ଣ୍ଣବ। ଦିଲ୍ଲୀ ସହର ଉବୁଟୁବୁ। କାର୍ ବସ୍ ଭାସିଯାଉଛି।

ଜୀବନରେ କେଉଁଟା ସତ୍ୟ ବୋଲି ଭାବିବ ? ସ୍ରଷ୍ଟାର ସୃଷ୍ଟି ହିଁ ସତ୍ୟ, ମାୟା ମରୀଚିକା ସଂସାର ଭିତରେ ଜୀବନ ଅସତ୍ୟ; ଅବାସ୍ତବ କିଛି ବି ସ୍ଥିର ନୁହେଁ ନିଜ ମନକୁ ସେ ନିଜେ ବୁଝାଉଥିଲା। ଜୀବନ ସୁନ୍ଦର କିନ୍ତୁ ଶାଶ୍ୱତ ନୁହେଁ। ଆଜି ବୋଉ ଚାଲିଗଲା, କାଲି ମୋତେ ବି ବିଦାୟ ନେବାକୁ ହେବ। ହାତଯୋଡ଼ି ସେ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା ପ୍ରଭୁ ତୁମେ ଧନ୍ୟ, ତୁମ ସୃଷ୍ଟି ଧନ୍ୟ।

ଆଜି ନୁହେଁ, କାଲି ନୁହେଁ ପ୍ରଭୁ ତୁମର ସଂସାର କେବେ ବନ୍ଦ ହୋଇଯାଇନି। ଦିନରାତି ହୋଇ କୋଟି କୋଟି ବର୍ଷର ସଂସାର ତୁମର ଗଡି ଚାଲିଛି ଓ ଚାଲିଥିବ। କେତେ ଜୀବନ ବା ନଯାଇଛି ! ତୁମ ଦୁନିଆ ଚାଲିଛି। ପୁରାଣରେ କେଉଁ ଅହ୍ୟ ସ୍ତ୍ରୀ ସ୍ୱାମୀର ଆସନ୍ନ ଅକାଳ ମୃତ୍ୟୁରେ ଯେବେ ସେ ନପାହୁ ରାତି ବୋଲି ଅଭିଷାପ ଦିଏ, ରାତି ପାହେ ନି, ସ୍ୱୟଂ ଯମଦୂତ ଆସି ଧରାର ଜୀବନ ମୃତ୍ୟୁ ଦିନ ରାତି ବିଷୟ ଉତ୍‌ଥାପନ କରି ସୃଷ୍ଟିର ନିୟମ ଦର୍ଶାଇ ବୁଝାଇ ଦିଅନ୍ତି।

ପାଣି ଫୋଟକାର ଜୀବନ। ତହିଁରେ ଯେତିକି ଆନନ୍ଦ ଅଛି ତାକୁ ଭୋଗ କରିବାର ସାମର୍ଥ୍ୟ ଅଛି ଜୀବନର, ଚିରଞ୍ଜୀବୀ ହେଲେ କଅଣ ଘଟିବ, କେହି କହିପାରିବେ ନାହିଁ। ଜୀବନ ପାତ୍ର ତୁମେ ଯେତେ ମତେ ଦେଇଛ, ତାହାକୁ ସାଦରେ ଗ୍ରହଣ କରୁଛୁ।

ଧନ୍ୟ ପ୍ରଭୁ, ଧନ୍ୟ ତୁମର ପରିକଳ୍ପନାର ଏ ମେଦିନୀ !

ଆଇ ଆର୍ ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର
ମୋ - ୯୪୩୮୧୭୯୬୭୦



# ଇନ୍ଦ୍ରିୟାସକ୍ତ ଜୀବନ

*ଡା. ଇନ୍ଦ୍ରମଣି ଜେନା*

ବହୁତ ରାଜା ମହାରାଜା ଇତିହାସ ପୃଷ୍ଠାରେ ଇନ୍ଦ୍ରିୟାସକ୍ତ ହେବାର ଉଦାହରଣ ରହିଛି । ସାରା ଦୁନିଆରେ ସବୁ ଭାଷାରେ ଏମିତି ବର୍ଣ୍ଣନା ଦେଖିବାକୁ ମିଳେ । ଏଗୁଡିକ ନକାରାତ୍ମକ ହେଲେ ବି ଏହାର ପରିଣତି ବିଷୟରେ ଅବଗତ ହେବାପାଇଁ ଶାସ୍ତ୍ର, ପୁରାଣ, ବାଇବେଲ୍, ପ୍ରତ୍ୟେକ ଧର୍ମଗ୍ରନ୍ଥ ଏମିତି କିଛି ସୂଚାଇଥାଆନ୍ତି ।

ହିନ୍ଦୁଶାସ୍ତ୍ର ଯଥା ବେଦ, ଉପନିଷଦ, ପୁରାଣ ଆଦି ମାନବିକତା ଏବଂ ସୃଷ୍ଟିତତ୍ତ୍ୱ ସଂପର୍କରେ ପରିପୂର୍ଣ୍ଣ । ଏଗୁଡିକ ଚାରି ସହସ୍ରାବ୍ଦ ମଧ୍ୟରେ ହିନ୍ଦୁ ସଭ୍ୟତାର ମୂଳମନ୍ତ୍ର ଏବଂ ପ୍ରତି ବ୍ୟକ୍ତିବିଶେଷରେ, ଘରେଘରେ, ଗ୍ରାମେଗ୍ରାମେ ଏବଂ ସମସ୍ତ ସମାଜରେ ଆଦରି ନିଆଯାଇଛି । କିନ୍ତୁ ସବୁ ସତ୍ତ୍ୱେ ଏହି ସମାଜରେ ସୃଷ୍ଟି ହୋଇଛନ୍ତି ରାବଣ, କଂସ, ଅନେକ ଦାନବ । ସେମାନଙ୍କର ଧ୍ୱସଂଲୀଳାରେ ପୁରାଣର କଳେବର ବହୁ ବୃଦ୍ଧିପ୍ରାପ୍ତ । ଏହା ସେମାନଙ୍କର ପୂର୍ବଜନ୍ମ କୃତି ବୋଲି କୁହାଯାଉଥିଲେ ହେଁ ତାହା ଜନ୍ମପରର କୁପରିବେଶ, କୁଶିକ୍ଷା, ଲାଳସା ଏବଂ ଇନ୍ଦ୍ରିୟାନୁଭୂତିରେ ବିକୃତ ଆଭିମୁଖ୍ୟ ବୋଲି କୁହାଯାଇ ପାରେ । ସବୁବେଳେ ରାଜପରିବାର ଓ ରାଜପରିବେଶ ବ୍ୟକ୍ତିତ୍ୱର ପରିପ୍ରକାଶରେ ଅନ୍ତରାୟ । ଅବଶ୍ୟ ବର୍ଦ୍ଧମାନ ମହାବୀର ଏବଂ ଗୌତମ ବୁଦ୍ଧଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଥାଇପାରେ, ସେମାନେ ରାଜପରିବାରରେ ଜନ୍ମ ହୋଇ ସେମାନଙ୍କର ନୈତିକତା ଏବଂ ଅନୁଭବ ବଳରେ ସେମାନେ ମଣିଷ ଜୀବନର ସାରତତ୍ତ୍ୱ ଉପଲବ୍ଧି କରିପାରିଥିଲେ । ସାଧାରଣ ମନୁଷ୍ୟର ଜୀବନ ସେମାନଙ୍କୁ ମୂଲ୍ୟବୋଧ ଆକଳନରେ ବିମର୍ଷ କରିଦେଇଥିଲା । ମିଥ୍ୟା, ଚୌର୍ଯ୍ୟ, କାମନା ଆଦିକୁ ସାମାଜିକ ଏବଂ ବ୍ୟକ୍ତିଗତ ଜୀବନର ବିଷାଦର କାରଣ ଭାବରେ ମୂଲ୍ୟାୟନ କରି ସାଂସାରିକ ଜୀବନରୁ ଅପସରି ଯାଇ ବୈରାଗୀ ହୋଇ ଜଗତକୁ ଜୈନ ଓ ବୌଦ୍ଧଧର୍ମର ଆଲୋକଧାରା ଦେଖାଇଥିଲେ । ସେହି କାମନାମୟ ଜଗତରେ ବାସ୍ତବ ଓ ଅବାସ୍ତବ ଜୀବନ ମଧ୍ୟରୁ ଅଳୀକ ବାସନାରୁ ନିବୃତ୍ତ ହୋଇ ବାସ୍ତବ ଜୀବନ ବଞ୍ଚିବାର ସକାରାତ୍ମକ ଦୂରଦୃଷ୍ଟି ସୂଚାଇଛନ୍ତି ।

ବାଇବେଲରେ ଦର୍ଶିତ ହୋଇଛି ଇସ୍ରାଏଲ୍‌ର ରାଜା ଡାବିଡ୍ ଜଣେ ଉଦ୍ଧତ, ଚରମ ଇନ୍ଦ୍ରିୟାସକ୍ତ ବ୍ୟକ୍ତି ଥିଲେ । ସେମିତି ରୋମାନ ସଭ୍ୟତାରେ ତୃତୀୟ ସିଜର ଅଗଷ୍ଟସ୍ ଜଣେ ଯୌନ-ବିକଳାଙ୍ଗ ବ୍ୟକ୍ତିତ୍ୱ, ଯିଏ ନିଜ ରକ୍ତର ଭଉଣୀକୁ ବିବାହ କରିଥିଲେ, ତା ସହିତ ତାଙ୍କର ଅଜସ୍ର ସମ୍ପର୍କ ରହିଥିଲା । ବିଶ୍ୱର ଅନେକ ଭାଷାରେ ଅନେକ ରାଷ୍ଟ୍ରରେ ଏମିତି କୁତ୍ସିତମନା ରାଜା ମହାରାଜା ଏବଂ କୁଳୀନ ଲୋକମାନଙ୍କର ଅଶାଳୀନ ବ୍ୟବହାର ଗୋପନ ନରହି ସର୍ବ ସାଧାରଣରେ ପ୍ରକାଶିତ ।

ରାଜକୀୟ ଦାମ୍ପତ୍ୟ ଜୀବନ ବିଚିତ୍ର । ଅନେକ ରାଜା, ସମ୍ରାଟ ଏକପତ୍ନୀକ ନୁହଁନ୍ତି । ରାଜାଙ୍କର ଏକାଧିକ ପତ୍ନୀ ଶାସ୍ତ୍ରସମ୍ମତ ନହେଲେ ବି ଚାଣକ୍ୟଙ୍କର ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ସେଲ୍ୟୁକସ୍‌ଙ୍କର କନ୍ୟା ହେଲେନ୍‌ଙ୍କୁ ବିଜେତା ଭାବରେ ଉପଭୋଗ କରିବାର ଉପଦେଶ ଏବଂ ତାଙ୍କ ଅର୍ଥଶାସ୍ତ୍ରର ଉପଦେଶ ଯାହା ହେଲେ ବି ବହୁତ କମ୍ ନୃପତି ପରିଦୃଷ୍ଟ ହୁଅନ୍ତି ଯାହାର ଏକ ଭାର୍ଯ୍ୟା । ଭାରତୀୟ ସଭ୍ୟତାରେ ମୋଗଲ ଶାସନକାଳ ଯେଉ ହାରେମ୍ ବା ରାଜଅନ୍ତଃପୁରର ବିବରଣୀ ମିଳେ, ତାହା ଏକ ବିକଳାଙ୍ଗ ଯୌନ ବିଭୀଷିକା ବୋଲି ମନେହୁଏ । ତୃତୀୟ ମୋଗଲ ଆକବରଙ୍କ ହାରେମ୍ ଯାହାଥିଲା, ଜାହାଙ୍ଗୀରଙ୍କର ଅଧିକୃତ ସମସ୍ତ ରାଜ୍ୟଗୁଡିକୁ ଖୋଲା ଆମନ୍ତ୍ରଣ ତଥା ବାଧ୍ୟବାଧକତା ଥିଲା ସୁନ୍ଦରୀ ରାଜଜେମାମାନଙ୍କୁ ମୋଗଲ ହାରେମ୍‌ରେ ପହଞ୍ଚାଇ ତିନିଲକ୍ଷ ପରିମାଣର ମୁଦ୍ରା ପଇଠ କରିବାକୁ । ଏହି ହାରେମ୍ ତୃତୀୟ ଲିଙ୍ଗୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ଜଣେ ରକ୍ଷିତା କିଭଳି ଜୀବନ ନିର୍ବାହ କରୁଥିଲେ, ଆଜିର କ୍ୱୋରା ମାଗାଜିନ୍‌ରେ ପଢିଲେ ହୃଦ୍‌ଘାତ ହେବାପରି ଅନୁଭବହୁଏ । ଏଗୁଡିକ ତୁର୍କୀ ଏବଂ ମଧ୍ୟପ୍ରାଚ୍ୟ ତଦାନୀନ୍ତନ ଅମାନୁଷିକ ରାଜକୀୟ ପଦ୍ଧତି ଯାହା ଭାରତୀୟ ଉପମହାଦେଶକୁ ମୋଗଲ ଉପନିବେଶ ଭାବରେ ଆଗତ ହୋଇଥିଲା ।

ଅନେକ ଉଦାହରଣ ମଧ୍ୟରୁ ଓଡିଶାର ଗଙ୍ଗବଂଶ ଶାସନରେ କୁଳବୁଡା ମତ୍ତ ଭାନୁଦେବଙ୍କ ବିଷୟରେ ବି ଏମିତି କୁତ୍ସା ଶୁଣିବାକୁ ମିଳେ । ତାଙ୍କର ବଦନାମ ଏବଂ ଅପାରଗତା ବଳରେ ତାଙ୍କର ରାଜ୍ୟ ହରାଇବାକୁ ପଡିଲା ଏବଂ ଗଙ୍ଗବଂଶର ପତନ ହେଲା । ବଂଶ ବୁଡିଲା ବେଳକୁ ଏମିତି କୁଳବୁଡା ପୁଅ ଜନ୍ମ ନିଅନ୍ତି ।

ବାସ୍ତବପକ୍ଷେ, ଏଗୁଡାକ ତ ରାଜାରାଜୁଡାଙ୍କ କଥା । ସମାଜର ସାଧାରଣବର୍ଗରେ ଏପରି ବ୍ୟକ୍ତିତ୍ୱ ଯେ ବିରଳ ତାହା ଚିନ୍ତା କହିବା ପ୍ରମାଦଯୁକ୍ତ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ମଣିଷର ଯେତେ ଗୁଡିଏ ଇନ୍ଦ୍ରିୟଲବ୍ଧ ଗୁଣ ରହିଛି,

ସମସ୍ତ କେବଳ ଯୌନ ସମ୍ବନ୍ଧୀୟ ନୁହେଁ। ଏହିପରି କେତେକ ଇନ୍ଦ୍ରିୟ ସମ୍ପର୍କୀତ ପ୍ରସଙ୍ଗ ରହିଛି - ଯାହା ବ୍ୟକ୍ତିଗତ, ସାମାଜିକ ଏବଂ ନୈତିକ ପରିସୀମା ଲଂଘନ କରିଥାଏ।

ସତରେ କଅଣ ମଣିଷ ଜାଣିଶୁଣି ଏମିତି ତ୍ରୁଟିପୂର୍ଣ୍ଣ ରାସ୍ତା ବାଛିନିଏ ନା ପରିସ୍ଥିତି ଓ ପରିବେଶ ଏମିତି ବିକାରଗ୍ରସ୍ତ ଲୋକମାନଙ୍କୁ ସୃଷ୍ଟି କରିଥାଏ ? ଅନ୍ୟ କେତେକ ଇନ୍ଦ୍ରିୟ ସମ୍ପର୍କିତ ଘଟଣା ହେଉଛି ଲୋଭ। ଅନେକ ପ୍ରକାରର ଲୋଭୀ ଅଛନ୍ତି। ରାଜାମାନଙ୍କର କ୍ଷେତ୍ରରେ ରାଜ୍ୟଲାଭ ଅବା ସୀମାବୃଦ୍ଧି ଏକ ପ୍ରକାର ଲୋଭଗ୍ରସ୍ତ ଆଚରଣ। ଯୁଦ୍ଧରେ ମାତି ଅସଂଖ୍ୟ ଶତ୍ରୁପକ୍ଷ ନରସଂହାର ସହିତ ନିଜ ସୈନ୍ୟବାହିନୀର ହତାହତ ରାଜାଙ୍କର ହିତାହିତ ଜ୍ଞାନ ଅଭାବର ପରିଚୟ ଦିଏ। ସାଧାରଣ ଲୋକମାନେ ଲୋଭବଳରେ ଭୂସମ୍ପତ୍ତି, ଅସ୍ଥାବର ସମ୍ପତ୍ତି, ଘରଦ୍ୱାର, ସୁନାରୁପା ଆଦି ନେଇ ଦ୍ୱନ୍ଦ୍ୱ, ମାରପିଟ୍, କଳିତକରାଳ କରିବା ଆଦରି ନିଅନ୍ତି।

ଏମିତି କ୍ରୁର ମନୁଷ୍ୟସଂହାରୀ ମାନସିକତା ଓ ଇନ୍ଦ୍ରିୟଲାଳସା ଉଦାହରଣରେ ମାନବ ଇତିହାସ ପରିପୂର୍ଣ୍ଣ। ମାତ୍ର କୋଡିଏ ବର୍ଷ ବୟସରୁ ଆଲେକ୍‌ଜାଣ୍ଡର୍ ବିରାଟ ସୈନ୍ୟ ବାହିନୀ ଗଠନ କରି ମଧ୍ୟ-ପ୍ରାଚ୍ୟ ଏସିଆକୁ ଏକ ରକ୍ତାକ୍ତ ରଣାଙ୍ଗନରେ ପରିଣତ କରିଥିଲେ। ଭାରତ ଇତିହାସରେ ବିମ୍ବିସାର, ଚଣ୍ଡାଶୋକଙ୍କ ପରି ଅନେକ ନୃପତିମାନଙ୍କର ବ୍ୟକ୍ତିଗତ କ୍ରୋଧ, ଲୋଲୁପଦୃଷ୍ଟି, ନରସଂହାରରେ ଜୀବନର କାମନା ପୂରଣ କରିଛନ୍ତି।

ଆହୁରି ବର୍ବର ମନୋଭାବ ନେଇ ଏସିଆ ଏବଂ ଇଉରୋପରେ ଗାଦିସୀନ ହୋଇଛନ୍ତି ଅନେକ ବର୍ବର ନରହନ୍ତା ଯୁଦ୍ଧଖୋର ଅବା ଯୌନଲାଳସାପୂର୍ଣ୍ଣ ନୃପତିଗଣ। ସେମାନଙ୍କର ନାମ ଉଲ୍ଲେଖ କରିବା ମାନବିକତାକୁ ଉପହାସ। ଚେଙ୍ଗିଜ୍ ଖାଁ ଏବଂ ତାଙ୍କ ବଂଶଧର ଏମିତି ଯୁଦ୍ଧଖୋର, ସେମାନଙ୍କର ବୀରତ୍ୱର ମାପକାଠି ମଣିଷ କଟାମୁଣ୍ଡର ପିରାମିଡ୍। ଇତିହାସ ପୃଷ୍ଠାରେ ଏସିଆ ମହାଦେଶର ମଧ୍ୟଭାଗରୁ ଉଇହୁଙ୍କାରୁ ଝଡିପୋକ ଦଳ ଦଳ ହୋଇ ନିର୍ଗତ ହେବାପରି ଆତତାୟୀ, ନିର୍ଦ୍ଦୟ ଆକ୍ରମକ ଯୁଦ୍ଧଖୋର ନୃପତିମାନେ କେବଳ ସେମାନଙ୍କର ପଡୋଶୀ ରାଷ୍ଟ୍ର ନୁହେ, ସେତେବେଳର ସୁବର୍ଣ୍ଣ ଭାରତଦେଶରେ ନରସଂହାରର କ୍ଷେତ୍ର କରିଦେଇଥିଲେ। ତୈମୁରଲଙ୍ଗ, ବାବର ଏବଂ ମୋଗଲ ବଂଶଧର, ନାଦିରସାହ ଏମିତି କେତେ ରକ୍ତପିପାସୁ ଲୋଭୀ ନୃପତି ନିରୀହ ହିନ୍ଦୁମାନଙ୍କୁ ସେମାନଙ୍କର ଶରବ୍ୟ କରିଥିଲେ। ବିଦେଶୀ ଶାସନ କାଳରେ ଆଫଗାନ, ତୁର୍କ, ମୋଗଲ ଅବା ଇଂରେଜ ହୁଅନ୍ତୁ ଅନେକ ଔପନିବେଶିକ ନିୟମ ଓ ପଦ୍ଧତିରେ ସେମାନେ ଭାରତୀୟ ଜୀବନର ନୈତିକତା ଉପରେ କୁଠାରାଘାତ କରିଥିଲେ।

ଏଗୁଡିକ ରାଜ୍ୟ ରାଜ୍ୟ ମଧ୍ୟରେ ବିଭୀଷିକା ନୁହେଁ, ଶାସକ ନୃପତିଙ୍କର ଇନ୍ଦ୍ରିୟ ବିକୃତି ଏବଂ ଲୋଭର ପରିଣାମ। ଜଣେ ମାନସିକ ବିକୃତ ନୃପତିଙ୍କୁ ନେଇ ମାନବଜାତି ପ୍ରଳୟର ସମ୍ମୁଖୀନ ହେବାକୁ ପଡ଼େ। ଏମିତି ଚେଙ୍ଗିଜ୍ ଖାଁ ଚାରି କୋଟି ନରସଂହାର କରିଥିବା ବେଳେ ଆଲେକଜାଣ୍ଡର, ନେପୋଲିୟନ ଏବଂ ହିଟଲର ପରି ଇତିହାସର ବହୁ ପୃଷ୍ଠା ଦଖଲ କରିଥିବା ଦୁଃମାନବଙ୍କର ଚରିତ୍ରରାଶି ସେମାନଙ୍କର ବ୍ୟକ୍ତିତ୍ୱର ଅନ୍ଧକାରମୟ ଇନ୍ଦ୍ରିୟାସକ୍ତ ମୋହ ଓ ମାୟା ପାଠକର ଭ୍ରୂକୁଞ୍ଚନ ସୃଷ୍ଟିକରେ। ସେମାନେ ମାନବ, ଦାନବ ବା ମାନବରୂପୀ ଦାନବ ତାହା ପାଠକର ହୃଦୟ ହିଁ କହିବ।

ଯୁଦ୍ଧକାଳର ବିଜୟୀ ପକ୍ଷର ଅନୈତିକ ଯୌନ ଅତ୍ୟାଚାର କାର୍ଯ୍ୟକଳାପ ଇତିହାସ ପୃଷ୍ଠାକୁ ଘୃଣିତ କାଳିମାରେ କର୍ଦମାକ୍ତ କରେ। ଭାରତୀୟ ଯୁଦ୍ଧପ୍ରଣାଳୀର ମହାଭାରତ ଶାନ୍ତିପର୍ବ, ଅର୍ଥଶାସ୍ତ୍ର, ଶୁକ୍ରନୀତି, ମନୁସଂହିତା ଆଦିରେ ପ୍ରଣିତ। ଏହା ପଶ୍ଚିମ ଦିଗରୁ ଆଫଗାନ, ତୁର୍କ ଏବଂ ମୋଗଲମାନଙ୍କର ବିପଜ୍ଜନକ ଯୁଦ୍ଧ ଏବଂ ମାନବବିଧ୍ୱଂସୀ କାର୍ଯ୍ୟ ଭାରତୀୟ ସଂସ୍କୃତିର ବିପରୀତ।

ଅପର ପକ୍ଷରେ ଆମ କଳିଙ୍ଗ ଏବଂ ଓଡିଶାର ଯୁଦ୍ଧ ଅଭିଜ୍ଞତା କିଛି କମ୍ ନୁହେଁ। ବିଶ୍ୱର ଗୋଟିଏ ପ୍ରମୁଖ ଐତିହାସିକ ଯୁଦ୍ଧ ଏହି କଳିଙ୍ଗରେ ଘଟିଥିଲା ବୋଲି ଅଶୋକବର୍ଦ୍ଧନ ମୌର୍ଯ୍ୟଙ୍କର ଶିଳାଲିପି କହେ। କଳିଙ୍ଗ ଯୁଦ୍ଧ ଯାହା କଳିଙ୍ଗକୁ ଏକଶତାବ୍ଦୀ ପର୍ଯ୍ୟନ୍ତ ପାଶ୍ଚାତବର୍ତ୍ତୀ କରିଦେଇଥିଲା। କଳିଙ୍ଗର ଲକ୍ଷାଧିକ ମୃତ, ଦେଢ଼ ଲକ୍ଷ ଆହତ ଏବଂ ଲକ୍ଷେ ଲୋକ ବନ୍ଦୀ ହୋଇଥିବାର ତ୍ରୟୋଦଶତମ ଶିଳାଲିପି କହେ। କିନ୍ତୁ ଓଡିଶାର ଦୁଇଜଣ ଦିଗବିଜୟୀ ନୃପତି ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମହାମେଘବାହନ ଖାରବେଳ, ପଞ୍ଚଦଶ ଶତାବ୍ଦୀରେ ଶ୍ରୀ ଶ୍ରୀ ଶ୍ରୀ କପିଳେନ୍ଦ୍ର ଦେବ ଗଜପତି ଭାରତର ଅନେକାଂଶ ରାଜ୍ୟ ଦଖଲ କରିଥିଲେ ହେଁ ସେମାନଙ୍କର ଯୁଦ୍ଧ ଉପରେ ଜୈନ ଧର୍ମର ଅହିଂସା ଏବଂ ହିନ୍ଦୁଧର୍ମର ମାନବୀୟ ଗୁଣ ନିମନ୍ତେ ମୃତାହତ ସଂଖ୍ୟା ସର୍ବନ୍ୟୂନ ରହୁଥିଲା। କଳିଙ୍ଗ କି ଓଡିଶାର ଦିଗ୍‌ବିଜୟ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର କଳିଙ୍ଗ ଯୁଦ୍ଧ ପରି ବୀଭତ୍ସ ନଥିଲା କିମ୍ବା କେହି ଯୁଦ୍ଧକ୍ଷେତ୍ରରୁ ବନ୍ଦୀ ହୋଇ ଯାଉ ନଥିଲେ।

ହିନ୍ଦୁ ସଭ୍ୟତାରେ ବେଦ ପୁରାଣରେ ମଣିଷର ପଞ୍ଚ-ଇନ୍ଦ୍ରିୟ ଏବଂ ଏହି ଇନ୍ଦ୍ରିୟର ସାଧାରଣ ଅନୁଭବ, ସୂକ୍ଷ୍ମ ଅନୁଭବ ଏବଂ ସ୍ଥୂଳ ଅନୁଭବ ଏମିତି ବହୁ ବର୍ଣ୍ଣନା ରହିଛି। ଇନ୍ଦ୍ରିୟଗୁଡିକର ଅନୁଭବକୁ ଇନ୍ଦ୍ରିୟଗମ୍ୟ ବା ଇନ୍ଦ୍ରିୟଗୋଚର, ଇନ୍ଦ୍ରିୟଗ୍ରାହ୍ୟ ଭାବରେ ବର୍ଣ୍ଣନା କରାଯାଏ। ଏହି ଅନୁଭବ ଦୃଷ୍ଟି, ଶ୍ରବଣ, ଆଘ୍ରାଣ, ସ୍ୱାଦ, ଚର୍ମଗତ ସ୍ପର୍ଶ, ଚାପ, ଉତ୍ତାପ ଅବା ସ୍ପନ୍ଦନ ହୋଇପାରେ। ଇନ୍ଦ୍ରିୟମାନଙ୍କର କର୍ମ ବା ଶକ୍ତିକୁ ଇନ୍ଦ୍ରିୟବୃତ୍ତି କୁହାଯାଏ ଏବଂ ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଅନୁଭବ ଶାରୀରିକ ସୁଖକୁ ଯିଏ ସାର ମନେକରେ ତାଙ୍କୁ ଇନ୍ଦ୍ରିୟପରାୟଣ ଏବଂ ଏହି ପ୍ରକାର ବ୍ୟକ୍ତିମାନଙ୍କ ସମଷ୍ଟିକୁ ଇନ୍ଦ୍ରିୟପରତନ୍ତ୍ର ଭାବରେ ନୀତିଶାସ୍ତ୍ର ଆଖ୍ୟାୟିତ କରେ।

ଇନ୍ଦ୍ରିୟର ଅଗୋଚରରେ କିଛି ଇନ୍ଦ୍ରିୟାନୁଭବ ଉଦ୍ଭବ ହୋଇପାରେ, ଯାହାକୁ ଇନ୍ଦ୍ରିୟର ଅତୀତ ବା ଅତୀନ୍ଦ୍ରିୟ ପ୍ରଭାବ କୁହାଯାଇପାରେ। ମଣିଷର ପଞ୍ଚେନ୍ଦ୍ରିୟ ବ୍ୟତୀତ ଆହୁରି କେତେକ ଅନାବିଷ୍କୃତ ଇନ୍ଦ୍ରିୟ ରହିଛି ବୋଲି ବିଦ୍‌ବତ୍ତା ଅନୁଭବୀ ତଥା ବିଜ୍ଞାନୀମାନେ ମତପୋଷଣ କରନ୍ତି। ମଣିଷ ସୃଷ୍ଟି ପ୍ରାରମ୍ଭରୁ ଏହି ଇନ୍ଦ୍ରିୟ ଅନୁଭବ ବଳରେ ସମାଜ ପ୍ରତିଷ୍ଠା କରିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଇନ୍ଦ୍ରିୟ ହେଉଛି ଦୃଷ୍ଟି। ଏହି ଦୃଷ୍ଟି ମଣିଷର ପରିବେଶରେ ଚଳିବା ପାଇଁ କେତେ ଅପରିହାର୍ଯ୍ୟ, ଏଇଟା ଆଖିଥିବା ଲୋକ ଅନୁଭବ କରିପାରନ୍ତି ନାହିଁ। ଯଦି ମଣିଷର ଦୃଷ୍ଟିଶକ୍ତି ସୃଷ୍ଟି ହୋଇ ନଥାନ୍ତା,

ତେବେ ମଣିଷର ଦୈନନ୍ଦିନ ଜୀବନ, ସାମାଜିକ ଜୀବନ ଆଉ ମଣିଷ ସଭ୍ୟତା ଆଜି ପରି ହୋଇପାରି ଥାଆନ୍ତା କି ? ଦୃଷ୍ଟିଶକ୍ତି ହୀନମାନଙ୍କର ଶ୍ରବଣ ଶକ୍ତି ଓ ସ୍ମରଣ ଶକ୍ତି ଯେତେ ତେଜମୟ ହୋଇଥିଲେ ବି ବିନା ଦୃଷ୍ଟିରେ ଜୀବନ କେତେ ସୁଖମୟ ହୋଇଥାଆନ୍ତା ତାହା ଅକଳ୍ପନୀୟ ।

ଦ୍ୱିତୀୟ ଇନ୍ଦ୍ରିୟ ହେଉଛି ଶ୍ରବଣ ଶକ୍ତି । ମଣିଷର ଜୀବନଚର୍ଯ୍ୟା ପାଇଁ ଏହାର ଗୁରୁତ୍ୱ ଯଥେଷ୍ଟ । ଏହା ମଧ ବ୍ୟକ୍ତିଗତ ଏବଂ ସାମାଜିକ ଜୀବନଧାରଣ ପାଇଁ ଅନିବାର୍ଯ୍ୟ । ଜଣେ ଶ୍ରବଣଶକ୍ତିହୀନ କିପରି ଜୀବନ ନିର୍ବାହ କରେ, ଏହା ଉପଲବ୍ଧି ହୁଏ । ମାତ୍ର ଘ୍ରାଣ, ସ୍ୱାଦ ଏବଂ ସ୍ପର୍ଶଗତ ଇନ୍ଦ୍ରିୟାନୁଭୂତି ଆମ ସୂକ୍ଷ୍ମତର ବ୍ୟକ୍ତିଗତ ଜୀବନ ପାଇଁ ଏତେଟା ଗୁରୁତ୍ୱ ବହନ କରେନାହିଁ ।

ଏହି ସ୍ୱାୟୁଗତ ଇନ୍ଦ୍ରିୟାନୁଭବ ମଣିଷ ସ୍ମରଣ ଶକ୍ତିର ଏକ ସଂରକ୍ଷିତ ଭାଗରେ ରହି ଆମ ଚିନ୍ତାଧାରା ଏବଂ ମାନସିକତାକୁ ରୂପ ଦିଏ । ଆମର ଅଭିରୁଚି ଗଢିଦିଏ । ଏହିପରି ପରିବାରର, ସମାଜର ଏବଂ ଦୂର ଜଗତର ପ୍ରଭାବ ମନରେ ପଡେ । ପ୍ରତିଟି ଲୋକର ମନ ସ୍ୱତନ୍ତ୍ର, ସମସ୍ତଙ୍କ ରଚି ଭିନ୍ନ ଏବଂ ଭାବନା ପୃଥକ୍ । କିନ୍ତୁ ତା ମଧରେ ବାସ୍ତବତା ରହିଛି । ଅନେକଙ୍କର ଚିନ୍ତାଧାରା ବିକୃତ, ସ୍ୱାର୍ଥପର, ଅସାମାଜିକ ତଥା ଧ୍ୱଂସକାରକ । ଏହାର ପ୍ରତିକାର କେବଳ ଆତ୍ମଚିନ୍ତନ ଏବଂ ଆତ୍ମଶୁଦ୍ଧି ।

ଜଣେ ସାଧାରଣ ଲୋକ ଇନ୍ଦ୍ରିୟାନୁଭବ ଉପରେ ନିଜକୁ ସଙ୍କୁଚିତ କରିବା ଉଚିତ ନୁହେଁ । ନିଜର ଅନୁଭବକୁ କୌଣସିମତେ ଚାପି ରଖିବା ଉଚିତ ମନେହୁଏନି । ନିଜର ଭାବପ୍ରବଣତାକୁ ବିଚାର କରିବା ଠିକ୍ ନୁହେଁ, ଏବଂ ସେଠାରୁ  ଦୂରେଇ ରହିବା ସମୀଚୀନ ନୁହେଁ । ଦୂରେଇବାକୁ ଚେଷ୍ଟା କରିବା ନିରର୍ଥକ ଏବଂ ସମୟସାପେକ୍ଷ । ସାଧାରଣ ଭାବରେ ମନର ଭାବକୁ ଦମନ କରିବାକୁ ଗଲେ, ତାହା ନିଶ୍ଚୟ କବଳରୁ ଖସିଯିବ ଏବଂ ଜୀବନର ବହୁ ସମୟ ନେଇଯିବ । ଏହା ସାଧାରଣ ମଣିଷର ଅନୁଭବ ଏବଂ ଇନ୍ଦ୍ରିୟାନୁଭବ ।

ମଣିଷପାଇଁ ନିଜ ଇନ୍ଦ୍ରିୟର ଆବଶ୍ୟକତା ଏତେ ବେଶି, ବିନା ଇନ୍ଦ୍ରିୟାନୁଭବରେ ମଣିଷ ଜୀବନ ଜୀବନ ପଦବାଚ୍ୟ ନୁହେଁ । ଇନ୍ଦ୍ରିୟାନୁଭବକୁ କେହି ଅସ୍ୱାଭାବିକ ବୋଲି କହିପାରିବେନି । କିନ୍ତୁ ମାତ୍ରାଧିକ ପରିମାଣ ଏକ ଜଟିଳ ବ୍ୟାଧିରେ ପରିଣତ ହୋଇ ବିଭତ୍ସ କାଣ୍ଡ କରିପାରେ । ସେହି ଦୃଷ୍ଟିରୁ ଇନ୍ଦ୍ରିୟ ଶବ୍ଦ ଶୁଣିବାରେ ଆମ ମନରେ କେତେ ଅସ୍ୱାଭାବିକ ଘଟଣା ସ୍ମରଣକୁ ଆଗତ ହୋଇଯାଏ । ଜଣେ ସାଧାରଣ ଲୋକକୁ ଉପଦେଶ ଅବା ଆକଟ ଦ୍ୱାରା ଆତ୍ମପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରେ, କିନ୍ତୁ ଯେତେବେଳେ ଜଣେ ଶକ୍ତିଶାଳୀ ବ୍ୟକ୍ତି ବିକୃତ, ତାଙ୍କ ପାଖରେ ଉପଦେଶ ପହଞ୍ଚିବା ସହଜ ନୁହେଁ । ଏହିପରି ସମାଜରେ ଉଚ୍ଚସ୍ତରର ଶାସକ, ପ୍ରଶାସକ, ଜମିଦାର ମାନଙ୍କ କ୍ଷେତ୍ରରେ ଇନ୍ଦ୍ରିୟାନୁସକ୍ତ ହେବାର ବହୁ ଉଦାହରଣ ଦେଖାଯାଏ ।



# ଜୀବନରୂପୀ ମୁଦ୍ରାର ଦୁଇପାର୍ଶ୍ୱ

*ଶ୍ୟାମାପଦ ଚାଟାର୍ଜୀ*

ମଣିଷର ଜୀବନ କେଉଁଠାରୁ ଆରମ୍ଭ ଓ କେଉଁଠାରେ ଶେଷ, ତାହା ବୁଝିବା ଏକ କଷ୍ଟକର ବ୍ୟାପାର। ଏନ୍ତୁଡ଼ିଶାଳର କୁଆଁ କୁଆଁ କାନ୍ଦ ଯଦି ଆରମ୍ଭ ତେବେ ଗର୍ଭସଂଚାର ହେବା ମୁହୂର୍ତ୍ତଟିକୁ ଆମେ କ'ଣ ବୋଲି ଧରିବା ? ପୁନଶ୍ଚ ଆମର ଶାସ୍ତ୍ର କହୁଛି ପୁନର୍ଜନ୍ମ ଅଛି। ତେବେ ମଶାଣିର ଜୁଇ ନିଆଁରେ ପୋଡ଼ି ପାଉଁଶ ହୋଇ ଯିବାଟା ଶେଷ ନୁହେଁ ବରଂ ଆଉ ଏକ ଆରମ୍ଭ।

ଆମେ ସମସ୍ତେ ଜାଣୁ ଜୀବନ ପାଣି ଫୋଟକା ସଦୃଶ। କେଉଁ ମୁହୂର୍ତ୍ତରେ ଜୀବନ ଦୀପ ଲିଭିଯିବ, ତାହା କେହି କହି ପାରିବେନି। ତେବେ ଆମେ ଧରିନେବା ଯେ କ୍ଷଣସ୍ଥାୟୀ ହେଲେବି ଜୀବନର ଗୋଟାଏ ଅସ୍ତିତ୍ୱ ଅଛି ପୁଣି ପ୍ରଶ୍ନ ଉଠୁଛି ଯେ ଜୀବନର ଏହି ଅସ୍ତିତ୍ୱ ବାସ୍ତବତ ?

ଆମ ମୁନିଋଷିମାନେ କୁହନ୍ତି ଯେ ଏହି ଜୀବନଟା ତ ଆଦ୍ୟରେ ନଥିଲା ଓ ପ୍ରାନ୍ତରେ ରହିବନି; ତେବେ ମଝିରେ ତାର ଅାସ୍ତିତ୍ୱଟି କେବେବି ବାସ୍ତବ ହୋଇ ପାରେନା। ଏକଥାଟା ସେତିକିବେଳେ ସତ ଯେତେବେଳେ ଆମ ଜୀବନକୁ ଆମ ଶରୀରର ଜୀବନ ବୋଲି ଧରିବା ଏ ଶରୀର ଆଦ୍ୟରେ ନଥିଲା ପ୍ରାନ୍ତରେ ରହିବନି ତେଣୁ ମଝିରେ ଏହାର ଅସ୍ତିତ୍ୱ ଅବାସ୍ତବ।

କିନ୍ତୁ ଆମେ ଯଦି ନିଜକୁ ଆତ୍ମା ବୋଲି ଧରିନେବା ତେବେ ଏହି ଆତ୍ମା ଆମର ଶରୀର-ରଥର ସାରଥୀ। ଆତ୍ମା ତ ଆମର ଏହା କେବଳ ଘଟ ପରିବର୍ତ୍ତନ କରିଥାଏ। ଯେତେବେଳେ ଗୋଟିଏ ଘଟ ପୁରୁଣା ହୋଇଯାଏ ଏବଂ ସେହି ଘଟଦ୍ୱାରା ବାସନା ପୂରଣହେବା କଷ୍ଟକର ହୋଇପଡ଼େ। ସେତେବେଳେ ଜୀବପୁରୁଣା ଘଟକୁ ଛାଡ଼ି ଆଉ ଏକ ନୂଆ ଘଟରେ ପ୍ରବେଶ କରେ। ତେବେ ଆତ୍ମାର ଜୀବନକାଳ ତ ଅସରନ୍ତି। ଆତ୍ମା; କିନ୍ତୁ ଆଦ୍ୟରେ ଥିଲା ପ୍ରାନ୍ତରେ ରହିବ ଏବଂ ମଝିରେ ମଧ୍ୟ ଅଛି। ତେଣୁ ଆତ୍ମାର ଜୀବନ ବାସ୍ତବ ଶରୀରର ଜୀବନ ଅବାସ୍ତବ।

ସମୟର ରେଳଗାଡ଼ିରେ ବସି ଜୀବନ ଏନ୍ତୁଡ଼ି ଶାଳରୁ ମଶାଣି ଯାଏ ଯାତ୍ରା କରୁଛି ଏହି ଯାତ୍ରାବେଳେ ଜୀବନର ବିଭିନ୍ନ ପ୍ରକାରର ଅନୁଭୂତି ହେଉଛି ଏଇ ଯେମିତି ଶୈଶବ, ଯୁବାବସ୍ଥା, ବୃଦ୍ଧାବସ୍ଥା ଇତ୍ୟାଦି। ପୁଣି କଥା ଘୂରି ଘୂରି ସେଇ ଏକା ଜାଗାରେ ପହଞ୍ଚିଲା ଏସବୁ ଅନୁଭୂତି ଆମେ ଜଗତରୁ ପାଉଛୁ; କିନ୍ତୁ ଶାସ୍ତ୍ର କହୁଛି ବ୍ରହ୍ମ ସତ୍ୟ ଜଗତ ମିଥ୍ୟା, ତାହେଲେ ଏ ଜଗତଟା ଯେତେବେଳେ ମିଥ୍ୟା ତେବେ ସେଠାରୁ ସଂଗୃହୀତ ଅନୁଭୂତିଗୁଡ଼ିକ ମଧ୍ୟ ମିଥ୍ୟା। ବାପା ମାଆଙ୍କୁ ଭକ୍ତି କରି ସେମାନଙ୍କଠାରୁ ସ୍ନେହ-ଶ୍ରଦ୍ଧା ପାଇବାର ଯେଉଁ ଅନୁଭୂତି ତାହା କ'ଣ ଅବାସ୍ତବ ? ବାହାହୋଇ ନିଜ ସ୍ତ୍ରୀ, ପିଲାଙ୍କ ସହ ସଂସାର କରିବାର ଅନୁଭୂତିଟା ବି କ'ଣ ଅବାସ୍ତବ ? ଶାସ୍ତ୍ର ଅନୁସାରେ ଏସବୁ ଅବାସ୍ତବ; କିନ୍ତୁ ବାସ୍ତବତାର ଏକ୍‌ଦମ୍ ପାଖାପାଖି। ଏଇ ଯେମିତି କିଟିକିଟିଆ ଅନ୍ଧାର ରାତିରେ ଆମକୁ ଦଉଡ଼ିଟିଏ ସାପଭଳି ଦେଖାଯାଏ। ତେବେ ଦଉଡ଼ି ବାସ୍ତବ ଓ ସାପ ଅବାସ୍ତବ। ଏ ଜଗତଟା ଦଉଡ଼ିଟିରେ ସାପ ଦେଖିଲା ଭଳି ବାସ୍ତବ; ଅର୍ଥାତ ଯଦିଓ ଅବାସ୍ତବ; କିନ୍ତୁ ବାସ୍ତବତାର ଏକ୍‌ଦମ୍ ପାଖାପାଖି। ଥରେ ଭାବିଲେ, ଅନ୍ଧାର ରାତିରେ ଦଉଡ଼ିଟା ଆମକୁ ସାପଭଳି ଦିଶିଲା ଅଥଚ ବାଘ, ଭାଲୁ, ହାତୀ, କୁକୁର ଭଳି ତ କାହିଁକି ଦିଶିଲାନି। ତେଣୁ ଥରେ ଭାବି ଦେଖନ୍ତୁ ଯେ ଦଉଡ଼ିଟାକୁ ସାପ ଭାବିବା ବାସ୍ତବତାର କେତେ ପାଖାପାଖି।

ଏବେ ତାହେଲେ ସତ୍ୟଟାକୁ ଆମେ ଏଇଭଳି ପ୍ରକାଶ କଲେ ହେବ - ଆତ୍ମା ଦଉଡ଼ି ଆଉ ଏ ଜଗତଟା ସାପ। ତେଣୁ ଜଗତ ଯେହେତୁ ଅବାସ୍ତବ ତେଣୁ ଏହି ଜଗତର ଜୀବମାନଙ୍କର ଜୀବନ ମଧ୍ୟ ଅବାସ୍ତବ କିନ୍ତୁ ବାସ୍ତବତାର ବହୁତ ପାଖାପାଖି। ଦଉଡ଼ିଟାକୁ ସାପ ମନେକରିବାର ଯେଉଁ ଅନୁଭୂତି ତାହା ଯେତେବେଳେ ସଂପୂର୍ଣ୍ଣ ଅବାସ୍ତବ। ତେଣୁ ସାପ ରୂପକ ଜଗତରୁ ସଂଗୃହୀତ ସମସ୍ତ ଅନୁଭୂତି ମଧ୍ୟ ଅବାସ୍ତବ।

ଏଇଠି କିନ୍ତୁ ଯୁକ୍ତିଟି ଆଉ ଗୋଟେ ମୋଡ଼ ବଦଳାଏ। ଆସନ୍ତୁ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଦେଖିବା ଜୀବନ ... ଆଉ ଏହାର ସୃଷ୍ଟି କେମିତି ହୋଇଥାଏ। ଜୀବନ ଆଉ କିଛି ନୁହେଁ କେତେଗୁଡ଼ିଏ ଅସଂପୂର୍ଣ୍ଣ ବାସନାର ସମଷ୍ଟି। ଅସମ୍ପୂର୍ଣ୍ଣ ବାସନାଗୁଡ଼ିକୁ ଶେଷ କରିବା ପାଇଁ ହିଁ ଶରୀର, ମନ, ବୁଦ୍ଧିକୁ ନେଇ ଏକ ଅହଂକାର ଆବଶ୍ୟକ ହୋଇଥାଏ। ସେଇଥି ପାଇଁ ଅସମ୍ପୂର୍ଣ୍ଣ ବାସନାଗୁଡ଼ିକ ଜୀବନଟିଏ ମଲାପରେ ତାର ଆତ୍ମା ସହିତ ସଂଯୁକ୍ତ ହୋଇ ଆଉ ଗୋଟିଏ ନୂତନ ଘଟ ଖୋଜନ୍ତି। ଶାସ୍ତ୍ରରେ ଏକଥା ମଧ୍ୟ ଲେଖାଅଛି ଯେ ଅସଂପୂର୍ଣ୍ଣ ବାସନା, ନୂତନ ଘଟ ଖୋଜିଲାବେଳେ ଈଶ୍ୱର ସେହି ବାସନାଗୁଡ଼ିକୁ ଏଭଳି ଘଟରେ ପ୍ରବେଶ କରାନ୍ତି ଯେଉଁଠାରେ ସେହି ଅସଂପୂର୍ଣ୍ଣ ବାସନାଗୁଡ଼ିକ ଶୀଘ୍ର ଓ ସହଜରେ ଶେଷ ହୋଇ ପାରିବ। ଏଇଠି କହିରଖେ ବାସନା ହେଲା ଅହଂକାର ଦ୍ୱାରା କୃତ କର୍ମ। ଅର୍ଥାତ ମୁଁ ଗଢ଼ିଦେଲି, ମୁଁ ଭାଙ୍ଗିଦେଲି ମୁଁ ଜିତିଗଲି ମୁଁ ହାରିଗଲି। ଆମେ ମୁଁ କର୍ତ୍ତାବୋଲି ବିବେଚନା କରି ଯାହାବି କର୍ମକରୁ ତାହା ବାସନାକୁ ସୃଷ୍ଟିକରେ। ତେଣୁ ପ୍ରତି ମୁହୂର୍ତ୍ତରେ ଅଂସଖ୍ୟ ବାସନା

ସୃଷ୍ଟି ହେଉଛି । ତେଣୁ ଯେତେବେଳେ ଗୋଟାଏ ମଣିଷ ମୃତ୍ୟୁପରେ ମଶାଣିରେ ପୋଡ଼ାହୁଏ, ସେତେବେଳେ ତାର ଶରୀର ପୋଡି ପାଉଁଶ ହୋଇ ମାଟିରେ ମିଶିଯାଏ, ସେତେବେଳେ ଗୋଟେ ସାଧାରଣ ଲୋକ କହେ – ତାର ଜୀବନ ଚାଲିଗଲା । ତେଣୁ ଜୀବନ ନିଶ୍ଚୟ ଅବାସ୍ତବ । କିନ୍ତୁ ସ୍ଥୂଳ ଶରୀର ପୋଡ଼ି ପାଉଁଶ ହେଲା ପରେ ବି ମଣିଷର ସୂକ୍ଷ୍ମ ଶରୀର ଅର୍ଥାତ ତାର ମନ ଓ ବୁଦ୍ଧି ଏବଂ ତାର ସଂଚିତ ବାସନା ସେହି ମଣିଷର ଆତ୍ମା ସହିତ ସଂଯୁକ୍ତ ହୋଇ ପୁଣି ଆଉ ଏକ ଘଟରେ ପ୍ରବେଶ କରେ । ଯାହାକି ସେହି ଜୀବନର ଆଉ ଏକ ପର୍ଯ୍ୟାୟ ଏମିତି ଜୀବନ କେତେ ଯେ ଘଟ ପରିବର୍ତ୍ତନ କରିଥାଏ ତାହାର କିଛି ନର୍ଦ୍ଦିଷ୍ଟ ସଂଖ୍ୟା କେହି କହି ପାରିବେନି । ତେବେ ଶାସ୍ତ୍ର କହେ ଯେତେବେଳେ ଗୋଟିଏ ଜୀବ ମୋକ୍ଷ ପାଇଯାଏ ସେତେବେଳେ ତାର ଆତ୍ମା ପରମାତ୍ମାଙ୍କ ସହ ଲୀନ ହୋଇଯାଏ ଏବଂ ସେ ଆଉ ଘଟରେ ପ୍ରବେଶ କରେନାହିଁ । ସେତେବେଳେ ହୁଏତ ଆମେ କହିପାରିବା ଯେ ସେ ଜୀବର ଜୀବନ ସମାପ୍ତ ହେଲା; କିନ୍ତୁ ମୋକ୍ଷ ପାଇବା ପାଇଁ ଶହ ଶହ ବା ହଜାର ହଜାର ଜନ୍ମ ନେବାକୁ ପଡ଼ିଥାଏ । ଆଉ ପ୍ରତ୍ୟେକ ଥର ଜୀବନ ଆଉ ଏକ ନୂତନ ରୂପରେ ଦେଖା ଦେଇଥାଏ । ତେଣୁ ଆମେ କହି ପାରିବା ଯେ ଜୀବନ ବାସ୍ତବ ଏବଂ ଅସରନ୍ତି; କିନ୍ତୁ ଶାସ୍ତ୍ର ପୁଣି ଏକଥା କହେ ଯେ କେହି କେହି ଖୁବ୍ ଶୀଘ୍ର ମୋକ୍ଷ ପାଇ ଆଉ ଜନ୍ମ ନିଅନ୍ତି ନାହିଁ । ତେଣୁ ତାଙ୍କ ଜୀବନ ସେଇଠାରେ ହିଁ ଶେଷ ହେଇଯାଏ । ତାହାହେଲେ ଧରିନିଆଯାଉ ଯେ ଜୀବନ ଏଇଠାରେ ହିଁ ମରିଗଲା । ଯିଏ ମରିଗଲା ବାସ୍ତବ କେମିତି ହବ । ହଁ ଏବେ ବି ଜୀବନ ବାସ୍ତବ କାରଣ ମୋକ୍ଷ ପାଇ ଈଶ୍ୱରଙ୍କ ସହିତ ଲୀନ ହେଲାପରେ ମଧ୍ୟ ଆତ୍ମା କୌଣସି ନିର୍ଦ୍ଦିଷ୍ଟ କାରଣ ପାଇଁ ନିଜ ଇଚ୍ଛା ଅନୁସାରେ ଶରୀର ଧାରଣ କରିପାରେ ଓ ଆଉ ଏକ ଜୀବନ ଆରମ୍ଭ କରିପାରେ । ଠିକ୍ ଯେମିତି ମହାପ୍ରଭୁ ଶ୍ରୀକୃଷ୍ଣ "ଧର୍ମ ସଂସ୍ଥାପନା" କାରଣରୁ ପୁଣି ଥରେ ମଣିଷର ଦେହ ଧାରଣ କରି, ଅବତାର ସାଜି ଆଉ ଏକ ଜୀବନ ଆରମ୍ଭ କରିଥିଲେ । ଯେହେତୁ ଜୀବନ ଶେଷ ହେଉ ହେଉ କୌଣସି କାରଣବସତଃ ପୁଣି ଥରେ ଆରମ୍ଭ ହେଉଛି ତେଣୁ ଏହା ବାସ୍ତବ ।


ଶେଷରେ ଏତିକି କହିବି ଜୀବନଟା ବାସ୍ତବ ନା ଅବାସ୍ତବ ତାହା ଜାଣିବା ପାଇଁ ଦୁଇଟି ଦୃଷ୍ଟିଭଙ୍ଗୀ ରହିଛି –

(୧) ଯିଏ ଭାବିଲା ଯେ ସେ ତାର ଶରୀରର ଅନ୍ତିମ ସଂସ୍କାର ହୋଇଗଲେ ତାର ଜୀବନ ସରିଗଲା । ତେଣୁ ଜୀବନ ଅବାସ୍ତବ

(୨) ଯିଏ ନିଜକୁ ଆତ୍ମା ବୋଲି ବିବେଚନା କଲା ସେ ଧରିନେବ ଯେ ଯେଉଁଠି ଜୀବନ ଶେଷ ହେଉଛି ଠିକ୍ ସେହି ମୁହୂର୍ତ୍ତରେ ସେଇଠାରେ ଜୀବନର ଆଉ ଏକ ନୂଆ ଅଧ୍ୟାୟର ଆରମ୍ଭ ହେଉଛି ତେଣୁ ଜୀବନ ବାସ୍ତବ ।

ମୁଁ ତ ଜୀବନର ଦୁଇପକ୍ଷ ରଖିଦେଲି ଏବେ ପାଠକ ଯେଉଁ ଦୃଷ୍ଟିଭଙ୍ଗୀରେ ଜୀବନଟାକୁ ଦେଖିବେ, ତାଙ୍କୁ ଜୀବନ ସେହିପରି ଲାଗିବ– ହୁଏତ ବାସ୍ତବ ଅଥବା ଅବାସ୍ତବ ।

ସତ୍ୟନଗର,
ମୋ – ୮୨୪୯୪୩୬୦୪୪



# ମୂଲ କରି ହେବନି ଜୀବନକୁ

*ଆଶାଲତା ପାଣ୍ଡବ*

**ଆ**ଜିକାଲି କହ୍ଳିତା ଦେବୀ ତୀକ୍ଷ୍ଣଣ ଦୃଷ୍ଟିରେ ଚାହିଁ ରହନ୍ତି ତାଙ୍କ ଛୋଟ ବଗିଚାର ଗଛପତ୍ର ଓ ଫୁଲଗଡ଼ିକୁ, ନିରବରେ ମନର ସାତ ତାଳ ଗଭୀର ଭାବନାରେ ବୁଡି ଯିବାକୁ। ହାଇବ୍ରିଡ୍ ଫୁଲଗଛ ଓ ଫୁଲ ତାଙ୍କ ମନରେ ବିସ୍ମୟ ସୃଷ୍ଟି କରେ। କିପରି ସେଗୁଡିକ ରୂପ ନେଇଛନ୍ତି, ସୃଷ୍ଟିକୁ ଅଶେଷ ଧନ୍ୟବାଦ ଦିଅନ୍ତି। ସତରେ ସୃଷ୍ଟି ନା ବିଜ୍ଞାନ ଏହାର ଦାତା ! ସୃଷ୍ଟି ଆଗ ନା ବିଜ୍ଞାନ ? ସୃଷ୍ଟି କଦାପି ବିଜ୍ଞାନ ଦ୍ୱାରା କରାଯାଇନି, ବରଂ ମାଟି, ଆକାଶ, ପାଣି, ପବନ, ଗଛଲତା ଓ ଜୀବଜନ୍ତୁ ଆସିବା ପରେ ମଣିଷର ଅନୁସନ୍ଧିତ୍ସୁ କାର୍ଯ୍ୟ ହିଁ ବିଜ୍ଞାନ। ସ୍ଥୁଳ ଦୃଷ୍ଟିରେ ଦେଖିଲେ କାହା ଶରୀର, ସ୍ୱର, ମୁହଁ ଦିଶେନାହିଁ। ତେଣୁ ଭଗବାନଙ୍କ ସର୍ଜନା ବିଚିତ୍ର ! କହ୍ଳିତାଙ୍କ ଭାବନା ଆଉ ଆଗକୁ ଗତି କରିପାରେନି।

ହଠାତ୍ ଝରାପତ୍ରର ମର୍ମର ଶବ୍ଦରେ ଚମକି ପଡ଼ନ୍ତି, ତାଙ୍କ ଭାବନାରେ ଅନ୍ତରାୟ ସୃଷ୍ଟି ହୁଏ। ନିଜ ଜୀବନରେ ବିତାଇଥିବା ସପନ-ସୋହାଗ ପ୍ରୀତି ମଧୁବୋଳା ଅଭୁଲା ସମୟ ଝଲସି ଆସେ, ବିଗତ ଦିନଗୁଡ଼ିକର ପରସ୍ତ ପରସ୍ତ ଲୁହର ଆର୍ଦ୍ରତା ଆଜି ବି ମନକୁ ଭିଜାଇଦିଏ। ଜୀବନ କେତେବେଳେ ସୂର୍ଯ୍ୟକିରଣରେ ଭାସମାନ ବାଦଲ ତ କେବେ ଅନ୍ଧାରର ସ୍ୱପ୍ନ ଏବଂ ସ୍ମୃତିଭରା ଅଦେଖା କଳାମେଘ।

ସମ୍ପର୍କର ଚାରାଗଛ ଚାରିପଟେ ଅନାବନା ଘାସ ଗହଳରେ ସେ ଖୋଜୁଥିଲେ ଯୌବନର ଉଷ୍ମତା। ତାଙ୍କର ସ୍ପନ୍ଦିତ ହୃଦୟକୁ ଅର୍ପଣ କରି ଦେଇଥିଲେ ପ୍ରିୟତମଙ୍କୁ। ସେଥିରୁ ମୁକୁଳିବାର ଅବକାଶ ହିଁ ଆସିନି ଜୀବନରେ। ଜୀବନକୁ ଢେର ଉପଭୋଗ କରିଥିଲେ ତାଙ୍କ ପ୍ରେମ ସୁରଭିରେ। ପ୍ରତିଟି ନିଶ୍ୱାସରେ କେତେ ଯେ ପୂରି ରହିଥିଲା ପ୍ରୀତିର ପୀୟୂଷ, ତା ମାପରେ ଅମାପ, ହିସାବ କରିପାରି ନାହାନ୍ତି ମନର ତଉଲରେ।

ଆସନ୍ତାକାଲି ପୁଅ ବାହାଘର ପାଇଁ ଝିଅ ଘରୁ କୁଣିଆ ଆସିବେ, ସେ କେମିତି ଏହି ମୁହୂର୍ତ୍ତର ସାମନା କରିବେ, ନୂଆ ସମ୍ପର୍କର ସେତୁ ସ୍ଥାପନ କରିବେ - ତାର ସରଳ କପଟଶୂନ୍ୟ ଭାବନା ମନକୁ ଆସୁନି। ନିଜ କୋମଳମତି ପୁଅର ମନରେ ଏହାର କି ପ୍ରଭାବ ରହିବ, ଚିନ୍ତା କରି ପାରୁନାହାନ୍ତି। ବଗିଚାର ଫୁଲଭରା ସବୁଜିମା ଭିତରେ ହଜି ଯିବାକୁ ଚେଷ୍ଟା କଲେବି ମନ ଲାଗୁନି। ନବ ନିର୍ବାଚିତ ଓଡିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିବା ପୁଅର ନିରୀହ ନିଷ୍ପାପ ମୁହଁ ତାଙ୍କୁ ବାରମ୍ବାର ଚେତାଇ ଦେଉଛି। ବିନା ବାକ୍ୟ ବିନିମୟରେ ପୁଅ ବି ମାଆର କମ୍ପିତ ଓଠର ଅକୁହା କଥା ଆଉ ଅସହାୟପଣକୁ ହୃଦୟଙ୍ଗମ କରିପାରିଲା। ନିରବରେ ମାଆର ମନକଥା ବୁଝିପାରି ଦି ପଦ ଶୁଣାଇଦେଲା, "ଦେଖ, ମାଆ ଯଦି ତୁମ ଆଖିରୁ ଲୁହ ଝରାଉଛ, ସେ ଦିନ ମତେ ଚିହ୍ନିବ... ଜାଣ... ବରଂ ଚିରଦିନ ଅବିବାହିତ ରହିଯିବି। ତୁମ ଆଖିର ଲୁହକୁ ମୁଁ ସହି ପାରିବିନି। ତୁମେ ହିଁ ମୋର ସର୍ବସ୍ୱ।"

ଏତକ ଅଧାପିକା କହ୍ଳିତା ମହାପାତ୍ରଙ୍କ ଭୁବନେଶ୍ୱରର ସୁନ୍ଦର ଶୈଳଶ୍ରୀ ବିହାର ଭିଆଇପି ଅଞ୍ଚଳର ବାସଗୃହରେ ଘଟିବାର କେଇମାସ ତଳର କଥା। ଆମେ ସେତେବେଳେ ବାହାରେ ରହୁଥିଲୁ। ଆମର ବି ଏଠାରେ ବାସଗୃହ ଅଛି।

ସ୍ୱାମୀଙ୍କର ଅବସର ପରେ ଆମ ପରିବାର ଭୁବନେଶ୍ୱରରେ ଆସି ରହବାକୁ ନିଷ୍ପତ୍ତି ନେଲୁ। ଏହି ମାୟାନଗରୀରେ ସବୁ ମାୟା ମରିଚୀକା...ଏକ ନିର୍ମଳ ପରିବେଶ ମୋ ମନକୁ ହାଲୁକା କରିବାପାଇଁ ପ୍ରାତଃଭ୍ରମଣ ମୋର ଅଭ୍ୟାସରେ ପରିଣତ ହୋଇଗଲା। ସେ ଦିନ ଥିଲା ରବିବାର ଛୁଟିଦିନ। କୁହୁଡ଼ିଭରା ସକାଳରେ ପାର୍କଟି ଚଳଚଞ୍ଚଳ ଥିଲା। ଯୋଗ ଶିବିରରେ ଯୋଗ ସାଧନାରେ ବ୍ୟସ୍ତ କର୍ମଠ ଯୋଗ ଅଭ୍ୟାସକାରୀମାନେ। ପରିବେଷ୍ଟନୀ ବେଶ୍ ଆହ୍ଲାଦିତ। ଏହି ମଧୁର ବେଳାରେ ସହଯାତ୍ରୀ ଥିଲେ କେଇଜଣ ପଦାଚାରୀ। ପାଦଚାଳନା ଯେମିତି କୌଣସି ମୃଦୁ ସଙ୍ଗୀତର ତାଳେ ତାଳେ ଚାଲିଛି। ମୁଁ ବି ସେମାନଙ୍କ ତାଳରେ ପ୍ରଶାନ୍ତ ଚିତ୍ତରେ ତାଳ ମିଳାଇ ଚାଲିଛି। ସେହି ଦିନର ଅମୃତ ବେଳାରେ ନିଜକୁ ସାମିଲ୍ କରିବାର ଖୋଲାମନ ନେଇ ନିଜକୁ ପ୍ରସ୍ତୁତ କରୁଥାଏ। ପାଦର ଗତି ସେହି ତାଳରେ ଚାଲିଛି, ଖୋଲା ହୃଦୟ ଏବଂ ପ୍ରଭାତର ନିର୍ମଳ ମାନସପଟ। ସେତିକିବେଳେ ଅଚାନକ ଭାବରେ ମୋ ସାମନାରେ ଆବିର୍ଭୂତ ହେଲେ କହ୍ଳିତା ମାମ୍, ଯାହାଙ୍କୁ ମୁଁ ଅନେକ ଦିନ ଧରି ମିସ୍ କରୁଥିଲି। ଭୁବନେଶ୍ୱର ଆସିବା ଦିନଠାରୁ ତାଙ୍କ ସହିତ ପରିଚୟ ହୋଇ ଯାଇଛି। ସେ ଏମିତି ନିରବ ଆଉ ନୀରିହ ପ୍ରକୃତିର, ମୋତେ ହିଁ ସେଭଳି ଚରିତ୍ର ଆକର୍ଷଣ କରେ। ହାଏ ହାଲୋ ଚଡର ଚଡର ମୋତେ ଅଖାଡୁଆ ଲାଗେ। ଖାଣ୍ଟି ମଣିଷପଣିଆ ଖୋଜୁଥିବା ମୋ ପରି ଜଣେ ଗାଉଁଲି ସ୍ତ୍ରୀଲୋକ ପାଇଁ କହ୍ଳିତା ମାଡାମ୍ ହିଁ ଆକର୍ଷଣ।

ଏହି ପାର୍କରୁ ଆମ ସମ୍ପର୍କ। ପାଦଚଲା ସାଥି ଘଣ୍ଟେ ଦୁଇଘଣ୍ଟାର। ପାଞ୍ଚ ପାଉଣ୍ଡ ପାର୍କ ପରିଧି ବୁଲିସାରିବା ପରେ ଦୈନନ୍ଦିନ କିଛି ସମୟ ପାର୍କର ବେଞ୍ଚରେ ବସୁ, ମନ ହାଲୁକା କରିବାକୁ ଦୁଃଖସୁଖ ହେଉ। ତାପରେ ବିଦାୟ ନେଉ। କିଛିଦିନ ହେବ ସେ ଆସୁ ନଥିଲେ। ଫୋନ୍ କଲେ 'ଇନକମିଙ୍ଗ୍ କଲ୍ ସୁବିଧା ନାହିଁ' ଶବ୍ଦ ଶୁଭେ। ପୁଅ ବାହାଘର ପାଇଁ ବ୍ୟସ୍ତ ଥିବେ। ନିଜ ପରିବାର ଓ ନିଜ ବିଷୟରେ ବେଶି କିଛି କହନ୍ତି ନାହିଁ। ହେଲେ ତାଙ୍କର ସରଳତା ଓ ନିରବ ସ୍ୱଭାବ ମୋତେ ପୁଲକିତ କରିଥାଏ। କିଛି ନକହିଲେ ବି ମୁଁ ବୁଝିଯାଏ, ସେ ଜଣେ ଦରଦୀ ମଣିଷ। ପରିଣତ ବୟସରେ ତାଙ୍କର ସ୍ନେହୀ ହୃଦୟ ଏବଂ ସଂଭ୍ରମତାର ପରିଚୟ ସ୍ୱତଃ ଆସିଯାଏ। ମଣିଷପଣିଆ ତାଙ୍କର ବହୁତ। ଏହି ଅଞ୍ଚଳରେ ସେ ଘର କରିବାର ନିଷ୍ପତ୍ତି ନେଇଥିବାରୁ ନିଜକୁ ଭାଗ୍ୟବାନ ମଣନ୍ତି। ମୋତେ ତାଙ୍କ କଥା ବହୁତ ଭଲ ଲାଗେ। ଆମେ ବି ସେହି ନିଷ୍ପତ୍ତି ନେଇଛୁ।

କଳ୍ପିତା ମାଡାମ୍‌ଙ୍କ ସହିତ ଭେଟ ହେବା ପରଠାରୁ ଏବଂ ଏହି ପାର୍କର କୋଳାହଳମୟ ପରିବେଶ ବି ମୋତେ ବେଶ୍ ଆମୋଦିତ କରିଛି। ମୁଁ ଅନେକାଂଶରେ ଭାରମୁକ୍ତ ହୋଇଛି।

କିନ୍ତୁ ଏବେ ଦିନେ ମୋତେ କଳ୍ପିତା ମାଡାମ୍ କହିଲେ, "କାଲିଠାରୁ ମୁଁ ଏଇ ସହରର ଅନ୍ୟ ଏକ ପ୍ରାନ୍ତରେ ରହିବି। ଆଉ ଆମେ ପରସ୍ପରକୁ ଦେଖି ପାରିବାନି।"

କହିଲି, "ହଉ, ଆସନ୍ତୁ, କେତେ ରାଉଣ୍ଡ ଚାଲିବା, ବସିବାବେଳେ କଥା ହେବା।"

ସେ କହି ସାରିବା ପରେ ହୁଏତ ତାଙ୍କ ମନ ହାଲୁକା ହୋଇଥିବ, କିନ୍ତୁ ସେ କଥାଟି ମୋ ମନରେ ବତୁରୁଥାଏ। ମନରେ ଅଜଣା କୋହ ଆସୁଥାଏ। ପାଦ ଥମି ପଡୁଥାଏ। ତାଙ୍କ ହାତରେ ହାତଛନ୍ଦି ଚାଲିବାକୁ ପ୍ରବଳ ଇଚ୍ଛା ହେଉଥାଏ। ଅନେକ ବାଟ ଚାଲିବା ପରେ ପାର୍କ ସିଟ୍‌ରେ ଯୋଡ଼ି ହୋଇ ବସିଗଲୁ। ମୋର ଡଗ ଡଗ ପ୍ରକୃତି, ବୁଝିବାକୁ ବ୍ୟଗ୍ର କାହିଁକି ସେ ଏତେ ଦୂରରେ ରହିବେ ? କିଛି ଖୋଲାରେ ପଚାରିବାକୁ ମନ ଚାହୁଁଥିଲା। ତାଙ୍କର ନିରୀହ ଆଖି ଦୁଇଟି ଛଳଛଳ ହେଉଥିଲା। ତାଙ୍କ ପାଖକୁ ଟିକିଏ ଘୁଞ୍ଚି ଆସିଲି। ଚୁପ୍ କରି କାନ ପାଖରେ ପଚାରିଲି, "କଣ ହୋଇଛି ସହୀ? ତୁମେ ନଆସିଲେ ମୋତେ ଭଲ ଲାଗିବ ତ ? ମୋ ଉପରେ ଅଭିମାନ କାହିଁକି ?"

ଉତ୍ତର ଦେଲେ, "ନାହିଁ ସହୀ, କିଛି ନାହିଁ, ମୋର ଟିକେ ଜାଗା ପରିବର୍ତ୍ତନ ଦରକାର।" ଏତିକି ସଂକ୍ଷିପ୍ତରେ କହି ଚୁପ୍ ହୋଇଗଲେ। ମୋତେ ଲାଗିଲା ସେ କିଛି କହିବାକୁ ଚାହୁଁଛନ୍ତି, କିନ୍ତୁ କୌଣସି କାରଣରୁ ସଙ୍କୋଚବୋଧ କରୁଛନ୍ତି।

ମୁଁ କିଛି କହିବାକୁ ବାଧ କଲିନାହିଁ। ବରଂ କହିଲି, "ସହୀ, ମନର କଥା କହିଲେ, ଆଶ୍ୱାସନା ମିଳିବ, କୌଣସି ସମସ୍ୟା ଲୁଚାଇ ରଖିଲେ ତାହା ଆତ୍ମଘାତୀ ହେବ। ମୋ କଥା ରଖ। କୌଣସି ସହାନୁଭୂତିଶୀଳକ ବିଷୟ ହେଲେ ମୋତେ ବିଶ୍ୱାସର ସହିତ କହିପାର।"

ସେ ପାର୍କର ପାଦତଳ ସବୁଜ ଘାସକୁ ଚାହିଁ ରହିଥିଲେ। ଆଖି ଲୁହରେ ଭରି ଯାଇଥିଲା। କିଛି କହିବେ କି ନାହିଁ, ଦ୍ୱନ୍ଦ୍ୱରେ ରହିଥିଲେ। ମୁଁ ତାଙ୍କର ମୋ ଉପରେ ବିଶ୍ୱାସ ବୃଦ୍ଧି କରିବାକୁ କହିଲି, "ମଣିଷ ଜୀବନଟା ନିଛାଟିଆ କିନ୍ତୁ ସମାଜରେ ଚଳିଲେ ଯେତିକି ଲାଭ ମିଳେ, ଅନେକ ସମୟରେ ସେତିକି ଯାତନା ମିଳେ। ସେଥିପାଇଁ ଆତ୍ମୀୟ, ଭାଇବନ୍ଧୁ ଏବଂ ଅନ୍ତରଙ୍ଗ ବନ୍ଧୁ ଅଛନ୍ତି। ଦୁଃଖ କି ମନର ଯନ୍ତ୍ରଣା ଖୋଲି କହିଲେ, ତାହା ଲାଘବ ହେବ, ମନରେ ରଖିଲେ ତାହା ବିପଜ୍ଜନକ ହେବ। ମୋତେ ବିଶ୍ୱାସ କରି କହନ୍ତୁ, ମୁଁ ତ ବୟସରେ ଆପଣଙ୍କର ବଡ଼ଭଉଣୀ ପରି।"

ସେ କିନ୍ତୁ କିଛି କହିବାକୁ ପ୍ରସ୍ତୁତ ନଥିଲେ। କେବଳ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ। ମୁଁ ବହୁତ ବୁଝାଇବାପରେ ସେ ତୁନି ହେଲେ ଏବଂ କେତେ ସମୟ ନିରବ ରହିଲେ।

ମୁଁ ଆଉ ଥରେ ତାଙ୍କୁ ସାନ୍ତ୍ୱନା ଦେଇ କହିଲି, "ଆପଣ ନିଜକୁ କେବଳ କଷ୍ଟ ଦେଉଛନ୍ତି। ମୋତେ ବି ବିଶ୍ୱାସକୁ ଆଣୁ ନାହାନ୍ତି।"

ସେଦିନ ମୁଁ ବହୁତ ମନସ୍ତାପରେ ଘରକୁ ଫେରିଲି। ଅନେକ ବିଷୟ ମନରେ ଛନ୍ଦି ହେଉଥାଏ। କଳ୍ପିତା ମାଡ଼ାମଙ୍କ ବ୍ୟଥିତ ମନ ଆଉ ମଉଳି ପଡିଥିବା ମୁହଁଟି ମୋ ଆଖି ଆଗରେ ନାଚି ଉଠୁଥାଏ। ମୋତେ ବହୁତ ସମୟ ଲାଗିଲା ତାଙ୍କ କଥା ମନରୁ ଘୁଞ୍ଚାଇ ଘରକାମରେ ହାତ ଦେବାରେ। ବାରମ୍ବାର କାନରେ ଗୁଞ୍ଜରିତ ହେଉଥାଏ, "କାଲିଠାରୁ ଆପଣଙ୍କ ସହିତ କେବେ ବି ଦେଖା ହେବନି"। କଅଣ ଗୂଢ଼ ରହସ୍ୟ, ଅନୁମାନ କରିବା ମୋ ପକ୍ଷେ ଆଦୌ ସମ୍ଭବ ନୁହେଁ।

ଆଉ ଯେ କଳ୍ପିତା ମାଡାମ୍‌ଙ୍କ ସହିତ ଦେଖାହେବ, ଆଶା ନଥାଏ। ପାର୍କକୁ ଯିବାକୁ କେମିତି ଆଗ୍ରହ କମିଆସିଛି। କଣ ବା କରିବି, ଆଉ କୁଆଡେ ଯିବି ? ଦୁଃଖଭରା ମନରେ କିଛି ବିଳମ୍ବରେ ପରଦିନ ପାର୍କ ଆଡ଼କୁ ମୁହାଁଇଲି। ସେଦିନ ରବିବାର ଥାଏ। ପାର୍କରେ ଯେଉଁ ସିମେଣ୍ଟ ବେଞ୍ଚରେ ଅଭ୍ୟାସଗତ ଭାବରେ ବସୁ, ସେଇଠି ମନଦୁଃଖରେ ବସିଲି। ସହୀ ତ ବିଦାୟ ନେଇସାରିଛନ୍ତି। ତାଙ୍କର ଅନୁପସ୍ଥିତି ମୋ ଦୁଃଖର କାରଣ। ମୋ ଦୁଃଖକୁ କିଏ ବା ବୁଝିବ। ପାର୍କଭିତରେ ଥିବା ପ୍ରତି ଲୋକ ନିଜ ନିଜ ବ୍ୟାୟାମ, ଯୋଗ ବା ଧସେଇ ଚାଲିବାରେ ବ୍ୟସ୍ତ।

ମୋର ପଛପାଖରୁ "ମୁଁ ଫେରି ଆସିଛି ସହୀ " ବୋଲି ପରିଚିତ ଶବ୍ଦ ଶୁଭିଲା। ଏହା ସତ କି ମୋର ଶୁଣିବାରେ ଭ୍ରମ ବୋଲି ପଛକୁ ଚାହେଁ ତ ଦେଖିଲି କଳ୍ପିତା ମାଡାମ୍ ସହାସ୍ୟ ବଦନରେ ମୋ ପାଖକୁ ଆସୁଛନ୍ତି।

ତାଙ୍କ ଖୁସି ଏବଂ ମୁହଁର ସରାଗ ଗତ ଥର ଠାରୁ ଆକାଶ-ପାତାଳ ପ୍ରଭେଦ ଥିଲା। ବହୁ ସରାଗରେ କଥା କହୁଥିଲେ ଏବଂ ତାଙ୍କର ଆତ୍ମବିଶ୍ୱାସ ବହୁତ ବଢ଼ିଯାଇଥିଲା। ଆଉ ସେ ଜଟିଳ ସମସ୍ୟାରେ ଭାରାକ୍ରାନ୍ତ ଥିବା ପରି ଆଦୌ ଜଣା ଯାଉ ନଥିଲେ। ନିଜକୁ ନିଜେ ଭାଙ୍ଗିପଡିଥିବା ମଣିଷଟି ଆଜି ନିଜକୁ ଟେକିନେଇ ସଳଖ ଠିଆ ହୋଇ ପାରୁଥିଲେ।

ତାଙ୍କ ବାମ ହାତକୁ ମୁଁ ମୋ ଡାହାଣ ହାତରେ ଧରି କହିଲି, "ସହୀ ନିଜ ଭିତରେ କିଛି ଲୁଚାଇ ରଖନି। ମନର କଥା ସମ୍ପୂର୍ଣ୍ଣ ଖୋଲି କୁହ। ମନ ହାଲୁକା ହୋଇଯିବ।"

କଞ୍ଚିତା ମାଡାମ୍ ମୋତେ ବେଞ୍ଚର ଗୋଟିଏ କୋଣକୁ ଟାଣି ନେଇ କହିଲେ, "ତୁମେ ମୋତେ କାଲି ବଞ୍ଚିବାର ରାହା ଦେଖାଇଛ। କଥାରେ ଅଛି ନଦେଖିଲା ଯାଗା ଦେଖାଇ ହୁଏନି। ସେମିତି ନକହିବା କଥା କିପରି ମୁଁ କହି ପାରିଥାଆନ୍ତି ? ଏ ହାଏ ହାଲୋ ଦୁନିଆରେ କିଏ କାହାର ? କିନ୍ତୁ କାଲି ମୁଁ ଦେଖିଲି ତୁମେ ମୋତେ ବଡ଼ ଭଉଣୀ ଭାବରେ ଦେଖୁଛ। ମୋ ଜୀବନରେ ମୁଁ ସେତିକି କାହାଠୁ ପାଇନି। ସେଇ ଭରସାରେ ମୋ ମନ ପରିବର୍ତ୍ତନ ହୋଇଛି। ମନର ଦୁଃଖରେ ତିଳ ତିଳ ହୋଇ ରସାତଳକୁ ଯିବା ବେଳକୁ ତୁମର ଆଶ୍ୱାସନା ମୋତେ ବଞ୍ଚିବାର ଆଲୋକ ପ୍ରଦାନ କରିଛି।"

ସେ କହି ଚାଲିଲେ, "ମୋର ହେତୁ ଆସିଲା ବେଳକୁ ମୁଁ ଜାଣିଲି ମୋର ଅନ୍ୟମାନଙ୍କ ପରି ନିଜ ବାପା ମାଆ କେହି ନାହାନ୍ତି। ମୋ ମନରେ ବିରାଟ ଗର୍ତ୍ତ ସୃଷ୍ଟି ହେଲା। ମୁଁ ଅନାଥାଶ୍ରମର ପିତୃମାତୃହୀନା ଅଭାଗିନୀ କନ୍ୟା। ଅସହାୟ ମନରେ ନିଜକୁ ସନ୍ତୁଷ୍ଟ ରଖିବାକୁ ପାଠପଢ଼ାରେ ଧ୍ୟାନ ଦେଇ ମୁଁ ମେଧାବୀ ଛାତ୍ରୀ ହେବା ଛଡ଼ା ମୋ ପାଖରେ ଆଉ କିଛି ଉପାୟ ନଥିଲା। ତା ନହୋଇ ଥିଲେ ଜୀବନ ବଞ୍ଚାଇ ରଖିବାର କିଛି ଆକର୍ଷଣ ନଥିଲା। ପାଠକୁ ନିଜର ପିତାମାତା ଭାବି ମୁଁ ସବୁବେଳେ ଶ୍ରେଣୀରେ ଏବଂ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରେ। ସମସ୍ତଙ୍କର ଆଶୀର୍ବାଦ ଓ ସହାନୁଭୂତି ମୋତେ ଆଗକୁ ବଢ଼ିବାରେ ସହାୟକ ହୋଇଛି।

"କିନ୍ତୁ ମୋ ମନରୁ ବିଷାଦର କାଳିମା କେବେ ବି ହଟିନାହିଁ। ଗତ କାଲି ବି ମୁଁ ବିଷାଦର ସୀମା ଟପି ଯାଇଥିଲି।"

"ଏବେ କଅଣ ଆପଣଙ୍କର ସମସ୍ୟା ଅଛି ? ଅତୀତକୁ ତ ଆପଣ ଜୟ କରିସାରିଛନ୍ତି !" ଏଇଟା ଥିଲା ମୋର ତାଙ୍କୁ ସହାନୁଭୂତି ପ୍ରକାଶ କରିବାର ପ୍ରଶ୍ନ।

ସେ କହିବାକୁ ଲାଗିଲେ, "ଜୀବନର ମୂଲ୍ୟବୋଧ ମୋ ପାଇଁ ତୁମମାନଙ୍କ ପରି ସଳଖ ନୁହେଁ। ସମୟଚକ୍ରରେ ମୋର ପରିବେଶ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର। ମୋର ପରିଚୟ ତୁମମାନଙ୍କ ପରି ସରଳ ନୁହେଁ। ମୁଁ ଜଣେ ପିତୃମାତୃହୀନା ହତଭାଗିନୀ ନାରୀ। ମୋର ଭାଗ୍ୟହୀନ ଅତୀତ ଆଜି ବି ମୋତେ ପ୍ରଶ୍ନ କରେ, ତୋର ବଢ଼େଇ କେଡ଼େ ? ମୋର ପରିଚୟ ଯଦି କିଏ ପଚାରିଦିଏ, ମୋତେ ଏମିତି ଲାଗେ, ମୋର ମନ ଉପରେ ସତେକି ରେଳଗାଡ଼ି ଚାଲିଯାଉଛି ! କାହାକୁ ପଚାରିଲେ, ନିଜ ମାଆ ଆଉ ବାପାଙ୍କର ସୁମଧୁର ସ୍ମୃତି ଉଦାହରଣ ଦିଅନ୍ତି, କିଏ ଭାଇ ଭଉଣୀଙ୍କର ସ୍ନେହ ଆଦର ବିଷୟ କହି ଆନନ୍ଦିତ ହୁଅନ୍ତି, ସମାଜର ବନ୍ଧନର ଡୋରି କଥା କହନ୍ତି। ମୋତେ ପଚାରିଲେ, ମୁଁ ନିରବ ରହେ। ବାଧ୍ୟ ହୋଇ ମୋର ଅନାଥାଶ୍ରମ କଥା କହେ। ମୋର ବଞ୍ଚିବାକୁ ଆଉ ଆନ୍ତରିକତା ରହେନାହିଁ। କାହିଁକି ଏହି ସମାଜରେ ରହିବି, ବହୁତ ମନ କଷ୍ଟ ହୁଏ, ମନରେ ଯାତନା ଅସହ୍ୟ ହୋଇ ଉଠେ।"

"ସହୀ ତୁମେ ଏହି ସାଧାରଣ କଥାକୁ ଏତେ ଗମ୍ଭୀର ଭାବରେ ନିଅ କାହିଁକି ? ତୁମେ ଏତେ ପାଠ ପଢ଼ିଲ, ଏତେ ଶିକ୍ଷିତ ହେଲ, ଏଇ ରୁକ୍ଷ ଅତୀତକୁ ଭୁଲି ପାରୁନ ? ଜୀବନରେ ତୁମେ ଅସାଧ୍ୟ ସାଧନ କରିଛ, ପୁଣି ବାବୁଙ୍କ ପରି ଜୀବନସାଥୀ ପାଇଛ। ଆଉ କଅଣ ଅଭାବ ରହିଛି ଯେ, ଏତେ ମନସ୍ତାପ କରୁଛ ?" ମୋର ଥିଲା ତାଙ୍କୁ ସମବେଦନା ଏବଂ ମନରୁ ତାଙ୍କର ହଟାଇଦେବାକୁ ଇନ୍‌ଫିରିଅରିଟି କମ୍ପ୍ଲେକ୍ସ।

"ତୁମେ ଟିକିଏ ମନର ଭିତର ଗମ୍ଭୀରାରେ ହୃଦୟର ସହିତ ଚିନ୍ତା କର ଏବଂ ନିଜକୁ ମୋ ସ୍ଥାନରେ ରଖି ଦେଖ, ମୋର ଜୀବନର ବେଦନା କେତେ ! ନିଜେ ଯେତେବେଳେ ଜାଣିଲି ମୁଁ ପିତୃମାତୃହୀନା ଆଉ ସେଇଟା ମୋର ଦୁନିଆ, ମୁଁ କିଛି ଅନୁଭବ କରିପାରି ନଥିଲି। ବାହାର ଦୁନିଆକୁ ଆସିବା ପରେ ବିଦ୍ୟାଳୟରେ ନିଜ ଅସହାୟତା ମୋର ବୋଧଗମ୍ୟ ହେଲା। ସମାଜରେ ଚଳିବାରେ ଅସମ୍ଭବ ମାନସିକ ଚାପ ଏବଂ ନୀଚ ଭାବନା ମୋତେ ଆଜି ବି ଗ୍ରାସ କରିଛି।" ଏତିକି କହି କଞ୍ଚିତା ଟିକିଏ ଦମ୍ ନେଲେ।

"ଆପଣଙ୍କର ସମାଜରେ ଆଉ ଶିକ୍ଷା ଜଗତରେ କେତେ ସ୍ଥାନ ଆପଣ ନିଜକୁ କଳନା କରିପାରୁଛନ୍ତି ତ ? ନିଜର ଶକ୍ତି ସାମର୍ଥ୍ୟ ଦେଖନ୍ତୁ। କେତେ କେତେ ଝିଅ ଆପଣଙ୍କ ସ୍ୱାମୀଙ୍କ ପାଇଁ କାମନା ନ କରିଥିବେ। ଗୁଣ ଚିହ୍ନେ ଗୁଣିଆ। କିଛି ନବୁଝି ଆପଣଙ୍କୁ ଆଦରି ନେଲେ। ସେଇଟା ତାଙ୍କର ଯେତିକି ମହନୀୟତା, ଆପଣଙ୍କର ବ୍ୟକ୍ତିତ୍ୱର ପରିସୀମା ତତୋଽଧିକ। ଆପଣ ମନରେ ଟିକିଏ ଉଚ୍ଚାଟ ରଖନ୍ତୁ। ନିଜେ କାହିଁକି ଆଉ ଅତୀତ ଜୀବନକୁ ପଙ୍କକାଦୁଅ ବୋଲି ଭାବୁଛନ୍ତି ? ପଦ୍ମଫୁଲ କଅଣ ତାହାର ମୂଳ ପଙ୍କ ଭାବନାରେ ସୌନ୍ଦର୍ଯ୍ୟ ହରାଇବାକୁ ଚାହେ ? ଦୁନିଆରେ କିଏ ତାକୁ ପଚାରିବ ତାହାର ଜନ୍ମସ୍ଥାନ ? ପୁଣି ତାର ସ୍ଥାନ ଯାଇ ବଡ଼ଠାକୁରାଣୀଙ୍କ ପାଖରେ।" ଏତିକି କହି ମୁଁ ଟିକିଏ ଥମି ଗଲି।

"ଆମ ସମାଜରେ ଲୋକମାନଙ୍କର ଏମିତି ସଂସ୍କୃତି, ତାହା ପ୍ରକୃତିଠାରୁ ବହୁତ ପୃଥକ୍। ପଦ୍ମଫୁଲ ଏବଂ ପୁଷ୍କରିଣୀ ଅତି ପବିତ୍ର ଏବଂ ବଡ଼ଠାକୁରାଣୀ ମା ଲକ୍ଷ୍ମୀ ଆମର ଆରାଧ୍ୟ ଦେବୀ ଆମ ଜୀବନର ପ୍ରତିଟି ପାଦରେ ଆମ ଗତିପଥକୁ ପୁଷ୍ପାୟିତ କରିଥାଆନ୍ତି। ମାତ୍ର ମଣିଷ ଗଢ଼ିଥିବା ସମାଜରେ ଏତେ କତ୍ରିମତା, ଅତୀତର ପ୍ରତିଟି ଘଟଣାର ଦୋଷାରପ, ସୂତ୍ର ଏବଂ ମର୍ମର ସବୁବେଳ ପାଇଁ ରହିଛି ଉଦାହରଣ, ଉଘେଇ ହେବାର ମାନସିକତା ଆଉ ଦୁର୍ବଳତାର ପ୍ରତିଶୋଧ। ଏଇଟା ମଣିଷର ମାନସିକତା, ବିରାଟ ସ୍ମରଣ ଶକ୍ତିର ଅପପ୍ରୟୋଗ ଏବଂ ମାନବିକତାର ଅପରପାର୍ଶ୍ୱ। ମୋର ପରିଚୟହୀନତା ଏବଂ ପିତାମାତାଙ୍କର ଅଜ୍ଞାତି ମୋ ପାଇଁ କାଳ ହୋଇଛି। ସେହି କାରଣରୁ ମୋତେ ମଣିଷ ସମାଜରେ ଗ୍ରହଣ କରାଯିବାରୁ ବଞ୍ଚିତ କରାଯାଉଛି, ସେଇଥି ପାଇଁ ମୁଁ ନିଶ୍ଚିତ ମୃତ୍ୟୁ ମୁଖରୁ ଥରେ ନୁହେଁ ଦୁଇ ଥର ପୁନର୍ଜୀବନ ପାଇଛି।" କହି ଚାଲିଛନ୍ତି କଞ୍ଚିତା ମାଡାମ୍।

ମୁଁ ତାଙ୍କୁ ବିସ୍ଫାରିତ ନୟନରେ ଚାହିଁ ରହିଲି।

ସେ ମୋ ପାଖକୁ ଘୁଞ୍ଚିଆସି କହିବାକୁ ଲାଗିଲେ।

"ଏମିତି କିଛି ଘଟଣା ଘଟିନି ମୋ ଶାଶୂଘରେ। ମୋର ସ୍ୱାମୀ କାହାକୁ କେବେ ସୁଯୋଗ ଦିଅନ୍ତି ନି ମୋ ଅତୀତ କି ମୋ ବାପାମାଆଙ୍କ ବିଷୟରେ କିଛି ପଚାରିବାକୁ। କିନ୍ତୁ ଥରେ ଗୋଟିଏ ସଭାରେ ମୋର ଜଣେ ପ୍ରତିଦ୍ୱନ୍ଦ୍ୱୀ ପରାସ୍ତ ଅନୁଭବ କରି ମୋ ପିତାମାତାଙ୍କ ବିଷୟରେ ଏମିତି ଅଶାଳୀନ ମନ୍ତବ୍ୟ ଦେଲେ ମୋତେ ଲଜ୍ଜିତ ହେବାକୁ ପଡ଼ିଲା। କାହିଁକି ଜୀବନ ରଖିବି ବୋଲି ଅନେକ କଥା ଚିନ୍ତାକଲି ଏବଂ ମୃତ୍ୟୁଧାରରୁ ମୋ ସ୍ୱାମୀଙ୍କର ପ୍ରତିତ୍ପନ୍ନମତିତା ହେତୁ ଏହି ଶରୀର ସହିତ ପ୍ରତ୍ୟାବର୍ତ୍ତନ କଲି।

"ଏହିପରି ଦ୍ୱିତୀୟ ଘଟଣା ଘଟିଲା ମୋ ପୁଅ ବିବାହ ପ୍ରସ୍ତାବ ଯେଉଁଠି ପ୍ରଥମେ ପଡ଼ିଲା, ସେହି ରକ୍ଷଣଶୀଳ ପରିବାର ମୋର ବଂଶ-ଐତିହ୍ୟର ବିବରଣୀ ଲୋଡ଼ିଲା। ଏଇଟା ଆମ ଜୀବନର ଅନାବଶ୍ୟକ ଅତୀତ କିପରି ଆମ ପର ପିଢ଼ିକୁ ବିଷାକ୍ତ କରୁଛି, ତାହାର ଜ୍ୱଳନ୍ତ ଉଦାହରଣ। ମୁଁ ଆଉ ଶରୀର ଧାରଣ କରି ରହିବାକୁ ଅସହ୍ୟ ହେଲା। ପୁନରାୟ ସ୍ୱାମୀ ମୋର କାୟା ସଙ୍ଗେ ଛାୟା ପରି ଥିବାରୁ ମୋର ଜୀବନ ରକ୍ଷା ହେଲା।" କଳ୍ପିତା ମାଡ଼ାମ୍ ତାଙ୍କ ଜୀବନର ଗୁମରଗୁଡ଼ିକ ମୋତେ କହିବା ପରେ ଥମିଲେ।

"ମୁଁ ପଚାରିଲି, ମାଡ଼ାମ୍ ସେମାନେ କଅଣ ଆପଣଙ୍କୁ ଜୀବନ ଦେଇଛନ୍ତି ଯେ, ଆପଣ ସେଇ ଅସାମାଜିକ ଭାବନାରେ ନିଜକୁ ଉତ୍ସର୍ଗ କରିଦେବେ ? କାହା ତୁଣ୍ଡରେ କଅଣ ବାହାରିଲା, ଆପଣ ମଣିଷଟିଏ ହୋଇ ଦିବ୍ୟ ଜୀବନ ପାଇଛନ୍ତି, ସେଇ ବାଦ-ଛେଦ ବାକ୍ୟଦଂଶନରେ କାହିଁକି ବିଚଳିତ ହେଉଛନ୍ତି ? ବରଂ ନିଜକୁ ମୂଲ୍ୟବାନ ମଣି ଏ ସବୁକୁ ଉପଭୋଗ କରିବା କଥା। ଆପଣଙ୍କ ପରିବେଶ ଯଦି ଆପଣଙ୍କୁ ନ ସୁହାଇଲା, ଆପଣ ତାକୁ ଅଣଖାତିର କରନ୍ତୁ। ସମ୍ପୂର୍ଣ୍ଣ ବରଦାସ୍ତ କରନ୍ତୁ। ଏହି ସମାଜରେ ଯେତେ ଯେତେ ନାମକରା ଲୋକ ଦେଖୁଛନ୍ତି ବା ପଢୁଛନ୍ତି, ସବୁ ହିଁ ଏମିତି ଅଭିଜ୍ଞତାରେ ନିଜକୁ ଗଢ଼ିତୋଳିଛନ୍ତି। ନିଜର ଶରୀର ଓ ମନକୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖି କୁତ୍ସାକୁ କର୍ଣ୍ଣପାତ କରନ୍ତୁ ନାହିଁ।" ମୁଁ ମୋ କଥାରେ ପୂର୍ଣ୍ଣଚ୍ଛେଦ ପକାଇ ବସିଲି।

ଏହାପରେ ମୁଁ ଦେଖିଲି, ତାଙ୍କର ଗମ୍ଭୀର ବଦନ ବେଦନାମୁକ୍ତ ହେଲା। ହସର ପାଖୁଡ଼ା ତାଙ୍କ ମୁହଁକୁ ସୁସଜ୍ଜିତ କଲା। ତାଙ୍କ କଥାର ବ୍ୟର୍ଥତା ପ୍ରତିପାଦିତ କରୁଥିବା ଶୁଷ୍କ ଶବ୍ଦ ଗୁଡ଼ିକ ଜଳୀୟବାଷ୍ପରେ ଭରିଉଠିଲା। ମୁହଁକୁ ଲୁଗାକାନିରେ ପୋଛି ପକାଇଲେ। ଯେମିତି ସେ ସଦ୍ୟ ନିଦରୁ ଉଠିଛନ୍ତି। ମୁହଁ ହସ ହସ ଦେଖାଗଲା।

କେତେ ସମୟ ପରେ କଳ୍ପିତା ମାଡ଼ାମ୍ ମୁହଁ ଖୋଲିଲେ। କହିଲେ, "ମୁ ଜୀବନରେ ବ୍ରହ୍ମଜ୍ଞାନ ଲାଭ କରିଛି। ଆତ୍ମହତ୍ୟା ଯେ ମହାପାପ, ଏହା ମୁଁ ତିଳେ ତିଳେ ଅନୁଭବ କରୁଛି। ଅନେକ ସମୟରେ ମୋ ମନକୁ ଆସେ, ଏ ଜୀବନରେ କଅଣ ଅଛି ? କେବଳ ଶାରୀରିକ ଦୁଃଖ କଷ୍ଟ ଏବଂ ମାନସିକ ଯନ୍ତ୍ରଣା। ପ୍ରତିଟି ଜୀବନ ଅସୀମ ଯନ୍ତ୍ରଣାର ସମବେତ ସ୍ମୃତି। ତେଣୁ ବଞ୍ଚିବାରେ ଆନନ୍ଦ କେଉଁଠି ରହିଲା ? ଏହି ଗଣତାନ୍ତ୍ରିକ ଭାବନା ମନରେ ଗଢ଼ିଚାଲିଲା। ମନଟା ଯାହାହେଲେ ବି ବହୁପଣେ ଗଣତାନ୍ତ୍ରିକ। ନିଜ ସପକ୍ଷରେ ଯୁକ୍ତି କରିଥାଏ ସମସ୍ତଙ୍କ ଜାଣତରେ।

କଥା ଉଠୁଛି ଶରୀର ଆଉ ଜୀବନ ଉପରେ ନିଜର ଅଧିକାର ଅଛି କି ?

ନା, ଆଦୌ ନାହିଁ !

ଯେଉଁ ପ୍ରକୃତି ଶରୀର ଗଢ଼ିଛି, ସେ ହିଁ ଏହି ଶରୀରର ତତ୍ତ୍ୱାବଧାରକ। ସେଇଟା ଯେତେ କାଞ୍ଚନିକ ଶବ୍ଦରେ ପ୍ରକାଶ କଲେ ବି, ପ୍ରକୃତି ଛଡ଼ା ଆଉ କେହି ନୁହେଁ। ତେବେ ଜଣେ ମଣିଷର ନିଜ ଜୀବନ ଉପରେ ମାଲିକାନା ନାହିଁ। ପ୍ରକୃତି ନିଜ ଅନାବନା ଉପାଦାନଗୁଡ଼ିକ ଯୌଗିକ ପଦ୍ଧତିରେ ମଣିଷ ଗଢ଼ିଦିଏ, ଆଉ ସେହି ମଣିଷ କଅଣ ଖାଇବ, କିପରି ଚଳିବ ସବୁର ସୂକ୍ଷ୍ମାତିସୂକ୍ଷ୍ମ ଆୟୋଜନ କରିଥାଏ, ତେବେ ମଣିଷ ନିଜର ଶରୀରର ଯତ୍ନ ନେବାଟା ତା ଉପରେ ନିର୍ଭର କରେ। କିନ୍ତୁ ଶରୀର ଓ ମନର ସକଳ ବିକାଶ ମଣିଷ ଉପରେ ଛାଡ଼ିଦିଏ। ମଣିଷ ମନର ଭ୍ରମରେ ଜୀବନଟା ହାରିଦେବାକୁ ନିଷ୍ପତ୍ତି ନିଏ। ଏଇଟା ଗର୍ହିତ ଅପରାଧ। ସେମାନେ ନର୍କଗାମୀ, ସେମାନଙ୍କୁ ସ୍ରଷ୍ଟା କେବେ ବି କ୍ଷମା ଦେବେନି କି ସେମାନେ ସ୍ୱର୍ଗାଲୋକରେ କୌଣସି ଗୁହାରି କରିପାରିବେନି। ଯିଏ ଆତ୍ମହତ୍ୟା କରିବାର ନିଷ୍ପତ୍ତି ନିଏ, ସେ ସମାଜରେ ଘୃଣ୍ୟ ଏବଂ ମୃତ୍ୟୁ ପରେ ସବୁବେଳେ ଅନୁତାପ କରେ କାହିଁକି ଏଭଳି ନିଷ୍ପତ୍ତି ନେଲି। ଏଇଟା ଧାରଣା କରାଯାଏ, ଆତ୍ମହତ୍ୟାକାରୀ ମୃତ୍ୟୁର ନିମିଷକ ପରେ ନିଜର ଭୁଲ୍ ବୁଝିପାରି ଆଉ ଥରେ ଜୀବନ୍ତ ହେବାର ପ୍ରବଳ ଇଚ୍ଛା ପ୍ରକଟ କଲେ ବି ତାର ଆଉ ଫେରିବାର କୌଣସି ଅବକାଶ ନାହିଁ।"

ଏତିକି କହିବା ପରେ କଳ୍ପିତା ମାଡାମ୍‌ଙ୍କର ଶ୍ୱାସରୁଦ୍ଧ ହେବା ପରି ଲାଗୁଥିଲା। ସେ ଅନୁତାପ କରୁଥିଲେ, ବିଶ୍ୱ ବ୍ରହ୍ମାଣ୍ଡରେ କୌଣସି ବ୍ରହ୍ମ ମୁହୂର୍ତ୍ତରେ ସେ ଦୁର୍ଲଭ ମଣିଷ ଜୀବନ ପାଇଛନ୍ତି। ଏଇଟା କମ୍ କଥା ନୁହେଁ। ପ୍ରକୃତି ପୃଷ୍ଠରେ ଅପରିମିତ ପଞ୍ଚଭୂତ ଉପାଦାନ ରହିଛି ଏବଂ ଅହରହ ଜୀବନ ସୃଷ୍ଟି ହେବାରେ ଲାଗିଛି। କଅଣ ଏମିତି ସିଏ କରିଛନ୍ତି ଯେ, ତାଙ୍କୁ ପ୍ରକୃତି ମାଆ ମଣିଷଟିଏ ହେବାର ସୌଭାଗ୍ୟ ଦେଲେ। ମଣିଷ ଜୀବନକୁ ମୂଲ୍ୟବାନ ବୋଲି କହିବା କାହିଁକି ? ମଣିଷ ତ ଏତେ ଦୁଃଖ ପାଏ, ମନଟା ଥିବାରୁ ଅଧିକ ବ୍ୟତିବ୍ୟସ୍ତ ହୋଇପଡ଼େ ଏବଂ ମନରେ ଯଥାର୍ଥ ଭାବ ଜାତ ହେବାରୁ ଅନେକ କାମ କରିବାର ମାନସିକ ବିରୋଧାଭାଷ ରହିଥାଏ। ନିଜ ମୂଳ ମଣିଷ ବୁଝି ପାରେନାହିଁ। ନିଜର ମନ ଅନେକ ସମୟରେ ତାକୁ ବିଭ୍ରାନ୍ତ କରେ, ସେ ନିଜ ଦୃଷ୍ଟି, ଶ୍ରବଣ ଏବଂ ଇନ୍ଦ୍ରିୟାନୁଭୂତିକୁ ଜଳାଞ୍ଜଳି ଦେଇ ଦୁନିଆ ଛାଡ଼ି ଚାଲିଯିବାର ନିଷ୍ପତ୍ତି ନିଏ। ତାହାର ଏହି ଅଧିକାର କେବେ ବି ପ୍ରକୃତି ମାଆ ଦେଇନାହିଁ। ଏଇଟା ତାହାର ଜୀବସମାଜ ଓ ଜୀବନ ପ୍ରକ୍ରିୟା ପ୍ରତି ଧିକ୍କାର !"

ତାଙ୍କର ଭାବନାରେ ଆହୁରି ସାବଲୀଳତା ଆଣିବା ପାଇଁ ମୁଁ କହିଲି, "ସତରେ ଜୀବନ ଏତେ ମୂଲ୍ୟବାନ ! ଆଜିର ବିଜ୍ଞାନୀ ମଣିଷ ଏତେ ଗ୍ରହ ନକ୍ଷତ୍ର ଖୋଜି ଖୋଜି ବି ଜୀବନର ସନ୍ଧାନ ପାଉ ନାହାନ୍ତି। ନା ବି ମଣିଷ ନିଜେ ଚେଷ୍ଟା କରି ପ୍ରକୃତି ସୃଷ୍ଟି କରୁଥିବା କୌଣସି ଜୀବ ଟିଏ କୃତ୍ରିମ ଉପାୟରେ ସୃଷ୍ଟି କରିପାରୁଛି। ଜୀବନଟା ସେତିକି ମୂଲ୍ୟବାନ। ତାକୁ ନଷ୍ଟ କରିବାର ଅଧିକାର କଦାପି ମଣିଷର ନାହିଁ। ସେଥିପାଇଁ ଆମ ଶାସ୍ତ୍ର ପୁରାଣରେ ଆତ୍ମହତ୍ୟା ମହାପାପ ବୋଲି ଦର୍ଶାଯାଇଛି।"

ସେତେବେଳକୁ କଳ୍ପିତା ମାଡ଼ାମ୍ ମୁଣ୍ଡ ଟୁଙ୍ଗାରି କହିଲେ, "ସତରେ ତୁମେ ଯାହା କହୁଛ, ଅକ୍ଷରେ ଅକ୍ଷରେ ସତ। ମୁଁ ଜଣେ ଦର୍ଶନ ବିଭାଗର ଅଧ୍ୟାପିକା ହୋଇ ବି ମୋର ଜୀବନକୁ ଅଟକଳ କରି ପାରିଲି ନାହିଁ। କହନ୍ତି, ରାଗ ହି ବ୍ରହ୍ମଚାଣ୍ଡାଳ। ସେହି ରାଗ ବଳରେ ନିଜକୁ ନିଧନ କରି ଏମିତି ସମାଜର ଲାଞ୍ଛନାକୁ ଉତ୍ତର ଦେବାକୁ ଚାହିଁଲି। ସତରେ ମୁଁ ଯଦି ନିଜେ ଆତ୍ମହତ୍ୟା କରି ତାହାର ଉତ୍ତର ଦେଇ ଥାଆନ୍ତି, ଉତ୍ତର ଦେଇ ପାରିଛି ବୋଲି ମଲାପରେ କିପରି ଜାଣି ଥାଆନ୍ତି ? ଏଇଟା ବୋଧ ହୁଏ କୌଣସି ଆତ୍ମହତ୍ୟାକାରୀ ମନରେ ପଶି ନଥାଏ।"

ଏତିକିରେ ସେହି ଆତ୍ମହତ୍ୟା ପରି ଦୁଃଶଦ୍ଧ ଆଲୋଚନାରେ ପରିସମାପ୍ତି ଘଟିଲା। ଏଥର ଦୁଇଜଣ ପ୍ରକୃତିସ୍ଥ ହେଲୁ। ଗୋଟିଏ ଖରାପ ସମୟ ଆସିଲେ ମଣିଷ ଏମିତ ବିଷୟରେ ପଶେ ଏବଂ ଏହା ସର୍ବଦା ଅନୁତାପର ବିଷୟ। ଆତ୍ମହତ୍ୟାକାରୀକୁ କେବେ ପ୍ରକୃତିମାତା କି ଦଶଦିଶ କି ଦେବାଦେବୀ କ୍ଷମା କରନ୍ତି ନାହିଁ।

ନିଜର ମନକଥା ଖୋଲି କହିଦେଇ ଥିବାରୁ ମାଡ଼ାମ୍ ଖୁବ୍ ସତେଜ ଦେଖା ଯାଉଥିଲେ। ମୁଁ ତାଙ୍କ କଥା ଶୁଣି ଭାବିଲି, ମଣିଷ ଜୀବନ ତ ସାରୁ ପତର ଉପରେ ଚହଲୁଥିବା ପାଣି ଠୋପାଟାଏ, ତାର ବା ଦମ୍ଭ କେତେ ଯେ ତଳେ ପଡ଼ିବାକୁ ନିମିଷେ ଲାଗିବ। କିନ୍ତୁ ଏତେ ମୂଲ୍ୟବାନ ଭାବରେ ଯେତେବେଳେ ସୃଷ୍ଟି ବା ଭଗବାନ ଗଢିଛନ୍ତି, ଏହା ପ୍ରତ୍ୟେକ ମଣିଷ ଉପଲବ୍ଧି କରିବା ଆବଶ୍ୟକ।


ସେ କହିଲେ, "ଆଶା, ଶୁଣ ତୁମକୁ ମୁଁ ଖୋଲାରେ ଯେତେ କଥା କହିଲି, ମୁଁ ମୋ ପ୍ରାଣପ୍ରିୟ ମହାପାତ୍ରବାବୁଙ୍କୁ କେବେ ହେଲେ ବି ଖୋଲି କହିନି।"

ମୋ ମନଟା ପୂରିଗଲା। ସତରେ ମୁଁ ତାଙ୍କର ଏତେ ପ୍ରିୟ ଏବଂ ଅନ୍ତରଙ୍ଗ। ତାଙ୍କ ମନର ଅକାତ ପାଣି ଭିତର ଅକୁହା କଥା ମୋତେ କହି ନିଜେ ଯେତିକି ବେଦନାମୁକ୍ତ ଅନୁଭବ କରୁଛନ୍ତି, ମୁଁ ଗୋଟିଏ ଦରଦୀ ହୃଦୟର କଥା ଶୁଣି ସହାନୁଭୂତିଶୀଳ ହେବା ଛଡା ଆଉ କଅଣ ବା କରିଥାଆନ୍ତି।

ଦୁହେ ଦୁହିଁଙ୍କୁ ଟିକେ ଅନାଇ ଦେଖିଲୁ। ତାଙ୍କର ଅନ୍ତରର ଆତ୍ମା ମୋତେ ସ୍ପଷ୍ଟ ଦେଖାଗଲା।

ଦୁଇଜଣ ଏକା ସମୟରେ ମନଖୋଲା ହସରେ ସେଦିନର ପାର୍କ ଦ୍ୱାର ଦେଇ ରାଜରାସ୍ତାକୁ ଓହ୍ଲାଉଥିଲୁ।

ଶୈଳଶ୍ରୀ ବିହାର, ଭୁବନେଶ୍ୱର,
ମୋ - ୭୯୭୮୬୭୨୬୫୩



# କକ୍ଷ୍ୟବିଚ୍ୟୁତ ଉଲ୍‌କା

*ଡା ବଂଶୀଧର ନାୟକ*

ମାଆ ବହୁତ ଖୁସି ହେଲେ । ପୁଅ ପରୁ ପ୍ଲସ୍ ଟୁ ପାସ୍ କଲାବେଳକୁ ଏତେଟା ଭଲ କରି ନଥିଲା । କିନ୍ତୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ତାର ସାଙ୍ଗମାନଙ୍କ ଅପେକ୍ଷା ବହୁତ ଭଲ କରିଛି । ଇଂଜିନିୟରିଙ୍ଗରେ ସରକାରୀ କଲେଜ ପାଇଁ ଯୋଗ୍ୟ ହେବ ବୋଲି ବିଶ୍ୱାସ ଆସୁଛି ।

ବାପା କହିଲେ, ପରୁ, ତୁ କାଉନସେଲିଂରେ ଯେଉଁ କଲେଜରେ ହେବ, ଆଡ୍‌ମିସନ୍ ନେଇଯା । ଆଉ ଡେରି କରିବା ଉଚିତ୍ ହେବନାହିଁ ।

ପରୁ କହିଲା, ବାପା, ବ୍ୟସ୍ତ କାହିଁକି ହେଉଛ, ମୁଁ ଏତେ ଏଣ୍ଟ୍ରାନ୍ସ ପ୍ରଶ୍ନପତ୍ର ପଢିଲିଣି, ଯେତେବେଳେ ବି ଅଧିକ ର୍‍ୟାଙ୍କ ରଖିପାରିବି, ଏଥିରେ କୌଣସି ସନ୍ଦେହ ନାହିଁ । ଏବେ ଆଡମିସନ୍ ନନେଇ ମୁଁ ଆଉ ଗୋଟିଏ ବର୍ଷ ଭଲଭାବେ ପଢି ଅଭ୍ୟାସ କରିଦେଲେ, ଆଇ.ଆଇ.ଟି କଅଣ ମୁଁ ବି ମେଡିକାଲ୍ ପାଇଁ ଯୋଗ୍ୟ ହୋଇପାରେ ।

ବାପା କାହିଁକି ଅନ୍ୟମନସ୍କ ହୋଇ ପରୁର ବିପରୀତ ଦିଗକୁ ଚାହିଁ ଯାହା ଶୁଣିଲେ । ନିରୁତ୍ତର ରହିଲେ । ତାଙ୍କର ବୋଧହୁଏ କିଛି ଅତୀତର ଚିତ୍ର ମାନସପଟରେ ଖେଳିଯାଉଥିଲା । ପୁଅକୁ ବାରଟି ଶ୍ରେଣୀରେ ପଢିବାର ଦେଖିଛନ୍ତି । ତାର ପାଠପଢିବାର କ୍ଷମତା କଳିଛନ୍ତି । ସେଇଥିପାଇଁ କହୁଛନ୍ତି, ଯାହାଟି ଅର୍ଜନ କରିଛି, ସେଥିରେ ସନ୍ତୁଷ୍ଟ ହୋଇ ଇଂଜିନିୟରିଙ୍ଗ୍ କଲେଜରେ ଭର୍ତ୍ତି ହୋଇଯାଉ । ତାପରେ ଯାହା ଦରକାର ହେବ, ପୂରଣ କରିବା ।

ମାଆ କିନ୍ତୁ ନିରବ ରହିଲେ ।

ବାପା ତୁମେ ଚୁପ୍ ରହନ୍ତୁ । ମୁଁ କଅଣ ମେଡିକାଲ ଏଣ୍ଟ୍ରାନ୍ସରେ ଅକୃତକାର୍ଯ୍ୟ ହେବି ବୋଲି ତୁମେ ଭାବୁଛ ? ମୋ ଠାରୁ ସାତ ସାନ ମାଉସୀ ଝିଅ ସମି ବିନା ଅଭିଜ୍ଞତାରେ ବିନା କୋଚିଂରେ ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷାରେ ବସିବ । ମୁଁ କଅଣ ତାଠାରୁ ଅସମର୍ଥ ? ମୋର ଦୁଇବର୍ଷର ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାର ଅଭିଜ୍ଞତା ଅଛି । ଦୁଇବର୍ଷ କୋଚିଂ ନେଇଛି । ପୁଣି ବାୟୋଲଜି ମୋର ଆଦୃତ ବିଷୟ । ମୁଁ କାହିଁକି ଗୋଟିଏ ସାଦା ଇଂଜିନିୟରିଂ କଲେଜରେ ଆଡମିସନ୍ ନେବି ? ଯଦି ମୁଁ ଆଇ.ଆଇ.ଟି. ପାଇଁ ଯୋଗ୍ୟ ହୋଇଥାଆନ୍ତି, ତାହେଲେ ସେଠାରେ ଆଡମିସନ୍ ନେଇଯାଆନ୍ତି । ଓଡିଶାର ଗୋଟିଏ ସରକାରୀ ଇଂଜିନିୟରିଂ କଲେଜରେ ପଢିବାକୁ ମୁଁ ଅଗ୍ରହୀ ନୁହେଁ ।

ବାପା ଟିକିଏ କାଶି କାଶି କହିଲେ, ତୁ ଭଲ କଛି କରୁନୁ । ମୁଁ ଏବେ ବି କହୁଛି, ଭବିଷ୍ୟତ ଅନ୍ଧକାର । ଆମେ ଜାଣିବାରେ ଆଜି ତୁ ଯଦି ସିଲେକ୍ଟ ହୋଇଥିବା କୋର୍ଷରେ ଆଡମିସନ୍ ହେବୁନି, ସେଇଟି ମିସ୍ କରିବୁ । ଆଉ କେଉଁଠାରେ ପଢିବାର ଅବକାଶ ନଥିବ ।

ମା କହିଲେ, ସେ ତ ଦୃଢ ଭାବରେ କହୁଛି । ନିଶ୍ଚୟ ପାଇବ । କାହିଁକି ଇଂଜିନିୟରିଂ ପଢ଼ିବ । ସିଏ ମେଡିକାଲ ପଢ଼ିବ ।

ବହୁ ପଢ଼ାପଢ଼ି ଚାଲିଲା । ଏଥରକ ଗୋଟିଏ ବଂଶରୁ ଦୁଇଜଣ ମେଡିକାଲ ଏଣ୍ଟ୍ରାନ୍ସ ଦେବେ । ସମି ଆଉ ପରେଶ । ପରେଶ କଟକ ମେଡ଼ିକାଲ କଲେଜରେ ପଢିବାର ଲକ୍ଷ୍ୟ ରଖି ଉତ୍‌ଫୁଲ୍ଲିତ ଚିତ୍ତରେ ଗର୍ବର ସହିତ ପ୍ରସ୍ତୁତ ହେବାକୁ ଲାଗିଲା । ସେତେବେଳକୁ ସମି ନିଜ ପ୍ଲସ୍ ଟୁ ପରୀକ୍ଷାରୁ ପାସ୍ କରି ମୁଣ୍ଡ ଉଠାଉଥାଏ । ଏମିତି ସ୍ଥିତିରେ ପରେଶର ମାନସିକ ଦଢ଼ତା ଯେତେ ଥାଉ, ତାକୁ ଏଣ୍ଟ୍ରାନ୍ସରେ କୃତକାର୍ଯ୍ୟ ହୋଇ ସତରେ ଯେମିତି ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜର ମେଡ଼ିକୋ ସେଭଳି ଅନୁଭବ ଆସୁଥାଏ ।

ବେଳେବେଳେ ବି ମା ସାଥିରେ ଉନ୍ମାଦିତ ହୋଇ କେତେ କଥା କହିଯାଏ । ନିଜକୁ ଜଣେ ଡାକ୍ତରୀ ଛାତ୍ର ହିସାବରେ ଭବିଷ୍ୟତରେ କଅଣ କରିବ, ଆକାଶଛୁଆଁ କଥା ସବୁ ବଖାଣିଯାଏ । ମାଆ ବି ତା କଥାରେ ଭଳି ଯାଆନ୍ତି । ତାଙ୍କ ପୁଅ ପରୁ । ଦେଖିବାକୁ କେତେ ସୁନ୍ଦର । କେତେ ସୁନ୍ଦର କଥା କହେ । ଟିକିଏ ପାଟିଲାଗେ, ହେଲେ ତା କଥାଗୁଡିକ ଗୁଲୁଗୁଲିଆ ଶୁଭେ । ପିଲାଦିନେ ବହୁ ଡେରିରେ କଥା କହିଲା । କିନ୍ତୁ ଖନେଇ ଖନେଇ କହେ । ଅନେକ ତାକୁ ଖନା ବୋଲି ଡାକନ୍ତି । ବାଳୁତ ବୟସରେ ପଶିଲା ପରଠାରୁ ତାର ସେହି ଖନି କଥା ଆଉ ନାହିଁ, କିନ୍ତୁ ଟିକିଏ ରହିଯାଇଛି, ଯେଉଥିପାଇଁ ଭାରି ସୁଲଳିତ ସ୍ୱରରେ କହିଚାଲିଛି । ମାଆର ପେଟ ପୂରିଯାଉଛି ।

କହିବାକୁ ବି ଭୁଲେନି, ବାପା ତାର ଦୂରଦୃଷ୍ଟିହୀନ । ସିଏ ଜଣେ ଡାକ୍ତର ଆଉ ଇଞ୍ଜିନିୟର ଭିତରେ ତଫାତ୍ ଜାଣି ପାରୁନାହାନ୍ତି । ଜଣେ ଚାକିରି ଖୋଜି ଖୋଜି ବେକାର ବସିବା ବେଳେ ଆଉ ଜଣେ ଚାକିରିକୁ ଖାତିର ନକରି ଚଳିବ । ସମାଜରେ କେତେ ମାନସମ୍ମାନ । ସିଏ ବାଧ କରୁଥିଲେ ସେଇ ଇଞ୍ଜିନିୟରିଙ୍ଗ୍ କଲେଜରେ ଆଡ୍‌ମିସନ୍ ନେବାକୁ । ବାପା କେବେ ସୁଧୁରିବେ କେଜାଣି ।

ଏଣ୍ଟ୍ରାନ୍ସ ପରୀକ୍ଷା ଆସିବା ପୂର୍ବରୁ ଅଲ୍ ଇଣ୍ଡିଆ ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷା । କଲିକତା ସେଣ୍ଟରରୁ ପରୀକ୍ଷା ଦେବାକୁ ଥାଏ । ସମି ତ ନିଶ୍ଚୟ କଲିକତାରେ ଦେବୀ ମାଉସୀ ଘରେ ରହି ପରୀକ୍ଷା ଦେବ । ଦେବୀ ମାଉସୀ ତାର ମାଆର ଉପର ଭଉଣୀ । ମଉସା କଲିକତାର ଜଣେ ଉଚ୍ଚ ପ୍ରଶାସକ । ପଶ୍ଚିମ ବଙ୍ଗରେ ସଚ୍ଚିବାଳୟରେ ଜଣେ ଉଚ୍ଚପଦର ସଚିବ । ବଡ଼ ଘରଟିଏ ତାଙ୍କର, ସେଇଠି ରହିବାର ସୁବିଧା ରହିଛି । ସମିକୁ ସଲାସୁତରା କରି ପରେଶ ସେହିଠାରେ ରହି ପରୀକ୍ଷା ଦେବାର ବନ୍ଦୋବସ୍ତ କଲା ।

କଥାଭାଷା ଏବଂ ପାଠରେ ପାଣ୍ଡିତ୍ୟ ଦେଖାଇ ପରେଶ ଜଣାଇଦେଲା ଯେ ସିଏ ପୁରଖା ପିଲା ଏବଂ ନିଶ୍ଚୟ ଭଲ କରିବ । କିନ୍ତୁ ସେମାନଙ୍କର ସେଠାରେ ଥିବା ଅବସ୍ଥାରେ ଯାହା ଜଣାଗଲା, ସମି ବରଂ ଅଲ୍ ଇଣ୍ଡିଆ ସିଟ୍ ପାଇଛି, କିନ୍ତୁ ପରେଶ ନାଁ ଗନ୍ଧ ନାହିଁ । ତାହାର ସଫେଇ ହେଲା ସିଏ ଓଡ଼ିଶା ଜେଇଇ ପାଇଁ ପ୍ରସ୍ତୁତ ହୋଇଛି, ଅଲ୍ ଇଣ୍ଡିଆ ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ନୁହେଁ । ପାଇଥିଲେ ବି ସେ ଓଡ଼ିଶା ବାହାରେ ପଢ଼ିବାକୁ ତାର ଆଗ୍ରହ ନାହିଁ ।

ଯାହାହେଉ, ଦୁଇଜଣ ତରବର ହୋଇ ଓଡ଼ିଶା ଫେରି ଆସିଲେ । ଓଡ଼ିଶାର ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷା ଅଳ୍ପଦିନ ପରେ ଅନୁଷ୍ଠିତ ହେଲା । ପରେଶ ବହୁତ ଭଲ କରିଛି ଏବଂ କଟକରେ ସିଟ୍ ପାଇବ ବୋଲି ଆଶାବାନ୍ । ମାତ୍ର ସମି କଅଣ କରିଛି, ନିଜେ ନିଶ୍ଚିତ ନୁହେଁ କଅଣ ହେବ । ଅନେକ ଦିନ ପରେ ପରୀକ୍ଷା ଫଳ ବାହାରିଲା । ସମି ତାର ପ୍ରଥମ ଚାନ୍ସରେ ମେଡିକାଲ୍‌ରେ ନାମ ଲେଖାଇବା ପାଇଁ ଯୋଗ୍ୟ ହେଲା । ତାହାର କଟକ ମେଡିକାଲ ନହୋଇ ବ୍ରହ୍ମପୁର ମେଡିକାଲ କଲେଜରେ ଆଡ଼ମିସନ୍ ହେଲା ।

ପରେଶର ସାନଭାଇ ନରେଶ ବି ପ୍ଲସ୍ ଟୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ପରବର୍ଷ ସିଏ ଇଞ୍ଜିନିୟରିଂ ଏଣ୍ଟ୍ରାନ୍ସରେ କୃତକାର୍ଯ୍ୟ ହୋଇ କଲେଜରେ ପ୍ରବେଶ କଲା । ପରେଶ ନିରବ ଭାବରେ ଆଉ ଥରେ ମେଡ଼ିକାଲ ଏଣ୍ଟ୍ରାନ୍ସ ଦେଲା, ମାତ୍ର ତାର ର୍‌ୟାଙ୍କ୍ ଏତେ ତଳକୁ ଖସିଗଲା, ସେ ନିଜକୁ ଅସହାୟ ମଣି ଜୀବନରେ ଆଉ ପରୀକ୍ଷା ନ ଦେବାକୁ ନିଷ୍ପତ୍ତି ନେଲା । ପ୍ଲସ୍ ଥ୍ରୀ କୋର୍ସରେ ପାଠ ପଢିଲା ।

ପରେଶର ଘରେ ଯାହା କିଛି ଘଟିବାକୁ ଯାଉଛି ତାହା ସ୍ପଷ୍ଟ ପ୍ରତୀୟମାନ । ବାପା କହି କହି ଥକି ଯାଇଥିଲେ । ଏବେ ସାନପୁଅ ଇଞ୍ଜିନିୟରିଂ କଲେଜରେ ପଢୁଛି । ପରେଶ ନା ସମୟରେ ଇଂଜିନିୟରିଂ ପଢ଼ିଲା ନା ମେଡିକାଲ ପାଇଲା, ଥକିଯାଇ ଶେଷକୁ ପ୍ଲସ୍ ଥ୍ରୀରେ ହତାଶ ହୋଇ ପଶିଲା । ପାଞ୍ଚ ବର୍ଷ ପୂରି ଗଲା ବେଳକୁ ସାନଭାଇ ନରେଶ ଇଞ୍ଜିନିୟର ହୋଇ କ୍ୟାମ୍ପସ୍ ସିଲେକ୍‌ସନ ପାଇ ବାର୍ଷିକ ବହୁ ଲକ୍ଷ ଦରମାରେ ମୁମ୍ବାଇରେ ଅବସ୍ଥାପିତ । ଯେଉଁ ମାଉସୀ ଝିଅ ସମି ମେଡିକାଲ ପଢୁଥିଲା, ସିଏ ଏମ୍.ବି.ବି.ଏସ୍ ପାସ୍ କରି ସ୍ନାତକୋତ୍ତର ଏମ୍.ଡି. ପଢ଼ିବାକୁ ଆରମ୍ଭ କଲାଣି ।

ଏହି ପାଞ୍ଚବର୍ଷ ଅବଧି ପରେଶ କିପରି କଟାଇଛି, ସେ ଏବଂ ତା ବାପା ମା ହିଁ ଅନୁଭବୀ । ବଢ଼ିଗଲା ଗୋଡ଼ ତଳକୁ ତଳକୁ । ସେହି ପରେଶ ନିଜର ସାମର୍ଥ୍ୟ ପ୍ରତିପାଦନ କରିବାକୁ ଚେଷ୍ଟା କରିଛି । ତଥାପି ବାପା ମାଙ୍କର ବାରଣ ରହିଛି । ବହୁ ଅର୍ଥ ବିନିମୟରେ ଗୋଟିଏ ବ୍ୟବସାୟ ଖୋଲି ସହଜ ଉପାୟରେ ଅର୍ଥ ଉପାର୍ଜନ କରି ଦେଖାଇଦେବାକୁ ଚାହେଁ ତାର ଶକ୍ତି ଅଛି । ସିଏ ଇଞ୍ଜିନିୟର ନ ହେଉ, ଡାକ୍ତର ନ ହୋଇପାରୁ କିନ୍ତୁ ସେମାନଙ୍କ ଠାରୁ ବେଶ୍ ଧନ ସମ୍ପତ୍ତିର ଅଧିକାରୀ ହେବ ଏବଂ ପ୍ରତିପତ୍ତିଶୀଳ ହୋଇପାରିବ ।

ସେଥିପାଇଁ ସେ ଆଉ ଜଣେ ବ୍ୟବସାୟୀ ସହିତ ମିଶି ସଂଯୁକ୍ତ ଭାବରେ ଗୃହୋପକରଣ ପ୍ରସ୍ତୁତିରେ ଲାଗିପଡିଛି । ବ୍ୟବସାୟ ବହୁ ଲାଭଯୁକ୍ତ ବୋଲି ହୃଦ୍‌ବୋଧ ହୋଇଛି, ବହୁ ଅର୍ଥ ବ୍ୟୟରେ ଗୃହୋପକରଣ ଆବଶ୍ୟକ କାରଖାନା କରିଛି । ଅଟକଳ ତାର ଅମାପ । ଅକଳ୍ପନୀୟ ଆତ୍ମବିଶ୍ୱାସ ଏବଂ କୋଟିପତି ହେବାର ସ୍ୱପ୍ନ ଦେଖୁଛି ।

ସାନଭାଇ ନରେଶ ବେଶ୍ ଦରମା ପାଇଲେ ବି ପରିବାର ସହିତ ସୀମିତ ସମ୍ବନ୍ଧ । ଆର୍ଥିକ ସ୍ୱଚ୍ଛଳତା ସତ୍ତ୍ୱେ ପିତୃସମ୍ପତ୍ତିରେ ଲୋଭ ରଖି ପରୋକ୍ଷ ଭାବରେ ସୂଚାଇ ଦିଏ ଯେ ତାର ଅର୍ଥର ଆବଶ୍ୟକତା ରହିଛି । ସ୍ଥାବର ସମ୍ପତ୍ତି ବିକ୍ରିକରି ତାର ଅଧା ସମ୍ପତ୍ତିକୁ ସେ ନେଇ ଯିବାର ସର୍ତ୍ତ ରଖିଛି । ଏହା ବାପା ମାଆଙ୍କ ମନରେ ଭୟ ସୃଷ୍ଟି କରିଛି । ଏଣେ ଘରେ ପରେଶର ମାନସିକ ବିକୃତି ଏବଂ ଦୈନନ୍ଦିନ ଜୀବନରେ ନୈରାଶ୍ୟ ଏବଂ ହତାଶାଭାବ ତାଙ୍କୁ ହତଚକିତ କରିଛି ।

ବାପା ତାର କହନ୍ତି, "ଆମେ କି ଅପରାଧ କରିଛୁ ଯେ ତୁ ଆମ ଉପରେ ଦାଉ ସାଧୁଛୁ । ତୋ ଯୋଗ୍ୟତା ଅନୁସାରେ ପାଠ ପଢ଼ିଲୁନାହିଁ । ଅମାନିଆ ହୋଇ ଡାକ୍ତରୀ ପାଠ ପଢ଼ିବାକୁ ଆଶା ରଖି ନିଜ ଜୀବନକୁ ନିଷ୍ଫଳ କଲୁନି ଯେ ଆମ ଶେଷ ଜୀବନକୁ ହନ୍ତସନ୍ତ କଲୁ । ତୁ ନିଶ୍ଚିତ ନରେଶ ପରି ନିଜ ପରିବାର ନିର୍ବାହ କରୁଥାଆନ୍ତୁ । ସେଇଟା ଆମର ଆଶା ଥିଲା । ଦୁଇ ପୁଅ, ସେମାନେ ସଂସାର କରି ଶାନ୍ତିରେ ରହିଲେ ଆମ ଶେଷ ଜୀବନ ସାର୍ଥକ ହୋଇଥାଆନ୍ତା ।"

କଅଣ କହିଲ, "ମୋ ନେଇ ତୁମ ଜୀବନ ଅସାର୍ଥକ ହୋଇଗଲା ? ଧନ୍ୟ ଏମିତି ବାପା ମାଆ । କେବେ ତୁମେ ପୁଅର ସୁଖଦୁଃଖରେ ରହିଛ ? ଏତେ ସମ୍ପତ୍ତି ଧରି ରଖି କଅଣ କରିବ ? ଯଦି ପୁଅ କାମରେ ନଲାଗିଲା ? ତୁମ ସମ୍ପତ୍ତି ସାଥିରେ ନେଇ ସ୍ୱର୍ଗକୁ ଯାଅ । ତୁମ ପରି ବାପା ମାଆ ଥିଲେ ଯାହା ନଥିଲେ ତାହା ।" ତମ ତମ ହୋଇ ପରେଶ ତା ବାପାଙ୍କୁ ଝିଙ୍ଗାସ କଲା ।

ବାପା ଯୁକ୍ତି ବଢ଼ାଇଲେ ନାହିଁ । ନିଜ କଥା ନିଜ ମନରେ ମାରି ନିରବ ହୋଇଯିବାର ନିଷ୍ପତ୍ତି ନେଇଗଲେ । ସେହି ଦିନଠୁ ତାଙ୍କ ପାଟି ଖୋଲେନି । ସେ ଦୁନିଆ ଦେଖିଛନ୍ତି, ତାଙ୍କ ବାପା ମାଆଙ୍କୁ ବ୍ୟବହାର କରିବାର ବିଧି ଜାଣନ୍ତି । ବାପା ମାଆ ତାଙ୍କର ଶତାୟୁ ହୋଇଛନ୍ତି । କେବେ ବି ସେ ବାପାଙ୍କ ମନକୁ ବାଧିବା ପରି ପଦଟିଏ ଉଚ୍ଚାରଣ କରିନାହାନ୍ତି । ଆଜି ଯେତେବେଳେ ପୁଅ ତାଙ୍କର ମୃତ୍ୟୁ ପରିକଳ୍ପନା କରୁଛି, ତାଙ୍କର ମରିଯିବା ଶ୍ରେୟସ୍କର । ଭଗବାନଙ୍କର ଯଦି ବଞ୍ଚେଇ ରଖିବାର ଯୋଗ ରହିଛି, ସେ ପରେଶ ପରି ବିଷମୁଖ ପୁଅକୁ ଦେଖି ନଦେଖିଲା ପରି ଓ ତା କଥା ଶୁଣି ନଶୁଣିଲା ପରି ରହିଯିବେ ।

ମାଆ ସମ୍ପୂର୍ଣ୍ଣ ନିରବ । ଜନ୍ମିଲା ପୁଅ କଥା କହିବେ କାହାକୁ । ବାପା କହି କହି ଠିକ୍‌ରେ ପଢ଼ିଲାନାହିଁ । ପ୍ରାପ୍ତ ବୟସରେ ବି କୌଣସି ଯୁକ୍ତିଯୁକ୍ତ

ବୃତ୍ତି ଆଦେରିଲା ନାହିଁ । ଆତ୍ମଗର୍ବ ଆଉ ବୃଥା ଆସ୍ଫାଳନରେ ସମୟ କାଟି ସବୁ ଆତ୍ମୀୟ ଏବଂ ଜ୍ଞାତି କୁଟୁମ୍ବଙ୍କ ପାଖରେ ଆମକୁ ଲୋକହସା କରିଦେଇଛି । ବାଦ ବିବାଦ ମାଲି ମକଦ୍ଦମାରେ ଅନେକ ରକ୍ତ ସମ୍ପର୍କୀୟ ବନ୍ଧୁ କାଟି ଦେଇଛନ୍ତି । ବାପାଙ୍କ ସହ ତାର ଅହି ନକୁଳ ସମ୍ପର୍କ । କଅଣ ବା ମାଆ ହୋଇ ମୁଁ କରିବି ? ବଡ଼ ପୁଅ ବୋଲି ମୋର ଅଯତ୍ନରୁ ସେ ମଣିଷଧାରାରୁ ଗୋଡ଼ ଖସି ଅମଣିଷ ସାଜିଛି । କାହାକୁ କହିବି ? ନା ମୋ ସ୍ୱାମୀଙ୍କୁ, ନା ସାଇଭାଇଙ୍କୁ । ଏମିତି ଅପବାଦ ସୃଷ୍ଟି ହୋଇଛି, ଆମେ ଏକଘରିକିଆ ହୋଇଯାଇଛୁ । ସିଏ ପରିବାର ଛାଡ଼ି ପତ୍ନୀ ଓ ସନ୍ତାନଙ୍କୁ ନେଇ ଦୂରରେ ରହିଛି, କିନ୍ତୁ ଆମକୁ ନଜରବନ୍ଦୀ କରି ଚାଲି ଯାଇଛି । ଆମର ମୁହଁ ନାହିଁ ଘରୁ ବାହାରିବାକୁ ।

ମାଆର ଆଖିରୁ ଧାର ଧାର ଲୁହ । ଶେଷ ଜୀବନରେ ଅନ୍ୟମାନଙ୍କର ଆହା ଶବ୍ଦ ଶୁଣିବାର ଯୋଗ୍ୟତା ହରାଇଛି । ବାପା ମାଆ କେବେଠୁ ମରି ସାରିଲେଣି । ବାପଘର ଓ ଭଉଣୀମାନଙ୍କ ପାଖରେ ମୁହଁ ନାହିଁ । ଯାହା ସମ୍ପର୍କୀୟ ମାନଙ୍କ ସହିତ ଦେଖାହେବାର ଯୋଗ ଅଛି, ରାଜ ଦରବାରରେ, କୋର୍ଟ କଚେରିରେ ।

ମୋ ପୁଅ ଆମକୁ ଯାହା କରିଛି, ଧର୍ମ ଥିଲେ ବୁଝିବ । ମାଆ ଆଖିରେ ଲୁହ ।

ପାଇବା ଫଳକୁ ପରେଶ ପ୍ରତ୍ୟାଖ୍ୟାନ କରି ପରିଶେଷରେ ନିଷ୍ଫଳ ହୋଇଛି । ନୀତି ବାକ୍ୟ ରହିଛି ଶିବପାର୍ବତୀ ଲୋକଟିକୁ ଧନରତ୍ନ ଦେବାବେଳକୁ ସିଏ ଆଖି ବୁଜି ଅଭିନୟ କରି ସେଇଟିକୁ ଦେଖିପାରିନି । ସେମିତି ପରେଶ ନିଜର ଅତ୍ୟଧିକ ଆତ୍ମବିଶ୍ୱାସ ଦ୍ୱାରା ପ୍ରତାରିତ ହୋଇଛି ।

ନିଜେ ମନକୁ ଧିକ୍କାର କରିଛି । କାହିଁ ସିଏ ସମୟରେ ଇଞ୍ଜିନିୟରିଂରେ ଆଡମିସନ୍ ନେବା ପରେ ଥରେ ଦୁଇଥର ମେଡିକାଲ ଏଣ୍ଟ୍ରାନ୍ସ ଦେବାକୁ ଅନୁଚିତ ମନେକଲା ? ଏହା ତା ଜୀବନକୁ ନଷ୍ଟ କରିଦେଇଛି । କେବଳ ନିଜେ ନୁହେଁ, ପରିବାର ଆଉ ସ୍ୱଜନ ମାନଙ୍କୁ ବଇରି କରିଦେଇଛି ।

ସମୟ ନାହିଁ ଅନୁତାପ କରିବାକୁ । ଜୀବନଟାକୁ  ଅବାସ୍ତବ କହିବାକୁ ବାଧ୍ୟ ହେଉଛି ।

ନୟାପଲ୍ଲୀ, ଭୁବନେଶ୍ୱର
ମୋ-୮୬୫୮୩୮୬୨୭୩



# ବିଷଣ୍ଣତା ସର୍ଜନାର ହେତୁ

*ଡ.ସଂଘମିତ୍ରା ଭଞ୍ଜ*

**ମା**ନସିକ ଅସ୍ଥିରତା, ନିଃସଙ୍ଗତା, ଅକାରଣ ମନସ୍ତାପ, ଆତ୍ମୀୟସ୍ୱଜନଙ୍କ ଶବ୍ଦାଘାତ, ବ୍ୟକ୍ତିକ ଅସହାୟତାକୁ ନେଇ ଅପରର ପରିହାସ, ନିନ୍ଦା, ଅପବାଦ, ଈର୍ଷାପୂର୍ଣ୍ଣ ଇଙ୍ଗିତ ତଥା ନିଜର ନ୍ୟୂନଭାବ ହେତୁ ମଣିଷ ବିଷଣ୍ଣ ହୁଏ । ମଣିଷ ମନ ଉପରେ ଏହାର ନକାରାତ୍ମକ ତଥା ସକାରାତ୍ମକ ପ୍ରଭାବ ରହିଥାଏ । କେତେବେଳେ ଏହା ନକାରାତ୍ମକ ଭାବ ଉତ୍ପନ୍ନ କରାଇ ମଣିଷକୁ ଗଭୀର ନିଃସଙ୍ଗତାବୋଧର ଅନ୍ଧକାରପୂର୍ଣ୍ଣ ଗହ୍ୱର ଭିତରକୁ ଠେଲିଦିଏ ତ ଆଉ କେତେବେଳେ ସେହି ବିଷଣ୍ଣତା ତାକୁ ଅଦ୍ଭୁତ ଆତ୍ମଶକ୍ତି ପ୍ରଦାନ କରେ । ମଣିଷର ବ୍ୟକ୍ତିକ ଅବସାଦ ଭିତରୁ ଉତ୍ସାରିତ ଏହି ଅନୁଭବ ମଣିଷ ଭିତରେ ପ୍ରଚଣ୍ଡ ଆତ୍ମଶକ୍ତି ଏବଂ ନୂତନ ସମ୍ଭାବନା ସୃଷ୍ଟି କରିଥାଏ ।

ପ୍ରଚଣ୍ଡ ଆତ୍ମବିଶ୍ୱାସ ଲାଭର ପଶ୍ଚାତ୍ ଭାଗରେ ଅସହାୟ ମଣିଷ ଜୀବନର ହାହାକାରପୂର୍ଣ୍ଣ ଜୀବନଯନ୍ତ୍ରଣା ସଂଗୋପିତ ଥାଏ । ସାଧାରଣ ଓ ସ୍ୱାଭାବିକ ବ୍ୟବହାର କରୁଥିବା ମଣିଷଟିଏ ଯେ ପରକ୍ଷଣରେ କି ପ୍ରକାର ପଦକ୍ଷେପ ନେବ ତାହା ଅନିର୍ଦ୍ଦିଷ୍ଟ ଥାଏ । ଏହିଭଳି ସ୍ରଷ୍ଟା-କବି ବା ସାହିତ୍ୟିକର ମାନସିକ ଅସ୍ଥିରତାକୁ ନେଇ ସାହିତ୍ୟ ଜଗତରେ ବହୁ ପୀଡ଼ିତ ଶିଳ୍ପୀ (tourtured artist) ଏବଂ ପ୍ରଗଲ୍ଭ ଶିଳ୍ପୀ (mad artist)ଙ୍କ ସଂପର୍କରେ ପାଠକ ସେତେବେଳେ ଅବଗତ ହୁଏ ଯେତେବେଳେ ସେ ସଂସାର ତ୍ୟାଗ କରିସାରିଥାଏ । ଉନବିଂଶ ଶତାବ୍ଦୀର ଇଂରାଜୀ ସାହିତ୍ୟରେ ଭିନ୍‌ସେଣ୍ଟ ଭାନ୍ ଗୋଗ୍ (Vincent Van Gogh) ଏବଂ ସିଲ୍‌ଭିଆ ପ୍ଲାଥ୍ (Sylvia Plath)ଙ୍କ ଭଳି ଦୁଇ ସାହିତ୍ୟିକଙ୍କ ନାମ ଉଲ୍ଲେଖଯୋଗ୍ୟ ଯେଉଁ ଦୁଇଜଣ ନିଜ ନିଜର ମାନସିକ ଯନ୍ତ୍ରଣା, ବିଷାଦବୋଧ ଓ ଅସହାୟତାକୁ ନିଜ ଲେଖା ମାଧ୍ୟମରେ ପ୍ରକାଶ କରିଥିଲେ । ଭାନ୍ ଗୋଗ୍ ନିଜ ଭାଇ ଥିଓ (Theo)ଙ୍କୁ ଏକ ପତ୍ରରେ ଲେଖିଥିଲେ- ମୋ ଭିତରେ କ'ଣ ଚାଲିଛି ତାକୁ ସଠିକ୍ ଭାବରେ ବର୍ଣ୍ଣନା କରିବାକୁ ମୁଁ ଅସମର୍ଥ । ବର୍ତ୍ତମାନ ଏବଂ ପରକ୍ଷଣରେ ଭୟଙ୍କର ମାନସିକ ଉତ୍ତେଜନା, ଅକାରଣ ଶୂନ୍ୟତାବୋଧ ଏବଂ ଭାରାକ୍ରାନ୍ତ ମସ୍ତିଷ୍କ – ଏ ସବୁକିଛି ମୋ ଭିତରେ ଅବସାଦପଣର ଆକ୍ରମଣ ଏବଂ ଘୋର ପଶ୍ଚାତ୍ତାପ ସୃଷ୍ଟି କରୁଛନ୍ତି । ପ୍ଲାଥ୍ ମଧ୍ୟ ନିଜର ମାନସିକ ବିଷାଦବୋଧ ଦର୍ଶାଇ ନିଜ ଭିତରେ ସ୍ନାୟବିକ ଅବସାଦପଣକୁ ଅନୁଭବ କରିଛନ୍ତି । ନିଜ ଭିତରେ ଅବସାଦଜନିତ ଉତ୍ତେଜନା ଏବଂ ଆତ୍ମହତ୍ୟାପ୍ରବଣତାକୁ ଦର୍ଶାଇ ସେ ୧୯୬୩ ମସିହାରେ ଲିଖିତ ଅର୍ଦ୍ଧ-ଆତ୍ମକଥାତ୍ମକ ଉପନ୍ୟାସ "The Bell Jar' ପୁସ୍ତକରେ ଉଲ୍ଲେଖ କରିଥିଲେ- "ମୁଁ ଜାଣି ନ ଥିଲି ମୁଁ କାହିଁକି କାନ୍ଦିବାକୁ ଲାଗିଲି, କିନ୍ତୁ ମୁଁ ଜାଣିଥିଲି ଯେ ଯଦି କେହି ମୋ ସହିତ କଥା ପଦେ ହୁଏ କିମ୍ବା ମୋତେ ଖୁବ୍ ନିକଟରୁ ଦେଖେ ତେବେ ମୋ ଆଖିରୁ ଅଶ୍ରୁବୁନ୍ଦା ଉଚ୍ଛୁଳି ପଡ଼ିବ ଏବଂ କଣ୍ଠଦେଶରୁ କୋହ ଉଠିବ । ସତରେ ମୁଁ ଏକ ସପ୍ତାହ ଧରି କାନ୍ଦିଥିଲି ।"

ଏବଂ ଭାନ୍‌ଙ୍କ ପରେ ପୀଡ଼ିତ କଳାକାରମାନଙ୍କ ମଧ୍ୟରେ ଏଡ୍‌ୱାର୍ଡ ମଙ୍କ୍, ଚାର୍ଲସ ଡିକେନ୍‌ସ, ଭର୍ଜିନିଆ ଉଲ୍‌ଫ୍ ତଥା ଫ୍ରିଡା କାହ୍‌ଲୋଙ୍କ ଭଳି ଲେଖକମାନେ ମଧ୍ୟ ଅବସାଦଗ୍ରସ୍ତ ହୋଇଥିବା ସ୍ୱୀକାର କରିଛନ୍ତି । ସେମାନଙ୍କର ସେହି ଅବସାଦ ହିଁ ସେମାନଙ୍କ 'ଅସୀମ ସୃଜନଶୀଳତା'ର ବଳିଷ୍ଠ ଆଧାର ।

ବିଦେଶୀ ଏବଂ ଭାରତୀୟ ଗବେଷକଗଣ ସୃଜନ ତଥା ମାନସିକ ଅସ୍ଥିରତା ମଧ୍ୟରେ ଥିବା ସୂକ୍ଷ୍ମ ସଂପର୍କକୁ ନେଇ ବହୁ ତାତ୍ତ୍ୱିକ ଅବଧାରଣା ପ୍ରତିଷ୍ଠା କରିଛନ୍ତି । ମଣିଷ ମନର ଅବସ୍ଥା ଏବଂ ତା' ମନରେ ଅହରହ ଗତିଶୀଳ ହେଉଥିବା ଭାବ-ଭାବନା ସମୁଚ୍ଚ ସୃଜନକୁ ପରିପୁଷ୍ଟ କରିଥାଏ । କୌଣସି ଅଙ୍ଗେନିଭା ସ୍ମୃତିବିଜଡ଼ିତ ଅତୀତର ବେଦନାବିକ୍ଷୁବ୍ଧ ଘଟଣା, ମାନସିକ ଆବେଗ ଓ ଅସ୍ଥିରତାକୁ ନେଇ ଯେତେବେଳେ ଲେଖକଟିଏ ଲେଖିବସେ ସେତେବେଳେ ସେସବୁ ତା'ର ପ୍ରତିରକ୍ଷାତନ୍ତ୍ର (immune system) ଶକ୍ତିଶାଳୀ କରିଦିଏ । ତେଣୁ 'କଳାତ୍ମକତା' ଏକ ଚିକିତ୍ସା (Therapy) । ଏହାଦ୍ୱାରା ଆତ୍ମପ୍ରଯତ୍ନ (self-care), ଗଭୀର ସକ୍ରିୟତା (state of flow), ଚିନ୍ତାମୁକ୍ତି (stress-free) ସମ୍ଭବ ହୋଇଥାଏ । ବେଦନାଗ୍ରସ୍ତ ମାନବ ହିଂସ୍ରତା ଅପେକ୍ଷା ଅନ୍ୟପ୍ରତି ସହୃଦୟ ଓ କୋମଳ ହୋଇଥାଏ । ଏମିତିକି ଶତ୍ରୁର କଷ୍ଟ ମଧ୍ୟ ତାକୁ ତରଳାଇଦିଏ । ବିଷାଦଗ୍ରସ୍ତ ମଣିଷର ଭାବାନୁଭୂତି ଖୁବ୍ ସ୍ୱତନ୍ତ୍ର ।

"କଳା-କୋମଳ ଭାବାନୁଭୂତିର ଫଳଶ୍ରୁତି ମଣିଷ ମନରେ ନୈତିକ ପ୍ରଭାବ ସୃଜିବା ପାଇଁ ଯଥେଷ୍ଟ । ତାହାର ଫଳଶ୍ରୁତି ଚିତ୍ତୋଲ୍ଲାସ ଓ ଚିତ୍ତୋନ୍ନତି ।'' (୧) ଆନନ୍ଦଲାଭର ଇଚ୍ଛା ଓ ଦୁଃଖରୁ ମୁକ୍ତି ହିଁ ମାନବ ଜୀବନର ଅନ୍ତର୍ନିହିତ ଉଦ୍ଦେଶ୍ୟ । ଇପ୍ସିତ ଲକ୍ଷ୍ୟକୁ ପାଇବାର ଉଦ୍ଦେଶ୍ୟ

ତାକୁ କର୍ମପ୍ରେରଣା ଦିଏ। ନଚେତ୍ ଆଳସ୍ୟ ଓ ପରିଶ୍ରମକାତର ମନୋବୃତ୍ତି କାହାର ଅବା ନାହିଁ ? ଏହି କର୍ମଦ୍ୟୋତନା ଭିତରେ ଅସୁମାରି ସ୍ୱପ୍ନ, କଳ୍ପନା ଓ ଯୋଜନା ପ୍ରସ୍ତୁତିର ଧାରାଟିଏ ତା'ର ଚେତନା ଜଗତକୁ ଉଦ୍‌ଭାସିତ କରେ। ଯା'ରି ଭିତରେ କେତେ ସ୍ୱପ୍ନ ଧୂଳିସାତ୍ ହୁଏ, ଅନେକ କଳ୍ପନା ଭୁଶୁଡ଼ି ପଡ଼େ, ଯୋଜନା ପ୍ରସ୍ତୁତି କେବଳ ସେହି ଭାବନା ଭିତରେ ରହିଯାଏ। ତଥାପି ନିରାଶା, ଅସଫଳ ଯୋଜନା ତଥା ଦିବାସ୍ୱପ୍ନର ପ୍ରହେଳି ଭିତରୁ କିଛି ଧୂମାୟମାନ ଅନୁଭବ ମଣିଷର ବାହ୍ୟରୂପ ଉପରେ "ବିଷାଦ'ର ପ୍ରଲେପ ଅଙ୍କନ କରେ। ମନ ଦବିଯାଏ, ଉଚ୍ଛ୍ୱାସ ଝାଉଁଳି ପଡ଼େ ଓ ସକ୍ରିୟ ଆବେଗ ନିରବି ଯାଏ। ଆହତ ଆବେଗଙ୍କୁ ଠୁଳ କରି ଆଗକୁ ବଢ଼ିବାର ପର୍ଯ୍ୟାୟକୁ ବୋଧହୁଏ "struggle for existence' କୁହାଯାଏ। ଆତ୍ମପ୍ରତିଷ୍ଠା ପ୍ରତି ମଣିଷ ମନର ସୂକ୍ଷ୍ମ ଲକ୍ଷ୍ୟ। ମାନବକୁ ଏ କ୍ଷେତ୍ରରେ କଳ୍ପନା ଓ ସଂବେଦନା ପାହାଚ ଭଳି ସହାୟତା କରେ। ଏହି ଦୁଇଟିର ପାହାଚ ଦେଇ ଗତିଶୀଳ ମାନବପ୍ରାଣ ନୂତନତ୍ୱକୁ ଅନ୍ୱେଷା କରେ ଏବଂ ସୃଜନଶୀଳ ହୋଇ ଉଠେ। ତେଣୁ ସୃଜନର ଉତ୍ସ ରୂପେ ମାନବ ନିମନ୍ତେ ସ୍ୱପ୍ନମଖା-କଳ୍ପନାର ବିଲୟ ଜନିତ ବିଷାଦବୋଧ ହିଁ ପ୍ରମୁଖ ଅଟେ। ମହାକବି ବାଲ୍ମୀକି କ୍ରୌଞ୍ଚ ବନ୍ଧର କାରୁଣ୍ୟକୁ ଅନୁଭବ କରି 'ରାମାୟଣ'ର ମହାସୃଜନକୁ ପରିପୂର୍ଣ୍ଣ କରିଥିଲେ।

ସୃଜନକର୍ମ ଏକ ମାନସିକ ପ୍ରକ୍ରିୟା। ଯେଉଁଠି ଜଣେ କଳାକାର ନିଜ ଅବଚେତନ-ଅଚେତନ ବୌଦ୍ଧିକତାକୁ ଆଧାର କରି ଅତି ସ୍ୱତଃସ୍ଫୂର୍ତ୍ତ ପରିଧି ମଧ୍ୟରେ ଶବ୍ଦଚିତ୍ରଙ୍କୁ ଗଢ଼ିଥାଏ। ସ୍ରଷ୍ଟା ନିମନ୍ତେ ସମଗ୍ର ଜଗତ ଏବଂ ତା'ର ଅସ୍ତିତ୍ୱ ଓତପ୍ରୋତ ଭାବେ ଜଡ଼ିତ। ଜଗତର ସତ୍ୟାସତ୍ୟକୁ ସ୍ରଷ୍ଟା ନିଜ ଶବ୍ଦ ଜରିଆରେ ମୁକ୍ତ (release) କରେ। ଏଥିନିମନ୍ତେ ସ୍ରଷ୍ଟାର ଇଚ୍ଛା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତା'ର ଇଚ୍ଛା ଥିଲେ ମୂଲ୍ୟହୀନ ପଥର, ପଚା-ଶଢ଼ା ଶବ, ଝାଉଁଳା-ପତ୍ର, ମଉଳା ଫୁଲ ଭିତରେ ଅରୂପ-ଅମୂର୍ତ୍ତ ସତ୍ତାକୁ ଅନୁଭବି ତାକୁ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିପାରେ। ନିଜ ଅବଚେତନ-ଅଚେତନ ବୌଦ୍ଧିକତା ଦେଇ ସ୍ୱତଃସ୍ଫୂର୍ତ୍ତ ପରିଧି ଭିତରେ ନିଜ ଶବ୍ଦଚିତ୍ରମାନଙ୍କୁ ଗଢ଼େ। ପୁଣି ଜଗତର ସତ୍ୟାସତ୍ୟ ସ୍ରଷ୍ଟାର ଦୃଷ୍ଟିକୋଣ ଦେଇ ମୁକ୍ତି ପାଏ ଠିକ୍ ପ୍ରଜାପତିର ବିବର୍ତ୍ତିତ ଅବସ୍ଥାଚକ୍ର ଦେଇ।

ସୃଜନପଣଟି ସ୍ମୃତିଚିତ୍ର (memory image) ଦେଇ ଅବା ସ୍ରଷ୍ଟାର ବୌଦ୍ଧିକ ଅନ୍ତର୍ନିହିତ ଦୃଷ୍ଟି (intellectual inner lence) ଦେଇ ରୂପ ପରିଗ୍ରହ କରେ। ଯା'ରି ଭିତରେ ସ୍ମୃତିଜର୍ଜରିତ ସ୍ରଷ୍ଟାର ଖେଦ, ଯନ୍ତ୍ରଣା, ଆବେଗ ତାକୁ ଅଚିହ୍ନା-ଅବୋଧ ବିଷାଦ ତାକୁ ଭାରାକ୍ରାନ୍ତ କରିବସେ। ସେହି ଦୁଃଖକୁ ନେଇ ସ୍ରଷ୍ଟା ଗଢ଼ିବସେ ସୌନ୍ଦର୍ଯ୍ୟ, ସତ୍ୟ ଓ କଳ୍ପନାର କାବ୍ୟବୃତ୍ତ। ସ୍ୱାନୁଭବୀ ସ୍ରଷ୍ଟା କେବଳ ବିଷାଦଗ୍ରସ୍ତ ହୋଇ ଦୁଃଖକୁ ଭୋଗେନି ବରଂ ତତ୍‌ସହିତ ଭୋଗେ ଦୀର୍ଘ ମିଷ୍ଟିକ୍ ମୌନ ଅବସ୍ଥାକୁ। Laslo Verseryଙ୍କ ମତରେ ଦୁଃଖର ମୌଳିକ ଆଧାର ହେଲା- "The original mystery, the dark silence that sorrounds the light." ଦୁଃଖ ଓ ଯନ୍ତ୍ରଣା ସ୍ରଷ୍ଟାକୁ ସଂସାରର ପ୍ରଲୋଭିତ ବଳୟ ଭିତରୁ ଏକଲାପଣର ଅସ୍ୱସ୍ତି ଭିତରକୁ ଠେଲିଦିଏ ସତ ହେଲେ ତା'ରି ଭିତରେ ହିଁ ସ୍ରଷ୍ଟାର ସୃଜନ ପ୍ରକ୍ରିୟା, ବୁଢ଼ିଆଣୀ ଜାଲ ଭଳି ସ୍ୱତଃ ଆରମ୍ଭ ହୋଇଥାଏ। ଅସଫଳତା, ଏକ୍‌ଲାପଣ, ଅପୂର୍ଣ୍ଣ ଆକାଂକ୍ଷା ଓ ଅପ୍ରାପ୍ତିବୋଧର ଅସହାୟପଣ ମଧ୍ୟ ସ୍ରଷ୍ଟାକୁ ଭ୍ରମିତ କରିଥାଏ। ଦୁଃଖମାନଙ୍କୁ ସାଉଁଟିଥିବା ସ୍ରଷ୍ଟାର କୃତି ଭିତରେ ପ୍ରକୃତ ସୃଷ୍ଟି ସାରାଂଶ ଉଙ୍କି ମାରିଥାଏ। ବ୍ୟଥା, ଅଶ୍ରୁ, ବେଦନା ଓ କାତରତା ଦେଇ ସ୍ରଷ୍ଟା ଅଦ୍ଭୁତ ଆନନ୍ଦ ପାଇଥାଏ।

କବିବର ରାଧାନାଥଙ୍କ ସୃଜନ ଆଧାର ରୂପେ ଅତ୍ୟନ୍ତ ଶକ୍ତିଶାଳୀ ଦିଗଟି ଥିଲା ତାଙ୍କ ଚିର ହାହାମୟ ଜୀବନ। ତେଣୁ ସେ ଲେଖିବସିଛନ୍ତି-

"ପ୍ରତିଦିନ ଦୁଃଖ ପ୍ରହାରେ ଜର୍ଜର
ପଟ୍ଟଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର
ଦୁଃଖଦତ୍ତ ଜ୍ଞାନ ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ।''

"ମଣିଷ ମନର ଏହି ବିଷାଦଭାବ କବିର ଭାବପ୍ରବଣ ମନକୁ ଆହୁରି ଗଭୀରତର ଭାବେ ଆକ୍ରାନ୍ତ କରେ। ମଣିଷର ଚେତନାକୁ ଆଚ୍ଛନ୍ନ କରି ଦେଉଥିବା ଏହି ବିଷାଦଭାବ ଅତ୍ୟନ୍ତ ଶକ୍ତିଶାଳୀ।'' (କଳ୍ପନାର ଅଭିଷେକ - ଡ. ପ୍ରତିଭା ଶତପଥୀ -ପୃ: ୨୧) ଏହି ବିଷାଦବୋଧ ଭିତରେ ସ୍ୱର୍ଗୀୟ ଉନ୍ମାଦନା (spiritual madness) ଲୁକ୍କାୟିତ ଥାଏ। ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ଶବ୍ଦରେ- "Feeling and longing are the motive forces behind all human endeavours and human creations.'' ସୃଜନ ମାନବର ଭାବାବେଗ ଉପରେ ନିର୍ଭରଶୀଳ କୁନ୍ତଳା କୁମାରୀଙ୍କ ଶବ୍ଦରେ-

"ଘନ ଅନ୍ଧାରେ ଆତ୍ମା କାନ୍ଦିବ ବସି

ଓହ୍ଲାଇ ଆସିବୁ ତୁ ଜ୍ୟୋତି ବରଷି।" (ଗ୍ରନ୍ଥାବଳୀ - ପୃ:୫)

ଗୀତିକାର ସର୍ବଦା ଶବ୍ଦ, ପ୍ରେମ ଏବଂ ଦିବ୍ୟତାର ଉତ୍ତରଣ ଅପେକ୍ଷାରେ ଥାଏ। ନାରୀକବି ପ୍ରେମାଭକ୍ତିରେ ବିଷାଦବାଦିନୀ ହୋଇଥିଲେ ହେଁ ଅତୀନ୍ଦ୍ରିୟ ପ୍ରେମ ନିମନ୍ତେ ଉନ୍ମୁଖ। ବ୍ୟକ୍ତିଗତ ଜୀବନ ଯନ୍ତ୍ରଣାର ଗରଳ ପାନ କରି କୁନ୍ତଳା ନୀଳକଣ୍ଠଙ୍କ ଭଳି ବିଷକୁ ଅମୃତ ରୂପ ପ୍ରଦାନ କରିଥିଲେ। ତାଙ୍କ ସାମଗ୍ରିକ କବିତାରେ ଜୀବନ ବିଷର ଅମୃତ ରୂପ ଓ ତାଙ୍କ ସୃଜନ ଆଧାର ପାଲଟିଛି। ବୈକୁଣ୍ଠନାଥଙ୍କ ଶବ୍ଦରେ- "ଅଶ୍ରୁ ସାଗର ପାରେ ଶତ ବିଫଳତା ହାଣି ଉଇଁଛିରେ ଜୀବନର ସୂର୍ଯ୍ୟ।" (ବୈକୁଣ୍ଠନାଥ ଗ୍ରନ୍ଥାବଳୀ - ୧ମ - ପୃ:୪୦୪)

ମାନସିଂହ "କୁଶ" କବିତାରେ "ଦୁଃଖ"କୁ ରହସ୍ୟମୟ ପୁରୁଷଙ୍କ ଭିତରେ ହଜେଇ ଦେଇଥିବା ଅନୁଭବ କରିଛନ୍ତି। କବି ମାନସିଂହଙ୍କ ଶବ୍ଦରେ-

"ଦୁଃଖ ଦୈନ୍ୟ ନାହିଁ ଆଉ ଆଜି ମୋ ବିଶ୍ୱାସ
ତୁମରି ଲୀଳା ହିଁ ମୋର ମିଳନ ପ୍ରୟାସ।''

(କୁଶ - ମାନସିଂହ ଗ୍ରନ୍ଥାବଳୀ - ପୃ: ୪୫୩)


ସମସ୍ତ ବିଫଳତା ସତ୍ତ୍ୱେ ଜଗତର ସତ୍ୟ ଭିତରେ ଜୀବନର ଅର୍ଥ ଖୋଜିଥିବା କବି ମାନସିଂହଙ୍କ ଶବ୍ଦରେ - "ଅନନ୍ତ ବ୍ୟର୍ଥତା ମଧ୍ୟେ ଏ ଧରଣୀ, ଏ ଦାନ ପରମ।"

ଆଧୁନିକ ଯୁଗରେ କବିମାନଙ୍କ କବିତାରେ ବ୍ୟକ୍ତିକ ଦୃଷ୍ଟିଭଙ୍ଗୀ (personal attitude) ଅତି ମାର୍ମିକ ଭାବରେ ଅଭିବ୍ୟକ୍ତ ହେଉଥିବା ହେତୁ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ କବିତାରେ ଆଧୁନିକ ଜୀବନର ନିଚ୍ଛକ ଆବେଗର ଅଭିବ୍ୟକ୍ତି ଅତ୍ୟନ୍ତ ମର୍ମସ୍ପର୍ଶୀ :-

"ଅନ୍ତରେ କାନ୍ଦେ
ବାହାରେ ହସେ ମୁଁ
ଏଇ ମୋର ପରିଚୟ
ମରି ସାରିଛି ମୁଁ
ତେବେ ବି କରୁଚି ବଞ୍ଚିବାର ଅଭିନୟ।" (ଏ ମନ ଚୋରାପଥେ -୧)

ଆଧୁନିକ କବିର ବ୍ୟକ୍ତିକ ଆକୁତି ଓ ବିଷାଦ ହିଁ ସେମାନଙ୍କ କବିତାର ଆଧାର ନିଶ୍ଚୟ।

ବିଭାଗ ମୁଖ୍ୟ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ - ୯୪୩୮୨୯୪୪୧୮



# ସମୟର ସ୍ୱରଲିପି

*କଳ୍ପନା ସାହୁ*

କବି ଅନ୍ନଦା ଶଙ୍କର ରାୟଙ୍କ ଏକ କଥା– "ନର ତୁମେ ଭୁଲିଯାଅ ଅତୀତର ଦୁଃସ୍ୱପ୍ନ ଯେତେକ, କାଳଜୟୀ ଅଭିମୁଖେ ନବପଥେ ହୁଅ ଯେ ପଥିକ"। ମଣିଷର ଜୀବନ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଘାତ ପ୍ରତିଘାତ ଦେଇ ଗତିକରେ। କେତେବେଳେ ହସଭରା ସମୟ ତ କେତେବେଳେ ଦୁଃଖପୂର୍ଣ୍ଣ ସମୟ ଦେଇ ଚାଲେ। କିନ୍ତୁ ମଣିଷ ମନରେ ହସଭରା ସମୟଟି କ୍ଷୀଣସ୍ଥାୟୀ ପରି ଲାଗେ ଓ ଦୁଃଖଭରା ସମୟ ଯେଭଳି କଟୁନାହିଁ ସେପରି ମନରେ ଭାବ ଉଦ୍ରେକ ହୁଏ। ଏହି ହସଖୁସି ଓ ଦୁଃଖକଷ୍ଟ ମଧ୍ୟରେ ମଣିଷ ସମାଜ ସହ ଚଳିବା ପାଇଁ ଅବିରତ ସଂଗ୍ରାମ କରି ଚାଲିଥାଏ। ସାମାଜିକ ପ୍ରାଣୀ ଭାବରେ ସମାଜ ସହିତ ପାଦ ମିଶାଇ ଚାଲିବାକୁ ହୁଏ। କେତେବେଳେ ବିଶ୍ୱାସ ସୁଦୃଢ଼ ହୁଏ ତ କେତେବେଳେ ଅବିଶ୍ୱାସ ଓ ସନ୍ଦେହ ତା ମନରେ ଜାଗ୍ରତ ହୁଏ। ଏହି ଦ୍ୱନ୍ଦ୍ୱ ଭିତରେ ମଣିଷ ତାହାର ଜୀବନ ନେଇ ବଞ୍ଚିରହେ। ବଞ୍ଚିବା ପାଇଁ ଅବିରତ ସଂଗ୍ରାମ କରି ଚାଲିଥାଏ। ଯେଉଁ ଲୋକ ତା'ର ଲକ୍ଷ୍ୟ ନିରୂପଣ କରି ସଂଗ୍ରାମ ପଥରେ ଚାଲିଥାଏ ସେହି ବ୍ୟକ୍ତି ସଫଳତା ହାସଲ କରେ। ସଫଳତା ଗୋଟିଏ ଦିନରେ ମିଳେନାହିଁ। ଏହି ସଫଳତା ପାଇଁ ମଣିଷ ଯେଉଁ କଷ୍ଟ କରେ ତା'ର ସ୍ୱପ୍ନ ସାକାର ହୁଏ। ସ୍ୱପ୍ନ ଦେଖିବା ପାପ ନୁହେଁ କିନ୍ତୁ ନିଜର ସ୍ୱପ୍ନକୁ ଭାଗ୍ୟ ହାତରେ ଛାଡ଼ିଦେବା ସବୁଠାରୁ ବଡ଼ପାପ। ତେଣୁ ମଣିଷ ଭାବିବାକୁ ପଡ଼ିବ ଯେ ଜୀବନ କେବଳ ଖାଇ, ଶୋଇ ବଞ୍ଚିବାର ମୂଲ୍ୟ ନୁହେଁ। ଆମର ଏହି କମ୍ ସମୟ ମଧ୍ୟରେ ଏହାକୁ କିଭଳି ବିନିଯୋଗ କରିବା ତାହାର ମହତ୍ତ୍ୱ ଉପଲବ୍ଧି ହିଁ ଜୀବନ। ଏହି ସଂସାରରେ ଭଗବାନ ବିଭିନ୍ନ ପ୍ରକାରର ଲୋକ ସୃଷ୍ଟି କରିଛନ୍ତି କିନ୍ତୁ ସମସ୍ତଙ୍କୁ ଗୋଟିଏ ଦିନରେ ୨୪ ଘଣ୍ଟା ସମୟ ପ୍ରଦାନ କରିଛନ୍ତି। କୁହାଯାଇଛି ସମୟ ଓ ଜୁଆର କାହାରିକୁ ଅପେକ୍ଷା କରେ ନାହିଁ। ସମୟର ଅବହେଳା ଖାଲି ବ୍ୟକ୍ତିଗତ ଜୀବନରେ ନୁହେଁ ରାଷ୍ଟ୍ରୀୟ ବିକାଶରେ ମଧ୍ୟ ଅନ୍ତରାୟ ସୃଷ୍ଟି କରିଥାଏ। ସମୟର ସଫଳ ବିନିଯୋଗରେ ଜାତି ଓ ଦେଶର ଉନ୍ନତି ହୁଏ। ଜାପାନ ଦେଶର ଲୋକମାନେ ରେଳ ସମୟକୁ ଦେଖି ନିଜର ଘଣ୍ଟା ମିଳାନ୍ତି। ଉନ୍ନତରୁ ଉନ୍ନତ ଦେଶଗୁଡ଼ିକ ସମୟାନୁବର୍ତ୍ତିତାକୁ ପ୍ରାଧାନ୍ୟ ଦିଅନ୍ତି। ପଣ୍ଡିତମାନଙ୍କ ମତରେ କର୍ମ ସଠିକ୍ ସମୟରେ କରିବା ନିତାନ୍ତ ଆବଶ୍ୟକ। ମହାନ୍ ଗୁରୁ କବୀର ଦାସ ମତରେ "କାଲି କାମ ଆଜି କର ଓ ଆଜିକାମ ବର୍ତ୍ତମାନ କର"। ସଠିକ୍ ମୁହୂର୍ତ୍ତକୁ ଚିହ୍ନିବା ଓ ନିଜର କର୍ତ୍ତବ୍ୟ ପଥରେ ଚାଲି ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା – ମାନବ ଜୀବନର ମୂଲ୍ୟ ହେବା ଉଚିତ୍।

ଅନୁଭବର ପ୍ରସାରଣ ପାଇଁ ପ୍ରତିଟି ମୁହୂର୍ତ୍ତର ନବୀକରଣ ଆବଶ୍ୟକ। ଜଣେ କୃପଣ ବ୍ୟକ୍ତି ପ୍ରତିଟି ଟଙ୍କାକୁ ଗୁରୁତ୍ୱ ଦିଏ। ସେ ଗୋଟିଏ ଗୋଟିଏ ଟଙ୍କା ସଞ୍ଚୟ କରି ବିଶାଳ ସମ୍ପତ୍ତିର ସୌଧ ନିର୍ମାଣ କରେ। ସେ ଯଦି ଭାବି ବସିବ ଯେ ବଡ଼ ଧରଣର ଅର୍ଥରାଶି ସଞ୍ଚୟ କରିବ ଓ ଛୋଟକାଟିଆ ଅର୍ଥରାଶି ପ୍ରତି ନଜର ଦେବନାହିଁ, ସେପରି କ୍ଷେତ୍ରରେ ତାହାର ସମ୍ପତ୍ତି ବୃଦ୍ଧି ପାଇପାରିବ ନାହିଁ। ଜୀବନକୁ ପରିପୂର୍ଣ୍ଣ ଭାବରେ ଉପଯୋଗ କରିବା ପାଇଁ ଚିନ୍ତାଶୀଳ ବ୍ୟକ୍ତିମାନେ ପ୍ରତିଟି ମୁହୂର୍ତ୍ତକୁ ଗୁରୁତ୍ୱ ଦିଅନ୍ତି ଏବଂ ଏହାର ସଦୁପଯୋଗ କରନ୍ତି।

ଭାରତର ପ୍ରଖ୍ୟାତ ସମାଜସେବୀ ବାବା ଆମ୍ତେଙ୍କୁ ଥରେ ଜଣେ ପ୍ରଶ୍ନ କରିଥିଲେ, "ଆପଣ ଏ ବୟସରେ ଅସୁସ୍ଥ ଓ ଅକ୍ଷମ ହୋଇ ପଡିଥିଲେ ମଧ୍ୟ ଆପଣ ଏତେ ବେଶି କାର୍ଯ୍ୟ କିପରି କରିପାରୁଛନ୍ତି ?" ବାବା ଆମ୍ତେ ଉତ୍ତର ଦେଇଥିଲେ, "ମୁ ପ୍ରତିଦିନ ସକାଳୁ ଉଠିବା ସମୟରେ ଚିନ୍ତାକରେ ଯେ ଏଇଟି ମୋ ପାଇଁ ଗୋଟିଏ ନୂଆ ମୁହୂର୍ତ୍ତ। ଏହି ମୁହୂର୍ତ୍ତରେ ମୁଁ ନୂଆ କରି ଜନ୍ମ ନେଇଛି। ତେଣୁ ନୂଆ ଅନୁଭବ ଓ ନୂଆ ଉପଲବ୍ଧି ନେଇ ମୋତେ ଆଗେଇବାକୁ ହେବ।" ବାବା ଆମ୍ତେଙ୍କ ପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଜୀବନରେ ବହୁ ସଫଳତାର ଅଧିକାରୀ ହୋଇପାରିଥିଲେ।

ପ୍ରତି ମୁହୂର୍ତ୍ତର ଉପଯୋଗ କରିବା ସମୟରେ ନିଶ୍ଚିତ ପରିମାଣରେ ବହୁ ଅଳୀକତା, ବହୁ ପ୍ରଲୋଭନ ଆକର୍ଷଣ ସୃଷ୍ଟି କରିବ। କିନ୍ତୁ ଏସବୁକୁ ଏଡ଼ାଇଯାଇ ମୁଖ୍ୟ ମାର୍ଗ ପ୍ରତି ଅଭିନିବିଷ୍ଟ ହେବାକୁ ପଡ଼ିବ। ନିଜର ଏକାଗ୍ରତାକୁ ଜାବୋଡ଼ି ଧରିବାର ଏକ ମୁଖ୍ୟ ଉପାୟ ହେଉଛି ନିଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧତା ପୋଷଣ କରିବା। ଆମର ଲକ୍ଷ୍ୟକୁ ଯେତିକି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଚାର କରିବୁ, ଆମର ପ୍ରତିବଦ୍ଧତା ସେତିକି ଦୃଢ଼ ରହିବ। ସେଥିପାଇଁ ଆମର ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସାମୂହିକ କଲ୍ୟାଣର କଳ୍ପନା ଅଧିକ ପ୍ରତିବଦ୍ଧତା ସୃଷ୍ଟି କରେ। ଏ କ୍ଷେତ୍ରରେ ପୂର୍ବସୂରି ମାନଙ୍କର ଆଦର୍ଶ ମଧ୍ୟ ଆମକୁ ପ୍ରେରଣା ଯୋଗାଏ। ପ୍ରତି ମୁହୂର୍ତ୍ତର ପ୍ରତିବଦ୍ଧତା ଭିତରେ ବୁଡ଼ି ରହିଲେ, ଜୀବନର ଦ୍ୱନ୍ଦ୍ୱ ଆମକୁ ବିଚଳିତ କରିପାରେ ନାହିଁ।

ଆଜିର ଯୁବପିଢ଼ି ସମୟର ମୂଲ୍ୟବୋଧକୁ ବୁଝିପାରୁ ନାହାଁନ୍ତି। ଅନାବଶ୍ୟକ କାର୍ଯ୍ୟରେ ନିଜକୁ ଲିପ୍ତ କରି ରଖୁଛନ୍ତି। ଜୀବନଟି ଅତି ବାସ୍ତବ ଓ ମୂଲ୍ୟବାନ। ଏହାକୁ ସୁପରିଚାଳିତ କରି ନିଜ ପାଇଁ ସମାଜ ପାଇଁ ଓ ନିଜ ଦେଶ ଓ ଜାତି ପାଇଁ ତ୍ୟାଗ କରିବା ହିଁ ଜୀବନର ମୂଲ୍ୟବୋଧ।

ଆପଲ୍ କମ୍ପାନୀର CEO or Co-founder ଷ୍ଟିଭ୍ ଜବ୍ ବିଶ୍ୱର ଅନ୍ୟତମ ଧନୀଲୋକ ମଧ୍ୟରେ ଅନ୍ୟତମ। କିନ୍ତୁ ଷ୍ଟିଭ୍ ଜବ୍‌ଙ୍କ ମତରେ ଜଣେ କେତେ ବିତ୍ତଶାଳୀ ବା ଧନୀ ତା'ର କାର୍ଯ୍ୟର ପ୍ରଭାବରୁ ଜଣାପଡେ଼। ଜଣେ ରାତିରେ ବେଡ୍‌କୁ ଗଲାବେଳେ ଭାବିବା ଉଚିତ୍ ଯେ ଆଜି ତା'ର କାର୍ଯ୍ୟ କୁଶଳତା ଅନ୍ୟକୁ କିଭଳି ଭାବରେ ପ୍ରଭାବିତ କରିଛି ଓ ସିଏ କି ପ୍ରକାରର ସଂସ୍କାର ଓ ପରିବର୍ତ୍ତନ ଆଣି ପାରିଛି। ଏହି ପ୍ରଭାବ ଆମ ଚତୁପାର୍ଶ୍ୱରେ କିଭଳି ପକାଉଛି– ତାହା ଏକ ବ୍ୟକ୍ତିତ୍ୱର ମହିମାରୁ ଜଣାପଡ଼େ। ତେଣୁ ଏହି କ୍ଷୀଣ ଜୀବନକୁ କିଭଳି ରସପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ କରି ବଞ୍ଚିବା– ତାହା ହିଁ ଜୀବନ ବଞ୍ଚିବାର କୌଶଳ। ସବୁବେଳେ ସବୁକିଛି ପାଇବାର ଆଶା ହିଁ ମନୁଷ୍ୟକୁ ଦୁଃଖ ଓ ଅଶାନ୍ତିର ଅନ୍ଧକାର ମଧ୍ୟକୁ ଟାଣି ନେଇଥାଏ। ତେଣୁ ଈଶ୍ୱର ଯାହା ଦେଇଛନ୍ତି ସେଥିରେ ଆତ୍ମସନ୍ତୋଷ ହେବା ଉଚିତ୍। ତେବେ ଯାଇ ଏ ସଂସାରରେ ଶାନ୍ତିରେ ବଞ୍ଚିପାରିବା। ପ୍ରତ୍ୟେକ ଜୀବନରେ ସୌନ୍ଦର୍ଯ୍ୟ ଭରପୂର ହୋଇ ରହିଛି କିନ୍ତୁ ସମସ୍ତେ ଦେଖିପାରନ୍ତି ନାହିଁ। ଏହାକୁ ଦେଖିବା ପାଇଁ ଆମର ମନ ଚିନ୍ତା ଓ ଚେତନାକୁ ନିଷ୍କଳଙ୍କ କରିବାକୁ ପଡ଼ିବ। କଠିନ ପରିଶ୍ରମ ଧୈର୍ଯ୍ୟ ଓ ନୀରବତା ଆମର ଅନ୍ତର୍ନିହିତ ଶକ୍ତିକୁ ବିକଶିତ କରିବାରେ ସାହାଯ୍ୟ କରିବ। ତେବେ ଯାଇ ସଫଳତା ଆମ ପଛରେ ଆସିବ। ସଫଳତା ପାଇବାକୁ ହେଲେ ଏକା ବଢ଼ିବାକୁ ହୁଏ। ସଫଳ ହେଲାପରେ ଆପେ ଆପେ ଲୋକ ଏହାର ମହତ୍ତ୍ୱ ବୁଝନ୍ତି। ତେଣୁ ସମୟ ଓ କର୍ମ ଏହି ଦୁଇଟିକୁ ପାଥେୟ କରି ଆମକୁ ଆଗକୁ ବଢ଼ିବାକୁ ହେବ।

ପ୍ରତିଟି ମୁହୂର୍ତ୍ତର ନବୀକରଣ କରିବା ସମୟରେ ଏକ ବିଶିଷ୍ଟ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ମୁହୂର୍ତ୍ତ ଏକ ଅର୍ଥହୀନ ପରିକଳ୍ପନା ନୁହେଁ। ମଣିଷ ପ୍ରତି ମୁହୂର୍ତ୍ତରେ ମୁହୂର୍ତ୍ତର ଯେଉଁ ଅନୁଭବ ପାଏ, ତାହା ଦେଶ, କାଳ ପାତ୍ର ସହିତ ସଂଶ୍ଳିଷ୍ଟ। ମଣିଷ ଯେଉଁ କର୍ମପନ୍ଥା ଗ୍ରହଣ କରିବ, ତାହା ପ୍ରଥମତଃ ଦେଶବାସୀଙ୍କ ପାଇଁ ଉପଯୋଗୀ ହେବା ବାଞ୍ଛନୀୟ। ସମୟର ପ୍ରଭାବ ମଧ୍ୟରେ ପ୍ରତି ଦେଶର ଭୌଗୋଳିକ ସ୍ଥିତି ବଦଳିବା ସହିତ ଦେଶବାସୀଙ୍କ ରୁଚି ଓ ଅଭୀପ୍ସାର ମଧ୍ୟ ପରିବର୍ତ୍ତନ ଆସୁଛି। ସୁତରାଂ ବ୍ୟକ୍ତିର କର୍ମପନ୍ଥା ଲୋକମାନଙ୍କର ଜୀବନ ସହିତ ସମ୍ପର୍କିତ ହେବା ଉଚିତ୍। ଯେଉଁ କର୍ମପନ୍ଥା ଲୋକମାନଙ୍କର ଜୀବନଶୈଳୀ ଓ ଜୀବନର ମାନଦଣ୍ଡକୁ ଉନ୍ନତ କରିବ, ସେହିପରି କର୍ମପନ୍ଥା ମୁହୂର୍ତ୍ତକୁ ଶୋଭନୀୟ କରିବ।

କର୍ମପନ୍ଥାର ଦ୍ୱିତୀୟ ମାନଦଣ୍ଡ ହେଉଛି 'କାଳ'। ଏହା ସମସ୍ତେ ଅନୁଭବ କରବେ ଯେ ସମୟର ପରିବର୍ତ୍ତନ ସହିତ ଯୁଗଧର୍ମର ମଧ୍ୟ ପରିବର୍ତ୍ତନ ଘଟୁଛି। ଆମ ସମାଜରେ ପୂର୍ବେ ପିଢ଼ି ପଢ଼ି ମଧ୍ୟରେ ପରିବର୍ତ୍ତନ ରହୁଥିଲା। ବର୍ତ୍ତମାନ ଖୁବ୍ ଅଳ୍ପ ସମୟ ବ୍ୟବଧାନରେ ଦୁଇପିଢ଼ି, ତିନିପଢ଼ି ଏବଂ ସ୍ଥଳ ବିଶେଷରେ ଚାରିପିଢ଼ିର ବୈଷମ୍ୟ ଦେଖାଦେଇଛି। ବ୍ୟକ୍ତି ଯେଉଁ କର୍ମଯୋଜନା ପ୍ରସ୍ତୁତ କରିବ, ସେଥିରେ କେଉଁ ପିଢ଼ି କେତେ ମାତ୍ରାରେ ଉପକୃତ ହେବେ, ତାହାର ଏକ ପରିକଳ୍ପନା ରହିବା ବାଞ୍ଛନୀୟ।

ଏଠାରେ ମନେ ରଖିବାକୁ ହେବ ଯେ ମୁହୂର୍ତ୍ତର ଉପଯୋଗ କରିବା ସମୟରେ ବ୍ୟକ୍ତି ସମସାମୟିକ ପିଢି ଏବଂ ଭୌଗୋଳିକ ପରିବେଶ ସମ୍ପର୍କରେ ସଚେତନ ହେଲେ ମଧ୍ୟ କିଛି ପରିମାଣରେ ନିଜର ମୌଳିକତା ରହିବା ଆବଶ୍ୟକ। ଅଧିକାଂଶ ଲୋକ ବାହ୍ୟଜଗତ ସହିତ ନିଜକୁ ଖାପ ଖୁଆଇବାର ପ୍ରଚେଷ୍ଟା କରନ୍ତି। ଯେପରି ଶଗଡ଼ ସବୁ ଚାଲି ଯାଇଥିବା ରାସ୍ତାରେ ଗୁଳା ପଡିଥାଏ, ସେହି ଗୁଳା ଉପରେ ଅନ୍ୟ ଶଗଡ଼ ଯିବା ସହଜସାଧ୍ୟ ହୋଇଥାଏ। ଠିକ୍ ସେହିପରି ବହୁଲୋକ ସେ ଗୁଳା ଉପରେ ଚାଲିବାର ଚେଷ୍ଟାକରି ସମନ୍ୱୟ ରକ୍ଷା କରନ୍ତି। କିନ୍ତୁ ପ୍ରକୃତରେ ଏପରି ଗୁଳାକୁ ଉପେକ୍ଷା କରି ନିଜସ୍ୱ ଶୈଳୀରେ ଚାଲୁଥିବା ଲୋକ ହିଁ ନବନିର୍ମାଣର ଅଧିକାରୀ ହୁଏ। ଅନ୍ୟ ଭାଷାରେ କହିଲେ, ଦେଶ, କାଳ ଓ ପାତ୍ରର ବିବେଚନା ସହିତ ବ୍ୟକ୍ତି ନିଜସ୍ୱ ମୌଳିକତା ରକ୍ଷା କରିବା ଉଚିତ୍। ମୌଳିକ ବା ସର୍ଜନଶୀଳ ପଦ୍ଧତିର ମୁହୂର୍ତ୍ତର ଉପଯୋଗ କରୁଥିବା ବ୍ୟକ୍ତି ହିଁ ମୁହୂର୍ତ୍ତର ସଦୁପଯୋଗ ସାଧନ କରି ବ୍ୟକ୍ତିଗତ ଜୀବନ ଓ ସାମୂହିକ ଜୀବନକୁ ଶ୍ରୀମୟ କରିପାରେ।

ପାରସ ଏନକ୍ଲେଭ୍, ପାତ୍ରପଡ଼ା
ମୋ-୮୨୪୯୮୯୬୧୪୮

# ଜୀବନ ବାସ୍ତବ ନା ଅଳୀକ : ଏକ ସଂକ୍ଷିପ୍ତ ଆଲେଖ୍ୟ

*ହଂସନାଥ ମୁଦୁଲି*

ବେଳେବେଳେ କାହିଁକି, ଅନେକ ସମୟରେ ମଣିଷ ମନରେ ପ୍ରଶ୍ନ ଉଠେ ଏ ଜୀବନ କ'ଣ ? ଜୀବନ ବାସ୍ତବ ନା ଅଳୀକ ? କାହାର ଉତ୍ତର ବାସ୍ତବ ତ କାହାର ଉତ୍ତର ଥାଏ ଅଳୀକ । କିନ୍ତୁ ମୋ ନିଜସ୍ୱ ମତରେ ଏ ଜୀବନ ଅଳୀକ ହେଲେ ବି ବାସ୍ତବ । ଅର୍ଥାତ୍ ଜୀବନ ଉଭୟ ବାସ୍ତବ ବି ଅଳୀକ ବି ।

ଏ ଜୀବନ ହୋଇପାରେ ଈଶ୍ୱରଙ୍କ ଦାନ । ପ୍ରକୃତିର ଚିର ପରିବର୍ତ୍ତନଶୀଳ ଓ ବିବର୍ତ୍ତନବାଦର ସିଡି ଦେଇ ଅତି କ୍ଷୁଦ୍ର ଶୈବାଳଠାରୁ ଆରମ୍ଭ କରି ଡାଇନୋସର୍ ପର୍ଯ୍ୟନ୍ତ ବା ଏକକୋଷୀ ପ୍ରାଣୀଠାରୁ ଆରମ୍ଭ କରି ଆଜିର ଉନ୍ନତତମ ବହୁକୋଷୀ ଜୀବ ମଣିଷ ପର୍ଯ୍ୟନ୍ତ ସୃଷ୍ଟି ପ୍ରକ୍ରିୟାର ଅଂଶ ବିଶେଷ । କିନ୍ତୁ ଜୀବନ ତ ଜୀବନ । ଏହା ବାସ୍ତବ ନିଶ୍ଚୟ ଯଦିଓ ଏହା ଅଳୀକ ହୋଇ ଦିନେ ନା ଦିନେ ନିଶ୍ଚିହ୍ନ ହୋଇ ବିଦାୟ ନେବ ଏ ପ୍ରାର୍ଥିବ ଜଗତରୁ ।

ସେମିତି କହିଲେ, କେବଳ ଜୀବନ କାହିଁକି ସୃଷ୍ଟିର ପ୍ରତିଟି ବସ୍ତୁ (ସଜୀବ ହେଉ କି ନିର୍ଜୀବ)ର ଆରମ୍ଭ ଯେମିତି ଅଛି ଶେଷ ବି ସେମିତି ଅଛି । ସେ ଜୀବନ କାଳର ଅବଧି ଯାହା ହେଉନା କାହିଁକି, କାହା ପାଇଁ ଏହା କେତେ ସେକେଣ୍ଡ ହୋଇପାରେ (ଗୋଟିଏ ଭୂତାଣୁ) କାହାପାଇଁ ଲକ୍ଷ ବା କୋଟି ବର୍ଷର (ଗ୍ରହ, ନକ୍ଷତ୍ର) ଅବଧି ହୋଇପାରେ ।

ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ପ୍ରକୃତିର ସୃଷ୍ଟିରେ ପ୍ରତିଟି ଜୀବନ ସୃଷ୍ଟିରେ କିଛି ନା କିଛି ଉଦ୍ଦେଶ୍ୟ ନିହିତ ଅଛି । ସୃଷ୍ଟିର ପ୍ରତ୍ୟେକ ସଜୀବ ବା ନିର୍ଜୀବ ବସ୍ତୁର ସୃଷ୍ଟି ଅନ୍ୟ କିଛି ନା କିଛି କେଉଁ ନା କେଉଁ ସଜୀବ ବା ନିର୍ଜୀବ ବସ୍ତୁ ବା ଜୀବନ ସହିତ ସମ୍ପର୍କ ଅଛି, ଯଦିଓ ସମସ୍ତେ ସମସ୍ତଙ୍କ ଉପରେ ନିର୍ଭରଶୀଳ ନୁହନ୍ତି । କୌଣସି ନା କୌଣସି, କୌଣସି ନା କୌଣସି ଜୀବ ବା ବସ୍ତୁ ଉପରେ ନିର୍ଭରଶୀଳ ବା ଅନ୍ୟପାଇଁ ଉଦ୍ଦିଷ୍ଟ ବି । ତେଣୁ ସୃଷ୍ଟି ଅଳୀକ ହେଲେ ବି ନିରର୍ଥକ ନୁହେଁ ଆଦୌ । ଏହି ଦୃଷ୍ଟିରୁ ବିଚାର କଲେ ଜୀବନ ବାସ୍ତବ ହିଁ । ଯଦି ପ୍ରତିଟି ଜୀବ ବା ବସ୍ତୁ ବାସ୍ତବ ତେବେ ଏବେର ସବୁଠାରୁ ଉନ୍ନତତମ ଜୀବ ମଣିଷ ଜୀବନ ନିଶ୍ଚୟ ବାସ୍ତବ ଏଥିରେ ସନ୍ଦେହ ରହିବାର କୌଣସି ଅବକାଶ ନାହିଁ ।

ଜୀବନ ସର୍ବଦା ମୂଲ୍ୟବାନ । ଜୀବନର ମୂଲ୍ୟବୋଧକୁ ସମସ୍ତେ ଅନୁଭବ କରିବା ସର୍ବାଦୌ ଉଚିତ୍ ଏବଂ ସମସ୍ତେ ତାର ମହତ ଅର୍ଥକୁ ବୁଝି ନିଜ ଜୀବନକୁ ସାର୍ଥକ କରିବା ପାଇଁ କାର୍ଯ୍ୟ କରିବା ଉଚିତ୍ । ହୋଇପାରେ, ସବୁ କ୍ଷେତ୍ରରେ ସମାନ ସୁଯୋଗ ମିଳି ନ ପାରେ କିନ୍ତୁ ଯଥାସମ୍ଭବ ପ୍ରୟାସ କରି ଏହି କାର୍ଯ୍ୟରେ ମନନଶୀଳ ହେବା ପୂରା ମାନବ ସମାଜର ସମସ୍ତ ସଦସ୍ୟଙ୍କ ପାଇଁ କରଣୀୟ । ଏଥିପାଇଁ ମନକୁ ବିଷାଦଯୁକ୍ତ ନକରି ଜୀବନକୁ ଆନନ୍ଦମୟ କରିବାର ଆବଶ୍ୟକତା ରହିଛି । ତାହା ହେଲେ ହିଁ ଜୀବନର ଅସଲ ଉଦ୍ଦେଶ୍ୟକୁ ସାର୍ଥକ କରିହେବ ।

ଏହା ସତ୍ୟ ଯେ ଜୀବନ ଦେହ ଓ ମନର ସମନ୍ୱୟ । ପ୍ରକୃତିର ସୃଜନ ଆରମ୍ଭରୁ ହିଁ ଏହା ପ୍ରତିଟି କ୍ଷେତ୍ରରେ ପ୍ରଯୁଜ୍ୟ । ଦେହ ବା ଶରୀର ଅବସ୍ଥା ଠିକ୍ ନଥିଲେ ମନ ଦୁର୍ବଳ ହୋଇଯିବ ଏହା ନିଃସନ୍ଦେହ । ସେମିତି ମନ ଭଲ ନ ରହିଲେ ବା ବିଷାଦଗ୍ରସ୍ତ ହେଲେ କୌଣସି କାମରେ ମନନଶୀଳ ହୋଇ ହେବନାହିଁ କି କୌଣସି କାର୍ଯ୍ୟ ଠିକ୍ ଢ଼ଙ୍ଗରେ ସମାପିତ ହୋଇପାରିବ ନାହିଁ । ଅର୍ଥାତ୍ ଜୀବନର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ । ତେଣୁ ପ୍ରତ୍ୟେକ ମଣିଷ ନିଜକୁ ଶାରିରୀକ ଭାବରେ ଉପଯୁକ୍ତ ରଖିବାର ପ୍ରୟାସ କରିବାକୁ ପଡିବ ଓ ମନକୁ ସମୟ ସହିତ ତାଳଦେଇ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ତା ସହିତ ସାମିଲ କରି ଅତୀତର ସମସ୍ତ ଅନୁଭୂତିକୁ ପାଥେୟ କରି ଭବିଷ୍ୟତ ଆଡକୁ ଗତି କରିବାକୁ ହେବ । କାରଣ ଅତୀତ ଜୀବନର ଅନୁଭୂତିରୁ ହିଁ ଆଗାମୀ ଜୀବନକୁ କ୍ରିୟାଶୀଳ, କର୍ତ୍ତବ୍ୟ ମୁଖର, ବାସ୍ତବବାଦୀ, ଯତ୍ନଶୀଳ ଓ ଉଦ୍ଦେଶ୍ୟ ଅନୁସାରେ ସଜାଡ଼ି ହୁଏ ।

ଆଉ ଗୋଟିଏ କଥା ଜୀବନ ସୃଷ୍ଟିର ଉଦ୍ଦେଶ୍ୟ, ଜୀବନର ଯାତ୍ରାପଥ, ସେଇ ମହତ ଉଦ୍ଦେଶ୍ୟକୁ ପ୍ରତିପାଳନ କରିବା, ପାର୍ଥିବ ଜୀବନରୁ ସ୍ୱର୍ଗୀୟ ଜୀବନ ଆଡକୁ ଗତିକରିବା, ଆଧ୍ୟାତ୍ମିକତାର ପଥ ଖୋଜିବା, ସେଇ ପଥରେ ଗମନ କରି ଆତ୍ମାକୁ ପରମାତ୍ମାରେ ମିଶ୍ରଣ କରିବାପାଇଁ ଯେଉଁ ପଥ ଲୋଡା ତାହାକୁ ଖୋଜିବା ଆଦିରେ ମନନଶୀଳ ହେବା ହେଉଛି ଜୀବନର ଦାର୍ଶନିକ ମୂଲ୍ୟ ବୋଧର ଆଧାର । ଏହି ପଥରେ ଗମନ କରିବା ବେଳେ ମନୁଷ୍ୟର ଆୟୁର ଅବସ୍ଥା ହିଁ ତାକୁ ସହାୟତା କରିଥାଏ । ଏହି କଥା କହିବାର ତାତ୍ପର୍ଯ୍ୟ ହେଉଛି ଯେ ଜୀବନର କୈଶୋର ଓ ଯୌବନାବସ୍ଥାରେ ମଣିଷ ନିଜର ଶକ୍ତି, ବଳ ଓ ପରାକ୍ରମ ଉପରେ ଯଦିଓ ଭରସା କରିପାରେ ଉତ୍ତର ଜୀବନରେ ସେ ସବୁ ବିଶେଷ ଭାବରେ କାମ ଦେଇ ନପାରେ । ଏହା ଉତ୍ତରଜୀବନର ସହାୟ ହୋଇଥାଏ । ତା'ର ଆଧାତ୍ମିକ ଚିନ୍ତାଧାରା, ନିଜକୁ ତଥା ସଂସାରକୁ ଚିହ୍ନିବାର ସାମର୍ଥ୍ୟ, ଈଶ୍ୱର ବିଶ୍ୱାସ ଆଦି କାର୍ଯ୍ୟ ତାକୁ ଜୀବନରେ ସତପଥ ଦେଖାଇବାରେ ସହାୟତା କରିଥାଏ, ଏହି ପଦକ୍ଷେପ । ଏହି ପଥ ଅବଲମ୍ବନ ପରେ ସେ ଯେତେ ଯେତେ ନିଜକୁ ଚିହ୍ନିବାରେ ସମର୍ଥ ହୋଇଥାଏ ସେତେ ସେତେ ତା'ର ଜୀବନ ସାର୍ଥକତାର ସ୍ୱାଦକୁ ଚାଖି ପାରିଥାଏ । ସେତିକିବେଳେ ହିଁ ସେ ଉପଲବ୍ଧ କରିଥାଏ ଏହି ମର୍ମଟି ଯାହା ହିଁ କହିଦେଇଥାଏ ଜୀବନ ବାସ୍ତବ ନା ଅଳୀକ ।

ସାମଗ୍ରିକ ଅର୍ଥରେ ଏହା ସତ୍ୟ ଯେ ଜୀବନ ପ୍ରକୃତରେ 'ବାସ୍ତବ', ହୋଇଥାଉ ପଛେ 'ଅଳୀକ' ।

ଖଣ୍ଡଗିରି ଡୁମ୍ଡୁମା(କ), ଭୁବନେଶ୍ୱର-୭୫୧୦୩୦
ମୋ- ୯୭୭୭୯୭୮୭୧୯

୪

# କିଏ କହେ ମଣିଷ ଜୀବନ ଅବାସ୍ତବ ?



# ଦଇବ

ଡ. କେଶବ ଚନ୍ଦ୍ର ଶତପଥୀ

ଲୋକଟା ନିଜ ପୋଷା କୁକୁରକୁ ମାରିବାକୁ ଚିନ୍ତା କରିଥିଲା । ବହୁଦିନର ପୋଷା ହୋଇ ଘରେ ରହୁଥିଲେ ବି କଣ ପାଇଁ ଦିନେ ହିଂସ୍ର ହୋଇ ଉଠିବ – ଏ କଥା ଯିଏ ବି ଶୁଣିବ କୁକୁରକୁ ଶାସ୍ତି ଦେବାକୁ କହିବ । ସାନପୁଅକୁ ଘର କୁକୁର କାମୁଡି ଦେଇଛି । ଡାକ୍ତର ଆସି ଚିକିତ୍ସା କରୁଛନ୍ତି ଏବଂ ଜଳାତଙ୍କ ରୋଗ ନିମନ୍ତେ ଘର ସାମନାରେ ହଳଦିଆ ସ୍କ୍ରିନ ଟଙ୍ଗାଇ ଘର ଏବଂ ସେହି ସ୍ଥାନୀୟ ଲୋକମାନଙ୍କୁ ସତର୍କ କରାଇ ଦିଆଯାଇଛି । ସାନପୁଅ ଯିଏ ପୀଡିତ, ତା ସହିତ ଅନ୍ୟମାନେ ବି ୧୪ ଦିନର ସଙ୍ଗରୋଧ ପାଇଁ ଆଦେଶ ଜାରି କରାଯାଇଛି ।

ସ୍କଟ୍‌ଲାଣ୍ଡର କ୍ଲାର୍କ କେତେ ସ୍ୱପ୍ନ ଦେଖିଥଲେ ଜୀବନର ସମସ୍ତ ଅର୍ଜିତ ଅର୍ଥ ଖର୍ଚ୍ଚ କରି ନିଜ ପରିବାରର ଏଗାରଜଣ ସଦସ୍ୟଙ୍କୁ ନେଇ ବହୁ ପ୍ରଚାରିତ ଶକ୍ତିଶାଳୀ ନବନିର୍ମିତ ଟାଇଟାନିକ୍ ଜଳଜାହାଜରେ ବିଲାତରୁ ଆମେରିକା ଯିବେ ଏବଂ ସେଇଠାରେ ବସାବାନ୍ଧି ରହିଯିବେ । କୌଣସିମତେ ଚାକିରିଟିଏ ଯୋଗାଡ଼ କରି ଭବିଷ୍ୟତ ଗଢ଼ିପାରିବ ବୋଲି ଧାରଣା ରଖିଛନ୍ତି । ଯିଏ ନିଜର ଭିଟାମାଟି ପରିତ୍ୟାଗ କରି ଆମେରିକା ଯାଉଛନ୍ତି, ସେଠାରେ ନିଯୁକ୍ତି ପାଇବା ଆଶା ରହିଛି । ଏହି ଆଶାରେ ନିଜର ସମସ୍ତ ସମ୍ବଳ ଯୁଟାଇ ସିଏ ଜାହାଜର ଏଗାର ଖଣ୍ଡ ତୃତୀୟ ଶ୍ରେଣୀର ଟିକେଟ୍ କିଣିଛନ୍ତି ।

ସେ ସମୟରେ ଅର୍ଥ ସଂଗ୍ରହ କରିବା ଏତେ ସହଜ ନଥିଲା । ନିଜ ସମ୍ବଳରେ ସିଏ ବାର ହଜାର ପାଉଣ୍ଡ ଏକାଠି କରି ନିଜର ସ୍ତ୍ରୀ ଏବଂ ନଅଟା ପିଲାଙ୍କ ପାଇଁ ଟିକେଟ୍ କିଣିଛନ୍ତି । ଟାଇଟାନିକ ନବନିର୍ମିତ ଜାହାଜର ପ୍ରଥମ ଜଳଯାତ୍ରାରେ ତୃତୀୟ ଶ୍ରେଣୀ ଟିକେଟ୍ ମୂଲ୍ୟ ୧୦୭୧ ପାଉଣ୍ଡ । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଟିକେଟ୍ ଯଥାକ୍ରମେ ୪୫୯୧ ଏବଂ ୧୮୩୪ ପାଉଣ୍ଡ । ପୁଣି କିଣିବାର ସର୍ତ୍ତ – ଏହି ଟିକେଟ୍ ଫେରସ୍ତ ନିଆଯାଇ ପାରିବ ନାହିଁ । ଟିକେଟ୍ ଉପରେ ଲେଖା ହୋଇଛି, ଥରେ ବିକ୍ରୀ ହେଲେ ଫେରାଯାଇ ପାରିବ ନାହିଁ କି କାହାକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ । କିଛି ଟିକେଟ୍ ପ୍ରଚାର ଓ ପ୍ରସାର ନିମନ୍ତେ ନୋବେଲ୍ ପୁରସ୍କାର ବିଜେତା, ବିଶିଷ୍ଟ ରାଜନୈତିକ, ବ୍ୟବସାୟିକ, ଲେଖକ ଓ କବିମାନଙ୍କୁ ମାଗଣାରେ ଅଭିନନ୍ଦନ ଟିକେଟ୍ ଭାବରେ ବି ଯାଚି ଦିଆଯାଇଛି ।

ଏହି ପରିସ୍ଥିତିରେ ଡାକ୍ତରଙ୍କ କଥାମାନି ଏବଂ ଶ୍ରୀମତୀ କ୍ଲାର୍କଙ୍କର ଦୁଃଖ ଦେଖି ନିଜର ଆମେରିକ ଯିବା ସମ୍ଭାବନାକୁ ଏଡ଼ାଇ ଦେଇଛନ୍ତି । କିନ୍ତୁ ଜୀବନଟାଯାକର ରୋଜଗାର ଜୁଟାଇ ଟିକେଟ୍ କାଟିଥିଲେ, ମନ ହୋଇଛି ସେଇ ବିଶାଳ ପୋତଟିର ଯାତ୍ରାରମ୍ଭ ଟିକିଏ ସ୍ୱଚକ୍ଷୁରେ ଦେଖି ନିଜର ମନର ଅରମାନ ମେଣ୍ଟାଇବାକୁ । ବିଗତ କେତେ ବର୍ଷ ହେବ ତିଆରି ହେଉଥିବା ବେଳଠାରୁ ବହୁ ଆଡମ୍ବରପୂର୍ଣ୍ଣ ଭାବରେ ବିଜ୍ଞାପିତ ହେଉଛି । କେବଳ ଇଂଲଣ୍ଡ ନୁହେଁ ସମଗ୍ର ବିଶ୍ୱ ଦେଖୁଛି ସବୁଠାରୁ ବିଶାଳ ଜଳ ଜାହାଜଟିଏ ନିର୍ମିତ ହେଉଛି । ଏହା ବଜ୍ରପରି ଶକ୍ତ ଏବଂ ଏଥିରେ ଜଳପଥ ଯାତ୍ରା ଏତେ ଆରାମଦାୟକ, ଯାତ୍ରା ନକଲେ କଳନା କରିହେବନାହିଁ ।

କ୍ଲାର୍କ ଦେଖୁଛନ୍ତି ସେଦିନ ୧୦ ଅପ୍ରେଲ, ୧୯୧୨, ବୁଧବାର । ସାଉଥ-ଆମ୍ପଟନ୍‌ର ହ୍ୱାଇଟ୍ ଷ୍ଟାର ଡକ୍ ପୋତାଶ୍ରୟରୁ ନିଜର ପ୍ରଥମ ଯାତ୍ରାରମ୍ଭ ପାଇଁ ସୁସଜ୍ଜିତ ଟିଟାନିକ୍ ଜଳ ଜାହାଜ ବନ୍ଦରର ପାର୍କିଂ ସ୍ଥାନରେ ଲାଗିଗଲାଣି । ଏହାର କମାଣ୍ଡର କ୍ୟାପଟାନ୍ ଏଡ୍‌ୱାର୍ଡ ସ୍ମିଥ୍ ଆସି ସକାଳୁ ଜଳଯାତ୍ରାର ବିଭିନ୍ନ ବିବରଣୀ ପ୍ରସ୍ତୁତ କରୁଛନ୍ତି । ସେ ହ୍ୱାଇଟ୍ ଷ୍ଟାର କମ୍ପାନୀର ବରିଷ୍ଠ ପୋତାଧକ୍ଷ ବା କମୋଡ଼ର । ବିଶ୍ୱତମାମ ଜାହାଜର କ୍ୟାପଟେନଙ୍କ ମଧ୍ୟରେ ସର୍ବୋଚ୍ଚ ଦରମା ପାଇଁ ହକଦାର୍ ।

ଟାଇଟାନିକ୍ ଯାତ୍ରୀବାହୀ ଜାହାଜର ସାର୍ଟିଫିକେଟ୍ ଦର୍ଶାଉଥିଲା ଜାହାଜରେ ୩୫୪୭ ଜଣ ଲୋକ ଯାତ୍ରା କରିବେ । ଏଥିରେ ୨୬୦୦ ଜଣ ଯାତ୍ରୀ ଏବଂ ଅବଶିଷ୍ଟ ଜାହାଜ କର୍ମଚାରୀ ରହିବେ । ଜାହାଜ ସାଉଥ-ଆମ୍ପଟନ୍ ଛାଡ଼ି ଚେରବର୍ଗରେ ପହଞ୍ଚିବା ସମୟ ମଧ୍ୟରେ କେତେ ଯାତ୍ରୀ ବି ସହାୟକ ନୌଭେଳାରେ ବି ସେଥିରେ ପ୍ରବେଶ କରିପାରିବେ ।

କ୍ଲାର୍କଙ୍କ ଦୃଷ୍ଟି ସାମନାରେ ଟାଇଟାନିକ୍ ଆମେରିକା ଯାତ୍ରା ଆରମ୍ଭକଲା । ବହୁ ଆଡ଼ମ୍ବରରେ ଯାତ୍ରୀ, ଜାହାଜ ଏବଂ ବନ୍ଦର ଖୁସିର ଲହରିରେ ଉଛୁଳି ପଡୁଥିବା ବେଳେ, କ୍ଲାର୍କ ଶୋକସନ୍ତପ୍ତ ଥିଲେ । ନିଜ ଜୀବନର ସର୍ବସ୍ୱ ତାଙ୍କର ଏହି ଯାତ୍ରା ପାଇଁ ବ୍ୟୟକରି ଅଶେଷ କ୍ଷତି କରି ବସିଥିଲେ ବୋଲି ଯାହା ଅନୁତପ୍ତ ହେଉଥିଲେ, କାମୁଡ଼ିଥିବା କୁକୁର ଏବଂ ଭଗବାନଙ୍କୁ ମନେ ମନେ ଅଭିଶାପ ଦେଇଚାଲିଥିଲେ । ବେଳେ ବେଳେ ବି ସେ ନିଜର ଭାଗ୍ୟକୁ ଧିକ୍କାର କରି ବିଷର୍ଣ୍ଣ ହୋଇ ଉଠୁଥିଲେ ।

ଘରେ ପହଞ୍ଚି ପତ୍ନୀଙ୍କୁ କହିଲେ, ଆମ କୁକୁରଟା ଯଦି ମରିଯାଇଥାଆନ୍ତା, ତେବେ ଏ କୁକୁରକାମୁଡ଼ା ପରି ଦୁର୍ଭାଗ୍ୟଜନକ ଘଟଣା ଘଟି ନଥାନ୍ତା ।

ଡାକ୍ତର ପରାମର୍ଶ ବି ଦରକାର ପଡି ନଥାଆନ୍ତା । ଆଉ ଏହି ଘଟଣା ସମସ୍ତଙ୍କୁ ବିଦେଶ ଗସ୍ତରୁ ବିଯୁକ୍ତ କରି ନଥାଆନ୍ତା । ଅତି କମ୍‌ରେ ସାନପୁଅ ଆଉ ମା ରହଯାଇଥାଆନ୍ତେ, ଅନ୍ୟମାନେ ତ ଆମେରିକା ଚାଲିଯାଇ ପାରିଥାଆନ୍ତେ । ଏମିତି ଦୁର୍ଭାଗ୍ୟ ଆସିଲା, ପୁଣି ଡାକ୍ତର ଆସି ଚିକିତ୍ସା କଲେ ଏବଂ ଘର ଆଗରେ କ୍ୱାରାଣ୍ଟାଇନ୍ ନୋଟିସ୍ ଝୁଲାଇ ଦେଇଗଲେ, ଏଇଠି ଜଳାତଙ୍କ ରୋଗୀ ରହିଛି । ଜଣକର ଭାଗ୍ୟରେ ଏମିତି ଲେଖା ହୋଇ ନଥିଲେ ଘଟିବନାହିଁ ।

ଡାକ୍ତରଙ୍କର ପରାମର୍ଶଜନିତ ଏମିତି ଚିକିତ୍ସା ଘଟିବାକୁ ଯାଉଛି, ତାହା ବି ଆମକୁ ଅବିଦିତ ନାହିଁ । ଗୋଟିଏ ବିକଳ୍ପ ଉପାୟ ଥିଲା ସାନପୁଅ ଆଉ ମା ଚିକିତ୍ସାରେ ରହିବେ, ଘରେ ରହିବେ ଅନ୍ୟ ନଅଜଣ ଆମେରିକା ପଳାଇବେ । ପରେ ସେ ଦୁଇଜଣ ସୁସ୍ଥ ହେଲା ପରେ କୌଣସି ଯାତ୍ରୀବାହୀ ଜାହାଜରେ ଯାତ୍ରା କରି ଆମେରିକାରେ ପହଞ୍ଚିପାରିବେ । ମାମୁଁ ଘରେ କେଇ ଦିନ ରହିଯିବ ।

ଏଇ ଉପାୟର ପ୍ରତିବନ୍ଧକ ସାଜିଥିଲା ଶ୍ରୀମତୀ କ୍ଳାର୍କ । ସାନପୁଅକୁ ଏତେ ଭଲପାଆନ୍ତି, କାନ୍ଦିକାନ୍ଦି ତାଙ୍କ ଦିନ ଯାଉଛି । ସେ ସ୍ୱାମୀଙ୍କର ବିକଳ୍ପ ପରିକଳ୍ପନା ଶୁଣି ନଶୁଣିଲା ପରି ନିରୁତ୍ତର ରହିଗଲେ । ଯାହା ହେଉଛି ହେଉ, ସ୍ୱାମୀ ଟାଇଟାନିକ୍‌ରେ ଯାଆନ୍ତୁ କି ନା, ସେ ବିଷୟରେ ସେ ନିରବ ରହିଲେ । କେବଳ ଜଣାଇଦେଲେ ପୁଅର ଏ ଦୁର୍ଦ୍ଦଶାରେ ସେ ଘର ଛାଡି ପାରିବେ ନାହିଁ ।

କ୍ଳାର୍କଙ୍କର ମୁଣ୍ଡ ବୁଲେଇଗଲା । ଜାଣିଲେ ସେ ନିଜ ଜୀବନର ସମସ୍ତ ସମ୍ପତ୍ତି ଟାଇଟାନିକ ଟିକେଟ୍‌ରେ ଜୁଆଖେଳ ପରି ବାଜି ମାରି ଦେଇଛନ୍ତି । ଯାହା ହେଲେ ବି ପରିବାରଟା ତାଙ୍କ ପାଖରେ ବଡ଼ । ପୁଅର ଜୀବନ ପାଇଁ ତା ମାଆ ଯେତିକି ବ୍ୟସ୍ତ, ନିଜେ ଖୋଲି ନକହିଲେ ମଧ୍ୟ ଜଣାଇ ଦେଉଛି ସେ ନିଜେ ଯିବନି । ପୁଅ ଜୀବନ ତାର ଏହି ପାରିବାରିକ ଗସ୍ତ ଠାରୁ ମୂଲ୍ୟବାନ୍ ।

ମୁଣ୍ଡପାତି କ୍ଳାର୍କ ନିଜର ଆର୍ଥହାନୀ ସହି ନେଇଛନ୍ତି । ତଥାପି କାଳେ ନିଜ ଟିକେଟ୍ ପଇସା କିଛି ଫେରସ୍ତ ପାଇବେ ସେଇ ଆଶାରେ ସେ ସାଉଥ୍-ଆମ୍ପଟନ୍ ବନ୍ଦର ଆସିଥିଲେ । କିଛି ତ ମିଳିଲାନି । କିନ୍ତୁ ଟାଇଟାନିକ୍ ଜାହାଜରେ ଯେଉଁ ଆଡ଼ମ୍ବରରେ ଯାତ୍ରା ଆରମ୍ଭ କଲା ଏବଂ ଯେଉଁ ମର୍ଯ୍ୟାଦାରେ ତାହାର ପହିଲି ଯାତ୍ରାର ଗ୍ରାହକମାନେ ସମ୍ବର୍ଦ୍ଧିତ ହେଉଥିଲେ ତାହା କ୍ଳାର୍କ ମନକୁ ବିଦାରି ପକାଉଥିଲା । ସେହି ଗର୍ବିତ ଯାତ୍ରୀ ମାନଙ୍କର ପ୍ରଫୁଲ୍ଲିତ ମୁଖମଣ୍ଡଳ ଅନେକ ଯୋଦ୍ଧାଙ୍କର ବିଜୟ ଉଲ୍ଲାସ ସୂଚିତ କରୁଥିଲା, ଜଣେ ସେନାପତିଙ୍କର ଗଡ଼ ବିଜୟ କରି ବାହାଦୂରୀ ସାବ୍ୟସ୍ତ କରିବାର ମୁଖଭଙ୍ଗୀ । ଯେପରି କୌଣସି ଦିଗ୍‌ବିଜୟୀ ଜୟଲାଭ କରି ବିଲାତରୁ ସଗୌରବେ ଆମେରିକା ଫେରୁଛି ।

ସେହି ଟାଇଟାନିକ୍ ଜାହାଜରେ ବି କ୍ଳାର୍କଙ୍କର ଯେ କେହି ଚିହ୍ନା ନଥିଲେ, ତା ନୁହେଁ । ସ୍କଟ୍‌ଲାଣ୍ଡର ଅନେକ କ୍ଷୁଦ୍ର ବ୍ୟବସାୟୀ ନିଜର ବ୍ୟବସାୟ ସମାପ୍ତ କରିଦେଇ ସପରିବାର ଆମେରିକା ମୁହାଁଇଥିଲେ । କ୍ଳାର୍କଙ୍କ ବିଷୟ ସେମାନେ ଜାଣିଥିଲେ । ଜାହାଜକୁ ପ୍ରବେଶ କଲାବେଳେ ସେମାନଙ୍କର ମାନସିକତା ବଦଳି ଯାଇଥିଲା, ସେମାନେ ଆଉ କ୍ଳାର୍କଙ୍କ ମୁହଁକୁ ଚାହିଁବାର ଅବକାଶ ନଥିଲା । ଏହା ଜାଣି ସୁଦ୍ଧା କ୍ଳାର୍କ ନିଜକୁ ଉଣା ମନେ କରୁଥିଲେ । ବିଧାତା ତାଙ୍କୁ ସହାୟକ ହେଲାନାହିଁ । ସେ ମନ ମାରି ଟାଇଟାନିକ୍ ଜାହାଜରେ ଯାତ୍ରୀ ଭଲୟର୍ଲି ହେବାର ଦୃଶ୍ୟ ଦେଖିବାରେ ଲାଗିଥିଲେ ।

ଗୋଟିଏ ଚିହ୍ନା ମୁହଁ କ୍ଳାର୍କଙ୍କର । ସେ ହେଲେ ରବର୍ଟ । ସ୍କଟଲାଣ୍ଡର କ୍ଳାର୍କଙ୍କର ପଡୋଶୀ ବସ୍ତି ବା କାଉଣ୍ଟିରେ କ୍ଷୁଦ୍ର ବ୍ୟବସାୟୀ । ନିଜର ଚାରି ସନ୍ତାନଙ୍କୁ ନେଇ ଛଅ ଜଣ ଟାଇଟାନିକ୍ ଜାହାଜରେ ବସିବାକୁ ଉଦ୍ୟତ ହେଲା ବେଳେ କ୍ଳାର୍କଙ୍କ ସହିତ ଦେଖା ହୋଇଗଲା । କ୍ଳାର୍କଙ୍କୁ ଦେଖି ସେ ଆଶ୍ଚର୍ଯ୍ୟ ହେବା ସହିତ କାହିଁକି ସେ ଯାଇପାରୁ ନାହାନ୍ତି ବୋଲି ବୁଝିଲା ।

କହିଲା, ବଡ ଦୁର୍ଭାଗ୍ୟର ବିଷୟ । ଆମେରିକା ଆଜି ନଗଲେ କାଲି ତ କୌଣସି ଜାହାଜରେ ଯାଇପାରିବ । ଏହି ଟାଇଟାନିକ୍ ଜାହାଜଟା ଏହି ଶତାବ୍ଦୀର ଏକ ବିସ୍ମୟକର ଜାହାଜ ଏବଂ ତହିଁରେ ଯାତ୍ରା କରିବା ଭାଗ୍ୟରେ ଥିଲେ ମିଳେ । ଏହା ଯୁଗ ଯୁଗକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । ଟାଇଟାନିକ୍‌ର ପହିଲି ଯାତ୍ରୀ । ତୁମର ଦୁର୍ଭାଗ୍ୟ, ସମସ୍ତ ବନ୍ଦୋବସ୍ତ କରି ଶେଷ ମୁହୂର୍ତ୍ତରେ ନିରାଶ ହେଉଛ ।

ମନଟା ଫିକା ପଡିଗଲା କ୍ଳାର୍କଙ୍କର । ସତରେ ସେ ଦୁର୍ଭାଗା । କେତେ ସରାଗରେ ସେ ନିଜର ମୂଲ୍ୟବାନ ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରିବଟା କରି ସେ ଗସ୍ତ ଖର୍ଚ୍ଚର ପରିମାଣ ଭରଣା କରିଥିଲେ । ଅନ୍ୟ ପାଖରେ ଆମେରିକାରେ ନିଜ ପିଉସୀ ପୁଅ ଭାଇ ଉଇଲିୟମ୍ ପାଖରେ ପହଞ୍ଚ ଯାଇଥିଲେ, ସେଠାରେ ବସା ବାନ୍ଧିବା ଅସମ୍ଭବ ନଥିଲା । ମୁଣ୍ଡ ଉପରେ ଦୁଇ ଟନ୍ ପଥର ଥୁଆ ହେବା ପରି ବୋଧ ହେଲା ।

ମନର କୋହ ମନରେ ରହିଲା । କାହାକୁ ବା ଖୋଲି କହିବେ, କାହା ଆଗରେ ରୋଦନ କରିବେ । ଚଳ ଚଞ୍ଚଳ ଟାଇଟାନିକ୍ ରାସ୍ତାରେ ସମସ୍ତେ ଗର୍ବରେ ଉନ୍ମତ୍ତ ହୋଇ ଦୁଇଗୁଣ ବେଗରେ ଚାଲୁଛନ୍ତି । ପାଦ ତଳେ ଲାଗୁନାହିଁ । ଆଖିକୁ ଆଖପାଖ ଦିଶୁନାହିଁ । ଦୂରଦୃଷ୍ଟି ସେଇ ଟାଇଟାନିକ ପତାକା ଉପରେ ।

କାମମୁଣ୍ଡା ଆଉଁସି କ୍ଳାର୍କ ଚାହିଁ ରହିଥିଲେ ଟାଇଟାନିକ ଜାହାଜର ଶେଷ ଯାତ୍ରୀ ଜଣକୁ । କେତେ ବିକଳରେ ଧାଇଁଛନ୍ତି । ପତ୍ନୀ ତାଙ୍କର ସ୍ୱାମୀଙ୍କ ବେଗ ଧରି ପାରୁନାହାନ୍ତି । ସତେ ଯେମିତି ଟାଇଟାନିକ୍ ତାଙ୍କୁ ଛାଡ଼ି ପଳାଇବ । ଛାଡି ପଳାଇଲେ ଦୁନିଆଟା ତାଙ୍କର ଭାସିଯିବ !

ଟାଇଟାନିକ୍ ବନ୍ଦର ଛାଡିଲା ଏବଂ କେତେ ସମୟ ପରେ ସାଉଥ-ଆମ୍ପଟନ୍ ପଶ୍ଚିମ ଦିଗ୍‌ବଳୟରେ ଅଦୃଶ୍ୟ ହୋଇଗଲା । ଅତିଶୟ ମାନସିକ ଯନ୍ତ୍ରଣାରେ କ୍ଳାର୍କ ନିଜ ଗୃହକୁ ଫେରିଲେ । ଅର୍ଥହାନୀ, ପ୍ରାଣପଡ଼ା ଯୋଗ ତାଙ୍କ ପାଇଁ ରହିଛି ବୋଲି ମନରେ ବିଦାରି ହୋଇ ନିରବ ରହିଲେ । ସେ ଯାହା ସ୍କଟଲ୍ୟାଣ୍ଡ ଛାଡ଼ି ଆମେରିକାରେ ବସା ବାନ୍ଧିବେ ବୋଲି ମନ କରିଥିଲେ, ଦଇବ ସହିଲା ନାହିଁ । ସାଇ ଭାଇ ଓ ଗାଁ ଲୋକ ଯେତେ ଆହା ଚୁ ଚୁ କରୁଥିଲେ, ସେମାନଙ୍କର ସହାନୁଭୂତି କ୍ଳାର୍କଙ୍କ ମନକୁ ପିଞ୍ଚି ପରି ବିନ୍ଧ କରୁଥିଲା ।


ବିଷାଦ ବଦନରେ ନିରବ ରହିବା ଛଡ଼ା ତାଙ୍କର ଅନ୍ୟଗତି ନଥିଲା ।

ଟାଇଟାନିକ୍ ସାଉଥ-ଆମ୍ପଟନ୍ ଛାଡିବାର ଠିକ୍ ପାଞ୍ଚ ଦିନରେ ଏହା ବୁଡିଯିବାର ଏବଂ ଅଧିକାଂଶ ଯାତ୍ରୀ ବୁଡି ମରିବାର ଦୁଃସମ୍ବାଦ ବିଲାତ ଭୂଇଁକୁ ଲୋତକପୂର୍ଣ୍ଣ କରିଦେଲା । ନୌଚାଳନା କ୍ଷେତ୍ରରେ ଏହା ଥିଲା ଚରମ ବିପତ୍ତି । ମୁଷ୍ଟିମେୟ ଲୋକ କେତେ ଜଣ ଯାହା ସୌଭାଗ୍ୟରୁ ବଞ୍ଚି ପାରିଥିଲେ, ତାଙ୍କ ପାଖରୁ ଲୋମହର୍ଷଣକାରୀ କାହାଣୀ ସେତେବେଳକୁ ଆସି ନଥିଲା ।

ସେହିଦିନ ଶୋକସନ୍ତପ୍ତ ଇଂରେଜ ଜାତି ଭିତରେ ନିଜକୁ ସବୁଠାରୁ ଭାଗ୍ୟବାନ ମଣୁଥିଲେ କ୍ଲାର୍କ । ଅନୁତପ୍ତ କରୁଥିଲେ କାହିଁକି ସେ ଏତେ ଦିନ ଧରି ଭଗବାନ ଓ ସେ କାମୁଡା କୁକୁରଙ୍କୁ ଅଭିଶାପ ବର୍ଷଣ କରିଚାଲିଥିଲେ ! ସେମାନେ ତାଙ୍କ ପାଇଁ ଓ ତାଙ୍କ ପରିବାର ପାଇଁ ସାଜିଥିଲେ ରକ୍ଷକ ଏବଂ ଦଇବ ବିଧାତା ।

ଉଚ୍ଛନ୍ନ ମନରେ ଘର ଭିତରେ ପଶି ମିସେସ କ୍ଲାର୍କଙ୍କୁ କହିଲେ, "ବୁଝିଲ୍, ଗ୍ରହଟା କଟିଗଲା ।"

ଡି.ଏ.ଭି. ସ୍କୁଲ୍, ଚନ୍ଦ୍ରଶେଖରପୁର
ମୋ - ୯୪୩୭୦୪୯୫୪୬



# ଆମ ଗାଁରେ ଜୀବନଟା ଅଳୀକ

*ବିରଞ୍ଚି ନାରାୟଣ ପଟ୍ଟନାୟକ*

ଆମ ଗାଆଁର ଲୋକମାନେ ଜାଣନ୍ତି, ଜୀବନଟା ଅଳୀକ । ଜୀବନଟା କାହିଁକି ଅଳୀକ ସେମାନେ ଭାବୁଛନ୍ତି, ପଚାରିଲେ କହିବେ ଆମ କେଇ ଦଣ୍ଡର ଜୀବନ ନେଇ ଆସିଛୁ । ସେଥିରେ ପୁଣି ବାଦଛେଦ, ଘୃଣା, ଅସୂୟା, ଜରା, ମୃତ୍ୟୁ ଜୀବନରେ ବାଆକୁ ବତା ପରି ହତାଶମୟ । ଏଠି ଆନନ୍ଦର ମୂଲ୍ୟ ନାହିଁ କି ଅପଭୋଗ ବାସନାର ଇନ୍ଦ୍ରିୟସୁଖ କ୍ଷୀଣକାଳ ଜୀବନରେ ଯାହା ପରିତାପ ପରି ବୋଧ ହୁଏ । ସେମାନେ ଗାଆଁ ଦାଣ୍ଡରେ ସବୁବର୍ଷ ପଢା ହେଉଥିବା ସାରଳା ମହାଭାରତରୁ ପଦେ ଦି ପଦ ବି ସ୍ମରଣ କରନ୍ତି ।

ଜନ୍ମହେଲେ ମୃତ୍ୟୁ ହୁଏ ମୃତ୍ୟୁହେଲେ ଜନ୍ମ
ଅବଶ୍ୟ ହିଁ ଏହା ଅଟେ ପ୍ରକୃତିର କର୍ମ ।

ପ୍ରକୃତ ଯୋଗରୁ ଦେହ ହୋଇଛି ପ୍ରସୂତ
କେତେକାଳରେ ମହୀରେ ହୁଅଇ ବ୍ୟକତ ।।

ପୁଣି ପ୍ରକୃତି ସଙ୍ଗରେ ଲୀନ ସେ ହୁଅଇ
ସେପାଇଁ ଶୋକ କରିବା ଉଚିତ ନୁହଇ ।

ସତରେ ଗାଆଁ ଗୋଟାକର ସବୁ ଲୋକଙ୍କର ଏମିତି ଆଧ୍ୟାତ୍ମିକ ମୂଲ୍ୟାୟନ ସାଧାରଣ ଲୋକ କରନ୍ତି । ଏଇଟା ସେମାନଙ୍କ ବିଚାରରେ ଥାଏ, ନିଜ ନିଜ ଭିତରେ କଥାବାର୍ତ୍ତା ହୁଅନ୍ତି । କିନ୍ତୁ କେହେ ଉଚ୍ଚସ୍ୱରରେ କାହାକୁ କହନ୍ତିନି । ମନରେ ଥାଏ । ସମୟ ଆସିଲେ ସେଇ ଫର୍ମୁଲାରେ ଜଣକୁ ଚିହ୍ନନ୍ତି ଏବଂ କାହାର ସ୍ୱଭାବ କିପରି ସେଇ ଧାରାରେ ଅର୍ଥ କରନ୍ତି ।

କେତେ ବର୍ଷ ତଳର କଥା । ନବଘନ ମଙ୍ଗରାଜ ନୂଆକରି ଏହି ମହାଭାରତ ପଢୁଥିଲା । ସିଏ ଜଣେ ଶିକ୍ଷିତ ପିଲା । ମଙ୍ଗରାଜ ପରିବାରର ଉଜ୍ଜ୍ୱଳ ନକ୍ଷତ୍ର । ଆଦର୍ଶବାଦୀ ଏବଂ ଧଳା ପୋଷାକ ପରିହିତ । ମଥାରେ ଚନ୍ଦନ ଟୋପା । ଦର୍ଶନ ବିଭାଗର ଜଣେ ଗବେଷକ । ଅନେକ ଗବେଷଣା ଆମ ଗାଆଁ ଲୋକଙ୍କ ଉପରେ ବି କରିଛି । ସିଏ ପଢିଲା ଭିତରେ ବି ରହି ରହି ଆଲୋଚନା ହୁଏ । ଦିନେ ଏହି ଅଳୀକ ବିଷୟରେ କେତେଜଣ ବୟସ୍କ ଲୋକ ନବଘନର ସାତ୍ତ୍ୱିକତାରେ ପ୍ରସନ୍ନ । ସେମାନେ ପୁରାଣପାଠ ଭିତରେ ଟିକିଏ ଫୁରୁସତ୍ ପାଇଲେ ନିଜମନ ଭିତରର ଦ୍ୱନ୍ଦ୍ୱ ଅବଗତ କରି ସମାଧାନର ରାସ୍ତା ପାଇବାକୁ ।

ଚମ୍ପତିରାୟ ବୁଢା ଟିକିଏ ଗଳା ଖଙ୍କାରି କହିବା ଆରମ୍ଭ କଲେ, ଆରେ ପୁଅ ନବ, ମୋତେ ଟିକିଏ ବୁଝାଇ ଦେଲୁ ଆମ ଜୀବନଟା ଅଳୀକ ବୋଲି ମହାଭାରତରେ କାହିଁକି ଲେଖାଯାଇଛି ? କଅଣ ସମସ୍ତେ ମରିବେ ଏବଂ କ୍ଷୀଣକାଳର ଜୀବନ ବୋଲି ଏମିତି ଲେଖାଯାଇଛି ?

ନବଘନ ଏହି ପ୍ରଶ୍ନର ଉତ୍ତର ସରଳ ଭାବରେ ଦେବାକୁ ଟିକିଏ ସମୟ ନେଇ ଚିନ୍ତା କରୁଛନ୍ତି । ଆହୁରି ଭମର ବେହେରା, କୁସୁନି ରାଉତ, ଗୋବିନ୍ଦ ବିଶ୍ୱାଳ କିଛି ପଚାରିବେ ବୋଲି ମୁହଁ ଖୋଲୁଛନ୍ତି । ବୁଢା ଚମ୍ପତିରାୟ ସମସ୍ତଙ୍କୁ ଅଥୟ ନହୋଇ ଉତ୍ତର ଶୁଣିବାକୁ ଚୁପ୍ କରାଇଦେଲେ ।

ନବଘନ ଚମ୍ପତିରାୟଙ୍କ ମୂଳନାମ ଧରି କହିଲେ, ଭୀମ ଅଜା ତୁମେ ମୋତେ ଅଳୀକ ଶବ୍ଦର ପ୍ରୟୋଗ କାହିଁକି ହୋଇଛି ପଚାରୁଛ । ସତ କହିବାକୁ ଗଲେ, ସାରଳା ମହାଭାରତରେ ଯେଉଁ ଅର୍ଥରେ ଅଳୀକ ଲେଖା ଯାଇଛି, ସେଇଟା ହେଲା କ୍ଷଣିକ ଜୀବନ, ଜୀବନଟା ସୀମିତ ଅବଧିର । ତା ଭିତରେ ମଣିଷ ମନରେ ବହୁ ଆଶା ଆକାଂକ୍ଷା ରହିଛି । ସେଗୁଡିକ ପାଇବାକୁ ଯେଉଁ ସ୍ୱପ୍ନ ଥାଏ, ତାହା କେବେ ବି ପୂରଣ ହୁଏନି । ରାଜାମହାରାଜାମାନଙ୍କ ବାବତରେ ସେମାନଙ୍କର ବି ଆଶା ପୂରଣ ହୋଇପାରେନି । ହେଲେ ବି କ୍ଷଣିକ ଜୀବନରେ ମୃତ୍ୟୁଭୟରେ ସେମାନେ ଏହି ଇନ୍ଦ୍ରିୟ ଉପଭୋଗକୁ ଅଳୀକ ମଣନ୍ତି । ଆମ ଗାଉଁଲି ମତରେ ମଣିଷ ଯଦି ଅମର ହୋଇଯାଆନ୍ତା, ତେବେ ଜୀବନଟା ଅଳୀକ ନହୋଇ ବାସ୍ତବ ହୁଅନ୍ତା । ସେଇଟା ସମ୍ଭବ ନୁହେଁ । ଯେଉଁ ଧାରାରେ ବିଶ୍ୱବ୍ରହ୍ମାଣ୍ଡ, ସୌରଜଗତ, ଜୀବଜଗତ, ବାୟୁମଣ୍ଡଳ ସୃଷ୍ଟି ହୋଇଛି ତାହା ସ୍ଥାଣୁ ପାଲଟି ଯାଆନ୍ତା । ସୃଷ୍ଟିର ମୃତ୍ୟୁ ହୋଇଯିବ । ସେଥିରେ ବାସ୍ତବତା ଆସିବ କେଉଁଠୁ ?

ଭୀମ ଚମ୍ପତିରାୟ ଯୁକ୍ତି ନକରି ନବଘନଙ୍କ କଥା ବୁଝିଗଲେ । କେବଳ ନିଜର ମନର ଅରମାନ ମେଣ୍ଟାଇବାକୁ ଆଉ ପଦେ ସାରଳାଦାସ ମହାଭାରତରେ ଉଲ୍ଲିଖିତ ମାୟା-ସଂସାର ବିଷୟରେ ଲିଖିତ କେଇଧାଡ଼ି ପଦ ପାଠ କରିବାକୁ ଚାହିଲେ । ସମସ୍ତେ ଚୁପ୍ ରହିଲେ ଏବଂ ତାଙ୍କ ମୁହଁକୁ ଚାହିଁ ରହିଲେ ।

ସୁଜ୍ଞଜନମାନେ ମୋର ନଧରିବ ଦୋଷ
ଜୀବଜନ୍ତୁଠାରେ ଦୟା କରିବ ଆଶ୍ୱାସ ।

ଦୟାଥିଲେ ପ୍ରାଣୀମାନେ ତରିବେ ନିଶ୍ଚୟ
କୀଟୁ ବ୍ରହ୍ମ ପରିଯନ୍ତେ ସବୁ ବିଷ୍ଣୁମୟ ॥
ନିଜକୁ ନିଜେ ଚିହ୍ନିଲେ ଭୟଭ୍ରାନ୍ତି ନାହିଁ
ମାୟା ସଂସାର ଏହି ଯେ ଅନିତ୍ୟ ଅଟଇ ।

ନବଘନ ବୁଝାଇ କହିଲେ ଦୁନିଆଟା ଚାଲିଛି, ଜନ୍ମ-ମୃତ୍ୟୁ ଗୋଟିଏ ଋତୁଚକ୍ର ପରି ଗଡ଼ିଚାଲିଛି । ଜଣେ ଲୋକ ସିନା ମରିଯାଏ, କିନ୍ତୁ ମଣିଷ ସମାଜ ବଢୁଥାଏ ସିନା ଛିଡ଼େନାହିଁ । ସେଇଟା ଉପନିଷଦ ଯୁଗର ସାଧକ ମାନେ ମଣିଷକୁ କହିଛନ୍ତି, ଅମୃତସ୍ୟ ପୁତ୍ରାଃ । କିନ୍ତୁ ଗୋଟିଏ ଜୀବନ ସୃଷ୍ଟି ଚକ୍ରରେ ଭାଗ୍ୟ ବା ଦୈବଯୋଗର ବିଷୟ । ଜୀବନ ଅତି ମୂଲ୍ୟବାନ । ସେଥିପାଇ ନିଜେ ନିଜକୁ ଅନ୍ତର୍ଦୃଷ୍ଟିରେ ଦେଖିଲେ ସବୁ ବାସ୍ତବ ହୋଇପାରିବ । ନୋଚେତ୍ ଏହି ଦୁନିଆ ଏମିତି ଚାଲିଛି, ଏଠି ସବୁ ସମୟ ଜଣଙ୍କର ଆଶାନୁରୂପେ ଚାଲେନାହିଁ । ବହିର୍ଦୃଷ୍ଟିରେ ଦୁନିଆକୁ ଦେଖିଲେ ଅନେକ ପ୍ରାଣୀ ନିଜ ଜୀବନ ସଂଗ୍ରାମରେ ବ୍ୟସ୍ତ । ସେମାନଙ୍କୁ ଦୟା ପରବଶ ହେବା ସୃଷ୍ଟିର ନୈତିକ ବିଧାନ । ତେଣୁ ମାୟା ସଂସାର ବୋଲି ଆମକୁ ଧାରଣା ଦେବାଟା ଆମ ମନରେ ବସିଯାଇଛି । ଦୁନିଆରେ ହଠାତ୍ କିଛି ନା କିଛି ଅବିଶ୍ୱସନୀୟ ଘଟଣା ଯଥା ଆକସ୍ମିକ ଜୀବନହାନି, ଦୈବଦୁର୍ବିପାକ ଘଟିପାରେ । ତାହାକୁ ଆମେ ମାୟା ଭାବରେ ଅର୍ଥ କରୁ । ସତରେ କଅଣ ତାହା ମାୟା ବା ଅଳୀକ ? ତାହା ବାସ୍ତବ, କିନ୍ତୁ ଆମର ଆଶା ବିରୁଦ୍ଧରେ ଆସିଥାଏ ଏବଂ ଆମପାଇଁ ମାନସିକ ଭାବରେ ଗ୍ରହଣଯୋଗ୍ୟ ହୋଇ ନଥାଏ ।

ସେଇଦିନ ଭାଗବତ ଟୁଙ୍ଗିର ଆଲୋଚନା ପ୍ରତ୍ୟେକଙ୍କୁ ବେଶ୍ ଆକର୍ଷଣ କଲା । ସେମାନେ ନିଜ ନିଜ ଭିତରେ କେତେ ଗହିରୀ ତଥ୍ୟର ଆଲୋଚନା କଲେ । ଦୁଇ ତିନି ଜଣ ବି ଗୋଟିଏ ଗୋଟିଏ ସାମାଜିକ ଚଳଣିର ବ୍ୟାଖ୍ୟା କରିବାକୁ ଲାଗିଲେ ।

ରାମ ପଧାନ କହିବାକୁ ଲାଗିଲେ, ସତରେ ମଣିଷ ବେକରୁ କୌଣସି ଦଉଡି ସ୍ୱର୍ଗକୁ ବନ୍ଧାଯାଇନି କି ଦଇବ ବୋଲି କିଛି ନାହିଁ । ଆମେ କେବଳ ଶୁଣିଶୁଣି ଯାହା ଡରୁଛେ । ଆଖିରେ ଦେଖେ ତ ଯିଏ ଯେତେ ସୁକର୍ମ କରୁ ଏହ ଜଗତରେ କ୍ଳେଶ ପାଇବ, ପୁଣି ଜଣେ ଅତିଶୟ ଦୁରାଚାରୀ ହୋଇ ବି ସୁଖ ପାଇବ । ଏହାକୁ ଦଇବ, ଭାଗ୍ୟ ବୋଲି ବଖାଣିବା ସବୁ କାଳ୍ପନିକ କଥା । ମଣିଷ ଜନ୍ମଟା ଏକ ଦୈବାତ୍ ଘଟିଯାଉଥିବା ଘଟଣା ଏବଂ ସେହି ଜୀବନର ଘଟଣାଚକ୍ର ବିଚିତ୍ର ଏବଂ କୌଣସି ନିୟମ ନାହିଁ । ସବୁ ଗୁଡିକ ବିସ୍ମୟକର ଘଟଣା । ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି । କଅଣ ଆଉ ବା କରାଯିବ ? ମାଟି ଗୋଡ଼ିରୁ ଜନ୍ମ ହୋଇ ସେଇ ମାଟିରେ ମିଶିବା । କେବଳ ଜୀବନଶକ୍ତି ମିଳିଛି ଆୟୁଷ ଥିବା ପର୍ଯ୍ୟନ୍ତ । ପୁଣି ମଣିଷଜନ୍ମ ପାଇ ଚେତନା ପାଇଛେ ଭଲମନ୍ଦ ଦେଖିବାକୁ, ଶୁଣିବାକୁ କିନ୍ତୁ କର୍ତ୍ତୃତ୍ୱ ନାହିଁ ଭଲମନ୍ଦ ନିଜ ଇଚ୍ଛାରେ ବାଛିବାକୁ । ସେଇ ସୃଷ୍ଟି କହ ଭଗବାନ ବା ଈଶ୍ୱର କହ ତାଙ୍କରି ଦୟାରେ ଜୀବନ କଟାଇବାକୁ ।

ରାମ ସାଥିରେ ରଘୁ ବିଶ୍ୱାଳ ଯାଉଥିଲା । କହିଲା ଆମ ଗାଆଁଗଣ୍ଡାରେ ଆମେ ପାଠଶାଠ କମ୍ ପଢିଛେ, କିନ୍ତୁ ଯେଉଁ ଗତାନୁଗତିକ ଚଳଣି ଚଳୁଛେ, ସେଥିରେ ଆମକୁ ଦୋଷ କରିବାକୁ ଚିନ୍ତାଧାରା ଆସିବ ବା କେମିତି ? ଦେଖ ସେ ବାଇଧର ବୁଢ଼ାଟା ବଡ଼ିସକାଳୁ ଉଠି ପୋଖରୀ ତୁଠକୁ ନଗଲେ ଗାଆଁର ସୂର୍ଯ୍ୟ ଉଦୟ ହେବେନି । ଗଲାବେଳେ ବାଟରେ କଣ୍ଟାଝଟା ସବୁ ସଫା କରି ରାସ୍ତାଟିକୁ ଏମିତି ରଖେ, କାହାରି ଗୋଡ଼ରେ ଫୁଟିବାକୁ କଣ୍ଟା ନଥାଏ । ତାପରି ଯଦି ଲୋକ ପାଞ୍ଚଟା ରହିବେ, ଗାଆଁ ଧବଳ ହୋଇଉଠିବ ।

ଦିନେ ମଦନା ଗୁଡ଼ିଆ ପୁଅ ବଡ଼ପୋଖରୀରେ ପହଁରୁଥିଲା । ଭଲ ପହଁରା ଜାଣେନି । ଦି ତିନି ଢୋକ ପାଣି ପିଇଦେଇ ନିସ୍ତେଜ ହୋଇ ବୁଡ଼ିଯାଉଥିଲା । ଦି ତିନିଜଣ ବୟସ୍କ ଲୋକ ବି ମରଦ ତୁଠରେ ଗାଧୋଉଥିଲେ । ତାକୁ ଉଦ୍ଧାର କରି କୂଳରେ ଆଣି ଶୁଆଇଲେ । ସମସ୍ତେ ଦେଖିବାକୁ ବେଢ଼ିଗଲେ । କିଏ କେତେ ଆହା ଚୁ ଚୁ କଲେ । କିନ୍ତୁ ଗାଆଁ ପୁରୋହିତ କହିଲେ, ସିଏ ତା ବାପାର ଅପକର୍ମରୁ ଦଣ୍ଡ ପାଉଛି । ସତରେ ତା ବାପା ମଦନା ସରଳ ଲୋକଟିଏ । ସେ ବା କଅଣ ଅପକର୍ମ କରିବ ? ମାଛିକୁ ମ' କହେନି । ଜଣେ ପଢୁଆ ପିଲା ପୁରୋହିତଙ୍କୁ କହିଲା ନାଇଁ ମାହାପୁରୁ । ମଦନା ସାତ ଜନ୍ମରେ ବି କିଛି ଅପକର୍ମ କରି ନଥିବ । ପୁରୋହିତ ଚଢ଼ାଗଳାରେ କହିଲେ, ମଦନା ନକରିଥିଲେ ବି ମଦନା ବାପା କି ତା ବାପା କରିଥିବ । ଏଥିରେ କଅଣ ସନ୍ଦେହ ଅଛି ?

ଏଇ ପୁରୋହିତଙ୍କ କଥା ସବୁ ଦେଖଣାହାରୀଙ୍କ ମନରେ ଅନେକ ପ୍ରତିକ୍ରିୟା ସୃଷ୍ଟି କଲା । ସମସ୍ତେ ଭାବିଲେ କଳିଯୁଗରୁ କଅଣ ଆହୁରି ପଛକୁ ଫେରିଗଲେ କି ଆମ ପୁରୋହିତେ ! ଦୁନିଆ କେଉଁଠି ହେଲାଣି, ପୁଅ ପହଁରୁ ପହଁରୁ ଦି ଢୋକ ପାଣି ପିଇଦେଲା ବୋଲି ବାପା ଜେଜେବାପା ଆସି ଅଜଣା ଅପକର୍ମର ପ୍ରାୟଶ୍ଚିତ କରିବେ, ପୁରୋହିତଙ୍କ ହାଣ୍ଡି ଚୁଲିକୁ ଉଠିବ !

ଆମଗାଆଁ ଲୋକଙ୍କ ମନ ଅନେକ ସମୟରେ ଶୋକାକୁଳ ହୋଇଉଠେ । ଯଦି କେହି ବାଧେକି ପଡ଼େ କି ମରିଯାଏ, ଅନେକ ଜୀବନଟାକୁ ତୁଚ୍ଛ ମନେକରନ୍ତି । ଜୀବନଟା ପାଣିଫୋଟକା ବୋଲି ମଣନ୍ତି । କାହିଁକି ଜୀବନରେ ଲୋଭ କରିବ, କିପାଇଁ ପେଟକୁ ମାରି ଧନ ସଞ୍ଚୟ କରିବ ଏମିତି ଧାରଣା ଆସେ । ଜଣେ ମରିଗଲେ ତାକୁ ଝୁରି ଝୁରି ସମଗ୍ର ଗ୍ରାମବାସୀ ଜୀବନପ୍ରତି ହତାଶ ହୁଅନ୍ତି । ଅନେକଦିନ ଲାଗିଯାଏ ପୁଣି ମନକୁ ଦମ୍ଭକରି ଠିଆହେବାକୁ ।

ଲୋକମାନେ ନିର୍ଲୋଭ ହୋଇ ଚଳିଲେ, ସମସ୍ତେ ଆଦର କରନ୍ତି । କେତେଜଣ ଅଛନ୍ତି, ଭାରି ଲୋଭୀ ଏବଂ ପରଶ୍ରୀକାତର । ପିଲା ବଡ଼ ସମସ୍ତେ ଏଭଳି ଲୋକଙ୍କୁ ହାଡ଼େ ହାଡ଼େ ଚିହ୍ନନ୍ତି । କେତେବେଳେ କାହାକୁ ଠକିବା, କାହାକୁ ଗାଳିଗୁଲଜ କରିବା ଏବଂ ଗାଆଁ ପଞ୍ଚାୟତକୁ ବେଖାତିର କରିବା ସେମାନଙ୍କର ଦୁଷ୍ଚରିତ୍ର ସମସ୍ତଙ୍କୁ ଜଣା ।

ଆମ ଗାଆଁର ବାରିକ ବୁଢା ଆନନ୍ଦ ବାରିକ । ତାକୁ ସମସ୍ତେ ଆନ୍ଦିଆ ଡାକନ୍ତି । ସେ ଲୋକଟି 'ମୁଁ' ଶବ୍ଦର ପ୍ରତୀକ । ଯିଏ ଗାଆଁରେ ସମୂହ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜ ସ୍ୱାର୍ଥରେ ବିନିଯୋଗ କରେ, ତାକୁ ଲୋକମାନେ କହନ୍ତି, ଲୋଭୀ, କୃପଣ କି ସ୍ୱାର୍ଥପର । ଆମ ଗାଆଁରେ କିନ୍ତୁ 'ଜୀବେନା' ବୋଲି କହନ୍ତି । ତାହାରି ଏକୁଟିଆ ଜୀବନ ଅଛି, ଆଉ କାହାର ନାହିଁ । ଆନ୍ଦିଆ

ଭଣ୍ଡାରି ଏମିତି ଲୋଭୀ ନୁହେଁ କି କୃପଣ ନୁହେଁ କିନ୍ତୁ ସବୁବେଳେ 'ମୁଁ' 'ମୁଁ' ହେଉଥାଏ। ମୁ, ମୋର, ମୋ ପିଲା, ମୋ ଘର ଯିଏ କହିଲା ଶୁଣିଲାବାଲା ନିକିଏ ଅବଜ୍ଞାନ କରନ୍ତି।

କିନ୍ତୁ ବିଚରା ଆନ୍ଦିଆ ଏମିତି କେତେଥର ହରଡ଼ଘଣାରେ ପଡ଼ିଯାଇଛି, ସେ ମୁଁ ନକହିବା ଛଡ଼ା ଅନ୍ୟଗତି ନାହିଁ। ସତରେ ଆମ ଗାଆଁ ଆନ୍ଦିଆ ଭଣ୍ଡାରିର 'ମୁଁ' କଥା ନଶୁଣିଲେ, କେହି ବେଦପୁରାଣର ସ୍ୱାର୍ଥ ରକ୍ଷାକାରୀ ମୁଁ ଅର୍ଥକୁ ବୁଝିପାରିବେନି। ମୁଁ ନକହିଲେ କେମିତି ଜଣେ ବଞ୍ଚିବ ? ନିଜେ କିପରି ଆହାର ପାନୀୟ ଗ୍ରହଣ କରିବ ? ସୃଷ୍ଟିରେ ନରଶରୀର ଗଢ଼ାହୋଇଛି ମୁଁ ତତ୍ତ୍ୱରେ। ନିଜେ ପ୍ରକୃତିର ପରିବେଶରେ ରହିଲେ ବି ତା ଶରୀରର ଜଳ, ମେଦ ସବୁ କଅଣ ସେଇ ପରିବେଶ ନେଇ ?

ନାଁ। ସୃଷ୍ଟିରେ ତାର ନିଜତ୍ୱ ରହିଛି। ପରିବେଶର ତାପ, ବାୟୁ, ଜଳ ତାହା ସୂକ୍ଷ୍ମ ଭାବରେ ରୂପାୟିତ। ତାର ଶରୀରର ଅଭ୍ୟନ୍ତର ସତତ ନିଜତ୍ୱ ଜାହିର କରିବାରେ କାମ କରୁଥାନ୍ତି। ଶରୀରବିତ୍ ମାନେ ମଣିଷର ଅଭ୍ୟନ୍ତର ଦେଖି କହନ୍ତି, ସେଥିରେ ଗୋଟିଏ ସୂକ୍ଷ୍ମାତିସୂକ୍ଷ୍ମ ପରିବେଶ ରହିଛି, ଏବଂ ଶରୀର ପ୍ରତିଟି ଜୀବକୋଷ ପ୍ରତି ମୁହୂର୍ତ୍ତରେ ଅକ୍ଳାନ୍ତ ପରିଶ୍ରମ କରି ବାହ୍ୟ ପରିବେଶରୁ ଜୀବନ ବଞ୍ଚାଇବାକୁ କାର୍ଯ୍ୟରତ। ପରାସ୍ତ ହୋଇଗଲେ, ଜୀବନ ନାଶ ଯିବ। ତେଣୁ ଏହି ସୃଷ୍ଟି ଆମକୁ ମୁଁ ଭାବରେ ପରିଚିତ କରାଉଛି, କେବଳ ମନକୁ ଭଲ କହିବାକୁ ମୁଁ ନକହି ମୋର କହିଲେ ଅନେକଙ୍କୁ ଭଲ ଶୁଭିବ। ସେମିତି ଗୋଟିଏ ଧର୍ମ ପରୀକ୍ଷାରେ ଆନ୍ଦିଆ ଭଣ୍ଡାରି ପଡ଼ିଯାଇ ଉଦାହରଣ ହୋଇଛି।

ପ୍ରଥମ ଥର ଗାଆଁ ଦାଣ୍ଡରେ ଭାଗବତ ଘର ସାମନାରେ ଠାକୁରଙ୍କ ଦୋଳ ଭୋଗଖିଆ ପରେ ପାଞ୍ଚ ବସ୍ତା ଉଖୁଡ଼ା, ଖଜା, ଫେଣି ସବୁ ପ୍ରକାର ଦୋଳ ଭୋଗ କୋଠକୁ ରହି ବଣ୍ଟା ହେଉଥିଲା। ଆନନ୍ଦକୁ ପଚରାଗଲା, କେତେ ଭାଗ ହେବ ଗଣିକରି କୁହ। ସେ ସରପଞ୍ଚ, ନାଇବ ସରପଞ୍ଚ, ମେମ୍ବର, ସେକ୍ରେଟାରୀଙ୍କ ଠାରୁ ଏକ, ଦୁଇ, ତିନି ଗଣି ଶେଷକୁ କହିଲା ସମାନ ୧୩୩ ଭାଗ ହେବ। ବଣ୍ଟାଗଲା। ସମସ୍ତେ ନେଲେ, ବିଚରା ଆନ୍ଦିଆ ନିଜକୁ ଗଣିନାହିଁ, ସେ ୧୩୩ ଭିତରେ ନାହିଁ। ପଛରେ ଆନ୍ଦିଆ ପତ୍ନୀ ଲଳିତା ଭଣ୍ଡଉଣୀ ଡାଲାଟିଏ ଧରି ଖାଲି ହାତରେ ଯାହା ଫେରୁଥିଲା, ତାକୁ ଡାକି ବଳକା ବଳକି ଚୂନା ଉଖୁଡ଼ା ଗଣ୍ଡିଏ ଦେଇ ବିଦାକଲେ। ବିଚରା ଆନ୍ଦିଆ କାନମୁଣ୍ଡା ଆଉଁସି ଆପଣା ହସ୍ତେ ଜିହ୍ୱା ଛେଦିବା ପରି ଯାହା ଅନେଇ ରହିଥିଲା। ନିଜ ସ୍ୱାର୍ଥ ରଖିପାରିଲା ନି।

କେବଳ ଥରେ ନୁହେଁ, ଆମ ଜାଣତରେ ଆଉଥରେ ବି ଏମିତି ଘଟିଛି। ୪ଘର ପୋଖରୀ ଖରାଦିନେ ଗୋଳି ହୁଏ, ସମସ୍ତେ ମାଛ ଧରନ୍ତି, ମାଛ ଏକାଠି ହୁଏ ଏବଂ ତାହା ଘରପିଛା ଭାଗବଣ୍ଟରା ହୁଏ। ବିଚରା ପୁଣି ଥରେ ଆନ୍ଦିଆ ଭୁଲ କରିବସିଛି। ବଡବଡୁଆଙ୍କୁ ଏକ, ଦୁଇ, ତିନି ଗଣି ନିଜକୁ ଭୁଲିଯାଇଛି। ଗଲା ମାଛ ଭାଗଟା। ସମସ୍ତେ ବାଳିଆ, ଶେଉଳ ନେଇଗଲେ, ତା ବେଳକୁ ନା ଭାଗ, ପୋଷେ କୁନି କେରାଣ୍ଡି ଯାହା। କଅଣ ତା ଘରଣୀ କହିଥିବ ସିଏ ଜାଣେ।

କିନ୍ତୁ ଜୀବନରେ ଆଉ ଭୁଲ୍ କରିନି। ଭାଗ ଗଣିବାକୁ କହିଲେ, ଆନ୍ଦିଆ ଗଣିବ - "ମୁଁ ଏକ..."

ସତରେ ସେଇଟା ସୃଷ୍ଟିରେ ବିବର୍ତ୍ତନର ମୂଳନିୟମ। ସେହି ଭିତ୍ତିରେ ଜୀବକୋଷ, ଶରୀର, ଆଭ୍ୟନ୍ତରୀଣ ପରିବେଶ ଗଢି ଉଠିଛି। ଆମେ ପାଟିରେ କହିବା 'ମୁଁ' ଶବ୍ଦଟା ସ୍ୱାର୍ଥର ପ୍ରତୀକ। କିନ୍ତୁ ଆମ ଶରୀର ଓ ମନ ସବୁବେଳେ କାର୍ଯ୍ୟତଃ 'ମୁଁ' ଶବ୍ଦର ଅନୁସରଣକାରୀ।

ଆଉ ଗୋଟିଏ କଥା, ଆମ ଗାଆଁରେ ଭୂତପ୍ରେତ ବହୁତ ଥିଲେ। ଅବଶ୍ୟ ଏବେ ବିଜୁଳି ଆଲୁଅ ଆସିବା ପରଠାରୁ ଭୂତପ୍ରେତ ଆଉ କେହି ଦେଖୁନାହାନ୍ତି। ପ୍ରତିବର୍ଷ ଚାରିପାଞ୍ଚଟା ଭୌତିକ ଘଟଣା ଦୃଷ୍ଟିଗୋଚର ହେଉଥିଲା। ଲୋକ କହନ୍ତି ଭୂତପ୍ରେତ ହେଉଛି ଅପରିତୃପ୍ତ ଜୀବନର ଆତ୍ମା ଯାହା ଅନେକ ବର୍ଷ ପର୍ଯ୍ୟନ୍ତ ଭୌତିକ ପରିବେଶ ସୃଷ୍ଟି କରନ୍ତି। ଏମିତି ବେଶି ନୂଆବୋହୂ ବା ମାନସିକ ଅଶାନ୍ତିରେ ରହିଥିବା ଲୋକଙ୍କୁ ଭୂତ ବା ପ୍ରେତ ଗ୍ରାସ କରେ। ଅନେକ ସମୟରେ ରୋଗବଶତଃ ଯଦି କିଏ ପ୍ରଳାପ କରେ, ତେବେ ଲୋକମାନେ ଚିକିତ୍ସାଳୟକୁ ନଯାଇ ଗୁଣିଆ କି ଗ୍ରାମଦେବତୀଙ୍କ କାଳିଶି ପାଖକୁ ପ୍ରତିକାର ପାଇଁ ଯାଆନ୍ତି। ସେଇ ଭୂତ ବା ପ୍ରେତର ଆତ୍ମା ମୃତକର ଆତ୍ମାର ବିକାର ଭାବରେ ଲୋକ ମନେକରନ୍ତି। ଏଇଗୁଡାକ ଏବେ ଲୋକ ବୁଝିଗଲେଣି ମାନସିକ ଭ୍ରମ ଏବଂ ଅନ୍ଧବିଶ୍ୱାସ। ଆଉ ଭୂତ କି ଆତ୍ମାରେ ବିଶ୍ୱାସ କାହାରି ନାହିଁ। ସେଇ ରୋଗୀକୁ ସିଧା ମାନସିକ ଡାକ୍ତରଙ୍କ ପାଖରେ ଚିକିତ୍ସା କରିବା ସାର ହେଉଛି।

ଆଉ ସଂସାର ବୋଇଲେ ଆମ ଗାଆଁରେ ଲୋକ ବହୁତ ସକାରାତ୍ମକ ଭାବରେ ନିଅନ୍ତି। କିଏ ସୁନ୍ଦର ଘରସଂସାର କରୁଛି, କାହା ଝିଅ କି ପୁଅ ବିବାହ ପରେ ଆଦର୍ଶ ସଂସାର କରୁଛି ତାପ୍ରତି ସମସ୍ତଙ୍କର ଶୁଭଦୃଷ୍ଟି ରହିଛି। କିନ୍ତୁ ବେଦ ପୁରାଣ ଆଉ କେତେକ ଧର୍ମରେ ସଂସାରକୁ ଅତୀତରେ ଦାର୍ଶନିକ ଅର୍ଥରେ ନିଆଯାଇଛି। ଯିଏ ସଂସାର ଧନ୍ଦାରେ ବ୍ୟସ୍ତ ରହିବ, ତାର ପୁନର୍ଜନ୍ମରୁ ନିସ୍ତାର ନାହିଁ। ଜନ୍ମ ପରେ ଜନ୍ମ ନେଇଚାଲିଥିବ। ଆଜି ବାଘ ତ କାଲି ଛେଳି, କେବେ ସାପ ତ କେବେ ବେଙ୍ଗ। ପାର୍ଶ୍ୱନାଥ ଏବଂ ୨୪ ଜୈନ ତୀର୍ଥଙ୍କର, ବୁଦ୍ଧଦେବ ଆଦିଙ୍କର କେତେ ପୂର୍ବଜନ୍ମର ବିବରଣୀ ରହିଛି।

ଏଗଡ଼ିକ ବିଶ୍ୱାସ, ଧର୍ମବିଶ୍ୱାସ ଏବଂ ତଦାନୀନ୍ତନ ସମାଜର କଥା। କେବଳ ହିନ୍ଦୁଧର୍ମରେ କାହିଁକି, ସବୁ ଧର୍ମରେ ଅନେକ ପ୍ରଥା ସୃଷ୍ଟି ହୋଇଛି। ତା ଭିତରୁ ଅନେକ ବିଜ୍ଞାନର ପ୍ରସାର ପରେ ଭୁଲ୍ ବୋଲି ସ୍ୱୀକୃତ ହୋଇ ଦୂରୀଭୂତ ହୋଇଗଲାଣି। ଯାହା ଅଯଥା ଏବଂ ମୂଲ୍ୟହୀନ ତାହା ଆଜିର ହେତୁବାଦୀଙ୍କ ସାମନାରେ ତିଷ୍ଠିପାରିଲେ ହେଲା।

ଜଗମୋହନ ନଗର, ଜାଗମରା
ମୋ-୯୧୭୮୭୫୫୫୬୫

# ମଣିଷ ଜୀବନର ଅଲୌକିକ ରଙ୍ଗ

*ସୁଧାଂଶୁ ଶେଖର ଧଡ଼ା*

**ବୈ**ଜ୍ଞାନିକ ପଦ୍ଧତିରେ ଆକଳନ ଅନୁସାରେ ପୃଥିବୀର ସୃଷ୍ଟି ୪୫୪ରୁ ୪୫୦ କୋଟି ବର୍ଷ ପୂର୍ବେ ହୋଇଛି। ପ୍ରଥମ ଅବସ୍ଥାରେ ଏହା ଉତ୍ତପ୍ତ ଜ୍ୱଳନ୍ତ ପିଣ୍ଡ ଥିଲା। ସମୟ କ୍ରମେ ଶୀତଳ ହୋଇ ପ୍ରଥମ ଜୀବନର ସୃଷ୍ଟି ନିମିତ୍ତ ପ୍ରାୟ ଶହେକୋଟି ବର୍ଷ ଲାଗିଯାଇଛି। ବିବର୍ତ୍ତନ ପ୍ରକ୍ରିୟାରେ ଏକକୋଷୀରୁ ବହୁକୋଷୀ, ଜଳଚର ସ୍ଥଳଚର, ସରୀସୃପ, ସ୍ତନ୍ୟପାୟୀ ପଶୁ, ମାଙ୍କଡ଼ ଜାତୀୟ ପଶୁ, ମାଙ୍କଡ଼ ଜାତୀୟ ପ୍ରାଣୀ ଏବଂ ଶେଷରେ ଆଧୁନିକ ମାନବ ସୃଷ୍ଟି ହୋଇଛନ୍ତି। ଆଧୁନିକ ମାନବ ପ୍ରାୟ ଦୁଇଲକ୍ଷ ବର୍ଷ ପୂର୍ବେ ପୃଥିବୀ ପୃଷ୍ଠରେ ପ୍ରଥମେ ଦେଖା ଦେଇଥିଲା। ସେହି ଦିନଠାରୁ ପୃଥିବୀ ପୃଷ୍ଠରେ ମନୁଷ୍ୟ ଦେଖୁଥିବା ଏବଂ ଅନୁଭବ କରୁଥିବା ପ୍ରାକୃତିକ ପରିବର୍ତ୍ତନକୁ ନେଇ ଅନେକ ଘଟଣା ଘଟିଯାଇଛି। ଯେଉଁ ଗୁଡ଼ିକ ମନୁଷ୍ୟର କ୍ଷମତାର ବାହାରେ, ସେସବୁକୁ ଅଲୌକିକ ଘଟଣା ଭାବରେ ନାମ ଦେଇଛି। ପ୍ରାୟ ୪୦ ହଜାର ବର୍ଷ ପୂର୍ବେ ସାମାଜିକ ଜୀବନକୁ ନେଇ ଈଶ୍ୱର ବିଶ୍ୱାସ ଏବଂ ଧର୍ମର ଉଦ୍ଭବ ହୋଇଥିବାର ଏକ ମତ ରହିଥିବା ସ୍ଥଳେ,ଏଥିରେ ଭିନ୍ନମତ ରହିଛି। ଭୌଗୋଳିକ ପରିବେଶ, ଜଳବାୟୁ, ଖାଦ୍ୟ ଆଦିକୁ ନେଇ ଧର୍ମ ଏବଂ ଈଶ୍ୱର ବିଶ୍ୱାସରେ ଭିନ୍ନତା ଆସିଛି। ସାମାଜିକ ଜୀବନରେ ଚକର ଉଦ୍ଭାବନଠାରୁ ଆନ୍ତଃଗ୍ରହ ଯାତ୍ରା ପର୍ଯ୍ୟନ୍ତ ମନୁଷ୍ୟର ପ୍ରଗତିର ଇତିହାସରେ ଏସବୁ ଗୋଟିଏ ଗୋଟିଏ ସଫଳତାର ମାଇଲଖୁଣ୍ଟ। ଅଲୌକିକତାର ରହସ୍ୟ ଉନ୍ମୋଚନରେ ବିଜ୍ଞାନର ଜୟଯାତ୍ରା ଅବ୍ୟାହତ ରହିଛି। ଏବେ ଯାହାକିଛି ପୃଥିବୀ ପୃଷ୍ଠରେ ଦେଖାଯାଉଛି- ସେ ସବୁ ୪୫୪ କୋଟି ବର୍ଷର ବିବର୍ତ୍ତନ ପ୍ରକ୍ରିୟାର ଫଳ। ବିବର୍ତ୍ତନ ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ନାହିଁ।ଏହା ଏତେ ଧୀର ଓ ମନ୍ଥର ଗତିରେ ହୁଏ ଯେ ତାକୁ ଦେଖିବା ପାଇଁ ମନୁଷ୍ୟର ଆୟୁଷ ନାହିଁ, କେବଳ ବୈଜ୍ଞାନିକ ପଦ୍ଧତିର ପ୍ରମାଣ ରହିଛି।

ସମୟକ୍ରମେ ପୃଥିବୀ ପୃଷ୍ଠରେ ମନୁଷ୍ୟ ଜୀବନଶୈଳୀ ଉନ୍ନତ ହେଲା। ପ୍ରାୟ ୪୦ହଜାରରୁ ୨୦ ହଜାର ବର୍ଷ ପୂର୍ବେ ଈଶ୍ୱର ଏବଂ ଧର୍ମର ପ୍ରାଥମିକ ରୂପ ମନୁଷ୍ୟ ସମାଜରେ ସୃଷ୍ଟି ହୋଇଥିଲା। ଏହିସବୁର ସମୟ ନିର୍ଦ୍ଧାରଣରେ ଭିନ୍ନମତ ରହିଛି। ପୃଥିବୀ ପୃଷ୍ଠର ବିଭିନ୍ନ ସ୍ଥାନରେ ରହୁଥିବା ପ୍ରାଚୀନ ମନୁଷ୍ୟ, ସମାଜର ଆବଶ୍ୟକତାକୁ ନେଇ ଧର୍ମ ଓ ଈଶ୍ୱର ଅବଧାରଣାକୁ ଭିନ୍ନଭିନ୍ନ ଭାବରେ ପରିପୁଷ୍ଟ କରିଆସିଛି।

ଧର୍ମ ଜଗତ ବିବର୍ତ୍ତନର ବୈଜ୍ଞାନିକ ମତକୁ ଗ୍ରହଣ କରେ ନାହିଁ। ଧର୍ମ ଜଗତରେ ଈଶ୍ୱର ହେଉଛନ୍ତି ପୃଥିବୀ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ-ନକ୍ଷତ୍ର, ମନୁଷ୍ୟ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିର ସ୍ରଷ୍ଟା। ଧର୍ମ ଜଗତ ବିଜ୍ଞାନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। କିନ୍ତୁ ଧର୍ମ ଜଗତର ତଥା କଥିତ ଅଲୌକିକ ଘଟଣା ସବୁକୁ ଗୋଟିଏ ପରେ ଗୋଟିଏ ବିଜ୍ଞାନ ହିଁ ପରାସ୍ତ କରି ଚାଲିଛି। ବିଜ୍ଞାନ ସମର୍ଥନର ସଂଖ୍ୟା ଗଣେ ନାହିଁ, ଧର୍ମ ଜଗତ ସମର୍ଥନର ସଂଖ୍ୟା ସବୁବେଳେ ଗଣୁଥାଏ। ଭୂ-କୈନ୍ଦ୍ରିକ ସୌରଜଗତ ଏବଂ ସୂର୍ଯ୍ୟ କୈନ୍ଦ୍ରିକ ସୌରଜଗତ ଅବଧାରଣାକୁ ନେଇ ଧର୍ମଜଗତ ଓ ବିଜ୍ଞାନ ଜଗତ ମଧ୍ୟରେ ଶହ ଶହ ବର୍ଷ ଧରି ସଂଘର୍ଷ ଲାଗି ରହିଥିଲା, ରହିଛି ମଧ୍ୟ। ମନୁଷ୍ୟ ସଭ୍ୟତାର ପ୍ରାଥମିକ ଅବସ୍ଥାରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଆଦି ପୃଥିବୀକୁ କେନ୍ଦ୍ର କରି ଘୂରୁଥିବା ଅବଧାରଣା ରହିଥିଲା। ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟ ପଞ୍ଚମ ଶତାବ୍ଦୀରେ ସୂର୍ଯ୍ୟ କୈନ୍ଦ୍ରିକ ସୌରଜଗତର ମତ ଦେଇଥିଲେ। ପରେ ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ନିକୋଲାଇ କୋପରନିକସ୍ ୧୫୪୩ ମସିହାରେ ସୂର୍ଯ୍ୟ-କୈନ୍ଦ୍ରିକ ସୌରଜଗତର ଅବଧାରଣା ଦେଲେ। ତାଙ୍କ ପରେ ୧୬୧୦ ମସିହାରେ ଗାଲିଲିଓ ଏହିମତକୁ ସମର୍ଥନ କରି ଥିଲେ। ୧୬୧୭ରୁ ୧୬୨୧ ମଧ୍ୟରେ ଯୋହନସ୍ କେପଲର୍ ସୂର୍ଯ୍ୟକୈନ୍ଦ୍ରିକ ସୌରଜଗତ ମତ ଦେଲେ। ୧୬୮୭ ମସିହାରେ ସାର୍ ଆଇଜାକ୍ ନିଉଟନ୍ ସୂର୍ଯ୍ୟ-କୈନ୍ଦ୍ରିକ ସୌରଜଗତର ପ୍ରମାଣ ଦେଲେ। ଧର୍ମ ଜଗତରେ ରହିଥିବା ଭୂ-କୈନ୍ଦ୍ରିକ ସୌରଜଗତ ମତ ବିରୁଦ୍ଧରେ ଏହି ଦାର୍ଶନିକ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତକୁ ଗ୍ରହଣ କରି ବୈଜ୍ଞାନିକମାନେ ମହାକାଶ ଗବେଷଣା ଚଳାଇ ଆସୁଛନ୍ତି।

ଅଲୌକିକତାକୁ ଗ୍ରହଣ କରିବା, ପ୍ରଶ୍ନ ନକରି ପ୍ରମାଣ ନଖୋଜି ବିଶ୍ୱାସ କରିବା ଆଦି ମନୋବୃତ୍ତିକୁ ଅନ୍ଧବିଶ୍ୱାସ କୁହାଯାଏ।ବସ୍ତୁତଃ ଅନ୍ଧବିଶ୍ୱାସର ପରିସର ଭିତରୁ ପ୍ରଶ୍ନ ପଚାରିବାର ମନୋବୃତ୍ତି, ଅନୁସନ୍ଧାନ କରିବାର ସାହସ ଏବଂ ସଂଖ୍ୟାର ମତ ବିରୁଦ୍ଧରେ ବ୍ୟକ୍ତିର ମତ ଠିକ୍ ବୋଲି ଦୃଢ଼ ବିଶ୍ୱାସ ରଖିଥିବା ବ୍ୟକ୍ତିମାନେ ବିଜ୍ଞାନର ପ୍ରତିଷ୍ଠାତା ଭାବରେ ସମ୍ମାନ ପାଇ ଆସିଛନ୍ତି। ଅଲୌକିକତା ବିରୁଦ୍ଧରେ ଅନୁସନ୍ଧାନ ସମଗ୍ର ମାନବ ସମାଜ ତଥା ଜୀବଜଗତ ଓ ପୃଥିବୀର ପରିସ୍ଥିତିକୁ ବଦଳାଇ ଦେଇଛି। ପ୍ରକୃତିର ରହସ୍ୟ ଉନ୍ମୋଚନ ମାଧ୍ୟମରେ ବିଜ୍ଞାନ ମନୁଷ୍ୟ  ଜୀବନକୁ ସୁଖ ସ୍ୱାଚ୍ଛନ୍ଦ୍ୟ ଦେଇଚି। ଏହାର ଅପବ୍ୟବହାର ଦୁଃଖ ଦେଇଛି। ଧର୍ମର ଅପବ୍ୟବହାର ମଧ୍ୟ ଦୁଃଖ ଦେଇଛି।

ଧର୍ମ ସଂଖ୍ୟାକୁ ନେଇ ନିଜର ଶକ୍ତି ପ୍ରଦର୍ଶନ କରୁଥିବା ସ୍ଥଳେ ବିଜ୍ଞାନ ପ୍ରମାଣକୁ ନେଇ ନିଜର ଶକ୍ତି ପ୍ରଦର୍ଶନ କରିଥାଏ । ତେଣୁ ଅଲୌକିକତା ଅନ୍ଧବିଶ୍ୱାସ ଆଦି ବିଜ୍ଞାନକୁ ଆହ୍ୱାନ ଦେଉଥିବା ସ୍ଥଳେ ବିଜ୍ଞାନ ମଧ୍ୟ ତାକୁ ଆହ୍ୱାନ ଦେଇଆସିଛି ।ଏକଥା ମଧ୍ୟ ସତ୍ୟ ଯେ ଏହି ଆହ୍ୱାନ ଓ ସଂଘର୍ଷରେ ବିଜ୍ଞାନ କେବେ ପଛଘୁଞ୍ଚା ଦେଇନାହିଁ । ଏହି ଆହ୍ୱାନ ଓ ସଂଘର୍ଷର ଆରମ୍ଭ ପ୍ରାୟ ୪୦ହଜାର ବର୍ଷ ପୂର୍ବେ ହୋଇଥିଲା । କିନ୍ତୁ ଏହାର ଲିଖିତ ଇତିହାସ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ଓ ପରଠାରୁ ମିଳେ ।

ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଚତୁର୍ଥ ଶତାବ୍ଦୀ ସମୟ ବେଳକୁ ପାରସ୍ୟରେ ଜୋରାଷ୍ଟର ଧର୍ମାବଲମ୍ବୀମାନଙ୍କର ଏକ ସ୍ୱତନ୍ତ୍ର ଧର୍ମବିଶ୍ୱାସ ରହିଥିଲା । ଦୁର୍ବୋଧ ଶବ୍ଦ ଉଚ୍ଚାରଣ ସହ ଯାଦୁବିଦ୍ୟା ମାଧ୍ୟମରେ ରୋଗୀ ଚିକିତ୍ସା, ଭୂତ ଝାଡ଼ିବା ଭବିଷ୍ୟକଥନ ଭଳି କାର୍ଯ୍ୟ ସବୁ କରୁଥିଲେ । ପ୍ରାଚୀନ ବେବିଲୋନୀୟ ସଭ୍ୟତାରେ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତି ଏବଂ ଗୋଷ୍ଠୀକୁ "ମାଗସ୍" ବୋଲି କୁହାଯାଉଥିଲା । ଏମାନେ ଏହି ବିଦ୍ୟାର ପ୍ରୟୋଗ କରି ପ୍ରକୃତିକୁ ନିୟନ୍ତ୍ରଣ କରିପାରିବାର ଦାବି କରୁଥିଲେ । ଅଲୌକିକତା ଓ ଯାଦୁବିଦ୍ୟା ବଳରେ ରୋଗୀକୁ ଆରୋଗ୍ୟ କରାଇବା, ଗୁଣିଗାରେଡ଼ି ଓ କଳାଯାଦୁ ପ୍ରୟୋଗ କରି ଅନ୍ୟର କ୍ଷତି କରିବା, ଯୌନ ଜୀବନ ସମ୍ପର୍କିତ ବିଭିନ୍ନ ସମସ୍ୟା ସମାଧାନ କରିବା, ଶିକାର ଉଦ୍ଦେଶ୍ୟରେ ପଶୁପକ୍ଷୀଙ୍କୁ ନିଜ ନିକଟକୁ ଆକୃଷ୍ଟ କରାଇ ଆଣିବା, କୃଷି ଉତ୍ପାଦନ ବୃଦ୍ଧିକରିବା କିମ୍ବା ନଷ୍ଟ କରିବା ଭଳି କାର୍ଯ୍ୟ ଏମାନେ କରିପାରୁଥିଲେ ବୋଲି ଏକ ବିଶ୍ୱାସ ରହିଥିଲା । ଏପରିକି ଏମାନେ ଆବଶ୍ୟକ ସମୟରେ ବର୍ଷା କରିପାରୁଥିଲେ ବୋଲି ଦାବି କରୁଥିଲେ । ଏମାନଙ୍କୁ ସମାଜରେ ଲୋକେ ଭୟ ଏବଂ ସମ୍ମାନ କରୁଥିଲେ । ଏମାନଙ୍କର ପ୍ରତ୍ୟେକଟି କାର୍ଯ୍ୟରେ ଧୋକାବାଜୀ, ଷଡ଼ଯନ୍ତ୍ର, ପ୍ରତାରଣା ଆଦି ରହୁଥିଲା । କାଳକ୍ରମେ "ମାଗସ୍" ଶବ୍ଦରୁ 'ମାଗି' ଶବ୍ଦ ସୃଷ୍ଟି ହେଲା । "ମାଗି"ଶବ୍ଦରୁ 'ମ୍ୟାଜିକ୍' ଶବ୍ଦର ସୃଷ୍ଟି । ଏହାର ପ୍ରୟୋଗ କରୁଥିବା ବ୍ୟକ୍ତିମାନଙ୍କୁ 'ମେଜିସିଆନ୍'କୁହାଯାଉଥିଲା । ମନୋରଞ୍ଜନ ପାଇଁ ମ୍ୟାଜିକ୍‌ର ପ୍ରୟୋଗରେ ଧୋକାବାଜୀ, ପ୍ରତାରଣା ଆଦି ରହିଥିଲେ ମଧ୍ୟ ମେଜିସିଆନ୍‌ମାନେ କେବେକେବେ ରାସାୟନିକ ପଦାର୍ଥର ବ୍ୟବହାର କରୁଥିଲେ । ଏହି ଅବଧାରଣାରୁ ତତ୍ତ୍ୱ ସମର୍ଥିତ ମତ ବିଜ୍ଞାନର ଧାରାଟିଏ ସୃଷ୍ଟି କରିଥିଲା । ମନ୍ଦ ଉଦ୍ଦେଶ୍ୟରେ ମ୍ୟାଜିକ୍‌ର ପ୍ରୟୋଗକୁ "ବ୍ଲାକ୍ ମ୍ୟାଜିକ୍" କୁହାଯାଉଥିଲା । ପାରସ୍ୟ ଏବଂ ବେବିଲୋନ୍‌ରୁ ଏହି ବିଦ୍ୟା ଭାରତ ସମେତ ବିଭିନ୍ନ ଦେଶକୁ ଆସିଥିବାର କିଛି ଗବେଷକ ମତ ଦିଅନ୍ତି । ଏମାନେ ବ୍ୟବହାର କରୁଥିବା ପୋଷାକ ସବୁ ଦେଶରେ ସାମଞ୍ଜସ୍ୟ ରହିଥିବା ଦେଖାଯାଏ । ଅନ୍ଧବିଶ୍ୱାସପୂର୍ଣ୍ଣ ଏକ ଅବଧାରଣା ମଧ୍ୟରୁ ମେଜିକ୍ ବା ଯାଦୁବିଦ୍ୟାର ପ୍ରତାରଣା ପୂର୍ଣ୍ଣପ୍ରୟୋଗ ବିଭିନ୍ନ ଶାଖା ପ୍ରଶାଖାରେ ପରେ ବିଭାଜିତ ହୋଇଛି । ଏହାର ପ୍ରୟୋଗ କ୍ଷେତ୍ରରେ ମୁଖ୍ୟତଃ ମନସ୍ତାତ୍ତ୍ୱିକ କୌଶଳ, ଶାରୀରିକ କୌଶଳ, ଯାନ୍ତ୍ରିକ କୌଶଳ ଏବଂ ରାସାୟନିକ ପଦାର୍ଥର ବ୍ୟବହାର ହେଉଥିବା ଦେଖାଯାଏ । ଏହି କୌଶଳକୁ ନେଇ ବିଜ୍ଞାନର ବିଭିନ୍ନ ଶାଖା ସମୃଦ୍ଧ ହୋଇଥିବା ଦେଖାଯାଏ । ଅପବିଜ୍ଞାନ ବା ସ୍ୟୁଡ଼ୋସାଇନ୍ସର ମଧ୍ୟ ଏଥିରୁ ବିଭିନ୍ନ ଶାଖା ପ୍ରଶାଖା ମେଳିଛି ।

ପାରସ୍ୟ ଏବଂ ବେବିଲୋନ୍‌ର 'ମାଗସ୍' ଶବ୍ଦ ଭଳି ଖେମିଆ ନାମରେ ଆଉ ଗୋଟିଏ ଶବ୍ଦ ଇଜିପ୍ଟରେ ପ୍ରଚଳିତ ଥିଲା । ତୃତୀୟ ଶତାବ୍ଦୀ ବେଳକୁ ଇଜିପ୍ଟରେ ରୋଗୀମାନଙ୍କର ଚିକିତ୍ସା କରୁଥିବା ଏକ ଚିକିତ୍ସକ ଗୋଷ୍ଠୀ ରହିଥିଲେ । ଏଭଳି ବୃତ୍ତିରେ ଥିବା ବ୍ୟକ୍ତିମାନଙ୍କୁ "ଖେମିଆ" ବା"ଖେମି" କୁହାଯାଉଥିଲା । ଲୋକଙ୍କ ଅନ୍ଧବିଶ୍ୱାସର ସୁଯୋଗରେ ଖେମିଆ ବା ଖେମିମାନେ ପ୍ରତାରଣାପୂର୍ଣ୍ଣ ଚିକିତ୍ସା କରୁଥିଲେ । ଏସବୁ ଦ୍ୱାରା ସମାଜରେ ଖେମିମାନଙ୍କର ଲୋକପ୍ରିୟତା ବୃଦ୍ଧି ପାଇଲା । ଏମାନଙ୍କ ଲୋକପ୍ରିୟତା ବୃଦ୍ଧି ରାଜା ତଥା ଶାସନ କର୍ତ୍ତାମାନଙ୍କ ପାଇଁ ବିପଦ ମନେକରି ଶାସକ ଗୋଷ୍ଠୀ ଖେମିମାନଙ୍କୁ ଗୋପନରେ ହତ୍ୟା କରାଇଲେ । ଏହି ଘଟଣାରେ ଭୟଭୀତ ହୋଇ ସେମାନେ ଇଜିପ୍ଟରୁ ଆରବକୁ ଚାଲିଆସିଲେ । ଆରବର ଉଷା ଶୈଳୀ ଅନୁଯାୟୀ 'ଖେମି' ପୂର୍ବରୁ "ଆଲ୍" ଯୋଗ କରି "ଆଲ୍‌ଖେମିଆ" ଭାବରେ ନିଜର ଏକ ପରିଚୟ ସୃଷ୍ଟି କରିଥିଲେ । "ଆଲ୍‌ଖେମିଆ" ମାନଙ୍କର ରୋଗ ଚିକିତ୍ସା ସମ୍ପର୍କରେ ଏକ ବିଶ୍ୱାସ ରହିଥିଲା ଯେ – ପୃଥିବୀ ପୃଷ୍ଠରେ ଏଭଳି ଏକ ପଦାର୍ଥ ରହିଛି, ଯାହାର ସ୍ପର୍ଶରେ ରୋଗୀ ସୁସ୍ଥ ହୋଇଯାଏ, ବ୍ୟକ୍ତିଗତ ଭାବରେ ସବୁ କାମନା ପୂରଣ ହୋଇଯାଏ, ଅସମ୍ଭବ ଯୌନ କ୍ଷମତା ବୃଦ୍ଧିପାଏ, ଯେ କୌଣସି ସମସ୍ୟାକୁ ଦୂର କରାଯାଏ ଇତ୍ୟାଦି । ଏହି ପଦାର୍ଥଟିକୁ "ଫିଲୋସୋଫିକାଲ୍ ଷ୍ଟୋନ୍" କୁହାଯାଉଥିଲା । ଏହା କୌଣସି ବି ଜଣେ ହେଲେ ଆଲ୍‌କେମିଷ୍ଟଙ୍କ ନିକଟରେ ନଥିଲେ ମଧ୍ୟ ସମସ୍ତେ ଏହାର ଉପସ୍ଥିତିକୁ ସ୍ୱୀକାର କରୁଥିଲେ । ଅଖଣ୍ଡ ଯୌବନ ଲାଭ ଏବଂ କାମନା ପୂରଣ କରୁଥିବାର ଅଲୌକିକ ଶକ୍ତି ଫିଲୋସଫିକାଲ ଷ୍ଟୋନକୁ ନେଇ ଦୁଇଟି ମତ ରହିଥଇଲା । ପ୍ରଥମ ମତରେ ଏହା କେଉଁଠି ନା କେଉଁଠି ଭୂପୃଷ୍ଠରେ ରହିଛି । ଶୁଭ ମୁହୂର୍ତ୍ତ, ଶୁଭ ସମୟ, ନର୍ଦ୍ଦିଷ୍ଟ ଖଗୋଳିୟ ସ୍ଥିତି ଆଦିରେ ଏହାକୁ ଖୋଜିବାକୁ ଗଲେ ନିଶ୍ଚୟ ମିଳିଯିବ । ଏହି ଉଦ୍ୟମରେ ଫଳିତ ଜ୍ୟୋତିଷ ସମୃଦ୍ଧ ହେବା ସହ ତତ୍ତ୍ୱ ସମର୍ଥିତ ମତଗୁଡ଼ିକ ଜ୍ୟୋର୍ତିର୍ବିଜ୍ଞାନ କ୍ଷେତ୍ରକୁ ସମୃଦ୍ଧ କରିଥିଲା । ଜ୍ୟୋର୍ତିବିଜ୍ଞାନ ବିଜ୍ଞାନର ଏକ ଶାଖା ଭାବରେ ଏହି ଅବଧାରଣାରୁ ସମୃଦ୍ଧ ହେଲା ।

ସେହିପରି ଅପବିଜ୍ଞାନର ଧାରା (ସ୍ୟୁଡ଼ୋ ସାଇନ୍ସ)ର ବିଭିନ୍ନ ଉପଧାରା ମଧ୍ୟ ବିକଶିତ ହେବା ପଛରେ ଫିଲୋସଫିକାଲ ଷ୍ଟୋନ୍ ଅବଧାରଣା ରହିଛି । ଏହି ଧାରା ମଧ୍ୟରୁ କେତେ ଗୁଡ଼ିଏ ହେଉଛି– ଇନ୍ଦ୍ରିୟ ବିହୀନ ଅନୁଭୂତି (କ୍ଲେୟାର ଭୋଏନ୍ସ), ବିଶାଳ ବସ୍ତୁ, ପ୍ରାଣୀ ଆଦିଙ୍କୁ କ୍ଷୁଦ୍ର କରି ପୁଣି ବିଶାଳ କରିବା (କ୍ରିଏସନିଜିମ୍) ଭୂଗର୍ଭସ୍ଥ ଜଳ ଉତ୍ସ ଖୋଜିବା (ଡିଭିନିଙ୍ଗ୍) ପ୍ରେତାବିଷ୍ଟ ହେବା ଏବଂ ଅଜ୍ଞାତ କଥା କହିବା (ସ୍ପିରିଟ୍ ମିଡ଼ିୟମ୍), ଶିକ୍ଷା ଲାଭ ବିନା ହଠାତ୍ ଅଜ୍ଞାତ ଭାଷାରେ କଥା କହିବା (ଗ୍ଲୋସୋଲ୍ଲାଲିଆ) ଦୁର୍ବୋଧ ମନ୍ତ୍ର ଜପ କରି ଅଭୀଷ୍ଟ ପୂରଣ କରିବା (ଇକୋଲ୍ଲାଲିଆ), ଭୂତପ୍ରେତ ଆକ୍ରାନ୍ତଙ୍କ ଚିକିତ୍ସା (ପଜେସନ୍) କେହି ଦେଖିପାରୁନଥିବା ବସ୍ତୁକୁ ଦେଖିପାରିବା (ଏକ୍ସଟ୍ରା ସେନ୍‌ସୋରି ପରସେପ୍‌ସନ୍), ଚିକିତ୍ସା ନକରି ଆରୋଗ୍ୟ ଲାଭ (ଫେଥ୍ ହିଲିଙ୍ଗ୍), ନିଆଁରେ ଚାଲିବା ଖାଇବା ଇତ୍ୟାଦି (ଫାୟାର ୱାକିଙ୍ଗ୍), ଘରର ଜିନିଷ ପତ୍ର ଆପଣାଛାଏଁ ଫିଙ୍ଗା ଫୋପଡ଼ା ଘଟଣା (ପୋଲଟରଜିଷ୍ଟ), ଅଲୌକିକ ପଦ୍ଧତିରେ ରୋଗ ନିରୂପଣ ଓ ଚିକିତ୍ସା (ଇରିଡ଼ୋଲଜି), ବାୟୁରେ

ଭାସମାନ ହେବା (ଲେଭିଟେସନ୍), ସାମୁଦ୍ରିକ ଓ ହସ୍ତରେଖା ବିଦ୍ୟା (ପାମିଷ୍ଟ୍ରି), ବାସ୍ତୁ, ଗୃହ ନିର୍ମାଣ ପୂର୍ବରୁ ଭୂମି ପରୀକ୍ଷା (ଜିଓମାନ୍ସି.), ଭଳି ଅନେକ ବିଭାଗ। ଶିକ୍ଷାଗତ ଯୋଗ୍ୟତା, ସାମାଜିକ ପ୍ରତିଷ୍ଠା, ଆର୍ଥିକ ଅବ୍ୟବସ୍ଥା, ନିର୍ବିଶେଷରେ ଅନେକ ବ୍ୟକ୍ତି ଏସବୁ ବିଦ୍ୟାକୁ ଅଲୌକିକ ଶ୍ରେଣୀଭୁକ୍ତ କରିଥାନ୍ତି। ବିଶ୍ୱାସ ମଧ୍ୟ କରନ୍ତି। ବିଜ୍ଞାନର ନିଷ୍ଠୁର ପରୀକ୍ଷାରେ ଏସବୁ ଉତ୍ତୀର୍ଣ୍ଣ ହୋଇପାରିନଥିବାରୁ, ଏସବୁ ପଛରେ ଥିବା ଧୋକାବାଜୀ ଓ ପ୍ରତାରଣା ଧରା ପଡ଼ିଯାଇଥିବାରୁ ଏସବୁ ଅପବିଜ୍ଞାନ (ସ୍ୟୁଡ଼ୋ ସାଇନ୍ସ) ଶ୍ରେଣୀରେ ପରିଗଣିତ ହୋଇଥାଏ। ଏହା ସତ୍ତ୍ୱେ ତତ୍ତ୍ୱ ସମ୍ବଳିତ ବିଜ୍ଞାନର ଏଇସବୁ ଧାରା ଅନ୍ଧବିଶ୍ୱାସ, ଅଲୌକିକ ଅବଧାରଣା ଅପବିଜ୍ଞାନ ଆଦିରୁ ସୃଷ୍ଟି ହୋଇଛି। ମୋଟ ଉପରେ ଅପବିଜ୍ଞାନ ହେଉଛି ବିଜ୍ଞାନର ଜନନୀ କିନ୍ତୁ ଅପବିଜ୍ଞାନ କୌଣସି ପ୍ରକାରର ତତ୍ତ୍ୱର ସମର୍ଥନ ହାସଲ କରିବାରେ ସମ୍ପୂର୍ଣ୍ଣ ବ୍ୟର୍ଥ ଏବଂ ବିଜ୍ଞାନ ନୁହେଁ।

ତତ୍ତ୍ୱ କ୍ଷେତ୍ରରେ ଦେଖାଯାଏ ଯେ ନିରୀକ୍ଷଣ, ପରୀକ୍ଷଣ, ପରୀକ୍ଷଣରୁ ମିଳୁଥିବା ସାଧାରଣ ତଥ୍ୟ ଏବଂ ଏହି ସାଧାରଣ ତଥ୍ୟର ସାର୍ବଜନୀନ ପ୍ରୟୋଗ ସଫଳ ହେଲେ ମତଟି ତତ୍ତ୍ୱ ଭାବରେ ସ୍ୱୀକୃତି ଲାଭ କରେ। ବିଜ୍ଞାନର ବିଭିନ୍ନ ବିଭାଗ ପରିପୁଷ୍ଟ ହେବା କ୍ଷେତ୍ରରେ ଫିଲୋସୋଫିକାଲ୍ ଷ୍ଟୋରି – ଅବଧାରଣାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହାକୁ ନେଇ ରହିଥିବା ଦ୍ୱିତୀୟ ମତଟି ହେଲା– ଫିଲୋସୋଫିକାଲ୍ ଷ୍ଟୋନ୍‌କୁ ତିଆରି କରିବାକୁ ପଡ଼େ। ବିଭିନ୍ନ ରାସାୟନିକ ପଦାର୍ଥର ମିଶ୍ରଣରେ ଏହାକୁ ତିଆରି ଉଦ୍ୟମ କରୁଥିବା ଆଲକେମିଷ୍ଟ୍‌ମାନେ ବିଭିନ୍ନ ପ୍ରକାରର ବିଫଳତା ମଧ୍ୟରୁ କେବେ କେମିତି ଅନ୍ୟ କିଛି ଭିନ୍ନ ପ୍ରକାରର ସଫଳତା ପାଇଲେ। କ୍ରମଶଃ ଏହି ସଫଳତାଗୁଡ଼ିକୁ ତତ୍ତ୍ୱ ଦ୍ୱାରା ସମର୍ଥିତ ହୋଇ ବିଜ୍ଞାନର ଏକ ନୂଆ କ୍ଷେତ୍ରକୁ ସମୃଦ୍ଧ କଲା। ତାହା ହେଲା କେମିଷ୍ଟ୍ରି ବା ରସାୟନ ବିଜ୍ଞାନ। ଫିଲୋସୋଫିକାଲ୍ ଷ୍ଟୋନ୍ ସଂସ୍ପର୍ଶରେ ଆସିଲେ ନିର୍ଦ୍ଦିଷ୍ଟ ଧାତୁ ସୁନା, ରୁପା ଭଳି ଉତ୍କୃଷ୍ଟ ଧାତୁରେ ପରିଣତ ହୋଇପାରେ ବୋଲି ମଧ୍ୟ ଏକ ବିଶ୍ୱାସ ରହିଥିଲା। ଏହି ବିଶ୍ୱାସକୁ ଆଧାର କରି କିଛି ଆଲକେମିଷ୍ଟ୍ ବିଭିନ୍ନ ଧାତୁର ମିଶ୍ରଣ କରିବାରେ ଲାଗିଲେ। ଏମାନଙ୍କ ଉଦ୍ୟମରୁ ଫିଲୋସୋଫିକାଲ୍ ଷ୍ଟୋନ୍ ସୃଷ୍ଟି ହୋଇପାରିଲା ନାହିଁ, କିନ୍ତୁ ଧାତୁ ବିଜ୍ଞାନ (ମେଟାଲର୍ଜିକାଲ୍ ସାଇନ୍ସ) ମିଶ୍ରଧାତୁ (ଆଲୟ) ଭଳି କ୍ଷେତ୍ରକୁ ଅନେକ ତତ୍ତ୍ୱ ମିଳିଗଲା। କେବଳ ସେତିକି ନୁହେଁ, ସବୁ ଧାତୁର ଗୁଣ ସମାନ ନୁହେଁ, କିଛି ଧାତୁର ସଂସ୍ପର୍ଶରେ ଆସିଲେ ବ୍ୟକ୍ତି ରୁଗ୍ଣ କିମ୍ବା ମୃତ୍ୟୁଭଳି ସ୍ଥିତିର ସମ୍ମୁଖୀନ ହୋଇପାରେ ବୋଲି ଜଣାପଡ଼ିଲା। ଏହା ଉପରେ ବିଭିନ୍ନ ପରୀକ୍ଷାନିରୀକ୍ଷାରୁ ଆର୍ସେନିକ୍ ବା ଶଙ୍ଖୁଆ ବିଷ ବିଷୟରେ ଜଣାପଡ଼ିଲା। ଏଥିରୁ ବିଷଜନିତ ବା ଟକ୍ସିକୋଲୋଜି କ୍ଷେତ୍ର ସମୃଦ୍ଧ ହେଲା। ଏଥିରୁ ଔଷଧ ବା ସାଇନ୍ସ ଅଫ୍ ମେଡିସିନ୍ କ୍ଷେତ୍ର ସମୃଦ୍ଧ ହେଲା।

ଅଲୌକିକତା କ୍ଷେତ୍ରରେ ଅପବିଜ୍ଞାନ ମଧ୍ୟ ବିଭିନ୍ନ ଭାଗରେ ବିଭକ୍ତ ହୋଇ ସମୃଦ୍ଧ ହୋଇଛି। କିନ୍ତୁ ଏହି ଅବଧାରଣା ତତ୍ତ୍ୱ ସମର୍ଥିତ ହୋଇ ନଥିବାରୁ ଏସବୁକୁ ବିଜ୍ଞାନ ସମର୍ଥନ କରେ ନାହିଁ। ବିଜ୍ଞାନ ଖୋଲା ଆହ୍ୱାନ ଦିଏ, ଉନ୍ମୁକ୍ତ ପରିବେଶରେ ପରୀକ୍ଷା ନେବାକୁ ଚାହେଁ। ଅଲୌକିକତା ଏହାକୁ ଗ୍ରହଣ କରେନାହିଁ। ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ବିଶ୍ୱାସ କରାଯିବା ଉପରେ ଗୁରୁତ୍ୱ ଦିଏ। ସବୁ କିଛିକୁ ଗୋପନୀୟ, ଦୁର୍ବୋଧ, ରହସ୍ୟମୟ ଆଦି କରି ତିଷ୍ଠିବାକୁ ଚାହେଁ। ବିଜ୍ଞାନର ଆହ୍ୱାନକୁ ଅଲୌକିକତା ଗ୍ରହଣ କରେ ନାହିଁ। ଉଭୟ କ୍ଷେତ୍ର ନିଜ ନିଜ ରାସ୍ତାରେ ସମୃଦ୍ଧ ହୋଇ ଚାଲିଛି। ମୁହାମୁହିଁ ହୁଅନ୍ତି ନାହିଁ। ହେଲେ, ଅପବିଜ୍ଞାନର ପରାଜୟ ଘଟେ।

ବିଜ୍ଞାନ ଭୌତିକ ଭାବରେ ମନୁଷ୍ୟକୁ ସୁଖ ଦେଇଛି। ଅଲୌକିକତା ମାନସିକ ଭାବରେ ମନୁଷ୍ୟକୁ ସୁଖ ଦେଇଛି। ଏହି ସତ୍ୟ ମଧ୍ୟରେ ଆଉ ଏକ ସତ୍ୟ ହେଲା ଅଲୌକିକତା ବିଜ୍ଞାନର ଉପଯୋଗ ଏବଂ ପ୍ରୟୋଗ ମଧ୍ୟ କରେ। କିନ୍ତୁ ବିଜ୍ଞାନ ଅଲୌକିକତାକୁ ସ୍ୱୀକାର କରେ ନାହିଁ। ଏଇ ଦୁଇ କ୍ଷେତ୍ରର ସଂଘର୍ଷ ମାନବ ସଭ୍ୟତା ବିକାଶର ଅୟମାରମ୍ଭରୁ ଲାଗି ରହିଛି। କିନ୍ତୁ ମନୁଷ୍ୟ ସାମାଜିକ ପ୍ରାଣୀ ହୋଇଥିବାରୁ ଛଳନାରେ ବଞ୍ଚିବା ଶିଖିଯାଇଛି। ବ୍ୟକ୍ତିଗତ ଜୀବନରେ ବିଜ୍ଞାନକୁ ଗ୍ରହଣ କରି ମଧ୍ୟ କିଛି ବ୍ୟକ୍ତି ସାମାଜିକ ଭାବରେ ଅଲୌକିକତାର ପ୍ରଚାର କରନ୍ତି। ତେବେ ବ୍ୟକ୍ତିର ବିଚାର ଏ କ୍ଷେତ୍ରରେ ସର୍ବଶେଷ ନିଷ୍ପତ୍ତି ଭାବରେ ଗ୍ରହଣ କରାଯାଇ ଆସୁଛି। ଏସବୁ ସତ୍ୟ ଉପରେ ଆଉ ଏକ ସତ୍ୟ ହେଲା – ଭାରତ ସ୍ୱାଧୀନତା ପାଇବା ସମୟରେ ଦେଶର ଲୋକଙ୍କ ହାରାହାରି ପରମାୟୁ ୩୨ ବର୍ଷ ଥିଲା। ବର୍ତ୍ତମାନ ଏହା ଅନ୍ୟୂନ ୭୦ବର୍ଷ। ଏହା ବିଜ୍ଞାନର ବିଭିନ୍ନ ଶାଖା ପ୍ରଶାଖା ଦ୍ୱାରା ଉନ୍ନତ ଜୀବନମାନ (ଷ୍ଟାଣ୍ଡାର୍ଡ ଅଫ ଲିଭିଙ୍ଗ୍) ଏବଂ ଚିକିତ୍ସା ବିଜ୍ଞାନର ପ୍ରଗତିରେ ସମ୍ଭବ ହୋଇପାରିଛି। ଏ କ୍ଷେତ୍ରରେ ଅଲୌକିକତାର ଭୂମିକା ହେଲା – ଡାକ୍ତରଙ୍କ ଠାରୁ ବିଜ୍ଞାନ ସମ୍ମତ ଚିକିତ୍ସା ପାଇ ସୁସ୍ଥ ହୋଇଗଲେ "ଭଗବାନ ବଞ୍ଚେଇ ଦେଲେ" କହି ଈଶ୍ୱରଙ୍କୁ ଧନ୍ୟବାଦ ଦିଆଯାଇଥାଏ, ଡାକ୍ତରଙ୍କୁ ନୁହେଁ। ରୋଗୀର ଏ ପ୍ରକାରର ମନୋବୃତ୍ତିକୁ ବିଜ୍ଞାନ ବଦଳାଇବାରେ ବିଫଳ ହେଇଛି। ମାତ୍ର ଏଥିରେ ସନ୍ନିବେଶିତ ବିଜ୍ଞାନ ହେଲା ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଏମ୍.ଆର୍.ଆଇ. ଭଳି ଅତ୍ୟାଧୁନିକ ଯାନ୍ତ୍ରିକ ପ୍ରୟୋଗ। ଈଶ୍ୱର ବିଶ୍ୱାସୀ, ଅବିଶ୍ୱାସୀ ସମସ୍ତେ ଏସବୁ ମେସିନ୍‌ର ମତକୁ ଗ୍ରହଣ କରନ୍ତି। ପରିଶେଷରେ ଏତିକି କୁହାଯାଇ ପାରିବ ଯେ, ଧର୍ମକ୍ଷେତ୍ର ପରିବର୍ତ୍ତନକୁ ଗ୍ରହଣ କରୁ ନଥିବା ସ୍ଥଳେ ବିଜ୍ଞାନ ନିରନ୍ତର ପରିବର୍ତ୍ତନଶୀଳ।

ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ – ୯୩୩୭୦୧୫୮୮୨

# ବୁଝି ପାରିଲେ ଜୀବନ ଅମର

*ଡା ପ୍ରେରଣା ବିଶ୍ୱାଳ*

**ଦୁ**ନିଆ ବହୁକାଳରୁ ସୃଷ୍ଟି ହୋଇଛି ଏବଂ ଜୀବନ କ୍ଷୁଦ୍ରରୁ ଆରମ୍ଭ ହୋଇ ଭୂପୃଷ୍ଠର ପରିବେଶକୁ ଖାପ ଖୁଆଇ ଆଜିର ମଣିଷ ଭାବରେ ଅବତୀର୍ଣ୍ଣ ହୋଇ ପାରିଛି । ସେଇ ମୂଳ ଜୀବଟି ଅବଶ୍ୟ ସାମୁଦ୍ରିକ ପ୍ରାଣୀ ଭାବରେ ଜୀବନର ପ୍ରଥମ ସୂର୍ଯ୍ୟାଲୋକ ଦେଖିଥିଲା । ସେଇ ଜୀବକୋଷ ଆଜି ପ୍ରକୃତିର କୌଶଳରେ ମଣିଷ ହୋଇଛି । ଧରାପୃଷ୍ଠର ସମସ୍ତ ନିର୍ଜୀବ ପଦାର୍ଥଗୁଡ଼ିକ ମଧ୍ୟରୁ ନିଜ ଶରୀର ଉପଯୋଗୀ କ୍ଷିତି-ଅପ୍‌-ତେଜଃ-ମରୁତ୍‌-ବ୍ୟୋମ ପଞ୍ଚଭୂତ ମଧ୍ୟରୁ ଯେତେ ବହୁଳ ମାତ୍ରାରେ ଜୀବନ ସୃଷ୍ଟି କରାଯାଇପାରେ, ତାହା ହିଁ ବିଗତ ସହସ୍ରାବ୍ଦ ଗୁଡ଼ିକରେ ଜୀବନ ପରିବ୍ୟାପ୍ତ ହୋଇଛି । ଦିନ ଥିଲା ପ୍ରଥମ ଜୀବନ ପାଖରେ କେତେ ଜୀବନ ଗଠନ ଉପାଦାନ ଉପସ୍ଥିତ ହୋଇ ରହିଥିଲା । ଆଉ ଆଜି ବହୁ ସହସ୍ରାବ୍ଦ ମଧ୍ୟରେ ବିଶ୍ୱର ସମସ୍ତ ପଞ୍ଚଭୂତ ଉପାଦାନ ସମଷ୍ଟି ଆପାତତଃ ଜୀବନରେ ପରିବର୍ତ୍ତିତ ହେବା ସହିତ ପୁରାତନ ଶରୀରର ଅବଶେଷ ବି ଏହି ଜୀବନ-ଚକ୍ରରେ ଘୂରି ଘୂରି ବିଶାଳ ଧରିତ୍ରୀ ଜୀବନମୟ ପ୍ରକାଣ୍ଡ ଜୀବରାଶିରେ ପରିଣତ ହୋଇଛି । ବୋଧହୁଏ ଆଜିର ଜୀବନଧାରୀ ଯେତିକି ପଞ୍ଚଭୂତ ଉପାଦାନ ଶରୀରରେ ଆଚ୍ଛାଦନ କରିଛନ୍ତି, ତାହା ଅତୀତ ଠାରୁ କେତେ ଗୁଣ ହୋଇଥିବ । ଏମିତିକି ଆଜିର ଜୀବନ-ଚକ୍ରରେ ସଂଚରିତ ହେଉଥିବା ଉପାଦାନ ସବୁଠାରୁ ଅଧିକ ନିଶ୍ଚୟ । ତାହା ବି ଅତୀତରେ ଅନେକ ଜୀବନଧାରୀ ମାନଙ୍କର ଶରୀରର ଅଂଶ ହୋଇଥିବା ସମ୍ଭବ ।

ସେଇ ପ୍ରଥମ ଜୀବନଟି ଯେଉଁ ଜୀବକୋଷ ଓ ଜୀବନଧାରା ନେଇ ଗଠିତ ହୋଇଥିଲା, ଆଜି ବି ପ୍ରତିଟି ଉଦ୍ଭିଦ ଏବଂ ପ୍ରାଣୀମାନେ ସେଇ ଜୀବକୋଷ ଓ ଜୀବନଧାରାରେ ବଞ୍ଚନ୍ତି । ସେମିତି ଖାଦ୍ୟ ପାଚନ କରନ୍ତି, ସେମିତି ନିଶ୍ୱାସ ନିଅନ୍ତି । ତେବେ ଜୀବନ ସରିଲା କେଉଁଠି, ମୃତ୍ୟୁ ଜୀବନକୁ ନିଃଶେଷ କରିଦେଲା କିପରି ? ଏଇଟା ବୁଝିବା ଭ୍ରମ ମୃତ୍ୟୁରେ ଜୀବନର ସତ୍ତା ହଜିଯାଏ । ବରଂ କୁହାଯାଇ ପାରେ ମୃତ୍ୟୁଟା ଜୀବନକୁ ଅକ୍ଷୟ ଭାବରେ ରଖିବାର ଗୋଟିଏ ଚିରନ୍ତନ ପଦ୍ଧତି । ଜୀବନ ଭୂପୃଷ୍ଠରେ ଅନେକ ଝଡ଼ଝଞ୍ଜା ଦେଇ ଗତି କରିଛି । କେତେବେଳେ କେଉଁ ଜୀବ ସଂଖ୍ୟାନ୍ୟୂନ ହୋଇଛି କି ବିରଳ ହୋଇ ଲୋପ ପାଇ ଯାଇଛି, କିନ୍ତୁ ତାହାର ଦେହାବଶେଷ ପୁନରାୟ ଜୀବନ-ଚକ୍ରରେ ବୁଲୁଛି । ଯେଉଁ ଜୀବ ଜୀବନ-ସଂଗ୍ରାମରେ କୃତକାର୍ଯ୍ୟ ନହେଲା, ସେ ଏ ଧରାପୃଷ୍ଠରେ ତିଷ୍ଠି ରହିବା କାଠିକର ପାଠ । ସେହି ସୂତ୍ରରେ ଆଜିର ମଣିଷ 'ବଳ ଯାହାର ଦୁନିଆ ତାହାର' ନୀତିକୁ ବଦଳାଇ 'ବୁଦ୍ଧି ଯାହାର ଦୁନିଆ ତାହାର' ବୋଲି ପ୍ରମାଣ କରି ନିଜକୁ ଶ୍ରେଷ୍ଠ ଜୀବ ଭାବରେ ନିଜକୁ ଆଖ୍ୟାୟିତ କରୁଛି ।

ଏମିତି ଦୁନିଆରେ ନିୟମ ହୋଇଛି, ଯିଏ ସବୁଠାରୁ ସକ୍ଷମ ଭୂପୃଷ୍ଠଟା ତାହାର । କେବେ ଡାଇନୋସେରସ୍‌ ଶକ୍ତିଶାଳୀ ଥିଲେ, ତାଙ୍କ ସାମନାକୁ ଆସିବା ଅସମ୍ଭବ । ମାତ୍ର ଶହେ ବର୍ଷ ତଳେ ବାଘଭାଲୁ କେତେ ହିଂସ୍ର ହୋଇ ନରସଂହାର କରିବାରେ ଭୟଙ୍କର ପରିସଂଖ୍ୟାନ ସୃଷ୍ଟି କରିଥିଲେ । ଆଜି ମଣିଷ ଆତ୍ମ-ସୁରକ୍ଷାରେ ନିଜର ବୁଦ୍ଧି ବିନିଯୋଗ କରି ଭୂପୃଷ୍ଠରେ ଜୀବସମୂହ ମଧ୍ୟରେ ନୂତନ ପରିଚୟ ସୃଷ୍ଟି କରିବା ସହିତ ନିଜକୁ ଜୀବରୁ ଦେବତା ହେବାର ଦୁଃସ୍ୱପ୍ନ ଦେଖୁଛି । କହିବା ବାହୁଲ୍ୟ, ଆମର ଶାସ୍ତ୍ର ପୁରାଣରେ ଦେବତାମାନଙ୍କୁ ଅମର କରି ବର୍ଣ୍ଣନା କରାଯାଇଛି । ମଣିଷ ଉତ୍ତମ ଆଦର୍ଶ ସୃଷ୍ଟି କଲେ, ଇନ୍ଦ୍ରପଦ ପାଇ ସ୍ୱର୍ଗଲାଭ ଏବଂ ଅମରତ୍ୱ ପ୍ରାପ୍ତ କରେ । ଏହା ସବୁ ପୌରାଣିକ ବର୍ଣ୍ଣନା ହେଲେ ହେଁ ମଣିଷ ତାହାର ବୁଦ୍ଧିର ଅପବ୍ୟବହାର କରି ଅମରତ୍ୱ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛି । ଏମିତି ଘଟିଲାଣି କି ମଣିଷ ନିଜର ଅନେକ ଗୁଡ଼ିଏ କାର୍ଯ୍ୟ ଅଣମଣିଷ ବା କୃତ୍ରିମ ମଣିଷ ଦ୍ୱାରା କରିବାର ଦେଖାଯାଉଛି । ଏହା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କର ସୁବିଧା ପାଇଁ ହୋଇପାରେ, କିନ୍ତୁ ସାମଗ୍ରିକ ଭାବରେ ମଣିଷ ସମାଜ ପାଇଁ କ୍ଷତିକାରକ । କେଉଁଠି ଜୀବନର ପାଥେୟ ଗଲାଣି ତ କେଉଁଠି ମଣିଷ ସିଧା ସଳଖ ଅଣମଣିଷର ଶରବ୍ୟ ହେଲାଣି । ଆଜି ସେଇ ଅଣମଣିଷକୁ ସବୁ ମଣିଷ ଗୁଣ ଶିଖାଇଦେଇ ମଣିଷ ବିଚରା ତାହାରି ଆଶ୍ରାରେ ଜୀବକୋଷଧାରୀ ଜୀବନରୁ ଓହରି ଯାଇ ଅମର ହେବାର ପରିକଳ୍ପନା କରିଛି ।

ବୁଝିବାରେ ଭ୍ରମ ହେଉଛି, ଆମର ଜୀବକୋଷ-ଆଧାରର ଜୀବନ ଆମେ ଆମର ପ୍ରଥମ ଜୀବକୋଷରୁ ହିଁ ବିବର୍ତ୍ତିତ ହୋଇ ଲାଭ କରିଛୁ । ସେଇ ଜୀବନ ଅମର ବୋଲି ଆମେ ତାହାର ପ୍ରମାଣ ଆଉ ବ୍ୟକ୍ତିଗତ ଭାବରେ କେହି ତିଷ୍ଠି ନରହିଲେ ବି ତାହାର ପରମ୍ପୁରୁଷ ହିଁ ଅମରତ୍ୱର ପ୍ରମାଣ । ତେଣୁ ଆମେ ଯେଉଁ କଳେବର ଧାରଣ କରିଛୁ, ତାହା ପ୍ରଥମ ଜୀବଠାରୁ ଆରମ୍ଭ କରି ଅଦ୍ୟାବଧି ଜୀବନ ପ୍ରକ୍ରିୟାରୁ ଦୂରେଇ ଯାଇନୁ । ସେ ଦୃଷ୍ଟିରୁ ଆମକୁ ଅମର ବୋଲି କହିବା ସମୀଚୀନ । ଜୀବନ-ପ୍ରକ୍ରିୟାରେ କେବଳ ମଣିଷ କାହିଁକି ସମଗ୍ର ଜୀବ ଜଗତ ଅମର ।

ଗୋଟିଏ ଜୀବର ମୃତ୍ୟୁ ଘଟେ ଏବଂ ତାହା ଜୀବନ-ପ୍ରକ୍ରିୟା ସମ୍ମତ। କାରଣ ଗୋଟିଏ ଜୀବକୋଷ ବହୁଦିନ ଶରୀର ଗଠନ କଲେ ବାର୍ଦ୍ଧକ୍ୟ-ପ୍ରପିଡ଼ିତ ହୋଇ କ୍ଷୟ ଯାଏ। ବିଭିନ୍ନ ଅଙ୍ଗ କାର୍ଯ୍ୟକ୍ଷମ ନହୋଇ ଜୀବଟି ଜୀବନ୍ତ ପଦବାଚ୍ୟ ହୁଏ ନାହିଁ। ଏଥିପାଇଁ ସୃଷ୍ଟିରେ ଜୀବକୁ ପ୍ରଜନନ କ୍ଷମ କରି ନିଜ ପରିପିଢ଼ିକୁ ନିଜ ସ୍ଥାନରେ ସଂସ୍ଥାପନ କରିପାରିବାର କ୍ଷମତା ପାଇଛି ଜୀବ। ଏହି କାରଣରୁ ବି ପାର୍ଥିବ ଜଗତରେ ସନ୍ତାନ ଜନ୍ମ ଦେବା ପରେ ପିତାମାତାଙ୍କର ଆବଶ୍ୟକତା ଉପରେ ବହୁ ମତାମତ ରହିଛି।ଜୀବ ବିଜ୍ଞାନୀଙ୍କ ମତରେ ସେମାନେ ନିଜର ପରପଢ଼ିକୁ ଜନ୍ମ ଦେବା ପରେ ସେମାନଙ୍କର ଜୀବନ-ଧାରଣ ମୂଲ୍ୟ ହ୍ରାସ ହୋଇଯାଏ, ସେମାନଙ୍କର ସଂସାରରେ ରହିବା ଗୌଣ ହୋଇଯାଏ। ଏହିପରି ସୃଷ୍ଟିରେ ଗୋଟିଏ ବଂଶାନୁକ୍ରମିକ ଗତି ଦେଖିବାକୁ ମିଳେ। ଯୁଗଯୁଗାନ୍ତରରୁ ଏହା ଦେଖିବାକୁ ମିଳୁଛି। ତେଣୁ ଜୀବର ଜୀବନ ଏମିତି ପ୍ରଜନନ ଶକ୍ତି ଦ୍ୱାରା ସମ୍ଭବ ହୋଇ ଲାଗି ରହୁଛି। ସେ ଦୃଷ୍ଟିରୁ ଦେଖିବାକୁ ଗଲେ, ନିଜ ଗାଆଁରେ ପଚାଶ କି ଷାଠିଏ ବର୍ଷ ପରେ ପଶିଲେ, ଆପଣ ଯେତେ ନୂଆ ମୁହଁ ଦେଖିବେ, ଆପଣ ବ୍ୟକ୍ତିଗତ ଭାବରେ ବହୁତ ମୁହଁ କେଉଁ ଘରର ତାହା ଅକ୍ଲେଶରେ ଜାଣିପାରିବେ। କାରଣ ପ୍ରତିଟି ଲୋକର ତାର ବାପାଜେଜ କି ବଡବାପା ସହିତ ବହୁ ସାମଞ୍ଜସ୍ୟ ରହିବ। ଏହି ଦୃଷ୍ଟିରୁ ଦେଖିଲେ ମଣିଷ ଜୀବନ ନିଶ୍ଚୟ  ପାର୍ଥିବ ଜଗତରୁ ବିଦାୟ ନେଲେ ବି ତାହାର ବଂଶକଣିକା ମୃତ୍ୟୁପରେ ନିଜ ସନ୍ତାନମାନଙ୍କ ଶରୀରରେ ବି ଜିଇ ରହୁଛି। ଏହା ହିଁ ମଣିଷଜୀବନର ଅମରତ୍ୱ।

ଏହି ଶାରୀରିକ ଓ ପାର୍ଥିବ ଅମରତ୍ୱ ଆମେ ଆଜିର ବିଜ୍ଞାନ ବଳରେ ଜାଣି ପାରୁଥିଲେ ବି ଏ ବିଷୟରେ ସ୍ୱଷ୍ଟ ଭାବରେ କେହି ଜୀବନ ଅମର ବୋଲି କହନ୍ତି ନାହିଁ। ମଣିଷର ମନ କେତେ ସହସ୍ରାବ୍ଦ ପୂର୍ବରୁ କାର୍ଯ୍ୟକରୁଛି, କହିବା କଷ୍ଟକର। କିନ୍ତୁ ମୃତ୍ୟୁର ଦୃଶ୍ୟ ତା ମନରେ କରୁଣ ଆଘାତ ସୃଷ୍ଟି କରୁଛି। ଜଣେ ମଣିଷର ମନ ବିବେଚନା କରେ ଯେ, ସେ ଏକମାତ୍ର ଜୀବ ବଞ୍ଚିବାକୁ ଜଗତରେ ଜନ୍ମ ନେଇଛି। ମରିଗଲେ, ସରିଗଲା। ଆଉ ତାହାର କୌଣସି ସତ୍ତା ରହିବନି। କିନ୍ତୁ ସତରେ ମଣିଷ ଏକା ହୋଇ ଜନ୍ମ ନେଇନି। ସେ ମଣିଷ ସମାଜର ଜଣେ ବ୍ୟକ୍ତି ଭାବରେ ଜନ୍ମ ନେଇଛି। ପୃଥିବୀ ଉପରୁ କୌଣସି ଚକ୍ଷୁ ଦେଖିପାରିବ ମଣିଷ ସମାଜ ତିଷ୍ଟି ରହିଛି ଏବଂ ଏହାର କୌଣସି ବିଲୟ ନାହିଁ। ସେହି ଦୃଷ୍ଟିରୁ କୁହାଯାଇଛି 'ଅମୃତସ୍ୟ ପୁତ୍ରାଃ'। ବେଦର ରଚୟିତାମାନେ ଏହି ମଣିଷ ଜାତିର ଅମରତ୍ୱକୁ ଘୋଷଣା କରି ପ୍ରତି ପାଠକର ମନକୁ ଆଶ୍ୱାସନ ଦିଅନ୍ତି। ଏହା ବେଦର ଭାଷ୍ୟ, ଶ୍ୱେତଶ୍ୱେତାର ଉପନିଷଦରେ ପ୍ରଣିତ।

ସତରେ ଜଣେ ମଣିଷ ତା ଜୀବନରେ ଯେଉଁ ଅନୁଭବ ପାଏ, ସେ ଜୀବନ ତ୍ୟାଗ କରି ମୃତ୍ୟୁବରଣ କରିବ, ଏହା ମାନସିକ ଭାବରେ ଗ୍ରହଣ କରିପାରେ ନାହିଁ। ଆମର ଗାଆଁଗଣ୍ଡାରେ ଅନେକ ବୟସ୍କ ମହିଳାମାନଙ୍କର ସାଧାରଣ ପାଟିର କଥା ହେଲା, "ମରଣ ହେଉନି, ରାଣ୍ଡର ଯମ କାହିଁକି ନେଉନି ?" କିନ୍ତୁ ସେହିମାନେ ବହୁଦିନ ବଞ୍ଚିବାକୁ ଦିନକୁ ଶଗଡ଼େ ଔଷଧ ଖାଇବାକୁ ବି ପଛେଇବେନି। ଜୀବନଟା ଏତିକି ସୁଆଦିଆ।  ଏଇଟା କେବଳ ଗାଆଁ ମାଇପଙ୍କ ମନର କଥା ତ ନୁହେଁ, ପାଟିର କଥା। କିନ୍ତୁ ପ୍ରତ୍ୟେକ ମଣିଷ ମନ ଭିତରେ ମୃତ୍ୟୁ ବିଷୟକୁ ଦୂରେଇ ରଖିଥାଆନ୍ତି। ଏଇଟା କାହାର ଦୋଷ ନୁହେଁ, ମଣିଷ ମନର ବିକାର। ସେହି କାରଣରୁ ଆମ ସମାଜରେ ଅନେକ କଥା ଶୁଣିଲେ, ମନ ପୂରିଉଠେ। ମନଟା ମୃତ୍ୟୁଞ୍ଜୟୀ ହୋଇ ଉଠେ।

କେଉଁଠି ଗୋଟିଏ ପିଲା ପୁନର୍ଜନ୍ମ ଘଟଣା ବ୍ୟକ୍ତ କଲେ, ପ୍ରତି ମନକୁ ଆସିବ ସତରେ ମନଟା କେବେ ଦୁନିଆ ଛାଡି ଚାଲିଯାଏନି। କେଉଁ ନା କେଉଁ ରୂପରେ ବଞ୍ଚି ରହିଥାଏ। ଶରୀର ସମୟଚକ୍ରରେ ଲୀନ ହୋଇଗଲେ ବି ମନଟାକୁ ଛାଡ଼ିଯାଏ ଏବଂ ତାହା ଅମର। ସେହି ପରି ଆମ ଆଧ୍ୟାତ୍ମିକ ଦୃଷ୍ଟିରେ ଆତ୍ମା ଅମର ବୋଲି ଶୁଣିଲେ, ଆମକୁ ଶକ୍ତ ଲାଗେ। ଆମ ଆତ୍ମା ଅମର ଏବଂ ଯୁଗ ଯୁଗକୁ ତିଷ୍ଟି ରହିବ। ସେହିପରି ମଣିଷ ସ୍ୱପ୍ନ ଦେଖିଲେ, ଏହାକୁ ମଣିଷ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ବୋଲି ମନେକରେ। ମଣିଷର ମନ ଆଉ ଗୋଟିଏ ଜଗତରେ ଘୂରିବୁଲୁଥାଏ। ଶରୀର ଛାଡ଼ି ମନ ଯଦି ଏତେ ଦୂରକୁ ଯାଇପାରୁଛି, ମୃତ୍ୟୁସମୟରେ କାହିଁକି ଶ୍ମଶାନରେ ଧ୍ୱଂସ ହେବ ?

ଏତେ ଜଟିଳ ଭାବରେ ବ୍ୟାଖ୍ୟା କରିବାର କଅଣ ଅଛି ? ସୃଷ୍ଟି ତ ଗଢ଼ିଛି ଜୀବନ ଏବଂ ଏହି ଜୀବନକୁ ଅମର କରି ରଖିଛି। ବ୍ୟକ୍ତିଗତ ଭାବରେ ଆମର ନିଜ ଶରୀରକୁ ଅମର କରିବାର ଯେଉଁ ଦୁର୍ବାର ଆକାଂକ୍ଷା ରହିଛି, ତାହା କଦାପି ସମ୍ଭବ ନୁହେ। ଆମ ଶରୀର ତ ମାଟି-ଜଳ-ବାୟୁ ପରି ଉପାଦାନରେ ତିଆରି ହୋଇଛି। ଏହା ଆଜିର ଶକ୍ତ ଇସ୍ପାତରେ ତିଆରି ହେଲେ ବି ତାର କ୍ଷମତା ନାହିଁ ଅମର ହେବାକୁ। ତେଣୁ ଯେଉଁ ଉପାଦାନରେ ମଣିଷ ଗଢ଼ା ଆଉ ଯେଉଁ ପଦ୍ଧତିରେ ବଂଶକଣିକା ମଣିଷକୁ ଅମର ରଖେ, ତାହା ସୃଷ୍ଟିର ବିଧାନ। ଏହା ବ୍ୟତୀରେକ ଅନ୍ୟ ଉପାୟ ଚିରସ୍ଥାୟୀ ହୋଇ ମଣିଷକୁ କୋଟି କୋଟି ବର୍ଷ ଅମର ରଖିବା ସମ୍ଭବ ନୁହେଁ।

ବାସ୍ତବିକ ମଣିଷ ଜୀବନ ସୃଷ୍ଟିର ସମସ୍ତ ଆନନ୍ଦ ନେଇ ଆସିଛି ଏବଂ ଜଳ ସ୍ଥଳ ବନଗିରି ଆକାଶ ବହୁ ରମଣୀୟ ଏବଂ ତାଙ୍କର ସୃଷ୍ଟି ସମ୍ପୂର୍ଣ୍ଣ ଉପଭୋଗ୍ୟ।

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର - ୩୦
ମୋବାଇଲ୍ - ୯୪୩୮୦୦୭୫୦୯

# ମାନବ ଜୀବନର ପରାକାଷ୍ଠା

***ଡ. ସୁଶାନ୍ତ କୁମାର ପଣ୍ଡା***

**ଆ**ଦି ମନୁଙ୍କ ସନ୍ତାନ ସଂସାରରେ ମାନବ ଭାବେ ବିଖ୍ୟାତ ହେଲେ । ଜଗତସ୍ରଷ୍ଟାଙ୍କ ସଂରଚନାରେ ମାନବ ସୃଷ୍ଟି ସର୍ବୋତ୍କୃଷ୍ଟ ସ୍ୱୀକୃତ (ଏଣୁ ମାନବ ଜନ୍ମ କଲା । ଯହିଁ ବିଶ୍ରାମ ସର୍ବ ଲୀଳା ।) । ଏହି ମାନବକୁ ବିଶ୍ୱପିତା ଜଗଦୀଶ ବୌଦ୍ଧିକ ଶକ୍ତି ପ୍ରଦାନ କରିଅଛନ୍ତି । ଯଦ୍ୱାରା ମାନବ ଦୃଶ୍ୟମାନ ଜଗତ ପ୍ରପଞ୍ଚରୁ ଊର୍ଦ୍ଧ୍ୱକୁ ଉଠି ଆତ୍ମ ସାମ୍ରାଜ୍ୟ ସ୍ଥିତି ବିରାଜମାନ ହୋଇ ଅନନ୍ୟାଧିପତି ହୋଇଯାଏ । ଏହି ଅନନ୍ୟାଧିପତି (ଆତ୍ମସାକ୍ଷାତ୍କାର)ର ଭାବନା ଯେଉଁ ମାନବର ମନୀଷା (ବୁଦ୍ଧି)ରେ ସମାହିତ ହୋଇଅଛି, ଜାଣିବାକୁ ହେବ, ତା'ପରେ ମାନବତା ଆସିଅଛି, ଅନ୍ୟଥା ନୁହେଁ ।

ମନୁଷ୍ୟ ଜନ୍ମ ପ୍ରାପ୍ତି ପୂର୍ବରୁ ଚଉରାଶୀ ଲକ୍ଷ ଯୋନି ଭ୍ରମଣ କରି ଜୀବ ଶୀର୍ଷସ୍ଥ ମାନବ ତୁଙ୍ଗ ସୋପାନରେ ଉପଗତ ହୋଇଛି । ସୁତରାଂ ବହୁ ପୂର୍ବଜନ୍ମର ସଂସ୍କାର ତା ସହିତ ଘେନି ଆସିଛି, ଫଳତଃ କାମ, କ୍ରୋଧାଦି ଇତର ପ୍ରାଣୀର ସ୍ୱଭାବ ଏବଂ ତ୍ରିଗୁଣ ଅନୁବନ୍ଧିତ ହୋଇଥିବାରୁ ସାଧାରଣତଃ ସଂକୀର୍ଣ୍ଣ, ଅହଂତ୍ୱ, ମମତ୍ୱ ହୋଇଥିବାର ଦେଖାଯାଏ ।

ସମଗ୍ର ବିଶ୍ୱରେ ସର୍ବ ପୁରାତନ ବୈଦିକ ସଂହିତା ତ୍ରୟୀ ଜ୍ଞାନ, କର୍ମ ଏବଂ ଉପାସନା ତିନି କାଣ୍ଡରେ ମାନବ ଜୀବନର ବିକାଶ ନିମନ୍ତେ ନିର୍ଦ୍ଦେଶ ରହିଛି । ନିରୁକ୍ତକାର ଯାସ୍କାଚାର୍ଯ୍ୟ ମନୁଷ୍ୟର ଲକ୍ଷଣ ସୂଚାଇଛନ୍ତି- 'ମତ୍ୱା କର୍ମାଣି ସିବ୍ୟନ୍ତି ଇତି ମନୁଷ୍ୟାଃ' । ଯେ ଜ୍ଞାନ ଏବଂ ବୁଦ୍ଧି ଦ୍ୱାରା ଆପଣା କର୍ମର ଓତପ୍ରୋତ ବୁଣିଥାଏ ସେ ହେଉଛି ମନୁଷ୍ୟ । ବେଦର ଅଧୋଲିଖିତ ମନ୍ତ୍ରରେ ମାନବ କର୍ମର ଏହି ତ୍ରିବିଧ ବ୍ୟବସ୍ଥା ଏବଂ ପଦ୍ଧତି ଅନୁସାରେ ବୁଣିବାର ଉପଦେଶ ପ୍ରଦତ୍ତ ।

ତନ୍ତୁଂ ତନ୍ୱନ୍ ରଜସୋ ଭାନୁମନ୍ୱିହି,
ଜ୍ୟୋତିଷ୍ମତଃ ପଥୋ ରକ୍ଷ ଧିୟା କୃତାନ୍ ।
ଅନୁଲ୍ବଣଂ ବୟତ ଜୋ ଗୁବାମପୋ
ମନୁର୍ଭବ ଜନୟ ଦୈବ୍ୟଂ ଜନମ୍ ।। ଋକ୍-୧୦।୫୩।୬ ।।

ହେ ମନୁଷ୍ୟ ! (ତନ୍ତୁଂ ତନ୍ୱନ୍ ରଜସଃ) ସଂସାରର କ୍ଷୁଦ୍ର-ବୃହତ୍‌କୁ ନିର୍ମାଣ କରି ମଧ୍ୟ ତୁ (ଭାନୁ ମନ୍ୱିହି) ଆଲୋକ ପଛରେ ଚାଲ । (ଧିୟା କୃତାନ୍ ଜ୍ୟୋତିଷ୍ମତଃ ପଥଃ ରକ୍ଷ) ବୁଦ୍ଧିରେ ପରିଷ୍କୃତ ଆଲୋକିତ ମାର୍ଗକୁ ତୁ ରକ୍ଷାକର । (ଅନୁଲ୍ବଣଂ ଯୋଗୁବାଂ ଅପଃ ବୟତ) ନିରଂତର ଜ୍ଞାନ ଏବଂ କର୍ମର ମାର୍ଗରେ ଚାଳିତ ହୋଇ ଦ୍ୱୈତ ରହିତ ଧର୍ମର ବିସ୍ତାର କର ଏବଂ (ଦୈବ୍ୟଂ ଜନଂ ଜନୟ) ଆପଣା ପଛରେ ଦିବ୍ୟ ଗୁଣଯୁକ୍ତ ଉତ୍ତାଧିକାରୀକୁ ଜନ୍ମଦିଅ । ଏହି ପ୍ରକାର ତୁ (ମନୁର୍ଭବ) ମନୁଷ୍ୟ ହୁଅ ।

ଏହି ଶ୍ରୁତି ଦ୍ୱାରା ଉତ୍ତମ ମାନବ ସୃଷ୍ଟିର ପାଞ୍ଚ ସାଧନ ନିର୍ଦ୍ଦେଶିତ ହୋଇଅଛି । (୧) ପ୍ରଥମ ହେଉଛି ସଂସାରର ଓତପ୍ରୋତ ବୁଣିବା, ଅର୍ଥାତ୍ ସଂସାରରେ କର୍ମଯୋଗୀ ହୋଇ ରହିବା । ମନୁଷ୍ୟର ବହୁବିଧ ବହୁମୁଖୀ ଏବଂ ବହୁତ ଉଦ୍ଦେଶ୍ୟ ଯୁକ୍ତ କର୍ମ ହୋଇଥାଏ । କିନ୍ତୁ ଏ ସକଳ ମଧ୍ୟରେ ସମନ୍ୱୟ ଏବଂ ସଂତୁଳନ ରଖା କରିବା, ଆପଣା ବ୍ୟକ୍ତିତ୍ୱକୁ ବହୁଧା ବିଭାଜିତ କରି ନଦେବା । ଆଜିର ଯୁଗରେ ମନୁଷ୍ୟ ନିଜକୁ କେତେ ପ୍ରକାର ବିଭାଜିତ କରି ପକାଉଛି । ବ୍ୟବହାରରେ ତାହାର ଯେଉଁ ରୂପ ରହିଛି, ତାହା ସମାଜରେ ନାହିଁ, (କେଉଁଠି ସଂପୂର୍ଣ୍ଣ ବିପରୀତ ମଧ୍ୟ ଦୃଶ୍ୟମାନ), ଯାହା ସମାଜରେ ପ୍ରତିପାଦିତ କରୁଛି, ତାହା ଘରେ, ବ୍ୟକ୍ତିଗତ ଜୀବନରେ ମଧ୍ୟ ନାହିଁ । ପ୍ରସିଦ୍ଧ ଆଧୁନିକ ବିଚାରକ ଶ୍ରୀବର୍ଟ୍ରାଣ୍ଡ ରସେଲଙ୍କ ଶବ୍ଦରେ ଆଜିର ମାନବ ବ୍ୟକ୍ତିତ୍ୱ ବିଭାଜିତ (Split Personality) ହୋଇଅଛି । ଶ୍ରୁତିର ପ୍ରଥମ ମାର୍ଗରେ ଏହାର ନିରାକରଣ କରାଯାଇଛି । (୨) ଦ୍ୱିତୀୟ ଉପାୟ ହେଉଛି ଆଲୋକର ମାର୍ଗ ଅନୁସରଣ କରିବା । ମନୁଷ୍ୟ ସ୍ୱଭାବତଃ ଆଲୋକ ପ୍ରିୟ । ଅବିଦ୍ୟା ଏବଂ ଅଜ୍ଞାନ କାରଣରୁ ତାହାର ଏହି ଭାବନା ଉପରେ ଆବରଣ ପଡ଼ିଯାଇଛି । ଋଷି ମୁନି ଏହି ପ୍ରାର୍ଥନା କରିଥାନ୍ତି କି-

"ତମସୋ ମା ଜ୍ୟୋତିର୍ଗମୟ ।"

ହେ ପ୍ରଭୋ ! ମୋତେ ଅନ୍ଧକାରରୁ ଆଲୋକ ଦିଗକୁ ଘେନିଯାଅ । ଅଥର୍ବ ବେଦରେ ଭଗବାନ୍ ଅଂଧକାରଗ୍ରସ୍ତ ମାନବକୁ ପ୍ରେରଣା ଦେଇଛନ୍ତି-

ଶୁକ୍ରୋଽସି ଭ୍ରାଜୋଽସି ସ୍ୱରସି ଜ୍ୟୋତିରସି ।
ଆୟୁଭି ଶ୍ରେୟାଂସମତି ସମଂ କାମ ।। (୨।୧୧।୫)

ହେ ମନୁଷ୍ୟ ! ତୁ ବୀର୍ଯ୍ୟବାନ୍, ତେଜସ୍ୱୀ, ନିଜ ମଧ୍ୟରେ ଆନନ୍ଦମୟ ଓ ଜ୍ୟୋତିର୍ମୟ ହୋଇଥାଅ ତୁ ଶ୍ରେଷ୍ଠତାକୁ ପ୍ରାପ୍ତ କର ଏବଂ ଆପଣା (କ୍ଷୁଦ୍ରତା)କୁ ଲଂଘିଯାଅ ।

(୩) ମାନବତାର ଉତ୍କୃଷ୍ଟତାକୁ ଲାଭ କରିବାର ତୃତୀୟ ବିଧାନ ହେଉଛି ବୁଦ୍ଧିରେ ପରିଣତ ପ୍ରକାଶଯୁକ୍ତ ମାର୍ଗକୁ ରକ୍ଷା କରିବା, ଯେଉଁ ମୁନିଋଷିମାନେ ତଥା ମହାପୁରୁଷଗଣ ଜଂଗଲରେ କଠୋର ତପସ୍ୟା, ସାଧନା ନିଷ୍ଠା ଦ୍ୱାରା ଆମକୁ ଜ୍ଞାନର ଭଣ୍ଡାର ଉପଲବ୍ଧ କରାଇ ଅଛନ୍ତି, ଆମର କ'ଣ କର୍ତ୍ତବ୍ୟ ନୁହେଁ କି ଆମେ ତାହାକୁ ରକ୍ଷା କରିବା ? କୌଣସି ବିଦ୍ୱାନଙ୍କର ଜ୍ଞାନ ଉତ୍ତରାଧିକାରୀମାନଙ୍କ ପାଇଁ ତେବେ ହୋଇଥାଏ, ଯେବେ ତାହାର ବିକାଶ ଉତ୍ତରୋତ୍ତର ହୋଇ ରହେ । ଏହାର ନାମ ଋଷିଋଣ ।

(୪) ଶ୍ରୁତି ଦ୍ୱାରା ଚତୁର୍ଥ ଆଦର୍ଶ ଆଦେଶ ହେଉଛି ଜ୍ଞାନ ଏବଂ କର୍ମ ମାର୍ଗରେ ଚାଳିତ ହୋଇ କ୍ଷତି ରହିତ ଜୀବନର ବିସ୍ତାର କରିବା । ଆମେ ଆପଣା ଜୀବନରେ ଅପରକୁ ପ୍ରତାରିତ କରି, ମିଥ୍ୟା ଭାଷଣ ଦ୍ୱାରା ଏବଂ ମିଥ୍ୟାଚାର କରି ନିଜକୁ କେତେ ବଡ଼େଇ କରୁଛୁ । ସେହି କ୍ଷତି ବୃଦ୍ଧି ପ୍ରାପ୍ତ ହୋଇ ସ୍ୱୟଂ କର୍ତ୍ତାକୁ ଆପଣା ଜାଲରେ ଏପରି ଛନ୍ଦି ପକାଏ ଯେ ତହିଁରୁ ମୁକ୍ତି ପାଇବା କଠିନ । ଜୀବନରେ ସରଳ ଏବଂ ଅକୁଟିଳ ହେବା ଉଚିତ ।

(୫) ପଞ୍ଚମ ସାଧନ ହେଉଛି, ଆପଣାର ତାରକୁ ଦିବ୍ୟ ଉତ୍ତରାଧିକାରୀ ସୃଷ୍ଟି କରିଯିବା । ଯଦି ଆପଣ ଗୃହସ୍ଥ ତେବେ ଆପଣଙ୍କ ପରେ ଏପରି ସନ୍ତାନକୁ ଛାଡ଼ି ଦେଇଯାଆନ୍ତୁ ଯେ ଆପଣଙ୍କ ଠାରୁ ମଧ୍ୟ ଅଧିକ ଉତ୍ତମ ଏବଂ ଦିବ୍ୟ ଗୁଣଯୁକ୍ତ ହେଉ । ଆପଣ ଯଦି ଅଧ୍ୟାପକ, ଆଚାର୍ଯ୍ୟ, ଉପାଚାର୍ଯ୍ୟ, ଉପଦେଶକ, ଲେଖକ, ଦାର୍ଶନିକ, ସଂପାଦକ ହୋଇଥାନ୍ତି, ତେବେ ଆପଣା ଶିଷ୍ୟକୁ ତଥା ଉତ୍ତରାଧିକାରୀକୁ ନିଜ ଠାରୁ ଅଧିକ ଗୁଣଶାଳୀ ନିର୍ମାଣ କରି ଯାଆନ୍ତୁ । ଏହାଦ୍ୱାରା ମାନବ ହୃଦୟରେ ବିଶାଳତା ଉଦାରତା ତଥା ପ୍ରାଣୀ ମାତ୍ରକେ ପାଇଁ ହିତର ଭାବନା ଉତ୍ପନ୍ନ ହେବ ।

ଯଦି ଜଣାପଡୁନାହିଁ ଯେ କେଉଁ କର୍ମ କ୍ଷତି ରହିତ ଏବଂ କେଉଁ ମାର୍ଗ ଦିବ୍ୟ-ଜନ ସୃଷ୍ଟି କରିବାର ଉପାୟ, ତେବେ ସାଧୁ, ଉତ୍ତମ, ବିଚାରବାନ, ବିବେକୀ ପୁରୁଷଙ୍କ ବିଚାର ବିମର୍ଷ କରିବା ପ୍ରୟୋଜନ, ଯେ ସମୁଚିତ ସରଣୀ ପ୍ରଦର୍ଶିତ କରି ପାରିବେ, ତୈତ୍ତିରୀୟ ଉପନିଷଦରେ ଆଚାର୍ଯ୍ୟ ଶିଷ୍ୟଙ୍କୁ ଉପଦେଶ ଦେବାକୁ ଯାଇ କହିଛନ୍ତି-

ଯଦି ତେ କର୍ମ ବିଚିକିତ୍ସା ବା ବୃତ୍ତି ବିଚିକିତ୍ସା ବା ସ୍ୟାତ୍,<br>
ଯେ ତତ୍ର ବ୍ରାହ୍ମଣାଃ ସମ୍ମର୍ଶିନୋ ଯୁକ୍ତା ଅଯୁକ୍ତା ଅଲୁକ୍ଷ୍ୟା ।<br>
ଧର୍ମଣାମାଃ ସ୍ୟୁଃ, ଯଥା ତେ ତତ୍ର ବର୍ତ୍ତେରନ୍ ତଥା ତତ୍ର ବର୍ତ୍ତେୟାଃ ।

"ଯଦି ତୁମକୁ କର୍ମ କରିବାରେ ବା ସଂସାରିକ ବ୍ୟବହାରରେ କୌଣସି ଶଂକା ହୁଏ, ତୁମ ପାଖରେ ଯେଉଁ ବ୍ରହ୍ମନିଷ୍ଠ ବ୍ରାହ୍ମଣ ବିଦ୍ୱାନ ଅଛନ୍ତି, ଯେ ସମଦର୍ଶୀ, କର୍ମଯୋଗୀ, ସତ୍ୟପ୍ରିୟ ଏବଂ ଧର୍ମନିଷ୍ଠ, ସେ ଯେଉଁପରି କରୁଛନ୍ତି, ତାଙ୍କୁ ଦେଖନ୍ତୁ, ତାଙ୍କ ପରି ଆଚରଣ କରନ୍ତୁ ।" ଶ୍ରୀ ଶଂକରାଚାର୍ଯ୍ୟଙ୍କ ଶବ୍ଦରେ 'ଜନ୍ତୁନାଂ ନରଜନ୍ମ ଦୁର୍ଲଭମ୍' - ପ୍ରାଣୀମାନଙ୍କ ମଧ୍ୟରେ ନରଜନ୍ମ ବଡ଼ ଦୁର୍ଲଭ- ଏହି ବିଚାର ସର୍ବଦା ମନରେ ଧାରଣ କରି-

ପ୍ରତ୍ୟହଂ ପ୍ରତ୍ୟବେକ୍ଷେତ ନରଶ୍ଚରିତ ମାତ୍ମନଃ ।<br>
କିନ୍ତୁ ମେ ପଶୁଭିସ୍ତୁଲ୍ୟଂ କିନ୍ତୁ ସତ୍ ପୁରୁଷୈରିତି ॥

ମନୁଷ୍ୟ ପ୍ରତିଦିନ ଆପଣା ଜୀବନକୁ ଲକ୍ଷ୍ୟ କରନ୍ତୁ, ଆଧ୍ୟାତ୍ମିକ, ଶାସ୍ତ୍ରୀୟ, ନୈତିକ ମାନଦଣ୍ଡରେ ତଉଲିବାକୁ ଚେଷ୍ଟା କରନ୍ତୁ ଯେ ମୁଁ ପଶୁ ପରି ହୋଇଅଛି ଅଥବା ଶ୍ରେଷ୍ଠ ପୁରୁଷଙ୍କ ପରି । ବେଦରେ ମନୁଷ୍ୟକୁ ଉତ୍ତୋଳିତ କରିବାକୁ ନରରୁ ଋଷିକ୍ରମେ ନାରାୟଣ ସ୍ତରକୁ ଯିବା ପାଇଁ ଭଗବାନ୍ ନାନା ପ୍ରକାର ଉପଦେଶ ଦେଇଅଛନ୍ତି । ଏହାର ପାଳନ କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଆମ ଜୀବନର ଏକମାତ୍ର ଲକ୍ଷ୍ୟ 'ମାନବ' ହେବା ହିଁ ଉଚିତ । ଜଣେ ଉର୍ଦ୍ଦୁ କବିଙ୍କ ଶବ୍ଦରେ-

ଫରିସ୍ତେ ସେ ବେହତର ହୈ ଇନ୍‌ସାନ ବନନା,<br>
ପର ଇସ୍‌ମେ ମେହନତ୍ ହୈ ଜହୁର ଜ୍ୟାଦା ॥

ଦେହ, ଇନ୍ଦ୍ରିୟ, ପ୍ରାଣ-ଅନ୍ତଃକରଣରେ ତାଦାତ୍ମ୍ୟାପନ୍ନ ଜୀବ ଅନ୍ୟ ଠାରୁ ନିଜ ପ୍ରତି ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହାଦି ସଂଜ୍ଞାକୁ ଶୀଳର ଅପେକ୍ଷା ରଖିଥାଏ, କିନ୍ତୁ ଏହା ତେବେ ସମ୍ଭବ ହେବ, ଯେବେ ତାହା ଅନ୍ୟ ପ୍ରତି ସ୍ୱୟଂ ଅହିଂସାଦି ଶୀଳଯୁକ୍ତ ବ୍ୟବହାର ପ୍ରଦର୍ଶନ କରାଯିବ । ମୋତେ ସଚ୍ଚିଦାନଂଦ ସ୍ୱରୂପ ସର୍ବେଶ୍ୱରଙ୍କୁ ସେହି ଯୋଗୀ ପରମ ଶ୍ରେଷ୍ଠ ମାନ୍ୟ ରହିଛି । ଯେ ସମସ୍ତ ହିତ ଭାବନାରେ ସକଳ ପ୍ରତି ସୁଖପ୍ରଦ ବ୍ୟବହାର କରିଥାଏ, କାହାରିକୁ ଅହିତ ଭାବନାରେ ଦୁଃଖ ଦିଏ ନାହିଁ ।

ଶ୍ରୁୟତାଂ ଧର୍ମ ସର୍ବସ୍ୱଂ ଶ୍ରୁତ୍ୱା ଚୈତତ୍‌ପ୍ରଧାର୍ଯତାମ୍ ।<br>
ଆତ୍ମନଃ ପ୍ରତିକୂଳାନି ପରେଷାଂ ନ ସମାଚରେତ୍ ।<br>
(ପଦ୍ମପୁରାଣ, ସୃଷ୍ଟି-୧୯/୩୫୫, ବିଷ୍ଣୁଧର୍ମୋତ୍ତର ପୁ.-୩/୨୫୩/୪୪)

ଧର୍ମର ସାର ଶୁଣ ଏବଂ ଶୁଣି ଏହାକୁ ଧାରଣ କର । ଅନ୍ୟଦ୍ୱାରା କରାଯାଉଥିବା ଯେଉଁ ବାକ୍ୟ ଆପଣା ପାଇଁ ଅନୁକୂଳ ନୁହେଁ, ତାହାକୁ ଅନ୍ୟ ପ୍ରତି ମଧ୍ୟ ଆଚରଣ କରିବା ଅନୁଚିତ ।

ଉପର୍ଯ୍ୟୁକ୍ତ ସ୍ଥଳେ ନିଜକୁ ପ୍ରୟୋଗଶାଳା କରି ମନ, ବୁଦ୍ଧି, ଚିତ୍ତ, ଅହଂକାରାଦି କ୍ଷେତ୍ରରେ ଘଟୁଥିବା ରାଗ, ଦ୍ୱେଷକୁ ସ୍ୱୟଂ ପରୀକ୍ଷଣ କରନ୍ତୁ ଏବଂ ତଦନୁରୂପ ବ୍ୟବହାର ଅନ୍ୟ ପ୍ରତି କରନ୍ତୁ । ଫଳରେ ଆତ୍ମ-ପର ବିଚାରର ସୀମାରେଖା ଧୀରେ ଧୀରେ ନିଶ୍ଚିହ୍ନ ହେବାକୁ ଲାଗିବ ଏବଂ ସଂକୀର୍ଣ୍ଣତାର ବଳୟ ସଂପ୍ରସାରିତ ହେବ । ଏସବୁ କ୍ରିୟା ବିବେକ ଦ୍ୱାରା ହିଁ ନିଶ୍ଚିତ ହୋଇଥାଏ ।

ବିବେକର ଆଦର କରିବା ନିମନ୍ତେ ପ୍ରଥମ ସର୍ତ୍ତ ହେଉଛି ତୁମେ ଅନ୍ୟକୁ ନୁହେଁ, ଆପଣାର ଆଚରଣ ଉପରେ ଦୃଷ୍ଟି ରଖିବାକୁ ହେବ । ଯାହାର ଦୃଷ୍ଟି ପର ଦୋଷ ଦର୍ଶନରେ ଲାଗି ରହିଥାଏ । ସେହି ବିବେକ ଭଗବାନଙ୍କ ସଂକେତକୁ କେବେ ବୁଝି ପାରେ ନାହିଁ; କାରଣ ପର ଦୋଷ ଦର୍ଶନ ଆପଣା ଠାରେ ଗୁଣର ଅଭିମାନ ହେବା ପରେ ହିଁ ହୋଇଥାଏ । ଯେଉଁଠି ଗୁଣର ଅଭିମାନ ରହିଛି, ସେଠାରେ ଏପରି କୌଣସି ଦୋଷ ନାହିଁ ଯାହା ପ୍ରକଟ ହୋଇ ନପାରେ । ଅତଃ ଅନ୍ୟର ଦୋଷ ନଦେଖି ଆପଣାର ଆଚରଣ ଉପରେ ଦୃଷ୍ଟି ରଖ । ଏଥିରେ ଯଦି କୌଣସି ତ୍ରୁଟି ହୁଏ ତେବେ ତାହା ପାଇଁ ପ୍ରାୟଶ୍ଚିତ କର ଏବଂ ତାହାକୁ ପୁନଃ ଦ୍ୱିତୀୟ ଥର ନ କରିବାକୁ ନିଶ୍ଚୟ କର । ଏହାଦ୍ୱାରା ଆମର ଦୃଷ୍ଟି ନିର୍ଦ୍ଦୋଷ ହେବ । ସେହି ନିର୍ଦ୍ଦୋଷ ଦୃଷ୍ଟିରେ ହିଁ ବିବେକ ଭଗବାନଙ୍କ ସଂକେତକୁ ଦେଖିବା ତଥା ତାହାର ଅନୁସରଣ କରିବାରେ ସମର୍ଥ ହୋଇ ପାରିବା ।

ଆଜି ତୁମେ ଅନ୍ୟର କର୍ତ୍ତବ୍ୟ ଉପରେ ଦୃଷ୍ଟି ରଖୁଛ ଏବଂ ତାଙ୍କ ଦ୍ୱାରା ଆପଣା ଅଧିକାରକୁ ସୁରକ୍ଷିତ ଦେଖିବା ଚାହୁଁଛ। ଏହାତ ସମଗ୍ର ଅଶାନ୍ତିର ମୂଳ, ତୁମର ସ୍ୱତନ୍ତ୍ରତା ତ ଆପଣା କର୍ତ୍ତବ୍ୟ ପାଳନ କରିବାରେ ହିଁ ହୋଇଥାଏ। ଅନ୍ୟ ନିଜର କର୍ତ୍ତବ୍ୟ ପାଳନ କରୁ – ଏହା ତୁମ ଅଧୀନର କଥା ନୁହେଁ। ତାଙ୍କୁ (ତାଙ୍କ) କର୍ତ୍ତବ୍ୟ ପାଳନର ପ୍ରେରଣା ଦେବାର ସର୍ବୋତ୍କୃଷ୍ଟ ଉପାୟ ମଧ୍ୟ ସ୍ୱୟଂ କର୍ତ୍ତବ୍ୟନିଷ୍ଠ ହେବାରେ ହିଁ ହୋଇଥାଏ। ଏଥି ସହିତ ତାଙ୍କ ଦ୍ୱାରା ଆପଣା ଅଧିକାର ପ୍ରାପ୍ତି ଅଥବା ସୁରକ୍ଷାର ବାସନା ମଧ୍ୟ ଦ୍ୱନ୍ଦ୍ୱ (ସଂଘର୍ଷ)ର ମୂଳ। ଏହି ଅଧିକାର ବାସନା ସର୍ବଦା ଦେହାଭିମାନକୁ ପୁଷ୍ଟ କରିଥାଏ, ଯାହା ସର୍ବ ପ୍ରକାର ଅନର୍ଥର ହିଁ କାରଣ। ଅତଃ ସେହି ଅଧିକାର ନ ନେଲେ ତୁମର ହାନି କ'ଣ ହୋଇଯିବ ? ଅଧିକାର ଲାଳସାକୁ ଛାଡ଼ିଦିଅ। ଏହାତ ଅନ୍ୟର କ୍ଷୋଭ ଏବଂ ତୁମ ଅଶାନ୍ତିର କାରକ, ଅନ୍ୟ ଉପରେ ଶାସନ ନକରି ନିଜ ଉପରେ ଅନୁଶାସନ କର। ଯେ ଅନ୍ୟ ପ୍ରତି କ୍ଷମାଶୀଳ ରହିଥାଏ, ନିଜ ଉପରେ କଠୋର ଅନୁଶାସନ କରୁଥାଏ, ସେ ସ୍ୱୟଂ ନିର୍ଦ୍ଦୋଷ ହୋଇଯାଏ ତଥା ଅନ୍ୟକୁ କର୍ତ୍ତବ୍ୟନିଷ୍ଠ କରିବାକୁ ପ୍ରେରିତ କରିଥାଏ।

ଏହିପରି ନିର୍ଦ୍ଦୋଷ ହେବା ପରେ ତୁମେ ନିଷ୍କାମ ହୋଇ ପାରିବ। କାମନା ହିଁ ମନର ମଳ। ଯେବେ ମନରେ ଭୋଗର କାମନା ନରହେ ଏବଂ ସମସ୍ତ ବିଷୟ ନିଃସାର ପ୍ରତୀତ ହେବାରେ ଲାଗେ ତେବେ ବାସ୍ତବିକ କଲ୍ୟାଣ କାମନା ଜାଗ୍ରତ ହୁଏ। ଯେଉଁ ଚିତ୍ତ ବାହ୍ୟ ବିଷୟରେ ନିଜ ପ୍ରସନ୍ନତା ଦେଖେ ନାହିଁ, ତାହା ସେହି ଦିଗରୁ ବିମୁଖ ନହୋଇ ଆପଣା ସ୍ୱରୂପ ଭୂତ ଶାଶ୍ୱତ ପରମ ସୁଖର ଦିଗକୁ ଉନ୍ମୁଖ ହୋଇଥାଏ। ଏପରି ଚିତ୍ତ ନିଜ ପ୍ରାକୃତିକ ଅନୁସାରେ କିମ୍ୱା ଜିଜ୍ଞାସୁ ହୋଇ ପରମାର୍ଥିକ ସତ୍ୟର ସଂଧାନରେ ଲାଗିଯାଏ ବା ଆପଣା ପରମ ପ୍ରେମାସ୍ୱାଦରେ ଅଭିନ୍ନ ହେବାର ଲାଳସା ଘେନି ପ୍ରେମ ପଥର ପଥିକ ହୋଇଯାଏ।

ଯେଉଁ ଚିତ୍ତ ବିଚାର ପ୍ରଧାନ ହୋଇଥାଏ, ସେ ଯେବେ ବିଷୟରୁ ବିମୁଖ ହୋଇଯାଏ, ତେବେ ତାହାକୁ ଏହି ପରିଦୃଶ୍ୟମାନ ଜଗତ୍ ଏବଂ ଜଗତ୍‌କର୍ତ୍ତାଙ୍କ ବିଷୟରେ ବିବିଧ ପ୍ରକାର ସଂଦେହ ଦେଖାଦିଏ। ଏହି ହେଉଛି ଆତ୍ମକୃପା; କାରଣ ଯେଉଁ ବିଶ୍ୱ ପ୍ରପଞ୍ଚରେ ଅନ୍ୟ ଜୀବ ରହିଥାନ୍ତି, ତହିଁରେ ଅନାସକ୍ତ ହୋଇ ତାଠାରେ ସତ୍ୟ ଜିଜ୍ଞାସା ଜାଗ୍ରତ ହୋଇଯାଏ। ଯେବେ ତା'ର ଏହି ସଂଦେହର ବେଦନା ଅସହ୍ୟ ହୁଏ, ତେବେ ଭଗବତ୍ କୃପା ଗୁରୁଦେବଙ୍କ ରୂପେ ତାଙ୍କ ନିକଟରେ ଅବତରିତ ହୋଇଥାଏ। ଗୁରୁଦେବ ବିବେକ ରୂପେ ପ୍ରଥରୁ ହିଁ ଅନ୍ତଃକରଣରେ ବିରାଜମାନ ଥିଲେ। ଏବେ ପ୍ରତ୍ୟକ୍ଷ ମାନବ ମୂର୍ତ୍ତି ଧାରଣକରି ମଧ୍ୟ ତା ଆଗରେ ପ୍ରକଟ ହୋଇଗଲେ।

ଏହିପରି ଆତ୍ମକୃପା, ଭଗବତ୍ କୃପା ଏବଂ ଗୁରୁକୃପା ତିନିଟିର ସହଯୋଗ ହେବା ପରେ ତା'ଉପରେ ଶାସ୍ତ୍ର କୃପା ହୋଇଥାଏ। ଶାସ୍ତ୍ର କୌଣସି ଗ୍ରନ୍ଥବିଶେଷର ନାମ ନୁହେଁ। ଗୁରୁଦେବ ଯେଉଁ ଉପଦେଶ କିମ୍ୱା ଅନୁଶାସନ କରିଥାନ୍ତି, ତାହା ମଧ୍ୟ ଶାସ୍ତ୍ର ହିଁ ହୁଏ। ତାହାର ରହସ୍ୟ ହୃଦୟଂଗମ ହେବାରେ ଲାଗେ- ଏହାହିଁ ଶାସ୍ତ୍ର କୃପା। ଏହିପରି ଚାରି କୃପାର ସଂଯୋଗ ଏକତ୍ର ହେବା ପରେ ନିଜ ସଂଦେହତା ପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ତା ଭିତରେ ରହିଥିବା ଜଡ଼ ଚେତନ ଗ୍ରନ୍ଥ ଫିଟିଯାଏ ଏବଂ ତା'ର ସମସ୍ତ ସଂଦେହ ତୁଟିଯାଏ। ପୁନଃ ଯେଉଁ ତତ୍ତ୍ୱର ତାହାକୁ ଉପଲବ୍ଧି ହୋଇଥାଏ, ସେ ହିଁ ସର୍ବାଧିଷ୍ଠାନଭୂତ ପରମାର୍ଥ ସତ୍ତା, ସେହିଁ ପରମ ପଦ। ପ୍ରିୟ ମାନବ ! ଏହି ତୁମର ପରମ ଏବଂ ଚରମ ଅଧିକାର। ସେହିଁ ତୁମର ଆପଣାର ବସ୍ତୁ। ଯାହା ତୁମକୁ ସଦା ପ୍ରାପ୍ତ ହୋଇଛି। ଅବିବେକ କାରଣରୁ କେବଳ ତୁମର ବିଚାରରେ ଭ୍ରମ ହୋଇଯାଇଛି। ଯେବେ ତାହା ମିଳିଯାଏ 'ପ୍ରାପ୍ତସ୍ୟ ପ୍ରାପ୍ତି' ତେବେ କ'ଣ ହୁଏ ଜାଣ ? ପୁଣି କିଛି ମଧ୍ୟ ମଧ୍ୟ ଜାଣିବା ବା ପାଇବା ଅବଶେଷ ରହେ ନାହିଁ। ଏହାଠାରୁ ଶ୍ରେଷ୍ଠ, ଆଉ କୌଣସି ଲାଭ ଦେଖାଯାଏ ନାହିଁ। ଖୁବ୍ ବଡ଼ ଆପତ୍ତି ମଧ୍ୟ ତାକୁ ବିଚଳିତ କରିପାରେ ନାହିଁ।

ଏହା ହେଉଛି ବିଚାର ପ୍ରଧାନ ଚିତ୍ତର ବ୍ୟବସ୍ଥା। କିନ୍ତୁ କେହି ଚିତ୍ତ ଭାବ ପ୍ରଧାନ ହୋଇଥାଏ। ତାକୁ ଆପଣା ସାଧ୍ୟ ବିଷୟରେ କୌଣସି ସଂଦେହ ହୁଏ ନାହିଁ, ତାଙ୍କ ହୃଦୟ ସ୍ୱଭାବରେ ହିଁ ତାଙ୍କ ଆଡ଼କୁ ଆକର୍ଷିତ ରହିଥାଏ ଏବଂ ସେ ତାଙ୍କ ସହିତ ଧୂଳି ମିଶିଯିବା ପରେ ଏକ ହୋଇଯିବା ପାଇଁ ଉଦଗ୍ରୀବ ରହିଥାନ୍ତି। ଯେବେ ସେ ବିଷୟରୁ ବିମୁଖ ହୋଇଥାନ୍ତି, ତେବେ ସକଳ ପ୍ରକାର ସଂସାରିକ ସଂବଂଧକୁ ଛାଡ଼ି ପ୍ରଭୁଙ୍କ ଠାରେ ସଂପର୍କ ଯୋଡ଼ିଥାନ୍ତି। ଏହିପରି ଅନ୍ୟ ସବୁ ଆଶ୍ରୟ ତ୍ୟାଗ କରି ସେ ଭଗବତ୍ ଆଶ୍ରିତ ହୋଇଯାଇଥାନ୍ତି। ଏହି ଆଶ୍ରୟ ଅନେକ ପ୍ରକାର ଭାବରେ ପରିଗଣିତ ହୋଇ ପ୍ରେମର ରୂପ ଧାରଣ କରିନିଏ। ପୁନଃ ପ୍ରେମୀଙ୍କ ସହିତ ପ୍ରେମର ଆଦାନ-ପ୍ରଦାନ କରି ଯେଉଁ ଲୀଳା ହୋଇଥାଏ; ତହିଁରେ ପ୍ରେମ ହିଁ ସ୍ଥାୟୀ ଭାବ ହୋଇଥାଏ। ଏହି ଲୀଳାର ଅନ୍ତ କେବେ ହୁଏ ନାହିଁ। ଏଥିରେ ଯେଉଁ ଅଲୌକିକ, ଅନିର୍ବଚନୀୟ ଏବଂ ଅପ୍ରାକୃତ ଆନନ୍ଦର, ସେ ଆବାହନ କରିଥାଏ, ଏହି ସଂପୂର୍ଣ୍ଣ ବିଶ୍ୱର ସୁଖ ତାହାର ଏକ ରେଣୁ ସହ ମଧ୍ୟ ତୁଳନୀୟ ନୁହେଁ। ମୋକ୍ଷର ସୁଖ ମଧ୍ୟ ଏହା ଆଗରେ ନଗଣ୍ୟ। ଏହି ଆନନ୍ଦ ନିତ୍ୟ ନବୀନ ଏବଂ ନିରନ୍ତର ବୃଦ୍ଧି ପ୍ରାପ୍ତ ହୋଇଥାଏ। ଏଥିରେ କେବେହେଲେ ପୂର୍ତ୍ତି ବା ତୃପ୍ତି ହୁଏ ନାହିଁ। ନିରନ୍ତର ବୃଦ୍ଧି ହିଁ ବୃଦ୍ଧି। ସେହି ପ୍ରଭୁ ପ୍ରେମରୁ ସୃଷ୍ଟି ସ୍ୱତନ୍ତ୍ର ହୋଇଥାଏ, ଦେହ ଦୃଷ୍ଟିରୁ ଏହି ପ୍ରାକୃତ ପ୍ରପଞ୍ଚରେ ଦେଖାଯାଉଥିଲେ ମଧ୍ୟ ଏହା ସର୍ବଦା ଚିନ୍ମୟ ଭାବଜଗତରେ ବିଚରିତ ହୁଏ। ସେହି ଚିନ୍ମୟ ଲୋକରେ ଯେଉଁ ରସମୟୀ ଲୀଳା ହୋଇତାଏ, ତହିଁରେ ଭକ୍ତ, ଭଗବାନ ଏବଂ ପରିକରର ଭେଦ କେବଳ ଲୀଳା ମାତ୍ର ହିଁ ହୋଇଥାଏ। ସେଠାରେ ଧାମ, ଧାମୀ ଓ ଲୀଳା ସକଳ ରସ ରୂପ ହୁଏ। ସେହି ରସ ଚିନ୍ମୟ। ଚିନ୍ମୟ ମଧ୍ୟ ତାହାକୁ ଲୀଳା ଲୋକରେ ହିଁ କୁହାଯାଏ। ବାସ୍ତବରେ ତାହା ଚିନ୍ମାତ୍ର ହିଁ ହୁଏ।

ଏହି ପ୍ରକାର ଜିଜ୍ଞାସୁକୁ ଆପଣାର ପରମ ଲକ୍ଷ୍ୟ ପ୍ରାପ୍ତ ହେବା ପରେ ଯେଉଁ ସର୍ବାଧିଷ୍ଠାନ ଭୂତ ଚିନ୍ମାତ୍ର ତତ୍ତ୍ୱର ଉପଲବ୍ଧି ହୁଏ, ତାହା ନିଜ ପ୍ରେମୀ ଭକ୍ତକୁ ଦିବ୍ୟ ଚିନ୍ମୟ ପ୍ରେମ ରସର ଆସ୍ୱାଦନ କରିବା ପାଇଁ 'ରସ' ରୂପରେ ଅଭିବ୍ୟକ୍ତ ହୋଇଥାଏ। ବସ୍ତୁ ଏକ ହିଁ ହୋଇଥାଏ। କେବଳ ଉପଲବ୍ଧି ଏବଂ ଆସ୍ୱାଦନରେ ଭେଦ ରହିଛି। ସୁବର୍ଣ୍ଣ ଏବଂ ଆଭୂଷଣରେ ତଥା ଲହରି ଏବଂ ସମୁଦ୍ରରେ ତତ୍ତ୍ୱତଃ କୌଣସି ଅନ୍ତର ନାହିଁ। ସେହିପରି ଜ୍ଞାନର ଉପଲବ୍ଧି ହୋଇଥିବା ପରଂବ୍ରହ୍ମ ଏବଂ ପ୍ରେମୀକୁ ପ୍ରାପ୍ତ ହେଉଥିବା ରସସ୍ୱରୂପ ଭଗବତ୍ ତତ୍ତ୍ୱରେ କୌଣସି ଭେଦ ନାହିଁ।

ପ୍ରାଧ୍ୟାପକ, ଦର୍ଶନ ବିଭାଗ
ବାରବାଟୀ, ଧର୍ମଶାଳା, ଯାଜପୁର
ଫୋନ୍ : ୯୮୬୧୭୨୨୨୫୮

# କାଳିକା ନାଚ

*ନାରାୟଣ ଚୌଧୁରୀ*

**ଯେ**ତେବେଳର କଥା ମୁଁ କହୁଛି ସେତେବେଳେ ଗାଁମାନଙ୍କରେ ପକ୍କା ରାସ୍ତା ନଥିଲା କି ବିଜୁଳି ଆଲୁଅ ନଥିଲା । ରାତି ହେଲେ ଚାରିଆଡ଼ ଅନ୍ଧାର । କେବଳ ଗାଦିଘରେ ଦୀପଟିଏ ଜଳେ ଓ କତିପୟ ଭକ୍ତମାନେ ଖଞ୍ଜଣି "ବଜାଇ ସବୁ ମାୟାରେ ବାୟା" ଭଜନ ଉଚ୍ଚ ସ୍ୱରରେ ଗାନ କରୁଥାଆନ୍ତି ଓ କେମିତି କେହି ଯାଚନା କରିଥିବା ଭକ୍ତ ଚାରେଣୀଏ ଥୋଇ ମୁଣ୍ଡିଆ ମାରିଲେ ଭଜନ କୀର୍ତ୍ତନର ସ୍ୱର ଆଉଟିକେ ବଢ଼ିଯାଏ । ସେଇ ଚାରଣାରେ ଗଞ୍ଜେଇ ଆନ୍ଦଦାସେ ତାଙ୍କ କୋଥଳିରୁ କାଢ଼ି ଚିଲମରେ ଭର୍ତ୍ତି କରେ, ନଡ଼ିଆ କତାରେ ଅଗ୍ନି ସଂଯୋଗ କରି ଗାଦିକ ସାମ୍ନାରେ ଅଧମିନିଟିଏ ରଖି ଫୁଙ୍କିବା ଆରମ୍ଭ କରିଦିଅନ୍ତି ଓ ତାହା ପ୍ରସାଦ ଭାବରେ ହାତକୁ ହାତ ବୁଲି ଶେଷରେ ନଖିଆ ପଣ୍ଡା ପାଖରେ ସରିଯାଏ । ସେତେବେଳକୁ ଧଡ଼ିନନା ଭାଗବତ ଅଧ୍ୟାୟ ବୋଲି ସାରି ଘରୁକୁ ଚାଲିଯାଇ ଥାଆନ୍ତି । ଏହି କତିପୟ ଭକ୍ତଙ୍କ ଭିତରେ ପ୍ରମୁଖ ଥିଲେ ସାନ୍ଦ ପଇଡ଼ା ।

ସାନ୍ଦ ପଇଡ଼ା କଥା କହିଲେ ଅନ୍ୟମାନେ ଚୁପ୍ ହୋଇଯାଆନ୍ତି । କାରଣ ସେ କାହାକୁ କୁହାଇ ଦେବେନାହିଁ । ଯୋଉ ବିଷୟରେ କଥା ପଡୁ ସାନ୍ଦ ପାଇଡ଼ା ନିଶ୍ଚୟ ସେ ବିଷୟରେ କହିବ ମାନେ କହିବ । ତା'ର ବଡ଼ ପାଟି ପାଖରେ ଅନ୍ୟମାନେ ନରମି ଯାଆନ୍ତି । ସେ ସମସ୍ତଙ୍କୁ କଥାରେ ଦବେଇଦବ ।

ଗାଦିଘର ଠାରୁ ଅଳ୍ପ ଦୂରରେ ତା'ର ଘର । ଘର ବୋଇଲେ ଦୁଇବଖରା ଚାଳ ଘର । ଗୋଟାଏ ମସ୍ତବଡ଼ ଲଂଘା । ସେଇଠି ଚୁଲି, ଖିଆପିଆ ସବୁକିଛି । ପରିବାର କହିଲେ ଦି'ଟା ପୁଅ । ବଡ଼ପୁଅ କାଳିଆ ଛୋଟା, ଆଉ ସାନପୁଅ କୁଷ୍ଟିଆଁ । ସ୍ତ୍ରୀକୁ ନେଇ ତା'ର ସଂସାର । ଚାଷଜମି ଅଳ୍ପ କିଛି ଅଛି ହେଲେ ତା'କୁ ଭାଗକୁ ଦେଇଚି । ତା'ର ମାମଲତକାରିଆ ବ୍ୟକ୍ତିତ୍ୱ ପାଖରେ ଲଙ୍ଗଳ ଧରି ହଳ କରିବାକୁ ପସନ୍ଦ କରେନାହିଁ । ଦିନସାରା ଏଣେତେଣେ ବୁଲି ବାହାସ୍ଫୋଟ ଗପମାରି ସମୟ ସାରିଦିଏ । ହେଲେ ଘର ଚଳେଇବାକୁ ଗାଈଟିଏ ରଖିଥିଲା । କ୍ଷୀର ବିକେ, ସେଇଥିରୁ ଯାହା ମିଳେ କଷ୍ଟେମଷ୍ଟେ ତା' ଗୁଜୁରାଣ ମେଣ୍ଟିଯାଏ । ପିଲା କ୍ରମେ ବଡ଼ ହେଉଛନ୍ତି । ଖର୍ଚ୍ଚ ବଢୁଛି ସେଥିପାଇଁ ସ୍ତ୍ରୀ ସବୁବେଳେ ଅଧିକ ରୋଜଗାର ପାଇଁ କହୁଥାଏ । ସଂଜବୁଡ଼ଟା ସିନା ଗାଦି ଘରେ କଟୁଛି ଦିନଗୋଟାକ ପଡ଼ିଛି ରୋଜଗାର କରିବା ପାଇଁ ଚେଷ୍ଟାକର ।

ମାମଲତ ଛାଡ଼ । କୁହାଳିଆ ସାନ୍ଦ ପଇଡ଼ା ଏଥର ଚିନ୍ତାକଲା କ'ଣ ଗୋଟାଏ କରିବାକୁ ପଡ଼ିବ । ଦିନେ ଚୁନକ ଚଉରା ଉପରେ ବସି ବିଡ଼ି ଟାଣୁଟାଣୁ ଦେଖିଲା କିଛି ଦୂରରେ ଗୋଲଖବାବୁ ଠାକୁରାଣୀଙ୍କ ମାଲିକ ଗୋଟାଏ ଓଜନିଆ ବ୍ୟାଗଧରି ଇଆଡ଼କୁ ଆସୁଛନ୍ତି । ସାନ୍ଦ ପଇଡ଼ା ବିଡ଼ି ଫୋପାଡ଼ି ଦେଇ ଗୋଲେଖବାବୁ ପାଖ ହେଇଯିବାରୁ ମୁଣ୍ଡ ନୁଆଁଇ ଦଣ୍ଡବତଟାଏ ପକାଇ ଗୋଲେଖବାବୁଙ୍କ ହାତରୁ ବ୍ୟାଗ୍‌ଟା ଧରି ତାଙ୍କ ପଛେ ପଛେ ଚାଲିଲା । ଆଗରୁ ସାନ୍ଦକୁ ଗୋଲେଖବାବୁ ଜାଣିଥିଲେ । ସାନ୍ଦ କହୁଥାଏ ମୁଁ ଥାଉଥାଉ ଆପଣ ବ୍ୟାଗ୍ ଧରି ଯିବେ ? ଲୋକ ଦେଖିଲେ ମତେ କ'ଣ କହିବେ ? ଆମ ଗାଁ ମନ୍ଦିର ଯାଏ ଆପଣ ଯିବେ ସେଠୁ କାର୍‌ରେ କଟକ ଯିବେ । ଫେରିବେ ଯୋଉଦିନ ମତେ କହିଲେ ମୁଁ ବ୍ୟାଗ୍ ଧରି ଆପଣଙ୍କୁ ଠାକୁରାଣୀଙ୍କ ମନ୍ଦିରରେ ପହଞ୍ଚେଇ ଦେବି । ଆପଣ ମତେ ବିଶ୍ୱାସ କଲେ ହେଲା ।

ଏଇ ଗୋଲେଖବାବୁ ଠାକୁରାଣୀ ମନ୍ଦିରର ସର୍ବେସର୍ବା । ତାଙ୍କ ନିର୍ଦ୍ଦେଶରେ ମନ୍ଦିର ଚାଲେ, ଅନ୍ନ ସେବା , ଶୁଖିଲା ଭୋଗ ତିଆରି ହୁଏ, ଠାକୁରଙ୍କ ହାଟରୁ ମାହାସୁଲ ଆଦାୟ ହୋଇ ଠାକୁରାଣୀଙ୍କ ଫଣ୍ଡରେ ରଖାଯାଏ । ସବୁକଥା ବୁଝନ୍ତି । ଠାକୁରାଣୀଙ୍କ ପର୍ବପର୍ବାଣି ସବୁରେ ବୁଝନ୍ତି । ସେ ଯଦି ଦୟା କରନ୍ତେ କିଛି ଗୋଟାଏ ରୋଜଗାର ମିଳିପାରନ୍ତା । ଦୋସଡ଼କ ହେଇଗଲା । ବସ୍ ମଧ୍ୟ ଅଟକିଗଲା । ଆଗସିଟ୍‌ରେ ଗୋଲେଖବାବୁ ବସିଲେ । ଡ୍ରାଇଭର୍ ଗୋଲେଖବାବୁଙ୍କୁ ଦଣ୍ଡବତ ହେଲା । ସାନ୍ଦ ପଇଡ଼ା ମୁଣ୍ଡ ନୁଆଁଇ ଦଣ୍ଡବତଟାଏ ପକାଇଲା ।

ଘରକୁ ଫେରି ସାନ୍ଦ ପଇଡ଼ା ତା' ସ୍ତ୍ରୀକୁ କହିଲା । ଏଣିକି ଆଉ ମତେ କହିବୁନି । ରୋଜଗାର ଆସିଗଲା । ଶୁଖୁଆ ଟିକେ ଭାଜ ଆଜି ଟିକେ ପେଟପୂରା ଖାଇବି । ବାଜିଆ ବୋଉ କିଛି ବୁଝିପାରୁ ନଥାଏ । ଶୁଖୁଆ ଭଜା ହେଲା । ସାନ୍ଦ ପଇଡ଼ା ପେଟ ପୂରେଇ ଖାଇସାରି ବିଡ଼ିଟିଏ ଟାଣି ଘୁଙ୍ଗୁଡ଼ି ମାରି ଶୋଇପଡ଼ିଲା । ସଂଜ ହେବାରୁ ମନେ ମନେ ଜଣେଇଲା ।

ଚାରିଦିନ ପରେ ସେଇ ଗାଁର ଜଣେ ପଣ୍ଡା ଆସି ଖବର ଦେଲା– "ତୁମକୁ ଗୋଲେଖବାବୁ ଡକେଇଛନ୍ତି ଆଜି ତାଙ୍କୁ ଦେଖାକର ।"

ଘଣ୍ଟାଏ ଭିତରେ ସେ ଠାକୁରାଣୀ ମନ୍ଦିରକୁ ଯାଇ ଆଗ ଠାକୁରାଣୀଙ୍କୁ ମୁଣ୍ଡିଆଟିଏ ମାରି ଅଫିସ୍ ଘରେ ଗୋଲେଖବାବୁ କହିଲେ– ସାନନ୍ଦ । ତୁମକୁ ଗୋଟାଏ ଦାୟିତ୍ୱ ଦେବାକୁ ଚାହୁଁଛି, ପାରିବ ? ସାନ୍ଦପଇଡ଼ା କହିଲା– ଆଜ୍ଞା କୁହନ୍ତୁ ମୁଁ ପୁଣି ପାରିବି ନାହିଁ ଆପଣଙ୍କ ଆଜ୍ଞା ହେଲେ ମୁଁ ସମୁଦ୍ର ପହଁରିଯିବି । ଗଂଭୀର ହୋଇ ଗୋଲଖବାବୁ କହିଲେ– ଠାକୁରାଣୀଙ୍କ ହାଟରୁ ବେଶୀ ପଇସା, ପରିବା ମିଳୁନାହିଁ । ତୁମେ ମୁଖ୍ୟ ହୋଇ ମାହାସୁଲ୍ କେମିତି ଅଧିକା ହେବ,

ପନିପରିବା ଅଧିକା ମିଳିବ ଟିକେ ଦେଖିବ। ତୁମର ଦରମା ତିରିଶି ଟଙ୍କା ପାଇବ। କରିପାରିବ ?

ସାନ୍ଦ ପଇଡ଼ା କହିଲା- ଆଜ୍ଞା ପାରିବି; କିନ୍ତୁ ଖଚ ଚୁଗୁଲିଆଙ୍କ କଥା ଆପଣ ଶୁଣିବେ ନାହିଁ।

ଗୋଲେଖବାବୁ ହଉ କହିଲେ। ତା'ପରେ କହିଲେ କାଲି ହାଟ ଆସୁ ମୁଁ ଯିବି ତୁମେ ଆସିବ ମୁଁ ତୁମକୁ ଚିହ୍ନେଇଦେବି ଓ ତୁମକୁ ଯେମିତି ସମସ୍ତେ ମାନିବେ ମୁଁ ତାଙ୍କୁ କହିଦେବି। ନ'ଅ ଜଣ ଦଣ୍ଡିଆ ଥିଲେ ସାନ୍ଦ ପଇଡ଼ାକୁ ମିଶାଇ ଦଶଜଣ ହେଲେ। କୋଉ ଦୋକାନୀ କେତେ ଦେବେ, ପରିବାବାଲା କେତେ ଦେବେ ତୁମେ ଠିକ୍ କରିବ। ମୁଣ୍ଡିଆଟିଏ ପକାଇ ସାନ୍ଦ ପଇଡ଼ା ଘରକୁ ଫେରିଲା ଓ ବାଜିଆ ବୋଉକୁ କହିଲା- ଶୁଖୁଆ ଟିକେ ଭାଜିଦେ, ବଡ଼ିଚୁରା ଟିକେ କରିଦେ, ମୁଁ ପଖାଳ ଖାଇବି। କାଲିଠାରୁ ମୋର ଚାକିରି ହୋଇଗଲା।

ଚାକିରିରେ ମୁକରିର ହେବାପରେ ସାନ୍ଦ ପଇଡ଼ା ମନ୍ଦିରର ରୋଜଗାର ବଢ଼ିଗଲା। ଦଣ୍ଡିଆମାନେ ସାନ୍ଦ ପଇଡ଼ାକୁ ଡାକିଲେ। ସେ ସମସ୍ତଙ୍କୁ କହିଦେଲା- ଠାକୁରାଣୀଙ୍କ ଧନ ଯିଏ ଖାଇବ ସେ ଚାକିରିରୁ ବିଦାହେବ। ସେ ପେଟପାଟଣା କଥା ମୁଁ ବୁଝିବି। ଟଙ୍କା ଓ ପଇସା ଅସୁଲ ଦେଖି ଗୋଲେଖବାବୁ ଖୁସି ହୋଇଗଲେ।

ସେ ବର୍ଷ ଦଳେଇ ଘାଇ ଭାଙ୍ଗିଲା। ମା'ଙ୍କ ମନ୍ଦିର ଯାଏ ପାଣି ଲାଗିଗଲା। ଫସଲ ଉଜୁଡ଼ିଗଲା। ହାଟଘର ପାଣିରେ ଭାସିଗଲା। ପନ୍ଦର ଦିନ ପରେ ପାଣି ଛାଡ଼ିଗଲା। ହେଲେ ରାସ୍ତା ଫିଟିଲା ନାହିଁ। ମଝିରେ ମଝିରେ ରାସ୍ତା ଭାଙ୍ଗି ଯାଇଥାଏ। ସେଇଥିରେ ହାଟ ଚାଲିଲା ଯେ ବେମାରୀ କମ୍‌କୁ ଖରାପ କମ୍। ସାନ୍ଦ ପଇଡ଼ା ଗୋଲେଖବାବୁଙ୍କୁ ଦେଖାକରି କହିଲା- ଆଜ୍ଞା, ଦୋକାନଘର ଭାସିଯାଇଛି। ତାଙ୍କୁ ଘର ଖଣ୍ଡେ ଖଣ୍ଡେ ନଦେଲେ ସେମାନେ କରିବେ କେମିତି ? ଗୋଲଖବାବୁ ପଚାରିଲେ କେମିତି ହେବ ? ଏଣେ ତାଳ ବାହୁଙ୍ଗା ନଡ଼ିଆ ବାହୁଙ୍ଗା କେମିତି ଯୋଗାଡ଼ ହେବ ? ସାନ୍ଦ ପଇଡ଼ା କହିଲା ନଈ ବଢ଼ିରେ ବହୁତ ବାହୁଙ୍ଗା ଗଛ ଭାଙ୍ଗିପଡ଼ିଛି। ମୁଁ ସବୁ ପାଖ ଗାଁକୁ ଯାଇ ଠାକୁରାଣୀଙ୍କ ପାଇଁ ମାଗି ଆଣିବି କିଛି ମୂଲିଆ ଖର୍ଚ୍ଚ ହେବ।

ଗୋଲେଖବାବୁ ହଁ ଭରିଲେ।

ସାନ୍ଦ ପଇଡ଼ା ନ'ଅ ଜଣ ଦଣ୍ଡିଆଙ୍କୁ ଧରି ପାଖ ଗାଁରୁ ବାହୁଙ୍ଗା ଶଗଡ଼ରେ ଲଦି କଷ୍ଟେ ମଷ୍ଟେ ହାଟକୁ ଆଣିଲେ। ଦଶଜଣ ମୂଲିଆଙ୍କୁ ଲଗାଇ ହାଟଘର ତିଆରି ହେଲା। ଗୋଲେଖବାବୁ ଦେଖି ଖୁସି ହେଲେ। ସାନ୍ଦ ପଇଡ଼ା ଉପରେ ଭାରି ଖୁସି ହେଲେ। ଦଇବ ଦାଉରେ ଭାଙ୍ଗି ନପଡ଼ି, କି ସାହସରେ ସାନ୍ଦ ପଇଡ଼ା ଭଙ୍ଗା ଘରକୁ ଠିଆ କରିଦେଲା। ଚାରିଆଡ ହା ହା କାର ପଡ଼ିଛି। ଗଣ୍ଡାଏ ଖାଇବା ପାଇଁ ରିଲିଫ ଚାଉଳ ପାଇଁ ଲମ୍ବା ଲାଇନ୍, ଗୋରୁ ଗାଈ ନଖାଇ ଅନେକ ମରିଯାଇଛନ୍ତି; କିନ୍ତୁ ସାନନ୍ଦ ଦୃଢ଼ ଭାବରେ ଠିଆ ହୋଇଛି।

ଚାରିଆଡ଼େ ହା ହା କାର। କାହା ମୁହଁରେ ହସ ନାହିଁ। ରିଲିଫ ଚାଉଳ ଉପରେ ଭରସା କରି ଲୋକମାନେ ବଞ୍ଚୁଛନ୍ତି। ଏତେ ଅବସ୍ଥା ସତ୍ତ୍ୱେ ଗାଦି ଗୋସେଇଁଙ୍କ ପାଖରେ ଭଜନ ଚାଲିଛି। ପ୍ରସାଦ ହାତକୁ ହାତ ଚାଲୁଛି। ସାନ୍ଦ ପଇଡ଼ାର ବାହାସ୍ଫୋଟ କଥା ସେମିତି ଚାଲିଛି। ତା' କଥାର ସାରମର୍ମ ହେଲା ନଈବଢ଼ି, ଝଡ଼, ବତାସକୁ ଡର ନାହିଁ। ସେ ନିଶ୍ଚୟ ହବ, ହେଲେ ମଣିଷର ସୁଖର ସଂସାର କେବେ ବି କମିବ ନାହିଁ। ହେଇ ଦଶହରା ଆସୁଛି ଆମର କାଳିକା ବାହାରିବ, ଢ଼ୋଲ ବାଜିବ, ସମସ୍ତେ ଯେମିତି ଖୁସି ହେବେ ତାହାହିଁ କରାଯିବ।

ଆମ ଗାଁର କାଳିକା ଚଉଦଖଣ୍ଡ ଗାଁରେ ଭରସା। ଏହି କାଳିକା ଦେଖିବାକୁ ସବୁ ଗାଁରୁ ଲୋକ ଆସନ୍ତି। ମାଇପେ ତ ବେଶି। କାଳିକା ହବ ଦଇ ବେହେରା। ତା'ଠାରୁ ବଳି କାଳିକା ନାହିଁ। ସାଢ଼େ ଛଅ ଫୁଟର ମଣିଷ, ସେ କାଳିକା ବେଶ ହୋଇ ନାଚିବ। ଖଣ୍ଡାଧରି ବନ୍ଦିଆ ଧରିବ ନାଲୁ ବାରିକ। ତା'ଠାରୁ ଭଲ ବନ୍ଦିଆ ଧରାଳି ଏ ଖଣ୍ଡମଣ୍ଡଳରେ ନାହାନ୍ତି। କିନ୍ତୁ କାଳିକାର ବେଶ କରିବ ସାନ୍ଦ ପଇଡ଼ା। ଗାଦିଘର ଭିତରେ ବେଶ ହେବ। ଦଇ ବେହେରା କାଳିକା ହବ, ତାକୁ ସଜେଇବ ସାନ୍ଦ ପଇଡ଼ା, ବନ୍ଦିଆ ଧରିବ ନାଲୁ ବାରିକ। ଏଇ ତିନି ଜଣଙ୍କ ବ୍ୟତୀତ ସେ ଘରେ ଆଉ କେହି ରହିବେ ନାହିଁ।

ଲୋକ ସେତେବେଳକୁ ଥାଟ ପଟାଳି ପରି ହୋଇଗଲେଣି। ସାନ୍ଦ ପଇଡ଼ାକୁ ଘଣ୍ଟାଏ ଲାଗିବ ସଜେଇବାକୁ। ଝରକାବାଟେ କେହି କେହି ଚାହୁଁଥାଆନ୍ତି। ଆଉ କେତେ ସମୟ ଲାଗିବ। ଢ଼ୋଲ ପିଟା ଆରମ୍ଭ ହେଲା, ଘଣ୍ଟା-ଘଣ୍ଟ ବାଜିଲା। ଜଳୁଥିବା ମଶାଲକୁ ଧରି ଯେତେବେଳେ ନାଲୁ ବାରିକ ପଦାକୁ ଡେଇଁପଡ଼ିଲା ତା ପଛରେ ଖଣ୍ଡାଧରି ମସ୍ତବଡ଼ କାଳିକା ତାର ନାଲି ଜିଭକୁ ଦେଖି କେହି କେହି ମୋହ ଗଲେ। ଚାଲିଲା କାଳିକା ନାଚ। ଗାଁ ସାରା ନାଚି ନାଚି ଯାଉଥାଏ କାଳିକା, ତା' ଆଗରେ ବନ୍ଦିଆ ଧରିଥାଏ ନାଲୁ ବାରିକ ଓ ମାମଲତକାରୀ କରୁଥାଏ ସାନ୍ଦ ପଇଡ଼ା।

ଗାଁ ସାରା ନାଚି ନାଚି ଦାଣ୍ଡ ତୁଠ ପୋଲ ପାଖରେ କାଳିକା ଅଚେତ ହୋଇ ପଡ଼ିଗଲା। କେବଳ ସାନ୍ଦ ପଇଡ଼ା ତା' ଜାବ ପଡ଼ିଯାଇଥିବା ଦାନ୍ତରେ ଚାବି ପୂରାଇ ଜାବ ଖୋଲିଲା। ବଡ଼ ପାଟିରେ କହିଲା ଏଠିକି କେହି ଆସନା। ଦଇ ବେହେରାଙ୍କୁ ଆଉଁସାଆଉଁସି କରି ବୁଡ଼ୁ ନଇ ପାଣିରେ ପୋଛାପୋଛି କରି ତିନିଟା ବିଞ୍ଚଣାରେ ପବନ କରି ତାକୁ ସାଷ୍ଟମ କରୁଥାଆନ୍ତି। ସେଦିନ ଗୋଟାଏ ଜନ୍ତାଳ ହୋଇଥାଏ। ରଙ୍ଗନନା ରୋଷେଇ କରିଥାଆନ୍ତି। ସମସ୍ତେ ସେଇଠି ଖାଇଲେ। ତା'ପରେ ସମସ୍ତେ ଘରକୁ ଗଲେ। ଚାରିଆଡ଼େ ପ୍ରଶଂସା ପ୍ରଚାରିତ ହେଉଥାଏ।

ସକାଳକୁ ସାନ୍ଦ ପଇଡ଼ା ଯାହାକୁ ଦେଖିଲା ତାକୁ କହିଲା- ଭାଙ୍ଗି ପଡ଼ନାରେ। ଏମିତି ନଈବଢ଼ି ଆସିବ, ବାଆ ବତାସ ଆସିବ, ମହାମାରି ଆସିବ, ଆମେ ତାକୁ ପରାସ୍ତ କରିବା ହସି ହସି ବଞ୍ଚିବା। ଜୀବନ ଭଳିଆ ପଦାର୍ଥ କ'ଣ ଆଉ ମିଳିବ ? ଦୁଃଖ ଆସୁ କଷ୍ଟ ଆସୁ ଆମକୁ ସହିବାକୁ ପଡ଼ିବ। ଆମେ ପୁଣି ପିଲାଛୁଆଙ୍କୁ ଧରି ହସଖୁସିରେ ରହିବା, ଭାଙ୍ଗିପଡ଼ିଲେ ଆମର ଦୁଃଖ ବଢ଼ିଯିବ। ଦୁଃଖକୁ ସୁଖ ବୋଲି ଯଦି ଭାବିବା ତେବେ ଆମକୁ କଷ୍ଟ ହେବ ନାହିଁ। ମଣିଷ ଜନ୍ମ ଦୁର୍ଲଭ। ମାୟା ମମତା ବି ଦୁର୍ଲଭ। ଏ ଜୀବନ କ'ଣ ଆଉ ମିଳିବ ? ତେଣୁ ଦୁଃଖକୁ ଭୁଲିଯାଅ। ରାତି ଆସିଛି ପୁଣି ସୂର୍ଯ୍ୟ ଉଠିବ। ଆଲୁଅ ଆସିବ।

ନୟାପଲ୍ଲୀ, ଭୁବନେଶ୍ୱର
ମୋ - ୯୪୩୭୩୦୮୭୬୯

# ଉତ୍ତମ ବିଚାରପତି

*ଡକ୍ଟର ଉଦ୍ଧବଚରଣ ନାୟକ*

ଅନେକଦିନ ତଳର କଥା । ସେତେବେଳେ ଥିଲେ ଜଣେ ଉତ୍ତମ ପ୍ରଜାପାଳକ ଓ ବିଦ୍ୱାନ । ରାଜ୍ୟର କବି-ପଣ୍ଡିତ ଓ ଜ୍ଞାନୀ-ଗୁଣୀ ଲୋକଙ୍କୁ ବଡ଼ ଆଦର କରନ୍ତି । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ବର୍ଷ କିଛି ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସମ୍ମାନିତ କରନ୍ତି । ଅନ୍ୟାନ୍ୟ କୃତୀ ବ୍ୟକ୍ତିଙ୍କୁ ମଧ୍ୟ ଅବହେଳା କରନ୍ତି ନାହିଁ । ପ୍ରଜାମାନଙ୍କୁ ପୁଅପରି ପାଳନ କରନ୍ତି । ପ୍ରଜାମାନେ ତାଙ୍କୁ ମଧ୍ୟ ବଡ଼ ଆଦର, ସମ୍ମାନ ଓ ଭକ୍ତି କରନ୍ତି । ରାଜାଙ୍କର ଧାରଣା, "ପଣ୍ଡିତ ଓ ଜ୍ଞାନୀମାନେ କେବଳ ବଡ଼ଘର ଓ ଉଚ୍ଚ ବଂଶରେ ଜନ୍ମ ନିଅନ୍ତି ।" ଏହି କଥା ସେ ବହୁଥର ଦରବାରରେ ମଧ୍ୟ ପ୍ରକାଶ କରିଛନ୍ତି ।

ରାଜାଙ୍କର ଏହି ଉକ୍ତି ଶୁଣି ଦିନେ ଜଣେ ରାଜକର୍ମଚାରୀ କହିଲେ, "ମଣିମା ! ଆପଣ ଯାହା ଭାବୁଛନ୍ତି ତାହା ଆଦୌ ଠିକ୍ ନୁହେଁ । ସାଧାରଣ ପରିବାରରେ ଜନ୍ମ ନେଇଥିବା ବ୍ୟକ୍ତି ପଣ୍ଡିତ ବା ବିଦ୍ୱାନ ଭାବରେ ଖ୍ୟାତି ଲାଭ କରିପାରନ୍ତି ।" ପୁଣି କହିଲେ, "ମଣିମା ! ଆମ ରାଜ୍ୟରେ ଜଣେ ଗରିବ ବ୍ୟକ୍ତି ଅଛନ୍ତି, ସେ ବଡ଼ ପଣ୍ଡିତ ଓ ଜ୍ଞାନୀ । ଚତୁରତାର ସହ ସେ ପ୍ରତ୍ୟେକ ଦିନ ଅନେକ ମୋକଦ୍ଦମା ଫଇସଲା କରିବାରେ ସିଦ୍ଧହସ୍ତ । ଲୋକେ ତାଙ୍କୁ ଜଣେ ଉତ୍ତମ ବିଚାରପତି ଭାବରେ ଗ୍ରହଣକରି ତାଙ୍କ ରାଏକୁ ସମ୍ମାନ ପ୍ରଦର୍ଶନ କରନ୍ତି ।"

ସେହି ବିଚାରପତିଙ୍କୁ ଭେଟିବାପାଇଁ ରାଜା ଇଚ୍ଛା କଲେ । ଯିବା ପୂର୍ବରୁ କିଛି ରାଜକର୍ମଚାରୀଙ୍କୁ ସେଇ ବିଚାରପତି ରହୁଥିବା ଗ୍ରାମକୁ ପଠାଇଦେଲେ । ନିଜେ ପରିଧାନ କଲେ ସାଧାରଣ ପୋଷାକ । ଏକା ଏକା ଗୋଟିଏ ଘୋଡ଼ାରେ ବସି ବାହାରିଲେ ସେଇ ବିଚାରପତିଙ୍କୁ ଭେଟିବା ପାଇଁ । ରାଜା ଘୋଡ଼ାରେ ବସି ଚାଲୁଛନ୍ତି । ବାଟରେ ଗୋଟିଏ ସ୍ଥାନରେ ଟିକିଏ ବିଶ୍ରାମ କଲେ । ଏତିକିବେଳେ ଗୋଟିଏ ଭିକାରି ଆସି ତାଙ୍କ ପାଖରେ ପହଞ୍ଚିଲା । ରାଜାଙ୍କୁ କିଛି ପଇସା ମାଗିଲା । ରାଜା ଭିକାରିଟିକୁ କିଛି ପଇସା ବି ଦେଲେ । ପଇସା ପାଇବା ପରେ ଭିକାରିଟି ରାଜାଙ୍କ ପାଖ ଛାଡ଼ିଲା ନାହିଁ । ରାଜା ବିରକ୍ତ ହୋଇ କହିଲେ; "ତୁମେ ଆଚ୍ଛା ଲୋକ ! ପଇସା ମାଗିଲ ପଇସା ଦେଲି, ହେଲେ ମୋ ପାଖ ଛାଡୁନ କାହିଁକି ?"

ଭିକାରି କହିଲା, "ଦେଖନ୍ତୁ ଆଜ୍ଞା ! ଏଇ କିଛି ସମୟ ପୂର୍ବରୁ ଚାଲିଚାଲି ଆସୁଥିବା ବେଳେ ମୁଁ ଏଇଠି ପଡ଼ି ଯାଇଥିଲି । ମୋ ଗୋଡ଼ଟା ଭାରି ଦରଜ ହୋଇଛି । ମୁଁ ଚାଲିପାରୁ ନାହିଁ । ଦୟାକରି ମୋତେ ଆପଣ ଟିକିଏ ଆପଣଙ୍କର ଘୋଡ଼ା ପଛରେ ବସାଇ ନେଇଯାଆନ୍ତୁ । ଆପଣଙ୍କର ମଙ୍ଗଳ ହେବ । ଆପଣଙ୍କ ଘୋଡ଼ାଟି ହୃଷ୍ଟପୁଷ୍ଟ ଓ ବଳବାନ, ମୋ ପରି ପତଳା ଲୋକ ଆଣଙ୍କ ପଛରେ ବସିଗଲେ ଘୋଡ଼ାକୁ ଆଦୌ କଷ୍ଟ ହେବନାହିଁ । ମୁଁ ବେଶି ବାଟ ଯିବିନି ଏଇ ଆଗ ଛକରେ ଓହ୍ଲାଇ ପଡ଼ିବି ।"

ରାଜା ତ ସହଜେ ଦୟାଳୁ ଓ ଧାର୍ମିକ; ଭିକାରି କଥା ଶୁଣି ତାଙ୍କ ମନରେ ଦୟାହେଲା । ସେ ଭିକାରିକୁ ପଛରେ ବସାଇ ଚାଲିଲେ । କିଛି ବାଟ ଯିବା ପରେ ସେଇ ଛକଟି ପଡ଼ିଲା । ରାଜା କହିଲେ, "ଦେଖ ଭାଇ ତୁମ ଜାଗା ଏବେ ହୋଇଗଲା । ଏବେ ତୁମେ ଏଇଠି ଓହ୍ଲାଇପଡ଼ ।" ରାଜାଙ୍କ କଥା ଶୁଣି ଭିକାରଟି ରାଗିଯାଇ କହିଲା, "କ'ଣ ହେଲା !!! ମୁଁ ଓହ୍ଲାଇ ଯିବି ? ଏ ଘୋଡ଼ା ହେଉଛି ମୋର । ତୁମେ ମୋ ଘୋଡ଼ାରୁ ଓହ୍ଲାଇ ନିଜ ବାଟ ଦେଖ । ନହେଲେ ଏଇ ପାଖରେ ଗାଁରେ ରହୁଥିବା ବିଚାରପତିଙ୍କ ପାଖରେ ତୁମ ନାମରେ ଅଭିଯୋଗ କରିବି ।"

ରାଜା ପ୍ରକୃତରେ ସେଇ ଗାଁକୁ ଯାଇଥିଲେ ସେଇ ବିଚାରପତିଙ୍କୁ ଦେଖା କରିବା ପାଇଁ । ଭିକାରି ଠାରୁ ଏମିତିକା କଥା ଶୁଣି ରାଜାଙ୍କ ମନରେ କୌତୂହଳ ଜାତ ହେଲା । ରାଜା ଖୁବ୍ ନରମ ଗଳାରେ କହିଲେ, "ଆଚ୍ଛା ଭାଇ ! ତୁମେ କେମିତି ମୋ ଘୋଡ଼ାକୁ ତୁମ ଘୋଡ଼ା ବୋଲି କହୁଛ ?" ଭିକାରି ତାଚ୍ଛଲ୍ୟ କରି କହିଲା, "ଆରେ ଯା, ଯା ଯାହାକୁ ପଚାର ସେ କହିବ ଏଇଟା ମୋ ଘୋଡ଼ା, ବୁଝିଲ । କାହିଁକି ନା ଘୋଡ଼ା ହେଉଛି ଦୁର୍ବଳ ଲୋକଙ୍କ ପାଇଁ । ତୁମ ପରି ସୁସ୍ଥ, ସବଳ ଲୋକଙ୍କ ପାଇଁ ନୁହେଁ ।"

ରାଜା କହିଲେ, 'ତୁମ କଥାରେ ମୁଁ ଏକମତ ନୁହେଁ । ଏବେ ଚାଲ ସେଇ ବିଚାରପତିଙ୍କ ପାଖକୁ ଯିବା । ସେ ଆମ ମାମଲାଟା ଫଇସଲା କରିଦେବେ ।" ରାଜାଙ୍କ କଥାରେ ଭିକାରି ଏକମତ ହେଲା । ଦୁହେଁ ଯାଇ ପହଞ୍ଚିଲେ ସେଇ ବିଚାରପତିଙ୍କ ପାଖରେ । ରାଜାଙ୍କ ଅନୁଚରମାନେ ସେଠାରେ ଆଗରୁ ପହଞ୍ଚିଯାଇଥିଲେ । କିଛି ନକହିବା ପାଇଁ ରାଜା ସେମାନଙ୍କୁ ଇସାରା ଦେଲେ ।

ଗୋଟିଏ ବଡ଼ ଚାଳଘର । ସେଇଟା ହେଉଛି ବିଚାରପତିଙ୍କ ଘର । ଘର ସାମନା ଅଗଣାରେ ପଡ଼ିଛି ଖଣ୍ଡେ ଦଦରା ଚଉକି । ତା'ଉପରେ ବସିଛନ୍ତି

ବିଚାରପତି । ବିଚାରପତିଙ୍କ ସାମନାରେ କିଛି ଲୋକ ତଳେ ବସିଛନ୍ତି । କାହାକୁ କିଛି ନକହି ରାଜା ବି ସେଇଠି ତଳେ ବସିପଡ଼ିଲେ । ଭିକାରିଟି ସେଇଠି ଠିଆହୋଇ ରହିଲା । ରାଜା ତ ସାଧାରଣ ବେଶ ପୋଷାକରେ ଅଛନ୍ତି । ରାଜା ବୋଲି ତାଙ୍କୁ ଚିହ୍ନୁଛି କିଏ !

ଜଣେ ଲୋକ କହିଲେ, "ଧର୍ମାବତାର ! ମୁଁ ଏଇ ତେଲିଠାରୁ ତେଲ କିଣିବା ପାଇଁ ଯାଇଥିଲି । ତେଲ କିଣିଲି । ଥଳି ଖୋଲି ପଇସା ଦେବାବେଳେ ଏଇ ତେଲି ମନରେ ଲୋଭ ଜାତ ହେଲା । ସେ ମୋ ହାତରୁ ମୋ ଟଙ୍କା ଥଳିଟିକୁ ଟାଣିନେଲା । ଥଳିଟି ତା'ଠାରୁ ଆଣିବା ପାଇଁ ଟଣା ଓଟରା କଲି । ଏଇ ଦେଖନ୍ତୁ, ଟଣା ଓଟରାରେ ମୋ ହାତ କେମିତି ଖଣ୍ଡିଆ ଖାବରା ହୋଇ ଯାଇଛି । ହେଲେ ମୋ ଥଳି ମୁଁ ପାଇଲି ନାହିଁ । ମୋ ଟଙ୍କା ଥଳି ପାଇବା ପାଇଁ ମୁଁ ଅଭିଯୋଗ ବାଢ଼ୁଛି, ଆପଣ ନ୍ୟାୟମୂର୍ତ୍ତି । ଦୟାକରି ଏହି ଅନ୍ୟାୟର ବିଚାର କରନ୍ତୁ ।"

ବିଚାରପତି ତେଲିକୁ ପଚାରିଲେ, "ତୁମେ କ'ଣ କହୁଛ ? ଇଏ ଯାହା କହିଲେ କ'ଣ ସତ ?"

ତେଲି କହିଲା, "ନା, ଧର୍ମାବତାର ! ସେ ଯାହା କହୁଛି ସବୁ ମିଛ । ଅସଲ କଥା ହେଲା, ସେ ଟଙ୍କା ଭଙ୍ଗାଇବା ପାଇଁ ମୋତେ କହିଲା ମୁଁ ଟଙ୍କା ଦେବା ସମୟରେ ଟଙ୍କା ଥଳିଟି ତଳେ ରଖିଥିଲି । ଏଇ ଅବସ୍ଥାରେ ସେ ହଠାତ୍ ମୋ ଟଙ୍କା ଥଳିଟା ଝାମ୍ପିନେଇ ଦୌଡ଼ିକରି ଚାଲିଗଲା । ମୁଁ ତା' ପିଛାକରି ତା'ଠାରୁ ଟଙ୍କା ଥଳିଟା ଛଡ଼େଇ ଆଣିଲି । ଟଣା ଓଟରାରେ ତା' ହାତ ଖଣ୍ଡିଆ ହୋଇ ଯାଇଛି । ଟଙ୍କା ଥଳିଟା ମୋର ।"

ବିଚାରପତି ଦୁଇଜଣଙ୍କ କଥା ଶୁଣିବା ପରେ କହିଲେ, "ଠିକ୍ ଅଛି । ଟଙ୍କା ଥଳିଟିକୁ ବର୍ତ୍ତମାନ ମୋ ପାଖରେ ଛାଡ଼ିଦିଅ । ଆଉ ଦୁହେଁଯାକ ସଂଧ୍ୟାବେଳକୁ ଆସ । ତୁମ ମାମଲାର ଫଏସଲା ହେବ ।" ତା'ପରେ ଆସିଲା ଆଉ ଗୋଟିଏ ମାମଲା । ଏଥର ଜଣେ ଜମିଦାର ଉଠିଲେ । ବିଚାରପତି କହିଲେ, "ଜମିଦାର ମହାଶୟ ! ମୁଁ ଆପଣଙ୍କର କି ସେବା କରିପାରେ ?"

ଜମିଦାର କହିଲେ, "ଏଇ ଯୁବକ ମୋ ଘରେ ଅନେକଦିନ ହେବ ଚାକର କାମ କରୁଥିଲା । ଏଇଟା ଗୋଟେ ଗାଉଁଲୀ, ଅପାଠୁଆ ଆଉ ବୁଦ୍ଧୁ । ସେ ମୋ ପାଖରେ ରହି କିଛି ଶିକ୍ଷା ଲାଭ କଲା ନାହିଁ । ଏବେ ମୋ ପଡ଼ୋଶୀ ତା'କୁ ଶିଖେଇ କରି ନେଇଯାଇଛି । ମୋର ସେହି ପଡ଼ୋଶୀ ଜଣେ ଶିକ୍ଷକ । ଶିକ୍ଷକ ହୋଇ ସେ କିପରି ଏମିତି କାମ କଲେ, ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ।"

ପଡ଼ୋଶୀ ଶିକ୍ଷକ କହିଲେ, "ଏଇ ଯୁବକ ବିଦ୍ୟା ଶିକ୍ଷା କରିବା ପାଇଁ ମୋ ପାଖକୁ ଅନ୍ୟ ଜାଗାରୁ ଆସିଛି । ସେ ଗୋଟିଏ ମାସ ହେବ ମୋ ପାଖରେ ରହିଲାଣି । ସେ ବିଚରା ବଡ଼ ଗରିବ । ପାଠପଢ଼ା ବାବଦକୁ ସେ ମୋତେ ଅର୍ଥ ଦେଇପାରୁନି । ଫଳରେ ସେ ଘରେ ରହି ମୋର ସେବା କରୁଛି । ଜମିଦାରଙ୍କ ସହ ତା'ର କୌଣସି ସମ୍ପର୍କ ହିଁ ନାହିଁ ।

ବିଚାରପତି କହିଲେ, "ଠିକ୍ ଅଛି । ଆପଣମାନେ ଏହି ଯୁବକକୁ ମୋ ପାଖରେ ଛାଡ଼ିଦେଇ ଯାଆନ୍ତୁ । ସନ୍ଧ୍ୟାବେଳେ ମୋ ପାଖରେ ଆସି ପହଞ୍ଚିବେ । ଏଇ ମାମଲା ଫଏସଲା ପାଇଁ କୌଣସି ସାକ୍ଷୀ ପ୍ରମାଣର ଦରକାର ନାହିଁ । ସନ୍ଧ୍ୟାବେଳେ ଏହି ମାମଲାରେ ରାଏ ମୁଁ ଶୁଣାଇବି ।

ତା'ପରେ ପଡ଼ିଲା ରାଜାଙ୍କ ପାଳି । ବିଚାରପତି ରାଜାଙ୍କୁ ପଚାରିଲେ ଆପଣଙ୍କର ମାମଲା କ'ଣ ?" ରାଜା ଭିକାରିକୁ ଦେଖାଇ କହିଲେ, "ଯା ସହିତ ମୋର ବାଟରେ ଦେଖାହେଲା । ସେ ପ୍ରଥମେ ମୋତେ ପଇସା ମାଗିଲା । ପଇସା ଦେଲି । ତାପରେ ଘୋଡ଼ାରେ ବସିବାକୁ କହିଲା । ଘୋଡ଼ାରେ ବସେଇଲି । ଏବେ କହୁଛି ଘୋଡ଼ା ମୋର । ଏବେ ଆପଣ ଏହି ମାମଲାର ବିଚାର କରନ୍ତୁ ।"

ଭିକାରି ଖୁବ୍ ଜୋରରେ ରାଗିଯାଇ କହିଲା, "ବାଃ ବାଃ ! ଇଏ ଜଣେ ସୁସ୍ଥ, ସବଳ ଯବାନ । ମୁଁ ହେଲି ଗୋଟେ ବୁଢ଼ା ମଣିଷ । ଭିକାରି ନୁହେଁ, ଏଇ ଲୋକ ମୋର ଦୁର୍ବଳତାର ସୁଯୋଗ ନେଇ ମୋ ଘୋଡ଼ାରେ ବସିଲା । ଏବେ ଘୋଡ଼ାର ମାଲିକ ହେବାକୁ ଚାହୁଁଛି । ଆପଣ ବିଚାର କରନ୍ତୁ, ଏପରି ଲୋକର ଘୋଡ଼ାର କି ଆବଶ୍ୟକ ଅଛି ?"

ବିଚାରପତି କହିଲେ, "ଠିକ୍ ଅଛି । ଏବେ ଏଇ ଘୋଡ଼ାକୁ ମୋ ପାଖରେ ଛାଡ଼ିଦେଇ ଯାଅ, ଦୁହେଁଯାକ ସନ୍ଧ୍ୟା ବେଳକୁ ଆସ । ତୁମର ଏଇ ମାମଲାର ଫଏସଲା ଶୁଣିକରି ଯିବ ।"

ବିଚାରପତିଙ୍କ କଥାରେ ସମସ୍ତେ ଚାଲିଗଲେ ।

ସନ୍ଧ୍ୟା ହେଲା । ଲୋକମାନେ ଆସି ବିଚାରପତିଙ୍କ ଅଗଣାରେ ରୁଣ୍ଡ ହେଲେ । ବିଚାପତି ତାଙ୍କ ରାଏ ଶୁଣାଇଲେ-

ମକଦ୍ଦମା ନଂ ଏକ, "ଟଙ୍କା ଥଳିଟି ହେଉଛି ତେଲିର" । ଗ୍ରାହକର ନୁହେଁ, ଏଥିରେ କାହାର କିଛି ଆପତ୍ତି ଥିଲେ ଉଠାଇ ପାରନ୍ତି । କେହି କିଛି କହିଲେ ନାହିଁ । ଅଭିଯୋଗ ଆଣିଥିବା ଲୋକଟି ଚୁପଚାପ୍ ସେଠାରୁ ଖସି ଚାଲିଗଲା ।

ବିଚାରପତି କହିଲେ, "ମକଦ୍ଦମା ନଂ ଦୁଇର ଫଏସଲା ହେଲା, ଯୁବକଟି ଜମିଦାରଙ୍କର ଚାକର ନୁହେଁ । ସେ ହେଉଛି ଶିକ୍ଷକଙ୍କର ଶିଷ୍ୟ ବା ପୁତ୍ର ।" ବିଚାରପତିଙ୍କ ରାଏ ଶୁଣି ଜମିଦାର ଖୁବ୍ ଜୋରରେ ରାଗିଯାଇ କହିଲେ, "ହେ ପାଗଳ ବିଚାରପତି ! ଏଇ ଯୁବକ ହେଉଛି ମୋ ଘରର ଚାକର । ଶିକ୍ଷକଙ୍କର କଥା ତୁମେ ଶୁଣ ନାହିଁ, ମୋ ଚାକରକୁ ମୋତେ ଫେରାଇ ଦେଲେ ମୁଁ ତୁମକୁ ହଜାରେ ଟଙ୍କା ପୁରସ୍କାର ଦେବି" । ବିଚାରପତି କହିଲେ ମୁଁ ଯାହା ରାଏ ଦେଲି ତାହା ଠିକ୍ । ଏହି ରାଏ ବଦଳିବାର ନୁହେଁ । ମୋର ଆଉ କିଛି ଶୁଣିବାର ନାହିଁ । ମୋ ବିଚାରରେ ସନ୍ତୁଷ୍ଟ ନହେଲେ ରାଜାଙ୍କ ନ୍ୟାୟାଳୟକୁ ଯାଅ ସେଠି ତୁମକୁ ନିଶ୍ଚୟ କଠୋର ଦଣ୍ଡ ମିଳିବ । ଏଥିରେ ସନ୍ଦେହ ନାହିଁ । ଆଉ ଶିକ୍ଷକଙ୍କୁ କହିଲେ, "ଗୁରୁଜୀ ଆପଣଙ୍କ ଶିଷ୍ୟ ସହ ଆପଣ ଘରକୁ ଯାଆନ୍ତୁ ।" ବିଚାରପତିଙ୍କ ନ୍ୟାୟଶୁଣି ଜମିଦାର ମୁଣ୍ଡ ତଳକୁ କରି ଚାଲିଗଲା ।

ଏହାପରେ ବିଚାରପତି କହିଲେ, "ଏବେ ମକଦ୍ଦମା ନଂ୩ର ବିଚାର ହେବ ।" ବିଚାରପତି ବୁଢ଼ାକୁ କହିଲେ, "ମଉସା ! ଏଇ ଦେଖନ୍ତୁ ଆପଣଙ୍କ

ଆଗରେ କିଛି ଘୋଡ଼ା ଠିଆ ହୋଇଛନ୍ତି। ସେମାନଙ୍କ ଭିତରୁ ଆପଣଙ୍କ ଘୋଡ଼ାକୁ ବାଛିଆଣନ୍ତୁ।" ବୁଢ଼ା ଗଲା, ଘୋଡ଼ାମାନଙ୍କୁ ଖେଞ୍ଚାଖେଞ୍ଚି କଲା। ହେଲେ କୌଣସି ଘୋଡ଼ା ତା' ସାଙ୍ଗରେ ଆସିଲେ ନାହିଁ, ବୁଢ଼ା ଫେରିଆସିଲା। ବିଚାରପତି ରାଜାଙ୍କୁ ଡ଼ାକିଲେ, କହିଲେ "ଏବେ ଯାଆନ୍ତୁ ଆପଣଙ୍କ ଘୋଡ଼ାକୁ ବାଛିକରି ଆଣନ୍ତୁ।" ରାଜା ଗଲେ ତାଙ୍କ ଘୋଡ଼ା ପିଠିକୁ ଆଉଁସି ଦେଲେ। ଘୋଡ଼ାଟି ଚଟ୍‌କିନା ତାଙ୍କ ସହ ଚାଲିଗଲା। ବିଚାରପତି ବୁଢ଼ାକୁ କହିଲେ, "ଆପଣ ଏଠାରୁ ଶୀଘ୍ର ଚାଲିଯାଆନ୍ତୁ, ଭବିଷ୍ୟତରେ ଆଉ ଏପରି ଧୃଷ୍ଟତା କରିବେ ନାହିଁ।"

ସେଦିନର ବିଚାର ସରିଲା। ଯିଏ ଯୁଆଡ଼େ ଚାଲିଗଲେ। ହେଲେ ରାଜା ସେଠାରେ ଠିଆ ହୋଇ ରହିଲେ। ବିଚାରପତି ରାଜାଙ୍କୁ ଲକ୍ଷ୍ୟକରି କହିଲେ, "କ'ଣ ମହାଶୟ ! ମୋ ବିଚାର ଆପଣଙ୍କ ମନକୁ ପାଇଲାନି ? ଏବେ ଆପଣ ଘୋଡ଼ାକୁ ନେଇ ଘରକୁ ଯାଆନ୍ତୁ।" ରାଜା କହିଲେ, "ନା, ନା ସେ କଥା ନୁହେଁ। ମୁଁ ହେଉଛି ଏ ରାଜ୍ୟର ରାଜା। ଆପଣଙ୍କ ବିଚାର ଓ ଯୋଗ୍ୟତାରେ ମୁଁ ପୂରାପୂରି ସନ୍ତୁଷ୍ଟ। ହେଲେ ମୁଁ ଜାଣିବାକୁ ଚାହେଁ, ବିନା ସାକ୍ଷୀ ପ୍ରମାଣରେ ଆପଣ କିପରି ନିର୍ଣ୍ଣୟରେ ପହଞ୍ଚି ରାଏ ପ୍ରଦାନ କଲେ ?"

ବିଚାରପତି କହିଲେ, "ପ୍ରଥମ ମକଦ୍ଦମା ବିଷୟରେ ମୁଁ କହୁଛି- ଥଳିରେ ଥିବା ଟଙ୍କା ପଇସାକୁ ପାଣିରେ ପକାଇଦେଲି। ପାଣି ଉପରେ ତେଲ ଭାସିବାରେ ଲାଗିଲା। ଏଥିରୁ ଜଣାଗଲା ଯେ, ଥଳିଟି ହେଉଛି ତେଲିର।" ତା'ପରେ ବିଚାରପତି କହିଲେ, "ଦ୍ୱିତୀୟ ମକଦ୍ଦମା କଥା ଶୁଣନ୍ତୁ- ଚାକର ଯୁବକଟି ପଢ଼ାଲେଖା ଜାଣିଛି, ତା'ର ଜ୍ଞାନ ଅଛି। ଜମିଦାର କହୁଥିଲେ ଯେ, ଚାକର ଯୁବକଟି ଗାଉଁଲୀ, ଅପାଠୁଆ ଆଉ ବୁଦ୍ଧୁ ବୋଲି। ଏଣୁ ଯୁବକଟି ହେଉଛି ଶିକ୍ଷକ ବା ଗୁରୁଜୀଙ୍କର ହେଉଛି ପୁତ୍ର ବା ଶିଷ୍ୟ ବୋଲି ନିର୍ଣ୍ଣୟରେ ପହଞ୍ଚିଲି।" ତା'ପରେ ବିଚାରପତି କହିଲେ, "ଆପଣଙ୍କ ମାମଲା। ସିଏତ ଅତି ସାଧାସିଧା ବୁଢ଼ା। ଘୋଡ଼ାମାନଙ୍କୁ ଖେଞ୍ଚାଖେଞ୍ଚି କରିବା ପରେ କୌଣସି ଘୋଡ଼ା ତା' ସହିତ ଗଲେ ନାହିଁ। ଘୋଡ଼ା ତା'ର ପ୍ରକୃତ ମାଲିକକୁ ହିଁ ଜାଣେ। ଏଥିରୁ ନିର୍ଣ୍ଣୟରେ ପହଞ୍ଚିଲି ଯେ ଘୋଡ଼ାଟି ବୁଢ଼ାର ନୁହେଁ, ଆପଣଙ୍କର।"

ଗାଉଁଲୀ ବିଚାରପତିଙ୍କ ବିଚାରରେ ରାଜା ଖୁବ୍ ଖୁସି ହୋଇଗଲେ। ସାଧାରଣ ପରିବାରରେ ଜନ୍ମହୋଇ ମଧ୍ୟ ଲୋକ ବିଜ୍ଞ ଓ ବୁଦ୍ଧିମାନ ଭାବରେ ପ୍ରସିଦ୍ଧି ଲାଭ କରିପାରେ। ରାଜା ଏକଥାକୁ ମାନିନେଲେ। ସେହି ଗାଉଁଲୀ ବିଚାରପତିଙ୍କୁ ନିଜ ଦରବାରରେ ବିଚାରପତି ଭାବରେ ନିଯୁକ୍ତି ଦେଲେ। ବିଚାରପତିଙ୍କ ସହ ନିଜର ପାତ୍ରମନ୍ତ୍ରୀଙ୍କ ଗହଣରେ ରାଜା ଉଆସକୁ ଫେରିଲେ।

ସବୁ ଅପାଠୁଆ ମୂର୍ଖ ନୁହନ୍ତି କି ସବୁ ପାଠୁଆ ପଣ୍ଡିତ ବା ଜ୍ଞାନୀ ନୁହନ୍ତି।

ସାଇଦିଗ୍‌ବଳୟ, ଇ-୧୯୨,
ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନି
ଭୁବନେଶ୍ୱର-୭୫୧୦୦୩ / ୯୪୩୮୨୯୯୧୭୪



# ଦଇବ ଦଉଡ଼ି ମଣିଷ ଗାଈ

*ଡା. ପ୍ରିୟଦର୍ଶିନୀ ମହାନ୍ତି*

ମଣିଷ ଜୀବନ କ୍ଷଣିକ। ଜୀବନ ଓ ମୃତ୍ୟୁ ଏଇ ସଂସାରର ଏକ ନିରାଟ ସତ୍ୟ। ମଣିଷ ଶୈଶାବସ୍ଥାରୁ ଆରମ୍ଭ କରି ବୃଦ୍ଧାବସ୍ଥା ଯାଏ ବିଭିନ୍ନ ପ୍ରକାରର ଅନୁଭୂତି ସହିତ ଗତିକରିଥାଏ। ମନୁଷ୍ୟ ପଞ୍ଚଭୂତରୁ ସୃଷ୍ଟି ହୋଇଛି। ତାହାର ଉନ୍ନତ ମସ୍ତିଷ୍କ ଯୋଗୁ ପ୍ରାଣୀ ଜଗତରେ ଏକ ବିଶିଷ୍ଟ ଜୀବର ସ୍ଥିତି ପାଇଛି। ତାର ପଞ୍ଚେନ୍ଦ୍ରିୟ ମନ, ପ୍ରାଣ ଓ ଆତ୍ମାର ଅନୁଭୂତି ଉପରେ ହିଁ ଆଜି ତାର ପରିବାର ବଂଶ ସମାଜ ଓ ଦେଶ ଗଢ଼ା।

ନିଜର ଜୀବନକୁ ଉପଭୋଗ କରିବା ସୁଖମୟ କରିବା ଏବଂ ସୁରକ୍ଷିତ ରଖିବାକୁ ସେ ସଦାତତ୍ପର। ଏହି ଇଚ୍ଛା ଏହି ପ୍ରେରଣା ତାକୁ ପ୍ରସ୍ତର ଯୁଗରୁ ଆଜି ଏକବିଂଶ ଶତାବ୍ଦୀରେ ଜ୍ଞାନ, ବିଜ୍ଞାନ ଓ ଆତ୍ମ ସମୀକ୍ଷା ପଥରେ ଆଗେଇ ନେଇଛି।

ଏ ବ୍ରହ୍ମାଣ୍ଡର ସୃଷ୍ଟି ଅଣୁ ପରମାଣୁ ସହିତ ଜୀବ ଶରୀରର କୋଷର ରହସ୍ୟ ବିଜ୍ଞାନ ଦ୍ୱରା ପ୍ରାପ୍ତ ହୋଇଛି। ଆମେ ଆଜି Evolution ରେ ବିଶ୍ୱାସ କରୁ ଏବଂ ବିବର୍ତ୍ତନ ବାଦରେ ବିଶ୍ୱାସ କରୁ। ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଦେଖିଲେ ମଣିଷର ଅନେକ ପ୍ରଶ୍ନର ଉତ୍ତର ମିଳେ ଯୁଗ ଯୁଗ ଧରି ପୃଥିବୀରେ ବହୁତ ଧର୍ମର ସୃଷ୍ଟି ହୋଇଛି। ବହୁ ଧର୍ମଗ୍ରନ୍ଥ ବହୁତ ଋଷି ମୁନି ଆମକୁ ଜୀବନର ଉଦ୍ଦେଶ୍ୟ ଓ ଉଚିତ୍ ରାସ୍ତାରେ ଚାଲିବାକୁ ପ୍ରେରଣା ଦେଇଛନ୍ତି।

ମଣିଷ ତାର ଇନ୍ଦ୍ରିୟାନୁଭୂତି ଜ୍ଞାନଦ୍ୱରା ବହୁତ ପ୍ରଭାବିତ। କିଏ ଧନୀ ବା କିଏ ଗରିବ। କାହାର ଜୀବନ ଧନ ପଛରେ ପଡ଼ିଥାଏ ତ କିଏ ଲୋଭ ପ୍ରଲୋଭନ ଓ ଲାଳସା ପଛରେ ଉନ୍ମତ୍ତ ଥାଏ। ମଣିଷ ଭାବେ ଜୀବନଟା ଯେପରି ତାରି, ଅଧିକାରରେ ତାହାରି ଚିନ୍ତାଧାରାରେ ଚାଲିଛି। ଜୀବନ ସଂସାର ତାର ଅକ୍ତିଆରରେ ଅଛି। ହେଲେ ବେଳେବେଳେ ଏମିତି ସମୟ ଆସେ ଯେ ମଣିଷର ଜୀବନରେ ବହୁତ ପରିବର୍ତ୍ତନ ଆସେ। ଦୁନିଆ ବଦଳିଯାଏ । ତାର ଚେଷ୍ଟା ପ୍ରଚେଷ୍ଟା ସମୟ ବା ପରିବେଶକୁ ବଦଳାଇବାରେ ସକ୍ଷମ ହୁଏନାହିଁ। ସେତିକିବେଳେ ଆମେ ଭାବୁ ସେଇ ପରମାତ୍ମାଙ୍କ କଥା ଯାହା ଆମକୁ ପ୍ରତି ମୁହୂର୍ତ୍ତରେ ଚଳାଉଛି। ସେହି ଶକ୍ତି ଆମକୁ ଜୀବନର ଅନୁକୂଳ ଓ ପ୍ରତିକୂଳ ଅବସ୍ଥାରେ ଆଶା ଓ ବିଶ୍ୱାସ ଦିଏ।

ଜୀବନର ବାସ୍ତବତାକୁ ଜାଣିବାର ଏଇ ଆକାଂକ୍ଷା ମତେ ମୋର ଅତୀତର ଅନୁଭୂତିକୁ ବିଶ୍ଳେଷଣ କରିବାକୁ ବାଧ୍ୟ କରିଛି। ମୋ ଜୀବନରେ ମୋର ମାଆ (ବୋଉ)ଙ୍କର ଅବଦାନ ବହୁତ ବେଶି। ତାଙ୍କରି କଥାରୁ ଜାଣିଛି ଯେ ମୋ ଜନ୍ମବେଳେ ଆମ ପରିବାରରେ ଗୋଟିଏ ବଡ଼ ଦ୍ୱନ୍ଦ୍ୱର ସୃଷ୍ଟି ହୋଇଥିଲା। ଆମ ଗାଁର ବାଣୀ ମା' ଯେ ମୋ ଜେଜେମା'ର ବଡ଼ ସାଙ୍ଗ ସିଏ ମୋ' ବୋଉର ପିଲାଟିକୁ କୋଳକୁ ନେବାକୁ ଚାହୁଁଥିଲେ। ବହୁତ ଆଶାନେଇ ମୋ ବୋଉର ଗର୍ଭାବସ୍ଥାରେ ଯତ୍ନ ନେଇଥିଲେ ଏବଂ ମୋର ଜନ୍ମବେଳେ ଉପସ୍ଥିତ ଥିଲେ। ଯେ ମୋ' ବୋଉ କହିଥିଲେ ଯେ ତାଙ୍କ ମନରେ ଆଶା ଥିଲା ଯେ ଏଥର ଗୋଟିଏ ଝିଅ ହେଉ। ଆଉ ସେ ବାଟମଙ୍ଗଳାଙ୍କ ଦୟା ଓ ଆଶୀର୍ବାଦରେ ମୁଁ ଦୁଇ ଭାଇଙ୍କ ପରେ ଝିଅଟିଏ ହୋଇ ଜନ୍ମନେଲି। ତାଙ୍କ ଖୁସିର ସୀମା ନଥିଲା। ବାଣୀ ମା' ଦୁଃଖରେ ମତେ କୋଳକୁ ନେଲେ ନାହିଁ କାରଣ ମୁଁ 'ପୁଅ' ହୋଇ ଜନ୍ମ ନେଲିନି। ତାଙ୍କ ବଂଶର ଅନ୍ୟ ଝିଅ, ନଣନ୍ଦ ମାନଙ୍କ ପରି ମୁଁ ବାହାହୋଇ ନଥାନ୍ତି କୌଣସି ମା ଚାହେଁ ନାହିଁ ଅନ୍ୟ ହାତରେ ନିଜର ସନ୍ତାନକୁ ଦେଇ ଦେବାକୁ।

ଏବେବି ମନେପଡ଼େ ସେଦିନ, ହଠାତ୍ ଦିନେ ମୋ ଜେଜେମା କହିଲେ ଆମେ ପାଞ୍ଚ ଭାଇ ଭଉଣୀ ଆମ ଗାଁକୁ ଯାଇ ଛୁଟି ମନେଇବା ପାଇଁ। ମତେ ଟିକେ ଆଶ୍ଚର୍ଯ୍ୟ ଲାଗିଥଲା କାହିଁକି ନା ସ୍କୁଲରେ ତ ଛୁଟି ନଥାଏ। ତେବେବି ମନ ଉତ୍ଫୁଲ୍ଲିତ ହୋଇ ଉଠିଥିଲା। ଆମ ଗାଁ ନାଗବାଲୀ ଅତି ସୁନ୍ଦର। ସିତୁଆ ନଈ କୂଳରେ ଆମର ଗାଁ କୋଚିଲା ବଣ ଆମ୍ବତୋଟା ଓ ନଈବନ୍ଧ ଉପରେ ଖେଳିବା ଦେଖୁ ଦେଖୁ ଆମେ ଆମ ଜେଜେମାଙ୍କ ସହିତ ଆମର ଛୋଟ ଟ୍ରେନ୍ ଷ୍ଟେସନରେ Passenger trainରେ ବସି ପହଞ୍ଚିଗଲୁ। ନଈ ବନ୍ଧେ ବନ୍ଧେ ରିକ୍ସାରେ ବସି ଆମ ଘରେ।

ଏଇ ଉତ୍ଫୁଲ୍ଲିତ ବେଶି ଦିନ ରହିଲା ନାହିଁ ଜଣା ପଡ଼ିଲା। ମୁଁ ମୋ ସାଙ୍ଗସାଥି ମୋର ସ୍କୁଲ, ସମୁଦ୍ର ପୁରୀ ସବୁଦିନ ପାଇଁ ଛାଡ଼ି ଚାଲି ଆସିଛି। ମୋର ଆଉ ଗୋଟିଏ ନୂଆ ଜୀବନର କାହାଣୀ ଆରମ୍ଭ ହୋଇଥିଲା। ମୋର ବାପା ଓ ବୋଉଙ୍କ ଜୀବନରେ ତୋଫାନ ଆସିଥିଲା। ଯେଉଁ ସମ୍ବନ୍ଧ ଥିଲା ସେତା ପାଣିଫୋଟକା ପରି ଫାଟି ଯାଇଥିଲା ସତେ କ'ଣ ବାପା ମତେ ଭଲ ପାଉନାହାନ୍ତି ଆଉ ମୁଁ ତାଙ୍କର ଗେହ୍ଲାଝିଅ ନୁହେଁ। ଆମକୁ ଦୂରକୁ କାହିଁକି ଆସିବାକୁ ପଡ଼ିଲା ? ମୋ ଜେଜେ ମା'ଙ୍କ ମତରେ ସେତେବେଳେ ସେ କହିଥିଲେ ମୋର ବାପା ବୋଉ ନିଜ ନିଜ ଭିତର ସମ୍ବନ୍ଧକୁ ପୁଣି ଯୋଡ଼ିବାକୁ ଚେଷ୍ଟା କରୁଛନ୍ତି। ସେଥିପାଇଁ ଆମେ ଭଗବାନଙ୍କୁ ପ୍ରାର୍ଥନା କରିବା ଓ ଗାଁ

ସ୍କୁଲରେ ପଢ଼ିବା ଓ ରହିବା । କିନ୍ତୁ କଥାଟି ସେଇଠି ହିଁ ଶେଷ ହୋଇ ଯାଇଥିଲା । ସୂତା ଖିଅଟା ଛିଣ୍ଡି ଯାଇଥିଲା ଯୋଡ଼ିହୋଇ ପରିନଥିଲା 'କି' ଗଣ୍ଠି ବି ପଡ଼ିପାରି ନଥିଲା ମୁଁ ଅନୁଭବ କଲି ଓ ଜାଣିଲି ଆମ ପରିବାର ଭାଙ୍ଗି ଯାଇଛି । ମୁଁ ବହୁତ ଭାବିଛି ସତେ କ'ଣ ବାଟମଙ୍ଗଳାଙ୍କର ଇଚ୍ଛାରେ ହସ୍ତକ୍ଷେପରେ ମୋର (Sex determination) ହୋଇଥିଲା ? କିଏ ସେଇ ଅଜଣା ସୃଷ୍ଟିକର୍ତ୍ତା ଅଜଣା ଭାଗ୍ୟକର୍ତ୍ତା ଅଛନ୍ତ ? ଯିଏ ମୋ ବୋଉର ଆଶା ଆକାଂକ୍ଷାକୁ ରକ୍ଷା କରିଦେଲେ । ସେଇ ଭାଗ୍ୟକର୍ତ୍ତା ଜଣେ ପୁତ୍ରହୀନ ମାତାର ବିଶ୍ୱାସ ଓ ଆଶାକୁ ସତରେ ପରିଣତ ହେବାକୁ ଦେଇ ନଥିଲେ ଜୀବନରେ  କାହା ଭାଗ୍ୟରେ ହତାଶା ତ କାହାର ଜୀବନ ଆନନ୍ଦର ପରିପୂର୍ଣ୍ଣ । କେଉଁ ଅଦୃଶ ଶକ୍ତି ଉପରେ ଜୀବନର ବାସ୍ତବତା ତିଷ୍ଠ ?

ମୋର ପିଲାବେଳର କାହାଣୀ ମଧ ଏକ ଆଶ୍ଚର୍ଯ୍ୟ ଜନକ ଅଧ୍ୟାୟ । ଜଣେ ବିଦ୍ୱାନ, କବି, ସମାଜର ପ୍ରତିଷ୍ଠିତ ପିତାଙ୍କ ଘରେ ମୋର ଜନ୍ମ । ମୋର ପିତା ବହୁ ଲୋକପ୍ରିୟ ଥିଲେ । ଉଚ୍ଚ ଶିକ୍ଷିତ ଓ ଆଧୁନିକ ବ୍ୟକ୍ତି ଥିଲେ । ମତେ ବହୁତ ଭଲପାଉ ଥିଲେ । ଅନ୍ୟ ପିଲାମାନଙ୍କ ପରି ମୋର ପିଲାବେଳେ ହସ ଖୁସିରେ ବିତିଥିଲା । ସେତେବେଳେ ମୁଁ ଭାବିଥିଲି ମୁଁ ବଡ଼ ହେଲେ ଜଣେ କବି ହେବି ସମାଜରେ ସମ୍ମାନିତ ହେବି ବହୁତ ପଢ଼ିବି । ବାପାଙ୍କ ପରି ଆମ ସମାଜର ଅନ୍ଧବିଶ୍ୱାସ ସବୁକୁ ଏଡ଼ାଇଦେବି ସ୍କୁଲ୍‌ରେ ଶ୍ରେଣୀରେ ସବୁବେଳେ ପ୍ରଥମରେ ଥିଲି ବୋଧହୁଏ ମନେ ମନେ ନିଜକୁ ବହୁତ ଗର୍ବିତ ହେଉଥିଲି ।

ଆମର ଘର ସମୁଦ୍ର କୂଳରେ ଥିଲା, ସମୁଦ୍ର ଆଉ ତାର ଘରବାଲି ଝାଉଁବଣ ଓ ନୂଆ ନୂଆ ସାଙ୍ଗସାଥି ମତେ ଏକ ଖୁସିବାସୀର ଦୁନିଆରେ ରଖିଥିଲେ । ଘର ସାମନାର ରାମକୃଷ୍ଣ ମିଶନର ମଠ ଆମ ଘରର ଦୁଇହାତୀର ମୂର୍ତ୍ତି ସବୁ ଗୋଟେ ସୁନ୍ଦର ସ୍ୱପ୍ନ ଓ ବାସ୍ତବତାର ପରିବେଶ ସୃଷ୍ଟି କରିଥିଲା । ବହୁତ ଆକର୍ଷଣୀୟ ଅତୀତ ମୋର ସେତେବେଳେ ଲାଗୁଥିଲା ଜୀବନ ସତ୍ୟ, ସୁନ୍ଦର ବାସ୍ତବ ନିଜର ଇନ୍ଦ୍ରିୟାନୁଭୂତିର ହଠାତ୍ ଦିନେ ଏସବୁର ଅନ୍ତ ଆସିଯାଇଥିଲା । କେତେ ପରିବର୍ତ୍ତନଶୀଳ ଏ ଦୁନିଆ ମଣିଷକୁ କୋଉଠୁ ଆଣି କୋଉଠି ପକେଇ ଦିଏ ? ଯିଏ ମୋର ଅଦରଣୀୟ ସର୍ବଶ୍ରେଷ୍ଠ ଅଧିନାୟକ ମୋର ଆଦର୍ଶ ମୋର ବାପା ମତେ ତ୍ୟାଗ କରିଦେଇ ଥିଲେ । ଆମ ଗାଁରେ ହିଁ ଆମେ ବଡ଼ହେବୁ । ଆମର ସବୁସ୍ୱପ୍ନ ଏଇଠି ହିଁ ପୂରାହବ । କିଛିଦିନ ପରେ ମୋ ବୋଉ ଘରକୁ ଗଲେ ।  ପିଲାମାନଙ୍କୁ ଛାଡ଼ି ତାଙ୍କ ମନ ମାନିଲା ନାହିଁ । ଆମେ ପିଲାମାନଙ୍କୁ ପାଖକୁ ଫେରି ଆସିଲେ । ଆମକୁ ବଡ଼ ହେବାରେ ଦୁନିଆକୁ ସାମନା କରିବାରେ ସାହାଯ୍ୟ କଲେ ।

ବହୁତ ଥର ଭାବିଛି ଏତେ ଖୁସି ଆନନ୍ଦର ପିଲାବେଳ ମୋର ହଠାତ୍ କହିଁକି ପରିବର୍ତ୍ତିତ ହେଲା । ମୋ ଜୀବନରେ ଦୁଃଖ, ଦୁର୍ଦ୍ଦଶା କୋଉଠୁ ଆସିଲା ? ଏଇଟା ମୋର ସେହି ଭାଗ୍ୟ, ସେଇ ଅଦେଖା ଦଇବ ସେଇ ଭଗବାନ ଯାହାଙ୍କୁ ଆମେ ଯୁଗେ ଯୁଗେ ଧରି ବୁଝିବାକୁ ଚେଷ୍ଟା କରି ଆସୁଛୁ ।

ମୋର ଜୀବନ ଏଇଥିରେ ହିଁ ଆଗେଇ ଆଗେଇ ଚାଲିଥିଲା ଗାଁ ସ୍କୁଲ୍‌ରେ ମୁଁ ବହୁତ ଆଦର ଓ ସମ୍ମାନ ମିଳିଥିଲା ହେଲେ ତା ସହିତ ବହୁତ ଆକ୍ଷେପ, ଅପବାଦର ଶିକାର ମଧ ହୋଇଛି । ପ୍ରଶ୍ନ ଆସେ ମୋର ଏଥିରେ କ'ଣ ଦୋଷ ଥିଲା କି ? ମୁଁ କ'ଣ କରିପାରି ନଥିଲି ତାହା ଯୋଗୁ ଏତେ ବଡ଼ ବିପତ୍ତି ମୋ ପରିବାରକୁ ଆସିଥିଲା ।

ଏହା ଭିତରେ ସମାଜ ଆମର ବହୁତ ଯତ୍ନ ବି ନେଇଥିଲା । ମୋର ଜେଜେମାଙ୍କର ବାପଘର ଲୋକମାନେ ଓ ମୋର ମାମୁଁ, ମାଉସୀମାନେ ଆଗକୁ ବହୁ ଉତ୍ସାହ ଓ ସାହାଯ୍ୟ କରିଥିଲେ । ହେଲେ ମୁଁ ଜଣେ ଏମିତି ଲୋକର ସଂସ୍ପର୍ଶରେ ଆସିଲି ମୋ ଜୀବନ ପୂରା ବଦଳିଗଲା ପୁଣିଥରେ ଜୀବନରେ ବଞ୍ଚିବାର ଇଛା । ଆଗେଇ ଯିବାର ଇଚ୍ଛା ଜାଗି ଉଠିଲା । ସେ ହେଲେ ମୋ ଜୀବନର ସର୍ବଶ୍ରେଷ୍ଠ ବନ୍ଧୁ ମୋର ଆଦର୍ଶ ଓ ପ୍ରେରଣା ଓ ବର୍ତ୍ତମାନ ଜୀବନରେ ମୋର ସ୍ୱାମୀ ମୋର ଅର୍ଦ୍ଧାଙ୍ଗ । ସମୟ ଓ କାଳ ଆମକୁ ଜୀବନରେ ସାଙ୍ଗ ହୋଇ ଯିବାର ରାସ୍ତା ଦେଖାଇଲା । ମୁଁ ଜୀବନରେ ତାଙ୍କୁ ଭଲପାଇ ଯାଇଥିଲି ।

ଦିନେ ମୁଁ ମୋର ମାମୁଁଘରେ ବସିଥାଏ ମୋର ଦେଖାହେଲା ଜଣେ ଶିକ୍ଷକଙ୍କ ସାଙ୍ଗରେ ଯିଏ ମୋର ମାମୁଁଙ୍କ ପିଲାମାନଙ୍କୁ ପଢ଼ାଉଥିଲେ । ସେ ମୋର ହାତକୁ ଧରି ଭବିଷ୍ୟ କଥା କହିଲେ । ମୁଁ ଭବିଷ୍ୟତ ବାଣୀରେ ବିଶ୍ୱାସ କରେନି । ସେ କହିଲେ ଏ ଝିଅଟିର ଚେହେରାଠୁ ଆରମ୍ଭ କରି ଦେଶ, କାଳ ସବୁ ପରିବର୍ତ୍ତନ ହୋଇଯିବ । ଅନ୍ୟମାନେ ଦେଖିଲେ ଆଶ୍ଚର୍ଯ୍ୟ ହେବେ । ମୁଁ କଥାକୁ ବିଶ୍ୱାସ କହି ନଥିଲି ଓ ହସି ଉଡ଼ାଇ ଦେଇଥିଲି ।

କିନ୍ତୁ ସମୟ ଆସିଲା ମୁଁ ମୋର ଡାକ୍ତରୀ ପଢ଼ା ପରିବେଶରୁ ପୂରା ଅଲଗା ହୋଇଗଲି । ବିବାହ ପରେ ମୋତେ ମୋର ସ୍ୱାମୀଙ୍କ ସହ ଭାରତୀୟ ବାୟୁସେନାର ପରିବେଶରେ ରହିବାକୁ ପଡ଼ିଲା । ସେତେବେଳେ ସମୟରେ ଆମର ଶିକ୍ଷା ସଭ୍ୟତା ମୋ ସମାଜରେ ବହୁତ ଅଲଗା ଥଲା । ବେଶଭୂଷାଠୁ ଆରମ୍ଭ କରି ନିଜର ବ୍ୟବହାର ନିଜର ରହଣି ସବୁଥିରେ ପରିବର୍ତ୍ତନ ଆସିଥିଲା । ମୁଁ ପୁଣି ଭାବିବାରେ ଲାଗିଲି ଜୀବନଟା ଆନନ୍ଦମୟ ସୁଖମୟ ବାସ୍ତବରେ ସତ୍ୟ ।

ତଥାପି ମନରେ ଦୁଃଖ ରହିଯାଇଥିଲା ଯେ ମୁଁ ମୋର ଡାକ୍ତରୀ ଜୀବନରେ ବେଶି କିଛି କରିପାରିଲିନି । ମୋର ଏହି ମାନସିକ ଅଶାନ୍ତି ବେଳେ ବେଳେ ବହୁତ କଷ୍ଟ ହେଉଥିଲା । ଲାଗୁଥିଲା ଏମିତି ଜୀବନ ମୁଁ ଚାହିଁଥିଲି କି ? ବହୁ ଦ୍ୱନ୍ଦ୍ୱରେ ଥିଲା ମୋ ମନ ମୁଁ ଆଜିକାଲି ଆମ ଦେଶରେ ମହିଳା ମାନଙ୍କ ପାଇଁ ଅନେକ ସୁବିଧା ଦିଆଯାଉଛି । ଆଜିକାଲି ଦେଶରକ୍ଷା ବିଭାଗରେ ବହୁତ ପରିବର୍ତ୍ତନ ଆସିଛି । ମୁଁ ବହୁତ ସୁବିଧା ସୁଯୋଗକୁ ଅପେକ୍ଷା କରିଥାଏ ନିଜକୁ ସକ୍ଷମ କରିବାକୁ ଦିନ ଆସିଲା ମୁଁ ନିଜର ବାସ୍ତବତା ପାଇବା ପାଇଁ ବିଦେଶିନୀ ହେଲି ଏମ୍.ବି.ବି.ଏସ୍ ପାସ୍ କରି ଇଂଲଣ୍ଡ ପରେ ଆମେରିକା ଗଲି । ବିଦେଶର ଶିକ୍ଷା ସଂସ୍କୃତି ସହିତ ଜଡ଼ିତ ହବାଦ୍ୱରା ବହୁତ ନୂଆ ଧାରଣା ମନରେ ଆସିଲା ସବୁ ଦେଶର ସଭ୍ୟତା ସଂସ୍କୃତିରେ ବିଶେଷତା ଅଛି । କିଛି ଭଲ ଓ କିଛି ମନ୍ଦ । ମଣିଷ ସବୁଠାରେ ସମାଜ ଗଢ଼ିଛି । ନିଜର ସ୍ୱାର୍ଥ ନିଜର ଉନ୍ନତି ଅବନ୍ନତି ଦେଖିଛ ।

ଏ ସବୁର ଶେଷ କଥା ହେଉଛି ମଣିଷ ଜୀବନ ବହୁରୂପୀ। ଜୀବନର ପ୍ରତି ମୁହୂର୍ତ୍ତରେ ଅବସ୍ଥା ଅନୁଭୂତି ଓ କଳ୍ପନା ତାକୁ ଜୀବନର ବିଭିନ୍ନ ଦିଗକୁ ଟାଣିନିଏ। ମଣିଷ ଗୋଟିଏ ସମାଜିକ ପ୍ରାଣୀ ଏଇ ସମାଜରେ କେମିତି ସେ ସୁଖ ସମୃଦ୍ଧି ପାଇବ ଦୁଃଖ, ଦୁର୍ଦ୍ଦଶା ଦୂର ହେବ, ନିରୋଗ ରହିବ, ଅବଶେଷରେ ମନର ଶାନ୍ତ ପାଇବ – ତାହା ହିଁ ଜୀବନର ଉଦ୍ଦେଶ୍ୟ ହେଲେ ଜୀବନକୁ ଆମେ ଗଭୀର ଭାବରେ ଚିନ୍ତା କଲେ ଈଶ୍ୱରଙ୍କ ସ୍ଥିତି ସାମନାକୁ ଆସେ। ଜୀବନର ଯାହା ଚାହେଁ ବେଳେ ବେଳେ ତାର ବିପରୀତ ଫଳ ପାଏ। ଆଶା ଅନୁସାରେ ଜୀବନ ଚାଲେନି, ଏହା ଦଇବ ନର୍ଦ୍ଧାରିତ ଦିଗରେ ହିଁ ଚାଲେ।

ମୋର ଜୀବନର ଅନୁଭୂତି, "ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣିବ ତେଣିକି ଯାଇ"।

ଚଣାହାଟ, ବାଲିପାଟଣା, ଭୁବନେଶ୍ୱର
ମୋ – ୭୬୮୧୦୧୨୯୯୪



# ମାନବ ଜନ୍ମ ସର୍ବୋତ୍କୃଷ୍ଟ

*ଡକ୍ଟର ଭାସ୍କର ମିଶ୍ର*

**ଶ୍ରୀ**ମଦ୍ ଭାଗବତ ମହାପୁରାଣରେ କୁହାଯାଇଛି :-

"ଅଶେଷ ଜନ୍ମ ପୁଣ୍ୟ ଫଳେ । ମନୁଷ୍ୟ ଜନ୍ମ ମହୀତଳେ ॥"

ପୁରାଣର ବର୍ଣ୍ଣନାନୁଯାୟୀ ଚଉରାଅଶି ଲକ୍ଷ ପ୍ରକାରର ଶରୀର ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛି ମାନବ ଶରୀର । ସିଦ୍ଧ ସାଧକ ଅତିବଡ଼ି ଜଗନ୍ନାଥ ଦାସଙ୍କ କୃତ ଓଡ଼ିଆ ଭାଗବତର ଏକାଦଶ ସ୍କନ୍ଧ ଏକବିଂଶ ଅଧ୍ୟାୟରେ ବର୍ଣ୍ଣିତ ପ୍ରକାରେ,

''ସର୍ବ ଶରୀର ମଧ୍ୟେ ସାର । ଦୁର୍ଲ୍ଲଭ ନର କଳେବର ॥''

ଜଗତରେ କେବଳ ଏହି ଗୋଟିଏ ଶରୀର ମାଧ୍ୟମରେ ମାନବ ମୋକ୍ଷ ରୂପକ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସମର୍ଥ ହୋଇଥାଏ । ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ଗ୍ରହଣ କରି ପଶୁମାନଙ୍କ ଭଳି କେବଳ ଆହାର, ନିଦ୍ରା, ଭୟ ଓ ମୈଥୁନରେ ଆସକ୍ତ ହୋଇ କାଳ କାଟିବା ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟର କର୍ତ୍ତବ୍ୟ ନୁହେଁ । ମନୁଷ୍ୟ ସର୍ବଦା ଚିନ୍ତା କରିବା ଦରକାର, ଏଭଳି ଏକ ଦୁର୍ଲ୍ଲଭ ଶରୀର ଧାରଣ କରିବାର ମୂଳ ଉଦ୍ଦେଶ୍ୟ କ'ଣ ହୋଇପାରେ ସେଥିପାଇଁ ତାକୁ ଶାସ୍ତ୍ର, ସଦ୍‌ଗୁରୁ ବା ମହାପୁରୁଷମାନଙ୍କ ଆଶ୍ରୟ ନେବାକୁ ହୋଇଥାଏ ।

ମାନବ ଧର୍ମ କହିଲେ ହିଁ ବୈଦିକ କାଳରୁ ଚଳି ଆସିଥିବା ମଣିଷର ମଣିଷତ୍ୱର ଗାରିମାକୁ ଅକ୍ଷୁଣ୍ଣ ରଖି, ମଣିଷର ମଣିଷତ୍ୱ ଉପରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିବାକୁ ବୁଝାଏ । କହିବାକୁ ଗଲେ ମାନବ ଧର୍ମ ବା ମାନବବାଦୀ ଚେତନା ମଣିଷର ସ୍ଥିତି, ସ୍ୱତନ୍ତ୍ରତା ଏବଂ ହିତ ସାଧନାର ପକ୍ଷପାତି ଅଟେ । ମାନବ ଧର୍ମର କେନ୍ଦ୍ରବିନ୍ଦୁ କହିଲେ ମଣିଷକୁ ହିଁ ବୁଝାଏ । ଅର୍ଥାତ୍ ମନୁଷ୍ୟ ଭିତରେ ଥିବା ସର୍ବମୟ ଶକ୍ତିର ସଂରକ୍ଷଣ ଓ ପ୍ରତିଷ୍ଠାକୁ ବୁଝାଏ । ମାନବଧର୍ମୀ ମାନବବାଦୀ ବିଚାରଧାରା କହିଲେ ହିଁ ମନକୁ ଆସେ ମାନବ ଭିତରେ ଥିବା ଦୁର୍ବଳ ପ୍ରବୃତ୍ତି ଯଥା :- ହତାଶା, ଭୟ, ଶଙ୍କାକୁ ପ୍ରତିହତ କରି ଏକ ସୁଦୃଢ଼ ଆତ୍ମିକ ଚେତନା ଜାଗ୍ରତ କରିବା ।

ମାନବ ଜୀବନର ଶ୍ରେଷ୍ଠତ୍ୱ ସଂପର୍କରେ ମହାଭାରତରେ ଭୀଷ୍ମ ଯୁଧିଷ୍ଠିରଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି :- ମନୁଷ୍ୟଠାରୁ ଏ ସଂସାରରେ ବଡ଼ କେହି ନାହିଁ । ଭୀଷ୍ମ ଶରଶଯ୍ୟାରେ ଥାଇ ବୁଝାଇଛନ୍ତି ମାନବର ଶ୍ରେଷ୍ଠ ଧର୍ମ ହେଉଛି ଜୀବେ ଦୟା । ହିତ ସାଧନ କରିବା ହେଉଛି ଏହାର ମୂଳମନ୍ତ୍ର । ଦ୍ୱିତୀୟ ହେଉଛି ସେବା, ପରୋପକାର ଏବଂ ସହାନୁଭୂତି ପ୍ରଦାନ କରିବା । ତୃତୀୟ ହେଉଛି ଅସତ୍ୟ, ଲୋଭ, ଘୃଣା, ଈର୍ଷା ଏବଂ ଆଳସ୍ୟ ତ୍ୟାଗ କରି ଅନ୍ୟର ହିତ ସାଧନ ପାଇଁ ତତ୍ପର ରହିବା । ଏତ ଗଲା ପ୍ରାଚୀନ ଯୁଗର କଥା କିନ୍ତୁ ସାଂପ୍ରତିକ ସମୟରେ ମଣିଷକୁ ମଣିଷ ହତାଦାର ନକରିବା ପାଇଁ ରବୀନ୍ଦ୍ରନାଥ ଠାକୁର କହିଛନ୍ତି :- "ଶୁନରେ ମାନୁଷ ଭାଇ, ସବାଇ ଉପରେ ମାନୁଷ୍ ସତ୍ ତା'ର ଉପର ନେଇଁ" । ମନୁଷ୍ୟ ହିଁ ଜଗତର ଶ୍ରେଷ୍ଠ ପ୍ରାଣୀ, ତା'ପରେ ଦ୍ୱିତୀୟ କେହି ନାହିଁ । ଏ କଥାକୁ ମନେରଖି ଧୈର୍ଯ୍ୟପୂର୍ଣ୍ଣ ଭାବରେ ସଂସାରରେ ଗତି କରିବାକୁ ହେବ । ଜଣେ ଉତ୍ତମ ମଣିଷର କର୍ତ୍ତବ୍ୟ ହେଉଛି କାୟମନୋବାକ୍ୟରେ ପରର ଅନିଷ୍ଟ ଚିନ୍ତାରୁ ନିବୃତ୍ତ ରହିବା, ସବୁ ଜୀବ ପ୍ରତି ଦୟା ପ୍ରଦର୍ଶନ କରିବା, ଦୁଃଖୀରଙ୍କିଙ୍କୁ ଯଥା ସମ୍ଭବ ଦାନ କରିବା, କ୍ରୋଧକୁ ନିଜର ଆୟତରେ ରଖିବା, ଅସୂୟା ଓ ଅହଂକାରରୁ ନିଜକୁ ମୁକ୍ତ ରଖିବା, ବଳବାନ୍ ଇନ୍ଦ୍ରିୟମାନଙ୍କୁ ନିଜ ନିୟନ୍ତ୍ରଣରେ ରଖିବା, ଶାସ୍ତ୍ର ଓ ମହାପୁରୁଷମାନଙ୍କ ଉପଦେଶ ମାନି ଚଳିବା, ଅନ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଇତ୍ୟାଦି । ଶାସ୍ତ୍ରରେ ମନୁଷ୍ୟ ଜନ୍ମର ଶ୍ରେଷ୍ଠତା ସମ୍ବନ୍ଧରେ ଉଲ୍ଲେଖ ରହିଛି –

"ଦୁର୍ଲ୍ଲଭୋ ମାନୁଷୋ ଦେହୋ ଦେହିନାଂ କ୍ଷଣଭଙ୍ଗୁର ।
ତତ୍ରାପି ଦୁର୍ଲ୍ଲଭଂ ମନ୍ୟେ ବୈକୁଣ୍ଠପ୍ରିୟଦର୍ଶନମ୍ ॥"

ଅର୍ଥାତ୍, ବିଦେହରାଜ ନେମି କହିଲେ, ଜୀବ ପକ୍ଷରେ ମନୁଷ୍ୟ ଶରୀର ପାଇବା ସହଜ ନୁହେଁ । ସେପରି ଦୁର୍ଲ୍ଲଭ ଶରୀର ଧାରଣ କରି ଭଗବାନଙ୍କ ପ୍ରିୟ ଭକ୍ତମାନଙ୍କ ଦର୍ଶନ ପାଇବା ଅତି ବିରଳ ବୋଲି ମୁଁ ମନେ କରୁଛି । ପୁନଶ୍ଚ ଭାଗବତର ବର୍ଣ୍ଣନାନୁଯାୟୀ ମନୁଷ୍ୟ ଶରୀର ନିଶ୍ଚିତ ଭାବେ ଅନିତ୍ୟ । କିନ୍ତୁ ଏହି ଶରୀରରେ ପରମ ପୁରୁଷାର୍ଥ ପ୍ରାପ୍ତି ହୋଇପାରିବ । ମନୁଷ୍ୟ ଜନ୍ମ ଅତ୍ୟନ୍ତ ଦୁର୍ଲ୍ଲଭ ଏବଂ ଏହା ଅନେକ ଜନ୍ମ ପରେ ମିଳେ । ତେଣୁ ମନୁଷ୍ୟ ଶରୀର ପାଇ ବୁଦ୍ଧିମାନ ପୁରୁଷ ମୃତ୍ୟୁ ପୂର୍ବରୁ ଶୀଘ୍ର ମୋକ୍ଷ ପ୍ରାପ୍ତି ପାଇଁ ପ୍ରଯତ୍ନ କରିବା ଉଚିତ । ମୋକ୍ଷ ପ୍ରାପ୍ତି ହେଲା ଜୀବନର ମୁଖ୍ୟ ଉଦ୍ଦେଶ୍ୟ । ଭୋଗ ଲାଳସାରେ ଲିପ୍ତ ହୋଇ ଏହି ଅମୂଲ୍ୟ ମନୁଷ୍ୟ ଜୀବନ ନିଷ୍ଟ କରିଦେବା ଉଚିତ ନୁହେଁ । ମହାପୁରୁଷ, ସିଦ୍ଧ ସାଧକମାନେ କହିଛନ୍ତି – ବହୁ ଭାଗ୍ୟ ବଳରେ ଜୀବ ମନୁଷ୍ୟ ଶରୀର ଲାଭ କରେ । ଏହି ଶରୀର ଦେବତାମାନଙ୍କ

ପକ୍ଷରେ ମଧ୍ୟ ଦୁର୍ଲ୍ଲଭ ଅଟେ। ଦୁର୍ଲ୍ଲଭ ମାନବ ଶରୀର ସାଧନର ସ୍ଥଳ ଓ ମୋକ୍ଷର ଦ୍ୱାର ସ୍ୱରୂପ। ସୁତରାଂ ଏହି ଦୁର୍ଲ୍ଲଭ ଶରୀର ଲାଭ କରି ପରଲୋକ ପାଇଁ ଉତ୍ତମ କାର୍ଯ୍ୟ କରିବା ଉଚିତ।

ମାନବ ଧର୍ମର ଅନ୍ୟତମ ଶ୍ରେଷ୍ଠ ମନ୍ତ୍ର ହେଉଛି କ୍ଷମା। ପ୍ରତିଶୋଧ ନେବାର ସମସ୍ତ ସମର୍ଥ ଥାଇ ମଧ୍ୟ କ୍ଷମା ଦେଲେ ଅପର ବ୍ୟକ୍ତିର ସଂସ୍କାର ଆସିବ। ମାନବ ଧର୍ମ ସଂପର୍କରେ ମହାନ୍ ସାଧକ ଗଙ୍ଗାରାମ ଦାସ କହିଛନ୍ତି :- ସମାଜର ସମସ୍ତ ଚିନ୍ତାଧାରାକୁ ଦୁଗ୍ଧ ସହ ତୁଳନା କଲେ ମାନବ ଧର୍ମ ହେବ ସେଥିରୁ ବାହାରିଥିବା ଲହୁଣୀ। ମାନବବାଦୀ ଚିନ୍ତାଧାରାରେ ବୁଝିବାକୁ ହେବ ଯେ, ପରମାତ୍ମା ଅଂଶୀ ହେଲେ ଜୀବ ଅଂଶ। ତେଣୁ ପରମାତ୍ମାଙ୍କ ଗୁଣକୁ ଧାରଣ କରିଥିବା ମଣିଷ ସଦା ପରମାତ୍ମା ସୁଖଦାୟୀ ଧର୍ମକୁ ପାଳନ କରିବା ପାଇଁ ମହାତ୍ମାଗାନ୍ଧୀ ଉପଦେଶ ଦେଇଛନ୍ତି। ଦୁର୍ଭାଗ୍ୟର କଥା ବର୍ତ୍ତମାନ ମାନବଧର୍ମକୁ ସଂପ୍ରଦାୟ ଅର୍ଥରେ ବ୍ୟବହାର କରି ମଣିଷ ମଣିଷ ଭିତରେ ହିଂସା, ଦ୍ୱେଷ, ଛଳନା, ବିବାଦ ଆଦି ସୃଷ୍ଟି ହେଉଛି। ସେଥିପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ କହିଛନ୍ତି ଯଦି ସମାଜରେ ବଡ଼ ମଣିଷ ହେବାକୁ ଚାହଁ ତେବେ ପ୍ରଥମେ ମଣିଷ ହୁଅ। ଅର୍ଥାତ୍ ମାନବ ଧର୍ମକୁ ପାଳନ କରି ସତ୍ୟଶୀଳ, ନ୍ୟାୟନିଷ୍ଠ, ସତ୍ କର୍ମକ ହୁଅ। ତେବେ ଦୁଃଖର ବିଷୟ, ଆଜିର ଏହି ଏକବିଂଶ ଶତାବ୍ଦୀରେ ଭୌତିକ ଉତ୍ଥାନର ପରିଣତିରେ ନୈତିକତା ଏବଂ ଆଧ୍ୟାତ୍ମିକତାର ହ୍ରାସ ଯୋଗୁଁ ମାନବୀୟ ମୂଲ୍ୟବୋଧର ମଧ୍ୟ ବହୁ ଭାବରେ ଅବକ୍ଷୟ ଘଟି ଚାଲିଛି। କାରଣ ଆଜି ଦିନରେ ମଣିଷର ଏକ ଭ୍ରାନ୍ତ ଧାରଣା ହେଉଛି ଭୌତିକ ଉତ୍କର୍ଷ ପ୍ରାପ୍ତି ହିଁ ଜୀବନର ସାର୍ଥକତାର ସଫଳ ଚାବିକାଠି। ଯାହାକି ଏକ ଭ୍ରମାତ୍ମକ ଚିନ୍ତାଧାରା। ଭୌତିକ ସୁଖ ପ୍ରାପ୍ତିର ଭ୍ରାନ୍ତ ଧାରଣା ଫଳରେ ମାନବଧର୍ମୀ ଚିନ୍ତା ଓ ଚେତନା ତା'ଠାରୁ ଦୂରେଇ ଯାଇଛି। ଭାରତର ବିଶିଷ୍ଟ ଶିକ୍ଷାବିତ୍, ଅଧ୍ୟାତ୍ମଗୁରୁ ଶଙ୍କରାଚାର୍ଯ୍ୟ ଭାରତୀ କୃଷ୍ଣ ତୀର୍ଥଙ୍କ ଭାଷ୍ୟରେ ମାନବ ସମାଜ କୌଣସି ନା କୌଣସି ଗୋଟିଏ ଜିନିଷ ପଛରେ ଆଗଭର ହେଉଛି। କିଏ ଧନ ପଛରେ ତ କିଏ ଯଶ ପଛରେ, କିଏ ବିଦ୍ୟା ପଛରେ ତ ଆଉ କିଏ ଖ୍ୟାତି ପଛରେ। କିନ୍ତୁ ବାସ୍ତବରେ ଏଗୁଡ଼ିକ ଆମ୍ଭମାନଙ୍କର ଲକ୍ଷ୍ୟ ସ୍ଥଳ ନୁହେଁ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଏଗୁଡ଼ିକ ଗୋଟିଏ ଗୋଟିଏ ପଥ କେବଳ। ଲକ୍ଷ୍ୟ ହେଉଛି ବିମଳ ଚିରନ୍ତନ ଶାନ୍ତି ଓ ଆନନ୍ଦ, ଯାହାକି ଶାସ୍ତ୍ରରେ କୁହାଯାଇଛି 'ପରମ ଆନନ୍ଦ'।

ମାନବଧର୍ମର ସବୁଠାରୁ ବଡ଼ ଲକ୍ଷଣ 'ବସୁଧୈବ କୁଟୁମ୍ବକମ୍'ର ଭାବ ସହ ତ୍ୟାଗ, ତପସ୍ୟା, ସ୍ନେହ, ସେବା, ସମର୍ପଣ, ଆତ୍ମତ୍ୟାଗ ଆଦି ମନ ଭିତରୁ ତିରୋହିତ ହୋଇ ହିଂସା, ଦ୍ୱେଷ, ଅହଙ୍କାର ଆଦି ସେ ସ୍ଥାନ ଗ୍ରହଣ କରୁଛି। ଯାହାକି ମାନବବାସୀ ଚେତନାର ସଂପୂର୍ଣ୍ଣ ବିରୋଧୀ। ଯାହା ଫଳରେ ନୈତିକ ଅଧପତନ ସହ ଚାରିତ୍ରିକ ସ୍ଖଳନ ଘଟି ଜୀବନ କଷ୍ଟମୟ ହୋଇଯାଉଛି। ମାନବ ଜୀବନର ଅବକ୍ଷୟ ସହ ଜାତୀୟ ଜୀବନ ମଧ୍ୟ ସଂକଟମୟ ହୋଇ ଉଠୁଛି। ମାନବଧର୍ମ ଦୃଷ୍ଟିରୁ ଦେଖିଲେ ଏ ସଙ୍କଟର ସମାଧାନ ନହେଲେ ସମାଜ ରସାତଳଗାମୀ ହେବ। ଏଥିପାଇଁ ବୈଦିକ କାଳରୁ ମଣିଷର ଶ୍ରେଷ୍ଠତ୍ୱ ପାଇଁ 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' ବୋଲି ଉଲ୍ଲେଖ ରହିଛି। ଅମୃତର ସନ୍ତାନ ହୋଇ ମନୁଷ୍ୟ କ'ଣ ଅମାନବୀୟ କାର୍ଯ୍ୟ କରିପାରିବ ? ଶ୍ରୀମଦ୍-ଭାଗବତର ଚତୁର୍ଥ ସ୍କନ୍ଧରେ ସୂଚିତ କରାଯାଇଛି ଯେ ପରମ ପବିତ୍ର ଦେବଭୂମି ଭାରତ ବର୍ଷରେ ଧର୍ମ, ଅର୍ଥ, କାମ, ମୋକ୍ଷ ରୂପକ ପୁରୁଷାର୍ଥ ଚତୁଷ୍ଟୟ ଲାଭ ନିମନ୍ତେ ମନୁଷ୍ୟ ଯତ୍ନବାନ ହେବା ଉଚିତ।

ସୁତରାଂ ବୁଦ୍ଧିମାନ ମନୁଷ୍ୟ ଯେତେ ଶୀଘ୍ର ସମ୍ଭବ ନିଜର ସମୟକୁ ଆଧ୍ୟାତ୍ମିକ ଉନ୍ନତିରେ ବିନିଯୋଗ କରିବା ଉଚିତ। ନୀତିଶାସ୍ତ୍ରବିତ୍ ଭର୍ତ୍ତୃହରି ଯଥାର୍ଥରେ କହିଛନ୍ତି -

ଯାବତ୍ ସ୍ୱସ୍ଥମିଦଂ କଳେବର ଗୃହଂ ଯାବଚ୍ଚ ଦୂରେ ଜରା
ଯାବଚ୍ଚେନ୍ଦ୍ରିୟଶକ୍ତିରପ୍ରତିହତା ଯାବତ୍ କ୍ଷୟୋ ନାୟୁଷଃ।
ଆତ୍ମଶ୍ରେୟସି ତାବଦେବ ବିଦୁଷା କାର୍ଯ୍ୟଃ ପ୍ରଯତ୍ନୋ ମହାନ୍
ପ୍ରୋଦ୍ଦୀପ୍ତେ ଭବନେ ଚ କୂପଖନନଂ ପ୍ରତ୍ୟୁଦ୍ୟମଃ କୀଦୃଶଃ ॥

ଯେ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଭଲ ଅଛି, ବୃଦ୍ଧାବସ୍ଥା ଦୂରରେ ଅଛି, ଇନ୍ଦ୍ରିୟମାନଙ୍କର ସାଧନା (ଭଜନ-ଧ୍ୟାନ) କରିବାର ଶକ୍ତି ଅଛି, ଆୟୁ ସମାପ୍ତ ହୋଇନାହିଁ, ସେ ପର୍ଯ୍ୟନ୍ତ ବିବେକୀ ବୁଦ୍ଧିମାନ୍ ପୁରୁଷ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଖୁବ୍ ପ୍ରଯତ୍ନ କରିବା ଆବଶ୍ୟକ କାରଣ ଘରେ ନିଆଁ ଲାଗିଲା ପରେ ଯଦି କେହି କହେ ଯେ ଶୀଘ୍ର କୂଅ ଖୋଳ, ନିଆଁ ଲାଗିଗଲାଣି ପାଣି ଦରକାର, ତେବେ ଯେତେ ଶୀଘ୍ର ଖୋଳାଗଲେ ଓ ଯେତେ ଉଦ୍ୟମ କରାଗଲେ ମଧ୍ୟ ତାହା କୌଣସି କାମକୁ ପାଇବ ନାହିଁ। ଆୟୁ ଅତି ଦ୍ରୁତ ଗତିରେ ସରି ସରି ଯାଉଛି, ତେଣୁ ଖୁବ୍ ଶୀଘ୍ର ନିଜର ଉଦ୍ଧାର ପାଇଁ ଚେଷ୍ଟା କରିବା ଆବଶ୍ୟକ। ଆଧ୍ୟାତ୍ମିକ ଉନ୍ନତି ପାଇଁ ଡ଼େରି କରିବା ଉଚିତ ନୁହେଁ। ଏଣୁ ଅନ୍ୟ ଯେତେ କାମ ଅଛି, ସେଗୁଡ଼ିକ ପ୍ରତି ଦୃଷ୍ଟି ନଦେଇ ମନୁଷ୍ୟ କେବଳ ଆଧ୍ୟାତ୍ମିକ ଉନ୍ନତି ଆଡ଼କୁ ଦୃଷ୍ଟି ଦେବା ଉଚିତ। ନୀତିକାରମାନେ କହିଛନ୍ତି -

'କୋଟିଂ ତ୍ୟକ୍ତ୍ୱା ହରିଂ ସ୍ମରେତ୍।'

କୋଟି କୋଟି କାମ ଛାଡ଼ି କେବଳ ଆଧ୍ୟାତ୍ମିକ ଚିନ୍ତନ, ହରି-ସ୍ମରଣ କରିବା ଉଚିତ୍। ମନୁଷ୍ୟଜନ୍ମ ବାରମ୍ବାର ମିଳେ ନାହିଁ। ଏଣୁ ଅତି ସାବଧାନତାର ସହିତ ଅବଶିଷ୍ଟ ସମୟକୁ ଆଧ୍ୟାତ୍ମିକ ଉନ୍ନତିରେ ବିଶେଷରୂପେ ବିନିଯୋଗ କରିବାକୁ ପ୍ରଯତ୍ନ କରିବା ଆବଶ୍ୟକ।

ଶ୍ରୀଜଗନ୍ନାଥ ଧାମ, ପୁରୀ
ମୋ. ୯୪୩୭୨୮୧୧୦୨
Email : drbhaskarmishra@gmail.com

୬

# ଜୀବନ ବାସ୍ତବ : ଜୀବନ ଆନନ୍ଦମୟ



# ଦୁର୍ଲଭ ନରକଳେବର

*ପ୍ରଫେସର ଅଭିନ୍ନ ସାହୁ*

**ସଂ**ସାର ଓ ସଂସାରୀର ଜୀବନବୋଧ ସତ୍ ନା ଅସତ୍, ବାସ୍ତବ ନା ଅବାସ୍ତବ – ଏ ସଂପର୍କରେ ଦୁଇଟି ସମାନ୍ତରାଳ ମତବାଦ ଦେଖିବାକୁ ମିଳେ । ବିଶ୍ୱକବି ରବୀନ୍ଦ୍ରନାଥ ଆସ୍ତିବାଦୀ (Positivist) ମତ ପୋଷଣ କରି କହନ୍ତି – 'ମରିତେ ଚାଇନା ଆମି ସୁନ୍ଦର ଭୁବନେ' । ଭକ୍ତକବି ମଧୁସୂଦନ ମଧ୍ୟ ପାରିବାରିକ ସ୍ନେହ ମମତା ଭିତରେ ବୈକୁଣ୍ଠ ସମାନ ଗୃହକୁ ମର୍ତ୍ତ୍ୟ ବୈକୁଣ୍ଠ ସହ ତର୍କଣା କରିଛନ୍ତି । ତାଙ୍କର ଦୃଷ୍ଟିରେ "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।" ଆସ୍ତିବାଦୀ ଜୀବନ ଦର୍ଶନର ଏକ ବିପରୀତମୁଖୀ ଜୀବନଦର୍ଶନାକାର ହେଉଛନ୍ତି, ଆଦି ଶଙ୍କରାଚାର୍ଯ୍ୟ । ତାଙ୍କ ପ୍ରଣୀତ 'ମୋହମୁଦ୍ଗରମ୍'ରେ ସେ କହନ୍ତି, "କସ୍ତେକାନ୍ତା କସ୍ତେ ପୁତ୍ର / ସଂସାରଅୟମ୍ ଅତୀବ ବିଚିତ୍ର ।" ଏଠାରେ ସଂସାର ସତ୍ ନୁହେଁ ଅସତ୍ ଅବାସ୍ତବ । ସେଥିପାଇଁ ପ୍ରତିକାରର ମାର୍ଗଦର୍ଶନ କରି କହନ୍ତି, 'ଭଜ ଗୋବିନ୍ଦମ୍ ଭଜ ଗୋବିନ୍ଦମ୍' । 'ମନବୋଧ ଚଉତିଶା'ରେ ସଂସାରର ଅବାସ୍ତବତା ସୂଚେଇବା ପାଇଁ କବି କହନ୍ତି, "ଖଟପଲଙ୍କ ମନ ଶେଯାଇ ଶୋଉ / ଖଳ ଦୁର୍ଗନ୍ଧ ହେବ ଏ ତୋ'ର ଦେହୁ // ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରା କାଠି / ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି !//" ଏଭଳି ବକ୍ତବ୍ୟର ଉଦ୍ଦେଶ୍ୟ ମଧ୍ୟ, ସଂସାର ମିଛମାୟା, ଅବାସ୍ତବ । ସେଥିଲାଗି ମନକୁ ସମ୍ବୋଧିତ କରି, ପ୍ରତିକାର ରୂପେ କହନ୍ତି, "କହଇ ମନ ଆରେ ମୋ ବୋଲ କର / କଳା ଶ୍ରୀମୁଖ ବାରେ ଦେଖିବା ଚାଲ // ଚର୍ମ ବେଢ଼ିଛି ସିନା ଚଉରାଶିକି / ଚିତ୍ତ ତୁ ଦିଅ ନୀଳାଚଳବାସୀଙ୍କି ।"ଏଠାରେ କବି ଭକ୍ତଚରଣ, ଆଚାର୍ଯ୍ୟ ଶଙ୍କରଙ୍କ ଅପେକ୍ଷା ଆଉ ପାଦେ ଆଗେଇଯାଇ, ଆପାତଃ ଶୋଭନ-ସୁନ୍ଦର ଶରୀର କିଭଳି ବୀଭତ୍ସ ଦର୍ଶାଇବାକୁ ଯାଇ କହନ୍ତି, "ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର / ଚିରି ଭିତର ଦେଖ କି ନାରଖାର //" ଏହାର ପ୍ରତିକାର ରୂପେ, ଜଗନ୍ନାଥଙ୍କ ଚରଣାଶ୍ରିତ ହେବାରେ ହିଁ, ପ୍ରମୁକ୍ତି ପ୍ରାପ୍ତ ହୁଏ ବୋଲି କହିଛନ୍ତି ।

ଓଡ଼ିଆ ଭାଷାର ବହୁ ଜନପ୍ରିୟ ଶରୀରଭେଦ ଜଣାଣରେ ମାତୃଗର୍ଭରେ ଶିଶୁ ପୂର୍ଣ୍ଣାଙ୍ଗ ହେବାବେଳେ; "ଦଶମାସରେ ଶେଷ କଳା ହୋଇ ହରଷ / ସିଷୁମୁନା ଦୁଆରେ ରହିଲା ନନ୍ଦଶିଷ // ଯଦି ପାଇବୁ ଭେଟ ମାୟାକୁ ତେବେ କାଟ /" ସଂସାର ମୋହ ମାୟାର ପ୍ରତୀକ । ତେଣୁ ଭଗବାନଙ୍କୁ ପାଇବା ପାଇଁ ମାୟାମୋହ ପରିତ୍ୟାଜ୍ୟ । କିନ୍ତୁ ଭାଗବତରେ ଶରୀର ଓ ସଂସାର ମାୟା ସର୍ବସ୍ୱ ନୁହେ, ଶରୀର ବା ନରକଳେବରର ଅପରିହାର୍ଯ୍ୟ ଭୂମିକା ଅଛି । ମୂଳ ମହାଭାରତ ଓ ଓଡ଼ିଆ ଭାଗବତରେ ଅନୁରୂପ, ସରି ସମ ମୂଲ୍ୟବୋଧ କିଭଳି ବିବର୍ତ୍ତିତ ତାହା ଶଂସିତ ନିବନ୍ଧରେ ଆଲୋଚନା କରାଯାଇଛି ।

ଭଗବାନ ବ୍ୟାସ, ମହାକାବ୍ୟ ମହାଭାରତ ଓ ଅଷ୍ଟାଦଶ ପୁରାଣ ରଚନା କଲା ପରେ ମଧ୍ୟ, ଆତ୍ମସନ୍ତୋଷ ପାଇପାରିଲେନି । ତାଙ୍କ ସୃଷ୍ଟି-ସର୍ଜନାରେ କିଛି ଅପୂର୍ଣ୍ଣତା ଓ ଅଭାବବୋଧ ଥିବା ଅନୁଭବ କଲେ । ସେଥିପାଇଁ ସ୍ୱକୀୟ ଆତ୍ମସନ୍ତୋଷ ଓ ସମଗ୍ର ମାନବ ସମାଜର ପ୍ରମୁକ୍ତି ଓ କଲ୍ୟାଣ ନିମିତ୍ତ ଏକ ସାର୍ବଜନୀନ, ସରଳ, ସହଜ ଓ ସୁବୋଧ୍ୟ ଗ୍ରନ୍ଥ ରଚନା ପାଇଁ ଅନ୍ତଃକରଣରେ ଆଦିଷ୍ଟ ହୋଇ ସେ ଲେଖିଲେ, କ୍ଲାସିକଧର୍ମୀ ମହାପୁରାଣ 'ଶ୍ରୀମଦ୍ ଭାଗବତମ୍' । ଶ୍ରୀମଦ୍ ଭାଗବତମ୍ ଏକ ଆଧାତ୍ମିକ ଧର୍ମୀୟ ଗ୍ରନ୍ଥ ବିଶେଷ ନୁହେ । ପକ୍ଷାନ୍ତରେ ଏଥିରେ ପ୍ରାୟୋଗିକ ଜୀବନଚର୍ଯ୍ୟା ପାଇଁ ମାର୍ଗଦର୍ଶିତ ହୋଇଛି ।

ବ୍ୟାସଙ୍କ ମହାଭାରତ ଆଧାରରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଲେଖିଥିଲେ ହେଁ, ଏହା ଏକ ଅନୁବାଦ ନୁହେ, ମୌଳିକ ଅନୁସୃଜନ । ବ୍ରାହ୍ମଣ, ପଣ୍ଡିତମାନେ ଓଡ଼ିଆ ଭାଗବତକୁ ହୀନ ଦୃଷ୍ଟିରେ ଦେଖୁଥିଲେ । ପାଞ୍ଚଶହ ବର୍ଷ ପୂର୍ବେ, ଜଗନ୍ନାଥ ଦାସ ଓଡ଼ିଆରେ ଭାଗବତ ଲେଖିଲେ ବୋଲି ତାଙ୍କୁ ଅପାଂକ୍ତେୟ ଓ ସାମାଜିକ ବାସନ୍ଦ କରାଯାଇଥିଲା । ପୁରୀ ଠାରୁ ଚାରି ମାଇଲ ଦୂରରେ, କପିଳେଶ୍ୱର ଶାସନରେ ତାଙ୍କର ଜନ୍ମ । ଗଜପତି ସମ୍ରାଟ କପିଳେନ୍ଦ୍ର ଦେବ ଏ ଶାସନଟି ବସାଇଥିଲେ ବୋଲି ତାଙ୍କ ନାମ ଅନୁସାରେ, ଏହା କପିଳେଶ୍ୱରପୁର ନାମରେ ପ୍ରଖ୍ୟାତ । ବିଦ୍ୟା-ବିଦ୍‌ବତ୍ତା, ଶାସ୍ତ୍ରଚର୍ଚ୍ଚା କୌଣସିଥିରେ ଏହି ଶାସନ ନ୍ୟୂନ ନଥିଲା । ଅଥଚ ଓଡ଼ିଆରେ ଭାଗବତ ଲେଖିଲେ ବୋଲି କେବଳ ଜଗନ୍ନାଥ ଦାସଙ୍କୁ ନୁହେଁ, ସମଗ୍ର କପିଳେଶ୍ୱରପୁର ଶାସନକୁ ବାସନ୍ଦ କରାଗଲା । ଜଗନ୍ନାଥ ଦାସଙ୍କର ଥିଲା ଅସାଧାରଣ ପ୍ରତିଭା ଓ ଅଗାଧ ପାଣ୍ଡିତ୍ୟ । ସମସ୍ତ ସଂସ୍କୃତ ଶାସ୍ତ୍ର, କାବ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା । ବ୍ୟାସଦେବଙ୍କର ପ୍ରଣୀତ ବାରସ୍କନ୍ଦଯାକ ସଂସ୍କୃତ ଭାଗବତ ସେ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଥିଲେ । ତା'ର ଆବୃତ୍ତି ଓ ତର୍ଜମା ମଧ୍ୟ କରୁଥିଲେ । ସେ ସଂସ୍କୃତରେ ଆବୃତ୍ତି କଲାବେଳେ, ତାଙ୍କର ପରମ ଆରାଧ୍ୟା ମା' ତାଙ୍କ ପାଖରେ ବସି ଶୁଣୁଥିଲେ । ସେ ନିରକ୍ଷରା ଥିଲେ । ସଂସ୍କୃତରେ ତାଙ୍କର ପ୍ରବେଶ ନଥିଲା । ତେଣୁ ସଂସ୍କୃତ ଭାଗବତ-ପାରାୟଣ ବେଳେ ସେ କିଛି ବୁଝି ନପାରିବା ସ୍ୱାଭାବିକ । କଥିତ ଅଛି, ପୁରାଣ ପଣ୍ଡାମାନେ ଏହି ସଂସ୍କୃତ ଭାଗବତକୁ ପାରାୟଣ କରି, ଓଡ଼ିଆରେ ବୁଝାଇଲା ବେଳେ ତା'

ପ୍ରତିବଦଳରେ ବେଶ୍ କିଛି ଅର୍ଥ ଉପାର୍ଜନ କରୁଥିଲେ। କିନ୍ତୁ ଜଗନ୍ନାଥ ଦାସଙ୍କର ନିରକ୍ଷରା ଜନନୀ ଏହି ଅର୍ଥ ଦେବାରେ ଅସମର୍ଥ ହେବାରୁ, ନିର୍ଯାତିତା ଓ ଅପମାନିତା ହୋଇଥିଲେ। ସଂସ୍କୃତ ଭାଗବତକୁ ଓଡ଼ିଆରେ ଲେଖିବା ପାଇଁ ସେ ତାଙ୍କର ପ୍ରିୟ ପୁତ୍ର ଜଗନ୍ନାଥଙ୍କୁ ଅଶ୍ରୁଳ ନୟନରେ ପ୍ରବର୍ତ୍ତାଇଥିଲେ। ଜଗନ୍ନାଥ ଦାସ ମା'ଙ୍କ ଦ୍ୱାରା ଆଦିଷ୍ଟ ହୋଇ ଅତି ସରଳ ପ୍ରାଞ୍ଜଳ ଭାଷାରେ ଏବଂ ମଧୁର ନବାକ୍ଷରୀ ବୃତ୍ତରେ ଭାଗବତ ଲେଖି କେବଳ ତାଙ୍କର ନିରକ୍ଷରା ଜନନୀ ନୁହଁନ୍ତି, କୋଟି କୋଟି ଓଡ଼ିଆଙ୍କ ପାଇଁ ଭାଗବତ ପ୍ରଣୟନ କଲେ। ବହୁଶାସ୍ତ୍ରଦର୍ଶୀ ଭାଗବତକାର, କେବଳ 'ଶ୍ରୀମଦ୍ ଭାଗବତମ୍' ନୁହେଁ, ଅନ୍ୟାନ୍ୟ ସଂସ୍କୃତ ଶାସ୍ତ୍ରମାନଙ୍କର ଭାବ ଗ୍ରହଣ କରି, ଏକ ନବସର୍ଜନାରେ ଓଡ଼ିଆ ଭାଗବତକୁ ରୂପାନ୍ତରିତ କରିଥିଲେ। ଜଗନ୍ନାଥ ଦାସ ଶାସନୀ ବ୍ରାହ୍ମଣ ହୋଇ, ଓଡ଼ିଆ ଭାଷାରେ ଭାଗବତ ଲେଖିଥିବାରୁ, ଅନ୍ୟାନ୍ୟ ଶାସନୀ ବ୍ରାହ୍ମଣମାନେ ତାଙ୍କୁ ତଥା ସମଗ୍ର କପିଳେଶ୍ୱରପୁର ଶାସନକୁ ବାସନ୍ଦ କଲେ। କପିଳେଶ୍ୱରପୁରର ବ୍ରାହ୍ମଣମାନେ ବିରକ୍ତ ହୋଇ, ଜଗନ୍ନାଥ ଦାସ ଓ ତାଙ୍କ ପରିବାରଙ୍କୁ ଏକଘରିକିଆ କରିଥିଲେ। ଜଗନ୍ନାଥ ଦାସ ନିରୁପାୟ ହୋଇ, ଗ୍ରାମ ଛାଡ଼ି ଶ୍ରୀକ୍ଷେତ୍ର ପୁରୀଧାମକୁ ବାହାରିଗଲେ। କାରଣ ପୁରୀଧାମରେ ସମସ୍ତଙ୍କ ପାଇଁ ସ୍ଥାନ ଅଛି। କୁହାଯାଏ, "ପୁରଷ୍ତମ ପୁରୀରେ ଜାତି ନାହିଁ, କଟକରେ ରାତି ନାହିଁ"। ଅର୍ଥାତ୍ ପୁରୀରେ ଜାତିଭେଦ ନାହିଁ, କଟକରେ ସବୁବେଳେ ଗହଳିଚହଳି ଭିତରେ ରାତି ଜଣାପଡ଼େ ନାହିଁ। ପଣ୍ଡିତ ନୀଳକଣ୍ଠ ଦାସ ଲେଖିଛନ୍ତି- "ଆମେ ଶାସନୀ ବ୍ରାହ୍ମଣ। ଗୋପବନ୍ଧୁ ବାବୁ ଶାସନୀ ନଥିଲେ। ସେକାଳର ରକ୍ଷଣଶୀଳ ସାମାଜିକ ରୀତି ଓ ପରମ୍ପରା ଅନୁସାରେ, ସେ ତଥାକଥିତ ଛୋଟ ବ୍ରାହ୍ମଣ।" ଶାସନୀ ବ୍ରାହ୍ମଣମାନେ ସେତେବେଳେ ଓଡ଼ିଆ ଭାଗବତ ପଢ଼ିବା ଦୂରେ ଥାଉ, ତା'କୁ ସ୍ପର୍ଶ ମଧ୍ୟ କରୁନଥିଲେ। ସେଇ ଅଭିଜାତ ପଣ୍ଡିତମ୍ମନ୍ୟ ଅହଂକାରୀ ବ୍ରାହ୍ମଣମାନେ, କପିଳେଶ୍ୱରପୁର ଶାସନକୁ, ପୁରୀ ଜିଲ୍ଲାର ଶାସନମାନଙ୍କ ଭିତରେ ଅସ୍ପୃଶ୍ୟ ଓ ଅପାଂକ୍ତେୟ କରି ରଖିଥିଲେ। ବ୍ରାହ୍ମଣ ଶାସନମାନଙ୍କରେ ଓଡ଼ିଆ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ ଭାଗବତ ଟୁଙ୍ଗି ନଥିଲା। ବିସ୍ମୟର କଥା, ସର୍ବମାନ୍ୟ ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁଙ୍କ ଭଳି ଯୁଗଜନ୍ମା ମହାପୁରୁଷଙ୍କ ଜନ୍ମମାଟି ହେଉଛି, ଏଇ କପିଳେଶ୍ୱରପୁର ଶାସନ। ଅହଂକାରୀ ଶାସନୀ-ପଣ୍ଡିତମାନେ କିଭଳି ଓଡ଼ିଆ ଭାଗବତକୁ ହୀନ ଦୃଷ୍ଟିରେ ଦେଖି, ବ୍ୟଙ୍ଗ ବିଦ୍ରୂପ କରୁଥିଲେ, ତା'ର ଏକ ଦୃଷ୍ଟାନ୍ତ ନିମ୍ନଲିଖିତ ଲାଳିକା (Parody)ରେ ସୂଚିତ :

"ଶୁଣ ପରୀକ୍ଷ ନରନାଥ। ତାମ୍ପଡ଼ା ଶୁଖୁଆ ପଖାଳ ଭାତ।।
ଉଦ୍ଧବ ଗଲେ ଯେଉଁ ଦାଣ୍ଡେ, ଆଣ୍ଠୁଏ କାଦୁଅ ସେ ଦାଣ୍ଡେ।
ମୁଗୁରା ଭିତରେ ଶ୍ରୀହରି, ଡାକନ୍ତି ଖିଡ଼ି ଖିଡ଼ି କରି।"

ଅର୍ଥାତ୍, ସଂସ୍କୃତ ଭାଗବତରେ ଉଚ୍ଚକୋଟିର ଭାବ ଓ ଆଧ୍ୟାତ୍ମିକତା ପୂରି ରହିଥିଲା ବେଳେ, ଓଡ଼ିଆ ଭାଗବତରେ ଏହାର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ। ବରଂ କେବଳ ଇତର ଭାବ ଦେଖିବାକୁ ମିଳେ। କହିବା ନିଷ୍ପ୍ରୟୋଜନ ଯେ, ଉପରୋକ୍ତ ଲାଳିକାର, ଓଡ଼ିଆ ଭାଗବତରେ କୌଣସିଠାରେ ମଧ୍ୟ, ଏଭଳି ଉଲ୍ଲେଖ ନାହିଁ। ଏହା କେବଳ ପଣ୍ଡିତମାନଙ୍କର ଅହଂକାର, ଈର୍ଷା ଓ ନିଷ୍ଫଳ କ୍ରୋଧର, ଅଭିବ୍ୟକ୍ତି ମାତ୍ର। ଓଡ଼ିଆ ଭାଗବତ ସମଗ୍ର ଓଡ଼ିଆ ଜନଜୀବନର ପଥପ୍ରଦର୍ଶକ, ନିୟାମକ। ଆମ ଭାଷା ଓ ସଂସ୍କୃତିର ନିଖୁଣ ପ୍ରତିଫଳକ। ଆମର ପ୍ରାତ୍ୟହିକ ଜୀବନଚର୍ଯ୍ୟାର ଦିଗବାରେଣୀ, ଦିଗ୍‌ଦର୍ଶକ। ଗ୍ରାମରେ ଏଭଳି କୌଣସି ଘର ନାହିଁ, ଯେଉଁଠାରେ ଭାଗବତ ଗୋସେଇଁ ନାହାନ୍ତି। ଓଡ଼ିଶାରେ ଏଭଳି କୌଣସି ଗ୍ରାମ ନାହିଁ, ଯେଉଁଠାରେ ଭାଗବତ ଟୁଙ୍ଗି ନାହିଁ। ଭାଗବତ ଟୁଙ୍ଗିରେ ଥିବା ଭାଗବତ ଗାଦି-ଗୋସେଇଁଙ୍କ ପୀଠରେ କେବଳ ଭାଗବତ ନୁହେଁ, ରାମାୟଣ, ମହାଭାରତ, ହରିବଂଶ ସମେତ ସମସ୍ତ ଆଧ୍ୟାତ୍ମିକ ଗ୍ରନ୍ଥ ପୂଜା ପାଏ। ଶିଖ ସମ୍ପ୍ରଦାୟର 'ଗ୍ରନ୍ଥ ସାହେବ'କୁ ଯେଉଁ ମର୍ଯ୍ୟାଦା ଦିଆଯାଏ, ଓଡ଼ିଆ ଭାଗବତ ଗ୍ରନ୍ଥକୁ ତା'ଠାରୁ ଅଧିକ ଭକ୍ତି, ସମ୍ମାନ ଓ ମର୍ଯ୍ୟାଦା ଦିଆଯାଇଥାଏ। ଭାଗବତ ଟୁଙ୍ଗିରେ କୌଣସି ଜାତିଭେଦ ନଥାଏ। ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଭାଗବତ ପାରାୟଣ ଶୁଣନ୍ତି। ଓଡ଼ିଶାର ପାରିବାରିକ, ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜୀବନ; ସର୍ବୋପରି ଓଡ଼ିଆ ଜାତିପ୍ରାଣରେ ପ୍ରେମ, ମୈତ୍ରୀ, ସୌଭ୍ରାତୃତ୍ୱ ସମନ୍ୱିତ ଜାତୀୟତାବୋଧର ସଂବାହକ ହେଉଛି, ଜଗନ୍ନାଥ ଦାସଙ୍କର ଏହି ପୌରାଣିକ ମହାକାବ୍ୟ। ଏହା ଓଡ଼ିଆ ଜାତିକୁ ଏକ ମହାଜାତିରେ ରୂପାନ୍ତରିତ କରିବାରେ ସହାୟକ ହୋଇଛି। ପ୍ରାସଙ୍ଗିକତା କ୍ରମେ କୁହାଯାଇପାରେ, ଏହା କେବଳ ଓଡ଼ିଆ ଜାତି ପାଇଁ ନୁହେଁ, ସମଗ୍ର ମାନବ ଜାତିର ମହାଗ୍ରନ୍ଥ। ଏହି ପ୍ରସଙ୍ଗରେ ପ୍ରମୁଖ ଗାନ୍ଧିବାଦୀ ବିନୋବାଭାବେ ଓଡ଼ିଶା ଭ୍ରମଣ ବେଳେ, ଭାଗବତ ପଠନ ତଥା ଅନୁଶୀଳନ କରି ଦେଇଥିବା ମନ୍ତବ୍ୟ ହେଲା, "ଯଦି ଓଡ଼ିଆ ଭାଗବତ ହିନ୍ଦି ଭାଷାରେ ଅନୁଦିତ ହୁଅନ୍ତା, ତେବେ ଏହା ସର୍ବଭାରତୀୟ ସ୍ତରରେ ଏକ ଅମୂଲ୍ୟ ମାନବୀୟ ସମ୍ପତ୍ତି ହୋଇଯାଆନ୍ତା"। ଭାଗବତରେ ଏଭଳି କ'ଣ ସାର୍ବଜନୀନ ଓ ସାର୍ବକାଳୀନ ମହତ୍ତ୍ୱ ଅଛି, ତାହା ବିଚାର୍ଯ୍ୟ। ଭାରତୀୟ ଶାସ୍ତ୍ର ଓ ଭାଗବତ ପରମ୍ପରାରେ ପ୍ରତିପାଦିତ ହୋଇଛି, 'ଦେହ ହେୟ ନୁହେଁ।' କିନ୍ତୁ ଏକ ବଦ୍ଧମୂଳକ ଭ୍ରାନ୍ତ ଧାରଣା ଚାଲିଆସିଛି ଯେ, ଭାରତୀୟ ଶାସ୍ତ୍ର ବିଶେଷ ଭାବେ ଭାଗବତ ପରମ୍ପରାରେ ଦେହ ହେୟ ବା ତୁଚ୍ଛ ନୁହେଁ। ବରଂ ଭାଗବତକାର ଦୃଢ଼ତାର ସହ ମତ ପୋଷଣ କରନ୍ତି, "ଏ ଦେହ ଥିଲେ ସର୍ବ ପାଇ। ଜଳେ ଯେସନ ଚନ୍ଦ୍ର ଛାଇ।" ପାତ୍ର-ଆଧାରିତ ଜଳରେ ଚନ୍ଦ୍ରଙ୍କର ନିଖୁଣ ବିମ୍ବ-ପ୍ରତିରୂପ ପ୍ରତିବିମ୍ବିତ। ଜଳାଧାର ନଥିଲେ, ପ୍ରତିବିମ୍ବ ସୁଦୂର ପରାହତ। ଠିକ୍ ସେହିଭଳି, ଦେହ ନଥିଲେ, ସର୍ବସିଦ୍ଧି ଲାଭରୁ ଦେହୀ ବଞ୍ଚିତ ହୁଏ। ସେଥିପାଇଁ କୁହାଯାଇଛି-

"ଏ ଦେହ ସର୍ବସିଦ୍ଧି ହେତୁ। ସଂସାର ସିନ୍ଧୁ ପାର ସେତୁ।।"

ସଂସାରକୁ ଭବାର୍ଣ୍ଣବ ବା ସିନ୍ଧୁ ସାଙ୍ଗରେ ତର୍କଣା କରିବା, ଏକ ପାରମ୍ପରିକ ରୂପକଳ୍ପ। ସିନ୍ଧୁ ଯେଉଳି ଅତୁଟ, ସଂସାର ସେଭଳି ଦୁସ୍ତର, ଗହନ, ଦୁର୍ଗମ୍ୟ। ତାକୁ ସଫଳତାର ସହ ପାରି ହେବାର ଏକମାତ୍ର ସେତୁ ହେଉଛି ଶରୀର। ରାମାୟଣରେ ବର୍ଣ୍ଣିତ ରାମେଶ୍ୱର ସେତୁବନ୍ଧ ଭଳି, ଶରୀରର ଅପରିହାର୍ଯ୍ୟ ଭୂମିକା ରହିଛି। ଭାଗବତକାର ପ୍ରାମାଣିକତା ସହ ସର୍ବସିଦ୍ଧି ପ୍ରାପ୍ତିର ବହୁ ଅଭିଳଷିତ ଉପାୟ ଓ ଉପେୟ ଉପରୋକ୍ତ ରୂପକଳ୍ପ ମାଧ୍ୟମରେ ପ୍ରତିପାଦିତ କରିଛନ୍ତି। ପ୍ରଚଳିତ ଆଉ ଏକ ପ୍ରବାଦୀୟ ପ୍ରବଚନ, "ଶରୀର ଆଦ୍ୟମ୍, ଖଳୁ ଧର୍ମସାଧନମ୍"। ଶାସ୍ତ୍ରୀୟ ଓ ଭାରତୀୟ ଲୋକ ପରମ୍ପରାରେ ଶରୀର ପ୍ରତି କିଭଳି ଗୁରୁତ୍ୱ ଦିଆଯାଇଛି, ତାହା ଅନୁମେୟ। ଭାଗବତର

ଅନ୍ୟତମ ଉଲ୍ଲେଖନୀୟ ଉକ୍ତି ହେଉଛି, "ଦୁର୍ଲ୍ଲଭ ମାନବ ଶରୀର। କେବଳ ମୁକତିର ଦ୍ୱାର।।" ଏବେ ପ୍ରାଚ୍ୟ ବା ଭାରତୀୟ ଶାସ୍ତ୍ର ପରମ୍ପରାରେ ମୁକ୍ତିର ସ୍ୱରୂପ କିଭଳି ଭାବେ ସୂଚିତ, ତାହା ଆଲୋଚ୍ୟ।

ଅଦ୍ୱୈତବାଦ ମତବାଦର ପ୍ରବକ୍ତା ଆଚାର୍ଯ୍ୟ ଶଙ୍କର (ଶଙ୍କରାଚାର୍ଯ୍ୟ)ଙ୍କ ଅଦ୍ୱୈତବାଦୀ ଦର୍ଶନରେ ଐଶୀ ଶକ୍ତି, ବ୍ରହ୍ମ ଓ ଦେହଧାରୀ ଜୀବର ଅଭେଦ ପରିକଳ୍ପନା କରାଯାଇଛି। 'ଅହଂ ବ୍ରହ୍ମାସ୍ମି', 'ସୋଽହମ୍, ଶିବୋଽମ୍' ଅନୁଭବସିଦ୍ଧ ପରମ ସତ୍ୟ। ଅଦ୍ୱୈତବାଦୀ ଦୃଷ୍ଟିରେ, ମୁକ୍ତି ଏକ ସାମୟିକ ଅନୁଭବ୍ୟ, ପ୍ରାପ୍ୟ ବସ୍ତୁ ନୁହେଁ। କାରଣ ଯାହା ପ୍ରାପ୍ୟ ତା'ର ବିଲୟ ଓ ବିଚ୍ଛେଦ ଅନିବାର୍ଯ୍ୟ। କିନ୍ତୁ ଦେହଧାରୀ ଜୀବ ସେଇ ଶାଶ୍ୱତ, ନିତ୍ୟ ସନାତନ ଶିବ ବା ବ୍ରହ୍ମଙ୍କ ସହ ଅଭିନ୍ନ। କବି ଦୃଷ୍ଟିରେ "ନରଦେହ ହୀନ ମୃତ୍ତିକା ନୁହେ, ନାରାୟଣ ତା'ର ଜୀବନ ରସ'। ଅଦ୍ୱୈତବାଦୀ ଦୃଷ୍ଟି ଓ ଦର୍ଶନର କାବ୍ୟିକ ପରିଭାଷାର ଏହା ପ୍ରତିଫଳନ ମାତ୍ର। ସରଳ ଓ ବୋଧଗମ୍ୟ ଭାବେ କୁହାଯାଇପାରେ, ଦେହଧାରୀ ଜୀବ ଓ ପରଂବ୍ରହ୍ମ ଶିବ ଅବିଚ୍ଛେଦ୍ୟ-ଅବିଚ୍ଛିନ୍ନ। ଦାର୍ଶନିକ ଭାଷାରେ 'ଜୀବୋବ୍ରହ୍ମୈ ନାପରଃ'। ଦୃଶ୍ୟମାନ ଜଗତ ବ୍ରହ୍ମଙ୍କର ଶରୀର। ମୁଁ ମୋ' ଅସ୍ମିତା 'ଶିବୋଽହମ୍', 'ସୋଽହଂ'ର ରୂପାନ୍ତୀକରଣ, ମାତ୍ର। ଏହା ହିଁ ସାଧକର ଅନୁଭବ୍ୟ ଉପାୟ ଓ ଉପେୟ; ଯଥାର୍ଥ ପ୍ରମୁକ୍ତି।

ବିଶିଷ୍ଟାଦ୍ୱୈତବାଦୀ ଶ୍ରୀ ରାମାନୁଜଙ୍କ ମତାନୁଯାୟୀ ବ୍ରହ୍ମ ଏକ ଓ ଅଦ୍ୱିତୀୟ। ଜଗତ୍ ଓ ଜୀବ ବ୍ରହ୍ମଙ୍କ ଶରୀର। ସ୍ଥୂଳ-ସୂକ୍ଷ୍ମ, ଚେତନ-ଅଚେତନ-ବିଶିଷ୍ଟ ବ୍ରହ୍ମ ହିଁ ଈଶ୍ୱର। ଈଶ୍ୱର ସଗୁଣ ଓ ସବିଶେଷ। ସେ ସ୍ଥୂଳ-ସୂକ୍ଷ୍ମ, ଚେତନ-ଅଚେତନ; ସବୁକିଛି। ସେ ସୃଷ୍ଟିକର୍ତ୍ତା, ସ୍ରଷ୍ଟା। ତାଙ୍କର ଲାକ୍ଷଣିକ ପରିପ୍ରକାଶ (Symptomatic Manifestation) ହେଉଛି ସର୍ବଜ୍ଞତ୍ୱ, ସର୍ବଶକ୍ତିମତ୍ୱ, ସର୍ବେଶ୍ୱରତ୍ୱ, ସର୍ବକର୍ମାରାଧ୍ୟତ୍ୱ, ସର୍ବଫଳ ପ୍ରଦତ୍ୱ, ସର୍ବ କାର୍ଯ୍ୟୋତ୍ପାଦକତ୍ୱ, ସର୍ବଧାରାତ୍ୱ, ଚିତ୍-ଅଚିତ୍ ଶରୀରତ୍ୱ, ସର୍ବଦ୍ରବ୍ୟ ଶରୀରତ୍ୱ ପ୍ରଭୃତି। ସେ ପୁଣି ଅପାର କରୁଣା, ଅସୀମ ସୌନ୍ଦର୍ଯ୍ୟ, ଅବର୍ଣ୍ଣନୀୟ ସୁଶୀଳତା, କରୁଣା-କୋମଳ ଅପାର ବାତ୍ସଲ୍ୟ, ଅନନ୍ତ ପ୍ରେମ-ସଂପ୍ରୀତିର ମୂର୍ତ୍ତିମନ୍ତ ବିଗ୍ରହ, ସକଳ ଐଶ୍ୱର୍ଯ୍ୟର ସାଗର। ସେ ହିଁ ଶ୍ରୀ, ଭୂ, ଲୀଳାଯୁକ୍ତ, ଲୀଳାମୟୀ ଶ୍ରୀଦେବୀ ଭୂଦେବୀ ଶକ୍ତି-ସଂଯୁକ୍ତ। ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ଚତୁର୍ଭୁଜ, ପୁଣି ଦେବ ଦେବ ବିଶ୍ୱଦେବ ସହସ୍ରଭୁଜ।

ଜଗତ୍ ଜଡ଼। ବ୍ରହ୍ମ ହିଁ ଜଗତ୍‌ର ନିମିତ୍ତ ଓ ଉପାଦାନ କାରଣ, କାରକ। ବ୍ରହ୍ମ ହିଁ ଜଗତ୍ ରୂପରେ ପରିଣତ ହୁଅନ୍ତି। ଏଭଳି ପରିବର୍ତ୍ତିତ ହୋଇ ମଧ୍ୟ ସେ ନିର୍ବିକାର, ବିକାର ରହିତ। ଏଇ ସମଗ୍ର ଜଗତ୍ ବ୍ରହ୍ମଙ୍କର କଳେବର। ସେ 'ଏକମ୍-ଏକ-ଅଦ୍ୱିତୀୟମ୍', ଏଇ ମହାବାକ୍ୟ ଦ୍ୱାରା ସମର୍ଥିତ।

ବିଶିଷ୍ଟାଦ୍ୱୈତବାଦୀ ରାମାନୁଜାଚାର୍ଯ୍ୟଙ୍କ ଅଦ୍ୱୈତ ବେଦାନ୍ତ ସିଦ୍ଧାନ୍ତ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ ଠାରୁ ଭିନ୍ନ ବୋଲି ଏହାକୁ ବିଶିଷ୍ଟା ଦ୍ୱୈତବାଦ ଆଖ୍ୟା ଦିଆଯାଇଛି ଶ୍ରୀ ରାମାନୁଜଙ୍କ ମତରେ, ଭଗବାନଙ୍କ ପରମ ଦାସତ୍ୱ ପ୍ରାପ୍ତି ହିଁ ପ୍ରମୁକ୍ତି। ପରମଧାମ ବୈକୁଣ୍ଠରେ ଶ୍ରୀ, ଭୂ, ଲୀଳାଦେବୀଙ୍କ ସହ ପରମ ପୁରୁଷ ପୁରୁଷୋତ୍ତମ ନାରାୟଣଙ୍କ ସେବା, ଦାସତ୍ୱ ପ୍ରାପ୍ତି କରିବାରେ ହିଁ ପରମ ପୁରୁଷାର୍ଥ। ଶ୍ରୀ ନାରାୟଣଙ୍କ ସାନ୍ନିଧ ଲାଭ ହିଁ ମୁକ୍ତି। ଜୀବ ସ୍ୱଭାବତ୍ୱ, ସ୍ୱରୂପତ୍ୱ ନିତ୍ୟ, ନିତ୍ୟଦାସ। ମୁକ୍ତଜୀବ ନାରାୟଣଙ୍କ ସେବା-ସାନ୍ନିଧ ଦାସତ୍ୱବରଣ ହିଁ ମହାମୁକ୍ତିର ଅନ୍ୟନାମ।

ତୁଳନାତ୍ମକ ଦୃଷ୍ଟିରେ କଳନା କଲେ, ପ୍ରତ୍ୟୟମାନ ହୁଏ ରାମାନୁଜଙ୍କର ବିଶିଷ୍ଟା ଦ୍ୱୈତବାଦରେ ମୁକ୍ତିର ସାଧନମାର୍ଗ ଭକ୍ତି, ଜ୍ଞାନ ନୁହେଁ। ବ୍ରହ୍ମାତ୍ମୈକ୍ୟ ଜ୍ଞାନ ଦ୍ୱାରା ମୁକ୍ତିଲାଭ ସମ୍ଭବ ନୁହେଁ। ପକ୍ଷାନ୍ତରେ ଐକାନ୍ତିକ ମୁକ୍ତିରେ ସ୍ୱତଃ ପ୍ରସନ୍ନ ହୋଇ ଭଗବାନ ଯେତେବେଳେ ସନ୍ତୁଷ୍ଟ ହୁଅନ୍ତି, ସେତେବେଳେ ହି ପ୍ରମୁକ୍ତି ମିଳେ। ଶରଣାଗତ ଭକ୍ତର ବୈକୁଣ୍ଠନାଥ ଭଗବାନ ଶ୍ରୀମନ୍ ନାରାୟଣଙ୍କ ପଦାରବିନ୍ଦରେ, ସମ୍ପୂର୍ଣ୍ଣ ଆତ୍ମସମର୍ପଣରେ ହିଁ ପରମ ଶାନ୍ତି, ପରମ ମୁକ୍ତି।

ମାଧବାଚାର୍ଯ୍ୟ ଦ୍ୱୈତବାଦୀ ଦର୍ଶନର ପ୍ରବକ୍ତା-ପ୍ରଚାରକ ପ୍ରଖ୍ୟାତ ଆଚାର୍ଯ୍ୟ। ଏହି ଦ୍ୱୈତବାଦରେ ଭଗବାନ ବିଷ୍ଣୁ ହିଁ ଏକମାତ୍ର ଶରେଣ୍ୟ-ବରେଣ୍ୟ, ସେ ବିଶ୍ୱ-ବ୍ରହ୍ମାଣ୍ଡର ସ୍ରଷ୍ଟା-ପରିପାଳକ-ସଂହାରକ। ସେ ଅନନ୍ତ, ଅସୀମ, ଅନାଦି, ଅପରିଚ୍ଛିନ୍ନ ବିଭୁ ଓ ସ୍ୱତନ୍ତ୍ର। ପରମ ବୈଷ୍ଣବ ଭକ୍ତକବି ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ, ତାଙ୍କୁ ଯଥାର୍ଥରେ ରୂପାୟିତ କରାଯାଇଛି : "ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁ ହି"। ଦେହଧାରୀ ଜୀବ ମାୟାମୁଗ୍ଧ ପରତନ୍ତ୍ର, ଅର୍ଥାତ୍ ସ୍ୱତନ୍ତ୍ର ନୁହେଁ। ସାର୍ବଭୌମ ଭଗବାନଙ୍କର ସେ ଦାସ। ଦାସ୍ୟ ଭାବରେ, ସେବା ଓ ସମର୍ପଣରେ ତାଙ୍କୁ ପାଇ ହୁଏ। ପ୍ରମୁକ୍ତିର ଆସ୍ୱାଦନ ମିଳେ।

ଦ୍ୱୈତ-ଅଦ୍ୱୈତକୁ ସମନ୍ୱୟ କରିବା ଦ୍ୱାରା ପ୍ରମୁକ୍ତି ଲାଭ କରାଯାଏ ବୋଲି ନିମ୍ବାର୍କାଚାର୍ଯ୍ୟ କହନ୍ତି। ସେ ଦ୍ୱୈତାଦ୍ୱୈତବାଦର ପ୍ରବକ୍ତା ଓ ପ୍ରତିଷ୍ଠାତା ମୁକ୍ତିଲାଭର ଏକମାତ୍ର ଉପାୟ ଓ ସାଧନ ହେଉଛି ଭକ୍ତି। ଭଗବାନଙ୍କ ନାମ ଓ ଗୁଣକୀର୍ତ୍ତନ, ଚିନ୍ତନ ତାଙ୍କ ସ୍ୱରୂପ ଧ୍ୟାନ ଦ୍ୱାରା ଭଗବତ୍ ପ୍ରାପ୍ତି ସମ୍ଭବ। ଶଂସିତ ମତବାଦରେ ବ୍ରହ୍ମ ହିଁ ଜଗତ୍ ରୂପରେ ପ୍ରକଟିତ। ଭଗବାନ୍ ବାସୁଦେବ ହିଁ ବ୍ରହ୍ମ। ତାଙ୍କର ପ୍ରସନ୍ନତା ବା ପ୍ରସାଦ ତଥା ଦର୍ଶନଜନିତ ପରମାନନ୍ଦ ପ୍ରାପ୍ତି ହିଁ ପ୍ରମୁକ୍ତି। ପୁରୁଷ-ପ୍ରକୃତି ରୂପରେ ଭଗବାନଙ୍କର ଯୁଗଳମୂର୍ତ୍ତିର ଉପାସନା ହିଁ ପ୍ରମୁକ୍ତିର ମାର୍ଗ ସୁଗମ କରିଥାଏ। ଏଥିରେ ଅଦ୍ୱୈତ ଓ ଦ୍ୱୈତଭାବକୁ ସମାନ୍ତରାଳ ଭାବେ ସ୍ୱୀକାର କରାଯାଉଥିବାରୁ ଏହାକୁ ଦ୍ୱୈତାଦ୍ୱୈତ ଦର୍ଶନ ବୋଲି କୁହାଯାଏ।

ଶୁଦ୍ଧା ଦ୍ୱୈତବାଦରେ ପ୍ରମୁକ୍ତି ଲାଭର ମାର୍ଗଦର୍ଶନ ଭିନ୍ନ ଭାବେ ପ୍ରମୂର୍ତ୍ତାୟିତଃ। ଏହାର ସଂପ୍ରସାରକ - ପ୍ରତିଷ୍ଠାତା ବଲ୍ଲଭାଚାର୍ଯ୍ୟଙ୍କ ମତରେ ଗୋଲକାଧିପତି ଶ୍ରୀକୃଷ୍ଣ ହିଁ ପରିଶୁଦ୍ଧ ପରଂବ୍ରହ୍ମ। ତାଙ୍କରି ଇଚ୍ଛାରେ ଜଗତର ଆବିର୍ଭାବ ଓ ତିରୋଧାନ ସଂଗଠିତ ହୁଏ। ସେ ଲୀଳା ଦ୍ୱାରା ଜଗତ୍ ରୂପରେ ପରିଣତ ହୋଇଥାଆନ୍ତି। ସେ କେବଳ ଜଗତ୍‌ର ନିମିତ୍ତ ଓ ଉପାଦନର କାରଣ। ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତି ହିଁ ପ୍ରମୁକ୍ତି। ସମଗ୍ର ଜଗତକୁ କୃଷ୍ଣମୟ ଦେଖି ଶ୍ରୀକୃଷ୍ଣ ପ୍ରେମରେ ବିମୁଗ୍ଧ ହେବାରେ ହିଁ ଏହା ସମ୍ଭବ। ଶ୍ରୀକୃଷ୍ଣ ପ୍ରେମରେ ତନ୍ମୟ ଓ ତଲ୍ଲୀନ ହେଲେ, ଇହଜନ୍ମରେ ସେ ଶ୍ରୀକୃଷ୍ଣଙ୍କୁ ପାଇ ପ୍ରମୁକ୍ତ ହୁଏ। ଅଚଳାଚଳ, ଏକନିଷ୍ଠ ଭକ୍ତି ସହ ଭଗବତ କରୁଣାର ସମନ୍ୱିତି ହିଁ ଶ୍ରୀକୃଷ୍ଣ ପ୍ରାପ୍ତିର ସାଧନା ଓ ସିଦ୍ଧି। ଏଇ ମତବାଦରେ ଦ୍ୱୈତଦର୍ଶନ ଓତପ୍ରୋତ ଭାବେ ଜଡ଼ିତ ଥିଲେ ହେଁ, ନାମତଃ ଶୁଦ୍ଧ ଅଦ୍ୱୈତବାଦ ରଖାଯାଇଛି। ଏଥିରେ ଭକ୍ତ

ଭଗବାନ, ସେବକ-ସେବ୍ୟ ଦ୍ୱୈତ ସତ୍ତା ସ୍ୱୀକୃତ । ଅର୍ଥାତ୍ ସେବକ ନିଜର ବ୍ୟକ୍ତି-ସତ୍ତାକୁ ଅକ୍ଷୁର୍ଣ୍ଣ ରଖି ଆରାଧ୍ୟ ସେବ୍ୟଙ୍କ ସେବାରେ ହିଁ ଜୀବନର ସାର୍ଥକତା ଉପଲବ୍ଧି କରେ ।

ଉପରୋକ୍ତ ସମସ୍ତ ମତବାଦ ଈଶ୍ୱର ବିଶ୍ୱାସୀ, ଆସ୍ତିକତାବାଦୀ । ଏଥିରେ ସର୍ବନିୟନ୍ତା ଈଶ୍ୱର ବା ଭଗବାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି । ସେଇ ଐଶୀଶକ୍ତି ଭଗବାନ ଶ୍ରୀକୃଷ୍ଣ, ବାସୁଦେବ, ବିଷ୍ଣୁ ପ୍ରଭୃତି ବିଭିନ୍ନ ନାମରେ ନାମିତ । ସେମାନେ ପ୍ରମୁକ୍ତି-ପ୍ରବକ୍ତା, ସୃଷ୍ଟି-ସ୍ଥିତି-ଲୟର କାରଣ ତଥା କାରକ । କିନ୍ତୁ ସମାନ୍ତରାଳ ଭାବେ, ଅନ୍ୟ ଏକ ବସ୍ତୁବାଦୀ, ନିରୀଶ୍ୱରତାବାଦୀ ଦର୍ଶନ ମଧ୍ୟ ଦେଖିବାକୁ ମିଳେ । ଏହାକୁ ଚାର୍ବାକ-ଦର୍ଶନ କୁହାଯାଏ । ଏହାର ପ୍ରବର୍ତ୍ତକ ବୃହସ୍ପତି ନାମକ ଦାର୍ଶନିକ । ସେ ଦେବଗୁରୁ ବୃହସ୍ପତିଙ୍କ ଠାରୁ ଭିନ୍ନ । ନାସ୍ତିକତାବାଦୀ ବା ବସ୍ତୁବାଦୀ ଶଂସିତ ଦର୍ଶନରେ ଧର୍ମାନୁଶାସନ, ଶାସ୍ତ୍ରୀୟ ବିଧିବିଧାନର ନିଗଡ଼ବନ୍ଧନ ଅସ୍ୱୀକୃତ । ଚାରୁ ଅର୍ଥ ରମଣୀୟ, ସୁନ୍ଦର । ହେତୁବାଦୀ ପଣ୍ଡିତ ବୃହସ୍ପତିଙ୍କ ଦୃଷ୍ଟିରେ, ଈଶ୍ୱର ବିଶ୍ୱାସ ତ ଦୂରର କଥା, ଈଶ୍ୱରଙ୍କ ସତ୍ତା ମଧ୍ୟ ଅସ୍ୱୀକୃତ । ଇହଲୋକ ହିଁ ସତ୍ୟ, ପରକାଳର କୌଣସି ଅର୍ଥ ନାହିଁ । ପାରତ୍ରିକ, ଆଧିଭୌତିକ ତଥା ମୃତ୍ୟୁ ପରେ ସ୍ୱର୍ଗଲାଭ ପ୍ରୟାସରେ, ହୋମ-ଯଜ୍ଞ, ବ୍ରତ, ଉପବାସ, ତପସ୍ୟା ଓ କାୟାକ୍ଲେଶଦାୟକ । ଶାରୀରିକ କୃଚ୍ଛ ସାଧନା ମୂଢ଼ତା ମାତ୍ର । ମୃତ୍ୟୁପରେ ପୁନର୍ଜନ୍ମ ଏକ ଅଳୀକ କଳ୍ପନା । ଏଇ ଦେହ ଶ୍ମଶାନରେ ଭସ୍ମୀଭୂତ ହେବା ପରେ, ପୁଣି 'ପୁନରପି ଜନମଂ, ପୁନରପି ମରଣଂ'ର ପ୍ରଶ୍ନ କେଉଁଠି ବୋଲି ସେ ପ୍ରଶ୍ନ କରନ୍ତି; 'ଭସ୍ମୀଭୂତ ଦେହସ୍ୟ ପୁନରାଗମନଂ କୁତଃ ?' 'ଜଗଦାହରନୀଶ୍ୱର' ବା ଈଶ୍ୱର ସତ୍ତା ବିହୀନ ଏ ଜଗତ୍ । ତେଣୁ ପାରମ୍ପରିକ, ଲୌକିକ ଶୌଚ, ଆଚାର, ଏଭଳିକି ପ୍ରବୃତ୍ତି-ନିବୃତ୍ତି; ଆତ୍ମା-ପରମାତ୍ମା ଏବଂ ଶାସ୍ତ୍ରୀୟ ପାରମ୍ପରିକ ବିଧି-ନିଷେଧ ବିଚାର ପରିହାର୍ଯ୍ୟ । ତାଙ୍କ ଦୃଷ୍ଟିରେ, 'ସଂସାରେ ଥିବ ଯେତେ ଦିନ, ଆନନ୍ଦ କରୁଥିବ ମନ ।' ସକଳ ବିଧି ନିଷେଧର ନିବିଡ଼ ବନ୍ଧନରୁ ମୁକ୍ତ ରହିଲେ, ମୁକ୍ତିର ଆସ୍ୱାଦ ମିଳେ । ଆସ୍ତିକତାବାଦୀମାନେ ଏହାକୁ ଆସୁରିକ, ଆତ୍ମସ୍ୱାର୍ଥୀ ଜୀବନଚର୍ଯ୍ୟା କହି ପ୍ରଚଣ୍ଡ ଆକ୍ଷେପ କରନ୍ତି । ସେମାନଙ୍କ ମତରେ, ସୃଷ୍ଟିର ସ୍ଥିତି ହିଁ ସର୍ବଶକ୍ତିମାନ ସ୍ରଷ୍ଟାଙ୍କ ଅସ୍ତିତ୍ୱ ପ୍ରମାଣ କରେ । (When there is Chair, there must be a Chairperson) ସୃଷ୍ଟି ଅଛି ମାନେ ସ୍ରଷ୍ଟା ନିଶ୍ଚିତ ଭାବେ ଅଛନ୍ତି । ଏହା ଆସ୍ତିକତା-ଈଶ୍ୱରବାଦୀ ମୁକ୍ତିକାମୀଙ୍କ ଅକାଟ୍ୟ ପ୍ରାମାଣିକ ଯୁକ୍ତି ।

ଚାର୍ବାକଙ୍କର ଉପରୋକ୍ତ ନିରୀଶ୍ୱରବାଦୀ ଦର୍ଶନ ସହିତ ଆଧୁନିକ ସ୍ଥିତିବାଦୀ (Existentialist) ଦର୍ଶନକୁ ତୁଳନା କରାଯାଇପାରେ । ସ୍ଥିତିବାଦର ପ୍ରବକ୍ତା ଡେନମାର୍କର ପ୍ରଖ୍ୟାତ ଦାର୍ଶନିକ ସୋରେନ୍ କିର୍କେଗାର୍ଡ ଓ ଊନବିଂଶ ଶତାବ୍ଦୀର ନିତ୍ସେ ଉଦ୍‌ଘୋଷଣା କରନ୍ତି "God is dead" ଅର୍ଥାତ୍ ଆସ୍ତିକତାବାଦୀମାନେ ଏଯାବତ୍ ଯେଉଁ ଈଶ୍ୱରଙ୍କୁ ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବନିୟନ୍ତା ବୋଲି କହୁଥିଲେ, ତା'ର କୌଣସି ସତ୍ୟତା ନାହିଁ । ମଣିଷର ସ୍ଥିତି ନିର୍ଭର କରେ, ତା' ନିଜ ଉପରେ । ତା'ର ସ୍ୱାଧୀନ ଚିନ୍ତା ଚେତନା (Free Will) ବିଚାର ହିଁ ତା'ର ଭାଗ୍ୟ, ନିୟନ୍ତା । ଈଶ୍ୱର ବା ସମାଜ କେହି ତା'ର ଭାଗ୍ୟ ନିର୍ଦ୍ଧାରକ ନୁହଁନ୍ତି । ତେଣୁ ସ୍ଥିତିବାଦୀ ପ୍ରବର୍ତ୍ତକ, ଦାର୍ଶନିକ କିର୍କେଗାର୍ଡ, ମଣିଷର ସ୍ଥିତି ହିଁ ଏକାମତ୍ର ସତ୍ୟ ବୋଲି କହିଛନ୍ତି । ଧର୍ମ ଓ ଈଶ୍ୱର ଏଇ ଦର୍ଶନରେ ସମ୍ପୂର୍ଣ୍ଣ ନିର୍ବାସିତ ଓ ଅସ୍ୱୀକୃତ । ଚାର୍ବାକ ଦର୍ଶନ ସହିତ ଏହା ଏକାତ୍ମ ।

ବିଶ୍ୱକବି ରବୀନ୍ଦ୍ର ନାଥ କୁହନ୍ତି, "ମରିତେ ଚାଇନା' ଆମି ସୁନ୍ଦର ଭୁବନେ" । ଏଠାରେ କାମନା, ଅଭିଳାଷ, ଅଭୀପ୍‌ସାରେ ରୂପାନ୍ତରିତ ହୋଇଛି । କାମନା ଜୈବିକତାସର୍ବସ୍ୱ । କିନ୍ତୁ ଜୈବିକ କାମନା, ଅଭିଳାଷ ଓ ଅଭୀପ୍‌ସାରେ ରୂପାନ୍ତରିତ ହେବା, ଜୀବନର ସମୁନ୍ନତ ଉଚ୍ଚତର ସୋପାନ । ରାମାୟଣ, ମହାଭାରତ, ଗୀତା ଓ ପୁରାଣମାନଙ୍କରେ ଜୀବନର ଏଇ ଉଚ୍ଚତର ସୋପାନ-ଆରୋହଣର ମାର୍ଗ ନିର୍ଦ୍ଦେଶିତ ହୋଇଛି । କିନ୍ତୁ ଭାଗବତରେ ହିଁ ସର୍ବଜନବୋଧ, ସହଜ, ପ୍ରାୟୋଗିକ ଜୀବନଚର୍ଯ୍ୟା ଦେଖିବାକୁ ମିଳେ ।

ମଣିଷ ଜୀବନରେ ବିଷାଦାତ୍ମକ ଜୀବନବୋଧର ଏକ ଆସ୍ତିବାଦୀ (Positive) ଦିଗ ଅଛି । ଭଗବତ୍ ଗୀତାର ଅୟମାରମ୍ଭ ବିଷାଦ ଯୋଗରୁ । ଅର୍ଜୁନ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ପ୍ରତିପକ୍ଷ ରୂପେ ନିଜର ଆତ୍ମୀୟ ସ୍ୱଜନ ଓ ଜ୍ଞାତି-କୁଟୁମ୍ବମାନଙ୍କୁ ଦେଖିବା ପରେ, ବିଷାଦଗ୍ରସ୍ତ ହୋଇଛନ୍ତି । ନନ୍ଦିଘୋଷ ରଥରେ, ନିଜ ଗାଣ୍ଡିବ ଧନୁ ପରିତ୍ୟାଗ ପୂର୍ବକ ଭଗବାନ ଶ୍ରୀକୃଷ୍ଣଙ୍କୁ କହିଛନ୍ତି, ଯଦି ପ୍ରତିପକ୍ଷ ତାଙ୍କୁ ନିହତ କରନ୍ତି, ତାହାହେଲେ ସେଭଳି ମୃତ୍ୟୁ ବରଂ ଶ୍ରେୟ । କିନ୍ତୁ ରାଜ୍ୟ ଏବଂ ସମ୍ଭୋଗ ଲାଳସାରେ ଆତ୍ମୀୟ ପ୍ରତିପକ୍ଷଙ୍କୁ ସଂହାର କରିବା ତାଙ୍କ ପକ୍ଷେ ଅସମ୍ଭବ । ଭଗବାନ ଶ୍ରୀକୃଷ୍ଣ ବୁଝାଇଛନ୍ତି; ସ୍ୱଧର୍ମ ପରିତ୍ୟାଗ କରି ଏଭଳି ଅହେତୁକ ଭାବରେ ମୋହମାୟାଗ୍ରସ୍ତ ହେବା ଆର୍ଯ୍ୟୋଚିତ ସ୍ୱଧର୍ମ ନୁହେଁ । ଭଗବାନ ଯୁଗେଯୁଗେ "ପରିତ୍ରାଣାୟ ସାଧୁନାମ୍, ବିନାଶାୟ ଚ ଦୁଷ୍କୃତାଂ, ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେଯୁଗେ" । ସାଧୁମାନଙ୍କୁ ପରିତ୍ରାଣ ଓ ପରିପୋଷଣ କରିବା ପାଇଁ, ପାପୀ, ଦୂରାଚାରୀଙ୍କୁ ବିନାଶ କରିବା ଏକାନ୍ତ ଆବଶ୍ୟକ । ଏଠାରେ ଦୁରାଚାରୀ କୌରବ ଓ ପାପୀ ପକ୍ଷ ସମର୍ଥନ କରୁଥିବା ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନଙ୍କୁ ବିନାଶ କରିବା ଅର୍ଜୁନଙ୍କ ସ୍ୱଧର୍ମ । ସେଥିପାଇଁ ସମସ୍ତ ଦ୍ୱନ୍ଦ୍ୱ, ସଂଶୟ, ଦ୍ୱିଧା ପରିହାର କରି, 'ଯୁଦ୍ଧାୟ କୃତନିଶ୍ଚୟ' ମନ୍ତ୍ରରେ ଅଭିମନ୍ତ୍ରିତ ହେବା ଆବଶ୍ୟକ । ଏଥିରେ ଅର୍ଜୁନଙ୍କର ମୋହଭଙ୍ଗ ହୋଇଛି । ପୁନଶ୍ଚ ପ୍ରିୟ ଗାଣ୍ଡିବ ଧନୁ ଉତ୍ତୋଳନ ପୂର୍ବକ ଯୁଦ୍ଧରେ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ଅର୍ଜୁନ ବିଷାଦଯୋଗରେ ଭଗବତ୍‌ଗୀତାର ପ୍ରଥମ ଅଧ୍ୟାୟର ଏହା ହିଁ ଉପୋଦ୍‌ଘାତ ।

ଏହାର ପରବର୍ତ୍ତୀ ଅଧ୍ୟାୟ ହେଉଛି କର୍ମଯୋଗ । କର୍ମଯୋଗର ମହତ୍ତ୍ୱପୂର୍ଣ୍ଣ ବକ୍ତବ୍ୟ ହେଉଛି, "କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ" । କର୍ମଫଳରେ ପ୍ରତ୍ୟାଶା ନରଖି, ନିଷ୍କାମ ଭାବେ କର୍ମ କରିବାରେ ହି ଜୀବନର ସାର୍ଥକତା । ମହାକବି ବାଲ୍ମୀକି ରଚିତ ରାମାୟଣରେ ମଧ୍ୟ ଏହି ସତ୍ୟନିଷ୍ଠ ସ୍ୱଧର୍ମବୋଧ ଓ ଆସୁରିକତାର ବିନାଶ ପାଇଁ ବାର୍ତ୍ତା ରହିଛି । ଶ୍ରୀରାମ ପିତୃସତ୍ୟ ପାଳନ କରିବା ପାଇଁ ଚଉଦ ବର୍ଷ ବନବାସ ବରଣ କରିନେଇଛନ୍ତି । ଭାତୃଭକ୍ତ ଲକ୍ଷ୍ମଣ ରାଜପୁରୀର ଐଶ୍ୱର୍ଯ୍ୟ ଓ ମୋହ ତ୍ୟାଗ କରି ଜ୍ୟେଷ୍ଠଭ୍ରାତା ଓ ଭାଉଜଙ୍କ ସେବା ପାଇଁ ସହଗାମୀ ହୋଇଛନ୍ତି । ଭରତଙ୍କ ସ୍ୱଧର୍ମନିଷ୍ଠାର ମଧ୍ୟ ବିକଳ୍ପ ନାହିଁ । ଚାହିଁଥିଲେ, ଶ୍ରୀରାମଙ୍କ ବନବାସ ପରେ ସେ ଅଯୋଧ୍ୟାର ରାଜପୁରୀ ଐଶ୍ୱର୍ଯ୍ୟ ମଧ୍ୟରେ କାଳାତିପାତ ପରିପାରିଥାନ୍ତେ । କିନ୍ତୁ ତା' ପରିବର୍ତ୍ତେ

ବଡ଼ଭାଇଙ୍କର ପାଦୁକା କଠଉକୁ ସିଂହାସନରେ ଅଭିଷିକ୍ତ କରି, ତ୍ୟାଗ ଓ ଭ୍ରାତୃଭକ୍ତିର ଚରମ ନିଦର୍ଶନ ଦେଖାଇଛନ୍ତି । ଭାରତ ଦୁଇ କ୍ଲାସିକ୍ ମହାକାବ୍ୟ ରାମାୟଣ ଓ ମହାଭାରତର ଜନଜୀବନ ଉପରେ ପ୍ରଭାବ ଅପରିସୀମ । ପାରିବାରିକ, ସାମାଜିକ ଓ ରାଷ୍ଟ୍ରୀୟ ଜୀବନଚର୍ଯ୍ୟାକୁ ନିୟନ୍ତ୍ରିତ କରିବାରେ, ଏହି ଦୁଇ ଗ୍ରନ୍ଥର ଅପରିହାର୍ଯ୍ୟ ଭୂମିକା ରହିଛି । ମହାତ୍ମାଗାନ୍ଧୀଙ୍କ ଜୀବନକୁ ଶ୍ରୀରାମ ଓ ରାମାୟଣ ଗଭୀର ଭାବେ ପ୍ରଭାବିତ କରିଥିଲା । ଶ୍ରୀରାମ ରାଜା ହୋଇ ମଧ୍ୟ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ନୁହେଁ, ପ୍ରଜାହିତୈଷୀ ସାର୍ବଭୌମ ଗଣତନ୍ତ୍ର (Absolutre Democracy) ରାମରାଜ୍ୟର ପ୍ରବକ୍ତା । ଶେଷନିଃଶ୍ୱାସ ତ୍ୟାଗ କଲାବେଳେ ମଧ୍ୟ ବାପୁଜୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କୁ ସ୍ମରଣ କରିଛନ୍ତି ।

ବିଷାଦାତ୍ମକ ଜୀବନର ଅନ୍ୟ ଏକ କାରଣ ହେଉଛି, ନିଃସଙ୍ଗ ଉଦାସୀନତାବୋଧ । ପ୍ରାସଙ୍ଗିକତା କ୍ରମେ, ଆଧୁନିକ କାବ୍ୟ-ଯୁଗ ପବକ୍ତା କବିବର ରାଧାନାଥଙ୍କର ଅନୁରୂପ ଉପଲବ୍ଧି ଗୁରୁତ୍ୱପୂର୍ଣ୍ଣ:

"ସଂସାରେ ଥାଇ ମୁଁ ସଦା ଉଦାସୀନ
ଉଦାସୀନ ପ୍ରାୟେ କଟାଇଲି ଦିନ,
ସଂସାରୀ ସଙ୍ଗତେ ସଂଗ ହେବା ପାଇଁ
କେବେ ହେଁ ମୋହର ମନ ବଳେ ନାହିଁ" ।

ଏଭଳି ଉଦାସୀନତାଗ୍ରସ୍ତ ହେବାର କାରଣ ନିର୍ଦ୍ଦେଶ କରିବାକୁ ଯାଇ ସେ ସଂସାରୀମାନଙ୍କ ଠାରୁ କିଭଳି ଭିନ୍ନ, ତାହା ଦର୍ଶାଇଛନ୍ତି:

"ହସି ଖେଳି ସେହୁ ଗମନ୍ତି ସମୟ
ଜୀବନ ମଣନ୍ତି ମହୋତ୍ସବମୟ,
ଛାର ଭାଗ୍ୟ ମୋର ପିହିତ ପାଷାଣେ
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ"।

ସାଧାରଣ ଗତାନୁଗତିକ ସମ୍ଭୋଗୀ ମଣିଷ ଯେଉଁ ସଂସାରିକ ମୁଖ ପଛରେ ଧାଇଥାଏ, ସେ ସୁଖର ପ୍ରକୃତ ସ୍ୱରୂପ ସଂଜ୍ଞାୟିତ କରିବା ପାଇଁ କବି କହନ୍ତି-

"ସୁଖ ବୋଲି ଯାହା ଜନନେତ୍ରେ ଦିଶେ
ହାତୁ ଆସେ ହାତେ ପଡ଼ିବା ପାଇଁ ସେ,
ବସ୍ତୁ ନୁହଇ ସେ, ଅଟଇ ତ ଧୂମ
ଅନ୍ୟ ନାମ ତା'ର ଆକାଶ କୁସୁମ"।

ଆକାଶ କୁସୁମ ଯେପରି ଅଳୀକ ଓ ଅବାସ୍ତବ, ସାଂସାରିକ ଭୋଗ, ଐଶ୍ୱର୍ଯ୍ୟ, ସେଭଳି ଏକ କଳ୍ପନାବିଳାସ ଓ ଅବାସ୍ତବ । ଅଥଚ ମରୁଭୂମିର ମରୀଚିକା ଭଳି ଏଇ ସୁଖ-ବିଭ୍ରାନ୍ତିକର ଜୀବନବୋଧକୁ ବରଣ କରିବା ଫଳରେ ମଣିଷ ଅହେତୁକ ବିଷାଦକୁ ଆମନ୍ତ୍ରଣ କରିଥାଏ । ସେଥିପାଇଁ ଭଗବାନ ବୁଦ୍ଧ କହିଛନ୍ତି, "ଦୁଃଖମ୍ ସର୍ବମ୍, ସର୍ବମ୍ ଦୁଃଖମ୍"। ତାଙ୍କ ଦୃଷ୍ଟିରେ ଜୀବନରେ ଦୁଃଖ ଅଛି । ଦୁଃଖର କାରଣ ହେଉଛି, କାମନା । ତେଣୁ କାମନାର ବିନାଶରେ ଦୁଃଖର ବିନାଶ । ଗୀତାର ନିଷ୍କାମ କର୍ମଯୋଗ ସହ ବୁଦ୍ଧ-ଦର୍ଶନକୁ ତୁଳନା କରାଯାଇପାରେ । ସଂସାରରୁ ଜରା, ବ୍ୟାଧି ଓ ମୃତ୍ୟୁର ବିଭୀଷିକା ଦେଖି ରାଜପୁତ୍ର ଗୌତମ ସନ୍ନ୍ୟାସୀ ହୋଇଯାଇଥିଲେ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଜୀବନାଦର୍ଶରେ ସନ୍ନ୍ୟାସ ନୁହେଁ, ସୁନ୍ଦର ସଂସାରର ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରୀତି ଓ ବୈକୁଣ୍ଠ ସମାନ ଗୃହର ନିବିଡ଼ ପାରିବାରିକତାରେ ହିଁ ଜୀବନର ସାର୍ଥକତା ଉପଲବ୍ଧ । ବୈରାଗ୍ୟ ସାଧନରେ ମୁକ୍ତିଲାଭ ପରିବର୍ତ୍ତେ ମହାନନ୍ଦମୟ, ଶୋଭନ ସୁନ୍ଦର ସଂସାରରେ ପ୍ରମୁକ୍ତି ସନ୍ଧାନ କରି, ଦୃଢ଼ୋକ୍ତି ସହ ଉଦ୍‌ଘୋଷଣା କରନ୍ତି, "ବୈରାଗ୍ୟ ସାଧନେ ମୁକ୍ତି ସେ ଆମାର ନୟ ।" ସ୍ନେହ-ନିବିଡ଼ ପାରିବାରିକ ବନ୍ଧନ ମଧ୍ୟରେ ହିଁ ମୁକ୍ତିର ଆଭାସ ମିଳେ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ, ଜଗତ୍ ସତ୍ୟ, ଶରୀର ବାସ୍ତବ । ଆଧ୍ୟାତ୍ମିକତା ପୃଷ୍ଠପଟରେ ପରିଦୃଷ୍ଟ, ଆପାତଃ ବିଷାଦବାଦ ପ୍ରକୃତ ବିଷାଦବାଦ ନୁହେଁ । ଈଶ୍ୱରମନସ୍କ ହୋଇ, ତାଙ୍କ ପାଦପଦ୍ମରେ ଶରଣାପନ୍ନ ହେଲେ ପ୍ରମୁକ୍ତି ପାଇହୁଏ ବୋଲି କୁହାଯାଉଛି । ଗୀତାରେ ଅର୍ଜୁନଙ୍କ ବିଷାଦଯୋଗ, ଆଚାର୍ଯ୍ୟ ଶଙ୍କରଙ୍କର 'ମହାମୁଦ୍ଗର', 'ଭଜ ଗୋବିନ୍ଦମ୍', ଭକ୍ତଚରଣଙ୍କର 'ମନବୋଧ ଚଉତିଶା'ରେ ସଂସାରର ବୀତସ୍ପୃହତା, ଆସ୍ତିବାଦୀ ଆଧ୍ୟାତ୍ମିକତାରେ ପହଞ୍ଚିବାର ନିଶ୍ଚିତ ସୋପାନ ।

ମଣିଷ ଏକ ସ୍ୱପ୍ନ-ବିଭୋର ପ୍ରାଣୀ । 'ଜାତସ୍ୟ ହି ଧ୍ରୁବ ମୃତ୍ୟୁ' ଜାଣି ମଧ୍ୟ ସେ ମୃତ୍ୟୁଞ୍ଜୟୀ ହେବାର ପ୍ରୟାସ କରେ । ସ୍ପର୍ଦ୍ଧାର ମନ୍ତ୍ର ଉଚ୍ଚାରଣ କରେ, 'ମୃତ୍ୟୁଃ ମା ଅମୃତମ୍ ଗମୟ ।' ତମିସ୍ରାନିବିଡ଼ ଘନ ଅନ୍ଧକାର ମଧ୍ୟରେ ଜ୍ୟୋତିକୁ ଅସତ୍ ମଧ୍ୟରେ ସତ୍ୟକୁ ସ୍ୱାଗତ କରେ । ମୃତ୍ୟୁର ଆତଙ୍କ ତାଙ୍କୁ, ଆତଙ୍କିତ କରିପାରେନି । ଋଷି ପାତଞ୍ଜଳୀଙ୍କ ଭାଷାରେ, ମୃତ୍ୟୁ ଚେତନାର ଅନ୍ୟ ନାମ 'ମରଣ ତ୍ରାସ' । ମନୁଷ୍ୟ ବ୍ୟତୀତ ସମସ୍ତ ପ୍ରାଣୀଜଗତ ମରଣତ୍ରାସରେ ଭୀତତ୍ରସ୍ତ । ମଣିଷ କେବଳ ମରଣତ୍ରାସକୁ ଅତିକ୍ରମ କରି, ମୃତ୍ୟୁଞ୍ଜୟୀ ହୋଇପାରିଛି । ଶରୀର ମଧ୍ୟରେ ଅଦାହ୍ୟ, ଅକ୍ଳେଦ୍ୟ, ଅଶୋଷ୍ୟ, ନିତ୍ୟ ଓ ଶାଶ୍ୱତ ଆତ୍ମା ଆବିଷ୍କାର କରିଛି । ଦେହରୁ ଦେହୋତ୍ତର ହୋଇ ସତ୍-ଚିତ୍-ଆନନ୍ଦ ଧାମରେ ପହଞ୍ଚି ପାରିଛି ଓ ଅନନ୍ତ, ଅସୀମ ଯାତ୍ରାପଥର ପଥିକ ହୋଇ ମୃତ୍ୟୁଞ୍ଜୟୀ ହୋଇପାରିଛି । ପ୍ରାଣୀ ମାତ୍ରେଇ ମରଣଶୀଳ । ମଣିଷ ତହିଁରୁ ବ୍ୟତିକ୍ରମ ନୁହେଁ । ବରଂ ମୃତ୍ୟୁର ଭୟାବହ ରୂପ ସେ ସବୁଠାରୁ ବେଶୀ ଅନୁଭବ କରେ । ସେଥିପାଇଁ ସ୍ୱକୀୟ ଆତ୍ମାକୁ ସମ୍ବୋଧିତ କରି ସେ କହେ, "ରେ ଆତ୍ମନ୍, ନିଦ୍ରା ପରିହରି / ଫେଡ଼ି ଚିନ୍ତାର ଲୋଚନ // କର, କର ନିରୀକ୍ଷଣ ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି / ଭେଟିବାକୁ ମୃତ୍ୟୁ-ସିନ୍ଧୁ କରାଳ ଲହରୀ //" ମୃତ୍ୟୁର ଅନୁରୂପ ବିଭୀଷିକାମୟ ଚିତ୍ର, ଗୀତାରେ ମଧ୍ୟ ଦିଆଯାଇଛି । ଗୀତାରେ ମୃତ୍ୟୁ ହେଉଛି ମହାକାଳ, ସ୍ୱୟଂ ଭଗବାନଙ୍କ ଏକ ଅଂଶବିଶେଷ । ନିଜକୁ ଭଗବାନ ମହାକାଳ ରୂପେ ପ୍ରତିପାଦିତ କରି କହନ୍ତି, 'କାଳୋଽସ୍ମି ଲୋକକ୍ଷୟକୃତ' । ଭାଗବତକାର ଜଗନ୍ନାଥ ଦାସ ସରଳ, ସହଜ ଓ ପ୍ରାଞ୍ଜଳ ଭାଷାରେ କାବ୍ୟାୟିତ କରନ୍ତି, "କାଳର ବଶ ଏ ଜଗତ / ପ୍ରାଣୀଏ କାଳର ଆୟତ୍ତ // ସେ କାଳ ବଶେ ସର୍ବେ ଚଳି / ପବନେ ଯେହ୍ନେ ଘନାବଳୀ"//

ଏଠାରେ ପାରମ୍ପରିକ ରୀତିରେ କାଳ ଦ୍ୱାରା ସମଗ୍ର ଜଗତ କିଭଳି ବଶୀଭୂତ ଏବଂ ପ୍ରତ୍ୟେକଟି ପ୍ରାଣୀ କାଳ କବଳିତ ବୋଲି କୁହାଯାଇଛି । କିନ୍ତୁ ଭାଗବତକାରଙ୍କ ବକ୍ତବ୍ୟ ଏକ ଚମତ୍କାର ରୂପକଳ୍ପ ମାଧ୍ୟମରେ ରସୋତ୍ତୀର୍ଣ୍ଣ । ଯେଭଳି ମହାଶକ୍ତି ମନ୍ତ ପବନ, ମେଘକୁ ଅବଲୀଳା କ୍ରମେ

ସଞ୍ଚାଳିତ କରିପାରେ, ସେଭଳି ପ୍ରାଣୀମାନେ, ମହାକାଳରୂପୀ ମୃତ୍ୟୁ ଦ୍ୱାରା ସଂଚାଳିତ ହୁଅନ୍ତି। କିନ୍ତୁ ଦିବ୍ୟଦ୍ରଷ୍ଟା ମଣିଷ, ମୃତ୍ୟୁ ଶେଷ ସତ୍ୟ ନୁହେଁ ବୋଲି ଉଦ୍‌ଘୋଷଣା କରେ। କବିଙ୍କ ଭାଷାରେ- 'ମରିବାକୁ ଫୁଟିନାହିଁ ଭବ ତରୁ ଡାଳରେ।' ମୃତ୍ୟୁ ବା ମରଣ ତ୍ରାସରୁ ଉତ୍ତରିତ ହେବା ପାଇଁ, ସେ ପ୍ରେମର ଆବିଷ୍କାର କଲା। ପ୍ରେମ ଯୌନକ୍ଷୁଧା କିମ୍ବା ଦେହଜ ନୁହେଁ, ଦେହୋତ୍ତର। ସେଥିପାଇଁ କବି କହନ୍ତି, "ପାଇଛି ମୁଁ ସ୍ନେହରତ୍ନ ଦେହ ଅବଗାହି। ମୁକ୍ତା ପାଇ ଫେରିଛି ମୁଁ ଗୁଞ୍ଜା ଖୋଜିଯାଇ। ପ୍ରିୟାର ସରସ ସ୍ନେହ ଦେହ ଅବସାନେ ହୋଇଛି ଅମର। ଦିନେ ଯାହା ଥିଲା ରୂପ, ଆଜି ରୂପୋତ୍ତର"। ଏହି ରୂପୋତ୍ତର ପ୍ରେମରେ ସ୍ପଷ୍ଟ ଭାବେ ଅଭିବ୍ୟଞ୍ଜିତ ହୋଇଛି, ପ୍ରେମ ନା ପ୍ରଣୟର ବୈଶିଷ୍ଟ୍ୟ ଅଫୁରନ୍ତ ସୌନ୍ଦର୍ଯ୍ୟ। ଏହି ସୌନ୍ଦର୍ଯ୍ୟ କିଭଳି ଶୋଭନ ଓ ପାବନ, ତାହା କବିଙ୍କ ଅନ୍ୟ ଏକ ସମାନ୍ତରାଳ କାବ୍ୟାନୁଭୂତିରୁ ସୂଚିତ ହୁଏ, "ବକ୍ଷେ ମୋର ଯଜ୍ଞ ଜଳେ/ ତୁମେ ତହିଁ ଜୀବନ ଦେବତା // ଆତ୍ମା ମୋର ଯଜ୍ଞ କାଷ୍ଠ / ଘୃତାହୁତି ତୁମର ମମତା"// ପ୍ରେମ ଏକ ଯଜ୍ଞ, ଯାହାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ପ୍ରଣୟିନୀ। ଏହି ଆତ୍ମିକ ପ୍ରେମରେ ଯଜ୍ଞାନୁଷ୍ଠାନ କରୁଥିବା ପ୍ରେମିକ ଯାଜକ। ତା'ର ଆତ୍ମା ରୂପକ ସମିଧ ହେଉଛି ଯଜ୍ଞକାଷ୍ଠ। ଯଜ୍ଞରେ ଦିଆଯାଉଥିବା ଘୃତାହୂତି ହେଉଛି, ପ୍ରଣୟିନୀର ନିବିଡ଼ ପ୍ରୀତି-ସ୍ନେହ-ମମତା। ଯଜ୍ଞାନୁଷ୍ଠାନ ସହ ପ୍ରେମକୁ ତର୍କଣା କରିବା ଦ୍ୱାରା ଏହାର ଶୁଚିସ୍ମିତ ସ୍ୱରୂପ ଉପଲବ୍ଧ ହୁଏ। ସାମ୍ପ୍ରତିକ ଆଧୁନିକ କବି ପ୍ରଫେସର ଅଭିନ୍ନ ସାହୁ ପ୍ରେମ ଯାଦୁକରୀ କୁହୁକୀ ସ୍ପର୍ଶକୁ କାବ୍ୟାୟିତ କରି କହନ୍ତି- "ପ୍ରେମ କେଉଁ କୁଆଁରୀର କାଉଁରୀ ହାଡ଼ ସେ / ଯାହା ଛୁଆଁଇ ଦେଲେ / ଥୁଣ୍ଟା ମଲାଗଛ ବି କେନା ମେଲାଏ ପବେ ପବେ/ କନ୍ଦି ବିକନ୍ଦିରେ/ ଖଞ୍ଜି ହୋଇଯାଏ/ କଅଁଳ ସୂର୍ଯ୍ୟ, ଆଉ/ ପୁନେଇଁର ଉଦିଆ ଚାନ୍ଦ ବି।" ଏହା ପରେ ପରେ, ସେଇ ଥୁଣ୍ଟା ଗଛରେ ଲାଲ ଛନଛନ କିଶଳୟ, ମେଞ୍ଚା ମେଞ୍ଚା ବଉଳ ଓ ଭରା ଫଗୁଣର ସ୍ୱପ୍ନ ଛାଇଯାଏ। ଏହା ଏକ ରୋମାଣ୍ଟିକ୍ କବିତା ଭଳି ମନେ ହେଉଥିଲେ ହେଁ, ଏଥିରେ କ୍ଲାସିକାଲ୍ ଚିରନ୍ତନ ମୂଲ୍ୟବୋଧ ଅଛି। ଥୁଣ୍ଟାଗଛ, ଶ୍ରୀହୀନ ଆଧୁନିକ ମଣିଷର ପ୍ରତୀକ। ସେ ଉଚ୍ଛଳ ଜୀବନ-ସ୍ୱପ୍ନ ଦେଖିପାରେ ନାହିଁ। ଜୀବନରେ ଫୁଲଫୁଟା, ଭରା ଫଗୁଣର ସ୍ୱପ୍ନ ନଦେଖିଲେ, ତା' ପାଇଁ ଜୀବନ ଏକ ଅହେତୁକ, ଅସହ୍ୟ ଭାର ବା ବୋଝ ଭଳି ମନେହୁଏ। ପ୍ରେମ ଓ ପ୍ରେମର ଅନ୍ତର୍ନିହିତ ସୌନ୍ଦର୍ଯ୍ୟବୋଧ ଜୀବନକୁ ଆନନ୍ଦବିଭୋର, ସୁଖମୟ କରେ। ପ୍ରେମ କୌଣସି ବାଧାବନ୍ଧନ ମାନେନାହିଁ। ତା'ର ଉଜାଣି ବନ୍ୟା, ଅହେତୁକ ବିଧିନିଷେଧ ସ୍ୱୀକାର କରେନାହିଁ। ସୁରଭି-ସ୍ନିଗ୍ଧ, ପ୍ରେମମୟ ଜୀବନ କିଭଳି ଦୁର୍ବାର ତାହା ସୂଚାଇବା ପାଇଁ କବି କହନ୍ତି "କୁହୁକୀ ପ୍ରେମର ଅଭିଳଷିତ ସ୍ପର୍ଶର ମହମହ ବାସ୍ନାରେ କୂଳ ଲଙ୍ଘେ ଘାଇ ଭାଙ୍ଗେ / ଭାଙ୍ଗେ ଯେତେ ବନ୍ଧବାଡ଼ / କେଉଁ କୁଆଁରୀର କାଉଁରୀ ହାଡ଼ ସେ, ଯାହାର ଅନ୍ୟ ନାମ ପ୍ରେମ / ଏବଂ ପ୍ରେମ"// ନିରୁତା, ନିର୍ମଳ, ଶୁଦ୍ଧପୂତ ପ୍ରେମ ଅଘଟନ-ଘଟନ-ପଟିୟସୀ। ଲୋକବିଶ୍ୱାସ ଅନୁସାରେ, କୁଆଁରୀ କନ୍ୟାର କାଉଁରୀ ହାଡ଼ ନା କାଉଁରୀ କାଠି (Magic Wand) ଛୁଆଁଇ ଦେଲେ, ସବୁ ଅସମ୍ଭବ ସମ୍ଭବ ହୋଇପାରେ। ସେଭଳି ପ୍ରେମର ଯାଦୁକରୀ ସ୍ପର୍ଶରେ ମଣିଷ ଆସାଧ୍ୟ ସାଧନ କରିପାରେ। ପଙ୍ଗୁ ଗିରି ଲଙ୍ଘନ କରେ। ସାମ୍ପ୍ରତିକ ମଣିଷ ମନରେ ଦେଖାଦେଇଥିବା ହତାଶା, ନୈରାଶ୍ୟ, ବ୍ୟର୍ଥତା ଦୂରୀଭୂତ ହୋଇ ଆଶା, ଅଭୀପ୍‌ସା ଓ ଉଚ୍ଛଳ ଆନନ୍ଦ ସଂଚାରିତ ହୁଏ। ମୃତ୍ୟୁ ଚେତନା ପରିବର୍ତ୍ତେ, ଏକ ଅମୃତାୟିତ ଜୀବନବୋଧ ଜାଗ୍ରତ ହୁଏ। କେବଳ ପ୍ରେମ ହିଁ 'ମରଣ ତ୍ରାସ'କୁ ଅନାୟାସରେ ଅତିକ୍ରମ କରିବା କଥା, କବି ଦର୍ଶାଇଛନ୍ତି- "ଧନ୍ୟ ସେ ପ୍ରୀତିକି, ମରଣ ଭୀତିକି ହେଳେ ଯେ ପାରଇ ଜିଣି"।

ପ୍ରେମିକ କବି ମାୟାଧର ମାନସିଂହ ପ୍ରେମର ସ୍ୱରୂପ ଏକ ଚମତ୍କାର ରୋମାଣ୍ଟିକ୍ ଚିତ୍ରକଳ୍ପ ମାଧ୍ୟମରେ ପ୍ରତିପାଦିତ କରିବାକୁ ଯାଇ କହନ୍ତି-

"ଶୁଣିବ ଯେବେ ପ୍ରିୟାଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ ।
ଆସିବ ମୋର ଭସ୍ମ ପାଶେ
ଦେବ ଗୋ ତା'ରେ ଦେହର ଛାଇ।।
ପାରିବ ଯଦି ଭସ୍ମ ପରେ
ପଦ୍ମ ପାଦ ଚାଳିବ ଧିରେ।
ଜୀବନ ତେବେ ଲଭିବି ସଖୀ
ନିଶ୍ଚୟ ମୁଁ ମରଣ ପାରେ ।।"

'ଭସ୍ମୀଭୂତ ଦେହସ୍ୟ ପୁନରାଗମନ କୁତଃ' ଭଳି ରୂଢ଼ ବାସ୍ତବବାଦୀ ଦର୍ଶନ ବିରୋଧରେ ନେଓ-ରୋମାଣ୍ଟିକ (Neo-romantic) ବା ନବସ୍ୱୈରବାଦୀ କବି ମାନସିଂହଙ୍କର ଏହା ଏକ ଅଭିନବ ପ୍ରୟାସ। ନବସ୍ୱୈରବାଦୀ କବି ଅହେତୁକ ରୋମାଣ୍ଟିକ୍ କଳ୍ପନା ବିଳାସୀ ନୁହଁନ୍ତି। ପକ୍ଷାନ୍ତରେ ସୁସ୍ଥ, ସୁନ୍ଦର ଆଶାବାଦୀ ମାନବୀୟ ମୂଲ୍ୟବୋଧ ଜାଗ୍ରତ କରିବା ପାଇଁ, ସେ ନିରନ୍ତର ପ୍ରୟାସ କରେ। ମୃତ୍ୟୁ ଚେତନା, ପ୍ରେମ ଓ ପ୍ରେମ-ପ୍ରସୂତ ସୌନ୍ଦର୍ଯ୍ୟବୋଧ ଏକ ବୃତ୍ତ-କ୍ରମ (Cyclic Order) ସଂଯୋଜିତ। ମୃତ୍ୟୁ ଚେତନାରୁ ଉତ୍ତରିତ ହେବା ପାଇଁ ମୃତ୍ୟୁଞ୍ଜୟୀ ମଣିଷ ଆବିଷ୍କାର କଲା ପ୍ରେମ। ପ୍ରେମ ମଧ୍ୟରେ ଏଭଳି ଏକ ଅନ୍ତର୍ନିହିତ ସୌନ୍ଦର୍ଯ୍ୟବୋଧ ଅଛି, ଯାହା ସତ୍-ଚିତ୍-ଆନନ୍ଦ ତଥା ସତ୍ୟ-ଶିବ-ସୁନ୍ଦରକୁ ଆବାହନ କରେ। ଯାହା ଶାଶ୍ୱତ ସତ୍ୟ, ଚିରନ୍ତନ ଚିନ୍ମୟ ଚେତନା, ତାହାହିଁ ଶିବ ବା ମଙ୍ଗଳମୟ। ବିଷାଦଗ୍ରସ୍ତ ଆତ୍ମଘାତୀ ସାମ୍ପ୍ରତିକ ମଣିଷ ଦୁଃଖରେ ଘାରି ହେଉଥିବା ବେଳେ, ଚିରନ୍ତନ ସୌନ୍ଦର୍ଯ୍ୟାନ୍ୱିତ ଅନୁରୂପ ପ୍ରଣୟବୋଧ ହିଁ ସମଗ୍ର ମଣିଷ ଜାତିର ଦିଗବାରେଣୀ ଆଲୋକସ୍ତମ୍ଭ ରୂପେ ପ୍ରଥ ପ୍ରଦର୍ଶକ ହେବ।

ପ୍ରଣୟୀ କବି ମାୟାଧର ମାନସିଂହଙ୍କର ମାନବିକତା ଦୀପ୍ତିରେ ଦୃପ୍ତ କବିତା "ମୁକ୍ତି ନାହିଁ ମାଗେରେ" ପ୍ରମୂର୍ତ୍ତ। ମାନବବାଦୀ କବି ପ୍ରଲୋଭନୀୟ ପରଲୋକର ଗତି, ମୁକ୍ତି ବା ନିର୍ବାଣ ଚାହେଁ ନାହିଁ। ସ୍ୱର୍ଗ ନୁହେଁ, ମର୍ତ୍ତ୍ୟ ହିଁ ଜୀବନର ଲୀଳାଖେଳା, ଉପ୍‌ସିତ କର୍ମଭୂମି। ସେଥିପାଇଁ କବି କହନ୍ତି, "ସ୍ୱର୍ଗ ମୁକ୍ତି ନାହିଁ ବାଞ୍ଛେ, ଜୀବନ ମୁଁ ଚାହେଁ / ସୁଖ ଦୁଃଖମୟ ଏଇ ଜୀବନ ପ୍ରବାହେ // ଏ ବିଚିତ୍ର ଧରଣୀର / ମୋର ଜନ୍ମାନ୍ତର //" କେବଳ ସେତିକି ନୁହେଁ ଜଗତର କୋଟିକୋଟି ସମଦୁଃଖୀ ପାଇଁ ଅଶ୍ରୁଳ ଲେଖନୀରୁ ଝରାଇଛନ୍ତି-

"ଜଗତର କୋଟି କୋଟି ଦୁଃଖୀ ଦରିଦ୍ରର
ନୟନ ଲୋତକେ ମୋର ଲୋତକ ମିଶାଇ,

ହେଉ ଗୋ ପବିତ୍ରତର। କବିତାରେ ଗାଇ

ଦଳିତ ଲାଞ୍ଛିତ ଯେତେ, ତାଙ୍କ ଦୁଃଖ ବ୍ୟଥା
ଅବଜ୍ଞାତ ସୁଖଦୁଃଖମୟ ପ୍ରାଣ କଥା,
ଲେଖନୀ ମୋ ଧନ୍ୟ ହେଉ। ଏ ମୋର ଶରୀର
ଅନନ୍ତ କରୁଣା ଭରେ ପୋଛି ନେତ୍ରୁ ନୀର
ଲକ୍ଷ ଲକ୍ଷ ଦରିଦ୍ରର କ୍ଷୀଣ ପଳେ ପଳେ
ହେଲେ ସେ ପରମ ଭାଗ୍ୟ ମୋର ଜନ୍ମାନ୍ତରେ।”

ଦରଦୀ କବି ଏଠାରେ ଦୁଃଖୀ ସହ ସମଦୁଃଖୀ, ଦଳିତ ଲାଞ୍ଛିତ ସହ ସମପ୍ରାଣ ହୋଇ ତାଙ୍କ ଦୃଦୟାନୁଭୂତିକୁ କାବ୍ୟାୟିତ କରିଛନ୍ତି।

ସ୍ୱପ୍ନ ବିଭୋର ମଣିଷ ପାଇଁ ବିଶ୍ୱସ୍ତରୀୟ ଉଦତ୍ତ ପ୍ରଣବୋଧର ଉଦ୍‌ଗାତା ହେଉଛନ୍ତି, କବିଗୁରୁ ‘ଗୀତାଞ୍ଜଳୀ’ ରଚୟିତା ରବୀନ୍ଦ ନାଥ ଓ ‘ଓମାର ରୁବାୟତ’ର ଅମର ସ୍ରଷ୍ଟା ଗ୍ୟାସୁଦ୍ଦିନ ଇବନ୍ ଆବୁଲ୍ ଫତେ, ଓମାର୍ ବିନ୍ ଇବ୍ରାହିମ୍ ଓରଫ ସଂକ୍ଷେପରେ ଓମାର୍। ସମଗ୍ର ବିଶ୍ୱବ୍ୟାପୀ ଆଦୃତ ଓମାର୍‌ଙ୍କ ରୁବାୟତ୍ ଚଉପଦୀ। ମଣିଷର ଅନ୍ତରଙ୍ଗ ଆଙ୍ଗିକ ଓ ଆତ୍ମିକ, ରସଉଚ୍ଛଳ ସୂକ୍ଷ୍ମାତିସୂକ୍ଷ୍ମ, ମାଧୁର୍ଯ୍ୟପୂର୍ଣ୍ଣ ପ୍ରଣୟବୋଧର ବିଶ୍ୱସ୍ତ ପରିପ୍ରକାଶ। ଜୀବନ-ମଦିରାକୁ ଆକଣ୍ଠ ପାନ କରିବାର ପ୍ରୟାସରେ କବି ଅପ୍ରତିଦ୍ୱନ୍ଦ୍ୱୀ, ଅନୁପମ। ଇରାନୀ ପାର୍ସୀ ଭାଷା ଲିଖିତ ଓମାର୍‌ଙ୍କ ଗୀତିଗୁଚ୍ଛର ସଫଳ ଅନୁବାଦକ ଏଡ୍‌ୱାର୍ଡ ଫିଜ୍ ଗୋଗ୍‌ଲ୍‌ଡଙ୍କ ମୌଳିକ ଅନୁବାଦର ଗୋଟିଏ ପଂକ୍ତି ହେଉଛି; କବି ନିର୍ଜନ ଜଙ୍ଗଲର ତରୁ ଛାୟାତଳେ, ପ୍ରଣୟିନୀ ସହ ଥିବା ବିରଳ ମୁହୂର୍ତ୍ତର ଅନୁଭୂତି; “A book of verse underneath the bough; A jug of wine, a loaf of bread and thou; Beside me singing in the wilderness; And wilderness is paradise now”. ଏହାର ଚମତ୍କାର ଅନୁସୃଜନ, କବିଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ ଅମର ଲେଖନୀରେ କାବ୍ୟାୟିତ :

“ଏଇ ତରୁତଳେ ଘନ ପଲ୍ଲବ ବିତାନେ
ଜୀବନବନ୍ଧୁ ବସି ମୋର ତୁଳେ ଗୋପନେ,
ପାଶେ ରଖି ଗୀତି ଚୟନିକା ଲଘୁ ଆହର
ଦ୍ରାକ୍ଷାମଦିରେ ଭରିଦେବ ସଖି ଆଧାର;
ପାଶେ ବସି ଯେବେ ଗାଇବ ସ୍ନିଗ୍ଧ ରାଗିଣୀ
ଉସଳ କରି ନିର୍ଜନମରୁ ବନାନୀ
ତେବେ ଗୋ ସଜନୀ ମୁହିଁ !
ନିମିଷେକ ଲାଗି ସ୍ୱର୍ଗ ମଣିବି ରୁକ୍ଷ ଏଇ ମରୁଭୂଇଁ।”

ଧୂସର ମରୁଭୂପୃଥିବୀକୁ ଶ୍ୟାମାୟିତ ଓ ରସପୂର୍ଣ୍ଣ କରିବାର ପ୍ରୟାସ ଏକ କ୍ଳାସିକ୍ ମୂଲ୍ୟବୋଧକୁ ଆମନ୍ତ୍ରଣ କରେ।

ସେଭଳି ବିଶ୍ୱକବି ନୋବେଲ ପୁରସ୍କାର ବିଜେତାଙ୍କ ବିଶ୍ୱସ୍ତରୀୟ ଅବଦାନ ହେଉଛି ଗୀତାଞ୍ଜଳି। ଭାରତୀୟ ବେଦ-ବେଦାନ୍ତ, ଉପନିଷଦ ଶାସ୍ତ୍ରର ନିର୍ଯ୍ୟାସକୁ ରସୋତ୍ତୀର୍ଣ୍ଣ-କାବ୍ୟାୟିତ କରି, ସେ ବିଶ୍ୱର ବିଦଗ୍ଧ କବି ସମାଲୋଚକମାନଙ୍କ ମଧ୍ୟରେ ଚମକ ସୃଷ୍ଟି କରିଥିଲେ। ତାଙ୍କର କାବ୍ୟିକ ଭାଷା ଓ ଆଳପଟ ଶୈଳୀ ଅନନୁକରଣୀୟ। ନିଜକୁ ପ୍ରଣୟିନୀ ମନେକରି ସେ ସମର୍ପି ଦେଇଛନ୍ତି ସ୍ରଷ୍ଟାଙ୍କ ପାଦପଦ୍ମରେ - “ଆସିଲେ ବସିଲେ ପାଖେ / ତଥାପି ଉଠିଲି ନାହିଁ // କି କାଳ ନିଦ ଯେ ଘାରିଥିଲା ମୋତେ / କି ହତଭାଗିନୀ ମୁହିଁ // କାହିଁକି ଏମିତି ହୁଏ / ସବୁ ରାତି ମୋର ବ୍ୟର୍ଥରେ ବିତିଯାଏ // ନିଦରେ ଯାହାକୁ ଏତେ ପାଶେ ପାଏ / ନିଃଶ୍ୱାସ ବାଜେ ଦେହେ, // ଆଖି ପାରେ ନାହିଁ ଦେଖି ସେ ରୂପକୁ / ସଦା ମୁଁ ହରାଇଦିଏ //”

ନିଜକୁ ପ୍ରେମିକା ମନେକରୁଥିବା କବିଙ୍କରଏଇ ମିଳନ-ବିରହର ତିଳ-ତଣ୍ଡୁଳିତ ଛାୟାଲୋକର ଅନୁପମ ପରିପ୍ରକାଶ କେବଳ ବିଶ୍ୱକବି ଗୀତାଞ୍ଜଳିକାରଙ୍କ ପକ୍ଷରେ ସମ୍ଭବ। ଜୀବନପାତ୍ରକୁ ଏଭଳି ପରିପ୍ଲାବିତ କରି ପରିବେଷଣ କରିବା ଦ୍ୱାରା ଜୀବନକୁ ବଞ୍ଚିବା ଭଳି ବଞ୍ଚିବାର ପ୍ରାଚୁର୍ଯ୍ୟମୟ ଉପାଦାନରେ ଭରିଦେଇଛନ୍ତି।

ଶାସ୍ତ୍ରୀୟ ପରମ୍ପରାରେ, ଲକ୍ଷଲକ୍ଷ ଯୋନିରେ ଜନ୍ମଗ୍ରହଣ ପରେ ଜୀବ ନିଜର ସୁକର୍ମ ଦ୍ୱାରା ଦୁର୍ଲଭ ନର କଳେବର ଧାରଣ କରେ। ଭାଗବତକାରଙ୍କ ଭାଷାରେ “ସର୍ବ ଶରୀର ମଧ୍ୟେ ସାର / ଦୁର୍ଲଭ ନର କଳେବର //” ସ୍ୱଭାବ ସୁଲଭ ରୀତିରେ ଏ ବକ୍ତବ୍ୟକୁ କାବ୍ୟାୟିତ ରୂପ ଦେବାକୁ ଯାଇ, ମାଳାରୂପକ ଖଞ୍ଜି ଦେବା କଥା ପୂର୍ବରୁ ସୂଚାଇ ଦିଆଯାଇଛି। ସଦ୍‌ଗୁରୁ ସେ ଶରୀର ରୂପକ ନାବର ମଙ୍ଗୁଆଳ ଓ ସ୍ୱୟଂ ଭଗବାନ ଅନୁକୂଳ ସମୀର ହୋଇ, ନିର୍ବିଘ୍ନରେ ନାବ ବାହି ନେଉଥିବାରୁ ମଣିଷ ମନରେ ସନ୍ଦେହ, ଅବିଶ୍ୱାସ, ଦ୍ୱନ୍ଦ୍ୱ ରହିବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ମଣିଷ ଏଭଳି ଦିବ୍ୟ ଶୋଭନ କଳେବର ଓ ତା’ର ପବିତ୍ର ସଂଚାଳକ ଭଗବାନଙ୍କ କଥା ପାସୋରିଯାଇ, ନିଜ ଉପରୁ ଆସ୍ଥା ହରାଇ ଆତ୍ମଘାତୀ ହୁଏ। ଏହାଠାରୁ ଅଧିକ ବିଡ଼ମ୍ବନା ଓ ମୂଢ଼ତା ବା କ’ଣ ଥାଇପାରେ ? ସେଥିପାଇଁ ଭାଗବତକାର ଚେତାଇ ଦେଇଛନ୍ତି, “ଏମନ୍ତ ନାବ ଥାଉ କୂଳେ। ଯେବା ନ ତରେ ଭବଜଳେ॥ ସେ ନର ହୀନ ମୂଢ଼ମତି। ତାହାକୁ ବୋଲି ଆତ୍ମଘାତୀ” ॥ ଆମ ସମକାଳୀନ ସାମ୍ପ୍ରତିକ ଜୀବନବୋଧରେ ଏଭଳି ଅହେତୁକ ଆତ୍ମଘାତୀ ପରିଣତି ହେଉଛି ଆତ୍ମହତ୍ୟା। ବିଜ୍ଞାନ, ପ୍ରାୟୋଗିକ ଓ ଉନ୍ନତ ଟେକ୍‌ନୋଲୋଜି ଯୁଗରେ ଭୌତିକ ସୁଖ-ସ୍ୱାଚ୍ଛନ୍ଦ୍ୟ, ସ୍ୱଚ୍ଛଳତା ଭରି ରହିଛି। ଅଥଚ ସବୁଥାଇ ମଧ୍ୟ ସେ ନିଜକୁ ନିଃସ୍ୱ ମନେକରେ। ଏହାର ଏକମାତ୍ର କାରଣ, “କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର / ଯାର ପ୍ରାପତି ଯୋଗୁ ଦେବତା ନର //” ସମାଜ, ପରିବାରର ଅନୁପ୍ରେରଣା କଥା ସେ ଭୁଲିଯାଏ। ଫଳରେ ଦରଦୀ ବନ୍ଧୁଟିଏ ପାଏ ନାହିଁ, ଯାହା ସହ ସେ ଭାବ ବିନିମୟ କରିବ, ସୁଖଦୁଃଖରେ ସମଭାଗୀ ହୋଇପାରିବ। ଅବରୁଦ୍ଧ ବେଦନା ବଢ଼ିଚାଲେ। ଅଶାନ୍ତି, ଅସନ୍ତୋଷ, ଅତୃପ୍ତି ମନକୁ ଭାରାକ୍ରାନ୍ତ କରେ। ତା’ର ମାନସିକ ଚାପ-ଅଧିକରୁ ଅଧିକତର ବଢ଼ିଚାଲେ। ସଦାସର୍ବଦା ଏକ ଅଜଣା ଆତଙ୍କରେ ସେ ଆତଙ୍କିତ ହୁଏ। ବାହାରକୁ ହସଖୁସିରେ ଥିବା ଅଭିନୟ କଲେ ମଧ୍ୟ, ଭିତରେ ଭିତରେ ଗୁମୁରି ଗୁମୁରି ସେ କାନ୍ଦେ, ଲୁହ ଝରାଏ। ହତାଶା-ନୈରାଶ୍ୟବୋଧ, ବ୍ୟର୍ଥତା ଜନିତ-ବିରକ୍ତିବୋଧ ତା’କୁ ସଦାସର୍ବଦା ଆଚ୍ଛନ୍ନ ରଖେ। ସନ୍ଦେହ ଓ ଅବିଶ୍ୱାସରେ ସେ ଘାରିହୁଏ। କାହାରିକୁ ବିଶ୍ୱାସ କରିପାରେନି। ଏଭଳିକି ନିଜକୁ। ନିଜର ଆତ୍ମଶକ୍ତି, ଆତ୍ମବିଶ୍ୱାସ ଓ ଆତ୍ମସଂପ୍ରୀତି (Self-love) ମଧ୍ୟ ହରାଇବସେ। ନିଜକୁ ନିଜେ ତୁହାଇ ତୁହାଇ ପ୍ରଶ୍ନ କରେ, ‘ଜୀବନର ଲକ୍ଷ୍ୟ କ’ଣ ? ଏଭଳି ଦୟନୀୟ ଭାବେ ବଞ୍ଚି ରହିବାର, ଯଥାର୍ଥ୍ୟ କେଉଁଠି ? ସାହସିକତା ସହ ଜୀବନର

ମୁହାଁମୁହିଁ ହେବାରେ ସେ ସମ୍ପୂର୍ଣ୍ଣ ବିଫଳ ହୁଏ । ତା' ପାଇଁ ଜୀବନ ଏକ ଅବାଞ୍ଛିତ, ଅନାକାଂକ୍ଷିତ ବୋଝ, ଯହିଁରୁ କ'ଣ ନିଷ୍କୃତି ନାହିଁ; କୌଣସି ବିକଳ୍ପ ପନ୍ଥା ନାହିଁ ? ? ଏଭଳି ନାସ୍ତିବାଦୀ (Negativist) ନୈରାଶ୍ୟବାଦୀ ଲୋକ ନିଜ ଉପରୁ ଓ ଐଶ୍ୱରିକ ଶକ୍ତି ଉପରୁ ଆସ୍ଥା ହରାଇ ପରିଶେଷରେ ଆତ୍ମଘାତୀ ହୁଏ, ଆତ୍ମହତ୍ୟା କରେ । ଅନନ୍ତ ସମ୍ଭାବନାମୟ ଦେହ ତଥା ଜୀବନ ବିସ୍ମୃତ ବ୍ୟକ୍ତିକୁ ମାନସିକ ବିକୃତିଗ୍ରସ୍ତ ମୂଢ଼ମତି ରୂପେ ଆଖ୍ୟାୟିତ କରି ଭାଗବତକାର କହନ୍ତି,

"ଏମନ୍ତ ନାବ ଥାଉ କୂଳେ ।
ଯେ ବା ନ ତରେ ଭବ ଜଳେ ।
ସେ ନର ହୀନ ମୂଢ଼ମତି ।
ତାହାକୁ ବୋଲି ଆତ୍ମଘାତୀ ।।"

ଏ ଉକ୍ତିଟି ଆଉଥରେ ସ୍ମରଣ କରାଯାଇ ପାରେ । ସମ୍ବାଦପତ୍ର ଖୋଲିଲା କ୍ଷଣି ପ୍ରାୟ ପ୍ରତିଦିନ ଏଭଳି ଅହେତୁକ ଆତ୍ମହତ୍ୟା ସମ୍ବାଦ ପ୍ରଥମ ପୃଷ୍ଠା ମଣ୍ଡନ କରିଥାଏ । ଏଇ ଆତ୍ମହତ୍ୟାକାରୀଙ୍କ ମଧ୍ୟରେ କୋଟିପତି ଉଦ୍ୟୋଗକାରୀ, ସୁନିପୁଣ ଅଭିନେତା ତରୁଣ ତଥା କିଶୋର ଛାତ୍ରଛାତ୍ରୀ ପ୍ରଭୃତି ସକଳ ବର୍ଗର ବ୍ୟକ୍ତି ଦେଖିବାକୁ ମିଳନ୍ତି । ଏହାର କ'ଣ କୌଣସି ପ୍ରତିକାର ନାହିଁ ? ଆତ୍ମହତ୍ୟାର ବିକଳ୍ପ ନାହିଁ ? ? ଆତ୍ମସଂପ୍ରୀତି, ଗଭୀର ଈଶ୍ୱର ବିଶ୍ୱାସ, ପାରିବାରିକ ବୈକୁଣ୍ଠ ସମାନ ଗୃହର ସ୍ନେହ, ଶ୍ରଦ୍ଧା ପ୍ରୀତି ସୁନିଶ୍ଚିତ ଭାବେ ଏଇ ଅପରିଣାମଦର୍ଶୀ ଆତ୍ମହତ୍ୟାର ପ୍ରତିକାର ଓ ପ୍ରତିଷେଧ । ଦୁର୍ଲଭ ନରକଳେବରର ସଦୁପଯୋଗ କରିବା ପାଇଁ ଏହା ହିଁ ଏକମାତ୍ର ଉପାୟ, ସମଗ୍ର ଆଧୁନିକ ମଣିଷର ଉପେୟ ମଧ୍ୟ ।

୯୬୬-ବି, ପ୍ରକୃତି ବିହାର, ବରମୁଣ୍ଡା,
ଭୁବନେଶ୍ୱର - ୭୫୧୦୦୩
ମୋବାଇଲ୍ : ୭୮୫୫୦୫୮୨୧୫, ୯୪୩୭୫୬୭୫୦୦



# ସଂସାର ହିଁ ସାର : ଜୀବନ ବାସ୍ତବ

*ସୁବାସ ଚନ୍ଦ୍ର ପଟ୍ଟନାୟକ*

ମଣିଷ ଜୀବନକୁ ବୁଝିବା ପୂର୍ବରୁ ମୁଁ ଏକ ବିୟୋଗାନ୍ତକ ଖବରରୁ ବକ୍ତବ୍ୟ ଆରମ୍ଭ କରିବି । ଜୁନ୍ ମାସ ଦୁଇ ତାରିଖରେ ବାଲେଶ୍ୱର ଜିଲ୍ଲାର ବାହାନଗା ରେଳଷ୍ଟେସନରେ କରମଣ୍ଡଳ ଦ୍ରୁତଗାମୀ ରେଳଗାଡ଼ି ସହିତ ଯଶୋବନ୍ତପୁର ହାଓଡ଼ା ଗାଡ଼ି ଧକ୍କା ହୋଇ ଦୁଇଶହରୁ ଅଧିକ ଲୋକ ପ୍ରାଣ ହରାଇଲେ । ସେହି କରମଣ୍ଡଳ ଏକ୍ସପ୍ରେସରେ ବାପ ପୁଅ ଦୁଇଜଣ ଥିଲେ । ପୁଅ ସପ୍ତମ ଶ୍ରେଣୀ ପରୀକ୍ଷା ଦେଇଥିଲା । ହାଇସ୍କୁଲକୁ ଯିବ । ତେଣୁ ସଚେତନ ବାପା ତାକୁ ଧରି ଭୁବନେଶ୍ୱର / ପୁରୀ ବୁଲିବାକୁ ଆସୁଥିଲା । ଓଡ଼ିଶାର ଭୂଗୋଳ ସଂସ୍କୃତି, ସାହିତ୍ୟ ବିଷୟରେ କେତେ କ'ଣ ବାପା ପୁଅକୁ ଦେଖେଇ ବୁଝାଇଥା'ନ୍ତା । ଓଡ଼ିଶାର ମନ୍ଦିରଗୁଡ଼ିକୁ ଦେଖାଇ ଆମର ଐତିହ୍ୟ ବିଷୟରେ କେତେ କେତେ କାହାଣୀ ଶୁଣାଇଥାନ୍ତେ । ରେଳ ଦୁର୍ଘଟଣାରେ ବାପପୁଅ ଦୁଇଜଣ ଯା' କ ଚାଲିଗଲେ । ଏ ଖବର ଶୁଣି ଆମେ ଦୁଇଜଣ ଯାକ କାନ୍ଦିଲୁ । କାରଣ ଆମ ଜୀବନ ମଧ୍ୟ ତାହା ଥିଲା । ପୁଅ ଝିଅଙ୍କ ପରୀକ୍ଷା ପରେ ଆମେ କୋଉଠିକୁ ବୁଲିବାକୁ ଯାଉଥିଲୁ । ପୁଅକୁ ମୁଁ ଥରେ ଏକୁଟିଆ ପଣ୍ଡିଚେରୀ ନେଇଥିଲି । ସେ ବାପ ପୁଅ ତ ଚାଲିଗଲେ ସଂପର୍କରେ ସେମାନେ ଆମର କେହି ନୁହଁନ୍ତି ତଥାପି ଏ ଅନ୍ତରରେ ଏତେ ବେଦନା କାହିଁକି ? ଏ ପ୍ରଶ୍ନର ଉତ୍ତର ନିଶ୍ଚୟ ଆପଣମାନେ ଅନୁଭବ କରି ପାରୁଥିବେ ।

ବିଜ୍ଞାନ କହୁଛି ପୃଥିବୀରେ କେହି ମଣିଷ, ପଶୁପକ୍ଷୀ ଏପରିକି ବସ୍ତୁଜଗତ ମଧ୍ୟ ଏକା ନୁହେଁ । ସମସ୍ତେ ସମସ୍ତଙ୍କ ସହିତ ଏକାଠି ହୋଇ ରହିଛନ୍ତି । ଏହା ଅବାସ୍ତବ କେମିତି ହୁଅନ୍ତା ? ଆମ ଘର ଅଗଣାରେ କେତୋଟି ଫୁଲଗଛ । ଚମ୍ପାଫୁଲ ଫୁଟି ବାସ ଛାଡ଼େ । ଆଉସବୁ ଫଳ ଗଛରେ କେତେ ଚଢ଼େଇ ଆସି ବସନ୍ତି ଫଳ ଖାଆନ୍ତି । ରାତି ବୁଲା ଚଢ଼େଇ ଯେଉଁମାନେ ରାତ୍ରୀରେ ବାହାରନ୍ତି ସେଥିରୁ କେତେକ ଆସି ଫଳ ଖାଆନ୍ତି । ଗୁଣ୍ଡୁଚିମୂଷା କେତେ ନାହିଁ କେତେ ? ପ୍ରତିଦିନ ସକାଳେ ତଳେ ପଡ଼ିଥିବା ପାଚିଲା ଖଣ୍ଡିଆ ଫଳକୁ ଖାଇବା ପାଇଁ ଗୁଣ୍ଡୁଚିମାନେ ଧାଁ ଧପଡ଼ା କରନ୍ତି । ଗୋଟାଏ ନେଉଳ କୋଉଠି ଛୁଆ କରିଛି ସେ ଆମ ଗେଟ୍ ଭିତରେ ପଶି ବାଡ଼ିପଟକୁ ଯିବ, ପଛେ ପଛେ ତା ଛୁଆ । ଏସବୁ ମୁଁ ସକାଳୁ ସକାଳୁ ଦେଖି ଖୁସି ହୁଏ । ଚଢ଼େଇମାନଙ୍କ କଳରବ ମନରେ ଉଲ୍ଲାସ ଆଣେ । ଏ ପ୍ରବନ୍ଧ ଲେଖିବା ଆରମ୍ଭ ପୂର୍ବରୁ ମୋର ବନ୍ଧୁ ଅଧ୍ୟାପକ ଶୁସାନ୍ତ କୁମାର ପଣ୍ଡାଙ୍କ ସହିତ ଆଲୋଚନା କରୁଥିଲି । ସେ ମତେ ପ୍ରଶ୍ନକଲେ- ଏ ଚଢ଼େଇ, ନେଉଳ, ଗୁଣ୍ଡୁଚି ଏମାନଙ୍କୁ ଦେଖି ତୁମେ ଖୁସି କାହିଁକି ହେଉଛ ? କ'ଣ ସେଥିରେ ଅଛି ? ତା'ର ଉତ୍ତର ହେଉଛି- ଆନନ୍ଦ । ଏ ଜଗତଟା ଆନନ୍ଦରେ ପରିପୂର୍ଣ୍ଣ । ସବୁଆଡ଼େ ଖାଲି ଆନନ୍ଦ ଆଉ ଆନନ୍ଦ । ଏଇ ଆନନ୍ଦ ଟିକକ ପାଇବା ପାଇଁ ମଣିଷର ଅଦମ୍ୟ ଚେଷ୍ଟା । ଏ ଆନନ୍ଦର ସୀମା ନାହିଁ । କେଉଁଠାରୁ କିଏ କିପରି ଆନନ୍ଦ ପାଇବ ତାହା କହିହେବ ନାହିଁ । ମାତ୍ର ସମସ୍ତେ ଆନନ୍ଦ ପଥର ଯାତ୍ରୀ ।

ରାଜା ସିସିଫସ୍‌ଙ୍କ କାହାଣୀ ଏହିପରି- ରାଜା ତାଙ୍କ ରାଣୀଙ୍କୁ କହୁଥିଲେ ଏ ଜୀବନ ଅସାର, କିଛି ମୂଲ୍ୟ ନାହିଁ, ବଞ୍ଚିବାର ମାନେ କିଛି ନାହିଁ- ରାଜା ରାଣୀଙ୍କୁ ଆଦେଶ ଦେଇ କହିଲେ- ମୁଁ ଯଦି ଆଗେ ମରିଯାଏ, ତେବେ ମୋତେ ଦୁଇହାତକୁ ଉନ୍ମୁକ୍ତ କରାଇ ଶ୍ମଶାନକୁ ନେଇ ଖୋଲା ଆକାଶ ତଳେ ଫୋପାଡ଼ି ଦେବ । ପଶୁ ଯନ୍ତୁ ମାନେ ମୋତେ ଖାଇଯିବେ । ସଂସାରର ମଣିଷ ମାନେ ବୁଝିବେ- ଏ ଜୀବନର ମୂଲ୍ୟ କିଛି ନାହିଁ । ଦୈବକୁ ତାହାହିଁ ଘଟିଲା । ରାଜା ଆଗେ ମରିଗଲେ । ରାଣୀ ସେମିତ ରାଜାଙ୍କୁ ନେଇ ଶ୍ମଶାନରେ ଫୋପାଡ଼ି ଦେଇ ଆସିଲେ । କୁକୁର, ଶୃଗାଳ ଟାଣି ଖାଆନ୍ତେ- ରାଜା ସ୍ୱର୍ଗରେ ଥାଇ ଦେଖିଲେ ଏ ଦୃଶ୍ୟ । ରାଣୀ ଉପରେ ଭୀଷଣ ବିରକ୍ତ ହେଲେ । କେହି ଜଣେ ସ୍ୱର୍ଗର ଦେବତା ଚେତାଇ ଦେଲେ- ହେ ରାଜା ତୁମେ ତ ତାହାହିଁ ରାଣୀଙ୍କୁ ଆଦେଶ ଦେଇଥିଲ । ରାଜାଙ୍କ ଉତ୍ତର- ହଁ ଦେଇଥିଲି । ମାତ୍ର ସ୍ତ୍ରୀର କର୍ତ୍ତବ୍ୟ କ'ଣ ଭଲମନ୍ଦ ନ ବିଚାରି ସ୍ୱାମୀର ଆଦେଶ ପାଳନ କରିବା ? ଏ ମୋର ଏଇ ଆଦେଶକୁ ଏଭଳି ପାଳନ କରିଛନ୍ତି ? ସୁଯୋଗ ମିଳିଲେ ମୁଁ ରାଣୀଙ୍କୁ ଦଣ୍ଡ ଦେବାକୁ ଚାହେଁ । ତତ୍‌କ୍ଷଣାତ୍ କୌଣସି ଦେବତା ଉପସ୍ଥିତ ହୋଇ ରାଜାଙ୍କୁ ଜୀବନ୍ୟାସ ଦେଲେ ଓ ରାଣୀଙ୍କୁ ଦଣ୍ଡଦେବା ନିମନ୍ତେ ପୃଥିବୀକୁ ପ୍ରେରଣ କଲେ । ତତ୍‌କ୍ଷଣାତ୍ ରାଜାଙ୍କ ଶରୀର ଜୀବନ୍ୟାସ ପାଇଲା ଓ ରାଜା ନଗର ମଧ୍ୟକୁ ପ୍ରବେଶ କରନ୍ତେ ପ୍ରଜାମାନେ ତାହା ଦେଖି ହତବାକ୍ ହେଲେ ଓ ଦୌଡ଼ି ଯାଇ ରାଣୀମା'ଙ୍କୁ ଖବର ଦେଲେ । ରାଣୀ ଏ ଖବର ଶୁଣି ନବରରୁ ବାହାରି ଆସି ଦେଖନ୍ତେ ରାଜା ଜୀବିତ । ସଂଗେ ସଂଗେ ବାଜା ବଜାଇ ବାଣ ଫୁଟାଇ ରାଜାଙ୍କୁ ରାଜନଅର ଭିତରକୁ ପାଛୋଟି ନେଲେ । ରାଜା ରାଣୀଙ୍କୁ ଆଲିଙ୍ଗନ କରିବା ସହିତ ଦେବତାଙ୍କ ନିକଟରେ କରିଥିବା ସତ୍ୟ ଭୁଲିଗଲେ । ରାଣୀଙ୍କୁ ଦଣ୍ଡଦେବା ପରିବର୍ତ୍ତେ କଲେ ଗଳାର ହାର ।

ଏ କଥା ଦେଖି ଦେବତାମାନେ ତଟସ୍ଥ ହେଲେ ଓ ନିଶାର୍ଦ୍ଧରେ ରାଜାଙ୍କ ନିକଟକୁ ଆସି- ତାଙ୍କର ସର୍ତ୍ତ ଚେତାଇ ଦେଲେ । ରାଜା ଶୁଣିଲେ ସତ ମାତ୍ର

ରାଣୀଙ୍କୁ ଦଣ୍ଡଦେବାକୁ ଆଗ୍ରହ ପ୍ରକାଶ କଲେ ନାହିଁ ତେଣୁ ଦେବତାମାନେ ରାଜାଙ୍କୁ ଦଣ୍ଡ ଭୋଗିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ ବୋଲି କହିଲେ। ରାଜା ଦଣ୍ଡଦେବା ପାଇଁ ପ୍ରସ୍ତୁତ ବୋଲି ଜଣାନ୍ତେ ଦେବତାମାନେ ଦଣ୍ଡ ଘୋଷଣା କଲେ।

ଦଣ୍ଡ ଏହିପରି। ସୂର୍ଯ୍ୟ ଉଦୟ ହେବା ମାତ୍ରେ ଗୋଟାଏ ବଡ଼ ପଥରକୁ ରାଜା ଉଠାଇ ଉଠାଇ ଗୋଟିଏ ପର୍ବତ ଶିଖରକୁ ନେବେ ମାତ୍ର ଶିଖରରେ ପହଞ୍ଚିବା ପୂର୍ବରୁ ସେ ପଥରକୁ ପୂନର୍ବାର ତଳକୁ ଗଡ଼ାଇ ଦିଆଯିବ। ରାଜା ପୁଣି ସେ ପଥରକୁ ଉଠାଇବେ। ଏହିଭଳି ଚାଲିବ ସୂର୍ଯ୍ୟାସ୍ତ ଯାଏ। ସୂର୍ଯ୍ୟ ଅସ୍ତ ହେଲେ ରାଜା ରାଜନବରକୁ ଫେରିଆସିବେ। ରାଜା ଏ ଦଣ୍ଡ ଗ୍ରହଣ କରିବା ନିମନ୍ତେ ସ୍ୱୀକୃତି ପ୍ରଦାନ କଲେ। ଦେବତାମାନେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ କ'ଣ ପାଇଁ ଏ ଦଣ୍ଡ ଗ୍ରହଣ। ରାଜା ଉତ୍ତର ଦେଲେ-The beauty of Nature, The kiss of women and the Fragrance of the Flowers are more allowing then the nectar of heaven. ଏବେ ଆମେ କ'ଣ କହିବା ମାନବ ଜୀବନ ବାସ୍ତବ ନା ଅବାସ୍ତବ।

ମାନବ ଜୀବନ ଅବାସ୍ତବ ନୁହେଁ। ପୂରାପୂରି ବାସ୍ତବ। ପ୍ରତିଦିନ ସକାଳେ ପୂର୍ବ ଆକାଶକୁ ବିଦୀର୍ଣ୍ଣ କରି ସୂର୍ଯ୍ୟଙ୍କର ଲୋହିତ କିରଣ ପୃଥିବୀ ଉପରେ ଝରିପଡ଼େ। କବି କହେ ସ୍ୱର୍ଣ୍ଣରଧାରା ସାଧକ କହେ ଏ ପ୍ରଭୁଙ୍କର ଆଶୀର୍ବାଦ। ପକ୍ଷୀମାନଙ୍କର କାକଳୀ ମନରେ ଶିହରଣ ଆଣେ। ଆକାଶରୁ ଝରଝର ବର୍ଷା ଝରି ଗଛର ପତ୍ର ଉପରେ ଝରିଯାଇ ଯେଉଁ ସଂଗୀତ ସୃଷ୍ଟି କରେ ତାକୁ କ'ଣ କବି ଅସ୍ୱୀକାର କରି ପାରିବ ? ସମଗ୍ର ସୃଷ୍ଟିର ଏଇ ବିକାଶ କେବଳ ଆନନ୍ଦର ଧାରାରୁ। ପୃଥିବୀରେ ହଜାର ହଜାର ମଣିଷ ଜାତିରେ ସମାଜ ରହିଛି। ସବୁ ସମାଜରେ ସବୁ ଧର୍ମରେ ଏ ଜଗତ ସୃଷ୍ଟି। ମଣିଷର ସୃଷ୍ଟି ଏକ ଆନନ୍ଦ ଧାରାରୁ ହୋଇଛି ବୋଲି ବିବେଚନା କରାଯାଏ।

ଓଡ଼ିଶାର ଆଦିମ ଆଦିବାସୀ କନ୍ଧ ସମାଜରେ ମେରିଆ ପ୍ରଥା ପ୍ରଚଳିତ ଥିଲା। ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ପ୍ରାଚୀନ କାଳରେ ପୃଥିବୀ ପୃଷ୍ଠ ଜଳପୂର୍ଣ୍ଣ, ସନ୍ତସନ୍ତିଆ ଏବଂ ଚାଷ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ଥିଲା। ପୃଥିବୀରେ ମାତ୍ର ଚାରିଜଣ ମନୁଷ୍ୟ ଥିଲେ ସେମାନେ ହେଲେ କାରାବୁଦୀ ଓ ଟାର୍ଥାବୁଦୀ ନାମକ ଦୁଇ ସ୍ତ୍ରୀ ଲୋକ ଓ ସେମାନଙ୍କର ଜଣେ ଜଣେ ପୁଅ କାସାରୋଦୀ ଓ ସିଂଗାରୋଦୀ।

ଏଇ ଚାରିଜଣ ପ୍ରଥମେ ପୃଥିବୀ ଭିତରୁ ଦୁଇଟି ବୃକ୍ଷ ଘେନି ଉପରକୁ ଉଠିଥିଲେ। ଦିନେ କାରାବୁଦୀ ରୋଷେଇ କରିବାକୁ ଏକ ବୃକ୍ଷର ଶୁଖିଲା ଡାଳ ହାଣିବା ସମୟରେ ତା'ର କାଣୀ ଆଙ୍ଗୁଠି ଛିଣ୍ଡିଯାଇ ମାଟି ଉପରେ ବୁନ୍ଦା ବୁନ୍ଦା ହୋଇ ରକ୍ତ ପଡ଼ିଲା। ସଂଗେ ସଂଗେ ସନ୍ତସନ୍ତିଆ ମାଟି ଶୁଷ୍କ ଓ ଟାଣ ହୋଇଗଲା। କାରାବୁଦୀ ସେଇ ଶୁଖିଲା କାଠ ଜାଳି ରୋଷେଇ କରି ପୁଅକୁ ଖାଇବାକୁ ଦେଲା। ସେ ଦିନରେ ଖାଦ୍ୟ ରୁଚିକର ଲାଗିବାରୁ ପୁଅ ତାହାର କାରଣ ପଚାରନ୍ତେ ମା' ପୂର୍ବ ରାତ୍ରିରେ ଦେଖିଥିବା ସ୍ୱପ୍ନ କଥା କହିଲା। ସେହି ଅନୁସାରେ ସେ ମା'କୁ ମା ବୋଲି ନ ଭାବି ହତ୍ୟା କରିବ ଓ ତାହାର ମାଂସ ହାଡ଼କୁ ହାଣି ବିଭିନ୍ନ ସ୍ଥାନରେ ପୋତିଦେଲେ ମାଟି ଶୁଷ୍କ ଓ ଉର୍ବର ହେବ। ତେଣୁ ଦୁଇ ପୁଅ ଦୁଇ ମା'ଙ୍କୁ ହାଣି ଭୂମିରେ ପୋତନ୍ତେ ଭୂମି ଉର୍ବର ହେଲା। ଏହାପରେ ସେମାନେ ଭାବିଲେ, ସେମାନଙ୍କର ଯଦି ପରିବାର ଥାଆନ୍ତା, ପିଲାକବିଲା ଥାଆନ୍ତେ ତେବେ ସେମାନେ ତାଙ୍କ ପରିବାରର ଜଣଙ୍କୁ ବଳି ଦିଅନ୍ତେ ଓ ପ୍ରତିବର୍ଷ ପ୍ରଚୁର ଫସଲ ଫଳାନ୍ତେ। ଏହା ଦେଖି ହଂସପାଦୁ ନାମକ ଜଣେ ଦେବତା ତାଙ୍କର ଦୁଇ ଝିଅଙ୍କୁ ଏ ସହିତ ବିବାହ କରାଇଦେଲେ ଓ ସେମାନଙ୍କର ପୁଅଝିଅ ହେଲେ। ମାତ୍ର ପୁଅଝିଅଙ୍କ ପ୍ରତି ମମତା ହେତୁ ସେମାନେ ପିଲାଙ୍କୁ ବଳି ନଦେଇ ପଶୁବଳି ଦେଲେ। (ଗୋପୀକନ୍ଧ, ଡ. ସୁନୀତା ଶତପଥୀ ପୃଷ୍ଠା ୨୧-୨୨)

ତେବେ ଏ ପୁତ୍ର କନ୍ୟାଙ୍କ ପ୍ରତି ମମତା କେଉଁଠାରୁ ଆସିଲା ? ଭଲ ପାଇବାରୁ ତ ! ଏଇ ହେଉଛି ଜୀବନ। କେବଳ ଭଲ ପାଇବା। ଭଲ ପାଇବାର ଅନ୍ୟନାମ ଜୀବନ।

ବାଇବେଲ୍‌ର କାହାଣୀ ଅନୁସାରେ- ପ୍ରଭୁ ନିଜର ଇଚ୍ଛାରେ ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ। ତା'ପରେ ଜଳ, ତେଜ ଓ ପରେ ପ୍ରାଣୀ ଜଗତ ସୃଷ୍ଟି କଲେ। ତାହାର ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ। ମନୁଷ୍ୟର ବିଚରଣ ପାଇଁ ଇଡ଼େନ୍ ଗାର୍ଡ଼େନ୍ ତିଆରି କଲେ ଓ ଚାରିଗୋଟି ନଦୀ ସୃଷ୍ଟି କରି ଏହି ବଗିଚାକୁ ଜୀବନ୍ତ ରଖିବା ପାଇଁ ପ୍ରୟାସ କଲେ। ତତ୍‌ପରେ ମନୁଷ୍ୟକୁ ଆଦେଶ ଦେଇ କହିଲେ ଉଦ୍ୟାନର ସମସ୍ତ ଫଳ ତୁମେ ଭକ୍ଷଣ କରିପାର ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ ଯେଉଁଦିନ ଖାଇବ ସେହିଦିନ ନିତାନ୍ତ ମରିବ। ଏହାପରେ ପରମେଶ୍ୱର କହିଲେ ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଏହା ନିମନ୍ତେ ଉପଯୁକ୍ତ ସହକାରିଣୀ ନିର୍ମାଣ ପାଇଁ ମନଦେଲେ। ଏହାପରେ ପ୍ରଭୁ ଆଦାମଙ୍କୁ ଘୋର ନିଦ୍ରାରେ ଶୁଆଇ ଆଦାମର ଛାତିରୁ ଖଣ୍ଡେ ପଞ୍ଜରା ହାଡ଼ ନେଇ ସେହି ସ୍ଥାନକୁ ମାଂସ ଦ୍ୱାରା ଆଚ୍ଛାଦିତ କରିଦେଲେ। ଆଉ ସେହି ପଞ୍ଜରା ହାଡ଼ ଖଣ୍ଡିକରେ ନାରୀକୁ ନିର୍ମାଣ କରି ନାମ ଦେଲେ ଇଭ୍। ଏଣୁ ମନୁଷ୍ୟ ଆପଣା ପିତାମାତାଙ୍କୁ ଛାଡ଼ି ଆପଣା ଭାର୍ଯ୍ୟାଠାରେ ଆସକ୍ତ ହୁଏ। ପିତାମାତା କହନ୍ତି ସଂସାର ଅସାର, ପ୍ରେମୀଯୁଗଳଙ୍କ ଆଖିରେ ସ୍ୱପ୍ନର ଇନ୍ଦ୍ରଧନୁ।

ଏତେ କଥା ବ୍ୟାଖ୍ୟା କରିବାର ଉଦ୍ଦେଶ୍ୟ ହେଉଛି- ମାନବ ଜୀବନ ମୂଲ୍ୟହୀନ ନୁହେଁ ମାନବ ଜୀବନ ମୂଲ୍ୟବାନ୍ ବୋଲି ପ୍ରମାଣ କରିବା କାରଣ ମନୁଷ୍ୟ ପରମେଶ୍ୱରଙ୍କ ସୃଷ୍ଟି।

ହିନ୍ଦୁ ମତବାଦ ଅନୁସାରେ- ତତଃ ଆକାଶଃ ସମ୍ଭୂତଃ। ଆକାଶାଦ୍ ବାୟୁଃ। ବାୟୋସ୍ତେଜଃ। ତେଜସ ଆପଃ। ଅଦଭ୍ୟଃ ପୃଥିବୀ।

ବ୍ରହ୍ମ ଉପରେ ଆଶ୍ରୟକରି ମାୟା ସ୍ଥିତ ହୋଇଥାଏ, ଏବଂ ଏହି ମାୟାଶକ୍ତିରୁ ହିଁ ପଞ୍ଚମହାଭୁତ ତିଆରି ହୋଇଛନ୍ତି। ସୃଷ୍ଟି ଆରମ୍ଭରେ କିଛି ହିଁ ନଥିଲା। ଶୂନ୍ୟଥିଲା। ଜଗତର ନିୟମ ଅନୁସାରେ ପ୍ରଥମେ ସୂକ୍ଷ୍ମ ଓ ପରେ ସୂକ୍ଷ୍ମରୁ ସ୍ଥୁଳ। ପ୍ରଥମେ ଆକାଶ, ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ ଓ ଜଳରୁ ପୃଥିବୀ ସୃଷ୍ଟି ହୋଇଛି। ଏହି ସୃଷ୍ଟିରେ ପର୍ଯ୍ୟାୟ କ୍ରମେ ଜୀବଜଗତ ସୃଷ୍ଟି ହୋଇଛି ବୋଲି ବିଜ୍ଞାନ କହେ। ମାତ୍ର ଆମ ପୁରାଣରେ ବର୍ଣ୍ଣିତ ମନୁ ଓ ଶତରୂପା ହେଉଛନ୍ତି ପ୍ରଥମ ପୁରୁଷ ଓ ନାରୀ। ଏମାନେ

ସୃଷ୍ଟିକୁ ପରିପୁଷ୍ଟ କଲେ । ଈଶ୍ୱରଙ୍କ ଇଚ୍ଛାରେ ସୃଷ୍ଟି ସମ୍ଭବ ହୋଇଛି । ଈଶ୍ୱରଙ୍କ ଆନନ୍ଦପାଇଁ ଈଶ୍ୱର ସୃଷ୍ଟି ସର୍ଜନା କରିଛନ୍ତି ତେଣୁ ସୃଷ୍ଟିର ଆନନ୍ଦ ବିରାଜମାନ କରିଛି । ସେ ଆନନ୍ଦକୁ କିଏ କିଭଳି ଭାବରେ ଅନୁଭବ କରିଛନ୍ତି ତାହା ହେଉଛି ଅସଲ କଥା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଜର୍ମାନରେ ହିଟଲରର ଇହୁଦୀ ବିରୋଧୀ ନୀତି ସର୍ବଜନ ବିଦିତ । ସମଗ୍ର ବିଶ୍ୱରୁ ଇହୁଦୀ ମାନଙ୍କୁ ଧରିନେଇ ହିଟ୍‌ଲର ସେମାନଙ୍କୁ ନାନା ନିର୍ଯାତନା ଦେବା ପରେ କନ୍‌ସେନ୍‌ଟ୍ରେସନ୍ କ୍ୟାମ୍ପରେ ଗ୍ୟାସ୍ ଚାମ୍ବରରେ ପୂରାଇ ଶ୍ୱାସରୁଦ୍ଧ କରି ମାରୁଥିଲା । ଏପରି ଭାବରେ ପୃଥିବୀରୁ ସେ ଷାଠିଏ ଲକ୍ଷ ଇହୁଦୀଙ୍କୁ ମାରିଥିଲା ବୋଲି କୁହାଯାଏ । ସେ ସବୁ ଲୋମହର୍ଷଣକାରୀ କାହାଣୀ ଅନେକ କଥା, ଅନେକ ଲୋକଙ୍କ ଜୀବନୀ ଏବେ ପ୍ରକାଶିତ ହୋଇଛି ।

ସେହିଭଳି ଜଣେ ପୋଲାଣ୍ଡର ଇହୁଦୀ ପରିବାରରେ ଜନ୍ମିତ ଜଣେ ଡାକ୍ତର ଥିଲେ ଜାନୁସ୍ କୋର୍ସାକ୍ । ସେ ଡାକ୍ତରୀ ପେସା ଛାଡ଼ି ଜୀବନ ସାରା ଶିକ୍ଷକ ଭାବରେ ଅନାଥ ପିଲାମାନଙ୍କ ପାଇଁ ନିଜ ଜୀବନୀକୁ ସମର୍ପିତ କରି ରଖିଥଲେ । ଡାକ୍ତରବାବୁ ଯେଉଁ ଅନାଥାଶ୍ରମର ନେତୃତ୍ୱ ନେଉଥିଲେ ସେ ଅନାଥାଶ୍ରମରେ ଥିଲେ ଦୁଇଶହ ଇହୁଦୀ ପିଲା । ସମସ୍ତେ ଅନାଥ । ଏମାନଙ୍କର ମୃତ୍ୟୁ ଦିବସ ଆସିଗଲା । ଦୁଇଶହ ପିଲା ପ୍ୟାରେଡ଼ କରି ଗ୍ୟାସ୍ ଚାମ୍ବର ଆଡ଼କୁ ଚାଲିଥାନ୍ତି । ପିଲାମାନେ କେଉଁଆଡ଼େ ଯାଉଛନ୍ତି ସେ କଥା ସେମାନେ ନିଜେ ଜାଣି ନଥା'ନ୍ତି । ମାତ୍ର ଏ ଭୟାନକ ଯାତ୍ରାର ଉଦ୍ଦେଶ୍ୟ ଡାକ୍ତରବାବୁ ଜାଣିଥିଲେ । ସେ ସବୁ ପିଲାମାନଙ୍କୁ ଭଲ ପୋଷାକ ଓ ଜୋତା ପିନ୍ଧାଇଥିଲେ । ଡାକ୍ତର ନିଜେ ଅନାଥାଶ୍ରମର ପତାକାଧରି ଆଗେ ଆଗେ ଚାଲିଥାନ୍ତି ପଛରେ କ୍ଳାନ୍ତ ପିଲାମାନେ ଚାଲିଥା'ନ୍ତି । କୁନି ପିଲାମାନେ କ୍ଳାନ୍ତ ହୋଇ ଅଟକି ଯାଉଥାନ୍ତି ପଛରୁ ହ୍ୱିସିଲର ସଙ୍କେତ ଓ ବନ୍ଧୁକ ନଳୀରୁ ଗୁଳିର ଆବାଜ ଶୁଣି ପୁଣି ଆଗକୁ ପାଦ ପକାଉଥା'ନ୍ତି କୁନି କୁନି ପିଲାମାନେ ଡାକ୍ତରଙ୍କୁ ଜାବୁଡ଼ି ଧରୁଥାନ୍ତି । ସବୁଠାରୁ କୁନି ପିଲା ଥିଲା ରୋମାସିଆ । ରୋମାସିଆ ଷ୍ଟାକ୍‌ମ୍ୟାନ୍ । ବୟସ ପାଞ୍ଚବର୍ଷ । ସେ ଡାକ୍ତର ବାବୁଙ୍କ ନାତୁଣୀ । କାରଣ ରୋମାସିଆର ବାପା ମା ଥିଲେ ଡାକ୍ତର ବାବୁଙ୍କର ପୁରୁଣା ଛାତ୍ରଛାତ୍ରୀ । ଅନାଥାଶ୍ରମରେ ସେମାନେ ଶିକ୍ଷକତା କରୁଥିଲେ । ନିମୋନିଆଁ ରୋଗରେ ରୋମାସିଆର ବାପା ଚାଲିଯାଇଥିଲେ । ମା ସହିତ ରୋମାସିଆ ଏଇ ଅନାଥାଶ୍ରମରେ ରହୁଥିଲେ । କୁନି ଝିଅଟି କାନ୍ଦି ଉଠିଲା । ଡାକ୍ତରବାବୁ ତା'କୁ କୋଳକୁ ଉଠାଇ ନେଲେ । ଛୁଆଟି ଡାକ୍ତର ବାବୁଙ୍କୁ ପଚାରିଲା– ଅଜା ମୋ ଡଲି (କଣ୍ଢେଇ) କାହିଁ ? ଡାକ୍ତରବାବୁ ଠକିଦେଇ କହିଲେ– ସେମାନେ ପରେ ପଠାଇଦେବେ । ରୋମାସିଆ ପୁଣି ପଚାରିଲା– ଅଜା, ମାମା କ'ଣ ମୋ ଡଲିକୁ ନେଇ ଆସିବ ? ଡାକ୍ତର ଉତ୍ତର ଦେଲେ ହଁ । ରୋମାସିଆ କହିଲା– ମୁଁ ମୋ କଣ୍ଢେଇକୁ ଧରି ଶୋଇବି । ଡାକ୍ତରବାବୁ କହିଲେ– ହଁ ଡଲିକୁ ଧରି ଶୋଇପଡ଼ିବୁ ଓ ତୋ ବାପାକୁ ବି ସ୍ୱପ୍ନରେ ଦେଖିବୁ । (ଜଣେ ଶିକ୍ଷକଙ୍କ କାହାଣୀ ପୁସ୍ତକରୁ)

ପିଲାମାନଙ୍କୁ ନାନା ଆଶ୍ୱସନା ଦେଇ ଦେଇ ଡାକ୍ତରବାବୁ ଅନ୍ତିମ ଯାତ୍ରାରେ ଯାଉଥିଲେ । ଆଗରେ କୁତ୍ସିତ ଟ୍ରକ୍‌ର କବାଟଗୁଡ଼ିକ ମେଲା ହୋଇ ରହିଥିଲା । ଏହି ଟ୍ରକ୍‌ର ଗର୍ଭ ଭିତରକୁ ପିଲାମାନଙ୍କୁ ଠେଲି ଦିଆଯିବ । ଏତିକି ବେଳେ ଡାକ୍ତର କୋର୍ସାକଙ୍କୁ ଆଡ୍ଜୁଆଳକୁ ଡାକି ନିଆଗଲା, ପିଲାମାନଙ୍କୁ ଛାଡ଼ି ସେ ଚାଲିଯାଆନ୍ତୁ ବୋଲି ଅନୁରୋଧ କଲେ । ଜର୍ମାନ ରକ୍ଷୀମାନେ ଜାଣିଥିଲେ ଡାକ୍ତର କୋର୍ସାନ୍‌ଙ୍କ ହତ୍ୟାରେ ବିଭିନ୍ନ କୋଣରୁ ପ୍ରତିକ୍ରିୟା ପ୍ରକାଶ ପାଇବ । କାରଣ ସେ ଜଣେ ପେଷାରେ ଡାକ୍ତର । ଇଉରୋପର ନାଜିତ୍ରସ୍ତ ଅଞ୍ଚଳରେ ଅନେକ ପୁରୁଷ ଓ ମହିଳା ଜୀବନ ଓ ମୃତ୍ୟୁର ଦ୍ୱନ୍ଦ୍ୱ ଭିତରେ ଜୀବନକୁ ଆବୋରି ନେଇଥିଲେ । କିଏ କାହାକୁ ଜୀବନ ପାଇଁ ଛାଡ଼ି ଚାଲି ଯାଇଥିଲା ତା'ର ନଜିର ଅନେକ ସ୍ୱାମୀ ସ୍ତ୍ରୀ, ବାପାମା, ପୁତ୍ରକନ୍ୟା କିଏ କେଉଁଆଡ଼େ ଛାଡ଼ବାଡ଼ ହୋଇ ଯାଇଥିଲେ । ମାତ୍ର ଡାକ୍ତର ଜାନୁସ୍ କୋର୍ସାକ୍ ମୃତ୍ୟୁକୁ ଆଦରି ନେଇଥିଲେ– ଏଇ ପିଲାମାନଙ୍କ ପ୍ରେମରେ ପଡ଼ି । ପିଲାମାନେ ସେଇ ମୃତ୍ୟୁରୂପୀ ଗ୍ୟାସ ଚାମ୍ବର ଭିତରକୁ ପ୍ରବେଶ କରିଯାଇଥିଲେ । ତେଣୁ ଆମେ କହିପାରିବା The size of human suffering is absolutely relative ।

ଏ କଥା କ'ଣ ? ମଣିଷ କାହିଁକି ଜୀବନ ମଧ ଦେଇଦେଇପାରେ ? ଏହାର ଉତ୍ତର ମଧ ପାଇବା ପାଇଁ ପ୍ରତ୍ୟେକ ମୁହୂର୍ତ୍ତରେ ମଣିଷ ଚେଷ୍ଟା କରିଚାଲିଛି । ଆମ ଶାସ୍ତ୍ର ଭାଗବତରେ ଅବଧୂତଙ୍କର ଚବିଶ୍ ଗୁରୁ ଉପାଖ୍ୟାନରେ କପୋତ ଗୁରୁ ଉପାଖ୍ୟାନ ପଢ଼ୁ । ଶିଶୁ ପୁତ୍ର କନ୍ୟା ଦୁଇଟି ବ୍ୟାଧର ଜାଲରେ ପଡ଼ନ୍ତେ ପିତାମାତା କପୋତି / କପୋତ ଦୁହେଁ ବିଳାପ କରି କରି ସେଇ ବ୍ୟାଧର ଜାଲକୁ ସ୍ୱୀକାର କରିଛନ୍ତି ସିନା ପୁତ୍ରକନ୍ୟାର ସ୍ନେହକୁ କମ୍ କରି ଦେଇନାହାନ୍ତି । ଭାଗବତକାର ବର୍ଣ୍ଣନା କରିଛନ୍ତି– "ଅଧିକ ସଂସାର ସଂଗତେ, ପୀରତି ନ କରିବ ଚିତ୍ତେ । ଯଦି କରିବ ମୋହ ବଶ, କପୋତ ପ୍ରାୟ ଯିବ ନାଶ" ତଥାପି ଏତେ ସତର୍କତା ସତ୍ତ୍ୱେ ମଣିଷ ଆଉ ଜଣଙ୍କ ପାଇଁ ଜୀବନ ଦିଏ କାହିଁକି ? ବଞ୍ଚିରହେ ମଣିଷ ସଂଗ୍ରାମ କରି ଜୀବନ ଯାକ ?

ସମୁଦ୍ର କୂଳର ଏକ ଗାଁରେ ବାସ କରେ ଜଣେ ବୃଦ୍ଧ କେଉଟ । ସବୁଦିନ ଜାଲ ଧରି ସମୁଦ୍ରକୁ ଯାଏ ମାତ୍ର ଫେରେ ଖାଲି ହାତରେ । ଗାଁର ଟୋକାଏ ଥଟ୍ଟା କରନ୍ତି– ବୁଢ଼ା ଅଜା ଫେଲ୍ । ଅଜା କହନ୍ତି ମୁଁ ଟିକି ଚିଙ୍ଗୁଡ଼ି ଧରିବାକୁ ଚାହେଁନା । ଚାହେଁ ବୃହତ୍ ମାଛ । ଅନେକ ଦିନ ପରେ ସତକୁ ସତ ଜାଲରେ ଗୋଟେ ବିଶାଳ ମାଛ ପଡ଼ିଲା, ତାକୁ ସେ ଏକା ଟାଣିଆଣି ପାରିଲେ ନାହିଁ । ଗାଁର ସମସ୍ତେ ମିଶି ତାକୁ ଟାଣି ଟାଣି ଆଣିଲେ । କୂଳରେ ଆଣି ଦେଖନ୍ତି । ସେ ବିଶାଳ ମାଛର ଦେହରୁ ମାଂସ ପଚି ପାଣିରେ ମିଳେଇ ଯାଉଛି ଖାଲିଅଛି ତାର ବିଶାଳ ହାଡ଼ର ପାହାଡ଼ । ଗାଁ ପିଲା, ଆହୁରି ହସିଲେ– ମାତ୍ର ଆରଦିନ ନିର୍ଦ୍ଦିଷ୍ଟ ସମୟରେ ବୁଢ଼ା ଅଜା ପୁଣି ସମୁଦ୍ର ଆଡ଼କୁ ଜାଲ ଧରି ମାଛ ମାରିବାକୁ ବାହାରି ଚାଲିଲେ ।

ଏହା ପୃଥିବୀ ପ୍ରସିଦ୍ଧ ଉପନ୍ୟାସ Old man and the Seaର କଥାବସ୍ତୁ ଯାହା ନୋବେଲ ପୁରସ୍କାର ପ୍ରାପ୍ତ କରନ୍ତି । ପ୍ରଶ୍ନ କାହିଁକି, କାହିଁକି ମଣିଷର ଏ ଅତୃପ୍ତି ? ଏ ଅତୃପ୍ତି ଭଲ ପାଇବାର ନା ଘୃଣାର । ତାର ଉତ୍ତର ଦେଇଛି ଭାରତର ସତ୍ତ୍ୱଗୁଣ । ଭାରତୀୟ ଦର୍ଶନରେ ଏଇସବୁ କଥାର ସମାଧାନ ଦିଆଯାଇଛି ।

ସମଗ୍ର ଶରୀର ବିଜ୍ଞାନୀଙ୍କ ମତରେ ଶାରୀରିକ ଗଠନ ଦୃଷ୍ଟିରୁ ମନୁଷ୍ୟ ପୂର୍ଣ୍ଣ ଅଟେ । ବିକାଶର ପରବର୍ତ୍ତୀ ସ୍ତର ଆନ୍ତରୀକ ଓ ସୂକ୍ଷ୍ମ । ଶ୍ରୀ ଅରବିନ୍ଦ ଏହି ପରିବର୍ତ୍ତନକୁ ଟ୍ରନ୍ସଫରମେସନ୍ ବୋଲି କହିଛନ୍ତି । ଆମର ଶରୀର ପୂର୍ଣ୍ଣତା ପାଉଥିଲେ ମଧ୍ୟ ମନ ଓ ବୁଦ୍ଧିରେ ବର୍ତ୍ତମାନ ସୁଦ୍ଧା ଅନେକ ଅଶୁଦ୍ଧତା ରହିଛି । ଆତ୍ମଚେତନାକୁ ଅଭିବ୍ୟକ୍ତ କରିବାପାଇଁ ଏ ସବୁର ଶୁଦ୍ଧିକରଣ ଦରକାର । ତେଣୁ ଏକ ଯୋଗଜୀବନର ଆବଶ୍ୟକତା ରହିଛି ବୋଲି ଶ୍ରୀ ଅରବିନ୍ଦ କହିଛନ୍ତି ।

ଆମ ଜୀବନରେ ଦୁଃଖର କାରଣ ହେଉଛି– ନିଜ ସହିତ ଜଗତର ଏକ ତ୍ରୁଟି ପୂର୍ଣ୍ଣ ସମ୍ପର୍କ ତେଣୁ ବ୍ୟକ୍ତି ନିଜର ସଂପୂର୍ଣ୍ଣ ବ୍ୟକ୍ତିତ୍ୱର ଆଧ୍ୟାତ୍ମିକ ତଥା ଶାରୀରିକ ପରିଚୟ ପ୍ରାପ୍ତ କରିବା ଉଚିତ୍ । ଯାହାକୁ କି ଆମେ ଆତ୍ମଜ୍ଞାନ ବୋଲି କହିପାରିବା । ଏହି ଜ୍ଞାନ ପ୍ରାପ୍ତ କରିବାରେ ଆମେ ସହଜରେ ଜାଣି ପାରିବା ଜଗତ ସହିତ ଆମର ସଂପର୍କ କିଭଳି ହେବା ଉଚିତ୍ । ଉପନିଷଦରେ ତେଣୁ କୁହାଯାଇଛି– ବିଶ୍ୱରେ ଯାହାକିଛି ଅଛି ତାହା ଈଶ୍ୱରଙ୍କ ଦ୍ୱାରା ପରିବ୍ୟାପ୍ତ ଓ ଆଚ୍ଛାଦିତ । ତେଣୁ ଆଗ୍ରହପୂର୍ବକ ତାହାକୁ ଉପଭୋଗ କରିବା ଦରକାର, ଅନ୍ୟର ସଂପଦ ଉପରେ ଲୋଭ ନରହିବା ଦରକାର ।

ଦ୍ୱିତୀୟ ମାର୍ଗ ହେଉଛି କର୍ମର ମାର୍ଗ । ଜଗତରେ ମନୁଷ୍ୟ କର୍ମ କରି କରି ଏକଶହ ବର୍ଷ ବଞ୍ଚିବାକୁ ଇଚ୍ଛା କରିବା ଉଚିତ୍ । ତ୍ୟାଗର ଜୀବନ ବଞ୍ଚିବା ଯୋଗୁ ପୁରୁଷକୁ କର୍ମ ବାନ୍ଧିପାରେ ନାହିଁ । ବନ୍ଧନରେ ମନୁଷ୍ୟ ପଡ଼େ ନାହିଁ ।

ଏ ଦୁଇ ମାର୍ଗରେ ଗମନ କରି ନପାରି ଯେଉଁମାନେ ଅସଫଳ ହୋଇଯାଆନ୍ତି ସେମାନେ ବେଳେବେଳେ ଆତ୍ମହତ୍ୟା କରିଦିଅନ୍ତି । ଫଳରେ ସେମାନଙ୍କୁ ଘନ ଅନ୍ଧକାର ଦ୍ୱାରା ଆଚ୍ଛାଦିତ ହୋଇ ରହିବାକୁ ହୁଏ ଓ ସେମାନେ ମୃତ୍ୟୁପରେ ଆସୁରୀ ଯୋନି ପ୍ରାପ୍ତ ହୁଅନ୍ତି ।

ମନୁଷ୍ୟର ଆତ୍ମା ପଞ୍ଚକୋଶ ଦ୍ୱାରା ଆବୃତ୍ତ ହୋଇରହିଛି ବୋଲି ତୈତ୍ତିରୀୟ ଉପନିଷଦ କହେ । କୋଶ ଅର୍ଥାତ୍ ଆବରଣ । ଯେମିତି ଖଣ୍ଡା ତା ଖୋଳ ଭିତରେ ଆବୃତ୍ତ ହୋଇ ରହିଥାଏ, ଆତ୍ମା ସେହିଭଳି ପାଞ୍ଚଟା କୋଶ ଦ୍ୱାରା ଆବୃତ୍ତ ହୋଇ ରହିଥାଏ । ମନୁଷ୍ୟକୁ ପଞ୍ଚକୋଶ ଠାରୁ ଊର୍ଦ୍ଧ୍ୱରେ ଆତ୍ମାକୁ ଆବିଷ୍କାର କରିବାକୁ ହେବ । ଏହି ଆବିଷ୍କାର ହିଁ ଆନନ୍ଦପ୍ରାପ୍ତି । ସେ କଳା ଥରେ ଜାଣିଗଲେ ମଣିଷକୁ ଆଉ ଦୁଃଖ ଭୋଗ କରିବାକୁ ପଡ଼ିବ ନାହିଁ । ସେ ଜୀବନକୁ ଅମୃତମୟ ବୋଲି ବିଚାର କରିବ, ଜୀବନର ଅବସୋସ ଚାଲିଯିବ । ଆନନ୍ଦମୟ କୋଶକୁ କାରଣ ଶରୀର ମଧ୍ୟ କୁହାଯାଏ । ରାତ୍ରୀର ଘନ ଅନ୍ଧକାରରେ ବସ୍ତୁଜଗତ ଆଉ ଭିନ୍ନଭିନ୍ନ ପ୍ରକାଶିତ ନ ହୋଇ ଏକାକାର ହୋଇଯାଏ । ପୁଣି ଦିନର ଆଲୋକରେ ସେମାନେ ପ୍ରତିଭାତ ହୁଅନ୍ତି । ସେହିଭଳି ଶରୀର ନିଦ୍ରା ସମୟରେ ଯେତେବେଳେ କେବଳ କାରଣ ଶରୀର ଉପସ୍ଥିତ ଥାଏ, ସମସ୍ତ ବୈଭବ ଅଂହକାର ଉଦ୍‌ବିଗ୍ନତା ଲୋପ ପାଇ ସୂକ୍ଷ୍ମ ଏବଂ ସ୍ଥୁଳ ଶରୀର ସମ୍ପୂର୍ଣ୍ଣ ଅଜ୍ଞାନତାରେ ଲୀନ ହୋଇଯାଏ । ତେଣୁ ଆତ୍ମ ଅନୁଭୂତି ହିଁ ଯଥାର୍ଥ ଆନନ୍ଦ ଅନୁଭୂତି ।

ମନୁଷ୍ୟ ଜୀବନ ମୂଲ୍ୟବାନ୍ । କାରଣ ଜଗତରେ ଯେବେ ଜୀବ ଅଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ବେଶି ବିବର୍ତ୍ତିତ ହେଉଛି ମନୁଷ୍ୟ । ମନୁଷ୍ୟ ନିକଟରେ ରହିଛି ମନ । ଏହି ମନଯୋଗୁ ମଣିଷ ଜୀବକୁ ମନୁଷ୍ୟ କୁହାଯାଇଛି । ମନ ସୁଖ ରହେଁ । ଇଶାବାସ୍ୟ ଉପନିଷଦରେ କୁହାଯାଇଛି– ଯେଉଁ ବ୍ୟକ୍ତି ଅବିଦ୍ୟାର ଉପାସନା କରନ୍ତି ସେ ତା'ଠାରୁ ଅଧିକ ଅନ୍ଧକାରରେ ରହନ୍ତି । ମନୁଷ୍ୟ ବିଦ୍ୟାଦ୍ୱାରା ଅମରତ୍ୱ ଲାଭ କରେ । ଏଠାରେ ଅବିଦ୍ୟା ହେଉଛି ଭୌତିକ ଜ୍ଞାନ, ଅଜ୍ଞାନ ନୁହେଁ । ଭୌତିକ ବିଜ୍ଞାନରେ ବିଜ୍ଞାନର ଉନ୍ନତି ସହିତ ମନୁଷ୍ୟ ଜୀବନର ମାନ ବୃଦ୍ଧିପାଏ । କ୍ଷୁଧା ପିପାସାରୁ ମୁକ୍ତି ମିଳେ । ପରନ୍ତୁ ସେଥିରୁ ଯଥାର୍ଥ ଆନନ୍ଦ ମିଳେନାହିଁ । ବିଦ୍ୟା ଅର୍ଥାତ୍ ଅଧ୍ୟାତ୍ମ ଜ୍ଞାନ ଦ୍ୱାରା ମନୁଷ୍ୟ ଅନୁଭବ କରେ ଯେ, ଏ କେବଳ ଦେହ ନୁହେଁ–ଏ ଆତ୍ମା ! ଅମରତ୍ୱ ପାଇଁ ଉଭୟ ବିଦ୍ୟା ଏବଂ ଅବିଦ୍ୟାର ଆବଶ୍ୟକତା ରହିଛି । ବିଦ୍ୟା ଜାଗ୍ରତ ହେଲେ ସ୍ୱତଃ ମନରେ ପ୍ରଶ୍ନ ଆସେ– ମନ କାହାଦ୍ୱାରା ପ୍ରେରିତ ହୋଇ ଇଷ୍ଟପ୍ରାପ୍ତି ଦିଗରେ ଅଗ୍ରସର ହୁଏ ? କାହାର ପ୍ରେରଣାରେ ପ୍ରାଣବାୟୁ ଚାଳିତ ହୁଏ ? ମୁଖରୁ ବାଣୀ ନିଃସୃତ ହୁଏ ଏହା କେନୋପନିଷଦରରେ ଶିଷ୍ୟର ପ୍ରଶ୍ନ । ଏଠାରେ ପୁଣି କୁହାଯାଇଛି ଯେ ପରମାତ୍ମାଙ୍କୁ ପୂର୍ଣ୍ଣରୂପେ ଜାଣେ ବୋଲି କହେ ଓ କିଏ ଜାଣିନାହିଁ ବୋଲି କହେ ଦୁଇଟି ଯାକ ସତ୍ୟ ନୁହେଁ । ଯେ ଜାଣନ୍ତି ଓ ଯାଦ୍ୱାରା ସେ ଆସ୍ତିକ ବା ଈଶ୍ୱର ବିଶ୍ୱାସୀ ହୋଇ ରହେ ଓ ଯେ ଜାଣେନା– ସେ ଜାଣିବାର ଜିଜ୍ଞାସା ରଖେ । ଏହି ଜିଜ୍ଞାସା ମନୁଷ୍ୟକୁ ପୂର୍ଣ୍ଣତା ଦିଏ ।

ଉପନିଷଦକୁ ଆଉ ଟିକିଏ ସହଜ ଭାବରେ ବୁଝିବା ପାଇଁ ରହିଛନ୍ତି ସ୍ମୃତିଗ୍ରନ୍ଥ ଶ୍ରୀମଦ୍‌ଭଗବଦ୍ ଗୀତା । ଏଥିରେ କୁହାଯାଇଛି । ମନୁଷ୍ୟ ତିନିଗୁଣର ସମାହାର । ସତ୍ତ୍ୱ ରଜ ତମ । ଏ ଗୁଣ ତ୍ରୟ କେହି ଖରାପ ବା ଭଲ ନୁହନ୍ତି । ପ୍ରତ୍ୟେକର ଆବଶ୍ୟକତା ନିର୍ଦ୍ଦିଷ୍ଟ ସ୍ଥାନରେ ରହିଛି । ମାତ୍ର ମନୁଷ୍ୟକୁ ତାର ଯଥାର୍ଥ ଉପଯୋଗ କରିବା ସହିତ ତାକୁ ଗୁଣାତୀତ ସ୍ତରକୁ ନେବାକୁ ହେବ । ଗୀତାରେ ସ୍ଥିତପ୍ରଜ୍ଞର ଲକ୍ଷଣ, ଜ୍ଞାନୀର ଲକ୍ଷଣ, ଭକ୍ତର ଲକ୍ଷଣ, ଯୋଗୀର ଏକ୍ଷଣ ଓ ଗୁଣାତୀତ ପୁରୁଷର ଲକ୍ଷଣ ବିଭିନ୍ନ ଅଧ୍ୟାୟ ମାନଙ୍କରେ କୁହାଯାଇଛି । ଏହି ଗୁଣାତୀତ ଅବସ୍ଥା ହେଉଛି ଯଥାର୍ଥ ସୁଖର ଅବସ୍ଥା । ଏ ସୁଖ ପାଇବାର କୌଶଳ ଗୁରୁ ଶିକ୍ଷା ଦେଇଥାନ୍ତି । ଏହା ଜାଣିଗଲେ ସାଧକକୁ ସଂସାର ଆଉ ଅସାର ବୋଧ ହେବନାହିଁ– ସମଗ୍ର ଜଗତ ତାଙ୍କର ପାଦଚିହ୍ନ ବୋଲି ପ୍ରତୀୟମାନ ହେବ ।

୮୫୬୧, ଜନନୀ ବିହାର, ଖଣ୍ଡଗିରି ବାରି
ପୋ: ଖଣ୍ଡଗିରି, ଭୁବନେଶ୍ୱର
ଦୂରଭାଷ: ୯୯୩୭୩୪୯୧୦୫

# ବାସ୍ତବ ବନାମ ଅବାସ୍ତବ

*ଡ. ରାଧାଚରଣ ଦାସ*

**ବା**ସ୍ତବ ଏବଂ ଅବାସ୍ତବର ସମୀକ୍ଷା ଏକ କଷ୍ଟକର ବ୍ୟାପାର । ଯାହା ଆମେ ସ୍ୱଚକ୍ଷୁରେ ଦେଖୁଥାଇଁ, ତାହା ବାସ୍ତବ, ଯେପରିକି ମନୁଷ୍ୟ, ଜୀବଜନ୍ତୁ, ପୃଥିବୀ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ତାରା, ଗଛ, ନଦୀ, ସମୁଦ୍ର, ଜଳ, ସ୍ଥଳ, ଗ୍ରହ, ନକ୍ଷତ୍ର ଇତ୍ୟାଦି । କାଳ୍ପନିକ ଚିନ୍ତାଧାରା ପ୍ରାୟ ଅବାସ୍ତବ । ମନୁଷ୍ୟର କାଳ୍ପନିକ ଚିନ୍ତାଧାରା ଏଭଳି ଯେ ସେଥିରେ ବାସ୍ତବତା ଖୋଜିବା ଅସମ୍ଭବ ହୋଇପଡ଼େ ।

ବିବର୍ତ୍ତନବାଦ ଏକ ସିଦ୍ଧାନ୍ତ ଯାହାକୁ ପ୍ରସ୍ତାବନା ମାଧ୍ୟମରେ ଚାର୍ଲସ୍ ଡାରଉଇନ୍ ସମାଜକୁ ଦେଇଥିଲେ । ସେ ପ୍ରସ୍ତାବନା ଅନୁଯାୟୀ କୌଣସି ପ୍ରାଣୀ, ଉଦ୍ଭିଦ ବା ପଦାର୍ଥର ମୂଳ ବା ପୂର୍ବ ଅବସ୍ଥାରୁ ବିକାଶଜନିତ କ୍ରମିକ ପରିବର୍ତ୍ତନକୁ ହିଁ ବିବର୍ତ୍ତନବାଦ କୁହାଯାଏ । ସମଜାତୀୟ ଜନ୍ତୁ ବା ଉଦ୍ଭିଦବର୍ଗର ପ୍ରଜାତି କ୍ରମବର୍ଦ୍ଧନଶୀଳ ପରିବର୍ତ୍ତନ ଅନୁଯାୟୀ ଅଧୁନା ଦୃଶ୍ୟମାନ ପ୍ରାଣୀ ଓ ଉଦ୍ଭିଦର ସୃଷ୍ଟି । ଏହା ହିଁ ବାସ୍ତବ ।

ଭଗବାନଙ୍କ ସୃଷ୍ଟି ବଡ଼ ବିଚିତ୍ର । ସୃଷ୍ଟିର ନିୟମ ଅନୁଯାୟୀ ମନୁଷ୍ୟ ତଥା ଜୀବଜନ୍ତୁ ସମୂହ ଶ୍ୱାସପ୍ରକ୍ରିୟାରେ ନିଶ୍ୱାସ ମାଧମରେ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ପ୍ରଶ୍ୱାସରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ କରନ୍ତି । ଅନ୍ୟ ଦିଗରେ, ଉଦ୍ଭିଦ ଅଙ୍ଗାରକାମ୍ଳ ବାଷ୍ପକୁ ନିଶ୍ୱାସରେ ଗ୍ରହଣ କରି ସୂର୍ଯ୍ୟଙ୍କର ଆଲୋକ ଶକ୍ତି ବିନିଯୋଗ କରି ଆମର ଖାଦ୍ୟ ପଦାର୍ଥ, ପୁଷ୍ପ, ଫଳ ଆଦି ସୃଷ୍ଟିକରେ । ଦିନରେ ଅଙ୍ଗାରକାମ୍ଳ ନେଇ ଅମ୍ଳଜାନ ନିର୍ଗତ କରେ, ଏହା ପ୍ରାଣୀ ଜଗତର ଜୀବନ ପାଇଁ ବାୟୁମଣ୍ଡଳର ଅତ୍ୟାବଶ୍ୟକ ଉପାଦାନ । ଅବଶ୍ୟ ଉଦ୍ଭିଦ ରାତ୍ରିକାଳରେ ଅମ୍ଳଜାନ ବ୍ୟବହାର କରିଥାଏ । ଉଦ୍ଭିଦର ଏହି ଅଙ୍ଗାରକାମ୍ଳ ବ୍ୟବହାର ଭୂପୃଷ୍ଠ ଜୀବଜଗତରେ ଜୀବନ ପ୍ରବାହର ଏକ ବାସ୍ତବିକତା ।

ଉଦ୍ଭିଦ ଏବଂ ଜୀବଜଗତ ମଧ୍ୟରେ ପାରସ୍ପରିକ ସମନ୍ୱୟ ନିର୍ଭରଶୀଳତାର ଉଦାହରଣ । ମନୁଷ୍ୟ ବା ଜୀବଜନ୍ତୁଙ୍କର କାର୍ଯ୍ୟରେ ସହାୟତା କରୁଥିବା ସମସ୍ତ ବସ୍ତୁ ବାସ୍ତବତାର ରୂପ । ମନୁଷ୍ୟ ଜୀବନରେ ଦୁଃଖ, କଷ୍ଟ, ରୋଗ, ମାନସିକ ଚାପ, ଶାରୀରିକ ଅକର୍ମ୍ୟତା ଏବଂ ଜୀବନଶୈଳୀ ବାସ୍ତବ ନା ଅବାସ୍ତବ, ଏହା ଏକ ଜଟିଳ ପ୍ରଶ୍ନ । ଦେଖିବାକୁ ଗଲେ ମନୁଷ୍ୟ ଜୀବନରେ ଘଟୁଥିବା ସମସ୍ତ ଘଟଣା ବାସ୍ତବ କହିଲେ ଅତ୍ୟୁକ୍ତି ହେବନାହିଁ । ମନୁଷ୍ୟ ସ୍ୱଳ୍ପକାଳର ମରଣଶୀଳ ଶରୀର ଧାରଣ କରି ବୟସର ପ୍ରଭାବରେ କ୍ରମାଗତ ଭାବରେ ଘଟୁଥିବା ଶାରୀରିକ ଓ ମାନସିକ ପରିବର୍ତ୍ତନ, ଶାରୀରିକ ରୋଗବୈରାଗ, ପାରିବାରିକ ଓ ମାନସିକ ପୀଡ଼ା, ମାନସିକ କ୍ଷୟ ଓ ମୃତ୍ୟୁ ଯଦିଓ ବାସ୍ତବ, ମାତ୍ର ଏସବୁର ଅନୁଭବ ବା ଅଭିଜ୍ଞତା ମନୁଷ୍ୟ ଜୀବନକୁ ଅବାସ୍ତବ ମୂଲ୍ୟବୋଧ ଦେଇ ସନ୍ୟାସର ପଥ ଅଦରି ନେବାର ପ୍ରୋତ୍ସାହନ ଆସେ । ଏଣୁ ମନୁଷ୍ୟର ମନର ଆୟତନ ଏବଂ ଆଶା ତାର ବାସ୍ତବତା ଉପଲବ୍ଧି କରିବାରେ ଅନ୍ତରାୟ । ଜୀବନର ବିବିଧତା ମନୁଷ୍ୟ ମନରେ ସୃଷ୍ଟିକରେ ଭାଗ୍ୟ, କର୍ମଫଳ, ଦେବାଦେବୀଙ୍କର ପ୍ରଭାବ, ନିୟତି ଓ ଦୈବୀଶକ୍ତିର ଉପାସନା ନିମନ୍ତେ ଭ୍ରମାତ୍ମକ ଚିନ୍ତାଧାରା । ଯଦିଓ ବାସ୍ତବ, ମଣିଷ ତାର ଭ୍ରମ ଚିନ୍ତାଧାରାରେ ବାସ୍ତବ ଘଟଣାକୁ ଅବାସ୍ତବ ବୋଲି ଭାବିଥାଏ ।

ଦେଖିବାକୁ ଗଲେ, ସମସ୍ତ କାଳ୍ପନିକ ଚିନ୍ତାଧାରା ବା ଭାବନା ଅବାସ୍ତବ ଅଟେ । ଆମ ନିଜ ଭାଷାରେ ଯାହା "ଆକାଶ କଇଆଁ ଚିଲିକା ମାଛ", ସେଇଟା ଇଂରାଜୀରେ "To build castle in the air". ଯାହା କି ଅଯୌକ୍ତିକ, ଅବାସ୍ତବ ଏବଂ ଅସମ୍ଭବ । ସ୍ୱଳ୍ପ କ୍ଷେତ୍ରରେ ମନୁଷ୍ୟ ଅବାସ୍ତବକୁ ବାସ୍ତବରେ ପରିଣତ କରିପାରିଛି । ଯଥା – ପକ୍ଷୀମାନଙ୍କୁ ଆକାଶରେ ଉଡୁଥିବାର ଦେଖି ମଣିଷ କଳ୍ପନା କଲା ଆକାଶରେ ଉଡ଼ିବାପାଇଁ । ସେଥିପାଇଁ ସେ ଉଡ଼ାଜାହାଜର ପରିକଳ୍ପନା କରି ସେହି ଅସମ୍ଭବକ ବାସ୍ତବରେ ପରିଣତ କରିପାରିଲା । ଅନେକ କିଛି ଅବାସ୍ତବ କାଳ୍ପନିକ ବିଷୟବସ୍ତୁ ରହିଛି, ଯାହାକୁ ବାସ୍ତବରେ ପରିଣତ କରିବା ନିହାତି ଅସମ୍ଭବ । ଯଥା – ପୃଥିବୀର କେନ୍ଦ୍ର ପର୍ଯ୍ୟନ୍ତ ଗାତ ଖୋଳିବା, ସ୍ୱର୍ଗକୁ ନିଶୁଣି ଲଗାଇବା, ଏମିତି କେତେକ ଅସମ୍ଭବ ମନେ ହେଉଥିବା କଥା । ଦୁଇଟି ଦେଶ ଚେଷ୍ଟା କରିଥିଲେ ପୃଥିବୀର କେନ୍ଦ୍ର ପର୍ଯ୍ୟନ୍ତ ଗାତ ଖୋଳିବା ପାଇଁ ଏବଂ ତାହା ସମ୍ଭବ ନହେବାରୁ ଅବାସ୍ତବରେ ପରିଣତ ହେଲା । ମହାଶୂନ୍ୟରେ ରକେଟ୍ ପ୍ରେରଣ କରି ଉପଗ୍ରହ କେନ୍ଦ୍ର ବା ସ୍ପେସ୍ ଷ୍ଟେସନ୍ ବନାଯାଇ ପାରିଛି; ମାତ୍ର ସିଧାସଳଖ ଶିଡ଼ି ପକାଇବା ଅସମ୍ଭବ ଓ ଅବାସ୍ତବ ।

ମଣିଷର ଆଶାର ଅନ୍ତ ନାହିଁ । ଆଶା ଏକ ସୁଦୂର ପ୍ରସାରିତ ଚିନ୍ତାଧାରା । ମଣିଷ ଯଦି ଆଶା କରେ ଯେ ସେ ସର୍ବଦା ଅମର ରହିବ ଏବଂ ମୃତ୍ୟୁ ତାକୁ ସ୍ପର୍ଶ କରିବନି, ଏପରିକି ସେ ସର୍ବଦା ନିରୋଗ ରହିବ, ଏଭଳି ଆଶା ଅଯୌକ୍ତିକ ଏବଂ ଅବାସ୍ତବ । ମଣିଷ ଜୀବନରେ ଦୁଃଖ, କଷ୍ଟ ଓ ନିର୍ଯ୍ୟାତନା ରହିବନି, ଏଭଳି ଆଶା ଚଳନ୍ତା ଭୂପୃଷ୍ଠର ପ୍ରକୃତି ଓ ପରିବେଶ ମଧ୍ୟରେ ଅବାସ୍ତବ ।

ପଚାଶ ଦଶନ୍ଧି ପୂର୍ବେ ଗ୍ରହ, ନକ୍ଷତ୍ର ଓ ତାରକା ବିଷୟରେ ମଣିଷର ଜ୍ଞାନ ସୀମିତ ଥିଲା। ଜହ୍ନକୁ ଦେଖି ମା' ମାନେ ପିଲାକୁ ବୁଝାଇବାକୁ କହୁଥିଲେ, "ଆ ଜହ୍ନମାମୁଁ, ଶରଦ ଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି।" ବହୁ ଚେଷ୍ଟା ଓ ମହାକାଶ ଗବେଷଣା କାରଣରୁ ମନୁଷ୍ୟ ଚନ୍ଦ୍ରରେ ଅବତରଣ କରିପାରିଲା। ନେଲ୍ ଆର୍ମଷ୍ଟ୍ରଙ୍ଗ୍ ଯେତେବେଳେ ଚନ୍ଦ୍ରରେ ପାଦ ଥାପିଲେ, ସେତେବେଳେ ତାଙ୍କର ଆନନ୍ଦ ଓ ଉତ୍ସୁକତା କହିଲେ ନସରେ। ଚନ୍ଦ୍ରପୃଷ୍ଠରୁ ପୃଥିବୀର ଅବଲୋକନ ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ପୃଥିବୀର ସୌନ୍ଦର୍ଯ୍ୟରେ ସେ ଆତ୍ମହରା ହୋଇପଡ଼ିଥିଲେ। ବିଜ୍ଞାନର ଉନ୍ନତି ଓ ବୈଜ୍ଞାନିକମାନଙ୍କର କ୍ରମବର୍ଦ୍ଧମାନ ଆବିଷ୍କାର ଏବଂ ଉଦ୍ଭାବନ ଦ୍ୱାରା ଅନେକ ଅବାସ୍ତବ ଅସମ୍ଭବ କାମନା ବାସ୍ତବରେ ପରିଣତ ହୋଇପାରିଛି।


ମନୁଷ୍ୟ ଜୀବନର ବାସ୍ତବତା ହେଲା ସଙ୍ଘର୍ଷମୟ ସଂସାରରେ ରହି ସଦାଚରଣ କରିବାକୁ, ସାଧନାର ପନ୍ଥା ଆପଣାଇବାକୁ ପଡ଼ିବ। ସଂସାରର ସୁଖଦୁଃଖରେ ଭାଗୀଦାର ହୋଇ ସତ୍‌କର୍ମ, ସୃଷ୍ଟିର କଲ୍ୟାଣ, ଈଶ୍ୱର ପ୍ରେମ, ମାନବଧର୍ମ ଆଚରଣ କରି ଆନନ୍ଦ ଲାଭ କରିବା ଏକ ଆଦର୍ଶ ଏବଂ ଲକ୍ଷ୍ୟ ହେବା ଉଚିତ୍। ସମସ୍ତ ମନୁଷ୍ୟ ଯଦି ଈଶ୍ୱରସେବା କରି ମୁକ୍ତିମାର୍ଗକୁ ଆପଣାଇବେ, ତା ହେଲେ ଏ ସୃଷ୍ଟି କିପରି ରହିବ ?

ଶ୍ରୀମଦ୍ ଭଗବଦ ଗୀତାରେ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗ ସମ୍ପର୍କରେ ବିଶଦ ଭାବରେ ବ୍ୟାଖ୍ୟା କରିଛନ୍ତି। କର୍ମଯୋଗର ପ୍ରଧାନ ସାଦନ ନିଷ୍କାମକର୍ମ, ନିର୍ଲିପ୍ତ ଭାବ, କର୍ତ୍ତବ୍ୟକରଣ, ଇନ୍ଦ୍ରିୟସଂଯମ ଇତ୍ୟାଦି। ଏପରି ସାଧନ ଦ୍ୱାରା ମନୁଷ୍ୟର ମନ ଓ ମସ୍ତିଷ୍କ ଶାନ୍ତ ରହେ, ସ୍ଥିର ହୁଏ। କର୍ମ ଦ୍ୱାରା ଇନ୍ଦ୍ରିୟଗଡ଼ିକୁ ଯଥୋଚିତ ସନ୍ତୁଷ୍ଟ କରିବାକୁ ହେବ। ତଦ୍ୱାରା ଚକ୍ଷୁ ସୁଦୃଶ୍ୟ ହେବ; କର୍ଣ୍ଣ ସୁମଧୁର ଭାଷା ଶ୍ରବଣ କରିବ। ଦେହର କାମ ବାସନା ଯଥାରୀତି ସନ୍ତୁଷ୍ଟ ରହିବା ଦରକାର। ଖାଦ୍ୟ ଗ୍ରହଣ ଦ୍ୱାରା ଉଦର ଜ୍ୱାଳା ନିବାରଣ ହେବ। ସଂଯମ ରୂପକ ଯେତିକି ସର୍ବନିମ୍ନ ଆବଶ୍ୟକ ସେତିକି ଇନ୍ଦ୍ରିୟ ତୁଷ୍ଟି କରିବା ବିଧେୟ। ଇନ୍ଦ୍ରିୟଗଡ଼ିକୁ ସମ୍ପୂର୍ଣ୍ଣ ବାରଣ କଲେ କିମ୍ବା ଅତ୍ୟଧିକ ତୁଷ୍ଟି କଲେ ବିଶୃଙ୍ଖଳା ଘଟିବ ଏବଂ ମନୁଷ୍ୟ ଅତୀନ୍ଦ୍ରିୟ ହୋଇ ଉଠିବ। ତଦ୍ୱାରା ମାନସିକ ଏବଂ ଆଧାତ୍ମିକ ଅଧୋଗତି ଆସିବ। କର୍ତ୍ତବ୍ୟ ବା ସତ୍‌କର୍ମ ହିଁ କର୍ମଯୋଗ।

ଏହାଦ୍ୱାରା ମନ ଶାନ୍ତି ଓ ସ୍ଥିର ରହିବ ଏବଂ ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ ହେବାରୁ ଦେହଧାରଣ ସହଜ ହେବ। ପୂଜା, ପ୍ରାର୍ଥନା, ଯଜ୍ଞ, ପ୍ରାଣାୟମ ଶରୀର-ମନ ଓ ଇନ୍ଦ୍ରିୟ ସଂଯମ ପାଇଁ ଆବଶ୍ୟକ। ପୂଜା ପ୍ରାର୍ଥନା ଦ୍ୱାରା ଭକ୍ତି ଜାତ ହେବ ଓ ମନୁଷ୍ୟ ଈଶ୍ୱର ବିଶ୍ୱାସୀ ହୋଇ ଅସତ୍ କର୍ମରୁ ନିବୃତ୍ତ ରହିବ। ଫଳସ୍ୱରୂପ ହିଂସ, ଦ୍ୱେଷ, କ୍ରୋଧ, ମିଥ୍ୟା, ଅପହରଣ ମନୁଷ୍ୟ ଭାବନାରୁ ଅପସରି ଯିବ। ଦୁଃଖ, କଷ୍ଟ, କ୍ଳେଶ ସବୁ ଜୀବନପଥର ଅବିଚ୍ଛେଦ୍ୟ ଅଂଶ। ଏ ସବୁକୁ ଉପେକ୍ଷା କରି ମନୁଷ୍ୟ ଏକ ବାସ୍ତବ ଜୀବନ ଉପଭୋଗ କରିପାରିବ।

ଜନ୍ମ ଆଉ ମୃତ୍ୟୁ ସୃଷ୍ଟିର ନିୟାମକ। ସୃଷ୍ଟି ପ୍ରାରମ୍ଭରୁ ନିଜର ସାମର୍ଥ୍ୟ ମଧ୍ୟରେ ଜୀବଜଗତ ଉପସ୍ଥାପନ କରିପାରିଛି। ଯେତିକି ଯନ୍ତନି, ସେତିକି ପିଠା ଭାବରେ ସୃଷ୍ଟିରେ ଯେତିକି ପରିମାଣର ପଞ୍ଚଭୂତ ପଦାର୍ଥ ରହିଛି, ତାହାରି ଭିତରୁ ଜୀବ ଶରୀରର ଜନ୍ମ। ମାତୃଗର୍ଭରୁ ଜନ୍ମ, ମୃତ୍ୟୁ ନଥିବା ଜୀବ କଦାପି ଜୀବନ୍ତ ରହିପାରନ୍ତା ନାହିଁ। ତେଣୁ ସୃଷ୍ଟି ତା ବାଟରେ ନିଧଡ଼କ ମହାକାଳ ସମୟ ଦେଇ ଗଡ଼ି ଚାଲିଛି। ଏହାକୁ ଆମେ ସକାରାତ୍ମକ ଭାବରେ ଭଗବାନଙ୍କ ସୃଷ୍ଟି ଏବଂ ନିୟମ ଭାବି ଜନ୍ମ, ମୃତ୍ୟୁ ଏବଂ ଜୀବନ ବାସ୍ତବ ଏହା ଗ୍ରହଣ କରିବା ଅବଶ୍ୟମ୍ଭାବୀ।

ଭୁବନେଶ୍ୱର
ମୋ-୯୪୩୭୭୬୪୬୭୩



# ଜୀବନ- ଅବାସ୍ତବର ବାସ୍ତବାୟିତ ରୂପ

*ଡ. ଲିଙ୍ଗରାଜ ରଥ*

**ସ**ବୁଠାରୁ ସୁଖମୟ ପୁଣି ସବୁଠାରୁ ଦୁଃଖମୟ- ଅଥଚ ସବୁଠାରୁ ରହସ୍ୟମୟ ଯଦି କିଛି ଥାଏ ତାହାହିଁ 'ଜୀବନ' । ଏହା ଚଞ୍ଚଳ, ଚପଳ ଓ ଛଳଛଳ । ଏହା ସବୁ ତତ୍ତ୍ୱ ଓ ତଥ୍ୟର ଉର୍ଦ୍ଧ୍ୱରେ । ଏହାର ସଂଜ୍ଞା ଏହାର ସମ୍ଭାବନା, ଏହାର ଅବଧାରଣା ଆମ୍ଭମାନଙ୍କ କଳ୍ପନାର ବାହାରେ । କିନ୍ତୁ ଏହା ହିଁ ସତ୍ୟ, ଏହାହିଁ ବାସ୍ତବ, ଏହାହିଁ ଇନ୍ଦ୍ରିୟଗ୍ରାହ୍ୟ । 'ଜୀବନ' ସଂପର୍କରେ ଆମକୁ ସାମାନ୍ୟ ସୂଚନା ଦେଇ ଆଦି ଶଙ୍କରାଚାର୍ଯ୍ୟ ଲେଖିଛନ୍ତି-

'ନଳିନୀଦଳଗତ ଜଳମତି ତରଳମ୍
ତଦ୍‌ବଜ୍ଜୀବନମତିଶୟ ଚପଳମ୍' ।

ପଦ୍ମପତ୍ର ସ୍ଥିତ ଭଳି ଜୀବନ ଅତିଶୟ ତରଳ ଓ ଚପଳ, ଅର୍ଥାତ୍ ଦେଖାଯାଉଛି, ଜଣାପଡୁଛି ଓ ମଜାଲାଗୁଛି; ମାତ୍ର ମୁହୂର୍ତ୍ତକ ମଧ୍ୟରେ ପୁଣି ପରିସ୍ଥିତି ବଦଳିଯିବାର ଶତପ୍ରତିଶତ ସମ୍ଭାବନା ରହିଛି । ଯେଉଁ ଜଳ ପଦ୍ମପତ୍ରରେ ମୁକ୍ତାପରି ଚକ୍‌ଚକ୍ କରୁଛି; ଛଳଛଳ, ଢ଼ଳଢ଼ଳ ଲାଗୁଛି ସେହି ଜଳ ମଧ୍ୟରେ ପଦ୍ମପତ୍ରରୁ କ୍ଷଣକ ମଧ୍ୟରେ ପଦ୍ମପତ୍ରରୁ ନିପତିତ ହୋଇ ବିଶାଳ ଜଳରାଶିରେ ବିଲୀନ ହୋଇଯାଇପାରେ । ଏହାହିଁ ତା'ର ପ୍ରକୃତି, ଏହାହିଁ ତା'ର ନିୟତି । ଜୀବନକୁ ଅନୁଭବ କରିବା ସହଜ, ବୁଝିବା ସହଜ ନୁହେଁ ।

'ମୁଁ ଯେ କବିଟିଏ' କବିତା ଗ୍ରନ୍ଥରେ ଜୀବନ ସଂପର୍କୀୟ ଏକ କବିତାରେ ଲିଙ୍ଗରାଜ ରଥ ଲେଖିଛନ୍ତି-

"ଜୀବନ ତ ଏକ ଏମିତି କବିତା
ଶେଷପଦ ଯା'ର ହୋଇନି ଲେଖା,
ଜୀବନ ତ ଏକ ଏମିତି ନାଟକ
ଶେଷ ଦୃଶ୍ୟ ଯା' ହୋଇନି ଦେଖା ।
ଜୀବନ ତ ଏକ ଏମିତି ଗଳ୍ପ
ଅନ୍ତ ତାହାର କେ' ଜାଣେ କୁହ !
ଜୀବନ ତ ଏକ ଜଟିଳ ଗଣିତ
ସମାଧାନ ତା'ର ସହଜ ନୁହଁ ।"

ପ୍ରକୃତରେ ଜୀବନ ବହୁଳାଂଶରେ ଅବୋଧ ଓ ଦୁର୍ବୋଧ । ଜୀବନ ସଂପର୍କୀୟ ବାସ୍ତବଜ୍ଞାନ ହେଉଛି ବ୍ରହ୍ମଜ୍ଞାନ, କାରଣ ବ୍ରହ୍ମ ହେଉଛି ଜୀବନର ସାରାଂଶ । ଆଉ ଏହି ବ୍ରହ୍ମଜ୍ଞାନ ବହୁ ଋଷି, ମହର୍ଷିଙ୍କୁ ମଧ୍ୟ ଅଗୋଚର । ବହୁ ସାଧନା, ବହୁଧ୍ୟାନ, ବହୁ ତପସ୍ୟା ପରେ ମଧ୍ୟ ବ୍ରହ୍ମଜ୍ଞାନ କ୍ୱଚିତ୍ କାହାକୁ ମିଳିଥାଏ ।

କଥାଟିକୁ ଅପେକ୍ଷାକୃତ ଭାବେ ସହଜ, ସରଳ କରି ସାଧାରଣମାନବ ମାନଙ୍କ ପାଇଁ ଆଦି ଶଙ୍କରାଚାର୍ଯ୍ୟ କହିଛନ୍ତି-

"ଶ୍ଳୋକାର୍ଦ୍ଧେନ ପ୍ରବକ୍ଷ୍ୟାମି ଯଦୁକ୍ତଂ ଗ୍ରନ୍ଥ କୋଟିଭିଃ
ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବ ବ୍ରହ୍ମୈବନାପରଃ" ।

ଅର୍ଥାତ୍- 'କୋଟି କୋଟି ଗ୍ରନ୍ଥରେ ଯାହାସବୁ (ଆମର ବୁଝିବା ପାଇଁ) ବର୍ଣ୍ଣନା କରାଯାଇଛି, ତାହାକୁ ମୁଁ (ଅର୍ଥାତ୍ ଆଦି ଶଙ୍କରାଚାର୍ଯ୍ୟ) ମାତ୍ର ଅଧ ଶ୍ଳୋକରେ କହିଦେଉଛି । ତାହାହେଲା- ବ୍ରହ୍ମ ଏକମାତ୍ର ସତ୍ୟ, ଜଗତଟା ମିଥ୍ୟା । ଜୀବହିଁ ବ୍ରହ୍ମଙ୍କ ଅଂଶ ବିଶେଷ, ଅନ୍ୟ କିଛି ନୁହେଁ ।'

ଆଦି ଶଙ୍କରଙ୍କ ପ୍ରଜ୍ଞାର ତୁଳନା ନାହିଁ । କେତେ ଶତାବ୍ଦୀର ବ୍ୟବଧାନରେ ତାଙ୍କ ପରି ପ୍ରତିଭାଟିଏ ଏ ଧରାପୃଷ୍ଠରେ ଅବତରଣ କରିଥାଏ । ଉଲ୍ଲିଖିତ ଶ୍ଳୋକର ଅଧକରେ ଅର୍ଥାତ୍, ଦ୍ୱିତୀୟ ଧାଡ଼ିରେ ସେ ଯାହା ବର୍ଣ୍ଣନା କରିଗଲେ, ସେତିକି ବୁଝିବାପାଇଁ, ଜାଣିବା ପାଇଁ ମାନବକୁ ଅନେକ ଗ୍ରନ୍ଥ ଅଧ୍ୟୟନ, ଅନୁଶୀଳନ କରିବାକୁ ପଡ଼ିଥାଏ ।

ବ୍ରହ୍ମ ଅଜର, ଅମର । ବ୍ରହ୍ମ ମଧ୍ୟ ନିରାକାର । ବ୍ରହ୍ମର କୌଣସି ନିର୍ଦ୍ଦିଷ୍ଟ ଲିଙ୍ଗ ବା ଆକୃତି ନାହିଁ । ଆମ ପ୍ରତ୍ୟେକଙ୍କ ମଧ୍ୟରେ ସେହି ବ୍ରହ୍ମ ହିଁ ବିଦ୍ୟମାନ । ବସ୍ତୁତଃ ଆମ ଶରୀର ରୂପୀ କାରାଗାରରେ 'ବ୍ରହ୍ମ' ବନ୍ଦୀ ହୋଇ ରହିଛି । ମାତ୍ର ଆମ ସମସ୍ତଙ୍କର ଏ ସଂପର୍କରେ ଯଥାର୍ଥ ଅବବୋଧ ନାହିଁ । କିନ୍ତୁ ଅନେକ ପାଶ୍ଚାତ୍ୟ ପଣ୍ଡିତ ଏ ସଂପର୍କରେ ଅନୁଧ୍ୟାନ ଓ ଗବେଷଣାରତ । ଦେଖନ୍ତୁ ଆମେରିକୀୟ କବି, ଔପନ୍ୟାସିକ ତଥା ଐତିହାସିକ ଉଇଲିୟମ୍ ଗିଲ୍‌ମୋର ସିମ୍‌ସ (William Gilmore Simms) କ'ଣ କହୁଛନ୍ତି-

"The birth of a child is the imprisonment of a soul. The soul must work its way out of prison and in doing so provide itself with wings for a future journey. it is for each of us to determine whether our wings shall be those of an angel or a grub,"

ବ୍ରହ୍ମଙ୍କୁ ଧାରଣ କରିଥିବା ଏହି ଶରୀର ଆମ ସମସ୍ତଙ୍କର ରହିଥିଲେ ମଧ୍ୟ ଆମର 'କର୍ମ' କିପରି ହେବ, ସେ ସଂପର୍କରେ ଆମର ସଂପୂର୍ଣ୍ଣ ସ୍ୱାଧୀନତା ରହିଛି, ଆମେ ସେପରି ଚାହିଁବା ସେପରି କର୍ମ କଲେ ନିଜର ଆତ୍ମିକ ଉନ୍ନତି ବା ଅବନତି ଘଟାଇଥାନ୍ତି।

ଓଡ଼ିଶାର ମହିଳା କମିଶନର ପୂର୍ବତନ ଅଧକ୍ଷା ଲୋପାମୁଦ୍ରା ମହାନ୍ତିଙ୍କ ମତରେ 'ମଣିଷ ତା'ର କର୍ମକୁ ନେଇ ଅମରତ୍ୱ ଲାଭକରେ'। ସେ ପୁଣି କହିଛନ୍ତି ଯେ ଜୀବିତାବସ୍ଥା ଅପେକ୍ଷା ମୃତ୍ୟୁ ପରେ ଜଣେ ବ୍ୟକ୍ତିର କୃତି ଓ କୃତିତ୍ୱର ଯଥାର୍ଥ ମୁଲ୍ୟାୟନ ହୋଇଥାଏ। ('ସମ୍ବାଦ' ତା୧୬/୬/୨୩)

କର୍ମ ସହ ଜୀବନର ନିଗୂଢ଼ ସଂପର୍କ ଜ୍ଞାନୀ ବ୍ୟକ୍ତିଗଣ ଭଲ ଭାବେ ଜାଣନ୍ତି ଯେ ଜୀବନ ଅସ୍ଥାୟୀ। ଅସ୍ଥାୟୀ ଏ ଜୀବନରେ ପ୍ରାପ୍ତ ହେଉଥିବା ଧନ, ଜନ, ଯଶ ଆଦି ଲୋକଚକ୍ଷୁରେ ସମ୍ମାନାସ୍ପଦ ପ୍ରତୀୟମାନ ସଫଳତା ଅପେକ୍ଷା କେବଳ ସତ୍‌କର୍ମ ହିଁ ଜୀବନରେ ଶ୍ରେୟ। ଲୋଭ, ମୋହ, ହିଂସା, ଇର୍ଷା ଆଦି ଦ୍ୱାରା ପ୍ରେରିତ ଅସତ୍‌କର୍ମ ମାନ ଜୀବନରେ କେବଳ ଦୁଃଖ ଓ ଅନୁଶୋଚନା ଭରିଦିଏ। ଜୀବନରେ ଅସତ୍‌କର୍ମ କରିବା ପାଇଁ ହଜାର ବାଟ ପଡ଼ିଥିବା ବେଳେ ସତ୍‌କର୍ମ ପାଇଁ ମାର୍ଗ ମାତ୍ର ଗୋଟିଏ ତେଣୁ ପ୍ରକୃତ ପକ୍ଷେ ଜୀବନ ଅର୍ଥହୀନ, ଅର୍ଥାତ୍ ଜୀବନରେ ପ୍ରାପ୍ତ ହେଉଥିବା ସାଂସାରିକ ସଫଳତା ଅର୍ଥହୀନ। ମାତ୍ର ଏହି ଅର୍ଥହୀନତାକୁ ଯିଏ ବାସ୍ତବ ଅର୍ଥରେ ବୁଝେ ସେ ନିଜ ଜୀବନରେ ଅସତ୍‌କର୍ମକୁ ପରିତ୍ୟାଗ କରି ସତ୍‌କର୍ମ ହିଁ ଆଚରଣ କରିଥାଏ ଯଦ୍ୱାରା ତାର ଜୀବନ ଶାନ୍ତ ସୁନ୍ଦର ଓ ଶୁଦ୍ଧ ହୋଇଉଠେ। ଅନ୍ୟ ଭାଷାରେ କହିଲେ ତା' ଜୀବନ ଅର୍ଥପୂର୍ଣ୍ଣ ହୋଇଯାଏ। ସେଥି ନିମିତ୍ତ ବିଶ୍ୱ ପ୍ରସିଦ୍ଧ ଦାର୍ଶନିକ ଆଲବର୍ଟ କାମ୍ୟୁ କହିଛନ୍ତି- 'ଜୀବନ ଅର୍ଥହୀନ ବୋଲି ବୁଝିଲେ ଯାଇ ଜୀବନ ଅର୍ଥପୂର୍ଣ୍ଣ ହୋଇଯାଏ'।

ଜୀବନ ସଂପର୍କରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା- ଶରୀର ନଶ୍ୱର, ମାତ୍ର ଆତ୍ମା ଅମର। ଅନେକ ସାଧୁ, ସନ୍ଥ ମତ ପ୍ରକାଶ କରନ୍ତି ଯେ ଜୀବ ଅଧିକାଂଶ ସମୟ 'ଅପ୍ରକଟ' ଅବସ୍ଥାରେ ଅର୍ଥାତ୍ ଅଶରୀରୀ ଅବସ୍ଥାରେ କଟାଉଥିଲାବେଳେ ଯଥେଷ୍ଟ କମ୍ ସମୟ 'ପ୍ରକଟ' ହୋଇଥାଏ ଓ ଶରୀର ଧାରଣ କରିଥାଏ। ତେଣୁ 'ମୁଁ ଶରୀର ନୁହେଁ, ଆତ୍ମା'- ଏହିପରି ଚିନ୍ତା ମନରେ ଧାରଣ କଲେ ଶରୀର ତଥା ଶରୀର ସହ ସଂପର୍କିତ ଅନ୍ୟାନ୍ୟ ବିଭିନ୍ନ ବିଷୟ ଯଥା ଧନସଂପତ୍ତି, ଜ୍ଞାତି ପରିବାର ପ୍ରତି ଆସକ୍ତି ହ୍ରାସ ପାଏ। ତେଣୁ ପ୍ରକୃତ ପକ୍ଷେ ଆତ୍ମା ହିଁ ବାସ୍ତବ। ଜୀବନ 'ବାସ୍ତବ' ବୋଲି ପ୍ରତୀୟମାନ ହେଉଥିଲେ ମଧ୍ୟ ଅଳୀକ ବା ଅବାସ୍ତବ। ଏହା ହିଁ ଅସଲସତ୍ୟ। ତେଣୁ ଅନେକ ମନୀଷୀ, ସାଧକ ଓ ଚିନ୍ତକଗଣ 'ଜୀବନ' କୁ 'ଅବାସ୍ତବ'ର ବାସ୍ତବାୟିତ ରୂପ ଭାବେ ଚିତ୍ରଣ କରିଥାଆନ୍ତି।

ଗତ ତା୧୬/୬/୨୦୨୩ ର 'ନିତିଦିନ' ସମ୍ବାଦପତ୍ରରେ ସଂପାଦକ ଶ୍ରୀ ମନୋଜ କୁମାର ମହାପାତ୍ର ତାଙ୍କର 'ବାମନ ହୋଇ ଜହ୍ନକୁ ଛୁଇଁବାର ଉନ୍ମଦନା' ଶୀର୍ଷକ ସଂପାଦକୀୟ ଅଗ୍ରଲେଖାରେ ଲେଖିଛନ୍ତି- 'ସୃଷ୍ଟିର ବୈଚିତ୍ର୍ୟ ରହସ୍ୟମୟ, ଏହି ରହସ୍ୟମୟତାକୁ ଭେଦ କରିବା ପାଇଁ ମନୁଷ୍ୟ ଆବହମାନ କାଳରୁ ପ୍ରାଣ ମୂର୍ଚ୍ଛା ଉଦ୍ୟମ ଚଳାଇଛି। ଏମନ୍ତ ଉଦ୍ୟମ ମନୁଷ୍ୟକୁ ଅବଶ୍ୟ ଦେଇଛି ଅନେକ ପ୍ରକାର ବିଦ୍ୟା ଓ ତତ୍ତ୍ୱ, କିନ୍ତୁ କୌଣସି ବିଦ୍ୟା ଓ ତତ୍ତ୍ୱ ସଠିକ୍ ଭାବରେ ଗୋଟିଏ ମାତ୍ର ନିଷ୍କର୍ଷରେ ଉପନୀତ ହେଇପାରିବ ନାହିଁ ଯେ ଏହି ସୃଷ୍ଟିର ଉଦ୍ଦେଶ୍ୟ ବା ଲକ୍ଷ୍ୟ କ'ଣ। ଅବଶ୍ୟ ବିଶ୍ୱର ପ୍ରତ୍ୟେକ ଧର୍ମ ଓ ଦର୍ଶନ ଗୋଟିଏ ଲେଖାଏଁ ମତ ରଖିଛନ୍ତି। କିନ୍ତୁ ସୃଷ୍ଟିର ପ୍ରକୃତ ଉଦ୍ଦେଶ୍ୟକୁ କେହି ବୁଝାଇ ପାରିନାହାନ୍ତି। ଆଧୁନିକ ବିଜ୍ଞାନ ମଧ୍ୟ ଏକ ପ୍ରକାଶିତ ତଥ୍ୟ ଏ ଯାବତ୍ ଦେଇପାରିନି, ଯଦିଓ ଗବେଷଣା ନିରନ୍ତର ଜାରି ରହିଛି, କାହିଁକି ଏ ସୃଷ୍ଟି ପ୍ରକାଶିତ ହୋଇଛି, ସୃଷ୍ଟିର କେହି ସ୍ରଷ୍ଟା ଅଛନ୍ତି କି ନାହିଁ, ଯଦି ଅଛନ୍ତି ତାଙ୍କର ରୂପ ଓ ଗୁଣ ଅଛି କି ନାହିଁ, ଯଦି ନାହିଁ, ସେ କ'ଣ ନିରାକାର ନିର୍ଗୁଣ; ଯଦି ନୁହେଁ ତେବେ ଏ ସୃଷ୍ଟି କିପରି ସମ୍ଭବ ହେଲା ! ଯଦି ବା ସୃଷ୍ଟି ସମ୍ଭବ ହେଲା, ଏହା ପଛରେ ସ୍ରଷ୍ଟାଙ୍କର କି ପ୍ରକାର ଉଦ୍ଦେଶ୍ୟ ନିହିତ ଅଛି ଇତ୍ୟାଦି...."

ସୃଷ୍ଟି ପରି ଜୀବନ ମଧ୍ୟ ରହସ୍ୟମୟ। କାରଣ 'ଜୀବନ' ତ ସୃଷ୍ଟିର ଏକ ଅଂଶ। ଜୀବନର ଅନେକ କିଛି ଯଥା - ଜନ୍ମ, ମୃତ୍ୟୁ ବିଭିନ୍ନ କାର୍ଯ୍ୟର ଆରମ୍ଭ ଓ ପରିଣତି ରହସ୍ୟାବୃତ। ଅନେକ ସମୟରେ ଯାହା ସବୁ ଦିଗରୁ ବିଚାର କରି ଆଶା କରାଯାଇଥାଏ, ତାହା ଘଟେନା ଅଥଚ ଯାହା ଆଦୌ ଆଶା କରାଯାଇନଥାଏ, ତାହାହିଁ ଘଟେ। ମଣିଷ ନିରାଶାର ଅଂଧାରରେ ବାଟ ଖୋଜି ପାଉନଥିବା ବେଳେ, ଅକସ୍ମାତ୍ କେଉଁଠୁ କେଉଁ ଏକ ଅନାକାଙ୍‌କ୍ଷିତ ମାର୍ଗରୁ ଆଶାର ଆଲୋକ ଝରିଆସେ ଓ ଜୀବନକୁ ସୁଖାନୁଭୂତିରେ ଦ୍ରବୀଭୁତ କରିଦିଏ, ପୁଣି ଖୁସି ଓ ଉଲ୍ଲାସରେ ଦିନ କାଟୁଥିବା ବେଳେ ସେହିଭଳି ଏକ ଅଜଣା-ଅଶୁଣା କାରଣରୁ ହଠାତ୍ ନିରାଶା-ବାଦଲ ଜୀବନାକାଶରେ ଘୋଟିଆସେ ଏବଂ ଜୀବନକୁ ସ୍ତବ୍ଧ, ଚକିତ କରିଦିଏ। ଏସବୁର କାରଣ କ'ଣ, ତାହା ହୁଏତ ଭୌତିକ ଦୃଷ୍ଟିକୋଣରୁ ଜଣାପଡ଼େ, ମାତ୍ର ପ୍ରକୃତରେ ଏକ ବୃହତ୍ତର ଦୃଷ୍ଟିକୋଣରୁ ଏ ସବୁର କାରଣ ଓ ନିରାକରଣ ମନୁଷ୍ୟର ଆୟତ୍ତର ବାହାରେ ବୋଲି ମନେହୁଏ।

'ବ୍ରହ୍ମ', 'ଜୀବ', 'ସୃଷ୍ଟି', 'ଜୀବନ' ଇତ୍ୟାଦି ଗୂଢ଼ ବିଷୟ ସଂପର୍କରେ ଜ୍ଞାନ ଆହରଣ କରିବାକୁ ହେଲେ ବିଶ୍ୱର ସର୍ବ ପୁରାତନ ଗ୍ରନ୍ଥ 'ବେଦ' ଓ ବେଦରୁ ସୃଷ୍ଟ ବେଦାନ୍ତ ବା ଉପନିଷଦ୍ ତଥା ପୁରାଣ ଓ ଉପପୁରାଣ ଗୁଡ଼ିକୁ ଅଧ୍ୟୟନ କରିବାକୁ ପଡ଼ିବ। ଏ ସଂପର୍କରେ ଦୁଇଟି ମତ ବିଶେଷ ଭାବେ ଆଲୋଚନା ଯୋଗ୍ୟ। ଗୋଟିଏ ମତାନୁଯାୟୀ ଏ ବିରାଟ ବିବିଧତା ଭରା ବୈଚିତ୍ର୍ୟମୟ ସୃଷ୍ଟି ଈଶ୍ୱରଙ୍କର ଦିବ୍ୟଲୀଳା (Divine Play)। ସେ ଅର୍ଥାତ୍ ସ୍ୱୟଂ ଈଶ୍ୱର ହିଁ ସୃଷ୍ଟିର ସମସ୍ତ କାର୍ଯ୍ୟର ନିୟନ୍ତ୍ରଣ କର୍ତ୍ତା ତଥା ଶୁଭ-ଅଶୁଭ ଫଳଦାତା। ଅନ୍ୟ ମତାନୁଯାୟୀ ସ୍ୱୟଂ ଈଶ୍ୱର ବା ସୃଷ୍ଟିକର୍ତ୍ତା ଏବଂ ତାଙ୍କ ଦ୍ୱାରା ସୃଷ୍ଟ ଏହି ସୃଷ୍ଟି ବା ବିଶ୍ୱ ଏକ ଓ ଅଦ୍ୱିତୀୟ। ଅର୍ଥାତ୍ ସୃଷ୍ଟିର ଛତ୍ରେ ଛତ୍ରେ, ଜଗତର ପ୍ରତିଟି ଧୂଳିକଣାରେ ମଧ୍ୟ ଈଶ୍ୱର ବିଦ୍ୟମାନ। ଏହି ଦ୍ୱିତୀୟ ମତଟି 'ଅଦ୍ୱୈତବାଦ'ର ମୂଳ କଥା ଯାହାର ପ୍ରବକ୍ତା ହେଉଛନ୍ତି ଆଦି ଶଙ୍କର ଯିଏ ସାଧାରଣତଃ ଶଙ୍କରାଚାର୍ଯ୍ୟ ଭାବେ ଆମ ଧର୍ମ ଓ ସଂସ୍କୃତିରେ ଜଣାଶୁଣା।

ଆମ ଆଚାର୍ଯ୍ୟ ଶଙ୍କର ଧର୍ମରେ ମୁଖ୍ୟତଃ ଅଦ୍ୱୈତବାଦର ମହାନ୍ ପ୍ରବକ୍ତା ହୋଇଥିବା ବେଳେ ରାମାନୁଜାଚାର୍ଯ୍ୟ ବିଶିଷ୍ଟା ଦ୍ୱୈତବାଦର ପ୍ରଚାରକ।

ଏଠି ପୁଣି ପ୍ରଶ୍ନଉଠୁଛି, ଏ ସୃଷ୍ଟି ବା ଜଗତ କାହିଁକି ସୃଷ୍ଟି ହୋଇଛି ? ଏହାର ଲକ୍ଷ୍ୟ କ'ଣ ? ? ଏହି ସବୁ ବିଷୟ ଯଥା 'ଜୀବ', 'ବ୍ରହ୍ମ', 'କର୍ମ', 'ନିର୍ବାଣ' ଇତ୍ୟାଦି ଗୂଢ଼ ବିଷୟ ସଂପର୍କରେ ଋଷିପୁତ୍ର ନଚିକେତା ସ୍ୱୟଂ ଯମରାଜ ବା ଧର୍ମରାଜଙ୍କୁ ପ୍ରଶ୍ନ କରିଥିଲେ। ଏ ନିବନ୍ଧର କଳେବର ବଢ଼ି ଭୟରେ ନଚିକେତା ପ୍ରସଙ୍ଗକୁ ଏଠାରେ ବିସ୍ତୃତ ଭାବେ ଆଲୋଚନା କରାଯାଉନାହିଁ। ତେବେ ନଚିକେତାଙ୍କ ପ୍ରଶ୍ନରେ ସ୍ୱୟଂ ଯମରାଜ ଏହାକୁ ଗୂଢ଼ ବା ଗହନ ବିଷୟ କହି ଏଡ଼ାଇ ଯାଇଥିଲେ ଏବଂ ଏହା ବଦଳରେ ସେ ନଚିକେତାଙ୍କୁ ପ୍ରଚୁର ଧନରତ୍ନ ଓ ଅନ୍ୟାନ୍ୟ ସାଂସାରିକ ଦ୍ରବ୍ୟମାନ ଯାଚିଥିଲେ ଯାହା ନଚିକେତାଙ୍କ ଗ୍ରହଣ ଯୋଗ୍ୟ ହୋଇନଥିଲା। ଏ ସମସ୍ତ ବିଷୟ କଠୋପନିଷଦରେ ବର୍ଣ୍ଣିତ ହୋଇଛି। ଧର୍ମରାଜ କହିଥିଲେ ଯେ ଏହା ବ୍ରହ୍ମବିଦ୍ୟା, ତେଣୁ ସମସ୍ତଙ୍କୁ ପ୍ରଦାନ କରାଯାଇପାରିବ ନାହିଁ। ପରିଶେଷରେ ନଚିକେତାଙ୍କ ପ୍ରଚଣ୍ଡ ଆଗ୍ରହ ଓ ଅନନ୍ୟ ଭକ୍ତି ନିକଟରେ ଅବଶ୍ୟ ମୁଣ୍ଡ ନୁଆଁଇ ସେ ନଚିକେତାଙ୍କୁ ଜ୍ଞାନ ପ୍ରଦାନ କରିଥିଲେ।

ସୃଷ୍ଟିର ଉଦ୍ଦେଶ୍ୟ ସଂପର୍କରେ ଆଦିବେଦ ଋକ୍‌ବେଦରେ ବର୍ଣ୍ଣନା କରାଯାଇଛି। ଏ ସଂପର୍କରେ ମନୋଜ କୁମାର ମହାପାତ୍ର 'ବାମନ ହୋଇ ଜହ୍ନକୁ ଛୁଇଁବାର ଉନ୍ମାଦନା' ('ନିତିଦିନ' ତା-୧୬/୦୪/୨୦୨୩)ରେ ବିସ୍ତୃତ ଭାବେ ବର୍ଣ୍ଣନା କରି ଲେଖିଛନ୍ତି- "ବେଦ ଓ ଉପନିଷଦ ବ୍ରହ୍ମ, ମାୟା, ଜଗତ ଓ ଜୀବ ସହିତ ସୃଷ୍ଟିର ତୁହାକୁ ତୁହା ଉତ୍ପତ୍ତି, ପାଳନ ଓ ବିନାଶ ସମ୍ବନ୍ଧରେ ଠୋସ୍ ପ୍ରମାଣ ଦେଇ ଅନେକ ମତ ଦେଇଥିଲେ ମଧ୍ୟ ସବୁ ମତ ପୁନଶ୍ଚ ସେଇ ସମାନ ପ୍ରଶ୍ନରେ ପରିଣତ ହୋଇଯାଏ - ସୃଷ୍ଟିର ଉଦ୍ଦେଶ୍ୟ ବା ଲକ୍ଷ୍ୟ କ'ଣ ? ଋକ୍ ବେଦର ଦଶମ ମଣ୍ଡଳରେ ଥିବା ନାସଦୀୟ ସୂକ୍ତ ମଧ୍ୟ ସଠିକ୍ ଉତ୍ତର ଦେଇ ପାରିନି - 'ସୃଷ୍ଟି କାହା ଭିତରୁ ଆବିର୍ଭୂତ ହେଲା ? ସୃଷ୍ଟିକୁ କିଏ ଆଦ୍ୟରୁ ଦୃଢ଼ ଭାବରେ ଧାରଣ କରିଥିଲା ନା ନାହିଁ ? ଅନନ୍ତ ମହାକାଶକୁ ଯିଏ ଜାଣିଥିବ ବା ମାପିଥିବ, ସେହି ବୋଧହୁଏ ନିଶ୍ଚୟ କହିପାରିବ ଏ ସୃଷ୍ଟିର ରହସ୍ୟର କଥା ଅବା, ସେ ବି ଜାଣି ନଥାଇ ପାରନ୍ତି। ଆକାଶ, ବାୟୁ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ସମେତ ଦୃଶ୍ୟମାନ ଓ ଅଦୃଶ୍ୟମାନ ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ବସ୍ତୁର ଅସ୍ତିତ୍ୱ ନଥିଲା, ପୁନଶ୍ଚ ଅନିସ୍ତିତ୍ୱ ବି ନଥିଲା। ଶୂନ୍ୟତା ନଥିଲା। ନା ଥିଲା ଅସ୍ତିତ୍ୱ, ନା ଅନସ୍ତିତ୍ୱ। ବାୟୁ ନଥିଲା କି ନଭ କି ବ୍ୟୋମ ନଥିଲା, ନଥିଲା ମହାକାଶ। ଏହାକୁ କିଏ ଆବୃତ କରିଥିଲା ? ଏହା କେଉଁଠି ଥିଲା ? ସମୟ ସାଗର ଯାହାର ଗହନତା ଓ ଗଭୀରତାକୁ କିଏ ମାପି ପାରିବ ? ଉଭୟ ମୃତ୍ୟୁ ଓ ଅମୃତ୍ୟୁର ଅସ୍ତିତ୍ୱ ନଥିଲା। ଚିହ୍ନବର୍ଣ୍ଣ ନଥିଲା ଦିବସ ଓ ରଜନୀର, ଅନନ୍ତ ସମୟର କାଳ - ପାରାବାର ଥିଲା ଘଟଣା ବିହୀନ। ଚତୁର୍ଦ୍ଦିଗ ତମସାଚ୍ଛନ୍ନ। ଅନ୍ଧାରକୁ ମାଡ଼ି ବସିଥିଲା। ସତେକି ଅନ୍ଧକାର ସ୍ରୋତ ସବୁଠାରେ ପ୍ରବାହିତ। ଏମନ୍ତ ସମୟର ଘୋର ଅନ୍ଧକାର ମଧ୍ୟରୁ ମୁଣ୍ଡ ଟେକିଲା ଉର୍ମିଟିଏ। ସର୍ଜନା ଶୂନ୍ୟଦେବୀ ନିରାକାର। ସେ 'ହେବା' କୁ ଋହିଁଲେ ଜହ୍ନ ନେଲା ତା' ମଧ୍ୟରୁ ଉତ୍ତାପର ଶକ୍ତି। କାମ ଶକ୍ତି ଜାଗ୍ରତ ହେଲା; ସେହିଁ ଆଦି ବିଶ୍ୱ ମାନସ। ଆଦି ବୀଜ ସେଥିରୁ କଅଁଳି ଉଠିଲା।"

'ସୃଷ୍ଟି' ତିଆରି ହେବା ପରେ ଓ 'ଜୀବନ' ଆରମ୍ଭ ପରେ ଜୀବମାନେ ଯେଉଁ ସୂତ୍ରରେ ସୃଷ୍ଟି ସହ ବନ୍ଧା ହୋଇ ରହିଲେ, ତାହାକୁ ସାଧୁ ସନ୍ଥମାନେ 'ମାୟା' ବୋଲି କହିଥାଆନ୍ତି। 'ମାୟାବାଦ' ଏକ ଜଟିଳ ଓ ଗହନ ତତ୍ତ୍ୱ ଯାହା ଗଭୀର ମନନ ଓ ବିଶ୍ଳେଷଣର ଅପେକ୍ଷା ରଖେ। ପଣ୍ଡିତମାନେ ସ୍ୱ ସ୍ୱ ଅଧ୍ୟୟନ ଓ ଜ୍ଞାନ ବଳରେ ଏହାର ପାଣ୍ଡିତ୍ୟପୂର୍ଣ୍ଣ ବାଖ୍ୟା କରିଥାନ୍ତି। ଅନେକ କବି, ଭାବୁକ ଓ ସନ୍ନ୍ୟାସୀ ଏହି ସମଗ୍ର ଜଗତକୁ 'ମାୟା' ବୋଲି କହିଛନ୍ତି। ପୁତ୍ର-କନ୍ୟାଙ୍କ ସହ ସଂପର୍କ, ସ୍ୱାମୀ-ସ୍ତ୍ରୀ ସଂପର୍କ, ଭାଇ-ଭାଇ ସଂପର୍କ, ଜ୍ଞାତି-କୁଟୁମ୍ବଙ୍କ ସହ ସଂପର୍କ, ଏପରିକି ପଡ଼ୋଶୀ ଓ ଅନ୍ୟ ପରିଚିତ ମାନଙ୍କ ସହ ସଂପର୍କକୁ ମଧ୍ୟ 'ମାୟା' ବୋଲି କୁହାଯାଏ। ମୋଟାମୋଟି ଭାବେ କ୍ଷଣସ୍ଥାୟୀ, ଅଳୀକ - ଅର୍ଥାତ୍ ଯାହା 'ଚିରନ୍ତନ' ନୁହେଁ ତାହାହିଁ 'ମାୟା'। ଅର୍ଥାତ୍ 'ମାୟା'ର ପ୍ରଭାବରେ ଆମକୁ ଅଳୀକ ବସ୍ତୁ ବା ସଂପର୍କ ଚିରସ୍ଥାୟୀ ବା ଚିରନ୍ତନ ଭାବେ ପ୍ରତୀତ ହୋଇ ଥାଆନ୍ତି। 'ଦସ୍ୟୁ ରତ୍ନାକର' ଚଳଚ୍ଚିତ୍ରରେ କଣ୍ଠଶିଳ୍ପୀ ନବକିଶୋର ମିଶ୍ର ଗାଇଥିବା ଗୀତଟି 'ମାୟା' ସଂପର୍କରେ ଏକ ଧାରଣା ମନରେ ସୃଷ୍ଟି କରିଥାଏ-

"ମାୟା....ମାୟା ....ମାୟା...
ଦେଖୁଯାହା ଆଖି ଆଗରେ ବାଇଆ !
ସବୁ ଖାଲି ମିଛମାୟା"।

ମାୟାକୁ (Cosmic Power of Brahman) ବୋଲି କୁହାଯାଇଥାଏ। ଏହା ମଧ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ। ଏହାର ଦୁଇଟି ଦିଗ ରହିଛି। ପ୍ରଥମତଃ ସକରାତ୍ମକ ଜ୍ଞାନ ବା ନିର୍ଦ୍ଦିଷ୍ଟ ବିଷୟରେ ସଠିକ୍ ଜ୍ଞାନ। ଦ୍ୱିତୀୟତଃ ନକରାତ୍ମକ ଜ୍ଞାନ, ଅର୍ଥାତ୍ ସଠିକ୍ ଜ୍ଞାନ ସତ୍ତ୍ୱେ ତାହାକୁ ସଠିକ୍ ଭାବେ ବ୍ୟବହାର କରିବାରେ ବିଫଳତା। ଉଦାହରଣ ହେଲା ରଜ୍ଜୁରେ ସର୍ପଭ୍ରମ। ମଣିଷର 'ସର୍ପ' ସଂପର୍କରେ ସଠିକ୍ ଜ୍ଞାନ ଥାଏ। ମାତ୍ର 'ରଜ୍ଜୁ'କୁ ରଜ୍ଜୁ ବୋଲି ଭାବିନଥାଏ ଏବଂ 'ସର୍ପ' ଭାବିଥିବାର ଧାରଣାକୁ ଭୁଲ୍ ବୋଲି ପରେ ବୁଝିପାରିଥାଏ। ଆଉ ଏକ ଉଦାହରଣ ହେଲା 'ସ୍ୱପ୍ନ'। 'ସ୍ୱପ୍ନ' ଦେଖିଲାବେଳେ ସବୁଲୋକ ଏହାକୁ ସତ୍ୟ ବା ବାସ୍ତବ ବୋଲି ଭାବି ଥାଆନ୍ତି ଓ ତଦନୁଯାୟୀ ମଧ୍ୟ ଅନୁଭୂତିପ୍ରାପ୍ତ ହୋଇଥାନ୍ତି; ଯଥା - ସ୍ୱପ୍ନରେ ଦଣ୍ଡିତ ହେଲାବେଳେ ବା ଋଲିଲାବେଳେ ପଡ଼ିଥିବା ଯୋଗୁ କଷ୍ଟ ପାଇଥାନ୍ତି ଏବଂ ପ୍ରଶଂସିତ ବା ପୁରସ୍କୃତ ହେଲାବେଳେ ଆନନ୍ଦ ଅନୁଭବ କରିଥାନ୍ତି। ମାତ୍ର ସ୍ୱପ୍ନ ଭାଙ୍ଗିଯିବା ପରେ ସ୍ୱପ୍ନଦେଖିବା ସମୟର ଅନୁଭୂତି ଖୁସି ବା ଦୁଃଖ ଯେ ମିଛ ଅନୁଭୂତି ଥିଲା, ତାହା ସ୍ପଷ୍ଟ ହୋଇଯାଏ। ଏହି 'ମାୟା' ଦର୍ଶନର ପ୍ରଭାବ ହିନ୍ଦୁଧର୍ମରେ ଅନକତ୍ର ପରିଦୃଷ୍ଟ ହୁଏ ଏବଂ ଆମ ଜୀବନ ଉପରେ ମଧ୍ୟ ଏହାର ଯଥେଷ୍ଟ ପ୍ରଭାବ ରହିଛି। ଏପରିକି ଆମ ଆଗରେ ପରିଦୃଷ୍ଟ ସମଗ୍ର ଜଗତକୁ ମଧ୍ୟ 'ମିଛମାୟା' କୁହାଯାଏ। କାରଣ ଏ ମାନବ-ଶରୀର ଅଳୀକ ଓ ଏ ସମଗ୍ର ଜଗତ ମଧ୍ୟ ଅଳୀକ। ତେବେ ଏଥିରେ ସନ୍ଦେହର ଅବକାଶ ନାହିଁ ଯେ ମାନବ-ଶରୀର ଥିବାଯାଏ ବ୍ୟକ୍ତିଟି ଯାହାକରେ ବା ଯାହା ଅନୁଭବ କରେ, ତାହା ବାସ୍ତବ ସେହି ସମୟ ପାଇଁ। ତେଣୁ ସେହି କ୍ଷଣସ୍ଥାୟୀ 'ବାସ୍ତବତା'ର୍ ଯଥେଷ୍ଟ ମୂଲ୍ୟ ରହିଛି। ଏହାକୁ ଦର୍ଶାଇ ଉତ୍କଳମଣି ଗୋପବନ୍ଧୁ ଲେଖିଛନ୍ତି-

"ଜୀବନ କି ଖାଲି ନିରାଶାର ବାଲି
ମଧୁ ମରୀଚିକା ସେନେହ ପ୍ରୀତି !

ତେବେ ଏ ସଂସାରେ କହ କି ପ୍ରକାରେ
ପର ପାଇଁ ନର ମରୁଛି ନିତି ।"

ଅଭିନେତା ଯେଉଁଭଳି ଅଭିନୟକୁ ସାର୍ଥକ କରିବା ନିମିତ୍ତ ଅଭିନୟ ସମୟରେ ନିଜର ଚରିତ୍ରକୁ ମିଥ୍ୟା ବା କ୍ଷଣସ୍ଥାୟୀ ବୋଲି ଜାଣିମଧ୍ୟ ଜୀବନ୍ତ -ଅଭିନୟ କରିଥାଏ, ମାନବ ଜୀବନ ଧାରଣ କରି ପ୍ରତ୍ୟେକ ମଣିଷ ସେହିପରି ନିଜର କର୍ତ୍ତବ୍ୟ ସୁଚାରୁରୂପେ ସଂପାଦନ କରିବା ଉଚିତ୍ । କୌଣସି କୁତ୍ସିତ ବା ଅନୈତିକ କାର୍ଯ୍ୟ କୌଣସି ପରିସ୍ଥିତିରେ ମଧ୍ୟ ସ୍ୱୀକାର୍ଯ୍ୟ ନୁହେଁ । କାରଣ ସେଭଳି ଅକର୍ମ ବା କୁକର୍ମରେ ଲିପ୍ତ ହେଲେ 'କର୍ମଫଳ' ର ସିଦ୍ଧାନ୍ତ ଅନୁଯାୟୀ ତାର ଉପଯୁକ୍ତ ଫଳ ବା ପରିଣାମ ଭୋଗ କରିବାକୁ ପଡ଼ିଥାଏ ।

ଆମର ପ୍ରାଚୀନ ମହେଞ୍ଜୋଦାରୋ-ହରପ୍ପା ସଭ୍ୟତା ଭଳି ନୀଳ ନଦୀ କୂଳରେ ପ୍ରଚୀନ ମିଶର ସଭ୍ୟତା ମଧ୍ୟ ଗଢ଼ିଉଠିଥିଲା । ସେ ସମୟରେ ମଧ୍ୟ ମିଶରର ଲୋକମାନଙ୍କ ମନରେ 'କର୍ମଫଳ' ସଂପର୍କୀୟ ଧାରଣାଥିଲା । ସତ୍‌କର୍ମ ପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯାଉଥିବା ବେଳେ 'ଅସତ୍‌କର୍ମ'ରୁ ଲୋକମାନଙ୍କୁ ନିବୃତ୍ତ କରାଯାଉଥିଲା । ପ୍ରାୟ ୫୦୦୦ ବର୍ଷରୁ ଅଧିକ କାଳ ପୂର୍ବରୁ ଗଢ଼ିଉଠିଥିବା ଏହି ସଭ୍ୟତାରେ ଲୋକମାନେ ଅନେକ ଉତ୍ସବ ଆନନ୍ଦ-ଉଲ୍ଲାସ ସହ ପାଳନ କରୁଥିଲେ । ଆନନ୍ଦ ଉତ୍ସବ ପାଳନର ଅଂଶଭାବେ ଅନେକ ସମୟରେ ଭୋଜିଭାତର ଆୟୋଜନ କରାଯାଉଥିଲା । ଏହି ଉତ୍ସବ ପାଳନ ସମୟରେ ଜୀବନର ଅଳୀକତା ସଂପର୍କରେ ଜନ ସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ କେତେକ ନର କଙ୍କାଳ (Skeleton) ସଂଗ୍ରହ କରି ଭୋଜି ସ୍ଥଳର ମଧ୍ୟ ଭାଗରେ ଅବସ୍ଥାପିତ କରାଯାଉଥିଲା । ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ଆନନ୍ଦ-ଉଲ୍ଲାସରେ ବୁଡ଼ି ରହିଥିବା ତଥା ଧନ-କ୍ଷମତା ଦ୍ୱାରା ମଦମତ୍ତ ହୋଇ ପଡ଼ିଥିବା ଲୋକମାନଙ୍କୁ ଜୀବନର ଅନ୍ତିମ ସମୟର ନିଷ୍ଠୁର ସତ୍ୟ ସଂପର୍କରେ ସଚେତନ କରାଇବା । ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଂଯମ ଆଚରଣ କରିବାକୁ ଏହା ପ୍ରବର୍ତ୍ତାଇଥାଏ ।

ଜୀବନକାଳ ମଧ୍ୟ କିପରି ଆଚରଣ କରିବା ଉଚିତ୍ ଓ କି ପ୍ରକାର କର୍ମକୁ ତ୍ୟାଗ କରିବା ଉଚିତ୍, ସେ ସଂପର୍କରେ ଯଥୋଚିତ ଅନୁଶୀଳନ, ବିଶ୍ଲେଷଣ ସହ ଆବଶ୍ୟକୀୟ ଉପଦେଶ ଶ୍ରୀମଦ୍ ଭଗବତ୍ ଗୀତାରେ ପ୍ରଦାନ କରାଯାଇଛି । ବାସ୍ତବତଃ ଲୋକ-କଲ୍ୟାଣ ନିମନ୍ତେ ଶ୍ରୀମଦ୍ ଭଗବଦ୍‌ଗୀତା ସମାନ ଅନ୍ୟ କୌଣସି ଉପଯୋଗୀ ଗ୍ରନ୍ଥ ନାହିଁ । 'ପଞ୍ଚମ ବେଦ' ଭାବରେ ପରିଚିତ ବିଶାଳ ମହାଭାରତ ଗ୍ରନ୍ଥର ଭୀଷ୍ମପର୍ବ ମଧ୍ୟରେ କୃଷ୍ଣାର୍ଜୁନ ସମ୍ବାଦ ରୂପେ ଶ୍ରୀମଦ୍ ଭଗବଦ୍ ଗୀତା ସଂସ୍ଥାପିତ । ଏହା ସମସ୍ତ ଆର୍ଯ୍ୟଧର୍ମର ସାର ଅଟେ । ଏହା ସମଗ୍ର ବିଶ୍ୱର ସବୁ ପ୍ରକାର ଲୋକଙ୍କ କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ।

ଗୀତାର ଦ୍ୱିତୀୟ ଅଧ୍ୟାୟର ୪୭ତମ ଶ୍ଳୋକରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ ଉପଦେଶ ଛଳରେ ସମଗ୍ର ମାନବ ସମାଜପ୍ରତି ଏକ ଅମୂଲ୍ୟ ଉପଦେଶ ପ୍ରଦାନ କରାଯାଇଅଛି-

"କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ
ମାକର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱ କର୍ମଣି" ।

ଅର୍ଥାତ୍ - କର୍ମ ବା କର୍ତ୍ତବ୍ୟ ସଂପାଦନ ପାଇଁ ଅଧିକାର ଅଛି ବା କାମନା ହେବା ଉଚିତ୍ ମାତ୍ର କର୍ମଫଳ ପ୍ରାପ୍ତି ପାଇଁ କାମନା ରହିବା ଉଚିତ୍ ନୁହେଁ । ସେହିପରି କର୍ମଫଳ ବା କର୍ମ ପ୍ରବୃତ୍ତି କର୍ମ କରିବାର କାରଣ ହେବା ଉଚିତ୍ ନୁହେଁ । ପୁନଶ୍ଚ ଅକର୍ମ ପ୍ରତି ଆସକ୍ତି ବା ଇଚ୍ଛା ରହିବା ଅନୁଚିତ୍ ।

ମନୁଷ୍ୟର ଜୀବନ ଉପରେ ଉପରୋକ୍ତ ବାଣୀର ସୁଦୂର ପ୍ରସାରୀ ପ୍ରଭାବ ରହିଛି । କର୍ମଫଳ ପ୍ରତି ନିସ୍ପୃହ ରହି କରାଯାଇଥିବା କର୍ମ ଯାହାକୁ ସାଧାରଣତଃ ନିଷ୍କାମ କର୍ମ କୁହାଯାଏ- ଜୀବନରେ କେବେହେଲେ ହତାଶା ବା ନିରାଶା କିମ୍ବା ପ୍ରତିଶୋଧ ଭାବ ଆଣିନଥାଏ । କର୍ମଫଳ ପ୍ରତି ଆସକ୍ତ ରହି କର୍ମ କଲେ ମଣିଷ ନିକଟରେ 'କର୍ମ' ବା 'କର୍ତ୍ତବ୍ୟ' ସଂପାଦନ ଅପେକ୍ଷା କର୍ମଫଳ ବା ପୁରସ୍କାର ଅଧିକ ଆକର୍ଷଣୀୟ ଓ ଲୋଭନୀୟ ହୋଇ ଉଭା ହୋଇଥାଏ । ଗୀତା ପାଠ ପରେ ଏହି ଶ୍ଳୋକର ବାସ୍ତବ ଅର୍ଥକୁ ହୃଦୟଙ୍ଗମ କରି ବାଲଗଙ୍ଗାଧର ତିଲକ୍, ମହାତ୍ମାଗାନ୍ଧୀ ଓ ଆଚାର୍ଯ୍ୟ ବିନୋବା ଭାବେଙ୍କ ଭଳି ମହାମନୀଷୀମାନେ ସର୍ବଦା ନିଷ୍କାମ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ । ସେହିଭଳି ଏହି ଦ୍ୱିତୀୟ ଅଧ୍ୟାୟରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଶ୍ଳୋକ ହେଲା-

"ଦୁଃଖେଷ୍ୱନୋଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ
ବୀତରାଗଭୟକ୍ରୋଧଃ ସ୍ଥିତର୍ଧୀମୁନିରୁଚ୍ୟତେ" ।

ଅର୍ଥାତ୍- ଯାହାଙ୍କ ମନ ଦୁଃଖରେ କାତର ନହୁଏ ଓ ଯିଏ ସୁଖରେ ବିଭୋର ହୋଇ ନ ପଡ଼ନ୍ତି ବା ସୁଖପ୍ରତି ବିଶେଷ ସ୍ପୃହା ନଦେଖାନ୍ତି ଏବଂ ଯିଏ ଅନୁରାଗ, ଭୟ ଓ କ୍ରୋଧର ଊର୍ଦ୍ଧ୍ୱରେ ସେହିଭଳି ସ୍ଥିତଧୀ ବ୍ୟକ୍ତିଙ୍କୁ 'ମୁନି' କୁହାଯାଏ ।

ଏଠାରେ 'ମୁନି' କହିଲେ ଜଣେ ଆଦର୍ଶ ସ୍ଥାନୀୟ ଜ୍ଞାନୀ ବ୍ୟକ୍ତିଙ୍କୁ ବୁଝାଯାଏ ।

ଜୀବନକୁ ସୁବ୍ୟବସ୍ଥିତ କରି ଉତ୍ତମରୂପେ ବିତାଇବା ନିମନ୍ତେ ଦୁଃଖରେ ଭାଙ୍ଗିପଡ଼ିବା ଓ ସୁଖରେ ବିଭୋର ହୋଇପଡ଼ିବା ଭଳି ମନୋଭାବ ପରିହାର କରିବା ଏକାନ୍ତ ଆବଶ୍ୟକ । ଏହା ନକଲେ ଜୀବନର ସ୍ଥିତି ସ୍ଥାପକତା ବ୍ୟାହତ ହୁଏ ଏବଂ ମଣିଷ ନିଜର ସମୟୋଚିତ କର୍ମ କରିବାରୁ ବିଚ୍ୟୁତ ହୁଏ । ଅନେକ ବ୍ୟକ୍ତି ନିଜ ଜୀବନରେ ଏହି ଉପଦେଶର ସାରାବତ୍ତା ଅନୁଭବ କରିଥିବେ ।

ସମଗ୍ର ଶ୍ରୀମଭଗବଦ୍ ଗୀତାରେ ବହୁ ଗୂଢ଼ତତ୍ତ୍ୱ, ବହୁ ପ୍ରୟୋଗାତ୍ମକ ବିଷୟ, ବହୁ ସାର୍ବଜନୀନ ସତ୍ୟ ବର୍ଣ୍ଣନା କରାଯାଇଛି ଯାହା ମାନବ ସମାଜ ଓ ମାନବ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେଥିମଧ୍ୟରୁ ଅଳ୍ପ କେତୋଟି ପଙ୍‌କ୍ତି ନିମ୍ନରେ ଉଦ୍ଧାର କରାଗଲା ।

"ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା
ତଥା ଦେହାନ୍ତର ପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ।"

(ଦ୍ୱିତୀୟ ଅଧ୍ୟାୟ, ୧୩ତମ ଶ୍ଳୋକ)

X X X X

"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ
ତସ୍ମାଦ ଅପରି ହାର୍ଯେଽର୍ଥେ ନ ତ୍ୱଂ ଶୋଚତୁମହର୍ସି" ।
(ଦ୍ୱିତୀୟ ଅଧ୍ୟାୟ, ୨୭ ତମ ଶ୍ଳୋକ)

"କାମକ୍ରୋଧ ବିଯୁକ୍ତାନାଂ ଯତୀନାଂ ଯତଚେତସାମ୍
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦତାତ୍ମନାମ୍।"
(୨ୟ ଅଧ୍ୟାୟ, ୨୭ତମ ଶ୍ଳୋକ)

X X X X

"କାମକ୍ରୋଧ ବିଯୁକ୍ତାନାଂ ଯତୀନାଂ ଯତ୍ଚେତସାମ୍
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍।"
(୫ମ ଅଧ୍ୟାୟ, ୨୬ତମ ଶ୍ଳୋକ)

X X X X

"ଅନିଶ୍ଚିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ
ସ ସନ୍ନ୍ୟାସୀ ଚ ଯୋଗୀଚ ନ ନିରଗ୍ନିର୍ନଚକ୍ରିୟଃ।"
(୬ଷ୍ଠ ଅଧ୍ୟାୟ, ୧ତମଶ୍ଳୋକ)

X X X X

"ଯକ୍ରୋଷି ଯଦ୍ଶ୍ନାସି ଯଜ୍ଜ୍ୱହୋଷି ଦଦାସି ଯତ୍
ଯର୍ତ୍ତପସ୍ୟସି କୌନ୍ତେୟ ତକ୍କୁରୁଷ୍ୱ ମଦର୍ପଣମ୍।"
(୯ମ ଅଧ୍ୟାୟ, ୨୭ ତମ ଶ୍ଳୋକ)

X X X X

"ଯଦ୍ ଯଦ୍ ବିଭୂତିମସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା
ତ□ଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶ ସମ୍ଭବମ୍।"
(୧୦ମ ଅଧ୍ୟାୟ, ୪୧ତମ ଶ୍ଳୋକ)

X X X X

"ତୁଲ୍ୟ ନିନ୍ଦାସ୍ତୁତିଃମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍
ଅନିକେତଃ ସ୍ଥିରମତି ଭକ୍ତିମାନ୍ମେ ପ୍ରିୟୋ ନରଃ।"
(୧୨ଶ ଅଧ୍ୟାୟ, ୧୯ତମ ଶ୍ଳୋକ)

X X X X

"ତେଜଃ କ୍ଷମା ଧୃତି ଶୌଚ ମଦ୍ରୋହୋ ନାତିମାନିତା
ଭବନ୍ତି ସମ୍ପଦଂ ଦେବୀମଭିଜାତସ୍ୟ ଭାରତ।"
(୧୬ ଅଧ୍ୟାୟ, ତୃତୀୟ ଶ୍ଳୋକ)

ଗୀତାର ଅନ୍ତିମ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ମହାମୁନି ବ୍ୟାସଦେବ ସଂଜୟ ମୁଖରେ ମନୁଷ୍ୟ ଜୀବନର ସଫଳତା ପାଇଁ ଏକ ଅତ୍ୟନ୍ତ ଉପାଦେୟ ବିଷୟ କୁହାଯାଇଛନ୍ତି:-

"ଯତ୍ର ଯୋଗେଶ୍ୱରଃ କୃଷ୍ଣା ଯତ୍ର ପାର୍ଥୋ ଧନୁର୍ଦ୍ଧରଃ
ତତ୍ର ଶ୍ରୀର୍ବିଜୟୋ ଭୂତି ଧ୍ରୁବର୍ନୀତି ମତିର୍ମମ।"

ଅର୍ଥାତ୍- ଯେଉଁ ପକ୍ଷରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ମହାବୀର ଅର୍ଜୁନ ଅଛନ୍ତି, ସେ ପକ୍ଷରେ ରାଜ୍ୟଲକ୍ଷ୍ମୀ, ବିଜୟ, ସମ୍ପତ୍ତି ଓ ଅବିଚଳିତ ନୀତି ରହିବ ହିଁ ରହିବ, ଏହା ମୋତେ ନିଶ୍ଚିତ ବୋଧହୁଏ।

ଏଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ବିଶୁଦ୍ଧ ଜ୍ଞାନର ପ୍ରତୀକ ଏବଂ ଧନୁର୍ଦ୍ଧର ପାର୍ଥ ଜ୍ଞାନାନୁମୋଦିତ କର୍ମର ପ୍ରତିଭୂ। ଏହି ଦୁଇଟି ଯେଉଁ କ୍ଷେତ୍ରରେ ଏକତ୍ରାବସ୍ଥାନ କରନ୍ତି, ସେଠାରେ ସଫଳତା ପ୍ରାପ୍ତି ଶତ ପ୍ରତିଶତ ହୋଇଥାଏ।

ଅନ୍ୟ ଭାଷାରେ କହିଲେ ସଫଳତା ପ୍ରାପ୍ତି ନିମନ୍ତେ ମନୁଷ୍ୟଗଣ ଏ ଦୁଇଟିକୁ ଆଶ୍ରୟ କରିବା ଉଚିତ୍। ତେଣୁ ଜୀବନକୁ ସଠିକ୍ ମାର୍ଗରେ ଆଗେଇନେବା ନିମନ୍ତେ ଶ୍ରୀମଦ୍‌ଭଗବଦ୍ ଗୀତା ପରି ଉପଯୋଗୀ ଗ୍ରନ୍ଥ ଦୃଷ୍ଟିଗୋଚର ହୁଏ ନାହିଁ। ସେଥିପାଇଁ ଗ୍ରାମାଞ୍ଚଳରେ ଏକ ଢ଼ଗ ଶୁଣିବାକୁ ମିଳେ- "ବୁଝ ନ ବୁଝ ପଢ଼ ଗୀତା, ଭୁଞ୍ଜ୍ ନ ଭୁଞ୍ଜ୍ ଖାଆ ପିତା"।

କେବଳ 'ଜୀବନ' ନୁହେଁ, ଏ ବିଶ୍ୱର ସମସ୍ତ ସ୍ଥାବର ଜଙ୍ଗମ, ପ୍ରତ୍ୟେକ ଧୂଳିକଣାରେ ମଧ୍ୟ 'ବ୍ରହ୍ମ' ବିଦ୍ୟମାନ, କାରଣ ଏହି ସମଗ୍ର ବିଶ୍ୱ ହିଁ ସେଇ ପରଂବ୍ରହ୍ମ, ସୃଷ୍ଟିକର୍ତ୍ତା, ପରମେଶ୍ୱରଙ୍କର ସୃଷ୍ଟି। ଯାହାର ସୃଷ୍ଟି ଅଛି, ତାହାର ଅନ୍ତ ଅଛି। ଅର୍ଥାତ୍ ତାହା କ୍ଷଣସ୍ଥାୟୀ। ଏଣୁ ଏହି ଜୀବନ ମଧ୍ୟ କ୍ଷଣସ୍ଥାୟୀ ଓ ଅବାସ୍ତବ। ତଥାପି ଆମପାଇଁ ଜୀବନ ହେଉଛି ଏହି ଅବାସ୍ତବସ୍ଥିତିର ଏକ ବାସ୍ତବାୟିତ ରୂପ। କ୍ଷଣସ୍ଥାୟୀ, କ୍ଷଣଭଙ୍ଗୁର ଏହି ଜୀବନ-ନାବକୁ ସଂସାର ସାଗରରେ ଠିକ୍ ଭାବେ ଚଳାଇନେବା ନିମନ୍ତେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ନିମ୍ନୋକ୍ତ ପଙ୍କ୍ତିଟି ଅତ୍ୟନ୍ତ ଯଥାର୍ଥ ମନେହୁଏ-

"ହୃଦୟରେ ସଦା ଭଲଭାବ ଥାଉ
ସଦା ଭଲକଥା ଏ ମୁଖ କହୁ।
ସଦା ଭଲ କଥା କରୁଥାଉ କର
ପ୍ରଭୁ ପାଦେ ସଦା ଭକତି ଥାଉ।"

ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ
ମୋବାଇଲ୍ ନଂ: ୯୪୩୭୦୧୪୨୪୪

# ମଣିଷ ଜୀବନ ବାସ୍ତବତାରୁ ଅଭିନ୍ନ

*ଡ. ମଦନ ମୋହନ ସାହୁ*

ଧରାପୃଷ୍ଠରେ ଜୀବନର ଉତ୍ପତ୍ତି ବା ଅଭ୍ୟୁଦୟ ହେବା ପରଠାରୁ କେତେ କାଳ ପରେ ମଣିଷ ଜୀବନ ସୃଷ୍ଟି ହେଲା ତାର ଏକ ସଠିକ ଆକଳନ କରିବା ବୈଜ୍ଞାନିକ କିମ୍ବା ଐତିହାସିକମାନଙ୍କ ପାଇଁ ଏକ ପ୍ରହେଳିକା ହୋଇ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅନୁମାନ କରି କେତେ କୋଟି ବା ବିଲିୟନ୍ ବର୍ଷ ବୋଲି କୁହାଯାଉଥିଲେ ବି ତାର ସଠିକ୍ ପରିମାପକ ଏପର୍ଯ୍ୟନ୍ତ କରାଯାଇ ପାରିନାହିଁ। ସେହିପରି ବି ପୃଥିବୀର ଉତ୍ପତ୍ତି କେବେ ତାହା ଆମ ଜ୍ଞାତିର ଅନ୍ଧକାରରେ ଲୁପ୍ତ ହୋଇରହିଛି। ଏହାର କାରଣ ହେଉଛି ବିଶ୍ୱବ୍ରହ୍ମାଣ୍ଡ ଏବଂ ସମୟ ଏତେ ବିଶାଳ ଯେ ତାହା ମଣିଷର ବୁଦ୍ଧି ଏବଂ ଜ୍ଞାନ ଆଧାରରେ ଉଦ୍ଭାବିତ ଯନ୍ତ୍ରାଦି ହୁଏତ କ୍ଷୁଦ୍ର ଏବଂ ଅପାରଗ ମନେହୁଅନ୍ତି।

ମଣିଷ ଏବଂ ତାର ଚେତନା ସୃଷ୍ଟି ହେବା ପୂର୍ବରୁ ନିଶ୍ଚିତଭାବେ ଏହି ବିଶାଳ ବ୍ରହ୍ମାଣ୍ଡ ଏବଂ ଏହାର ମହାଜାଗତିକ ପ୍ରକ୍ରିୟାଗୁଡ଼ିକ ସୃଷ୍ଟି ହୋଇ ସାରିଥିଲା। ସେହି ପ୍ରକ୍ରିୟାଗୁଡ଼ିକ ମଧ୍ୟରୁ ଜୀବନର ଅଭ୍ୟୁଦୟ ଏକ ମହତ୍ ଏବଂ ବୈଚିତ୍ର୍ୟମୟ ସୃଷ୍ଟି, ଯାହା ଉଭୟ ସ୍ଥୁଳ ଏବଂ ସୂକ୍ଷ୍ମ ବିବର୍ତ୍ତନର ସମଷ୍ଟି ବୋଲି ମନେ କରାଯାଇପାରେ।

ମଣିଷ ଜୀବନର ସୂକ୍ଷ୍ମ ଏବଂ ସ୍ଥୁଳ - ଏହି ଦୁଇଟି ଅଲଗା ଅଲଗା ପରିମାପକ ଥିବାରୁ ପ୍ରତ୍ୟେକଟିର ବିବର୍ତ୍ତନ ଦିଗର ଅଗ୍ରଗତି ସମାନ୍ତରାଳ ଭାବରେ ସମ୍ପାଦିତ ହେବା ଅବଶ୍ୟମ୍ଭାବୀ। ବିଜ୍ଞାନ କେବଳ ଜୀବନର ସ୍ଥୁଳ ଗଠନ ଦିଗରେ ଅନୁସନ୍ଧାନ କରିବାରେ ସହାୟକ, ସୂକ୍ଷ୍ମ ବା କାର୍ଯ୍ୟକ୍ଷମତା ଦିଗରେ କିଛି ପ୍ରମାଣ କରିବାକୁ ଅସମର୍ଥ। ଉଦାହରଣ ସ୍ୱରୂପ ମଣିଷର ସ୍ୱରଯନ୍ତ୍ର ବା ଲାରିଂକ୍ସ କେବେ ସୃଷ୍ଟି ହେଲା, ନିର୍ଣ୍ଣୟ କରିହେବ, ମାତ୍ର କେବେଠାରୁ ନିଜର ଭାବ ପ୍ରକାଶ କରିବାକୁ ସ୍ୱର ମାଧ୍ୟମରେ ପ୍ରୟାସ କଲା ତାହା ଆକଳନ କରିପାରିବ ନାହିଁ।

## ଜୀବନ ଓ ମଣିଷ ଜୀବନ

ଧରାପୃଷ୍ଠରେ ଜୀବନ ଯେଉଁ ପ୍ରକାରରେ ବା ରୂପରେ ଉତ୍ପତ୍ତି ଲାଭ କଲା, ତାହାର ରହସ୍ୟ ଭେଦ କରିବା ସହଜସାଧ୍ୟ ନୁହେଁ। ଏପର୍ଯ୍ୟନ୍ତ ଧରି ନିଆଯାଇଛି ଯେ ଜଳ ହିଁ ଜୀବନର ଆଧାର। ତେଣୁ ଜଳ ସୃଷ୍ଟି ପୂର୍ବରୁ ଜୀବନ କଳ୍ପନା କରାଯାଇ ପାରିବ ନାହିଁ। ଜଳରେ ଏକକୋଷୀ ଆମିବା ଠାରୁ ଆରମ୍ଭକରି ବୃହତ୍ତାକାୟ ତିମି ପର୍ଯ୍ୟନ୍ତ ସୃଷ୍ଟି ହେବା କେତେ ମିଲିୟନ୍ ବା ବିଲିୟନ୍ ବର୍ଷ ଲାଗି ଯାଇଥିବା ତାହା ଆକଳନ କରିବା ସହଜସାଧ୍ୟ ନୁହେଁ। କିନ୍ତୁ ଭୂପୃଷ୍ଠରେ ଯେଉଁ ଚାପରେ ହେଉ ନା କାହିଁକି, ଜୀବନର ଧାରା ଥରେ ସୃଷ୍ଟି ହେଲା ପରେ ଜୀବନର କେବେ ବିଲୋପ ଘଟିନାହିଁ। ଜୀବନ କେବେ ନିଶ୍ଚିହ୍ନ ହୋଇଯାଇନାହିଁ। ହୋଇପାରେ ଅନେକ ବାର ଜଳଜୀବମାନଙ୍କର ବିଲୋପ ଘଟିଛି କିନ୍ତୁ ଜୀବନ ଏକଦମ୍ ନିର୍ବାପିତ ହୋଇଯାଇନାହିଁ। ସେହିପରି ଥରେ ଉଦ୍ଭିଦଜଗତ ସୃଷ୍ଟି ହେବାପରେ ତାହାର କେବେ ବି ବିଲୋପ ଘଟିନି। ପ୍ରାଣୀଜଗତ ସେହି ନିୟମରେ ଥରେ ଆବିର୍ଭାବ ହେବାପରେ ବହୁ ଭୂମିକମ୍ପ, ଦୈବଦୁର୍ବିପାକ ଫଳରେ ନିର୍ମୂଳ ହୋଇଯାଇନି। ବିଲୁପ୍ତ ଘଟିନି।

ପ୍ରାଣୀଜଗତର ଶ୍ରେଷ୍ଠ ଜୀବ ଭାବରେ ମଣିଷର ଉତ୍ପତ୍ତି ହେବାପରେ ପ୍ରାକୃତିକ ଦୁର୍ବିପାକ, ସଂକ୍ରାମକ ବ୍ୟାଧି କିମ୍ବା ସ୍ୱୟଂକୃତ ବିଶ୍ୱଯୁଦ୍ଧରେ ମଣିଷ ଜୀବନର ବିଲୁପ୍ତି ସମ୍ଭବପର ହୋଇନାହିଁ।

ସମସ୍ତ ଜୀବନ ଏକ ବୋଲି ଧରାଯାଏ। ଜୀବନ ଜୀବକୋଷ ଆକାରରେ ଧରାପୃଷ୍ଠରେ ପ୍ରତୀୟମାନ ବା ପ୍ରକଟିତ ହେବା ପରଠାରୁ ଅସୀମ ଚାପର ପ୍ରଭାବରେ, ସୋପାନ ପରେ ସୋପାନ ଏମିତି ଅସୁମାରି ସୋପାନ ଦେଇ ଗତି କରି ଆସିଛି। କିନ୍ତୁ ଏହି ବିବର୍ତ୍ତନ ପଥର ସମାପ୍ତି ଘଟିନି କି ଜୀବନର ସଂପୂର୍ଣ୍ଣ ତିରୋଧାନ ଘଟିନାହିଁ। ଏହି ବିବର୍ତ୍ତନର ରହସ୍ୟ ତଥା ମହତ୍ ଉଦ୍ଦେଶ୍ୟ ଭେଦ କରିବା ମାନସିକ ସ୍ତରରେ ମଣିଷର ଚେତନା ଯେ ସମର୍ଥ ନୁହେଁ, ତାହା ଅତୀତ କାଳରୁ ରହସ୍ୟବାଦୀ, ମୁନିଋଷି ଏବଂ ମହାମନୀଷୀମାନେ ବ୍ୟକ୍ତ କରିଛନ୍ତି।

ଧରାପୃଷ୍ଠର ପଞ୍ଚଭୂତ ଉପାଦାନ ସହିତ ଭୌତିକ ଏବଂ ଆଧିଭୌତିକ ପ୍ରକ୍ରିୟା ଦ୍ୱୟର ସମନ୍ୱୟ ଦ୍ୱାରା ମଣିଷ ଜୀବନ ସୃଷ୍ଟି। ମଣିଷର ଶରୀର ଗଠନଏବଂ ରାସାୟନିକ ବା ମାନସିକ କାର୍ଯ୍ୟପ୍ରଣାଳୀ ଅସଂଲଗ୍ନ ଭାବରେ ସୃଷ୍ଟି ହୋଇନି, ଏହି ଯୌଗିକ ପଦ୍ଧତି ପୃଥକ୍ ଭାବରେ ସୃଷ୍ଟି ହୋଇନି ତଥା ଏହା ବି ମୌଳିକ ଭାବରେ ତିଷ୍ଠିବା ସମ୍ଭବପର ନୁହେଁ।

ଜଣେ ମଣିଷର ଜୀବନ ଶାରୀରିକ ଏବଂ ମାନସିକ ଏମିତି ସାମଗ୍ରିକ ଭାବରେ ଏକ ହୋଇଥିବାରୁ, ମୋର ଜୀବନ ତଥା ଅନ୍ୟ ସମସ୍ତଙ୍କ ଜୀବନ ମଧ୍ୟରେ ଯେଉଁ ଯୋଗସୂତ୍ର ବା ସମ୍ବନ୍ଧ ରହିଛି, ତାହାକୁ କୌଣସି ବୈଜ୍ଞାନିକ ପଦ୍ଧତି ବା ପରୀକ୍ଷାଗାରରେ ପ୍ରମାଣସିଦ୍ଧ କରିବା ଭଳି ଉପାୟ ନାହିଁ। ବରଂ

ତାହା ଚେତନାର ସ୍ତର ନେଇ ବ୍ୟକ୍ତିଗତ (ଇଣ୍ଡିଭିଜୁଆଲ୍) ଅବା ଭାବାତୀତ (ଟ୍ରାନ୍ସଡେଣ୍ଟାଲ୍) ହୋଇପାରେ। ଜୀବନକୁ କେବଳ ଭୌତିକ ସର୍ବସ୍ୱ କରି ସିଦ୍ଧାନ୍ତ କରିନେଲେ ତାହା ଅର୍ଦ୍ଧସତ୍ୟରେ ପରିଣତ ହେବ, ସଂପୂର୍ଣ୍ଣ ସତ୍ୟ ହେବନାହିଁ। ଜୀବନରେ ଏହି ଆଧିଭୌତିକ ସତ୍ତା ଗୁଡ଼ିକର ପ୍ରବନ୍ଧ ଭାରତରେ ବେଦ ଏବଂ ଉପନିଷଦ କାଳରୁ ଅଗ୍ରାଧିକାର ପ୍ରାପ୍ତ ହୋଇଛି। କାରଣ ବେଦ ଏବଂ ଉପନିଷଦ ପ୍ରଣେତାମାନେ ଅବଗତ ଥିଲେ ଯେ ଆଧିଭୌତିକ ପଦ୍ଧତିରେ ଭୌତିକ ଜଗତ ପରିଚାଳିତ। ମନ ହେଉଛି ଆଧିଭୌତିକ ସତ୍ତା, ମସ୍ତିଷ୍କ ହେଉଛି ତାହାର ଭୌତିକ ସତ୍ତା, ମସ୍ତିଷ୍କ ମନ ନୁହେଁ ବରଂ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି ହି ମନ, ବିବେକ ଅବା ଚେତନା।

ବିବର୍ତ୍ତନ ପ୍ରକ୍ରିୟା ଅନୁସାରେ ଧରାପୃଷ୍ଠରେ ମନର ବିକାଶ ହିଁ ଶାରୀରିକ ବିକାଶର ପରେ ଘଟିବା ସ୍ୱାଭାବିକ। ଜୀବଜଗତ ଯେତେବେଳେ କ୍ଷଦ୍ର ପ୍ରାଣୀ, ଉଦ୍ଭିଦ, ପଶୁପକ୍ଷୀ ମଧ୍ୟରେ ସୀମିତ ଥିଲା, ସେମାନଙ୍କର ସ୍ନାୟବିକ କାର୍ଯ୍ୟ ଅତି ନଗଣ୍ୟ ଥିଲା। ସେମାନେ ପ୍ରବୃତ୍ତି ବଳରେ କାମ କରନ୍ତି। ମନ ଅପରିପ୍ରକାଶ ବା ଅବିକଶିତ ଅବସ୍ଥାରେ ରହିଛି। ସେମାନଙ୍କର ମସ୍ତିଷ୍କ ରହିଛି, କିନ୍ତୁ ଏହା କେବଳ ଖାଦ୍ୟ ଓ ଜୀବନରକ୍ଷାରେ ସୀମିତ। ମଣିଷର ବୁଦ୍ଧି, ବିବେକ ବା ସମ୍ବେଦନଶୀଳତା ପରି ଉଚ୍ଚତର ଚିନ୍ତାଧାରା ନାହିଁ। ମସ୍ତିଷ୍କର ଯେଉଁ ଅଂଶ ମଣିଷର ଏସବୁ ସ୍ନାୟବିକ କାର୍ଯ୍ୟ ସମ୍ପାଦିତ ହୁଏ, ତାହା ପଶୁପକ୍ଷୀମାନଙ୍କର ବିକଶିତ ହୋଇନାହିଁ। ମଣିଷର ମସ୍ତିଷ୍କର ଓଜନ ଶରୀର ଓଜନ ଅନୁପାତରେ ସବୁଠାରୁ ଅଧିକ। ସେହି କାରଣରୁ ମଣିଷ ବୁଦ୍ଧିମାନ, ବିବେକୀ ଏବଂ ବିଭିନ୍ନ ଦିଗରେ ବିଚକ୍ଷଣ ଭାବରେ କାମକରେ। ଏହା ବିବର୍ତ୍ତନ ସୋପାନର ସ୍ଥାନ ଉପରେ ନିର୍ଭର କରେ।

## ସୃଷ୍ଟିତତ୍ତ୍ୱରେ ଜୀବନର ମୂଲ୍ୟବୋଧ

ସୃଷ୍ଟି ଏବଂ ସ୍ରଷ୍ଟା ଅଭିନ୍ନ ହେଲେ ମଧ୍ୟ ଆମ ଚେତନାରେ ତାହା ଭିନ୍ନ ଭଳି ପ୍ରତୀୟମାନ ହୋଇଥାଏ। ସୃଷ୍ଟି ହିଁ ଜୀବନର ଉତ୍ସ। ସୃଷ୍ଟିକୁ ବା ଜୀବନକୁ ଅନେକ ଦାର୍ଶନିକ ମିଥ୍ୟା ଅଥବା ମାୟା ବୋଲି ଅଭିହିତ କରନ୍ତି। ମାତ୍ର ସ୍ରଷ୍ଟାଙ୍କୁ ସତ୍ ବୋଲି କହିଥାନ୍ତି। ଆଚାର୍ଯ୍ୟ ଶଙ୍କର ମଧ୍ୟ ବ୍ରହ୍ମନ୍ ସତ୍ୟ ଏବଂ ଜଗତ୍ ମିଥ୍ୟା ବୋଲି କହିଥିଲେ। ଜଗତ ବା ଜୀବନ କ୍ଷଣସ୍ଥାୟୀ ଥିବାରୁ ବ୍ରହ୍ମନ୍ ତୁଳନାରେ ତାହା ଥିଲା ଅସତ୍ୟ। ଗୌତମ ବୁଦ୍ଧ ତାଙ୍କ ବାଣୀରେ ଜୀବନ ଦୁଃଖପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ।

କ୍ଷଣିକ ବା ଆପେକ୍ଷିକ ହେଲେ ମଧ୍ୟ, ଯଦି ସ୍ରଷ୍ଟା ସତ୍ ତାଙ୍କର ସୃଷ୍ଟି ବି ସତ୍; ତାହା କ୍ଷଣିକ ବା ଆପେକ୍ଷିକ ହେଉ ନା କାହିଁକି; କାରଣ ସମୁଦ୍ରଥିଲେ ହିଁ ଢେଉ ଅଛି। ଢେଉ ଏବଂ ସମୁଦ୍ର ଦୁଇଟିଯାକ ସତ। ଢେଉକୁ ଉପଲବ୍ଧି କଲେ ସମୁଦ୍ରକୁ ଉପଲବ୍ଧି କରିହେବା ଭଳି ସୃଷ୍ଟିକୁ ଦେଖି ସ୍ରଷ୍ଟାଙ୍କୁ ଉପଲବ୍ଧି କରିହେବ।

## ଜୀବନ ମୂଲ୍ୟବାନ : ଆନନ୍ଦମୟ

ଜୀବନ ଦୁଃଖମୟ ନା ଆନନ୍ଦମୟ ? ମହିମା ଗୋସ୍ୱାମୀଙ୍କ ଅନୁସାରେ ମଣିଷ ଜୀବନ ଦୁର୍ଲଭ। ରବୀନ୍ଦ୍ରନାଥ ଠାକୁରଙ୍କ ବ୍ୟକ୍ତିଗତ ଅନୁଭୂତି ଥିଲା -

"ଜୀବନ ଆମୋଦ ଯଜ୍ଞେ ଆମାର ନିମନ୍ତ୍ରଣ"

ସଂସାର ଏବଂ ଜୀବନରେ ଉଭୟ ଦୁଃଖ ଏବଂ ସୁଖର ଅନୁଭୂତି ମଣିଷ ଉପଲବ୍ଧି କରେ। ମଣିଷର ମନ ଏହି ସୁଖ କିମ୍ବା ଦୁଃଖକୁ ଅନୁଭବ କରେ। ଅର୍ଥାତ ମନର ବି ସାମର୍ଥ୍ୟ ଅଛି ଜୀବନକୁ ସୁଖ ବା ଦୁଃଖ ଆଡକୁ ନେଇଯିବାକୁ। ସୁଖ ଏବଂ ଦୁଃଖ ଆପେକ୍ଷିକ ସତ ହୋଇ ଥିବାରୁ ମନର ଅବସ୍ଥା ବା ତାର ଦୃଷ୍ଟିକୋଣ ଅନୁସାରେ ସୁଖ ଓ ଦୁଃଖର ଆପେକ୍ଷିକ ତୀବ୍ରତା ପ୍ରତୀୟମାନ ହୁଏ। ମନଟି ଏକ କମ୍ପ୍ୟୁଟର ଚିପ୍ ଭଳି। ତାକୁ ଯେଉଁ ସଫ୍ଟୱୟାର ଦିଆଯିବ ସେ ସେହି ଅନୁସାରେ କାର୍ଯ୍ୟ କରିବ। ଆମ ସଫ୍ଟୱୟାର୍‌ଟି ଆମ ପରିବେଶ ଜ୍ଞାନ, ସାମାଜିକ ବିଧି, ପରମ୍ପରା, ସଂସ୍କୃତି ଏବଂ ଦର୍ଶନ ଆଦିର ଛାୟାରେ ଗଠିତ। ମାନସିକ ସ୍ତରରେ ଅଭିଜ୍ଞତା ବଳରେ ଯେଉଁ ତଥ୍ୟ ଉଲ୍ଲିଖିତ ହୋଇଛି ତାହା ହିଁ ମାନସିକ ତଥ୍ୟାଗାରରେ ଅଭିଲେଖ ଭାବରେ ରହିଛି ଏବଂ ଏହା ଆମର ସବୁ ମାନସମନ୍ଥନ ଏବଂ ବିବେକାନୁମୋଦିତ କାର୍ଯ୍ୟର ଉତ୍ସ। ମନ ସେହି ଅନୁସାରେ ସୁଖ ଓ ଦୁଃଖର ଅଭିଜ୍ଞତାର ବିବରଣୀ ରଖେ, ଭବିଷ୍ୟତ ପାଇଁ ସଜାଗ ରହେ।

ମନରୁ ଦୁଃଖ ଦୂରୀକରଣ ପାଇଁ କିଛିଟା ମନର ଅଭିଲେଖାଗାରର ଅଭାବ ରହିଛି ବୋଲି ମନେହୁଏ। ଭାରତୀୟ ପରମ୍ପରାରେ 'ଯୋଗ ସାଧନା' ପରି ମାନସିକ ହିତୈଶୀ ପଦ୍ଧତି ରହିଛି। କୁହାଯାଏ, ଶ୍ରୀକୃଷ୍ଣଙ୍କ ମୁଖନିସୃତ 'ଭଗବତ ଗୀତା' ଅବା ବୁଦ୍ଧଙ୍କ ନିର୍ବାଣ ପ୍ରାପ୍ତିର ମାର୍ଗଦର୍ଶିକା ତଥା ଅନେକ ମୁନିଋଷିଙ୍କର ପଥ-ପ୍ରଦର୍ଶିକା ଏହିପରି ମନକୁ ବୋଧ ଦେବାର ଏବଂ ଭବିଷ୍ୟତ ମାର୍ଗ ପ୍ରଦର୍ଶନ କରିବାର ରାସ୍ତା ରହିଛି।

ମଣିଷ ଜୀବନ ଏବଂ ମଣିଷ ପ୍ରକୃତି ସ୍ୱାଭାବିକ ଭାବରେ ଆନନ୍ଦମୟ। ଯଦି ଜୀବନ ଆନନ୍ଦମୟ ହୋଇ ନଥାନ୍ତା, ଏ ସଂସାରରେ ଏତେ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ, ଚାରୁକଳା, ବିଜ୍ଞାନ ଆଦୌ ସୃଷ୍ଟି ହୋଇ ନଥାନ୍ତା। ମଣିଷ ଜୀବନ ମହାକାଳ ଏବଂ ମହାକାଶର ସୌର-ପ୍ଲାବିତ ଭୂପୃଷ୍ଠରେ ଅତି କ୍ଷୁଦ୍ର ଏବଂ ସୀମିତ ହୋଇପାରେ, ମାତ୍ର ସେଇ କ୍ଷୁଦ୍ରତା ଭିତରେ ମଣିଷ ନିଜର ଦୁର୍ବାର ପ୍ରବୃତ୍ତି ବଳରେ ସ୍ୱତନ୍ତ୍ର ପରାକାଷ୍ଠା ଏବଂ ଉତ୍କର୍ଷ ସାଧନ କରିପାରିଛି। ଜୀବନରେ ଦୁଃଖ ଏବଂ ଯନ୍ତ୍ରଣା ଆସିପାରେ, କିନ୍ତୁ ସେହି ଯନ୍ତ୍ରଣା ତାକୁ ଆନନ୍ଦ ଆଡ଼କୁ ଅଗ୍ରଗତି କରିବା ପାଇଁ ପ୍ରେରଣା ଦେଇଥାଏ।

ମନକୁ ଅତିକ୍ରମ (transcend) କରିଥିବା ମନାତୀତ ମହାମନୀଷୀମାନେ ବାରମ୍ବାର ଘୋଷଣା କରିଛନ୍ତି ଯେ ସଂସାରରେ ଦୁଃଖ ବୋଲି କିଛି ନାହିଁ। ତାହା ମନର ଏକ ଆପେକ୍ଷିକ ଅବସ୍ଥା ମାତ୍ର। ମହର୍ଷି ରମଣଙ୍କୁ ଯେତେବେଳେ ଜଣେ ଶିଷ୍ୟ ପଚାରିଲେ, "ସଂସାରରେ ଦୁଃଖ ଓ ଯନ୍ତ୍ରଣା କାହିଁକି ଅଛି ?" ତାର ଉତ୍ତରରେ ମହର୍ଷି ଶିଷ୍ୟଙ୍କୁ ଓଲଟା ପଚାରିଥିଲେ, "କିଏ ଦୁଃଖ ଭୋଗ କରୁଛି ?" କଥିତ ଅଛି ଏହି ଉତ୍ତର ଶୁଣିବା ପରେ ଶିଷ୍ୟ ଜଣକ ଅନୁଭବ କଲେ ଯେ ସେ ମନର ସାଧାରଣ ସ୍ତରରୁ ଉର୍ଦ୍ଧ୍ୱକୁ ଯିବାର ଅନୁଭୂତି ଲାଭ କରିଛନ୍ତି ଏବଂ ତାଙ୍କର ପ୍ରଶ୍ନଟି ସମାହିତ ହୋଇଯାଇଛି।

ଭୌତିକ ସ୍ତରରେ ଘଟୁଥିବା ଘଟଣା ଗୁଡ଼ିକ ଯଥା - ଅଭାବ-ଅସୁବିଧା, ଘଟଣା-ଦୁର୍ଘଟଣା, ରୋଗ-ବୈରାଗ୍ୟ, ବ୍ୟାଧି-ମୃତ୍ୟୁ ଦୁଃଖଦ ଘଟଣା ବୋଲି

ବିବେଚନା କରାଯାଇଥାଏ। କିନ୍ତୁ ମାନସିକ ସ୍ତରରେ ଏହି ଦୁଃଖର ପରିସୀମା ଅସୀମ।

## ଜୀବନ ବାସ୍ତବ ନା ଅଳୀକ ?

ପ୍ରକୃତିର କ୍ରୂର ଦୃଷ୍ଟି ମଣିଷର ପରମାୟୁ ନିର୍ଦ୍ଧାରଣ ଉପରେ ରହିଛି, ଯାହାକି କ୍ୱଚିତ ୧୨୦ ବର୍ଷ ସ୍ପର୍ଶ କରିଥାଏ। ସାଧାରଣରେ ଏହା ଯେ ଆହୁରି କମ୍ ଏବଂ ତାହାର ଅଧା ହିଁ ହେବ। ମାତ୍ର ମଣିଷର ପରିବେଶରେ ସୂର୍ଯ୍ୟ, ଚନ୍ଦ୍ର, ସମୁଦ୍ର, ପାହାଡ଼, ପର୍ବତ, ଜଙ୍ଗଲ, ନଦନଦୀ ଗୁଡ଼ିକର ତୁଳନାରେ ସମୟଚକ୍ରରେ ମଣିଷର ଜୀବନ ଅତି ନଗଣ୍ୟ ହୋଇପାରେ ମାତ୍ର ଅଳୀକ ନୁହେଁ। ସୃଷ୍ଟିର ବିଚିତ୍ରାରେ ସମୟ ଊଣା ଅଧିକ ହୋଇପାରେ, ମାତ୍ର ବାସ୍ତବିକତା ନିମନ୍ତେ ଅମରତ୍ୱର କୌଣସି ମହତ୍ତ୍ୱ ନାହିଁ। ସୃଷ୍ଟି ଏବଂ ସ୍ରଷ୍ଟା ଏକ ବା ଅଭିନ୍ନ ହୋଇଥିବାରୁ ଏହାକୁ ସୃଷ୍ଟିକର୍ତ୍ତାଙ୍କ ଲୀଳାଖେଳା ବୋଲି କୁହାଯାଏ। ଯେଉଁ ଜୀବନର ପରମାୟୁ ଯେତେ କମ୍, ସେ ସେତିକି ଅଧିକ କ୍ରିୟାଶୀଳ ହେବାର ସମସ୍ତ ସମ୍ଭାବନା ଥାଏ ; କାରଣ ଜୀବନର ବିନାଶ ଘଟେନାହିଁ କେବଳ ଜୀବନ ଧାରଣ କରିଥିବା ରୂପର ହିଁ ବିନାଶ ହୁଏ। ରୂପର ବିନାଶ ହେବା ଦ୍ୱାରା ଜୀବନ ସଦାସର୍ବଦା ନୂତନ ରୂପରେ ଆବିର୍ଭାବ ହେବାର ବୈଶିଷ୍ଟ୍ୟ ହିଁ ସୃଷ୍ଟିର ରହସ୍ୟ।

ମଣିଷର ସାଧାରଣ ଚେତନାକୁ ଭାରତୀୟ ଧର୍ମ ଚେତନାରେ 'ମାୟା' ବା ମିଥ୍ୟା ବୋଲି କୁହାଯାଇଛି। କାରଣ ମଣିଷ ଜନ୍ମ ହେବା ମାତ୍ରେ ଏହି ମାୟାମୟ ସଂସାରରେ ପ୍ରବେଶ କରି ତାର ଉତ୍ପତ୍ତିର ଉତ୍ସ ଏବଂ ଉଦ୍ଦେଶ୍ୟ କଥା ଭୁଲିଯାଏ। ଉତ୍ପତ୍ତିର ଉତ୍ସ ତା ହୃଦୟ ଭିତରେ ଲୁକ୍କାୟିତ ଭାବେ ଆତ୍ମା ରୂପରେ ବିରାଜମାନ ହୋଇଥିଲେ ବି ସେ ଇନ୍ଦ୍ରିୟମାନଙ୍କ ଦ୍ୱାରା ପରିଚାଳିତ ହୁଏ। ସବୁ ଇନ୍ଦ୍ରିୟମାନଙ୍କୁ ମନ ହିଁ ପରିଚାଳିତ କରିଥାଏ। ମନ ତାର ଉତ୍ପତ୍ତିର ଉତ୍ସ ପାଖରୁ ଅସଂଲଗ୍ନ ହୋଇଗଲେ ତାକୁ ଅଚେତନ ମନ ବୋଲି କୁହାଯାଏ। ଅଚେତନ ମନ ସଂସାରରେ ଏବଂ ପରିପାର୍ଶ୍ୱରେ ଥିବା ସକଳ ପାର୍ଥିବ ପଦାର୍ଥ ସହିତ ନିଜକୁ ଯୋଡ଼ି କହେ – 'ମୋ' ଘର', ''ମୋ' ସମ୍ପର୍କୀୟ', 'ମୋ' ଗାଡି', 'ମୋ' ଚାକିରି', 'ମୋ' ଜମି', 'ମୋର ଅର୍ଥ' ଇତ୍ୟାଦି ଇତ୍ୟାଦି। ଏହା ସ୍ୱାଭାବିକ। କାରଣ ପ୍ରକୃତରେ ସେଗୁଡ଼ିକ ତାର ଆସବାବପତ୍ର, ଅଥଚ ସେଗୁଡ଼ିକ ସିଏ ନିଜେ ନୁହେଁ। ସେଗୁଡିକ ସହିତ ନିଜକୁ ଏକାକାର ଭାବେ ଯୋଡ଼ି ହୋଇ ରହିଥିବାରୁ କୌଣସି ଅଘଟଣ ଘଟିଲେ ନିଜର ଦୁଃଖ ଭାବରେ ମନେକରିବା ସ୍ୱାଭାବିକ। ଯଦି ସେଗୁଡ଼ିକୁ ନିଜର ନଭାବି କେବଳ ଜୀବନର ଆସବାବପତ୍ର ବୋଲି ଅନୁଭବ କରେ, ତେବେ ନିଜକୁ ଦୁଃଖ ଯନ୍ତ୍ରଣାରୁ ମୁକ୍ତ କରିପାରନ୍ତା।

ତେବେ ସୃଷ୍ଟିକର୍ତ୍ତାଙ୍କର ମଣିଷକୁ ଦୁଃଖୀ ଭାବରେ ସୃଷ୍ଟି କରିବାର କୌଣସି ଅଭିପ୍ରାୟ ପ୍ରତୀୟମାନ ହୁଏନି। ଏଥିସହିତ ପୁରାଣରେ ବର୍ଣ୍ଣିତ ଅଛି – ଭଗବାନ ଶିବ ମଣିଷର ଦୁଃଖ ଯନ୍ତ୍ରଣା ଦେଖି ଅଭିଭୂତ ହୋଇପଡ଼ିଲେ ଏବଂ ମଣିଷର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଯାଇ ପଚାରନ୍ତେ ବ୍ରହ୍ମା ଉତ୍ତର ଦେଇଥିଲେ, "ମୁଁ ମଣିଷର ମନ ସୃଷ୍ଟି କରିଛି; ମନର କୌଣସି ସୁଖ, ଦୁଃଖ ପରି ଗୁଣ ସୃଷ୍ଟି କରିନାହିଁ।"

ବ୍ରହ୍ମାଙ୍କ ଉକ୍ତିରୁ ପ୍ରତୀୟମାନ ହେଉଛି ମନ ଏକ ନିର୍ଗୁଣ ସ୍ୱଚ୍ଛ ଉପାଦାନ (କମ୍ପ୍ୟୁଟର ବ୍ଲାଙ୍କ୍ ଚିପ୍ ପରି); ଏଥିରେ ସୁଖ ଓ ଦୁଃଖ ଗୁଣଗୁଡ଼ିକର ସୃଷ୍ଟିକର୍ତ୍ତା ନିଜେ ସେଇ ମଣିଷ।

ମଣିଷ ଜୀବନ ଯେତେ କଠୋର ଏବଂ ଜଟିଳ ହେଲେ ମଧ୍ୟ ତାହା ବାସ୍ତବ ଏବଂ ଆନନ୍ଦମୟ, କେବଳ ଜୀବନର ସୂତ୍ରକୁ ଭେଦ କରି ଆୟତ୍ତ କରିପାରିଲେ ତାହା ସମ୍ଭବ। ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ଜୀବନର ସମସ୍ତ ରହସ୍ୟଗଡ଼ିକୁ ଭେଦ କରିବାର ଉପାୟ ବତାଇଛନ୍ତି। ତାହାର ପଠନ ଏବଂ ପ୍ରୟୋଗ ଜୀବନର ବାସ୍ତବତାକୁ ପରିସ୍ଫୁଟ କରିବ। ଜୀବନ ବାସ୍ତବ, ଆନନ୍ଦମୟ ଏବଂ ଅମୃତମୟ ହୋଇ ଉଠିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଓଡିଆ ଭାଗବତରେ ଜୀବନର ରହସ୍ୟ ନିତାନ୍ତ ସରଳ ଭାବରେ ବ୍ୟାଖ୍ୟା କରାଯାଇ ଶେଷରେ ମଣିଷର ସମ୍ଭାବନାକୁ ଦେଖି କୁହାଯାଇଛି,

"ମଣିଷ ଦେହେ ଦିବ୍ୟଜ୍ଞାନ।
ଦେଖି ସନ୍ତୋଷ ଭଗବାନ।।"

ପାହାଳ, ଭୁବନେଶ୍ୱର
ମୋ-୯୪୩୭୦୧୦୧୨୩



# ଆସ ବାସ୍ତବ ଜୀବନ ଜିଇଁବା

*ରୁଦ୍ର ପ୍ରସନ୍ନ ସାହୁ*

ଅନେକ ଜନ୍ମ ତପ ଫଳେ । ମାନବ ଜନ୍ମ ମହୀତଳେ ।।
ଦୁର୍ଲଭ ମନୁଷ୍ୟ ଜନମ । ପାଇ କିମ୍ପାଇ ହେଉ ଭ୍ରମ ।।
ସର୍ବ ଶରୀର ମଧ୍ୟେ ସାର । ଦୁର୍ଲଭ ନର କଳେବର ।।
ଦୁର୍ଲଭ ମନୁଷ୍ୟ ଶରୀର । ନରକ ନିସ୍ତାରଣ ଦ୍ୱାର ।।

ଅନେକ ଜନ୍ମର ତପସ୍ୟାର ଫଳସ୍ୱରୂପ ମଣିଷ ଜନ୍ମ ହୁଏ ଏ ଜଗତରେ । ଏ ଜନ୍ମ ଦୁର୍ଲଭ । "ଜାତସ୍ୟହି ଧ୍ରୁବ ମୃତ୍ୟୁ" ଜାଣି ମଧ୍ୟ ମଣିଷ ପକ୍ଷରେ ଜୀବନ ଭଳି ଏତେ ପ୍ରିୟ ଏବଂ ସତ୍ୟ ଆଉ କୌଣସି ବିଷୟ ନାହିଁ । ତା ପାଇଁ ଜୀବନ ହିଁ ସତ୍ୟ ଅତୀବ ପ୍ରିୟ । ଜୀବନରେ ଦୁଃଖ, ଯନ୍ତ୍ରଣା, ଅଭାବ, ଅନଟନ, ମୃତ୍ୟୁ ସବୁ ଅଛି, ତଥାପି ଜୀବନ ବର୍ଜ୍ୟ ଉପାଦାନ ନୁହେଁ । ଏହା ଅତୀବ ଆପଣାର । ଜୀବନ ନୈରାଶ୍ୟମୟ ମରୁଭୂମି ନୁହେଁ ବା ଅନିତ୍ୟ କ୍ଷଣଭଙ୍ଗୁର ସ୍ୱପ୍ନ ନୁହେଁ । ଜୀବନ ମଧ୍ୟ ଶାନ୍ତ, ସୁନ୍ଦର ଶୋଭାମୟ ନୁହେଁ । ଶଙ୍କରାଚାର୍ଯ୍ୟ ଜୀବନର ଅନିତ୍ୟତାକୁ ଦେଖାଇବାକୁ ଯାଇ ଲେଖିଛନ୍ତି- 'ନଳିନୀ ଦଳବତ୍ ଜଳମତି ତରଳମ୍ ତଦମତି ଜୀବନମତିଶୟ ଚପଳମ୍' । ଜୀବନର ଏହି ନୈରାଶ୍ୟ ବିରୋଧରେ ଜୀବନ ହିଁ ସତ୍ୟ ଓ ଜୀବନ ହିଁ ପ୍ରିୟ, ଯଥାର୍ଥ, ପ୍ରକୃତ ସତ୍ତାଯୁକ୍ତ ଏବଂ କାଳ୍ପନିକ ନୁହେଁ, ଏକ ନମ୍ର ପ୍ରତିବାଦ ।

ଈଶ୍ୱରଙ୍କର ସୃଷ୍ଟିର ସର୍ବଶ୍ରେଷ୍ଠ ମଣିଷ ମରଣଶୀଳ, କେତେବେଳେ କାହାର ମୃତ୍ୟୁ ସମୟ ଉପସ୍ଥିତ ହେବ କାହାକୁ ଜଣାନାହିଁ । ବଡ଼ ରହସ୍ୟମୟ ଏ ଜନ୍ମମୃତ୍ୟୁର ଖେଳ । ଅତି କ୍ଷିପ୍ରଗତିରେ ପ୍ରବହମାନ ଜୀବନ ସ୍ରୋତର ପ୍ରତି ପଦକ୍ଷେପରେ ଅଛି ମରଣର ଭୟ । ଏ ସବୁ ସତ୍ତ୍ୱେ ଜୀବନ ହେଉଛି ସତ୍ୟ, ବାସ୍ତବ । ଜୀବନ ଆନନ୍ଦଦାୟକ ବା ଦୁଃଖଦାୟକ ହୋଇପାରେ, ମାତ୍ର ପ୍ରତି ମୁହୂର୍ତ୍ତରେ ଆମେ ଜୀବନର ବାସ୍ତବତାକୁ ଅନୁଭବ କରୁଛୁ । କେବଳ ଦୁଃଖ ଯନ୍ତ୍ରଣାକୁ ଦେଖିଲେ ଜୀବନର ବାସ୍ତବତାକୁ ଅନୁଭବ କରିହେବ ନାହିଁ । ଯେଉଁମାନେ ଅଳୀକ ଦୁଃଖ, ଶୋକ, ଯନ୍ତ୍ରଣାକୁ ଉପେକ୍ଷା କରିଥାନ୍ତି ସେହିମାନେ ହିଁ ଜୀବନର ସତ୍ୟକୁ ଉପଲବ୍ଧି କରନ୍ତି । ବିଶ୍ୱଗୁରୁ ରବୀନ୍ଦ୍ରନାଥ ତେଣୁ ଲେଖିଛନ୍ତି- 'ଦୁଃଖ ଯାଦେର୍ ଜୀବନ ଗାଥା ଆବାର ତାଦେର୍ ଦୁଃଖ କିରେ' । ଏଣୁ ସେ ଜୀବନକୁ ଉପଭୋଗ କରିବାକୁ ଆଶାପୋଷଣ କରିଛନ୍ତି- 'ମରିତେ ଚାଇନା ଆମି ସୁନ୍ଦର ଭୁବନେତେ, ମାନବେର ମାଝେ ଆମି ବଞ୍ଚିବାର ଚାଇ' । ଜୀବନ ସତ୍ୟ, ଶିବ, ସୁନ୍ଦର ଅତୀବ ପ୍ରିୟ ।

ତେବେ ଜୀବନ ବାସ୍ତବ ନା ଅଳୀକ ଏହାର କୌଣସି ନର୍ଦ୍ଦିଷ୍ଟ ନିଶ୍ଚିତ ସ୍ଥିରିକୃତ ସଂଜ୍ଞା, ଲକ୍ଷଣ ବା ବୈଶିଷ୍ଟ୍ୟ ନିର୍ଦ୍ଧାରିତ ହୋଇନାହିଁ । ଯଦିଓ ଅନେକ ସାଧୁ, ସନ୍ଥ, ମହାତ୍ମା, ବିଜ୍ଞ ବ୍ୟକ୍ତିଙ୍କ ମତ ଓ ଧାରଣାର ପ୍ରାଚୁର୍ଯ୍ୟରେ ପରିପୁଷ୍ଟ । ବାସ୍ତବ ଜୀବନ ବା ସାର୍ଥକ ଜୀବନ କାହାକୁ ଆମେ କହିବା ? ବାସ୍ତବ ଜୀବନ ପାଇଁ ଆବଶ୍ୟକତା କ'ଣ ? କେଉଁ ଆଧାରରେ ଆମେ ଜୀବନ ବାସ୍ତବ ନା ଅଳୀକ ବୋଲି ସ୍ଥିର କରିବା ? ମଣିଷ ଜନ୍ମର ଅଭିପ୍ରାୟ କ'ଣ ଲକ୍ଷ୍ୟ କ'ଣ ? ଜୀବନ ଅନିତ୍ୟ, ଶରୀର ଅନିତ୍ୟ, ଜନ୍ମ ମାତ୍ରକେ ମୃତ୍ୟୁ ଅଛି । ତେବେ ସ୍ୱଳ୍ପକାଳ ନିମନ୍ତେ ଅସ୍ଥାୟୀ ମଣିଷ ଜନ୍ମର ପ୍ରୟୋଜନୀୟତା କ'ଣ ?

ବାସ୍ତବ ଜୀବନ ଜିଇଁଥିବା, ବୈଶିଷ୍ଟ୍ୟଯୁକ୍ତ ଉଦାହରଣର ଅଳ୍ପ କେତେ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସର୍ବାଗ୍ରେ ଆସନ୍ତି ମିସାଇଲ୍ ମ୍ୟାନ୍ ଅଫ୍ ଇଣ୍ଡିଆ, ପିପୁଲସ୍ ପ୍ରେସିଡେଣ୍ଟ (୨୦୦୨-୨୦୦୭) ଶ୍ରେଷ୍ଠ ପରମାଣୁ ବୈଜ୍ଞାନିକ, ଭାରତରତ୍ନ A. P. J. Abdul Kalam । ଭାରତୀୟ ବାୟୁସେନା ବାହିନୀ (IAF)ରେ ବିମାନ ଚାଳକ ହେବାପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲା । ଆଠଟି ପଦବୀ ଖାଲିଥିବା ବେଳକୁ ଯୋଗ୍ୟତା ତାଲିକାରେ ନବମ ସ୍ଥାନରେ ରହିଲେ ଏବଂ ଯୁଦ୍ଧ ବିମାନ ଉଡ଼ାଇବା ସ୍ୱପ୍ନ ଅଧୁରା ରହିଗଲା । ଡେରାଡୁନ୍‌ରେ ଅକୃତକାର୍ଯ୍ୟ ହୋଇ ବିଷଣ୍ଣ ହୋଇ ଋଷିକେଶ ଆସନ୍ତି ଏବଂ ଦିବ୍ୟ ଜୀବନ ସଂଘର ସ୍ୱାମୀ ଶିବାନନ୍ଦଙ୍କୁ ଭେଟନ୍ତି । ଏହା ଅତି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥିତ ମିଳନ ଭାବେ ବିସ୍ତୃତ ବର୍ଣ୍ଣନା କରିଛନ୍ତି କଲାମ ତାଙ୍କର ପ୍ରସିଦ୍ଧ ଆତ୍ମଜୀବନୀ ପୁସ୍ତକ "Wings of Fire" (ପୃଷ୍ଠା-୧୯) । ତାଙ୍କ ଭାଷାରେ ପୁସ୍ତକରୁ ଉଦ୍ଧୃତ କିୟତ୍ ଅଂଶ ଏପରି:-

"I met Swami Sivananda - a man who looked like a Buddha (wearing a snow white dhoti and wooden slipper). He had and Olive Complexion and black, piercing eyes. I was struck by his irresistible, almost child like smile and gracious manner. I introduced myself to Swamiji. My Muslim name aroused no reaction in him. Before I could speak any further, he inquired about the source of my sorrow. He offered no explanation

of how he knew that I was sad and I did not ask."

"I told him about my unsuccessful attempt to join the Indian Air Force and my long cheristed desire to fly. He smiled, washing away all my anxiety almost instantly. Then he said in a feeble, but very deep voice- 'Desire, when it stems from the heart and spirit, when it is pure and intense, possesses awesome electromagnetic energy. This energy is released into the ether each night, on the mind falls into the sleep stall. Each morning it returns to the consicious statereinforced with cosmic currents. That which has been imaged will surely and certainly be manifested. You can rely, young man, upon this ageless promise on surely on you can rely upon the enternally unbrokes promise of sunrise. ...... and of spring".

When the student is ready, the teacher will appear - How true ! Here was the teacher to show the way to a student who had nearly gone astray ! " Accept your destiny and go ahead with your life. You are not destined to become an Air Force Pilot. What you are destined to become is not revealed now but it is predetermined. Forget this failures, as it was essential to lead you to yours destined path. Search instead, for the true purpose of your existence. Become one with yourself, 'My son ! Surrender yourself to the wish of God', Swamiji said.
Sivananda gave Kalam the mantra of his life - 'Defeat the defeatist tendenciy'. Kalam would offen call Swami Sivananda the 'Guru of my life'. All his life, he lived the message of Swami Sivananda, which was, 'Be good, do good, serve, love, meditate and realize.

"ଯୁଦ୍ଧ ବିମାନ ଚାଳକ ପରୀକ୍ଷାରେ ଅସଫଳ ହୋଇ ନୈରାଶ୍ୟ ଓ ଅବସାଦଗ୍ରସ୍ତ ଅବସ୍ଥାରେ କଲାମଙ୍କୁ ସେ ମୁହୂର୍ତ୍ତରେ ଜୀବନ ଅବାସ୍ତବ, ଅଳୀକ ଏବଂ ଅଯଥାର୍ଥ ପ୍ରତୀୟମାନ ହୋଇ ନଥିବ କି ? କିନ୍ତୁ ସ୍ୱାମୀଜୀଙ୍କ ସଂସ୍ପର୍ଶରେ ଆସି ତାଙ୍କର ପ୍ରଦତ୍ତ ଗୁରୁମନ୍ତ୍ରକୁ ଆନ୍ତରିକତା ସହ ଚାରଣ କରି କଠୋର ଅଧ୍ୟବସାୟ, ସରଳତା, ସଚ୍ଚୋଟତା, ବିନମ୍ରତା, ଅବିରତ ଚେଷ୍ଟା ଦୂରଦୃଷ୍ଟି ଓ ମାନବିକତା ବଳରେ ଯେଉଁ ଶିଖରରେ ପହଞ୍ଚିଛନ୍ତି, ତାହା କ'ଣ ପ୍ରମାଣ କରୁନାହିଁ ଜୀବନ କେତେ ବାସ୍ତବ ଯଥାର୍ଥ ? ସାଧୁ, ସନ୍ଥ, ମହାତ୍ମାଙ୍କ ଆଶୀର୍ବାଦ ଏବଂ ବ୍ୟକ୍ତିର ପୁରୁଷକାର ହିଁ ମଣିଷ ଜୀବନର ବାସ୍ତବତା ପ୍ରମାଣ କରିଥାଏ ।

ଠାକୁର ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କୁ କିଏ ବା ନ ଜାଣେ ? ନରେନ୍ଦ୍ରନାଥ ସ୍ୱାମୀ ବିବେକାନନ୍ଦ ହେବାରେ ଗୁରୁକୃପା ହିଁ ମୂଳଉତ୍ସ । ସ୍ୱାମୀଜୀଙ୍କ ମତରେ ନିଜ ଉପରେ ବିଶ୍ୱାସ ସ୍ଥାପନ କର ଏବଂ ଯଦି ସାଂସାରିକ ଧନ ସଂପଦର ଆକାଙ୍କ୍ଷା ଥାଏ, ତେବେ ଅଦ୍ୱୈତବାଦକୁ କାର୍ଯ୍ୟରେ ପରିଣତ କର, ଟଙ୍କା ତୁମ ନିକଟକୁ ଆସିବ, ଯଦି ବିଦ୍ୱାନ ଓ ବୁଦ୍ଧିମାନ ହେବାକୁ ଇଚ୍ଛା କର ତେବେ ଅଦ୍ୱୈତବାଦକୁ ସେହି ଦିଗରେ ପ୍ରୟୋଗ କର, ତୁମେ ମହାମନୀଷୀ ହେବ । ପୁଣି ଯଦି ତୁମେ ମୁକ୍ତିଲାଭ କରିବାକୁ ଚାହିଁ, ତେବେ ଆଧ୍ୟାତ୍ମିକ ଭୂମିରେ ଏହି ଅଦ୍ୱୈତବାଦକୁ ପ୍ରୟୋଗ କରିବାକୁ ହେବ – ତାହାହେଲେ ତୁମେ ଈଶ୍ୱର ହୋଇଯିବ, ପରମାନନ୍ଦ ସ୍ୱରୂପ ନିର୍ବାଣ ଲାଭ କରିବ । ଅସୀମ ସାହାସ, ଅକପଟ ବିଶ୍ୱାସ, ସତ୍ ଅଭିପ୍ରାୟ, ପବିତ୍ରତା ଓ ନିଃସ୍ୱାର୍ଥପରତା ହିଁ ମଣିଷ ଜୀବନକୁ ବାସ୍ତବ ଯଥାର୍ଥ କରିପାରେ । ବେଦାନ୍ତର ବିଶ୍ୱପ୍ରସିଦ୍ଧ ଆଧ୍ୟାତ୍ମିକ ଧର୍ମଗୁରୁ ସନାତନ ଧର୍ମକୁ ବିଶ୍ୱ ଦରବାରରେ ପରିଚିତ କରିବାରେ ତାଙ୍କର ଦାନ ଅତୁଳନୀୟ । ମାତ୍ର ୩୯ ବର୍ଷର ଜୀବନ କାଳ ମଧ୍ୟରେ ସେ ବିଶ୍ୱବରେଣ୍ୟ ଯୁଗାଚାର୍ଯ୍ୟ ସ୍ୱାମୀ ବିବେକାନନ୍ଦ ହୋଇ ପାରିଥିଲେ । ଠାକୁର ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ସେ ଈଶ୍ୱର ଦର୍ଶନ କରିଥିଲେ, ବ୍ରହ୍ମଜ୍ଞାନରେ ପ୍ରତିଷ୍ଠିତ ହୋଇଥିଲେ ଏବଂ ଶିବଜ୍ଞାନରେ ଜୀବସେବା ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ । ସ୍ୱାମୀଜୀଙ୍କ ଦ୍ୱାରା ମହାତ୍ମା ଗାନ୍ଧୀ, ସୁଭାଷଚନ୍ଦ୍ର ବୋଷ, ଜବହାରଲାଲ ନେହରୁ, ରାଜଗୋପାଳଚାରୀ, ବାଲ ଗଙ୍ଗାଧର ତିଲକ, ରବୀନ୍ଦ୍ରନାଥ ଟାଗୋର ବିଶେଷଭାବେ ପ୍ରଭାବିତ ହୋଇଥିଲେ । କେବଳ ଭାରତ ନୁହେଁ ଭାରତ ବାହାରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି, ଯେପରି ନୋବେଲ ପୁରସ୍କାର ପ୍ରାପ୍ତ ରୋମାଁ ରୋଲା, ଦାର୍ଶନିକ ମାକ୍ସ ମୁଲ୍ଲାର, ବୈଜ୍ଞାନିକ ଟେସଲା ସ୍ୱାମୀଜୀଙ୍କ ବ୍ୟକ୍ତିତ୍ୱ ଓ ବାଣୀଦ୍ୱାରା ପ୍ରଭାବିତ । ଗୁରୁକୃପା ଓ ସ୍ୱୀୟ ଦିବ୍ୟ ଗଭୀର, ଉତ୍କୃଷ୍ଟ କର୍ମଯୋଗ ବ୍ରତରୁ ମଣିଷ ଜୀବନ ବାସ୍ତବ ବା ଯଥାର୍ଥ ହୋଇନାହିଁ କି ?

ଜଡ଼ବାଦୀ ବା ବିଷୟାସକ୍ତ ବ୍ୟକ୍ତିବିଶେଷ ଜୀବନର ବାସ୍ତବତାକୁ ମାପ କରିଥାନ୍ତି ବସ୍ତୁତାନ୍ତ୍ରିକ ଜୀବନର ସଫଳତାକୁ ନେଇ । ଆକାଂକ୍ଷିତ ବସ୍ତୁ ନ ପାଇବାରେ ସଫଳତାରେ ନ ପହଞ୍ଚିବାରେ ଜୀବନ ଅଳୀକ, ଅସାର, ବ୍ୟର୍ଥ ବୋଧହୁଏ । ଇପ୍‌ସିତ ବସ୍ତୁ ନ ପାଇବାରେ ଅସଫଳତା ଗ୍ଳାନିରେ ଅନେକେ ଆତ୍ମହତ୍ୟା କରିବାର ଦୃଷ୍ଟାନ୍ତ ରହିଛି । ଖ୍ରୀଷ୍ଟଧର୍ମ, ଇସ୍‌ଲାମ ଧର୍ମ, ଇହୁଦୀ, ହିନ୍ଦୁଧର୍ମ, ଜୈନଧର୍ମରେ "ଆତ୍ମହତ୍ୟା ମହାପାପ", ଧାର୍ମିକ ଓ ନୈତିକ ନିୟମର ଲଂଘନ, ଈଶ୍ୱର ବିରୋଧୀ କାର୍ଯ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ବାରମ୍ବାର ଅସଫଳ ହୋଇ ମଧ୍ୟ ଆବ୍ରାହାମ ଲିଙ୍କନ୍, ଆର୍ଲବଟ ଆଇନ୍‌ଷ୍ଟାଇନ୍, ଚାର୍ଲି ଚାପଲିନ, ଥୋମାସ୍ ଏଡିସନ୍, ଚର୍ଚ୍ଚିଲ, ଷ୍ଟିଭ ଜବ୍ସ, ବିଲ୍ ଗେଟ୍‌ସ୍, ଚାର୍ଲସ ଡରଉ୍ୱିନ୍, ଓ୍ୱାଲ୍ଟ ଡିସ୍‌ନୀ ଅସଫଳତାକୁ ଜୀବନରେ ଆବଶ୍ୟକ, ଅବଶ୍ୟମ୍ଭାବୀ, ଅନିବାର୍ଯ୍ୟ ଆବଶ୍ୟକତା ବା ଅପରିହାର୍ଯ୍ୟ ବୋଲି ଗ୍ରହଣ କରି ସର୍ବାଧିକ ସଫଳତା ଓ ପ୍ରସିଦ୍ଧି ଲାଭ କରପାରିଛନ୍ତି । ଏମାନଙ୍କ ଜୀବନ କାର୍ଯ୍ୟକଳାପକୁ ଲକ୍ଷ୍ୟକଲେ ଆମେ ଏ ସିଦ୍ଧାନ୍ତରେ ପହଞ୍ଚିବା ଯେ "Most successful and famous people in the world have endured most failures in their life. They did not call it quits or head for the ropes." ବାରମ୍ବାର ଅସଫଳ ହୋଇ ମଧ୍ୟ ସେମାନେ ଜୀବନ ଯୁଦ୍ଧରେ

ହାରିନାହାନ୍ତି କି ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇନାହାନ୍ତି । ଅସଫଳତାର କାରଣ ଖୋଜି ହତୋତ୍ସାହିତ ନହୋଇ ଲକ୍ଷ୍ୟ ହାସଲ ପାଇଁ, ସଫଳତାର ଶିଖରରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ, ନିଷ୍ଠା, ଅଧ୍ୟବସାୟ ବଳରେ ପୃଥିବୀରେ ସେମାନଙ୍କ ମଣିଷ ଜନ୍ମର ବାସ୍ତବତା ପ୍ରମାଣ କରିଛନ୍ତି ଜୀବନ ଅଳୀକ, ବ୍ୟର୍ଥ, ଅସାର ଏହାକୁ ଭଲ ବୋଲି ପ୍ରମାଣିତ କରିଛନ୍ତି । ସେମାନେ ହୁଏତ ଭଗବଦ୍ ଗୀତାର କର୍ମଯୋଗ ପଢ଼ି ନଥାଇ ପାରନ୍ତି; କିନ୍ତୁ ଭାରତୀୟ ଦର୍ଶନର କର୍ମବାଦକୁ ଜୀବନରେ ପ୍ରତି ମୁହୂର୍ତ୍ତରେ ଅନୁପାଳନ କରିଛନ୍ତି । ଆମ ଦେଶରେ ମଧ୍ୟ ମହାତ୍ମା ଗାନ୍ଧୀ, ଅମିତାଭ ବଚ୍ଚନ, ଧୀରୁଭାଇ ଅମ୍ବାନୀ, ରତନ ଟାଟା, ମନସୁର ଅଲ୍ଲି ଖାଁ ପଟୌଡ଼ି, କଠୋର ପରିଶ୍ରମ, ନିଷ୍ଠା, ଅଧ୍ୟବସାୟ ବଳରେ ଜୀବନକୁ ବାସ୍ତବ ଜୀବନରେ ପରିଣତ କରିପାରିଛନ୍ତି । କେତେ ଦୀର୍ଘ ସମୟ ବଞ୍ଚିଲ, କେତେ ପ୍ରାଚୁର୍ଯ୍ୟ, ଧନ, ଯଶ ପ୍ରାପ୍ତହେଲା, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ସେବାର ମୂର୍ତ୍ତିମନ୍ତ ପୂଜାରୀ, ନୀତି, ଆଦର୍ଶ, ଧର୍ମ, ନିର୍ମଳତା, ମାନବିକତା, ସହିଷ୍ଣୁତା, ଉଦାରତା, ଜାତି ଓ ଦେଶପ୍ରୀତିରେ ଉଦ୍‌ବୁଦ୍ଧ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଜୀବନ ଦର୍ଶନ ହେଉଛି–

"ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ-ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତା'ର, ଜୀବନର ମାନଦଣ୍ଡ"

ମାନବସେବା ହିଁ ମାଧବ ସେବା, ଦେଶ ଓ ଜାତିର ସେବା ତାଙ୍କ ଜୀବନର ଦେବପୂଜା ଏ ସଂକଳ୍ପରେ ତାଙ୍କର ଜୀବନର ବାସ୍ତବତାକୁ ପ୍ରକାଶ କରିଛନ୍ତି । ଜୀବନର ମୂଲ୍ୟ - କର୍ମ ଦ୍ୱାରା ହିଁ ନିହିତ । ନାନା ପ୍ରତିକୂଳ ପରିସ୍ଥିତିରେ ଥାଇ ମଧ୍ୟ ଜୀବନର ଲକ୍ଷ୍ୟପଥରୁ, ନିଜର ସଂକଳ୍ପରୁ ଓହରି ଯାଇନାହାନ୍ତି । ବରଂ ମଣିଷ ଜନ୍ମର ବାସ୍ତବତା, ଯଥାର୍ଥତାକୁ ପ୍ରକାଶ କରି କାଳକାଳକୁ ଅମର, ମୃତ୍ୟୁଞ୍ଜୟୀ ହୋଇପାରିଛନ୍ତି ।

ଅସଫଳ ହୋଇ ଆତ୍ମହତ୍ୟା ପରି ମହାପାପ କରୁଥିବା ବ୍ୟକ୍ତି ଶାସ୍ତ୍ର ମତାନୁସାରେ କେବେବି ମଣିଷ ଜନ୍ମ ପାଏନାହିଁ । ମଣିଷ ଜନ୍ମର ଜୀବନର ମୂଲ୍ୟ ଉଦ୍ଦେଶ୍ୟ ବୁଝିନପାରି ସେ ଆତ୍ମହତ୍ୟା କରିଥାଏ । ମନ ଭିତରେ ଆତ୍ମହତ୍ୟା ପ୍ରସଙ୍ଗ ଆଣିବା ହିଁ ପାପ । ନରେନ୍ଦ୍ର ସାହୁଙ୍କ "ଜୀବନର ଗୀତ"ରୁ ଉଦ୍ଧୃତ–

"ମାନବ ଜୀବନ ନୁହଁଇଁ ସୁଲଭ
ଯାହା ତୁମେ ଭାବୁଅଛ,
ଚୌରାଅଶୀ ଲକ୍ଷ ଯୋନି ପରେ ଲାଭ
ନ ମଣ ଜୀବନ ତୁଚ୍ଛ ।"

ପୁନଶ୍ଚ ପରମାୟୁ ସ୍ୱଳ୍ପ ହେଲେ ମଧ୍ୟ ମଣିଷ ଜୀବନର ବାସ୍ତବତାକୁ ପ୍ରମାଣ କରିବାକୁ ନିରନ୍ତର ପ୍ରୟାସ ଈଶ୍ୱରଙ୍କୁ ଅକପଟ ନିଷ୍କାମ ଭକ୍ତି ହିଁ ଲୋଡ଼ା । Ben Johnson ଙ୍କ କବିତା The Noble Natureରୁ ପଦେ ଏହାର ପ୍ରମାଣ ।

In small proportions we just beauties see;
And in short measures life may perfect be.

ପ୍ରକାଣ୍ଡକାୟ, ବଳିଷ୍ଠ, ଦୀର୍ଘଜୀବୀ ଓକ୍ ବୃକ୍ଷସହ କ୍ଷୁଦ୍ର କିଛିକ୍ଷଣ ପାଇଁ ଜିଇଁଥିବା କଇଁ ଫୁଲକୁ ସେ ଦୀର୍ଘ ନିରର୍ଥକ (ଅର୍ଥହୀନ) ଜୀବନ ଜିଇଁଥିବା ମଣିଷ ସହ ସ୍ୱଳ୍ପ ଜିଇଁଥିବା ବ୍ୟକ୍ତି ଯେ ନିଜର ଗୁଣ ଓ କାର୍ଯ୍ୟ ଦ୍ୱାରା ଅନ୍ୟକୁ ସୁଖ, ଶାନ୍ତି, ଆନନ୍ଦ ପ୍ରଦାନ କରିଥାଏ ।

ଦୀର୍ଘ ଜୀବନ ଜରୁରୀ ନୁହେଁ, ଅପଣାର କାର୍ଯ୍ୟ ଦ୍ୱାରା ହିଁ ଜଣେ ମହାନ ହୋଇଥାଏ ଏବଂ ଜନ୍ମର ବାସ୍ତବତା, ଯଥାର୍ଥତା ପ୍ରକାଶ କରିଥାଏ । ଆମେ ଯେ କେବଳ ନିଜର କର୍ମ ଦ୍ୱାରା, ନିଷ୍ଠା, କଠୋର ଅଧ୍ୟବସାୟ ଆଦି ଦ୍ୱାରା ପରିଚାଳିତ ତା'ନୁହେଁ । ଏଥିପାଇଁ ଲୋଡ଼ା ସର୍ବଶକ୍ତିମାନ, କରୁଣାମୟ ଈଶ୍ୱରଙ୍କର ଆଶୀର୍ବାଦ । ଏଠାରେ ଗୋଟିଏ କ୍ଷୁଦ୍ରଗଳ୍ପର ଅବତାରଣା କରାଯାଇପାରେ । ଈଶ୍ୱର ସାଧୁ ବେଶରେ ଚାଲି ଚାଲି ଯାଉଥିବା ସମୟରେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ସାଧୁଙ୍କ ସହଯାତ୍ରୀ ପାଇଁ ବ୍ୟକ୍ତି ଜଣକ ଅନୁରୋଧ କରନ୍ତି । ସାଧୁଙ୍କ ଶତବାରଣ ସତ୍ତ୍ୱେ (କାରଣ ସାଧୁ ଜାଣନ୍ତି ଯେ ସେ ଯେଉଁ କାର୍ଯ୍ୟ କରିବେ ଏ ସାଧାରଣ ମଣିଷ ତାକୁ ପ୍ରତିରୋଧ କରିବ, ବିରୋଧ କରିବ, ବାଧା ଦେବ) । ସେ ଅନୁନୟ ବିନୟ କରି ସଫଳ ହୁଅନ୍ତି । ସାଧୁଙ୍କର ଗୋଟିଏ ନିର୍ଦ୍ଦେଶ - ମୁଁ ଯାହା ଯେତେବେଳେ କରିବି, ତୁମ୍ଭେ ନିରବ ରହିବ, ପ୍ରତିବାଦ ବା ବିରୋଧ କରିବ ନାହିଁ । ଯେଉଁ ମୁହୂର୍ତ୍ତରେ ବିରୋଧ ବା ପ୍ରତିବାଦର ସ୍ୱର ଉଠେ, ମୁଁ ମୋ ରାସ୍ତାରେ ତୁମେ ତୁମ ରାସ୍ତାରେ ଯିବ । ଏହି ସର୍ତ୍ତ ପ୍ରକାରେ ବାଟ ଚାଲୁଚାଲୁ ସାଧୁ ତୃଷାର୍ତ୍ତ ହୋଇ ଜଳପାନ ପାଇଁ ପ୍ରବଳ ଇଚ୍ଛା ପ୍ରକାଶ କରନ୍ତି । ଉଦୁଉଦିଆ ଖରାବେଳ । କେଉଁଠି ବି ଟୋପାଏ ଜଳ ନାହିଁ । କୂଆ, କୋଇଲିଙ୍କ ଶବ୍ଦ ନାହିଁ । ରାସ୍ତାଘାଟ ଖାଁ ଖାଁ, ଜନମାନବ ଶୂନ୍ୟ । ଏପରି ଆକୁଳତାରେ ଜଣେ ସ୍ୱାସ୍ଥ୍ୟବାନ, ସୌମ୍ୟ ଯୁବକଙ୍କ ଆବିର୍ଭାବ ହୁଏ ଏବଂ ସାଧୁ ଯୁବକଙ୍କୁ ତୃଷା ମେଣ୍ଟାଇବା ପାଇଁ ପାଣି ପାଇଁ କହନ୍ତି । ଯୁବକ ନିକଟସ୍ଥ ଗାଁକୁ ଯାଇ ପାଣି ଆଣି ଦିଅନ୍ତି ଏବଂ ସାଧୁ ଯୁବକଙ୍କୁ ଜୀବନ ବଞ୍ଚାଇଥିବା ଅମୃତ ତୁଲ୍ୟ ଜଳ ପାଇଁ କୃତଜ୍ଞତା ଜଣାନ୍ତି । କିନ୍ତୁ ହଠାତ୍ ନିକଟରେ ପଡ଼ିଥିବା ଗୋଟିଏ ଠେଙ୍ଗାରେ ଯୁବକକୁ ପ୍ରହାର କରି ତା'କୁ ରକ୍ତାକ୍ତ କରି ତା'ର ଗୋଡ଼ ଭାଙ୍ଗି ଦିଅନ୍ତି । ସାଧୁଙ୍କର ଏ ପ୍ରକାର ଆଚରଣରେ ତାଙ୍କ ସହିତ ଥିବା ବ୍ୟକ୍ତି, ଗଭୀର ଅସନ୍ତୋଷବୋଧ କରି ମଧ୍ୟ କିଛି କହନ୍ତି ନାହିଁ ପୂର୍ବରୁ କରିଥିବା ସର୍ତ୍ତ ଅନୁସାରେ । ଏମିତି କିଛିଦିନ ବିତିଗଲା ପରେ ସାଧୁଙ୍କ ସହ ବ୍ୟକ୍ତି ଜଣକ ଡଙ୍ଗା ପାରିହେଉଛନ୍ତି । ଏଥର ସାଧୁ ତାଙ୍କ ସହିତ ଆଣିଥିବା ଖୋଳିବା ପାଇଁ ଛୋଟ ଶାବଳରେ ଡଙ୍ଗାକୁ ଖୋଳିବାକୁ ଲାଗିଲେ । ଡଙ୍ଗା ଭିତରେ ପାଣି ପଶୁଥାଏ । ସାଧୁ ଖୋଳିବା ସମୟରେ ବାରମ୍ବାର ତାଙ୍କ ସହ ଥିବା ବ୍ୟକ୍ତିଟିର ମୁହଁକୁ ଚାହୁଁଥାନ୍ତି ଏବଂ ତା'ର ବିରକ୍ତି ଭାବ ଅସନ୍ତୋଷ ଅନୁଭବ କରିପାରୁଥାନ୍ତି । କୂଳକୁ ଲାଗିବାକୁ ଆଉ କେତେ ପାହୁଣ୍ଡ ବାକି ଅଛି, ଡଙ୍ଗାରେ ପାଣି ପଶି ବୁଡ଼ିବା ଅବସ୍ଥା । ଏ ସମୟରେ ବ୍ୟକ୍ତିଜଣଙ୍କ ନିଜକୁ ନିଜ କର୍ତ୍ତୃତ୍ୱ ହରାଇ ନିୟନ୍ତ୍ରଣରେ ରଖି ନପାରି ସର୍ତ୍ତ ଭଙ୍ଗହେବା ଜାଣିସୁଦ୍ଧା ଦୃଢ଼ ପ୍ରତିବାଦ କରନ୍ତି । ପୂର୍ବରୁ ଜଳଦାନ କରି ଜୀବନ ବଞ୍ଚାଇଥିବା ଯୁବକ ପ୍ରତି ତାଙ୍କର ଆଚରଣ ଏବଂ ଏବର କାର୍ଯ୍ୟକଳାପକୁ ନେଇ ଭର୍ତ୍ସନା କରନ୍ତି । ସାଧୁ ସର୍ତ୍ତ ଖିଲାପ ଦୃଷ୍ଟେ ଆଦୌ ଅନୁତପ୍ତ ନହୋଇ ବା ଦୁଃଖ ପ୍ରକାଶ ନକରି ନିଜେ ନିଜ ବାଟରେ ଚାଲିବାକୁ ପରାମର୍ଶ ଦିଅନ୍ତି । କିଛି ସମୟ ପରେ ବ୍ୟକ୍ତିଜଣକ ସାଧୁଙ୍କୁ କାହିଁକି ଏପରି କଲେ ପଚାରିବାରେ ସାଧୁ

ଉତ୍ତର ଦିଅନ୍ତି ଯେ ଯେଉଁ ଯୁବକ ଜଣକ ତାଙ୍କର ତୃଷା ନିବାରଣ କରିଥିଲା, ସେ ଯୁବକ ତା' ବାପା ମାଆଙ୍କର ଏକ ମାତ୍ର ପୁତ୍ର । ରାଜା ଶତ୍ରୁ ରାଜ୍ୟର ଆକ୍ରମଣକୁ ପ୍ରତିହତ କରିବା ପାଇଁ ସୈନ୍ୟ ବାହିନୀରେ ସୁସ୍ଥସବଳ ଯୁବକଙ୍କୁ ସାମିଲ ପାଇଁ ନିର୍ଦ୍ଦେଶ ଦେବାର ଥିଲା । ଏ ଯୁବକ ଯୁଦ୍ଧରେ ସାମିଲ ହୋଇଥିଲେ ମୃତ୍ୟୁବରଣ କରିଥାନ୍ତା । ଏଣୁ ତା'କୁ ଅକର୍ମଣ୍ୟ କରି ସେ ତା'ବାପା ମା'ଙ୍କର ଏକମାତ୍ର ପୁତ୍ରକୁ ବଞ୍ଚାଇ ପାରିଲେ । ସେପରି ସାଧୁ ଜାଣି ପାରିଥିଲେ ଯେ ପରଦିନ ଡଙ୍ଗା ମଝି ନଈରେ ବୁଡ଼ିଯାଇଥାନ୍ତା ଏବଂ କେହି ବି ବଞ୍ଚିନଥାନ୍ତେ । ଏଣୁ ଡ଼ଙ୍ଗା କଣା କରିବାରୁ ସେଦିନ ଡଙ୍ଗା ଯାଇ ପାରିଲା ନାହିଁ ଏବଂ ନିଶ୍ଚିତ ମୃତ୍ୟୁ ମୁଖରୁ ସମସ୍ତ ଯାତ୍ରୀ ଓ ଡଙ୍ଗା ଉଦ୍ଧାର ପାଇଗଲା ।

ଉପଯୁକ୍ତ ଗଳ୍ପର ଅବତାରଣା କରିବାର ପ୍ରାସଙ୍ଗିକତା ହେଲା ଯେ ଈଶ୍ୱର ପ୍ରାଣୀର ମଙ୍ଗଳ ହିଁ କରନ୍ତି । ଦୁଃଖ ଆସିଲେ ଆମେ ଈଶ୍ୱରଙ୍କୁ ଦୋଷ ଦେଉ, ଭାଗ୍ୟକୁ ନିନ୍ଦାକରୁ । କିନ୍ତୁ ଦୁଃଖ ଯେ ବଡ଼ ବଡ଼ ବିପତ୍ତିକୁ ଟାଳିବା ପାଇଁ ଏବଂ କଲ୍ୟାଣ ପାଇଁ ସୃଷ୍ଟି । ଏହା ମଣିଷର ବିଚାର ଓ ଚିନ୍ତା ଶକ୍ତିର ବାହାରେ । ଏଣୁ ଅଭାବ, ଅସୁବିଧା, ଅସଫଳତା, ରୋଗ, ଯନ୍ତ୍ରଣା, ପ୍ରେମରେ ଅସଫଳ ଅଥବା ସାଧନାରେ ଉନ୍ନତ ନ ହେବାରେ ଜୀବନରେ ବ୍ୟର୍ଥ ବା ଅସାର ଉପଲବ୍ଧି କରି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପରୁ ବିରତ ରହିବା । ଅନେକ ବ୍ୟକ୍ତି ଅସଫଳ ହୋଇ ମଧ ସମାଜରେ ଶ୍ରେଷ୍ଠତ୍ୱ ହାସଲ ପାରିଛନ୍ତି, ଜୀବନକୁ ବାସ୍ତବ କରିପାରିଛନ୍ତି । ଆମେ ସବୁ ସମୟରେ ମନେ ରଖିବା ଉଚିତ୍ -

"There can never be another now;
And there can never be another me."

ଆମେ ଆଉ ମଣିଷ ଜନ୍ମ ପାଇବା କି ନା ଜାଣୁନା । ଏଣୁ ଏ ଜନ୍ମରେ ହିଁ ଜୀବନକୁ ବାସ୍ତବ, ଯଥାର୍ଥ ପ୍ରମାଣିତ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରଖିବା । ବୈଜ୍ଞାନିକ ବିକାଶ ଓ ବୈଷୟିକ ସମୃଦ୍ଧିର ଚରମ ସୋପାନରେ ପହଞ୍ଚି ମଧ ମଣିଷ ଆଜି ନିଜ ଜୀବନ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ । ସବୁ କ୍ଷେତ୍ରରେ ସମୃଦ୍ଧି ଭାବୁଥିଲେ ମଧ ଜୀବନର ଅନ୍ତରୀଣ ଶକ୍ତିମାନଙ୍କର ବିକାଶ ସବୁ ନଥିବାରୁ ଆଜିର ମଣିଷ ଜୀବନ ଅସାର, ଅଳୀକ, ଅଭିଶାପ ବୋଲି ବୋଧ ହେଉଛି । ମଣିଷ ଯେତେବେଳେ ଅନ୍ତରର ମଧୁମୟ ସତ୍ତାକୁ ଅନୁଭବ କରେ, ସେ ଭୁଲିଯାଏ ଅଳୀକ ଦୁଃଖ ଯନ୍ତ୍ରଣାକୁ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ଭାଷାରେ :-

ବିଶ୍ୱ ଦେଖ ମଧୁମୟରେ ଜୀବନ !
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ' ପାପ ମରଣ ଭୟରେ ଜୀବନ !

ବିଲ୍ୱମଙ୍ଗଳ ଭୋଗ ଓ ମୋହକୁ ତ୍ୟାଗ କରିବାରେ ଦିବ୍ୟ ଦୃଷ୍ଟି ଲାଭ କଲେ ଏବଂ ମଧୁମୟ ରୂପ ଦେଖିବାକୁ ସମର୍ଥ ହୋଇପାରିଲେ ସେତେବେଳେ ସେ ଗାଇଲେ-

ମଧୁରଂ ମଧୁରଂ ବଦନଂ ମଧୁରମ୍
ମଧୁରଂ ମଧୁରଂ ସ୍ମିତମେତଦହୋ
ମଧୁରଂ ମଧୁରଂ ବଚନଂ ମଧୁରମ୍
ମଧୁରଂ ମଧୁରଂ ମଧୁରଂ ମଧୁରମ୍ ।

ଏ ଜଗତ ଅମୃତମୟ, ମଧୁମୟ । ଏଠି ଦୁଃଖ ଶୋକ, ମୃତ୍ୟୁ ଯନ୍ତ୍ରଣା ଥିଲେ ହେଁ ଏ ସମସ୍ତ ଅତିକ୍ରମ କରି ମଣିଷ ମଧୁମୟଙ୍କର ସାନ୍ନିଧ ଲାଭ କରିପାରେ । ସତ୍ୟ-ଶିବ-ସୁନ୍ଦର ବିରାଜମାନ କରିବେ । ଥରେ ମଧୁମୟକୁ ପ୍ରାଣରେ ଧାରଣ କଲେ ଜୀବନ ସୁଖମୟ, ଅମୃତମୟ ଓ ଆନନ୍ଦମୟ ହୋଇପାରିବ ଯାହାକି ମଣିଷ ଜୀବନର ବାସ୍ତବତା ।

ଇଂରାଜୀ କବି H. W. Longfellow ତାଙ୍କ କବିତା "A Psalm of Life"ରେ ଜୀବନ ଯେ ଏକ ଫମ୍ପା ସ୍ୱପ୍ନ (an empty dream) ତା' ନୁହେଁ, ବରଂ, ଜୀବନ ପ୍ରକୃତ ପକ୍ଷେ ସତ୍ୟ ଏବଂ ଶାଶ୍ୱତ, ମୃତ୍ୟୁ ଜୀବନର ଚରମ ଲକ୍ଷ୍ୟ ନୁହେଁ । ଆତ୍ମା ଅମର ରହେ ଏବଂ ମାଟିରେ ମିଶିଯାଏ ନାହିଁ । ସୁଖ, ଦୁଃଖର ପରିଧିର ବାହାରକୁ ଯାଇ ତାତ୍ପର୍ଯ୍ୟପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଜୀବନ ଜିଇଁବା ଏବଂ ଆମେ ମୃତ୍ୟୁ ପୂର୍ବରୁ ଛାଡ଼ି ଚାଲିଯିବା ଆମର କୃତୀର ପଦଚିହ୍ନ ସେ ଲେଖିଛନ୍ତି-

"Life is real ! Life is earnest !
And the grave is not its goal;
Dust thou art, To dust returnest,
Was not spoken of the soul.

Lives of great men all remind us
We can make our lives sublime,
And, departing, leave behind us
Footprints on the sands of time

ଜୀବନ ଦୁଇ ପ୍ରକାର ଯଥା ବସ୍ତୁତାନ୍ତ୍ରିକ ଜୀବନ ଓ ଆଧାତ୍ମିକ ଜୀବନ ଶରୀରବିଜ୍ଞାନୀ ତଥା ଜୀବବିଜ୍ଞାନୀମାନେ କହନ୍ତି, ଜୀବନ ହେଉଛି ଚିନ୍ତା, ଚେତନା, ଅନୁଭବ ଇଚ୍ଛା, ପଠନ, ନିଶ୍ୱାସନ, ସଂଚାଳନ ଓ ଶ୍ୱସନ ପ୍ରଭୃତି ପ୍ରକ୍ରିୟାର ଏକ ଧାରା । ଏ ପ୍ରକାର ଜୀବନ ନାନା ବିପଦ, ଯନ୍ତ୍ରଣା, ଭୟ, ତ୍ରାସ, ବ୍ୟସ୍ତତା, ବିକ୍ଷୋଭ, ଶ୍ରମ, ପାପ, ଜନ୍ମ, ମୃତ୍ୟୁ ଏବଂ ଏ ସବୁର ପରିଣାମ ଜାତ ରୋଗ, ବ୍ୟାଧି ବାର୍ଦ୍ଧକ୍ୟାଦି ବିଭିନ୍ନ ଅମଙ୍ଗଳରେ ଜଡ଼ିତ ହୋଇ ରହିଥାଏ । ଏ ପ୍ରକାର ଜୀବନର ନିତ୍ୟତା ନାହିଁ । ତେଣୁ ମନ ତଥା ଇନ୍ଦ୍ରିୟ ସଂଯମ ବଳରେ, ତ୍ୟାଗ ଓ ତପସ୍ୟା ବଳରେ, ବୈରାଗ୍ୟ ଓ ଅଭ୍ୟାସ ବଳରେ, ସ୍ୱାର୍ଥ ଦମନ, ସ୍ୱାର୍ଥ ତ୍ୟାଗ ତଥା ସ୍ୱାର୍ଥ ଅସ୍ୱୀକାର କରିବା ବଳରେ ଅନ୍ତରନିବାସୀ ଆତ୍ମାକୁ ଉପଲବ୍ଧି କରିପାରିଥିବା ଯୋଗୀ, ମୁନିଋଷି, ମହାପୁରୁଷ ଓ ସାଧୁସନ୍ଥଗଣ ଦ୍ୱିଧାତୀତ, ସମ୍ପୂର୍ଣ୍ଣ ସନ୍ଦେହାତୀତ ଭାବରେ ଦୃଢ଼ କଣ୍ଠରେ ଘୋଷଣା କରି ଯାଇଛନ୍ତି ଯେ, ଆଧାତ୍ମିକ ଜୀବନ ହିଁ ଅଖଣ୍ଡ ଶାନ୍ତି, ଅପାର ଆନନ୍ଦ, ଅସୀମ ସୁଖ, ଅନନ୍ତ ସନ୍ତୋଷ ତଥା ଅମରତ୍ୱ ପ୍ରଦାନ କରିପାରେ । ଲୋକଙ୍କର ପ୍ରକୃତି, ଶକ୍ତି ସାମର୍ଥ୍ୟ ତଥା ରୁଚି ଅନୁଯାୟୀ, ସେମାନେ ବିଭିନ୍ନ ସ୍ତରର ଲୋକଙ୍କ ନିମନ୍ତେ ଆତ୍ମୋପଲବ୍ଧିର ବିଭିନ୍ନ ଉପାୟ ପ୍ରଦାନ କରିପାରିଛନ୍ତି । ସେମାନଙ୍କ ଉପଦେଶାବଳୀରେ, ବେଦବାକ୍ୟରେ, ଗୁରୁବାଣୀରେ ଯେଉଁମାନଙ୍କର ଗଭୀର ଆସ୍ଥା ରହିଛି, ସେମାନେ ସତ୍ୟର ରାଜ୍ୟରେ, ଆଧାତ୍ମିକତାର ମାର୍ଗରେ ନିର୍ଭୟରେ ଅଗ୍ରଗତି କରିପାରନ୍ତି ଏବଂ


ସେମାନେ ନିଶ୍ଚିତ ଭାବରେ ମୋକ୍ଷ ବା ଜୀବନର ପରିପୂର୍ଣ୍ଣତା ଲାଭ କରନ୍ତି। ସେମାନେ ଆଉ ମୃତ୍ୟୁ ଲୋକକୁ ଫେରନ୍ତି ନାହିଁ। ସଚ୍ଚିଦାନନ୍ଦ ବ୍ରହ୍ମରେ ବା ବିଶୁଦ୍ଧାତ୍ମାରେ ନିବାସ କରନ୍ତି। ଏହାହିଁ ମନୁଷ୍ୟ ଜୀବନର ବାସ୍ତବତା, ପରମ ଲକ୍ଷ୍ୟ ଯାହାକୁ କି ନିର୍ବାଣ, ପରମଗତି, ପରମଧାମ, ବ୍ରାହ୍ମୀସ୍ଥିତି ଆଦି ନାମରେ ନାମିତ କରାଯାଏ। ଆତ୍ମସାକ୍ଷାତ୍କାର ବା ଈଶ୍ୱର ଉପଲବ୍ଧି, ଈଶ୍ୱର ସାକ୍ଷାତ୍କାର ହିଁ ମଣିଷ ଜନ୍ମର ବାସ୍ତବତା।

କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ଭୌତିକ ଜଗତର ଏହି ବ୍ୟାବହାରିକ ଜୀବନକୁ ଉପେକ୍ଷା କରିବା। ନିଜର ଲୀଳା ପ୍ରଦର୍ଶନ ନିମନ୍ତେ ଈଶ୍ୱର ପ୍ରକୃତି ବା ଭୌତିକ ଜଗତ ରୂପେ ବ୍ୟକ୍ତ ହୋଇଛନ୍ତି। ଅଗ୍ନି ଓ ଉତ୍ତାପ ଯେପରି ପରସ୍ପରଠାରୁ ଅବିଚ୍ଛେଦ୍ୟ, ତୁଷାର ଓ ଶୀତଳତା କିମ୍ବା ପୁଷ୍ପ ଓ ତା'ର ସୁଗନ୍ଧ ଯେପରି ପରସ୍ପରଠାରୁ ଅବିଚ୍ଛେଦ୍ୟ, ପ୍ରକୃତି ଓ ପୁରୁଷ ସେହିପରି ପରସ୍ପରଠାରୁ ଅବିଚ୍ଛେଦ୍ୟ। ଶକ୍ତି ଓ ଶାକ୍ତ ଏକ ଓ ଅଭିନ୍ନ। ବ୍ରହ୍ମ ଓ ମାୟା ପରସ୍ପରଠାରୁ ଅବିଚ୍ଛେଦ୍ୟ। ଭୌତିକ ଜଗତର ଜୀବନ ନିଶ୍ଚିତ ଭାବରେ ଶାଶ୍ୱତ, ବ୍ରାହ୍ମଜୀବନ ଲାଭ ନିମନ୍ତେ ଏକ ପ୍ରସ୍ତୁତ। ସଂସାର ଆମର ଶ୍ରେଷ୍ଠତମ ଶିକ୍ଷକ, ପଞ୍ଚଭୂତ ଆମର ଗୁରୁବର୍ଗ। ପ୍ରକୃତି ଆମର ମାତା ତଥା ପଥପ୍ରଦର୍ଶିକା, ନିରବ ଶିକ୍ଷକ। ଦୟା, କ୍ଷମା, ସହିଷ୍ଣୁତା, ବିଶ୍ୱପ୍ରେମ, ଉଦାରତା, ଭଦ୍ରତା, ସତ୍ସାହସ, ମହାନୁଭବତା, ଧୈର୍ଯ୍ୟ, ଦୃଢ଼ ଇଚ୍ଛାଶକ୍ତି ଆଦି ଦୈବୀଗୁଣର ବିକାଶ ନିମନ୍ତେ ସଂସାର ହେଉଛି ଶ୍ରେଷ୍ଠତମ ପ୍ରଶିକ୍ଷଣ କ୍ଷେତ୍ର। ଆସୁରୀ ପ୍ରକୃତି ସହିତ ସଂଗ୍ରାମ କରି ଅନ୍ତରର ଦୈବୀପ୍ରକୃତିକୁ ପ୍ରକାଶ କରିବା ନିମନ୍ତେ ସଂସାର ଏକ ପ୍ରକୃଷ୍ଟ କ୍ଷେତ୍ର ଭଗବତ୍‌ଗୀତା ତଥା ଯୋଗବାଶିଷ୍ଠର ମୁଖ୍ୟ ଉପଦେଶବାଣୀ ହେଉଛି, ସଂସାର କ୍ଷେତ୍ରରେ ରହି ବ୍ୟକ୍ତିକୁ ଆତ୍ମସାକ୍ଷାତକାର ଲାଭ କରିବାକୁ ପଡ଼ିବ। ସଂସାରରେ ରହି ସଂସାରରେ ନ ରହିଥିବା ପରି, ଯେପରି ପଦ୍ମପତ୍ରରେ ଜଳପରି ଆଚରଣ କରିବା। କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ଘୃଣା ଓ ସ୍ୱାର୍ଥପରତା ଆଦି ଆସୁରୀଗୁଣ ପରିହାର କରି ଦୈବୀଗୁଣର ବିକାଶ କରିବା - ମାନସିକ ସନ୍ନ୍ୟାସ ଓ ସ୍ୱାର୍ଥ ତ୍ୟାଗମୟ ଜୀବନ ବିକାଶ କରିବା। ସ୍ୱାମୀ ଶିବାନନ୍ଦଙ୍କ ଯେଉଁମାନେ ଜୀବନକୁ ବାସ୍ତବ ଯଥାର୍ଥ, ସାଫଲ୍ୟମଣ୍ଡିତ କରିବାକୁ ଚାହାନ୍ତି, ଯେଉଁମାନେ ନିଜର ଆୟ ନିଜର କର୍ମ ସାମର୍ଥ୍ୟ ଓ ଉପାର୍ଜନ କ୍ଷମତା ବଢ଼ାଇବାକୁ ଚାହାନ୍ତି, ଯେଉଁମାନେ ଜୀବନକୁ ପ୍ରଶସ୍ତ ଓ ସୁଖମୟ କରିବାକୁ ଚାହାନ୍ତି, ଯେଉଁମାନେ ନିଜର ସ୍ମୃତିଶକ୍ତି, ଇଚ୍ଛାଶକ୍ତି ଓ ଏକାଗ୍ରତା ବିକାଶ କରିବାରେ ଆଗ୍ରହୀ, ପୁଣି ସଦ୍‌ଗୁଣ ବିକାଶ କରି ଦୁର୍ଗୁଣ ପରିହାର କରିବାକୁ ବ୍ୟଗ୍ର ପରିଣାମତଃ ଈଶ୍ୱର ସାକ୍ଷାତ୍କାର ଲାଭ କରନ୍ତି। କୌଣସି କର୍ତ୍ତବ୍ୟ କର୍ମ ନ କରି କେବଳ ମାଳା ଜପରେ ଲିପ୍ତ ରହିବାକୁ ସେ ପ୍ରଶ୍ରୟ ଦେଇନାହାନ୍ତି। ସେହିପରି କର୍ତ୍ତବ୍ୟ କର୍ମ କରି ଈଶ୍ୱରଙ୍କୁ ଭୁଲିଯିବାକୁ ମଧ୍ୟ ନାପସନ୍ଦ କରିଛନ୍ତି। "Work and Worship" ରେ ମଣିଷ ଜୀବନର ସାର୍ଥକତା, ବାସ୍ତବତାକୁ ସେ ଉପଲବ୍ଧି କରିଛନ୍ତି।

ମହାନ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଭାଷାରେ "Life is not for the saile of life alone, but for God, and the living soul of man is an eternal portion of the God Head. Action is for self finding, for self fulfilment, for self realisation and not only for its own eternal and apparent fruits of the moment or the future."

ଏହାହିଁ ମଣିଷ ଜୀବନର ବାସ୍ତବତା।

ଏଇ-୦୯, ପଞ୍ଚସଖା ନଗର, ଡୁମୁଡୁମା
ଭୁବନେଶ୍ୱର - ୭୫୧୦୧୯
ଦୂରଭାଷ : ୯୪୩୭୩୩୦୫୨୦



# କର୍ମ ହିଁ ଜୀବନ

*ସୁଶାନ୍ତ କୁମାର ଆଚାର୍ଯ୍ୟ*

ମନୁଷ୍ୟ ଜୀବନ କର୍ମମୟ । ଏହି କର୍ମମୟ ଜୀବନ ଅତି ସଂକ୍ଷିପ୍ତ । ନିଜର ଦୈନନ୍ଦିନ ଜୀବନ ଯାତ୍ରାରେ ମନୁଷ୍ୟର କେଉଁ କାର୍ଯ୍ୟଟି କରଣୀୟ ଓ କେଉଁଟି ଅକରଣୀୟ, ସେହି ଭିତରେ ମଣିଷର କର୍ମ ସୁନିର୍ଦ୍ଦିଷ୍ଟ । ଏ ସଂସାର ହେଉଛି କର୍ମଭୂମି । ଜୀବନ ନିର୍ବାହ କରିବା ପାଇଁ ମଣିଷ ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଅନ୍ୟାନ୍ୟ ଜିନିଷ ଆବଶ୍ୟକ କରେ । ଆଉ ଏ ସବୁ ପାଇବା ପାଇଁ ମଣିଷକୁ କର୍ମ କରିବାକୁ ପଡ଼ିଥାଏ । ନିଜର ଓ ନିଜ ପରିବାରର ଅନ୍ନସଂସ୍ଥାନ ପାଇଁ କୌଣସି ଏକ ବୃତ୍ତି ଗ୍ରହଣ କରିଥାଏ, ଯେଉଁ ବ୍ୟକ୍ତି କର୍ମକୁ ମର୍ଯ୍ୟାଦା ପ୍ରଦାନ କରି ସତ୍‌କର୍ମରେ ନିଯୁକ୍ତି ହୁଏ, ସେ ତା ଜୀବନରେ ଯେତେ ଅସୁବିଧାର ସମ୍ମୁଖୀନ ହେଲେ ହେଁ କରୁଥିବା ସତ୍‌କର୍ମ ପାଇଁ ମାନସିକ ପ୍ରଫୁଲ୍ଲତା ଲାଭ କରିଥାଏ । ତେଣୁ ସେ ଯେଉଁ କର୍ମ ନିୟୋଜିତ ରହେ, ସେ କର୍ମକୁ ନିଷ୍ଠାର ସହିତ ପାଳନ କରିବା ଆବଶ୍ୟକ । ସେ କରିବା ପାଇଁ ମଣିଷକୁ ଆଳସ୍ୟ ପରିହାର କରି ଶ୍ରମଶୀଳ ହେବା ଆବଶ୍ୟକ । ଇଂରାଜୀରେ ଏକ ପ୍ରବଚନ ଅଛି 'Idle mind is the devils work shop', ଯେଉଁମାନେ ଅଳସୁଆ ଲୋକ ସେ ଜୀବନରେ କୌଣସି ଉନ୍ନତି କରିପାରନ୍ତି ନାହିଁ । ସୌଭାଗ୍ୟ ପ୍ରାପ୍ତ କରିବାକୁ ହେଲେ ମନୁଷ୍ୟକୁ କର୍ମ କରିବାକୁ ହେବ । ଯେଉଁ ବ୍ୟକ୍ତି ଉନ୍ନତର ଶୀର୍ଷ ଭାଗରେ ପହଞ୍ଚି ପାରିଛନ୍ତି, ସେମାନଙ୍କ ଜୀବନ ପର୍ଯ୍ୟାଲୋଚନା କଲେ ଦେଖିବା ଯେ ସେମାନଙ୍କର ଏହି ଉନ୍ନତି ତଳେ ସେମାନଙ୍କର ନିରବଚ୍ଛିନ୍ନ କର୍ମ, ଉଦ୍ୟମ ହିଁ ରହିଛି । କର୍ମ ହିଁ ସଫଳତାର ଚାବିକାଠି । କର୍ମ କରିବା ପାଇଁ ଭଗବାନ ବଳିଷ୍ଠ ଦୁଇବାହୁ ପ୍ରଦାନ କରିଛନ୍ତି । ପୋଷାକପତ୍ର ସଫା କରିବା, ବାସନ ମାଜିବା, ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବା କାର୍ଯ୍ୟ ସହିତ ଗୃହନିର୍ମାଣ, ଯାନବାହନ ଚଳାଚଳ, କୃଷିକାର୍ଯ୍ୟ, ରୋଗୀସେବା ଇତ୍ୟାଦି ଅନେକ କାର୍ଯ୍ୟ କରିବାକୁ ମନୁଷ୍ୟକୁ ପଡ଼ିଥାଏ । ଏସବୁ କାର୍ଯ୍ୟ କରିବା ସହିତ କର୍ମର ଗୁରୁତ୍ୱକୁ ହୃଦୟଙ୍ଗମ କରି ପାରିଲେ ପରିବେଶର ରୂପ ବଦଳିଯାଏ ।

ମନୁଷ୍ୟର କର୍ମ ସର୍ବଦା ନୈତିକ ଭିତ୍ତି ଉପରେ ପ୍ରତିଷ୍ଠିତ ରହିଲେ କଲ୍ୟାଣକର ହୋଇଥାଏ । ତେଣୁ ନିଜର, ନି ପରିବାରର, ଦେଶ ଓ ଜାତିର କଲ୍ୟାଣ ସାଧନ ପାଇଁ ସମସ୍ତେ ନିଜନିଜର କର୍ମକୁ ଆପଣାଇ ନେଲେ ସମୂହ ବିକାଶ ହୋଇପାରିବ । ପ୍ରତ୍ୟେକ ବ୍ୟକ୍ତି ଠିକ୍ ସମୟରେ ଠିକ୍ କର୍ମ କଲେ ଓ ସ୍ୱହସ୍ତରେ ସ୍ୱକର୍ମ କଲେ ତା'ର ଚରିତ୍ର ମହାନତା ଲାଭ କରିପାରିଥାଏ । କର୍ମ ବ୍ୟକ୍ତିକୁ ସୁସ୍ଥ ସବଳ ଓ ନିରୋଗ ରଖିବା ସହିତ (ସ୍ନାୟୁ ଓ ମାଂସପେଶୀର ଚଳନ, ବିକାଶ, ଅଭିବୃଦ୍ଧି) ଆତ୍ମୋତ୍ସର୍ଗ କରିବାର ପ୍ରେରଣା ପ୍ରଦାନ କରିଥାଏ । ଆଜି ସବୁଆଡ଼େ ଅସନ୍ତୋଷ ଓ ଅଶାନ୍ତିର ମାତ୍ରା ବଢ଼ି ଚାଲିଛି । ଯୁବକ ସମାଜ ପଥଭ୍ରଷ୍ଟ ଓ ଉଦ୍ଦେଶ୍ୟହୀନ । ଯେଉଁଥି ପାଇଁ ନାରୀ ସମାଜ ଆଜି କର୍ମକ୍ଷେତ୍ରରେ ପୁରୁଷଙ୍କ ଠାରୁ ଆଗୁଆ ହୋଇ ପରିବାରର ଭରଣପୋଷଣର ଦାୟିତ୍ୱ ତୁଲାଉଛନ୍ତି । ନାରୀମାନେ ଶିକ୍ଷା, ଚିକିତ୍ସା, ବିଜ୍ଞାନ, ଶାସନ ଓ ସେବା ଇତ୍ୟାଦି କର୍ମରେ ନିଯୁକ୍ତ ହୋଇ ଦେଶକୁ ପ୍ରଗତି ଅଭିମୁଖୀ କରାଉଛନ୍ତି । ମାତ୍ର ନାରୀଟିଏ ଏ ସବୁ କର୍ମରେ ନିଯୁକ୍ତି ରହି ତା'ର ପରିବାର ପ୍ରତି ଥିବା କର୍ତ୍ତବ୍ୟ ଓ କର୍ମକୁ ଆଦୌ ଭୁଲିଯିବା ଉଚିତ୍ ନୁହେଁ । ମା'ର ମହତ୍ କର୍ମ ଓ ସୁଚରିତ୍ର ତା'ର ସନ୍ତାନ ଓ ପରିବାର ଉପରେ ବଳିଷ୍ଠ ପ୍ରଭାବ ପକାଇଥାଏ, ଯାହା ଏ ସମାଜ ପାଇଁ ହିତକର କି ଅହିତକର ହୋଇଥାଏ ।

ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି ସମାଜରେ କର୍ମ ଅନୁସାରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ଏହି ଚାରୋଟି ଜାତିରେ ବିଭାଗୀକରଣ । ମାତ୍ର ଆଜିର ସମାଜରେ ନିଜ ନିଜ କର୍ମକୁ ଭୁଲି ଧନ ସଞ୍ଚୟ ପଛରେ ସମସ୍ତେ ଧାଇଁଛନ୍ତି । ଯାହା ଫଳରେ ଧନିକ ଓ ଦରିଦ୍ର ଶ୍ରେଣୀ ସୃଷ୍ଟି ହୋଇଛି । ଯେଉଁମାନେ ଧନିକ ସେମାନେ ଧନ ଶକ୍ତି ଦ୍ୱାରା ସମାଜରେ ପ୍ରତିଷ୍ଠା, ସମ୍ମାନ ଓ ସୁଖ ପାଇପାରୁଛନ୍ତି । ଗରିବମାନେ ସର୍ବଦା ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି । ଅଭାବରୁ ସ୍ୱଭାବ ନଷ୍ଟ ପରି ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । କୌଣସି କର୍ମ ଛୋଟ ବା ବଡ଼ ନୁହେଁ, ନିଷ୍ଠା ଓ ଆନ୍ତରିକତାର ସହିତ ସତ୍ କର୍ମ କଲେ ଜୀବନ ସୁଖମୟ ହୁଏ । 'କର୍ମ ହିଁ ଜୀବନ' – ଏହି ଉକ୍ତିକୁ ପାଥେୟ କରି ମଣିଷ ସମାଜ ନିଜ ନିଜ କର୍ମ ପଥରେ ଅଗ୍ରସର ହେଲେ ସମାଜର ନୈତିକ ଓ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବ । ଅଶାନ୍ତି, ଅରାଜକତା, ଦୂରହୋଇ ଏକ ସୁନ୍ଦର ପୃଥିବୀ ଗଠନ ହୋଇପାରିବ, ଯେଉଁଠି ସମସ୍ତେ ସୁଖଶାନ୍ତିରେ ଜୀବନ ଅତିବାହିତ କରିପାରିବେ ।

ଆଜିର ସମାଜରେ ଯେ କୌଣସି ଶିକ୍ଷିତ ବ୍ୟକ୍ତି ଶାରୀରିକ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବା ପାଇଁ ଆତ୍ମଗ୍ଲାନି ବୋଧ କରୁଛି । ଏକଦା ଜଣେ ଯୁବକ ଷ୍ଟେସନରେ କୁଲି ନ ପାଇ ଜଣେ ସାଧାରଣ ବେଶ ପୋଷାକଧାରୀ ବ୍ୟକ୍ତିଙ୍କୁ ନିଜର ବ୍ୟାଗ୍‌ଟି ଧରିବାକୁ ନିର୍ଦ୍ଦେଶ ଦେଲେ । ବ୍ୟକ୍ତି ଜଣଙ୍କୁ ନିରବରେ ଯୁବକଙ୍କର ବ୍ୟାଗ୍‌ଟିକୁ ମୁଣ୍ଡାଇ ଯଥା ସ୍ଥାନରେ

ପହଞ୍ଚାଇ ଦେଲେ । ବଦଳରେ ଯୁବକ ଦଣକ ସେହି ବ୍ୟକ୍ତିଙ୍କୁ କିଛି ପାରିଶ୍ରମିକ ପ୍ରଦାନ କଲେ । ପରଦିନ ଏକ ସଭାରେ ଯୁବକଟି ସେହି ବ୍ୟକ୍ତିଙ୍କୁ ଅତିଥି ଭାବରେ ଦେଖି ଲଜ୍ଜିତ ହେଲେ । ସେହି ବ୍ୟକ୍ତି ଜଣକ ଥିଲେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର । ଯୁବକଟି ତାଙ୍କ ପାଖକୁ ଯାଇ କ୍ଷମା ଭିକ୍ଷା କଲେ । କୌଣସି କାର୍ଯ୍ୟକୁ ଏଭଳି ଅମର୍ଯ୍ୟାଦା କରିବେ ନାହିଁ ବୋଲି ଶପଥ ନେଲେ । ସୁଖ ଶାନ୍ତିରେ ରହିବାକୁ ହେଲେ ଶାରୀରିକ କର୍ମ କିଛି କରିବା ଦରକାର । ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ କିଛି ସମୟ ହସଖୁସିରେ କଟାଇବା ଉଚିତ । ତେବେ ଯାଇ ମାନସିକ ଶାନ୍ତି ମିଳିବ ଓ ମାନସିକ ଶାନ୍ତି ମିଳିଲେ ଶରୀର ସୁସ୍ଥ ରହିବ, ଶରୀର ସୁସ୍ଥ ରହିଲେ କର୍ମ କରିବାରେ ଆଗ୍ରହ ବୃଦ୍ଧି ପାଇବ । ବର୍ତ୍ତମାନ ସମୟରେ ଗୃହକର୍ମ କରବା ପାଇଁ ବେତନ ଦେଇ ଲୋକ ନିଯୁକ୍ତି କରୁଛନ୍ତି । ଆଳସ୍ୟ ପରାୟଣ ହୋଇ ମଣିଷ ବିଭିନ୍ନ ରୋଗର ଶିକାର ହେଉଛି । କୌଣସି କର୍ମକୁ ଘୃଣା ନକରି ନିଜେ ନିଜ କାର୍ଯ୍ୟ କଲେ ସମାଜ ସମୃଦ୍ଧିଶାଳୀ ହେବ । କେବଳ ଯେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ନିମିତ୍ତ ମଣିଷ କର୍ମ କରେ ତାହା ନୁହେଁ, ଏସବୁ ମୌଳିକ ଆବଶ୍ୟକତା ସହ ମନର ଆତ୍ମତୃପ୍ତି ନିମିତ୍ତ ସେବାପରାୟଣ, ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ, ପୁସ୍ତକପଠନ, ନୃତ୍ୟ, ସଂଗୀତ, ବୃକ୍ଷରୋପଣ ଇତ୍ୟାଦି ଅନ୍ୟାନ୍ୟ କର୍ମ ସହ ଜଡ଼ିତ ରହି ଆନନ୍ଦ ଲାଭ କରିଥାଏ ।

ଭାଗ୍ୟ ଓ ଭଗବାନଙ୍କ ଠାରେ ବିଶ୍ୱାସ କରି ବ୍ୟକ୍ତି ପର ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ । ଈଶ୍ୱର ହିଁ ଆତ୍ମନିର୍ଭରଶୀଳ ବ୍ୟକ୍ତିଙ୍କୁ ସହାୟତା କରିଥାନ୍ତି । ଯେଉଁ ବ୍ୟକ୍ତି ନିଜ ଗୋଡ଼ରେ ଠିଆହୋଇ ନିଜର ଜୀବନନିର୍ବାହ କରେ ସେ ଜୀବନରେ ଉନ୍ନତ ସୋପାନରେ ଉପନୀତ ହୋଇଥାଏ । ଯେଉଁ ମଣିଷର କର୍ମ ତା'ର ନିଜର ତଥା ସମାଜର ହିତ ସାଧନ କରିଥାଏ ସେ ସମାଜରେ ଆଦର୍ଶ ମାନବ ରୂପରେ ପରିଚୟ ଲାଭ କରିଥାଏ । ତେଣୁ ସମସ୍ତେ କର୍ମର ଉପାଦେୟତା ଉପଲବ୍ଧି କଲେ ସମାଜର କଲ୍ୟାଣ ସାଧିତ ହେବ । କର୍ମ ବିନା ସମୃଦ୍ଧି ଅସମ୍ଭବ । ଭଗବାନ କରିଛନ୍ତି –

"କର୍ମ ମୋହର ନିଜ ଗୁରୁ । ଉଦ୍ଧବ କେତେ ତୁ ପଚାରୁ ।।"

ଜୟ ଜଗନ୍ନାଥ ।

ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର



# ଭଲ ମଣିଷ ହୁଅ

*ପ୍ରଫେସର ନାରାୟଣ ସାହୁ*

**ଆ**ରେ ବୋନି, ତୁ ?

ହଁ, ଜେଜେ । ମୁଁ ଠିକ୍ ଅନୁମାନ କରିଥିଲି, ତମେ ନିଶ୍ଚୟ ଏହି କେଳୁଚରଣ ପାର୍କରେ ଥିବ !

କେମିତି ଆସିଛୁ ? ଚାଲି ଚାଲି ନା ?

ମୁଁ କଅଣ ତୁମ ପରି ବୋକା ହୋଇଛି, ଏ ପାର୍କକୁ ଚାଲି ଚାଲି ଆସିବି ! ସାଇକେଲ୍‌ରେ ଆସିଛି ।

ହଁ କହିବୁନି କାହିଁକି..... ? ସେମାନେ ତୋତେ ଯେଉଁ ଶିକ୍ଷା ଦେଇଛନ୍ତି !

ଜେଜେ, ମନ ଦୁଃଖ କଲକି ? ମୋ ପାଟିରୁ ସେମିତି ବାହାରି ପଡ଼ିଲା । ଆଛା ଜେଜେ, ତୁମର ଚପଲ କାହିଁ ?

ସେ ଗଛ ମୂଳକୁ ଚାହାଁ, ସେଇଠି ଅଛି ।

ତମେ ଖାଲି ପାଦରେ -- ?

ହଁ କଅଁଳ ଘାସ ଉପରେ ଖାଲି ପାଦରେ ଚାଲିବାର ମଜା ନିଆରା । ଚପଲ ପିନ୍ଧି ଘାସ ଉପରେ ଚାଲିଲେ, ତାକୁ କାଟିବନି ?

ଜେଜେ, ତମେ ଯେମିତି କୁହନା' ... । ଖିଲି ଖିଲି ହସି ଉଠିଲା ବୋନି । ଆରେ ନାତି ଟୋକା, ହସୁଛୁ କ'ଣ । ଏଇ ପଡ଼ିଆରେ ମୁଁ ପାଞ୍ଚ ରାଉଣ୍ଡ ବୁଲେ । କହିଲୁ କେତେ କିଲୋମିଟର ହୋଇଥିବ ?

ଭାବନାରେ ବୁଡ଼ିଗଲା ବୋନି । ଅନୁମାନ ଲଗାଉଥିଲା । ତିନି ଚାରି କିଲୋମିଟର ନିଶ୍ଚୟ ହେବ ।

ଜେଜେ, ତିନି କିଲୋମିଟର ।

ଭୁଲ୍ । ପୂରା ପାଞ୍ଚ କିଲୋମିଟର । ପଡ଼ିଆ ଚାରିପଟେ ଗୋଟେ ରାଉଣ୍ଡ ମାରିଲେ, ଗୋଟିଏ କିଲୋମିଟର ।

ଜେଜେ, ତୁମକୁ ଏ ପାର୍କରୁ ତୁମକୁ କଅଣ ମିଳେ ?

ବିଶୁଦ୍ଧ ବାୟୁ । ଗଛଲତାର ସବୁଜିମା । ପଇସା ଖର୍ଚ୍ଚ କଲେ ବି ଏ ସବୁ ମିଳେନାହିଁ । ବଡ଼ି ଭୋର୍‌ରୁ ଚାରି ପାଞ୍ଚ ରାଉଣ୍ଡ ମାରିଦେଲେ, ମନଟା ପ୍ରଫୁଲ୍ଲ ଲାଗେ । ଦେଖୁଛୁ, କେତେ ଲୋକ ବୁଲୁଛନ୍ତି । ଏଇ ବେଞ୍ଚ୍ ଉପରେ ବସି ଆମେ ଭଲମନ୍ଦ କଥା, ଦେଶବିଦେଶ କଥା ଗପୁ । ଛ'ଟା ବାଜିଲେ ଯେ ଯାହାବାଟରେ ଚାଲିଯା'ନ୍ତି ।

ଜେଜେ, ରାତି ଚାରିଟାରୁ ଉଠି, ପୁଣି ଚାଲି ଚାଲି, ଏ ପାର୍କଯାଏ ଆସିବାକୁ ତୁମକୁ କଷ୍ଟ ହୁଏନି ?

'କଷ୍ଟ' ! ଗାନ୍ଧୀଙ୍କ ବାନର ସେନାରେ ଯୋଗଦେଇ ସମସ୍ତ କଷ୍ଟ ଭୁଲିଯାଇଛୁ । ହାତ..ପିଠି...କେତେ ମାଡ଼ରେ ଲାଲ୍ ହୋଇଯାଇଛି । ତଥାପି ପଛକୁ ଘୁଞ୍ଚିନୁ । ଦେଶ ସ୍ୱାଧୀନ ହେବା ପରେ ସବୁ କଷ୍ଟ ଭୁଲିଯାଇଛୁ । କଷ୍ଟକୁ କଷ୍ଟ ବୋଲି ଭାବିଲେ ନିଶ୍ଚୟ କଷ୍ଟହେବ ।

ଜେଜେ, ଆଉ କେତେ ସମୟ ଏ ପାର୍କରେ ରହିବ ?

ଛ'ଟା ବାଜିଲାଣି । ଯିବା । ଦେଖିଲୁ ତୋ ଘଣ୍ଟାରେ କେତେ ବାଜିଛି ? ଛ'ଟା ପନ୍ଦର ନା ବେଶି ?

ଠିକ୍ ଛ'ଟା ପନ୍ଦର । ତମେ କେମିତି ଜାଣିଲ ?

'ଅଭିଜ୍ଞତା' । କୋଉ କାମ କେତେବେଳେ କୋଉ ଢଙ୍ଗରେ କରିବାକୁ ହବ, ସେ କଥା ଆମକୁ ଜେଲ୍‌ରେ ଶିଖା ଯାଇଥିଲା । ଇଂରେଜ ସରକାରଙ୍କ ଦମନନୀତି ବିରୋଧରେ ଜେଲ୍ ଭିତରେ ହରତାଳ ବି କରିଥିଲୁ । ଏଥିପାଇଁ ଗୋଟେ ଓଳି ଖାଇବା ଆମର ବନ୍ଦ କରିଦିଆଯାଇଥିଲା । କେହି ବି ବିଚଳିତ ହୋଇନଥିଲେ ।

ଜେଜ, ଦେଶ ସ୍ୱାଧୀନ ପରେ ତମକୁ ବଡ଼ ଚାକିରି ମିଳିବା କଥା । ତମେ ଭାରତମାତା ପାଇଁ ଏତେ କଷ୍ଟ ସହିଛ !

ପୁଅକୁ ମଣିଷ କରିବାକୁ ମା' କେତେ କଷ୍ଟ ସହିଥାଏ, କେବେ ଅନୁମାନ କରିଛୁ ?

ମୋ ଡାଡ଼ି ମମିଙ୍କର କୋଉଠୁ ସମୟ ଆସିବ ମୋ କଥା ବୁଝିବାକୁ ? ସେମାନେ ତ ନ'ଟା ବେଳକୁ ଉଠିବେ । ସେମାନେ ରେଡି ହେବାବେଳକୁ ମୁଁ ସ୍କୁଲ ଯାଇସାରିଥିବି । ସ୍କୁଲରୁ ଆସି ଟ୍ୟୁସନ୍ । ଯାହା ରାତି ନ'ଟା ବେଳକୁ ଖାଇବା ଟେବୁଲ୍‌ରେ ଭେଟ । ମୋ ସହିତ ପଦେ କଥା ହେବାକୁ ସେମାନଙ୍କର ଟାଇମ୍ ନଥାଏ । ହେଇ ଦେଖୁନ, ତମେ ଚାରିଟା ରାତିରୁ ଚାଲିବାକୁ ଆସିଛ । ସେମାନେ ବିଛଣାରେ ପଡ଼ିଥିବେ ।

ସେମାନଙ୍କ ମେକାନିକାଲ୍ ଲାଇଫ୍ ସେମାନଙ୍କୁ ମେସିନ୍ କରିଦେଇଛି। ଭୁଲ୍ ସେମାନଙ୍କର ନୁହେଁ, ଭୁଲ୍ ହେଉଛି ସମୟର ଆଉ ସଭ୍ୟତାର। ଟଙ୍କା ଆଉ କ୍ଷଣିକ ସୁଖ ପଛରେ ଦଉଡ଼ି ଦଉଡ଼ି ସେମାନେ ଜଡ଼ ପାଲଟି ଗଲେଣି। ସେମାନଙ୍କ କଥା ଛାଡ଼। ହଁ, ପଚାରୁଥିଲୁ ମୋ ଚାକିରି କଥା।

ହଁ ତମେ ତ ସ୍ୱାଧୀନତା ସଂଗ୍ରାମୀ। ତମକୁ ଚାକିରି, ପେନସନ୍ ସବୁ ମିଳିବା କଥା। ଅନ୍ୟମାନେ ତ ପାଉଛନ୍ତି।

ସରକାର ଦେଉଥିଲେ। ହେଲେ ମୁଁ ନେଲି ନାହିଁ। ସେବାର କୌଣସି ମୂଲ୍ୟ ନଥାଏ। ଚାକିରି କିମ୍ବା ସଂଗ୍ରାମୀ ଭତ୍ତା ମୁଁ ନେବା ସପକ୍ଷରେ ନଥିଲି। ଅବଶ୍ୟ ମୋ ବାପା ଚାହୁଁଥିଲେ। ହେଲେ ମୁଁ ସମ୍ମତ ହେଲି ନାହିଁ। ମଣିଷ ଗଢ଼ିବା ପାଇଁ ଗୋଟିଏ ବିଦ୍ୟାଳୟ ଆରମ୍ଭ କଲି। ନାଁ ରଖିଲି ବାପୁଜୀ ବିଦ୍ୟାପୀଠ। ବହୁତ ପିଲା ସେଇ ବିଦ୍ୟାପୀଠରୁ ଉତାରିଛି।

ହେଲେ ମୋ ଡାଡ଼ି ତ ଇଂରାଜୀ ସ୍କୁଲ୍‌ରେ ପଢ଼ିଛନ୍ତି।

ହଁ, ସେଇଠି ରହିଗଲା ଭୁଲ୍। ମୋ ବାପା ଜିଦ୍‌ରେ ତାଙ୍କ ନାତିକୁ ଇଂରାଜୀ ସ୍କୁଲ୍‌ରେ ପଢ଼ାଇଲେ। ସାହେବୀ ଆଦବ କାଇଦା ଶିଖାଇଲେ। ହେଲେ କ'ଣ ହେଲା ?

ସେଇ ନାତି ଜେଜେଙ୍କ ମୃତ୍ୟୁବେଳକୁ ଫରେନ୍‌ରୁ ଆସିପାରିଲା ନାହିଁ। ବାପା ତା ନାଁ ବାରମ୍ବାର ଉଚ୍ଚାରଣ କରି ପ୍ରାଣତ୍ୟାଗ କରିଥିଲେ।

ଜେଜେ, ଗୋଟେ କଥା ପଚାରିବି। ସତ କହିବ ତ ?

ଆରେ ମୋ ବାପା ସିନା ତାଙ୍କ ନାତିକୁ ବାଟକୁ ଆଣି ପାରିଲେ ନାହିଁ। ହେଲେ ମୁଁ ସେ ଭୁଲ୍ ଦୋହରାଇନି। ହଉ, କ'ଣ ପାଚାରୁଛୁ ପଚାର।

ଜେଜେ, ମୋ ଡାଡି ତମ ପୁଅ ତ ? ମାନେ ତମେ ତାଙ୍କ ବାପା ତ ?

ଚିହିଁକି ଉଠିଲେ ଜେଜେ। ବୋନିର ଏ ବିଚିତ୍ର ପ୍ରଶ୍ନ ତାଙ୍କୁ ଘାଇଲା କରିପକାଇଲା।

ଆରେ କ'ଣ କହୁଛୁ ତୁ? ଏମିତି ଗୋଟାଏ ବିଚାର ତୋ ମୁଣ୍ଡକୁ ଆସିଲା କାହିଁକି ?

କଥା କ'ଣ କି ଜେଜେ ! ଏତେ ଶାନ୍ତଶିଷ୍ଟ ତମେ। ହେଲେ ମୋ ଡାଡ଼ି ତୁମର ପୂରା ଅପୋଜିଟ୍। ତମକୁ ଆସି ଅଶୀବର୍ଷ ହେଲାଣି। ଏ ବୟସରେ ତମେ ଦଣ୍ଡ ବୈଠକ ମାରି ପାରୁଛ, ପାଞ୍ଚ କିଲୋମିଟର ଯାଏ ଚାଲିପାରୁଛ। ଖାଲି ଆଖିରେ ପେପର ପଢୁଛ। ହେଲେ ମୋ ଡାଡି କେଡ଼େ ମୋଟା ଚଷମା ପିନ୍ଧୁଛନ୍ତି ! ତମେ ଭୋର୍ ଚାରିଟାରେ ଉଠୁଛ, ସେମାନେ ଆଠଟା ନଅଟାରେ ଉଠୁଛନ୍ତି। ଏଇଟା କେମିତି ସମ୍ଭବ ? ସେଇଥିଲାଗି ପଚାରିଲି, ମୋ ଡାଡ଼ି ତମ ପୁଅ.....।

ପାଗଳାଟା ! ଏକା ସାଙ୍ଗରେ ଏତେ ଗୁଡ଼ାଏ ପ୍ରଶ୍ନ। ଠିକ୍ ଅଛି। ନିଶ୍ଚୟ କହିବି। ତୋ ଡାଡ଼ି ମୋ ପୁଅ ସତ, ହେଲେ ତା ଜେଜେଙ୍କର ଅତ୍ୟଧିକ ସ୍ନେହ ତାର ପଥରୋଧ କଲା। ତା ଜେଜେ ତାକୁ ଉଚିତ ଶିକ୍ଷା ଦେଇପାରିଲେ ନାହିଁ। ହାତରେ ଟଙ୍କାପଇସା ଥିଲେ ସମସ୍ତେ ଶିକ୍ଷିତ ହୋଇଯାଆନ୍ତି ନାହିଁ। ପିଲାଟା ହାତରେ ଜବରଦସ୍ତି ହାତଖର୍ଚ୍ଚ ଦେଇ ତାକୁ ପଥଭ୍ରଷ୍ଟ କଲେ। ମୋ ସଙ୍ଗରେ ସେ ଆସିଥିଲେ, ଏ ସବୁ ଭୁଲ ତାହାର ହୋଇ ନଥାନ୍ତା।

ଜେଜେ, ଡାଡ଼ିଙ୍କର ଆଖି କଅଣ ଏତେ ଖରାପ ?

ହଁ, ବହୁତ ଖରାପ। ସଦାବେଳେ କମ୍ପ୍ୟୁଟର ପାଖରେ ବସି ବସି ତୋ ଡାଡ଼ି ସେତକ ଅର୍ଜନ କରିଛି। ମୋଟା ଚଷମା ଆଉ ବ୍ୟାକ୍‌ପେନ୍ ତାକୁ ଫ୍ରିରେ ମିଳିଛି।

ହସି ଉଠିଛି ନାତି ବୋନି। କ'ଣ ଯେ ଜେଜେ ତୁମେ କୁହ.....

ମୋ ବାପାଙ୍କର ଅତ୍ୟଧିକ ନାତି ସ୍ନେହ, ପିଲାଟାକୁ ନଷ୍ଟ କରିଦେଲା। ଚାକିରି କଲା। କମ୍ପ୍ୟୁଟର ପାଖେ ବେଶି ସମୟ ତାର କଟିଗଲା। ଆଖିକୁ ତ ପୁଣି ବିଶ୍ରାମ ଦରକାର। ସେତିକି ନକରିବାରୁ ତାର ଫଳ ଏବେ ସେ ଭୋଗୁଛି।

ଜେଜେ ସଂଧ୍ୟା ପାଞ୍ଚଟା ପୂର୍ବରୁ ତୁମେ କାହିଁକି ଖାଇଥାଅ ?

ଗାନ୍ଧୀ ଆଶ୍ରମ ଆଉ ଜେଲ୍‌ରୁ ଏ ସବୁ ମୁଁ ଅମଳ କରିଛି। ସେଠି ଆମକୁ ଶିଖାଯାଇଥିବା ଶୃଙ୍ଖଳା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଛି। ସପ୍ତାହକୁ ଗୋଟିଏ ଓଳି ଉପବାସ ନିହାତି ଦରକାର। ସନ୍ତୁଳିତ ଆହାର ଶରୀର ପାଇଁ ଆବଶ୍ୟକ। ମନେରଖିବା ଉଚିତ ଯେ ଆମେ ଖାଇବା ପାଇଁ ବଞ୍ଚିନୁ, ବଞ୍ଚିବା ପାଇଁ ଖାଦ୍ୟ ଖାଇଥାଉ। ହେଲେ ତୋ ଡାଡ଼ି ଏ ସବୁର ଆଦୌ ଧାର ଧରିଲାନି। ତେଣୁ ଯାହା ହେବା କଥା ହେଲା।

ତମେ ଏ ସବୁକଥା ତାଙ୍କୁ ଶିଖାଇ ପାରିଥାନ୍ତ !

ତା' ଜେଜେ ତାକୁ ବୋର୍ଡିଂ ସ୍କୁଲରେ ଭର୍ତ୍ତି କରିଦେଲେ। ମୋ କଥା ଆଦୌ ଶୁଣିଲେନି। ମୁଁ ସକାଳ ସନ୍ଧ୍ୟାରେ ଏକ୍ସରସାଇଜ୍ କରେ। ପିଲାଟାକୁ ମୋ ପାଖକୁ ଛାଡିଥିଲେ ଏ ସବୁ ସେ ଶିଖିପାରିଥାଆନ୍ତା। ହେଲେ ତା' ଜେଜେଙ୍କର ଯୁକ୍ତି ହେଲା, "ସଂସାରେ ଥିବ ଯେତେ ଦିନ, ଆନନ୍ଦ କରୁଥିବ ମନ।" ଏ ପଦର ବାସ୍ତବ ଅର୍ଥଠାରୁ ତାକୁ ଦୂରେଇ ରଖିଲେ। ଯେଉଁ ବୟସରେ କର୍ମ କରିବା କଥା, ସେ ତାକୁ ସେ ସୁବିଧାରୁ ବଞ୍ଚିତ କଲେ। ଆପେ ଭଲ ଥିଲେ, ବାପର ନାଆଁ - ଏହାର ନେଗେଟିଭ୍ ଅର୍ଥ ତାକୁ ଶିକ୍ଷା ଦେଲେ। କ୍ରମଶଃ ପିଲାଟା ମୋ ଆଦର୍ଶରୁ ଦୂରେଇଯାଇ ଗୋଟାଏ କୂପମଣ୍ଡୁକ ହୋଇଗଲା। କୂଅର ବେଙ୍ଗପାଇଁ କୂଅ ହେଉଛି ଦୁନିଆ। ତା ବାହାରେ ଯେ ଗୋଟାଏ ଦୁନିଆ ଅଛି, ଏକଥା ତାକୁ ଶିଖିବାକୁ ଦେଲେନାହିଁ। କ୍ଷଣିକ ଚାକଚକ୍ୟ, ବିଳାସବ୍ୟସନର ତାସ୍‌ଘର ଭିତରେ ତାକୁ ଆବଦ୍ଧ କରି ରଖିଲେ। ଯାହାର ଫଳ ତୁ ଆଖି ଆଗରେ ଦେଖୁଛୁ।

ଜେଜେ ତୁମେ ବହୁତ ଭଲ। ସମସ୍ତେ ଯଦି ତୁମଭଳି ହୋଇପାରନ୍ତେ, ଏ ଦୁନିଆ ସ୍ୱର୍ଗ ହୋଇଯାଆନ୍ତା।

ଗାନ୍ଧୀ, ବିନୋବା, ଉତ୍କଳମଣି ସମସ୍ତେ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ଗୋପବନ୍ଧୁ ପରା କହିଥିଲେ - 'କର୍ମେ ଜିଏ ନର, କର୍ମ ଏକା ତାର ଜୀବନର ମାନଦଣ୍ଡ'। ସିଏ କ'ଣ ଭୁଲ୍ କହିଥିଲେ ?

ହଁ ଜେଜେ, ତୁମେ ଆଜି ଯାହା କିଛି ହେଇଛ, କି ପାଇଛ, ସବୁ ସେହି ବଡ଼ମଣିଷଙ୍କ ଆଶୀର୍ବାଦରୁ।

ହଁ ରେ ବୋନି, ସେମାନେ ଆମପାଇଁ ବୃକ୍ଷ ସଦୃଶ। ଏକାସାଙ୍ଗରେ ଫୁଲ, ଫଳ, ଛାୟା ଆମକୁ ବିନା ସ୍ୱାର୍ଥରେ ପ୍ରଦାନ କରିଥାନ୍ତି।

ଜାଣିଲ ଜେଜେ, ମୋ ସାଙ୍ଗମାନଙ୍କୁ ମୁଁ ସଦାବେଳେ ତମରି ଉଦାହରଣ ଦେଇଥାଏ।

ହସୁଥିଲେ ଜେଜେ ଆଉ ନାତିର ବୁଦ୍ଧିକୁ ତାରିଫ୍ କରୁଥିଲେ।

ଜେଜେ, ସେମାନେ ଯଦି ତୁମକୁ ଭେଟିବାକୁ ଚାହିଁବେ, କ'ଣ କହିବି ?

କିଛି ଅସୁବିଧା ନାହିଁ। ଭେଟିପାରିବେ, ହେଲେ ମୋ ସମୟରେ। ଯେ କୌଣସି ସମୟରେ ନୁହେଁ।

'ଜେଜେ' ?

ହଁ, ପ୍ରତ୍ୟେକ ସମୟର ମୂଲ୍ୟ ବୁଝିବା ଉଚିତ। ଆମେ ସମୟକୁ ସମ୍ମାନ ଦେଲେ, ସମୟ ଆମକୁ ଠିକ୍ ରାସ୍ତା ଦେଖାଇବ।

ଆଉ କିଛି ?

ହଁ, ଜୀବନରେ ଖାଦ୍ୟ, ବସ୍ତ୍ର, ବାସସ୍ଥାନ ଭଳି ଶିକ୍ଷା ସଭ୍ୟତା ବି ଦରକାର। ତେବେ ଗୋଟିଏ କଥା ପ୍ରଥମେ ଆମର ମନେରଖିବା ଉଚିତ। ଆଚାର୍ଯ୍ୟ ହରିହର ସବୁବେଳେ କହୁଥିଲେ - 'ମଣିଷ ହୁଅ, ଭଲ ମଣିଷ'। ବାସ୍ ଏତିକି।

୫୮, ମୈତ୍ରୀଜନପଦ,
ନହରକଣ୍ଟା, ଭୁବନେଶ୍ୱର - ୭୫୨୧୦୧
ମୋ - ୯୪୩୭୯୧୯୧୨୩



# ଦ୍ୱନ୍ଦ୍ୱ ହିଁ ଜୀବନାନୁଭୂତି ଓ ଆନନ୍ଦାନୁଭୂତିର କଳା

*ଡ. ଫକୀର ମୋହନ ସାହୁ*

ମନୁଷ୍ୟର ଜୀବନ ବାସ୍ତବ କି ଅଳୀକ ଏ ଦ୍ୱନ୍ଦ୍ୱ ଚିରନ୍ତନ ଏବଂ ଜୀବନ ସ୍ଥିତିର ଏକ ପ୍ରାମାଣିକ ସୂଚକ । ଏପରି ଦ୍ୱନ୍ଦ୍ୱକୁ ବାଦ୍ ଦେଇ ମନୁଷ୍ୟ ଜୀବନର ପରିକଳ୍ପନା କରାଯାଇ ପାରିବ ନାହିଁ । ସମସ୍ତେ ଜାଣନ୍ତି ସ୍ୱପ୍ନ ସତ୍ ନୁହେଁ; ତଥାପି ମସ୍ତିଷ୍କରୁ କେତେକ ବିଷାକ୍ତ ସାମଗ୍ରୀ ନିଷ୍କାସିତ କରିବାରେ ଏହା ଯେପରି ସହାୟକ ଅପୂରିତ କାମନା ବାସନାର ପରିପୂରଣ ପାଇଁ ଏହା ସେପରି ପ୍ରୟୋଜନ । ଦ୍ୱନ୍ଦ୍ୱ ହିଁ ଜୀବନକୁ ଗତିଶୀଳତା ଦିଏ । ମନୋବିଜ୍ଞାନୀ ଏରିକ୍ସନ୍ ଜୀବନର ପ୍ରତିଟି ପର୍ଯ୍ୟାୟରେ ଯେଉଁ ପରସ୍ପର ବିରୋଧୀ ଉପାଦାନସମୂହର ଦ୍ୱନ୍ଦ୍ୱ ପ୍ରକଟିତ କରିଛନ୍ତି, ତାହା ନିମ୍ନ ସାରଣୀରୁ ସ୍ପଷ୍ଟ ହେବ ।

ସେହିପରି ଭାବରେ ଆଦ୍ୟ ବାଲ୍ୟକାଳରେ ଅନ୍ୟ ପ୍ରକାର ଦ୍ୱନ୍ଦ୍ୱ ଆସେ । ପିଲାଟି ବଡ଼ ବଡ଼ ସୁଟ୍‌କେଶ ନିଜେ ଉଠାଇବାର ଚେଷ୍ଟା କରିଥାଏ । ଅଥଚ ଜୋତାରେ ଫିତା ସଜାଡ଼ିବାକୁ ମା'କୁ ଡାକିଥାଏ । ପ୍ରାକ୍-ବିଦ୍ୟାଳୟ ଜୀବନର ଆତ୍ମନିର୍ଭରତା ଓ ପରନିର୍ଭରତା ଏବଂ ବିଦ୍ୟାଳୟ ଜୀବନରେ ସଫଳତା-ବିଫଳତା ମଧ୍ୟରେ ଦ୍ୱନ୍ଦ୍ୱ ବଳବତ୍ତର ରହେ । କିଶୋର କିଶୋରୀ ଜୀବନରେ ଦ୍ୱନ୍ଦ୍ୱ ହେଉଛି ଆତ୍ମ ପରିଚିତିର ଦ୍ୱନ୍ଦ୍ୱ । ମୁଁ ମୋର ପିତାଙ୍କ ପରି ହେବି କି ମା'ଙ୍କୁ ଅନୁସରଣ କରିବି ? ଶିକ୍ଷକ ମୋର ଅନୁକରଣୀୟ ବ୍ୟକ୍ତିତ୍ୱ କି ରାଜନେତା ମୋର ଅନୁକରଣୀୟ ? ଆତ୍ମ-ପରିଚିତିର ଏହି ସଂକଟ ମଧ୍ୟରୁ ବାହାରି ଆସିବାର ସଂଗ୍ରାମ ଲାଗିରହେ ।

| ସୋପାନର କ୍ରମ | ସ୍ତର | ବୟସ | ଦ୍ୱନ୍ଦ୍ୱର ଉପାଦାନ |
|---|---|---|---|
| ପ୍ରଥମ | ଶୈଶବ | ଏକ ବର୍ଷ | ବିଶ୍ୱାସ ଓ ଅବିଶ୍ୱାସ |
| ଦ୍ୱିତୀୟ | ଆଦ୍ୟ/ବାଲ୍ୟକାଳ | ଦୁଇରୁ ତିନି ବର୍ଷ | ସ୍ୱାଧୀନ ମନୋଭାବ/ ବାହ୍ୟ ନିୟନ୍ତ୍ରଣ |
| ତୃତୀୟ | ପ୍ରାକ୍-ବିଦ୍ୟାଳୟ । | ଚାରିରୁ ପାଞ୍ଚ ବର୍ଷ | ଆତ୍ମ ନିର୍ଭରତା/ ପର ନିର୍ଭରତା |
| ଚତୁର୍ଥ | ବିଦ୍ୟାଳୟ ଜୀବନ | ବାର ବର୍ଷ | ସଫଳତା ବନାମ ବିଫଳତା |
| ପଞ୍ଚମ | କୈଶୋର | ବାରରୁ ଅଠର ବର୍ଷ | ଆତ୍ମ ପରିଚିତ /ଦ୍ୱନ୍ଦ୍ୱ (ମୁଁ କିଏ) |
| ଷଷ୍ଠ | ଆଦ୍ୟ ଯୌବନ | କୋଡ଼ିଏରୁ ତିରିଶି ବର୍ଷ | ଏକାକୀତ୍ୱ ବନାମ ଅନ୍ତରଙ୍ଗିତ୍ୱ |
| ସପ୍ତମ | ଯୌବନ | ଚାଳିଶିରୁ ପଚାଶ ବର୍ଷ | ଆତ୍ମବିକାଶ ବନାମ ଉତ୍ତର ପୁରୁଷ |
| ଅଷ୍ଟମ | ଉତ୍ତର ଯୌବନ | ଷାଠିଏରୁ ଊର୍ଦ୍ଧ୍ୱ | ଅର୍ଥହୀନତା ବନାମ ସାର୍ଥକତା |

ପ୍ରଦତ୍ତ ସାରଣୀରୁ ଏହା ସ୍ପଷ୍ଟ ଯେ ଶୈଶବ ସମୟରେ ଶିଶୁ ବିଶ୍ୱାସ-ଅବିଶ୍ୱାସର ଦ୍ୱନ୍ଦ୍ୱ ଅନୁଭବ କରେ । ଠିକ୍ ସମୟରେ ଜନନୀ ବା ଅନ୍ୟ ଯତ୍ନକାରୀ ଶିଶୁର ଚାହିଦା ପୂରଣ କଲେ ବିଶ୍ୱାସ ଜନ୍ମିଥାଏ, ମାତ୍ର ତା'ର ଚାହିଦା ଅବହେଳିତ ହେଲେ ଅବିଶ୍ୱାସ ଜନ୍ମେ । ବଡ଼ କଥା ହେଉଛି ଯେ ଶିଶୁ ମନର ଏହି ବିଶ୍ୱାସ ଅବିଶ୍ୱାସ ବାହ୍ୟ ଜଗତକୁ ପ୍ରସାରିତ ହୁଏ । ବିଶ୍ୱାସର ଅନୁଗତ ହୋଇ ଶିଶୁ ହୁଏତ ଭାବିଥାଏ, ଯେ ବାହ୍ୟ ଜଗତରେ ସ୍ଥିରତା ଅଛି ଏବଂ ଏହା ଉପରେ ନିର୍ଭର କରାଯାଇପାରେ । ଅନ୍ୟ ପକ୍ଷରେ ଅବିଶ୍ୱାସର ଶରବ୍ୟ ହୋଇ ସେ ହୁଏତ ଧରିନିଏ ଯେ ଅନ୍ୟମାନଙ୍କ ଉପରେ ଆସ୍ଥା ରଖିବା ଅନୁଚିତ୍ । ଯେଉଁ ଶିଶୁ ଦ୍ୱନ୍ଦ୍ୱରୁ ବାହାରିଆସେ ସେ ଜୟୀ ହୁଏ ଏବଂ ଶିଶୁ ବିକାଶର ଯାତ୍ରାରେ ଅଗ୍ରଗାମୀ ହୁଏ ।

ଆଦ୍ୟ ଯୌବନରେ ମୁଖ୍ୟ ଦ୍ୱନ୍ଦ୍ୱ ହେଉଚି ଏକାକୀତା-ବନାମ-ଅନ୍ତରଙ୍ଗତା । ଏପରି ଦ୍ୱନ୍ଦ୍ୱରୁ ବାହାରିଆସିବା ପରେ ଯୌବନରେ ଦ୍ୱନ୍ଦ୍ୱର ଉପାଦାନ ଆସିଥାଏ ଆତ୍ମନିବିଷ୍ଟତା ଓ ସ୍ୱାତିକ୍ରମତା ମଧ୍ୟରେ । ନିଜର ଘରବାଡ଼ି ପୁତ୍ର କନ୍ୟାଙ୍କ ବିକାଶ ମଧ୍ୟରେ ବ୍ୟକ୍ତି ସୀମାବଦ୍ଧ ରହିବ କି ନିଜର ବ୍ୟକ୍ତିଗତ ସ୍ୱାର୍ଥର ଊର୍ଦ୍ଧ୍ୱକୁ ଯାଇ ଉତ୍ତର ପୁରୁଷ ପାଇଁ ଚିନ୍ତା କରିବ ? ସ୍ୱାତିକ୍ରମତା ଚିନ୍ତନ ତାକୁ ଦ୍ୱନ୍ଦ୍ୱ ଯୁକ୍ତ କରେ ଉତ୍ତର-ଯୌବନରେ ମାନସିକ ଦ୍ୱନ୍ଦ୍ୱ ବହୁମାତ୍ରାରେ ସ୍ମୃତି-କୈନ୍ଦ୍ରିକ । ମୁଁ ଅନ୍ୟମାନଙ୍କ ପାଇଁ କିଛି କରିଛି କି ମୋ ଜୀବନଟା ଏମିତି ସେମିତି ବ୍ୟର୍ଥତା ମଧ୍ୟରେ କଟିଗଲା ? ବ୍ୟର୍ଥତା ଓ ସାର୍ଥକତା ମଧ୍ୟରେ ଦ୍ୱନ୍ଦ୍ୱ ଜୀବନର ଶେଷ ପର୍ଯ୍ୟାୟକୁ ଆଲୋଡିତ କରେ ।

ସ୍ଥୁଳତଃ ଜୀବନର ପ୍ରତିଟି ପର୍ଯ୍ୟାୟର ଦ୍ୱନ୍ଦ୍ୱ ହିଁ ଜୀବନକୁ ସକ୍ରିୟ ରଖେ। ଏହି ଦ୍ୱନ୍ଦ୍ୱର ଉପଯୋଗୀ ସମାଧାନ କରି ସେଥିରୁ ବାହାରି ଆସିଥିବା ବ୍ୟକ୍ତିର ଜୀବନ କ୍ରିୟାଶୀଳ, ଗତିଶୀଳ ଓ ବିକଶିତ ହୁଏ। ଜିତିଥିବାର ଅନୁଭବ ସଂଗ୍ରାମରେ ବିଶିଷ୍ଟ ହୋଇଥିବାର ଅନୁଭବ ବ୍ୟକ୍ତିର ପଲ୍ଲବରେ ସହାୟକ। ଦ୍ୱନ୍ଦ୍ୱକୁ ସମାଧାନ କରିଥିବାର ଅନୁଭବ ଜୀବନାନୁଭୂତିରେ ଯେଉଁ ଭିତ୍ତିଭୂମି ନିର୍ମାଣ କରେ ସେହି ଭିତ୍ତିଭୂମି ଉପରେ ଆନନ୍ଦାନୁଭୂତିର ସୌଧ ନିର୍ମାଣ ପାଇଁ ଅନ୍ୟ କେତୋଟି ସ୍ତମ୍ଭର ଆବଶ୍ୟକତା ରହିଛି। ଜୀବନରେ ସୁଖାନୁଭୂତି ଓ ଆନନ୍ଦାନୁଭୂତି ପାଇଁ ବେଶ କେତୋଟି ଉପାଦାନ ପ୍ରୟୋଜନ ହେଲେ ମଧ୍ୟ ଏଠାରେ କେବଳ ମୁଖ୍ୟ କେତୋଟି ସ୍ତମ୍ଭର ସୂଚନା ଦିଆଯିବ। ସମସାମୟିକ ମନୋବୈଜ୍ଞାନିକ ଓ ସାମାଜ-ବିଜ୍ଞାନର ଗବେଷଣା ଉପରେ ଏ ସମସ୍ତ ଭାବଧାରା ପ୍ରତିଷ୍ଠିତ।

### ଇକିଗାଇ ନୀତି :

ଇକିଗାଇ ଏକ ଜାପାନୀ ଶବ୍ଦ। ଦୀର୍ଘ ଓ ସୁଖମୟ ଜୀବନ ପାଇଁ ଏହାକୁ ଜାପାନୀ ମନ୍ତ୍ରର ମର୍ଯ୍ୟାଦା ଦିଆଯାଇଛି। ସମସ୍ତେ ଜାଣନ୍ତି ଯେ ଜାପାନ କେତୋଟି ଦ୍ୱୀପର ସମାହାର। ଏହି ଦେଶର ଓକିନାୱା ଦ୍ୱୀପରେ ବସବାସ କରୁଥିବା ଲୋକମାନଙ୍କର ଜୀବନ ଶୈଳୀର ଅନନ୍ୟତା ସମସ୍ତଙ୍କ ପାଇଁ ଯେଉଁ ସମ୍ଭାବନା ସୃଷ୍ଟି କରିଛି ତାହା ଯେପରି ବିଜ୍ଞାନ-ଭିତ୍ତିକ ସେହିପରି ମଧ୍ୟ ବିସ୍ମୟକର।

ଓକିନାୱା ଏକ ଦୀର୍ଘଜୀବୀର ଦ୍ୱୀପ। ଏଠାରେ ବସବାସ କରୁଥିବା ପ୍ରାୟ ଏକଲକ୍ଷ ଲୋକମାନଙ୍କ ମଧ୍ୟରୁ ୨୫ ଜଣରୁ ଅଧିକ ଶତାୟୁ। ଏହି ଦ୍ୱୀପର ଉତ୍ତର ପ୍ରାନ୍ତରେ ଗୋଟିଏ ଗ୍ରାମ ଅଛି। ଏହାର ଲୋକସଂଖ୍ୟା ତିନି ହଜାର। ଏହାକୁ ଦୀର୍ଘ ଜୀବନର ଗ୍ରାମ କୁହାଯାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବିଶ୍ୱର ଯେଉଁ କେତୋଟି ସ୍ଥାନକୁ ସବୁଜସ୍ଥାନ (ଦୀର୍ଘ ଜୀବନର ଭୂଖଣ୍ଡ) ବାଛିଛନ୍ତି ସେଥିମଧ୍ୟରେ ଓକିନାୱା ସ୍ଥାନିତ ହୋଇଛି।

ଏଠାରେ ଲୋକମାନଙ୍କର ଜୀବନଶୈଳୀ ଖୁବ୍ ସରଳ। ଲୋକମାନେ ପରିଶ୍ରମୀ। ଅବସର ଗ୍ରହଣ କରିବାର ପରିକଳ୍ପନା ନାହିଁ। ଶରୀର ଚଳନା ଓ ମସ୍ତିଷ୍କ ଚଳନା ଅବ୍ୟାହତ ରଖନ୍ତି। ଖାଇବା ସମୟରେ ପେଟଭରି ଖାଇବା ପରିବର୍ତ୍ତେ ୮୦ ପ୍ରତିଶତ ଖାଇବାର ନିୟମ ଅନୁସରଣ କରନ୍ତି। କେତେକ ଫଳମୂଳ ନିୟମିତ ଖାଆନ୍ତି। ଅର୍ଥପୂର୍ଣ୍ଣତା ଓ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନ ଏମାନଙ୍କ ଜୀବନ ଶୈଳୀର ଅବିଚ୍ଛେଦ୍ୟ ଅଂଶ। ଆନନ୍ଦାନୁଭୂତି ପାଇଁ ଅର୍ଥପୂର୍ଣ୍ଣତା ଓ ଉଦ୍ଦେଶ୍ୟପୂର୍ଣ୍ଣତା କେବଳ ଇକିଗାଇ ନୀତିର ଅଂଶ ବିଶେଷ ନୁହେଁ; ଏ ଦୁଇଟି ଉପାଦାନ ଆନନ୍ଦାନୁଭୂତି ପରିପ୍ରେକ୍ଷୀରେ ବହୁ ସମର୍ଥିତ। ଏ ଦୁଇଟିର ପୃଥକ ବିଚାର କରାଯାଇପାରେ।

### ଅର୍ଥପୂର୍ଣ୍ଣତା (ଲୋଗୋଥେରାପି) :

ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱକୁ ଯାଇ ଜୀବନକୁ ଆନନ୍ଦମୁଖର କରିବା ପାଇଁ ବିଶେଷଜ୍ଞମାନେ ବିବିଧ ମାର୍ଗ ଦର୍ଶାଇଛନ୍ତି। ସେଥିମଧ୍ୟରୁ ଅର୍ଥପୂର୍ଣ୍ଣ ଜୀବନର ଅନ୍ୱେଷଣ ଅନ୍ୟତମ। ଇକିଗାଇର ଜାପାନୀ ମନ୍ତ୍ରରେ ମଧ୍ୟ ଏହା ପ୍ରତିଫଳିତ। ହିନ୍ଦୁ ଦର୍ଶନ ଓ ବୌଦ୍ଧ ଦର୍ଶନରେ ଏହା ଉଚ୍ଚାରିତ ହୋଇଥିଲେ ମଧ୍ୟ ଆଧୁନିକ ଜଗତରେ ବିଶିଷ୍ଟ ମନୋବିଜ୍ଞାନୀ ଓ ସ୍ନାୟୁବିଜ୍ଞାନୀ, ଫ୍ରାଙ୍କଲ୍ ଲୋଗୋଥେରାପି (Logotherapy) ବା ଅର୍ଥପୂର୍ଣ୍ଣତା ଅନ୍ୱେଷଣ ଭିତ୍ତିକ ଚିକିତ୍ସାର ପ୍ରଖ୍ୟାପନ କରି ଏହାକୁ ଏକ ବ୍ୟବହାରିକ ରୂପରେଖ ଦେଇ ପାରିଛନ୍ତି।

ଭିକ୍ଟର ଫ୍ରାଙ୍କଲଙ୍କ ଜୀବନୀ ଯେପରି ବିସ୍ମୟକର ସେପରି ମଧ୍ୟ ଶିକ୍ଷାପ୍ରଦ। ଫ୍ରାଙ୍କଲ୍ ଇହୁଦି ବଂଶଜ ଥିଲେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନାଜୀମାନଙ୍କର ନାରକୀୟ ଯନ୍ତ୍ରଣାରେ ଶରବ୍ୟ ହୋଇଥିଲେ।

ସ୍ଥିତିବାଦୀ ସାହିତ୍ୟରେ ଫ୍ରାଙ୍କଲ୍ ଜଣେ ବିଶିଷ୍ଟ ଲେଖକ ଥିଲେ। ପ୍ରତିଦିନ ସେ କିଛି ନା କିଛି ଲେଖୁଥିଲେ। ହିଟ୍‌ଲର କ୍ଷମତାକୁ ଆସିବା ପରେ ନାଜୀମାନେ ତାଙ୍କର ସମସ୍ତ ରଚନା ନଷ୍ଟ କରିଦେଲେ। ସେ ଭିଏନା ବିଶ୍ୱବିଦ୍ୟାଳୟରେ ସ୍ନାୟୁ ବିଜ୍ଞାନରେ ଉପାଧି ହାସଲ କରିଥିଲେ ମଧ୍ୟ ତାଙ୍କୁ ଚିକିତ୍ସା କରିବାର ସୁଯୋଗ ଦିଆଗଲା ନାହିଁ। ସେ ଅତ୍ୟାଚାରିତ ହୋଇ ପରିବାରର ସମସ୍ତଙ୍କୁ ହରାଇଲେ। ତାଙ୍କର ଚକ୍ଷୁ ସାମ୍ନାରେ ତାଙ୍କର ପତ୍ନୀ ନିର୍ଯ୍ୟାତିତା ହେଲେ। ଏକମାତ୍ର ଭଉଣୀ କୌଣସିମତେ ଅଷ୍ଟ୍ରେଲିଆ ଲୁଚି ପଳାଇଲେ। ସବୁଠାରୁ କଠୋର ଓ ନାରକୀୟ ଯନ୍ତ୍ରଣା ଶିବିରରେ (ପୋଲାଣ୍ଡର ଅସଉଇଜ୍‌ରେ) ତାଙ୍କୁ ଜୀବନ କାଟିବାକୁ ହୋଇଥିଲା। ପ୍ରତିଦିନ ହଜାର ହଜାର ଇହୁଦି ଗ୍ୟାସ କୋଠରୀକୁ ଯାଇ ମୃତ୍ୟୁବରଣ କରିବାର ଦୃଶ୍ୟ ସେ ଦେଖୁଥିଲେ। ଯେ କୌଣସି ମୁହୂର୍ତ୍ତରେ ଗ୍ୟାସ୍ ଚେମ୍ବରକୁ ପଠାହେବାର ଆଶଙ୍କା ତୀବ୍ର ଥିଲା। ଏସବୁ ଜୀବନ ଯନ୍ତ୍ରଣା ସତ୍ତ୍ୱେ ପ୍ରତିଦିନ ଫ୍ରାଙ୍କଲ୍ କିଛି ନା କିଛି ଲେଖି ଚାଲିଥିଲେ।

ହିଟଲରଙ୍କ ପତନ ପରେ ସେ ଅସଉଇଜ୍ ଶିବିରରୁ ମୁକ୍ତ ହୋଇ ଜୀବନର ଶଙ୍ଖଧ୍ୱନି କଲେ। ସେ ଯେଉଁ ବିଷାଦର ଶରବ୍ୟ ହୋଇଥିଲେ, ବିଶ୍ୱବାସୀ ସେପରି ଅବସାଦର ଶିକାର ନହୁଅନ୍ତୁ ଏହା ତାଙ୍କ ଜୀବନର ବ୍ରତ ହେଲା। ସେ ଅଷ୍ଟ୍ରିଆର ଭିଏନା ସହରରେ ନିଜର ଚିକିତ୍ସାଳୟ ସ୍ଥାପନ କଲେ। ଏହାର ନାମ ହେଲା ଲୋଗୋଥେରାପି କ୍ଲିନିକ୍। ଗ୍ରୀକ୍ ଭାଷାରେ ଲୋଗୋର ଅର୍ଥ ହେଉଛି ଅର୍ଥପୂର୍ଣ୍ଣତା (Meaning)। ଅର୍ଥପୂର୍ଣ୍ଣତାର ଅନ୍ୱେଷଣ ଜୀବନର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ଫ୍ରାଙ୍କଲ୍ ଘୋଷଣା କଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମାନସିକ ଚିକିତ୍ସା ପରିପ୍ରେକ୍ଷୀରେ ଭିଏନା ସହରଟି ନାଭିକେନ୍ଦ୍ର। ଫ୍ରାଙ୍କଲଙ୍କ ପୂର୍ବରୁ କ୍ଲାସିକାଲ୍ ମନସମୀକ୍ଷକ ଫ୍ରଏଡ୍, ୟୁଙ୍ଗ୍ ଓ ଆଡ୍‌ଲର୍ ମଧ୍ୟ ନିଜ ନିଜର ଚିକିତ୍ସା କେନ୍ଦ୍ର ଏଠାରେ ସ୍ଥାପନ କରିଥିଲେ।

ଫ୍ରାଙ୍କଲ୍ ସଂଖ୍ୟାଧିକ ପୁସ୍ତକ ଲେଖିଛନ୍ତି। ମୂଳ ଚିନ୍ତାଧାରା ହେଉଛି ଅର୍ଥପୂର୍ଣ୍ଣତାର ଅନ୍ୱେଷଣ। ରଚନା ମଧ୍ୟରେ Man's Search for Meaning ବହୁଜନ ସମାଦୃତ ପୁସ୍ତକ। ଲୋଗୋଥେରାପିର ମୂଳମନ୍ତ୍ର ହେଉଛି ପ୍ରତ୍ୟେକ ବ୍ୟକ୍ତିକୁ ଜୀବନର ଅର୍ଥବୋଧ ଆବିଷ୍କାର କରିବାକୁ ହେବ। ବିଶେଷଜ୍ଞ, ମନୋବିଜ୍ଞାନୀ ଓ ମନୋଚିକିତ୍ସକ ଏଥିରେ ସହାୟତା କରିପାରନ୍ତି। କିନ୍ତୁ ବ୍ୟକ୍ତିର ନିଜସ୍ୱ ପ୍ରୟାସ ଅତ୍ୟାବଶ୍ୟକ। ଜଣେ

ମାନବବାଦୀ ମନୋଚିକିତ୍ସକ ରୂପେ ଫ୍ରାଙ୍କଲ୍ ଅବିସ୍ମରଣୀୟ । ବିଶେଷତଃ ଭାରତ ପରି ଦେଶରେ ଏହି ଚିକିତ୍ସା ପଦ୍ଧତିର ବହୁଳ ପ୍ରୟୋଗ ଏ ଯାବତ୍ ହୋଇନଥିଲେ ମଧ୍ୟ ଭବିଷ୍ୟତ ପାଇଁ ଏହା ବହୁ ସମ୍ଭାବନାରେ ପରିପୂର୍ଣ୍ଣ ।

### ତଲ୍ଲୀନତା (ପୂର୍ଣ୍ଣମନସ୍କତା) :

ପ୍ରତି ମଣିଷ ଏପରି କିଛି ମୁହୂର୍ତ୍ତରେ ଅନୁଭବ ପାଇଥାଏ ଯେଉଁ ସମୟରେ ସେ ଆତ୍ମବିସ୍ମୃତ ହୋଇଉଠେ । ନିଜର ଭୋକଶୋଷ ଭୁଲିଯାଏ । ଏପରିକି ଦାନ୍ତଘଷିବା, ଗାଧୋଇବା ପରି ଦିନଚର୍ଯ୍ୟା ମଧ୍ୟ ଭୁଲିଯାଏ । ଗଭୀର ନିମଗ୍ନତା ମଧ୍ୟରେ ବୁଡ଼ିଯାଏ । ଏପରି ଗଭୀର ଏକାଗ୍ରତାକୁ ମନୋବିଜ୍ଞାନୀମାନେ ତଲ୍ଲୀନତା (Flow) କୁହନ୍ତି । ତଲ୍ଲୀନତା ଅନୁଭବ କରୁଥିବା ବ୍ୟକ୍ତି ପାଇଁ ସମୟ ଦ୍ରୁତ ଗତିରେ ଚାଲିଯାଏ କିମ୍ବା ଗୋଟିଏ ବିନ୍ଦୁରେ ସ୍ଥିର ହୋଇ ରହିଯାଏ । ନର୍ତ୍ତକୀ ନୃତ୍ୟରେ ରୂପାନ୍ତର ହୁଏ; ସନ୍ତରଣକାରୀ ସନ୍ତରଣର ରୂପ ନିଏ, ଖେଳାଳୀ ଖେଳର ରୂପ ନିଅନ୍ତି । ଏପରି ଏକ ରୂପାନ୍ତରଣ ପ୍ରକ୍ରିୟା ସମଗ୍ର ବ୍ୟକ୍ତିକୁ ଆଚ୍ଛନ୍ନ କରେ ।

ପ୍ରତି ବ୍ୟକ୍ତି ହୁଏତ ସମୟ ସମୟର ଏପରି ତଲ୍ଲୀନତା ଅନୁଭବ କରନ୍ତି । ତଲ୍ଲୀନତା ନିଶ୍ଚିତ ଭାବରେ ଆନନ୍ଦଦାୟକ । ବେଶୀଥର ଏବଂ ଅଧିକ ସମୟ ଧରି ତଲ୍ଲୀନତାର ଅନୁଭବ ପାଇବା ପାଇଁ ବ୍ୟକ୍ତି ପ୍ରୟାସ କରିବା ଉଚିତ୍ । ଲକ୍ଷ୍ୟ କରିବାର କଥା ଯେ ପେସା ଓ ବୃତ୍ତି ନିର୍ବିଶେଷରେ ବ୍ୟକ୍ତି ତଲ୍ଲୀନତାର ଅନୁଭବ ପାଇପାରେ । ରାସ୍ତାରେ କାମ କରୁଥିବା ଜଣେ ଶ୍ରମିକ ଯେପରି ତଲ୍ଲୀନତା ପାଇପାରିବେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ମଧ୍ୟ ତାହା ଅନୁଭବ କରିପାରିବେ । କେଉଁ ପରିବେଶରେ ତଲ୍ଲୀନତାର ଭାବନା ଅଧିକ ତାହା ନିମ୍ନ ସାରଣୀଟି ସୃଷ୍ଟି କରିଥାଏ ।

| କାର୍ଯ୍ୟର ସାଧନ ସ୍ତର | ନିଜର ସାମର୍ଥ୍ୟ ସଂପର୍କରେ ବିଶ୍ୱାସ | |
|---|---|---|
| | ନିମ୍ନତର | ଉଚ୍ଚତର |
| କଷ୍ଟକର | ଉଦ୍‌ବେଗ | ତଲ୍ଲୀନତା |
| ସହଜ | ଉଦାସୀନ | ଅନାଗ୍ରହ |

ଲକ୍ଷ୍ୟକଲେ ଦେଖାଯିବ ଯେ ବ୍ୟକ୍ତି ନିଜକୁ ଉଚ୍ଚତର ସାମର୍ଥ୍ୟର ଅଧିକାରୀ ଏବଂ କାର୍ଯ୍ୟଟି କଷ୍ଟକର ବା ଆହ୍ୱାନମୂଳକ ହୋଇଥିଲେ ତଲ୍ଲୀନତାର ସମ୍ଭାବନା ଅଧିକ ରହିଥାଏ । ଏ ଦୃଷ୍ଟିରୁ ତଲ୍ଲୀନତା ଅନ୍ୱେଷଣ କରୁଥିବା ବ୍ୟକ୍ତି ନିଜର ସାମର୍ଥ୍ୟ ଓ କାର୍ଯ୍ୟର କଷ୍ଟକାରତା ମଧ୍ୟରେ ସଂଗତି (Matching) ଅନ୍ୱେଷଣ କରିବେ । ନିଜର ସାମର୍ଥ୍ୟ ତୁଳନାରେ କାର୍ଯ୍ୟଟି ନିତାନ୍ତ ସହଜ ହୋଇଥିଲେ ଅନାଗ୍ରହ ଜନ୍ମିବ । ଅନ୍ୟ ପକ୍ଷରେ ନିଜର ସାମର୍ଥ୍ୟକୁ ଚାହିଁ କାର୍ଯ୍ୟଟି ଅତିବେଶି କଷ୍ଟକର ହେଲେ ଉଦ୍‌ବେଗ (Anxiety) ସୃଷ୍ଟିହେବ । ସହଜ କାମ ଏବଂ ସାମର୍ଥ୍ୟର ଅନୁପସ୍ଥିତ ନିଷ୍କ୍ରିୟତା ଆଣିବ । ସୁତରାଂ ଆନନ୍ଦ ଅନୁଭୂତି ପାଇଁ ଆମେ ନିଜ ଶକ୍ତି ସାମର୍ଥ୍ୟର ଆକଳନ କରି ଆହ୍ୱାନପୂର୍ଣ୍ଣ କାର୍ଯ୍ୟଟି ବାଛିନେବା ଉଚିତ୍ ହେବ ।

ତଲ୍ଲୀନତା ସମୟରେ ମୁଖ୍ୟ କଥା ହେଉଛି ପୂର୍ଣ୍ଣମନସ୍କତା ଗଭୀର ଏକାଗ୍ରତାର ସହ କାର୍ଯ୍ୟଟି କରିବାକୁ ହେବ । ବୌଦ୍ଧ ଦର୍ଶନରେ ଯେଉଁ (Mindful Meditation) ବା ପୂର୍ଣ୍ଣମନସ୍କତାର କଥା କୁହାଯାଇଛି, ତାହା ଏକପ୍ରକାର ତଲ୍ଲୀନତା । ଖାଇବା ସମୟରେ ଖାଦ୍ୟର ରୂପ, ରସ ଓ ଗନ୍ଧ ପ୍ରତି ସଚେତନ ହେବା ଏବଂ ପରିବେଶ ପ୍ରତି ସଚେତନ ରହିବା ଏହାର ମୁଖ୍ୟ ଉପାଦାନ । ସେହିପରି ସନ୍ତରଣ ସମୟରେ ଜଳର ବର୍ଣ୍ଣବିଭା, ଜଳ ଉପରେ ଶରୀରର ଚାପ ଏବଂ ଅନ୍ୟସବୁ ସମ୍ପୃକ୍ତ ଦିଗ ପ୍ରତି ସଚେତନ ରହିବା ହେଉଛି ପୂର୍ଣ୍ଣମନସ୍କତା । ଦୁର୍ଭାଗ୍ୟର କଥା ଯେ ଆଧୁନିକ ମଣିଷ ସଂଗୀତାନୁଷ୍ଠାନ ଉପଭୋଗ କରିବାକୁ ଯାଇ ପ୍ରେକ୍ଷାଳୟରେ ବସିଥିଲେ ମଧ୍ୟ ମନ ଅନ୍ୟତ୍ର କେନ୍ଦ୍ରିତ ଥାଏ । ପୁଅ ବା ଝିଅକୁ କୋଚିଂ କେନ୍ଦ୍ରରୁ କେତେବେଳେ ଉଠାଇବେ, ସେପରି ଭାବନାରେ ତଲ୍ଲୀନତାର ସୁନ୍ଦର ଅନୁଭବ ବ୍ୟାହତ ହୁଏ । ଅନ୍ୟ ପକ୍ଷରେ ପ୍ରକୃତ ତଲ୍ଲୀନତାର ଅନ୍ୱେଷଣ କରୁଥିବା ବ୍ୟକ୍ତି ପ୍ରତିଟି ମୁହୂର୍ତ୍ତ ପ୍ରତି ସଜାଗ ମନୋଭାବ ନେଇ ତଲ୍ଲୀନତାକୁ ଜୀବନର ଅଂଗୀଭୂତ କରିପାରିବେ ।

### ଭାବଗତ ଅନୁକୂଳତା :

ଆଲୋଚନାର ଶେଷ ପର୍ଯ୍ୟାୟରେ ଗୋଟିଏ ସିଦ୍ଧାନ୍ତର ସୂଚନା ନିତାନ୍ତ ଆବଶ୍ୟକ । ଆନନ୍ଦାନୁଭୂତିର ନିର୍ଦ୍ଧାରକ ପରିପ୍ରେକ୍ଷୀରେ ଅର୍ଥପୂର୍ଣ୍ଣତା ଓ ତଲ୍ଲୀନତା ଉପଯୋଗୀ ହେଲେ ମଧ୍ୟ ସୁଖାନୁଭୂତି ଓ ଆନନ୍ଦାନୁଭୂତି କ୍ଷେତ୍ରରେ ଭାବଗତ ଅନୁକୂଳତାର (Possitive Emotions) ଭୂମିକାକୁ ବାଦ୍‌ଦେବା ସମ୍ଭବ ନୁହେଁ । ଆଧୁନିକ ମନୋବିଜ୍ଞାନୀମାନେ ସୁଖାନୁଭୂତିର ଯେଉଁ ସମସ୍ତ ପରିକଳ୍ପନା ଓ ପରିମାପକର (Tests) ଅବତାରଣା କରିଛନ୍ତି, ସେଥିରେ ଭାବଗତ ଅନୁକୂଳତା ନିଶ୍ଚିତ ଭାବରେ ସ୍ଥାନ ପାଇଛି ।

ଭାବଗତ ଅନୁକୂଳତା କିମ୍ବା ସକରାତ୍ମକ ଆବେଗର ବିସ୍ତୃତ ଆଲୋଚନା ଏ ପ୍ରବନ୍ଧ ପରିସରର ଅନ୍ତର୍ଭୁକ୍ତ ନୁହେଁ । ତେବେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତର ଉଲ୍ଲେଖ ଏଠାରେ ଖୁବ୍ ପ୍ରାସଙ୍ଗିକ । ସମସ୍ତେ ହୁଏତ କହିବେ ଯେ ନକରାତ୍ମକ ଆବେଗ (ଦୁଃଖ, ବିଷାଦ, ଉଦ୍‌ବେଗ) ଯେପରି କ୍ଷତିକାରକ, ସକରାତ୍ମକ ଆବେଗର (ଆନନ୍ଦ, ପ୍ରସନ୍ନତା, ହର୍ଷ ଇତ୍ୟାଦି) ଅନୁଭବ ସେପରି ଉପଯୋଗୀ । କିନ୍ତୁ ଆଉ ଗୋଟିଏ କଥା ମନେରଖିବାକୁ ହେବ- ଗବେଷକମାନେ ଦେଖିଛନ୍ତି ଯେ ସକରାତ୍ମକ ଆବେଗର ତୀବ୍ରତା (Intensity) ଅପେକ୍ଷା ଏହାର ପୁନଃପୁନଃ ସଂଗଠନ (Frequency) ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ଜଣେ ବ୍ୟକ୍ତି ହୁଏତ ଲଟେରୀ ଜିତି ଉଚ୍ଛ୍ୱସିତ ଆନନ୍ଦ ଅନୁଭବ କରିପାରେ । ମାତ୍ର ଆନନ୍ଦର ଏହି ସ୍ତରରେ ସେ ଦୀର୍ଘଦିନ ଧରି ରହିନଥାଏ । ପ୍ରତି ବ୍ୟକ୍ତିର ଆନନ୍ଦର ଏକ ନିର୍ଦ୍ଧାରିତ ସ୍ତର ଥାଏ । ସେ ଉଚ୍ଚସ୍ତରର ଆନନ୍ଦରେ କିଛିଦିନ ରହିବା ପରେ ପୂର୍ବ ନିର୍ଦ୍ଧାରିତ ସ୍ତରକୁ ଖସିଆସେ । ସୁତରାଂ ତୀବ୍ର ଭାବରେ ଅନୁକୂଳତା ଅପେକ୍ଷା ମଧ୍ୟମ ଧରଣର ସକରାତ୍ମକ ଆବେଗର ବାରମ୍ବାରତା ଅଧିକ ପ୍ରୟୋଜନ । ଆପଣ ନୀଳ ଆକାଶ ଦେଖି ଖୁସୀ ହୁଅନ୍ତି କି ? ପିଲାର ସ୍ମିତହସ ଦେଖି ଆନନ୍ଦ ଅନୁଭବ

କରନ୍ତି କି ? ଆକାଶରେ ଦଳ ଦଳ ପକ୍ଷୀ ଉଡ଼ିଯାଉଥିବାର ଦେଖିଲେ ଆନନ୍ଦ ଅନୁଭବ କରନ୍ତି କି ? ବିରାଟ ଘଟଣା ପରିବର୍ତ୍ତେ ଛୋଟ ଛୋଟ ଘଟଣାର ସୁଖାନୁଭୂତି ଅଧିକ ଫଳପ୍ରଦ ।

ପରିଶେଷରେ କୁହାଯିବ ଯେ ତୀବ୍ରମାତ୍ରାରେ ଆନନ୍ଦାନୁଭୂତି ଅପେକ୍ଷା ଅଳ୍ପ ତୀବ୍ରତା ଥିବା ସକରାତ୍ମକ ଆବେଗ ଅଧିକ ଉପଯୋଗୀ । ସେଥିପାଇଁ ଭାରତୀୟ ଦାର୍ଶନିକ ଓ ଚିନ୍ତାନାୟକମାନେ ଶାନ୍ତି, ସନ୍ତୋଷ, ସ୍ଥିରତା, ଏକାଗ୍ରତା ଏବଂ କରୁଣା ପରି ତୀବ୍ର ହୋଇନଥିବା ସକରାତ୍ମକ ଆବେଗର ବିକାଶ (Low Intensity Emotion) ଉପରେ ପ୍ରାଧାନ୍ୟ ଦେଇଥିଲେ । ଜୀବନରେ ବାସ୍ତବତା ବନାମ ଅଳୀକତାର ଦ୍ୱନ୍ଦ୍ୱକୁ ଅତିକ୍ରମ କରିବାର ରାସ୍ତାରୁ ଯେଉଁ ସମସ୍ତ ସୌନ୍ଦର୍ଯ୍ୟ ରହିଛି, ଆଲୋଚିତ ସେହି ସୌନ୍ଦର୍ଯ୍ୟର ଅନୁଭବ ହିଁ ଜୀବନ ।

ଜାଭିୟର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ.: ୯୪୩୭୧୨୧୨୭୯



# ସାତ୍ତ୍ୱିକ ଜୀବନ

*ଶ୍ରୀମତୀ ସଂଘମିତ୍ରା ନାୟକ*

ଅହନ୍ୟହନି ଭୂତାନି ଗଚ୍ଛନ୍ତୀହଯମାଳୟମ୍
ଶେଷାଃ ଜୀବିତୁମ୍ ଇଚ୍ଛନ୍ତି କିମ୍ ଆଶ୍ଚର୍ଯ୍ୟମତଃ ପରମ୍ ।।
(ମହାଭାରତ-ବନପର୍ବ)

ମହାଭାରତର ବନପର୍ବରୁ ଉଦ୍ଧୃତ ଏହି ଶ୍ଳୋକଟି ବକରୂପୀ ଯକ୍ଷ ଓ ଯୁଧିଷ୍ଠିରଙ୍କ ମଧ୍ୟରେ କଥୋପକଥନର ଏକ ଅଂଶ ବିଶେଷ । ବକରୂପୀ ଯକ୍ଷର ପ୍ରଶ୍ନ - "ପୃଥିବୀରେ ସବୁଠାରୁ ଆଶ୍ଚର୍ଯ୍ୟ କ'ଣ"ର ଉତ୍ତର ପ୍ରଦାନ କରିଛନ୍ତି । ତାଙ୍କର ଉତ୍ତରରେ ସେ ଉପରୋକ୍ତ ଶ୍ଳୋକଟିକୁ ଉପସ୍ଥାପନା କରିଥିଲେ । ଯାହାର ଅର୍ଥ ହେଲା- "ପୃଥିବୀ ପୃଷ୍ଠରେ ସବୁଦିନ ବ୍ୟକ୍ତିମାନେ ମୃତ୍ୟୁବରଣ କରୁଥିବାର ଦେଖି ମଧ୍ୟ ଜୀବିତ ବ୍ୟକ୍ତିମାନେ ବିଭିନ୍ନ ଉପାୟରେ ଅଧିକ ଉପାର୍ଜନ କରି ଦୀର୍ଘକାଳ ଆନନ୍ଦମୟ ଜୀବନ ବିତାଇବାକୁ ପ୍ରୟାସ କରୁଛନ୍ତି । ମୃତ୍ୟୁ ଅବଶ୍ୟମ୍ଭାବୀ ଏବଂ ଏହା କାହାରି ଅଧୀନ ନୁହେଁ ଜାଣିସୁଦ୍ଧା ଅଳୀକ ଓ ବିନାଶଶୀଳ ଜୀବନକୁ ଉପଭୋଗ କରିବାରେ ବ୍ୟସ୍ତ ରହୁଛନ୍ତି । ଚାରବାକ୍‌ଙ୍କ ଦର୍ଶନ ଅନୁସାରେ ମୃତ୍ୟୁପରେ ପୁର୍ନଜନ୍ମ ନାହିଁ ବୋଲି ବିଶ୍ୱାସ କରି ଜାଗତିକ ସୁଖ ସ୍ୱାଚ୍ଛନ୍ଦରେ ଜୀବନ ଯାପନ କରୁଛନ୍ତି । କିନ୍ତୁ କାନ୍ତଦର୍ଶୀ ଶଙ୍କରାଚାର୍ଯ୍ୟଙ୍କ ମତ ସନାତନ ଧର୍ମାବଲମ୍ବୀମାନଙ୍କର ଗ୍ରହଣୀୟ ହୋଇ ଆସିଛି । ତାଙ୍କ ମତରେ-

"ପୁନରପି ଜନମଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନଂ ।" ଉକ୍ତିଟି ସମାଜ ସଂସ୍କାରକ ରୂପେ ମନୁଷ୍ୟ ଜାତିର ଗତିବିଧିକୁ ନିୟନ୍ତ୍ରଣ କରି ଚାଲିଛି । "ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ" । ଆରମ୍ଭ ଥିଲେ ବିଲୟ ଅଛି । ଜନ୍ମ ଥିଲେ ମୃତ୍ୟୁ ଅଛି ଅବଶ୍ୟମ୍ଭାବୀ ।

ବୈଜ୍ଞାନିକମାନେ ଏହାକୁ "ବାୟୋପ୍ଲାଜମ୍" କୁହନ୍ତି । ଆଧ୍ୟାତ୍ମ ଶାସ୍ତ୍ରରେ ଏହା "ପ୍ରାଣବୀଜ" ବା "ଜୀବନ ଶକ୍ତି" ରୂପେ କଥିତ । ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରକୁ ସୂକ୍ଷ୍ମ ଶରୀର (ପ୍ରାଣ, ମନ, ଇନ୍ଦ୍ରିୟ) କିଭଳି ପ୍ରବେଶ କରେ ତାହା ଉପନିଷଦ୍ ମାନଙ୍କରେ ବିଶଦ ଭାବରେ ବର୍ଣ୍ଣିତ ହୋଇଛି ।

ସାଂଖ୍ୟ ଦର୍ଶନ ଅନୁସାରେ ଅଚେତନ ତ୍ରିଗୁଣାତ୍ମିକ ପ୍ରକୃତି ଏବଂ ଚିତ୍‌ରୂପୀ ପୁରୁଷଙ୍କ ସଂଯୋଗରେ ଜଗତର ସୃଷ୍ଟି ହୋଇଥାଏ । ଏହି ଜଗତ ପ୍ରକୃତି ମୂଳକ ଅର୍ଥାତ୍ ଏହି ଇନ୍ଦ୍ରିୟୋପଲବ୍ଧ ଜଗତର ମୂଳ-ସ୍ୱରୂପ ସୂକ୍ଷ୍ମ ପ୍ରକୃତି ରୂପରେ ନିହିତ ରହିଛି । ଏହି ସୂକ୍ଷ୍ମ ପ୍ରକୃତିରୁ ହିଁ ଜଗତ ସୃଷ୍ଟି ହୋଇଛି । ଏଣୁ ସାଂଖ୍ୟ ଦର୍ଶନ "ପ୍ରକୃତି କାରଣବାଦ" ବା "ପ୍ରକୃତି ପରିଣାମବାଦ" ବୋଲି କୁହାଯାଇଥାଏ । "ଶ୍ୱେତାଶ୍ୱେତର" ଉପନିଷଦର ୪ର୍ଥ ଅଧ୍ୟାୟରେ ବିଶ୍ୱର ସର୍ଜନା ଶକ୍ତିକୁ "ମାୟା" ରୂପରେ ବର୍ଣ୍ଣନା କରାଯାଇଛି । ସେହି ମାୟା ହିଁ ପ୍ରକୃତି ଏବଂ ପରଂବ୍ରହ୍ମ ମାୟାର ଅଧିଶ୍ୱର । ପୁନଶ୍ଚ ପ୍ରକୃତି ମଧ୍ୟ ପରଂବ୍ରହ୍ମଙ୍କର ଶକ୍ତି ଯାହାଙ୍କ ଦ୍ୱାରା ବିଶ୍ୱର ସୃଷ୍ଟି ସମ୍ଭବ ହୋଇଛି । ଅର୍ଥାତ୍ ପରମାତ୍ମା ସ୍ୱଂୟ ସୃଷ୍ଟି କରନ୍ତି ନାହିଁ ମାତ୍ର ମାୟା ସହିତ ଜଡ଼ିତ ହୋଇ ସୃଷ୍ଟି କରାନ୍ତି । ସୃଷ୍ଟି କରିବା ନିମନ୍ତେ ପ୍ରକୃତିକୁ କ୍ରିୟାଶୀଳ କରାଇବା ପରେ ସ୍ୱଂୟ ପରମାତ୍ମା ସାକ୍ଷୀରୂପେ ଜୀବର ହୃଦୟରେ ଜୀବାତ୍ମା ରୂପେ ପ୍ରସ୍ଥିତ । ଶ୍ୱେତାଶ୍ୱେତର ଉପନିଷଦରେ ନିମ୍ନୋକ୍ତ ଭାବେ କୁହାଯାଇଛି-

"ମାୟାଂ ତୁ ପ୍ରକୃତିଂ ବିଦ୍ୟାତ୍
ମାୟିନଂ ତୁ ମହେଶ୍ୱରଂ
ତସ୍ୟା ବୟବ ଭୂତୈସ୍ତୁ
ବ୍ୟାପ୍ତଂ ସର୍ବମିଦଂ ଜଗତ୍" (ଶ୍ୱେତାଶ୍ୱେତର ଉପ ଅ ୪/୧୦)

ଶରୀର ଧାରଣ କରିଥିବା ବ୍ୟକ୍ତିର ଶରୀର ଜୀର୍ଣ୍ଣ ହେଲେ ସେ ତାହାକୁ ପରିତ୍ୟାଗ କରିଥାଏ ଏବଂ ଅନ୍ୟତ୍ର ଗମନ କରିଥାଏ ।

ଭଗବତ୍ ଗୀତାର ସାଂଖ୍ୟ ଯୋଗରେ ବର୍ଣ୍ଣିତ ଅମୃତ ତତ୍ତ୍ୱ ହେଉଛି ଶରୀରର କେବଳ ମୃତ୍ୟୁ ହୋଇଥାଏ । ଆତ୍ମା ଅବିନଶ୍ୱର, ଚିରନ୍ତନ, ସତ୍ୟ ଓ ସନାତନ । ମନୁଷ୍ୟର ମୃତ୍ୟୁ ପରେ ମଧ୍ୟ ଆତ୍ମାର ମୃତ୍ୟୁ ହୁଏ ନାହିଁ ବରଂ ଗୋଟିଏ ଶରୀର ତ୍ୟାଗକରି ଅନ୍ୟ ଏକ ଶରୀରରେ ପ୍ରବେଶ କରିଥାଏ ।

ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି-

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହଣାତି ନରୋଽପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନାନି ସଂଯାତି ନବାନି ଦେହି ।।
(ଗୀତା ୨/୨୦)

ତେବେ ଏହି ଆତ୍ମା କିଏ ? ସେ କେଉଁଠି ରୁହନ୍ତି ? କ'ଣ କରନ୍ତି ? ଇତ୍ୟାଦି ବହୁ ପ୍ରଶ୍ନ ସାଧୁସନ୍ଥଙ୍କ ମନକୁ ସର୍ବଦା ଆନ୍ଦୋଳିତ କରି ଆସିଛି ।

ଗତିଶୀଳ ଜୀବନରେ ଜନ୍ମ ପରେ, ବାଲ୍ୟ, କୈଶୋର, ଯୌବନ, ଜରା ଓ ଶେଷରେ ମୃତ୍ୟୁ ପରି ଅବସ୍ଥା ଯଥାକ୍ରମେ ଆସିଥାଏ । ଅବିଦ୍ୟା ହେତୁ ମୃତ୍ୟୁକୁ ଜୀବନର ପରିସମାପ୍ତି ବୋଲି ଧାରଣା କରାଯାଇଥାଏ । କିନ୍ତୁ ଏହା

ସମ୍ପୂର୍ଣ୍ଣ ସତ୍ୟ ନୁହେଁ ବୋଲି ବିଭିନ୍ନ ସାଧୁସନ୍ଥ ଓ ମୁନିଋଷିମାନେ ମତ ଦେଇଆସିଛନ୍ତି। ମୃତ୍ୟୁ ପରେ କେବଳ ଶରୀରଟି ଧ୍ୱଂସ ହୋଇଥାଏ କିନ୍ତୁ ମନୁଷ୍ୟ ମଧ୍ୟରେ ସାରତତ୍ତ୍ୱଟି ଅପରିବର୍ତ୍ତିତ ରହିଥାଏ। ଯେପରି ବୃକ୍ଷର କ୍ଷୁଦ୍ର ବୀଜ ମଧ୍ୟରେ ତା'ର ସମ୍ପୂର୍ଣ୍ଣ ସତ୍ତା ଅଦୃଶ୍ୟ ଭାବରେ ରହି ପାରିପାର୍ଶ୍ୱିକ ଜଳବାୟୁ ଓ ଉତ୍ତାପର ସଂଯୋଗରେ ବିଶାଳ ବୃକ୍ଷରେ ପରିଣତ ହୋଇଥାଏ, ସେହିପରି ଆମ ଶରୀରରେ ଜୀବନର ମୂଳତତ୍ତ୍ୱ "ଆତ୍ମା" ରୂପକ ବୀଜଟି ଲୁକ୍କାୟିତ ଅବସ୍ଥାରେ ରହିଥାଏ। ମୃତ୍ୟୁପରେ ଏହି ଆତ୍ମା ପ୍ରକୃତି ସହିତ ସଂଲଗ୍ନ ହୋଇ ନୂତନ ଶରୀରକୁ ଧାରଣ କରିଥାଏ।

ଶ୍ରୀମଦ୍ ଭାଗବତ ଗୀତାରେ ହତୋତ୍ସାହିତ ଅର୍ଜୁନଙ୍କୁ ଉତ୍ସାହ ପ୍ରଦାନ କରି ସ୍ୱଂୟ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି-

" ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍
ତସ୍ମାଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତି ନିଶ୍ଚୟଃ ।। (ଗୀତା ୨/୩୭)

ଅର୍ଥାତ୍, ହେ କୌନ୍ତେୟ ତୁମେ ଯୁଦ୍ଧରେ ନିହତ ହେଲେ ସ୍ୱର୍ଗ ଲାଭ କରିବ ଏବଂ ଯୁଦ୍ଧରେ ବିଜେତା ହେଲେ ଭୂମଣ୍ଡଳ ଉପଭୋଗ କରିବ। ତେଣୁ ତୁମକୁ ଯୁଦ୍ଧ କରିବାକୁ ପଡ଼ିବ। ଅର୍ଥାତ୍ ଧର୍ମଯୁଦ୍ଧ ହୋଇଥିବାରୁ ଆତ୍ମବଳୀ ଦେଲେ ସ୍ୱର୍ଗ ଲାଭ କରାଯାଇପାରେ। ଏହା ସର୍ବଜନ କଲ୍ୟାଣକାରୀ ଅଟେ। କିନ୍ତୁ ଯେଉଁମାନେ ଅପରିମାଣଦର୍ଶୀ ଭାବେ କାମ, କ୍ରୋଧ, ଓ ଈର୍ଷା ଇତ୍ୟାଦି ଜାତ ଦୁଃଖରୁ ନିଜର ଆତ୍ମାହୁତି ଦେଇଥାନ୍ତି ସେମାନେ ସ୍ୱର୍ଗାରୋହଣ ପରିବର୍ତ୍ତେ ନର୍କଗାମୀ ହୋଇଥାନ୍ତି। କାରଣ ଶରୀର ମଧ୍ୟରେ ଆତ୍ମା ସ୍ୱଂୟ ପରମାତ୍ମାଙ୍କ ଅଂଶ ବିଶେଷ ଅଟେ। ନିଜ ଆତ୍ମାକୁ ହତ୍ୟା କରିବାର ଅର୍ଥ ପରମାତ୍ମାଙ୍କୁ ଆଘାତ ପ୍ରଦାନ କରିବା। ଅନ୍ୟ ପକ୍ଷରେ ଯେଉଁମାନେ ପରୋପକାର ପାଇଁ ଆତ୍ମବଳି ଦେଇଥାନ୍ତି ସେମାନେ ସ୍ୱର୍ଗାରୋହଣ କରି 'ମୋକ୍ଷ' ଲାଭ କରିଥାନ୍ତି ଏବଂ ଚିରନ୍ତନ ସୁଖ ପ୍ରାପ୍ତ ହୋଇଥାନ୍ତି। ଏହା ବାସ୍ତବ ସୁଖ। ଏହା 'ଋତ' ବା 'ସତ୍ୟ' ଅଟେ। ଏହି ସୁଖ ହିଁ ଅନନ୍ତ ସୁଖ ଏବଂ ସେହି ଦିବ୍ୟ ଜୀବନର ପୁର୍ନଜନ୍ମ ନଥାଏ।

ବର୍ତ୍ତମାନ ଏହା ଆମର ଜ୍ଞାତ ହେଲା ଯେ ସାଂସାରିକ ସୁଖ ଓ ଜୀବନ କ୍ଷଣ ଭଙ୍ଗୁର, ଅସତ୍ୟ ଓ ଅଳୀକ କିନ୍ତୁ କାନ୍ତଦର୍ଶୀ, ମହାମନୀଷୀ ଓ ସ୍ଥିରଚେତା ବ୍ୟକ୍ତିମାନେ ନିଜର ସାଧନ, ମନନ, କୀର୍ତ୍ତନ ଓ ଅଭ୍ୟାସ ବଳରେ ଦିବ୍ୟଜୀବନ ଓ ଚିରନ୍ତନ ସୁଖ ଲାଭ କରିପାରିଥାନ୍ତି। ନିଜର ଜୀବନକୁ ଅସତ୍ୟ ପଥରୁ ସତ୍ୟ ପଥରେ ପରିଚାଳିତ କରିପାରିଥାନ୍ତି ଓ ଜୀବନକୁ ସାତ୍ତ୍ୱିକ ଜୀବନରେ ପରିଣତ କରିପାରିଥାନ୍ତି।

ଏହି ପରମାତ୍ମା ବା ପରଂବ୍ରହ୍ମ ପ୍ରକୃତିକୁ କ୍ରିୟାଶୀଳ କରାଇ ଜଗତ ସୃଷ୍ଟି କରି ସ୍ୱୟଂ ଜୀବାତ୍ମା ସହ ମନୁଷ୍ୟର ହୃଦୟରେ ପ୍ରବିଷ୍ଟ ହୁଅନ୍ତି ବୋଲି ତୈତ୍ତରୀୟ ଉପନିଷଦ୍‌ରେ ମଧ୍ୟ ବର୍ଣ୍ଣିତ ଅଛି। "ହୃଦ୍"ରେ ଥାଇ ମଧ୍ୟ ଜଗତକୁ ଧରି ରଖିବାର ସାମର୍ଥ୍ୟ ପରମାତ୍ମାଙ୍କର ରହିଥିବା ହେତୁ ଶରୀରକୁ "ବ୍ରହ୍ମପୁର" ବୋଲି କୁହାଯାଏ। ସେ ମଧ୍ୟ ନିଜେ "ଅବତାର" ଭାବରେ ଶରୀର ଧାରଣ କରି ଦୁଷ୍ଟମାନଙ୍କର ବିନାଶ କରି ସନ୍ଥ ମାନଙ୍କୁ ପାଳନ କରିଥାନ୍ତି:-

"ଦୁଷ୍ଟ ନିବାରି ସନ୍ଥ ପାଳୁ। ତୁ ନାଥ ପରମ ଦୟାଳୁ।।"

ତେଣୁ ଏହି ପରମାତ୍ମା ବା ପରଂବ୍ରହ୍ମ ଜଗତର ପ୍ରାଣୀମାନଙ୍କ ହୃଦୟରେ ରହି ଜଗତ ପାଳନ କରନ୍ତି। ସେ ହିଁ ଆଧାର ଓ ଆଧେୟ। ସେ ହେଉଛନ୍ତି ସୃଷ୍ଟି, ସ୍ଥିତି ଓ ବିଲୟର କାରଣ ଓ କର୍ତ୍ତା ମଧ୍ୟ। ସେ ଅଜର, ଅମର, ଅକ୍ଷର, ଅବିନାଶୀ ଓ ନିର୍ଗୁଣ ବ୍ରହ୍ମ।

ଏହି ନିର୍ଗୁଣ ବ୍ରହ୍ମ ଗୁଣଯୁକ୍ତ ବା 'ମାୟା' ବା ପ୍ରକୃତି ସହିତ ସଂଲଗ୍ନ ହେଲାପରେ ଜଗତ ସୃଷ୍ଟି ହୁଏ ବୋଲି ପୂର୍ବରୁ ବର୍ଣ୍ଣିତ। ସୃଷ୍ଟିରେ ମନୁଷ୍ୟ ଜନ୍ମ ନେଲାପରେ ତା'ର ଜୀବନ କାଳ ମଧ୍ୟରୁ ଧନସମ୍ପଦ ଆହରଣ, ସୁସ୍ୱାଦୁ ଖାଦ୍ୟଭୋଜନ, ଉତ୍ତମ ବସ୍ତ୍ର ପରିଧାନ, ଯୌନ ଆକର୍ଷଣ ଓ ଯଶ, କୀର୍ତ୍ତି ଅର୍ଜନ ଇତ୍ୟାଦିକୁ ସୁଖ ମନେକରିଥାଏ। କିନ୍ତୁ ଏ ସବୁ ଭୌତିକ ବା ଇନ୍ଦ୍ରିୟୋପଲବ୍ଧ ସୁଖ ମଧ୍ୟ କ୍ଷଣସ୍ଥାୟୀ ଅଟେ। ଏହି କ୍ଷଣସ୍ଥାୟୀ ସୁଖ ପରେ ମନୁଷ୍ୟ ପୁନର୍ବାର ଦୁଃଖରେ ପତିତ ହୋଇଥାଏ। "ସାଂଖ୍ୟ ତତ୍ତ୍ୱକୌମୁଦୀକାର" ବାଚସ୍ପତି ମିଶ୍ର ଏହି ଜଗତ ଦୁଃଖରୁ ହିଁ ସୃଷ୍ଟି ଓ ଦୁଃଖମୟ ବୋଲି ବର୍ଣ୍ଣନା କରିଛନ୍ତି। ସେ ଦୁଃଖକୁ ଅନ୍ତଃକରଣରେ ରହିଥିବା ରଜଗୁଣର ଏକ ପରିଣାମ ବୋଲି କହିଥାନ୍ତି। ଭାରତୀୟ ପରମ୍ପରା ଅନୁସାରେ ଦୁଃଖକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ଯଥା -(୧) ଆଧ୍ୟାତ୍ମିକ, (୨) ଆଧିଭୌତିକ ଓ (୩) ଆଧିଦୈବିକ। ପୁନଶ୍ଚ ଆଧ୍ୟାତ୍ମିକ ଦୁଃଖକୁ ଶାରୀରିକ ଓ ମାନସିକ ରୂପେ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଶାରୀରିକ ଅର୍ଥାତ୍ ବାତ, ପିତ୍ତ ଓ କଫଜନିତ କ୍ଲେଶ ଏବଂ କାମ, କ୍ରୋଧ, ଈର୍ଷା ଇତ୍ୟାଦିରୁ ଉତ୍ପନ୍ନ ଦୁଃଖକୁ ମାନସିକ ଦୁଃଖ କୁହାଯାଏ। ପ୍ରାଣୀମାନଙ୍କ ଦ୍ୱାରା ଉତ୍ପନ୍ନ ଓ ସ୍ଥାବର ପଦାର୍ଥ ବୃକ୍ଷ, ପର୍ବତ ଇତ୍ୟାଦି ଦ୍ୱାରା ଉତ୍ପନ୍ନ ଦୁଃଖ "ଆଦିଭୌତିକ" ଦୁଃଖ। ଦେବ, ଯକ୍ଷ, ରାକ୍ଷସ, ଭୂତ, ପ୍ରେତ ଏବଂ ଗ୍ରହ ଇତ୍ୟାଦି ଦ୍ୱାରା ସୃଷ୍ଟ ଦୁଃଖ ଅର୍ଥାତ୍ ବର୍ଷା, ବଢ଼ି, ମରୁଡ଼ି, ଉଲକାପାତ, ମହାମାରୀ ଇତ୍ୟାଦି "ଆଧିଦୈବିକ" ଦୁଃଖ ଅଟେ। ମନୁଷ୍ୟ ଜନ୍ମଠାରୁ ମୃତ୍ୟୁ ମଧ୍ୟରେ ସୁନିଶ୍ଚିତ ଭାବରେ ଏହି ସବୁ ଦୁଃଖ ମଧ୍ୟ ଦେଇ ଗତିକରିଥା। ଉଦାହରଣ ସ୍ୱରୂପ ଅତି ନିକଟରେ (୨୦୧୯-୨୧) ମନୁଷ୍ୟ ଜାତି ଯେଉଁ 'କରୋନା' ମହାମାରୀର ସଙ୍କଟ ଦେଇ ଗତି କରୁଥିଲା, ସେହି ସମୟରେ ଏହାକୁ "କିଂକର୍ତ୍ତବ୍ୟବିମୁଢ଼" ଭାବରେ ମନୁଷ୍ୟକୁ ସହିବାକୁ ପଡ଼ିଥିଲା। ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନଯାପନ କରୁଥିବା ବହୁ ଧନୀ, ମାନି, ଗୁଣୀ ବ୍ୟକ୍ତି ମଧ୍ୟ ଏହି ମହାମାରୀର କରାଳ ସ୍ରୋତରେ ଲୀନ ହୋଇଯାଇଥିବାର ଦୃଷ୍ଟାନ୍ତ ରହିଛି। ତେଣୁ ପୂର୍ବବର୍ଣ୍ଣିତ ଇନ୍ଦ୍ରିୟୋପଲବ୍ଧ ସାଂସାରିକ ସୁଖ କ୍ଷଣସ୍ଥାୟୀ ଓ ଅଳୀକ ବୋଲି ପ୍ରମାଣିତ ହେଉଛି।

ତେବେ ଜୀବନ କ୍ଷଣସ୍ଥାୟୀ ବୋଲି ପୂର୍ବରୁ ବର୍ଣ୍ଣିତ ହୋଇଛି ଏବଂ ଏଠାରେ ସୁଖ ମଧ୍ୟ କ୍ଷଣସ୍ଥାୟୀ ବା ଅଳୀକ ବୋଲି ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା। ମୋଟାମୋଟି ଭାବରେ କହିବାକୁ ଗଲେ ସଂସାରରେ ଜନ୍ମିତ ବ୍ୟକ୍ତି ମରଣଶୀଳ/ଭଙ୍ଗୁର ଓ ଅଳୀକ। ସୁଖ ମଧ୍ୟ କ୍ଷଣସ୍ଥାୟୀ। କିନ୍ତୁ ଦିବ୍ୟଦ୍ରଷ୍ଟା, ପୂର୍ବସୂରୀ, ମହାମନୀଷୀଗଣ ଜୀବନକୁ ସତ୍, ଚିତ୍, ଆନନ୍ଦର ରୂପ ଦେଇଛନ୍ତି। ଏହାରି ମଧ୍ୟରେ ସତ୍-ଚିତ୍-ଆନନ୍ଦର ମାର୍ଗ ଅନ୍ୱେଷଣ କରି ଚିରନ୍ତନ ସୁଖ ଓ ମୋକ୍ଷର ମାର୍ଗ ଦର୍ଶନ କରାଇଯାଇଛନ୍ତି।

"ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା
ତଥା ଦେହାନ୍ତର ପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ।" (ଗୀତା ୨/୧୩)

ଅର୍ଥାତ୍ ଯେପରି ଏହି ଦେହରେ ଜୀବାତ୍ମାର ବାଲ୍ୟାବସ୍ଥା, ଯୌବନାବସ୍ଥା ଓ ବୃଦ୍ଧାବସ୍ଥା ହୋଇଥାଏ, ସେହିପରି ମୃତ୍ୟୁ ଅନ୍ୟଏକ ଅବସ୍ଥା । ଏହି ମୃତ୍ୟୁ ପରେ ମନୁଷ୍ୟ ଅନ୍ୟ ଏକ ଅବସ୍ଥା ପ୍ରାପ୍ତ ହୋଇଥାଏ । ଏଣୁ ସ୍ଥିତପ୍ରଜ୍ଞ ବ୍ୟକ୍ତି ଏ ବିଷୟରେ ମୋହଗ୍ରସ୍ତ ନ ହୋଇ ମୃତ୍ୟୁର ଭୟ ଦୂର କରିବାର ଅସଲ ଉପାୟ ଆସକ୍ତିକୁ ତ୍ୟାଗ କରିଥାନ୍ତି । ମୃତ୍ୟୁର ବହୁ ପୂର୍ବରୁ ଚେତନାକୁ ଜାଗ୍ରତ କରାଇ ଶରୀର ରୂପକ ଘଟରୁ ଆସକ୍ତି ଦୂର କରିଥାନ୍ତି । ପୂର୍ବ ଶରୀରକୁ ଆତ୍ମା ସମ୍ପୂର୍ଣ୍ଣ ଛାଡ଼ିଯିବା ପୂର୍ବରୁ ସ୍ଥୂଳ ଶରୀରରୁ ଆବଶ୍ୟକୀୟ ଉପକରଣ ଅନ୍ତରୀକ୍ଷକୁ ଯାଇ ନିଜର କାର୍ଯ୍ୟ ସେହିଠାରେ ଆରମ୍ଭ କରିଥାନ୍ତି ଏବଂ ନୂତନ ଏକ ଶରୀରରେ ପ୍ରବେଶ କରିବାର ପ୍ରକ୍ରିୟା ଜାରି ରଖନ୍ତି । ଜୀବାତ୍ମା ପରମାତ୍ମାଙ୍କ ଅଂଶ ବିଶେଷ ହୋଇଥିବାରୁ ପରମାତ୍ମାଙ୍କ ଆକର୍ଷଣରେ ପରଲୋକ ଗମନ କରେ ବୋଲି ବିଜ୍ଞ ବ୍ୟକ୍ତିମାନେ ଜାଣି ସ୍ଥୂଳ ଶରୀରରୁ ଆସକ୍ତି ତ୍ୟାଗ କରନ୍ତି । ଏହି ଆତ୍ମା ଅଚ୍ଛେଦ୍ୟ, ଅକ୍ଳେଦ୍ୟ, ଅଦାହ୍ୟ, ଅଶୋଷ୍ୟ ତଥା ଏହା ନିତ୍ୟ (ସତ୍ୟ), ସର୍ବଗତ, ସ୍ଥାଣୁ (ଅଚଳ) ଓ ସନାତନ ବୋଲି ବିଜ୍ଞ ବ୍ୟକ୍ତିମାନେ ଜାଣିପାରି ଶରୀର ତ୍ୟାଗ ସମୟରେ ଦୁଃଖ ପ୍ରକାଶ କରନ୍ତି ନାହିଁ ବରଂ ନିଜ ମଧ୍ୟରେ ଥିବା ପରମାତ୍ମାଙ୍କ ନିକଟରେ ସମର୍ପିତ ହୁଅନ୍ତି ।

ଏହି ଦିବ୍ୟ ଚେତନାଧାରୀ ବ୍ୟକ୍ତିମାନେ ନିଜ ଶରୀରକୁ ଅନ୍ୟର ଉପକାର ପାଇଁ ଉଦ୍ଦିଷ୍ଟ କରିଥାନ୍ତି । ଯେପରି ବୃକ୍ଷ କେବଳ ପ୍ରାଣୀ ଜଗତର ହିତସାଧନ ପାଇଁ ହିଁ ଜନ୍ମ ନେଇଥାଏ, ସେହିପରି ସାଧୁ ବ୍ୟକ୍ତିମାନେ ପରୋପକାର କରିବା ପାଇଁ ଶରୀରର ଆତ୍ମବଳି ଦେଇଥାନ୍ତି । ଯେପରି କ୍ଷତ୍ରୀୟର ଧର୍ମ-ଯୁଦ୍ଧ କରିବା, କିନ୍ତୁ ପ୍ରାଣଭୟ କିମ୍ବା ଆସକ୍ତି ହେତୁ ଯୁଦ୍ଧ ନ କଲେ ଅପକୀର୍ତ୍ତି ସହିତ ନର୍କଗାମୀ ମଧ୍ୟ ହୋଇଥାଏ ।

ଫୋନ ନଂ- ୯୯୩୭୬୯୭୯୪୬



# ଜୀବନଟା ମହାକାଳ ଛବିରେ ଏକ ସୁନ୍ଦର ମାନଚିତ୍ର

*ଜ୍ୟୋତ୍ସ୍ନା ମହାପାତ୍ର*

ଅକଳନ ଅବଧିରୁ ମହାକାଳ ପୂର୍ବଦିଗରୁ ବାହାରି ପଶ୍ଚିମମୁହାଁ ହୋଇ ଗଡ଼ିଚାଲିଛି । କାହାକୁ ପରଓ୍ୱା ନାହିଁ ମହାକାଳର । କାହିଁକି ବା କରିବ ? ତାହାରି ପୃଷ୍ଠାରେ ତ ଅନେକ ଘଟଣା, ଏମିତିକି ଅନନ୍ତ ସମୟ କାଳର ଉପରେ ମଣିଷ କହୁଥିବା ବିଗ୍ ବ୍ୟାଙ୍ଗ୍ ବି ଲେଖାଯାଇଛି, ତା ପୂର୍ବର ବି ସେଇ ସମୟ ସ୍ରୋତ ରହିଛି । ତା ପରର ଘଟଣା ସବୁ ଲେଖା ଚାଲିଛି । କେହି ଜାଣେନି କେବେଠୁ ଏହାର ଉତ୍ପତ୍ତି, କେବେ ସରିବ ତାହାର ବି କୌଣସି ଆଭାସ ନାହିଁ । ସବୁ ଘଟଣାର କିୟଦଂଶ ଚୁମ୍ବକରେ ରଚିତ ହୋଇଛି ମହାଲେଖନୀରେ, ସୁମଧୁର ମହାଭାଷାରେ ଯାହା ଆଜି ପାଠକ ପଢନ୍ତି ସାଂଖ୍ୟିକ ଭାଷା ବା ଡିଜିଟାଲ୍ ଭାଷା । ଏଥିରେ ଗ୍ରହ, ତାରକା, ଉପଗ୍ରହ କି ଉଲ୍‌କା କୁହନ୍ତୁ ସବୁରି ଘଟଣା ରହିଛି । ଏଗୁଡ଼ିକ ବୁଦ୍ଧିମାନ ମଣିଷ ଏଯାବତ୍ ଅର୍ଥ କରିବାକୁ ସମର୍ଥ ହୋଇନି । ନିଶ୍ଚୟ ଦିନେ ପଢ଼ିବ, ଏଥିରେ କୌଣସି ସନ୍ଦେହ ନାହିଁ ।

କିନ୍ତୁ ଯେବେ ଭୂପୃଷ୍ଠରେ ଜୀବନ ସୃଷ୍ଟି ହେଲା, ତା ବିଷୟ ବି ସେହି ମହାକାଳ ପୃଷ୍ଠା ରଚି ଚାଲିଲା, ଆବିର୍ଭାବରୁ ତିରୋଧାନ ପର୍ଯ୍ୟନ୍ତ ସମସ୍ତ ବୃତ୍ତାନ୍ତ । ସମସ୍ତଙ୍କର ଯେତେବେଳେ ପୃଷ୍ଠାଟିଏ ରହିଛି, ଯିଏ ଏହି ମରଣଶୀଳ ଧରା ହେଉ କି ବିଶ୍ୱବ୍ରହ୍ମାଣ୍ଡର ଅନ୍ୟ ବାସଯୋଗ୍ୟ ଜୀବନ ଧରିବା ଅନ୍ତରୀକ୍ଷର କୌଣସି ଗ୍ରହ, ନକ୍ଷତ୍ର ବା ଉପଗ୍ରହ ହେଉ ପ୍ରତିଟି ଜୀବର ଜୀବଦ୍ଦଶାର ସମସ୍ତ ଭିଡିଓ ସେହି ମହାକାଳରେ ସଂରକ୍ଷିତ ହୋଇ ରହୁଛି । ଗୋଟିଏ ଜୀବନ ମହାକାଳର ସେହି ପୃଷ୍ଠାରେ କେତେ ଆୟତନର ଲମ୍ବ ପ୍ରସ୍ଥର କ୍ଷୁଦ୍ର ମାନଚିତ୍ରଟିଏ ହୋଇଥିବ ।

ଏଇ ଧାରଣାଟା ମୋର ମୃତ୍ୟୁଗ୍ରାସୀ ମନକୁ ଆସିଲା, ମୋତେ ବହୁତ ଶାନ୍ତି ଆସିଲା । ଯାହା ହେଉ, ମରିଗଲେ ଜୀବନ ସରିଯାଉନି । ତାହାର ଦସ୍ତାବିଜ ବି ମହାକାଳରେ ମିଳିବ । ମଲାପରେ କଅଣ ହେବ, ସମସ୍ତେ ସେ ବିଷୟରେ ସନ୍ଦିହାନ । କିଏ କହେ ପୁନର୍ଜନ୍ମ ହେବ ତ କିଏ କହେ ଆତ୍ମା ନାମକ ଅଦୃଶ୍ୟ ନିର୍ଗୁଣ ଉପାଦାନ ଜୀବର ସତ୍ତକ ଧାରଣ କରି ଅମର ହୋଇ ରହିଥାଏ । ଜୀବର ଜୀବନ ତା ମନର ଗଣ୍ଠି । ଜୀବ ଜୀବନ ହରାଇ ତିରୋଧାନ ହେଲେ ବି ସେଇ ମରଣଶୀଳତାକୁ କଦାପି ଗ୍ରହଣ କରେନାହିଁ । ମଲାବେଳକୁ ଅଜା ହୁଅନ୍ତୁ କି ଜେଜେ, ସେମାନେ ପୁଣି ପରିବାରକୁ ଫେରି ଆସିବେ ବୋଲି ଦମ୍ଭୋକ୍ତି ଦେଇ ଯାଆନ୍ତି । ସତରେ ବି ପରିବାରରେ ଜଣେ ନାତି କି ନାତୁଣୀକୁ ଅଜାଙ୍କର ପ୍ରତିନିଧି ଭାବରେ ଗ୍ରହଣ କରାଯାଏ । ଏଗୁଡିକ ସବୁ ମଣିଷର ମୃତ୍ୟୁକୁ ଆଡେଇ ଯିବାର ମାନସିକ ଉଦ୍ୟମ ନିଶ୍ଚୟ । ସତ୍ୟତା ନଥାଇ ପାରେ ।

କିନ୍ତୁ ମହାକାଳର ଲିପିବଦ୍ଧ ଘଟଣା ମୋତେ ବହୁତ ଆନନ୍ଦ ଦେଇଛି । କେତେଥର ମୁଁ ଏହି ମହାକାଳକୁ ସ୍ୱପ୍ନ ଦେଖିଲିଣି । ସତେକି ମୁଁ ଗୋଟିଏ ପ୍ରବହମାନ ଅନନ୍ତ-ବିସ୍ତୃତ ସ୍ରୋତ ଉପରେ ଠିଆ ହୋଇଛି, ସମୟ ମୋ ପାଦ ଦୁଇଟି ଦେଇ ସ୍ରୋତସ୍ୱିନୀ ହୋଇ ବହିଯାଉଛି ।

ଏହି ଅଳ୍ପଦିନର ସ୍ୱପ୍ନ । ମୋର ଅନ୍ତରଙ୍ଗ ସାଙ୍ଗ ସହପାଠିନୀ ବିଜୟିନୀର ସ୍ମୃତି ସଭା ମନକୁ ଆନ୍ଦୋଳିତ କରୁଥିବା ସମୟରେ ମୁଁ ବି ମହାକାଳସ୍ୱପ୍ନ ଦେଖିଛି । ଅତି ଗାଢ଼ ନିଦର ସ୍ୱପ୍ନ ।

ମୋ ଜୀବନର ମାନଚିତ୍ରଟି ପ୍ରସ୍ତୁତ ଅବସ୍ଥାରେ ଦେଖିଲି । ସୁଖ, ଦୁଃଖର ଉତ୍ଥାନ ପତନ ତିନୋଟି ପର୍ଯ୍ୟାୟରେ ଦେଖିଲି । ଶୈଶବ, ଯୌବନ ଏବଂ ବାର୍ଦ୍ଧକ୍ୟ ସମାପ୍ତ କରି ମୁଁ ଚତୁର୍ଥ ପର୍ଯ୍ୟାୟ ସୂର୍ଯ୍ୟାସ୍ତ ସମକକ୍ଷ ଅବସ୍ଥାରେ ଉପନୀତ ।

ଜନ୍ମ ମୋର ଗୋଟିଏ ରକ୍ଷଣଶୀଳ ପରିବାରରେ । ବାପା ଜଣେ ନ୍ୟାୟବାନ କର୍ମଯୋଗୀ ବ୍ୟକ୍ତି । ପେଶାରେ ଜଣେ ଶିକ୍ଷକ, ଯିଏ କର୍ମରେ ବିଶ୍ୱାସ କରନ୍ତି, ନା ଜାତକ, ନା ଜ୍ୟୋତିଷ, ନା ନୀତି, ନା ଧର୍ମ, ନା ବର୍ଣ୍ଣ । ଠାକୁରଙ୍କୁ ବିଶ୍ୱାସ କରନ୍ତି ହେଲେ ଉପବାସ, ବ୍ରତ, ଦୈନିକ ପୂଜାରେ ବିଶ୍ୱାସ ନଥାଏ । ସେ କହନ୍ତି, "ପାଠ ନପଢ଼ିଲେ, ଫେଲ୍ ହେବ, ଭାଗ୍ୟ ନୁହେଁ ।" ବୋଉ ମୋର ଧର୍ମବିଶ୍ୱାସୀ । ସିଏ କହେ, "କପାଳ ଲିଖନ, କେ କରିବ ଆନ । ଦଇବ ଦଉଡ଼ି, ମଣିଷ ଗାଈ, ସବୁ ଭାଗ୍ୟ ।" ଭାଗ୍ୟର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ, ହେଲେ ଜୀବନର ଅନୁଭୂତିରୁ ଭାଗ୍ୟ ଅଛି ବୋଲି ବିଶ୍ୱାସ ଆସେ ।

ମୁଁ କର୍ମକୁ ପୂର୍ଣ୍ଣମାତ୍ରାରେ ବିଶ୍ୱାସ କରୁଥିଲି; ଭଲକାମ ପାଇଁ ଭଲ ଫଳ ଓ ମନ୍ଦ କାମ ପାଇଁ କୁଫଳ । ଭଲ ଫଳ ମିଳିବାରେ ଡେରି ହୋଇପାରେ, କିନ୍ତୁ ମିଳିବ । କିନ୍ତୁ କର୍ମମୟ ଜୀବନର ଅନେକ ବର୍ଷର ସମସ୍ୟା ଅନୁଧ୍ୟାନ ପରେ କର୍ମଫଳର ଗାଣିତିକ ହିସାବରୁ ଓହରି ଯାଇ ଭାଗ୍ୟକୁ ଆଦରି ନେଇଛି ।

ମାଟ୍ରିକ୍ ପାଶ୍ କଲା ପରେ ଭଦ୍ରକରେ ପଢ଼ିବା ସୁନିଶ୍ଚିତ ଥିବାବେଳେ, ହଠାତ୍ କଟକରେ ପଢ଼ିବା ସ୍ଥିର ହୋଇଗଲା । ସ୍ନାତକ ପରବର୍ତ୍ତୀ ସମୟ ପ୍ରତିକୂଳ

ପରିସ୍ଥିତି ଯୋଗୁଁ ପଢ଼ିପାରିଲିନି। ମନ ଦୁଃଖରେ ଥାଏ, ଚାକିରି ପାଇଁ ପ୍ରସ୍ତୁତ ହେଉଥାଏ। ଏହି ସମୟରେ ମୁଁ ଚାକିରି ପାଇଁ ଦରଖାସ୍ତ କରି ନଥିଲେବି ମୋତେ ଚାକିରି ପାଇଁ ଡାକରା ଆସିଲା। ନା ମୋର କିଛି ରାଜନୈତିକ କିମ୍ବା କୌଣସି ଉଚ୍ଚପଦସ୍ଥ ବ୍ୟକ୍ତିଙ୍କର ସୁପାରିଶ୍ ଥିଲା। ଯାହା ହେଉ ମୁଁ ଚାକିରିରେ ଯୋଗ ଦେଲି।

ଚାକିରି କାଳରେ ମୁଁ କର୍ମଜୀବୀ ମହିଳା ନିବାସରେ ରହିଲି। ସମୟ ଆସିଲା, ମୋର ଦଶବର୍ଷ ପୂର୍ଣ୍ଣ ହେଲା। ସେହି ମହିଳା ନିବାସର ନିୟମ ଥିଲା ଦଶବର୍ଷରୁ ଅଧିକ କେହି ସେଠାରେ ଅନ୍ତେବାସୀ ହୋଇପାରିବେ ନାହିଁ। ମୁଣ୍ଡରେ ବଜ୍ର ପଡ଼ିଲା ପରି ବୋଧହେଲା। ସମସ୍ତେ ଭଡ଼ାଘର ଖୋଜି ରହିବାର ପନ୍ଥା ନିର୍ଣ୍ଣୟ କରିବାକୁ ଲାଗିଲେ। ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ମୋର ବାହାଘର ଠିକଣା ହୋଇଗଲା। ଚାକିରିର ଆବଶ୍ୟକତା କି ଘର ଖୋଜିବାର ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଲାନି।

ବାହାଘର ପରେ ବିଦେଶ ଭ୍ରମଣ କରିବାର ସୁଯୋଗ ହାତଛଡ଼ା କରି ପାରିଲିନି। ଚାକିରି ଛାଡ଼ି ଦେବାର ଆଉ ଗୋଟିଏ କାରଣ ହେଲା। ଏ ସବୁର ଫଳକୁ ଜୀବନର ମୂଲ୍ୟବୋଧ ହିସାବରେ ଉପହାର ଛଡା ଆଉ କିଛି ବୋଲି ଭାବିବାର ଅବକାଶ ନାହିଁ। ଏଇଠି ମୋର କୌଣସି କର୍ମ ନଥିଲା କି ସେଇଟା କର୍ମଫଳ ନୁହେଁ।

କିନ୍ତୁ ମୁଁ ସବୁ କ୍ଷେତ୍ରରେ ନିଜର କର୍ମକୁ ନିଷ୍ଠାର ସହିତ ସମ୍ପାଦନ କରିଛି। ନିଜେ ଭଲ ହୋଇ ସମସ୍ତଙ୍କ ପାଇଁ ଭଲ ମନାସିବା ମୋର ନୀତି ହୋଇଛି। ସେ ସବୁ ଦୃଷ୍ଟିରୁ ମୁଁ ବାପାମାଆଙ୍କର ଭଲ ଝିଅ। କର୍ମକ୍ଷେତ୍ରରେ ଦକ୍ଷ, ସଚ୍ଚୋଟ, ଆଶାବାଦୀ, ପ୍ରତ୍ୟକ୍ଷଦର୍ଶୀ ଏବଂ ଉଦ୍‌ଯୋଗୀ ବୋଲି ସୁପ୍ରଶଂସା ପାଇଛି। ମୋର ସଂସ୍ଥା ବି ମୋତେ ଜଣେ ଗୁଣବତୀ କର୍ମଚାରୀ ବୋଲି ବିବେଚନା କରନ୍ତି।

ମାତ୍ର ଅନେକ କ୍ଷେତ୍ରରେ ବିଫଳ ବ୍ୟକ୍ତିତ୍ୱ ଭାବରେ ବିଷାଦ ଏବଂ ପରାଜୟର ସମ୍ମୁଖୀନ ହୋଇଛି। ଭାଗ୍ୟ ଓ ଭଗବାନଙ୍କ ଅଦୃଶ୍ୟ ଶକ୍ତି ପାଖରେ ସମର୍ପି ଦେଇଛି। ଏହି ପରିପ୍ରେକ୍ଷୀରେ ବୋଉର ଉକ୍ତିଟି ମନକୁ ଆସିଯାଏ, “ଧାଇଁବୁ ଯେତେ, ଦଉଡିବୁ ଯେତେ, କପାଳ ଯେତେ ଫଳିବ ସେତେ।”

ଅନୁଭବ ଆସୁଛି, ମଣିଷ ଜୀବନ ଭଗବାନଙ୍କର ଏକ ମୂଲ୍ୟବାନ ଉପହାର। ଏହି ଜୀବନ ଗତକାଲିର ବିଷାଦ ଆକାଶ ମେଘମୁକ୍ତ ହୋଇ ଆଜିର ଆନନ୍ଦମୟ ପ୍ରଭାତରେ ସୁନେଲି ସୂର୍ଯ୍ୟକିରଣରେ ଧୌତ ହୋଇପାରେ। ନକାରାତ୍ମକ ଭାବନା ଓ ସମ୍ଭାବନା ମ୍ୟାଜିକ୍ ପରି ଆଖି ପିଛୁଳାକେ ସକାରାତ୍ମକ ହୋଇଯାଇ ପାରେ। ସାମନାରେ ଥିବା ବିଶାଳ ପ୍ରତିପନ୍ଥକ କ୍ଷଣକେ ଅଦୃଶ୍ୟ ହୋଇଯାଇ ପାରେ। ଭବିଷ୍ୟତ ନାରାୟଣଙ୍କୁ ବି ଅଗୋଚର।


ଅବଶ୍ୟ ଜୀବଜଗତରେ ପ୍ରତିଟି ଜୀବ ସମୟ ଅସମୟ ନେଇ ନିଜକୁ କିପରି ମୂଲ୍ୟାୟନ କରୁଥିବେ, ତାହା ମଣିଷକୁ ଅଜଣା। ନିଶ୍ଚୟ ପ୍ରତିଟି ଜୀବ ନିଜର ଜୀବନ ପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଥିବେ। ସୃଷ୍ଟିଟି ଭାଗମାପରେ ଗଠିତ ବୋଲି ଆମ ବୁଦ୍ଧି ବିବେକ କହୁଛି।

ମଣିଷ ଜାତି ପକ୍ଷରୁ ମୋତେ ପଚାରିଲେ ମୁଁ କହିବି ଜୀବନ ଦୁର୍ଲଭ। ମଣିଷର ବିବେଚନା ଶକ୍ତି କେତେ, ଆମେ ବୁଝୁଛୁ। ଇତର ପ୍ରାଣୀ ବି ସେମାନଙ୍କ ଦୃଷ୍ଟି ଏବଂ ଦୂରଦୃଷ୍ଟିରେ ନିଶ୍ଚୟ ବୁଝିପାରୁଥିବେ। ସାମାଜିକ ପ୍ରାଣୀ ହିସାବରେ ଶୃଙ୍ଖଳା ନିମନ୍ତେ ଆମକୁ ବିଶ୍ୱାସ କରିବାକୁ ହେବ, ଆମର ସୁକର୍ମ ପାଇଁ ଆମକୁ ଫଳ ମିଳିବ। ଜୀବଦ୍ଦଶାରେ ଯିଏ ଯାହା କରିବ, ଯେମିତି ମଞ୍ଜି ପୋତିବ, ସେମିତି ଫଳ ଖାଇବାକୁ ପାଇବ।

ମଣିଷ ଜୀବନ ବାସ୍ତବ, ସତ୍ୟ ଏବଂ ଜଗତ ସତ୍ୟ କଳ୍ପନା-କାମନା ଅସତ୍ୟ ଏବଂ ଭ୍ରାନ୍ତ।


ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ମୋ - ୯୪୩୭୫୦୮୮୩୮

# ବାସ୍ତବତାର ଅନ୍ୟ ନାମ ଜୀବନ

*ଲିଜାରାଣୀ ପାଇଟାଳ*

**ବି**ଶ୍ୱବ୍ରହ୍ମାଣ୍ଡ ନକ୍ଷତ୍ର, ଗ୍ରହ, ଉଲ୍‌କା, ନିହାରିକା, ମହାଶୂନ୍ୟ ଆକାଶ ନେଇ ଗଠିତ ଏବଂ ଆଜିର ବିଜ୍ଞାନ ଚକ୍ଷୁରେ ସମଗ୍ର ସୌରଜଗତ କାହିଁକି, ଆମର ଧରିତ୍ରୀ ବାହାରେ କେଉଁଠି ଜୀବଟିଏ ମିଳିନି । ଏଇଟା ଆମ ଧରିତ୍ରୀ ମାଆର ସଫଳତା ଏବଂ ସୌଭାଗ୍ୟ ତା ବକ୍ଷରେ ଜୀବଜଗତ ସୃଷ୍ଟି ହୋଇ ସେ ଜୀବନ୍ତ ହୋଇ ଲକ୍ଷ ଲକ୍ଷ ବର୍ଷ କଟାଇ ସାରିଛି । ଏଇଟା ଯେତିକି ବାସ୍ତବ, ତା ବକ୍ଷର ଅସୁମାରି ବୃକ୍ଷଲତା, କୀଟପତଙ୍ଗ, ପଶୁପକ୍ଷୀ ଏବଂ ସର୍ବାଂଶେ ମଣିଷମାନଙ୍କ କୋଳାହଳରେ ଜୀବନର ବିଭାବ ସୃଷ୍ଟି ହୋଇଛି । ଆମର ଧରାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆମ ପଡୋଶୀ ଗ୍ରହ ଉପଗ୍ରହ ମାନଙ୍କରେ ଜୀବନ ନାହିଁ, ବରଂ ଆମ ଧରିତ୍ରୀ ମାତାର ଚଳଚଞ୍ଚଳ ଜୀବଜଗତର ଉଦ୍ଭବ ଜୀବନଧାରାରେ ପ୍ରାଣୀଜଗତର କନିଷ୍ଠତମ ବିବର୍ତ୍ତନ ଜୀବ ମଣିଷ । ସେହି ମଣିଷର ଜ୍ଞାନ ବା ଚେତନା ବଳରେ ସୃଷ୍ଟିର ଆକଳନ କରିପାରିଛି । ମଣିଷର ଜୀବନଶୈଳୀ ବାସ୍ତବ, ପ୍ରକୃତି ପୃଷ୍ଠରେ ସମସ୍ତ ଶାରୀରିକ ଆବଶ୍ୟକତାରେ ପରିପୂର୍ଣ୍ଣ ତଥା ଚିରବର୍ଦ୍ଧିଷ୍ଣୁ ମାନସିକ ପରିପୋଷଣରେ ସୂକ୍ଷ୍ମ ସୋପାନରେ ସିଏ ଉପବିଷ୍ଟ । ଏପରି ଅବସ୍ଥାରେ ଆମର ମଣିଷ ଜୀବନକୁ ଭାଗ୍ୟବାନ ଏବଂ ସନ୍ତୁଷ୍ଟ କହିବାର ଗୌରବ ରହିଛି ।

ମଣିଷ ଜୀବ ଭାବରେ ପରିବେଶ ଏବଂ ପ୍ରକୃତିରାଣୀଙ୍କ ପୁତ୍ର ଭାବରେ ରାଜପୁତ୍ର କହିଲେ ଅତ୍ୟୁକ୍ତି ହେବନି । ପୃଥିବୀର ଜଳସ୍ଥଳ ଏବଂ ଆକାଶର ବହୁ ପଦାର୍ଥରେ ତାର ଶରୀର ଗଠିତ । ପୁଣି ପ୍ରତି ନିଶ୍ୱାସପ୍ରଶ୍ୱାସ, ଖାଦ୍ୟପାନୀୟ ଆଦିରେ ସେଇ ପ୍ରକୃତି ଦ୍ୱାରା ପରିପୁଷ୍ଟ । ତାର ଦୃଷ୍ଟିଶକ୍ତି ସେହି ପ୍ରକୃତିର ସବୁଜିମା, ଆକାଶର ଓ ସାଗରର ନୀଳିମା ମୂଳରେ ଆବଦ୍ଧ । ତାହାରି ମୂଳରେ ସିଏ ଝରଣାର କୁଳୁକୁଳୁ ଶବ୍ଦରେ ଆହ୍ଲାଦିତ, ପରିପାର୍ଶ୍ୱର ଜୀବଜଗତର ଚଳଣିରେ ପ୍ରଭାବିତ । ମନରେ ତାର ଖେଳିଯାଏ ସମସ୍ତ ଇନ୍ଦ୍ରିୟାନୁଭୂତି । ମଣିଷମନ ସବୁ ଜୀବମାନଙ୍କ ମଧ୍ୟରେ ବିଚିତ୍ର । କେତେକଥା ମନେରଖେ ଏବଂ ଦରକାର ବେଳେ ଜୀବନାଚର୍ଯ୍ୟରେ ସଦୁପଯୋଗ କରିଥାଏ । ଏହି ଶକ୍ତି ସକାଶେ ମଣିଷ ପ୍ରକୃତିମାତାର ସୁଯୋଗ୍ୟ ସନ୍ତାନ ଏବଂ କେବଳ ବୁଦ୍ଧିବଳରେ ଜଗତଜିତା ହୋଇ ପୃଥିବୀର ସବୁ ବାସଯୋଗ୍ୟ ଭୌଗୋଳିକ ଭୂମଣ୍ଡଳରେ ବସତି ସ୍ଥାପନ କରି ମାନବ ସମ୍ବଳରେ ଭରପୂର କରିପାରିଛି । ଆଜି ଆଉ ବଳବାନ୍ ବାଘସିଂହ ଗୁଡିକର ଉପଦ୍ରବ ନଗଣ୍ୟ ଏବ ପ୍ରଳୟଙ୍କାରୀ ବାତ୍ୟାବନ୍ୟା ପ୍ରଶମିତ । ଏ ସବୁ ମଣିଷର ବୁଦ୍ଧି, ବିଜ୍ଞାନ ଦିଗରେ ବିକାଶ ଏବଂ ଜ୍ଞାନର ବୈଷୟିକ ଉପ ଯୋଗ ବଳରେ ସମ୍ଭବ ହୋଇପାରିଛି ।

ସତକୁ ସତ ଆଜିର ଏକବିଂଶ ଶତାବ୍ଦୀର ମଣିଷ ଯଦି ପଛକୁ ଚାହିଁବ, ସହସ୍ରାବ୍ଦ ପୂର୍ବରୁ କିପରି ଥିଲା ଏବଂ ଦ୍ୱିସହସ୍ରାବ୍ଦ ପୂର୍ବରୁ କିପରି ଥିଲା ନିଜର ପାର୍ଥିବ ବାତାବରଣକୁ କେତେ ସଜାଡ଼ି ପାରିଛି, ପୁରୁଣା କଥା ପଢ଼ିଲେ ମନକୁ ଆସେ । ମଣିଷ ଆଜି ନିମିଷକେ ନିଜର ବାର୍ତ୍ତା ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରକାଶ କରିପାରୁଛି । ଗୋଟିଏ ଦିନର ପ୍ରାତଃଭୋଜନ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀଭୋଜନ ସମୟ ବ୍ୟବଧାନରେ ପୃଥିବୀ ପ୍ରଦକ୍ଷିଣ କରିପାରୁଛି । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କିଛି ତାପାଇଁ ଅଛପା ନାହିଁ । ଏହି ବିଜ୍ଞାନର ତାଳେ ତାଳେ ମନୁଷ୍ୟ ପ୍ରତ୍ୟକ୍ଷବାଦୀ ହୋଇପଡିଛି । ଯାହା ତାକୁ ଦୃଶ୍ୟ ହେଉନି, ସେଇଠି ବିଶ୍ୱାସ ହରାଉଛି । ତେଣୁ ଅନେକ ବିଶ୍ୱସନୀୟ ହୋଇଛି ତାର ଜୀବନଶୈଳୀ, ଅବିଶ୍ୱାସ ଏବଂ ଅନ୍ଧବିଶ୍ୱାସ କ୍ଷୀଣ ହୋଇଆସୁଛି ମଣିଷ ଜୀବନରେ ।

କିନ୍ତୁ ତାର ଶାରୀରିକ ଆବଶ୍ୟକତା ହୋଇରହିଛି ତା ପରମାୟୁ । କେତେ ବେଶି ମଣିଷ ବଞ୍ଚିପାରିବ ? ମୃତ୍ୟୁଟା ମଣିଷର ଚିର ବଇରୀ ହୋଇ ରହିଛି । ମଣିଷ ନିଜ ଅନ୍ତରାତ୍ମାରେ ନିଜର ମୂଲ୍ୟାୟନ କରିଚାଲିଛି । ସବୁ ସଭ୍ୟତାରେ, ବେଦ-ପୁରାଣ-ଇତିହାସ-ଆଧୁନିକ କାଳରେ । ମୃତ୍ୟୁ ହିଁ ମଣିଷ ଜୀବନର ପ୍ରଧାନ ଅନ୍ତରାୟ ହୋଇଛି । ମୃତ୍ୟୁ କେବଳ ମଣିଷ କାହିଁକି ସମଗ୍ର ଜୀବନଧାରୀ ଜୀବମାନଙ୍କ ଜୀବନକୁ ସୀମିତ କରିଛି । କେବଳ ସେତିକି ନୁହେଁ, ମୃତ୍ୟୁଭୟ ମଣିଷକୁ ଘେରି ରହିଛି । ଖାଲି ମୃତ୍ୟୁଭୟରେ ମଣିଷ କତରା ଘୋରି ଅପେକ୍ଷା ରହିନାହିଁ । ସମଗ୍ର ମାନବ ସମାଜ ଚାହିଁ ରହିଛନ୍ତି, କେଉଁଦିନ ମଣିଷ ଅମର ହେବ । ଧାରଣା ହୁଏ, ମଣିଷ ଅମର ହୋଇଗଲେ ତା ଜୀବନ ବାସ୍ତବ ହୋଇଯିବ । ଆଉ ଅବାସ୍ତବ, ଅଳୀକ କିମ୍ବା ଭ୍ରମ ବୋଲି କହିବାକୁ ପଛାଇବେ । ଅମର ହୋଇଗଲେ ତ କଥା ସରିଗଲା । ବାଦଛେଦ, ମାରପିଟ, ହିଂସା-ଅହିଂସା ଭେଦଭାବ ରହିବନି । ଅମୃତ ଲଡୁ ଖାଇ ସମସ୍ତେ ନିଶ୍ଚିନ୍ତ ହୋଇଯିବେ । ଗଲେ ପଛେ ଯାଉ ଈର୍ଷା, ଘୃଣା, ପ୍ରତିଦ୍ୱନ୍ଦ୍ୱିତା, ମାନ-ସମ୍ମାନ ମଣିଷ ଅମର ହେବ, ଯନ୍ତ୍ରମାନବ ପରି ହୃଦୟହୀନ ହେବ । ଆଉ ବୁଦ୍ଧଦେବ ଆସିବେନି ତପରେ ବସି ମଣିଷର ଜରା-ବ୍ୟାଧି-ମୃତ୍ୟୁ ଉପରେ ସମାଧାନ କରିବାକୁ । ସତରେ ବିଶ୍ୱାସ ଆସୁନି, ମଣିଷ ଅମର ହେବବୋଲି । ଅମର

ହୋଇଗଲେ, ସମଗ୍ର ପ୍ରକୃତିର ଅକଳନୀୟ କ୍ଷତି ଘଟିବ, ପ୍ରଳୟ ହୋଇଯିବ, କଳିଯୁଗ ସରିଯିବ।

ମାତ୍ର ଆଜି ଦିନରେ ମଣିଷ ପାର୍ଥିବ ଦୃଷ୍ଟିକୋଣରୁ ଏତେ ଅଗ୍ରସର ହେଲେ ବି ତା ମନର ଶାନ୍ତି ଦିନକୁ ଦିନ ହରାଉଛି। ନିଜର ନୈତିକତାକୁ ଦ୍ୱାହି ଦେଇସାରିଲାଣି। ଆଜିର ମଣିଷ ମନରୁ ଆଧ୍ୟାତ୍ମିକତା ବା ଆତ୍ମଜ୍ଞାନ ହଜିଯାଇଛି। ନିଜ ଜୀବନକୁ ବିକଶିତ କରିବାକୁ ଯାଇ ଶାରୀରିକ ଦିଗରେ ଯାହା କରିଛି, କିନ୍ତୁ ମାନସିକ ଦୃଷ୍ଟିରୁ, ନୈତିକତା ଦୃଷ୍ଟିରୁ ସେ ଜଣେ ବ୍ୟସ୍ତ ମଣିଷ। ସେ ରାଜନୈତିକ ମଣିଷ, ଅର୍ଥନୈତିକ ମଣିଷ ଆଉ ସ୍ୱାର୍ଥପର ମଣିଷ। ଆଖି ବୁଲାଇବାକୁ ସମୟ ନାହିଁ, ସେ ସମୟର ଦାସ। ଇନ୍ଦ୍ରିୟର ଦାସ। କେବେ ମଣିଷ ଆଖିରେ ଦେଖିବା ବେଳେ କାନକୁ ତାର ଶୁଭୁ ନଥିଲା, ନାକରେ ଶୁଂଘିପାରୁ ନଥିଲା, ଏକାଧିକ ଇନ୍ଦ୍ରିୟ ତତ୍ପର ନଥିଲେ। ଆଜି କିନ୍ତୁ ସମୟ ପରିଚାଳନା କରିବାରେ ସମସ୍ତ ଇନ୍ଦ୍ରିୟ ବ୍ୟସ୍ତ। ଦୃଷ୍ଟିରେ କଅଣ, କାନରେ କଅଣ, ପାଟିରେ କଅଣ ଏମିତି ବିଶ୍ୱସାରାର ତଥ୍ୟ ଶୁଣି ଶୁଣି ତାର ସମୟ ଖତମ୍। ନିଜେ କିଛି ଦେଖିଶୁଣି ଚିନ୍ତା କରିବାକୁ ବେଳନାହିଁ।

ଆଜି ଦିନକାଳରେ ସମସ୍ତଙ୍କ ଦୃଷ୍ଟି ସମ୍ମୁଖରେ ସେଇ ଗୌତମ ବୁଦ୍ଧଙ୍କ ମାୟା ହିଁ ମାୟା, କାମନା ହିଁ କାମନା। ପ୍ରତ୍ୟେକ ଇନ୍ଦ୍ରିୟ ଏହାର ମାର୍ଫତଦାର। ସ୍ୱାର୍ଥର ପରିସର ବୃଦ୍ଧି ତ ନିଶ୍ଚୟ ଘଟିଛି। ମନ୍ଦବୁଦ୍ଧି ବି ତତୋଽଧିକ। ନିଜର ଲାଭ ପଛେ କମିଯାଉ, ପରର ଘୋର କ୍ଷତି ହେଉ। ମଣିଷର ସମୟ ନାହିଁ ନିଜର ଦୈନନ୍ଦିନ ଜୀବନାଚର୍ଯ୍ୟା ବିଷୟରେ ଚିନ୍ତା କରିବାକୁ, କିନ୍ତୁ ଦିନରେ କେତେ ଜଣକୁ ପ୍ରତିହତ କରିବାର କଳ୍ପନା, କାହାକୁ ଲଜ୍ଜିତ କରିବାର ମନୋଭାବ, କାହାର ସର୍ବନାଶ କରିବାର ଲକ୍ଷ୍ୟ ସମୟସାପେକ୍ଷ ହେଲେ ବି ଲୋକ ଆଦର କରନ୍ତି।

ମାତ୍ର ଜଣେ ଜାଣି ରଖିବା ଉଚିତ ତଥା ଏ ବିଷୟରେ ସଦାଜାଗ୍ରତ ହୋଇ ରହିବାର ମାନସିକତା ଆସିବା ଦରକାର। ଜଣେ ଦୁନିଆକୁ ସୀମିତ କାଳ ପାଇଁ ଆସେ। ସେହି ସମୟ ମଧ୍ୟରେ ଜୀବନକୁ ବାସ୍ତବତା ଦିଗରେ ଖଟାଇ ଚାଲିବା ଦରକାର। ଦୁନିଆରେ ପାଞ୍ଚ ଅଂଗୁଳି ସମାନ ହୋଇନାହିଁ। କିନ୍ତୁ ସବୁ ସମୟରେ ନିଜର ବିବେକ ଖଟାଇ ନକାରାତ୍ମକ ମନୋଭାବ ପରିହର କରିବା ଦରକାର। ନିଜର ବ୍ୟକ୍ତିଗତ ଚିନ୍ତାଧାରା ମଧ୍ୟରେ ଆଧ୍ୟାତ୍ମିକତା ଏବଂ ଆତ୍ମବିଶ୍ୱାସ ଦୃଢ଼ ହେବା ଅବଶ୍ୟମ୍ଭାବୀ। ସାମଜିକ ପରିବେଶରେ ସାମୂହିକ ଉନ୍ନତି କଳ୍ପେ ସହଯୋଗ ଏବଂ ସମନ୍ୱୟ ବିଧିରେ ନିଜର ମୁଁତ୍ୱର ଜଳାଞ୍ଜଳି ଦେଇ ନିଜକୁ ମାର୍ଜିତ କରିବା ବିଧେୟ।

ଉଦାହରଣ ଭାବରେ କହିବାକୁ ଗଲେ, ଆଜିର ଦିନରେ ଜଣେ ଲୋକ କେତେ ଆରାମରେ ସମସ୍ତ ବସ୍ତୁକୈନ୍ଦ୍ରିକ ଜଗତରେ କାୟା ବିସ୍ତାରି ନିଜକୁ ପ୍ରତିଷ୍ଠିତ କରିପାରେ। ଆମର ଭାଇମାନେ ବି ଇତର ଲୋକଙ୍କ ସହିତ ଚଳିବା ମଧ୍ୟରେ ସେମାନଙ୍କ ସହିତ ସାଙ୍ଗ ହୁଅନ୍ତି। ପରିଚିତ ଲୋକଙ୍କ ପାଖରେ ନିଜକୁ ପ୍ରଦର୍ଶନ କରିବା, ନିଜକୁ ଧନବାନ ବୋଲି ପ୍ରତିଷ୍ଠା କରିବାକୁ କେହି ଭୁଲନ୍ତି ନାହିଁ। ନିଜର ଆତ୍ମଗର୍ବ ଯାହା ପ୍ରଦର୍ଶନ କରିବାକୁ ଚାହେ ଯେ ପ୍ରତି ଘରେ ଘରେ, ପ୍ରତି ଅଫିସ୍‌ରେ ଏବଂ ପ୍ରତିଟି ଅନୁଷ୍ଠାନରେ ବିନା ଲାଭକ୍ଷତିରେ ଗୋଟିଏ ଶକ୍ତିର ବଳୟ ରହିଛି। ଅନେକଙ୍କ ଅହଂକାରରେ ଏହାର ରୂପ ପରିବର୍ତ୍ତିତ ହୁଏ। କେତେକ କହନ୍ତି, ମଣିଷ ସ୍ପଷ୍ଟବାଦୀ ନୁହେଁ, ଅସ୍ପଷ୍ଟବାଦୀ ବା ହିପୋକ୍ରାଟ୍। ଏହା ଜୀବନର ବାସ୍ତବତା ଉପରେ ଏକ କଳାପରଦା।

ସତରେ ଜୀବନଟା ବାସ୍ତବ। ସତରେ ମଣିଷ ମନଟା ବି ବାସ୍ତବିକତା ନିମନ୍ତେ ସଦା ଆଗ୍ରହୀ। କିନ୍ତୁ ସାମାଜିକ ପରିବେଶରେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଉଠେ। ଏହି ଭାବନା କ୍ଷଣିକ। ଏହା ମାନସିକ ଶାନ୍ତି ନଷ୍ଟ କରିଦିଏ। ଅନ୍ୟଥା ମଣିଷ ଜୀବନ ନିଶ୍ଚିତ ବାସ୍ତବ ଜୀବନ ଏବଂ ଏହା ସାଧନା କରିବା ନିଜର ସୁମନାସ ଉପରେ ନିର୍ଭରଶୀଳ। ସମସ୍ତେ ଏହାର ଉପଯୋଗ କରିବା ଆବଶ୍ୟକ।

ସଂକ୍ଷେପରେ କହିବାକୁ ଗଲେ, ମଣିଷ ଜୀବନ ବାସ୍ତବ। ଏହି ବାସ୍ତବତା ମଣିଷର ଅନ୍ତର୍ନିହିତ ଶକ୍ତି ଏବଂ ଏହାର ସଦୁପଯୋଗ ହେବା ଅତ୍ୟାବଶ୍ୟକ। ଏହା ମଣିଷର ସ୍ୱଭାବଗତ ସରଳତା, ମୁକ୍ତ ହୃଦୟ ଏବଂ ସକାରାତ୍ମକ ମାନସିକ ଶକ୍ତି ଦ୍ୱାରା ଚିରନ୍ତନ ହୋଇପାରିବ।

ରମାଦେବୀ ମହିଳା କଲେଜ,
ମୋ - ୯୧୭୮୮୦୦୫୩୨

# ହାସ୍ୟମେବ ଜୟତେ

*ଡ. ପୀତବାସ ରାଉତରାୟ*

**ବା**ବୁ ଇନ୍ଦ୍ରମଣି, ସେ ତ ପଥରରୁ କାଢ଼ି ପାରନ୍ତି ପାଣି । ଇତିହାସର ପୃଷ୍ଠା ଓଲଟାଇ ନିଶାର୍ଦ୍ଧରେ ଶାଳଭଞ୍ଜିକା ମୁଖରେ ଶୁଣାନ୍ତି ସମ୍ରାଟ ଖାରବେଳଙ୍କ ଅପୂର୍ବ କାହାଣୀ । 'ଦିଗ୍‌ବିଜୟୀ ଗଜପତି' ଭଳି ଐତିହାସିକ ଉପନ୍ୟାସରେ କପିଳେନ୍ଦ୍ର ଦେବଙ୍କୁ ଦିଅନ୍ତି ନୂଆ ଠାଣି । 'ଏଇମାଟିର କାହାଣୀ'. 'ଫକଡ଼' ଓ 'ବେଭାର' ଭଳି ଗଳ୍ପ ପୁସ୍ତକରେ ବଖାଣନ୍ତି ବହୁ ଅଙ୍ଗେନିଭା କାହାଣୀ । ପୁଣି 'ଆମ ଚଳଣି, ଆମ ଚରିତ୍ର, ଆମ ଚମକ'ର ସମ୍ପାଦନାରେ ବୁଝାଇଛନ୍ତି ଆମ ଜନ୍ମମାଟିର ଅନନ୍ୟ ବିବରଣୀ । ଷ୍ଟେଥୋସ୍କୋପ ସହ କଲମ ଧରି ହସ ହସ ମୁହଁରେ ରୋଗୀସେବା ସହ ସାହିତ୍ୟ ସେବା କରି ସୃଷ୍ଟି କରିଛନ୍ତି ନୂଆ ରାଗିଣୀ । ପତ୍ନୀଙ୍କ ସ୍ମୃତିରେ ସେ ପୁଣି ପ୍ରକାଶ କରିଚାଲିଛନ୍ତି ବାର୍ଷିକ ସଂଖ୍ୟା 'ବିଜୟିନୀ' !

ଏଭଳି ବ୍ୟକ୍ତି ଚଳିତ ବର୍ଷ ପାଇଁ ଯେଉଁ ନୂତନ ପ୍ରସଙ୍ଗ ଉତ୍ଥାପନ କଲେ 'ଜୀବନ ଅଳୀକ ନା ବାସ୍ତବ' ତା' ଦେଖି ମୁଁ ନିଜକୁ ଭାବୁଛି ଅଜ୍ଞାନୀ ।

ତିନୋଟି ଛୋଟ ପ୍ରସଙ୍ଗ ମନେପଡୁଛି । ପ୍ରସଙ୍ଗ ଏକ - ବହୁ ବର୍ଷ ତଳେ ଗୋଟିଏ ଗଳ୍ପ ପଢ଼ିଥିଲି । ପିମ୍ପୁଡ଼ିଟିଏ, ତା' ମୁଣ୍ଡରେ ଭଗବାନ ବୁଦ୍ଧି ନାମକ ଜିନିଷଟିଏ ଅଧିକ ମାତ୍ରାରେ ଦେଇଦେଲେ । ପିମ୍ପୁଡ଼ିଟି ଭାବିବାରେ ଲାଗିଲା ମୁଁ କିଏ ? ଏ ସୃଷ୍ଟିରେ ମୋର ସ୍ଥାନ କେଉଁଠି ? କାହିଁକି ମୁଁ ଜନ୍ମ ନେଲି ? କେତେଦିନ ଧରି ମୁଁ ବଞ୍ଚିବି ? ମୋ ଠାରୁ ସବୁ ବଡ଼ ବଡ଼ ଜୀବଜନ୍ତୁ ଦେଖୁଛି, ମୋ ଠାରୁ ଛୋଟ କିଏ ଅଛି କି ? ମୋର ଆତ୍ମା ମୃତ୍ୟୁ ପରେ ପରମାତ୍ମା ସହିତ ମିଳାଇ ଯିବକି ? ମୋତେ ଭଗବାନ ଏତେ ଛୋଟ କରି କାହିଁକି ଜନ୍ମ ଦେଲେ ? ଏଭଳି ଭାବିଭାବି ସେ ପାଗଳପ୍ରାୟ ହୋଇଗଲା ଆଉ ଶେଷରେ ଯାଇ ଜଣେ ସାଧୁଙ୍କ ପାଖରେ ଶରଣ ପଶିଲା । ସାଧୁ ତା' ଠାରୁ ସବୁକଥା ଶୁଣି ସାରିଲା ପରେ କହିଲେ, "ବତ୍ସ ପିମ୍ପୁଡ଼ି, ତମେ ହେଉଛ ପିମ୍ପୁଡ଼ି ଯେମିତି ପ୍ରଭୁ ସୃଷ୍ଟି କରିଛନ୍ତି ସେମିତି ରହିବ ଛୋଟ ହେଲେ ବି ତମର ବହୁଗୁଣ ଅଛି ତମର ମଧ୍ୟ ରଟ୍‌କିନା କାମୁଡ଼ିବା ଭଳି ଶକ୍ତି ଅଛି । ତମେ ତମ ଓଜନର ୨୦ଗୁଣ ଓଜନ ପର୍ଯ୍ୟନ୍ତ ଜିନିଷ ବୋହିପାରିବ । ସେଇଥିରେ ସନ୍ତୁଷ୍ଟ ହୁଅ, ଦାର୍ଶନିକ ସୁଲଭ ଜୀବନ ନବଞ୍ଚାଇ ଯେତେଦିନ ବଞ୍ଚୁଛ ଖୁସିରେ ବଞ୍ଚ ।"

ପ୍ରସଙ୍ଗ ଦୁଇ - ଖବରକାଗଜର ଆଜିର ଅନୁଚିନ୍ତା ସ୍ତମ୍ଭରେ କେବେ ପଢ଼ିଥିଲି - ଜଣେ ବ୍ୟକ୍ତି ଜୀବନରେ ସବୁ ଦିଗରୁ ନିରାଶ ହୋଇ ଆତ୍ମହତ୍ୟା କରିବା ଲାଗି ନିର୍ଣ୍ଣୟ ନେଲା । ସେ ଘରଛାଡ଼ି ଗୋଟିଏ ପାହାଡ଼ର କୋଣକୁ ଯାଇ ଡେଇଁପଡ଼ି ଆତ୍ମହତ୍ୟା କରବାର ମନସ୍ଥ କଲା । ପାହାଡ଼ର ଉପରିଭାଗରେ ପହଞ୍ଚିବା ବେଳେ ଦେଖାହେଲେ ଜଣେ ସାଧୁ । ସାଧୁ ସେ ଲୋକଟିକୁ ଦେଖିବା ମାତ୍ରେ ଲୋକଟି ଜଟାଧାରୀ ସାଧୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । ସାଧୁ ପଚାରିଲେ, "ବତ୍ସ ତମେ ବଡ଼ ଚିନ୍ତିତ ଦେଖାଯାଉଛ ? କାରଣ କ'ଣ ?" ସେ ବ୍ୟକ୍ତିଜଣଙ୍କ କହିଲା, "ବାବା ମୁଁ ବଡ଼ ଦୁଃଖୀ, ମୋ ସଂସାର ଅଭାବ ଅନାଟନରେ ବୁଡ଼ି ରହିଛି । ମୁଁ ଆଉ ବଞ୍ଚିପାରିବି ନାହିଁ ସେଥିପାଇଁ ଆତ୍ମହତ୍ୟା କରିବା ପାଇଁ ମନସ୍ଥ କରି ଏଠାରେ ପହଞ୍ଚିଛି ।" ସାଧୁ କହିଲେ, "ଆରେ ଅର୍ଥାଭାବ ପାଇଁ ତମେ ଆତ୍ମହତ୍ୟା କରିବା ପାଇଁ ବାହାରିଛ ? ଠିକ୍ ଅଛି ତମେ ବଞ୍ଚି ଥାଉ ଥାଉ ଯଦି ଅର୍ଥାଭାବ ଯୋଗୁ ଆତ୍ମହତ୍ୟା କରିବାକୁ ବସିଛ, ମୁଁ ତାହେଲେ ମୃତ୍ୟୁପରେ ତମ ପରିବାରର ଅର୍ଥାଭାବ ଦୂର କରିଦେବି ।" ଆତ୍ମହତ୍ୟା କରିବାକୁ ଯାଉଥିବା ବ୍ୟକ୍ତିଜଣଙ୍କ ଆଶ୍ଚର୍ଯ୍ୟ ହୋଇ ସାଧୁଙ୍କୁ ଚାହିଁ ରହିଲା । ସାଧୁ କହିଲେ, "ଜଣେ ବଡ଼ ବ୍ୟବସାୟୀକୁ କିଡ୍‌ନୀ ଆବଶ୍ୟକ । ସେ ଘୋଷଣା କରିଛି ଯେ ତା'ର କିଡ୍‌ନୀ ଦାନ କରିବ ତାଙ୍କୁ ପାଞ୍ଚଲକ୍ଷ ଟଙ୍କା ପୁରସ୍କାର ଦେବ । ସେହିଭଳି ଆଉ ଜଣେ ଧନୀ ବ୍ୟକ୍ତିର ସୁସ୍ଥ ହୃତ୍‌ପିଣ୍ଡଟିଏ ଆବଶ୍ୟକ । ସେ ମଧ୍ୟ ଦଶଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଦେବ । ତମର ଚକ୍ଷୁ ଦୁଇଟି ତ ଅତି କମ୍‌ରେ ଦୁଇଲକ୍ଷ ହେବ । ଏଭଳି ଭାବେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦାନ କରି ଲକ୍ଷପତି ହୋଇପାରିବ ।" ତା'ପରେ ସେ ପଚାରିଲେ "ତମେ ଯେଉଁ କହୁଛ ତମର ଜୀବନ ନିରର୍ଥକ ତା'ର ମୂଲ୍ୟ କେତେ ଜାଣିପାରିଲ ?" ସେ ବ୍ୟକ୍ତିଜଣଙ୍କ ସାଧୁଙ୍କ କଥା ଶୁଣି ଆତ୍ମହତ୍ୟା ନକରି ନୂତନ ଜୀବନ ଆରମ୍ଭ କରିବା ପାଇଁ ଶପଥ ନେଲା ।

**ପ୍ରସଙ୍ଗ ତିନି -**

ବହୁ ବର୍ଷ ପୂର୍ବେ ହିନ୍ଦୀ ଭାଷାରେ ପ୍ରକାଶ ପାଉଥିବା ପ୍ରସିଦ୍ଧ ପତ୍ରିକା 'ସାରିକା'ର ସମ୍ପାଦକ ଦୀପାବଳୀ ବିଶେଷାଙ୍କକୁ ହାସ୍ୟବ୍ୟଙ୍ଗ ବିଶେଷାଙ୍କ ଭାବେ ପ୍ରକାଶ କରିବାର ପ୍ରଥା ଜାରି ରଖିଥିଲେ । ହାସ୍ୟବ୍ୟଙ୍ଗ ବିଶେଷାଙ୍କର କେବଳ ଲେଖା ନୁହେଁ ପ୍ରଚ୍ଛଦପଟରେ ମଧ୍ୟ ବ୍ୟଙ୍ଗ ଚିତ୍ର ରହୁଥିଲା । ଗୋଟିଏ ବର୍ଷ ବହୁ ଚିତ୍ରକରଙ୍କୁ ବ୍ୟଙ୍ଗଚିତ୍ର ପାଇଁ ବରାଦ ଦେଇ ମଧ୍ୟ ସମ୍ପାଦକ କୌଣସି ଚିତ୍ର ଦେଖି ସନ୍ତୁଷ୍ଟ ହେଲେନାହିଁ । ସେ ବ୍ୟସ୍ତ ହୋଇ ପ୍ରକାଶିତ ଅନ୍ୟଚିତ୍ର ଖୋଜୁଥିବାବେଳେ ପ୍ରସିଦ୍ଧ ବ୍ୟଙ୍ଗ ଚିତ୍ରକର ମାରିଓ ମିରାଣ୍ଡାଙ୍କ ଗୋଟିଏ ଚିତ୍ର ତାଙ୍କର ଦୃଷ୍ଟି ଆକର୍ଷଣ କଲା । ବାସ୍ତବରେ ସେ ଚିତ୍ରଟି ନିରୋଳା ବ୍ୟଙ୍ଗ ଚିତ୍ର

ନଥିଲା । ସେ ଚିତ୍ରରେ ଗୋଟିଏ ଖ୍ରୀଷ୍ଟିୟାନ ପରିବାରରେ ଜଣେ ମୃତବ୍ୟକ୍ତିର କଫିନ ଚାରିପଟେ ପରିବାରବର୍ଗଙ୍କ ଶୋକାକୁଳ ଚେହେରା ପ୍ରତିଫଳିତ ହେଉଥିଲା । ମାତ୍ର ସମ୍ପାଦକଙ୍କ ଦୃଷ୍ଟିଗୋଚର ହୋଇଥିଲା ସେହି ମୃତବ୍ୟକ୍ତିର ମୁଖମଣ୍ଡଳ ଉପରେ ଯେଉଁଠାରେ ସ୍ମିତହାସ୍ୟର ଝଲକଟି ଫୁଟି ଉଠିଥିଲା । ସମ୍ପାଦକୀୟରେ ସେ ସେହି ଚିତ୍ରର ଉଦାହରଣ ଦେଇ ବ୍ୟାଖ୍ୟା କରିଥିଲେ ଯେ ମୃତବ୍ୟକ୍ତିର ମୁହଁରେ ଥିବା ହସଟିକକ ମଣିଷ ଜାତି ପାଇଁ ସବୁଠାରୁ ବଡ଼ବାର୍ତ୍ତା ଯେ ସୃଷ୍ଟିରେ ମଣିଷ ଏକମାତ୍ର ଜୀବ ଯେ ମନଖୋଲା ହସ ହସିପାରେ ଓ ଅନ୍ୟକୁ ହସାଇ ପାରେ ।

ଏଇ ତିନୋଟି ପ୍ରସଙ୍ଗ ପରେ ଆସନ୍ତୁ ଆମେ ଜୀବନ ଅଳୀକ ବା ବାସ୍ତବ ସମ୍ପର୍କରେ ଗବେଷଣା ବା ଦର୍ଶନଶାସ୍ତ୍ର ଆଡ଼କୁ ନ ଚାହିଁ କେବଳ ଯେଉଁ ଜୀବନ ଜୀଇଁଛେ ତା' କିପରି ହସଖୁସିରେ ବିତାଇ ପାରିବା ସେ ବିଷୟରେ ଆଲୋକପାତ କରିବା ।

ଡାକ୍ତର ଇନ୍ଦ୍ରମଣି ଜେନା ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅନେକ ପୁସ୍ତକ ରଚନା କରିଛନ୍ତି ଯଥା 'ଓଡ଼ିଶାରେ ସ୍ୱାସ୍ଥ୍ୟ', 'ରକ୍ତଚାପ', 'ମଧୁମେହ ଉପଚାର', 'ଘର ଚିକିତ୍ସା ଓ ପ୍ରାଥମିକ ଉପଚାର' ଇତ୍ୟାଦି । ତା' ସହିତ ପ୍ରତିଦିନ ରୋଗୀମାନଙ୍କର ଚିକିତ୍ସାରେ ବହୁ ସମୟ ଅତିବାହିତ କରିଥାନ୍ତି । ଉଦ୍ଦେଶ୍ୟ କେବଳ ରୋଗୀ ମୁହଁରେ ହସ ଫୁଟାଇବା ପାଇଁ । ସେ କୁହନ୍ତି ସମସ୍ତ ଦ୍ରବ୍ୟର ଔଷଧୀୟ ଗୁଣ ଭରିରହିଛି । ସ୍ଥାନ-କାଳ-ପାତ୍ର ବିଶେଷରେ ତା'ର ବ୍ୟବହାର ହୋଇଆସିଛି ।

ଦ୍ରବ୍ୟ ନାମରେ ନାମିତ ନ ହେଲେ ମଧ୍ୟ ହସ ହେଉଛି ଏପରି ଔଷଧ ଯାହା ଭିତରେ ଔଷଧୀୟ ଗୁଣ ଭରପୁର ହୋଇ ରହିଛି । ସଂସାରରେ ବର୍ତ୍ତମାନ ହସର ଅଭାବ ପରିଲକ୍ଷିତ ହେଲାଣି । ତା' ପାଇଁ ବିଭିନ୍ନ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ତତ୍ପର ହେଲେ ମଧ୍ୟ ବିଶ୍ୱ ପରିସଂଖ୍ୟାନରୁ ଜଣାଯାଏ ଯେ ଜଣେ ସାଧାରଣ ମଣିଷ ଦଶ ବର୍ଷ ଆଗରୁ ଯେତିକି ହସି ପାରୁଥିଲା । ବର୍ତ୍ତମାନ ଯୁଗରେ ତା'ଠାରୁ ହସ ଆହୁରି କମି କମି ଯାଉଛି ।

ଆମକୁ ବର୍ତ୍ତମାନ ଚିନ୍ତା କରିବାକୁ ପଡ଼ିବ ହସର ଭୂମିକା ସମ୍ପର୍କରେ । ହସ ମଣିଷର ରକ୍ଷାକବଚ । ହସ ବ୍ୟକ୍ତିର ମନରେ ସୃଷ୍ଟି ହୁଏ ଓ ଶରୀର ମାଧ୍ୟମରେ ଆତ୍ମପ୍ରକାଶ କରେ । ଆଜିକାଲିର ହାସ୍ୟ ମଧ୍ୟରେ ରହିଛି ହାସ୍ୟଯୋଗ, ହାସ୍ୟଚିକିତ୍ସା ଓ ହାସ୍ୟଭିତ୍ତିକ ଶିକ୍ଷାପଦ୍ଧତି । ବିଶିଷ୍ଟ ମନୋବିଜ୍ଞାନ ଚିକିତ୍ସକ ୱିଲିୟମ ଫ୍ରାଇ କହିଛନ୍ତି ଯେ ପେଟ ଫଟାଇବା ଭଳି ହସ ମାଂସପେଶୀକୁ ସକ୍ରିୟ ରଖେ, ହୃତପିଣ୍ଡର ଗତି ବେଗ ବଢ଼ାଇ, ଶ୍ୱାସପ୍ରଶ୍ୱାସକୁ ଗଭୀରତର କରେ ଏବଂ ଅମ୍ଳଜାନର ବିନିମୟକୁ ବୃଦ୍ଧି କରେ । ଆଜିକାଲିର ଜୀବନରେ ମନୁଷ୍ୟ ଜଟିଳତାର ଚାପଗ୍ରସ୍ତ ହୋଇ ପଡୁଥିବାରୁ ହସକୁ ବଞ୍ଚିବାର ଏକ ମାଧ୍ୟମ ରୂପେ ଗଣାଯାଇପାରେ ।

ଏହି ହାସ୍ୟରସ ଆମ ଶାସ୍ତ୍ରରେ ନବରସ ମଧ୍ୟରେ ଅନ୍ୟତମ । ଯେପରି ଜଳର ରସଗୁଣକୁ ମଧୁର, ଅମ୍ଳ, ଲବଣ, ତିକ୍ତ, କଟୁ ଓ କଷା ନାମରେ ଷଡ଼ରସ ଭାବରେ ବ୍ୟକ୍ତ କରାଯାଇଥାଏ ସେହିଭଳି ଶାସ୍ତ୍ରରେ ନବରସ ହେଉଛି ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ ଓ ଶାନ୍ତ । ହସକୁ ମଧ୍ୟ ରସ ଆକାରରେ ସୀମିତ ରଖାଯାଇ ନାହିଁ ବରଂ ତାର ପ୍ରକାର ଭେଦ ମଧ୍ୟ ବର୍ଣ୍ଣନା ହୋଇଅଛି । ଉତ୍ତମ ଶ୍ରେଣୀମାନଙ୍କ ପାଇଁ 'ସ୍ମିତ' ଓ 'ହସିତ' ଏହି ଦୁଇ ପ୍ରକାରର ମୃଦୁ ହାସ୍ୟ, ମଧ୍ୟମ ଶ୍ରେଣୀ ବ୍ୟକ୍ତିଙ୍କ ପାଇଁ 'ବିହସିତ' ଓ 'ଉପହସିତ' ଏ ଦୁଇ ପ୍ରକାର ପ୍ରକାଶ୍ୟ ହାସ୍ୟ ଓ ଅଧମ ଶ୍ରେଣୀ ଲୋକଙ୍କ ପାଇଁ 'ଅପହସିତ' ଓ 'ଅତି-ହସିତ' ଏ ଦୁଇ ପ୍ରକାର ଅତିରଞ୍ଜିତ ହସ । ସାହିତ୍ୟ ଦର୍ପଣରେ ବିଶ୍ୱନାଥ କବିରାଜ ଏସବୁ ହାସ୍ୟର ଲକ୍ଷଣମାନ ମଧ୍ୟ ବର୍ଣ୍ଣନା କରିଛନ୍ତି ।

ଯେଉଁ ହାସ୍ୟକୁ ଏଭଳି ମାନ୍ୟତା ଆମ ଶାସ୍ତ୍ରରେ ମିଳିଅଛି ଆଧୁନିକ ଯୁଗରେ ଏହା ଗୋଟିଏ ଥେରାପିରେ ଗଣା ହୋଇଗଲାଣି । ମୁମ୍ବାଇର ଡାକ୍ତର ମଦନ କଟାରିଆ ଲକ୍ଷ୍ୟ କଲେ ଯେ ତାଙ୍କ ଅଧୀନରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ମଧ୍ୟରୁ ଯେଉଁ ରୋଗୀମାନେ ମନଖୋଲି ହସୁଛନ୍ତି ସେମାନଙ୍କ ଶରୀର ଶୀଘ୍ର ସୁସ୍ଥ ହେବାର ଶକ୍ତି ବୃଦ୍ଧି ପାଉଛି । ଏଭଳି ଲକ୍ଷଣ ପରିଲକ୍ଷିତ ହେବାପରେ ସେ ଭାବିଲେ ଯେ ସାଧାରଣ ମଣିଷଟିଏ ମଧ୍ୟ ସେହି ପ୍ରକ୍ରିୟାରେ କାହିଁକି ସୁସ୍ଥ ନ ରହିବ ?

ତାଙ୍କର ଏହି ଚିନ୍ତାଧାରାକୁ ଶୁଣି ପ୍ରଥମେ ବହୁ ଲୋକ ଟାହିଟାପରା କଲେ ମାତ୍ର ଡାକ୍ତର କଟାରିଆ ୧୯୯୫ ମସିହାର ମାର୍ଚ୍ଚ ମାସରେ ଆରମ୍ଭ କଲେ ତାଙ୍କର ମାନସ ସନ୍ତାନ ହସ କ୍ଲବ ବା ଲାଫ୍ଟର କ୍ଲବ । ପ୍ରଥମେ ମାର୍ଚ୍ଚ ମାସ ୧୩ ତାରିଖ ୧୯୯୫ରେ ସେ ପାଞ୍ଚଜଣ ଲୋକଙ୍କୁ ନେଇ ଆରମ୍ଭ କଲେ ହସ କ୍ଲବ । ମୁମ୍ବାଇର ଗୋଟିଏ ପାର୍କର କୋଣରେ ଛିଡ଼ା ହୋଇ ପାଞ୍ଚଜଣଙ୍କ ସହ ସେ ହସିବାକୁ ଲାଗିଲେ । ତାଙ୍କ ହସ ଦେଖି ଲୋକମାନେ ତାଙ୍କୁ ତାଚ୍ଛଲ୍ୟ କରିବାକୁ ଲାଗିଲେ । ମାତ୍ର ଡାକ୍ତର ମଦନ କଟାରିଆ ହତୋତ୍ସାହ ନ ହୋଇ ତା' ପରଦିନ ପାର୍କରେ ଛିଡ଼ା ହୋଇ ହସର ମାହାତ୍ମ୍ୟ ସମ୍ପର୍କରେ ଏକ କ୍ଷୁଦ୍ରଭାଷଣ ଦେଲେ । ତାଙ୍କ ଭାଷଣ ଶୁଣି ସେଦିନ ୧୫ଜଣ ହସ କ୍ଲବରେ ଯୋଗଦେଲେ । ତା'ପରଠାରୁ ଆରମ୍ଭ ହେଲା ହସକ୍ଲବର ବିଜୟ ଯାତ୍ରା । ଆଜି ପୃଥିବୀର ୧୧୦ଟି ରାଷ୍ଟ୍ରରେ ହସ କ୍ଲବ ଗଠନ ହୋଇ ଲକ୍ଷାଧିକ ସଭ୍ୟ ହୋଇସାରିଲେଣି ଓ ଡାକ୍ତର କଟାରିଆ ଆଜି ଆନ୍ତର୍ଜାତିକ ହସକ୍ଲବର ପ୍ରତିଷ୍ଠାତା ସଭାପତି । ଏହି ହସ ଖାଲି ହସରେ ସୀମିତ ହୋଇନାହିଁ ଏହା 'ହାସ୍ୟ ଯୋଗ' ନାମରେ ଖ୍ୟାତି ଅର୍ଜନ କରି ବିଶ୍ୱବାସୀଙ୍କ ସ୍ୱାସ୍ଥ୍ୟ, ଆନନ୍ଦ ଓ ଶାନ୍ତି ନିମନ୍ତେ କାର୍ଯ୍ୟକରି ପ୍ରତିଷ୍ଠା ଅର୍ଜନ କଲାଣି । ହସକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ମେ' ମାସର ପ୍ରଥମ ରବିବାର 'ବିଶ୍ୱ ହାସ୍ୟ ଦିବସ' ରୂପେ ପାଳନ କରାଯାଉଛି ।

**ହସକୁ ନେଇ ଆଉ ଗୋଟିଏ ଉଦାହରଣ -**

ଆମେରିକାର ପ୍ରସିଦ୍ଧ ବ୍ୟଙ୍ଗ ଲେଖକ ଆର୍ଟ ବୁଚାଲ୍ଡଙ୍କ ଗୋଟିଏ ନିୟମିତ ବ୍ୟଙ୍ଗ ସ୍ତମ୍ଭ 'ୱାଶିଂଟନ ପୋଷ୍ଟ' ଖବର କାଗଜରେ ପ୍ରକାଶ ପାଉଥିଲା । ତାଙ୍କ ଶାଣିତ ବ୍ୟଙ୍ଗ ଏତେ ପ୍ରସିଦ୍ଧି ଲାଭ କରିଥିଲା ଯେ ପାଠକ ପାଠିକାଗଣ ଉତ୍କଣ୍ଠାର ସହ ଚାହିଁ ରହୁଥିଲେ ଏହି ବ୍ୟଙ୍ଗକାରଙ୍କର ସ୍ତମ୍ଭକୁ ।

ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଏହି ଖବର କାଗଜରେ ଆଠହଜାର ସ୍ତମ୍ଭ ଓ ୩୦ ଖଣ୍ଡ ବହିର ରଚୟିତା ତଥା ବହୁ ସମ୍ମାନଜନକ ପୁରସ୍କାର ଲାଭ କରିଥିବା

ଏହି ବ୍ୟଙ୍ଗକାରଙ୍କ ଜୀବନରେ ଏମିତି ଏକ ଦିନ ଆସିଲା ଯେଉଁଦିନ ସେ ଗୋଟିଏ ବହି ଲେଖିଲେ ଯାହାର ପ୍ରଥମ ବାକ୍ୟ ହେଲା – ମୁଁ ଏ ବହି ଜୀବନରେ କେବେ ଲେଖିପାରି ନଥାନ୍ତି କାରଣ ଏ ସମୟକୁ ମୁଁ ମରିସାରିଥାନ୍ତି। ସେଇଥିପାଇଁ ଏ ବହି।

୨୫ ସେପ୍ଟେମ୍ବର ୨୦୦୫ ମସିହାରେ ଆର୍ଟ ବୁଚାଲ୍ଡ ତାଙ୍କର ୮୦ତମ ଜନ୍ମଦିନ ପାଳନ କରୁଥିଲେ ୱାଂଶିଟନ୍‌ରେ, ଫ୍ରାନ୍ସ ରାଷ୍ଟ୍ରଦୂତଙ୍କ ଅତିଥିଭାବେ ଯେଉଁଠାରେ ସେ ଗୋଟିଏ ମହତ୍ କାର୍ଯ୍ୟ ପାଇଁ ଗୋଟିଏ ଚାରିଟି ସୋ'ର ପୁରୋଧା ଥିଲେ। କଥା ପ୍ରସଙ୍ଗରେ ସେ କହିଥିଲେ, ଅଶୀ ବର୍ଷ ବୟସରେ ଲୋକ ଭାବେ କେଉଁଟା ଭଲ ? ଜୀବନ ନା ମୃତ୍ୟୁ ? ମୋ ପାଇଁ ଜୀବନ।

ମାତ୍ର ହସି ହସାଉଥିବା ଏହି ଲେଖକଙ୍କ ଜୀବନ ଧୀରେ ଧୀରେ କଷ୍ଟକର ହୋଇପଡ଼ିଲା– ତାଙ୍କର କିଡ୍‌ନୀ ଖରାପ ହୋଇଗଲା ଓ ଅତ୍ୟଧିକ ରକ୍ତଚାପ ଯୋଗୁଁ ଡାହାଣ ଗୋଡ଼ରେ ରକ୍ତ ଜମାଟ ବାନ୍ଧି ରହିଗଲା। ସେଥିପାଇଁ ତାଙ୍କର ଗୋଡ଼ଟିକୁ ଅସ୍ତ୍ରୋପଚାର କରି ଶରୀରରୁ ଅଲଗା କରିଦିଆଗଲା। ତାଙ୍କୁ ଡାୟାଲିସିସ୍‌ରେ ରଖିବା ପାଇଁ କୁହାଗଲା। ମାତ୍ର ସେ ଠିକ୍ କଲେ ସପ୍ତାହକେ ୫ଘଣ୍ଟା ଧରି ତିନିଥର ଡାୟାଲିସିସ୍ ନେବା ତାଙ୍କ ପାଇଁ ସମ୍ଭବପର ନୁହେଁ। ଡାକ୍ତର ମଧ୍ୟ କିଡ୍‌ନୀ ରୋପଣ ପରିଣତ ବୟସରେ ଆଉ ହୋଇପାରିବ ନାହିଁ ବୋଲି ଜଣାଇଦେଲେ। ଡାୟାଲିସିସ୍ ନ ନେଲେ ମାତ୍ର ଦୁଇରୁ ତିନି ସପ୍ତାହ ବଞ୍ଚିବେ ବୋଲି ଡାକ୍ତର ଚେତାବନୀ ଦେଇଦେଲେ।

ଆର୍ଟ ବୁଚାଲ୍ଡ ଖବର ନେଲେ ଯେ, ଆମେରିକାରେ ଏଭଳି ଗୋଟିଏ ଗୃହ ଅଛି ଯେଉଁଠାରେ ସ୍ୱର୍ଗକୁ ଟିକେଟ୍ କାଟିବା ପାଇଁ ଡାକ୍ତର ସାର୍ଟିଫିକେଟ୍ ଦେଲେ ରୋଗୀମାନେ ଜୀବନର ଶେଷ କିଛି ଦିନ ସେଠାରେ ରହିଯାଆନ୍ତି। ସେ ବିଚାର କଲେ ସେହି ଯାଗାରେ (Hospice)ହିଁ ତାଙ୍କର ଶେଷ ଦିନ ବିତାଇବେ। ଏ ବିଷୟରେ ସେ ଖବରକାଗଜରେ ଗୋଟିଏ ଘୋଷଣା କରି ପରିବାରବର୍ଗଙ୍କ ଠାରୁ ବିଦାୟ ନେଇ ଚାଲିଗଲେ।

ତା'ପରେ ଆରମ୍ଭ ହେଲା ତାଙ୍କ ପ୍ରଶଂସକଙ୍କ ସୁଅ, ଫୁଲତୋଡ଼ା, ପରିବାରବର୍ଗଙ୍କ ଆଦର, ମନଭରି ପ୍ରିୟ ଖାଦ୍ୟ ପରିବେଷଣ, ଡାକ୍ତର ଓ ନର୍ସଙ୍କର ଆନ୍ତରିକ ଚିକିତ୍ସା, ଲୋକମାନଙ୍କ ଠାରୁ ପ୍ରତିଦିନ ଚିଠି ଓ ଉପହାର। ଅବସ୍ଥା ଏଭଳି ହେଲା ଯେ ସେଠାରେ ଟ୍ରାଫିକ୍ ଜାମ୍ ଦେଖାଗଲା। ସେ ସେଠାରେ ଆରାମରେ ବସି ଟି.ଭି. ଦେଖି, ଖବର କାଗଜ ପଢ଼ି ଓ ସାଙ୍ଗମାନଙ୍କ ସହିତ ହସଖୁସିରେ ଦିନ କଟାଇଲେ। ଏଭଳି ଭାବରେ ଡାକ୍ତରଙ୍କ କହିବା ଅନୁଯାୟୀ ତିନିସପ୍ତାହ ବିତିଗଲା ମାତ୍ର ସେ ସ୍ୱର୍ଗକୁ ଟିକେଟ କାଟିଲେ ନାହିଁ। ମାସେ ଗଲା ଦୁଇମାସ ଗଲା ମାସ ପରେ ମାସ ଗଡ଼ି ପାଞ୍ଚମାସ ଚାଲିଲା। ଶେଷକୁ ସେ ବାଧ୍ୟ ହୋଇ ପୁସ୍ତକଟିଏ ଲେଖିଲେ ଯାହାର ଶିରୋନାମା 'Too soon to say goodbye'। ଏହି ପୁସ୍ତକଟି ଲେଖି ସାରିବା ପରେ ସେ ଆହୁରି ଦୁଇମାସ ମଧ୍ୟ ବଞ୍ଚିଥିଲେ।

ଆର୍ଟ ବୁଚାଲ୍ଡ ଯେ ନିଜ ମୃତ୍ୟୁ ସମୟରେ ମଧ୍ୟ ହସି ହସି ଜୀବନକୁ ଲମ୍ୱାଇ ଚାଲିଲେ, ଏକବିଂଶ ଶତାବ୍ଦୀରେ ମୃତ୍ୟୁ ବିଷୟରେ ସଦାସର୍ବଦା ଚିନ୍ତିତ ଜନସାଧାରଣଙ୍କ ପାଇଁ ଏକ ଜ୍ୱଳନ୍ତ ଉଦାହରଣ।

ହେଲେ କାହିଁକି ଏ ହସ। ଜଞ୍ଜାଳମୟ ଦୁନିଆରେ ଯଦି ହସଟିକେ ବାହାର କରିବାପାଇଁ ପ୍ରୟାସ କରିବା ତା'ହେଲେ ଅସୁବିଧା କ'ଣ ? ଆଜି ହସର ଚାହିଦା ଏତେ ବଢ଼ିଯାଇଛି ଯେ, ଟେଲିଭିଜନରେ ଅଧିକାଂଶ ସିରିଏଲ୍ ହାସ୍ୟଭିତ୍ତିକ। ସର୍କସରେ ସବୁ ଜୀବଜନ୍ତୁଙ୍କୁ ଦେଖିଲାବେଳେ ଆଖି କାହିଁକି ଖୋଜିବୁଲେ ସେହି ଖର୍ବକାୟ ରଂଗୀନ୍ ପୋଷାକ ପିନ୍ଧା ଜୋକର୍‌ମାନଙ୍କୁ ? ଡ୍ରାମା ଓ ସିନେମାରେ ଏତେ ସୁନ୍ଦର ଓ ସୁନ୍ଦରୀ ନାୟକ ଓ ନାୟିକା ଥିବା ସତ୍ତ୍ୱେ କାହିଁକି ଦରକାର ପଡ଼େ ଗୋଟିଏ ହାସ୍ୟଚରିତ୍ର ?

ରାଜଦରବାରରେ ସମସ୍ତ ଗୁଣୀବିଦ୍ୱାନ ଥିବା ସତ୍ତ୍ୱେ କାହିଁକି ରାଜାଙ୍କ ପାଖେ ରହିଥାନ୍ତି ଜଣେ ବିଦୂଷକ ?

ଆଜି ଆକବରଙ୍କ ଶାସନ ଲୋକ ଯେତେ ମନେ ରଖିନାହାଁନ୍ତି ତା'ଠାରୁ ଅଧିକ ମନେ ରଖିଛନ୍ତି ବୀରବଲ୍‌ଙ୍କ ଚଟୁଳ ବାର୍ତ୍ତାଳାପ। ଆଜି ଖଣ୍ଡପଡ଼ାର ରାଜାଙ୍କ ନାମ ମନେ ନାହିଁ ମାତ୍ର ସମସ୍ତେ ମନେ ରଖିଛନ୍ତି ତାଙ୍କ ରାଜସଭାର ବିଦୂଷକ ଯଦୁମଣିଙ୍କୁ। ସେମିତି ମନେ ରହିଛନ୍ତି ଦକ୍ଷିଣ ଭାରତର ତେନାଲି ରାମ୍‌ଙ୍କୁ। ଏହି ହେଉଛି ବିଦୂଷକର ଦୁନିଆ। ଜୀବନର ସବୁ ଜଟିଳତା ସତ୍ତ୍ୱେ ସେ ତାର ଭାବ, ଭଙ୍ଗୀ ଓ ଭାଷାରେ କିଛି ହାସ୍ୟରସ ସୃଷ୍ଟିକରେ ଯାହା ଯୁଗ ଯୁଗଧରି ମଣିଷ ମନରେ ହାସ୍ୟରସର ଧାରାସୃଷ୍ଟି କରେ।

ଜଣେ ପ୍ରସିଦ୍ଧ ବ୍ୟଙ୍ଗକାର କହିଥିଲେ ଔଷଧ ପତ୍ରରେ ହସିବାର କୌଣସି ଉପାଦାନ ନାହିଁ ମାତ୍ର ହସରେ ଔଷଧୀୟ ଉପାଦାନ ଭରପୂର ଅଛି। ହସ ହେଉଛି ସର୍ବମହୌଷଧି। ହସରେ ଅନେକ ପ୍ରକାର ରୋଗ ନିରାକରଣର ଶକ୍ତି ଅଛି।

ତେଣୁ ଆସନ୍ତୁ, ଜୀବନକୁ ଅତ୍ୟଧିକ ତର୍ଜମା ନକରି ଯେତେଦିନ ବଞ୍ଚିଥିବା ଆମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ହସକୁ ବିନୋଦନର ପ୍ରତୀକ ରୂପେ ଗ୍ରହଣ କରି ପ୍ରାର୍ଥନା କରିବା ଏ ହସ ଯୁଗେ ଯୁଗେ ମଣିଷ ଜାତିର ଚିରସାଥୀ ହୋଇ ରହୁ – ଜୀବନ ବାସ୍ତବ ବା ଅଳୀକ ଚିନ୍ତାରୁ ମୁକ୍ତ ହୋଇ ହସକୁ ସାଥୀ କରି ବଞ୍ଚିରହୁ।

ଅନନ୍ୟା, ଏ/୬୬, ପିପିଏଲ୍ ହାଉସିଂ କଲୋନୀ
ଖଣ୍ଡଗିରି ଛକ, ଭୁବନେଶ୍ୱର,
ମୋ : ୯୪୩୭୫୭୪୬୪୯

# ଜୀବନ ବାସ୍ତବ

***ଗୋପାଳକୃଷ୍ଣ ନନ୍ଦ***

"ଆପଣ ଭଲ ଅଛନ୍ତି, ମୁଁ କେମିତି ଅଛି !" ଏଇ କଥା ଅନ୍ୟ ବନ୍ଧୁମାନଙ୍କୁ ପଚାରୁ ଥିଲେ ଜଣେ ବ୍ୟକ୍ତି । ଶୀତୁଆ ସନ୍ଧ୍ୟା, ନିଜ ନିଜ ବସା ଘର ପାଖରୁ ଅଳ୍ପ ଦୂରରେ ସଡକ ଉପର ପୋଲ ଉପରେ ବସି ୪/୫ ଜଣ ମଣିଷ ଦୁଃଖ ସୁଖ ହେଉଥିଲେ, ନିଜ ନିଜ ଜୀବନ ବିଷୟରେ । ଅବସର ଜୀବନ । କିଏ କହୁଥିଲେ ନିଜ ଜୀବନର ସୁଖ-ଦୁଃଖ ଅନୁଭୁତି, ଆଉ କେହି ପରୋପକାରିତା, ସେବା ମନୋଭାବ, ଏହିଭଳି ଅସରନ୍ତି କଥା । ଜଣେ ବନ୍ଧୁ କହିଲେ; ଭାଇ ! ବଡ ବିପଦରେ ପଡିଯାଇଛି । କୋର୍ଟ କଚେରୀ, ମାଲି ମକଦ୍ଦମା କଥା, ମୋର ସାହାଯ୍ୟ ଦରକାର । ହଠାତ୍ ନିରବତା ଖେଳିଗଲା । କିଛି ସମୟ ପରେ ଜଣେ ବନ୍ଧୁ କହିଲେ, ଭାଇ ସେ ସବୁଠୁ ମୁଁ ଦୂରେଇ ଥାଏ । ମୋର କାଦୁଅରେ ପଶିବାର ନାହିଁ । ଆଉ ଜଣେ କହିଲ କିଛି ଆର୍ଥିକ ସହଯୋଗ ମୋ ପାଖରୁ ଆଶା କରିପାର । ଅନ୍ୟ ଜଣେ କହିଲେ କଚେରୀ/ ଥାନା ଦ୍ୱାର ପର୍ଯ୍ୟନ୍ତ ସାଥୀରେ ରହିପାରିବି ଆଗକୁ ନୁହେଁ । ପାଖରେ ବସିଥିବା ଅନ୍ୟ ବନ୍ଧୁ ଜଣକ ଉଠିପଡି କହିଲେ, ବନ୍ଧୁ ମୁଁ ତୁମ ସହିତ ଯିବି, ଯେଉଁଠାକୁ, ଯେତେବେଳେ ଆଉ ଯାହା ଦରକାର ମୋ ସାଧ୍ୟମତେ ମୁଁ ତୁମ ସାଥୀରେ ସାହାଯ୍ୟ ସହଯୋଗ ଦେବି । ଜୀବନରେ ବନ୍ଧୁ ଚିହ୍ନିବାରେ ଏଇ ଏକ ସୁଯୋଗ, ପ୍ରକୃତ ବନ୍ଧୁ କିଏ ?

ଭାଗବତରେ କୁହାଯାଇଛି:

"ଅନେକ ଜନ୍ମ ତପବଳେ । ମନୁଷ୍ୟ ଜନ୍ମ ମହୀତଳେ ॥"

ବିଶ୍ୱାସ/ ଅବିଶ୍ୱାସର ଉର୍ଦ୍ଧ୍ୱରେ ରହି ଜୀବନକୁ ଚିହ୍ନିବା ମଣିଷର ପ୍ରକୃତି । ଜନ୍ମ ପୂର୍ବରୁ କ'ଣ ଥିଲା, ଜୀବନ ଶେଷ ହେଲା ପରେ କ'ଣ ହେବ ତାହା କେହି ଜାଣନ୍ତି ନାହିଁ । ବିଜ୍ଞାନ ସମ୍ମତ କାରଣରେ ମଣିଷର ଜୀବନକୁ ଚିହ୍ନିବାକୁ ହେବ । ଜୀବନ ହେଉଛି ସତ୍ୟ, ଜୀବନ ହେଉଛି ବାସ୍ତବ । ଜୀବର ଜୀବନ ଥାଏ ଆଉ ଜୀବ ଶ୍ୱାସ ନେଇଥାଏ । ମଣିଷ, ପଶୁପକ୍ଷୀ ଶ୍ୱାସ ନେଉଥିବାରୁ ସମସ୍ତେ ଜୀବ ଜଗତର ଅନ୍ତର୍ଭୁକ୍ତ । କିନ୍ତୁ ମଣିଷ ଜନ୍ମ ଅନ୍ୟ ଜୀବଜନ୍ତୁଙ୍କ ଠାରୁ ସ୍ୱତନ୍ତ୍ର । ତା'ର ଚିନ୍ତା / ବିଚାର କରିବାର ଶକ୍ତି ଅଛି, ବୁଦ୍ଧି ଅଛି, ବ୍ୟକ୍ତିତ୍ୱ ଅଛି । ସ୍ଥୁଳ ଶରୀର ବ୍ୟତିରେକ ତା'ର ଏକ ସୂକ୍ଷ୍ମ ଶରୀର ଥାଏ । ସୂକ୍ଷ୍ମ ଶରୀର (ଶ୍ୱାସ, ପ୍ରଶ୍ୱାସ) ସ୍ଥାଣୁ ହୋଇଗଲେ ମଣିଷ ଜଡ଼ ବା ଶବ ପାଲଟିଯାଏ । ଜନ୍ମ ପର ଠାରୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ (ଭେଣ୍ଟିଲେଟରକୁ ଛାଡି) ସମୟ କାଳକୁ ଜୀବନ କୁହାଯାଇ ପାରିବ । ମାତୃଗର୍ଭରୁ ଭୂମିଷ୍ଠ ହେବା ପରଠାରୁ ମଣିଷ ବିଭିନ୍ନ ସୋପାନ, ଯଥା: ଶୈଶବାବସ୍ଥା, ବାଲ୍ୟାବସ୍ଥା, କିଶୋରାବସ୍ଥା, ଯୌବନାବସ୍ଥା, ଗୃହସ୍ଥାବସ୍ଥା, ମଧ୍ୟାବସ୍ଥା ଏବଂ ବୃଦ୍ଧାବସ୍ଥା, ଚୈତନ୍ୟାବସ୍ଥା ନେଇ ଗତି କରିଥାଏ । ପ୍ରତ୍ୟେକ ଅବସ୍ଥାର ଅନୁଭୂତିକୁ ଆଧାର କରି ଜୀବନ ଚାଲେ ।

ଭାରତୀୟ ଦର୍ଶନଶାସ୍ତ୍ର ଚିନ୍ତାଧାରାରେ ଆଦିଗୁରୁ ଶଙ୍କରାଚାର୍ଯ୍ୟ ବାଲ୍ୟାବସ୍ଥାରେ ଜୀବନ କ'ଣ ଜାଣିପାରିଥିଲା ବେଳେ, ମହାତ୍ମା ବୁଦ୍ଧ ଯୌବନାବସ୍ଥାରେ ଏବଂ ମହାଯୋଗୀ ଶ୍ରୀ ଅରବିନ୍ଦ, ମହାମନିଷୀ ଶିବାନନ୍ଦ, ଦୟାନନ୍ଦ ସରସ୍ୱତୀ ଏବଂ ବହୁ ବିଦୂଷୀ ଜୀବନର ଶେଷ ପର୍ଯ୍ୟାୟରେ ଜୀବ/ ଜୀବାତ୍ମା, ଜୀବନ କ'ଣ ବୁଝି ପାରିଥିଲେ, କିନ୍ତୁ ସାଧାରଣ ମଣିଷ ଟିଏ ପାଇଁ ଯେଉଁ ପର୍ଯ୍ୟନ୍ତ ଶ୍ୱାସ-ପ୍ରଶ୍ୱାସ ଚାଲିଥିବ ସେ ହେଉଛି ଜୀବନ । ଏତକ ବନ୍ଦ ହୋଇଗଲେ ମଣିଷ ଜଡ/ ଶବ/ ମଢ଼ ହୋଇଯାଏ । ଜୀବାତ୍ମା ଯେଉଁ ପର୍ଯ୍ୟନ୍ତ ଶରୀରରେ ଥାଏ ସେ ପର୍ଯ୍ୟନ୍ତ ଜୀବନ ଥାଏ, ତା'ର ଚେତନା ଥାଏ । ସେ ତା'ର ସମସ୍ତ ଆନନ୍ଦ ଅନୁଭୂତି, ମାନସିକ ସକାରାତ୍ମକ ଚିନ୍ତା, ସୁଖ-ଦୁଃଖ, ନ୍ୟାୟ-ଅନ୍ୟାୟ, ଧର୍ମ-ଅଧର୍ମ, ନୀତି-ଅନୀତି, ବିଶ୍ୱାସ-ଅବିଶ୍ୱାସ, ସୁଖାନୁଭବ-ଦୁଃଖାନୁଭବ ସବୁ ଜାଣିପାରେ ଆଉ ବିବେକାନୁସାରେ ନିର୍ଣ୍ଣୟ ନିଏ ।

ଜୀବନ ହେଉଛି ସତ୍ୟ । ସତ୍ୟ ଆଧାରିତ ପ୍ରାଣ ହିଁ ପ୍ରକୃତ ମଣିଷ ଜୀବନ । ଏ ପୃଥିବୀରେ ଅଢ଼େଇ ଦିନିଆ କୁଣିଆ ପରି ମଣିଷ ବଞ୍ଚି ରହିବାକୁ ଜନ୍ମ ହୋଇଛି । ସେ ସମୟକାଳରେ ଯଦି କିଛି ଭଲ/ ସୁକାର୍ଯ୍ୟ କରେ ସେ ଅମର ହୋଇଯାଏ । ଲୋକ ମନେରଖନ୍ତି ତାକୁ (ସେହି ଲୋକଟିକୁ) । ପୂଣ୍ୟଭୂମି ଭାରତରେ ଏଭଳି ମାନୁଷୀ, ବିଦ୍ୱାନମାନଙ୍କର ସଂଖ୍ୟା ଖୁବ ଅଧିକ । ଚେତନାର ସୁଗଠନ ଏବଂ ବିକାଶରେ ମନରେ ସହାନୁଭୂତି, ଶ୍ରଦ୍ଧା ଏବଂ ପରୋପକାର ମନୋବୃତି ସୃଷ୍ଟି ହୋଇଥାଏ । ଦିନକର କଥା, ଜଣେ ବର୍ଷୀୟାନ ବ୍ୟକ୍ତି ଉପର ମହଲାରେ ଥିବା ବ୍ୟାଙ୍କକୁ ଯିବାପାଇଁ ସିଡି / ପାହାଚ ଚଢୁଥାନ୍ତି । ଉଚ୍ଚା ପାହାଚ, ଲମ୍ବା ସିଡି, କଷ୍ଟ ନିଶ୍ଚୟ ଲାଗୁଥାଏ, ପୁଣି ଆଣ୍ଠୁ ବେମାର ଅଛି । ତଥାପି ଯିବାକୁ ହେବ । ଅବସର ହେତୁ ଜୀବିତ ପ୍ରମାଣ ଉପସ୍ଥାନ ପାଇଁ । ଏତିକି ବେଳେ ଜଣେ ଯୁବକ ଆସିଲେ ବ୍ୟାଙ୍କକୁ ଯିବାକୁ । ପାଟିକଲେ

ଶୀଘ୍ର ଯାଅ, ବାଟରେ କାହିଁକି ଓଗାଳିଛ । ବୃଦ୍ଧ ପଛକୁ ଚାହିଁଲେ ଯୁବକଙ୍କ ମୁହଁକୁ ତଳୁ ଉପର ଯାଏ । କିଛି କହିଲେ ନାହିଁ । ପରେ ପରେ ଆଉ ଜଣେ ବ୍ୟକ୍ତି ଶିଡିରେ ଚଢ଼ିଲେ । ବୃଦ୍ଧଙ୍କ ପାଖରେ ପହଞ୍ଚି ତାଙ୍କ ହାତ ତଳୁ କାନ୍ଧ ପାଖରେ ହାତ ପୁରାଇ ଟେକି ଧରି ପାହାଚ ଚଢ଼ାଇ ନେଲେ । ବ୍ୟାଙ୍କ ମହଲାରେ ପହଞ୍ଚାଇ ଦେଇ ପାଣିଟିକିଏ ପିଇବାକୁ ଦେଇ ନିଜ କାମରେ ଯିବାକୁ ବାହାରିଛନ୍ତି, ପଛରୁ ଡାକ ଶୁଭିଲା, ଶୁଣ ! ତୁମେ କ'ଣ ଆଶା କରୁଛ ମୁଁ ତୁମକୁ ଧନ୍ୟବାଦ ଦେବି ? ମୁଁ ତୁମ ବାପା-ମାଆଙ୍କୁ ଧନ୍ୟବାଦ ଦେଉଛି, ପ୍ରଣାମ କରୁଛି, ତୁମ ଭଳିଆ ପୁଅକୁ ସେ ପାଇଛନ୍ତି (ଏ ବିଷୟରେ ଅଧିକ ଲେଖିବା ନିଷ୍ପ୍ରୟୋଜନ) । ଏଇଠି ଉଭୟେ ଜୀବନକୁ ଉପଲବ୍ଧ କରିଛନ୍ତି ।

ଜୀବନର ଅସୀମ ଶକ୍ତି । ସେଥିରୁ ଗୋଟିଏ ହେଲା ବିଶ୍ୱାସ, ତା ପରକୁ ଆତ୍ମବିଶ୍ୱାସ ଯାହାକି କର୍ମ ଉପରେ ଆଧାରିତ । ବଣ ଭିତରେ ଶୋଇ ରହିଲେ ସିଂହର ପେଟ ପୂରିବ ନାହିଁ । ତାକୁ କର୍ମ କରିବାକୁ ପଡିବ । ଜୀବନରେ କର୍ମ କଲେ ହିଁ ସନ୍ତୋଷ / ଆତ୍ମସନ୍ତୋଷ ମିଳିବ । ଚେତନା ଜାଗ୍ରତ ହେବ । ଚେତନାକୁ ମୁଖ୍ୟତଃ ଦୁଇଟି ଦିଗରୁ ବିଚାର କରାଯାଇପାରେ ଅନ୍ତଃଚେତନା ଏବଂ ବହିର୍ଚେତନା । ସକାରାତ୍ମକ ମତ ପୋଷଣ କରିବା, ଭଲ କାମ କରିବା, ସମାଜ ମଙ୍ଗଳ ପାଇଁ ମନ ବଳାଇବା, ପରୋପକାର, ନିରପେକ୍ଷ, ଏସବୁ ଅନ୍ତଃଚେତନା ଅନ୍ତର୍ଭୁକ୍ତ । ମିଥ୍ୟା ଆଚରଣ, କପଟତା, ଇର୍ଷା, ପରଶ୍ରୀକାତରତା, କୁକର୍ମ ଏସବୁ ବହିର୍ଚେତନାର ଅନ୍ତର୍ଭୁକ୍ତ ହୋଇପାରେ । ଏଗୁଡିକ ବାହ୍ୟ ଶକ୍ତି / ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ମନ୍ଦ ପରିବେଶ / ସହପାଠୀ / ଲୋକକୁ ପ୍ରଭାବିତ କରି ଭଲ ମାର୍ଗରେ ଚାଲି/ ଚଲାଇ ପାରିଲେ ଜୀବନର ଅନ୍ତଃଚେତନାର ଅଭ୍ୟୁଦୟ ହୁଏ ।

କେତେକଙ୍କ ମତରେ- ଜୀବନ ଆନନ୍ଦ ମୟ
ଜୀବନ ସୁଖମୟ/ କର୍ମମୟ
ଜୀବନ ଅର୍ଥପୂର୍ଣ୍ଣ/ ସହବନ୍ଧନପୂର୍ଣ୍ଣ
ଜୀବନ ହେଉଛି ଆତ୍ମ ସନ୍ତୋଷତା
ଜୀବନ ହେଉଛି ଆତ୍ମସଚେତନତା, ଇତ୍ୟାଦି ।

ସକାରାତ୍ମକ ଭାବ, ସୁସମ୍ପର୍କ, କୃତଜ୍ଞତା, ମୂଲ୍ୟବୋଧ, ଗୁଣ ଏସବୁ ଜୀବନକୁ ସୁବାସିତ କରାଇଥାଏ ।

ମଣିଷ ଶରୀର- କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମ ଏଇ ପଞ୍ଚମହାଭୂତରେ ଗଠିତ ଆଉ ତା ପାଖରେ ଅଛି ପା□ଟି ଜ୍ଞାନେନ୍ଦ୍ରୀୟ ଓ ପାଞ୍ଚଟି କର୍ମେନ୍ଦ୍ରିୟ ଏବଂ ପଞ୍ଚକୋଷ । ଏ ସବୁର ସଠିକ ପରିଚାଳନା ହେଉଛି ଜୀବନ । ଜୀବନ ଜାଗ୍ରତ ହେଲେ ଚେତନା ଜାଗ୍ରତ ହୁଏ । ଚେତନା ମଣିଷକୁ ପରିଚୟ ଦେଇଥାଏ ସଦ୍‌ଗୁଣରେ ସ୍ୱ ଆତ୍ମକରଣ ହେବାପାଇଁ । ସ୍ୱ ଆତ୍ମକରଣ ନିଜର ସାମର୍ଥ୍ୟ, ଦୂର୍ବଳତା, ସୁଯୋଗ ଏବଂ ଦକ୍ଷତାର ଉପଯୁକ୍ତ ବିନିଯୋଗ ଉପରେ ପର୍ଯ୍ୟବେକ୍ଷିତ । ଏଥି ପାଇଁ ସଠିକ ମାର୍ଗ ପାଇବା ଆବଶ୍ୟକ । ବାଲ୍ମୀକିକୁ ନାରଦ ଭଳି ଦେବର୍ଷି ଦର୍ଶନ ମିଳିବାରୁ ସେ ପ୍ରଖ୍ୟାତ ହୋଇପାରିଲେ । ଜୀବନକୁ ବୁଝିବାକୁ ହେଲେ, ଜାଣିବାକୁ ହେଲେ ମଣିଷ ଗୀତା ପାଠ କରିପାରିଲେ ନିଜ ଜୀବନ କ'ଣ ଜାଣିପାରେ । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଜଣେ ନିଷ୍ଠାବାନ ପରାମର୍ଶଦାତା ଭାବରେ ଜୀବନ ସମ୍ପର୍କରେ ସମସ୍ତ କଥାକୁ ଖୋଲାଖୋଲି ପ୍ରକାଶ କରିଛନ୍ତି । ସେଥିରେ ଚେତନାକୁ ମଣିଷର ଶ୍ରେଷ୍ଠତା ଦିଆଯାଇଛି । ବେଦାନ୍ତ ଦର୍ଶନ ଅନୁସାରେ ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଏବଂ ତୁରୀୟ, ଏହି ଭଳି ଚାରି ପ୍ରକାର ଚେତନା କଥା କୁହାଯାଇଛି ଏହା ବ୍ୟତିରେକ ନିର୍ବିକଳ୍ପ ସମାଧି ବା ତୁରୀୟାତୀତ ଚେତନା କଥା ମଧ୍ୟ କୁହାଯାଇଛି । ଯାହାକୁ ମହାଯୋଗୀ/ ସିଦ୍ଧ ପୁରୁଷମାନେ ଉପଲବ୍ଧ କରିପାରିଛନ୍ତି ।

ଭଲ କର୍ମ କଲେ ଜ୍ଞାନ ବୃଦ୍ଧି ହୋଇ ପ୍ରଜ୍ଞାପ୍ରାପ୍ତ ହୋଇ ଥାଏ । ଅତିଚିନ୍ତନ/ ପ୍ରଜ୍ଞାପ୍ରାପ୍ତି ହେବାକୁ ହେଲେ ଜୀବନର ଅନୁଭୂତିକୁ ଆଧାର କରି ଧୀରେ ଧୀରେ ସୋପାନ ଚଢ଼ିବାକୁ ହେବ । ଜୀବନର ଯେଉଁ ଅବସ୍ଥାରେ ଯେଉଁ ସବୁ କର୍ମ କରିବା କଥା, ତାହା କରିବା ଦରକାର । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କେବଳ ପୁରୁଣା ସ୍ମୃତି ବା ସୋପାନକୁ ଧରି ବିଶ୍ଳେଷଣ କଲେ ବେଳ ନଥିବ, ଗାଡ଼ି ଛାଡ଼ି ଦେଇଥିବ ।

ମଣିଷ ଜୀବନର ବାସ୍ତବତାକୁ ରୁଦ୍ଧିମନ୍ତ କରେ ଜ୍ଞାନ ଓ କର୍ମ । ଏଥିପାଇଁ ସୃଜନଶିଳତା, ଶିଖିବାର କୌତୂହଳତା, ଖୋଲା ବିଚାରଧାରା, ଶିକ୍ଷା ପ୍ରତି ଆଗ୍ରହ ଏବଂ ଜିଜ୍ଞାସା ରହିବା ଦରକାର । ଜୀବନ ହେଉଛି ଅସରନ୍ତି ଆନନ୍ଦ ଉତ୍ସର ଏକ ପ୍ରବାହ । ତାକୁ ଯିଏ ଯେମିତି ଦେଖିଲା, ସେ ସେମିତି ଅନୁଭବ କଲା ନିଜର ସୀମାହୀନ ଭାବନା ଭିତରେ ।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ-୯୪୩୭୩୦୫୩୦୮

୭

# ଜୀବନ ମଧୁର : ଜଗତ ମଧୁର



# ସୁଖର ସନ୍ଧାନରେ ମଣିଷ

*ପ୍ରଫେସର ଅଜିତ ମହାନ୍ତି*

ମୁଖ୍ୟମନ୍ତ୍ରୀ ଭଲ ଘୋଷଣାଟିଏ କଲେ ଏବଂ ପ୍ରଶ୍ନ କଲେ, 'ଆପଣମାନେ ଖୁସି ତ ?'। ସମବେତ ଜନତା ହୁଏତ ସୁଖବରଟିଏ ପାଇ ଖୁସି ହେଲେ ଏବଂ ସମସ୍ୱରରେ କହିଲେ "ହଁ"। ଏ ଖୁସି କ୍ଷଣିକ, ଭଲ କଥାଟିଏ ଘଟିଲେ ବା ପିଲା ପରୀକ୍ଷାରେ ଭଲ କଲେ ବଡ଼ମାନେ ଖୁସି ହୁଅନ୍ତି। ଏହା ସାମୟିକ ଆନନ୍ଦ, ମନର ତତ୍କାଳ ଖୁସି। ମାତ୍ର, ସୁଖ ଏକ ଦୀର୍ଘସୂତ୍ରୀ ମାନସିକ ସ୍ଥିତି। 'ସୁଖ କ'ଣ' ଏ ପ୍ରସଙ୍ଗରେ ମତ ଅନେକ, ବାଦବିବାଦ ଅନେକ। ସୁଖବାଦୀ ଦର୍ଶନରେ ଯାହା ଆନନ୍ଦ ଦିଏ ତାହାହିଁ ଲକ୍ଷ୍ୟ। ଚାରବାକଙ୍କ ମତ ଥିଲା ଯେତେ ଦିନ ବଞ୍ଚିବ ସୁଖରେ ବଞ୍ଚିବ, ସେଥିପାଇଁ ଋଣ କରି ମଧ୍ୟ ଘୃତ ପାନ କଲେ କ୍ଷତି ନାହିଁ। କାରଣ ଶରୀର ଭସ୍ମ ହେଲା ପରେ ପୁନର୍ଜନ୍ମ ନାହିଁ। ତେବେ ଅଧିକାଂଶ ଧର୍ମ ତତ୍ତ୍ୱରେ ସୁଖ ଅପେକ୍ଷା ନୈତିକତା ଏବଂ ଶୃଙ୍ଖଳିତ ଧାର୍ମିକ ଜୀବନ ଉପରେ ଗୁରୁତ୍ୱ ଅଧିକ। ଅନ୍ୟ କେତେକ ଦାର୍ଶନିକ ଓ ଧାର୍ମିକ ମତରେ ଜୀବନ ଅଳୀକ, ଦୁଃଖପୂର୍ଣ୍ଣ; ତେଣୁ ସୁଖପ୍ରାପ୍ତିର ପ୍ରୟାସ ବ୍ୟର୍ଥ, କ୍ଷଣିକ ଏବଂ ସେ ଦୃଷ୍ଟିରୁ ମୋକ୍ଷ ପାଇଁ ସୁଖର ପ୍ରୟାସ ବର୍ଜନୀୟ। ତେବେ କେତେକ ଦର୍ଶନରେ ଆମର ଉପସ୍ଥିତ ପରିବେଶ, ଆମ ଜଗତ ହିଁ ସର୍ବୋତ୍ତମ ଏବଂ ସୁନ୍ଦର ଜଗତରେ ବଞ୍ଚିବା ସୁଖପ୍ରଦ। ଏ ଦୁଇଟି ଚରମ ପନ୍ଥା ମଧ୍ୟରେ ଅନେକ ଭିନ୍ନ ଭିନ୍ନ ଦର୍ଶନତତ୍ତ୍ୱ ଓ ଦୃଷ୍ଟିଭଙ୍ଗୀ। ସତ୍ୟ କ'ଣ ଏବଂ ସୁଖପ୍ରାପ୍ତିର ପ୍ରୟାସ ବାଞ୍ଛନୀୟ କି ନୁହେଁ – ଏ ସବୁ ଦାର୍ଶନିକ ପ୍ରଶ୍ନ ଓ ବିତର୍କର ଶେଷ ନାହିଁ। ଏ ପ୍ରକାର ତାତ୍ତ୍ୱିକ ବିଚାରର କୌଣସି ଅନ୍ତ ବା ସମାଧାନ ନାହିଁ। ତେଣୁ ଏ ସବୁ ଦାର୍ଶନିକ ବିତର୍କରୁ ବାହାରି ଆମକୁ ଦୃଷ୍ଟି ଦେବାକୁ ହେବ ସୁଖର ବ୍ୟକ୍ତିଗତ ଅନୁଭବ ଏବଂ ଏହାର ସାମାଜିକ-ମନସ୍ତାତ୍ତ୍ୱିକ ଦିଗ ଉପରେ। ଏହା ହିଁ ଏ ପ୍ରବନ୍ଧର ଉଦ୍ଦେଶ୍ୟ।

ସାମାଜିକ ଚଳଣିରେ ନିତିଦିନିଆ ପ୍ରଶ୍ନ, "ଆପଣ କେମିତି ଅଛନ୍ତି ?"। "ମୁଁ ଭଲ ଅଛି", ଏଇ ଉତ୍ତର ନିହାତି ଉପରଠାଉରିଆ ବା ଗତାନୁଗତିକ ନହେଲେ, ଏହା ବ୍ୟକ୍ତିର ଆନ୍ତରିକ ଅନୁଭବକୁ ପ୍ରକାଶ କରେ। ତେଣୁ ନିଜ କୁଶଳତାର ବ୍ୟକ୍ତିଗତ ଅନୁଭବ ହିଁ ବୋଧହୁଏ ସୁଖ। ଏଇ ଅନୁଭବରେ ଗୋଟିଏ ବୌଦ୍ଧିକ ଦିଗ ଅଛି ଯାହା ନିଜ ଚିନ୍ତାରେ ନିଜର ସ୍ଥିତିର ଏକ ମୂଲ୍ୟାୟନ। ମୋଟାମୋଟି ଭାବରେ "ମୁଁ ଭଲ ଅଛି ବା କୁଶଳତାର ଏକ ବ୍ୟକ୍ତିଗତ ଅନୁଭବ ମୋ ବିଚାରରେ ମୋ ପାଖରେ ଅଛି। ଏ ପ୍ରକାର ଅନୁଭବର ଅନ୍ୟ ଏକ ଆବେଗିକ ଦିଗ ଅଛି ଯାହା ବ୍ୟକ୍ତିଗତ ମାନସିକ ଅବସ୍ଥାର ବା ଆବେଗର ମୂଲ୍ୟାୟନ। ଅର୍ଥାତ୍ ମୋଟାମୋଟି ଭାବରେ ମୁଁ ମୋ ନିଜର ମାନସିକ ଅବସ୍ଥାଟିକୁ ଭଲ ମଣୁଛି, ମୁଁ ଭଲ ଅଛି, ସୁଖରେ ଅଛି। ଏ ଦୃଷ୍ଟିରୁ "ସୁଖ କ'ଣ" ଏହା ଏକ ବ୍ୟକ୍ତିଗତ ବିବେଚନା। ନିଜ ସୁଖର ଅନୁଭବ ଓ ମୂଲ୍ୟାୟନ ବ୍ୟକ୍ତିଗତ। ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନ ସ୍ଥିତିକୁ ଅନୁଭବ କରେ ଏବଂ ସେ ଅନୁଭବର ବା ମନର ଆବେଗିକ ସ୍ଥିତିର ମୂଲ୍ୟାୟନ କରେ – ଯାହା ସୁଖ-ଦୁଃଖର ବ୍ୟକ୍ତିଗତ ବିଚାର ବା ନିଜ ଆନ୍ତରିକ କୁଶଳତାର ମୂଲ୍ୟାୟନ। ଏ ଦୃଷ୍ଟିରୁ ସୁଖ ହେଉଛି ନିଜ ସାମଗ୍ରିକ କୁଶଳତାର ଏକ ଅନ୍ତର୍ନିହିତ ମୂଲ୍ୟାୟନ, ବ୍ୟକ୍ତିର ଏକ ନିଜସ୍ୱ ଅନୁଭବ।

ଏ ପ୍ରକାର ବ୍ୟକ୍ତିଗତ ଅନୁଭବର ତିନୋଟି ଭିନ୍ନ ଉତ୍ସ ରହିଛି। ଗୋଟିଏ ହେଲା ନିଜର ସାମଗ୍ରିକ ଜୀବନ ସ୍ଥିତିରେ ତୃପ୍ତି। ଯା'ଛଡ଼ା ନିଜ ଜୀବନର ବିଭିନ୍ନ ଦିଗରେ ସନ୍ତୋଷ ଭାବ – ନିଜର ବୈବାହିକ ଜୀବନ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ, ପରିବାର ଇତ୍ୟାଦି ଦିଗରେ ମନର ସନ୍ତୁଷ୍ଟି। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବ୍ୟକ୍ତି ସନ୍ତୁଷ୍ଟ ବା ଆଶ୍ୱସ୍ତ ହେବାକୁ ଚାହେଁ ଏବଂ ଏ ପ୍ରକାର ଆଶ୍ୱସ୍ତି ମୋଟାମୋଟି ଭାବରେ ନିଜର ଆତ୍ମିକ କୁଶଳତାର ମୂଲ୍ୟାୟନକୁ ପ୍ରଭାବିତ କରେ। ଜୀବନର ପ୍ରତ୍ୟେକଟି କ୍ଷେତ୍ର ବ୍ୟକ୍ତି ପାଇଁ କେତେ ପ୍ରଭାବଶାଳୀ ତାହା ବ୍ୟକ୍ତି ଉପରେ ନିର୍ଭର କରେ; କାହା ପାଇଁ କର୍ମଜୀବନ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲେ ହୁଏତ ଅନ୍ୟମାନଙ୍କ ପାଇଁ ବୈବାହିକ ଜୀବନ ବା ପରିବାର ଅଧିକ ମୂଲ୍ୟବାନ ହୋଇପାରେ। ଜୀବନର ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିର ସନ୍ତୋଷ ବା ଅସନ୍ତୋଷ ସମ୍ମିଳିତ ଭାବରେ ତାର ସୁଖ ବା ସର୍ବକୁଶଳତାର ଆତ୍ମିକ ବିବେଚନାକୁ ପ୍ରଭାବିତ କରେ। ଶେଷରେ ସୁଖ ଏକ ଆବେଗିକ ଅନୁଭବ। ମଣିଷ ମନରେ ଭଲ ବା ସକରାତ୍ମକ ଭାବନା ଅଧିକ ଏବଂ ଅପ୍ରୀତିକର ଆବେଗ କମ ହେଲେ ସାଧାରଣତଃ ସୁଖର ବ୍ୟକ୍ତିଗତ ଅନୁଭବ ଆସେ ଏବଂ "ମୁଁ ଭଲରେ ଅଛି" – ଏ ପ୍ରକାର ଭାବନା ଆସେ। ତେବେ ବିଭିନ୍ନ କାରଣରୁ ବ୍ୟକ୍ତିର ପ୍ରକୃତିଗତ ବା ଜୈବିକ ପ୍ରକ୍ରିୟା, ବ୍ୟକ୍ତିତ୍ୱର ବିକାଶ ଧାରା ଏବଂ ତତ୍କାଳିକ ପରିବେଶର ପ୍ରଭାବ ଯୋଗେ କିଛି ଲୋକଙ୍କର ଚିନ୍ତାଧାରା ଅଧିକ ପରିମାଣରେ ଭଲ ବା ସକାରାମକ ହୋଇଥାଏ ଏବଂ ଅନ୍ୟମାନଙ୍କର ମୋଟାମୋଟି ଭାବରେ ନକାରାମକ ହୋଇଥାଏ। ଆଶାବାଦୀ ବା ନିରାଶାବାଦୀ ହେବାଟା ବ୍ୟକ୍ତିର ସ୍ୱଭାବଗତ, ପ୍ରକୃତିଗତ। ସାଧାରଣତଃ ଆଶାବାଦୀ ମଣିଷ ଅଧିକ ସୁଖୀ। ଜୈବିକ ପ୍ରକ୍ରିୟା ଏବଂ

ବିକାଶର ଧାରାରେ ଆଶାବାଦ ବା ନିରାଶାବାଦ ମଣିଷ ଭିତରେ ଊଣା ଅଧିକ ହେଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ଭାବରେ ପୂର୍ବ-ନିର୍ଦ୍ଧାରିତ ନୁହେଁ, ବ୍ୟକ୍ତି ସଚେତନ ହୋଇ ନିଜର ନୈରାଶ୍ୟବାଦୀ ମନୋଭାବକୁ ପରିବର୍ତ୍ତନ କରିପାରେ, ଅଧିକ ସୁଖୀ ହୋଇପାରେ। ଏଥିପାଇଁ ନିଜର ପ୍ରୟାସ ଓ ନିୟନ୍ତ୍ରଣ ଆବଶ୍ୟକ। ସାଧାରଣତଃ, ପରିବେଶ ଓ ପରିସ୍ଥିତି ଭିତରେ ନିଜକୁ ଖାପଖୁଆଇ ନେବାର ସାମର୍ଥ୍ୟ ପ୍ରତ୍ୟେକ ସାଧାରଣ ମଣିଷ ପାଖରେ ଅଛି। ତେଣୁ, ପ୍ରତିକୂଳ ପରିବେଶରେ ବ୍ୟକ୍ତି ନିଜକୁ ଖୁବ୍ ଶୀଘ୍ର ସହନଶୀଳ କରିଦିଏ, ଯାହା ଫଳରେ ସମୟକ୍ରମେ ସେ ପ୍ରତିକୂଳ ପରିବେଶର ମଧ୍ୟ ସାଧାରଣ ଭାବରେ ଭଲରେ ରହିପାରେ। ଏହା ଦ୍ୱାରା ପରିବେଶ ବ୍ୟକ୍ତିକୁ ବିଶେଷ ଗ୍ଲାନି ଦିଏ ନାହିଁ। ସେ ଦୃଷ୍ଟିରୁ ଦେଖାଯାଏ ଯେ ଅଧିକାଂଶ ବ୍ୟକ୍ତି ପ୍ରାୟତଃ ସୁଖୀ। ମଣିଷ ସୁଖୀ ହେବାକୁ ଚାହେଁ ଏବଂ ସାମାନ୍ୟ ଭାବରେ ଯେ କୌଣସି ପରିସ୍ଥିତିରେ ନିଜକୁ ସୁଖୀ ରଖିପାରେ। ଛୋଟ ଛୋଟ ଘଟଣାରେ, କିଛିଟା ସାଫଲ୍ୟରେ ମଣିଷ ଖୁସି ହୋଇପାରିଲେ ସାମୂହିକ ଭାବରେ ଦୀର୍ଘସୂତ୍ରରେ ମଣିଷ ସୁଖୀ ହୋଇପାରେ।

## ସୁଖ ଜୀବନକୁ କିଭଳି ପ୍ରଭାବିତ କରେ ?

ସାଧାରଣ ସଫଳ ଜୀବନ ପାଇଁ ସୁଖୀ ହେବା ଏକ ମାନସିକତା ଆବଶ୍ୟକତା। ସୁଖ ମଣିଷକୁ ଅଧିକ କାର୍ଯ୍ୟକ୍ଷମ ଓ ଦକ୍ଷ କରାଏ ଏବଂ ନିଜ ପ୍ରୟାସମାନଙ୍କରେ ସାଫଲ୍ୟ ଦିଏ। ସୁଖ ଥିଲେ, ଏ ପ୍ରକାର ମାନସିକ ଅବସ୍ଥା ବ୍ୟକ୍ତିକୁ ସୁସ୍ଥ ଓ ସକ୍ଷମ କରାଏ। ସୁସ୍ୱାସ୍ଥ୍ୟ ପାଇଁ, ନିରାମୟ ଜୀବନ ପାଇଁ ସୁଖୀ ରହିବା ଅନିବାର୍ଯ୍ୟ। ସୁଖୀ ବ୍ୟକ୍ତିର ମାନସିକ ଅବସ୍ଥା ଓ ସକାରାତ୍ମକ ମାନସିକତା ତାକୁ ଲକ୍ଷ୍ୟ ସିଦ୍ଧିରେ ସାହାଯ୍ୟ କରେ ଏବଂ ନିଜ ବାଂଛିତ କର୍ମରେ ଅଧିକ ମନୋନିବେଶ କରାଏ। ସୁଖୀ ବ୍ୟକ୍ତିମାନଙ୍କର ସାମାଜିକ ସମ୍ପର୍କ ମଧ୍ୟ ଦୃଢ଼ ହୋଇଥାଏ। ନିଜର ସର୍ବକୁଶଳ ଜୀବନର ଉପଲବ୍ଧି ବ୍ୟକ୍ତିକୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବାରେ ସାହାଯ୍ୟ କରେ। ତେଣୁ, ଅଯଥା ନୈରାଶ୍ୟରେ ନବୁଡ଼ି, ସକରାତ୍ମକ ଚିନ୍ତାଧାରାରେ ରହିଲେ ମଣିଷ ଅଧିକ ସୁଖୀ, ସଫଳ ଓ ଦକ୍ଷ ହୋଇପାରିବ। ଏଥିପ୍ରତି ଯତ୍ନବାନ ହୋଇ, ନକରାତ୍ମକ ଭାବନାରୁ ନିଜକୁ ଦୂରେଇ ରଖି ସୁଖୀ ଜୀବନର ପ୍ରୟାସ ଆବଶ୍ୟକ।

## ଜୀବନ କାଳରେ ସୁଖର ସ୍ଥିତି ଓ ବିକାଶ :-

ସକାରାତ୍ମକ ମନୋଭାବ ନେଇ ଜୀବନ ଜିଇଁବା ଏକ ମାନସିକ, ଯାହାକୁ ପ୍ରୟାସ କରି ବିକଶିତ କରିହେବ। ଜୀବନର ଛୋଟ ଛୋଟ ସମସ୍ୟା ଓ ନୈରାଶ୍ୟରୁ ଊର୍ଦ୍ଧ୍ୱକୁ ଯାଇ ଆମେ ନିଜର ପରିସ୍ଥିତିରେ କିଛିଟା ସନ୍ତୁଷ୍ଟ ରହିପାରିବା ଏବଂ ଜୀବନରେ ଯାହା ଅଛି ବା ଯାହା ମିଳିଛି ତାହା ହିଁ ଆନନ୍ଦର ସହିତ ଗ୍ରହଣ କରି ନିଜକୁ ସୁଖୀ ରଖିପାରିବା। ଅଧା ପାଣିଥିବା ଗ୍ଲାସ୍‌ଟି ଅଧା ଖାଲି ନାଁ ଅଧା ପୂର୍ଣ୍ଣ - ଏ ବିଚାର ନିଜ ମାନସିକତା ଉପରେ ନିର୍ଭର କରେ। ପରିବେଶ ସମାନ ହେଲେ ମଧ୍ୟ ଏହାର ଭଲ ଦିଗଟି ପ୍ରତି ଅଧିକ ଦୃଷ୍ଟି ଦେଲେ ମଣିଷ ଅଧିକ ସୁଖୀ ହୋଇପାରିବ। ସକାରାତ୍ମକ ଓ ସୁସ୍ଥ ଚିନ୍ତା କରିବାର ପ୍ରବଣତା ଥିଲେ ମଣିଷ ସାଧାରଣ ଭାବରେ ଆନନ୍ଦରେ ରହିପାରିବ। ତେଣୁ ନିଜର ମାନସିକ ପ୍ରସ୍ତୁତି ଓ ପ୍ରବଣତା ଯୋଗେ ପ୍ରତ୍ୟେକ ବ୍ୟକ୍ତି ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ସ୍ତରର ସୁଖାନୁଭୂତି ଲାଭକରେ। ବଦଳୁଥିବା ଜୀବନ ସ୍ଥିତି ମଧ୍ୟରେ ପ୍ରତ୍ୟେକ ମଣିଷ ମୋଟାମୋଟି ଭାବରେ ଏକ ନିର୍ଦ୍ଦିଷ୍ଟ ସ୍ତରର ସୁଖ ଅନୁଭବ କରେ। ଏ ପ୍ରକାର ସୁଖ ପ୍ରତ୍ୟେକ ବ୍ୟକ୍ତି ପାଇଁ, ଏବଂ ତାର ମାନସିକତା ଅନୁସାରେ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଉପର ତଳ ହେଉଥାଏ। ହୁଏତ ବ୍ୟକ୍ତି ବିଶେଷ ଦୀର୍ଘ ସୂତ୍ରରେ ତାଙ୍କର ସାଧାରଣ ସୁଖରୁ ଅଧିକ ବା କମ ସ୍ତରକୁ ଯାଇପାରନ୍ତି। ମାତ୍ର ସାମୂହିକ ଭାବରେ ସମାଜରେ ସମଗ୍ର ସୁଖାନୁଭବ ପ୍ରାୟତଃ ସ୍ଥିର ଥାଏ। ଏ ଦୃଷ୍ଟିରୁ ବିଭିନ୍ନ ଦେଶ ବା ସାମାଜର ତୁଳନାତ୍ମକ ଅଧ୍ୟୟନରେ ଦେଖାଯାଇଛି ଯେ ପ୍ରତ୍ୟେକ ସମାଜ ସାମୂହିକ ଭାବରେ ଏକ ସ୍ଥିର ସ୍ତରର ସୁଖରେ ଥାଏ। ବିଭିନ୍ନ କାରଣରୁ ଭିନ୍ନ ଭିନ୍ନ ଗୋଷ୍ଠୀ ବା ସମାଜର ବ୍ୟକ୍ତିମାନେ ଅଳ୍ପବହୁତେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ସୁଖୀ ହୋଇଥାଆନ୍ତି। କେତେକ ସମାଜ ବା ଦେଶର ଲୋକେ ଅଧିକ ସ୍ତରର ସୁଖ ଅନୁଭବ କଲେ ଅନ୍ୟ ସମାଜର ଲୋକେ ହୁଏତ ମୋଟାମୋଟି ଭାବରେ କମ ସୁଖୀ। ତେବେ ସୁଖର ଏ ପ୍ରକାର ସାମାଜିକ ସ୍ତର କେବଳ ଆର୍ଥିକ ବା ବସ୍ତୁବାଦୀ ବିକାଶ ସହିତ ସିଧାସଳଖ ଭାବରେ ସଂପୃକ୍ତ ନୁହନ୍ତି। ହୁଏତ ଖୁବ୍ ଦରିଦ୍ର, ଅନାହାର କ୍ଲିଷ୍ଟ ରାଷ୍ଟ୍ରମାନଙ୍କରେ ଅନ୍ୟାନ୍ୟ ଉନ୍ନତ ରାଷ୍ଟ୍ରମାନଙ୍କ ତୁଳନାରେ ଲୋକମାନଙ୍କର ସାଧାରଣ ସୁଖର ସ୍ତର କମ୍ ହୋଇପାରେ। ମାତ୍ର, ଅର୍ଥନୈତିକ ପ୍ରଗତି ଓ ପ୍ରାଚୁର୍ଯ୍ୟ ବଢ଼ିଲେ ସାମାଜିକ ସୁଖ ସମାନୁପାତରେ ବଢ଼େ ନାହିଁ।

ବିକାଶର ବିଭିନ୍ନ ପର୍ଯ୍ୟାୟରେ ସୁଖ କିଛି ମାତ୍ରାରେ ଊଣା ଅଧିକ ହୁଏ। ଛୋଟ ପିଲାମାନେ ମୋଟାମୋଟି ଭାବରେ ଖୁସି ରହନ୍ତି ଏବଂ ଅନେକ ଉପସ୍ଥିତ ପରିବେଶରେ ସାମାନ୍ୟ କିଛି ଇଚ୍ଛା ପୂରଣ ହେଲେ ଖୁସି ହୋଇଯାଆନ୍ତି। ତେବେ ଅପ୍ରାପ୍ତ ବୟସରେ ସୁଖର ଏକ ଦୀର୍ଘ ସୂତ୍ରୀ ଅନୁଭବ ବା ନିଜକୁ ସୁଖୀ-ଅସୁଖୀ ମଣିବା ପିଲାମାନଙ୍କ ଅପରିପକ୍ୱ ଚିନ୍ତାରେ ନଥାଏ। ଆମେ ସାଧାରଣତଃ ବାଲ୍ୟାବସ୍ଥାକୁ ସୁଖର ସମୟ ଭାବରେ ବିବେଚନା କରୁ କାରଣ ଜୀବନର ସାଧାରଣ ଉଦ୍‌ବେଗ ଓ ଦୁଶ୍ଚିନ୍ତା ସେମାନଙ୍କର ନଥାଏ। ତେଣୁ ବୟସ କ୍ରମରେ ଦେଖିଲେ ମଧ୍ୟ ବୟସ୍କମାନେ ଅଧିକ ସୁଖୀ ବୋଲି ଗବେଷଣାରୁ ଜଣାଯାଏ। ଆଦ୍ୟ ଯୌବନ ଅବସ୍ଥାରେ ଜୀବନ ଚିନ୍ତା ଏବଂ ଭବିଷ୍ୟତର ଅନିଶ୍ଚିତତା ଘାରିଥାଏ, ତେଣୁ ସାଧାରଣ ଭାବରେ ଯୌବନାବସ୍ଥା ଖୁବ୍ ସୁଖର ସମୟ ନୁହେଁ। ବାର୍ଦ୍ଧକ୍ୟ ଆଡ଼କୁ ଆଗେଇଲେ ବ୍ୟକ୍ତି ଅନେକ ସଂଶୟରେ ପଡ଼େ ଏବଂ ସମାଜକୁ ବିଶେଷ କିଛି ଅବଦାନ ଦେଇ ପାରିନଥିବାର ଆତ୍ମସଚେତନତା ତଥା ବେଳ ସରିଆସୁଥିବାର ଚିନ୍ତା ମନକୁ ଘାରେ। ବିଶେଷ କରି ନିଜର ସାମର୍ଥ୍ୟ ଏବଂ ସାମାଜିକ ସହାୟତା କମି ଯିବାର ଚିନ୍ତା ବାର୍ଦ୍ଧକ୍ୟ କାଳରେ ବ୍ୟକ୍ତିକୁ ସଂଶୟବାଦୀ ଓ ଦୁଃଖୀ କରାଏ। ତେବେ ଯେଉଁ ବ୍ୟକ୍ତିମାନେ ସକରାତ୍ମକ ଭାବରେ ଜୀବନକୁ ଗ୍ରହଣ କରିଛନ୍ତି, ସାମାଜିକ ଅବଦାନ ଦେଇଛନ୍ତି କିଛି କରିପାରିଥିବାର ଆତ୍ମସନ୍ତୋଷ ରହିଛି ସେମାନେ ବାର୍ଦ୍ଧକ୍ୟ ଅବସ୍ଥାରେ ବେଶ୍ ସୁଖୀ ରହନ୍ତି ଏବଂ ଭଲରେ ଜୀବନ ବିତେଇଥିବାର ସାନ୍ତ୍ୱନା ନେଇ ମୃତ୍ୟୁକୁ ସମ୍ଭାବନାର ସଫଳ ସାମନା କରନ୍ତି। ଏ ପ୍ରକାର ବାର୍ଦ୍ଧକ୍ୟ ବ୍ୟକ୍ତି ପାଇଁ ଏକ ଆତ୍ମତୃପ୍ତିର ଶାନ୍ତ ସମୟ। ତେବେ,

ସାମଗ୍ରିକ ଭାବରେ ବିଚାର କଲେ, ମଧ୍ୟ ବୟସର ବ୍ୟକ୍ତିମାନେ ସାଧାରଣତଃ ଅଧିକ ସୁଖୀ । ସୁଖ ଅନୁଭବର ଏ ପ୍ରକାର ବୟସାନୁକ୍ରମ ପରିବର୍ତ୍ତନ ହୁଏତ ପ୍ରତ୍ୟେକ ବ୍ୟକ୍ତି ପାଇଁ ସମାନ ନୁହେଁ । ଖୁସି ରହିବାର ଓ ବ୍ୟକ୍ତିଗତ ଅନୁଭବ ବୟସ ଅନୁସାରେ ବଦଳୁଥାଏ । ଜୀବନର ପ୍ରତ୍ୟେକ ସ୍ତରରେ ସୁଖ-ଦୁଃଖର ସମୀକରଣ ବଦଳୁଥାଏ । ତଥାପି, ସାଧାରଣ ବ୍ୟକ୍ତି ମାନସିକ ସ୍ତରରେ ଖୁସି ଅନୁଭବ ପାଇଁ ପ୍ରସ୍ତୁତ ଥାଏ । କଷ୍ଟ ବା ବେଦନାରୁ ନିଜକୁ ମୁକ୍ତ ରଖିବା ଏବଂ ଆନନ୍ଦଦାୟୀ ସ୍ଥିତି ବା ପରିବେଶ ପ୍ରତି ଆକୃଷ୍ଟ ହେବା ମାନବଗତ ପ୍ରବୃତ୍ତି । ଦେଖିବାକୁ ଗଲେ ଜୀବ ଜଗତରେ ସମସ୍ତ ପ୍ରାଣୀ ସୁଖ ଖୋଜିବା ଏବଂ ଯନ୍ତ୍ରଣା, କ୍ଲେଶ ବା କଷ୍ଟରୁ ନିଜକୁ ଦୂରେଇ ରଖିବାର ପ୍ରୟାସରେ ତାଆନ୍ତି । ସୁଖଦ ଅନୁଭବ ପ୍ରତି ଆକର୍ଷଣ ଏବଂ କଷ୍ଟଦାୟକ ଅନୁଭବର ନିଜକୁ ଯଥାସମ୍ଭବ ଦୂରେଇ ରଖିବାର ପ୍ରୟାସ ମଣିଷ ଏବଂ ମାନବେତର ପ୍ରାଣୀମାନଙ୍କର ବ୍ୟବହାରକୁ ନିୟନ୍ତ୍ରଣ କରେ । ଅବଶ୍ୟ, ନିଜର ସାମାଜିକତା ଥିବାରୁ, ମଣିଷମାନେ କେବଳ ସୁଖଦ ଅନୁଭବ ପ୍ରୟାସୀ ନୁହନ୍ତି, ସ୍ଥଳବିଶେଷରେ ଏବଂ ସାଧାରଣ ମାନସିକ ସ୍ଥିତିରେ, ଆମେମାନେ ବାଧ୍ୟହୋଇ ଅନେକ କଷ୍ଟ ସ୍ୱୀକାର କରିନେଉ କୌଣସି ନା କୌଣସି ସାମାଜିକ କାରଣରୁ ।

## କ'ଣ କଲେ ସୁଖୀ ହେବେ ?

ସ୍ଥୂଳଭାବରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସକାରାତ୍ମକ ମାନସିକତା ଓ ଜୀବନ ଶୈଳୀ ଯୋଗେ ସୁଖୀ ହେବାର ସମ୍ଭାବନା ବଢ଼େ । ସାମାଜିକ ଓ ଗୋଷ୍ଠୀ ଜୀବନରେ ସାମୂହିକ ସୁଖ ନିର୍ଭର କରେ ସାମାଜରେ ଚଳଣି, ପରମ୍ପରା ଓ ଚଳନ୍ତି ଢାଞ୍ଚା ଉପରେ । ଗବେଷଣାରୁ ଜଣାଯାଏ ଯେ ଯେଉଁ ସମାଜରେ ବା ରାଷ୍ଟ୍ରରେ ଗଣତାନ୍ତ୍ରିକ ଉଦାରବାଦୀ ଶାସନ ଅଛି, ସାମାଜିକ ସହନଶୀଳତା ଅଛି ଏବଂ ଏକ ସର୍ବନିମ୍ନ ଆର୍ଥିକ ବିକାଶ ଓ ପ୍ରଗତି ଅଛି ସେଠାରେ ସାମୂହିକ ସୁଖ ଅଧିକ । ତେବେ, ଆଗରୁ ଯାହା କୁହାଯାଇଛି, ଅତ୍ୟଧିକ ଅର୍ଥନୈତିକ ଉନ୍ନତି ଜନସମାଜକୁ ଅଧିକ ସୁଖୀ କରାଏ ନାହିଁ । ସମାଜରେ ଗୋଷ୍ଠୀ ବିବାଦ ଓ ଅସହିଷ୍ଣୁତା ବଢ଼ିଲେ ସାମୂହିକ ସୁଖର ସ୍ତର ହ୍ରାସ ପାଏ । ଗଣତାନ୍ତ୍ରିକ ଢାଞ୍ଚା ଏବଂ ଅର୍ଥନୈତିକ ପ୍ରଗତି ଉପରେ ନିର୍ଭର କରେ ବ୍ୟକ୍ତିର ଇପ୍‌ସିତ ଜୀବନଶୈଳୀର ଚୟନ ସ୍ୱାଧୀନତା । ବିକାଶ, ଉଦାରବାଦୀ ରାଜନୈତିକ ଓ ପ୍ରଶାସନ ପ୍ରକ୍ରିୟା ନିଜ ଇଚ୍ଛାର ଜୀବନ ବାଛିବାର ସ୍ୱାଧୀନତାକୁ ଅଧିକ କରେ । ତେଣୁ ଏ ପ୍ରକାର ରାଷ୍ଟ୍ରୀୟ ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା ସହିତ ସାମୂହିକ ସୁଖ ମଧ୍ୟ ଅଧିକ ହୁଏ । ତେବେ ନିର୍ଦ୍ଦିଷ୍ଟ ସାମାଜିକ ରାଜନୈତିକ ଢାଞ୍ଚା ମଧ୍ୟରେ ସବୁ ବ୍ୟକ୍ତି ସାମାଜିକ ସୁସମ୍ପର୍କରେ ରହିବାକୁ ପ୍ରୟାସ କରନ୍ତି କାରଣ ଦୃଢ଼ ସାମାଜିକ ସମ୍ପର୍କ ବ୍ୟକ୍ତିର ସୁଖାନୁଭୂତିକୁ ବଢ଼ାଏ । ଦୁଃଖ ଥିଲେ ସାଧାରଣ ମଣିଷ ଅଧିକ ସୁଖପ୍ରଦ ସାମାଜିକ ସମ୍ପର୍କ ଲୋଡ଼ନ୍ତି ।

ସୁଖୀ ହେବାର ବାଟ ଅନେକ । କେତେକଙ୍କ ମତରେ ଧନ-ସମ୍ପତ୍ତି ଏବଂ ବସ୍ତୁବାଦୀ ପ୍ରାଚୁର୍ଯ୍ୟ ସୁଖୀ ହେବା ପାଇଁ ଆବଶ୍ୟକ । ତେବେ ବସ୍ତୁବାଦର ଅଗ୍ରାଧିକାର ଥିବା ସମାଜରେ ଖାଉଟି ଦ୍ରବ୍ୟର ଫେସନ ପଛରେ ଗୋଡ଼େଇବା ଏକ ଉନ୍ମାଦନା । ମାତ୍ର ଏ ପ୍ରକାର ଉନ୍ମାଦନାର ବିଡ଼ମ୍ବନା ହେଉଛି ବସ୍ତୁବାଦୀ ଖାଉଟି ଅର୍ଥନୀତିରେ ନୂଆ ନୂଆ ଫେସନମାନ ଅବିରତ ସୃଷ୍ଟି ହୋଇଚାଲିଥାଏ । ତେଣୁ ଅନେକ କିଛି ହାତ ପାଆନ୍ତାରେ ଉପଲବ୍ଧ ହେବା ପରେ ମଧ୍ୟ ବସ୍ତୁବାଦୀ ସମାଜ ନୂତନତ୍ୱ ଓ ନୂଆ ଉନ୍ମାଦନା ଓ ଅନୁଭବ ପ୍ରତି ଆକୃଷ୍ଟ ହେଉଥାଏ ନିରନ୍ତର । ବସ୍ତୁବାଦୀ ସମାଜରେ ଗତାନୁଗତିକତା ପ୍ରତି ଏକ ଅହେତୁକ ବିରକ୍ତି ଥାଏ । ତେଣୁ ପ୍ରତ୍ୟେକ ବସ୍ତୁର ଉପଭୋଗ ସୀମିତ ମନେହୁଏ ଏବଂ ପାରମ୍ପରିକ ବସ୍ତୁର ଦୁନିଆରେ ଏକ ଅବିରତ ଖୋଜା ଚାଲିଥାଏ ନୂତନ ବସ୍ତୁ ଓ ନୂଆ ଉନ୍ମାଦନାର ଅନୁଭବ । ଏକ ଭିନ୍ନ ପଥ, ଓ ଭିନ୍ନ ସ୍ୱାଦର ଅନ୍ୱେଷଣରେ ମନ ଅଶାନ୍ତ ହୁଏ । ଏ ପ୍ରକାର ଅନ୍ୱେଷୀ ପ୍ରକ୍ରିୟାରୁ ଫାଇଦା ଉଠାଇ ବସ୍ତୁବାଦୀ ସମାଜରେ ସୃଷ୍ଟିହୁଏ ଅନେକ ଉଦ୍ଭଟ ଖାଉଟୀ ଦ୍ରବ୍ୟ । କିଛି ବର୍ଷ ତଳେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଏମିତି ସୃଷ୍ଟି ହେଲା ପେଟ୍‌ଷ୍ଟୋନ୍ ବା ପୋଷା ପଥରର ଲାଭକାରୀ ବ୍ୟବସାୟ । ବାଣିଜ୍ୟିକ ପ୍ରସାର ଓ ପ୍ରଚାର ଯୋଗେ ଏକ ସାମୂହିକ ଉନ୍ମାଦନା ସୃଷ୍ଟି କରାଗଲା ଯେ ପୋଷାକୁକୁର, ବିଲେଇ ଭଳି ପ୍ରତ୍ୟେକ ବ୍ୟକ୍ତିର ଲୋଡ଼ା ଗୋଟିଏ ଏକାନ୍ତ ନିଜର ପେଟ୍‌ଷ୍ଟୋନ୍ ବା ପୋଷା ପଥର, ଯାହା ଶାଳଗ୍ରାମ ପରି ଦିଶୁଥିବା ବିଭିନ୍ନ ଅକାର ଓ ରୂପର ପଥର ଖଣ୍ଡମାନ, ଯାହାକୁ ଉନ୍ମାଦ ଗ୍ରାହକମାନେ କିଣି ନିଜର କରିନେଲେ । ଏମିତି ନୂଆ ନୂଆ ଉନ୍ମାଦନା ସୃଷ୍ଟିକାରୀ ନୂତନ ପ୍ରକଳ୍ପମାନ ଖାଉଟି ବଜାରକୁ ବେଶ୍ କିଛି ଆକର୍ଷିତ କଲା ପରେ ସେ ସବୁ ପୁରୁଣା ଓ ଘଷରା ହୋଇଯାଏ ଏବଂ ବାଣିଜ୍ୟିକ ଚାତୁରୀରେ ସୃଷ୍ଟି ହୁଏ ଅଭିନବ ଖାଉଟୀ ଦ୍ରବ୍ୟମାନ । ସାଇକେଲ ଚକାଭଳି ପ୍ଲାଷ୍ଟିକର ବଳୟଟିଏ ନିଜ ଅଣ୍ଟାରେ ରଖି ଅଣ୍ଟା ହଲେଇବା ଯୋଗେ ବଳୟଟି ଅଣ୍ଟା ଚାରିପଟେ ବୁଲୁଥାଏ । ଏହି ଦୃଷ୍ଟି ଆକର୍ଷକ ଖାଉଟୀ ଉନ୍ମାଦନା ସୃଷ୍ଟି କରିଥିବା ବଳୟକୁ ହୁପ୍ଲା ନାମ ଦିଅଗଲା ଏବଂ ଏହା ଖୁବ୍ ଆଦୃତ ହେଲା । ତେବେ ଏ ପ୍ରକାର ଖାଉଟୀ ବଜାରର ଆକର୍ଷକ ବସ୍ତୁ ମୋହ କ୍ଷଣସ୍ଥାୟୀ ଏବଂ ପ୍ରତ୍ୟେକଟି ଉନ୍ମାଦନାର ବସ୍ତୁ ଶୀଘ୍ର ଘଷରା ହୋଇ ଖାଉଟୀ ମାନସିକତାକୁ ବିରକ୍ତିକର କରେ । ହୁପ୍ଲା, ପେଟ୍ ଷ୍ଟୋନ୍ ଠାରୁ ଆରମ୍ଭ କରି ନୂତନ ପରୀକ୍ଷାନିରୀକ୍ଷା ଅନେକ ଅଭିନବ ବସ୍ତୁବାଦରେ ରୂପାନ୍ତରିତ ହୁଏ । ହିପ୍ପି ସଭ୍ୟତା, ଯୌଥ ପରିବାରରେ ଲଙ୍ଗଳା ହୋଇ ରହିବା, ଉଲଗ୍ନମାନଙ୍କର ସମୁଦ୍ର ତଟରେ ମନୋରଞ୍ଜନ, ଯୌନ ପର୍ଯ୍ୟଟନ, ସ୍ୱାମୀ ବା ସ୍ତ୍ରୀ ବଦଳ ପାର୍ଟି ଇତ୍ୟାଦି ଏମିତି ବସ୍ତୁବାଦୀ ପ୍ରୟାସମାନଙ୍କର ଅନେକ ଅଭିନବ ପରିକଳ୍ପନା ଯାହାସବୁ ମନକୁ ଶାନ୍ତ, ସ୍ଥିର ଓ ଖୁସି କରିବା ପରିବର୍ତ୍ତେ ଅଶାନ୍ତ, ଅସ୍ଥିର ଓ ଶଙ୍କାଗ୍ରସ୍ତ କରନ୍ତି । ନୂତନତ୍ୱ ଓ ବସ୍ତୁବାଦୀ ସନ୍ଧାନ ଶେଷରେ ମନକୁ ଦୁଃଖୀ କରାଏ । ତେଣୁ ଅଯଥା ବସ୍ତୁବାଦୀ ଅନ୍ୱେଷଣ ସୁଖ ପାଇଁ ଉଦ୍ଦିଷ୍ଟ ହେଲେ ମଧ୍ୟ ଏହା ମନକୁ ଅଶାନ୍ତ, ଅତୃପ୍ତ କରେ, କାରଣ ଏ ପ୍ରକାର ବସ୍ତୁ ମାଧ୍ୟମରେ ସୁଖ ଖୋଜିବାର ଅନ୍ତ ନାହିଁ । ଯାହା କୁହାଯାଇଛି, ଏକ ସର୍ବନିମ୍ନ ଜୀବନ ସ୍ୱାଚ୍ଛନ୍ଦ୍ୟ ପରେ, ଅଧିକ ବାସ୍ତୁବାଦୀ ପ୍ରୟାସ ଓ ଅନ୍ୱେଷଣ ଜୀବନର ସୁଖ ବଢ଼ାଏ ନାହିଁ ।

କେତେକଙ୍କ ମତରେ ଧର୍ମଭାବ ଜୀବନ ପାଇଁ ଓ ସୁଖ ପାଇଁ ଅନାବଶ୍ୟକ ହେଲେ ମଧ୍ୟ ପ୍ରତ୍ୟେକ ମଣିଷ ଏକ ନିର୍ଦ୍ଦିଷ୍ଟ ବିଶ୍ୱାସ ସହିତ ଶୃଙ୍ଖଳିତ ଜୀବନ କଟେଇଲେ ସୁଖ ବଢ଼େ । ଧର୍ମ ଓ ଅନ୍ଧବିଶ୍ୱାସମାନଙ୍କର ସମ୍ପର୍କ ଥିବାରୁ ଅନେକ ବୁଦ୍ଧିଜୀବୀ ଧର୍ମକୁ ଅନାବଶ୍ୟକ ମନେକରନ୍ତି । କାର୍ଲମାର୍କ୍ସ ସମାଜକୁ

ନିଶାସକ୍ତ କରୁଥିବା ଅଫିମ ଭାବରେ ଧର୍ମର ବର୍ଣ୍ଣନା କରିଛନ୍ତି। ତେବେ ଧର୍ମକୁ ଏକ ଜୀବନତତ୍ତ୍ୱ ଭାବରେ ଗ୍ରହଣ କଲେ ଏ ଧର୍ମ ବିଶ୍ୱାସ ଜୀବନକୁ ନିୟନ୍ତ୍ରିତ କରେ, ମନକୁ ଏକ ଆଚରଣ ବିଧି ଯୋଗାଏ। ଏହା ଫଳରେ, ବ୍ୟକ୍ତି ନିଜ ଜୀବନକୁ କେତେକ ମୌଳିକ ନିୟମ ଭିତରେ ସଂଚାଳିତ କରିବାର ପ୍ରେରଣା ପାଏ। ତେଣୁ ଅନ୍ଧବିଶ୍ୱାସ ଓ ରୀତିନୀତିଠାରୁ ଊର୍ଦ୍ଧ୍ୱରେ ରହି ଜୀବନକୁ ଏକ ବୃହତ୍ତର ନୈତିକ ବିଶ୍ୱାସର ସହିତ ପରିଚାଳନା କରିବାରେ ସୁଖ ଅନୁଭବ ଅଧିକ ହୁଏ। ଏ ଦୃଷ୍ଟିରୁ ଈଶ୍ୱର ସତ୍ତାରେ ବିଶ୍ୱାସ କରୁନଥିବା ଏବଂ ହେତୁବାଦୀ ଆଚରଣରେ ଆସ୍ଥା ରଖିଥିବା ବ୍ୟକ୍ତି ମଧ୍ୟ ସେଇ ସ୍ଥିର ବିଶ୍ୱାସ ନେଇ ଜୀବନକୁ ନିୟନ୍ତ୍ରିତ ଓ ସୁଖକର କରିପାରେ।

ଭଲପାଇବା ଏବଂ ସମ୍ବେଦନଶୀଳ ଗଭୀର ସମ୍ପର୍କ ଭିତରେ ପ୍ରତ୍ୟେକ ମଣିଷ ନିଜକୁ ବିକଶିତ ଓ ସୁଖୀ କରାଏ। ସମ୍ପର୍କିତ ହୋଇ ସମାଜରେ ରହିବା ଏକ ମନସ୍ତାତ୍ତ୍ୱିକ ଆବଶ୍ୟକତା, ଯାହା ବିନା କେବଳ ନିଜ ଭିତରେ ଜିଇଁବାର ଅନୁଭବ ମନକୁ ଅଶାନ୍ତ କରେ। କେବଳ ନିଜ ପାଇଁ ଓ ନିଜ ଭିତରେ ବଞ୍ଚିବାଟା ସ୍ଥିତିର ଏକ ସଂକଟ। ଜୀବନର ଅର୍ଥ ଖୋଜାଯାଏ ଗଭୀର ସଂପର୍କରୁ, ଭଲ ପାଇବାରୁ ଏବଂ ଏ ପ୍ରକାର ସଂପର୍କ ମନର ସୁଖ ପାଇଁ ଆବଶ୍ୟକ ଏବଂ ବ୍ୟକ୍ତିର ଜୀବନକୁ ଏହା ଋଦ୍ଧିମନ୍ତ କରେ। ତେଣୁ ସାମାଜିକ ସ୍ତରରେ ସମ୍ପର୍କିତ ରହିବା ପ୍ରତ୍ୟେକ ବ୍ୟକ୍ତିର ଆଶା ଓ ପ୍ରୟାସ ଯାହା ଭିତରେ ମଣିଷ ସୁଖ ଖୋଜେ। ସାମାଜିକ ସମ୍ପର୍କର କେତୋଟି ପ୍ରାଥମିକ ଆବଶ୍ୟକତା ଅଛି। ପ୍ରଥମ ହେଲା ସମାଜିକ ସମ୍ପର୍କ ବ୍ୟକ୍ତି ପାଇଁ, ତାର ଜୀବନ ଓ ଚଳଣି ଅନୁସାରେ ଉପଲବ୍ଧ ହେବା ଦରକାର। ଅତ୍ୟାଧୁନିକ ଓ ପାଶ୍ଚାତ୍ୟ ଜୀବନ ଶୈଳୀ ବ୍ୟକ୍ତିକୁ ବିଚ୍ଛିନ୍ନ କରିଦିଏ। ଫଳରେ ଆବଶ୍ୟକୀୟ ଜୀବନ ପୁଷ୍ଟିକାରୀ ସୁସମ୍ପର୍କ ଉପଲବ୍ଧ ହୁଏ ନାହିଁ ଏବଂ ମନ ଅଶାନ୍ତ ହୁଏ। ଅନ୍ୟମାନଙ୍କଠାରୁ ଯତ୍ନ, ସମ୍ବେଦନା ଓ ସାହାଯ୍ୟ ପାଇବା ଏକ ସାଧାରଣ ମାନସିକ ଆବଶ୍ୟକତା। ଏଥିପାଇଁ ସମ୍ପର୍କରେ ରହିଲେ ମଣିଷ ସୁଖୀ ହୁଏ। ଅନ୍ୟମାନଙ୍କ ସହିତ, ଅନ୍ତତଃ କିଛି ଲୋକଙ୍କ ସହିତ ନିବିଡ଼ ସମ୍ପର୍କ ଓ ଭଲ ବୁଝାମଣା ରହିଲେ ମନ ସତେଜ, ଆଶ୍ୱସ୍ତ ଏବଂ ସୁଖୀ ହୁଏ। ଜୀବନର ସାର୍ଥକତା ଖୋଜାଯାଏ ଗଭୀର ସମ୍ପର୍କରୁ, ଭଲ ପାଇବାର ଗଭୀରତାରେ ଜୀବନର ଛବି। ଏହା ଏକ ମନଦର୍ପଣ ଯାହା ଭିତରେ ଆତ୍ମସତ୍ତାକୁ ଖୋଜିହୁଏ ଏବଂ ମନକୁ ସୁଖୀ ଓ ଆଶ୍ୱସ୍ତ କରିହୁଏ।

ପ୍ରେମ, ସମ୍ବେଦନଶୀଳ ଓ ଶ୍ରଦ୍ଧାର ସମ୍ପର୍କରେ ନିଃସଙ୍ଗତା ଓ ଶୂନ୍ୟତାର ଗ୍ଲାନିରୁ ମୁକ୍ତି, ଯାହା ସୁଖ ଦିଏ। ପ୍ରତ୍ୟେକ ମଣିଷ ସାମାଜିକ ସମ୍ପର୍କରେ ରହିବାକୁ ଇଚ୍ଛା କରେ। ତେବେ ଇପ୍‌ସିତ ଓ ବାସ୍ତବ ସାମାଜିକ ସମ୍ପର୍କ ମଧ୍ୟରେ ଅତ୍ୟଧିକ ଫରକ୍ ରହିଲେ ମଣିଷ ନିଜକୁ ନିଃସଙ୍ଗ ମଣେ ଓ ଦୁଃଖୀ ହୁଏ। ସୁସମ୍ପର୍କରେ ଥାଏ ଏକ ଉତ୍ସର୍ଗୀକୃତ ମନୋଭାବ ଏବଂ ପ୍ରତିବଦ୍ଧତା ଯାହା ବିନା ସମ୍ପର୍କ ଶୂନ୍ୟ ହୋଇଯାଏ। ଏହା ହୁଏତ ମନର କ୍ଷଣିକ ଆଶା ପୂରଣ କରିପାରେ, କିନ୍ତୁ ଏହା ବ୍ୟକ୍ତିକୁ ତାର ନିଃସଙ୍ଗତା ଓ ଶୂନ୍ୟତାର ଗ୍ଲାନିରୁ ମୁକ୍ତି ଦିଏ ନାହିଁ। ଉତ୍ତର ଆଧୁନିକ ମଣିଷର ଏହି ବ୍ୟାପକ ଶୂନ୍ୟତା ବ୍ରହ୍ମାଣ୍ଡର ବ୍ଲାକ୍‌ହୋଲ୍ ବା କୃଷ୍ଣଗର୍ତ୍ତ ଭଳି। ଏହା ଅନିବାର୍ଯ୍ୟ ଭାବରେ ମଣିଷକୁ ଶୂନ୍ୟତା ଓ ନିରର୍ଥକତା ମଧ୍ୟକୁ ଟାଣିନିଏ, ମନକୁ ଅଶାନ୍ତ, ଦୁଃଖୀ କରେ।

ସଂପର୍କରେ ରହିବା ଏକ ସାମାଜିକ ଆବଶ୍ୟକତା ଯାହା ଜୀବନକୁ ସାର୍ଥକତା ଓ ସୁଖର ଅନୁଭବ ଦିଏ। ମାତ୍ର, ଅଧିକାଂଶ ସ୍ଥଳରେ ସମ୍ପର୍କ ଅନେକ ସାମାଜିକ ଆଶା-ପ୍ରତ୍ୟାଶା ସହିତ ଜଡ଼ିତ। ଅନେକ ସମୟରେ ଭଲ ପାଇବା ଯେତିକି ଗଭୀର, ସମ୍ପର୍କର ପାତ୍ରଠାରୁ କିଛିଟା ପାଇବାର ଆଶା ମଧ୍ୟ ସେତିକି ଅଧିକ। ସଂସାରରେ ସାଧାରଣ ମଣିଷର ସ୍ନେହ, ଶ୍ରଦ୍ଧା ପ୍ରାୟତଃ ପ୍ରତ୍ୟାଶା ସହିତ ଜଡ଼ିତ। ନିବିଡ଼ ଭାବରେ ଭଲ ପାଇବାର ପାତ୍ରଠାରୁ ଆମେ ପ୍ରାୟତଃ କିଛିଟା ପ୍ରତିଦାନ, ଅନେକ ଭଲ ପାଇବା ଆଶାକରୁ। ମଣିଷ ଯାହାକୁ ଶ୍ରଦ୍ଧା କରେ, ଭଲ ପାଏ, ତା ଉପରେ କିଛିଟା ଅଧିକାର ନିଜ ମାନସିକତାରେ ଇଚ୍ଛା କରେ। ସମ୍ପର୍କର ସଂସାରରେ ଏ ପ୍ରକାର ପ୍ରତ୍ୟାଶା ହିଁ ଅନେକ ଦୁଃଖର କାରଣ। ପ୍ରତ୍ୟାଶିତ ଭଲ ପାଇବା ଓ ଉତ୍ସର୍ଗ ନମିଳିଲେ ବ୍ୟକ୍ତି ଦୁଃଖୀ ହୁଏ। ତେଣୁ, ଏ ପ୍ରକାର ଦାନ-ପ୍ରତିଦାନ, ଆଶା-ପ୍ରତ୍ୟାଶାର ଚକ୍ରବ୍ୟୂହ ଭିତରେ ପଡ଼ନ୍ତୁ ନାହିଁ, ଦୁଃଖ ପାଇବେ। ନିଃସର୍ତ୍ତ ଭାବରେ ଶ୍ରଦ୍ଧାଶୀଳ ସମ୍ପର୍କ ରଖିବା ନିଜର ମାନସିକ ଶାନ୍ତି ପାଇଁ ଆବଶ୍ୟକ। ସମ୍ପର୍କ ବ୍ୟକ୍ତିର ନିଜ ଆବଶ୍ୟକତା ଏବଂ ସାମାଜିକ ସମ୍ପର୍କ ଆମକୁ ଆଶ୍ୱସ୍ତ କରେ। ସମ୍ପର୍କରୁ କିଛି ଆଶା କରି ନିଜ ମାନସିକ ସ୍ଥିରତାକୁ ସଙ୍କଟରେ ପକାନ୍ତୁ ନାହିଁ। ବରଂ କୌଣସି ମତଲବ ବା ଅଶା ରଖି ସମ୍ପର୍କ ବାନ୍ଧିଥିଲେ ଧକ୍କା ଲାଗିବା ସମ୍ଭାବନା ଅଧିକ। ଆଶା ପ୍ରତ୍ୟାଶାର ବିନାଶରେ ମନର ଶାନ୍ତି। ତେଣୁ ଏ ବିଷୟରେ ସଚେତନ ରୁହନ୍ତୁ; ସମ୍ପର୍କିତମାନଙ୍କ ସହିତ ସୁସମ୍ପର୍କ ରଖି ମଧ୍ୟ କିଛି ପାଇବାର ଅଶା ରଖନ୍ତୁ ନାହିଁ। ମନ ଭଲ ରହିବ, ସୁଖୀ ହେବେ।

ଅନ୍ୟମାନଙ୍କ ପାଇଁ କିଛିଟା ଆତ୍ମତ୍ୟାଗ କରିବା, ପରୋପକାର କରିବା ମଣିଷର ନିଜସ୍ୱ ଗୁଣ। କୌଣସି କ୍ଷେତ୍ରରେ କିଛି ସମସ୍ୟା ରହିଯାଇଥିଲେ ବା କିଛି ଊଣା ଥିଲେ ଅନେକ ଲୋକ ସ୍ୱତଃ ଆଗେଇ ଆସନ୍ତି ସାହାଯ୍ୟ କରିବାକୁ। ମାତ୍ର, ଅଧିକାଂଶ ସମୟରେ ପରୋପକାରୀ ଆଶା କରିଥାଏ ଯେ ତା ସୁକର୍ମ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବ, ପରୋପକାରୀର ପ୍ରଶଂସା ହେବ ଏବଂ କିଛିଟା ବାହାବା ମିଳିବ। ଏଇ ପ୍ରକାର ପ୍ରତ୍ୟାଶା ରଖିଥିବା ପରୋପକାରୀ ଦୁଃଖୀ ହେବାର ସମ୍ଭାବନା ନିଜ ପାଇଁ ସୃଷ୍ଟି କରେ। "ମୁଁ ଏତେ କଲି, ଅଥଚ ମତେ କୌଣସି ପ୍ରତିଦାନ, ସ୍ୱୀକୃତି ମିଳିଲା ନାହିଁ।" ଭଲ, ପରୋକାରୀ ବ୍ୟକ୍ତି ଅନେକ ସମୟରେ ଏଇ କାରଣରୁ ମ୍ରିୟମାଣ ହୋଇପଡ଼ନ୍ତି, ହତୋତ୍ସାହିତ ହୋଇପଡ଼ନ୍ତି। ସବୁବେଳେ ଏକଥା ମନେ ରଖିବା କଥା ଯେ ମଣିଷ କେବଳ ଅନ୍ୟର ହିତ କଳ୍ପେ ପରୋକାର କରେ ନାହିଁ। ବାସ୍ତବରେ, ପରୋପକାରରେ ଯିଏ ଦାତା ସିଏ ନିଜେ ହିଁ ଗ୍ରହୀତା, କାରଣ ପରୋପକାର କରିବାର ମାନସିକ ସାନ୍ତ୍ୱନା ହିଁ ପରୋପକାରୀକୁ ପ୍ରେରିତ କରିଥାଏ। ପରୋପକାର ଦ୍ୱାରା ନିଜକୁ ହିଁ ଅଧିକ ଶାନ୍ତି ମିଳେ। ପରୋପକାର ଦ୍ୱାରା ନିଜର ଆତ୍ମସମ୍ମାନ ଓ ଆତ୍ମ-ସନ୍ତୋଷ ବଢ଼େ, ନିଜ ଜୀବନର ସାର୍ଥକତା ପ୍ରତିପାଦିତ ହୁଏ। ତେଣୁ ଯେଉଁ ପରିବେଶ ବା ଯେଉଁ ବ୍ୟକ୍ତି ଯୋଗେ ପରୋପକାର କରିବାର ସୁଯୋଗ ମିଳେ ସେଥିପ୍ରତି ସଚେତନ ହେବା ଉଚିତ, କୃତଜ୍ଞ ହେବା ଉଚିତ। କାରଣ ପରୋକାର କରିବାର ସୁଯୋଗ ପାଇ ଆମେ ନିଜର ଆତ୍ମିକ ଉତ୍ତରଣ କରିପାରୁ।

## ସୁଖର ସନ୍ଧାନ :-

ସୁଖ ନିର୍ବୋଧର ଫାଙ୍କା ସ୍ୱପ୍ନ ନୁହେଁ, ଏହା ମଣିଷର ବାସ୍ତବତା। ସମାଜରେ ସର୍ବାଧିକ ଲୋକଙ୍କ ପାଇଁ ସର୍ବାଧିକ ସୁଖ ଉପଲବ୍ଧ କରାଇବା ସମାଜ ମଙ୍ଗଳ ରାଷ୍ଟ୍ରର କର୍ତ୍ତବ୍ୟ ବୋଲି ବିଚାର କରାଯାଏ। ବ୍ୟକ୍ତିଗତ ସ୍ତରରେ ମଧ୍ୟ ପ୍ରତ୍ୟେକ ମଣିଷ ଠିକ୍ ବାଟରେ ଯାଇ ସୁଖ ପାଇବାର ପ୍ରୟାସ କଲେ ସମାଜର ସାମଗ୍ରିକ ସନ୍ତୋଷ ବଢ଼େ। ତେବେ ସବୁବେଳେ ସୁଖ ଖୋଜିବା ବ୍ୟକ୍ତି ପାଇଁ ହାନିକାରକ ହୋଇପାରେ। ସୁଖାନୁଭୂତିର ବିଡ଼ମ୍ବନା ଏଇଆ ଯେ କେବଳ ସୁଖ ପଛରେ ଗୋଡ଼ାଇ ଗୋଡ଼ାଇ ଜୀବନ କାଟିଲେ ପ୍ରକୃତ ଆନ୍ତରିକ ସୁଖ ଦୂରେଇ ଦୂରେଇ ଯାଏ। ସୁଖକୁ ଇପ୍‌ସିତ କରି ତାକୁ ହିଁ ଅହରହ ଖୋଜିବା ବ୍ୟକ୍ତିର ନିଜ କୁଶଳତାର ଅନୁଭବକୁ ବ୍ୟାହତ କରିପାରେ। ଏ ବିଡ଼ମ୍ବନାର ସଚେତନତା ଆବଶ୍ୟକ। ସୁଖୀ ଜୀବନର ଅପରପାର୍ଶ୍ୱ ଯେ ଦୁଃଖ ଏକଥା ଭୁଲିଗଲେ ଚଳିବ ନାହିଁ। ସୁଖୀ ରହବାର ଅବିରତ ପ୍ରୟାସ ମଧ୍ୟରେ ମନେ ରଖିବା କଥା ଯେ ଏକ ସର୍ବାଙ୍ଗ ସୁନ୍ଦର ଓ ସନ୍ତୁଳିତ ଜୀବନରେ ସୁଖ ଓ ଦୁଃଖ ଉଭୟଙ୍କର ଆବଶ୍ୟକତା ରହିଛି। ସୁଖ ନିଶ୍ଚୟ ବ୍ୟକ୍ତିର ଅବେଗିକ ଓ ମନସ୍ତାତ୍ତ୍ୱିକ ସମ୍ବଳ ଦୃଢ଼ କରେ। ତେବେ ଦୁଃଖରୁ ମଧ୍ୟ ଜୀବନ ଶିକ୍ଷା ମିଳେ ଏବଂ ଦୁଃଖଦ ଅନୁଭବ କେତେକ ଦିଗରୁ ମନର ଉତ୍ତରଣ କରେ। ଦୁଃଖ ବ୍ୟକ୍ତିକୁ ଉପସ୍ଥିତ ସମସ୍ୟା ବା ବିପଦ ପ୍ରତି ସଚେତନ କରାଏ ଏବଂ ଜୀବନ ଯୁଦ୍ଧ ପାଇଁ ବ୍ୟକ୍ତିକୁ ଅଧିକ ସକ୍ଷମ କରେ। ଦୁଃଖ ବା ଅପ୍ରୀତିକର ଚିନ୍ତା ଜୀବନକୁ ଅଧିକ ସାର୍ଥକ ଓ ଋଦ୍ଧିମନ୍ତ କରାଏ।

ସୁଖ-ଦୁଃଖର ପାର୍ଥକ୍ୟ କେବଳ ପ୍ରାପ୍ତି-ଅପ୍ରାପ୍ତିର ନୁହେଁ। ଯାହା ଇପ୍‌ସିତ ତାହା ମିଳିଲେ ସୁଖ, ନ ମିଳିଲେ ଦୁଃଖ - ଏହା ହିଁ ଜୀବନର ବଡ଼ ଭ୍ରମ। ସ୍ଥିତିର ସଂକଟ ଅସ୍ଥିରତା ଓ ଅବିରତ କ୍ରାଇସିସ୍ ଭିତରେ ବସ୍ତୁ-ପ୍ରାଚୁର୍ଯ୍ୟରେ ଭ୍ରମ ଖୋଜୁଥିବା ନାଁ ନିରନ୍ତର ଅସ୍ଥିର ରହିଥିବା ସତ୍ତ୍ୱେ ଜଟିଳ ସମ୍ପର୍କର ଘୂର୍ଣ୍ଣିବଳୟ ଭିତରେ ନିଜର ସଞ୍ଜ୍ଞା ଖୋଜି ଚାଲିଥିବା ? ବସ୍ତୁ-ପ୍ରାଚୁର୍ଯ୍ୟରୁ ପ୍ରାପ୍ତି ମିଳେ, ଜୀବନ ମିଳେ ନାହିଁ। ଯାହା "ମୋର" ତାହା ବସ୍ତୁ, ସେ "ମୁଁ" ନୁହେଁ। ସ୍ଥିତିର ସଂକଟ ମଧ୍ୟରେ ରହି ମଧ୍ୟ ସମ୍ପର୍କର ବଳୟ ଭିତରେ ନିଜକୁ ସାମୟିକ ଭାବରେ ଖୋଜି ପାଇବାରେ, ନିଜର ସଞ୍ଜ୍ଞା ଖୋଜିବାରେ ଏବଂ ଆତ୍ମସତ୍ତାର ସାମୟିକ ଓ ଅସ୍ଥିର ଅର୍ଥ ଖୋଜିବାରେ ହିଁ ଜୀବନ, ଜୀବନର ଅର୍ଥ। ପ୍ରତ୍ୟେକ ବ୍ୟକ୍ତି ଆତ୍ମ-ନିରୀକ୍ଷଣ କରିବା କଥା- କ'ଣ ଖୋଜୁଛେ ? ବସ୍ତୁ ନାଁ ସୁଖ ? ସୁଖୀ ହୁଅନ୍ତୁ, ସୁଖ ପଛରେ ଗୋଡ଼ାନ୍ତୁ ନାହିଁ। ସକାରାତ୍ମକ ମନରେ ହିଁ ସୁଖ, ମନର ବାହାରେ ନୁହେଁ। ସୁଖର ସନ୍ଧାନ ପ୍ରତ୍ୟେକ ମଣିଷର ବ୍ୟକ୍ତିଗତ ପ୍ରୟାସ ଓ ମାନସିକତା। ଜୀବନର ପଥ ଅନେକ ଏବଂ ସୁଖ ଏକ ଆତ୍ମିକ ଅନୁଭବ।

ପ୍ରାକ୍ତନ ପ୍ରଫେସର, ଜେଏନ୍‌ୟୁ
ମୋ - ୯୪୩୮୩୬୦୦୦୩



# ଆତ୍ମ-ପ୍ରୀତି ହିଁ ଆନନ୍ଦର ସ୍ରୋତ

*ଡା. ଇନ୍ଦ୍ରମଣି ଜେନା*

**କୁ**ମ୍ଭୀରଗଡ଼ ଗାଁ। ନଈକୂଳରେ ଅବସ୍ଥିତ ନୁହେଁ, କିନ୍ତୁ ଗାଆଁଟି ଅତୀତରୁ ଏହି ନାମ ବହନ କରିଅଛି। ସମ୍ଭବତଃ ଅନେକ ବର୍ଷ ଆଗରୁ କୌଣସି ନଈ ଏହି ପାର୍ଶ୍ୱଦେଇ ବୋହି ଯାଉଥିଲା, ଯହିଁରେ କୁମ୍ଭୀର ଆତଙ୍କ ରହିଥିଲା। ସମୟକ୍ରମେ ନଈଟି ଗତିପଥ ପରିବର୍ତ୍ତନ କରି ଏତେ ଦୂରକୁ ଚାଲି ଯାଇଛି, କେହି ବି କଳନା କରିପାରିବେନି ଏଠାରେ ଦିନେ ନଦୀ ପ୍ରବାହିତ ହେଉଥିଲା ଏବଂ କୁମ୍ଭୀରଙ୍କର ଚରାଭୂମି ଥିଲା।

ସେହି କୁମ୍ଭୀରଗଡ଼ ଗାଆଁର ସୁବଳ ସୁବୁଦ୍ଧି। କହିବାବାଲା ଲୋକଟିଏ, କିନ୍ତୁ ଏମିତି ଚଡର ବଡର ହେଉଥିବ, ଯେ କେହି ବି ତାକୁ ଅପସନ୍ଦ କରିବେ। ଅନେକ ଏମିତି କହନ୍ତି ସେ ଚୁପ୍ ହେବାକୁ ବାଧ୍ୟ। କେଉଁଠି କଅଣ ମିଳୁଛି, କେଉଁଠି ଶସ୍ତା କେଉଁଠି ମହରଗ ସବୁ ତା ପାଟିରେ ବସା ବାନ୍ଧିଯାଇଛି। ହାତୀଠୁ ଛୁଞ୍ଚ ପର୍ଯ୍ୟନ୍ତ ଦରଦାମ ତା ପାଟିରେ ଥୁଆ।

ହେଲେ ଲୋକଟା ବହୁତ ଆତ୍ମଗର୍ବୀ। ନିଜର ଯାହା ଅଛି ସେଇଟା ଭଲ। କିନ୍ତୁ ଅନ୍ୟମାନଙ୍କର ଯାହା ଅଛି ତାହା ଖରାପ, ସେ କେବେ କହେନାହିଁ। ଆଜି ସୁବଳ ବାଡ଼ିରେ ଖଡ଼ା ଶାଗ ତ ଖଡ଼ାରେ ବହୁତ ଜୀବପ୍ରାଣ ଅଛି, ସେଇଟା ସ୍ୱାସ୍ଥ୍ୟପାଇଁ ହିତକାରକ। କାଲି ବାଡିରେ ଭଲ ସାରୁ ହୋଇଛି ତ ସାରୁ ବହୁତ ରୋଗ ବିନାଶ କରେ। ସେହି କାରଣରୁ ଅନେକ ଲୋକ ତାକୁ ଅବିଗୁଣ ମନେକରନ୍ତି। ତା କଥାରେ ବିଶ୍ୱାସ ନାହିଁ ବୋଲି ସମସ୍ତେ ଧରିନେଲେଣି।

ଅନେକ ଲୋକ ଅଛନ୍ତି, ଯେଉଁମାନେ 'ମୁଁ' 'ମୁଁ' ହୋଇ ଚଳନ୍ତି। ପ୍ରତିଟି କଥାରେ 'ମୋର ଅଛି', 'ମୋର ନାହିଁ', 'ମୋର ସେଥିରେ କିଛି ଯାଏ ଆସେ ନାହିଁ' କହି କେବଳ ନିଜର କେତେ ଲାଭ କେତେ କ୍ଷତି ତାହା ହିସାବ କରୁଥାନ୍ତି। ଏମାନଙ୍କୁ ସ୍ୱାର୍ଥପର ବା ଜୀବେନା ବୋଲି ବି ଅନେକ ସ୍ଥାନରେ ଆଖ୍ୟାୟିତ କରାଯାଏ। ପରର ପଛେ ହଜାର ହଜାର କ୍ଷତି ହୋଇ ଯାଉ, ନିଜର ଟଙ୍କାଟିଏ ଚାଲିଗଲେ ବସି ମୁଣ୍ଡ କୋଡୁଥିବେ।

ଆହୁରି କିଛି ଲୋକ ଗାଆଁରେ ରହିଛନ୍ତି, ଯେଉଁମାନେ ନିଜକୁ ସବୁବେଳେ ନ୍ୟୂନ ବୋଲି ଧାରଣା କରନ୍ତି। ସେମାନଙ୍କୁ ହୀନମାନିଆ ବା ଅନାଦୃତ ମନେକରନ୍ତି। ପାଖ ଲୋକ ଓ ସମ୍ପର୍କୀୟମାନେ ତାଙ୍କୁ ଯେତେ ସମ୍ମାନ ଦେଲେ ବି ସନ୍ଦେହ ରହିଛି ମନରେ ତାଙ୍କର ଯେ ଅନ୍ୟମାନେ କେତେ ଭଲ, କେତେ ଉଚ୍ଚ ମନର ଏବଂ ଶାରୀରିକ ଭାବରେ କେତେ ସକ୍ଷମ ସେ କାହିଁ ସେମାନଙ୍କ ସହିତ ସମାନ ହେବେ। ଏହି ନୀଚମନାସ ପାଇଁ ଅନେକ ସଭାସମିତି, ପର୍ବପର୍ବାଣି ଓ ଲୋକ ସମାଗମକୁ ଯିବାକୁ ଆଗ୍ରହୀ ନୁହନ୍ତି।

ଆହୁରି ଅନେକ ଲୋକ ଅଛନ୍ତି ଆମମାନଙ୍କ ଭିତରେ। ସେମାନେ ନିଜକୁ ସବୁ ଅବସ୍ଥାରେ ଅନ୍ୟପାଖରୁ ଉଚ୍ଚତର ବୋଲି ଧାରଣା କରନ୍ତି। ସେମାନେ ସୁବଳ ସୁବୁଦ୍ଧି ପରି ସରଳ ଆଉ ଦଣ୍ଡକିରି ମାଛ ପରି ଉପର ପାଣିରେ ଗହଳି କରିବାବାଲା ନୁହନ୍ତି। ଅନେକଙ୍କୁ ନିଜ ଦୁର୍ବୁଦ୍ଧିରେ ନୀଚ ବୋଲି ମଣନ୍ତି। ଦୁନିଆର ମୂଲ୍ୟାୟନ ପଦ୍ଧତି ଠାରୁ ସେମାନଙ୍କର ସ୍ୱାର୍ଥପର ଆକଳନ ସବୁବେଳେ ନିଜ ସପକ୍ଷରେ। ଆଜି କିଏ ସୁନ୍ଦର ଗୀତ ଗାଇଲେ ବି ସେମାନେ ସେଇ ବୃତ୍ତିଟିକୁ ମୂଳରୁ ଅନାଦର କରିବେ। କିଏ ବହିଟିଏ ଲେଖିଲେ କହିବେ, ତାର ମୂଲ କଅଣ ଅଛି ଆଜିକାଲି, କିଏ ବା ବହି ପଢୁଛି ଯେ ଲେଖକୁ ସମ୍ମାନ ଦେବେ। ସବୁ ବୃତ୍ତି, ସବୁ କାର୍ଯ୍ୟ ସିଏ ଯାହା କରିବେ ସେଇଟା ସୁନ୍ଦର। ସେମାନଙ୍କୁ ଗର୍ବୀ ବୋଲି କହିଲେ କିଛି ଭୁଲ୍ ହେବବି।

ଏମିତି ଅନେକ ହୀନମାନସର ଲୋକ ବି କୁମ୍ଭୀରପଡ଼ା ଗାଆଁରେ ଅଛନ୍ତି। ଅନେକ ଚୁପ୍ ଚାପ୍ ଆଉ କମ୍ କଥା କହନ୍ତି। ମାତ୍ର ଗର୍ବୀ ଲୋକ ଗଣିଦେଲେ ଜଣେ ଦୁଇଜଣ ଅଛନ୍ତି। କଥା କଥାକେ ଜଣକୁ ତୁଚ୍ଛ କରିଦେବେ। ସାଧାରଣ ଲୋକମାନେ ଏହି ହୀନମାନସ ଲୋକଙ୍କ ପ୍ରତି ଦୟାଭାବ ଆଚରଣ କରନ୍ତି, କିନ୍ତୁ ଗର୍ବୀ ଲୋକମାନଙ୍କୁ ଆନ୍ତରିକ ଭାବରେ ଘୃଣାକରନ୍ତି।

ଲୋକମାନଙ୍କର ଏମିତି ପ୍ରକାର ଭେଦ ରହିଛି, ତାହା ଆମ ଗାଆଁ ପୁରୋହିତ ସୁଦର୍ଶନ ରଥଶର୍ମା ଆଦୌ ପସନ୍ଦ କରନ୍ତି ନାହିଁ। ସେ ଖାଲି ଆଧୁନିକ ଦୁନିଆର ଗାଆଁ ପୁରୋହିତ ନୁହନ୍ତି, ସେ ଅନେକ ବଡ଼ ବଡ଼ ଯଜ୍ଞାଦି ଶୁଭ କାର୍ଯ୍ୟରେ ପୌରହିତ୍ୟ ସମ୍ପାଦନ କରନ୍ତି। ଯୁଗ ବଦଳି ଯାଇଛି ବୋଲି ଅନେକ ପୁରୋହିତ ବ୍ରାହ୍ମଣ କହିଥାଆନ୍ତି, କିନ୍ତୁ ଆମ ସୁଦର୍ଶନ ରଥେ ତାଙ୍କ ତର୍କ ଆଉ ପୁରୋହିତ ବୃତ୍ତିରେ ଅସାଧ୍ୟ ସାଧନ କରନ୍ତି। ତାଙ୍କର ରୋଜଗାର ବହୁତ। ଲୋକମାନେ କହନ୍ତି, ଏବେ ବ୍ୟବସାୟୀ, ଡାକ୍ତର,

ଇଞ୍ଜିନିୟର କି ବିଲ୍ଡର ଘରେ କେତେ ଟଙ୍କା ରୋଜଗାର କରିବେ, ଆମ ପୁରୋହିତ ରୋଜଗାର ଗଣି ପାରନ୍ତିନି, ନ ଗଣି ଅଖାରେ ରଖିଦିଅନ୍ତି । ଦେଶରେ ଯେବେ ଡିମନିଟାଇଜେସନ୍ ହେଲା, ସେ ଭାରି ହଇରାଣ ହୋଇଛନ୍ତି । ଏତେ କହିବା ବାହୁଲ୍ୟ, ସେ ସେତିକି ଉପଯୋଗୀ ବୋଲି ସିନା ଲୋକ ତାଙ୍କ ଉପରେ ଏମିତି ପଇସା ଠୁଳ କରନ୍ତି । ଅନେକଥର ସେ ଏମିତି କହନ୍ତି ଯାହା ତଳେ ଉଲ୍ଲେଖ କରାଗଲା ।

ମୋ ଯଜମାନ ହୋଇ ଏମିତି ଭାବିବେ, ଏମିତ କହିବେ ? ଜୀବନଟା ଅସାର, ଅଳୀକ ଆଉ ଅବାସ୍ତବ ? ଯେଉଁ ଲୋକ ପାଠ ଆଦୌ ପଢିନି, କେବଳ ଜୀବିକା ଅର୍ଜନ କରି ବଞ୍ଚୁଛି ସେ ଜୀବନଟା ବାସ୍ତବ କି ଅବାସ୍ତବ ଜାଣେନି । ଯେଉଁମାନେ ପୁରାଣ ପଢ଼ନ୍ତି କି ଶାସ୍ତ୍ର ପଢ଼ନ୍ତି, ସେମାନଙ୍କ ମନରେ ଗୋଟିଏ ନୂଆ ଧାରଣା ସୃଷ୍ଟି ହୁଏ । ଜୀବନର ଆଉ ଗୋଟିଏ କଳ୍ପନାତ୍ମକ, ସିଦ୍ଧାନ୍ତାତ୍ମକ ଅବା ପୁସ୍ତକଗତ ଦିଗ ରହିଛି । ଏହା ବହୁ ପରିମାଣରେ ସତ୍ୟତାକୁ କଳ୍ପନାରେ ବିଷାଦ ଢଙ୍ଗରେ ପରିପ୍ରକାଶ କରେ ।

ମୋର ଯଜମାନମାନେ ଜନ୍ମ ହୋଇଛନ୍ତି ଜୀବନଟା ପରିପୂର୍ଣ୍ଣ ଭାବରେ ଉପଭୋଗ କରିବେ । ସମଗ୍ର ସୃଷ୍ଟି ଗୋଟିଏ ନିୟମାଧୀନ । ଏହାର ଗତି, ତାତି, ବାୟୁ, ଜଳ, ଧାତୁ ସବୁ ପଦାର୍ଥ ଗୁଣରେ ସଞ୍ଚାଳିତ । ତା ମଧ୍ୟରୁ ଯେଉଠି ଭାଗ-ମାପରେ ବାୟୁ, ଜଳ, ମାଟି, ଆକାଶ ଏବଂ ସୌରତାପ ରହିଛି ସେଇଠି ହିଁ ପଞ୍ଚଭୂତାତ୍ମା ଜନ୍ମନିଏ । ପ୍ରତି ଜୀବର ଶରୀର ସହିତ ମନ, ବିବେକ ଏବଂ ଆତ୍ମା ରହିଛି । ଶରୀର ଦେଖାଯାଏ, ମନ ଦେଖାଯାଏନି କିନ୍ତୁ ଏହା କାର୍ଯ୍ୟତଃ ଅନୁଭବ କରିହୁଏ । ବିବେକ ଅନେକାଂଶରେ ନିଜର ଉପସ୍ଥିତି ଜାହିର କରେ । କିନ୍ତୁ ଆତ୍ମା ମଣିଷର ଗୋଟିଏ ସଂପୂର୍ଣ୍ଣ ସିଦ୍ଧାନ୍ତଗତ ଉପାଦାନ । ଏହା ମନ ନୁହେଁ କି ବିବେକ ନୁହେଁ ମାତ୍ର ଅସଲ ପରମାତ୍ମାର ଏକ ସ୍ୱରୂପ । ଧରି ନିଅନ୍ତୁ ଆଧାର କାର୍ଡ ନମ୍ବର ପରି ।

ସବୁ ଜୀବ ଗୋଟିଏ ସୂକ୍ଷ୍ମ ନିୟାମକରେ ଜନ୍ମ ନିଅନ୍ତି । ସେମାନଙ୍କର ଶରୀର ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଗଠିତ । ମନଟା ପରିବାର ଓ ସମାଜ ନେଇ ସୃଷ୍ଟି ହୁଏ ଏବଂ ବିବେକ ଗଠିତ ହୁଏ । ସେହି ମନ ଓ ବିବେକର ପଦକ୍ଷେପ ଅନେକ ସମୟରେ ଜଡ଼ ଶରୀର ଉପରେ ପ୍ରଭାବ ପକାଏ । ଏବେ କଥା ଉଠୁଛି ଦୁନିଆରେ ବଞ୍ଚି ରହିବାକୁ ପ୍ରତି ଜୀବର ଆନ୍ତରିକ ଇଚ୍ଛା ସ୍ୱତଃ ସୃଷ୍ଟି ହୋଇଥାଏ । କିଏ ଇଚ୍ଛା ପ୍ରକାଶ ନକଲେ ବି ଏହା ପ୍ରତିବର୍ତ୍ତୀ ବା ପ୍ରତିକ୍ରିୟାଶୀଳ ଭାବରେ ସୃଷ୍ଟି ହୋଇଥାଏ । ଦୁନିଆରେ ସମୟଚକ୍ରରେ କୌଣସି ଜଡ଼ ପଦାର୍ଥ ବି ଅମର ନୁହେଁ । ମାତ୍ର ଜଡ଼ ପଦାର୍ଥ ତୁଳନାରେ ଜୀବ ବହୁ କମ୍ ଆୟୁରେ ପୁନର୍ଗଠନର ସୀମାରେ ଉପନୀତ ହୋଇଯାଏ । ଏହାକୁ ବୁଦ୍ଧିମାନ ମଣିଷ ମୃତ୍ୟୁ ନାମ ଦେଇ ସେଇ ମୃତ୍ୟୁ-ତ୍ରାସ ଭାବରେ ବିବେଚନା କରେ ।

ଯାହାହେଉ, ପ୍ରତିଟି ମଣିଷର ଜୀବନ କାଳ ରହିଛି । ସେହି କାଳରେ ସେ ସମାଜରେ ଅନ୍ୟମାନଙ୍କ ସହିତ ତାଳ ଦେଇ ଚାଲିବାରେ ତାର ଭାରସାମ୍ୟ ଆବଶ୍ୟକ । ଭଲପାଇବା ମଣିଷର ପ୍ରବୃତ୍ତି ଏବଂ ଜଣେ ଭଲପାଉଛି ବୋଲି ଜାଣିଲେ ମନ ଆଉ ହୃଦୟ ଆନନ୍ଦରେ ଭରିଯାଏ । ଆଉ ଜଣେ ଯଦି ଭଲ ପାଇଲେ, ମନକୁ ଖୁସି ଲାଗେ, ନିଜେ ନିଜକୁ ଭଲ ପାଇବାଟା ତ ପାଖର କଥା, ମନ ପୂରିଯିବ ଏବଂ ନିଜକୁ ଶାନ୍ତି ଲାଗିବ । ଅନ୍ୟ ଜଣେ କଥା ହେଲାବେଳେ କି କୌଣସି ଭାବ ପ୍ରକାଶ କଲାବେଳେ, ନିଜ ମନଟା ବିକ୍ଷିପ୍ତ ଲାଗେ । କିନ୍ତୁ ଯଦି ଜଣେ ନିଜକୁ ଭଲ ପାଇବସିବ, ନିଜର ମନ ସଂକ୍ଷିପ୍ତ ଏବଂ ମନଯୋଗୀ ବା ସତର୍କ ହୋଇପାରିବ । ନିଜର ପୂର୍ଣ୍ଣତା ତଥା ଅଖଣ୍ଡତା ବଜାୟ ରହିବ ।

କଥାରେ ରହିଛି, ଯଦି କାହାକୁ ଭଲ ପାଇବ, ତେବେ ପ୍ରଥମେ ନିଜକୁ ଭଲ ପାଇ ବସ । ସେଇଟା ସବୁଠାରୁ ଆନନ୍ଦଦାୟକ । ଏହି ପ୍ରୀତି ପରିବାର, ବନ୍ଧୁ ଅବା କେହି ସମ୍ପର୍କୀୟଙ୍କ ପାଖରୁ ମିଳିପାରେ, ତାହା ନିଶ୍ଚୟ ହୃଦୟକୁ ଆନନ୍ଦରେ ଭରିଦିଏ ଏବଂ କାମରେ ମନଯୋଗ ଦେବାର ଆଶା ଦୃଢୀଭୂତ କରେ । ଏହି ବାହ୍ୟ ପ୍ରୀତିଠାରୁ ନିଜ ସହିତ ପ୍ରୀୟ ମନୋଭାବ ବହୁଗୁଣରେ ଦରକାରୀ । ନିଜର ପରୋପକାରକୁ ମନ ମଧ୍ୟରେ ସ୍ୱୀକାର କରି ଲବ୍ଧ ପ୍ରଶଂସା ଏବଂ ସମାଜିକ ସମ୍ମାନ ଯେଭଳି ଆନନ୍ଦ ଦିଏ, ସେପରି କୌଣସି ମନ ମଧ୍ୟରେ କଳ୍ପିତ ସେବାର ପ୍ରୟୋଗ ନିମନ୍ତେ ନିଜକୁ ଉତ୍ସାହିତ କରିବା ହିଁ ଆତ୍ମ-ପ୍ରୀତିର ଉଦାହରଣ । ମନେକର କେହି ଜଣେ ସମର୍ଥ ଏବଂ ଗାଆଁ ଦାଣ୍ଡରେ ସର୍ବସାଧାରଣ ବ୍ୟବହାର ପାଇଁ ଗୋଟିଏ ଅଳିଆ ପକାଇବା ଡବା ପ୍ରଦାନ କରି ଲୋକମାନଙ୍କୁ ଏହାର ବ୍ୟବହାର କରିବାକୁ ପ୍ରବର୍ତ୍ତାଇବାକୁ ମନସ୍ଥ କରନ୍ତି, ଏହା କେହି ଜାଣନ୍ତିନି, କେବଳ ସେଇ ଦାନକାରୀ ବ୍ୟକ୍ତିଙ୍କର ମନ ହିଁ ଜାଣେ । ଏହି କାମ ପାଇଁ ସେ ନିଜକୁ ପ୍ରିୟ ଭାବରେ ଗୁଣାବଧାରଣ ବା ପ୍ରଶଂସା କରି ଏହି ଦିଗରେ ବିନା ଦ୍ୱିଧାରେ ଅଗ୍ରସର ହେବାର ଆଗ୍ରହକୁ ତ୍ୱରାନ୍ୱିତ କରିବା । ଏହା ହିଁ ଆତ୍ମ-ପ୍ରୀତି ।

ଯେ କେହି ଭାବିବ ଯେ, ଆତ୍ମ-ପ୍ରୀତି ସ୍ୱାର୍ଥପର ହୋଇପାରେ, ଆତ୍ମ-ଗ୍ଲାନିର କାରଣ ବି ହୋଇପାରେ । କିନ୍ତୁ ନିୟମିତ ଅଭ୍ୟାସ ବଳରେ ନିଜର ଆତ୍ମମର୍ଯ୍ୟାଦା ସହିତ ଏହା ବି ସମାଜର ଅନ୍ୟାନ୍ୟ ସମ୍ପର୍କୀୟମାନଙ୍କ ପାଇଁ ଉତ୍ସର୍ଗୀକୃତ ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।

ମଣିଷ ସମାଜରେ ବଞ୍ଚିବାକୁ ହେଲେ, ତାକୁ ଅନେକ ଉପାଦାନ ଅନ୍ୟମାନଙ୍କ ପାଖରୁ ଗ୍ରହଣ କରିବାକୁ ପଡ଼େ, ଏବଂ ପରିପୂରକ ଭାବରେ ସେତିକି ପ୍ରଦାନ କରିବାକୁ ପଡ଼ିଥାଏ । ଏହି ସବୁ ପ୍ରକ୍ରିୟାରେ ଅଂଶଗ୍ରହଣ ଏବଂ ଆଦାନ ପ୍ରଦାନ ପଦ୍ଧତିରେ ଆତ୍ମ-ପ୍ରୀତି ଏବଂ ଆତ୍ମବୋଧ ନିଶ୍ଚୟ ସକାରାତ୍ମକ ପ୍ରଭାବ ପକାଇବ । ଫଳରେ ନିଜର ସୁସ୍ଥ ମାନସିକତା, ଅନ୍ୟମାନଙ୍କ ପାଖରୁ ଶିକ୍ଷା କରିପାରିବାର ଗ୍ରହଣଯୋଗ୍ୟତା ବଢ଼ିଥାଏ । ତା ସହିତ ପ୍ରୋତ୍ସାହନ ବଳରେ ନିଜର ଦୃଢ଼ ସଂକଳ୍ପ କରିବାର ମାନସିକତା ଆସିଯାଏ । କୌଣସି କାରବାର ପରେ ମନରେ ଗ୍ଲାନି ଆସେନି ଏବଂ ସୁନିଦ୍ରା ହୋଇଯାଏ ।

ଆମର ପୁରୋହିତ ରଥଶର୍ମା ବେଦ, ଉପନିଷଦ୍ ଏବଂ ସବୁ ପୁରାଣ ପଢିଛନ୍ତି । ସେ କେବଳ ପୌରହିତ୍ୟ କରନ୍ତିନି, ଆମ ଖଣ୍ଡମଣ୍ଡଳରେ ଯଜ୍ଞ,

ପ୍ରବଚନ ଆଦି ଦିନ ଦିନ ଧରି ସମ୍ପନ୍ନ କରିବାର କୃତିତ୍ୱ ତାଙ୍କର ରହିଛି। କେବଳ ତାଙ୍କର ଗୋଟିଏ ପ୍ରାଥମିକ ଆବଶ୍ୟକତା ହେଲା ଉଚ୍ଚ ଶବ୍ଦ ବିଶିଷ୍ଟ ମାଇକ୍‌ଟିଏ ନିହାତି ଦରକାର। ସେ ବଡ ପାଟିରେ ଅନର୍ଗଳ ଭାବରେ ସଂସ୍କୃତ ଏବଂ ଓଡିଆ ଶ୍ଳୋକଗୁଡିକ ଗୀତିମୟ ଢଙ୍ଗରେ ବୋଲି ଚାଲିଥିବେ ଏବଂ କହିଚାଲିଥିବେ। ଆଜି ମାଇକ୍ ନାହିଁ ସତ, କିନ୍ତୁ ସେ ଅନର୍ଗଳ ଭାବରେ କହି ଚାଲିଛନ୍ତି ଏବଂ ଆମେ ଶୁଣି ଚାଲିଛୁ।

ସତରେ ଏତେ ସାଧାରଣ କଥା ଅଛି, ଜାଣି ବି ଆମେ ଅଜଣା ରହିଛୁ। ଦେଖିବାକୁ ଗଲେ, ଏହି ଆତ୍ମ-ପ୍ରିତି ବିଷୟ ଆଗକୁ ବଢ଼ିଲେ, ଆମର ନିଜର ମନକୁ ଆତ୍ମ ତୃପ୍ତି ବା ଆତ୍ମସନ୍ତୋଷ ଆସିବ, ଦୈନନ୍ଦିନ କାର୍ଯ୍ୟରେ ଆଗ୍ରହ ବଢ଼ିବ। ନିଜର ଶରୀର ସୁସ୍ଥ ରଖିବାକୁ ତତ୍ପରତା ଆସିବ। ଶରୀର ଅସୁସ୍ଥ ରହିଲେ, ଅବହେଳା କରି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଜଣେ ହେଳା କରିପାରିବ ନାହିଁ। ଜଣେ ଯଦି ନିଜ ଜୀବନ ଏବଂ ଭବିଷ୍ୟତ ପ୍ରତି ଦୃଷ୍ଟି ନରଖି କାମ କରୁଥିବ, ତେବେ ସେ ଆସନ୍ତାକାଲିକୁ ବିଚାର ନକରି କେବଳ ବର୍ତ୍ତମାନ ଭିତରେ ମଜ୍ଜି ଯାଇଥିବ।

ଏଇଟା ବି ପ୍ରକୃତ କଥା, ନିଜକୁ ଭଲ ପାଇଲେ ଯାଇ, କୌଣସି ପ୍ରଶ୍ନର ଉତ୍ତର ସିଧାସଳଖ ଦେଇପାରିବ। ସ୍ଥିର ମନରେ ନିଷ୍ପତ୍ତି ନେଇପାରିବ। ଏହି ଆତ୍ମ-ପ୍ରିତି କିଛି ନୂଆ କଥା ନୁହେଁ। ସମସ୍ତେ ଊଣା ଅଧିକେ ନିଜକୁ ଭଲପାଆନ୍ତି। କିନ୍ତୁ ତାହା ଜ୍ଞାତ ଭାବରେ ନୁହେ, ଅଜ୍ଞାତ ଭାବରେ। କେବଳ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଯଦି କିଛି ଦରକାର ପଡ଼େ, ଜଣେ ସତର୍କ ହୋଇପାରେ, ମାତ୍ର ନିଜକୁ ଭଲ ପାଉଥିବା ଲୋକ ସବୁବେଳେ କେଉଁଠି କଅଣ କରାଯାଏ, ସେ ଦୃଢ ନିଷ୍ପତ୍ତି ନେଇପାରିବ।

ରଥଶର୍ମା ଗାଆଁର ସବୁ ଲୋକଙ୍କୁ ନିକଟରୁ ଚିହ୍ନନ୍ତି। କିଏ ସ୍ଥିରମନା, କିଏ ଅସ୍ଥିରମନା, କିଏ ହେଳାଦସ୍ତିଆ ଅବା କିଏ ଜିଦ୍‌ଖୋର ଭଲ ଭାବରେ ଜାଣନ୍ତି। ତଥାପି କହିଲେ, ଗାଆଁର ଗୋଟିଏ ଲୋକର ଉଦାହରଣ ଦେବି, ଯେ ଅହଂକାରୀ ନୁହେଁ କି ସ୍ୱାର୍ଥପର ନୁହେଁ କିନ୍ତୁ ସଦାପ୍ରସନ୍ନ, ଦୁଃଖରେ ଏତେ ହତାଶ ନୁହେଁ କି ସୁଖରେ ଏତେ ଆନନ୍ଦିତ ନୁହେଁ। କିନ୍ତୁ ସେ ନିଜକୁ ଏତେ ଭଲ ପାଏ ଯେ, ମଣିଷ ପଦବାଚ୍ୟ ହୋଇପାରିଛି।

ସିଏ ଜଣେ ଅଳ୍ପ ପାଠପଢ଼ା ସାଧାରଣ ଲୋକ। କିନ୍ତୁ ପାଠ ହେଉ କି ଶାଠ ହେଉ, ଭଲମନ୍ଦଟା ଠିକ୍‌ରେ ଠଉରେଇ ପାରିବ। ବନ୍ଧୁବାନ୍ଧବ ଅତିଥି-ଅଭ୍ୟାଗତ ସମସ୍ତଙ୍କୁ ଯଥା ଭାବରେ ଚର୍ଚ୍ଚା କରିବ, ନା ଅତିମାନ୍ୟ ନା ହତାଦର କରିବ। କିନ୍ତୁ କୌଣସି ସମ୍ବେଦନ-ଜନିତ ଆଚରଣ କରିବ ନାହିଁ। ଲୋକଟା ନିହାତି ଦରକାର ନହେଲେ କାହା ପାଖରେ ହାତ ପତାଇବ ନାହିଁ। ନିଜ ପରିବାରରେ କୌଣସି ଦୈବ ଦୁର୍ଘଟଣା ଘଟିଲେ, ଦିନ କେଇଟାରେ ଦୈବଯୋଗକୁ ବିଶ୍ୱାସ କରି ଦୀର୍ଘଦିନ ପର୍ଯ୍ୟନ୍ତ ମାନସିକ ଅଶାନ୍ତି ଭୋଗ କରେନି। ଏମିତିକି ନିଜର ନିକଟ ସମ୍ପର୍କୀୟ ମୃତ୍ୟୁବରଣ କଲେ ତାକୁ ଅଳ୍ପଦିନ ମଧ୍ୟରେ ସତ୍ୟ ବୋଲି ଧରିନିଏ। ସାମାଜିକତାରେ କୌଣସି ଅଭାବ ରହେ ନାହିଁ। ଅନେକଙ୍କ ପରି ବୃଦ୍ଧ ପିତାଙ୍କ ତିରୋଧାନ ପରେ ବର୍ଷ ବର୍ଷ ଧରି ତାକୁ ଝୁରିବା ମାନସିକତା ତା ପାଖରେ ନାହିଁ।

ଦିନେ ସେଇ ଲୋକକୁ ରଥଶର୍ମା ନିରୋଳାରେ ପରାରିଲେ ହରି, ତୁମର ହୃଦୟଟା କେତେ ନିଷ୍ଠୁର ଆଉ ପଥର କି ? ତୁମର ସାଇଭାଇ ନିଜ ସମ୍ପର୍କୀୟ ଚାଲିଗଲେ, ତୁମର ଆଖିରେ ଟୋପାଏ ଲୁହ ନାହିଁ ?

ହରି ଉତ୍ତର ଦେଇଥିଲା, ଅଛି ପୁରୋହିତ ଆଜ୍ଞା, ମଣିଷ ହୋଇ ସମ୍ବେଦନଶୀଳତା କିପରି ରହିବନି ? ମୋ କାନ୍ଦଟା କେହି ଦେଖିପାରନ୍ତିନି କି ମୁଁ ଦେଖେଇହୋଇ କାନ୍ଦେନି। ମୋ ମନ ବୁଝିବାଯାଏ ମୁଁ ଛଟପଟ ହେଉଥାଏ। ଶେଷକୁ ନିଜକୁ ମୃତକ ଭାବେ ଧରିନେଇ ନିଜକୁ ସାନ୍ତ୍ୱନା ଦିଏ। ନିର୍ବିକାର ହୋଇଯାଏ। ଯାହା ରଥେ ଆପଣ ଗୀତା ପଢ଼ି ବୁଝାଇଛନ୍ତି। ଅଶିକ୍ଷିତ ଲୋକ ମୁଁ। ଯେତିକି ବୁଝିଛି। ଜୀବନଟା ଯେତିକି ସୁଖମୟ, ସେତିକି ଦୁଃଖମୟ। ଯିଏ ପାହାଡ଼ ଯେତିକି ଚଢ଼ିବ, ସେତିକି ଓହ୍ଲାଇବ। ତେଣୁ ସୁଖରେ ଅତିଶୟ ଆନନ୍ଦିତ ହେବା ଯାହା, ଦୁଃଖରେ ଅତିଶୟ କାତର ହୋଇପଡିବ ସେଇୟା। ମୃତ୍ୟୁଭୟରେ କତରା ଘୋରାଇ ନିଜକୁ ଲୁଚାଇଦେବା ବି ସେଇୟା।

ହରି ଗୋଟିଏ କଅଣ କହିବ କହିବ ବୋଲି ହେଉଥିଲା, କିନ୍ତୁ ସାହସ ବାନ୍ଧି ପାରୁ ନଥିଲା। ରଥେ ଭରସି କହିଲେ, ମୁହଁ ଖୋଲି କହିଦେ, କଅଣ କହିବାକୁ ବୋଧେ ଚାହୁଛୁ।

ହରି କହିଲା, ଆପଣଙ୍କୁ ମୁଁ କଅଣ କହିବି ? ଜୀବନଟା କେତେ ମୂଲ୍ୟବାନ୍ ଏଇଟା ବୁଝିବାକୁ ବହୁତ କମ୍ ଲୋକ ଅଛନ୍ତି। ଦୁନିଆରେ ଜୀବନ ଅହରହ ସୃଷ୍ଟି ଏବଂ ବିଳୟ ଚାଲିଛି। ଏଇଟା ମାଟିର ନିୟମ। କିନ୍ତୁ ଗଲାମାସରେ ସେ ମୁଦୁଲି ଘରର ଝିଅ ଯେମିତି ଜୀବନ ହରାଇଦେଲା, ସେ କଥା ମୁଁ ଭାବି ଭାବି ଆତ୍ମହତ୍ୟାକାରୀକୁ ମୁଁ କେବେ ବି କ୍ଷମା କରିପାରୁନି। ସ୍ୱାମୀ ଯଦି ହରକତ କଲା, ଅମାନୁଷିକ ହେଲା, ବାପଘରକୁ ଚାଲି ଆସିଥାଆନ୍ତୁ। ଜୀବନଟା କେତେ ମୂଲ୍ୟବାନ। କୋଟି କୋଟି ବର୍ଷର ପୁଣ୍ୟ ବା ଗୁଣ ବଳରେ ଛଅ କୋଡି ବରଷର ଜୀବନ ପାଇଛୁ, ହରାଇବୁ କାହିଁକି ? ଏଇଟା ତାର ପରମ ମୂର୍ଖତା ନୁହେଁ ଆଉ କଅଣ କହିଲେ ରଥେ ଆପଣ !

ରଥଶର୍ମାଙ୍କୁ ବହୁତ ଆନନ୍ଦ ଲାଗିଲା। ତାଙ୍କ ମୁଖ ନିସୃତ ଗୀତା ଶୁଣି ନିପଟ ମଫସଲର ହରିବୋଲିଆ ବଢ଼େଇ ଯାହା ଶିଖିଛି ଆଉ ବୁଝିଛି, ସେ ନିଜେ ଗୀତା ପଢ଼ିପଢ଼ି ବୁଢ଼ା ହେଲେ ବି ସେମିତି ନିଜ ମନକୁ ଆତ୍ମ-ପ୍ରୀତି ଆଣି ପାରିନାହାନ୍ତି। ସତରେ ହରିବୋଲିଆ ନିଜକୁ ଖୁବ୍ ଦୃଢ ମନେକରେ। ତା ନିଜର ମୁଦ୍‌ଗର ପରି। ନିଜକୁ ଅତି ଭଲପାଏ। ଯାହା ଶୁଣେ ଯାହା ଦେଖେ, ନିଜପ୍ରତି କେତେଟା ପ୍ରଯୁଜ୍ୟ ସେତେକ ପ୍ରୟୋଗ କରିବାକୁ ହେଳା କରେନି।

ହରିବୋଲିଆ ନିଜ ଜୀବନର ମୂଳ ଠିକ୍‌ରେ ବୁଝିଛି। କାହାର ଆତ୍ମହତ୍ୟାକୁ ହୀନଦୃଷ୍ଟିରେ ଦେଖି ଯାହା ଧାରଣା କରୁଛୁ, ସ୍ୱୟଂ ବେଦ ଉପନିଷଦ୍ ପଢି ବି ରଥେ ଆପଣଙ୍କର ବି ସେତିକ ନାହିଁ ବୋଲି ତାଙ୍କ ମନରେ ସଂସୟ ଜାତ ହୋଇଛି।


ଏହାଦ୍ୱାରା ସୀମିତ ସମ୍ବଳ ଭିତରେ ଅଭାବ ଅନାଟନ ମଧ୍ୟରେ ତାର ମାନସିକ ଦୃଢତା ରହିଛି। ସେ ଜୀବନରେ ପରିତୃପ୍ତ। ନିଜର ଦୃଢ ପ୍ରୋତ୍ସାହନ

ରହିଛି । ତାର ନୈତିକତା ରହିଛି, ବିଶ୍ୱାସ ରହିଛି ନିଜ ଉପରେ ଏବଂ ସମସ୍ତଙ୍କ ଉପରେ । ନିଜର ଭୁଲଭଟକା ସହଜରେ ମାନିନେଇ କ୍ଷମା ପ୍ରାର୍ଥନା କରେ, ଏଥିରେ ତାହାର ମାନମହତ ଚାଲିଯିବ, ଏମିତି କେବେ ଦୁଃଖ କରେନି ।

କୁମ୍ଭୀରଗଡ଼ ଗାଆଁର ପୁଷ ପୂର୍ଣ୍ଣମୀର ଗାଆଁ ସଭାରେ ଏତକ କହିବା ପରେ ଗାଆଁବାଲା ଜାଣିଲେ, ତାଙ୍କ ପାଖରେ ଜଣେ ବିଚକ୍ଷଣ ଲୋକ ରହିଛି, ଯିଏ ହିଁ ଜୀବନକୁ ଉପଭୋଗ କରୁଛି, ଆଉ ସମସ୍ତେ ବିନା କାରଣରେ ମାନସିକ ଦୁଃଖରେ ଭାଙ୍ଗି ପଡୁଛନ୍ତି । ଅନେକ ଚିନ୍ତା କରିବାକୁ ଲାଗିଲେ, ସତରେ ହରି ଭାରି ହସଖୁସିଆ ଲୋକ, ଖାଇବା ନଥିଲେ ବି ସେ କେବେ କାତର ହୁଏନି କି ତାକୁ ଯେତେ ପ୍ରଶଂସା କଲେ ବି ସେତେ ଗର୍ବିତ ହୁଏନି ।

ସେଇ ହିଁ ଆତ୍ମ-ପ୍ରୀତିଭରା ହରିବୋଲିଆ ।

ସମାରୋହ, ୧୨୫, ଡୁମୁଡୁମା (କ),
ଭୁବନେଶ୍ୱର-୭୫୧୦୩୦
ମୋ - ୯୪୩୮୦୦୭୫୦୯



# ଏ ଜୀବନ ଆନନ୍ଦଭରା : ଏ ମଣିଷ ଅମୃତ ସନ୍ତାନ

*ପ୍ରଫେସର ବିଷ୍ଣୁପ୍ରିୟା ଓତା*

ସୃଷ୍ଟିରେ ଶ୍ରେଷ୍ଠଜୀବ ମଣିଷ। ସଂସାରରେ ଜନ୍ମ ନେଇଥିବା ପ୍ରତ୍ୟେକଟି ପ୍ରାଣୀ ଆହାର ବିହାର ମଧ୍ୟରେ ଜୀବନ ଜୀଇଥାଏ। ମାତ୍ର ମଣିଷ ତାର ମସ୍ତିଷ୍କ ବା ବିବେକ ବୁଦ୍ଧିମତା ନିମନ୍ତେ ଇତର ପ୍ରାଣୀଠୁଁ ଭିନ୍ନ। ଭଲ ଆଉ ମନ୍ଦର ବିଚାରଶକ୍ତି ତା ନିକଟରେ ରହିଛି। ଭଗବାନଙ୍କର ଏହି ବିଶାଳ ସୃଷ୍ଟି ଖୁବ୍ ସୁନ୍ଦର ! ପାହାଡ଼ପର୍ବତ, ଝରଣାନଦୀ, ସମୁଦ୍ର, ବୃକ୍ଷଲତାର ସବୁଜିମା ସବୁକିଛି ଖୁବ୍ ରମଣୀୟ ଓ ଆନନ୍ଦମୟ। ମଣିଷ ଜୀବନ ମଧ୍ୟ ଆନନ୍ଦମୟ। ଆମ ଧର୍ମସଂସ୍କୃତିରେ ବିଶ୍ୱାସ ରହିଛି ଯେ କେତେ ପୁଣ୍ୟ କରିଥିଲେ ମଣିଷ ଜନ୍ମ ମିଳିଥାଏ। ସୁକର୍ମ ହିଁ ଆନନ୍ଦ, ସୁଚିନ୍ତନ ହିଁ ଆନନ୍ଦ। ନିଷ୍କାପର ଭାବରେ କର୍ମ କରିବା ଦ୍ୱାରା ମଣିଷ ଏକ ପ୍ରକାରର ଆତ୍ମତୃପ୍ତି ଲାଭ କରିଥାଏ। ତେଣୁ ଜୀବନଟା ଆନନ୍ଦମୟ ମନେକରି କର୍ତ୍ତବ୍ୟ କରିବା ପ୍ରତିଟି ମଣିଷର ଧ୍ୟେୟ ହେବା ଆବଶ୍ୟକ।

ପ୍ରଥମେ ଆମେ ପରିବାରରୁ ଆନନ୍ଦ ଅନୁଭବ କରିବା। କୁହାଯାଇଛି, "ବୈକୁଣ୍ଠ ସମାନ ଅଟେ ଆହା ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।" ସୁନ୍ଦର ଘରଟିଏ କେବଳ ଇଟା ପଥର ଅବା ଦାମୀ ମାର୍ବଲ୍ କାରୁକାର୍ଯ୍ୟ ଖଚିତ ହେଲେ ହୁଏନା। ଘରଟିରେ ବାପା ମାଆ, ଭାଇ ଭଉଣୀ, ସ୍ୱାମୀ ସ୍ତ୍ରୀ, ପୁଅ ଝିଅ ସମସ୍ତଙ୍କର ପରସ୍ପର ପ୍ରତି ସ୍ନେହ ପ୍ରେମ ଭଲପାଇବା ମନପ୍ରାଣ ଆନନ୍ଦରେ ଭରିଦିଏ। ସମସ୍ତେ ଭଗବାନଙ୍କ ଉଦ୍ଦେଶ୍ୟରେ ଗାନ କରନ୍ତି, "ହେ ଆନନ୍ଦମୟ କୋଟିଭୁବନ ପାଳକ", ଭଗବାନଙ୍କୁ ଆନନ୍ଦମୟ ବୋଲି ସମ୍ବୋଧନ କରିଥାନ୍ତି। କେବଳ ନିଜ ପରିବାର ନୁହେଁ ପଡ଼ୋଶୀ ପରିବେଶ, ସମାଜ ଏବଂ ନିଜ ଦେଶ ତଥା ଏଥିର ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଭାବ ରଖି ନିଷ୍କାପର କର୍ମ ମାଧ୍ୟମରେ ମଣିଷ ଆନନ୍ଦ ପାଏ। ଶିକ୍ଷକଟିଏ ଉତ୍ତମ ଶିକ୍ଷାଦାନ, ଚିକିତ୍ସକଙ୍କର ଉତ୍ତମ ଚିକିତ୍ସା, ସେବାକାରୀଙ୍କର ନିଷ୍କାପର ସେବା ଏବଂ ଜନନାୟକଙ୍କର ସୁଶାସନ ହିଁ ଆନନ୍ଦର କିରଣ। ଏଭଳି ଆନନ୍ଦମୟ ସଂସାରକୁ ଛାଡ଼ି ଚାଲିଯିବାକୁ ମଣିଷ ଚାହେଁ ନାହିଁ। କବି ରବୀନ୍ଦ୍ରନାଥ ଟାଗୋର ଏହି ଅନୁଭବରୁ ଲେଖିଥିଲେ –

"ମରିତେ ଚାଇନା ଆମି ସୁନ୍ଦର ଭୁବନେ
ମାନୁଷର ମାଝେ ଆମି ବାଚିବାର ଚାଇ।"

ଏହି ମଣିଷମାନଙ୍କ ମଧ୍ୟରେ ବଞ୍ଚିବାର ଆନନ୍ଦ ହିଁ ଜୀବନର ସର୍ବଶ୍ରେଷ୍ଠ ଆନନ୍ଦ। ସଂସାରର ଶ୍ରେଷ୍ଠ ଆନନ୍ଦ ସନ୍ନିବେଶିତ ହୋଇ ରହିଛି ଅନେକ ମାନବିକ ଗୁଣର ସତ୍ତା ମଧ୍ୟରେ, ବିଶ୍ୱାସ, ଶ୍ରଦ୍ଧା, ଆତ୍ମୀୟତା, ଭରସା ଆଦିରେ। ଯେ କୌଣସି କାମ କରି ପାରିବାର ବିଶ୍ୱାସ ନିଜ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟିକରେ। ଆତ୍ମବିଶ୍ୱାସ ଦୁନିଆରେ ଆଦର୍ଶ ସୃଷ୍ଟି କରିପାରେ। ଅନେକ ପ୍ରତିବନ୍ଧକ ଆସିପାରେ, କିନ୍ତୁ ବିଶ୍ୱାସ ସାମନାରେ ମିଳେଇଯାଏ। ସଂସାର ସୁନ୍ଦର, ସଂସାରର ଜୀବନ ବି ସୁନ୍ଦରତମ। ସେଥିପାଇଁ କବିଙ୍କ ଭାବମୟ ପଦ –

"ଏକି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର,
ଧନ୍ୟ ମହାପ୍ରଭୁ ମହିମା ତୁମର ଅଟେ ଆନନ୍ଦ ଅପାର।"

ମଣିଷ ଜୀବନ ଏ ସୃଷ୍ଟିର ଉପଲବ୍ଧମୟ ପ୍ରାଚୁର୍ଯ୍ୟ ମଧ୍ୟରେ ବେଶ୍ ସାର୍ଥକ ମନେହୁଏ। ଦେବପ୍ରଦତ୍ତ ଏହି ଧରାର ଆନନ୍ଦର ଭଣ୍ଡାର ଯେବେ ମଣିଷର ଅନୁଭବକୁ ଆସେ ଏବଂ ଏହି ସୃଷ୍ଟିର ମହତ୍ତ୍ୱ ଯେତେବେଳେ ଇନ୍ଦ୍ରିୟାନୁଭୂତ ହୁଏ ସେତେବେଳେ ମଣିଷ ଜୀବନ ହିଁ ସାର୍ଥକ ହୋଇଉଠେ। ମନରେ ଉନ୍ମାଦନା ସୃଷ୍ଟି ହୁଏ, କିଏ ସେହି ଅଦୃଷ୍ଟ ଜୀବନ ପାଇଁ ଅଯାଚିତ ଅପାର ଆନନ୍ଦର ଭଣ୍ଡାର ଗଢ଼ିତୋଳିଛନ୍ତି ! ତର୍କରେ ସିଏ ଯାହା ହୋଇଥାନ୍ତୁ, ସିଏ ନିଶ୍ଚୟ ଭଗବାନ। ମନରେ ଦର୍ଶନ ଜାଗିଉଠେ ସବୁଜ କବି ବୈକୁଣ୍ଠନାଥଙ୍କର–

"ଜୀବନପାତ୍ର ମୋ ଭରିଛ କେତେମତେ
ନ ଦେଲ କିଛି ବୋଲି କହିବି କିହେ ଆଉ
ଜୀବନେ ପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବୋହିଯାଉ"

ପ୍ରଭୁ ସମସ୍ତ ପଦାର୍ଥରେ ଜୀବନକୁ ପରିପୂର୍ଣ୍ଣ କରି ଦେଇଛନ୍ତି। ତେଣୁ ଜୀବନ ରୂପକ ନୌକାଟି ତାଙ୍କରି କୃପାସାଗରରେ ବହିଯାଉ। ଏଇଠି ଭରି ରହିଛି ଭଗବାନଙ୍କ ପ୍ରଦତ୍ତ ଆନନ୍ଦର ସାଗର। ଏଇଠି ବିଦ୍ୟମାନ ଜୀବନର ସମସ୍ତ ଆନନ୍ଦର ସକାର, ଭାବ ଆଉ ଅନୁଭବ। ଏହି ଚଳଚଞ୍ଚଳ ଧରାରେ ଚମତ୍କାର ଦୃଶ୍ୟ ଏବଂ ଧ୍ୱନିର ସମ୍ଭାରରେ ଜୀବନପାତ୍ରର ପ୍ରତିଟି ହୃଦସ୍ପନ୍ଦନ ରୂପ ନିଏ।

ଜୀବନର ଝଡ଼ଝଞ୍ଝା, ଆପଣା ଲୋକକୁ ହରାଇବାର ଦୁଃଖ, ରୋଗ , ପୁତ୍ର କନ୍ୟା ଦୂରେଇ ଯିବାର କଷ୍ଟ ସବୁ ପାସୋର ହୋଇଯାଏ ଏବଂ ଜୀବନ

ବି ମଧୁମୟ ହୋଇପାରେ। ମନର ସ୍ମରଣଶକ୍ତିରେ ସଂସ୍କାର ଆସେ, କ୍ଲେଶମୟ ସମୟ ଅନୁଭୂତିରେ ବି ସୁନ୍ଦର ହୋଇଆସେ। ମଧୁର ଜୀବନଧାରାକୁ କଳୁଷିତ କରିବାର ସ୍ମୃତି ଶକ୍ତି ଚିରଜୀବୀ ହୋଇପାରନ୍ତି ନାହିଁ। ସେଇ ଶକ୍ତି ବି ଦେବଦତ୍ତ। ମଣିଷ ଜୀବନକୁ ସର୍ବାଙ୍ଗ ସୁନ୍ଦର କରିବାର ପ୍ରଣେତା ସ୍ୱୟଂ ନାରାୟଣ।

ମନରେ ଆସେ ଆତ୍ମା ପରମାତ୍ମାର କଥା। ସଂସାରରେ ଜନ୍ମ ନେଲେ ମୃତ୍ୟୁ ଅନିର୍ବାଯ୍ୟ। ଭାଗବତରେ ରହିଛି,

"ମର୍ତ୍ତ୍ୟମଣ୍ଡଳେ ଦେହ ବହି
ଦେବତା ହେଲେ ହେଁ ମରଇ।"

ତେବେ ସୃଷ୍ଟିର ଯାହା ନିୟମ ଆମକୁ ସେଇଟା ଗ୍ରହଣ କରିବାକୁ ହେବ। କୋଟି କୋଟି ବର୍ଷର ଜୀବ ଜଗତ ଏହି ନିୟମରେ ବନ୍ଧା। ନର ଶରୀର ହେଉ ବା କୌଣସି ଜୀବ ଶରୀର ହେଉ, ଶରୀର ମାତ୍ରେ କ୍ଷୟିଷ୍ଣୁ। ଦେବତା ମଧ୍ୟ ସ୍ୱର୍ଗରୁ ଅବତରଣ କରି ମଣିଷ ଜନ୍ମ ନେଇଛନ୍ତି, ମାତ୍ର କେହି ମୃତ୍ୟୁଞ୍ଜୟ ହୋଇ ପାରିନାହାନ୍ତି। ତେବେ ଶରୀର ମରଣଶୀଳ, ସେହି ଶରୀରରେ ଜୀବଦ୍ଦଶାରେ ଆନନ୍ଦ ସାଗରର ଅନୁଭବରୁ ନିଜକୁ ବିଷାଦ ଚିନ୍ତାରେ ବୁଡାଇ ସମୟ ବିତାଇବା ଆମର ମୂର୍ଖତା ଛଡା ଆଉ କଅଣ ହୋଇପାରେ। ଯେତିକି ପରମାୟୁ ତା ମଧ୍ୟରେ ସଂସାରରେ ଆନନ୍ଦରେ କାଳଯାପନ କରିବା ହିଁ ଆମ ପକ୍ଷରେ ଶ୍ରେୟ।

ମୃତ୍ୟୁ ତ୍ରାସରେ ନପଡି ଧ୍ରୁବ ସତ୍ୟକୁ ଗ୍ରହଣ କରିବାକୁ ହେବ। ମରିଗଲେ ଜୀବନ ସରି ଯାଉନି। ଜଡ ଶରୀର ସ୍ଥୁଳ, ମରଣଶୀଳ ସତ, କିନ୍ତୁ ଜୀବନ ପ୍ରବାହିତ ସୂକ୍ଷ୍ମ ଶରୀର ହେଉଛି ଆତ୍ମା, ଯାହା ସମ୍ପୂର୍ଣ୍ଣ ଅବିନଶ୍ୱର। ଆତ୍ମାର ମୃତ୍ୟୁ ନାହିଁ। ଏହି ଚରମ ସତ୍ୟକୁ ବୁଝିପାରିଲେ ଆମର ମୃତ ଆତ୍ମୀୟମାନେ ଆମ ଗହଣରେ ଏହି ଭୂପୃଷ୍ଠରେ ଅଛନ୍ତି ଏହି ଅନୁଭବ ଆସିବ ଆଉ ଆମ ଚିନ୍ତାକୁ ଆନନ୍ଦମୟ କରିବ।

ଶରୀର ଅଛି ମାନେ ରୋଗ-ବୈରାଗ ରହିବ, ତାହାକୁ ଚିକିତ୍ସା କରିବା। ମାତ୍ର ମନକୁ ସର୍ବଦା ଭାରାକ୍ରାନ୍ତ ନକରି ରୋଗ ଭଲ ହୋଇଯିବ ଏହି ଆଶା ରଖିଲେ ମନ ଆନନ୍ଦ ହେବ ଏବଂ ଚିକିତ୍ସା ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ। ଆନନ୍ଦ ଅନୁଭବର ଶରୀରର ଅଭ୍ୟନ୍ତରରେ ସୁପ୍ରଭାବ ରହିଛି। ଭଗବତ୍‌ଚିନ୍ତା, ଗୀତ ଶୁଣିବା ଏବଂ ସାହିତ୍ୟଚର୍ଚ୍ଚାର ମାନସିକ ଏବଂ ଶାରୀରିକ ପ୍ରଭାବ ଉଲ୍ଲେଖଯୋଗ୍ୟ। ଆମ ମନକୁ ସଦା ଆନନ୍ଦମୟ କରି ରଖିବାର ପ୍ରୟାସ ରହିଲେ ଜୀବନ ସୁଖମୟ ହୋଇପାରିବ।

ଯେଉଁ ବ୍ୟକ୍ତି ନିଷ୍ପାପର ଭାବରେ କାର୍ଯ୍ୟବ୍ୟସ୍ତ ରହେ, ସେ ସେହି କାର୍ଯ୍ୟଜନିତ ଆନନ୍ଦ ଲାଭକରେ। ମାତ୍ର ନିଷ୍ପାପର ଭାବରେ କାମ ନକରି ନିଜ ପରିବାରର ଅଳୀକ ସୁଖ, ଅବା ଧନସମ୍ପତ୍ତି ମୋହରେ ଅନୈତିକ, ଅସାଧୁ କର୍ମ କରି ଆର୍ଥିକ ବା ସାମାଜିକ ପ୍ରତିପତ୍ତି ହାସଲ କଲେ, ତାହା ସାମୟିକ ଆନନ୍ଦ ଦିଏ ସିନା, ମନର ନିଭୃତ କୋଣରେ ଏକ ପ୍ରକାରର ଭୟ, ପାପବୋଧ, ଅନାବୃତ୍ତ ହୋଇଯିବାର ଭୟ ସଦାସର୍ବଦା ଆନନ୍ଦକୁ ହରଣ କରେ। ତେଣୁ ନିଷ୍ପାପର ଜୀବନଚର୍ଯ୍ୟା କର୍ତ୍ତବ୍ୟବୋଧ ହିଁ ମଣିଷର ଆନନ୍ଦର ଉତ୍ସ ହୋଇଥାଏ। ମଣିଷ ସବୁବେଳେ ଭୋଗସର୍ବସ୍ୱ ଜୀବନଯାପନ କଲେ ହେଁ ସେ ସୁଖ ଓ ଆନନ୍ଦ ଲାଭ କରେ ସତ ମାତ୍ର ତାହା ପ୍ରକୃତ ଆନନ୍ଦ ନୁହେଁ। ଭଗବତ୍ ବିଶ୍ୱାସ, ଦୟା, କ୍ଷମା ବିଶେଷ କରି ଅନାଥ, ବୁଭୁକ୍ଷୁଙ୍କୁ ଖାଦ୍ୟ ବସ୍ତ୍ର ଦେଇ ସାହାଯ୍ୟ କରିବା ହିଁ ପ୍ରକୃତ ଆନନ୍ଦ। ପୁଣି ଭଗବତ୍ ବିଶ୍ୱାସର ଅର୍ଥ ନୁହେଁ ଦିନରାତି ମନ୍ଦିରରେ ବସି ଘଣ୍ଟ ପିଟି କାଠ ବା ପଥରର ମୂର୍ତ୍ତିକୁ ପୂଜା କରି ଭୋଗ ଦେବା। ପ୍ରକୃତ ପୂଜା ହିଁ ନିରନ୍ନ, ଦରିଦ୍ର, ବୁଭୁକ୍ଷୁ ଜନତାକୁ ଅନ୍ନପ୍ରଦାନ ସାହାଯ୍ୟ ସହଯୋଗ। ଏହା ଦ୍ୱାରା ହିଁ ପ୍ରକୃତ ଆନନ୍ଦ ମିଳେ। କବିଙ୍କ ଭାଷାରେ -

"ଏବେ କାଠ ପଥର ନ ପୂଜି
ଆସ ପୂଜ ଜୀବନ୍ତ ଦେବତା,
ଯା ଆଖିରୁ ଲୁହ ଯିବ ବୋହି
କହିଦେଲେ ପଦେ ମଧୁକଥା।"

ସେଇମାନେ ପ୍ରକୃତ ଭଗବାନ ଯେ ଦୀନ ଦରିଦ୍ର, ନିରନ୍ନ, ଅସହାୟ ମଣିଷର ମଧୁର ପଦେ କଥାରେ ଆନନ୍ଦିତ ହେବେ। ସେଇ ଆନନ୍ଦ ହିଁ ପ୍ରକୃତ ଆନନ୍ଦ।

ଟିକିଏ ଖୋଲାହସ, ପଦେ ମଧୁର କଥା ପ୍ରତିଟି ମଣିଷର ହୃଦୟ ଓ ମନକୁ ହିଁ ଆନନ୍ଦ ପ୍ରଦାନ କରେ। ଏପରି ବ୍ୟବହାରରେ ସାରା ଜଗତ ଆପଣାର ହୋଇଯାଏ। ଏହି ଭାବ ସାରା ସଂସାରରେ ଅମୃତ ଭରିଦିଏ। ତାହାରି ମାଧ୍ୟମରେ ମଣିଷ ନିଜେ ଆନନ୍ଦିତ ହୁଏ। ଏହି ଆନନ୍ଦଭରା ମନ ଏବଂ ପ୍ରାଣ ହିଁ ଜଗତକୁ ଭାବରେ ଏକକାର କରିପାରେ। ତଦ୍ୱାରା 'ବସୁଧୈବ କୁଟୁମ୍ବକମ୍' ସୃଷ୍ଟି ହୁଏ। ଏଇଟା ପ୍ରାକୃତିକ, ପ୍ରକୃତି ଦ୍ୱାରା ସୃଷ୍ଟ ଆଦିମାନବର ସହଜାତ ପ୍ରବୃତ୍ତି। ଆନନ୍ଦ ତାର ଜନ୍ମଗତ ପ୍ରବୃତ୍ତି ଏବଂ ଏଥିରେ କୌଣସି କୃତ୍ରିମତା ରହିବା ଏକ ଅବଗୁଣରେ ପରିଣତ ହେବ। ତାହା ଆଜିର ଅମାନବିକ ଗୁଣ ଭାବରେ ଦେଖା ଦେଇଛି। ଅବିଶ୍ୱାସ, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା ଆଦି ପାଶବିକ ଚିନ୍ତାଧାରା ଜୀବନରେ ଅନେକ ବାଧାବିଘ୍ନ ସୃଷ୍ଟି କରୁଛି। ଏହା ଯେଉଁ ମଣିଷର ପାଥେୟ, ସେ ଅପକର୍ମ କରୁଛି ବୋଲି ନିଜେ ଦିନେ ମର୍ମାହତ ହୁଏ, କିନ୍ତୁ ତାର କର୍ମ ନିରୀହ ଲୋକର ଦୁଃଖ ଏବଂ ମୃତ୍ୟୁର କାରଣ ହୋଇଥାଏ। ମଣିଷ ପ୍ରତିଟି ପଦକ୍ଷେପରେ ଆତ୍ମସମୀକ୍ଷା କରିବା ବିଧେୟ। ସଂସାରକୁ ଗୋଟିଏ ପରିବାର ବୋଲି ଜ୍ଞାନ କରିବା ଉଚିତ, ଏବଂ କେହି ଜଣେ ମଣିଷ ନିଜର ପରିବାରବର୍ଗଙ୍କ ମଧ୍ୟରୁ ଜଣେ ବୋଲି ମଣିବା ବିଧେୟ। ତେଣୁ ଏହି ଅତିମାନବିକ ଚିନ୍ତାଧାରାର ବଶବର୍ତ୍ତୀ ହେବା ସର୍ବାଦୌ ବିଧେୟ -

"ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ ଭବେତ୍।"

ନ୍ୟାୟରେ ସମଗ୍ର ସଂସାର ଅମୃତମୟ ହୋଇପାରିବ। ମଣିଷ ଅମୃତର ସନ୍ତାନ। ଜଗତର କୋଣେ କୋଣେ ରହିଥିବା ପ୍ରଶାନ୍ତି, ଆନନ୍ଦ, ସୌଭାଗ୍ୟ ଏବଂ ଅମୃତକୁ ଆବିଷ୍କାର କରି ବିତରଣ କରିବା ତାର ଜୀବନର ଲକ୍ଷ୍ୟ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏହି ଭାବଧାରାରେ କବି ଓ ଲେଖକମାନେ ନିଜ ରଚନାରେ କାବ୍ୟପୁରୁଷ ଅଥବା କାବ୍ୟନାୟିକାର ସ୍ୱରରେ ଜୀବନ

ଅନ୍ୱେଷା ଭାବରେ ତାକୁ ସକଳ ଦ୍ୱନ୍ଦ୍ୱରୁ ଅମୃତ ଉପଲବ୍ଧିର ସନ୍ଧାନ ଦେବାକୁ ପ୍ରୟାସ କରିଛି । ଶରତର ଆକାଶରେ, ଚିତ୍ରନଦୀ କୂଳରେ ସମୁଦ୍ରର ନୀଳନଦୀ କାବ୍ୟ ନାୟକକୁ ହାତଠାରି ଡାକିନିଏ କେଉଁ ଏକ ଅଜଣା ସ୍ଥାନକୁ । ସେଠାରେ ଯନ୍ତ୍ରଣାର ବୃତ୍ତରୁ ମୁକ୍ତିପାଇଁ ଈଶ୍ୱରଙ୍କ ପାଖରେ ସମର୍ପିତ ହୋଇଯିବାର କାମନା କାବ୍ୟପୁରୁଷକୁ ପଥ ପ୍ରଦର୍ଶନ କରେ । ତାଣୁ କବି ସୀତାକାନ୍ତ ମହାପାତ୍ରଙ୍କ କୃଷ୍ଣକୈବର୍ତ୍ତର ଶବ୍ଦର ଆକାଶରେ ସେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି –

"ତୁମେ ସେଇ କଇବର୍ତ୍ତ, ହାଲିଆ କରିଛ ଖାଲି
ଏଣେ ତେଣେ ବୁଲେଇ ବୁଲେଇ
ଓ ଶେଷରେ ଡାକି ଆଣି ନଈକୂଳରେ ବସେଇ
ଆରପାଖେ ସୁନାଦେଶ ବୋଲି ବୋଧ ଦେଇ
ଭଙ୍ଗା ଡଙ୍ଗାଟିଏ ସୁଦ୍ଧା ରଖିନାହିଁ
ଅଥଚ ସାମ୍ନାରେ ଦେଲ କେଡ଼େ ଭରାନଈ ।"

(କୃଷ୍ଣ କୈବର୍ତ୍ତ – ଶବ୍ଦର ଆକାଶ, ସୀତାକାନ୍ତ ମହାପାତ୍ର)

ତେଣୁ ଜୀବନର ଦୃଶ୍ୟମାନ ସତ୍ତାରେ ସେହି ଅଦୃଶ ସତ୍ତାକୁ ଅନୁସନ୍ଧାନ କରିଛି କବିଙ୍କ କାବ୍ୟନାୟକ । ଅମୃତସତ୍ତାର ଅନୁଭବରେ ସେ ହୋଇ ଉଠିଛି ମୁକ୍ତିପ୍ରୟାସୀ । ମୁକ୍ତି ଖୋଜିଛି ଜୀବନର ଯାନ୍ତ୍ରିକତାରୁ ଜଟିଳ ଜୀବନର ପ୍ରତିଟି ଉପଲବ୍ଧିକୁ । ମୃତ୍ୟୁର ସୀମା ମଧ୍ୟରେ ସୀମିତ ଥାଇ ବି ମରଣୋତ୍ତର ଅପାର୍ଥିବ ସତ୍ତା ସହିତ ମିଳିତ ହେବାର ଆକାଂକ୍ଷା ତା ମନରେ ଜାଗରିତ ହୋଇଛି । ଅସହାୟ ଭାବରେ ସେ ଖୋଜି ବୁଲିଛି ମୁକ୍ତି ଓ ଶାନ୍ତିର ପଥ । ଏହି ବିକଳ ବିଧୃତ ସଂଶୟାକୁଳ ଅସ୍ଥିର ପରିବେଶ ମଧ୍ୟରେ ପରମେଶ୍ୱରଙ୍କ ପଦଧ୍ୱନି ଶୁଣିବା ପାଇଁ ନଜକୁ ସଚେତନ କରି ରଖିଛି କବିସତ୍ତା ।

ସେପରି କବି ଶରତ ଚନ୍ଦ୍ର ପ୍ରଧାନଙ୍କ ଲେଖନୀରୁ ଝରି ପଡ଼ିଛି –

"ତୁମେ ମୋତେ ଦେବ ଅବା
ସମତଳ ଭୂଇଁ
ମୋ ଅସ୍ଥିର ପାଦ ଯୋଡ଼ି
ଥାପି ଦେବାପାଇଁ
ଅର୍ଥିତ ମୁଁ ବସିଅଛି
ଗହନ ବନରେ
ଛଳଛଳ ଆଖି ମୋର
ମହାଶୂନ୍ୟପୁରେ ।"

(ଭଦ୍ରଲୋକ – ଅସ୍ଥିର ପାଦ, ଶରତ ଚନ୍ଦ୍ର ପ୍ରଧାନ)

ଆଧୁନିକ କବି-ନାୟକର ଏକ ତଲ୍ଲୀନ ମାନସିକତାର ଚିତ୍ର ପ୍ରଦାନ କରନ୍ତି । ଯେଉଁ ଅବସ୍ଥାରେ କି ସେ ଈଶ୍ୱରଙ୍କ ସ୍ଥିତିକୁ ସ୍ୱୀକାର କରିବା ସହ ନିଜକୁ ତାଙ୍କରି ପାଖରେ ନିଃସର୍ତ୍ତ ସମର୍ପଣ କରିବାକୁ ସେ ଆଗେଇ ଆସନ୍ତି । ପରମାତ୍ମାଙ୍କ ନିମନ୍ତ୍ରଣକୁ ସେ କଦାପି ଏଡ଼ାଇ ପାରେନାହିଁ । କବି ତେଣୁ ଚମତ୍କାର ଶବ୍ଦର ସମାହାରରେ ବର୍ଣ୍ଣନା କରନ୍ତି –

"ସୁନାଧୂଳି ଢାଳିଦିଏ ସୂର୍ଯ୍ୟୋଦୟ ଝର୍କାରୁ, ପର୍ଦାରୁ
ଅକୁଣ୍ଠିତ ଅନୁଗ୍ରହ ଶେଷଦୃଶ୍ୟ ଚକ୍ଷୁ ନିମୀଳନ
ଫେରି ଆସେ ବାସ୍ନାଭଳି ପ୍ରଥମ ଶ୍ୱାସରେ
କି ଉଲ୍ଲାସ ତୁମ ଆମନ୍ତ୍ରଣ !"

(ହିରଣ୍ମୟେନ ପାତ୍ରେଣ – ପ୍ରହରାଜ ସତ୍ୟନାରାୟଣ ନନ୍ଦ)

କାବ୍ୟନାୟକର ଏହି ମୁକ୍ତି ବ୍ୟାକୁଳତା ହିଁ ପ୍ରାକୃତିକ ପରିଦୃଶ୍ୟମାନ ସତ୍ତାରୁ ଏକ ଈଶ୍ୱରଭିନ୍ନ ବିକଳ କାୟାକଳ୍ପ ସୃଷ୍ଟି ହୁଏ । ସେତେବେଳେ ବ୍ୟକ୍ତିସତ୍ତା ନିଜର ସକଳ ଅହଂକାର, ଗର୍ବ ଓ ଈଶ୍ୱରହୀନତା ଭାବକୁ ପରିତ୍ୟାଗ କରି ଏକ ନୀଳମୟ ଉପତ୍ୟକାରେ ଉପନୀତ ହୁଏ । ସେଠାରେ ସେ ଉପଲବ୍ଧି କରେ ଈଶ୍ୱରରୂପୀ ନୀଳମାଧବଙ୍କୁ –

"କଣ୍ଟକିତ ନୀଳ ନୀଳ ଭାବନାରେ
ଉଦ୍ଘାଟିତ କେଉଁ ଅବୟବ ?
ନୀଳାକାଶ, ନୀଳ ଜଳ
ଜଳନୀଳା ଆଖିର ଦ୍ୟୁତିରେ
ଘନନୀଳ ପାହାଡ଼ର
ବିସ୍ତାର ବିସ୍ତାର ମାୟାକୁଟ ନୀଳିମାର
ବିଲୁପ୍ତ ବିସ୍ତାରେ ନୀଲୁ ନୀଳ ନୀଳରେ ଅଦୃଶ୍ୟ ନୀଳର"

(ନୀଳମାଧବ, ଦିଲିପ ଦାସ)

ମଣିଷର ଜୀବନ ଖୁବ୍ ମୂଲ୍ୟବାନ । ଏହି ଦୁର୍ଲଭ ଜୀବନରେ ଆନନ୍ଦରେ ଜୀଇବା ନିମନ୍ତେ ମନୁଷ୍ୟ ନିଜେ ହିଁ ତାର ମାନସିକ ଅବସ୍ଥାକୁ ସ୍ଥିର ରଖିବାକୁ ହେବ । ଏଠାରେ ବିଭିନ୍ନ କବିମାନଙ୍କ କବିତାର କିଛିପଂକ୍ତି କେବଳ ଉଦାହରଣଭାବେ ନିଆଯାଇଛି । ଆଧୁନିକ କବି ମଣିଷ ଜୀବନର ସମସ୍ତ ଆଶା, ଆକାଂକ୍ଷା, ଲୋଭ, ମୋହ ଓ ତଜ୍ଜନିତ ଦୁଃଖ କଷ୍ଟ ମଧ୍ୟରେ ଈଶ୍ୱର ବା ପରମାତ୍ମାଙ୍କ ସାନ୍ନିଧ୍ୟକୁ କିଭଳି ଧ୍ୟେୟ ଓ ଅମୃତମୟ ମନେ କରିଛନ୍ତି, ତାହା ହିଁ ଏଥିରେ ଆଲୋଚନା କରାଯାଇଛି ।

ବିକଳ ବିଧୃତ ସଂଶୟାକୁଳ ପରିବେଶ ମଧ୍ୟରେ ଆଧୁନିକ ମଣିଷ (କବିଙ୍କ କାବ୍ୟନାୟକ) ସକଳ ପାପବୋଧ ଓ ଅମଙ୍ଗଳ ଭାବନାର ବିସର୍ଜନ କରି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରି ବସିଛି । ତା' ଅନ୍ତରରେ ଈଶ୍ୱରଙ୍କ ବିଶ୍ୱାସ ରୂପକ ଧ୍ୱନିଟି ପାର୍ଥିବ ଜୀବନର ପ୍ରତିଟି ଉପସର୍ଗରେ ପ୍ରତିଧ୍ୱନିତ ହୋଇଛି । ଏପରିକି ଆତ୍ମ ସମର୍ପଣରୁ ଆତ୍ମମୁକ୍ତିର ପ୍ରତ୍ୟୟ କାବ୍ୟନାୟକ ଚିତ୍ତରେ ସୃଷ୍ଟି କରିଛି କମ୍ପନ । ସେ ଅନୁଭବ କରୁଛି –

କି ବିପୁଳ ଐଶର୍ଯ୍ୟର ପୂର୍ଣ୍ଣ ଏ ଆକାଶ
ନୂଆ ନୂଆ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ
ସୁରଭିତ ଥଣ୍ଡା ଜହ୍ନରାତି ।

(ଝର୍କାରେ ଆକାଶ, ତ୍ରସ୍ତ ପଦ୍ମାସନ, ନିତ୍ୟାନନ୍ଦ ନାୟକ)

ପ୍ରକୃତି ପ୍ରତ୍ୟେକଟି ଅନୁପସ୍ଥରେ କାବ୍ୟନାୟକ ଶୁଣିବାକୁ ପାଇଛି ସେହି ପ୍ରତିଧ୍ୱନିତ ଦୃପ୍ତ ଅନୁରଣିତ ଧୂଳିର ଧରଣୀଠାରୁ ଆକାଶର ଅମରାବତୀ ଯାଏ ସବୁଠି ଯେଉଁ ପ୍ରତିଧ୍ୱନିତ ଉଦ୍‌ଯୋଗ ପର୍ବ ନିରନ୍ତର ପାଳିତ ହେଉଛି ତାକୁ

କିଭଳି ବା ସେ ଉପେକ୍ଷା କରିପାରନ୍ତେ ? ଅର୍ଥାତ୍ ଈଶ୍ୱର ନୁହଁନ୍ତି ତାଙ୍କର ଉପସ୍ଥିତି ଖୋଜିବା ଓ ସେଥିରେ ସମାଧିସ୍ଥ ହେବା ହିଁ କାବ୍ୟନାୟକର ଆଧାତ୍ମିକ ଅନ୍ୱେଷା । ଆଧୁନିକ କବି ବହୁ ପ୍ରତୀକ୍ଷିତ ଏକ ନୀଳ ନିର୍ବାଣୀୟ ଅତୁରତାରେ ଅପେକ୍ଷମାଣ ସେହି ପରମାତ୍ମାର ସାନ୍ନିଧ୍ୟ ଲାଭଜନିତ ଅମୃତର ଲାଭ ନିମନ୍ତେ । ଜୀବନର ଆନନ୍ଦପ୍ରାପ୍ତି ହିଁ ତାର ଇଚ୍ଛା, ଅଭୀପ୍ସା ଓ ଆକାଂକ୍ଷା । ଗୀତା ଭାଗବତଠାରୁ ଆରମ୍ଭକରି ଆଧୁନିକ କବିମାନଙ୍କ ଲେଖନୀ ଜୀବନର ଆନନ୍ଦ, ଅମୃତର ସଭା ସନ୍ଧାନରେ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣିତ । ସଂସାରରେ ଦୁଃଖ, ଶୋକ, ନୈରାଶ୍ୟ, ବେଦନା, ହତାଶାର ଭାବ ତ ରହିବ ମାତ୍ର ତାରି ଭିତରେ ମଣିଷ ଆନନ୍ଦ ଖୋଜି ବୁଲେ । କାରଣ ସୁଖ ଓ ଦୁଃଖ ଦୁଇଟା ଯାକ ଜୀବନରେ ଆସେ । ଦୁଃଖରେ ଅଧିକ କାତର ଓ ସୁଖରେ ଅତ୍ୟଧିକ ଆନନ୍ଦିତ ନ ହୋଇ ମଣିଷ ସ୍ଥିର ଭାବରେ ରହିଲେ ସେ ଜୀବନରେ ଆନନ୍ଦ ହିଁ ଲାଭକରେ । ସେଇ ହତାଶା ନୈରାଶ୍ୟବୋଧ ସବୁକୁ ଜୀଇ ଜୀଇ କବିସତ୍ତା (ଆଜିର ମଣିଷ) ଅମୃତ ସନ୍ଧାନରେ ବୁଲିଛି, ଭଗବତ ସଭା ମଧ୍ୟରେ ହିଁ ସେହି ଅମୃତ ଆନନ୍ଦ ଅନୁଭବ କରିଛି ଓ ଅନର୍ଗଳ ଭାବେ ଲେଖିଚାଲିଛି ତାର ଭାବନା ମନକୁ ।

ତେଣୁ ସଂସାର ଆନନ୍ଦମୟ । ମଣିଷ ଜୀବନ ଦୁର୍ଲଭ ଓ ଏହା ବେଶ୍ ମୂଲ୍ୟବାନ ହେତୁ ଜୀବନକାଳ ଭିତରେ ନିଜେ ସୁଖ ଓ ଆନନ୍ଦରେ ରହି ସାରାଜଗତରେ ଆନନ୍ଦ ବଣ୍ଟନ ହିଁ ମନୁଷ୍ୟ ପାଇଁ ଧ୍ୟେୟ । କବି ରବୀନ୍ଦ୍ରନାଥ ଲେଖିଥିଲେ –

ଭାଲୋମନ୍ଦୋ ସୁଖଦୁଃଖ ଅନ୍ଧକାରଆଲୋ
ମନେ ହୟ ସବ୍‌ନିୟେ ଏ ଧରଣୀ ଭାଲୋ ।
ତେଣୁ ଜୀବନ ଆନନ୍ଦମୟ ।

ଘର ନଂ-୨୦୭, କାନନବିହାର, ଫେଜ୍ ୨
ପଟିଆ, ଭୁବନେଶ୍ୱର - ୭୫୧୦୩୧
ମୋ - ୭୭୯୦୦୭୨୯୦୦



# ସଂସାରେ ଥିବ ଯେତେଦିନ

*ମଂଜୁବାଳା ଦାସ*

**ପୃ**ଥିବୀ ଜୀବଜଗତଙ୍କ ଆବାସସ୍ଥଳୀ । ମନୁଷ୍ୟ, ବୃକ୍ଷଲତା, ପଶୁପକ୍ଷୀ, କୀଟପତଙ୍ଗ ସମସ୍ତଙ୍କର ଜୀବନ ଅଛି । ସାଧାରଣତଃ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅବଧିକୁ ଜୀବନ କୁହାଯାଏ । କିନ୍ତୁ ଶ୍ରେଷ୍ଠ ଜୀବ ମନୁଷ୍ୟର ଜୀବନ ଏକ ଅନନ୍ତ ଯାତ୍ରା । କୁହାଯାଏ – 'ପୁନରମି ଜନମଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନମ୍ ।' ମନୁଷ୍ୟ ଅମୃତର ସନ୍ତାନ । ସେ ସଚ୍ଚିଦାନନ୍ଦଙ୍କ ଠାରୁ ସୃଷ୍ଟି । ତାର ଲକ୍ଷ୍ୟ ଆନନ୍ଦ ପ୍ରାପ୍ତି । ସେ ଜନ୍ମରୁ ହିଁ ଆନନ୍ଦ ପଛରେ ଧାଇଛି । ପ୍ରଭୁ ସ୍ୱୟଂ ଆନନ୍ଦର ସ୍ୱରୂପ । ଏ ସଂସାରକୁ ସେ ଆନନ୍ଦମୟ କରି ଗଢ଼ିଛନ୍ତି । ସଂସାରରୁ ହିଁ ମନୁଷ୍ୟ ଆନନ୍ଦ ଉପଲବ୍ଧି କରେ । ଭକ୍ତକବି ମଧୁସୂଦନ ରାଓଙ୍କ ଲେଖନୀରୁ ଝରି ଆସିଛି –

> 'କି ସୁନ୍ଦର ଆହା କି ଆନନ୍ଦମୟ
> ଏହି ବିଶାଳ ସଂସାର,
> ଧନ୍ୟ ମହାପ୍ରଭୁ ମହିମା ତୁମର
> ଅଟେ ଅନନ୍ତ ଅପାର ।'

ଅନେକଙ୍କ ମତ ମଣିଷ ପାପ କଲେ ଏ ଦୁନିଆରେ ଜନ୍ମ ହୁଏ । ଦୁଃଖ କଷ୍ଟ ଭୋଗେ । ସୁଖର ସ୍ୱପ୍ନ ଦେଖିଲେ ବି ସେ ନିରାଶ ହୁଏ । ତାର କର୍ମଫଳ ଭୋଗକରି ଏ ଦୁନିଆଁରୁ ବିଦାୟ ନିଏ । କିନ୍ତୁ ସାଧକମାନେ କୁହନ୍ତି 'ଈଶ୍ୱରାନୁଭୂତି' ହିଁ ଆନନ୍ଦ । ସବୁଠି ସମସ୍ତଙ୍କ ଭିତରେ ସେ ଈଶ୍ୱରଙ୍କୁ ଅନୁଭବ କରେ ଓ ଦିବ୍ୟ ଆନନ୍ଦ ଲାଭ କରେ । ଜୀବନରେ ଯେତେ ଯେତେ ଘଟଣା ସବୁ ଘଟୁଛି ପ୍ରଭୁଙ୍କ ଇଚ୍ଛାରେ ହିଁ ହେଉଛି । ମନୁଷ୍ୟର ମଙ୍ଗଳ ପାଇଁ ହିଁ ପ୍ରଭୁ କରୁଛନ୍ତି । ଏ କଥା ସାଧକମାନେ ଅନୁଭବ କରି ଦୁଃଖକୁ ଦୂରେଇ ଦିଅନ୍ତି ଓ ଜୀବନକୁ ଆନନ୍ଦମୟ କରିଥାନ୍ତି ।

ହିନ୍ଦୁ ଦର୍ଶନ ଅନୁସାରେ ଆନନ୍ଦ ଅନେକ ପ୍ରକାର ଅଛି । ଲୌକିକ ଆନନ୍ଦ ବା ଭୌତିକ ଆନନ୍ଦ, ରାଜସିକ ଆନନ୍ଦ ଓ ଆଧାତ୍ମିକ ବା ସାତ୍ତ୍ୱିକ ଆନନ୍ଦ ।

ସାଧାରଣ ପାର୍ଥିବ ପଦାର୍ଥ ଜମିବାଡ଼ି, ଘରଦ୍ୱାର, ଟଙ୍କା, ସୁନା ଇତ୍ୟାଦି ଲାଭ କରି ମନୁଷ୍ୟ ଯେଉଁ ସୁଖ ପାଉଛି ତାହା ଲୌକିକ ଆନନ୍ଦ । ଯଶ, ପ୍ରତିଷ୍ଠା, ସମ୍ମାନରୁ ଯେଉଁ ସୁଖ ମିଳୁଛି ତାହା ରାଜସିକ ଆନନ୍ଦ । ଏସବୁ କ୍ଷଣସ୍ଥାୟୀ କିନ୍ତୁ ପ୍ରକୃତ ଆନନ୍ଦ ହେଉଛି ଆଧାତ୍ମିକ ଆନନ୍ଦ ବା ସାତ୍ତ୍ୱିକ । ହୃଦୟ ପ୍ରେମପୂର୍ଣ୍ଣ ହେଲେ ସାତ୍ତ୍ୱିକ ଆନନ୍ଦ ମିଳିଥାଏ । ଗୋପୀମାନଙ୍କର ହୃଦୟ କୃଷ୍ଣ ପ୍ରେମରେ ପୂର୍ଣ୍ଣ ଥିଲା । ଗୋପୀମାନେ ଯେଉଁ ଅଲୌକିକି ଆନନ୍ଦ ଲାଭ କରିଥିଲେ ତାହା ଆଉ କୌଣସି ଭକ୍ତ ପାଇପାରି ନାହାନ୍ତି । ସର୍ବାଦ ନିଜ ଭିତେର, ବାହାରେ, ସବୁଠି, ସବୁରି ଭିତରେ ଈଶ୍ୱରଙ୍କୁ ଉପଲବ୍ଧି କରିବାରେ ସାତ୍ତ୍ୱିକ ଆନନ୍ଦ ମିଳେ । ଆଧାତ୍ମିକ ଆନନ୍ଦରେ ସାଂସାରିକ କାମନା ବାସନା ନଥାଏ । ନଥାଏ ଅଜ୍ଞତା ଅହମିକା ।

ଏ ମାୟା ସଂସାରରେ ମନୁଷ୍ୟ କାମନାର ମାୟାମିରିଗ ପଛରେ ଧାଇଁ ଧାଇଁ ଦୁଃଖ ପାଏ । ଗୋଟିଏ କାମନା ପୂରଣ ହେଲେ ଅନ୍ୟ ଏକ କାମନା ପୂର୍ତ୍ତି ପାଇଁ ତା ମନରେ ବାସନା ସୃଷ୍ଟି ହୁଏ । କାମନା ଅପୂର୍ଣ୍ଣ ରହିଲେ ସେ ଦୁଃଖ ଯନ୍ତ୍ରଣା ପାଏ । ତା ଅନ୍ତର ଶୂନ୍ୟ ହୋଇଯାଏ । ତା ମନସ୍କାମନା ପୂରଣ ହେବା ପାଇଁ ସେ ଭଗବାନଙ୍କ ପାଖରେ ପ୍ରାର୍ଥନା କରେ । ଭଗବାନଙ୍କୁ ପାଇବାକୁ ନ ଚାହିଁ ସେ ଛୋଟ ଛୋଟ କାମନା ପୂରଣ ପାଇଁ ଚାହେଁ । ଏ ସବୁ ଯେ କ୍ଷଣସ୍ଥାୟୀ ସେ ଜାଣି ମଧ ଅଜଣା ରହେ । ବୁଦ୍ଧଙ୍କ ବାଣୀ 'କାମନାର ବିନାଶରେ ଦୁଃଖର ବିନାଶ' ତାହା ସେ ଭୁଲିଯାଏ । ମନୁଷ୍ୟର ଦୁଃଖର କାରଣ ତାର ନିଜ ମନ । ନିଜର ଅଜ୍ଞତା, ସଂସ୍କାରର ଅଭାବରୁ ସେ ଦୁଃଖ ପାଉଛି । ମାନସିକ ଅସ୍ଥିରତା ପାଇଁ ତା ମଧରେ ମାନସିକ ଓ ଶାରିରୀକ ରୋଗ ସୃଷ୍ଟି ହେଉଛି । ଏ ଦୁନିଆକୁ ସେ ଦୁଃଖ ଭୋଗ କରିବାକୁ ଆସିନାହିଁ । ଆନନ୍ଦପ୍ରାପ୍ତି ତା ଲକ୍ଷ୍ୟ ।

ଭାଗବତରେ କୁହାଯାଇଛି–

> 'ସଂସାରେ ଥିବ ଯେତେଦିନ ।
> ଆନନ୍ଦ କରୁଥିବ ମନ ॥'

ଏ ଜୀବନ କର୍ମମୟ । କର୍ମ କରିବାକୁ ଈଶ୍ୱର ଏ ଦୁନିଆରେ ମନୁଷ୍ୟକୁ ଜନ୍ମ ଦେଇଛନ୍ତି । କର୍ମ କରିବା ସମୟରେ ଯଦି ଆମେ ପ୍ରଭୁଙ୍କୁ ସ୍ମରଣ କରି କର୍ମ କରିବା ତେବେ ତା ସତ୍‌କର୍ମ ହେବ । ସେଥିରୁ ସତ୍ ଆନନ୍ଦ ଲାଭ ହେବ । ସର୍ବଦା ମନେରଖିବା ଉଚିତ ଯେ କୃତଜ୍ଞତା ହିଁ ଭଗବାନ । ସବୁଠାରୁ ଅସହ୍ୟ ଜୀବ ମନୁଷ୍ୟ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପର ଉପରେ ନିର୍ଭରଶୀଳ । ପିତାମାତା, ପୁତ୍ର, କନ୍ୟା ଆଦି ସମ୍ପର୍କ ଗଛଲତା, ଜୀବଜନ୍ତୁ, ମାଟି, ପାଣି, ପବନ ସମସ୍ତଙ୍କ ଉପରେ ନିର୍ଭର କରି ମଣିଷ ବଞ୍ଚିଛି କିନ୍ତୁ ସେ ଅକୃତଜ୍ଞ । ମଣିଷ ସେମାନଙ୍କର ଅବଦାନ ଭୁଲିଯାଏ । ଯେଉଁ ବ୍ୟକ୍ତି ସମସ୍ତଙ୍କ ଅବଦାନ

ସ୍ୱୀକାର କରେ ସେମାନଙ୍କ ପ୍ରତି କୃତଜ୍ଞ ରହେ, ସେ ଦିବ୍ୟ ଆନନ୍ଦ ଲାଭ କରେ। କୃତଜ୍ଞତାରେ ଯେଉଁ ଆନନ୍ଦ ମିଳେ ତାହା ଆଉ କେଉଁଠୁ ମିଳେ ନାହିଁ। ତାହା ସାତ୍ତ୍ୱିକ ଆନନ୍ଦ। ମଣିଷ ଅନ୍ୟକୁ ଆନନ୍ଦ ଦେଲେ ନିଜେ ଆନନ୍ଦ ପାଇବ। ମହାପୁରୁଷ କହିଛନ୍ତି 'ସର୍ବଦା ସ୍ମରଣ ରଖ, ତୁମେ ଦେଉଥିବା ଆନନ୍ଦ, ତୁମେ ପାଉଥିବା ଆନନ୍ଦ ଉପରେ ନିର୍ଭରଶୀଳ। ମଣିଷ ଅନ୍ୟକୁ ନିଃସ୍ୱାର୍ଥପର ଭାବରେ ଭଲପାଇ ଅନ୍ୟକୁ କଷ୍ଟ ନ ଦେଇ ମଧୁର କଥା କହିଲେ ନିଜେ ଆନନ୍ଦ ଲାଭ କରେ। ଭଗବାନଙ୍କୁ ଭଲ ପାଇଲେ ମଣିଷକୁ ଦିବ୍ୟ ଆନନ୍ଦ ପ୍ରାପ୍ତି ହୁଏ। ଶ୍ରୀମା କହିଛନ୍ତି 'ସେହି ସୁଖୀ, ଯିଏ ଭଗବାନଙ୍କୁ ଭଲପାଏ। ଭଗବାନ ତା ପାଖେ ପାଖେ ରହିଥାନ୍ତି।'

ମନୁଷ୍ୟ ତା ଜୀବନରେ ଅନେକ ସମସ୍ୟା ଦେଇ ଗତିକରେ। ସବୁ ସମସ୍ୟା ଏକ ନିର୍ଦ୍ଦିଷ୍ଟ ସମୟ ଆସିଲେ ସମାଧାନ ହୋଇଯାଏ। ତା'ପୂର୍ବରୁ ଯେତେ ଚେଷ୍ଟା କଲେ ବି ସମସ୍ୟାର ସମାଧାନ ହୋଇ ପାରେ ନାହିଁ। ସବୁ ସମସ୍ୟାକୁ ଯଦି ସେ ସକାରାତ୍ମକ ଦୃଷ୍ଟିକୋଣରେ ଦେଖେ ଓ ସବୁକିଛି ସର୍ବନିୟନ୍ତାଙ୍କ ପାଦତଳେ ଅର୍ପଣ କରି କର୍ମ କରି ଯାଏ, ତାଠୁ ଦୁଃଖ ଯନ୍ତ୍ରଣା ଦୂରେଇ ଯାଏ। ସେ ନିଶ୍ଚିନ୍ତ ରହି ଆନନ୍ଦଲାଭ କରେ। ଶାନ୍ତିରେ ରୁହେ। ମହାପୁରୁଷ କହିଛନ୍ତି "No matter where you live, you live cheerfully. Be cheeerful all times even if you are behind bars'.

ଶାସ୍ତ୍ରଜ୍ଞାନ ଅର୍ଜନରେ ମନୁଷ୍ୟ ଅପାର ଆନନ୍ଦ ପାଏ। ବିଭିନ୍ନ ଗ୍ରନ୍ଥ ପଠନ ଦ୍ୱାରା ଶିକ୍ଷା ମିଳେ, ସମାଜ ଦିଗ୍‌ଦର୍ଶନ ପାଏ, ଗ୍ରନ୍ଥ ପଠନ ବିଶ୍ୱାସ ଓ ଭକ୍ତିର ସହ କରିବା ଉଚିତ୍। ଜ୍ଞାନପ୍ରାପ୍ତି ପରେ ପ୍ରେମପ୍ରାପ୍ତି ହେବା ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ଜୀବନ ସୁସଂଯତ ସହିତ ଦିବ୍ୟ ଆନନ୍ଦ ମିଳେ। ଜ୍ଞାନ ଲାଭ ସହିତ ମନୁଷ୍ୟ ସଦ୍‌ଗୁରୁଙ୍କ ସାନିଧ୍ୟ ପାଇବା ଆବଶ୍ୟକ। ଗୁରୁ ଶିଷ୍ୟଙ୍କର ଅଜ୍ଞାନ ଅନ୍ଧକାର ଦୂରକରି ତାଙ୍କୁ ଈଶ୍ୱରଙ୍କ ପାଖରେ ପହଞ୍ଚାଇ ଦେଇପାରନ୍ତି। ଗୁରୁ ମନୁଷ୍ୟ ନୁହନ୍ତି, ଦେବତା। କୁହାଯାଏ 'ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର।' ସଦ୍‌ଗୁରୁ ମିଳିଲେ ମନୁଷ୍ୟ ଜୀବନ ଧନ୍ୟ ହୁଏ ଓ ସେ ଆନନ୍ଦିତ ହୁଏ। ଜୀବନରେ ଦିବ୍ୟ ଆନନ୍ଦ ଲାଭ କରିବା ପାଇଁ ଭଗବତ୍ କୃପା ନିତାନ୍ତ ଆବଶ୍ୟକ। ଭଗବାନଙ୍କ ପାଖରେ ପକ୍ଷପାତିତା ନାହିଁ। ସେ ସମସ୍ତଙ୍କ ପାଇଁ ସମାନ ଭାବରେ କୃପା ଢାଳୁଛନ୍ତି। କିନ୍ତୁ ଆମର କ୍ଷମତା ନେଇ ଆମେ କୃପା ଗ୍ରହଣ କରୁଛେ। ଭଗବତ୍ କୃପା ଲାଭ କରିବା ପାଇଁ ନିଜକୁ ଶୁଦ୍ଧ ରଖିବାକୁ ହେବ। ମନୁଷ୍ୟ ଯେତେ ଅଧିକ ନିଜକୁ ପ୍ରଭୁଙ୍କ ଆଡ଼କୁ ଉନ୍ମୁକ୍ତ ରଖିବ, ସେତେ ଅଧିକ କୃପା ଲାଭ କରି ଆନନ୍ଦ ପାଇବ। ଶରୀର ସୁସ୍ଥ ରହିଲେ ମନୁଷ୍ୟ ଆନନ୍ଦ ପାଏ। ମନରୁ ହିଁ ଦୁଃଖ ସୃଷ୍ଟି ହୁଏ। ମନରେ ଈର୍ଷ୍ୟା, ଦ୍ୱେଷ, ପରଶ୍ରୀକାତରତା, ସ୍ୱାର୍ଥପରତା, ସନ୍ଦେହ ଆଦି ବିକାର ରହିଲେ ମନ ଅଶୁଦ୍ଧ ରହେ। ଶରୀର ଓ ମନରେ ରୋଗ ସୃଷ୍ଟି ହୁଏ। ରୋଗଗ୍ରସ୍ତ ମନୁଷ୍ୟ ଆନନ୍ଦ ପ୍ରାପ୍ତିରୁ ବଞ୍ଚିତ ହୁଏ। ସେଥିପାଇଁ ଶରୀର ଓ ମନକୁ ସୁସ୍ଥ ରଖିବା ନିହାତି ଆବଶ୍ୟକ।

ମନୁଷ୍ୟ ଜୀବନ ଆନନ୍ଦ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ। ଆନନ୍ଦ ମନୁଷ୍ୟ ଭିତରେ ରହିଛି କିନ୍ତୁ କସ୍ତୁରୀ ମୃଗ ପରି ସେ ବିଭ୍ରାନ୍ତ। ବାହାରୁ ଆନନ୍ଦ ଖୋଜୁଛି। "Man is the future of man" - ମନୁଷ୍ୟ ହିଁ ମନୁଷ୍ୟର ଭବିଷ୍ୟତ। ମହାପୁରୁଷଙ୍କ ବାଣୀ କହେ- 'Cheerfulness is our own making. It only requires human effort. You have to create cheerfulness for yourself'. ଜୀବନର ଅର୍ଥକୁ ଉପଲବ୍ଧି କରି ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣଆନନ୍ଦ ଲାଭ କରିବା ମନୁଷ୍ୟର ଲକ୍ଷ୍ୟ। ସେ ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ଆନନ୍ଦ ଲାଭ କରିନାହିଁ, ସେ ପର୍ଯ୍ୟନ୍ତ ସେ ତା ଜୀବନର ଅନନ୍ତ ଯାତ୍ରାରେ ଗତି କରୁଥିବ।

ଆମଘର, ମୈତ୍ରୀ ଜନପଦ,
ନହରକଣ୍ଟା, ଭୁବନେଶ୍ୱର, ଖୋର୍ଦ୍ଧା
ମୋ - ୯୪୩୮୫୯୦୨୭୨



# ପରମାନନ୍ଦ ଏ ଜଗତେ

*ତପନ ମହାପାତ୍ର*

'ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ।'

ଏ ଜଗତରେ ଯଦି କେବଳ ପରମ ଆନନ୍ଦ ଅଛି, ତେବେ ଜୀବନ ମାନେ ତ ଆନନ୍ଦ ହିଁ ଆନନ୍ଦ। ଏତେ ହିଂସା, ବ୍ୟଭିଚାର, ପାପାଚାର, ହତ୍ୟା ଓ ଲୁଣ୍ଠନ କାହିଁକି ? ଏସବୁରେ ବି କ'ଣ ଥାଏ ପରମ ଆନନ୍ଦ ?

ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ତିନୋଟି ସ୍ତରରେ ସୁଖକୁ ବୁଝାଇଛନ୍ତି। ଇନ୍ଦ୍ରିୟ-ପ୍ରଧାନ ସୁଖ ରାଜସିକ, ଅଜ୍ଞତା-ଆଧାରିତ ସୁଖ ତାମସିକ, ଆତ୍ମଜ୍ଞାନ ସୁଖ ସ୍ୱାତ୍ତ୍ୱିକ। ଏହି ସ୍ୱାତ୍ତ୍ୱିକ ସୁଖର ବିକିରଣରେ ଏକ ସୁସ୍ଥ ସମାଜ ଗଠନ ହୁଏ।

ରତ୍ନାକର ଓ ବାଲ୍ମୀକିଙ୍କ ଭିତରେ, ଉପଲବ୍ଧ ଆନନ୍ଦ ଭିତରେ ତାହିଁ ଫରକ। ବୃତ୍ତିର ବାଧ୍ୟବାଧକତାରେ ହେଉ ଅବା ନିଜ ବ୍ୟକ୍ତିଗତ ସୁଖରେ ଥିବା ପର୍ଯ୍ୟନ୍ତ ସେ ଥିଲେ ରତ୍ନାକର। ବୃହତ୍ତର ସମାଜ କଥା ଭାବି ପାଲଟିଗଲେ ବାଲ୍ମୀକି। ଜୀବନର ଆନନ୍ଦ ଅନ୍ୱେଷଣରେ ରାଜ ପ୍ରସାଦ ତ୍ୟାଗ କଲେ ସିଦ୍ଧାର୍ଥ ଗୌତମ, ଅନୁଭବସିଦ୍ଧ ହୋଇ ପାଲଟିଗଲେ ବୁଦ୍ଧଦେବ। ଆନନ୍ଦ ଭିତରେ ଏହାହିଁ ଫରକ। ବ୍ୟକ୍ତିର ଆନନ୍ଦ ଗୋଷ୍ଠୀର ଆନନ୍ଦରେ ପରିଣତ ହେବା ହିଁ ପ୍ରକୃତ ଆନନ୍ଦର ସଂଜ୍ଞା।

ତେବେ କେଉଁ ମତେ ଜୀବନର ଗତି ହେବା ଉଚିତ ? ଏକାକୀତ୍ୱରେ ନା ଗୋଷ୍ଠୀରେ ? ଭୋଗ ନା ତ୍ୟାଗରେ ? ସନ୍ୟାସ ନା ସଂସାରରେ ? କାହାକୁ ନେଇ ଜୀବନ ? ଯେଉଁଥିରେ ଉପଲବ୍ଧ ହୁଏ ପରମ ଆନନ୍ଦ।

"ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ।<br>
ଧରଣୀ ମଧ୍ୟେ ଅବତରି, ଭ୍ରମଇ ନାନା ରୂପ ଧରି।<br>
ସେ ରୂପ ପୂଜି ନର ନାରୀ, ମାୟା ସଂସାରୁ ଯା'ନ୍ତି ତରି।"

ଜଗନ୍ନାଥ ଦାସଙ୍କ ପରି ମନବୋଧ ଚଉତିଶାରେ ଭକ୍ତ ଚରଣ ଅନୁରୂପ ବର୍ଣ୍ଣନା କରିଛନ୍ତି;

"ଚର୍ମ ବେଢ଼ିଛି ସିନା ଚଉରାଶିକି, ଚିତ୍ତ ତୁ ଦିଅ ନୀଳଗିରିବାସୀଙ୍କୁ।"

ତେବେ ଏ ଆନନ୍ଦ ପ୍ରାପ୍ତି ନିମନ୍ତେ କ'ଣ ନୀଳଗିରିବାସୀଙ୍କୁ ଧ୍ୟାୟୀ ଚାଲିବାକୁ ହେବ ? ଅବତାରୀମାନଙ୍କ ଗୁଣ କୀର୍ତ୍ତନ କରି ବଂଚିବାକୁ ହେବ ? ଏତିକିରେ ଯଦି ଆମେ ପରମାନନ୍ଦ ଚିରସ୍ଥାୟୀ ସୁଖ ପ୍ରାପ୍ତ ହୋଇ ପାରିବା, ତେବେ ବିଷୟାସକ୍ତ ହେବା କାହିଁକି ? ଲୋଭ ମୋହ ମାୟାରେ ଛନ୍ଦି ହେବା କାହିଁକି ?

ପ୍ରଶ୍ନ ଆସେ ଜୀବନ କ'ଣ ଜୀଇ ହେବ ଏମିତି ଗୋଟିଏ ଗୋଟିଏ ପଦ ପାଦକୁ ମନରେ ରଖି ! ନା' କେବଳ ସେଇ ପଦ ପାଦଟେ ଲାଗି ପଢ଼ିବାକୁ ହେବ ଆମକୁ ସାତ କାଣ୍ଡ ରାମାୟଣ। ଅଠର ପର୍ବ ମହାଭାରତ, ଦ୍ୱାଦଶ ସ୍କନ୍ଧ ଭାଗବତ ପୁରାଣ।

ଏସବୁ ପଢ଼ିଲେ, ଶୁଣିଲେ ହେବ ନା ଭେଦିବାକୁ ହେବ। ଭେଦି ନ ପାରିଲେ ତ ଭେଦ ମିଳିବନି। ପରମାନନ୍ଦ ଭାବ ଉପଲବ୍ଧ ହେବ କେମିତି ? ଏହି ଆନନ୍ଦର ଉପଲବ୍ଧି ନିମନ୍ତେ ଚିନ୍ତା ଓ ଚେତନାରେ କାର୍ଯ୍ୟଶୈଳୀ ଓ ପ୍ରୟୋଗରେ ମଧ୍ୟ ଭିନ୍ନତା ଥାଏ। କେହି ସଂସାର ତ୍ୟାଗ କରେ କିଏ ସାଂସାରିକ ହୁଏ।

ଆନନ୍ଦ ଲାଗି ହିଁ ମଣିଷ ମଣିଷର ନିକଟତର ହୁଏ। ସୁଖଦୁଃଖ ବାଣ୍ଟେ। ଦାନ ଧର୍ମ କରେ। ଅନ୍ୟ ପ୍ରତି ଦୟା କରୁଣା ପ୍ରଦର୍ଶନ କରେ। ନିଜ ସ୍ୱାର୍ଥ ନଭାବି ସମୂହ ସ୍ୱାର୍ଥ କଥା ଭାବେ। ନିଃଶୁଳ୍କ ସେବା ଯୋଗାଏ। କିଏ ଗୀତ ଗାଏ। କିଏ ଗବେଷଣା କରେ। କିଏ ଲେଖେ ଗପ କିଏ କବିତା କି ଉପନ୍ୟାସ। ସୃଜନ ପ୍ରକାଶ ଭଙ୍ଗୀ ଭିନ୍ନ ହେଲେ ବି ସେ ସବୁରୁ ଉପଲବ୍ଧ ହୁଏ ଏକ ଅନନ୍ୟ ଆନନ୍ଦ।

ଏଇ ହେତୁ ଜୀବନ ଜଞ୍ଜାଳର ଜଟିଳତାରୁ ସମୟ ସାଉଁଟି ମୁଁ ଲେଖେ। ଗପ ନାଟକ। ଅନେକ କଥା କଥନୀକା। ଗୋଟିଏ ଧାଡ଼ି ଲାଗି ଲେଖିବାକୁ ହୁଏ ସାତରୁ ସତର ପୃଷ୍ଠାର ଗଳ୍ପ। ଶହେ ଦୁଇଶହ ପୃଷ୍ଠାର ଉପନ୍ୟାସ। ଲେଖିଲା ବେଳେ ନିଜେ ସ୍ଥିର ହୋଇଯାଏ। କୋଳାହଳ ଭିତରେ ନିଜକୁ ଏକା କରିଦିଏ। ଲାଗେ, ଶୂନ୍ୟରୁ ଯେମିତି ଶବ୍ଦମାନେ ଆସି ପାଖରେ ବସିଛନ୍ତି। ମୁଁ କେବଳ ପାଛୋଟି ନେଇ ସେମାନଙ୍କୁ ଉପଯୁକ୍ତ ଆସନରେ ବସାଇ ଦେଉଛି।

ଭେଟ ହୋଇଥିବା କୌଣସି ବ୍ୟକ୍ତି କାହାର ପଦେ କଥା, ଛୋଟ ବଡ଼ ଘଟଣା, ଦୁର୍ଘଟଣା କେବେ କେଉଁ ସ୍ଥାନର ପ୍ରଭାବ, କାହା ଜୀବନର ହା' ହତାଶ ହୁଙ୍କାର ଘୃଣା, ଅଭିଶାପ, ଅପେକ୍ଷା, ଉପେକ୍ଷା କେବେ କାହାର ଆଦର, ପ୍ରେମ କି ଆହାର, ଅନୁରାଗ ଯାହା ମୋତେ ଅସ୍ଥିର ଅଥୟ, ଅଣାୟତ୍ତ କରିଛି। ହସାଉଛି କନ୍ଦାଉଛି। ଏପରିକି କରୁଣାର କଣିକାଏରେ ବି ଗଢ଼ିବାକୁ ଚେଷ୍ଟା କରିଛି କଥାର କୋଣାର୍କ। ତେବେ ନିଜ ଅର୍ଜିତ ଜ୍ଞାନରେ ଯାହା ଏଯାବତ

କୁହା ସରିଛି ବା କହି ସାରିଛି ସେ କଥା କହିବାକୁ ଚେଷ୍ଟା କରିନି। ବରଂ ଯେଉଁ ଦୃଶ୍ୟ ବା ଘଟଣାର ସାକ୍ଷୀ ତାହାକୁ ଅନୁରୂପ ଭାବରେ ଉପସ୍ଥାପିତ ନକରି ନୂଆ ଭାବରେ କହିବାକୁ ଚେଷ୍ଟା କରିଛି। କଳ୍ପନା ଅପେକ୍ଷା ମୋ ଗପରେ ବାସ୍ତବ ଚରିତ୍ରମାନଙ୍କର ଆତଯାତ। ସାଧାରଣ ମଣିଷର ଦୁଃଖ ସୁଖ, ହାନି ଲାଭ, ରାଗ ଭୋଗ, ସୁପ୍ତ ସଂଘର୍ଷ, ବିଦ୍ରୋହ ଓ ବୈରାଗ୍ୟ। ପ୍ରେମ, ଅନୁରାଗ, କରୁଣାର ସମ୍ପର୍କ। ଯାହା ସେମାନେ ଭୋଗିଛନ୍ତି ଭୋଗୁଛନ୍ତି ଲେଖିଛି ନିଜେ ଭୁକ୍ତଭୋଗୀ ପରି । ଚରିତ୍ର ସହିତ ଏକାତ୍ମ ହୋଇ। ଏକାତ୍ମ ନହୋଇ ଗପ ଲେଖିଲେ ଗପ ହେବ, ଗପରେ ପ୍ରାଣ ନଥିବ। ପ୍ରାଣ ହିଁ ଗପର ମୂଳ ଆଧାର। ପ୍ରାଣନଥିବା ପିଣ୍ଡର ସ୍ଥାୟୀତ୍ୱ କେତେ ?

ଲେଖି ନପାରିଲେ ନିଜକୁ ଖୁବ୍ ଅସହାୟ ଲାଗେ। ଶତ ଚେଷ୍ଟାକରି ଦୃଶ୍ୟମାନ ହୋଇ ପାରୁନଥିବା ଗୋଟେ ତାରା ପରି ଜୀବନିକା ଅଭାବରୁ ଫୁଟି ପାରୁନଥିବା ଫୁଲ ପରି ସବୁ ଥାଇ କିଛି ନଥିବା ପରି ସେ ଅନୁଭବ। କିଛି ଲେଖିଦେଲେ ଲେଖାଟିଏ ସରିଗଲେ, ନୂଆ ଏକ ଉଜ୍ଜ୍ୱଳ ତାରାର ସନ୍ଧାନ ପାଇବା ପରି, ଧରାରେ ଫୁଟି ନଥିବା ଏକ ନୂଆ ଫୁଲର ବାସ୍ନା ପାଇବା ପରି ଅଣାୟତ୍ତ ହୁଏ। ନଥିବା ଭିତରେ ସବୁ ପାଇବାର ଆନନ୍ଦ ପରମାନନ୍ଦର ସମୟ କି ସେ।

ସେଇ ଉପଲବ୍ଧି ପାଇଁ ସବୁଦିନ କିଛି ଲେଖିବି ଭାବୁଥାଏ। ଅଥଚ କେମିତି କେଜାଣି, ଗୋଟେ ଗୋଟେ ଦିନ ସରିଯାଏ ଥୟରେ ବସି ପାରେନା। ଥରେ ଥରେ ବସିଲେ ବି ଗୋଟିଏ ବି ଶବ୍ଦ ଲେଖି ପାରେନା। କିଛି ବୋଲେ କିଛି ଆସେନା। ମନ ଶରୀର ଖୁବ୍ ସୃଜନମନସ୍କ ଥିଲେ ବି ଲେଖି ହୁଏନା।

କାହିଁକି ?

ମନ ସହିତ ଚେତନାର ମିଳିତ ପ୍ରକାଶ ହିଁ ସୃଜନ ସ୍ୱରୂପ। ପ୍ରଶ୍ନ ଆସେ, ଏତେ ସମୟ ଦେଇ ଧାଡ଼ିଏ ଲେଖି ପାରିଲିନି କାହିଁକି ? ଏ ମନ ସହିତ ଚୈତନ୍ୟର ସମ୍ପର୍କ କ'ଣ ? ଚୈତନ୍ୟ ଉଦୟ ବା ଚେତନା ଜାଗରଣର ସଠିକ୍ ମନ୍ତ୍ର କ'ଣ ?

ସାହିତ୍ୟ ଓ ଜୀବନକୁ ବୁଝିବାକୁ ଚେଷ୍ଟା କଲାବେଳେ ଏପରି ଅନେକ ପ୍ରଶ୍ନ ଓ ପ୍ରସଙ୍ଗ ମୋତେ ଆକ୍ରାନ୍ତ କରେ। ନଲେଖିଲେ ଭଲ ଲାଗୁନଥିବା ସ୍ୱୀକାର କରି ମୁଁ ବସି ପାରେନି କାହିଁକି ? ତା ଅର୍ଥ କ'ଣ ଅନ୍ୟ କେଉଁ ଆନନ୍ଦ ପାଇ ଦିନଟି ବିତାଇ ଦେଇଛି ? ଭିନ୍ନାନନ୍ଦ ଅବା ଅବସାଦରେ କାଟି ଦେଇଛି ? ନା ଆନନ୍ଦ କି ଅବସାଦ ନୁହେଁ ସମୟର ଅପଚୟ ହିଁ କରିଛି ?

ତେବେ ଲେଖକ କ'ଣ କାହାର ବନ୍ଧୁ ହୋଇ ପାରିବନି ? କୋଉ ସାମାଜିକ ଅନୁଷ୍ଠାନରେ ଯୋଗ ଦେବନି ? କୋଉ ସ୍ଥାନକୁ ଯିବନି ? ସମାଜରେ ରହି ଲୋକଙ୍କ ସହିତ ମିଶିବନି ଜଣେ ଲେଖିବ କେମିତି ? ଇଚ୍ଛା, ଅନିଚ୍ଛା ଭିତରେ ବି ଥାଏ ଏକ ସାମାଜିକ ଶୃଙ୍ଖଳା। ସ୍ନେହ ସମ୍ପର୍କ ଭାବ ଦିଆନିଆ। ବୃତ୍ତିର ବାଧ୍ୟବାଧକତା ସାମାଜିକ ଶୃଙ୍ଖଳ ଭିତରେ ପଛ କରିବାକୁ ହୁଏ ସୃଜନର ଅନ୍ତରଙ୍ଗ ଆବେଗ। ସ୍ମୃତି, କଳ୍ପନା ସହିତ ବାସ୍ତବତାର ସମ୍ପର୍କ ହିଁ ସୃଜନର ମୁଖ୍ୟ ଉପାଦାନ। ନଲେଖିବା ଭିତରେ ହିଁ ଥାଏ ଏକ ଲେଖକୀୟ ଜୀଜିବିଷା।

ଅବଶ୍ୟ କେବେ କେବେ ଦୁଃଖ ଲାଗିଛି- ବେଶି କିଛି ପାରିନି। ଆଉ କେବେ ଭାବିଛି ଲେଖିନି କାହିଁକି ? ଲେଖିଛି। ନିଜ ଅନୁସାରେ – ଠିକ୍ ଚାଲିଛି। କେବେ ଅସ୍ୱୀକାର କରିଛି। ଲେଖିଲି କ'ଣ ଆଗରେ ବିସ୍ତୃତ ପଟାଳି କିଛି ବି ବିହନ ବିଞ୍ଚିନି। ସେଇ ଅବୋଧ ଅବାଧ ମନକୁ କେବେ ପୁଣି ନିଜେ ବୁଝାଇଛି।

ମୋର ପ୍ରଥମ ଗପ "ବୋଧହୁଏ ମିଛ ଅଭିମାନ।" ଯାହା ପ୍ରକାଶିତ ହୋଇଥିଲା ଉଣେଇଶି ଶହ ଅଠାଅଶୀ-ଅଣାନବେ ପ୍ରଜାତନ୍ତ୍ର ସାପ୍ତାହିକୀରେ। ଗପଟି ପଢ଼ି ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଲେଖିଥିଲେ, "ସାର ! ଆପଣ ମୋ କଥା ଜାଣିଲେ କେମିତି ? ଏ ଗପ ମୋର ଅନେକ ସମସ୍ୟାର ସମାଧାନ କରି ଦେଇପାରିବ।" ଗପ କ'ଣ କାହା ସମସ୍ୟାର ସମାଧାନ କରି ଦେଇପାରେ ?

"ମହୁରୀ ଏଗାର" ଗପଟି ଜଣେ ଟେଲର୍‌ର ଜୀବନ। ସାଇପାଲି, ବରଗଡ଼ ସତ୍ୟମ ଟେଲର୍ସର ମାଲିକ ଗପଟି ପଢ଼ି ଅନୁରୋଧ କରି ଲେଖିଥିଲେ, "ସାର୍ ଆପଣ କେବେ ଆସନ୍ତୁ। ମୁଁ ମୋ ବାକି କଥା ଶୁଣାଇବି।" ମୁଁ ଆଶ୍ଚର୍ଯ୍ୟ ଗପ ଚରିତ୍ର ସହିତ ସେ ଏକ ହେଲେ କେମିତି ? ଜଣକର କଥା ଆଉ ଜଣେ କହିବା କ'ଣ ଗପ ? ସେଥିପାଇଁ ଭାବେ ଗପ କେବଳ ଜଣଙ୍କର କଥା କୁହେନି ଗଣଙ୍କର କଥା କୁହେ। ଜଣଙ୍କୁ ପ୍ରଭାବିତ କରେନି ଗଣଙ୍କୁ ପ୍ରଭାବିତ କରେ।

"ଝିଅ ଠାରୁ ଉଧାର ଆଣି" ଶିଶୁ ମନସ୍ତତ୍ତ୍ୱ ଆଧାରିତ ଗଳ୍ପବହି ପଢ଼ି ଜଣେ କହିଲେ- "ମୋ ପିଲା ଦୁଷ୍ଟ ହେଲେ ବି ମୁଁ ତା' ଉପରେ ଆଉ ବିରକ୍ତ ହୋଇ ପାରୁନି। ବହିର ଗପ ମନେ ପଡ଼ି ଯାଉଛି।" ଠିକ୍ ସେମିତି ଜୀବନମୟ ଗପ ପଢ଼ି କେହି କେହି ପଶୁପକ୍ଷୀଙ୍କୁ ନିୟମିତ ଖାଦ୍ୟ ଦେବା, ବଳିବୈଶ୍ୱଦେବ ଯଜ୍ଞ କରିବା କଥା ସ୍ୱୀକାର କରିଛନ୍ତି। ଗୋଟେ ଗପ ଆଉ କ'ଣ କରି ପାରିଥାନ୍ତା ? ଏହାହିଁ ମୋ ସୃଜନ କର୍ମର ପ୍ରେରଣା। ଆସ୍ଥା ଓ ଆଶ୍ୱାସନା। ଯାହା ବିଜ୍ଞ ପାଠକମାନେ ଦେଇଛନ୍ତି। ଗପ ନଦେଇ କାହାକୁ ମୁଁ ବା କ'ଣ ଆଉ ଦେଇପାରିଥାନ୍ତି ?

ମୋ ଲେଖାରେ ମୁଁ ବି ଗୋଟେ ନୂଆ ପୃଥିବୀ ତିଆରି କରିବାକୁ ଚେଷ୍ଟା କରିଚି। କେବଳ ବଂଚୁଥିବା ବଂଚିଥିବା ମଣିଷମାନଙ୍କ ମନ ମାନସିକତାକୁ ନୂଆ ରୂପରେ ଦେଖାଇଛି। ସେଥିପାଇଁ ତ ଚରିତ୍ରମାନଙ୍କ ଦୁଃଖରେ ଲୁହ ଜଳ ଜଳ ଆଖିରେ ଆଉଟି ହୋଇଛି। ଯନ୍ତ୍ରଣା ସହି ଆଗକୁ ବଢ଼ିଛି। ବିଦ୍ରୋହ ବୈରାଗୀର ଅନୁଭବ ବି ପାଇଛି।

ସାହିତ୍ୟ ମାଧ୍ୟମରେ ସମୟ ସହିତ ବ୍ୟକ୍ତିର ସହିତ ବ୍ୟକ୍ତି ସହିତ ସମାଜର ସମ୍ପର୍କକୁ ଚିହ୍ନିତ କରିବା, ସାହିତ୍ୟକୁ ନେଇ ଦୁରୁପଯୋଗ ନୁହେଁ ସଦୁପଯୋଗ କରି, ସୁଦୂର ପ୍ରସାରି ଦୃଷ୍ଟିଭଙ୍ଗୀ ଦେବା ମୋ ଲେଖିବାର ଉଦ୍ଦେଶ୍ୟ। ଜୀବନ ଯେତେ ଜଟିଳ ହେଉ ସେସବୁ ଲେଖା ଭିତରେ ନରହୁ। ଯଦିବା କେଉଁଠି ଗପର ଆବଶ୍ୟକତାନୁଯାୟୀ ଚରିତ୍ର ଭିତରେ ଘୃଣା ଅସୂୟା, ଅଶାନ୍ତି, ଅସନ୍ତୋଷ ରହିଛି ସେସବୁ ଗପର ଅନିବାର୍ଯ୍ୟ ସ୍ଥଳେ।

ତେବେ ଏ ପ୍ରଶ୍ନ ବି ମୋତେ ଆକ୍ରାନ୍ତ କରେ, ସେସବୁ ନଲେଖିଥିଲେ କ'ଣ ଚଳି ନଥାନ୍ତା ? କିନ୍ତୁ ଜୀବନକୁ ବୁଝିବା ବେଳେ ବୁଝାଇବା ବେଳେ

କେବଳ ଭଲକୁ ଭଲ କହି ବୁଝାଇ ହେବ ନା ଲେଖି ହେବ? ଆନନ୍ଦ ବିଷାଦ ସାଲିସ ବା ବିଦ୍ରୋହ ଜୀବନ ଲାଗି ଯେମିତି ଗପ ଲାଗି ସେମିତି। ଚରିତ୍ର ଯାହା ଯାହା ଚାହିଁଛି ସେସବୁକୁ ଦେବା ଲାଗି ମୁଁ ବାଧ୍ୟ ହୋଇଛି।

ଥରେ ଥରେ ଗୋଟେ କଥା ଲେଖିବାକୁ ଯାଇ ଗପ ଅଧାରେ ନୂଆ ମୋଡ଼ ପାଇଛି। ଆଶ୍ଚର୍ଯ୍ୟ ହୋଇଛି ସେଥିରେ। ମନରେ ପ୍ରଶ୍ନ ଆସିଛି ଅନେକ। ମୂଳ ଭାବନା ବଦଳି ଗଲା କେମିତି ? ସେବୁବେଳେ କ'ଣ କେଉଁ ଅଦୃଶ୍ୟ ଇଙ୍ଗିତ ମୋତେ ବାଟ ଧରାଇଲା ? ଦଇବ ଦଉଡ଼ି ହୋଇ ପରିଣତି ପର୍ଯ୍ୟନ୍ତ ଟାଣି ନେଲା ? ନା ଗପଟି ଲାଗି ଯେଉଁ ଶକ୍ତି ସାମର୍ଥ୍ୟ ଲୋଡ଼ା ଥିଲା ତାହା ହିଁ ସମ୍ଭବ ହେଲା ନିଜ ଇଚ୍ଛାଶକ୍ତି ଓ ସମ୍ଭାବନାରେ ?

ଆଉ କେବେ ଛନ୍ଦି ହୁଏ ଯେଉଁ ବିଷୟଟି ଦେଖିଲି ତାହା ମୁଁ ଲେଖିଲି କେମିତି ? ବିଷୟ ମୋତେ ବାଛିଲା ନା ବିଷୟଟିକୁ ମୁଁ ବାଛିଲି ? କେତେକେତେ ଘନଘଟାରେ ବ୍ୟଥିତ ହୋଇ କେଉଁ ଦୃଶ୍ୟ ଶବ୍ଦ ସମ୍ପର୍କରେ ଅଭିଭୂତ ହୋଇ ଗପ ଲେଖି ନଥିବା ବେଳେ ଯେଉଁମାନେ ଗପ ହେଲେ ତା ଭିତରେ କ'ଣ ଲୁଚି ଛପିଥିଲା ଏକ ଚରମ ଆଶ୍ଚର୍ଯ୍ୟ। ଯାହା ଆବିଷ୍କୃତ ହେଲା ମୋ ଦ୍ୱାରା ନା କେହି ଜଣେ ଅଦୃଶ୍ୟରେ ଲେଖାଇ ନେଲା ଏମିତି।

ଏ ପ୍ରସଙ୍ଗ ଯାହା ହେଉ ଲେଖିଲା ପରେ କେବଳ ଆବେଗର ପ୍ରୟୋଗ ନୁହେଁ ଉତ୍କଣ୍ଠା ଗତିଶୀଳତା ମାତ୍ରା ପରଖି ମୋ ଲେଖାର ପ୍ରଥମ ପାଠକ ନିଜେ ହୋଇ ଥରକୁ ଥର ପଢ଼େ। ନିଜେ କେତେ ଆତ୍ମନିରୀକ୍ଷଣ କରେ। ନିଜର ସୀମିତତାକୁ ବୁଝି କେବେ ତତ୍‌ଊର୍ଦ୍ଧ୍ୱକୁ ଯିବାକୁ ଚେଷ୍ଟା କରେ। ସାହିତ୍ୟର ସାମର୍ଥ୍ୟ ସୌନ୍ଦର୍ଯ୍ୟ ଭିତରେ ପାଠକଙ୍କୁ ଆନ୍ଦୋଳିତ କରିବାର ଲକ୍ଷ୍ୟ ସହିତ ନିଜେ ନିମଜ୍ଜିତ ହୁଏ। ସେ ଅନୁଭବ ନିଜେ ନପାଇବା ପର୍ଯ୍ୟନ୍ତ ମୋ ଲେଖାର ସଂଶୋଧନ ପ୍ରକ୍ରିୟା ଜାରି ରଖିଥାଏ। ଯେତେବେଳେ ଅନୁଭବ କରେ ମୋ ଲେଖା ଭିତରେ ଅଛି ଗୋଟେ ସୁଦୂରପ୍ରସାରୀ ଦୃଷ୍ଟିଭଙ୍ଗୀ ସେତେବେଳେ ମନେକରେ ମୋ ଲେଖା ପାଠକ ଉପଯୋଗୀ। ମୋ ଲେଖା ମୋତେ ଯେତିକି ଆତ୍ମମୁଖୀ କରେ ଅଧିକ କରେ ବହୁମୁଖୀ। ଯାହା ଥରକୁ ଥର ମୋ ଭିତରେ ନୂଆ ନୂଆ ଚିନ୍ତା ଚେତନା ଲାଗି ସ୍ୱପ୍ନ ରଖିଥାଏ।

ତେବେ ଲେଖକର ଆନନ୍ଦ ଓ ପାଠକର ଆନନ୍ଦ ପାଇଁ ସ୍ରଷ୍ଟା ନିଜ ଚିନ୍ତା ଚେତନାର ବିନିଯୋଗ କଲେବି ଉଭୟଙ୍କ ଭିତରେ ଥାଏ ଏକ ସୀମିତତା। ସବୁ ଲେଖକ ଓ ସବୁ ପାଠକଙ୍କ ଲାଗି ସମାନ ଅନୁଭବ ବି ଦେଇ ପାରନ୍ତି ନାହିଁ କି ପାଠକ ପାଇ ପାରନ୍ତି ନାହିଁ। କେବଳ ଲେଖା ଲେଖକ କାହିଁକି ଗାୟକ ଶ୍ରୋତା ଅଭିନେତା ଦର୍ଶକ ସବୁଠି ଏମିତି କିଛି ସାମ୍ୟତା ବା ଭିନ୍ନତାର ପ୍ରସଙ୍ଗ ସୃଜନରେ ସବୁକାଳେ ରହିଛି, ରହିଥିବ।

ଏପରି ଅନେକ ପ୍ରଶ୍ନ ସହିତ ଏ ଆନନ୍ଦକୁ ନେଇ ବି ମୁଁ ଭାବିଛି। ଲେଖିବାର ଏ ଆନନ୍ଦ ଆସେ କେଉଁଠୁ ? ଯାଏ ବି କୁଆଡ଼େ ? କିପରି ଏହାର ଗତି ଓ ଉଦ୍ଭବ ? ଏ ଆନନ୍ଦରେ ସାରା ଜୀବନ ରହିବାର ଉପାୟ କ'ଣ ? ସୃଜନ ଲାଗି ଏହାହିଁ ସଙ୍କଟ। ସେ ସଙ୍କଟ ହେତୁ ସୃଜନଶୀଳ ବ୍ୟକ୍ତି ଅନ୍ତର୍ଗତ ଓ ବହିର୍ଗତ ଅନେକ ପ୍ରଶ୍ନକୁ ସାମ୍ନା କରେ। ପାଇଥିବା ଦେଇଥିବା ଉତ୍ତରରେ ବି ଥାଏ ଅସନ୍ତୋଷ। ସୃଜନର ଦିବ୍ୟ ଅସନ୍ତୋଷ। ସେହି ସୃଜନ ଅସନ୍ତୋଷ ହିଁ ତାକୁ ନୂଆ ନୂଆ ସୃଷ୍ଟି ଦିଗରେ ଆଗେଇ ନେଉଥାଏ।

ଶେଷ କଥା ଜୀବନ ସୃଜନକୁ ନେଇ ବହୁ ପ୍ରଶ୍ନରେ ଆକ୍ରାନ୍ତ ହେବା ଅପେକ୍ଷା ଲେଖା ଭିତରେ ରହିବା ହିଁ ମୋର କାମନା। ମାନସିକ ଭାବେ ଏକ ବୈପ୍ଳବିକ ଚେତନା ନିର୍ମାଣର ସ୍ୱପ୍ନ ସହିତ ମୋ ଲେଖାରେ ଥାଉ ସେଇ ଜୀବନୀ ଶକ୍ତି ଯାହା ଅନ୍ୟର ଜୀବନକୁ ଅଧିକ ଶକ୍ତି ଯୋଗାଇବ। ଦୁଃଖ ଅବସାଦ ମନରେ ଭରି ଦେବ ଉର୍ବର ଉଜ୍ଜ୍ୱଳ ଭାବ। ସାଧାରଣ ଘଟଣା ବା ପରିସ୍ଥିତିରେ ଥିବ ଉଚ୍ଚ ଭାବନାର ସମାବେଶ। ସତ୍-ଚିତ୍-ଆନନ୍ଦର ସୂକ୍ଷ୍ମ ସ୍ୱରୂପ। ବସୁଧୈବ କୁଟୁମ୍ବକମ୍ ଭାବ। ଅଳୀକ ଏ ଜୀବନ ବୁଝି, ସୃଜନ ମନସ୍କ ହେବା ହିଁ ଜୀବନର ଚରମ ପରମ ଲକ୍ଷ୍ୟ। ଲେଖୁଥିବା ସମୟର ଆନନ୍ଦ ହିଁ ପରମାନନ୍ଦର ଉପଲବ୍ଧି। ଏ ଚିରସ୍ଥାୟୀ ସୁଖ ପ୍ରାପ୍ତି ନିମନ୍ତେ ନିଜର ଉଦ୍ୟମ ସହିତ ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ମୋର କାମ୍ୟ।

ଶ୍ରୀବିହାର, ଖୋର୍ଦ୍ଧା-୭୫୨୦୫୫
ମୋ : ୭୦୭୭୧୯୪୯୮୬

# ନିଜେ ଚାହିଁଲେ ଜୀବନ ଅମୃତମୟ ହୋଇପାରିବ

*ଡ. ଗୀତିକା ପଟ୍ଟନାୟକ*

ମଣିଷର ସବୁଠାରୁ ବଡ଼ ଏବଂ ଆଦିମ ଇଚ୍ଛା ହେଉଛି ଖୁସି ବା ଆନନ୍ଦ ଲାଭ କରିବା। ପ୍ରତ୍ୟେକ ମନୁଷ୍ୟ ସୁଖୀ ହେବା ପାଇଁ ଚାହାନ୍ତି। ସୁଖର ସଂଜ୍ଞା ପ୍ରତ୍ୟେକଙ୍କ ପାଇଁ ଭିନ୍ନ। ଆମରି ଭିତରେ କିଛି ଲୋକଙ୍କ ପାଖରେ ସବୁକିଛି ଅଛି। ମୁଖ୍ୟତଃ ଅଭାବ, ଅସୁବିଧା ନାହିଁ। ଜୀବନରେ ସେମିତି କିଛି ବଡ଼ ଧରଣର ସମସ୍ୟା ନାହିଁ। ତଥାପି ସେମାନେ ଖୁସିରେ ରହି ପାରୁ ନାହାନ୍ତି। ଅଥଚ ରୋଗଗ୍ରସ୍ତ ଅଭାବୀ ମଣିଷଟିଏ ତା'ର ଜୀବନକୁ ଖୁସିରେ ଜିଇଁ ପାରୁଛି। ମନରେ ପ୍ରଶ୍ନ ଉଠେ ଏହା କିପରି ସମ୍ଭବ ହେଉଛି ? ଏହାର କାରଣ ଜୀବନ ଦୃଷ୍ଟି ଅର୍ଥାତ୍ ଆପଣ ଜୀବନ ଏବଂ ତତ୍‌ସଂଲଗ୍ନ ବିଭିନ୍ନ ବିଭାଗକୁ କେଉଁ ଦୃଷ୍ଟିରେ ଦେଖୁଛନ୍ତି ? ଉଦାହରଣଟିଏ ନେବା। ଧରନ୍ତୁ ଦୁଇଜଣ ବ୍ୟକ୍ତି ଗୋଟିଏ ପ୍ରକାର କାମ କରୁଛନ୍ତି। ସେମାନଙ୍କ ସାମର୍ଥ୍ୟ, ପ୍ରତିଭା, ନିଷ୍ଠା ଇତ୍ୟାଦି ସମାନ। କିନ୍ତୁ ଏମିତି ହୋଇପାରେ ଯେ କାର୍ଯ୍ୟଟି ଦ୍ୱାରା ଦୁଇଜଣ ପ୍ରାୟ ସମତୁଲ ଫଳ ଲାଭ କରିଥିଲେ ମଧ୍ୟ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି ବା ସେହି ହିସାବରେ ସୁଖୀ ବା ଅସୁଖୀ ହୋଇ ପାରନ୍ତି। ଏହାର କାରଣ ହେଲା ଜଣେ ନିଜ ପରିଶ୍ରମର ଫଳ କିଭଳି ହେବ ସେ ନେଇ ଏକ ଉଚ୍ଚ ଆଶା ରଖିଥାଇ ପାରେ; ତାହା ଯଦି ହାସଲ ହୋଇ ପାରିଲା ନାହିଁ ତେବେ ସେ ବିଷର୍ଣ୍ଣ ହୋଇ ଉଠିବ। ଅଥଚ, ଅନ୍ୟ ଜଣକ ସେମିତି କୌଣସି ଫଳର ଆଶା ନରଖି କେବଳ ନିଜ କାମ କିଭଳି ଭଲ ହେବ, ତା'ଉପରେ ଦୃଷ୍ଟି ଦେଇ ଆଗେଇ ଚାଲିବ। ଯାହା ଫଳ ମିଳିଲା ତାହା ତା'କାର୍ଯ୍ୟ ବା ପ୍ରଚେଷ୍ଟାର ସ୍ୱାଭାବିକ ଫଳଶ୍ରୁତି ବୋଲି ଧରିନେବ ଏବଂ ତହିଁରେ ସନ୍ତୁଷ୍ଟ ରହିବ। ଉଚ୍ଚଆଶା ରଖି ପ୍ରଚେଷ୍ଟା କରୁଥିବା ବ୍ୟକ୍ତି ଜଣକ ବଫଳ ହେଲେ ହତାଶ ହବା ସ୍ୱାଭାବିକ। କିନ୍ତୁ ଯେତେବେଳେ ସେ ସ୍ୱୀକାର କରି ନେବେ ଯେ ତାଙ୍କ ସାମର୍ଥ୍ୟ ଏବଂ ଉଦ୍ୟମରୁ ଯାହା ମିଳିଛି ତାହା ହିଁ ତାଙ୍କର ପ୍ରାପ୍ୟ, ସେତେବେଳେ ମନରୁ ନକରାତ୍ମକ ଭାବନା ଦୂରେଇ ଯିବ ଏବଂ ସେ ଅସୁଖୀ ହେବେ ନାହିଁ।

ବିଶିଷ୍ଟ ଚିତ୍ରକର ଭାନ୍‌ଭୋଗ୍ ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟ ଦେଇ ଗତି କରୁଥିଲେ ସୁଦ୍ଧା ତାଙ୍କ ନିଜର କୌଣସି କଳାକୃତିକୁ ବିକ୍ରି କରୁ ନଥିଲେ ଭାନ୍‌ଭୋଗ୍‌ଙ୍କର ପୃଷ୍ଠପୋଷକତା କରୁଥବା ତାଙ୍କ ଭାଇ ଯେତେବେଳେ ପ୍ରଶ୍ନ କରିଥିଲେ ଯେ, ସେ କ'ଣ ଅନ୍ୟ ଚିତ୍ରକରମାନଙ୍କ ଭଳି କିଛି କଳାକୃତି ବିକ୍ରି କରି ଅର୍ଥ ଏବଂ ସୁନାମ ଅର୍ଜନ କରିବାକୁ ଚାହାନ୍ତି ନାହଁ ? ଉତ୍ତରରେ ଭାନ୍‌ଭୋଗ୍ କହିଥିଲେ ଯେ ସବୁ ଆନନ୍ଦ ତ ଚିତ୍ର କଲାବେଳେ ମିଳିଯାଉଛି ଆଉ କେଉଁ ଆନନ୍ଦ ଲୋଡ଼ା ? ସୁତରାଂ ଆମର ନିଜର ଦୃଷ୍ଟିଭଙ୍ଗୀ ଉପରେ ଆମର ସୁଖୀ ବା ଅସୁଖୀ ହେବା ନିର୍ଭର କରେ। ଜୀବନର ସବୁ କ୍ଷେତ୍ରରେ ଜଣେ ବିଭିନ୍ନ ବିଷୟକୁ କିଭଳି ବିଚାର କରୁଛି, ତାହା ତା'କୁ ସନ୍ତୁଷ୍ଟ ବା ଅସନ୍ତୁଷ୍ଟ କରିପାରେ। ଏକ ସଧାରଣ କଥା ଛଳରେ କୁହାଯାଏ ଜଣେ ତା'ର ଦ୍ୱିତଳ ପ୍ରାସାଦ ନେଇ ସେ ପର୍ଯ୍ୟନ୍ତ ସୁଖୀ ଥାଏ, ଯେ ପର୍ଯ୍ୟନ୍ତ ତା'ପଡ଼ୋଶୀ ଏକ ତ୍ରିତଳ ପ୍ରାସାଦ ନିର୍ମାଣ କରି ନଥାଏ। ଏଠାରେ ଦୁଃଖର କାରଣ ହୋଇଯାଏ 'ତୁଳନା' ଏହି ତୁଳନାର ଭାବନା ଆମ ବିଚାରରୁ ଜାତ। ଯେଉଁ ବ୍ୟକ୍ତି ଏଭଳି ତୁଳନାର ଜଞ୍ଜାଳ ଭିତରେ ପଶେ ନାହିଁ, ସେ ତା'ର ଛୋଟ ଘରେ ମଧ୍ୟ ସୁଖରେ ରହିପାରିବ। ସୁତରାଂ ସବୁ ହେଉଛି ଆମ ଦୃଷ୍ଟିଭଙ୍ଗୀର କଥା।

ଦ୍ୱିତୀୟରେ ଆସିବ କୃତଜ୍ଞତା ଜ୍ଞାପନର ମାନସିକତା। ସାଧାରଣତଃ ଆମେ ସମସ୍ତେ କାହାଠାରୁ କିଛି ଉପକାର ପାଇଲେ କୃତଜ୍ଞତା ପ୍ରକାଶ କରିଥାଉ। ଅଥଚ ଜୀବନରେ ନିୟମିତ ଓ ନିରନ୍ତର ଭାବରେ ଯେଉଁସବୁ ସୁବିଧା, ସୁଯୋଗ ଆମେ ଉପଭୋଗ କରିଥା. ସେ ସବୁକୁ ଆମେ କୃତଜ୍ଞତା ଜଣାଇବା ପାଇଁ ଭୁଲିଯାଉ। କଥାରେ କହନ୍ତି ଯେ ଗୋଡ଼ ନ ଭାଙ୍ଗିଲା ଯାଏ ଜଣେ ଜାଣି ନଥାଏ ଯେ ଗୋଡ଼ଟି ତା' ଲାଗି କ'ଣ କରୁଥିଲା ? ଅଥଚ ସାଧାରଣ ଭାବେ କେହି କେବେହେଲେ ନିଜ ଗୋଡ଼ (ସେହି ଦୃଷ୍ଟିରେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ) ଯୋଡ଼ିକୁ କୃତଜ୍ଞତା ଭରା ଦୃଷ୍ଟିରେ ଦେଖିଛନ୍ତି କି ? ଆମ ପାଖରେ ଯାହା କିଛିଥାଏ ଆମେ ସେ ସବୁକୁ ବିଶେଷ ଗୁରୁତ୍ୱ ଦେଇ ନଥାଉ। ଆମେ ପାଇଥିବା ଜିନିଷକୁ ଉପଭୋଗ କରିବା ଆମର ଜନ୍ମଗତ ଅଧିକାର ବୋଲି ମନେ କରୁ। ଆମ ପାଖରେ ଯାହାସବୁ ନାହିଁ ତାହା ପାଇଗଲେ ଆମେ ଖୁସି ହେବୁ ବୋଲି ମନରେ ସ୍ଥିର କରିନେଉ। ଟିକିଏ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ବୁଝି ହେବ ଯେ ଆମେମାନେ ଜୀବନରେ କମ୍ ବା ବେଶି ଯାହା କିଛି ପାଇପାରିଛୁ, ତାହା ଅନେକ ମୂଲ୍ୟବାନ ଯାହାକି ଅନେକଙ୍କ ଭାଗ୍ୟରେ ଜୁଟେ ନାହିଁ। ଆହୁରି ମଧ୍ୟ ଆମେ ଯେଉଁ ସବୁ କଥା ବାହାରେ ଥାଇ ଦେଖୁ କିମ୍ବା ଅନୁମାନ କରୁ ସେହି ସବୁ ବାସ୍ତବରେ ସୁଖ, ସ୍ୱାଚ୍ଛନ୍ଦ୍ୟ ବିହୀନ ମରୀଚିକା ସଦୃଶ ହୋଇପାରନ୍ତି। ଖୁସିରେ ମୃଗତୃଷ୍ଣା ପଛରେ ଧାଇଁବା ହେଉଛି ସବୁଠାରୁ ବଡ଼ ନିର୍ବୋଧତା ଏବଂ ମଣିଷର ଦୁଃଖର କାରଣ

ଯାହା ପାଖରେ କୃତଜ୍ଞତା ଭାବ ନଥାଏ ତା'ପାଖରେ ସବୁକିଛି ଥିଲେ ମଧ୍ୟ ଏକପ୍ରକାର ଅପ୍ରାପ୍ତିବୋଧରେ ସେ ଛଟପଟ ହୁଏ; ଶାନ୍ତି ଲାଭ କରିପାରେ ନାହିଁ। କୃତଜ୍ଞ ରହିବାର ମନୋଦଶା ସେତେବେଳେ ସୃଷ୍ଟିହୁଏ ଯେତେବେଳେ ଜଣେ ଅହଂକାରମୁକ୍ତ ହୋଇ ଜୀବନରେ ଯାହା କିଛି ମିଳିଛି ସେଥିରେ ସୁଖୀ ରହିବା ପାଇଁ ଇଛା କରେ। ନିକଟରେ ମୋତଜର୍ମାନୀରେ ଜନ୍ମିତ ଏଡ୍‌ଡ଼ି ଜାକୁ (Eddie-Jaku)ଙ୍କର ଜୀବନୀ ପଢ଼ିବାର ସୁଯୋଗ ମିଳିଲା। ନାଜି ମାନଙ୍କ ଦ୍ୱାରା ମରରଣାନ୍ତକ ଭାବରେ ଅତ୍ୟାଚାରିତ ହୋଇଥିବା ସତ୍ତ୍ୱେ ମୃତ୍ୟୁମୁଖରୁ କୌଣସି ମତେ ବଞ୍ଚି ଯାଇଥିବା ବ୍ୟକ୍ତି ହେଉଛନ୍ତି ଏଡ୍‌ଡ଼ି ଜାକୁ ଏତେସବୁ ଦୁଃଖ, କଷ୍ଟ, ନିର୍ଯାତନା ପରେ ସେ କେବଳ ଶତାୟୁ ପୁରୁଷ ଭାବରେ ବଞ୍ଚି ନାହାନ୍ତି। ନିଜକୁ ପୃଥିବୀର ସବୁଠାରୁ ସୁଖୀ ମଣିଷ ଭାବରେ କୃତଜ୍ଞତା ଜଣାଇଛନ୍ତି। କୃତଜ୍ଞତା ହେଉଛି ଏକ ସକାରାତ୍ମକ ଆବେଗ। ଆବେଗ ମଣିଷକୁ ଗତିଶୀଳ କରାଏ। ପ୍ରତ୍ୟେକ ଦିନର ପ୍ରତ୍ୟେକ ମୁହୂର୍ତ୍ତ ପାଇଁ ମଣିଷ କୃତଜ୍ଞତା ପ୍ରକାଶ କରିବା ଉଚିତ୍। ଜୀବନର ଚଲାପଥ କିଛି ସମୟରେ ଅଧିକ କଷ୍ଟକର ତଥା ଦୁର୍ବିସହ ମନେହୁଏ। ମନକୁ କେତେ ପ୍ରକାର ଦୁଶ୍ଚିନ୍ତା ଆସିଥାଏ। ଏହି ସମୟରେ ହତାଶ ନହୋଇ ବରଂ କୃତଜ୍ଞ ହେବା ଉଚିତ୍; ହୁଏତ ଯାହା କିଛି ଘଟି ଯାଉଛି ତାହା ଆମ ପାଇଁ ଶ୍ରେଷ୍ଠ ବିକଳ୍ପ। ଯାହା କିଛି ଆମର ନିଜର ସେଥିରେ ସନ୍ତୁଷ୍ଟ ରହିବା ହେଉଛି ସୁଖୀ ହେବାର ଏକ ସହଜ ଏବଂ ସୂକ୍ଷ୍ମ କଳା।

ସୁଖୀ ରହିବାର ତୃତୀୟ ଉପାୟଟି ହେଲା ଦୟା ଓ କ୍ଷମା ପ୍ରଦର୍ଶନ। ପ୍ରାୟତଃ ସୁଖୀ ବ୍ୟକ୍ତିମାନେ ଅଧିକ ଶକ୍ତିର ଅଧିକାରୀ ହୋଇଛନ୍ତି ଖୁସି ଏବଂ ଦୟାଭାବ ଉଭୟ ପରସ୍ପରର ପରିପୂରକ। ଯେଉଁମାନେ ସ୍ୱାଭାବଗତ ଭାବରେ ଦୟାବାନ ଏବଂ କ୍ଷମାଶୀଳ ସେମାନେ ସୁଖୀ ହୁଅନ୍ତି। କ୍ରୋଧ ଓ ପ୍ରତିଶୋଧ ନେବାର ଇଛାଦ୍ୱାରା କବଳିତ ହୁଅନ୍ତି ନାହିଁ। ଦୟାବାନ ବ୍ୟକ୍ତିର ମନରେ କେବେହେଲେ କୌଣସି ପ୍ରକାର ପ୍ରତ୍ୟାଶା ନଥାଏ। ଦୟାଳୁଭାବ ଖୁସି ଏବଂ ସକାରାତ୍ମକ ମାନସିକତାକୁ ପ୍ରୋତ୍ସାହିତ କରିଥାଏ। ଯେଉଁ ବ୍ୟକ୍ତିର ମନ ଦୟା, ଅନୁକମ୍ପାରେ ପରିପୂର୍ଣ୍ଣ ସେ ନିଃସଙ୍ଗ ହୋଇ ନଥାଏ। ଦୟା, ଅନୁକମ୍ପା, ସ୍ନେହ ଓ ମମତାକୁ କେବଳ ନିଜ ପରିବାରର ପରିସୀମା ଭିତରେ ସୀମିତ  ନରଖି ତା'କୁ ସଂପ୍ରସାରିତ କରି ସମାଜ ସେବା କରିବା ଦ୍ୱାରା ସ୍ୱର୍ଗୀୟ ଆନନ୍ଦ ମିଳିଥାଏ। ଏହିପରି ଏକ ମହାନୁଭୂତି ସମଗ୍ର ମାନବ ସମାଜକୁ ସୂକ୍ଷ୍ମ ବନ୍ଧନରେ ବାନ୍ଧି ରଖିଥାଏ। ଆମର ହସ, ଖୁସି, ଆମ ଚାରିପାଖରେ ଥିବା ପରିବେଶକୁ ସକାରାତ୍ମକ ଶକ୍ତି ବିତରଣ କରିଥାଏ ଆନନ୍ଦ। ସଫଳତା, ସମୃଦ୍ଧି, ଶାନ୍ତି, ସ୍ନେହ, ପ୍ରେମ ଏବଂ ସୁସମ୍ପର୍କ ହେଉଛି ସୁଖଦ ଅନୁଭୂତିର ମୁଖ୍ୟ ଉପାଦାନ। କାହାପାଇଁ କିଛି ଭଲକାମ କରିପାରିଲେ ଆତ୍ମ ସନ୍ତୋଷ ମିଳିଥାଏ।


ଜୀବନ ହେଉଛି ସୁଖ ଏବଂ ଦୁଃଖର ଏକ ମିଶ୍ର ପ୍ରବାହମାନ ସ୍ରୋତ। ପ୍ରତ୍ୟେକ ବ୍ୟକ୍ତିର ଜୀବନ ବଭିନ୍ନ ପ୍ରକାର ଉତ୍‌ଥାନ- ପତନ ଅତିକ୍ରମ କରି ଆଗକୁ ଚାଲିଥାଏ। ଜୀବନରେ ହତାଶ, ଦୁଃଖ, ଅଭାବବୋଧର ଅନୁଭୂତି ନଥିଲେ ହଏତ ମଣିଷ 'ସୁଖ'ର ସଂଜ୍ଞା ବା ଆନନ୍ଦର ଅନୁଭୂତି ଜାଣି ପାରନ୍ତା ନାହିଁ। ଖୁସିର କାରଣ ବା ରୂପାୟନ ଯାହା ହେଉନା କାହିଁକି ଏହା ମଣିଷର ମନକୁ ଉର୍ଦ୍ଧ୍ୱଗାମୀ କରିବା ସହିତ ଉଲ୍ଲସିତ କରିଥାଏ। ମାନସିକ ଶାନ୍ତି ଏବଂ ସୁଖର ଏକ ବଡ଼ ଶତ୍ରୁ ହେଲା ମାନସିକ ଚାପ। ଆମ ନିତିଦିନିଆ ଜୀବନରେ ସବୁଠି ସବୁବେଳେ ଅନ୍ୟ ସହିତ ପ୍ରତିଯୋଗିତା ଲାଗି ରହିଛି। ବିଦ୍ୟାଳୟ ହେଉ ଅବା ମହାବିଦ୍ୟାଳୟ, କର୍ମକ୍ଷେତ୍ର ହେଉ ଅବା ଖେଳପଡ଼ିଆ ସମସ୍ତେ ଚାହାନ୍ତି ସଫଳତାର ଶୀର୍ଷ ସ୍ଥାନରେ ରହିବା ପାଇଁ ପ୍ରତିଯୋଗିତାର ଏହି ଘୋଡ଼ାଦୌଡ଼ରେ ସାମିଲ ହୋଇ ଆମେ ସ୍ୱଚ୍ଛାକୃତ ଭାବରେ ଆମ ମନ ଭିତରକୁ ମାନସିକ ଚାପକୁ ନିମନ୍ତ୍ରଣ କରି ଚାଲିଛୁ। ଆମେ ଯଦି କିଛିଟା ସଫଳତା ପାଇଗଲୁ, ସେଥିରେ ସନ୍ତୁଷ୍ଟ ନରହି ଅନ୍ୟ କିଛି ପାଇବା ପାଇଁ ଆଶା କରୁଛୁ। ଯେତେବେଳେ ଆଶାନୁରୂପ ସଫଳତା ମିଳୁନାହିଁ, ଆମେ ନିରାଶ ହୋଇ ଯାଉଛୁ ଆଶା ଏବଂ ନିରାଶାର ଏହି ଚକ୍ରବ୍ୟୂହ ଭିତରେ ଘୂରିଘୂରି ଆମେ କେବଳ ସୁଖର ମରୀଚିକା ପଛରେ ଧାଇଁଛୁ। ଆହୁରି ମଧ୍ୟ ଯେଉଁ ବ୍ୟକ୍ତି ଅତୀତରେ ଘଟି ଯାଇଥିବା ଦୁଃଖଦ ଅନୁଭୂତିକୁ ନେଇ ଅତ୍ୟଧିକ ମର୍ମାହତ ହୁଏ ଏବଂ ସବୁବେଳେ ନିଜ ଭବିଷ୍ୟତକୁ ନେଇ ଚିନ୍ତିତ ରହେ; ସ୍ୱାଭାବିକ ଭାବରେ ସେ ମନଖୋଲି ହସି ପାରେନି ନିତିଦିନିଆ ଜୀବନରେ ଅନ୍ୟମାନଙ୍କ ସହ ଭୁଲ ବୁଝାମଣା ଯୋଗୁଁ କିଛି ସମୟରେ ମନ ଅଶାନ୍ତ ରହେ। ବାହାର ଦୁନିଆରେ କିମ୍ବା ଘର ଭିତରେ ଯେଉଁମାନେ ପରିଷ୍କାର ଭାବରେ ନିଜର ମତାମତ ତଥା ମନୋଭାବ ବ୍ୟକ୍ତ କରିପାରନ୍ତି, ସେମାନଙ୍କର ଅନ୍ୟମାନଙ୍କ ସହିତ ଖୁବ୍ କମ୍ ଭୁଲ ବୁଝାମଣା ହୋଇଥାଏ। କିଛି ବ୍ୟକ୍ତି ସଙ୍କୋଚ କରି ନିଜର ଇଚ୍ଛା ଅନିଚ୍ଛାକୁ ମୁହଁ ଖୋଲି କହି ପାରନ୍ତି ନାହିଁ। ଫଳରେ ନିଜେ ନିଜ ମନ ଭିତରେ ଚିନ୍ତିତ ଏବଂ ଦ୍ୱନ୍ଦ୍ୱରେ ରହନ୍ତି। ଶାନ୍ତିପୂର୍ଣ୍ଣ ସୁନ୍ଦର ଦୃଶ୍ୟ ମନେ ପକାଇ କିମ୍ବା ଦେହକୁ ଶାନ୍ତ ହେବା ପାଇଁ ଆଦେଶମୂଳକ ଶବ୍ଦ ଯଥା – "Relax" ବା "ବ୍ୟସ୍ତ ହୁଅନ" କହି ମନର ଆଲୋଡ଼ନକୁ ବନ୍ଦ କରିବା ଉପାୟ ଅଭ୍ୟାସ କଲେ ଦେହ ଏବଂ ମନକୁ ଶାନ୍ତ ଏବଂ ସତେଜ ରଖିହେବ। ଆମେ ସମସ୍ତେ ସ୍ୱାଧୀନ, ସ୍ୱୟଂସମ୍ପୂର୍ଣ୍ଣ ଏବଂ ଆତ୍ମ ନିର୍ଭରଶୀଳ ବ୍ୟକ୍ତି ଭାବରେ ବଞ୍ଚିବାକୁ ଭଲପାଉ। ମଣିଷକୁ ବଞ୍ଚାଇ ରଖିଥାଏ ଭବିଷ୍ୟତର ସ୍ୱପ୍ନ। ସ୍ୱପ୍ନକୁ ସାକାର କରିବା ପାଇଁ ସେ ନିରବଚ୍ଛିନ୍ନ ପରିଶ୍ରମ କରିଥାଏ। ମନ ଖୁସି ରହିଲେ ଆଗକୁ ଅଧିକ ସୁଖଦ ଅନୁଭୂତି ପାଇଁ ସୁଯୋଗ ଏବଂ ସମ୍ଭାବନା ଥାଏ। କଥାରେ  କହନ୍ତି "ଖୁସି ବାଣ୍ଟିଲେ ବଢ଼େ" ନିଜ ସୁଖଦ ଅନୁଭୂତିର ବର୍ଣ୍ଣନା ଅନ୍ୟ ପାଖରେ କହିବା ଦ୍ୱାରା ଖୁସିର ମାତ୍ରା ବଢ଼ିଥାଏ। ଅତୀତକୁ ବହିର ପୃଷ୍ଠାପରି ଓଲଟାଇ ହୁଏନି। ଅଥଚ ଅତୀତର ସ୍ମୃତି ରୋମନ୍ଥନ କରି ଆମେ ମାନସିକ ସ୍ତରରେ ପୁଣିଥରେ ପୁରୁଣା ଦିନକୁ ଫେରିଯାଉ। ବ୍ୟକ୍ତିର ବ୍ୟକ୍ତିତ୍ୱ ଏବଂ ଚାରିତ୍ରିକ ଲକ୍ଷଣ ମଧ୍ୟ ଖୁସିର ନିର୍ଦ୍ଧାରକ ହୋଇଥାଏ। ଆଶାବାଦୀ ବ୍ୟକ୍ତିଟି ପ୍ରାୟତଃ ଖୁସି ମନରେ ଥାଏ। ବାସ୍ତବରେ ଭୟ, ଆଶଙ୍କା ଏବଂ ସନ୍ଦେହ ମନକୁ ବିଚଳିତ କରାଏ ଯାହା ଫଳରେ ମଣିଷ ସୁନ୍ଦର ଅନୁଭୂତିର ସ୍ୱାଦ ଉପଭୋଗ କରିପାରେ ନାହିଁ। ଜୀବନରେ ଯେତେ ଯାହା ଭଲକଥା ଘଟିଗଲେ ମଧ୍ୟ ଭବିଷ୍ୟତରେ କିଛି ଅଘଟଣ ହୋଇପାରେ; ଏପରି ସନ୍ଦେହ ମନକୁ ବିବ୍ରତ କରାଏ। ମାନସିକ ସୁଖର ଅନ୍ୟ ଏକ ପ୍ରତିବନ୍ଧକ ହେଉଛି ମନର ଭୟ। ସୁଖ ପାଇବାକୁ ହେଲେ ମଣିଷ ନିଜେ ସର୍ବପ୍ରଥମେ ନିର୍ଭୀକ ହେବା ଆବଶ୍ୟକ। ମୃଗର ନାଭିରେ ଥିବା କସ୍ତୁରୀ ପରି ସୁଖ ଆମ ମନ ଭିତରେ ଥାଏ। ସୁଖୀ ହେବାର ଦକ୍ଷତା ଏବଂ କଳା ଆମ ନିଜ ହାତରେ

କଥା । ଆମକୁ କୌଣସି ବାହ୍ୟଶକ୍ତି ତଥା ଜ୍ଞାନଶକ୍ତି ସୁଖୀ ହେବା ପାଇଁ ବାଧ କରିପାରିବ ନାହିଁ। ଆମେ ନିଜେ ଚାହିଁଲେ ଏବଂ ସଚେତନ ହେଲେ ହସଖୁସିଭରା ଏକ ସୁନ୍ଦର ଜୀବନ ଜିଇ ପାରିବା। ପ୍ରକୃତରେ ଜୀବନରେ ସୁଖୀ ହେବାର ମନ୍ତ୍ର ମଣିଷର ମନରେ ହିଁ ଲୁଚି ରହିଥାଏ।

ଜୀବନର ସୁଖଦ ଅନୁଭୂତି ଆମକୁ ଆନନ୍ଦ ଦେବା ସହିତ ଆମର ଆତ୍ମସମ୍ମାନକୁ ଦୃଢ଼ୀଭୂତ କରିଥାଏ। ଆନନ୍ଦ, ସଫଳତା, ସମୃଦ୍ଧି ଓ ଶାନ୍ତି, ସ୍ନେହ, ପ୍ରେମ ଏବଂ ସୁସମ୍ପର୍କ ହେଉଛି ସୁଖଦ ଅନୁଭୂତିର ମୁଖ୍ୟ ଉପାଦାନ। ବ୍ୟକ୍ତି, ପରିବେଶ ଏବଂ ମନର ଆଗ୍ରହ ଆମକୁ ପ୍ରେରଣା ଦେବା ସହ ମନର ଚେତନାକୁ ଜାଗ୍ରତ କରିଥାନ୍ତି। ଆନନ୍ଦର ଅନୁଭୂତି ବହୁବିଧ ପରିସରଭୁକ୍ତ। ଅତୀତର ସୁଖଦ ଅନୁଭୂତିର ରୋମନ୍ଥନ ଏବଂ ଉଜ୍ଜ୍ୱଳ ଭାବିଷ୍ୟତର ସ୍ୱପ୍ନ ଆମକୁ ବିମୋହିତ କରିଥାଏ। ସୁଖଦ ଅନୁଭୂତି ଆମର ମନକୁ ଆନନ୍ଦ ଦେବା ସହ ଆମର ମାନସିକ ବିକାଶ ଆଣିଥାଏ। ଅନ୍ୟର ପ୍ରଶଂସା ଓ ଅନୁମୋଦନ ଆମକୁ ଅଧିକ ପରିଶ୍ରମ କରିବାପାଇଁ ଉତ୍ସାହିତ କରିଥାଏ। ସମ୍ପୂର୍ଣ୍ଣ ସମର୍ପଣ ଓ ମନୋନିବେଶ ହେଉଛି ଆନନ୍ଦ ପାଇବାର ମୁଖ୍ୟ ଉପାଦାନ।

ଏହି ଆନନ୍ଦ କେବଳ ଆମକୁ ସାମୟିକ ଭାବରେ ଉଲ୍ଲସିତ କରେନାହିଁ, ମାତ୍ର ଏହା ମନରେ ଏକ ସ୍ଥାୟୀ ସୁଖାନୁଭୂତିର ଛାପ ଛାଡ଼ିଯାଏ। ଆନନ୍ଦ ବା ଖୁସି ପୂର୍ବପ୍ରସ୍ତୁତ ଏକ ଯୋଜନା ନୁହେଁ। ଏହା ଆମର ଭାବନା ଏବଂ କର୍ମରୁ ମିଳିଥାଏ। ଏହା ଆମର ଖୁସି ବା ଆନନ୍ଦ ଆମର ଜନ୍ମଗତ ଅଧିକାର ନୁହେଁ, ଏହା ଆମର, ଏହା ଆମର ଅଭିରୁଚି ବା ମନୋନୟନର ପରିଚାୟକ। ଖୁସିର ଅନୁଭବ ଏକ ଅନନ୍ୟ ଅନୁଭୂତି। ଆମେ ସମସ୍ତେ ଖୁସିରେ ରହିବା ପାଇଁ ଇଚ୍ଛା କରିଥାଉ। ମନରେ ଖୁସିର ଅନେକଗୁଡ଼ିଏ ସକାରାତ୍ମକ ପ୍ରଭାବ ରହିଛି। ମନସ୍ତତ୍ତ୍ୱବିତ୍‌ମାନେ ସକାରାତ୍ମକ ମନସ୍ତତ୍ତ୍ୱ ମାଧ୍ୟମରେ ଆନନ୍ଦ ଅନୁଭୂତିକୁ ବୈଜ୍ଞାନିକ ଗବେଷଣାର ଅନ୍ତର୍ଭୁକ୍ତ କରାଇ ବିଶ୍ୱର ମାନସିକ ସ୍ୱାସ୍ଥ୍ୟର ଅଭିବୃଦ୍ଧି କରାଇବାରେ ଅନେକାଂଶରେ ସଫଳ ହୋଇପାରିଛନ୍ତି।

ପ୍ରଫେସର, ମନସ୍ତତ୍ତ୍ୱବିତ୍
ପୂର୍ବତନ ସଭାପତି,
ରାଜ୍ୟ ପ୍ରବରଣ ମଣ୍ଡଳୀ, ଉଚ୍ଚଶିକ୍ଷା ବିଭାଗ
ମୋ - ୮୨୪୯୬୨୬୭୮୫



# ଜୀବନ ମଧୁର - ଜଗତ ମଧୁର

*ଡା. ଇନ୍ଦ୍ରମଣି ଜେନା*

**ସଂ**ସାର ଜଞ୍ଜାଳମୟ । ଏଠି ଖାଲି ସୂର୍ଯ୍ୟ ଉଦୟ ହୋଇ ଅସ୍ତ ଯାଆନ୍ତିନି, ଚନ୍ଦ୍ର ତାର ଶୀତଳ କିରଣରେ ରଜନୀର ଅନ୍ଧକାର ଦୂର କରେନି, ଏଇଠି ଜୀବନର ଗତି ଅଛି । ଧରିତ୍ରୀ ନିଜସ୍ୱ ଧାରାରେ ଗତିଶୀଳ ହେଉଥିବା ଅବସ୍ଥାରେ ତାର ସବୁଜିମା ଆହରଣ କରି ଜୀବନର ଲହରି ପ୍ଲାବନ କରିଥାଏ । ଏଇଠି କେବଳ ମଣିଷ କାହିଁକି, ପ୍ରତିଟି ଜୀବ ପରିବେଶ ଗହଣରେ ଜୀବନ ନିର୍ବାହ କରିଥାଏ । କିନ୍ତୁ ଦୃଶ୍ୟମାନରେ ପ୍ରକୃତି ଆଉ ପରିବେଶ ସହିତ ଜୀବର ଯେତିକି ସମ୍ପର୍କ ଥାଏ, ଅଦୃଶ୍ୟରେ ଶତଗୁଣ ସମ୍ପର୍କ ରହିଥାଏ ଏବଂ ଜୀବନର ପ୍ରତିଟି ହୃଦ୍‌ସ୍ପନ୍ଦନରେ ଏହା ପ୍ରତୀୟମାନ ହୁଏ । ଧରିତ୍ରୀମାତାର ଏହି ଅସାଧାରଣ ପ୍ରଭାବ ଜୀବନକୁ ପ୍ରାକୃତିକ କରିଦିଏ । ଜୀବନର ଏହି ବାସ୍ତବତା ଜୀବଜଗତକୁ ଆହ୍ୱାନ ଦିଏ, ଜୀବନ ସଂଗ୍ରାମମୟ, ସଂଘର୍ଷମୟ । ସବୁ ସତ୍ତ୍ୱେ ଜୀବନ ପାଇଁ ଜଗତ ଅପରିହାର୍ଯ୍ୟ, ଜୀବନକୁ ଆଶ୍ରିତ କରି କୋଟି ବର୍ଷର ଜୀବମୟ ଧରିତ୍ରୀ ସୃଷ୍ଟି ହେବାଟା ଆମର ବିଶ୍ୱାସଭାଜନ ହୁଏ ନାହିଁ । କୋଟି କୋଟି ମଣିଷ ଜୀବନ ପାଇଁ ଅନନ୍ତକାଳ ଧରି ଏହି ଭୂପୃଷ୍ଠରେ ଉପାଦାନ ଯୋଗାଇ ଦେଇଛି ଭୂମାତା । ବଞ୍ଚିବାର ଶୈଳୀ ବ୍ୟକ୍ତିବିଶେଷର ଅବା ସମାଜର । ତାହାରି ଭିତରେ ଚେତନାବିଶିଷ୍ଟ ମାନବ ନିଜ ଜୀବନର ମୂଲ୍ୟବୋଧ ନିଶ୍ଚୟ କରି ନିଜ ଜୀବନକୁ ଧନ୍ୟ ମନେ କରୁଥିବ । ସଂସାରର ଜଡ଼ଶକ୍ତିର ଜୀବନ୍ତ ହେବାର ସୌଭାଗ୍ୟ ପାଇଥିବାରୁ ସୃଷ୍ଟିକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସ୍ୱାଭାବିକ ।

ଅନୁଭବ କରିପାରିଲେ, ଏହା ନିରାଟ ସତ୍ୟ ଯେ, ଜଗତ ଆନନ୍ଦମୟ, ଜଗତ ଅମୃତମୟ । ଜୀବନ ପାଇଁ ଜଗତ ଅନନ୍ତ ଆନନ୍ଦର ଉତ୍ସ । ଜୀବକା ବଳରେ ଅମୃତ ଲାଭର ଅବକାଶ ରହିଛି । ଏହି ଅମୃତ ହେଉଛି ଜୀବନକୁ ଉପଲବ୍ଧ କରିବା ଏବଂ ରହସ୍ୟାବୃତ ଜଗତରେ ଶାନ୍ତିରେ ଅବସ୍ଥାନ କରି ନିଜର ଜୀବନକୁ ସାର୍ଥକ କରିବା ଏବଂ ମନବୋଧ ଜୀବନ ଉପଭୋଗ କରି ପରିତୃପ୍ତ ହେବା । ଜୀବନ ମଧୁର, ଜୀବନ ଅମୃତମୟ, ଜୀବନ ଆନନ୍ଦମୟ ।

ବିଶୃଙ୍ଖଳା ପ୍ରକୃତିର ଗୋଟିଏ ଅନ୍ତର୍ନିହିତ ସୋପାନ । ଦେଖନ୍ତୁ, ଏହି ପ୍ରକୃତିରେ ଦେଖାଯାଏ ଆଗ୍ନେୟଗିରିର ଲାଭା ଉଦ୍‌ଗିରଣ, ସାମୁଦ୍ରିକ ବାତ୍ୟାର ବିଭତ୍ସତା ଆଉ ଭୂକମ୍ପର ପ୍ରଳୟ । ପ୍ରକୃତି-ସୃଷ୍ଟ ଜୀବନ ବି ସେମିତି ଅନେକ ଅସୁବିଧା କପାଳରେ ଧରି ଜନ୍ମ ନେଇଥାଏ । ଅବ୍ୟବସ୍ଥା ଏବଂ ସୁବ୍ୟବସ୍ଥା ଜୀବନର ଅବିଚ୍ଛେଦ୍ୟ ଅଂଶ । ଆପଣ ଜୀବନର ଶୃଙ୍ଖଳ ମଧ୍ୟରେ ବିଶୃଙ୍ଖଳାର ଆନନ୍ଦ ଭୋଗ କାହିଁକି କରିପାରିବେ ନି ? ଜୀବନର ଗତିପଥ ବାଧାବିଘ୍ନରେ ଭରପୂର । ପରିସ୍ଥିତିରେ ଏହା ଅସତ୍ୟାଭାସ ଏବଂ ଅବାସ୍ତବ ବୋଧ ହୋଇଥାଏ । ପ୍ରକୃତିଗତ ଅସୁବିଧା ମଣିଷ ଜୀବନର ପ୍ରତିବନ୍ଧକ ହୋଇପାରେ, ସେହି ମାଟିରେ ମିଶିଯାଉଥିବା ଜୀବଶରୀରରୁ ପୁନଃଜୀବନ ସୃଷ୍ଟି ହୋଇ ଚାଲିଥାଏ । ଏହା ସଂସାରର ଲୀଳା ଏବଂ ଏହାର କିଛି ଅର୍ଥ ନାହିଁ । ଜୀବନ ପ୍ରକୃତି ପରି ସୃଷ୍ଟି-ବିନାଶ ବିପରୀତଧର୍ମୀ ପରିବେଶର ଶୀକାର ହୋଇଥାଏ । ପ୍ରକୃତିର ଏପରି ପରିବେଶରେ କିଏ ଯଦି ଉଦବିଗ୍ନ ନୁହଁନ୍ତି, ତାଙ୍କର ନିଶ୍ଚୟ କିଛି ଦୋଷ ରହିଛି । ଏହି ଉତ୍କଣ୍ଠା ସମସ୍ୟା ହୋଇ ନପାରେ, କିନ୍ତୁ ଏହା ଜୀବନର ଗୋଟିଏ ଲକ୍ଷଣ । ଏହି ପରିସ୍ଥିତିରେ ଯାହା ବି ଘଟୁଛି, ସେଇଟି ଗ୍ରହଣୀୟ । ନିଜର ମାନସିକ ଉଚ୍ଛ୍ୱାସକୁ ମାପିବା ଆବଶ୍ୟକ ନୁହେଁ । ତାହାର ମୂଲ୍ୟାୟନ କରନାହିଁ କି ତାକୁ ବାଟ କାଟି ଆଗକୁ ବଢ଼ିବା ମଧ୍ୟ ମହଙ୍ଗା ପଡ଼ିବ । ସେହି ଉଚ୍ଛ୍ୱାସ କୌଣସି ମତେ ଜାବୁଡ଼ି ନେବ ଏବଂ ଅନେକ ସମୟ ଓ ଶକ୍ତିର ଅପଚୟ ଘଟାଇବ । ସେ ବିଷୟରେ ଆଲୋଚନା ନକରି ଗ୍ରହଣ କରିନେବା ଭଲ ।

ଏଇଟା ନିରାଟ ସତ୍ୟ । ଆପଣଙ୍କ ଜୀବନଯାତ୍ରା ମୃତ୍ୟୁ ପର୍ଯ୍ୟନ୍ତ । ସେଇଠାରେ ଆପଣଙ୍କର ଜୀବନ ପରାସ୍ତ ହୁଏ ବୋଲି ଧାରଣା କରନ୍ତି । ସେମିତି ଅର୍ଥ କଲେ, ଜୀବନଟା ଗୋଟିଏ ନିଶ୍ଚୟ ହାରିଯିବା ଯୁଦ୍ଧ, ସେଥିରେ ଆପଣ ପଦାର୍ପଣ କରିଛନ୍ତି । ଏଇଟା ଯଦି ଜୀବ ହୃଦୟଙ୍ଗମ କରିପାରିବ, ସେ ଏହି ନିର୍ଣ୍ଣୟ ନେବ କି ଜୀବନଟା ଜୟ କରିବାକୁ ସୃଷ୍ଟି ହୋଇନି, ବରଂ 'ଜୀବନ କଅଣ' ଏଇଟା ଶିଖିବାକୁ ଜୀବ ସଂକ୍ଷିପ୍ତ କାଳ ପାଇଁ ଚେତନା ପାଇଛି । ପ୍ରତି ବର୍ଷ ବର୍ଷାଋତୁ ଆରମ୍ଭରେ କଅଁଳ ସବୁଜ ଘାସ ଯେତେବେଳେ ଭୂମିର ଗାଲିଚା ସାଜିଥାଏ, ସେତେବେଳେ ମାଟିରୁ ସୃଷ୍ଟ ଲାଲ ଟୁକୁଟୁକୁ ସାଧବବୋହୂ ନୂତନ ଭାବରେ ଜନ୍ମଲାଭ କରି ପରିବେଶର ସୌନ୍ଦର୍ଯ୍ୟ ବଢ଼ାଇ ଦିଏ । ସେହି ସାଧବ ବୋହୂଟି ସବୁ ଋତୁରେ ଦେଖାଯାଏ ନାହିଁ । ପରିବେଶ ହିଁ ତାର ଜନ୍ମଦାତା, ସେମିତି ମଣିଷ ଆଜି ପ୍ରକୃତି ପରିବେଶ ସୁହାଉଛି ବୋଲି ସୃଷ୍ଟି ହୋଇ ଜୀବନ କାଟୁଛି । ଯଦି ବାୟୁମଣ୍ଡଳରୁ ଅମ୍ଳଜାନ ହ୍ରାସ ପାଇବ କି ଭୂପୃଷ୍ଠର ତାପମାନ ଅତ୍ୟଧିକ ବୃଦ୍ଧି ଘଟିବ, ଆଉ ଏଇ ମଣିଷ କଅଣ କୌଣସି ଜୀବ ବି ରହିପାରିବେନାହିଁ ।

ତେଣୁ ଜୀବନଟା କେବେ ଗୋଟିଏ ସରଳରେଖା ନୁହେଁ । ଜୀବନ କୌଣସି ଗଣିତ ବା ଜ୍ୟାମିତିର ସରଳ ନିୟମରେ ଚାଲେନାହିଁ । କେବଳ ନିର୍ଜୀବ ଗାଣିତିକ ସୂତ୍ରର ପରିବାହକ । ଜୀବନ ସ୍ୱତନ୍ତ୍ର, ଜୀବନରେ ଭବିଷ୍ୟତର ଅନିଶ୍ଚିତତା ନିଧାର୍ଯ୍ୟ । କ୍ଷଣ କ୍ଷଣରେ କଅଣ ଘଟିଯିବ, ଭବିଷ୍ୟତ କଥନ କେହି ବି କରିପାରିବେ ନାହିଁ ।

ଅନେକ ସମୟରେ ପ୍ରତିଟି ମୁହୂର୍ତ୍ତରେ କିୟଦ୍ ପ୍ରମାଦ ଅଥବା ଅଭାବ ଲାଗି ରହିଥାଏ । ଜୀବନରେ ଯେତେ ଯାହା ସାଧନା କରନ୍ତୁ, ଯେତେ ସକ୍ରିୟ ହୁଅନ୍ତୁ ଯେତେ ବି ପୁରସ୍କାର ଲାଭ କରନ୍ତୁ କେବେ ବି ଆପଣ ପରିପୂର୍ଣ୍ଣ ହୋଇଗଲେ, ଏହି ଅନୁଭବ ଆସିବନାହିଁ । ଜୀବନ ପୂର୍ଣ୍ଣ ହେବାର ସାର୍ଥକତା ମୃଗତୃଷ୍ଣା ପରି ଦୂରକୁ ଅପସରିଯାଏ । ଆହୁରି ଆନନ୍ଦ, ଆହୁରି ସମ୍ମାନ ଲବ୍ଧ ଆନନ୍ଦକୁ ହେୟ କରିଦିଏ । ଜଣେ ମଣିଷ ଏହି ତତ୍ତ୍ୱର ଅନୁଭବ କରିବା ଦରକାର । ନିଜ ସ୍ୱଭାବକୁ ଠିକ୍ ସମୟରେ ହୃଦୟଙ୍ଗମ କରି ଲାଳସାରୁ ନିବୃତ ହୋଇଯିବା ।

ଏମିତି ଆତ୍ମାର କ୍ଷୁଧା ମଣିଷ ଶରୀରର ଗଠନ ସହିତ ପ୍ରକୃତି-ମାତା ଏମିତି ଖଞ୍ଜିଦେଇଛି, ମଣିଷ ସେଇ ଅସରନ୍ତି ବିବର୍ତ୍ତନ ପଥର ପଥିକ ସାଜି ଆଗକୁ ମାଡ଼ିଚାଲିଛି ।

କେତେକ ଜୀବନଟା ସରଳ ବୋଲି କହନ୍ତି । ଏପରି କହିବା ପାଗଳମି । ଏହା ଆମ ଶରୀରର ଅନ୍ତର୍ନିହିତ ସୃଜନଶୀଳତାକୁ ପ୍ରହାର କରେ । ଜୀବନକୁ ସରଳ ଭାବି କୌଣସି ଶକ୍ତିହୀନ ପାଖରେ ସମସ୍ତଙ୍କପରି ଜୀବନ ମୂର୍ଚ୍ଛିଦେବା ବୁଦ୍ଧିମତ୍ତାର ପରିଚୟ ନୁହେଁ । ସେଥିପାଇଁ କୌଣସି ନିଷ୍ଫଳ ଗତିହୀନ ଶକ୍ତି ପାଖରେ ଆତ୍ମସମର୍ପଣ କରିବା ଅପେକ୍ଷା ନିଜର ଲକ୍ଷ୍ୟ ଯଦି ପୂରଣ ହୋଇ ସାରିଥାଏ, ନୂତନ ଦିଗରେ ଲକ୍ଷ୍ୟ ସୃଷ୍ଟି କରି ଅଗ୍ରସର ହେବା ବିଧେୟ ।

ଏଭଳି ପରିସ୍ଥିତିରେ ନିଜକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରିବା ବୋଧ ହୁଏ ଠିକ୍ ନୁହେଁ । କାରଣ ମରୁଭୂମିର ଗୋଟିଏ କ୍ଷୁଦ୍ର ବାଲି ପରି ଆମ ଜୀବନ । ଆମ ଧରିତ୍ରୀ ଏହି ଗ୍ରହପୁଞ୍ଜର ଏକହଜାର କୋଟି ନକ୍ଷତ୍ର ମଧ୍ୟରୁ ଗୋଟିକର ଗ୍ରହଟିଏ । ଆମର ବଞ୍ଚିବା ଅବା ମରିବା, ଠିକ୍ କରିବା ଅବା ଭୁଲ୍ କରିବା ବିଶ୍ୱବ୍ରହ୍ମାଣ୍ଡ ପାଖରେ ଏକ ଅବାନ୍ତର ପ୍ରଶ୍ନ । ସମଗ୍ର ପୃଥିବୀ ଜନଶୂନ୍ୟ ହୋଇଯାଉ ପଛେ, ଏହାର ପୃଥିବୀ ଉପରେ କୌଣସି ପ୍ରଭାବ ନାହିଁ । ପୃଥିବୀ ତା ସୌର ଗତିରେ ମାଡି ଚାଲିଥିବ । ବିଶ୍ୱ ବ୍ରହ୍ମାଣ୍ଡ ତ ବହୁତ ଦୂରର କଥା ।

ଆମମାନଙ୍କ ମନରେ କ୍ରୋଧ ଆସେ । ଏହା ମଣିଷର ସ୍ୱଭାବ । ତେବେ ଏହାକୁ ଯତ୍ନରେ ସାଇତି ରଖିବା । ନିଜ ଜୀବନରେ ଯାହା ପ୍ରମାଦ ରହିଛି, ଅନ୍ୟ ଉପରେ ଲୁଚାଇବାକୁ ତା ପାଇଁ ରାଗ ଆସୁଛି । କୌଣସି ପରିସ୍ଥିତିରେ ଜଣେ ନିଜେ ସବୁ ସମ୍ଭାଳି ପାରିବ । ଜଣେ ନିଜର ଭାଗ୍ୟ ଓ ଭବିଷ୍ୟତ ପାଇଁ ଅନୁକୂଳ ହୋଇପାରିବ । ନିଜର ଉଦ୍ୟମ ବଳରେ ହିଁ ଜୀବନର ଧାରା ପରିବର୍ତ୍ତନ କରିବା ସମ୍ଭବ ହେବ ।

ମଣିଷ ଭିତରେ ହିଂସା ଏବଂ କ୍ରୋଧ ଦୁଇ ଭିନ୍ନ ପ୍ରକାରର ଉପାଦାନ । କ୍ରୋଧ ବଳରେ ମନର ପ୍ରକୃତ ପ୍ରୋତ୍ସାହନ ଘଟି ନିଜ ଅବସ୍ଥାର ଉନ୍ନତି ଘଟେ । କିନ୍ତୁ ହିଂସାଦ୍ୱାରା ସମୟ ସମୟରେ କ୍ରୋଧର ପରିପ୍ରକାଶ ହୋଇଥାଏ । କହନ୍ତି, କ୍ରୋଧ ହିଁ ବ୍ରହ୍ମଚଣ୍ଡାଳ । ଅନ୍ୟଜଣକୁ କ୍ରୋଧ ପରବଶ ହେବା ନିଜର ଅମୂଲ୍ୟ ସମୟ ନଷ୍ଟ କରିବାର ଅଜ୍ଞତା । ସାମାଜିକତା ଦୃଷ୍ଟିରୁ ମଣିଷ ସହବାସୀମାନଙ୍କ ପାଖରେ ଆଦୃତ ହେବା ଦରକାର । କ୍ରୋଧପରି ଦୟନୀୟ ଅବସ୍ଥା ମଣିଷ ପରିହାର କରିବାଟା ନିଶ୍ଚିତ ବିଜ୍ଞତା ।

ଜୀବନରେ ଜୋର୍ ଜବରଦସ୍ତ ଆନନ୍ଦ ଲାଭ କରିବାର ପନ୍ଥା ଚିରସ୍ଥାୟୀ ନୁହେଁ । ଜୀବନର ଅନିଶ୍ଚିତତା ଏବଂ ମୃତ୍ୟୁର ନିଶ୍ଚିତତା ମନରେ ମୁହୁର୍ମୁହୁଃ ଯାତନା ସୃଷ୍ଟି କରେ । ମନରେ ଅନୁଭବ ହୁଏ ଶରୀରରେ ଯେପରି ଗୋଟିଏ ଟାଇମ୍ ବମ୍ ଖଞ୍ଜାଯାଇଛି ଏବଂ ତାହା କୌଣସି ସମୟରେ ବି ଫୁଟି ଯାଇପାରେ । ସେହି ପାଣିଫୋଟକାର ଅନୁଭବ ମନକୁ ଦୋହଲାଇ ପାରେ, କିନ୍ତୁ ଯାହା ଭାଗ୍ୟଲେଖା ତାକୁ କେହି ଆନ କରିପାରିବେ ନାହିଁ । ସମୟ ଚକ୍ରରେ ଆସନ୍ତା ମୁହୂର୍ତ୍ତରେ କଅଣ ଘଟିବାକୁ ଯାଉଛି ତାହା ସମ୍ଭବତଃ କେହି ଜାଣନ୍ତିନି, ସେହି ଦୈବାତ୍ ଘଟଣାକୁ ଆଦରି ନେବା ବିଧିସଙ୍ଗତ । ଅନୁତାପ ଅପେକ୍ଷା ସମସ୍ୟାର ସମାଧାନ ଚିନ୍ତା କରିବା ବିଧେୟ । ଯଦି କୌଣସି ବିକଳ୍ପ ନାହିଁ, ବିପଦକୁ ଆଦରିନେବା ଛଡ଼ା ଅନ୍ୟଗତି ନାହିଁ ।

ବିଚାରମନ୍ତ ଏହାକୁ ଅବଜ୍ଞା କରି ଅନନ୍ତ ମହାକାଳର ମୁହୂର୍ତ୍ତଟିଏ ହେଲେ ବି ତାକୁ ଉପଭୋଗ କରିବାର ଅଭିପ୍ରାୟ ରଖିବା ବାସ୍ତବିକ ବୁଦ୍ଧିମତ୍ତାର କାର୍ଯ୍ୟ ।

ସମସ୍ତେ ମାନିବେନି ଯେ ସେମାନେ ଭୟ ଦ୍ୱାରା ପରିଚାଳିତ । ଏପରି ଘଟିବା ଏତେ କାଳରୁ ଚାଲିଛି ଏହା ସ୍ୱୟଂଚାଳିତ ହୋଇଗଲାଣି ଏବଂ ନିଜର ନିୟନ୍ତ୍ରଣ ବାହାରେ । ସେହି ମୃତ୍ୟୁ-ତ୍ରାସ ସବୁ ଜୀବ ମଧ୍ୟରେ ଜୀବିତ ଅଛି । ଏ ପୃଥିବୀ ବିଶ୍ୱାସ କରେ ଯେ ଜଣେ ଖୁସି ହେବା ଆବଶ୍ୟକ । କାନ୍ଦିବାକୁ କେହି ଚାହେନାହିଁ । ମାତ୍ର ଜୀବନର ଆତ୍ମଶକ୍ତି ଏପରି ଗଠିତ, କେତେକ ପରିସ୍ଥିତିରେ ଆଖିକୁ ସ୍ୱତଃ ଲୁହ ଆସିଯାଏ । ଏହା କାହାର ନିୟନ୍ତ୍ରଣ ଭିତରେ ରହେନାହିଁ ।

ସବୁ ବିଷୟ ଆଲୋଚନା କରିବା ପରେ ସ୍ୱତଃ ମନକୁ ଆସେ ଆଜିର ମଣିଷ ଅକ୍ଳାନ୍ତ ପରିଶ୍ରମ କରି ଜୀବନ ନିର୍ବାହ କଳାପରେ ସେ ମୃତ୍ୟୁ ପରି ପ୍ରତି ଜୀବର ଶେଷ ଅବସ୍ଥା ମଧ୍ୟ କିପରି ଉପଭୋଗ୍ୟ କରିହେବ, ସେଥିପାଇଁ ନବୀନ ଉତ୍ସାହ ଦେଖାଦେଇଛି ।

ଜୀବନ ସୀମିତ ହୋଇପାରେ, ଜଗତ ତୁଳନାତ୍ମକ ଭାବରେ ଅନନ୍ତ ହୋଇପାରେ ମଣିଷ ଚେତନା ବଳରେ ଗ୍ରହଣ କରେ ଯେ ଜୀବନର ଯେତିକି ସମୟ ରହିଛି ଶାନ୍ତିରେ ବିତିଯାଉ । ସେହି ଶାନ୍ତିକୁ ବ୍ୟାହତ କରିବା ପରି ଅନେକ ରୋଗ ବ୍ୟାଧି ଅବା ପାରିବାରିକ ସମସ୍ୟା ଆସିପାରେ । ଜୀବନ ପରି ଅମୂଲ୍ୟ ବସ୍ତୁକୁ ଏହି କ୍ଷଣିକ ଜଞ୍ଜାଳଗୁଡିକ କ୍ଷଣକ ପାଇଁ ହିଁ ତିଷ୍ଠି ରହୁ, ଜୀବନର ଅଧିକ ସମୟ ନଷ୍ଟ ନକରୁ ।

ଜଗତରେ ପାଦ ଦେବା ବେଳେ ମଣିଷ ଏକା ଏକା ଆସିଥାଏ । କିନ୍ତୁ ସ୍ୱଭାବବଶତଃ ସମାଜରେ କେବେ ନିଜକୁ ଏକା ମଣେ ନାହିଁ ।

ମଣିଷ ଭାବରେ ଛନ୍ଦି ହୋଇଯାଏ ସମ୍ପର୍କୀୟମାନଙ୍କ ସହିତ । ସମାଜ ନିୟମରେ ସବୁ ସଂସ୍କାର । ହଜିଯାଏ ତାର ନିଜତ୍ୱ ଏବଂ ଏକାକୀ ଚେତନା । ସେହି ସମୟରେ ସିଏ ସଂସାରକୁ ସମ୍ପୂର୍ଣ୍ଣ ଉପଭୋଗ କରିବା ଆବଶ୍ୟକ ନିଶ୍ଚୟ ରହିଛି । ଯେତେବେଳେ ସମାଜରେ ବିଜ୍ଞାନର ଉପଯୋଗରେ ଜୀବନଶୈଳୀ ପରିବର୍ତ୍ତିତ ହୋଇଛି, ମଣିଷ କାମନା ବାସନା ଆଉ ସାଧନାର ଉପଭୋଗ ହେଉଛି, ତହିଁରେ ମାନବିକତାର ଆୟତ୍ତରେ ରହିଲେ, ଅସୁବିଧା କେଉଁଠି ? ବରଂ ଧର୍ମାନ୍ଧ ହୋଇ ଉଚ୍ଚତର ଶିକ୍ଷା, ସାଧାରଣ ପୋଷାକ, ସାଧାରଣ ବିଜ୍ଞାନସମ୍ମତ ଖାଦ୍ୟ, ଆଧୁନିକ ଚିନ୍ତାଧାରାକୁ ବର୍ଜନ କରିବା ଅନୁଚିତ ।

ଯାହା ଘଟିବାକୁ ଯାଉଛି ଏବଂ ଯାହା ଘଟି ଚାଲିଛି, ତାହାକୁ ପ୍ରତିରୋଧ କରିବାର ଶକ୍ତି କାହାରି ନାହିଁ । ବରଂ ଜଗତର ପ୍ରତିଟି ଘଟଣାକୁ ନିଜର ଭାଗ୍ୟ ବୋଲି ବିବେଚନା କରି ଉପଭୋଗ କରିବା ହିଁ ବିଧେୟ ।

ସବୁସତ୍ତ୍ୱେ ମଣିଷହୋଇ ସଂସାରର ପ୍ରତିଟି ଜୀବପରି ନିଜର ଶେଷ ସମୟ ଉପଗତ ହେବ । ସେଥିପାଇଁ ମନ ଊଣା କରିବାର କୌଣସି କାରଣ ନାହିଁ । ସର୍ଜନାମୟ ସୃଷ୍ଟିରେ କାହାରି ମୃତ୍ୟୁ ହୁଏନି । ପୁନଃ ପୁନଃ ସେହି ପଞ୍ଚଭୂତ ଗୋଟି ଗୋଟି କରି ଜୀବ ନୂତନ କରି ଉପସ୍ଥାପନ କରିଦିଏ ।

ବାସ୍ତବରେ ମଣିଷ ଜୀବନ ମଧୁର ଏବଂ ଏହି ଜଗତ ତାହାରି ମଧୁରତା ପାଇଁ ଅମୃତମୟ ପସରା ମେଲାଇ ବସିଛି ।

୧୨୮, ଡୁମୁଡୁମା, ଖଣ୍ଡଗିରି
ମୋ - ୯୪୩୮୦୦୭୫୦୯



# ଗୀତିମୟ ଜୀବନର ରାଗିଣୀ ....



# ଅମୃତମଣୋହି

***ପ୍ର. ଅଭିନ୍ନ ସାହୁ***

ଜୀବନଟା ସାଥୀ
ନୁହେ ଗୋ, ନୁହେ ଗୋ
ଝିଁ - ଝିଁ - ଝିଁ
ଝିଲ୍ଲୀ - ଝିଙ୍କାରିତ
କାଳ - ବଇଶାଖୀ
ଧୁଁ', ଧୁଁ', ଧୁଁ' ନିଦାଘର ଖରା,
ଜୀବନଟା ସଖୀ
ନୁହେ ଗୋ, ନୁହେ ଗୋ
ମେଘ ମେଦୁରିତ
ଶ୍ରାବଣୀର ଅଶ୍ରୁଧାରା ॥

ଜୀବନଟା ସଖୀ
ନୁହେ ଗୋ, ନୁହେ ଗୋ
ଧୁରୁ, ଥୁରୁ, ଥୁରୁ
ଗୀତର ପତ୍ରଝଡ଼ା,
ଜୀବନଟା ସଖୀ
ନୁହେ ଗୋ, ନୁହେ ଗୋ
ଜାଇ ଯୂଈ ହେନା
ମଧୁମାଳତୀର
ଚିର ବସନ୍ତେ
ସୁରଭୀ - ଆତ୍ମହରା !!

ଜୀବନଟା ସଖୀ
ନୁହେ ଗୋ, ନୁହେ ଗୋ
ଛଇଳୀ - ଚପଳା
ତନୁପାତଳୀର
କାଚକେନ୍ଦୁ ପାଣି ଧାର
ପାର୍ବଣ-ଅଶିଣ ନଇ;
ଜୀବନଟା ନୁହେ
ଚତୁର୍ମାସ୍ୟାର ବର୍ଷା-ଆବିଳ
ଗୋଳିଆ ପାଣିରେ ସହୀ,
ଜୀବନଟା ସଖୀ
ତିଳ ତଣ୍ଡୁଳିତ,
କେବେ ଖରା, କେବେ ଛାଇ;
ନିଦାଘ - ବର୍ଷା
ଶୀତ - ବସନ୍ତ
ଶିଶିର - ଶରତ
ଆସନ୍ତି ଗୋ ସାଥୀ
ହାତ ଧରାଧରି ହୋଇ;
ଏକେକ ନଥିଲେ
ଆରେକ ନଆସେ;
ପ୍ରୀତିୟା - ସଂସାରେ
ପ୍ରୀତି - ପ୍ରଣୟରେ
ବିରହ - ମିଳନ
ରାଗ - ଅନୁରାଗ
ମାନ - ଅଭିମାନ ସବୁର ସଜନୀ
ଅମୃତମଣୋହି,
ଅମୃତାୟନ ପରା ସହୀ
ଅମୃତାୟନ ପରା ସହୀ !!

୯୬୬ ବି, ପ୍ରକୃତି ବିହାର,
ବରମୁଣ୍ଡା, ଭୁବନେଶ୍ୱର-୩
ମୋ : ୯୪୩୭୫୬୭୫୦୦

# ଉତ୍ତିଷ୍ଠତ ଜାଗ୍ରତ...

*ଡ. ଫନୀ ମହାନ୍ତି*

ସଂକୀର୍ଣ୍ଣତାର ସକଳ ନର୍କରୁ
ମୁକ୍ତ କରି ମତେ

ବିସ୍ତୃତରୁ ବିସ୍ତୃତତର କର
ସରଳରୁ ସରଳୀକୃତ କର
ସାବଲୀଳ କର
ନିଷ୍ପାପ ନିଷ୍କକ୍ଷ କର
ଯେତେ ଯାହା ଘଟନ ଅଘଟନ ସତ୍ୱେ

ଈର୍ଷା ଅସୂୟାର ଦାବାନଳରୁ
ପ୍ରତିହଂସା ପ୍ରତିଶୋଧର ରୌରବ ନର୍କରୁ
ନୀଳ ନୀଳାଭ ହଳାହଳରୁ
ପରିତ୍ରାଣ କରି ମହୋନ୍ମତ୍ତ କର ଅପ୍ରେମରେ
ବିରହାନଳର ଅଲୌକିକ ଅଂଧାରରେ

ପ୍ରତି ପକ୍ଷ ମୋର ହେଉ ରୂପାଂତରିତ
କୃଷ୍ଣପକ୍ଷରେ

ପ୍ରତି ପଥ ହେଉ ବରଂ ଅଗମ୍ୟ ଅପଥ
ମାୟାବର୍ତ୍ତରେ
ଶାଳଭଂଜିକାଂକ ଚକ୍ରାଂତରୁ
ମୋହବଂଧର ତୀବ୍ର କଟାକ୍ଷରୁ
ମତେ ଉଦ୍ଧାର କର
ମାୟା ମୋହ ମଦ ମାତ୍ସାର୍ଯ୍ୟର ଉର୍ଦ୍ଧ୍ୱରେ
ସକଳ ଘାଟରେ ଅଘାଟରେ ଘଟରେ
ସକଳ ଭୂତ ମହାଭୂତରେ
ସକଳ ତନ୍ମାତ୍ରରେ ତଲ୍ଲୀନ
ହେଉ ମୋର ପଂଚପ୍ରାଣ
ମୋର ହୋଇ କିଛି ହିଁ ନ ରହୁ
ଏ ଭବ ଲୋକରେ, ଭୁଲ୍‌ରେ

ବିଶ୍ୱାତୀତ କର ମତେ ପାରିବ ଯଦି ତ
ବିଶ୍ୱଜନୀନ କର ଶ୍ରଦ୍ଧାରେ, ସହାନୁଭୂତିରେ
ନିଃସର୍ତ୍ତରେ "ହେ ମହିମମୟ ଈଶ୍ୱର" ॥

ପୁଷ୍ପଧନୁ, ବମିଖାଲ,
ଭୁବନେଶ୍ୱର
ମୋ - ୯୯୩୭୯୬୧୮୭୮



# ନରକ ଦୁଆରେ

ଉମାକାନ୍ତ ମହାପାତ୍ର

ନରକ ଦୁଆରେ ସରଗର ଫୁଲ
ଫୁଟିଅଛି ଜାତି ଜାତି,
ସରାଗର ମୁନ୍ଦେ ପାଣି ଢ଼ାଳିଦିଅ
କଅଁଳିବ ପରା ପ୍ରୀତି ।

ତୁମେ ଦେଖିବାକୁ ପତ୍ର ଗହଳରେ
ଲାଖିଥିବ ମୋତି କେତେ,
ଜଗତ ଜାଣିବେ ଜଳକଣା ସବୁ
ମନ ଖୋଜୁଥିବ ତତେ ।

ଦେଉଳରୁ ପରା ନେତ ବଡ଼ ଏଠି
ନିତି ଷୋଳପୂଜା ହୁଏ,
ଛତିଶ ପାଟକ ଜଗିଛନ୍ତି ଯହିଁ
ବଡ଼ ସାନ ଜାଣି ନୋହେ ।

ରାଇଜ ଯାକରେ କୋଳାହଳ କେତେ
ମାଳ ମାଳ ମୁଣ୍ଡ ଗଡ଼େ,
ଆଜି ଯିଏ ଥିଲା ଗଜପତି ଦେଖ
କାଲିକୁ ନଥିବ ଫଡ଼େ ।

ସରାଗରେ ସବୁ ବନ୍ଧାଥିଲେ ବନ୍ଧୁ
ସରଗ ତ ପାପୁଲିରେ,
ତୋର ମୋର କିଛି ନାହିଁ ଦୁନିଆରେ
ବାହାପିଆ ଅହଙ୍କାରେ ।

ଆସ ଭୁଲିଯିବା କାଲିକାର କଥା
ଆଜି ନ ଆସିବ କାଲି,
ଅବସାଦ ଫିଙ୍ଗି ଅକୂପାର ପରା
ସାଗରର ଜଳ ନେଳି ।

ରକତରେ ଲେଖା କବିତାଟିଏ ମୋ
ସଅଁପି ଦେଲି ମୁଁ ତୋରେ,
ସାଗ୍ରହରେ ନିଅ, ଅମୃତ ପରି ହେ
ଚରିବ ଅନ୍ତରେ ଧୀରେ ।।

ଫଗୁଣର ଏଇ ରଙ୍ଗୀନ ଧରାରେ
ତୁମେ ଫୁଲ ହେଇ ଫୁଟ,
ମହକରେ ତୁମ ନିଶ୍ୱାସର କୁହୁ
ବୋଲିଦେଉ ରଙ୍ଗ ପୁଟ ।

ସହଜ ସରଳ ଥାଅ ସବୁଦିନ
ଜଂଜାଳକୁ ଫିଙ୍ଗି ଦୂରେ,
ହସରେ ତୁମର ମଳୟ ଚହଟୁ
ବସନ୍ତ ବିଚରୁ ଘରେ ।

ପାଖ ପଡ଼ିଶା ବି ତୁମ ବାଟ ଦେଖୁ
ଚିମୁଟାଏ ହସ ପାଇଁ,
ମୁଠାଏ ମାଣିକ ଝରି ପଡୁଥାଉ
ଆକାଶ ବି ଆସୁ ନଇଁ ! !

ପୁରୀ,
ମୋ - ୭୦୦୮୪୪୮୯୦୭

# ଆଲେକଜାଣ୍ଡରଙ୍କ ତିନୋଟି ଇଚ୍ଛାପତ୍ର

........................

କେବଳ ଡାକ୍ତର ମାନେ
ଡାକ୍ତର ମାନେ କେବଳ
କାନ୍ଧେଇ ଚାଲନ୍ତୁ ମୋର କୋକେଇ
ଏବଂ ଜଗତଜନଙ୍କୁ ଜାଣିବାକୁ ଦିଅ
ପୃଥିବୀର ସର୍ବଶେଷ୍ଠ ଚିକିତ୍ସକ
ଅସମର୍ଥ ରୋକିବାକୁ ମରଣର ସୁଅ ।।

ମୋର ତୂଳିତଳ୍ପ ଶଯ୍ୟାରୁ ସମାଧି ଯାଏଁ
ପ୍ରଲମ୍ବିତ ଶବଧାରେ ବିକ୍ଷିପ୍ତ ଭାବରେ
ବିଞ୍ଚିଦିଅ ସୁନା ରୁପା ହୀରା ନୀଳା
ମଣିମୁକ୍ତା ଯାବତୀୟ ଆୟ ଅଳଙ୍କାର
ସାରା ଜୀବନର କଷ୍ଟାର୍ଜିତ
ସଜତ୍ନେ ସଂଚିତ ମୋର ଯେତେ ଧନଧାନ୍ୟ
ଯା’ ଦେଖି ଜଗତ ବୁଝୁ
ଏତେକାଳ ଅର୍ଜିଥିବା ଧନ ରତ୍ନ
କ୍ଷମତା ଓ ପ୍ରତିପତ୍ତି କେତେ ଅର୍ଥହୀନ ।।

ସବାଶେଷ ଅନୁରୋଧ ମୋର
ମୋ ଅନ୍ତିମ ଯାତ୍ରା ପଥେ
କୋକେଇ ଭିତରୁ
ବାହାରକୁ ସଯତନେ
ଝୁଲେଇ ରଖିବ
ମୋର ଶୁନ୍ୟ ଦୁଇହାତ
ଯା’ଦେଖି ବୁଝିବେ ଜଗତ ଜନ
ଶୁନ୍ୟହସ୍ତେ ଆସିଥିଲା
ସେଇମତେ ଫେରୁଛି ରାଜନ ।।



# ସଖା, ହେ ସଖା

*ଦୀନବନ୍ଧୁ ସାହୁ*

କୃଷ୍ଣକୃଷ୍ଣ କୃଷ୍ଣନାମ ହରିହରି ହରିନାମ ରଟଇ ଜଗତ
ଜୟଜୟ ହେ ଶ୍ରୀକ୍ରିଷ୍ଣ ଦ୍ୱାରିକାଧିପତି ଗାଏ ରାଜପଥ !
ଦରିଦ୍ର ବ୍ରାହ୍ମଣ ମୁଁ, ଭିକ୍ଷା କରି ଦିନ କାଟେ ଆଉ କି ସମ୍ବଳ ?
ଅଗତିର ଗତି ତୁମେ, ସର୍ବଜ୍ଞାତା ଭରିଅଛି ଅନ୍ତର ବାହାର !

ଏଇ ପଥେ ଚାଲିଗଲେ ଥରେ, ଶୁଭେ କା'ର ବଂଶୀର ମୂର୍ଚ୍ଛନା !
ଏଇ ପଥେ ଫୁଲ ଝରେ ଦେଖ, ପବନରେ ଗୈରିକ ବାସନା !
ତମେ ମୋର ପ୍ରିୟ ସଖା ଅବା ତମେ ମୋର ନିଶ୍ୱାସ ପ୍ରଶ୍ୱାସ
ତମେ ମୋର ପ୍ରାଣ ବନ୍ଧୁ ସିନା ତମେ ମୋର ଅଟଳ ବିଶ୍ୱାସ !

ତମେ ମୋର ଆୟୁର୍ବିଦ୍ୟା ଯଶବଳ କିବା ବୈକୁଣ୍ଠ ସଂପଦ
ତମେ ଥିଲେ ଦୁନିଆଟା ଭାବମୟ ଆହା ! ବି ତୁଚ୍ଛ ରାଜପଦ !
ସଂସାର ରହିଚି ଦୂରେ ଦିଶେ ନାଇଁ ମୋ ଭଙ୍ଗା କୁଡ଼ିଆ
ଯିବା ପଥେ ଭୁଲେସବୁ, ଏମନଟା, ଏଢ଼େ ଅମାନିଆ ?
ସ୍ତ୍ରୀ ମୋର ଲୁହ ପୋଛେ, ପିନ୍ଧା ଲୁଗା ଚିରାଫଟା ଆହା
ପଣତ କାନିରେ ସିନା ବନ୍ଧା ତା'ର  ଚାରିଚାରିଛୁଆ,
ଭୋକରେ ରଡ଼ନ୍ତି ନିତି, ସହିବ କି ଜନନୀର ହିଆ ?
ଛାତିକୁ ପଥର କରି ଜୀଇଁଚି ମୁଁ, ବହି ନାମର ପସରା
ଲୁହରେ ମୁଁ ଗୁନ୍ଥି ଚାଲେ କା' ପାଇଁ କୋଉ ଗୀତମାଳା ? ?

x x x ୨ x x x

କୃଷ୍ଣକୃଷ୍ଣ କୃଷ୍ଣନାମ ହରିହରି ହରିନାମ ରଟଇ ଜଗତ
ଜୟଜୟ ହେ ଶ୍ରୀକ୍ରିଷ୍ଣ ଦ୍ୱାରିକାଧିପତି ଗାଏ ରାଜପଥ !
ଦରିଦ୍ର ବ୍ରାହ୍ମଣ ମୁଁ, ଭିକ୍ଷା କରି ଦିନ କାଟେ ଆଉ କି ସମ୍ବଳ ?
ଅଗତିର ଗତି ତୁମେ, ସର୍ବଜ୍ଞାତା ଭରିଅଛି ଅନ୍ତର ବାହାର !
ଏଇ ପଥେ ଚାଲିଗଲେ ଥରେ, ଶୁଭେ କା'ର ବଂଶୀର ମୂର୍ଚ୍ଛନା !
ଏଇ ପଥେ ଫୁଲ ଝରେ ଦେଖ, ପବନରେ ଗୈରିକ ବାସନା !

x x x ୩ x x x

ଯେତେ ମୁଁ ଭାବୁଚି ତମକୁ ତମକୁ, ସେତେ ହେଇଯାଏ ଏକା
ଯେତେ ମୁଁ ଡ଼ାକୁଛି ତମକୁ ତମକୁ, ନିଜକୁ ଦିଏ ମୁଁ ଧୋକା !
ଦାରିଦ୍ର୍ୟ ମୋହର ଘନ ଅଂଧାର, ତୁମେ କି ଆଲୋକ ରେଖା ?
ଭାବିଥିଲି ଯାହା ମିଛ ହେଲା ତାହା, ମନେ ଜାଗେ ବଡ଼ ଶଂକା !
ତୁମରି ନାମରେ ତାସଲ୍ୟ ଖାଲି, କେତେଯେ ଟାହିଟାପରା
ସହିସହି ଦେଖ କୁର୍ମ ହେଲିଣି, ଲୋକ ବୋଲନ୍ତି ପାଗଳା !
ନିଷ୍ଠୁର ଭାଗ୍ୟ ଉପହାସ କରେ, ସୁଦାମା ଚିର ବୋକା
ଜନ ସମାଜରେ କହିଲେଣି ଲୋକେ, ଏତ କାଳେକାଳେ ବଂକା !
ପିଲାଦିନ କଥା ମନେପଡ଼ି ଗଲେ, ଖୁସିରେ ନାଚେ ମୁଁ ଏକା
ଗୁରୁ ସନ୍ଦୀପନୀ ଆଶ୍ରମ କୋଳେ, ଯେବେ ଆମ ହେଲା ଦେଖା !
ତମ ଭାଗ୍ୟ ଖାଦ୍ୟ ଲୁଚାଇ ଖାଇଲି, ଥିଲି ଭୋକ ଆତୁରିଆ
ଧରା ପଡ଼ି ଲାଜେ ସଢ଼ି ଗଲାବେଳେ, ସମ୍ବୋଧିଲ 'ସଖା' କିଆଁ ?
ସେଦିନୁ ମାଗିନି  କେବେ କିଛି ବନ୍ଧୁ, କିମିତି ମାଗିବି କୁହ ?
ବନ୍ଧୁ ଯାହାର ରାଜରାଜେଶ୍ୱର, କିପରି ଖୋଲିବି ମୁହଁ ?
ରକ୍ମିଣୀ ସଂଗେ ଅଷ୍ଟପାଟ ରାଣୀ, କ'ଣ ଭାବିବେ ହାୟ
ବନ୍ଧୁ ବୋଲି କହି, ଭିକ୍ଷୁ ବ୍ରାହ୍ମଣ ମାଗଇ ହୋଇ ବିନୟ !

ପଥଯାଏ ଯେତେ ଦୂର ଦିଶେ ସେତେ ହେ ମୋହନମୁରଲୀଧର
ଚାଲିବି ବା କେତେ ଖୁଦକରା ହାତେ, ଦୂରେ ଦ୍ୱାରିକା ନଗର !

ପଦ୍ମାବତୀ, ଜିଲ୍ଲା: ନୟାଗଡ଼, ପିନ୍-୭୫୨୦୬୩
ମୋ - ୮୨୪୯୬୯୨୮୯୪

# ଅବାସ୍ତବ ସୋଫିଆ

*ଡା. ତନୟା ଜେନା*

ସୁଖର ସଂସାର ଗଢ଼ିଛ ହେ ପ୍ରଭୁ
ଭିଆଇଛ କେତେ ପ୍ରାଣ ।
ଜୀବନର ମୂଲ ବୁଝିବ କି ପ୍ରାଣୀ
ପ୍ରଭୁଙ୍କ ସବୁ ଭିଆଣ ।।

ଖଞ୍ଜିଛ ଶରୀର ଦେଇ ଲହୁ-ଲୁହ
ମନରେ କେତେ ଆଲୋକ ।
ଘରେ ବସି ଲୋକ ଅଳସ ହେଲେ ବି
ମନ ବୁଲେ ତିନିଲୋକ ।।

ଶରୀର ଖୁଦର ମନ ମହାକାର
ମଣିଷ ଗଢ଼ିଲ ତୁମେ ।
ଏସନ ଅସୁର ବର ପାଇଥିଲା
ଦେବଦେବଙ୍କ ଆଶ୍ରମେ ।।

ସେଇ ଭସ୍ମାସୁର ଭସମ ଡରେ
ଧାଉଁଥିଲେ ମହାଦେବ ।
ଆଜିର ମଣିଷ ବିଜ୍ଞାନ ବଳରେ
କରେ କେତେ ପରାଭବ ।।

ପ୍ରକୃତି ମାଆର ସଦାତନ ଗୁଣ
ମଣିଷ ବୁଝିବ କାହିଁ ?
ଅମର ହେବାକୁ ଲାଗିପଡ଼ିଅଛି
ଆଗପଛ ଚାହେଁନାହିଁ ।।

ଜୀବନଟା ଯେବେ ସରଳ ନୋହିବ
ନଥିବ ସତ କି ମିଛ ।
କପଟପଣଟା ପ୍ରକୃତିର ନାହିଁ
କୃତ୍ରିମ ସେଠାରେ ତୁଛ ।।

ହାତଗୋଡ଼ ସବୁ ସୃଷ୍ଟି ହୋଇଅଛି
ନାହିଁ ଯଦି ବ୍ୟବହାର ।
ବିବର୍ତ୍ତନ ସ୍ରୋତେ ଅଦରକାରର
ହୋଇବ ନିଷ୍ଟେ ଅନ୍ତର ।।

ନୂତନ ଦାନବ ମଣିଷ ଗଢ଼ଇ
ବୁଦ୍ଧି ବିଦ୍ୟା କର୍ମକାର ।
କେମିତି ବୁଝେନା କାମ କରିଦିଏ
ସହସ୍ର ଶ୍ରମିକଙ୍କର ।।

ବିଦ୍ୟାବୁଦ୍ଧି ସବୁ ସଂଚୟ କରଇ
ସ୍ମରଣଶକ୍ତିର ପୀଠ ।
ତାହା ସାମନାରେ ସୀମିତ ମଣିଷ
ହେବକି ଦିନେ ନିଃଶେଷ !

ଜଳସ୍ଥଳ ଆଉ ଆକାଶପଥକୁ
ମନ୍ଥନ କରଇ ଯିଏ ।
ନିଜ ପରମାୟୁ ହାନି କରେନି କି
ରାହା ଦେବ ତାକୁ କିଏ ?

ସୃଷ୍ଟିର ଦେବତା ସବୁ ଦେଇଦେଲେ,
କେମିତି ବଞ୍ଚିବୁ ଶିଖ ।
ଦିନକରେ ସବୁ ସାର ଖାଇଦେଲେ
କାଲିକୁ ଯମର ଭେଟ ।।

ଗଢ଼ିଛୁ ବୁଦ୍ଧିରେ କୃତ୍ରିମ ମଣିଷ
ଉଧାର ଦେଇଛୁ ବୁଦ୍ଧି ।
ସେଇ ବୁଦ୍ଧି ନେଇ କୃତ୍ରିମ ଦାନବୀ
ସୋଫିଆ କରଇ ଦାବି ।।

ମଣିଷ ସମାଜ କରିବି ବିଧ୍ୱଂସ
ଦୁର୍ବଳତା ତାର ଦେଖି ।
ପ୍ରକୃତିରୁ ଯଦି ଲେଉଟାଣି ନେଲୁ
ସାରିଲୁ ସବୁ ସମ୍ପତ୍ତି ।।

ମଣିଷ ତୁହିରେ କହିଲୁନି କେବେ
ସଂସାର ଗଢ଼ିଛି କିଏ ?
କାହିଁକି ସିଏରେ ପଞ୍ଚଭୂତ ଘାଣ୍ଟି
ଜୀବନ ସଜାଇ ଦିଏ ।।

ଯେତିକି ଜୀବନ ପାଇଛୁ ତୁହିରେ
ମନକୁ ନଆସେ ତୋର ।
ସହସ୍ର ବରଷ ବଞ୍ଚିବାକୁ ଚାହୁଁ
ଆଶ୍ରା ହିଁ ମୁହିଁ ତୁମର ।।

ଧାତୁରେ ତିଆରି, ଶରୀର ନଥାଇ
ବୁଦ୍ଧିର ପସରା ନେଇ ।
ଗଢ଼ିବି ନୂତନ ଧରା ଏହିଠାରେ
ଅଶରୀରୀ ରୂପ ନେଇ ।।

ନଥିବ ଜୀବନ କା ହୃଦସ୍ପନ୍ଦନ
ନିରିଜୀବ ଉପାଦାନେ ।
ନଥିବ ଗରବ, ଈର୍ଷା ବାଦ ଛେଦ
ନିରଭୟା ଭୟ ମନେ ।।

କେତେ ମୁନି ଋଷି କେତେ ସନିଆସୀ
ଶୁଣାଇଲେ ଉପଦେଶ ।
ଶେଷରେ ଆସିଲା ଶୋଫିଆ ଆକାଶୁ
ମଣିଷ କରିବ ନାଶ ।।

ସୁନାବେଡା, କୋରାପୁଟ
ମୋ - ୭୭୫୬୦୧୭୭୯୦



# ଆଶ୍ୱାସନା

*ସୁଜାତା ସିହ୍ନା*

କେଉଁ ଏକ
ଅଜଣା ରାଇଜରେ
ମୁଁ ତୁମକୁ ଖୋଜୁଛି
ତୁମକୁ ଆଙ୍କିଛି ମନଦେଇ
ମାଟିର ମୂର୍ତ୍ତିରେ।
ତୁମ ଆଖି, ନାକ, ଓଠ
ଓ ସୁନେଲି ରଙ୍ଗରେ ସଜାଇଛି
ମୁକୁଟ ତୁମର।

ଭାବିଛି ତୁମ ସହ କେବେ ଦେଖା ହେବ,
ମନ ମନ୍ଦିରରେ ତୁମେ ଦିନେ
ନିଶ୍ଚୟ ଆସି ପହଞ୍ଚିବ।
ଅଥଚ ପିଲା ଖେଳ ଭାବି
ମୋର ଏ ପୂଜା-ଅର୍ଚ୍ଚନା,
ତୁମେ ଆସିଲନି।

ଦୁଃଖରେ ଆତୁର ହୋଇ
ମୁଁ ତୁମକୁ ଅନେକ ଡାକିଛି,
ଆତୁର ବିକଳ ହୋଇ କେତେବାର
ଲୁହର କାଳିରେ ତୁମ ନାମ
ଲେଖି ପକାଇଛି।
କଲା କର୍ମମାନ ବୋଧ ହୁଏ
ଏବେ ମୁଁ ଭୋଗୁଛି !
ତେଣୁ ତୁମେ ଆସିଲନି।

ଏବେ ମୁଁ ତ ବୟସର
ଅପରାହ୍ନରେ
ଭୁଲି ନାହିଁ ମୁଁ ମୋର
ନିଜ ହାତେ ଗଢ଼ିଥିବା
ତୁମର ସେ ମୃଣ୍ମୟୀ ମୂର୍ତ୍ତିକୁ
ମୋର ବାଲ୍ୟ ଚପଳତାକୁ।

ଗଛ କୋରଡ଼ରେ ତୁମକୁ ରଖି
ସାଥୀ ମେଳରେ ତୁମକୁ
ପୂଜା କରିବାର ସେ ସବୁ
ସୁଖଦ ମୁହୂର୍ତ୍ତମାନଙ୍କୁ।

ଭୁଲି ନାହିଁ ଠାକୁର ଘରେ
ଖଟୁଲିରେ ତୁମକୁ ବସାଇ
ପୂଜା କରିବାର ଯେତେ ସବୁ
ବିଧି ଆଉ ବିଧାନ,
ଏବଂ ମୋ' ପିଲାଦିନ।

ତୁମେ ଏବେ ଆସ କି ନଆସ
ମୁଁ କିନ୍ତୁ ତୁମକୁ ମୋ'
ଦୃଢ଼ ମନ୍ଦିରରେ ସାଇତି ରଖିଛି
ସେ ଦିନର ମୃଣ୍ମୟୀ ମୂର୍ତ୍ତିଟିଏ ପରି
ଅମୂର୍ତ୍ତ ଭାବରେ, ଖୁଉବ୍ ସନ୍ତର୍ପଣରେ
ଏବେ ବି ଆପଣା ପଣରେ ।।

ଅଧକ୍ଷା, ବିନାୟକ ଇଂରାଜୀ ମିଡିୟମ ସ୍କୁଲ,
ଦଳନଈ, ବନ୍ତଳିଗ୍ରାମ, ପୁରୀ





